ମାର୍ଚ୍ଚ ୨୦୨୪



## ISSN NO – 2582-208X

**VOLUME-11 : ISSUE NO-03/2025**


[ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ଇ-ପତ୍ରିକା]

...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ-ପତ୍ରିକା...

(ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ )

# ପ୍ରତିଷ୍ଠାତା – ଅରବିନ୍ଦ ମିଶ୍ର




ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733

**Website: www.vedantimagazine.com**

**Email ids:vedantimagazine@gmail.com**

**editor.vedantimagazine@gmail.com**

ISSN NO.
2582-208X

# ସମ୍ପାଦକୀୟ



ଅରବିନ୍ଦ ମିଶ୍ର

ପ୍ରିୟ ପାଠକବନ୍ଧୁ,

ରଙ୍ଗର ମହୋତ୍ସବ ହୋଲି ପ୍ରତି ବର୍ଷ ଫଗୁଣ ମାସରେ ବଡ ଧୁମ-ଧାମରେ ଭାରତର ପ୍ରତି କୋଣ-ଅନୁକୋଣରେ ପାଳନ କରାଯାଏ । ହିନ୍ଦୁ ଧର୍ମରେ ପ୍ରଚଳିତ ଏହି ଉତ୍ସବ, ଉତ୍ସାହ ଭରା ଆନନ୍ଦ ମୁଖରିତ ଅନ୍ୟ ପ୍ରତି ରାଗ, ଦ୍ୱେଷ ଭୂଲି ସ୍ନେହ, ଶ୍ରଦ୍ଧା ଉତ୍ପନ୍ନ କରେ । ଏହି ସମୟରେ ପ୍ରକୃତିର ବାତାବରଣ ଖୁବ୍ ସୁନ୍ଦର ଏବଂ ରଙ୍ଗୀନ ଦେଖାଯାଏ । ଢୋଲ, ହାରମୋନିୟମ, ରଙ୍ଗ, ମିଷ୍ଟାନ୍ନ ସହିତ ସଙ୍ଗୀତର ତାଳରେ ହୋଲି ଉତ୍ସବ ସମଗ୍ର ପରିବେଶକୁ ରଙ୍ଗୀନ ବନାଇଥାଏ । ରାଗ-ରଙ୍ଗର ଲୋକପ୍ରିୟ ପର୍ବ ବସନ୍ତର ସନ୍ଦେଶ ବାହକ ମଧ୍ୟ ଅଟେ । ରାଗ, ଅର୍ଥାତ ସଙ୍ଗୀତ । ରଙ୍ଗ ଏହାର ପ୍ରମୁଖ ଅଙ୍ଗ । ଏହାକୁ ଉତ୍କର୍ଷରେ ପହଞ୍ଚାଉଥିବା ପ୍ରକୃତି ମଧ୍ୟ ଏହି ସମୟରେ ନବ ଯୌବନ ଧାରଣ କରିଥାଏ । ଏହି ସମୟରେ ଗଛ-ବୃକ୍ଷ, ପଶୁ-ପକ୍ଷୀ, ମନୁଷ୍ୟ ସମସ୍ତ ଜୀବ ଜଗତ ହର୍ଷ-ଉଲ୍ଲାସରେ ପରିପୂର୍ଣ୍ଣ ହୋଇଥାଏ । ସୋରିଷ କ୍ଷେତ, ଆମ୍ବ ଗଛ ବଉଳର ଶୋଭା ଅବର୍ଣ୍ଣନୀୟ । ଏହି ପର୍ବର ବର୍ଣ୍ଣନା ବହୁତ ଧାର୍ମିକ ପୁସ୍ତକରେ ମଧ୍ୟ ଦେଖାଯାଏ । ଶ୍ରୀମଦଭାଗବତ ମହାପୁରାଣରେ ରସର ସମୁହ ରାସର ବର୍ଣ୍ଣନା କରାଯାଇଛି । ଭାରତର ଅଲଗା ଅଲଗା ପ୍ରାନ୍ତରେ ହୋଲି ଉତ୍ସବ ଭିନ୍ନ ଭିନ୍ନ ପାରମ୍ପାରିକ ସାସ୍କୃତିକ ପ୍ରାନ୍ତୀୟ ଶୈଳୀରେ ମନାଯାଏ । ବ୍ରଜଧାମରେ ରାଧାକୃଷ୍ଣଙ୍କର ହୋଲି

ISSN NO.
2582-208X

ବର୍ଣ୍ଣନା ଏବଂ ଅବଧରେ ରାମ-ସୀତାଙ୍କର ହୋଲି ଉତ୍ସବର ବର୍ଣ୍ଣନ ବେଶ୍ ମନୋରମ ।

ହୋଲି ହେଉଛି ରଙ୍ଗର ପର୍ବ । ହସ-ଖୁସି ଲହଡ଼ିର ଅନେକ ରୂପ ଏଥିରେ ଦେଖିବାକୁ ମିଳେ । ହୋଲିର ଲୋକପ୍ରିୟତା ଧିରେ ଧିରେ ବିକଶିତ ହୋଇ ଅନ୍ତରାଷ୍ଟ୍ରୀୟ ସ୍ତରରେ ଆଗ୍ରହର ସହିତ ଅଗ୍ରଣୀ ଭୂମିକା ପ୍ରଦାନ କରିଛି ।

ବେଦାନ୍ତୀ ପରିବାର ତରଫରୁ ସମସ୍ତ ପାଠକବୃନ୍ଦଙ୍କୁ ପବିତ୍ର ହୋଲି ପର୍ବର ଅନେକ ଅନେକ ହାର୍ଦ୍ଦିକ ଶୁଭେଚ୍ଛା ।

ଜୟ ଉତ୍କଳ, ଜୟ ଓଡିଆ ।

ଅରବିନ୍ଦ ମିଶ୍ର

ISSN NO.
2582-208X

# ଭିତର ପୃଷ୍ଠାରେ....


| | | |
|---|---|---|
| ଡି.ଏଫ.ଓ କ୍ୟାମ୍ପବେଲ ବେ | ଅଶୋକ ବିଶ୍ବାଳ | ୧୪ |
| କିଏ ସେ' ଅଦୃଶ୍ୟ ନାରୀ | ଡ.ଶଶଧର ମହାପାତ୍ର | ୨୨ |
| ଭୂତ | ଇଂ. ସୁଶାନ୍ତ କିଶୋର ବଳ | ୨୬ |
| ଭିତର ଫମ୍ପା ଉପର ଚକଚକିଆ | ଡକ୍ଟର ବିଜ୍ଞାନୀ ଦାସ | ୨୯ |
| ସୁଖ ଓ ଦୁଃଖ | ଡ. ପ୍ରସନ୍ନ କୁମାର ବଳ | ୪୦ |
| ସୁନ୍ଦର ସକାଳ | ଜୟଶ୍ରୀ ପଟ୍ଟନାୟକ | ୪୨ |
| ନାରୀ | ସୁଜିତ୍ କୁମାର ମିଶ୍ର | ୪୩ |
| ଓଡ଼ିଆ ଭାଷାର ଅସ୍ମିତା ଓ ଶାସ୍ତ୍ରୀୟ ମାନ୍ୟତା | ଡ଼କ୍ଟର ସଂଯୁକ୍ତା ଦାସ | ୪୫ |
| ମୋ ଜୀବନର ଶ୍ରେଷ୍ଠ ନାୟକ ମୋ ବାପା | ଜୟନ୍ତୀ ବେହେରା | ୫୮ |
| ସମ୍ପତ୍ତ କୁମାର ଟଣ୍ଡନ୍ | ଡ଼କ୍ଟର ସୀମାଞ୍ଚଳ ପ୍ରଧାନ | ୬୦ |
| ବସନ୍ତ ଆସିଛି ହୋଲି କୁ ନେଇ | ଅଳକା ମହାନ୍ତି | ୬୨ |
| ମହାଯାତ୍ରା | ବିନୟ ମହାପାତ୍ର | ୬୪ |
| ମହାକୁମ୍ଭ ମେଳା | ସିନ୍ଧୁ ନନ୍ଦିନୀ | ୭୪ |
| ଶବ୍ଦର ଲଢେଇ | ଅମ୍ବିକା ସ୍ୱାଇଁ | ୭୬ |
| ଚିଠି | ଛବି ରାଣୀ ପତି | ୭୭ |
| ସାରଥୀ | ଡଃ ମାଙ୍ଗଳିକା ମହାପାତ୍ର | ୭୯ |
| ଲଳିତ ନିବନ୍ଧ- ଏକାଳ ପଖାଳ | ବଦ୍ରୀ ମହାନ୍ତି | ୮୦ |
| ଭାବି ଦେଖ ଥରେ | ଶାନ୍ତିଲତା ମିଶ୍ର | ୮୩ |
| ବହି ବା କିଏ ପଢୁଛି ! | ଅଜିତ କୁମାର ରାଉତ | ୮୫ |

ISSN NO.
2582-208X

ବେଦାନ୍ତି


| | | |
|---|---|---|
| ଦୁଇଟି ଛୋଟ ଗପ | ଆଶୁତୋଷ ମେହେର | ୮୭ |
| ପ୍ରକୃତି କୋଳର ବିହଙ୍ଗମ | ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର | ୮୯ |
| ରଙ୍ଗ | ନୀଳମଣି ଚାନ୍ଦ | ୯୧ |
| ଭାରି ଅବୁଝା ଏ ମନ | ସୁନନ୍ଦା ମହାନ୍ତି | ୯୨ |
| ସନେଟ୍...ବରଦାୟୀ ପ୍ରକୃତି | ମଧୁମିତା ମିଶ୍ର | ୯୫ |
| ଅଭିନୟ | ବନଶ୍ରୀ ଦାଶ (ଆଚାର୍ଯ୍ୟା) | ୯୬ |
| ଶ୍ୱଶୁର ଘର | ଦିଲ୍ଲୀପ ଶତପଥୀ | ୯୮ |
| ନୀରବତାର ପ୍ରତିଧ୍ୱନି | ସୁନନ୍ଦା ମିଶ୍ର | ୧୦୦ |
| ଆଶା | ଅଲେଖ ମେହେର(ଯାଯାବର) | ୧୦୮ |
| ଆମ ସମ୍ବିଧାନ | ରାମଚନ୍ଦ୍ର ବେହେରା | ୧୦୯ |
| ସତ୍ୟର ସନ୍ଧାନ, ଆମ ପାଖରେ | କାର୍ତ୍ତିକେଶ୍ୱର ନାୟକ | ୧୧୧ |
| ଗଣକବିଙ୍କ ସାରସ୍ୱତ ବଳୟରେ ସମାଜ ଚିତ୍ର | ଡ. ସରୋଜିନୀ ପାଣି | ୧୧୨ |
| ଧାରେ ଲୁହ | ଡଃ ଉତ୍ପଳା ଦାଶ ଷଡଙ୍ଗୀ | ୧୧୮ |
| ମରୁଡ଼ିର ପ୍ରତିଧ୍ୱନି | ନିରୁପମା ମିଶ୍ର | ୧୧୯ |
| ବୁଝାମଣା | ଭାସ୍କର ଚନ୍ଦ୍ର ଖଣ୍ଡା | ୧୨୧ |
| ଶ୍ରୀମଦ୍‌ଭାଗବତଗୀତା ଓ ଶ୍ରୀକୃଷ୍ଣ ବିଦୁର ଉପାଖ୍ୟାନ | ମନୀଷା ରାୟ | ୧୨୩ |
| ହସ ଓ କାନ୍ଦ | ଡ. ଜ୍ଞାନେଶ୍ୱର ମିଶ୍ର | ୧୨୯ |
| ବ୍ରହ୍ମ ସତ୍ୟ ଜଗତ ମିଥ୍ୟା | ବାସନ୍ତୀ ଲତା ଜେନା | ୧୩୧ |
| କୃଷି ଓ କୃଷକ | ରଘୁନାଥ ତ୍ରିପାଠୀ | ୧୩୩ |
| ପତି ନାମକ ଗଧ | ସୁଧାଂଶୁ ଶେଖର ଦ୍ୱିବେଦୀ | ୧୩୪ |
| ଏଡାଇବା ପାଇଁ ରାସ୍ତା ଦୁର୍ଘଟଣା | ରାଜକିଶୋର ସ୍ୱାଇଁ | ୧୩୮ |
| ଶ୍ରମିକଟିଏ ମୁଁ | କାଳିପ୍ରସାଦ ମହାପାତ୍ର | ୧୪୦ |

ISSN NO.
2582-208X



| | | |
|---|---|---|
| ସୁସ୍ୱାଦୁ ସାରସ୍ୱତ ସୂପକାର, କବି ବୃନ୍ଦାବନ | ଗୁରୁଗୌରବ ଗୌରଚନ୍ଦ୍ର ପଣ୍ଡା | ୧୪୨ |
| ସ୍ମୃତି | ଅମୃତନାରାୟଣ ଶତପଥୀ | ୧୫୩ |
| ଉଠ୍ ପୁଟୁର୍ | ଆରତୀ ସାହୁ (ଆଶା) | ୧୫୫ |
| ଜୀବ ଜୀବନ | ଡ଼. ପ୍ରିୟମ୍ବଦା ସାମଲ | ୧୬୨ |
| ତାରାଫୁଲ ସ୍ୱପ୍ନ | ସୁଶ୍ରୀ ପଲ୍ଲବିତା ସାହୁ | ୧୬୩ |
| ଫଗୁଣ ଆସିଛି | ପୁଷ୍ପାଞ୍ଜଳି ମିଶ୍ର | ୧୬୫ |
| ବଡ଼ମ୍ବା ଗଡ଼ଜାତ: ଏକ ବିହଙ୍ଗାବଲୋକନ | ବଟକୃଷ୍ଣ ମହାପାତ୍ର | ୧୬୬ |
| ନୂଆ ବରଷ, ତା'ରୂପ ଭାଷ | ଜୟ କୁମାର ମିଶ୍ର | ୧୮୧ |
| ଅବିର ଖେଳିବା ଆସ | ଆକୁଳାନନ୍ଦ ପୃଷ୍ଟି | ୧୮୩ |
| ଭକ୍ତି ର ଶକ୍ତି | ଦେବଦତ୍ତା ଦେବୀ | ୧୮୫ |
| ମହା ରାହାସ | ମନୋଜ କୁମାର ବିଶ୍ୱାଳ | ୧୯୦ |
| ଚାରି ଯୁଗେ ଚାରି ଭକ୍ତ | ପ୍ରସନ୍ନ କୁମାର ମେହେର | ୧୯୨ |
| ଭୁଲି ହୁଏନା | ସଂଯୁକ୍ତା ସାହୁ | ୧୯୪ |
| ଆହୁତି | ଡାଃ. ଅନିତା ପଣ୍ଡା | ୧୯୫ |
| ବାକ୍ୟଦେବୀ ନମସ୍ତୁତେ | ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର | ୨୦୧ |
| ମୋ ଅବିହନେ | ପ୍ରତିଭା ଦାସ | ୨୦୩ |
| ସାଧାପଣରେ ଲୁଚିଥିବା ଏକ ଅସାଧାରଣ ଜୀବନ ସେ.. | ଲୋପାମୁଦ୍ରା ମହାପାତ୍ର | ୨୦୫ |
| ସନ୍ଥକବି ଭୀମ ଭୋଇଙ୍କ ବ୍ରହ୍ମ ନିରୂପଣ ଗୀତାରେ ରହସ୍ୟବାଦୀ ଚେତନା | ଶ୍ରୀ ବାପିନା ସ୍ୱାଇଁ<br>ଡ. ଆଲୋକ ବରାଳ | ୨୦୬ |
| ବୋଉ | କୁଞ୍ଜବିହାରୀ ରାଉତ | ୨୧୬ |

ISSN NO. 2582-208X



| | | |
|---|---|---|
| ଜୀବନ କରିବା ପାବନ | ଅମରନାଥ ବାରିକ | ୨୧୯ |
| ଭାବରେ ଭାବରେ ତୁମେ ଭାବଗ୍ରାହୀ | ଜୟନ୍ତୀ ଦେବୀ | ୨୨୦ |
| ତୁମପ୍ରେମ ତୁମ ପାଖରେ ଥାଉ | ଶିଶିର କୁମାର ପଣ୍ଡା | ୨୨୧ |
| ସଂଘର୍ଷ | ସୁଜାତା ପାହାନ | ୨୨୨ |
| ଋତୁରାଣୀ ତୁମେ | ଖଗେଶ୍ୱର ବାଗ | ୨୨୫ |
| ଧାରେ ଅଭିମାନ | ଅନିତା ପ୍ରଧାନ | ୨୨୬ |
| ସ୍ୱତନ୍ତ୍ରତା ଆନ୍ଦୋଳନର ଆପୋଷହୀନ ଧାରାର ବାହକ ଆସ୍ଫାକଉଲ୍ଲା ଖାଁ | ଅସିତ ମହାନ୍ତି | ୨୨୮ |
| ଘେନ ମୋର ନିବେଦନ | ନରେନ୍ଦ୍ର ପ୍ରସାଦ ବେହେରା | ୨୩୨ |
| ଡିଆଁ ରୋଗ | ଅକ୍ଷୟ ମହାନ୍ତି (ନିର୍ମାଲ୍ୟ) | ୨୩୪ |
| ପ୍ରେମ | ଚିତରଞ୍ଜନ ବେହେରା | ୨୩୬ |
| ବେଶ୍ୟାସିକ୍ତ ବାସ୍ନା | ଡ଼ଃ ସ୍ୱାଗତିକା ସାହୁ | ୨୩୭ |
| ଏ କେଉଁ ପୁରୁଷ ଦିବସ | ଜୟନ୍ତ ଦାସ ପ୍ରଫୁଲ୍ଲ | ୨୪୨ |
| ଭାବକୁ ନିକଟ | ଡ. ଅର୍ଜୁନ ଚରଣ ବାରିକ୍ | ୨୪୩ |
| ଧିରେ ଧିରେ ତୁ ଚାଲରେ ସମୟ | ନଳିନୀ ଦାଶ | ୨୪୫ |
| ଦିଲ୍ଲୀପ ବେହେରାଙ୍କ 'ପାନ୍ଥଶାଳା' ଗଳ୍ପରେ ପ୍ରେମ ଓ ନିଃସଙ୍ଗତାବୋଧ | ଅଭିମନ୍ୟୁ ସାହୁ | ୨୪୬ |
| କାଳିଆଚୋର | ବିନୟାନନ୍ଦ ବସ୍ତସ୍ୟ | ୨୫୩ |
| ଆଶା ଓ ସ୍ୱପ୍ନ | ନମିତା ଦାଶ | ୨୫୪ |
| ଖରା ମାସ | ଡ. ଅଭିମନ୍ୟୁ କାନୁନଗୋ | ୨୫୬ |
| ଦୟା ନଦୀର କ୍ଷୋଭ | ଦୀନବନ୍ଧୁ ବେଜ | ୨୫୭ |
| କୋଶଲୀ କାବ୍ୟ 'ପ୍ରେମ ତରଙ୍ଗିଣୀ' : ଏକ ଆଲୋଚନା | ଧନେଶ୍ୱର ବାରିକ | ୨୫୯ |
| ତୁ ମୋର ମିଠା ସପନ | ବେଣୁଧର ସୂତାର | ୨୬୨ |

ISSN NO.
2582-208X


| | | |
|---|---|---|
| ମୃତ୍ୟୁ | ଭାରତୀ ମୁଦୁଲି | ୨୭୨ |
| ଆମ ଅସ୍ମିତା | ଶମ୍ଭୁନାଥ ଦାସ | ୨୭୫ |
| ବିପ୍ଲବ ଓ ପ୍ରେମର ଯୁଗଳବନ୍ଦୀ ପାଣ୍ଡୁଲିପି ଓ କବି ସଚ୍ଚିଦାନନ୍ଦ ରାଉତରାୟ | ଚୁଡାମଣି ଦିଶ୍ରୀ | ୨୭୮ |
| ହରିବାସର | ଅରୁଣ କୁମାର ଦାସ | ୨୯୧ |
| କେମିତି ଦୁନିଆ କହୁଛି ? | ନିରଞ୍ଜନ ସାହୁ | ୨୯୩ |
| ବୋଉ | ସୁଶାନ୍ତ କୁମାର ପଟ୍ଟନାୟକ | ୨୯୪ |
| ରଙ୍ଗୀବୋଉ | ଅପରାଜିତା ମହାରଣା | ୨୯୬ |
| ଗଜଲ୍- ଅଲଗା ବାସୁଛ ଭାରି | ତାରାପ୍ରସାଦ ଜେନା | ୩୦୨ |
| ଅଭିମାନିନୀ | ଡକ୍ଟର ସତ୍ୟବ୍ରତ ଦାସ | ୩୦୩ |
| ଜୀବନ | ଦୀପକ ନାୟକ | ୩୦୫ |
| ଲୋକ ଉପାଦାନ ଓ ଆଧୁନିକ ଓଡ଼ିଆ କବିତା | ଅଶୋକ କୁମାର ମହାନ୍ତ | ୩୦୬ |
| ନିତି ତୁମ ପାଇଁ | ପବିତ୍ର ନାରାୟଣ ବେହେରା | ୩୧୪ |
| ନୂଆ ବର୍ଷ ଅଭିନନ୍ଦନ | ଅନାଦି ଚରଣ ବେହେରା | ୩୧୫ |
| ମନରାଜା | ବିନୟ କୁମାର ମିଶ୍ର | ୩୧୭ |
| ଘାଣ୍ଟ ତରକାରୀ | ଜନ୍ମଜୟ ନାୟକ | ୩୧୯ |
| ଏ ଆମ ଭାରତ ବର୍ଷ | ପ୍ରଶାନ୍ତ କୁମାର ନାଥ | ୩୨୨ |
| ତୁହି ମୋର ଆଶା | ରଶ୍ମିତା କୁମାରୀ ବେହେରା | ୩୨୪ |
| ମନ | ସୁନିତା ଦାଶ | ୩୨୫ |
| କେବେ କେରଳ ତ କେବେ ଅରୁଣାଚଳ | ପ୍ରିୟବ୍ରତ ପାତ୍ର | ୩୨୬ |

ISSN NO.
2582-208X


| | | |
|---|---|---|
| ବଣରେ ପ୍ରଭାତ ଫେରି | ରାମ ଚନ୍ଦ୍ର ପ୍ରଧାନ | ୩୩୦ |
| ପୁରୁଷର ଆତ୍ମଲିପି | ବିପଦ କୁମାର ବାରିକ | ୩୩୨ |
| ଫଗୁଣ ଆସିବ | ପ୍ରକାଶ କୁମାର ଚାନ୍ଦ | ୩୩୪ |
| ଔପନ୍ୟାସିକ କାହ୍ନୁଚରଣ ମହାନ୍ତି : ସ୍ରଷ୍ଟା ଓ ସୃଷ୍ଟି | ଡକ୍ଟର ଲିଙ୍ଗରାଜ ମେହେର | ୩୩୫ |
| ଆକାଶରେ ବସା କଲାଣି ମେଘ | ଧ୍ରୁବ ଚରଣ ଘିବେଲା | ୩୪୪ |
| କୈବର୍ତ୍ତ ସଂପ୍ରଦାୟର ଘୋଡ଼ାନାଚ : ଏକ ଅନୁଶୀଳନ | ଗୀତାଞ୍ଜଳି ବେହେରା | ୩୪୫ |
| ସମୟ | ସ୍ୱାଗତିକା ନାଏକ | ୩୫୨ |
| ମାଆ | ସୁନନ୍ଦା ଗିରି | ୩୫୩ |
| ଅଧିକା ମୋହର ଚରଚା | ପ୍ରଦୀପ୍ତ କୁମାର ଦାସ | ୩୫୪ |
| ଗଞ୍ଜାମଜିଲ୍ଲାର ଦଣ୍ଡନାଟ: ଏକ ଅନୁଶୀଳନ | କୁନା ଜେନା | ୩୫୫ |
| ପ୍ରଣୟର ପରିଣତି | ବାସନ୍ତୀ ଗିରି | ୩୬୦ |
| ତୁମ ବନ୍ଧୁତା | ଅନିଷା ପଣ୍ଡା | ୩୬୧ |
| ସଫଳତାର ସୂତ୍ର | ସୀତାକାନ୍ତ ସରସ୍ୱତୀ | ୩୬୩ |
| ସଙ୍ଘର୍ଷମୟ ନାରୀ ଜୀବନ | ସ୍ମୃତି ପ୍ରିୟଦର୍ଶିନୀ ପ୍ରଧାନ | ୩୬୭ |
| ଆହ୍ୱାନ ଏହି ବିକାଶର | ସ୍ମୃତି ରେଖା ନାୟକ | ୩୭୯ |
| ଗଣତନ୍ତ୍ରର ଭବିଷ୍ୟତ | ଆର୍ଯ୍ୟ ଦାସ | ୩୮୧ |
| ମୁଁ କବିତା ଟିଏ | ଦେବେନ୍ଦ୍ର ମିଶ୍ର | ୩୮୪ |
| ରାଜନୀତି ଚାଳିଶା | ଅଧ୍ୟାପକ ଦୀପକ ରଂଜନ ଜେନା | ୩୮୬ |
| ପଶ୍ଚିମ ଓଡ଼ିଶାର ଲୋକନୃତ୍ୟ 'ରସରକେଲୀ' : ଏକ ଦୃଷ୍ଟିପାତ | ସ୍ୱାଧିନ ଚନ୍ଦ୍ର ପ୍ରଧାନ | ୩୮୮ |

ISSN NO.
2582-208X


| | | |
|---|---|---|
| ଧୂଆଁ ଧୂଆଁ | ସୁଚରିତା ପଡ଼ିହାରୀ | ୩୯୬ |
| ଛି | ସୁଧୀର ମେହେର | ୩୯୮ |
| କବିର କବିତା | ଅର୍ପିତା ମହାପାତ୍ର | ୪୦୦ |
| ସମସ୍ୟା | ମୋନାଲିସା ପାଣିଗ୍ରାହୀ | ୪୦୧ |
| ଜନସେବକ ଓ ସାହିତ୍ୟ ସାଧକ କବି ଗୋପବନ୍ଧୁ ଦାସ | ଡକ୍ଟର ବସନ୍ତ କୁମାର ସେଠୀ | ୪୦୩ |
| ସତରେ କଣ ତୁମେ ଚାଲିଗଲ ଅଜା | ପ୍ରିୟଦର୍ଶିନୀ ପାତ୍ର | ୪୧୦ |
| ମୋର ପରିବାର | ଖୁକୁନି ସାହୁ | ୪୧୧ |
| ନୂଆକରି କଲେଜ ଯାଉଥିବା ପୁଅ | ଲିକୁ ବେହେରା | ୪୧୩ |
| "ମରାଳର ମୃତ୍ୟୁ" ଗଳ୍ପ ସଂକଳନ : ରାଜନୈତିକ ଚେତନାର ଏକ ସଫଳ ରୂପାୟନ | ମମତା ରାଣୀ ବାରିକ୍ | ୪୧୪ |
| ତୁମ ସୌନ୍ଦର୍ଯ୍ୟ | ମୟଙ୍କ | ୪୨୨ |
| ଦାରିଦ୍ର୍ୟତା ଆଉ ଶୀତ | ମୌସୁମୀ ମଣ୍ଡଳ | ୪୨୩ |
| ଜଗନ୍ନାଥାଷ୍ଟକଂ | ମୃତ୍ୟୁଞ୍ଜୟ ମିଶ୍ର | ୪୨୫ |
| ଧାର୍ମିକ | ସିଦ୍ଧେଶ୍ୱର ତ୍ରିପାଠୀ | ୪୨୭ |
| ଜୟ ମାତା ସରସ୍ୱତୀ | ଅନାମ ଚରଣ ସାହୁ | ୪୨୯ |
| ସଂସ୍କୃତ ଓ ଓଡ଼ିଆ ଭାଗବତରେ ପିଙ୍ଗଳାର ଦିବ୍ୟଜ୍ଞାନ - ଏକ ତୁଳନାତ୍ମକ ଅଧ୍ୟୟନ | ମହାଦେବ ସେହ୍ରିଆ | ୪୩୦ |
| ନିଦୁଆ ମଣିଷ | ଆକାଶ ରଣା | ୪୩୯ |
| କୁଇଲି ଘୁଗର | ଡ଼ଃ ପ୍ରଦୀପ କୁମାର ପଣ୍ଡା | ୪୪୦ |
| ମୋ ମନର ମଣିଷ | ଚୁମୁକି ମହାରଣା | ୪୪୨ |

ISSN NO.
2582-208X


| | | |
|---|---|---|
| ଯେପରି ଭାବନା ସେପରି ସମ୍ପର୍କ | ବିରଞ୍ଚି ନାରାୟଣ ମିଶ୍ର | ୪୪୪ |
| ଦୁଃଖ ଗାରିମା | ଦୁଷ୍ମନ୍ତ ବେହେରା | ୪୪୫ |
| ପୁରସ୍କାର | ବାଙ୍କାବିହାରୀ ମହାକୁର | ୪୪୭ |
| ଫୁରସତ୍ | ରଶ୍ମିତା ସାହୁ | ୪୪୯ |
| ନହର ଆନନ୍ଦ | ଅଧ୍ୟାପିକା ରୋଜାଲିନ ବାରିକ୍ | ୪୫୦ |
| ସଂରକ୍ଷଣ କାନୁନ ଦ୍ୱାରା ମହିଳାଙ୍କ ଶୋଷଣ | ମମତା ନାୟକ | ୪୫୧ |
| ବାପା | ରୋସନୀ ସାହୁ | ୪୫୪ |
| ଚିତ୍କାର | ବିଷ୍ଣୁପ୍ରିୟା ସାହୁ | ୪୫୭ |
| ବୋଉ | ନମିତା ପ୍ରଧାନ | ୪୫୯ |
| 'ନୀଳଶୈଳ' ଉପନ୍ୟାସର ସାଂସ୍କୃତିକ ମହନୀୟତା | ରଶ୍ମିରଂଜନ ନାୟକ | ୪୬୧ |
| ଜୀବନ | ନିରଞ୍ଜନ ମହାରଣା | ୪୬୯ |
| ପ୍ରକୃତିର ନିବେଦନ | ଫାଲଗୁନି ସାହୁ | ୪୭୦ |
| ନିର୍ଯ୍ୟାତିତ ପୁରୁଷର ବେଦନା | ଅଜୟ କୁମାର ରାଉତ | ୪୭୧ |
| ସେହି ମୋର ପ୍ରିୟ ଭାରତ ଭୂଇଁ | ନରେଶ କୁମାର ତ୍ରିପାଠୀ | ୪୭୫ |
| ଓଡିଆ ଭାଷାର ମହତ ଓ ମହତ୍ତ୍ୱ | ନିଷ୍କଳାନନ୍ଦ ଡାଣ୍ଡି | ୪୭୭ |
| ପ୍ରଥମ ଦେଖା | ଅଙ୍କିତା ପ୍ରିୟଦର୍ଶିନୀ ସାହୁ | ୪୭୯ |
| ଆତ୍ମହତ୍ୟା | ରଂଜିତ ନାଏକ | ୪୮୦ |
| କଳ୍ପନା | ସମ୍ବିତ ଦାଶ | ୪୮୧ |
| ମହୀମଣ୍ଡଳ ଗୀତା'ର ପ୍ରଣେତା ସନ୍ଥ ଅରକ୍ଷିତ ଦାସ: ଏକ ଅନୁଶୀଳନ | ସରୋଜ କୁମାର ବିଷୋୟୀ | ୪୮୨ |
| ଅଠର | ସତ୍ୟନାରାୟଣ ମିଶ୍ର | ୪୮୭ |

ISSN NO.
2582-208X



| | | |
|---|---|---|
| ଧାଈ ମା | ଅଭୟ କୁଣ୍ଡ | ୪୮୮ |
| ନୂଆ ଦିଶା | ଶୀବାଜି ବାହିନୀପତି | ୪୯୧ |
| ଏ ଯୁଗରେ ବି ପାଷାଣ ଯୁଗର ମାନସିକତା | ବାଲ୍ମୀକି ନାୟକ | ୪୯୨ |
| କେତେ ସହଜ ଥିଲା | ରାକ୍ଷୀ ପ୍ରଧାନ | ୪୯୬ |
| ଉପହାର | ଶିବରାମ ଦଳେଇ | ୪୯୭ |
| ସାଧାରଣତନ୍ତ୍ର ଦିବସ | ବିକ୍ରମାଦିତ୍ୟ ଶବର | ୪୯୯ |
| ଉଗ୍ରସେନକୁ ରାଜ୍ୟଦାନ | ନରେନ୍ଦ୍ର ପ୍ରସାଦ ବେହେରା | ୫୦୧ |


## ଆଞ୍ଚଳିକ


| | | |
|---|---|---|
| ବରଗଛ୍ ର ପେଟେନ୍ | ମହାଶ୍ୱେତା ଦାଶ | ୫୦୪ |
| ମୋର୍ ଦୁଖ୍ ଟାତ, କେତେ ନି କେତେ କମ୍ | ସନ୍ତୋଷ କୁମାର ବେହେରା | ୫୦୫ |
| ସର୍କା | ଗଜାନନ ମିଶ୍ର | ୫୦୭ |
| ସଂବୋଧନ | ରାଜଶ୍ରେୟ | ୫୦୮ |
| ଲୋକର୍ ଦରବାରେ ଦୁକାଲ୍ | ସୁନୀଲ କୁମାର ଅଗସ୍ତି | ୫୧୪ |
| ମୋର ଲାଗି | ବ୍ରଜମୋହନ ମେହେର | ୫୧୫ |


## ଶିଶୁ ବିଭାଗ


| | | |
|---|---|---|
| ଶିମ୍ବର ଭାଇ, କିନ୍ତୁ ମଞ୍ଜି ଖାଇ ହୁଏ ନାହିଁ | ଡ଼ଃ ରଞ୍ଜିତ କୁମାର ସାହୁ | ୫୨୦ |
| ବୋର୍ଡ ପରୀକ୍ଷା ମୁହିଁ | ଦୀନବନ୍ଧୁ ପୋଇ | ୫୨୪ |

ISSN NO.
2582-208X


| | | |
|---|---|---|
| କହିଲ ଦେଖି | ଅମରନାଥ ବାରିକ୍ | ୫୨୫ |
| ଆମ ବିଦ୍ୟାଳୟ ଟିକି ବଗିଚା | ପଞ୍ଚାନନ ମେହେର | ୫୨୭ |
| ନାଆଁଟି ମୋର ଖଣି | ଜୟନ୍ତ କୁମାର ମଲ୍ଲିକ୍ | ୫୨୯ |
| ଆମ ବିଦ୍ୟାଳୟ | ରୋଜାଲିନ ରାଉତରାୟ | ୫୩୦ |
| ବେଦାନ୍ତୀ – ଫେବୃୟାରୀ ସମୀକ୍ଷା | ଦେବଯାନୀ ସ୍ୱାଇଁ | ୫୩୧ |
| ମାର୍ଚ୍ଚ ମାସରେ ପଡୁଥିବା ପର୍ବପର୍ବାଣୀ | ସଂଗୃହୀତ | ୫୩୪ |
| ଚିତ୍ର କଥା କହେ | ବେଦାନ୍ତୀ ପରିବାର | ୫୩୫ |

ISSN NO.
2582-208X

# ଡି.ଏଫ.ଓ
# କ୍ୟାମ୍ପବେଲ ବେ



ଅଶୋକ ବିଶ୍ୱାଳ

## ୩୩- ଆଣ୍ଠୁଏ ପାଣିର ଅପୂର୍ବ ଦୁନିଆ

ମଝିରେ ମଝିରେ କେଉଁଠି କେଉଁଠି ବୋଧହୁଏ ହେଲିଓପୋରା ପ୍ରଜାତିର କୋରାଲ ପାହାଡ ଶୃଙ୍ଖଳା ବନାଇଥିଲା । ଚାରିଆଡେ ସାଧାରଣ ପାହାଡ, କିନ୍ତୁ ଏ ପାହାଡରେ ସାମାନ୍ୟ ବରଫର ଧାର ଦେଖାଯାଉଛି । ଯେଉଁଠି ଉପର ଭୂମି ସମତଳ, ସେଇଠି ବରଫ ଜମିଯାଇଛି । କୋରାଲର ଶୃଙ୍ଖଳାମାନ ନିଜ ଭିତରେ କିଛି କିଛି ଖାଲି ପ୍ୟାସେଜ ବା ରାସ୍ତା ଛାଡିଥିଲେ । ସେ ଭିତର ଦେଇ ସମୁଦ୍ରପାଣି ପଶି ଆସୁଥିଲା ଆଉ ଯେଉଁଠି କୋରାଲ ଭିତରେ ଫାଙ୍କ ମିଳୁଥିଲା ସେ ବାଟଦେଇ ଜୋରରେ ଉପରକୁ ପିଚିକି ବାହାରି ଆସୁଥିଲା ।

ଏକ ଯାଗାରେ ଲାଗିଥିଲା ସବୁଜ ରଙ୍ଗର ଅତି ସୁନ୍ଦର ଛଅ କୋଣୀୟ ବା ଅଷ୍ଟ କୋଣୀୟ ଟାଇଲମାନ । ଅତି ଉଜ୍ଜ୍ୱଳ ଦେଖାଯାଉଥିବା ଏହି ସବୁଜ ଟାଇଲମାନ ଗୋଟାଏ ସହ ଆଉ ଗୋଟାଏ ଭଲଭାବେ ଯୋଡି ହୋଇଛି । ଏହା ବୋଧହୁଏ ଏହା ଟର୍ବିନାରିଆ କିମ୍ବା ଫାବିଆ ପ୍ରଜାତିର କୋରାଲ । କେଉଁଠି ଥିଲା ହାଲୁକା ବାଇଗେଣି ରଙ୍ଗର ସଫ୍ଟ କୋରାଲ ତ କେଉଁଠି ଅଧିକ ଗାଢ ବାଦାମୀ ରଙ୍ଗର କୋରାଲ । ସମୁଦ୍ର ପାଣିରୁ ଉଙ୍କି ମାରୁଥିଲା ଫାଭିଆ ପ୍ରଜାତିର ସାଉଁଳା ଦିଶୁଥିବା କୋରାଲ ଆଉ ତା' ଭିତରେ ମୁଣ୍ଡ ଟେକୁଥିଲା ନୂଆ ପର୍ବତର ଧାଡି ଭଳି ହେଲିଓପୋରା କୋରାଲ ।

ମଝିରେ ମଝିରେ ଯେଉଁଠି ଟିକେ ପାଣି ରହିଯାଉଥିଲା ସେଥିରେ ବିଦ୍ୟୁତ ଭଳି ଛୁଟୁଥିଲେ ଛୋଟଛୋଟ ମାଛମାନ । ଦୁଇପଟେ କୋରାଲ, ତଳେ କିଛି ବାଲି ଆଉ ଭଙ୍ଗା କୋରାଲ । ସେମାନେ ଟିକେ ଦେଖାଦେଇ କୋରାଲ ଫାଙ୍କରେ ପର ମୁହୁର୍ତ୍ତରେ ଅର୍ନ୍ତଦ୍ଧାନ

ISSN NO.
2582-208X

ହୋଇଯାଉଥିଲେ । କେଉଁଠି ବାଲି ଟିକେ ଘାଣ୍ଟି ହୋଇଯାଉଥିଲା । ଲୁଚି ରହିଥିବା ଅପେକ୍ଷାକୃତ ବଡ ମାଛଟିଏ ବୋଧହୁଏ କାହା ଉପରେ ଝାମ୍ପି ପଡୁଥିଲା । ସୂତା ଭଳି ଲମ୍ବ ଗୋଡଥିବା ବୋଧହୁଏ ସ୍ପାଗେଟି ଓର୍ମ ଗୋଡକୁ ଏପଟ ସେପଟ କରୁଥିଲା । ବେଶ ଲମ୍ବ ଗୋଡ । ଯେମିତିକି ସୂତା ଏପଟ ସେପଟ ହେଉଛି । ଅଳ୍ପ ପରିମାଣର ସାମୁଦ୍ରିକ ଗୁଳ୍ମ କେଉଁଠି କେଉଁଠି ହୋଇଥିଲା ।

ମୁନ କୋରାଲମାନ ଗୋଲ ଆକାରର ବଡ ପଥର ଭଳି ଲାଗୁଥିଲା । ଗୋଟାଏ ପଟକୁ ଥିଲା ଗୋଲାପୀ ରଙ୍ଗର ଆଙ୍ଗୁଠି ଭଳି ଦେଖାଯାଉଥିବା କୋରାଲ । ତଳକୁ ପାଣି ହଠାତ୍ ଗଭୀର ହୋଇଯାଇଥିଲା । କୋରାଲର ମୂଳଦୁଆ ଯାଇ ସମୁଦ୍ର ବାଲିକୁ ଛୁଉଁଥିଲା । ସେ ପାଣିରେ ରଙ୍ଗୀନ ଆଉ ଛାପିଛାପିକିଆ ମାଛମାନ ଦେଖାଯାଉଥିଲେ । ଏକ ବଡ ଲୋବଷ୍ଟାର ପାଣି ଭିତରେ ସେମିତି ପଥର ସନ୍ଧିରେ ଛପିଥିବାର ଦିଶିଲା । ତା'ର ଥିଲା ଉଜ୍ଜ୍ୱଳ ଦିଶୁଥିବା ଟ୍ୟୁବ ଆକାରର ସବୁଜ ରଙ୍ଗର ଖୋଳପା । ସେଥିରେ କିଛି ଧଳା ଛିଟ ପଡିଥିଲା । ଲମ୍ବା ଶୁଣ୍ଢ ଆଉ ଗୋଡ ଚିପି ହୋଇଥିଲା ଓ ଲାଞ୍ଜ ପେଟ ଆଡକୁ ମୋଡି ହୋଇଯାଇଥିଲା । ଲୋବଷ୍ଟାର ନିଜକୁ ଯେତେ ଛୋଟ କରିହେବ ଛୋଟ କରି ଛପିଥିଲା । ଏହି ବିଶାଳ ଚିଙ୍ଗୁଡିଟି ଅନ୍ଧାର ହେଲେ ବାହାରିବ । ଏବେ ଲୁଚି ରହିବାର ସମୟ । ଅଳ୍ପ ପାଣିରେ ଛୋଟ ମାଛମାନଙ୍କର ଦୌଡ ଲାଗିରହିଥିଲା ।

କିଛି କିଛି ଯାଗାରେ ଗୋଲାପୀ ଗୋଲାପୀ ସପ୍ଟ କୋରାଲ ସବୁ ଉଭା ହେଉଥିଲେ । ଛୋଟ ଛୋଟ ସାଉଁଳିଆ ଗୋଲାପି ମନ୍ଦାମାନ ଥିଲା ଏଣେତେଣେ । ସେମାନେ ପଥର ଖଣ୍ଡକୁ ଧିରେ ଢାଙ୍କି ଦେଉଥିଲେ । ଆଉ କେଉଁଠିଥିଲା ସାଉଁଳିଆ ବାଦାମୀ କୋରାଲ । କିନ୍ତୁ ଏ ଉଦ୍ୟାନରେ ଗୋଲାପୀ ରଙ୍ଗର କୋରାଲ ବେଶି ସୁନ୍ଦର ଥିଲା । ଏକ ବଡ ମୁନ କୋରାଲ ଧାରରେ ଲାଗିଥିଲା ବଡ ଅଙ୍ଗୁର ପେନ୍ଥା ଭଳି ହାଲୁକା ସ୍ୟାହି ରଙ୍ଗର ସପ୍ଟ କୋରାଲ । ପାଣି ଧିରେ ଗଭୀର ହେଉଥିଲା । ବୋଧହୁଏ ଇୟୁଫିଲିଆ କିମ୍ବା ଗୋନିଆଷ୍ଟ୍ରିୟା କୋରାଲ ଦେଖାଗଲା । ଏ କୋରାଲର ଛୋଟ ଛୋଟ ମୁଣ୍ଡ । ଧଳା ଅଗଣିତ ପିନ ଆଉ ସବୁ ମିଶି ଉପରେ ପ୍ୟାଟର୍ଣ କରୁଛି । କୋରାଲଗୁଡିକ କେଉଁଠି ଗୋଟା ହୋଇଥିଲା ତ କେଉଁଠି ଅନ୍ୟ କୋରାଲ ସହ ମିଶିକରି ଥିଲା ।

ISSN NO.
2582-208X

ଅଳ୍ପ ପାଣି ଆଡକୁ କେଉଁଠି କେଉଁଠି ପାଇନ ଗଛର କୋନ ପରି ଲାଗୁଥିବା ଗୁଳ୍ମମାନ ଶୁଖିଯାଇଥିବା କୋରାଲ ଉଦ୍ୟାନରେ ଥିଲା । ଏକ ପାଇନ କୋନରୁ ତଳ ମୁଣ୍ଡରୁ ବାହାରି ଆସିଛି କିଛି ଚେର ଓ ତଳର ଭଙ୍ଗା କୋରାଲ ଶୃଙ୍ଖଳାକୁ ଧରି ରଖିଛି । କୋରାଲ ବଗିଚାର ଏବେ ପାଇଁ ସାମାନ୍ୟ ଶୁଖିଲା ଅଂଶରେ ପଡିଥିଲା ଏକ ବଡ ଜ୍ୟାଣ୍ଟ କ୍ଲାମ ସେଲ । ସେଲର ଦୁଇପଟ ଚିପି ହୋଇଯାଇଥିଲା ଆଉ ମଝିରେ ମୁହଁର ଢେଉଢେଉକା ଫାଙ୍କ ଦିଶୁଥିଲା ।

କୂଳ ଆଡକୁ ପଥର ଗୁଡିକ ମଝିରେ କିଛ ବାଲି ଥିଲା । ସେ ଭିତରେ ପଡିଥିଲା ଏକ ବଡ ଜେଲି ଫିଶ । ମଝିର ରଙ୍ଗ ବାଇଗେଣୀ, ଅନ୍ୟଥା ଦେହ ପ୍ରାୟ ସ୍ୱଚ୍ଛ । ପ୍ରାୟ ଗୋଲାକାର ଲାଗୁଥିବା ଜେଲିଫିଶର ଟେଣ୍ଟାକଲସ ଗୁଡିକ ଧାରରେ ଖେଳେଇ ହୋଇପଡିଥିଲା । ଜେଲି ଫିସଟି କେବେଠୁ ମରିଯାଇଛି ଆଉ ଭାସି ଆସି କୂଳରେ ଲାଗିଛି । କିଛି ଅଂଶରେ ବାଲି ଚଢି ଯାଇଥିଲା । କିନ୍ତୁ ଜେଲି ଫିସ୍ ଟି ତାଜା ଦେଖାଯାଉଥିଲା । ମଝିରେ ମଝିରେ ଟିକେ ଢେଉ ଆସି ତା'କୁ ଠେଲି ଦେଉଥିଲା । ଜେଲି ଫିଶର ଶରୀର ଥିଲା ଅଦ୍ଭୁତ । ଏକ ଫୁଲକୁଣ୍ଡକୁ କିଏ ଯେମିତି ଓଲଟାଇ ଦେଇଛି ।

ମଝିରେ ମଝିରେ ଥିଲା ବଡ ପଥରମାନ ଦିଶୁଥିଲା ଓ ସେଥିରେ ଥିଲା ଅସଖ୍ୟ କଣାମାନ, କେମିକାଲ ଆକ୍ସନ ଯୋଗୁ ହୋଇଥିବ । ସେଥିରେ ଗୋଲଗୋଲ ତଥା ଚେପଟା ବାର୍ଣାକଲସ ଶାମୁକାମାନ ଜୋରରେ ଚିପି ହୋଇରହିଥିଲା । ପଥରରେ ପାଣି ଆସି ବାଡେଇ ହେଉଥିଲା, କିନ୍ତୁ ଫେଭିକଲରେ ଚିପିଗଲା ଭଳି ଶାମୁକାମାନ ଚିପି ଯାଇଥିଲେ, କିଛି ହଲୁ ମଧ୍ୟ ନଥିଲା । କେଉଁଠି କେଉଁଠି ଆନିମୋନେ ଭଳି ସଫ୍ଟ କୋରାଲ ଆସୁଥିଲା ଭାଙ୍ଗିଯାଇଥିବା ମୃତ କୋରାଲ ପାହାଡ ଉପରେ । ଏହାକୁ ବେସ ବନାଇବ । ଏମିତି କୋରାଲ ସାମ୍ରାଜ୍ୟରେ ଥିଲା ଅସଂଖ୍ୟ ରୂପ, ଅସଂଖ୍ୟ ଜୀବନ । ସବୁଠୁ ସୁନ୍ଦର ଲାଗୁଥିଲା ଛୋଟ ଛୋଟ ହୋଇ ଫୁଟିଥିବା ଗୋଲାପୀ ରଙ୍ଗର କୋରାଲ ଆଉ ଛତୁ ଭଳି କେଉଁଠି କେଉଁଠି ଫୁଟିଥିବା କୋରାଲ । ଲାଗୁଥିଲା ଯେମିତି ଗୋଲାପର ରଙ୍ଗ ବଦଳିଯାଇ ହୋଇଯାଇଛି ଗାଢ ମାଟିଆ, ଆଉ ଗୋଲାପ ଫୁଲମାନ ପଥରରେ କିଏ ଏଣେ ତେଣେ ଖଞ୍ଜି ଦେଇଛି ।

ସେମାନେ କୋରାଲ ଉଦ୍ୟାନକୁ ଆନନ୍ଦରେ ଅଭିଭୂତ ହୋଇ ଦେଖିଚାଲୁଥିଲେ । ସମୁଦ୍ରର ଗର୍ଜ୍ଜନ ଭିତରେ ସେମାନେ ନିର୍ବାକ ହୋଇରହିଥିଲେ । ପାଣି କମିଯାଉଥିଲା ଆଉ

ISSN NO.
2582-208X

ମାଛମାନେ ଅଳ୍ପ ପାଣିରେ ସେମାନଙ୍କ ଦୌଡାଦୌଡି ଲଗାଇଥିଲେ । ସେମାନେ ଟିକେ ସମୁଦ୍ର ଭିତରକୁ ପଶିଲେ । କୋରାଲ ସମୁଦ୍ରର କୂଳ ଆଡକୁ ଗୋଟାଏ ଯାଗାରେ କୋରାଲ କିଛି ଭାଙ୍ଗିଯାଇଛି । କିଛି କିଛି ପଥର ତଳେ ଖୋଲ ହୋଇଯାଇଛି । ବଡ ପଥର ଖଣ୍ଡ ଭିତରେ ଏକ ଛୋଟ ଗୁହା ହୋଇଯାଇଛି ।

"ଦେଖ, ପାଣିରେ ଏକ ଶିକାରୀରର ଡେନ ବା ଆବାସ ଗୃହ ।"-ଅସୀମ କହିଲେ ।

"କେଉଁ ଶିକାରୀର?"-ଶୋଭନା ପଚାରିଲେ । ଅସୀମ ବହୁ ସମୟ ପରେ କିଛି କହୁଛନ୍ତି। ସମୁଦ୍ର ପାଣିରେ ବଡ ଶିକାରୀ ଯେମିତି ଶାର୍କ ମାଛଗୁଡା ପାଣିରେ ଘୁରି ବୁଲୁଥାନ୍ତି। ସେମାନଙ୍କୁ ବିଶ୍ରାମ ଗୃହର ଆବଶ୍ୟକତା କେଉଁଠି ?

"ଏ ଯାଗାରେ ରୁହନ୍ତି ଅକ୍ଟୋପସ । କହିପାର ଅକ୍ଟୋପସର ଗୁହା । ଅକ୍ଟୋପସ କୋରାଲ ବା ପଥୁରିଆ ଯାଗାରେ ସୁବିଧାଜନକ ଲୁଚିବା କ'ଣ ଦେଖି ବାସ କରେ । ଜଣେ ଲକ୍ଷ୍ୟ କରିପାରୁଥିବା ଲୋକ ଅକ୍ଟୋପସର ଘରକୁ ଖୋଜି ପାଇବ । ଯେଉଁଥିରେ ଅକ୍ଟୋପସ ବାସ କରୁଥିବା ସେମିତିଆ ଗୁହା ବା ଡେନର ଚାରିପାଖରେ ଭଙ୍ଗା କୋରାଲ, ପଥର, କଙ୍କଡାର ଭଙ୍ଗା ଖଣ୍ଡମାନ ପଡିଥିବ । ସିଂହର ଡେନ ଭଳି ଅକ୍ଟୋପସର ଡେନ ଅଛି ।"-ଅସୀମ କହିଲେ ।

"ଅକ୍ଟୋପସ ପରା ଆଉ କାହାର ଶିକାର ହୋଇଯାଏ ।"-ଶୋଭନା କହିଲେ । ସମୁଦ୍ରରେ କେବଳ ଶାର୍କ ବୋଧେ ଆପେକ୍ସ ପ୍ରିଡେଟର । ଅନ୍ୟମାନେ କାହାର ନା କାହାର ଶିକାର ହୋଇଯାଆନ୍ତି । ବଡ ମାଛ ଛୋଟମାଛକୁ ଖାଏ, ଆଉ ବଡ ମାଛ ତାଠାରୁ ବଡ ଶିକାରୀରର ଶିକାର ହୋଇଯାଏ । ଏକ ଫୁଡ ଚେନ । ଅକ୍ଟୋପସ ବିଷୟରେ ବହୁତ କଥା ଲେଖାଅଛି । ଆଠଟା ହାତ ଥିବା ଲମ୍ବା ବାହୁରେ ସେ ଶିକାରକୁ ଧରିଥାଏ ଆଉ ତା' ବାହୁରୁ ଖସି ପଳାଇବା ସମ୍ଭବ ନୁହେଁ । ଅକ୍ଟୋପସର ରକ୍ତ କାଳେ ଲାଲ ନୁହେଁ ।

ଅକ୍ଟୋପସର ଅଛି କାଳି ଗ୍ଲାଣ୍ଡ । ନିଜର ସୁରକ୍ଷା ପାଇଁ ଅକ୍ଟୋପସ ପାଣିରେ କାଳି ପଚକାରୀ ଭଳି ଛାଡେ । ଫଳରେ ପାଣି ଗୋଳିଆ ହୋଇଯାଏ ଆଉ ଅକ୍ଟୋପସ ଶିକାରୀଙ୍କ ଠାରୁ ଲୁଚିଯାଇପାରେ । ଅକ୍ଟୋପସ ଜାଗା ସହ ରଙ୍ଗ ପରିବର୍ତ୍ତନ କରି ସହଜରେ ମିଶି ଯାଇପାରେ । ଏହି ଜୀବ କାମଫ୍ଲାଉଜିଙ୍ଗରେ ଏକ୍ସପର୍ଟ ।"-ଅସୀମ ବୁଝାଇଲେ ।

ISSN NO.
2582-208X

"ତୁମେ ଏମିତି ଯାଗରେ ଅନେକ ଇଲ ପାଇବ । ସେମାନେ ଏମିତି କିଛି ଲୁଚିବା ସ୍ଥାନରୁ ମୁଣ୍ଡ ବାହାର କରି ହଲୁଥିବେ । ପାଟି ଖୋଲି ହେଉଥିବ ବନ୍ଦ ହେଉଥିବ ।"-ଅସୀମ ଆଉ ଏକ ଅଜୀବ ଜୀବ ବିଷୟରେ କହିଲେ ।

"ସାପ!"- ଶୋଭନା ବିସ୍ମିତ ହେଉଥିଲେ । ଇଲ ନାଁଟା ଶୁଣିଲେ ତାଙ୍କୁ ଲାଗେ ସାପମାନେ ମାଡିଆସୁଛନ୍ତି । ଏମିତି ତ ପାଣି ଭିତରେ ସାପମାନେ ସେମିତି କେଉଁଠି ଛପି ରହି ଶିକାରର ସନ୍ଧାନ କରନ୍ତି ।

"ଇଲ ଦେଖିବାକୁ ବେଶି ସମୁଦ୍ର ସାପ ଭଳି ଲାଗେ । କିନ୍ତୁ ସାପ ଠାରୁ ଭିନ୍ନ । ଏହା ଏକ ମାଛ ।"-ଅସୀମ କହିଲେ । ତାଙ୍କ ଆଖି ଇଲକୁ ଖୋଜୁଥିଲା ।

ସମୁଦ୍ର ଭିତରେ ଅନେକ ଜୀବ ଡଙ୍କ ମାରିଥାନ୍ତି ବା କାମୁଡି ଦେଇଥାନ୍ତି । ସେମିତି ଏକ ଜୀବ ହେଉଚି ଇଲ । ଇଲ ମାଛଗୁଡା ପାଣିରେ ଥିବା ଗାତ ଭିତରୁ ବା ଖୋଲ ଭିତରୁ ମୁଣ୍ଡ ବାହାରକରି ହଲୁଥାନ୍ତି । ସବୁବେଳେ ମୁହଁ ଖୋଲୁଥିବା ଆଉ ବନ୍ଦ କରୁଥିବା ଯୋଗୁ ସେମାନଙ୍କ ରୂପ ବିକଟାଳ ଲାଗେ । ପ୍ରକୃତରେ ସେମାନେ ପାଣିକୁ ନିଜ ଭିତରକୁ ପମ୍ପ କରି ଶ୍ୱାସ ନେଉଥାନ୍ତି । ଆଉ ଇଲଗୁଡା କାମୁଡା । ସେମାନଙ୍କର ମୁନିଆ ଦାନ୍ତ ଦେହରୁ ପୁଳାଏ ମାଂସ ଛିଣ୍ଡାଇ ଦେଇପାରେ ।"- ଅସୀମ ଇଲ ବିଷୟରେ ଆଉ ଟିକେ ଅଧିକ ବୁଝାଇ କହିଲେ ।

ଶୋଭନା ପଥର ଫାଙ୍କକୁ ଭଲକରି ଅନାଇଲେ । ଇଲଠାରୁ ତାଙ୍କୁ ସାବଧାନ ରହିବାର ଅଛି। ତାଙ୍କ ଆକାର ଦେଖି ଇଲ ନକାମୁଡିପାରେ । ମଝିରେ ମଝିରେ କିଛି ପଥର ଖୋପରେ କଳା ରଙ୍ଗର ସି ଓର୍ମମାନ ପଡିଥିଲା । କେଉଁଠି କେଉଁଠି ବଡ କଉଡି ଭଳି ଲାଗୁଥିବା ଶାମୁକା ନିଜ ନରମ ଶରୀରକୁ ସାମାନ୍ୟ ବାହାର କରି ପଥର ଓ ବାଲିରୁ ଖାଦ୍ୟ ଆହରଣ କରୁଥିଲା । କିଛି ଶଂଖ ପ୍ରଜାତିର ପ୍ରାଣୀ କେଉଁଠି କେଉଁଠି ପଡିଥିଲା । କିଛି ଶଂଖ ଦେହରେ ତ ଶିଉଳି ମାଡିଯାଇଥିଲା । ତଳେ ଥିଲା ଏମିତି ବହୁ ପ୍ରକାର ସି ଓର୍ମ ଆଉ ଶାମୁକା ବା ଶଂଖମାନ । କେଉଁଠି କେଉଁଠି ଟୋପୀ ଭଳି ଲାଗୁଥିବା ସେଲମାନ ଧାଡିକରି ପଥରରେ ଲାଗିରହିଥିଲେ । କୂଳର ପାଣିରେ ତାହାହେଲେ ଅଛି ଅସଂଖ୍ୟ ଜୀବନ ।

ISSN NO.
2582-208X

"କିଏ ନମନୀୟ ତ କିଏ ରୁଦ୍ର ସୁନ୍ଦର ।"- ଶୋଭନା ସେତିକି କହିପାରିଲେ ।

## ଗ- ପୂର୍ବ ଉପକୂଳର ଏକ ପଥୁରିଆ ବିଚ

ଥରେ ସେମାନେ ପୂର୍ବ ପଟକୁ ଆସିଲେ । ସ୍ଥାନଟା ନେଭିଡେରା କ୍ୟାମ୍ପ ପାଖାପାଖି ।

ଏପଟକୁ କୂଳରେ ସବୁଆଡେ ଖଣ୍ଡ ଖଣ୍ଡ ପଥର ପଡିଥିଲା । ପଥରମାନ ରାସାୟନିକ କାରଣରୁ ଭାଙ୍ଗି କ୍ଷୟ ହୋଇ ବଡ ଗେଟିର ତଳ ତିଆରି ହୋଇଯାଇଛି । ଏସବୁ ପଥୁରିଆ କୂଳ ପରେ କୂଳରେ ସାମାନ୍ୟ ବାଲିର ଧାର ମିଳେ ଆଉ ତା' ପରେ ଭୂମିଆଡକୁ ମିଳେ ସମୁଦ୍ରକୂଳିଆ ଜଙ୍ଗଲ । ଅସୀମ ଭାବୁଥିଲେ କ୍ୟାମ୍ପବେଲ ବେର ସମୁଦ୍ରକୂଳ ତାଙ୍କ ଦେଶରେ ଦେଖା ସମୁଦ୍ରକୂଳ ଠାରୁ କେତେ ଅଲଗା । ତାଙ୍କ ପୂର୍ବ ଦେଖା ସମୁଦ୍ରକୂଳରେ ଥାଏ ପାଣି ଆଉ ବାଲି, କେଉଁଠି ସାମାନ୍ୟ କାଦୁଅ, କିନ୍ତୁ ନଥାଏ ଏମିତିଆ ପଥୁରିଆ କୂଳ ଆଉ ପଥର ଖଣ୍ଡମାନ । ଏଠି ଏ ଜାଗା ଏମିତି ଯେ ଗୋଡ ରଖିବା କଷ୍ଟ । ବୋଟ ଆଦି ଲାଗିପାରିବନି। ପାଣି ଭିତରକୁ ଏକ ପଥର ମୁଣ୍ଡିଆ ତାଙ୍କ ମନ ଟାଣିନେଲା । ମୁଣ୍ଡିଆରେ ଗୋଟାଏ ଗଛ, ଏମିତି ବି ବୁଦାଟିଏ ନାହିଁ । କୂଳରୁ ଏଇ ଶହେ ମିଟର ଭିତରେ ପାଣିରୁ ମୁଣ୍ଡ ଟେକିଛି । ଏମିତି ପଥରରେ ସି ଟର୍ନ ବା ସେମିତି କିଛି ପକ୍ଷୀ ବସୁଥିବେ ଆଉ ରହୁଥିବେ ଅପର୍ଯ୍ୟାପ୍ତ କଙ୍କଡା । ପଥରର ସବା ଉପରଟା ଧଳା ହୋଇଯାଇଛି । ପକ୍ଷୀଙ୍କର ମଳ ହୋଇପାରେ । ଏମିତିଆ ପଥୁରିଆ ଜାଗାରେ ବହୁତ ସାପ ଥାଆନ୍ତି । ଦୁଇ ବଡ ପଥର ଭିତର ଦେଇ ସମୁଦ୍ର ପାଣି ବହୁ ଜୋରରେ ଚାଲିଯାଉଥିଲା ।

ସେମାନେ ନିଜ ଗୋଡ ପାଖ କୂଳର ପାଣିକୁ ଅନାଇଲେ । ତଳେ କେବଳ ଛୋଟ ଛୋଟ ପଥର ଅଛି, ଆଉ ତା' ଭିତରେ ପଡିଥିଲା ଏକ ସି ଅର୍ଚ୍ଚିନ । ତା' ଦେହରୁ କିଛି କଣ୍ଟା ବାହାରି ଆସିଥିଲା ପରି ଲାଗୁଥିଲା । ଲାଗୁଥିଲା ଏକ ଲମ୍ବାଳିଆ ବେଲୁନର ଉପରେ କିଛି ନରମ କଣ୍ଟା କିଏ ଲଗାଇ ବେଲୁନକୁ ଜୋରରେ ଫୁଲାଇ ଦେଇଛି । ସାମାନ୍ୟ ବାଲି ଆଉ ତା' ଭିତରେ ଏକ କଳା ରଙ୍ଗର ସି କୁକୁମ୍ବର ଶୋଇଛି । ଏମିତିଆ ପ୍ରାଣୀମାନେ କ'ଣ ପାଇଁ ଅଳ୍ପ ପାଣିରେ ପଡିଥାନ୍ତି କେଜାଣି ? ପ୍ରକୃତିର ସବୁ ସ୍ଥାନରେ କିଛି ନା କିଛି କାରଣ ସହ ଜୀବନ ଅଛି? ଖୋଜିବାର କଥା ।

ISSN NO.
2582-208X

ଅସୀମ ଆଉ ଶୋଭନା ପାଣିରେ ପଶି ଆଉ କିଛି ସି କୁକୁମ୍ବରକୁ ଖୋଜୁଥିଲେ । ସି କୁକୁମ୍ବର ନିଜର ସାରା ଜୀବନ ସମୁଦ୍ର ତଳେ କଟାଏ । କେତେବେଳେ କୋରାଲ ଥିବା ସମୁଦ୍ରର ସାମାନ୍ୟ ବାଲିରେ, ଟିକେ ସମୁଦ୍ର ଘାସୁଆ ଅଂଚଳରେ ବା ପଥୁରିଆ ସ୍ଥାନରେ ଏମାନେ ପଡିଥାନ୍ତି । ଖୋଜି ଖୋଜି ପଥୁରିଆ ବେଡରେ ସେମାନେ ଆଉ କେତେଟା ସି କୁକୁମ୍ବରକୁ ପାଇଲେ । ଏ ଜୀବ ସେମାନଙ୍କୁ ଲାଗୁଥିଲା ଖୁବ ମୋଟା ମୋଟା ଲମ୍ବା ସଁବାଲୁଆ। ସଁବାଲୁଆର ଅସଂଖ୍ୟ ଗୋଡ ଅଛି, କିନ୍ତୁ ଏମାନଙ୍କର ଏତେ ଗୋଡ ନାହିଁ । ଏମାନଙ୍କ ରଙ୍ଗ ପୁରା କଳା ରଙ୍ଗ ତ କହିହେବନି, ପାଉଁଶିଆ ପଡିଯାଇଥିବା କଳା ରଙ୍ଗ । ଅନେକ ପ୍ରକାର କଙ୍କଡା ଯଥା ପୋର୍ସିଲିନ କଙ୍କଡା ଏମାନଙ୍କ ଜୀବନ ସହ ଯୋଡି ହୋଇଥାନ୍ତି । ପୋର୍ସିଲିନ କ୍ରାବ ସି କୁକୁମ୍ବର ଦେହରୁ ପାରାସାଇଟ ଖାଇଥାଏ । ସି କୁକୁମ୍ବର ପାଣି ଭିତରେ ରହି ବାଲିରୁ ଖାଦ୍ୟ ପଦାର୍ଥ ଆହରଣ କରେ । ଏମାନେ ବହୁ ପରିମାଣର ତଳେ ପଡଥିବା ବାଲିକୁ ଢୋକିଥାନ୍ତି । ପେଟ ଭିତରେ ଅର୍ଗାନିକ ମ୍ୟାଟର ହଜମ ହୋଇଯାଏ ଆଉ ବାଲି ଗୁଳି ଆକାରରେ ମଳ ହୋଇ ବାହାରକୁ ଆସେ । ଆଉ ସମୁଦ୍ର ଶର୍ଯ୍ୟାରେ ମଳ କାଚ ଗୁଳି ଆକରର ବଙ୍କା ଟଙ୍କା ଧାଡି ହୋଇ ପଡିଥାଏ । ପ୍ରତି ପ୍ରଜାତି ମଳର ଗୁଳି ଭିନ୍ନ ଆକାରର ।

“ଏମାନଙ୍କୁ ସି କୁକୁମ୍ବର କ'ଣ ପାଇଁ କୁହାଯାଉଛି? ସମୁଦ୍ର ସଁବାଲୁଆ କହିଲେ ବୋଧେ ଭଲ ହୁଅନ୍ତା ।”- ଶୋଭନା କହିଲେ ।

“କଥାଟା ଠିକ । କିନ୍ତୁ ସମୁଦ୍ର ପୋକ ବା ସି ୱର୍ମସ ତ ଅଛନ୍ତି । ସଂବାଲୁଆ ଏକ ପୋକ । ସେଇଥି ପାଇଁ ବୋଧେ କିଏ ପରିବା ସହ ବେଶି ପରିଚିତ ବ୍ୟକ୍ତି ଏହାକୁ ସି କୁକୁମ୍ବର ନାମ ଦେଇଥିବେ ।”-ଅସୀମ କହିଲେ ।

ପଥୁରିଆ ବେଳାର ଉପରେ କଳା ପକ୍ଷୀଟିଏ ଉଡିଯାଉଥିଲା । ବୋଧହୁଏ ହେରୋନ ପ୍ରଜାତିର ପକ୍ଷୀ । ସାମାନ୍ୟ ମୋଟା ଦେହ ଆଉ ବଙ୍କେଇ ଯାଇଥିବା ସରୁଆ ବେକ । ଏ ପକ୍ଷୀର ବେକ ମାଛ ଧରିଲା ବେଳେ ହଠାତ୍ ବେଶ ଲମ୍ବେଇ ଯାଏ ଯେମିତି ସ୍ପ୍ରିଙ୍ଗ ଏବେ ଚିପିଯାଇଛି ଆଉ ଏବେ ଲମ୍ବ ହୋଇଯିବ । ପଥୁରିଆ ସମୁଦ୍ରକୂଳରେ ଖାଇବା ସହଜରେ ମିଳିଯାଏ । ପକ୍ଷୀଟି ଶେଷରେ ଡେଣା ଝାଡି ପାଣି ଧାରରେ ଓହ୍ଲାଇ ପଡିଲା । ସମୁଦ୍ରର ଗୁରୁ ଗର୍ଜ୍ଜନ ଧ୍ୱନୀ ସେମିତି ଶୁଣାଯାଉଥିଲା । ସମୁଦ୍ରର ଡାକ ଆଗରେ ଆଉ ସବୁ ଡାକ

ISSN NO.
2582-208X

ତୁଚ୍ଛ । ଅନ୍ୟ କେଉଁବି ଶବ୍ଦ କିଛି ସମୟ ଜୋରରେ ଡାକି ଡାକି ବନ୍ଦ ହୋଇଯିବ, କିନ୍ତୁ ସମୁଦ୍ରର ଗର୍ଜ୍ଜନ କେବେ ବନ୍ଦ ହେବନି । ସେମିତି ଚାଲିଥିବ । ଏହାହିଁ ସମୁଦ୍ରର ଗୁରୁତ୍ୱର ଲକ୍ଷଣ । ସମୟ ଗଡିଯିବ, ଦିନ ସରିଯିବ, ଦିନ ଆସିଯିବ କିନ୍ତୁ ଡାକ ସେମିତି ରହିବ । ହୁଏତ ଗର୍ଜ୍ଜନ ବଢିପାରେ, ବା କମିପାରେ ନିଶବ୍ଦ ହେବନି କେବେ । ଏଣେ ପକ୍ଷୀଟିଏ ସମୁଦ୍ରର ଡାକ ସହ ତାଳ ପକାଇ ଚାଲୁଥିଲା । କୂଳରେ ଢେଉ ଭାଙ୍ଗି ପଡିଲା ବେଳେ ତା' ଗତି ସାମାନ୍ୟ ଜୋର ହୋଇଯାଉଥିଲା । ଶେଷରେ ସେ ଏକ ଯାଗାରେ ଠିଆ ହୋଇ ବେକକୁ ଲମ୍ବ କରି ପାଣିକୁ ଅନାଇ ରହିଲା । ତା'କୁ ଦେଖି ସେହି ପ୍ରଜାତିର ଆଉ ଏକ ପକ୍ଷୀ ଟିକେ ଦୂରରେ ଓହ୍ଲାଇ ଖାଦ୍ୟ ଖୋଜିବାରେ ଲାଗିଗଲା ।

ଅସୀମଙ୍କ ଆଖି ସମୁଦ୍ରକୂଳରେ ଜମିଥିବା ପାଣି ଭିତରକୁ ଚାଲିଯାଉଥିଲା । ସିଧା ଢେଉ ଏ ଭିତରକୁ ଆସୁନି, ଏବେ ପାଣି କିଛି ଦୂରରେ ଅଛି ଆଉ ଠାଆ ଠାଆକରେ ଆଣ୍ଠୁଏ ଜଙ୍ଘେ ପାଣି ଜମି ଯାଇଛି । ସେ ଭିତରେ ପଡିଛନ୍ତି ସି କୁକୁମ୍ବର ଆଉ ସେହି ଜାତୀୟ ଧୀରେ ଗତି କରୁଥିବା ପ୍ରାଣୀ । ଏକ ଲମ୍ବା ସାପ ଭଳି କିଛି ପଡିଥିବାର ଦେଖାଗଲା । ସେଇଟା ବାଡି କି ସାପ ତା'କୁ ପରଖିବାର ଇଚ୍ଛା ଅସୀମଙ୍କର ନଥିଲା । ଯିଏ ବି ହେଉ ନିଜ ପରିସ୍ଥିତିରେ ସାଧାରଣ ଭାବରେ ରହୁ । କିଛି କିଛି ପଥର ସନ୍ଧିରେ ପୋର୍ସିଲିନ ଭଳି ଲାଗୁଥିବା ଆଉ ଉପର ମୋଟା ଏଲିପସ ପରି ହୋଇଥିବା ସବୁଜ-ମାଟିଆ ରଙ୍ଗର ମଧ୍ୟମ ଆକାରର କଙ୍କଡାମାନ ଗୋଟିକ ଉପରେ ଗୋଟିଏ ଚିପି ହୋଇରହିଥିଲେ । ଏ ସମୟ ପାଣି ଭିତରେ ଖାଦ୍ୟ ଖୋଜିବାର ନୁହେଁ । ଢେଉ ଆସୁ, ସେମାନେ ଖାଦ୍ୟ ପାଇଁ ବୁଲିବେ । ସେମାନଙ୍କର ଥିଲା ଲମ୍ବା ସବୁଜ ଗୋଡ ଆଉ ଗାଢ ବାଦାମୀ ରଙ୍ଗର ଧଳା ଡୂଳା ଭଳି ଦେଖାଯାଉଥିବା ଆଖିମାନ । ଆଉ ଏକ ଜାଗାରେ ପାଣି ଭିତରେ ଥିଲା ସେମିତି ଛାପି ଛପିକିଆ କିନ୍ତୁ ସାମାନ୍ୟ ବାଇଗେଣୀ ରଙ୍ଗର ଆଉ ଏକ ପ୍ରକାରର ପୋର୍ସିଲିନ କ୍ରାବ । ତା' ରଙ୍ଗ ଆଖପାଖର କୋରାଲ ସହ ପ୍ରାୟ ମିଳିଯାଉଥିଲା ।

କ୍ରମଶଃ.....

ସେକ୍ଟର-୩, ସଲ୍ଟଲେକ, କଲିକତା
ମୋ-୭୩୫୫୬୩୪୩୪୬

ISSN NO.
2582-208X

# କିଏ ସେ'
# ଅଦୃଶ୍ୟ ନାରୀ



ଡ.ଶଶଧର ମହାପାତ୍ର

କିଏ ସେ ଅଦୃଶ୍ୟ ନାରୀଶକ୍ତି ?
ମୋ' ସ୍ୱପ୍ନରେ ବାରମ୍ବାର ଆସି
ମୋତେ ବାନ୍ଧି ଦିଏ
ତା' ଭଲପାଇବାର ଡୋରିରେ ?
ଚିହ୍ନା ଚିହ୍ନା ଲାଗୁଥିଲା
ତା' ଚେହେରା,
ଚିହ୍ନା ଚିହ୍ନା ତା' ଛୋଟ ଛୋଟ ଦିଓଟି ଆଖି,
ଆଖିରେ ଭରିଥିଲା ଲୁହ,
ମୋ' ମନରେ ବିଛାଇଦିଏ ଅଡୁଆ ଖିଅ ।
କିଏ ସେ ଅଦୃଶ୍ୟ ନାରୀ ?
ଯିଏ ଏକ ଲଠା ପାହାଡର ପାଦଦେଶରେ
ଛିଡା ହେଇ ଇସାରାରେ ଡାକୁଥିଲା
ହାତ ହଲେଇ,
ପବନରେ ଭାସି ଆସୁଥିଲା
ତା' ମିଠା ମିଠା କଣ୍ଠସ୍ୱର,
ଆ, ମୁଁ ତୋତେ ପାହାଡ ଚଢେଇ ଦେବି ?
ଆ, ମୁଁ ତୋତେ ପାହାଡ ଭଳି ଦମ୍ଭ କରିଦେବି ?
ଆ, ମୁଁ ତୋତେ ମେଘକୁ ଛୁଆଁଇଦେବି ?
ଠିକ୍ ମୋ' ବୋଉଭଳି ଦିଶେ ତା' ଚେହେରା,

ISSN NO.
2582-208X

ମନରେ ପ୍ରଶ୍ନ ଆସେ -
ସିଏ ମୋ' ବୋଉ ନୁହେଁତ ?
ଯିଏ କଥା କଥାକରେ, ପ୍ରତି କାମରେ
ମୋ' ଯିବା ବାଟ ଓଗାଳୁଥିଲା, ମୋ' ପ୍ରତି ଯାହାର
ବିଶ୍ୱାସ କମ୍ ଥିଲା, କାଳେ ମୁଁ ସେ' କାମ ଠିକ୍ ଭାବେ
କରିପାରିବି କି ନାହିଁ ସେଥିପାଇଁ ମୁଁ ମାନସିକ
ସ୍ତରରେ ପ୍ରସ୍ତୁତ କି ନୁହେଁ ପ୍ରଶ୍ନ ପଚାରୁଥିଲା,
ମୋ' ପ୍ରତି ଭରସା ତା'ର କମ୍ ଥିଲା,
ସେ' କେମିତି ଆଜି ପାହାଡ ଚଢେଇବାର କି
ମେଘକୁ ଛୁଆଁଇ ଦେବାର ସ୍ୱପ୍ନ ଦେଖାଉଛି ?
ବଦଳି ଯାଇଛି କି ସିଏ ?
ନା, ବଦଳି ଯାଇଛି ମୁଁ ?
ଏ' ବୃଦ୍ଧ ବୟସରେ ଥକି ଗଲାଣି ପାଦ,
ଥରିଲାଣି ଓ ଥମି ଗଲାଣି ହାତ,
ଭାରାକ୍ରାନ୍ତ ହେଇଯାଇଛି ମନ,
ଦୁର୍ବଳ ହେଇଗଲାଣି ହୃଦୟ,
ତଥାପି ସିଏ ଡାକୁଛି ଆସିଯାଆ,
କହୁଛି, ମୁଁ ପାହାଡ ଚଢେଇ ଦେବି ?
ସତେ ଯେମିତି ୟୁକ୍ରେନ୍ ଓ ରସିଆ
ଯୁଦ୍ଧକୁ ଡାକରା ଦେଉଛି ସିଏ,
କିନ୍ତୁ, ମୁଁ ମୁକାବିଲା କରିପାରିବି ତ ?
ମୋ' ଶକ୍ତି, ସାମର୍ଥ୍ୟକୁ ମାପୁଛି ମୁଁ,
ମନ କହୁଛି, ମୋତେ ଆଉ
ପାହାଡ ଚଢିବାକୁ କହନା ବୋଉ,
ବରଂ ପତେଇ ଦେ ତୋ' କୋଳ,
ମୁଁ ଅଝଟିଆ ଶିଶୁଟିଏ ଭଳି
ଆନନ୍ଦରେ ଶୋଇଯାଏ ତୋ' କୋଳରେ,

ISSN NO.
2582-208X

ଟିକେ ଆଉଁସି ଦେ ତୋ' ହାତରେ ମୋ' ମୁଣ୍ଡ,
ଯଦି ପାରୁଛୁ ତୋ' ମୁହଁକୁ ମୋ' ମୁହଁରେ ଗୁଞ୍ଜି
ଚୁମ୍ବନଟିଏ ଦେଇଦେ ମୋ' ମୁଣ୍ଡର,
ନିରାପଦରେ ଶୋଇ ମୁଁ ସ୍ୱପ୍ନ ଦେଖୁଥାଏ,
ଆଉ ତୁ ଆସିଯାଉଥା ସେ' ସ୍ୱପ୍ନରେ ।
ହଁ, ଏବେ ଘଣ୍ଟା କଣ୍ଟା ବାଜିଲାଣି,
ସମୟ ପାଖେଇ ପାଖେଇ ଆସିଲାଣି,
ଆଉ ବେଶୀ ଦୂର ନୁହେଁ,
ସ୍ୱପ୍ନ ଦେଖୁଛି ମୋର ସେ' ଫେରିବା ବାଟକୁ,
ଯେଉଁଠିକୁ ତୁ କେବେଠୁଁ ଚାଲିଗଲୁଣି,
ଆମର ବି ଦେହଶୁଆ ହେଇଗଲାଣି,
ଏକ ରକମର ଭୁଲି ଗଲୁଣି ତୋତେ,
ଭୁଲି ଗଲୁଣି କେବେ ତୋ' ଶ୍ରାଦ୍ଧ,
ଦିନ, ବାର, ତିଥି ?
ଜାଣୁ କେବଳ "ଗାଦିନନା', ଆମ କୂଳ ପୁରୋହିତ
ପାଞ୍ଜି ଦେଖି ମନେ ପକାଇଦେଲେ,
ହଁ, ଜାଣି ଖୁସୀ ହେବୁ ଯେ
ଗଲାସନ ପ୍ରଥମ ପିଠ ଦେଇଥିଲି ମୁଁ
କାରଣ ଓଡିଶାରେ ମୁଁ ଥିଲି ସେତେବେଳେ ।
ସତରେ କ'ଣ ତୋ' ପିଣ୍ଡ ଦିଆବେଳେ ତୁ ଆସୁ ?
ବୋଧହୁଏ ଆସୁଥିବୁ ଏ' ଅରକ୍ଷିତ ପିଲାମାନଙ୍କୁ
ଆର୍ଶିବାଦ ଦେବାକୁ,
ଭୁଲିବୁ କେମିତି ?
କ'ଣ ନ ଦେଇ ଯାଇଛୁ ଯେ ?
ଧନ, ସଂପତ୍ତି, ମୁଖରେ ଅମୃତବାଣୀ,
ଛୋଟ ପରିବାର ସୁଖୀ ପରିବାର,
ଆମର ଏ' ଛୋଟ ଦୁନିଆକୁ

ISSN NO.
2582-208X


କରିଦେଇଯାଇଛୁ ଅମୃତମୟ,
ଆଉ ଆମର କ'ଣ ଲୋଡା ?
କି ଘଡି ମୂଳରେ ଜନ୍ମ ଦେଇଥିଲୁ କେଜାଣି ?
ସମସ୍ତଙ୍କୁ ଭଲ ମଣିଷ କରି ଦେଇ ଯାଇଛୁ,
ଆମେ ସମସ୍ତେ ଭଲରେ ଅଛୁ, ଖୁସିରେ ଅଛୁ,
ସେଥିପାଇଁ ତୋ'ର ଜୟ ଜୟକାର କରୁଛୁ,
ତୁତ ଆମ ପାଖରେ ସବୁବେଳେ ଛାଇଟିଏ
ପରି ଅଛୁ, ସେମିତି ପାଖେ ପାଖେ ଥାଆ,
ଘଣ୍ଟ ଘୋଡେଇ ରଖିଥାଆ,
ଅଦୃଶ୍ୟରେ ଥାଇ ହାତଧରି ନେଉଥାଆ ।

(ମୁଁ ଗତ ବର୍ଷ ଅବସର ନେଲା ପରେ ଛଅ ମାସ ପାଇଁ ଓଡିଶା ବୁଲି ଯାଇଥିଲି । ସେହି ସମୟରେ ମୋ' ବୋଉର ଶ୍ରାଦ୍ଧ ପଡିଥିଲା । ପରିବାର ଜନ ମୋତେ ଶ୍ରାଦ୍ଧ ଦିନ ପିଣ୍ଡ ଦେବାକୁ କହିଲେ । ଏହା ଥିଲା ମୋ' ବୋଉ ପାଇଁ ମୋର ପ୍ରଥମ ପିଣ୍ଡଦାନ ।)

ହିଡେନ୍ ଭାଲି ଲେନ୍, ସିଲଭର୍ ସ୍ପ୍ରିଙ୍ଗ୍,
ମେରୀଲ୍ୟାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା
ଫୋନ୍-୩୦୧୮୮୭୭୦୦୨

ISSN NO.
2582-208X

# ଭୂତ



ଇଂ. ସୁଶାନ୍ତ କିଶୋର ବଳ

ଯାହା ବିଗତକାଲି ଘଟିଯାଇଛି
ଅବା ହୋଇଯାଇଛି ଅବା ମିଟି ଯାଇଛି,
ତାହା ହୋଇଯାଇଛି ଇତିହାସର ଅଂଶ.
ଅତୀତ ଗର୍ଭରେ ଯାହା ଲୀନ ହୋଇଛି,
ସତ୍ତା ଯାହାର ଲୋପ ପାଇଅଛି,
ସେ ଆଖ୍ୟାପାଏ 'ଭୂତ' !

ଅଶ୍ରୁଳ ନୟନେ କାଳକାଟୁ ଥାଏ
ନୀଶିପ୍ରାଣ ନୀରିବାକେ ଦେଖିରହୁଥାଏ
'ବର୍ତ୍ତମାନ' ଦୁନିଆର ବର୍ଣ୍ଣ, ବୈଭବ .
ସେବି ଅନୁରୂପେ ଭାଗ ନେଉଥିଲା ଦିନେ
ଯେତେବେଳେ ତାର ଥିଲା 'ବର୍ତ୍ତମାନ' .
ନିଜ ଜୀବନର ଗ୍ରନ୍ଥକାର ସେ ଥିଲା ,
ପ୍ରଚ୍ଛଦପଟ ନିଜେ ଆଂକୁଥିଲା ,
ସେ ଭାଷ୍ୟକାର ଥିଲା, ଉଦଘୋଷକ ଥିଲା .
ସ୍ତମ୍ଭକାର ଥିଲା, ଇତିହାସକାର ଥିଲା .
ହେଲେ ଆଜି ?
ଆଜି ହୋଇଛି ଅତୀତ, ବିଗତେ ଲିଖିତ.
ପଡିଅଛି କେଉଂ ଅଜଣା କୋଣେ ଅପୁଚ୍ଛେ୍ୟ ହତାଦରେ, ଅନାହାରେ,

ISSN NO.
2582-208X

ଅଲୋଡେ, ଅସ୍ମୃତେ, ବିସ୍ମୃତେ ।
ଅଂଧକାର କୂପେ ପଡିରହିଅଛି ଶ୍ରାପିତେ।

ବୋଧହୁଏ କେହି ମନୀଷୀ କହିନଥିଲେ,
ଦେଇବି ନଥିଲେ ଉପଦେଶ,
ନାଂ ଦେଇଥିଲେ ଚେତାବନୀ ।
ନାଂ କରିଥିଲେ ଭବିଷ୍ୟବାଣୀ ଏହିକିଯେ–
'ତୋର ବି ଦିନେ ଆସିବ ସମୟ ।
ନକର ନକର ସମୟ ଅପଚୟ,
କିଛି କରିଯାଅ ଭବିଷ୍ୟ ପାଇଁ,
ସମୟ ବକ୍ଷ୍ୟେ ଛାପିଯାଅ କିଛି କିର୍ତୀ ।
ଗଢିଯାଅ କିଛି ସୁକୃତୀର ଅଭଂଗା ସ୍ତମ୍ଭ ।
ଯାହା ରହିଥିବ ଅଖ୍ୟତ ଯୁଗୁଯୁଗକୁ, କାଳକାଳକୁ
ଚିର ଜାଜ୍ଜୁଲ୍ୟମାନ,
ଚିର ଦେଦୀପ୍ୟମାନ; ମରଣ ଉପରାନ୍ତେ
ଭି ତମ ସ୍ମୃତି ରହିଥିବ ଅଲିଭା, ଅମିଟା
ଅବଦମିତ, ଅପ୍ରଶମିତ; ଯା' ସ୍ମରଣେ
ତମ ଦାୟାଦେ ବି ହେଉଥିବେ ଗର୍ବୀତ ।
ଶରୀର ମର, ହେଲେ ଆତ୍ମା ଅବିନାଶ,
କ୍ରୀୟା ଅଳ୍ପସ୍ଥାୟୀ, କୃତି ଅମର
ସୁଂଦରୀ ସ୍ୱଳ୍ପସ୍ଥାୟୀ, ସୌଂଦର୍ଯ୍ୟ ଅମର ।
ପ୍ରତିପତ୍ତି ଅଳ୍ପସ୍ଥାୟୀ, ପ୍ରତିଭା ଅମର ।
ହୁଏନାହିଁର କେଭେବି ଅନ୍ତ  ଯାର !

'ବର୍ତମାନ' ଗର୍ବୀତ, ଅତୀତ ବିସ୍ମୃତ ।
ଅଧୂନା ଉଜ୍ଜ୍ୱଳ, ଅତୀତ ଧୂମୀଳ ।
ବିଭାବସୁ ଥାଏ ଦିବସେ ପରାକ୍ରମୀ

ISSN NO.
2582-208X

ରାତ୍ରୀ ଢଳିଗଲେ ହୁଏସେ ଅସ୍ତଗାମୀ .
ସେହିପରି ରାତ୍ରୀରେ ଛାଏ ଘନଅମା
ପ୍ରଭାତେ ଲୁଚଇ ତାର ଗାରିମା .
ସାଗରେ ତିମୀ ମହା ବଳୀୟାନ
ଅତୁଳ, ଅବିଜୟ, ପରାକ୍ରମୀ ସର୍ବଶକ୍ତିବାନ,
ତଟପରେ ଲାଗିଲେ ନୀର୍ଜୀବ ବେଜାନ୍ .
ହେଲେ ବିରତ୍ୱ ତାର ଅଟେ ମହାନ,
ରହିଥାଏ ହୋଇ ଅତୁଲ୍ୟ ନୀଦର୍ଶନ.

'ଭୂତ' ର ପୃଷ୍ଠଭୂମି ପରେ ଭବିଷ୍ୟ ସ୍ୱପ୍ନରେ
ଗଢିତୋଳି ଚାଲ ସ୍ୱର୍ଣମୟ 'ବର୍ତମାନ' .
ସେହି ସ୍ୱର୍ଣାଭ କିର୍ତୀ ଦିନେ ବି ଲୁଚିଯିବ
ଅତୀତ ଗର୍ଭରେ, ରହିଯାଇ ଥିବ ଖାଲି
ପୃଷ୍ଟେ ତମ ସ୍ମୃତି, କ୍ରୀୟା, କୃତୀ .
ସମୟର ଲମ୍ବା ରାଜରାସ୍ତା ପରେ
ହୋଇ ଅନୀର୍ବାପିତ ବତୀଖୁଂଟି .
ମାର୍ଗଦର୍ଶକ ସାଜି ଦେଉଥିବ ମହାର୍ଘ
ବିକିରଣ, ତାପ, ଜୀବନ ଦର୍ଶନ .
ଅନୁପ୍ରାଣିତ ହେଉଥିବେ ଭବିଷ୍ୟ ବଂଶଧର
ଅନୁସରି ତମ ସ୍ଥାପିତ ମାର୍ଗ, ଐତିହ୍ୟ, ପଥ.

'ଭୂତ ଓ ଭବିଷ୍ୟ'କୁ ଯୋଡିଥାଏ 'ବର୍ତମାନ'
ଭୂତର ଅନୁଭୂତି କାମେ ଆସିଥାଏ,
ବର୍ତମାନକୁ ସୁଚାରୁରୂପେ ସୁନିୟୋଜିତେ,
ଗଢିତୋଳି ବାକୁ ଏକ ଘଟଣାବହୁଳ
କିର୍ତୀମାନ ଜାଜୁଲ୍ୟମାନ ଭବିଷ୍ୟ.

କଟକ

ISSN NO.
2582-208X

# ଭିତର ଫମ୍ପା ଉପର ଚକଚକିଆ



ଡକ୍ଟର ବିଜ୍ଞାନୀ ଦାସ

ତଳେ ସବୁ ରଙ୍ଗୀନ କାର୍ପେଟ ବିଛାଯାଇଥିଲା । ନାଲି, ନୀଳ, ହଳଦିଆ ରଙ୍ଗର କାର୍ପେଟ ସବୁ । ଅତି ଚମତ୍କାର ଦିଶୁଥାଏ । ମୁଁ ଆଗକୁ ଦେଖୁଥାଏ । ସଭାସ୍ଥଳୀକୁ ଯିବା ପାଇଁ କେଉଁପଟେ ତୀର ଚିହ୍ନ ରହିଛି, ସେସବୁକୁ ଦେଖୁଥାଏ । ହଠାତ୍ ଝୁଣ୍ଟିପଡିଲି । ପଡୁପଡୁ ରକ୍ଷାପାଇଲି । ତାପରେ ଦେଖିବାବେଳକୁ ତଳ ସବୁ ଖାଲଢିପ । କିଛି ବି ସମାନ୍ତରାଳ ନଥିଲା । ଜଣେ ପରିଚିତ ସାଙ୍ଗ ଦିଶିଲେ । ସିଏ କହିଲେ, "ତଳକୁ ଦେଖିକରି ଚାଲ । ନହେଲେ ଏ ରାସ୍ତାରେ କାର୍ପେଟ ତଳେ କଣ ଅଛି, ଜଣାନାହିଁ । ଖାଲି ରଙ୍ଗ ଦେଖେଇବାକୁ ଏମାନେ ସବୁ କାର୍ପେଟ ଦେଇ ଆଚ୍ଛାଦିତ କରିଦେଇଛନ୍ତି । କିନ୍ତୁ ତଳେ ସେମିତି, ମାଟି, ଗୋଡି, ପଥର ରହିଛି । ପଡିଯିବ ଯଦି ଗଲା ।'

ଏବେ ମୁଁ ତଳକୁ ଦେଖି ବାଟ ଚାଲିଲି । ବାଟାସାରା ଦେଖିଲି ସାମ୍ବାଦିକମାନେ ପ୍ରବାସୀ ଭାରତୀୟମାନଙ୍କୁ ଠୁଳ କରି ପ୍ରଶ୍ନ ପଚାରି ଚାଲିଛନ୍ତି ଓ ସେମାନଙ୍କର ମନ୍ତବ୍ୟ ରେକର୍ଡ କରୁଛନ୍ତି । ଏମିତି ୩୦ଟି ଠୁଳ ଦେଖିଦେଖି ଯାଉଯାଉ ସଭାସ୍ଥଳୀ ଆସିଗଲା । ସେଠି ଭିତରକୁ ଯିବାପାଇଁ ବ୍ୟାଗ୍ ସବୁକୁ ଯାଞ୍ଚ କରାଯାଉଥିଲା । ମୁଁ ସେ ଭିତରେ ପହଞ୍ଚିବା ବେଳକୁ ଅନେକ ଲୋକ ଭର୍ତ୍ତି ଥିଲେ । ଆଗରେ କିଛି ଜାଗାନଥିଲା । ଏହି ସମୟରେ ଆମେରିକାର ଓଡିଆ ସଂସ୍ଥା ଓସାରୁ ଯାଇଥିବା କିଛି ସାଙ୍ଗସାଥୀଙ୍କୁ ଦେଖିଲି । ସେମାନେ ସବୁ ଏକତ୍ରିତ ହୋଇ ବସିଥିଲେ । ସେଠି ଅବଶ୍ୟ ଆଉ କିଛି ସିଟ୍ ଖାଲିନଥିଲା । ତେଣୁ ମୁଁ ୬-୭ ଧାଡି ପଛରେ ଥିବା ଗୋଟିଏ ସିଟ୍ ରେ ଯାଇ ସ୍ଥାନ ସଂରକ୍ଷଣ କରିଦେଲି ।ସେଠି

ISSN NO.
2582-208X

ମୋ ଡାହାଣ ପଟେ ଜଣେ ବସିଥିଲେ । ସିଏ କତାର୍‌ରୁ ଆସିଥିଲେ । ସେମାନେ ପ୍ରାୟ ୧୦୦ ଜଣ କତାର୍‌ରୁ ଆସିଛନ୍ତି ବୋଲି ସିଏ ଜଣେଇଲେ ।

ମୁଁ ସେଠି ମୋ ସିଟ୍‌ରେ ବ୍ୟାଗ୍ ରଖି ଆଗ ସିଟ୍ ମାନଙ୍କରେ ବସିଥିବା ଓସାର ଓଡିଆ ସାଙ୍ଗମାନଙ୍କ ନିକଟକୁ ଚାଲିଗଲି । ଆମେ ସମସ୍ତେ ମିଶି କିଛି ଫଟୋ ଉଠେଇଲୁ । ଏହି ସମୟରେ ଓଡିଶାର ବିଜେପି ଦଳର ସଭାପତି ମନମୋହନ ସାମଲ ସେଇ ସ୍ଥଳୀରେ ପହଞ୍ଚିଲେ । ଓସାର ପୂର୍ବତନ ଉପସଭାପତି, ମୋର ସାନଭାଇ ତୁଲ୍ୟ ଧୀର ତାଙ୍କୁ ଧରି ଆମ ଓସା ଗହଣକୁ ନେଇଆସିଲା ଓ ସମସ୍ତଙ୍କ ସହିତ ପରିଚିତ କରାଇଦେଲା । ରାଜନୀତିରେ ମୋର ଆଗ୍ରହ ନଥିଲେ ବି ରାଜନେତାଙ୍କ ପ୍ରତି ମୋର ସମ୍ମାନ ଥାଏ । ସେମାନେ ଦିନରାତି ଅନେକ ପରିଶ୍ରମ କରନ୍ତି, ଅନେକ ସମାଲୋଚନା ସହନ୍ତି, ତା ଭିତରେ ବି ହାର୍‌ଜିତ୍‌ର ମାୟାବୀ ଶକ୍ତି ସବୁବେଳେ ସେମାନଙ୍କ ଜୀବନକୁ ଆଚ୍ଛାଦିତ କରି ରଖିଥାଏ । ଗତ ନିର୍ବାଚନ ବେଳେ ଟିଭିରେ ଦେଖିଥିଲି, ଭୋଟ୍ ପାଇଁ ରାଜନେତାମାନଙ୍କୁ କେତେକଣ କରିବାକୁ ପଡିଥିଲା । କିଏ ଯାଇ ମନ୍ଦିରରେ ଝାଡୁ କରୁଥିଲା ତ କିଏ ଯାଇ କାଦୁଅରେ ପଶି ବିଲରେ ଧାନ ରୋଉଥିଲା । କିଏ ପୁଣି କେତେଜଣଙ୍କ ଅଧୁଆ, ମଇଳା ହାତରୁ ମିଠା ଓ ନାନା ରକମର ଖାଦ୍ୟ ଖାଉଥିଲା । ଯାହାବି ହେଉ ମନମୋହନ ବାବୁଙ୍କୁ ଦେଖି ଭଲଲାଗିଲା । ଏଇଥିପାଇଁ ଭଲଲାଗିଲା ଯେ, ମୁଖ୍ୟମନ୍ତ୍ରୀ ପଦ ତାଙ୍କର ପ୍ରାପ୍ୟ ଥିଲା, କିନ୍ତୁ ସେଇଟା ହେଲାନି । ଏବେ ଏ ଗହଳିରେ ଯେତେବେଳେ ମୁଖ୍ୟମନ୍ତ୍ରୀଙ୍କୁ ଏତେ ପ୍ରାଧାନ୍ୟ ଦିଆଯାଉଥିଲା, ସେତେବେଳେ ତାଙ୍କ ଭାବନାରେ କଣ ଚାଲିଥିବ, ଜଣାନାହିଁ । ତଥାପି ସିଏ ଆସିଥିଲେ, ନିଜ ଦଳପ୍ରତି ଆନୁଗତ୍ୟ ଓ ସମ୍ମାନ ପ୍ରଦର୍ଶନ କରି ଆସିଥିଲେ । ସେ ମନୋଭାବ ପାଇଁ ମତେ ତାଙ୍କ ପାଇଁ ଶ୍ରଦ୍ଧା ଜାଗ୍ରତ ହେଲା ।

ମୁଁ ଗେଟ ଭିତରକୁ ପ୍ରବେଶ କରିବା ବେଳକୁ ସକାଳ ୭ଟା ୫୫ ହୋଇଥିଲା । ଭାଗ୍ୟ ଭଲ ଯେ ମୁଁ ଗତକାଲିର ସାତପଡା ଟୁର୍‌ରୁ ଫେରି କଂପ୍ୟୁଟର୍ ଯାଞ୍ଚ କରିଥିଲି । ସେଠି ଦେଖିବାବେଳକୁ ସକାଳ ୮ଟା ପରେ ଗେଟ୍ ଆଉ ଖୋଲିବନି ବୋଲି ଲେଖାଯାଇଥିଲା । ମୁଁ ଯେତେବେଳେ ଏ ବିଷୟରେ ଜାଣିଲି, ସେତେବେଳେ ମୋ ଭାଇ, ଭାଉଜ ଓ ଘରର ଅନ୍ୟମାନେ ଶୋଇସାରିଥିଲେ । ଏବେ ମୁଁ କାହାକୁ ଏକଥା ଜଣେଇବି । ଓସା ତରଫରୁ ହୋଇଥିବା ହ୍ୱାଟ୍‌ସ୍‌ଆପ୍ ଗ୍ରୁପ ରେ ମୁଁ ଏ ବିଷୟରେ ସମସ୍ତଙ୍କୁ ଲେଖି ଜଣେଇଦେଲି ।

ISSN NO.
2582-208X

ରାତିସାରା ଭଲରେ ନିଦ ହେଲାନି । ସକାଳୁ ଉଠି ଗାଧୋଇସାରି ପ୍ରସ୍ତୁତ ହୋଇ ରହିବାର ଥିଲା । ତାପରେ ମତେ ୯ ଓ ୧୦ ତାରିଖ ଦୁଇଦିନ ଦିଅରଙ୍କ ପାଖରେ ଚନ୍ଦ୍ରଶେଖରପୁରରେ ରହିବାର ଥିଲା । ତେଣୁ ମୁଁ ସେଇ ଅନୁଯାୟୀ ଗୋଟିଏ ବାକ୍ସ ବି ପ୍ରସ୍ତୁତ କରିଦେଲି । ସକାଳ ହେବାମାତ୍ରେ ମୁଁ ଏକଥା ଯାଇ ମୋ ଭାଇକୁ ଜଣେଇଲି । ସିଏ କହିଲା, "ଠିକ୍ ଅଛି । ମୁଁ ଠାକୁର ପୂଜା କରିସାରି ଚାହା କରିଦେବି । ଆମେ ଚାହା ପିଇ ବାହାରି ଯିବା ।' ଆମେ ତା ଘରୁ ୭ଟା ୩୦ରେ ସକାଳ ଜଳଖିଆ ନଖାଇ ଖାଲି ଚାହା ପିଇ ବାହାରିଗଲୁ । ମୋ ବାକ୍ସଟି ମଧ୍ୟ ତା' ଗାଡିରେ ରହିଲା । ଦିଅରଙ୍କୁ ସେ ବାକ୍ସଟି ଦେବା ତା' ଦାୟିତ୍ୱରେ ରହିଲା । କାଳେ ଡେରି ହୋଇଯିବ, ସେଥିପାଇଁ ଛନଛନ ଲାଗୁଥାଏ । ତେବେ ୭ଟା ୫୫ ବେଳକୁ ମୁଁ ଜନତା ମୈଦାନର ମୁଖ୍ୟ ଦ୍ୱାର ପାଖରେ ପହଞ୍ଚି ଯାଇଥିଲି । ଯାଞ୍ଚ ପରେ ବୁଲିବୁଲି ଦେଖିଦେଖି ଆସି ହଲ୍ ରେ ପହଞ୍ଚିବା ବେଳକୁ ୮ଟା ୧୫ ହୋଇଥିଲା। ତାପରେ ସାଙ୍ଗମାନଙ୍କ ସହିତ ଦେଖାହୋଇ ଫଟୋଉଠା ପର୍ବ ମଧ୍ୟ ସରିଗଲା।

ଏବେ ଏତେ ସମୟ ବସିକରି ରହିବି କଣ ? ଅନ୍ୟମାନେ ସମସ୍ତେ ଆଉ ଗୋଟିଏ ପାଖ ହଲ୍‌ର ଚାହା ମିଳୁଥିବାର ସୂଚନା ଦେଲେ । ମୁଁ ତେଣୁ ସେ ହଲ୍‌ରୁ ବାହାରକୁ ଆସିଲି ଓ ଖାଦ୍ୟ ପରିବେଷିତ ହେଉଥିବା ହଲ୍ ଭିତରକୁ ଗଲି । ସେମାନେ ସମସ୍ତଙ୍କର ପରିଚୟପତ୍ର ଯାଞ୍ଚ କରୁଥିଲେ । ଭିତରକୁ ଯାଇ ଦେଖିଲି ସେଠି ଚାହା, କଫି ଥିଲା ଓ କୁକି ମଧ୍ୟ ଥିଲା। ଚାହା ପିଉଥିବା ସମୟରେ ମୁଁ ଲଣ୍ଡନରେ ରହୁଥିବା ଜଣେ ଭଦ୍ରବ୍ୟକ୍ତିଙ୍କୁ ଭେଟିଲି । ସିଏ ଜଣେ ରିଅଲ୍ ଇଷ୍ଟେଟ ବ୍ୟବସାୟୀ । ସିଏ ମତେ ତାଙ୍କ କାର୍ଡ ଦେଲେ ଓ ତାଙ୍କ ପତ୍ନୀଙ୍କ ସହିତ ପରିଚୟ କରେଇଦେଲେ । ମୁଁ ମୋ ଝିଅ ଲଣ୍ଡନରେ ରହୁଛି ବୋଲି କହିଲି । ଆମେ କିଛି ଗପଶପ କଲୁ । ସିଏ ଜଣେଇଲେ ଯେ, ଇଂଲାଣ୍ଡର ବାଥ୍ ସହରରେ ଏକ ଜଗନ୍ନାଥ ମନ୍ଦିର ରହିଛି । ମୁଁ ଆଶ୍ଚର୍ଯ୍ୟ ହୋଇଗଲି । "ଆମେତ ନଭେମ୍ବର ୨୦୨୪ରେ ବାଥ୍ ସହର ଯାଇଥିଲୁ । ସେଠି ଦୁଇଦିନ ରହିଥିଲୁ । କାହିଁ ଏକଥା ତ ମୁଁ ଜାଣିନଥିଲି । ଏବେ ଲଣ୍ଡନ ଗଲେ, ନିହାତି ବାଥ୍ ଯିବୁ ଓ ମନ୍ଦିର ଦେଖିବୁ ।' ସିଏ ଖୁସି ହୋଇ କହିଲେ, "ନିଶ୍ଚୟ । ସେ ମନ୍ଦିରର ମୁଖ୍ୟ ବ୍ୟବସ୍ଥାପକ ଯିଏ, ସିଏ ମଧ୍ୟ ଏ ସମ୍ମିଳନୀକୁ ଆସିଛନ୍ତି । ଆପଣ ତାଙ୍କୁ ନିଶ୍ଚୟ ଭେଟିବେ ।'

ISSN NO.
2582-208X

ଚାହା ପିଇ ଓ ଗୋଟିଏ ପାଣି ବୋତଲ ଧରି ପୁଣି ସଭା ହେବାକୁ ଥିବା ମୁଖ୍ୟ ହଲ୍‌କୁ ଆସିବାବେଳକୁ ଗାର୍ଡ ମୋ ପାଣିବୋତଲ ଛାଡିଲେନି । ଏବେ ବାଧ୍ୟ ହୋଇ ମତେ ପାଣି ବୋତଲର ମୋହ ତ୍ୟାଗ କରି ଭିତରେ ପଶିବାକୁ ପଡିଲା । ପହଞ୍ଚିବା ବେଳକୁ ଲୋକମାନେ ସମସ୍ତେ ଗପଶପରେ ମଶ୍ଗୁଥାଆନ୍ତି । ସମସ୍ତଙ୍କୁ ୮ଟା ପୂର୍ବରୁ ପହଞ୍ଚିବାକୁ କୁହାଯାଇଥିଲା । କିନ୍ତୁ ମୋଦିଙ୍କ ଦ୍ୱାରା ସଭା ଆରମ୍ଭ ହେବାର ସମୟ ଥିଲା ୧୦ଟା । ମୁଁ ଏବେ ମୋ ନିଜ ସିଟ୍ ରେ ବସିଲି ଏବଂ ଆଗ, ପଛ ଓ ପାର୍ଶ୍ୱରେ ଥିବା ସମସ୍ତଙ୍କ ସହିତ କଥାବାର୍ତ୍ତା କଲି । ଆମ ପଛସିଟରେ ଯେଉଁମାନେ ବସିଥିଲେ, ସେମାନଙ୍କର ଭାରତର ବନ୍ଦର ମାନଙ୍କରେ ଥିବା ଅବ୍ୟବସ୍ଥାକୁ ନେଇ କିଛି ଅସନ୍ତୋଷ ରହିଥିଲା । ସେମାନେ ଚାହୁଁଥିଲେ, ପ୍ରବାସୀ ଭାରତୀୟ ଦିବସ ଅବସରରେ ସେମାନେ ଯଦି ଉପରିସ୍ଥ ସରକାରୀ ମନ୍ତ୍ରୀ କି ସଚିବ ମାନଙ୍କ ସହିତ ଭେଟ ହେବାର ଓ କଥାବାର୍ତ୍ତା କରିବାର ସୁଯୋଗ ପାଆନ୍ତି, ତେବେ ସେମାନେ ନିଜର ଦାବିପତ୍ର ଦେଇପାରିବେ ଓ ଭାରତର ବନ୍ଦର ମାନଙ୍କରେ ହେଉଥିବା ଆନ୍ତର୍ଜାତିକ ବାଣିଜ୍ୟ ପରିଚାଳନାରେ ରହିଥିବା ତୃଟି ଓ ତାର ସମାଧାନ ବିଷୟରେ ଆଲୋଚନା କରିପାରିବେ । ଆମ ଆଗଧାଡିରେ ବସିଥିବା ଜଣେ ଭଦ୍ରବ୍ୟକ୍ତି ନିଜ ଯୋଗ ଅନୁଷ୍ଠାନ ବିଷୟରେ ଫ୍ଲାଏର ବାଣ୍ଟୁଥିଲେ । ମୋ ବାମ ପଟେ ବସିଥିବା ବ୍ୟକ୍ତି ନେଦରଲାଣ୍ଡରୁ ଆସିଥିଲେ । ଏମିତି ସମସ୍ତଙ୍କ ସହିତ ଗପଶପ ହେଉଥିବା ବେଳେ ଘୋଷଣା କରାଗଲା ଯେ, ୫ ମିନିଟ୍ ଭିତରେ ମୋଦିଜୀ ହଲ୍ ଭିତରେ ପ୍ରବେଶ କରିବେ । ତେଣୁ ସମସ୍ତେ ନିଜନିଜ ସିଟ୍‌କୁ ଯାଇ ସ୍ଥାନ ସଂରକ୍ଷିତ କରି ବସନ୍ତୁ ।

ସମସ୍ତେ ନିଜନିଜ ସିଟ୍‌କୁ ଫେରିଲେ । ୫ ମିନିଟ୍ ଭିତରେ ମୋଦିଜୀ ପ୍ରବେଶ କଲେ । ତାଙ୍କ ପାଇଁ ସମ୍ମାନ ପ୍ରଦର୍ଶନ ସ୍ୱରୂପ ସମସ୍ତେ ଠିଆ ହୋଇ ରହିଲେ । ଆମ ପଛସିଟ୍ ରେ ଥିବା ବ୍ୟକ୍ତିମାନେ "ମୋଦିଜୀ, ମୋଦିଜୀ' କହି ସ୍ଲୋଗାନ୍ ଦେଲେ । ଆଉ କିଛି ବ୍ୟକ୍ତି ଥିଲେ, ସେମାନେ ବିଭିନ୍ନ ରଙ୍ଗର ଏକ ଚିତ୍ରବିଚିତ୍ର ପତାକା ଧରି ଠିଆ ହୋଇଥିଲେ । ପ୍ରେସ୍‌ର ଲୋକମାନେ ସମସ୍ତେ ଆମମାନଙ୍କର ବାମପଟରେ ଟିକେ ସମ୍ମୁଖକୁ ଏକ ମଞ୍ଚଉପରେ ରହିଥିଲେ । ସେମାନଙ୍କର ଦୃଷ୍ଟି ଆକର୍ଷିତ କରିବାକୁ ଅନେକ ଦଳ ଅନେକ ରକମର ଭାବଭଙ୍ଗୀ, ସ୍ଲୋଗାନ୍, ପତାକା ଧରି ଠିଆହେବା ଇତ୍ୟାଦି କାର୍ଯ୍ୟରେ ନିଯୁକ୍ତ ଥିଲେ । ମୋଦିଜୀ ବସିଗଲେ । ତାପରେ ସମସ୍ତେ ବସିଗଲେ । ସ୍ୱାଗତ ସଙ୍ଗୀତ ଗାନ କରାଗଲା । ତାପରେ ଆରମ୍ଭହେଲା ବିଭିନ୍ନ ପ୍ରମୁଖ ବ୍ୟକ୍ତିଙ୍କ ଭାଷଣ ପର୍ବ ।

ISSN NO.
2582-208X

ସେସବୁ ଭାଷଣରେ ମୋର ଏତେ ଆଗ୍ରହ ନଥିଲା । ନେତାମାନେ ସବୁବେଳେ ଅନେକ କିଛି ପ୍ରତିଜ୍ଞା କରିପକାନ୍ତି । ତା' ଭିତରୁ ଶତକଡା ୧-୨ ଭାଗ ଯଦି କେବେ ପୂର୍ଣ୍ଣ ହୁଏ ତ ସେଇଟା ଭାଗ୍ୟର କଥା । ତେବେ ସେମାନଙ୍କ କଥା ସବୁ ଶୁଣିବାକୁ ଭଲଲାଗୁଥିଲା । ଏ ବର୍ଷର ପ୍ରବାସୀ ଭାରତୀୟ ସମ୍ମିଳନୀର ମୁଖ୍ୟ ପ୍ରସଙ୍ଗ ଥିଲା "ବିକଶିତ ଭାରତ' । ସେଇ ପ୍ରସଙ୍ଗ ଉପରେ ସମସ୍ତେ ନିଜନିଜର ଅଭିଭାଷଣ ରଖିଲେ । ଆଉ ଗୋଟିଏ ବାକ୍ୟ ଉପରେ ସମସ୍ତେ ଗୁରୁତ୍ୱ ପ୍ରଦାନ କରୁଥିଲେ ଯେ ଓଡିଶାରେ ଏବେ ଡବଲ୍ ଇଞ୍ଜିନ୍ ସରକାର । ତାର ଅର୍ଥ ହେଲା ଯେ, ଉଭୟ ଓଡିଶା ଓ କେନ୍ଦ୍ରରେ ଗୋଟିଏ ଦଳର ଶାସକ । ବିଶେଷତଃ ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଭାଷଣରେ ସିଏ ବାରମ୍ବାର ସେଇ କଥା ହିଁ ଦୋହରାଉଥିଲେ ।

ମୋଦିଜୀଙ୍କ ଭାଷଣ ପରେ ସିଏ ପ୍ରଦର୍ଶନୀ ଦେଖିବାକୁ ଚାଲିଗଲେ । ତାପରେ ଆଉ କିଛି ନେତାଙ୍କର ଅଭିଭାଷଣ ରହିଲା । ସେସବୁ ଶେଷ ହେବା ପରେ ଆମେ ସମସ୍ତେ ଖାଦ୍ୟ ପରିବେଷଣ ହେଉଥିବା ହଲ୍‌କୁ ଗଲୁ । ସେଠି ସେତେବେଳେ ଅନେକ ଭିଡ ହୋଇଥାଏ । ତେବେ ସବୁ ଶୃଙ୍ଖଳିତ ଭାବେ ଚାଲିଥାଏ । ଖାଦ୍ୟ ସବୁ ହୋଟେଲ୍ ମେ-ଫେୟାର୍ ଦାୟିତ୍ୱରେ ଥାଏ । ମୁଁ ଡରିଡରି ଟିକେ କମ୍ ପାଣି ପିଉଥାଏ । ତାର କାରଣ ହେଲା ଯେ ଟଏଲେଟ ଯିବାକୁ ଡର ଥାଏ । ଶୁଣିଥିଲି, ସେଠି ଉଠା ଟଏଲେଟର ବ୍ୟବସ୍ଥା ହୋଇଥିଲା । ସେଇଟା କେମିତି ହୋଇଥିବ, ସେକଥା ପାଇଁ ଡର ଥାଏ । ତେବେ ମୁଁ ମୋ ପାଖରେ ଟଏଲେଟ ପେପର୍ ରଖିଥାଏ । ସେମିତି ଭାବେ ହାତ ସଫା କରିବାକୁ ମୋ ପାଖରେ ସାନିଟାଇଜର ମଧ୍ୟ ଥାଏ ଓ ପେପର ଟାଉଏଲ ମଧ୍ୟ ଥାଏ । ଖାଇବା ସମୟରେ ଅନେକ ସାଙ୍ଗସାଥୀ ଦେଖାହେଲେ । ଦେବେ ବସିକରି ଖାଇବା ପାଇଁ ଅଳ୍ପ ସିଟ୍ ଥାଏ । ସେସବୁ ସିଟ୍ ପ୍ରଥମେ ପହଞ୍ଚିଥିବା ବ୍ୟକ୍ତିମାନେ ଅଧିକାର କରି ବସିଥାନ୍ତି । ସ୍ଥାନେସ୍ଥାନେ କିଛି ଟେବୁଲ୍ ରଖାଯାଇଥାଏ । ଅନ୍ୟମାନେ ଯିଏ ସବୁ ଟେବୁଲ୍ ପାଉଥାନ୍ତି, ସେଠି ଠିଆହୋଇ ଖାଉଥାନ୍ତି । ଅନ୍ୟମାନେ ସବୁ ଠିଆ ହୋଇ ଥାଳି ଧରି ଖାଉଥାନ୍ତି । ସେଠି ଆମ ଓସାର ନଳିନୀଙ୍କୁ ଦେଖିଲି ଓ ଆମେ ଦୁଇଜଣ ସାଙ୍ଗ ହୋଇ ଗୋଟିଏ ଟେବୁଲ୍ ପାଇ ସେଇଠି ଠିଆହୋଇ ଖାଇଲୁ । ସେଠି ଅନ୍ୟ ଅନୁଷ୍ଠାନ ଓ ଅନ୍ୟ ଦେଶରୁ ଆସିଥିବା କିଛି ବ୍ୟକ୍ତିଙ୍କୁ ଭେଟିଲୁ ଓ ଗପଶପ କଲୁ । ସେ ସ୍ଥାନରେ ଖାଇସାରି ମୁହଁ ଧୋଇବାକୁ କିଛି ବ୍ୟବସ୍ଥା ନଥାଏ । ତେଣୁ ବାଧ୍ୟହୋଇ ସେ ଉଠା ବେସିନ୍ ଓ ଟଏଲେଟ ନିକଟକୁ ଯିବାକୁ ପଡିଲା ।

ISSN NO.
2582-208X

ମୋ ହାତରେ ଦୁଇଟି ବ୍ୟାଗ୍ ଥାଏ । ସେ ଟଏଲେଟ ସବୁ ଏତେ ସଂକୀର୍ଣ୍ଣ ହୋଇଥାଏ ଯେ, ସେଠି ବ୍ୟାଗ୍ ରଖିବାର କିଛି ବ୍ୟବସ୍ଥା ନଥାଏ । ଜଣେ ମହିଳା ଓ ତାଙ୍କ ସାଙ୍ଗ ବସି ସେଠି ସଜ ହେଉଥାନ୍ତି । ମୁଁ ଗୋଟିଏ ଖାଲି ଚେୟାରରେ ମୋ ବ୍ୟାଗ୍ ରଖି ନଳିନୀଙ୍କୁ ଟିକେ ଜଗିବାକୁ କହିଲି । ତାପରେ ଟଏଲେଟ ପେପର୍ ଧରି ଭିତରକୁ ବସିଲି । ସେଠି ଉପରୁ ପାଣି ପଡୁଥାଏ । ଟଏଲେଟରେ ବସିଲା ପରେ ଆଗରେ ଗୋଡ ଠିକ୍ ରେ ରଖିବାକୁ ବି ସ୍ଥାନ ନଥାଏ । ସେଠି ମୁଁ କେମିତି ବସିବି ଭାବି ପାରିଲିନି । ନିଜେ ନେଇଥିବା ଟଏଲେଟ ପେପରରେ ଟଏଲେଟର ବସିବା ସ୍ଥାନ ପୋଛି କଷ୍ଟେମଷ୍ଟେ ବସିଲି । ମୋ ପରେ ନଳିନୀ ଗଲେ । ମୁଁ ତାଙ୍କ ବ୍ୟାଗ୍ ଜଗିଲି । ମନେମନେ କେମିତି ଲାଗୁଥାଏ । ଏଠିକୁ ସବୁ ଏତେ ବଡଲୋକମାନେ ଆସିଛନ୍ତି । ସେମାନେ କୋଉଠିକୁ ଟଏଲେଟ ଯାଉଥିବେ ? ଏଭଳି ଟଏଲେଟର ବ୍ୟବସ୍ଥା  କରିବା ପୂର୍ବରୁ ଟିକେ କେହି କେମିତି ଭାବିନାହାନ୍ତି । ଏତେ ସାଜସଜା, ଏତେ ଚାକଚକ୍ୟ, ତା' ସାଙ୍ଗକୁ ଏମିତି ଟଏଲେଟ ?

ମୁଁ ତାପରେ ପ୍ରଦର୍ଶନୀ ଦେଖିବାକୁ ଗଲି । ଗୋଟିଏ କୋଠରିରେ ଶ୍ରୀରାମଙ୍କ ବିଷୟରେ ପ୍ରଦର୍ଶନୀ ଚାଲିଥିଲା । ସେ ସ୍ଥଳୀର ନାମ ରଖାଯାଇଥିଲା, "ବିଶ୍ୱରୂପ ଧାମ' । ସେଇଟା ଆଇ.ସି.ସି.ଆର ଦ୍ୱାରା ପ୍ରସ୍ତୁତ ହୋଇଥିଲା । ସେଇଠି ମୁଁ ନିଉଜର୍ସୀରେ ରହୁଥିବା ଇତି ଓ ଚନ୍ଦ୍ରବାବୁଙ୍କୁ ଭେଟିଲି । ଆମେ ସମସ୍ତେ ସାଙ୍ଗରେ ମିଶି ପ୍ରଦର୍ଶନୀ ଦେଖିଲୁ । ବହୁତ ସୁନ୍ଦରଭାବେ ଲାଇଟ୍ ଓ ସାଉଣ୍ଡ ସୋ ମାଧ୍ୟମରେ ସେମାନେ ରାମାୟଣର କାହାଣୀ ପ୍ରଦର୍ଶନ କରାଇଥିଲେ । ତାପରେ ଭାରତର ବିଭିନ୍ନ ଡିପାର୍ଟମେଣ୍ଟର ପ୍ରଦର୍ଶନୀ ମଧ୍ୟ ରହିଥିଲା । ଓଡିଶା ଓ ଅନ୍ୟ ରାଜ୍ୟମାନଙ୍କର ହସ୍ତଶିଳ୍ପର କିଛି ପ୍ରଦର୍ଶନୀ ରହିଥିଲା । ଓଡିଶା ହସ୍ତଶିଳ୍ପର କିଛି ପେଣ୍ଟିଙ୍ଗ୍ ମତେ ଭଲଲାଗିଲା । ତେବେ କିଣିଲେ ବୋହିବାକୁ ପଡିବ ବୋଲି କିଣିବାକୁ ଡରଲାଗିଲା । ତଥାପି ମୁଁ ଛୋଟ ଆକାରର କିଛି ପେଣ୍ଟିଙ୍ଗ୍ କିଣିଲି ଓ ଗୋଟିଏ ବଡ ଓଁ ପେଣ୍ଟିଙ୍ଗ କୁ ଆସନ୍ତାକାଲି କିଣିବାକୁ କହି ମୋ ପାଇଁ ରଖିଦେବାକୁ କହିଲି । ଆସନ୍ତାକାଲି ମୁଁ ଗୋଟିଏ ବଡବ୍ୟାଗ୍ ଧରି ଆସିବି ଓ ସେ ଓଁ ପେଣ୍ଟିଙ୍ଗକୁ କିଣିକରି ନେବି । ସେଇଭଳି ଯୋଜନା କରି ମୁଁ ସେ ଦୋକାନରେ ବସିଥିବା ମଉସାଙ୍କୁ ଜଣେଇଲି ।

ଓଡିଶା ସରକାରଙ୍କ ତରଫରୁ କେତୋଟି ପ୍ରଦର୍ଶନୀ ବହୁତ ସୁନ୍ଦର ଭାବେ ପ୍ରସ୍ତୁତ କରାଯାଇଥିଲା । କୋଣାର୍କ ମନ୍ଦିରର ଏକ ଛୋଟ ପ୍ରତିକୃତି ମଝିସ୍ଥାନରେ ରଖାଯାଇଥିଲା ।

ISSN NO.
2582-208X

ସେଥିରେ ବାରମ୍ବାର ଲାଇଟ୍‌ର ରଙ୍ଗ ପରିବର୍ତ୍ତନ ହେଉଥିଲା । ପ୍ରତି ରଙ୍ଗରେ ସେ ପ୍ରତିକୃତିର ରୂପ ଝଲସୁଥିଲା । ସେଇଠି ସମସ୍ତେ ପ୍ରାୟ ଫଟୋ ଉଠାଉଥିଲେ । ଆମେମାନେ ଅପେକ୍ଷା କରି ରହିଥିଲୁ । କେତେବେଳେ ଟିକେ ଫାଙ୍କା ହେଲେ ଫଟୋ ଉଠେଇବୁ । ସେଇ ସମୟରେ ଇଂଲାଣ୍ଡର ରହୁଥିବା ଆନ୍ତର୍ଜାତିକ ଖ୍ୟାତିସଂପନ୍ନ ବିଶିଷ୍ଟ ଚିତ୍ରଶିଳ୍ପୀ ପ୍ରଫୁଲ୍ଲ ମହାନ୍ତି ସେଇବାଟ ଦେଇ ଗୋଟିଏ ଗାଡିରେ ଯାଉଥିଲେ । ସିଏ ବୟସ୍କ ଥିବାରୁ ତାଙ୍କ ସହିତ ଅନ୍ୟବ୍ୟକ୍ତି ମାନେ ରହିଥିଲେ । ସେମାନଙ୍କ ମଧ୍ୟରେ ଆମ ସହିତ ଗତକାଲି ଟୁରରେ ଯାଇଥିବା ହାତୀବାବୁ ମଧ୍ୟ ଥିଲେ । ସିଏ ମତେ ଚିହ୍ନିପାରି ସେଇଠି ଗାଡି ରଖିଲେ ଓ ପ୍ରଫୁଲ୍ଲ ବାବୁଙ୍କ ସହିତ ପରିଚୟ କରେଇଦେଲେ । ମୁଁ ପୂର୍ବରୁ ତାଙ୍କ ନାମ ଶୁଣିଥିଲି । କିନ୍ତୁ ତାଙ୍କୁ କେବେ ଦେଖିନଥିଲି । ତାଙ୍କୁ ସାକ୍ଷାତ କରି ଖୁବ୍ ଭଲଲାଗିଲା । ସିଏ ଜଣେ ଅନ୍ତର୍ଜାତୀୟ ଖ୍ୟାତି ସଂପନ୍ନ ବ୍ୟକ୍ତି । ତାପରେ ସିଏ ପଳେଇଗଲେ । ଇତି, ଚନ୍ଦ୍ରବାବୁ ଓ ମୁଁ ଅନ୍ୟ ସବୁ ପ୍ରଦର୍ଶନୀ ବୁଲିକରି ଦେଖିଲୁ । ସାଙ୍ଗ ହୋଇ ବୁଲୁଥିବାରୁ ପରସ୍ପରକୁ ଫଟୋ ଉଠାଇବାରେ ସାହାଯ୍ୟକଲୁ ।

କିଛି ସମୟପରେ ନିଉଜର୍ସୀର ପ୍ରଦୀପ ତ୍ରିପାଠୀ ଦେଖାହେଲା । ସିଏ କହିଲା, "ନାନୀ, ଆମେ ସମସ୍ତେ ଗୋଟିଏ ସେଲ୍‌ଫି ଉଠେଇବା ।' ସେଇ ସେଲ୍‌ଫି ଉଠେଇବା ପାଇଁ ବି ଅପେକ୍ଷା କରିବାକୁ ପଡିଲା । କାରଣ, ଅନ୍ୟଲୋକମାନେ ପଶିଆସୁଥିଲେ । କିନ୍ତୁ ଓଡିଆ ଚିତ୍ରଶିଳ୍ପୀମାନଙ୍କୁ ମାନିବାକୁ ପଡିବ । ସେ ପ୍ରଦର୍ଶନୀ ହଲ୍‌ର ପ୍ରତି କାନ୍ଥ ଚିତ୍ରମୟ ଥିଲା । ମତେ ସେ ସ୍ଥାନ ସହିତ ମିଶିଯିବାକୁ ମନ ହେଉଥିଲା । ଯେତେ ଦେଖିଲେ ବି ସେସବୁ ସୌନ୍ଦର୍ଯ୍ୟ ସରୁନଥିଲା । ଶେଷରେ ଆମେ ଅନ୍ୟ ପ୍ରଦର୍ଶନୀ ହଲ୍ ଦେଖିବା ପାଇଁ ବାହାରିଆସିଲୁ । ବାହାରିବା ବାଟରେ ଇତିର କିଛି ବନ୍ଧୁ ଦେଖାହେଲେ । ଇତି ସେମାନଙ୍କ ସହିତ ମୋର ପରିଚୟ କରେଇଦେଲା । ଇତିର ସେ ବନ୍ଧୁ ନଭେମ୍ବର ୨୦୨୪ରେଥାଇଲାଣ୍ଡର ଗୋଟିଏ ଅନ୍ତର୍ଜାତୀୟ ଓଡିଆ ସମ୍ମିଳନୀର ଆୟୋଜକ ଥିଲେ । ଜାଣିକରି ଭଲଲାଗିଲା । ଏବେ ଓଡିଶାର ପର୍ଯ୍ୟଟନ ବିକାଶ ପାଇଁ ଓଡିଶା ସରକାରଙ୍କ ତରଫରୁ ଅନେକ ସ୍ଥାନରେ ଏମିତି ଭାବେ ଓଡିଆ ସମ୍ମିଳନୀ ସବୁ ପ୍ରସ୍ତୁତ କରାଇବା ପାଇଁ ପ୍ରୋତ୍ସାହନ ଦିଆଯାଉଛି ।

ISSN NO.
2582-208X

ଜଗନ୍ନାଥଙ୍କର ଏକ ବିରାଟ ସ୍ୟାଠଆର୍ଟ ଦୁଇଟି ପ୍ରଦର୍ଶନୀ ହଲ୍‌ର ମଝିରେ ରଖାଯାଇଥିଲା । ଆମେ ସେଇଠି କିଛି ସମୟ ବିତେଇଲୁ ଓ ଫଟୋ ଉଠେଇଲୁ । ଇତି ଓ ଚନ୍ଦ୍ରବାବୁ ସେମାନଙ୍କ ସାଙ୍ଗମାନଙ୍କ ସହିତ ସମୟ ବିତେଇବା ପାଇଁ ଚାଲିଗଲେ । ମୁଁ ଦ୍ୱିତୀୟ ପ୍ରଦର୍ଶନୀ ହଲ୍‌କୁ ଗଲି । ସେଠି ଓଡିଶାର ସାହିତ୍ୟ, ନାଟ୍ୟ ସଂସ୍କୃତି, ଓ ମନ୍ଦିର ସବୁର ପ୍ରଦର୍ଶନୀ ଚାଲିଥିଲା । ସେସବୁ ପ୍ରଦର୍ଶନୀ ଦେଖିସାରି ମୁଁ ତାର ଅପର ପାଖ ହଲ୍‌କୁ ଗଲି। ସେଇଠି ଗୋଟିଏ ସେମିନାର୍ ଚାଲିଥିଲା । ସେଇଟା "ସେତୁ ନିର୍ମାଣ, ପ୍ରତିବନ୍ଧକ ଭାଙ୍ଗିବା, ପ୍ରବାସୀ ଦକ୍ଷତାର କାହାଣୀ' ଉପରେ ଆଧାରିତ ଥିଲା । ବିଭିନ୍ନ ଦେଶରୁ ଆସିଥିବା ସଫଳ ଭାରତୀୟ ମାନେ ପରଦେଶରେ ନିଜ ସ୍ଥିତି ସ୍ଥାପନ କରିବା ପାଇଁ ସାଂସ୍କୃତିକ ସେତୁ ନିର୍ମାଣ ସହିତ ପ୍ରତିବନ୍ଧକକୁ ସାମନା କରିଥିବା କାହାଣୀ ବର୍ଣ୍ଣନା କରୁଥିଲେ । ସେଠି ଆମର କେତେକ ଓସା ସଭ୍ୟ ଆଗରୁ ବସି ଶୁଣୁଥଲେ । ସେମାନଙ୍କ ମଧ୍ୟରୁ ଦୁଇଜଣ ନିଘୋଡ ନିଦରେ ଶୋଇଥିଲେ । ମୁଁ ସେଠି ବସି କିଛି ସମୟ ଶୁଣିଲି । ସେ ଅଧିବେଶନ କିଛି ସମୟ ପରେ ସରିଗଲା । ମୁଁ ଅପରାହ୍ନର ଜଳଖିଆ ଖାଇବାକୁ ଡାଇନିଙ୍ଗ୍ ହଲ୍‌କୁ ଆସିଲି । ଜଳଖିଆରେ ବିଭିନ୍ନ ସୁସ୍ୱାଦୁ ଖାଦ୍ୟ ସବୁ ରହିଥିଲା । ସିଙ୍ଗଡା, ବରା, ଆଲୁଚପ୍ ସହିତ, ଦହିବରା, ସାଲାଡ୍, ଇତ୍ୟାଦି ଥିଲା । ଚାହା, କଫି, କୁକି ମଧ୍ୟ ରହିଥିଲା । ଜଳଖିଆ ଖାଇସାରି ମୁଁ ସେ ସେମିନାର୍ ହଲ୍‌କୁ ଯିବାପାଇଁ ବାହାରିଆସିଲି ।

ବାହାରେ ସେତେବେଳେ ମେଳାମେଳା ଲୋକ । ସେମାନେ ସବୁ ଫଟୋ ଉଠାଉଥାନ୍ତି ଓ ବୁଲୁଥାନ୍ତି । କିଛିଲୋକ ସାମ୍ବାଦିକମାନଙ୍କ ସହିତ ସାକ୍ଷାତକାର ଦେବାରେ ବ୍ୟସ୍ତ ଥାଆନ୍ତି । ସନ୍ଧ୍ୟାବେଳକୁ ଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ସେତେବେଳେ ମଞ୍ଚ ଉପରେ ଅଭ୍ୟାସ ଚାଲିଥାଏ । ମତେ ସେ ଅଭ୍ୟାସ ଏତେ ଭଲଲାଗିଲା ଯେ, ମୁଁ ସେଠି କିଛି ସମୟ ବସି ସେମାନଙ୍କ ଅଭ୍ୟାସ ଦେଖିଲି । ତାପରେ ସେମିନାର୍ ହଲ୍‌କୁ ଗଲି । ସେତେବେଳର ଅଧିବେଶନ "ସବୁଜ ସଂଯୋଗ' ଅର୍ଥାତ୍ "ଗ୍ରୀନ୍ କନେକସନସ' ଉପରେ ଥିଲା । ସେଇ ସେମିନାରକୁ ଅଶ୍ୱିନୀ ବୈଷ୍ଣବ ପରିଚାଳନା କରୁଥିଲେ । ସେଥିରେ ବିଭିନ୍ନ ଦେଶରୁ ଆସିଥିବା ଭାରତୀୟ ମାନେ ବକ୍ତା ଭାବେ ନିଜନିଜର ମତ ରଖିଲେ । ମୁଁ କିନ୍ତୁ ସେ ସେମିନାରରେ ଚେଇଁ ରହିପାରିଲିନାହିଁ । ଯେତେ ଚେଷ୍ଟା କଲେ ବି ନିଦ ଲାଗୁଥିଲା । ହୁଏତ ଜେଟଲାଗ୍ ଯାଇନଥିଲା କି କଣ । ତାପରେ ଅପରାହ୍ନ ସମୟରେ ଖାଇସାରିବା ପରେ ପ୍ରାୟତଃ ସମସ୍ତଙ୍କୁ ନିଦ ଆସିଥାଏ । କେବଳ ମୁଁ ନୁହେଁ । ସେଠି ମୋ ପାଖରେ

ISSN NO.
2582-208X

ବସିଥିବା ପ୍ରାୟଃ ସମସ୍ତେ ଢୁଳାଉଥିଲେ । ସେମିନାର ସରିବା ପୂର୍ବରୁ ମୁଁ ସେ ହଲ୍ ତ୍ୟାଗ କରି ବାହାରକୁ ଆସିଲି ।

ସେତେବେଳକୁ ସନ୍ଧ୍ୟାକାଳୀନ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭହେବାକୁ ୧୫ ମିନିଟ୍ ବାକି ଥାଏ । ତେଣୁ ମୁଁ ସେମିନାର୍ ହଲ୍ ନିକଟରେ ଥିବା ଶୌଚାଳୟକୁ ଯିବାକୁ ଚାହିଁଲି । କାଳେ ଏପଟ ଶୌଚାଳୟ ଭଲ ଥିବ ? ହେଲେ ଖରାବେଳେ ଯାଇଥିବା ଶୌଚାଳୟ ଠାରୁ ଏ ଶୌଚାଳୟର ଅବସ୍ଥା ଆହୁରି ଦୟନୀୟ । ସେଠି ଗୋଟିଏ ସ୍ତ୍ରୀ ଲୋକ ଟଏଲେଟ ପେପର ଓ ହାତପୋଛା ନାପ୍‌କିନ୍ ଧରିକି ବସିଥାଏ । ଭାରି କ୍ଳାନ୍ତ ଦିଶୁଥାଏ । ମୁଁ ପହଞ୍ଚିବା ବେଳକୁ ସେସବୁ ସରିଗଲା । ଶୌଚାଳୟକୁ ଆସୁଥିବା ଅନ୍ୟମାନେ ପଚାରିଲେ, "ଟଏଲେଟ ପେପର ଆଉ ନାହିଁ ?

ସିଏ ଡରିକରି କହିଲା, "ମୁଁ ଏଠୁ କେତେବେଳୁ ଡିଉଟି କରୁଛି । ଆଉ ଜଣେ ଆସିବା କଥା। ସିଏ ନେଇକରି ଆସିବ । ହେଲେ ସିଏ ଏପର୍ଯ୍ୟନ୍ତ ପହଞ୍ଚିନି । ମୁଁ କଣ କରିବି ?'

ମୁଁ ସେଠି ଟଏଲେଟ ପେପର ଖୋଜୁଥିବା ଅନ୍ୟମାନଙ୍କୁ କହିଲି, "ମୋ ପାଖରେ କିଛି ଟଏଲେଟ ପେପର ଅଛି । ତମେମାନେ ନେଇପାରିବ ।'

ସେମାନେ ନେଲେ ଓ ମତେ ଧନ୍ୟବାଦ ଦେଲେ ।

ମୁଁ ମନେମନେ ଭାବିଲି, "ଏତେ ବଡ ସଭାର ଆୟୋଜନ । ଏତେ ସବୁ ଅତିଥି । ଅଥଚ ଏ ଶୌଚାଳୟର ଠିକ୍ ଯୋଜନା କରିବା ବିଷୟରେ ଆୟୋଜକମାନେ କେମିତି ଭୁଲିଗଲେ ?'

ଭାବିଲି, ମୋର ପରାମର୍ଶ ମୁଁ କାହାକୁ ନିହାତି ଜଣେଇବି । ଯଦି ଏ ପଡିଆରେ ଏମିତି ଭାବେ ବାରମାସ କାଳ ସଭା ସବୁ ଆୟୋଜନ ହେବାର ଅଛି, ତେବେ ପଡିଆର ଚାରିକୋଣରେ ସ୍ଥାୟୀ ଟଏଲେଟ ନିର୍ମାଣର ବ୍ୟବସ୍ଥା କଲେ କିଛି ଅସୁବିଧା ହୁଅନ୍ତାନି । ଯଦିବି ଟଏଲେଟ ବ୍ୟବହାର ପାଇଁ ସେମାନେ ୟୁରୋପ ଭଳି ଅର୍ଥ ନିଅନ୍ତି, ସେଥିରେ ବି ଅସୁବିଧା ରହନ୍ତାନି । ହେଲେ ପ୍ରବାସୀ ଭାରତୀୟ ଦିବସ ଭଳି ଏମିତି ସମ୍ମାନଜନକ

ISSN NO.
2582-208X

ଆୟୋଜନରେ ଏମିତି ଶୋଚନୀୟ ପରିମଳ ବ୍ୟବସ୍ଥା ଯେମିତି ରତ୍ନପଲଙ୍କ ଉପରେ କାଦୁଅଲିପା ଭଳି ଲାଗୁଛି ।

ମନକଥା ମନରେ ରଖି ଫେରିଲି । ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବା ପାଇଁ ବସିବାକୁ ଆସିଲି। ହେଲେ କାକର ପଡି ସବୁ ଚେୟାର ଓଦା ହୋଇଯାଇଥାଏ । ସେ ସମୟରେ ମୋର ପେପର ଟାଉଏଲ ବହୁତ କାମ ଦେଲା । ମୁଁ ପେପର ଟାଉଏଲ୍ ବାହାର କରି ସେ ଚେୟାରକୁ ପୋଛିକରି ବସିଲି । ସେଠି ରାଜାକୁ ଦେଖିଲି । ରାଜା ଆମ ଓ୍ୱାସିଂଟନ୍ ଡିସିର ପିଲା । ସିଏ ଆଉ ଜଣେ ବ୍ୟକ୍ତିଙ୍କୁ ଆଣି ମୋ ପାଖରେ ବସେଇଲା ।

ସାଂସ୍କୃତିକ କାର୍ଯ୍ୟକ୍ରମ ଖୁବ୍ ଉଚ୍ଚକୋଟୀର ଥିଲା । ଭାରତର ବିଭିନ୍ନ ରାଜ୍ୟରୁ ପ୍ରାୟ ୩୦୦ କଳାକାରଙ୍କୁ ନେଇ ସେ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଥିଲା । କାର୍ଯ୍ୟକ୍ରମ ଶେଷରେ ରାତ୍ରଭୋଜନ କରିବାକୁ ଖାଦ୍ୟ ପରିବେଷଣ କରାଯାଉଥିବା ହଲ୍କୁ ଗଲି । ଖାଦ୍ୟ ସୁସ୍ୱାଦୁ ଥିଲା । ଖାଇସାରି ଆସି ମେ-ଫେୟାର ହୋଟେଲ୍ ପାଖ ଦ୍ୱାର ପାଖରେ ଅପେକ୍ଷା କରି ରହିଲି । ମୋ ଦିଅରଙ୍କୁ ଫୋନ କରି ଜଣେଇଦେଲି । ସେମାନଙ୍କ ଘର ସେଠାରୁ ପ୍ରାୟ ୧୦-୧୫ ମିନିଟ୍ ଭିତରେ ଥିଲା । ସିଏ ପହଞ୍ଚିବାକୁ ୩୦ ମିନିଟ୍ ଲାଗିଲା । ସେଇ ସମୟ ଭିତରେ ମୁଁ ସେଠି ଉପସ୍ଥିତ ସମସ୍ତ ସୁରକ୍ଷାକର୍ମୀ ମାନଙ୍କ ସହିତ ଗପଶପ କରି ସମୟ ବିତେଇଲି । ମୋ ମନରେ ଟଏଲେଟ ବିଷୟରେ ଥିବା ଗ୍ଲାନି ବିଷୟରେ ମଧ୍ୟ କହିଲି । ଏବଂ ସେସବୁ ଅବ୍ୟବସ୍ଥାର ସମାଧାନ ବିଷୟରେ ବି ମୋ ମତାମତ ରଖିଲି । ଯଦିଓ ସେମାନେ କିଛି କରିପାରିବା ଭଳି ଉଚ୍ଚ ପଦପଦବୀରେ ନଥିଲେ, ତେବେ ଭାବନା ଆଲୋଚିତ ହେଉ, ସେଇଟା ମୋର ଲକ୍ଷ୍ୟ ଥିଲା । ସେମାନେ ବି ତାଙ୍କ ମନକଥା କହିଲେ। "ହଁ ପ୍ରବାସୀ ଭାରତୀୟ ଦିବସ ପରେ ଏଠି ଉତ୍କର୍ଷ ଓଡିଶା କନକ୍ଲେଭ ହେବ । ସେଠି ବି ଏଇଭଳି ପ୍ରାୟଃ ବ୍ୟବସ୍ଥା ରହିବ ।'

ମୁଁ ପଚାରିଲି, "ଆଉ ଏ ସାଜସଜା ?'

ଗାର୍ଡ ଜଣକ କହିଲେ, "ଏ ସାଜସଜା ସବୁ ଭଙ୍ଗା ହେବ ଓ ନୂଆ ସାଜସଜା ହେବ ।'

ISSN NO.
2582-208X

ମନେମନେ ଭାବିଲି, "କୋଟିକୋଟି ଟଙ୍କା ସତରେ କଣ ଏମିତି ଧୂଳିରେ ମିଳେଇ ଯିବ? କନଭେନସନ ସେଣ୍ଟରଟିଏ କରିଲେ ତ ଭଲ ହୁଅନ୍ତା ।' ମନକଥା ମନରେ ରଖିଲି ।

ମୋ ଦିଅର ଓ ଯାଆ ଉଭୟ ପହଞ୍ଚିଗଲେ । ଫେରିବା ବାଟରେ ସେମାନେ ପଚାରିଲେ, "ପ୍ରବାସୀ ଭାରତୀୟ ଦିବସ କେମିତି ରହିଲା?'

ମୁଁ କହିଲି, "ଭଲ ତ ରହିଲା । ତେବେ କେତେକ ବ୍ୟବସ୍ଥାରେ, ଭିତର ଫମ୍ପା ଉପର ଚକଚକିଆ ଭଳି ଲାଗିଲା ।'

-୦-

ରଦରଫୋର୍ଡ ୱେ, ଡେଟନ୍, ମେରୀଲାଣ୍ଡ୍,
ଯୁକ୍ତରାଷ୍ଟ୍ର ଆମେରିକା
ଇ ମେଲ୍ : bigyanidas.osa@gmail.com

ISSN NO.
2582-208X

# ସୁଖ ଓ ଦୁଃଖ



ଡ. ପ୍ରସନ୍ନ କୁମାର ବଳ

ସୁଖ, ଦୁଃଖ ଭରା ଏ ସାରା ଦୁନିଆ,
କାହାକୁ ଏହା ଅଜଣା ,
ସୁଖରେ ନାଚନ୍ତି ଦୁଃଖେ ଭାଙ୍ଗିଯାନ୍ତି,
ଏହା ସମସ୍ତଙ୍କୁ ଜଣା ।।
ସୁଖ  ଦୁଃଖ ପରା ଗୋଟିଏ ମୁଦ୍ରାର,
ଅଟଇ ଦୁଇଟି ପାର୍ଶ୍ୱ,
ଏକର ସ୍ଥିତିତ ଅସମ୍ଭବ ହୁଏ,
ଅନ୍ୟଟି ହୁଅଇ ନିସ୍ୱ ।।
ରାତିପରେ ଦିନ, ଦିନ ପରେ ରାତି,
ଅଟେ ପ୍ରକୃତି ନିୟମ,
ସୁଖପରେ ଦୁଃଖ, ଦୁଃଖପରେ ସୁଖ,
ଏହି ପରି ଆସେ ଜାଣ ।।
ଦୁଃଖ ନ ଥିଲେ ତ ସୁଖର ମାତ୍ରାକୁ,
ଆକଳିବା ହୁଏ କଷ୍ଟ,
ସୁଖରେ ବିଭୋର ହୋଇ ଏ ମଣିଷ,
ଭୁଲଇ ଅନ୍ୟର କଷ୍ଟ ।।
ଗୁଣିଜନ ଯୁଗେ ଯୁଗେ ତ ଶିଖାନ୍ତି,
ସୁଖ, ଦୁଃଖର ଉର୍ଦ୍ଧରେ ରୁହ,

ISSN NO.
2582-208X

ଉଭୟ ସ୍ଥିତିରେ ସମଭାବ ହୋଇ,
ନିଜ ମହାନୁଭବତା ଦେଖାଅ ।।
ମାନସିକ ସୁଖ ସର୍ବୋତ୍କୃଷ୍ଟ ଅଟେ,
ଏ ମିଛ ମାୟା ସଂସାରେ,
ଅନ୍ୟକୁ ଆଦର ଓ ପରୋପକାର,
ଅପାର ସୁଖ ଦିଏରେ ।।

ଦୁଃଖରେ ନ ଭାଙ୍ଗି ଧୈର୍ଯ୍ୟ ଧରିବାଟା,
ଅଟଇ ମହତ ପଣ,
ସବୁବେଳେ ଦୁଃଖ ରହିବ ନାହିଁ ତ,
ଗଳି ତ ଯିବ ସେ ଜାଣ ।।
ନିଜ କର୍ମଫଳ ନିଜେ ଭୋଗିଥାଏ,
ଏହା ଚିରନ୍ତନ ସତ୍ୟ,
ଆସରେ ସଭିଏଁ ଭଲ କାମକରି,
ପାଇବା ନିତ୍ୟ ଆନନ୍ଦ ।।
ସୁଖ  ଦୁଃଖ ସବୁ ସ୍ରଷ୍ଟାଙ୍କର ସୃଷ୍ଟି,
ଭୋଗିବା ଆମେ ଅବଶ୍ୟ,
ସେ କରୁଣାମୟ ସବୁ ଦେଖୁଛନ୍ତି,
ପାର କରିବେ ଅବଶ୍ୟ ।।
ସେଥିପାଇଁ ଆମେ ସବୁରି ସମୟେ,
ଡାକିବା ସେହି ସ୍ରଷ୍ଟାଙ୍କୁ,
ତାଙ୍କରି ଆଶିଷ ଲାଭକରି ଆମେ,
ପାର ହେବା ଏ ସଂସାରୁ ।।

ଶ୍ରୀ ସତ୍ୟସାଇ ଏନକ୍ଲେଭ,
ଖଣ୍ଡଗିରୀ, ଭୁବନେଶ୍ୱର

ISSN NO.
2582-208X

# ସୁନ୍ଦର ସକାଳ



ଜୟଶ୍ରୀ ପଟ୍ଟନାୟକ

ସୁନ୍ଦର ପୃଥିବୀ, ସୁନ୍ଦର ସକାଳ
ସୁନ୍ଦର ଆମ ଜୀବନ
ସବୁ ସୁନ୍ଦର ତ ଈଶ୍ୱରଙ୍କ ଗଢ଼ା
ଦାନ ତାଙ୍କ ବି ମହାନ ।0

ସୂର୍ଯ୍ୟ, ଚନ୍ଦ୍ର, ତାରା, ଗ୍ରହ ଓ ନକ୍ଷତ୍ର
ସବୁ ରାତି ଆଉ ଦିନ
ତାଙ୍କରି ନିର୍ଦ୍ଦେଶେ ହୁଅଇ ସମ୍ଭବ
ତେଣୁ ତ ସେ ବଳୀୟାନ
ସବୁରି ହୃଦୟେ ଅମୃତ ପରଶି
ଦେଇଛନ୍ତି ଦିବ୍ୟ ମନ ।1

ଜୀବନ ଜଞ୍ଜାଳ ଯେତେ ଦେଇଥାନ୍ତି
ସହିବା ଶକତି ସେତେ
ସୁଖରେ ଅଧୀର ନ ହୁଅ ହେ ବନ୍ଧୁ
ଦୁଃଖ ଆସିଲେ ବି ଯେତେ
ସମସ୍ୟା ଯେତିକି ଆସେ ଜୀବନରେ
କରିଥାନ୍ତି ସମାଧାନ ।

ତାଙ୍କରି ଆରାଧ୍ୟେ ପୁଣ୍ୟ ସକାଳ
ସଞ୍ଜ ନଏଁ ସଞ୍ଜ ଦୀପେ
ସଂସାର ନାବରେ ନାଉରିଟେ ହୋଇ
ରକ୍ଷିଥାନ୍ତି ଖାଲ ଢିପେ
ସବୁ ସକାଳରେ ନୂଆ ଆଶା ଦେଇ
କଟାନ୍ତି ଆମରି ଦିନ ।3

ସମ୍ପାଦିକା, ଇଗ୍‌ ଇ ପତ୍ରିକା
ଗଙ୍ଗନଗର ଛକ, ଭୁବନେଶ୍ୱର
7978110474

ISSN NO.
2582-208X

# ନାରୀ



ସୁଜିତ୍ କୁମାର ମିଶ୍ର

ମିଠା ପ୍ରଶଂସାରେ  ଭାବ ତାର ଯେତେ
ମୁଠେ ନିନ୍ଦା ପାଇଁ ସେତେ,
ନାରୀଟିଏ ତେଣୁ  ତଟିନୀ ରୂପରେ
ଜୀଇଁଥାଏ ଏ ଜଗତେ ।

ଭାବଟିଏ ପାଇଁ  ଚିରକାଳ ଭାବ
ତା ପାଶେ କାର୍ପଣ୍ୟ କାହିଁ,
ମଧୁ ସୌଜନ୍ୟର ମନ୍ଦାକିନୀ ସିଏ
ଶ୍ରଦ୍ଧା ଲେଖନୀର ସ୍ୟାହି ।

ଜୀବନ ନଈର ଦୁଇ କୂଳେ ସିଏ
ଅନୁରାଗେ ଆତଯାତ,
କେବେ ଜାୟା ପୁଣି କେବେ ସେ ଜନନୀ
ଅଭିନୟ ଅଶ୍ରୁସ୍ନାତ ।

ଆଧୁନିକତାର ରଙ୍ଗ ରୋଷଣୀରେ
ହଜିଛି କି ନାରୀ ରୂପ ?
ନହେଲେ କାହିଁକି କ୍ଷଣେ ବିସ୍ଫୋରଣ
ଆରୋପ ଓ ପ୍ରତ୍ୟାରୋପ ?

ମନ ଯମୁନାର  ପୀରତି ଘାଟରେ
ଶୁଭୁନି କାହିଁକି ବଂଶୀ ?

ISSN NO.
2582-208X

ଉଦାସୀ ଛାତିରେ  କିଏ ଲେଖିଦେଲା
ପରକୀୟା ଗପ ବେଶୀ ?

ମମତାର ଦେବୀ  କିନ୍ତୁ ମିଠା ଛବି
ଯେତେ ଆଙ୍କିଲେ ବି ଅଧା,
ଜନମେ ଜନମେ  ଜହ୍ନରାତି ସିଏ
ଜୀବନେ ଯୋଜନଗନ୍ଧା ।

ଫୁଲ ଫଗୁଣର  ବାସରେ ଚହଟେ
ସେନେହେ ବନ୍ଦିନୀ ନାରୀ,
ସିଏ ଲୋଡେ ନାହିଁ  ଲକ୍ଷେ ହୀରା ମୋତି
ଲୋଡେ ପ୍ରେମସୁଧା ବାରି ।

ଆଖିର କଜଳ  ସାଜେ ସିଏ କେବେ
ଛାତିରେ ସାହସ ଲହୁ,
ଉଦାରପଣର  ସ୍ନିଗ୍ଧ କିରଣ ସେ
ଅନ୍ତରଗଂତାର ମହୁ ।

ଚଲାପଥେ ତାର  ଅଛି କଣ୍ଟାବନ
ଅଛି ଗୋଲାପର ଶେଜ,
ଚାଲିବାକୁ ହେବ  ପରଖି ନିରେଖି
ହୋଇ ଅନ୍ତ ସଜବାଜ ।

ନାରୀ ପ୍ରେରଣାର ଆଲୋକବର୍ତ୍ତିକା
ନାନ୍ଦନିକ ଐଶ୍ୱର୍ଯ୍ୟରେ,
ବୁଝି ବୁଝାଇଲେ  ମଞ୍ଜୁଳ ଭାବରେ
ବସନ୍ତର ଶୋଭା ଝରେ ।

ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର
୭୬୮୩୮୬୭୭୪୨

ISSN NO.
2582-208X

# ଓଡ଼ିଆ ଭାଷାର ଅସ୍ମିତା ଓ ଶାସ୍ତ୍ରୀୟ ମାନ୍ୟତା



ଡ଼କ୍ଟର ସଂଯୁକ୍ତା ଦାସ

"ଭାଷା" ମାନବ ଜାତିର ପ୍ରାଣ କେନ୍ଦ୍ର । ପ୍ରତ୍ୟେକ ମାନବ  ନିଜର ମାତୃଭୂମୀ ଓ ମାତୃଭାଷା କୁ ନେଇ ଗର୍ବ କରେ । ଯେଉଁ ଜାତିର ଭାଷା ଯେତେ ଉନ୍ନତ ଓ ବ୍ୟାପକ ସେହି ଜାତି ପୃଥିବୀ ରେ ସେତେ ଶ୍ରେଷ୍ଠ,ଉନ୍ନତ, ଓ ସମୃଦ୍ଧ । ଭାଷା ହେଉଛି ଅର୍ଥ ବୋଧକ ଏକ ଶବ୍ଦ ବା ସ୍ୱର । ତେଣୁ ଯେଉଁ ଶବ୍ଦ, ସ୍ୱର ବା ଅଭିବ୍ୟକ୍ତି ଦ୍ୱାରା ପ୍ରାଣୀ ମାନେ ନିଜର ମନୋଭାବକୁ ସ୍ୱ-ଜାତୀୟ ପ୍ରାଣୀମାନଙ୍କ ନିକଟରେ ବ୍ୟକ୍ତ କରିବାକୁ ସମର୍ଥ ହୋଇଥାନ୍ତି ତାହାର ନାମ ଭାଷା ।

ମନୁଷ୍ୟ ଏକ ସାମାଜିକ ପ୍ରାଣୀ । ସମାଜ ମଧ୍ୟରେ ରହିବାକୁ ହେଲେ ପରସ୍ପର ସହ ଭାବର ଆଦାନ ପ୍ରଦାନ ଏବଂ ଚିନ୍ତା ଚେତନାରେ ଐକ୍ୟ ସ୍ଥାପନ କରିବାକୁ ହୁଏ । ଭାଷା ହେଉଛି ଏହି ଐକ୍ୟ ସ୍ଥାପନର ମୂଳଭିତ୍ତି । ବହୁ ପ୍ରାଚୀନ କାଳରେ ମନୁଷ୍ୟ ବଣ ଜଙ୍ଗଲରେ ଅସଭ୍ୟ ଜୀବନ ନିର୍ଭାହ କରୁଥିଲା । ଆଦିମାନବର ସାମାଜିକ ପ୍ରବୃତିକୁ ଜାଗ୍ରତ କରବାରେ ଭାଷାର ଭୂମିକା ଥିଲା ଗୁରୁତ୍ୱପୂର୍ଣ୍ଣ । ମନୁଷ୍ୟ ପ୍ରଥମେ ନିଜର ଅଙ୍ଗଭଙ୍ଗୀ ବା ଇଙ୍ଗିତ ଦ୍ୱାରା ନିଜର ଭାବାବେଗକୁ ପ୍ରକାଶ କରୁଥିଲା । ଏହାଦ୍ୱାରା ତାର ସମସ୍ତ ଭାବ ଅବିବ୍ୟକ୍ତି ହୋଇ ପାରିଲା ନାହିଁ । ଅନ୍ୟ ନିକଟ ରେ ନିଜକୁ ଅଧିକ ସ୍ୱଷ୍ଟ କରିବାର ପ୍ରଚେଷ୍ଟାରେ "ବାଚିକ ଭାଷା"ର ସୃଷ୍ଟି ହେଲା । ସମୟାନୁକ୍ରମେ ଏହି ବାଚିକ ଭାଷାକୁ ଅଧିକ ଚିରସ୍ଥାୟୀ କରିବା ନିମିତ୍ତ "ଲିପି" ର ସୃଷ୍ଟି । ଆଜି ଆମେ ପୃଥିବୀ ରେ ଯେଉଁ ସବୁ ଭାଷାକୁ ଦେଖିବାକୁ ପାଉ ତାହା

ISSN NO.
2582-208X

ବହୁ ପରିବର୍ତ୍ତନ, ଶୋଧନ ଓ ସଂସ୍କାରିତର ସାମ୍ପ୍ରତିକ ରୂପ । ଏହି କ୍ରମରେ ଓଡ଼ିଆ ଭାଷା କୁ ମଧ୍ୟ ବିବେଚନା କରାଯାଇ ପାରେ ।

ଓଡ଼ିଆ ଭାଷା ଆର୍ଯ୍ୟଗୋଷ୍ଠୀର ଏକ ଭାଷା । ଆର୍ଯ୍ୟ ମାନେ ନିଜର ପବିତ୍ର ଗ୍ରନ୍ଥ 'ବେଦ' ରଚନା କରିଥିବାରୁ ବହୁ ବିଦ୍ୱାନ ତାଙ୍କ ଭାଷାକୁ ବୈଦିକ ଭାଷା ବୋଲି କହିଥାନ୍ତି । ପରିବର୍ତ୍ତନ ହେଉଛି ମୁଖ୍ୟତଃ ଭାଷାର ମୂଳ ଭିତ୍ତି । ସ୍ଥାନ, କାଳ, ପାତ୍ର ଭେଦରେ କଥିତ ଭାଷାର ପରିବର୍ତ୍ତନ ହୁଏ । ଖ୍ରୀ. ପୂ ୫ମ ଶତାବ୍ଦୀରେ ପାଣିନି ନିଜସ୍ୱ ଅଷ୍ଟାଦ୍ଧାୟୀ ବ୍ୟାକରଣ ଦ୍ୱାରା ବୈଦିକ ଭାଷାକୁ ସଂସ୍କାର କରିଥିବାରୁ ଏହା ସଂସ୍କୃତ ନାମାଙ୍କ ବହନ କରି ଆଜି ପର୍ଯ୍ୟନ୍ତ ସାହିତ୍ୟିକ ଭାଷାର ମର୍ଯ୍ୟାଦା ପାଉଛି । କଥିତ ଭାଷାରେ କିନ୍ତୁ ପରିବର୍ତ୍ତନର ଧାରା ଜାରି ରହେ । ଏହି ପରିବର୍ତ୍ତନ ସ୍ୱରୂପ ପରବର୍ତ୍ତୀ ସମୟରେ ପାଲ୍ଲୀ, ପ୍ରାକୃତ, ଅପଭ୍ରଂଶ ଏବଂ ପୂର୍ବ ମାଗଧୀ ଅପଭ୍ରଂଶ ମଧ୍ୟ ଦେଇ ଆଧୁନିକ ଭାରତୀୟ ଭାଷା ବା ଓଡ଼ିଆ ଭାଷାର ସୃଷ୍ଟି । ପ୍ରାୟ ଏକ ହଜାର ଖ୍ରୀଷ୍ଟାବ୍ଦରୁ ଏହା ଆଜି ପର୍ଯ୍ୟନ୍ତ ବିକଶିତ ପଥରେ ଅଗ୍ରସର ହୋଇ ତାର ସ୍ୱାଭିମାନ ଓ ପ୍ରତିଷ୍ଠାକୁ ବଜାଇ ରଖିଛି । ଭାଷା ଶାସ୍ତ୍ରବିତ ମାନେ ଓଡ଼ିଆ ଭାଷାର କ୍ରମ ବିକାଶ ଧାରାକୁ ଏହିପରି ବିବେଚନ କଲେ ମଧ୍ୟ ଓଡ଼ିଶାର ଐତିହ୍ୟ, ସଂସ୍କୃତି, ପରମ୍ପରା ଦୃଷ୍ଟିରୁ ଓଡ଼ିଆ ଭାଷାଯେ ବହୁ ପ୍ରାଚୀନ ଏହା ପ୍ରମାଣିତ ହୋଇ ସାରିଛି ।

## ଓଡ଼ିଆ ଭାଷାର ଅସ୍ମିତା -

ଓଡ଼ିଆ ଜାତିର ଉଦ୍ଭବ ସହିତ ତାର ଭାଷାର ମଧ୍ୟ ଜନ୍ମ ଘଟିଛି । ଓଡ଼ିଆ ଭାଷାର ଅସ୍ମିତା କହିଲେ ଓଡ଼ିଆ ଜାତିର ଆତ୍ମ ଗୌରବ, ମାନ, ମର୍ଯ୍ୟାଦାକୁ ବୁଝାଇ ଥାଏ । ଓଡ଼ିଆ ଜାତିର ସ୍ୱାଭିମାନ, ଐତିହ୍ୟ ଯେମିତି ସ୍ୱତନ୍ତ୍ର, ତାର ଭାଷା, ସଂସ୍କୃତି ମଧ୍ୟ ସେହିପରି ବଳିଷ୍ଠ । ଭାରତର ଉପମହାଦ୍ୱୀପରେ ବିଭିନ୍ନ ଭାଷାଗୋଷ୍ଠୀ ମଧ୍ୟରୁ ଓଡ଼ିଆ ଭାଷା ହେଉଛି ଅନ୍ୟ ଏକ ପ୍ରାଚୀନ ଓ ସମୃଦ୍ଧ ଭାଷା । ଏହାର ଭୂଖଣ୍ଡ ଆର୍ଯ୍ୟ- ଦ୍ରାବିଡ଼-ଆଦିବାସୀମାନଙ୍କ ସଂଯୋଗସ୍ଥଳ ହୋଇଥିବାରୁ ଓଡ଼ିଆ ଭାଷାରେ ଏହି ତିନିଗୋଷ୍ଠୀର ପ୍ରଭାବ ଅନୁଭୂତ ହୁଏ । କଳାହାଣ୍ଡି ଅନ୍ତର୍ଗତ ଗୁଡ଼ହାଣ୍ଡି ପାହାଡ଼ ଗୁମ୍ଫା ଓ ସୁନ୍ଦରଗଡ ଅନ୍ତର୍ଗତ ବିକ୍ରମଖୋଲ ସମେତ ୫୫ ଟି ଗୁମ୍ଫାରୁ ଯେଉଁ ସବୁ ଚିତ୍ରଲିପି ଆବିଷ୍କୃତ ହୋଇଛି, ତାହାହିଁ ଓଡ଼ିଆ ଭାଷା ସମେତ ଅନ୍ୟ ଭାରତୀୟ ଭାଷାକୁ ଲିଖିତ ରୂପ ଦେବାର ପ୍ରାରମ୍ଭିକ ପ୍ରୟାସ ଭାବେ ଗ୍ରହଣ କରାଯାଏ ।

ISSN NO.
2582-208X

ଓଡ଼ିଆ ଜାତିର ଏକ ବଳିଷ୍ଠ ଜୀବନଚର୍ଯ୍ୟାର ମୂଳଆଧାର ହେଉଛି ତା'ର ଭାଷା । କାରଣ ଓଡ଼ିଆ ଭାଷାର ବିଶେଷତ୍ୱ ହେଲା -ଏହା ଯେପରି ଉଚ୍ଚାରଣ ହୁଏ, ସେହିପରି ଭାବରେ ଲେଖାଯାଏ । ଅନ୍ୟ ଭାରତୀୟ ଭାଷାରେ ଏପରି ହୋଇ ନ ଥାଏ । ପ୍ରାଚ୍ୟ ଭାଷା ଓ ସଂସ୍କୃତିର ବିଦ୍ୱାନ ଜନ ବିମସ ଙ୍କ ମତରେ -"ଓଡ଼ିଆ ହେଉଛି ସ୍ଥିର ଓ ବ୍ୟବସ୍ଥିତ ଭାଷା, ବଙ୍ଗଳା ନୁହେଁ । ବଙ୍ଗଳା ହେଉଛି ପୂର୍ବାଞ୍ଚଳ ହିନ୍ଦୀର ବିକୃତ ବା ଅପଭ୍ରଂଶ ରୂପ ।"(୧) ବିଶିଷ୍ଟ ଭାଷାବିତ ସୁନୀତ କୁମାର ଚାଟାର୍ଜି ଓଡ଼ିଆ ଭାଷାକୁ ଗଭୀର ଅନୁଧ୍ୟାନ କରିବା ପରେ ପୂର୍ବାଞ୍ଚଳ ଭାଷା ସମ୍ପର୍କିତ ନିଜର ପୂର୍ବ ମତ ବଦଳାଇ କହିଛନ୍ତି ଯେ -"ଓଡ଼ିଆ, ବଙ୍ଗଳା ଓ ଅସମିୟା ମଧ୍ୟରୁ ଓଡ଼ିଆ ହେଉଛି ହେଉଛି ସର୍ବ ପୁରାତନ ଭାଷା, ଯିଏ ଉଭୟ ବ୍ୟାକରଣ ଓ ଉଚ୍ଚାରଣ ଦୃଷ୍ଟିରୁ ନିଜକୁ ସଂରକ୍ଷିତ କରି ରଖିଛି । ଭାଷା ବିଜ୍ଞାନ ଦୃଷ୍ଟିରୁ ବିଚାର କଲେ ନିଃସନ୍ଦେହରେ କୁହାଯାଇପାର ଯେ, ଏହି ତିନି ଭଉଣୀ ମଧ୍ୟରେ ଓଡ଼ିଆ ହେଉଛି ବଡ଼ ଭଉଣୀ ।" (୨) ଏହା ବ୍ୟତୀତ ଓଡ଼ିଆ ଭାଷାର ସ୍ୱାଭିମାନର ପ୍ରମାଣ ମିଳେ ଓଡିଶାର ସୁବୃହତ ନୌବାଣିଜ୍ୟ ପରମ୍ପରରୁ । ଦକ୍ଷିଣପୂର୍ବ ଏସିଆର ଭୂଭାଗରେ ନିଜର ଉପନିବେଶ ସ୍ଥାପନ କରି ବିଶ୍ୱର ସର୍ବପ୍ରଥମ ଉପନିବେଶ ଜାତି ଭାବରେ ମାନ୍ୟତା ପାଇବା। ବିଭିନ୍ନ ଦେଶର ପ୍ରାଚୀନ ସାହିତ୍ୟ, ପରିଭ୍ରାଜକଙ୍କ ଲେଖନୀ ରୁ ଏହାର ପ୍ରମାଣ ମିଳେ ।

ଓଡ଼ିଆ ଏକ ପ୍ରାକୃତ ଭାଷା ବା ଲୋକ କଥିତ ଭାଷା ଭାବରେ କ୍ଷ୍ୟାତି ଲାଭ କରିଛି । ପ୍ରକୃତି ରୁ ସୃଷ୍ଟି ଭାଷା ହେଉଛି ପ୍ରାକୃତ ଭାଷା । ଏହା ଆଦିମାନବ ଠାରୁ ସୃଷ୍ଟି ହୋଇଛି । ରୁଦ୍ରଟଙ୍କ କାବ୍ୟାଳଙ୍କର ସୂତ୍ର ଟୀକାକାର ନମିସାଧୁ "ପ୍ରାକୃତ "ଶବ୍ଦ ର ବ୍ୟାକ୍ଷା କରି କହିଛନ୍ତି- 'ପ୍ରାକୃତ ଭାଷା ର ମୂଳ ହେଉଛି ଜନସାଧାରଙ୍କ ଭାଷା ' । କେତେକ ଭାରତୀୟ ବିଦ୍ୱାନ ପ୍ରାକୃତ ଭାଷାର ପ୍ରାଚୀନତାକୁ ସ୍ୱୀକାର କରି ସଂସ୍କୃତ ଏହାର ପରବର୍ତ୍ତି ବିକଶିତ ରୂପ ବୋଲି କହିଛନ୍ତି । ଯଥା - "ପ୍ରାକୃତଃ ଆଗତମ । ପ୍ରକୃତିଃ ସଂସ୍କୃତମ" (ଦଶରୂପକ-ଧନିକ)

ଜଗନ୍ନାଥ ଦାସ ଓଡ଼ିଆ ଭାଷା ରେ ଲେଖିଥିବା ଭାଗବତ କୁ 'ପ୍ରାକୃତ ବନ୍ଧେ ଭାଗବତ' ବୋଲି କହିଛନ୍ତି । (୩) ପଞ୍ଚସଖା କବି ଯଶୋବନ୍ତ ଦାସ ଙ୍କ ମତରେ -

ISSN NO.
2582-208X

"ପରାକୃତ ବନ୍ଧେ ପଦ ଏ ଦେଶ ଭାଷାରେ ।
କରିବି ଶ୍ଳୋକର ଅର୍ଥକୁ ସମ୍ପୂର୍ଣ୍ଣ ଆଶାରେ ॥ (୪)

ଉପରୋକ୍ତ ଆଲୋଚନା ରୁ ଜଣା ଯାଏ ସଂସ୍କୃତ ଅପେକ୍ଷା ପ୍ରାକୃତ ହେଉଛି ଓଡ଼ିଆ ଭାଷାର ମୂଳଭିତ୍ତି ।

## ଓଡ଼ିଆ ଲିପି -

ଲିପିତତ୍ୱ ଦୃଷ୍ଟିରୁ ଓଡ଼ିଆ ଭାଷାର ପ୍ରାଚୀନତା ଓ ଓଡ଼ିଆ ଅସ୍ମିତାର ବଳିଷ୍ଠ ପ୍ରମାଣ ମିଳେ । ଆମ ଓଡିଶାରେ ଉଭୟ ଚିତ୍ରଲିପି ଏବଂ ଖୋଦିତ ଲିପି ମିଳିଛି । ସାମଗ୍ର ଭାରତରେ ଓଡିଶାରୁ ସର୍ବାଧିକ ୫୫ଟି ଗୁମ୍ଫା ଚିତ୍ରଲିପି ଆବିଷ୍କୃତ ହୋଇଛି । କଳାହାଣ୍ଡି ର ଗୁଡହାଣ୍ଡି ଚିତ୍ରଲିପି ରେ ନଗର ସଭ୍ୟତାର ନକ୍ସା ଓ ପଶୁ ଶିକାରକୁ ବୁଝାଉ ଥିବା ବେଳେ ନୂଆପଡାର ଯୋଗୀମଠ ପାହାଡରେ ଜଣେ ମଣିଷ ସହ କିଛି ଗୃହପାଳିତ ପଶୁ ଏବଂ କିଛି ଅକ୍ଷର ଲେଖାଯାଇଛି । ବିକ୍ରମଖୋଲରୁ ଅବିଷ୍କୃତ ଲିପି ଏ ପର୍ଯ୍ୟନ୍ତ ପାଠ ହୋଇ ପାରିନାହିଁ । ବିଶିଷ୍ଟ ଐତିହାସିକ ଜୟସ୍ୱାଲ ଏହାକୁ ବ୍ରାହ୍ମୀ ପୂର୍ବବର୍ତ୍ତୀ ଅବସ୍ଥା ବୋଲି ମତ ଦିଅନ୍ତି । ଓଡିଶା ଗେଜେଟ (କଳାହାଣ୍ଡି ) ତଥ୍ୟ ଅନୁସାରେ ଏହି ଚିତ୍ର ଅଙ୍କନର ସମୟ ଯଥାକ୍ରମେ ୧୫ ହଜାର ଓ ୧୦ହଜାର ବର୍ଷ । ଗୁଡହାଣ୍ଡିର ଚିତ୍ର ପଶୁ ଶିକାରକୁ ଓ ଯୋଗୀମଠର ଚିତ୍ରଲିପି ପଶୁ ପାଳନକୁ ସଂକେତ ପ୍ରଦାନ କରୁଛି । ଓଡ଼ିଆ ଭାଷା ର ଆଦ୍ୟ ରୂପ ଦେଖି ବାକୁ ମିଳେ ଯୋଗୀ ମଠ ପାହାଡ଼ ଗୁମ୍ଫା ରେ ନାଲି ରଙ୍ଗ ରେ ଅଙ୍କିତ ଲିପି ରୂପରେ । କେତୋଟି ପଶୁ ସହ ଏକ ମଣିଷ ର ଚିତ୍ର ଏବଂ ଏହାକୁ ଭିତ୍ତି କେତୋଟି ଲିପି । ଲିପି ର ଆକାର ଅଶୋକ ଙ୍କ ଧଉଳି ଲିପିର 'ଗ', 'ଇ', 'ଠ' ଅନୁରୂପ । ଯୋଗୀମଠ ଚିତ୍ରଲିପି ର ଗୁରୁତ୍ୱପୂର୍ଣ୍ଣ ଲିପି ହେଉଛି "ଠ" ଯାହା ଏବେ ମଧ୍ୟ ଅପରିବର୍ତ୍ତିତ ଭାବେ ଓଡ଼ିଆ ସମେତ ଭାରତୀୟ ଭାଷାରେ ବ୍ୟବହୃତ । ଏହାକୁ 'ଗଇଠ' ପଢି ପାରିବା । ବର୍ତ୍ତମାନ ପରିପ୍ରେକ୍ଷୀ ରେ ଏହାର ଉଚ୍ଚାରିତ ଶବ୍ଦ ହେବ "ଗୋଠ" । ଲେଖା ସହିତ ଅଙ୍କିତ ଚିତ୍ର ମଧ୍ୟ ଏହି ପାଠକୁ ସମର୍ଥନ କରୁଛି । ଆଜି ମଧ୍ୟ ଓଡିଶାରେ ଛେଳି, ମେଣ୍ଢା, ଗାଈ ସମୂହକୁ ଗୋଠ କୁହାଯାଏ । ଏହି ଲିପି ଓଡ଼ିଆ ଭାଷା ର ଆଦ୍ୟ ରୂପ ଭାବେ ଆକଳନ କରାଯାଇ ପାରେ । ତେଣୁ ଓଡ଼ିଆ ଲିପିର କ୍ରମବିକାଶ ଧାରା ଭାବରେ ଏକ୍ତୁଡ଼ିଶାଳ ହେବ ଗୁମ୍ଫା ଚିତ୍ରଲିପି, ଶୈଶବ-ଶିଳାଲେଖର ବ୍ରାହ୍ମୀଲିପି ଏବଂ ବିକଶିତ ଅବସ୍ଥା ହେବ ତାଳପତ୍ର ଲିପି । "ଏହି ଲିପିର

ISSN NO.
2582-208X

ସମୟ ପ୍ରାୟ ୧୫,୦୦୦ ବର୍ଷର ହୋଇଥିବାବେଳେ ଏହାର ପରବର୍ତ୍ତୀ କାଳୀନ ଖୋଦିତ ଲିପି ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀ ଠାରୁ ପଞ୍ଚଦଶ ଶତାବ୍ଦୀ ପର୍ଯ୍ୟନ୍ତ ବିଭିନ୍ନ ଅଭିଲେଖ ମାନଙ୍କରେ ମିଳୁଛି, ଯାହା ଓଡ଼ିଆ ଲିପି ଓ ଭାଷାର କ୍ରମବିକାଶ ସ୍ତରକୁ ସୂଚାଇ ଥାଏ । ଏଭଳି ଦୃଢ଼ ପ୍ରମାଣ ଭାରତର ଅନ୍ୟ କୌଣସି ଭାଷାରେ ଦେଖିବାକୁ ମିଳିନଥାଏ । ସଂସ୍କୃତ ଠାରୁ ପ୍ରାଚୀନ ଏବଂ ସ୍ୱତନ୍ତ୍ର ବୋଲି ପ୍ରମାଣ କରିଥିବା ତାମିଲଭାଷାର ଏଭଳି ପୁରାତନ ଲିପି ନାହିଁ । "(୫)

## ଶିଳାଲେଖରେ ଓଡ଼ିଆ ଭାଷା –

ଗୁମ୍ଫାଲେଖର ପରବର୍ତ୍ତୀ ରୂପ ହେଉଛି ଶିଳାଲେଖ । ଅଶୋକ ଙ୍କ ଧଉଳି, ଜଉଗଡ ଏବଂ ଖାରବେଳଙ୍କ ଉଦୟଗିରି ଠାରେ ଥିବା ହାତୀଗୁମ୍ଫା ଶିଳାଲେଖ ଗୁଡିକ ତତ୍କାଳୀନ ଲୋକ କଥିତ ଭାଷାରେ ରଚିତ ହୋଇଥିଲା ବୋଲି ଐତିହାସିକ ମାନେ ସ୍ୱୀକାର କରିଛନ୍ତି । ତେଣୁ ତତ୍କାଳୀନ କଳିଙ୍ଗ ବା ବର୍ତ୍ତମାନର ଓଡିଶା ଭୂଖଣ୍ଡର ଅଧିବାସୀ ମାନଙ୍କ ଭାଷାରେ ଏହି ଶିଳାଲେଖ ରଚିତ ହୋଇଥିବାରୁ ଏହି ଶିଳାଲେଖର ଭାଷା ଓ ଲିପି, ବର୍ତ୍ତମାନର ଓଡ଼ିଆ ଲିପିର ପୂର୍ବବର୍ତ୍ତୀ ରୂପ ଭାବରେ ଗ୍ରହଣ କରାଯାଏ । ଅଶୋକ ଓ ଖାରବେଳଙ୍କ ଶିଳାଲେଖା ମଧ୍ୟରେ ୨୫୦ ବର୍ଷର ବ୍ୟବଧାନ ଥିବାରୁ ଲିପି ଓ ଭାଷାରେ କିଛି ମାତ୍ରରେ ପ୍ରଭେଦ ରହିଛି । ପ୍ରତ୍ୟକ ୧୦୦ ବର୍ଷ ବ୍ୟବଧାନ କରି ଖାରବେଳଙ୍କ ଠାରୁ ମୁକୁନ୍ଦଦେବଙ୍କ ପର୍ଯ୍ୟନ୍ତ ଶିଳାଲେଖକୁ ଅନୁଧାନ କଲେ ଏହି ପରିବର୍ତ୍ତନର ଧାରା ସ୍ପଷ୍ଟ ଦେଖାଯାଏ । କପିଳେନ୍ଦ୍ର ଦେବଙ୍କ ଶାସନ ବେଳକୁ ଓଡ଼ିଆ ଲିପିର ପୂର୍ଣ୍ଣାଙ୍ଗ ବିକଶିତ ରୁପକୁ ଲକ୍ଷ୍ୟ କରାଯାଏ ।

## ତାଳପତ୍ର ପୋଥିରେ ଓଡ଼ିଆ ଭାଷାର ଅସ୍ମିତା –

ଜାତୀୟ ପାଣ୍ଡୁଲିପି ମିଶନ ମାଧ୍ୟମରେ କେନ୍ଦ୍ର ସଂସ୍କୃତି ମନ୍ତ୍ରାଳୟ ଦ୍ୱାରା ସଂଗୃହିତ ମୋଟ ୪୦ ଲକ୍ଷ ୮୨ ହଜାର ତାଳପତ୍ର ପୋଥି ମଧ୍ୟରୁ ୧୯ ଲକ୍ଷ ୧୫ ହଜାର ତାଳପତ୍ର ପୋଥି ଭାରତର ୧୩ ଟି ଭାଷାରେ ରଚିତ । ସଂସ୍କୃତ ଭାଷାରେ ସର୍ବାଧିକ ୧୧ ଲକ୍ଷ ୬ ହଜାର ତାଳପତ୍ର ପୋଥି ମିଳିଥିବା ବେଳେ ଓଡ଼ିଆ ଭାଷାରେ ୨ ଲକ୍ଷ ୧୩ ହଜାର ପ୍ରାଚୀନ ତଳପତ୍ର ପୋଥି ସଂଗୃହିତ ହୋଇ ଓଡିଶା ୨ୟ ସ୍ଥାନ ଦଖଲ କରିଛି । ସଂସ୍କୃତ ଭାଷାରେ ସଂଗୃହିତ ହୋଇଥିବା ସର୍ବାଧିକ ପୋଥି ମଧ୍ୟ ଓଡିଶାରୁ ମିଳିଛି । କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଏଇ ତଥ୍ୟ ପ୍ରମାଣ କରେ ଯେ ଭାରତର ଅନ୍ୟାନ୍ୟ ଭାଷା ଅପେକ୍ଷା

ISSN NO.
2582-208X

ଓଡ଼ିଆ ଭାଷାରେ ଲିଖନ ବ୍ୟବସ୍ଥା ଅତି ସମୃଦ୍ଧ ଓ ଲୋକପ୍ରିୟ । ଦୁଃଖର ବିଷୟ ଓଡିଶାରେ ପ୍ରକୃତିକ ବିପର୍ଯ୍ୟୟ ଦ୍ୱାରା ଅନେକ ପୋଥି ନଷ୍ଟ ହୋଇଯାଇଥିବ ଓ ପାଣ୍ଡୁଲିପି ମିଶନଦ୍ୱାରା ଯେତିକି ପୋଥି ସଂଗୃହିତ ହୋଇଛି ତାହାଠାରୁ ବହୁ ଅଧିକଯେ ଓଡିଶାର ପୁରପଲ୍ଲୀ, ବ୍ରାହ୍ମଣ, ଧନିକ, ଜମିଦାର ପରିବାର, ବିଭିନ୍ନ ମଠ ଓ ମନ୍ଦିରରେ ଗଛିତ ଅଛି ଯାହା ସଂଗୃହିତ ହୋଇପାରିନାହିଁ ।

ଓଡ଼ିଆ ଭାଷା ତାର ଗତି ପଥ ରେ ବହୁ ବାଧା ବିଘ୍ନ କୁ ଅତିକ୍ରମ କରି ଆଜି ବିକଶିତ ପଥ ରେ ଅଗ୍ରସର ହୋଇଛି । ସୂର୍ଯ୍ୟ ବଂଶର ରାଜା କପିଳେନ୍ଦ୍ର ଦେବ ସମୟରେ ଓଡ଼ିଆ ଲିଖିତ ସାହିତ୍ୟ ର ବିକଶିତ ରୂପ ପ୍ରକାଶ ପାଏ । ସାରଳା ଦାସଙ୍କ ଦ୍ୱାରା ରଚିତ "ମହାଭାରତ" ସର୍ବ ଭାରତୀୟ ପରିପ୍ରେକ୍ଷୀରେ ଓଡ଼ିଆ ଅସ୍ମିତାର ନୂତନ ଉର୍ଦ୍ଧ୍ୱା ପ୍ରଦାନକଲା । ସୂର୍ଯ୍ୟ ବଂଶ ପରେ ଓଡିଶା ବହୁ ସମୟ ଧରି ପରାଧୀନ ଓ ଶୋଷଣ ର ଶିକାର ହୋଇଥିଲା । କିନ୍ତୁ ଓଡ଼ିଆ ଭାଷା ସାହିତ୍ୟ ର ଅସ୍ମିତାକୁ ପଞ୍ଚଶଖା, ରୀତି ଯୁଗୀୟ କବି ଓ ସାହିତ୍ୟିକ ମାନେ ଅକ୍ଷୁର୍ଣ୍ଣ ରଖିଥିଲେ । ୧୮୦୩ ମସିହାରେ ଓଡିଶା ଇଂରେଜ ମାନଙ୍କ ଦ୍ୱାରା ଶାସିତ ହେବା ସମୟରେ ୧୮୬୬ ମସିହା ରେ 'ନଅଙ୍କ' ଦୁର୍ଭିକ୍ଷ ଓଡିଶା କୁ ତଳି ତଳାନ୍ତ କରିଦେଲା । ଦୃଭିକ୍ଷ ପରବର୍ତ୍ତୀ ସମୟରେ ଓଡ଼ିଶାର ବୁଦ୍ଧିଜୀବୀ ମାନେ ଅନୁଭବ କଲେ ଯେ, ସ୍ଥାନୀୟ ଓଡ଼ିଆ ସମାଜ ଯଦି ଶିକ୍ଷିତ ହୋଇଥାନ୍ତା, ଲୋକଙ୍କୁ ଏହି ଦୃଗତିର ଶିକାର ହେବାକୁ ପଡ଼ିନଥାନ୍ତା । ଇଂରେଜ ମାନଙ୍କ ଦ୍ୱାରା ସରକାରୀ କାର୍ଯ୍ୟରେ ନିଯୁକ୍ତ ବଙ୍ଗାଳି ମାନଙ୍କ ଅପାରଗତା ପରିଦୃଶ୍ୟ ହୋଇଥାନ୍ତା । ଦୃଭିକ୍ଷ ପରେ ଓଡିଶାରେ ଶିକ୍ଷାର ବିକାଶ ସମ୍ଭବପର ହୋଇଥିଲା ।

୧୮୭୦ ମସିହାରେ ଓଡ଼ିଆ ସ୍ୱତନ୍ତ୍ର ଭାଷା ଆନ୍ଦୋଳନ ଥିଲା ଓଡିଶାର ଏକ ବିରାଟ ଜାତୀୟ ଆନ୍ଦୋଳନ । 'ଉଡ଼ିଆ ସ୍ୱତନ୍ତ ଭାଷାନୟ' ପୁସ୍ତକ ରଚନା କରିଥିଲେ ବାଲେଶ୍ୱର ଗବର୍ଣ୍ଣମେଣ୍ଟ ସ୍କୁଲର ପଣ୍ଡିତ କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ । ଏହାକୁ ସମର୍ଥନ କରିଥିଲେ ବଙ୍ଗଳାର ପ୍ରସିଦ୍ଧ ଐତିହାସିକ, ଭାଷାତତ୍ୱବିତ୍, ପ୍ରତ୍ନତତ୍ୱବିଦ ରାଜେନ୍ଦ୍ରଲାଲ ମିତ୍ର । କଟକ ଡିବେଟିଙ୍ଗ କ୍ଲବରେ ଓଡ଼ିଆ ସ୍ୱତନ୍ତ୍ର ଭାଷାନୁହେଁ ଓ ଓଡ଼ିଆ ବାସୀ ବଙ୍ଗଳା ଭାଷାକୁ ଗ୍ରହଣ କରିବା ମତ ପ୍ରଥମେ ସେ ହିଁ ଦେଇଥିଲେ ।(୬) ସମୟ କ୍ରମେ ଓଡିଶାକୁ ବଙ୍ଗ, ବିହାର, ମଧ୍ୟ ପ୍ରଦେଶ ଓ ମାଡ୍ରାସ ସହିତ ବାଣ୍ଟି ଦିଆଯାଇଥିଲା । ଓଡିଶାର ଇଂରାଜୀ ଶିକ୍ଷାପ୍ରାପ୍ତ ବୁଦ୍ଧିଜୀବି ମାନଙ୍କ ପ୍ରଚେଷ୍ଟା, ଯୁବ ତରୁଣ ଲେଖକ ମାନଙ୍କ ଅବଦାନ, ମାତୃଭାଷା ପ୍ରେମୀ ଓଡ଼ିଆ ସନ୍ତାନ,

ISSN NO.
2582-208X

ଓଡ଼ିଆ ଭାଷା ପ୍ରେମୀ ଇଂରେଜ, ଓ ଓଡିଶାରେ ସ୍ଥାୟୀ ବସତି ସ୍ଥାପନ କରିଥିବା ସ-ହୃଦୟବାନ ବଙ୍ଗାଳି ମାନଙ୍କ ପ୍ରଚେଷ୍ଟା ଫଳରେ ଓଡ଼ିଆ ଭାଷା ନିଜର ଅସ୍ମିତା ଫେରି ପାଇଲା । ଓଡିଶା ଏକ ସତନ୍ତ୍ର ପ୍ରଦେଶ (୧୯୩୬)ସହ ଓଡ଼ିଆ ଭାଷା ମାତୃଭାଷାର ଗୌରବ ବହନ କରିପାରିଛି । ପରବର୍ତୀ କାଳରେ ଓଡ଼ିଆ ଭାଷା ସମ୍ବିଧାନ ଦ୍ୱାରା ସ୍ୱୀକୃତି ପାଇଛି । ୧୯୮୫ ମସିହା ଏପ୍ରିଲ ପହିଲାରୁ ଓଡ଼ିଆ ଭାଷା ସରକାରୀ ଭାଷା ରୂପେ ପ୍ରଚଳନ ପାଇଁ ପ୍ରୟାସ କରାଯାଇଛି । ସଂପ୍ରତି ଓଡ଼ିଆ ଭାଷା ମାର୍ଚ୍ଚ ୧୧ ତାରିଖ ୨୦୧୪ ମସିହା ରେ ସର୍ବ ଭାରତୀୟ ସ୍ତରରେ ଶାସ୍ତ୍ରିୟ ମାନ୍ୟତା ପାଇଛି ଭାରତର ଷଷ୍ଠ ଭାଷା ଭାବରେ । ଓଡ଼ିଆ ଭାଷାର ବିକାଶ, ଅବିବୃଦ୍ଧି ପାଇଁ ଭାଷା ସୂତ୍ର ରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ମଧ୍ୟ ସ୍ଥାପନ ହୋଇ ସାରିଛି । ଆଦିକବି ସାରଳା ଦାସଙ୍କ ସମୟରେ ଲାଗିଥିବା ସାହିତ୍ୟିକ ଚାରାଟି ସମୟକ୍ରମେ ମହାଦ୍ରୁମରେ ପରିଣତ ହୋଇଛି । ଓଡ଼ିଆ ସାହିତ୍ୟ ଆଜି ଦେଶ, ବିଦେଶରେ ନିଜସ୍ୱ ଅସ୍ମିତାର ଭିତ୍ତି ସ୍ଥାପନ କରିଛି ।

## ଶାସ୍ତ୍ରୀୟ ମାନ୍ୟତା –

ଆନ୍ତର୍ଜାତୀୟ ସ୍ତରରେ ବିଶ୍ୱର ୫ଟି ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ମିଳିଛି । ତନ୍ମଧ୍ୟରେ, ୧-ସଂସ୍କୃତ (ଖ୍ରୀ· ପୂ· ୬ଷ୍ଠ ଶତାବ୍ଦୀ), ୨-ଚୀନା (ମଣ୍ଡାରିନ)ଖ୍ରୀ· ପୂ· ୫ମ ଶତାବ୍ଦୀ, ୩-ଗ୍ରୀକ (ଖ୍ରୀ· ପୂ ୫ମ ଶତାବ୍ଦୀ )୪-ଲାଟିନ (ଖ୍ରୀ·ପୂ ୧ମ ଶତାବ୍ଦୀ ) ଓ ୫- ଆରବିକ (ଖ୍ରୀ· ଅ· ୭ମ ଶତାବ୍ଦୀ ) । ବିଶ୍ୱଭାଷା ପରିପ୍ରେକ୍ଷୀରେ ଭାରତର ସଂସ୍କୃତ ଭାଷା କେବଳ ବିଶ୍ୱ ଶାସ୍ତ୍ରୀୟ ମାନ୍ୟତା ଲାଭକରିଛି । ଅବଶ୍ୟ ଏହି ମାନଦଣ୍ଡ ଇଂରେଜ ପଣ୍ଡିତ ମାନଙ୍କ ଦ୍ୱାରା ନିର୍ଦ୍ଧାରିତ ଓ ନିଜ ରାଜନୈତିକ ସ୍ଥିତାବସ୍ଥାକୁ ସୁହାଇବା ଭଳି ଢଙ୍ଗରେ ପ୍ରଚାରିତ ।

## ଭାରତର ଶାସ୍ତ୍ରୀୟ ଭାଷା –

ଭାରତର ସମ୍ବିଧାନ ୨୨ ଟି ଭାଷାକୁ ସ୍ୱୀକୃତି ପ୍ରଦାନ କରିଥିବାରୁ ଭବିଷ୍ୟତରେ ପ୍ରତ୍ୟକ ଭାଷା ଶାସ୍ତ୍ରୀୟ ମାନ୍ୟତା ଦାବି ନ କରିବା ପାଇଁ କେତେକ ନିୟମ ପ୍ରଣୟନ କରିଛନ୍ତି । ସେଇ ନିୟମ ଗୁଡିକ ହେଲା-(୧)ଭାରତ ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ସ୍ଥାନୀତ ଯେକୌଣସି ଭାରତୀୟ ଭାଷାର ୧୫୦୦ ରୁ ୨୦୦୦ ବର୍ଷ ଧରି ଲିପିବଦ୍ଧ ଇତିହାସ ଓ ସଂସ୍କୃତି ଥିବ । (୨) ଏହି ଭାଷାରେ ମହତ୍ୱପୂର୍ଣ୍ଣ ପ୍ରାଚୀନ ସାହିତ୍ୟ ରଚନା ପରମ୍ପରା ଥିବ । (୩) ଅନ୍ୟ କୌଣସି ଭାଷାଦ୍ୱାରା ପ୍ରଭାବିତ ନ ହୋଇ ମୌଳିକ ସୃଷ୍ଟି ସମ୍ଭାରରେ

ISSN NO.
2582-208X

ସମୃଦ୍ଧ ଥିବ । (୪)ବ୍ୟବହାରିକତା ଦୃଷ୍ଟିରୁ ଭାଷାର ପ୍ରାଚୀନ ଓ ଆଧୁନିକ ରୂପ ମଧ୍ୟରେ ଅବିଚ୍ଛିନ୍ନ ସମ୍ପର୍କ ନ ଥାଇପାରେ ।

ଭାରତର ଗୌରବମୟ ଐତିହ୍ୟ, ବଳିଷ୍ଠ ତଥା କ୍ରମ ବିକଶିତ ଓ ଅବିଚ୍ଛିନ୍ନ ମୌଳିକ ସାହିତ୍ୟ ଥିବା ଆମ ମାତୃଭାଷା ଓଡ଼ିଆ ଶାସ୍ତ୍ରୀୟ ମାନ୍ୟତା ପାଇଛି । ଏହା ଫଳସ୍ୱରୂପ ଓଡ଼ିଆ ଭାଷା ଏକ ପ୍ରାଚୀନ, ସମୃଦ୍ଧ ଭାରତୀୟ ଭାଷା ଭାବରେ ନିଜର ଗୌରବ ବିଶ୍ୱ ସମ୍ମୁଖରେ ପ୍ରତିପାଦିତ କରିପାରିଛି । ୨୦୧୪ମସିହା ଫେବୃଆରୀ ୨୦ ତାରିଖ ଦିନ କେନ୍ଦ୍ର ସରକାରଙ୍କ ସଂସ୍କୃତି ବିଭାଗ ଦ୍ୱାରା ପରୀକ୍ଷିତ ଭାବରେ ଓଡ଼ିଆ ଭାଷା ଶାସ୍ତ୍ରୀୟ ଭାଷା ରୂପେ ସ୍ୱୀକୃତି ପାଇଲା ଏବଂ ଭାରତ ସରକାର ୧୧ ମାର୍ଚ୍ଚ ୨୦୧୪ ସରକାରୀ ଗେଜେଟରେ ଏହାକୁ ଭାରତର ଷଷ୍ଠ ତମ ଶାସ୍ତ୍ରୀୟ ଭାଷା ବୋଲି ଘୋଷଣା କଲେ । ଏହା ପୂର୍ବରୁ ଭାରତର ତାମିଲ (୨୦୦୪), ସଂସ୍କୃତ (୨୦୦୫), ତେଲୁଗୁ (୨୦୦୮), କନ୍ନଡ଼ (୨୦୦୮), ମାଲାୟଲମ (୨୦୧୨) ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ମିଳିସାରିଛି । ଆଧୁନିକ ବା ନବୀନ ଭାରତୀୟ ଆର୍ଯଭାଷା ଗୁଡିକ ମଧ୍ୟରେ ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବା ଆମ ପ୍ରଦେଶ ତଥା ଆମ ମାତୃଭାଷା ପାଇଁ ଅସ୍ମିତାର ରୂପକାର ତଥା ଗୌରବମୟ ଅଧ୍ୟାୟ ।

## ଶାସ୍ତ୍ରୀୟ ଓଡ଼ିଆଭାଷା ପ୍ରତି ଆମର ଦାଇତ୍ୱବୋଧ –

ଗୋଟିଏ ଭାଷା ସେଇ ଜାତିର ଆତ୍ମପରିଚୟ । ବ୍ୟକ୍ତି ଟିଏ ପରିଚିତ ହୁଏ ତା'ର ଭାଷା ମାଧ୍ୟମରେ । ଭାଷା କିନ୍ତୁ ବ୍ୟକ୍ତି କୁ ନେଇ ବଞ୍ଚେ ନାହିଁ, ଜାତିକୁ ନେଇ ବଞ୍ଚେ । ଭାରତର ଅନେକ ପ୍ରଦେଶ ଭାଷାକୁ ନେଇ ସୃଷ୍ଟି ହୋଇଛି । ଭାଷା ସହିତ ଜାତିର ଭାବଗତ ସମ୍ପର୍କ କେବଳ ନଥାଏ, ବରଂ ତା'ର ଆତ୍ମପରିଚୟ ସେଇ ଭାଷାଦ୍ୱାରା ହିଁ ସୃଷ୍ଟି ହୋଇଥାଏ । ଭାଷା ମରିଗଲେ ଜାତିର ଅସ୍ତିତ୍ୱ ସ୍ୱତଃ ଲୋପ ପାଇଯିବ । "UNESCO ପକ୍ଷରୁ ହୋଇଥିବା ସର୍ବେକ୍ଷଣ ଓ ମାନଦଣ୍ଡ ଅନୁସାରେ ଭାରତର ସର୍ବାଧିକ ୧୯୭ଟି ଭାଷା ଓ ଉପଭାଷାକୁ ବିଭିନ୍ନ ସ୍ତରର ବିପନ୍ନ ଭାଷା ଭାବେ ଚିହ୍ନିତ କରାଯାଇଛି । "(୭) ପୃଥିବୀ ରେ ପ୍ରଚଳିତ ୭୦୦୦ ଭାଷା ଭିତରୁ ପ୍ରାୟ ୨୫୦୦ ଭାଷାକୁ ବିପନ୍ନ ଭାଷାର ସୂଚନା ଦିଆଯାଇଛି । ୨୦୦୧ରେ ପ୍ରସ୍ତୁତ ବିପନ୍ନ ଭାଷା ତାଲିକାରେ ୯୦୦ ଭଷା ଥିଲା ବର୍ତ୍ତମାନ ସେଇ ସଂଖ୍ୟା ୨୫୦୦ ରେ ପହଂଚିଲାଣି । ଭାରତରେ ୧୯୭ ଟି ବିପନ୍ନ ଭାଷାର ତାଲିକାକୁ ଦେଖିଲେ

ISSN NO.
2582-208X

ସୁଦୀର୍ଘ ଐତିହ୍ୟ ଓ ଶାସ୍ତ୍ରୀୟ ଭିତ୍ତି ଥିବା ଆମ ଓଡ଼ିଆ ଭାଷାର ଭବିଷ୍ୟତ ବିଷୟରେ ମଧ୍ୟ କ୍ଷୀଣ ଆଶଙ୍କା ଜାତ ହୁଏ । ଓଡ଼ିଆ ଭାବରେ ଆମ ମାତୃଭାଷାର ସୁରକ୍ଷା କରିବା ଆମର ନୈତିକ ଦାଇତ୍ୱ ।

ଗୋଟିଏ ଭାଷାର ପ୍ରଚାର ଓ ପ୍ରସାର ସମ୍ପୂର୍ଣ୍ଣ ନିର୍ଭର କରେ ସେଇ ଜାତିର ମାନସିକତା ଉପରେ । ଓଡ଼ିଆ ଭାଷାର  ପ୍ରଚାର ଓ ପ୍ରସାର କିପରି ହେବ, ଏଥିପାଇଁ କେଉଁ କେଉଁ ଦିଗପ୍ରତି ଦୃଷ୍ଟି ଦେବାକୁ ପଡିବ, ଭାଷାର ବିକାଶ ପାଇଁ କେଉଁ ରଣ କୌଶଳ ଗ୍ରହଣ କରାଯିବ, ଓଡ଼ିଆ ମାନଙ୍କର ନିଜ ଭାଷା ସହିତ କିପରି ଭାବାତ୍ମକ ସମ୍ପର୍କ ସୃଷ୍ଟିହେବ, ସେଥିପ୍ରତି ସରକାରୀ ସ୍ତରରେ, ଭାଷା ଅନୁଷ୍ଠାନ ଗୁଡିକରେ, ବୁଦ୍ଧିଜୀବୀ ମହଲରେ ଓ ଛାତ୍ର ସମାଜରେ  ମାନସିକ ସ୍ତରରେ ଅନୁଚିନ୍ତା କରିବା ନିତାନ୍ତ ଜରୁରୀ ।

ଭାଷା ପରିବୃଦ୍ଧି, ଶକ୍ତିଶାଳୀ, ଦୀର୍ଘଜୀବି ଓ ବିକଶିତ ହୁଏ ଭାଷାର ବ୍ୟବହାରିକ କାରଣ ପାଇଁ । ବିଶିଷ୍ଟ ପ୍ରାବନ୍ଧିକ ଚିତ୍ତରଞ୍ଜନ ଦାସଙ୍କ ମତରେ – "ଯେଉଁ ମଣିଷ ନିଜକୁ ଭଲ ପାଇ ଶିଖିବ ନାହିଁ, ସେଇ ମଣିଷ କେବଳ ନିଜ ଭାଷାକୁ ଭଲପାଏ ନାହିଁ । ନିଜ ଭାଷାକୁ ଭଲ ନ ପାଇବା – ଏହା ଆମର ଅସାମର୍ଥ୍ୟ ନା ହୀନମନ୍ୟତା ? ମୃତ୍ୟୁ କୁ ଅପେକ୍ଷା କରିଥିବା ହିବ୍ରୁଭାଷା ଇହୁଦି ଜାତିର ଏକତ୍ରୀକରଣ ପରେ ନିଜର ଅସ୍ମିତା ଫେରି ପାଇଲା । ଏହା ସମ୍ଭବ ହେଲା ସେଇ ଜାତିର ସ୍ୱାଭିମାନ କାରଣରୁ ।" (୮) ଦକ୍ଷିଣ ଭାରତର ତେଲୁଗୁ, ତାମିଲ, କନ୍ନଡ଼, ମାଲାୟଲାମ ପ୍ରଭୃତି ଭାଷା, ଶାସ୍ତ୍ରୀୟ ମାନ୍ୟତା ପାଇସାରିଛି । ଏଇ ଭାଷା-ଭାଷୀମାନେ ସେମାନଙ୍କ ଭାଷାକୁ ଶିକ୍ଷାଦାନର ମାଧ୍ୟମ ଠାରୁ ଆରମ୍ଭ କରି ସରକାରୀ ଓ କାର୍ଯ୍ୟାଳୟର ଭଷାରୁପେ ନିତ୍ୟ ବ୍ୟବହାର କରୁଛନ୍ତି । ଏହାଦ୍ୱାରା ସେମାନଙ୍କର ଭାଷାର ମର୍ଯ୍ୟାଦା ବୃଦ୍ଧିପାଇଛି । ନିଜ ଭାଷା ମାଧ୍ୟମରେ ଅଧୟନ କରି ସର୍ବ ଭାରତୀୟ ପ୍ରତିଯୋଗିତାରେ କୃତିତ୍ୱ ମଧ୍ୟ ଅର୍ଜନ କରୁଛନ୍ତି । ପ୍ରଶାସନ ଓ ସରକାରୀ ସ୍ତରରେ ସେମାନଙ୍କର ନିଜ ଭାଷାପ୍ରତି ଉତ୍ସାହ ପରିଲକ୍ଷିତ ହୋଇଥାଏ । ଓଡିଶାରେ କିନ୍ତୁ ତାହାର ବିପରୀତ ଦେଖାଯାଏ । ଆମେ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ପ୍ରତି ବିଶେଷ ରୁଚି ରଖୁଛୁ, ବେଳେବେଳେ ଗର୍ବ ମଧ୍ୟ ଅନୁଭବ କରୁଛୁ । ଏକଦା ବିଶ୍ୱନାଥ କର କହିଥିଲେ – ପିଣ୍ଡରୁ ପ୍ରାଣ କାଢିନେବା ଯାହା, ଜାତିର ମାତୃଭାଷା ବିଚ୍ୟୁତି ତାହା । ଫଳରେ ଓଡ଼ିଆ ଘରର ଅଧିକାଂଶ ପିଲା ଆଜି ଓଡ଼ିଆ ଭାଷାରେ ଅତ୍ୟନ୍ତ ଦୁର୍ବଳ । ବିଦେଶୀ ସଂସ୍କୃତି ପ୍ରତି ଆଶକ୍ତ । ଓଡ଼ିଆ ଭାଷାରେ ସରକାରୀ କାର୍ଯ୍ୟ କରିବାକୁ  ମଧ୍ୟ ଅଧିକାରୀ ମାନଙ୍କ ଆଗ୍ରହ ନଥାଏ ।

ISSN NO.
2582-208X

ଦୁଃଖର ବିଷୟ ବିଶ୍ୱବିଦ୍ୟାଳୟ ସ୍ତରରେ ମଧ୍ୟ ଓଡ଼ିଆ ଭାଷାକୁ ସେପରି ଗୁରୁତ୍ୱ ଦିଆଯାଉନାହିଁ । ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାର ୨୪ବର୍ଷ ପରେ ଓ ଫକୀର ମୋହନ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାର ୧୪ ବର୍ଷ ପରେ ଓଡ଼ିଆ ଭାଷା-ବିଭାଗ ଖୋଲିବା ଓଡ଼ିଆଭାଷା ପ୍ରତି ଶୁଭଙ୍କର ନୁହେଁ । ଅନ୍ତତଃ ଶାସ୍ତ୍ରୀୟ ମାନ୍ୟତା ପାଇଲାପରେ ଆମକୁ ନିଜ ମନବୃତିରେ ପରିବର୍ତ୍ତନ କରିବାକୁ ପଡିବ । ତୃଣମୂଳ ସ୍ତରରୁ ଓଡ଼ିଆ ଭାଷାର ବ୍ୟବହାରିକତାକୁ ଗୁରୁତ୍ୱ ଦେବାକୁ ପଡିବ । ଫଳରେ ଓଡ଼ିଆ ଭାଷାର ଆଶାନୁରୂପକ ମର୍ଯ୍ୟାଦା ବଢିବ ।

ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ (୧୯୩୬) ଓ ଦେଶ ସ୍ୱାଧୀନତା (୧୯୪୭) ପରେ କିଛି ଓଡ଼ିଆ ଭାଷା-ଭାଷୀ ଅଞ୍ଚଳ ସୀମାନ୍ତ ରାଜ୍ୟରେ ରହିଯାଇଛି । ସେଠାରେ ଓଡ଼ିଆ ଭାଷାର ସ୍ଥିତି ବିପନ୍ନ । ଓଡ଼ିଆ ଭାଷାକୁ ବ୍ୟାପକ କରିବା ସହିତ ବିଛିନ୍ନାଞ୍ଚଳରେ ଓଡ଼ିଆ ଭାଷାର ଉନ୍ନତିକରଣ ପ୍ରତି ସରକାରୀ ସ୍ତରରେ ଧ୍ୟାନ ଦେଲେ ଓଡ଼ିଆ ଭାଷାର ଗୁରୁତ୍ୱ ବଢିବ ।

ଚାକିରୀ କ୍ଷେତ୍ରରେ ଓଡ଼ିଆ ଭାଷାର ମହତ୍ୱ ଗୌଣ ହେଲେ ବିଦ୍ୟାର୍ଥୀଙ୍କର ରୁଚି କମିଯିବ । ତେଣୁ ଓଡ଼ିଆଭାଷାରେ ସ୍ନାତକ, ସ୍ନାତକୋତ୍ତର ଛାତ୍ର, ଛାତ୍ରୀ ମାନଙ୍କୁ ସ୍କୁଲ ମାନଙ୍କରେ ଓଡ଼ିଆ ଭାଷା ଶିକ୍ଷକ ନିଯୁକ୍ତି ମିଳିଲେ ଓଡ଼ିଆ ଭାଷାର ଆଦର ବଢିବ । କେନ୍ଦ୍ର ସରକାର ଯେପରି  ଅନୁସୂଚିତ ଜାତି, ଜନଜାତି ପାଇଁ କନିଷ୍ଠ /ବରିଷ୍ଠ ରାଜୀବ ଗାନ୍ଧୀ ଗବେଷଣା ବୃତ୍ତି ଘୋଷଣା କରିଛନ୍ତି, ଓଡ଼ିଆ ଭାଷା ସାହିତ୍ୟରେ ଗବେଷଣା କରୁଥିବା ବିଦ୍ୟାର୍ଥୀ ମାନଙ୍କୁ ଉତ୍କଳର ମନୀଷୀଙ୍କ ନାମରେ ଗବେଷଣା ବୃତ୍ତି ଦେଲେ ଓଡ଼ିଆ ଭାଷାର ମାନ ବଢିବାରେ ସହାୟକ ହେବ ।

ଓଡ଼ିଆ ଭାଷା ଓ ସାହିତ୍ୟକୁ ଜନାଭିମୁଖୀ କରିବାପାଇଁ ଗ୍ରାମ ମାନଙ୍କରେ ପାଠାଗାର କରାଯିବ ଉଚିତ । ସରକାରୀ ସ୍ତରରେ, ଅଦାଲତ ମାନଙ୍କରେ, ଓଡ଼ିଆ ଭାଷାର ଯଥାସମ୍ଭବ ସଠିକ ବ୍ୟବହାର କରାଯାଉ । ନଥିପତ୍ର କାର୍ଯ୍ୟ ସମ୍ପୂର୍ଣ୍ଣ ଭାବରେ ଓଡ଼ିଆରେ କରାଯାଉ । ଓଡ଼ିଆ ଭାଷା ଗଠନରେ ଯେଉଁ ବୈଜ୍ଞାନିକତା ରହିଛି ତା'ଅନ୍ୟ ଭାଷା ମାନଙ୍କରେ କୋଚିତ ଦେଖାଯାଏ ,ଏ ସମ୍ପର୍କରେ ବର୍ତ୍ତମାନର ତରୁଣ ଯୁବ ପିଢ଼ିକୁ ସଚେତନ କରିବା ଦରକାର ।

ଗୋଟିଏ ଭାଷାର ଶବ୍ଦଭଣ୍ଡାର ହେଉଛି ତାର ପ୍ରମୁଖ ସମ୍ପଦ । ଇଂରାଜୀ ଭାଷା ଆଜି ଯଦି ବିଶ୍ୱବିଖ୍ୟାତ ହୋଇଥାଏ ନିଜସ୍ୱ ଶବ୍ଦଭଣ୍ଡାର ପାଇଁ । ପୃଥିବୀର ବିଭିନ୍ନ ଭାଷାରୁ ଶବ୍ଦ ଚୟନ କରି ଇଂରାଜୀ ଭାଷା ସମୃଦ୍ଧ ହୋଇଛି । ଓଡ଼ିଆ ଭାଷା ସେଇପରି କମନୀୟ ଓ ନମନୀୟ

ISSN NO.
2582-208X

ହୋଇଯିବା ଜରୁରୀ । କୌଣସି ଭଷା ଛୋଟ ନୁହେଁ । ବିଭିନ୍ନ ସ୍ରୋତରୁ ଭାଷା ଆସି ଏହାକୁ ସମୃଦ୍ଧ, ବ୍ୟାପକ କରିଥାଏ । ଓଡ଼ିଆ ଭାଷାର ଉନ୍ନତି ପାଇଁ ଲୌକିକ, ପାହାଡ଼ୀ, ଆଦିବାସୀ, ଅଞ୍ଚଳିକ ଭାଷାରୁ ଶବ୍ଦ ଚୟନ କରିବା ଉଚିତ ଓ ଅନେକ ଶବ୍ଦ ବିଭବକୁ ନିଖାରି ନୂତନ ଶବ୍ଦ ସୃଷ୍ଟି କରିବା ଦ୍ୱାରା ଭାଷାରେ ଗତିଶୀଳତା ବୃଦ୍ଧି ପାଇବ ।

ଭାଷାର ଆବେଗିକ ବ୍ୟବହାର ଭାଷା ସମୃଦ୍ଧିର ମୂଳଉତ୍ସ । ଛାତ୍ରଛାତ୍ରୀ, ଯୁବସମ୍ପ୍ରଦାୟ ଜୀବିକା କ୍ଷେତ୍ରରେ, ଉଚ୍ଚଶିକ୍ଷା କ୍ଷେତ୍ରରେ ଇଂରାଜୀକୁ ମାଧ୍ୟମ ଭାବରେ ଗ୍ରହଣ କରିପାରନ୍ତି, ମାତ୍ର ଘରେ କିମ୍ବା ବନ୍ଧୁମାନଙ୍କ ସହିତ କଥାବାର୍ତ୍ତା ବେଳେ ମାତୃଭାଷା ବ୍ୟବହାର କରିବା ଉଚିତ । ନେଲସନ ମାଣ୍ଡେଲାଙ୍କ ଭାଷାରେ -ମାତୃଭାଷା ହୃଦୟକୁ ଛୁଁଏ, ଅନ୍ୟ ଭାଷା ମସ୍ତିଷ୍କକୁ । ସାମାଜିକ ବିଧି-ବିଧାନ, ସାଂସ୍କୃତିକ କାର୍ଯ୍ୟରେ ଲିଖିତ ନିମନ୍ତ୍ରଣ ପତ୍ରରେ ଓଡ଼ିଆ ଭାଷାରେ ଲେଖାଯିବା ସହ ବିଭିନ୍ନ ନାମ ଫଳକ ଓଡ଼ିଆରେ ଲେଖାଗଲେ ଓଡ଼ିଆ ଭାଷାର ମର୍ଯ୍ୟାଦା ବଢ଼ିବ ।

ଓଡ଼ିଆ ଭାଷା ମୁଖ୍ୟତଃ ଓଡିଶା ମଧ୍ୟରେ ସୀମିତ । ଏହାକୁ ବିଶ୍ୱମୁଖୀ କରିବା ଓଡିଶାବାସୀଙ୍କ ଦାଇତ୍ୱ । ଗଣ ମାଧ୍ୟମ, ସମ୍ବାଦ ପତ୍ର, ରେ କାର୍ଯ୍ୟରତ ବ୍ୟକ୍ତି ଶୁଦ୍ଧ ଲିଖନ, ପଠନରେ ଗୁରୁତ୍ୱ ଦେଲେ ଭାଷାର ମୌଳିକତା ସୁରକ୍ଷିତ ରହିବ । କମ୍ପୁଟର କ୍ଷେତ୍ରରେ ବିଭିନ୍ନ ସଫ୍ଟୱେର ମାଧ୍ୟମରେ ଓଡ଼ିଆ ଭାଷାକୁ ବିଶ୍ୱମୁଖୀ କରାଯାଇ ପାରିବ । ସରକାର, ତଥା ବିଜ୍ଞ ଯୁବସମ୍ପ୍ରଦାୟ ଏଥିପ୍ରତି ଯତ୍ନଶୀଳ ହେବାର ଆବଶ୍ୟକତା ଅଛି ।

ଓଡ଼ିଆ ସାହିତ୍ୟର ବହୁମୂଲ୍ୟବାନ ଗ୍ରନ୍ଥ, ପୋଥି, ଅଭିଲେଖ ଆଜିପର୍ଯ୍ୟନ୍ତ ଲୋକଲୋଚନକୁ ଆସିପାରିନାହିଁ । ସେଥିପାଇଁ ସ୍ଥିର ଗବେଷଣା, ସଂଗ୍ରହ, ସହାୟତାର ମାର୍ଗ ଉନ୍ମୁକ୍ତ ରଖିବା ପାଇଁ ସରକାର, ବ୍ୟକ୍ତିବିଶେଷ ତଥା ବିଭନ୍ନ ବେସରକାରୀ ଅନୁଷ୍ଠାନ ଗୁଡିକ ଆଗେଇ ଆସିବାର ଆବଶ୍ୟକତା ଅଛି । ଓଡ଼ିଆ ଭାଷାରେ ବହୁ ମୂଲ୍ୟବାନ କୃତି ଅଛି, ଯାହା ବିଶ୍ୱ ସାହିତ୍ୟ ସହ ସମକକ୍ଷ । ଆମେ ସେଇ କୃତିଗୁଡିକୁ ଇଂରାଜୀ ତଥା ଅନ୍ୟ ଆନ୍ତର୍ଜାତୀୟ ଭାଷାରେ ଅନୁବାଦ ମାଧ୍ୟମରେ ବିଶ୍ୱ ଦରବାରରେ ପହଞ୍ଚାଇଲେ ଓଡ଼ିଆ ଭାଷାସାହିତ୍ୟର ମର୍ଯ୍ୟାଦା ବଢ଼ିବ । ଜାତୀୟ ସ୍ତରରେ ପ୍ରାଦେଶିକ ଭାଷାରେ ମଧ୍ୟ ଅନୁବାଦ କରିବାର ଆବଶ୍ୟକତା ଅଛି ।

ISSN NO.
2582-208X

ସୁତରାଂ, ଆଜି ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇଛି, ଏହା ଆମ ସମସ୍ତଙ୍କ ପାଇଁ ତଥା ଆମ ପ୍ରଦେଶ ପାଇଁ ଗୌରବର କଥା। କିନ୍ତୁ ଏହି ଗୌରବରେ ଖାଲି ଆନନ୍ଦିତ ହୋଇଗଲେ ଆମ ଓଡ଼ିଆ ଭାଷା ସମୃଦ୍ଧି ଲାଭ କରିପାରିବ ନାହିଁ । ସେଥିପାଇଁ ସ୍ୱତଃ ପ୍ରବୃତ୍ତ ଭାବରେ ଭାଷାର ଅଭିବୃଦ୍ଧି ପାଇଁ ସମବେତ ଉଦ୍ୟମର ଆବଶ୍ୟକତା ରହିଛି । ଏକଦା ଊନ୍ନବିଂଶ ଶତାବ୍ଦୀରେ ଓଡ଼ିଆ ଭାଷା ବିଲୋପ  ଷଡଯନ୍ତ୍ର ବିରୋଧରେ ସଂଗ୍ରାମ ପାଇଁ ଫକୀର ମୋହନ, ଗୌରୀଶଙ୍କର, ମଧୁସୂଦନ ଓ ଅନ୍ୟମାନେ ଯୋଗ ଦେଇଥିଲେ । ଫକୀର ମୋହନଙ୍କୁ ବଙ୍ଗାଳି ମାନେ "ସାଲା ରିଙ୍ଗ ଲିଡର" କହି କଟୁକ୍ତି ପ୍ରଦର୍ଶନ କରୁଥିଲେ । ତାଙ୍କର ଓଡ଼ିଆ ଭାଷା ସାହିତ୍ୟ ପ୍ରତି ଗଭୀର ମମତ୍ୱବୋଧ ଥିଲା । ଫକୀର ମୋହନଙ୍କ ଭଷାରେ -

"ଭାଷା ହିଁ ଜୀବନ ଶକ୍ତି ଜାତି ମାନଙ୍କର
ଯେ ଜାତି ଭଷା ହୀନ ସେ ଜାତି ବର୍ବର "।

ତାଙ୍କ ଭଷାପ୍ରୀତି କୁ ଲକ୍ଷ୍ୟକରି ଡ଼କ୍ଟର ମାୟାଧର ମାନସିଂ  ଫକୀର ମୋହନଙ୍କୁ  "ବିପନ୍ନ ମାତୃଭାଷାର କୁଶଳୀ ସେନାପତି" ବୋଲି ଅବିହିତ କରିଥିଲେ । ସମ୍ପ୍ରତି, ଆମ ଶାସ୍ତ୍ରୀୟ ମାନ୍ୟତା ପ୍ରାପ୍ତ ମାତୃଭାଷା 'ଓଡ଼ିଆ'ର ସୁରକ୍ଷା, ଗତିଶୀଳତା ଓ ଅସ୍ମିତାରକ୍ଷା ଆମ ପାଇଁ ସମୟୋପଯୋଗୀ ଏକ ମସ୍ତବଡ଼ ଆହ୍ୱାନ । ତେଣୁ ଆମ ସମସ୍ତଙ୍କୁ ଓଡ଼ିଆ ଭାଷାର ସୁରକ୍ଷା ପାଇଁ ଜଣେ ଜଣେ କୁଶଳୀ ସୈନିକ ହେବାକୁ ହିଁ ପଡିବ ।

++++++++

## ସହାୟକ ଗ୍ରନ୍ଥସୂଚୀ ----------

(୧) ଜନ ବିମସ - A Comparative Grammar of Five Mordern Indo-Aryan language.

(୨) ସୁନୀତ କୁମାର ଚାଟର୍ଜି -(Modern Oriya Literature) Indian Historical Quarterly - Vol-, XXIII, 1947, P.337

ISSN NO.
2582-208X

(୩) ଜଗନ୍ନାଥ ଦାସ - ଓଡ଼ିଆ ଭାଗବତ -(୧୧ ସ୍କନ୍ଦ, ଅ ୧୦, ୨୩,)

(୪) ଯଶୋବନ୍ତ ଦାସ -ଶିବସ୍ୱରୋଦ୍ୱୟ

(୫) ସୁବ୍ରତ କୁମାର ପୃଷ୍ଟି - ଶାସ୍ତ୍ରୀୟ ଭାଷା ଓଡ଼ିଆ :ଏକ ଦୃଷ୍ଟିପାତ

ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ଓ ଅସ୍ମିତା ଚର୍ଚ୍ଚା, ଓଡ଼ିଆ ସାହିତ୍ୟ ଏକାଡେମୀ, ପୃ - ୩୦୨

(୬)ପ୍ରଫେସର ଡ଼ଃ ବଂଶୀଧର ମହାନ୍ତି -ଓଡ଼ିଆ ଭାଷା ଆନ୍ଦୋଳନ, ପ୍ରକାଶକ : ସାହିତ୍ୟ ସଂଗ୍ରହ ପ୍ରକାଶନ, ପୃଷ୍ଠା -୩୦.

(୭)ଜଗତୀକରଣ ଓ ବିପନ୍ନ ମାତୃଭାଷା -ବସନ୍ତ କୁମାର ପଣ୍ଡା, ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ଓ ଅସ୍ମିତା ଚର୍ଚ୍ଚା, ଓଡ଼ିଆ ସାହିତ୍ୟ ଏକାଡେମୀ, ପୃ -୪୨୯

(୮) କୃଷ୍ଣଚନ୍ଦ୍ର ପ୍ରଧାନ - ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ଓ ଆମର ଦାଇତ୍ୱ, ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ଓ ଅସ୍ମିତା ଚର୍ଚ୍ଚା, ପୃଷ୍ଠା -୨୩୯ ।

ଅଧ୍ୟାପିକା, (ଓଡ଼ିଆ ବିଭାଗ)
ରଘୁନାଥ ସମବାୟ ମହାବିଦ୍ୟାଳୟ
ଓଡଗାଁ, ନୟାଗଡ

ISSN NO.
2582-208X

# ମୋ ଜୀବନର ଶ୍ରେଷ୍ଠ ନାୟକ ମୋ ବାପା



ଜୟନ୍ତୀ ବେହେରା

*ଯନ୍ତ୍ରଣା*

ଯନ୍ତ୍ରଣା ଏମିତି ହୃଦୟକୁ ବିଧା ମାରି
ବୁକୁ ତଳେ ଜଳିଯାଏ !
ନା କାହାକୁ କହିହୁଏ ନା ସହି ହୁଏ
ମନ ଖାଲି ମରିଯାଏ ।

ଏମିତି ଏକ ସମୟ ଚାଲି ଆସିଥିଲା
ମାୟା ମୋହ ଜାଲ ପରି!
ମୁଁ ଭିତରେ ଭିତରେ ଘୁମୁରି କାନ୍ଦୁଥିଲି
ବେଦନାର ଲୁହ ଧରି ।

ଯାତନାର ଗଭୀର ନିଦ୍ରାରେ ଶୋଇବାକୁ
ପରିସ୍ଥିତି ବାଧ୍ୟ କଲା!
ତଥାପି କାଳରାତ୍ରିର ଆହ୍ୱାନକୁ ଶୁଣି
ଚେତନା ମୋ ନିଦ୍ରା ଗଲା।

ଆଜି ଆଉ ନାହିଁ ସେଇ ମୋର ପିଲାଦିନ
ସବୁ ଯନ୍ତ୍ରଣାକୁ ଯିଏ !

ISSN NO.
2582-208X

ନିଜ ମୁଣ୍ଡେ ବୋଝ ବୋହି ନେଇ ଯାଉଥିଲେ
ସେ ମୋ ବାପା ଆଉ କିଏ ।

ଆଜି ମୁଁ ଯେତେ ଆର୍ତ୍ତ ଚିତ୍କାର କରିଲେବି
ଶୁଣିବାକୁ କେହି ନାହିଁ!
ତାଙ୍କରି ଆଦର୍ଶର ଛାଇ ଘେରି ହୋଇଯାଏ
ଦୁଃଖ ସହିଯାଏ ମୁହିଁ।

ତୁମେ ଆଦର୍ଶର ଅସୀମ ପ୍ରାନ୍ତରେ ବାପା
ମତେ ଦେଇଥିଲ ଶିକ୍ଷା!
ଆଜି ତୁମେ ନାହଁ ଦୂରେ ରହିଲେବି
ଶିଖେଇଛ ମହାଦିକ୍ଷା।।

ସବୁ ଯନ୍ତ୍ରଣା କୁ ସହିଯିବି ହସି ହସି
ତୁମଠାରୁ ଶିଖି ଅଛି!
ହୃଦୟେ ଦିଅ ହେ ବାପା ସାହସ ଶକତି
ଚାହେଁନା ମୁଁ ଆଉ କିଛି।

ଧର୍ମଶାଳା, ଯାଜପୁର

ISSN NO.
2582-208X

# ସମ୍ପତ୍ତ କୁମାର
# ଟଣ୍ଡନ୍



ଡ଼କ୍ଟର ସୀମାଞ୍ଚଳ ପ୍ରଧାନ

(୧୯୪୫----

ଅଣିଶହ ପଞ୍ଚଚାଳିଶି ମସିହା
ଅଗଷ୍ଟର ତେର ଦିନ
ଦିଲ୍ଲୀ ଠାରେ ତୁମେ ଜନମ ହୋଇଣ
ପବିତ୍ର କଲ ସେ ସ୍ଥାନ।

ପିଆରା ଲାଲ୍ ଟଣ୍ଡନ୍ ଥିଲେ ତୁମ
ଜନକ ଦିଲ୍ଲୀ ମାଟିର
କର୍ମର ଦେବୀ ଟି ତୁମର ଜନନୀ
ପୂଜୁଥିଲେ ସେ ଠାକୁର।

କେମ୍ବ୍ରିଜ୍, ପଞ୍ଜାବ, ଦିଲ୍ଲୀରେ ପଢ଼ିଲ
ସ୍ନାତକୋତ୍ତର ଶ୍ରେଣୀରେ
ସେହି କଥା ଏବେ ମନେ ପଡ଼ୁଅଛି
ସବୁ ସଭା ସମିତିରେ।

ISSN NO.
2582-208X

ୟାଙ୍ଗ୍ ସାଇଣ୍ଟିଷ୍ଟ ଏଓ୍ୱାର୍ଡ ପାଇଲ
ଅଣିଶ ପଞ୍ଚାଅଶିରେ
ତାକୁ ନେଇ ତୁମେ ଘରକୁ ଆସିଲ
କେଡ ଶରଧା ମନରେ।

B.Sc ପଢ଼ିଲ ପଞ୍ଜାବରେ ଯାଇ
M.Sc କରିଲ ସେଠି
ph.D କରିଲ ଦିଲ୍ଲୀ ଠାରେ ରହି
ପବିତ୍ର କରି ସେ ମାଟି।

ଦିଲ୍ଲୀ ବିଶ୍ୱବିଦ୍ୟାଳୟେ କୁଳପତି
ହୋଇ ଥିଲ ତୁମେ ଥରେ
ସେହି କଥା ଏବେ ମନେ ପଡ଼ିଗଲେ
ମନ ଓ ହୃଦୟ ଥରେ।

ଜୁଲଜିର ତୁମେ ପ୍ରଫେସର୍ ଥିଲ
ଦିଲ୍ଲୀ ବିଶ୍ୱବିଦ୍ୟାଳୟେ
ଛାତ୍ର ଛାତ୍ରୀଙ୍କର ଗହଣରେ ରହି
ପଢାଉ ଥିଲେ ନିର୍ଭୟେ।

ଅବସର ପରେ ଭିଜିଟିଙ୍ଗ୍ ଭାବେ
ପ୍ରଫେସର ହୋଇଥିଲ
ବିଭିନ୍ନ ସ୍ଥାନରେ ପାଠ ପଢାଇଣ
ତୁମେ ମହାନ୍ ହୋଇଲ।

ଆନନ୍ଦ ବିହାର, ବ୍ରହ୍ମପୁର -୦୮

ISSN NO.
2582-208X

# ବସନ୍ତ ଆସିଛି ହୋଲି କୁ ନେଇ



ଅଳକା ମହାନ୍ତ

ପୃଥିବୀ ର ଏହି ଆବର୍ତ୍ତମାନରେ
ବସନ୍ତ ର ଆଗମନ,
ନାନା ବିଭବ ରେ ଧରା ବୁକୁ ଭରେ
ହୁଏ ମନ ଆନ ମନ l

ଭକ୍ତିମୟ ହୁଏ ଏ ସାରା ଜଗତ
ପ୍ରୀତି ମୟ ଦୋଳ ଯାତ,
ପରମାତ୍ମାଙ୍କର  ପ୍ରେମର ଫଲଗୁ ରେ
ଆତ୍ମା ହୁଏ ବିମୋହିତ l

ଆସିଛି ଫଗୁଣ ନାନା ରଙ୍ଗ ନେଇ
ନବ କଳେବର ଧରା,
ରାଧା ମାଧବ ଙ୍କ ସତଗୁଣୀ ରଙ୍ଗେ
ରଙ୍ଗାୟିତ ଭାଇଚାରା l

ଭୁଲି ଅତୀତକୁ  ଆଲିଙ୍ଗନ କରି
ଲଭେ ଅତିନ୍ଦ୍ରୀୟ ସୁଖ,
ଆତ୍ମା ପରମାତ୍ମା ମିଳନରେ ଆଜି
ହୁଅନ୍ତି ଅମୃତ ମୁଖ l

ISSN NO.
2582-208X

ଶାନ୍ତି ମୈତ୍ରୀ ର ଗଣ ପର୍ବ ହୋଲି
ମନ କୁ ରଙ୍ଗୀନ୍ କରି,
ସୂଚାଇ ଦେଉଛି ପ୍ରେମ କେତେ ଭାରି
ନୁହେଁ ଈର୍ଷା ଦ୍ୱେଷ ସରି।


ଆଶିଷ ମିଳୁଛି କୃପାମୟଙ୍କର
ନାହିଁ ଜାତି ଧର୍ମ ଏଠି,
ରାଧା କୃଷ୍ଣଙ୍କ ର ଶାଶ୍ୱତ ପ୍ରେମରେ
ସଭିଏଁ ଆଜି ଏକାଠି।

ପ୍ରେମର ପସରା ମେଲାଇ ବସିଛି
ଫଗୁଣ ତା ଅଗମନେ,
ଶାନ୍ତି ମୈତ୍ରୀ ର ବାର୍ତ୍ତା ଦେଉଛି
ହୋଲି ର ଏହି ଲଗନେ।

ଅଧ୍ୟକ୍ଷା, ବି. ଜେ. ଇ. ଏମ. ସ୍କୁଲ -୨
ସତ୍ୟଭାମା ପୁର, ଭୁବନେଶ୍ୱର

ISSN NO.
2582-208X

# ମହାଯାତ୍ରା



ବିନୟ ମହାପାତ୍ର

ରମାନାଥ ବାବୁ ଏମିତି ଚାଲୁ ଚାଲୁ ଥରେ ପଛକୁ ଫେର ଚାହିଁଲେ, ପଛର ଦୃଶ୍ୟ କିଛି ସ୍ପଷ୍ଟ ଦିଶୁନି । ପଛରେ ସବୁ କିଛି ଯେପରି, ଧୂଆଁଳିଆ କୁହୁଡି ଭିତରେ ନିଜର ସତ୍ତା ଲୁଚାଇ ଦେଇଛନ୍ତି । ଯେମିତି ମାଘ ମାସର ଘନ କୁହୁଡିର ଚାଦରରେ ଢଙ୍କା ଏକ ଅଳସ ସକାଳ । ସବୁ କିଛି ନିଜ ଯାଗାରେ ଠିକ୍ ଠିକ୍ ଅଛନ୍ତି, କିନ୍ତୁ ଲାଗୁଛି ସତେ ଯେପରି ସେଠାରେ କିଛି ନାହିଁ । ସଂସାରଟା ଏମିତି ଏକ ପ୍ରହେଳିକା, ସବୁ ଥାଇ ବି କିଛି ନଥାଏ, କିଛି ନ ଥାଇ ବି ସବୁ କିଛି ଥାଏ । ଦିନର ପ୍ରଥମ ସୂର୍ଯ୍ୟ ଉଇଁ ଗଲା ପରେ ବି କଅଁଳିଆ ସୂର୍ଯ୍ୟ ନୂଆ ବୋହୁଟିର ମଥାରେ ନାଲି ସିନ୍ଦୁର ବିନ୍ଦୁଟିଏ ପରି ଦିଶୁ ଥାଏ, ଖରା ଜମାରୁ ଦିଶେନା, ଉଷ୍ଣତା ଟିକିଏ ବି ନଥାଏ । ଏମିତି ଏକ ସକାଳୁ ସେ ତାଙ୍କର ଚାଲିବା ଆରମ୍ଭ କରିଛନ୍ତି ଯେ, ଏଯାଏ ସରିବାର ନାଆଁ ନେଉ ନାହିଁ । ସମୟର କେତେ ଆଗକୁ ଚାଲି ଆସିଲେଣି ସିଏ !

ଦି'ପହର ଯାଇ ଅପରାହ୍ଣ ହେବାକୁ ହେଲାଣି, ଏବେ ଆଉ ସୂର୍ଯ୍ୟର ତୀବ୍ର କିରଣ ଦେହକୁ ଜାଳି ଦେଉନି । ବୈଶାଖର ଦେହ ଜଳା ଖରା, ଶ୍ରାବଣର ମୂଷଳ ଧାରା ବର୍ଷା ହେଉ କି ମାଘ ମାସର ବାଘ ପରି ଶୀତ, ସେଥିରେ କିଛି ଫରକ ପଡୁନି ତାଙ୍କୁ, ସେ ସବୁ ଏବେ ଆଉ କଷ୍ଟ ଦେଉନି, ବରଂ ସବୁ ତାଙ୍କର ଦେହସୁହା ହୋଇ ସାରିଲାଣି ଯେପରି । ଅପରାହ୍ନର ସୂର୍ଯ୍ୟ ବି ଥକି ଗଲାଣି ତାଙ୍କ ସାଥିର ଚାଲି ଚାଲି । ପଥ ସତେ ଯେମିତି ଲମ୍ବା ହୋଇ ଯାଇଛି, ସରିବାର ନାଆଁ ନେଉନି । କିନ୍ତୁ ଏ ପଥ ସରିବ କେମିତି ? କୁଆଡେ

ISSN NO.
2582-208X

ଯାଉଛନ୍ତି ସିଏ ? କିଛି ଗନ୍ତବ୍ୟ ତ ଧାର୍ଯ୍ୟ କରି ନାହାନ୍ତି ! କେଉଁଠି ପହଞ୍ଚିବାକୁ ଥିଲା ତାଙ୍କୁ? ସବୁ କିଛି ଅନିର୍ଦ୍ଦିଷ୍ଟ, କିଛି ବି ଧାର୍ଯ୍ୟ ନାହିଁ, ସେ ଖାଲି ଏମିତି ଦିଶାହୀନ ହୋଇ ଚାଲିଛନ୍ତି । ରାସ୍ତା ଭୁଲି ଗଲେ ଅବା ବାଟ ବଣା ହୋଇ ଗଲେ ବୋଲି କହି ହେବନି, କେମିତି କହିବେ ବାଟ ବଣା ହୋଇ ଗଲେ ବୋଲି ? ଆଗରୁ କିଛି ଦିଶା ନିର୍ଦ୍ଦିଷ୍ଟ ହୋଇ ନଥିଲା । ତେଣୁ ସେ ଯେଉଁ ପଥରେ ଚାଲୁଛନ୍ତି ସେଇଟା ହିଁ ଠିକ୍ ବୋଲି, ମାନି ନେବାକୁ ହେବ ।

ନଦୀକୁ ଜଣା ଥାଏ ତାକୁ ସମୁଦ୍ର ପର୍ଯ୍ୟନ୍ତ ଯିବାକୁ ଅଛି, ଟିକି ଚଢେଇଟି ବି ଜାଣି ଥାଏ, ସଂଧ୍ୟା ହେଲେ ତାକୁ ସେଇ ନିର୍ଦ୍ଦିଷ୍ଟ ବୃକ୍ଷ ଡାଳରେ ବନ୍ଧା ତାର ଟିକି ନୀଡଟିକୁ ବାହୁଡିବାକୁ ହେବ, ହେଲେ ରମାକାନ୍ତ ବାବୁ ? କେହି ତ ତାଙ୍କୁ କହିନି, କେଉଁଠିକୁ ଯିବାକୁ ଅଛି, ସେ ନିଜେ ବି କାହାକୁ କେବେ ପଚାରି ନାହାନ୍ତି । ଯିବାର କିଛି ଉଦ୍ଦେଶ୍ୟ ନାହିଁ, କିଛି ଲକ୍ଷ ନାହିଁ, କିଛି ଗନ୍ତବ୍ୟ ମଧ୍ୟ ସ୍ଥିର ନାହିଁ । ସକାଳୁ ସକାଳୁ ଏମିତି ବାହାରି ପଡିଥିଲେ ଏଇ ଯାତ୍ରାରେ ।

ସୂର୍ଯ୍ୟ ଯେତେ ବେଳେ ଉଇଁଲା, ସିଏ କାଉ ହାତରେ ଖବର ପଠେଇ ଥିଲା । କହିଲା ଚାଲ ମୋ ସାଥିରେ । ରମାନାଥ ପଚାରିଲେ କୁଆଡେ ଯିବା ? ସୂର୍ଯ୍ୟ କହିଲା ମୁଁ କଣ ଜାଣିଛି ? ଏମିତି ଚାଲିବା, ଯେ ପର୍ଯ୍ୟନ୍ତ ରାସ୍ତା ଦିଶୁଥିବ । ତା'ପରେ ତୁ ଫେରିବୁ, କାଲି ସକାଳେ ମୁଁ ବି ଫେରିବି, କାଲି ପୁଣି ଦେଖା ହେବ । ରମାନାଥ ପଚାରିଲେ କାଲି ପୁଣି କେଉଁଠି ଭେଟିବା ? ସୂର୍ଯ୍ୟ କହିଲା ମୋ ପାଇଁ, ସେଇ ଗୋଟିଏ ରାସ୍ତା ନିର୍ଦ୍ଦିଷ୍ଟ ହୋଇଛି, ମୁଁ କେବଳ ସେଇ ରାସ୍ତାରେ ଯିବି ଏବଂ ଆସିବି, କିନ୍ତୁ ସଂସାରର ଏଇ ଭିଡଭାଡ ଜନପଥରେ ତୁ କେଉଁ ରାସ୍ତାରେ ଯିବୁ ସେ କଥା କାହାକୁ ଜଣା ? ତୋ ରାସ୍ତା କଥା ତୋତେ ମଧ୍ୟ ଜଣା ନାହିଁ । ସେ ଯାହା ହେଉନା କାହିଁକି, ଯିଏ ଯେଉଁ ରାସ୍ତାର ଯାଉନା କାହିଁକି ସବୁ ନଦୀ ସେଇ ସମୁଦ୍ରରେ ହିଁ ମିଶିବେ, ତୋ ସହିତ କାଲି ବି ଦେଖା ହୋଇ ଯିବ, ଆମେ କାଲି ପୁଣି ଥରେ ଭେଟିବା, ନିଶ୍ଚୟ ଭେଟିବା !

କିଛି ଗନ୍ତବ୍ୟ ନଥିଲା, ତଥାପି ବହୁତ ଦୂର ଯିବାକୁ ଥିଲା, ରାସ୍ତା ବହୁତ ବାକି ଥିଲା ଚାଲିବାକୁ । ରାସ୍ତା ବି ଗୋଟିଏ ନଥିଲା, ଅନେକ ରାସ୍ତା, ବାଛିବା କଷ୍ଟ । ରମାନାଥ

ISSN NO.
2582-208X

ସୂର୍ଯ୍ୟକୁ ପଚାରିଲେ, କେଉଁ ରାସ୍ତାଟି ଠିକ୍ ରାସ୍ତା ? ସୂର୍ଯ୍ୟ କହିଲା ମୋର ତ ସେଇ ଗୋଟିଏ ରାସ୍ତା, ତୋ ରାସ୍ତା କଥା କିନ୍ତୁ ମୋତେ ଜଣା ନାହିଁ । ନିଜକୁ ପଚାରେ ! ମୋ ପାଖରେ କିଛି ବିକଳ୍ପ ନାହିଁ ବୋଲି ମୁଁ ପ୍ରତିଦିନ ସେଇ ପୂର୍ବରେ ଉଏଁ ଆଉ ପଶ୍ଚିମରେ ଅସ୍ତ ହୋଇ ଯାଏ । ମୋ ପାଇଁ ସେଇ ଗୋଟିଏ ରାସ୍ତା ନିର୍ଦ୍ଦିଷ୍ଟ । ତୋ ପାଖରେ କିନ୍ତୁ ହଜାର ବିକଳ୍ପ ଅଛି । ସୁବିଧାରେ ପହଞ୍ଚିବା ପାଇଁ, ନିରାପଦରେ ପହଞ୍ଚିବା ପାଇଁ ଅନେକ ରାସ୍ତା । ଆଉ କେତେ ରାସ୍ତା ସିଧା ସିଧା, କିଛି ସଟକଟ୍, ଜଲ୍ଦି ପହଞ୍ଚି ଯିବ, କିନ୍ତୁ ବହୁତ ରିସ୍କି । ନେଇ ଆଣି ଥୋଇ ପାରିଲେ ହେଲା । କିଛି ରାସ୍ତା ବହୁତ କଠିନ, ବିପଦରେ ପରିପୂର୍ଣ୍ଣ, ସେଥିରେ ପୁଣି ସୁଖ ମିଳବ କି ନାହିଁ ସେ କଥା କିଛି ସ୍ପଷ୍ଟ ଜଣା ନାହିଁ, କିନ୍ତୁ ସନ୍ତୋଷ ନିଶ୍ଚୟ ମିଳିବ, ନାମ ଯଶ ବି ମିଳି ପାରେ । ହେଲେ କଷ୍ଟ ଅଛି ସେ ରାସ୍ତାରେ ।

ସୂର୍ଯ୍ୟ ଟିକିଏ ବିରାମ ନେଇ ପୁଣି କହିଲା, ସେଥି ପାଇଁ ଭଗବାନ ମଣିଷକୁ ମନ, ବିବେକ, ବୁଦ୍ଧି, ଜ୍ଞାନ ସବୁ ଦେଇଛନ୍ତି, ନିଜ ରାସ୍ତା ନିଜେ ଠିକ୍ କରିବାକୁ । ମୋତେ କାହିଁକି ପଚାରୁଛୁ ? ନିଜେ ସ୍ଥିର କର ନିଜ ରାସ୍ତା ! ତୋର ମନକୁ ପଚାର, କହନ୍ତି ପରା, 'ମନ ତୋହର ନିଜ ଗୁରୁ, ଉଦ୍ଧବ କେତେ ତୁ ପଚାରୁ', କିନ୍ତୁ ସାବଧାନ, ଏଇଠି ଆଉ କାହାକୁ ରାସ୍ତା ପଚାରିବୁନି । କାହାର କିଛି ଭରସା ନାହିଁ, ସହଜରେ ସମସ୍ତଙ୍କୁ ବିଶ୍ୱାସ ବି କରି ହୁଏନି । ଏମିତି ଅନେକ ଅଛନ୍ତି, ଛଳେ ବଳେ କୌଶଳେ ତୋର ଦୁର୍ବଳତାର ସୁଯୋଗ ନେଇ ତୋର ଭରସା ଜିତିବେ ଶେଷରେ ତୋର ଅଣ୍ଟି ଆଉ ତଣ୍ଟି ଉଭୟ କାଟି ନେବେ । କେତେ ତ ତାମସା ଦେଖିବାକୁ ଓଲଟା ସିଧା ରାସ୍ତା ଦେଖେଇ ଦେବେ । ଆଉ ଏମିତି ବି ଅନେକ ଅଛନ୍ତି, ସେମାନେ ତୋତେ ସିଧା ସଳଖ ଖାଲରେ ପକେଇ ଦେଇ ଉପରେ ଠିଆ ହୋଇ ରହିବେ, ତାଳି ବଜାଇ ତାମସା ଦେଖିବେ । ଠିକ୍ ରାସ୍ତା ବତେଇ ଦେଲା ଭଳି ବହୁତ କମ ଲୋକ ମିଳିବେ ଏଇ ଦୁନିଆରେ । ତେଣୁ ନିଜର ମନ ଆଉ ବିବେକ ଅନୁଶାରେ ନିଜ ରାସ୍ତା ନିଜେ ବାଛିବା ସବୁ ଠାରୁ ନିରାପଦ ।

ପଥ ଜଣା ନଥିଲା, ସମୟର ବନ୍ଧନ ନଥିଲା, ସମୟର ବନ୍ଧନ ନଥିଲା କହିଲେ ବୋଧ ହୁଏ ଠିକ୍ ହେବନି, ପ୍ରକୃତରେ ସମୟର ବନ୍ଧନ ତ ଥିଲା, କିନ୍ତୁ ତାର ସୀମା ଜଣା ନଥିଲା। ସମୟ ଜଣା ନାହିଁ, କେବଳ ଚାଲିବାକୁ ବହୁତ ରାସ୍ତା ବାକି ଥିଲା । ରାସ୍ତା ଯେଉଁ ଆଡେ ନେଇ ଗଲା ପାଦ ଠିକ୍ ଠିକ୍ ତାକୁ ଅନୁଶରଣ କରୁଥିଲା । ହଜି ଯିବାର ଡର, ଥକି ଯିବାର

ISSN NO.
2582-208X

ଭୟ ଥିଲା । କିନ୍ତୁ, ଏବେ ଆଉ ଡର ଲାଗୁ ନଥିଲା ରମାନାଥଙ୍କୁ । ଜୀବନରେ ଏଇ ଚାଲିବା ଭିତରେ ଅନେକ କିଛି ଦେଖିଛନ୍ତି । ଉଠାଣି ଗଡାଣି ଖାଲ ଢିପ ସବୁ ଦେଖିଛନ୍ତି ।

ଆଗରୁ ଟିକିଏ ଡର ଡର ଲାଗୁ ଥିଲା, ଉଠାଣି ଦେଖିଲେ ମୁଣ୍ଡ ବୁଲେଇ ଦେଉ ଥିଲା, ଭାବୁ ଥିଲେ ଚଢି ପାରିବିତ ? କେତେ ଥର ଚେଷ୍ଟା କରି ହାରିଛନ୍ତି, କେତେ ଥର ଜିତିଛନ୍ତି ବି । କେବେ ଡରକୁ ଡରେଇ ଦେଇଛନ୍ତି, କେବେ ନିଜେ ଡରି ଯାଇ ରାସ୍ତା ବଦଳେଇ ନେଇଛନ୍ତି, କିନ୍ତୁ କେବେ ଚାଲିବା ବନ୍ଦ କରି ନାହାନ୍ତି । ଥକି ଗଲେ ଦି'ଘଡି କେଉଁ ଗଛ ମୂଳରେ ବସି ପଡନ୍ତି, ପଛକୁ ଦେଖନ୍ତି, ରାସ୍ତାରେ ନିଜ ଅନୁଭୂତିର ରୋମନ୍ଥନ କରନ୍ତି, ନିଜର ପରାଜୟରୁ କଣ ଶିଖିଲେ ତାର ତର୍ଜମା କରନ୍ତି । କେତେ ଚାଲିଲେ ସେ କଥା ଭୂଲି ଆଗକୁ ଦେଖନ୍ତି । ଭାବନ୍ତି ଆଗକୁ ଯାଉଥିବା ପଥ ବିଷୟରେ କିଛି ଜଣା ନାହିଁ । ତା ବିଷୟରେ ଭାବିଲେ ଲାଭ କଣ ହେବ ? ସିଏ ତ ଅନିଶ୍ଚିତ, ବର୍ଷା ଆସିବ ବୋଲି ଏବେ ଠାରୁ କଣ ଛତା ଖୋଲି ରଖିବେ ? କିଏ ଜାଣିଛି ଯେତେ ବେଳେ ବର୍ଷା, ଝଡ ତୁଫାନର ରୂପ ନେଇ ଚାଲି ଆସିବ, ସେତେ ବେଳେ ଏଇ ଛତା କେତେ କାମକୁ ଆସିବ ! ବାଆକୁ ବତା ପରି ଛତା ବି ଉଡି ଯିବ । ଏଇ ଛତା ସେତେ ବେଳେ ତାଙ୍କର ରକ୍ଷା କରି ପାରିବ କି ନାହିଁ କିଏ ଜାଣେ ?

ଭବିଷ୍ୟତ କଥା ଭାବି ଏବେ ଆଉ ଡର ଲାଗେନା । ମନ ବ୍ୟଗ୍ର ହୋଇ ଯାଏନା । ଯେତେ ସବୁ ରାସ୍ତା, ସବୁ ଗୁଡିକ ଏକା ପରି ଲାଗନ୍ତି, କେବଳ ସାଧାରଣ ରାସ୍ତାଟିଏ ପରି ଲାଗନ୍ତି । ରାସ୍ତା ତ ଉଠାଣି ଗଡାଣି, ଉବଡ ଖାବଡ ହେବଇ ହେବ । ଏଇଟା ଡ୍ରଇଁରୁମର ଟାଇଲ ବିଛା ଚଟାଣ ନୁହେଁ ଯେ ଚାଲିବାକୁ ମଖମଲି ଗାଲିଚା ମିଳିବ । ଏଇଟା ରାସ୍ତା, ଯେପରି ମିଳିବ, ସେଇଟା ଭଲ, ତା ଉପରେ ଯିବାକୁ ହିଁ ପଡିବ ।

ପ୍ରଥମ ଦିନରୁ ଏମିତି ଚାଲିବା ଆରମ୍ଭ ହୋଇ ଯାଇଛି, କେବେ ମାଆ ବାପା କୋଳରେ ଥାଇ, ଆଉ କେବେ ନିଜର ସନ୍ତାନକୁ କୋଳରେ ନେଇ ଚାଲିଛନ୍ତି, ରାସ୍ତା ଏବେ ବି ଚାଲିଛି। ବେଳେ ବେଳେ ରମାନାଥଙ୍କୁ ଲାଗେ, ସେ ଯେପରି ଗୋଟିଏ ସ୍ଥାନରେ ସ୍ଥାଣୁ ପାଲଟି ଯାଇଛନ୍ତି । ବାସ୍ ନିଜକୁ ଜାବୁଡି ଧରି ଗୋଟିଏ ଜାଗାରେ ଠିଆ ହୋଇଛନ୍ତି ଏବଂ ପାଦ ତଳର ରାସ୍ତା ନଦୀଟିଏ ପରି ବୋହି ଚାଲିଛି । ସେ ସୂର୍ଯ୍ୟ ପରି ସ୍ଥିର ଆଉ ପୃଥବୀ

ISSN NO.
2582-208X

ତାଙ୍କର ପରିକ୍ରମା କରି ଚାଲିଛି । ବେଳେ ବେଳେ ମନେ ହୁଏ ସିଏ ତ ସମୟର ରେଲ ଗାଡିରେ ଝରକା ପାଖ ସିଟ୍ ରେ ବସିଛନ୍ତି । ପାହାଡ ପର୍ବତ, ଗଛ, ବିଜୁଳି ଖୁଣ୍ଟ, ନଦୀ ନାଳ, ପୋଲ ସହର ଆଉ ଷ୍ଟେସନ ସବୁ କିଛି ପଛକୁ ଦୌଡି ଯାଉଛନ୍ତି । କିଛି ବୁଝି ହୁଏନା, କିଏ ଚାଲିଛି, କିଏ ସ୍ଥିର ! ହେଲେ ଏଇ ଚାଲିବା ସେମିତି ନିରନ୍ତର ଜାରି ରହିଛି ।

କେବେ ସରିବ ଏ ଯାତ୍ରା ? ଆକାଶକୁ ଚାହିଁଲେ, ସୂର୍ଯ୍ୟକୁ ଦେଖିଲେ, ସୂର୍ଯ୍ୟ ବି କ୍ଳାନ୍ତ ଦିଶୁ ଥିଲା । ରମାନାଥ କହିଲେ, ବାସ ବହୁତ ହୋଇ ଗଲା । ଏବେ ଏ ଚାଲିବା ବନ୍ଦ ହେଉ । ସୂର୍ଯ୍ୟ ଟିକିଏ ନିରେଖି ଦେଖିଲା ରମାନାଥଙ୍କୁ । ଟିକିଏ ହସି ଦେଇ ପୁଣି କହିଲା, ଆରେ, ଏତିକି ରାସ୍ତା ଚାଲିବାରେ ଥକି ଗଲୁ । ତୁ ଦେଖୁଛୁନା ମୋତେ ? କେଉଁ ଅନାଦି କାଳରୁ ମୁଁ ଚାଲୁଛି ପୁଣି ଅନନ୍ତ କାଳ ଯାଏ ଏମିତି ଚାଲୁ ଥିବି । ପୃଥିବୀ ଗୋଲ ବୋଲି ମୁଁ ଯେତେ ବେଳେ ପୃଥିବୀର ଆରପଟକୁ ଚାଲି ଯାଏ ଏବଂ ତୁ ମୋତେ ଦେଖି ନପାରୁ, ସେତେ ବେଳେ ତୁ ଭାବୁ ମୁଁ ଶୋଇ ଗଲି ବୋଲି, ହେଲେ ତେବେ ବି ମୁଁ ଚାଲୁ ଥାଏ, ଏମିତି ନିରନ୍ତର ଅବିଶ୍ରାନ୍ତ । ହଠାତ୍ ସୂର୍ଯ୍ୟ, କଥା ବନ୍ଦ କରି ରମାନାଥଙ୍କୁ ସନ୍ଦେହ ଭରା ଦୃଷ୍ଟିରେ ଦେଖି ପଚାରି ଦେଲା, ଆରେ, ତୁମେ ସିଏନା', ଯିଏ ସକାଳ ପହରରୁ ମୋ ସାଥିରେ ଚାଲୁଛି ?

ରମାନାଥ ଆଶ୍ଚର୍ଯ୍ୟ ହୋଇ ସୂର୍ଯ୍ୟକୁ ଚାହିଁ ପଚାରିଲେ, ମୋତେ କଣ ତୁମେ ମୋତେ ଚିହ୍ନି ପାରୁନ ? ହଁ, ମୁଁ ସେଇ, ଯିଏ ସକାଳୁ ଚାଲିଛି ତୁମ ସାଥିରେ, କିନ୍ତୁ ତୁମର କଣ ହେଲା ? ହଠାତ୍ ଏମିତି ଦୋ ଦୋ ଚିହ୍ନା ହେଲା ପରି ସନ୍ଦେହର ଏ ପ୍ରଶ୍ନ କାହିଁକି ? ମୁଁ କଣ ବଦଳି ଯାଇଛି ? ସୂର୍ଯ୍ୟ ହସିଲା, ଅଳ୍ପ ନୁହେଁ ବହୁତ ହସିଲା ଏବଂ କହିଲା, ମୋତେ କଣ ପଚାରୁଛୁ ? ମୋ ପାଖରେ ତ ଆଇନା ନାହିଁ, ନହେଲେ ଦେଖେଇ ଦିଅନ୍ତି । ହୁଏତ ତୁ ତୋ ନିଜକୁ ଦେଖି ଚିହ୍ନି ପାରିବୁ କି ନାହିଁ, ମୋତେ ସନ୍ଦେହ ଲାଗୁଛି । ଗୋଟାଏ କାମ କର, ସେଇ ଗଛ ମୂଳକୁ ଦେଖ, ରାସ୍ତା କଡରେ ତୋତେ କିଛି ଦିଶୁଛି ?

ରମାନାଥ କହିଲେ, ହଁ, ସେଇଠି ଭଣ୍ଡାରୀଟିଏ ଠିଆ ହୋଇଛି । ଗଛର ଗଣ୍ଡିରେ କଣ୍ଟାଟିଏ ପିଟି ବଡ ଆଇନାଟାଏ ଟାଙ୍ଗିଛି ଆଉ ଆଇନା ସାମ୍ନାରେ ଚଉକିଟିଏ ପଡିଛି । ସେ ଅପେକ୍ଷା କରିଛି, କାଳେ କିଏ ନୁଆ ଗରାଖ ଆସିବ, ଦାଢି କି ବାଳ କଟେଇବ ।

ISSN NO.
2582-208X

ସୂର୍ଯ୍ୟ ଟିକିଏ ହସି ଦେଇ କହିଲା, ସେଇଠିକି ଯାଅ, ସେ ଆଇନାରେ ଥରେ ନିଜକୁ ଦେଖି ନେ । ରମାନାଥ କହିଲେ, ତୁମେ ଏଇଠି ମୋର ଅପେକ୍ଷା କରିବନା' ? ଚାଲି ଯିବନି ତ ? ସୂର୍ଯ୍ୟ କହିଲା, ନାହିଁ ନାହିଁ ମୁଁ କୁଆଡେ ଯିବିନି, ଏଇଠି ତୁମର ଅପେକ୍ଷା କରିଛି । ଯାଅ, ଶିଘ୍ର ନିଜ ମୁହଁ ଦେଖି ଆସ, ଡେରି କରନି । ସେ ତାର ଦୋକାନ ବନ୍ଦ କରି ଦେଲେ ଆଉ ଥରେ ତୁମ ପାଇଁ ଖୋଲିବନି ।

ରମାନାଥ ଗଲେ ସେଇ ଗଛ ମୂଳକୁ, ତାଙ୍କୁ ଦେଖୁ ଦେଖୁ ଭଣ୍ଡାରୀ ପିଲାଟି ବି ଖୁସି ହୋଇ ଗଲା । ଭାବିଲା ନୁଆ ଗରାଖଟିଏ ଆସି ଗଲା । ସେ ତାର କଇଁଚି, ଖୁର ଟିକେ ସଜାଡି ନେଇ ପଚାରିଲା ମଉସା, ଚୁଟି କାଟିବ ନା ଦାଢୀ ?

ରମାନାଥ ଆଶ୍ଚର୍ଯ୍ୟ ହୋଇ ତାର ମୁହଁକୁ ଚାହିଁଲେ, ଭାବିଲେ ଇଏ ମୋତେ ମଉସା ଡାକୁଛି ? ସାର୍ ନ'ଡାକି ମଉସା ? କମ୍ ସାହାସ ତ ନୁହେଁ ଟୋକାର, ତା ଆଇନାରେ ମୁହଁ ଦେଖିବି ବୋଲି କଣ ଚାଲି ଆସିଲି ଯେ ମୋତେ ଚୁଟି ଦାଢୀ କାଟିବା କଥା ପଚାରିଲାଣି । ଆଜି ଯାଏ ସେ ଯେବେ ବି ଚୁଟି ଦାଢୀ କାଟିଛନ୍ତି ସବୁ ବେଳେ ବଡ ବଡ ଏୟାରକଣ୍ଡିସନଡ ହେୟରଷ୍ଟାଇଲର, ହେୟର ଡ୍ରେସର ପାଖରେ କାଟିଛନ୍ତି । ଯାହାର ଫିଜ୍ ଥରକେ ପାଞ୍ଚ ହଜାରରୁ କମ୍ ନୁହେଁ । ନିଜ ଅସନ୍ତୋଷକୁ ମନରେ ଲୁଚାଇ ରଖି କହିଲେ, ନାହିଁ, ନାହିଁ, ମୁହଁରେ କଣ କିଛି ଲାଗିଗଲା ତ ସେଇଟା ଦେଖିବାକୁ ଆସିଛି ।

ପିଲାଟି ଟିକିଏ କଡକୁ ଘୁଞ୍ଚି ଯାଇ କହିଲା, ହଉ ଦେଖ । ରମାନାଥ ଦର୍ପଣ ଆଗରେ ଠିଆ ହୋଇ ଗଲେ, ମୁହଁ ଉଠାଇ ଦର୍ପଣକୁ ଦେଖିଲେ, ହଠାତ ସମ୍ନାରେ ଭୂତ ଦେଖିଲା ପରି ଚମକି ପଡିଲେ, ଦୁଇ ପାଦ ପଛକୁ ଘୁଞ୍ଚି ଯାଇ ପଚାରିଲେ, ଆରେ, ଇଏ କିଏ ?? କାହାକୁ ଦେଖୁଛନ୍ତି ସିଏ ? ପୁଣି ଥରେ ସାହସ କରି ଦର୍ପଣ ଆଡକୁ ମୁହଁ ଉଠାଇ ଅନେଇଲେ, କିନ୍ତୁ ଆଇନାରେ କାହାକୁ ଦେଖୁଛନ୍ତି ରମାନାଥ ? ନିଜର ସନ୍ଦେହ ଦୂର କରିବା ପାଇଁ, ଗାଲରେ ହାତ ମାରିଲେ, ନାକରେ ହାତ ମାରିଲେ, ଦାନ୍ତ ଦେଖାଇ ହସିଲେ, ଶେଷରେ ଜିଭ ଦେଖେଇ ଖତେଇ ହେଲେ । ପୁଣି ନିଜକୁ ପଚାରିଲେ ମୁଁ ସିଏ ? ଯିଏ ଏଇ ଆଇନାରେ ଦେଖା ଯାଉଛି ? ସତରେ କଣ ମୁଁ ସିଏ ? ବିଶ୍ୱାସ ହୁଏନା, ମୁଁ ସିଏ, ଯିଏ ଏ ଆଇନାରେ ଦିଶୁଛି ??

ISSN NO.
2582-208X

ରମାନାଥ ମୁହଁ ବୁଲାଇ ଭଣ୍ଡାରୀ ପିଲାଟି ଆଡକୁ ଥରେ ଦେଖିଲେ । ସିଏ ବି ଚାହିଁଛି ତାଙ୍କୁ, ତା ଆଖିରେ ସତେ ଯେପରି ସନ୍ଦେହ ଆଉ କୌତୁହଳର ଫେଣ୍ଟା ଫେଣ୍ଟି ଏକ ଭାବ ଭରି ରହିଛି । ସେ ଆଁଟା କରି ଅନାଇଛି ରମାନାଥଙ୍କୁ, ଯେମିତି ତା ସାମ୍ନାରେ ଗୋଟାଏ ବଦ୍ଧ ପାଗଳ ଠିଆ ହୋଇଛି । ରମାନାଥ ପିଲାଟିକୁ ପୁଣି ଦେଖିଲେ, ବିରକ୍ତଭରା ସ୍ୱରରେ କହିଲେ, ହେଃ, କଣ ଦେଖୁଚୁ ? ପିଲାଟି ଘାବରେଇ ଯାଇ କହିଲା, କିଛି ନାହିଁ ମଉସା, କିଛି ନାହିଁ ।

ତାପରେ କଥା ବଦଳେଇବାକୁ ପଚାରି ବସିଲା, ମଉସା ଚୁଟି କାଟିବ ନା ଦାଢୀ ? ଚୁଟି କାଟିଲେ କୋଡିଏ ଟଙ୍କା, ଦାଢୀ କାଟିଲେ ଦଶ ଟଙ୍କା, ଦାଢୀ, ଚୁଟି ଉଭୟ କାଟିଲେ ପଚିଶ ଟଙ୍କା । ରମାନାଥଙ୍କର ଭ୍ରୁକୁଞ୍ଚିତ ହୋଇ ଗଲା । ପିଲାଟି ଟିକିଏ ଡରି ଯାଇ କହିଲା, ଆଜ୍ଞା ଗଲା ରବିବାର ଦିନ ଠାରୁ ରେଟ୍ ବଢି ଯାଇଛି ସବୁଠି । ହଉ ହଉ ବସ, ଚୁଟି ଦାଢୀ ଉଭୟ କାଟି ଦେବି, କୋଡିଏ ଟଙ୍କା ଦେବ । ଖାସ୍ ଆପଣଙ୍କ ପାଇଁ ପୁରୁଣା ରେଟ ଲଗେଇ ଦେବି, କାହାକୁ କହିବେନି ଏକଥା ।

ରମାନାଥ ତାର କଥା ନଶୁଣିଲା ପରି ମୁହଁ ବୁଲେଇ ପୁଣି ଦର୍ପଣକୁ ଦେଖିଲେ, ନିଜକୁ ନିଜେ ଚିହ୍ନି ପାରୁ ନାହାଁନ୍ତି । ଭାବିଲେ ମିଛଟାରେ ସୂର୍ଯ୍ୟକୁ ଏତେ କଥା କହି ଗଲେ । କୁଆଡେ ଗଲା ତାଙ୍କର ସେହି ସୌମ୍ୟ ସୁଦର୍ଶନ ମୁହଁଟା ? ଡଉଲ ଡାଉଲ ଅଣ୍ଡାକୃତି ମୁଖ, କୁଞ୍ଚକୁଞ୍ଚିଆ ଘନ କଳା କେଶ, ନାକ ତଳର ସେଇ ପତଳା ନିଶ, ତେଲି ସେଭିଂ ଚିକ୍କଣ ଗାଲ ? କିନ୍ତୁ ସାମ୍ନା ଦର୍ପଣରେ ଏଇ ଯେଉଁ ଲୋଳିତ ଚର୍ମ, ଧଳା କଳା ମିଶା କର୍କଶ ଦାଢି, ଅଧା ଚନ୍ଦା ମୁଣ୍ଡ, କପାଳରେ ଏ କୁଞ୍ଚିତ ରେଖା, କିଏ ଏଇ ବୃଦ୍ଧ ? ମୁଁ ?? ମୁଁ ନିଜେ??? ମିଷ୍ଟର ରମାନାଥ ??? ରମାନାଥ ଏମ୍ପାୟାରର ମାଲିକ, ବିଶ୍ୱର ହାତ ଗଣତି ଧନବାନ ବ୍ୟକ୍ତି ମାନଙ୍କ ଭିତରୁ ଜଣେ ??

ରମାନାଥ ହଠାତ୍ ପଛକୁ ବୁଲି ପଡି, ଏକ ମୁହାଁ ହୋଇ ଧାଇଁଲେ ସୂର୍ଯ୍ୟ ପାଖକୁ, କହିଲେ, ଏବେ ବୁଝିଗଲି, ତୁମେ କାହିଁକି ମୋତେ ସନ୍ଦେହ ଭରା ଦୃଷ୍ଟିରେ ଦେଖୁ ଥିଲ । କିନ୍ତୁ ଏସବୁ ହେଲା କେତେ ବେଳେ ?? ସୂର୍ଯ୍ୟ ଟିକିଏ ସମବେଦନାର ହସ, ହସି କହିଲା, ସକାଳ ଆଉ ସଞ୍ଜ ଭିତରେ କେତେ ପାର୍ଥକ୍ୟ ସେ କଥା କଣ ବୁଝି ପାରୁନୁ ? ସକାଳ ସଞ୍ଜ ଭିତରେ

ISSN NO.
2582-208X

କେତେ ଯେ ସମୟ ବିତି ଯାଏ, ମଣିଷ ସତେ ଯେପରି ଭ୍ରମରେ ପଡି ଥାଏ । ଆଖିରେ କଳା ଚଷମା ଲଗାଇ ନିଏ ଆଉ ଜୁଟି ଯାଏ ଧାଁ ଦଉଡରେ । ସେଇ ଭ୍ରମରେ କିଛି ବି ଦିଶେନା ତାକୁ, କେବଳ ଗୋଟିଏ ନିଶା, ଶୀର୍ଷରେ ପହଞ୍ଚିବାର ନିଶା, ଅନ୍ୟ ଅପେକ୍ଷା ଶ୍ରେଷ୍ଠ ହେବାର ନିଶା, କିନ୍ତୁ କେବେ ନିଜ ଆତ୍ମାର ଶ୍ରେଷ୍ଠତା କଥା ଭାବେନି । ସମୟ ଚାଲି ଯାଉଛି, ସେ କଥା କେବେ ବି ଭାବେନା । ମଣିଷ, ସମୟକୁ ହାତ ମୁଠାରେ ବାନ୍ଧି ରଖିବାକୁ ବୃଥା ଚେଷ୍ଟା କରେ । ଯାହା ଯେତେ ମିଳିଲା, ସବୁ ଏକାଠି କରିବା ନିଶାରେ ପାଗଳ ହୋଇ ଯାଏ । ନିଜେ ଦେଖି ପାରେନା, ଆଙ୍ଗୁଳି ସନ୍ଧିରୁ ଝୁରୁ ଝୁରୁ ହୋଇ ଚୋରା ବାଲି ପରି ସମୟ ଖସି ଯାଉଛି । ମୁଠାକୁ ଯେତେ ଯୋରରେ ବନ୍ଦ କରିବାକୁ ଚେଷ୍ଟା କରେ, ସେତେ ଯୋରରେ ବାଲି ଝରି ଯାଏ । ଶେଷରେ ଯେବେ ହାତ ମୁଠା ଖୋଲି ଦେଖେ, ସେତେ ବେଳେ ଦୃଷ୍ଟିକୁ ଆସେ ଦୁଇଟି ହାତ ଯେ ଶୂନ୍ୟ ରହି ଗଲା, କିଛିବି ତ ନାହିଁ ହାତ ମୁଠାରେ !

ଯେତେବେଳେ ସେ ଆସିଥିଲା, ସେତେ ବେଳେ ହାତ ଯେମିତି ଖାଲି ଥିଲା, ଜୀବନର ଶେଷ ଦିନରେ ଠିକ୍ ସେମିତି ଦୁଇ ହାତ ଶୂନ୍ୟ ରହି ଯିବ । ରମାନାଥ ସୂର୍ଯ୍ୟର ମୁହଁକୁ ବଲ ବଲ କରି ଚାହିଁ ରହି ଥାଆନ୍ତି । ସୂର୍ଯ୍ୟ ଆଡୁ ମୁହଁ ଫେରାଇ ନିଜର ଦୁଇ ହାତକୁ ଉଠାଇ ଦେଖିଲେ, ମୁଠା ଖୋଲି ଦେଲେ । ଏ କଣ ଦେଖୁଛନ୍ତି ସିଏ ? ହାତ ତ ଶୂନ୍ୟ, ସତରେ କିଛି ନାହିଁ ତାଙ୍କ ହାତରେ, ଯେମିତି କେବେ କିଛି ବି ନଥିଲା ତାଙ୍କ ହାତ ମୁଠାରେ, କୁଆଡେ ଗଲା ସବୁ ?

ରମାନାଥ ପୁଣି ଥରେ ସୂର୍ଯ୍ୟକୁ ଦେଖିଲେ । ସୂର୍ଯ୍ୟ ଟିକିଏ ହସିଲା, କହିଲା, ଦେଖ୍ ବେଳ ସରି ଆସିଲାଣି । ଏବେ ତ ଯିବାକୁ ହେବ । ମୋତେ ଦେଖ, ମୁଁ ଆସିଲା ବେଳେ ଯେମିତି ଦିଶୁ ଥିଲି ଏବେ ବି ସେମିତି ଦିଶୁଛିନା' ? ସକାଳେ ଯେମତି ଲାଲ ଟୁକ୍ ଟୁକ୍ ମୁହଁ ଦେଖାଇ ହସୁ ଥିଲି, ଏବେ ବି ସେମିତି ହସୁଛି ନା' ! କିନ୍ତୁ ତୋର କଣ ହେଲା ? ତୋର ସକାଳର ରୂପ ଏବେ ସିନା ନାହିଁ, କିନ୍ତୁ ତୋ ମୁଁହର ସେ ହସ କୁଆଡେ ଗଲା ? ଜଣେ ଆଶାବାନ ଉଦଯୋଗୀ ପୁରୁଷ ଥିଲୁ ତୁ, ସବୁ ବେଳେ ସବୁ କିଛି ଜିତି ଯିବାର ଲକ୍ଷ ନେଇ ଧାଉଁ ଥିଲୁ । କିନ୍ତୁ ହଠାତ୍ ତୋ ମୁଁହରେ ଏ ନିରାଶର ଭାବ କେଉଁଠୁ ଆସିଲା ? କେତେ କ୍ଳାନ୍ତ ଦେଖା ଯାଉଛୁ ତୁ ? ସକାଳେ ଯେମିତି କାନ୍ଦି କାନ୍ଦି ଆସି ଥିଲୁ, ଏବେ ବି କଣ

ISSN NO.
2582-208X

ସେମିତି କାନ୍ଦି କାନ୍ଦି ଫେରି ଯିବୁ । ଏବେ ତ ଟିକିଏ ହସି ଦେ, ଯେମିତି ମୁଁ ହସୁଛି ! ଯିବା ଆସିବା ତ ଲାଗି ରହିବ ।

କାଲି ମୁଁ ବି ଆସିବି, ତୁ ବି ଆସିବୁ । ଦୁଃଖ କାହିଁକି ? ଖାଲିହାତ ଦେଖି ଦୁଃଖ ଲାଗୁଛି ?? ଆରେ ଏଥିରେ ଦୁଃଖ କାହିଁକି ? ସେ ସବୁ ତ ସ୍ୱପ୍ନ ଥିଲା । ମାୟା ଥିଲା, ଦୃଷ୍ଟିଭ୍ରମ ଥିଲା । ଯାହା ଦେଖିଲୁ ତାହା ମାୟା ଥିଲା, ଯାହା କରିଲୁ, ଦେଲୁ ନେଲୁ ପାଇଲୁ ସବୁ ମାୟା ଥିଲା । ନା ତୁ କାହାର ଥିଲୁ, ନା କେହି ତୋର ନିଜର ଥିଲା । ଜୀବନଟା ତ ଗୋଟାଏ ଜର୍ଣ୍ଣି ଥିଲା। ଗାଡିରେ ବସିଲୁ, କେତେ ଯାତ୍ରୀ ଆସିଲେ ଗଲେ, କିଏ ପାଖରେ ବସିଲା, କିଏ ଭାଇ ଡାକିଲା କିଏ ବନ୍ଧୁ, କିଏ ସମ୍ପର୍କ ବଢେଇ ଦେଲା । କିନ୍ତୁ ଶେଷରେ ସମସ୍ତେ ନିଜ ନିଜର ଯାତ୍ରା ସମାପ୍ତ ପରେ ନିଜ ନିଜ ଷ୍ଟେସନରେ ଓହ୍ଲେଇ ଗଲେ, ଆଉ ଯିଏ ବାକି ରହି ଗଲେ ସେମାନେ ବି ଦିନେ ଓହ୍ଲେଇ ଯିବେ । ତୁ ଏବେ ଏଇଠି ଓହ୍ଲେଇ ପଡ, ତୋର ଯାତ୍ରା ଏଇଠି ଶେଷ । ମୁଁ ଯିବି, ତୁ ବି ଓହ୍ଲେଇ ପଡ ଏଇ ଷ୍ଟେସନରେ ।

ଓହ୍ଲାଇଲା ବେଳେ ଥରେ ତୋର ସହଯାତ୍ରୀ ମାନଙ୍କୁ ଦେଖିନେ । ଦେଖ୍, କେତେ ଜଣ ହାତ ହଲେଇ ଟା ଟା ବାୟ ବାୟ କରୁଛନ୍ତି । କେତେ ଜଣ ମନ ଦୁଃଖରେ କାନ୍ଦୁଛନ୍ତି, କିଏ ଦୁଃଖରେ ବିଭୋର ହୋଇ ଯାଉଛି, କିଏ ବାହୁନି ବାହୁନି କାନ୍ଦୁଛି । ତୁ ଓହ୍ଲେଇ ଗଲା ପରେ କେତେ ଜଣ ଖୁସି ବି ହେବେ, ପାର୍ଟି ମନେଇବେ, ଆଉ କେତେ ଜଣ ହାତ ଦେଖେଇ ଖତେଇ ହେବେ । ଏମିତି ବି କିଛି ଲୋକ ଥିବେ ଯେଉଁ ମାନଙ୍କୁ କିଛି ଫରକ ବି ପଡିବନି। ତୁ ଥିଲୁ କି ଗଲୁ ସେଥିରେ ତାଙ୍କର କିଛି ଯାଏ ଆସେନା । କିନ୍ତୁ ତୋର କଣ ଜାଣିବାକୁ ଇଚ୍ଛା ହେଉନି, ତୋର ଏଇ ଯାତ୍ରା, ଏକ ସଫଳ ଯାତ୍ରା ଥିଲା କି ନାହିଁ ? ରମାନାଥ ଜିଜ୍ଞାସୁ ଦୃଷ୍ଟିରେ ଚାହିଁ ରହିଲେ ସୂର୍ଯ୍ୟର ମୁହଁକୁ । ସୂର୍ଯ୍ୟ କହିଲା ତୁ ଓହ୍ଲେଇ ଗଲା ପରେ ଲୋକେ ହିସାବ କରିବେ । କେତେ ଅର୍ଜନ କଲୁ ତାର ହିସାବ ନୁହେଁ, କେତେ ଖର୍ଚ୍ଚ କଲୁ ତାର ବି ନୁହେଁ, କେତେ ସଞ୍ଚିଲୁ ସେ କଥାରେ କାହାର କିଛି ଯାଏ ଆସେନା, ତୋ ସଞ୍ଚୟରୁ ଯାହା କିଛି ବି ମିଳିବ, ସେସବୁ କେବଳ ତୋର ପତ୍ନୀ ପୁତ୍ର କନ୍ୟାଙ୍କୁ ମିଳିବ, ବରଂ ଦୁନିଆକୁ କେତେ ଦେଇକି ଗଲୁ, ତାହାର ହିସାବ କରିବ ଦୁନିଆ । କାହାକୁ ହସେଇବାକୁ, କାହାକୁ ଖୁସି କରିବାକୁ, କାହାର ଦୁଃଖ ଦୂର କରିବାକୁ, କଣ ଦେଇକି ଆସିଲୁ ତାର ହିସାବ କରିବେ । ଯେତେ ଅଧିକ ଯାତ୍ରୀ ବିନା ସ୍ୱାର୍ଥରେ ତୋର ଅନୁପସ୍ଥିତିକୁ ଅନୁଭବ କରିବେ,

ISSN NO.
2582-208X

ତୋର ଯାତ୍ରା ସେତେ ସଫଳ ବୋଲି ଜାଣିବୁ । ଚାଲ, ଏବେ ଯିବା, ସମସ୍ତଙ୍କୁ ଗୁଡବାୟ କହିଦେ । ଏତିକି କହି ସୂର୍ଯ୍ୟ ବୁଡି ଗଲା ଆଉ ରମାନାଥ ସେଇଠି ଥକା ମାରି ବସି ପଡିଲେ ।

××××

ହସପିଟାଲ ବେଡରେ ରମାନାଥଙ୍କ ନିର୍ଜୀବ ଶରୀରଟା ସେମିତି ପଡି ରହି ଥାଏ, ସାଇଡରେ ରଖା ହୋଇଥିବା ଲାଇଫ ସେଭିଙ୍ଗ ଉପକରଣ ଗୁଡିକ ସେମିତି ଶୁନ୍ ଶାନ ନୀରବ ପଡିଛନ୍ତି । ମୁଣ୍ଡ ପାଖରେ ସ୍ତ୍ରୀ ସୁନନ୍ଦା ବସି ଲୁହ ଗଡାଉଛନ୍ତି, ପୁଅ ବିକ୍ରମ ବ୍ୟଗ୍ରତାର ସହିତ ଏପଟ ସେପଟ ହେଉଛି । ହସପିଟାଲର ଡାକ୍ତରଙ୍କ ଠାରୁ ରମାନାଥଙ୍କ ଡେଥ ସାର୍ଟିଫେକଟ୍ ପାଇଁ ଅପେକ୍ଷା କରିଛି । ସେଇ ଗୋଟିଏ ଡକୁମେଣ୍ଟ ବହୁତ ଜରୁରୀ ଆଉ ମୂଲ୍ୟବାନ । ସେଇ ଗୋଟାଏ ଡକୁମେଣ୍ଟ ବିକ୍ରମ ପାଇଁ 'ରମାନାଥ ଏମ୍ପାୟାର'ର ଏକମାତ୍ର ଉତ୍ତରାଧିକାରୀ, ସବୁ ମାଲିକାନା ସତ୍ୱର ଚାବିକାଠୀ ।

******

ପଟିଆ, ଭୁବନେଶ୍ୱର

ISSN NO.
2582-208X

# ମହାକୁମ୍ଭ ମେଳା



ସିନ୍ଧୁ ନନ୍ଦିନୀ

ତୀର୍ଥ ରାଜ ପ୍ରୟାଗ ଅତି ପବିତ୍ର ଧାମ
ଭବ୍ୟ ଦିବ୍ୟ ଆୟୋଜନ
ସାଧୁସନ୍ଥ ସନ୍ୟାସୀ ସର୍ବେ ଶରଣାପନ୍ନ
ଆମ ଧର୍ମ ସନାତନ ।

ମହାକୁମ୍ଭ ମେଳା ରେ କରିବାକୁ ସ୍ନାନ
ଉତ୍ସୁକ ପ୍ରୟାଗ ଧାମ
କୁମ୍ଭ ସ୍ନାନ କରି ପୁଣ୍ୟ କରିବା ଅର୍ଜନ
ସନ୍ଥ ମାନଙ୍କ ସମାଗମ ।

ଗଙ୍ଗା ଯମୁନା ସରସ୍ୱତୀ ମିଳନରେ
ପବିତ୍ର ତ୍ରିବେଣୀ ସଙ୍ଗମ
ସନ୍ୟାସୀ ଙ୍କ ଅଲୌକିକ ଶକ୍ତିରେ ଜଗତ
ପବିତ୍ର ପ୍ରୟାଗ ଧାମ ।

ଦୂର ଦୂରାନ୍ତରୁ ବିଦେଶୀଙ୍କ ଆଗମନ
ନିଜକୁ ମଣନ୍ତି ଧନ୍ୟ
ବ୍ରାହ୍ମ ମୁହୂର୍ତ୍ତରେ ନରନାରୀ ମାନେ ସର୍ବେ
ସଙ୍ଗମେ କରନ୍ତି ସ୍ନାନ ।

ISSN NO.
2582-208X

ଧର୍ମ ସଂରକ୍ଷଣ ରେ ସାଂସ୍କୃତିକ ମହତ୍ତ୍ୱ
ଭାରତ ହୋଇଛି ମହାଦମ୍ଭ
ତ୍ରିବେଣୀ ସଙ୍ଗମ ଅତି ପବିତ୍ର ସ୍ଥାନ
ଦୁର୍ଲଭ ଅଦ୍ଭୁତ ମହାକୁମ୍ଭ ।

ସନାତନ ଧର୍ମ ସଂସ୍କୃତି ସମ୍ପନ୍ନ
ପବିତ୍ର ଭାବରେ ମଗ୍ନ
କୁମ୍ଭ ସ୍ନାନେ ଲୋପ ପାଏ ଲୋଭ
ବଢଇ ଇଶ୍ୱର ଅର୍ଚ୍ଚନ ।

ସଂସ୍କାରରେ ଭରା ଚିନ୍ତା ଓ ଚେତନା
ସାଧୁଙ୍କ ଚରଣ ବନ୍ଦନ
ସର୍ବେ ଯୋଡ ହସ୍ତେ କରନ୍ତି ପ୍ରାର୍ଥନା
ବେଦ ମନ୍ତ୍ର ଉଚ୍ଚାରଣ ।

ଧର୍ମ ଲହରୀ ଖେଳି ଯାଏ ବିଶ୍ୱେ
ସତ୍ୟ ଶିବ ସୁନ୍ଦର
ଚିତ୍ତ ଶୁଦ୍ଧି ଆତ୍ମା ଶୁଦ୍ଧି ପଥ ଉନ୍ମୁକ୍ତ
ପ୍ରଭୁ କଲ୍ୟାଣ କର ।

ଭୁବନେଶ୍ୱର

ISSN NO.
2582-208X

# ଶବ୍ଦର ଲଢେଇ



ଅମ୍ବିକା ସ୍ୱାଇଁ

ଝରଣାର ସ୍ରୋତପରି
ଶବ୍ଦର ପଙ୍କ୍ତି ସବୁ ଝରି ଆସନ୍ତି
ମୋ ମନ ହୃଦୟର ଗଭୀର କୋଣରୁ
କଲମ ତୁଳୀରେ ଆଙ୍କି ଦିଏ
ସଜେଇ ଦିଏ, ଶବ୍ଦ ମାଳାରେ...

ସେହି ଶବ୍ଦ ସବୁ ପରସ୍ପର
ଲଢେଇ କରନ୍ତି
ହାରିବା ଜିତିବା ଭୟ ରେ
କେତେ କୁହା ଅକୁହାର
ଭାଷା ଜାଲରେ ଛନ୍ଦି ହୋଇ
ଖୋଲି ବସନ୍ତି ବୁଢ଼ୀ ଅସୁରୁଣୀ ର
କାହାଣୀ ପେଡି, ସିନ୍ଦୁକ ଭିତରେ ଥିବା
ଫରୁଆ ର ରହସ୍ୟ ବାଣୀ...
ତା'ଭିତରେ ଖଞ୍ଜି ହୋଇ ରହି ଥାଏ
କେତେ ଗଳ୍ପ ଆଉ କାହାଣୀ ।

ପୁଣି ତା ସହିତ ଯୋଡି ହୋଇ ରହି ଥାଏ
ବର୍ତ୍ତମାନର ସ୍ଥିତି ପରିସ୍ଥିତି
ଅନୁଭବ ଅନୁଭୂତି
ସବୁ କୁ ସାଉଁଟି ଗୁନ୍ଥି ଦେଲାପରେ
ମିଳିଯାଏ ମନ ଚାହୁଁଥିବା ସୁନ୍ଦର
କବିତା ମାଳାଟି...
ତଥାପି ହାରିବା ଜିତିବା ଭୟ ରେ
ମନ ହେଉ ଥାଏ ଘାଣ୍ଟି ...!!

ଭୁବନେଶ୍ୱର

ISSN NO.
2582-208X

# ଚଠି



ଛବି ରାଣୀ ପତି

ସ୍ପନ୍ଦନର ଅନନ୍ତ ଆବେଗ
ପୁଲକିତ ସ୍ୱପ୍ନିଳ ମଧୁର ପ୍ରଣୟ
ସବୁକିଛିକୁ ଆୟତ କରିନେଇ
ମୋ ଭାବାବେଗ ହୃଦୟ ବର୍ଣ୍ଣାଳୀ
ଗଢ଼ି ତୋଳେ ଶବ୍ଦର କୋଣାର୍କ
ଧଳା, ନୀଳ, ଗୋଲାପି ଚିଠିରେ ।

ଶ୍ରାବଣୀ ଲୁହର ବିଷର୍ଣ୍ଣତା ମଧ୍ୟେ
ଚିତ୍ର ଚରିତ୍ର ମାନଙ୍କର ବିବଶତାକୁ
ସମୟ ଅଙ୍କ କଷିଲା ବେଳେ
ବିଶ୍ୱାସୀ ଇଶ୍ୱର ବି ଦଗା ଦେଇଯାନ୍ତି ବୋଲି
କବିତାରେ କବିତାରେ ...
ସୁସଜ୍ଜିତ ଶବ୍ଦରେ ଶବ୍ଦରେ
ଝୋଟି ଆଙ୍କେ ଛନ୍ଦ ବିଛନ୍ଦର
କେତେ ଅଳଙ୍କାରିକ ରଙ୍ଗ ଆଉ
ନାନା ସମିକରଣର ଉପମା ଦେଇ
ଗଢେ ମନମୁତାବକ
ନୂଆ ଭାବ ନୂଆ ଶବ୍ଦର

ISSN NO.
2582-208X

କାବ୍ୟିକ କୋଣାର୍କ
ଚିଠିରେ ଚିଠିରେ ...।

ସବୁ ଭାବ ତ...
ସେଇ ଅମାନିଆ ମନ ପାଇଁ
ଏ ଦଦରା ହୃଦୟର
ଦରଦୀ ଚିଠିରେ !!
ଯାହା କହି ପାରିନି କି ପାରିବିନି
ବାସ୍, କାଣିଚାଏ ପ୍ରେମ ଚାହେଁ
ମୁଁ ଯେ ତୁମରି ପାଖରୁ ।

ସମ୍ପାଦିକା - ରାମକୃଷ୍ଣ ସାହିତ୍ୟ ସଂସଦ
ମଧଶାସନ, ବିରିଡ଼ି, ଜଗତସିଂହପୁର
ଫୋନ୍ -୯୩୩୭୯୬୦୦୬୦

ISSN NO.
2582-208X

# ସାରଥୀ



ଡଃ ମାଙ୍ଗଳିକା ମହାପାତ୍ର

କହିବ କି ମୋ ସାଥି...
ସାଜିଲ ଯେବେ ମୋ ସାରଥି
ଭାବିଥିଲ ମୋ କଥା
କେତେ ଦିନ କେତେ ରାତି...

ଭଲପାଇବା ଥିଲା
କେତେ ଯେ ମୋ ପ୍ରତି...
ଯେବେ ଯେବେ ଭାବେ ତୁମ କଥା
ତୁମ ଲାଗି ବଢିଯାଏ ପ୍ରୀତି

ପ୍ରୀତି ସାଥେ ଅଛି ଯେ
ତୁମ ପାଇଁ ଅସରନ୍ତି ଭକ୍ତି...
ତୁମ ବିନା ଜୀବନେ
ଆଗେଇ କି ପାରନ୍ତି...!!!

ତୁମ ପାଶେ ଦେଇଛି
ନିଜକୁ ସମର୍ପି...
ତୁମ ବିନା ଯେ ମୋର
ନାହିଁ ଗତି ମୁକ୍ତି...

ଜୀବନର ପଥରେ ଯେବେ
ହୁଡ଼ିଥିଲି ବାଟ..
ପାଇଥିଲି ସେବେ ମୁଁ
ତୁମକୁ ନିକଟ...

ଦୁଃଖର ଚକ୍ରବ୍ୟୁହ ରୁ
ମତେ କଲ ଯେ ବାହାର
ସେଥିଲାଗି ତୁମ ପାଇଁ
ମୋ ଶରଧା ଅପାର...

ରେଭେନସା ବିଶ୍ୱବିଦ୍ୟାଳୟ

ISSN NO.
2582-208X

# ଲଳିତ ନିବନ୍ଧ-
# ଏକାଳ ପଖାଳ



ବଦ୍ରୀ ମହାନ୍ତ

ଚାଲି ଚଳଣ ଆଚାର ବ୍ୟବହାର କୌଣସି ସ୍ଥାନରେ କସ୍ମିନ୍ କାଳେ ସ୍ଥିର ହୋଇ ରହିପାରେନା। ସମୟ ସହିତ ବଦଳି ଯାଉଥାଏ ଏହାର ରଙ୍ଗ ଢଙ୍ଗ ଚିତ୍ର ଚରିତ୍ର। ଏ କଥାଟି ସହଜରେ ମନକୁ ଛୁଏଁ ନାହିଁ, ଖୋଜୁଥାଏ ସେଦିନକୁ, ସେ ସମୟକୁ, ସେଦିନର ମଣିଷଙ୍କ ସାମ୍ନାରେ ଅହରହ ଝୁଲିପଡ଼ିଥିବା ବ୍ୟବସ୍ଥାକୁ। ସଭିଏଁ ସ୍ଥିର ନିଶ୍ଚିତ ଭାବେ ଜାଣନ୍ତି, ସେଦିନ କେବେ ଆଉ ଫେରିବ ନାହିଁ ତଥାପି ବର୍ତ୍ତମାନକୁ ତୁଳନା କରି କହନ୍ତି, 'କୁଆଡେ ଗଲା ସେଦିନ, ସେ ପାଣି ପବନ, ମଣିଷର ମଣିଷପଣିଆ, ଗାଁ ଗଣ୍ଡା, ଆଚାର ବେଭାର, ରଙ୍ଗ ରସ, ହସ କଉତୁକ ଓ ସେକାଳ ପଖାଳ!' ଅମେ ସତରେ କଣ ସେଦିନକୁ ହରାଇ ଦରିଦ୍ର ହୋଇ ଯାଇଛୁ ! ସନ୍ଧାନ ଓ ସମୃଦ୍ଧିର ଦୁନିଆରେ ବସବାସ କରି ବିକଳରେ ଖୁଜୁଛୁ ସେକାଳକୁ, ଅତୀତର ସେ ସବୁ ଚଳଣିକୁ, ଯେଉଁ ଗୁଡିକ ଉଜ୍ଜ୍ୱଳ ହୋଇ ଉଭା ହୋଇଛନ୍ତି ଆମ ସାମ୍ନାରେ। ନିତି ପ୍ରତିଦିନ ଘୂରି ବୁଲୁଛୁ ସେଇ ଚକ୍ରରେ, ସମାଧିସ୍ଥ ବିଚାର ବ୍ୟବସ୍ଥାକୁ ଖୋଲି ଧରି ମନସ୍ତାପ ଭିତରେ ସମୟ କାଟୁଛୁ!

ନିଜ ସମାଜ, ଜାତି ଓ ଆପଣାପଣ କଥା ଉଠିଲେ ମନକୁ ସ୍ପର୍ଶ କରେ ନିଜସ୍ୱ ଭାବନା, ଏକାନ୍ତ ନିଜସ୍ୱ ଅଧିକାର, ଯାହା ଉପରେ କେହି ଟିପଟିଏ ସୁଦ୍ଧା ଦେଇ ପାରିବେ ନାହିଁ। ଛାତି ଫୁଲେଇ, ନିଶ ମୋଡ଼ି ସ୍ପର୍ଦ୍ଧା ଦେଖାଇ କହି ହୁଏ, ଏହା ମୋର ନିଜର, ଏହା ଉପରେ କେହି ଆଖି ପକାଇଲେ ସେ ଆଖିକୁ ତାଡି ବାହାର କରି ଦିଆଯିବ। ମାନ ଅଭିମାନ ଦୋଷ ଦୁର୍ଗତି ସବୁ କାନ୍ଧରେ ଲଦି ଆଗକୁ ନେବାରେ ବାଧା ନାହିଁ। ସେଥିରେ ଆଉ କାହାରି ଅଧିକାର ରହିବ ନାହିଁ। ଯାହା ପାଇଛି, ପାଉଛି ଓ ଯାହା ହରେଇ ଦେଇଛି ସବୁ ମୋର।

ISSN NO.
2582-208X

କାଳର କରାଳ ଗର୍ଭରେ ଲିପ୍ତ ହୋଇ ଯାଇଥିବା କଥା, ବସ୍ତୁ, ଭାବନା ସବୁ ମୋର ଆପଣାର। ଯାହା ଉପରେ ଛିଡ଼ା ହୋଇଛି ବର୍ତ୍ତମାନ, ତାକୁ ମଧ୍ୟ ସ୍ୱୀକାର ନକରି ରହି ହେବନାହିଁ।

ଏ ଦୃଷ୍ଟିରୁ ଓଡ଼ିଆଙ୍କର ସାଧାରଣ ଭୋଜନ ପଖାଳକୁ ବିଚାର କରା ଯାଇପାରେ। ଗରିବ ଗୁରୁବା ମଧ୍ୟବିତ୍ତ ସଭିଙ୍କୁ ଆତ୍ମତୃପ୍ତିରେ ଭରି ଅପୂର୍ବ ଶାନ୍ତି ପ୍ରଦାନ କରୁଥିବା 'ପଖାଳ' ଜାତୀୟ ଜୀବନର ଏକ ଅଙ୍ଗ, ଶ୍ରୀମନ୍ଦିରରେ ପ୍ରସ୍ତୁତ ହେଉଥିବା ଛପନ ଭୋଗ ମଧ୍ୟରୁ ଗୋଟିଏ। ଏହାକୁ ଉପଲକ୍ଷ କରି ଜମା ହୋଇଛି ଅସଂଖ୍ୟ କାହାଣୀ, କଥା କଥାରେ ଆସି ଯାଉଛି ଓଡିଆ ପଖାଳ। ପ୍ରିୟ ଭୋଜନ ରୂପେ ଏହା ଯେତିକି ଆଦର ଲାଭ କରିଛି ତା ଠାରୁ ଅଧିକ ଜୀବନ ଚର୍ଯ୍ୟାର ଏକ ଅଙ୍ଗ ରୂପେ ବିଚାର କରାଯାଉଛି କେଉଁ କାଳୁ। ଓଡ଼ିଆ ସ୍ୱାଭିମାନର ପ୍ରତୀକ ରୂପେ ସାମ୍ନାରେ ରଖି ଅତୀତ ବର୍ତ୍ତମାନ ଓ ଭବିଷ୍ୟତ ଜାତୀୟ ଜୀବନର ଅସୁମାରି କଥା ନାନା ବ୍ୟଥାକୁ ଖୋଲି ଦିଆଯାଉଛି ଏହାର ଛାତି ଉପରେ।

ଯାହା ଆଜି ଆମ ହାତ ପାଆନ୍ତାରେ ନାହିଁ, ଯେଉଁ ଗୁଡ଼ିକ ଅତୀତ ହୋଇ ଯାଇଛି, ଆଉ କେବେ ଫେରିବାର ସଂଭାବନା ନାହିଁ, ତାକୁ ନେଇ ଝୁରି ହେବା ସାଧାରଣ କଥା। ପଛକୁ ଫେରି ଚାହିଁଲେ ଉଜ୍ଜ୍ୱଳ ଦିଶୁଥିବା ମୁହଁ, ଫର୍ଚ୍ଚା ଆକାଶ, ଖାଦ୍ୟ ପାନୀୟ, ପର୍ବ ପର୍ବାଣୀ ଓ ଆଚାର ବ୍ୟବହାର ଧୂସର ଦିଶୁଛନ୍ତି ସତ, ମାତ୍ର ବର୍ତ୍ତମାନକୁ ଅସ୍ୱୀକାର କରି ପାରୁନାହାନ୍ତି। ସେକାଳର ସଂପର୍କ କେତେ ନିର୍ଭେଜାଲ ଥିଲା, ସ୍ୱାର୍ଥପରତା କେଉଁ ସ୍ତରରେ ରହି ପରସ୍ପରକୁ ବାନ୍ଧୁଥିଲା, ପୂଜା ପାର୍ବଣରେ ଥିବା ନିଷ୍ଠା କେମିତି କେଉଁ ପରିବେଶ ସୃଷ୍ଟି କରୁଥିଲା ତାହା କଳନା କରି ହୁଏନା। ସ୍ନେହ ପ୍ରେମ ଆନ୍ତରିକତା ଓ ବନ୍ଧନ ଭିତରେ କେମିତି ଥିଲା ସଙ୍ଘର୍ଷ ସଂଘାତ, ଆଶା ଆକାଂକ୍ଷା ଓ ସ୍ୱପ୍ନ ସମ୍ଭାବନା! କେମିତି ଥିଲା ବଣ ଜଙ୍ଗଲର ନିରବତା, ନଈର ଛଳ ଛଳ ଗତି, ନିର୍ମଳ ଆକାଶର ସ୍ୱର ଓ ଶାନ୍ତ ବାତାବରଣ !

ସବୁ ସୁବିଧା ସୁଯୋଗ ଆନନ୍ଦମୟ ପରିବେଶରେ କଣ ନଥିଲା ଦୁର୍ଘଟଣା? ନଈ ବଢ଼ି, ଘରପୋଡି, ଚୋରି, ରାହାଜାନୀ ଅତ୍ୟାଚାର, ଦମନ ଲୀଳା ସହିତ ଅଭାବ ଅସୁବିଧା ଓ ଦ୍ୱନ୍ଦ ମଣିଷକୁ ବ୍ୟଥିତ କରୁ ନଥିଲା ? ସେକାଳର ସମାଜ ବ୍ୟବସ୍ଥା ରାଜନୈତିକ ଅସୁସ୍ଥତା ଭିତରେ ସାଧାରଣ ମଣିଷଟିର ଆର୍ତ୍ତ ଚିତ୍କାର କିଏ ଶୁଣୁଥିଲା, କିଏ କେମିତି ସମାଧାନ କରୁଥିଲା ଏ ସବୁ ସମସ୍ୟା? ଭାବି ବସିଲେ ସେକାଳର ବେଦନା ବିଧୁର କଥା,

ISSN NO.
2582-208X

ଛାତି ଥରା ବ୍ୟଥା କେଉଁ ଏକ ଅଗମ୍ୟ ବନରେ ପହଞ୍ଚାଇ ଦିଏ ମନକୁ, ଭାରାକ୍ରାନ୍ତ କରେ ପ୍ରାଣକୁ ।

ଉନ୍ନତତର ଶିକ୍ଷା ଦୀକ୍ଷା ଓ ବିଜ୍ଞାନ ପ୍ରଯୁକ୍ତି ବିଦ୍ୟା ହାତରେ ଧରାଇ ଦେଇଛି ଅପହଞ୍ଚ ବସ୍ତୁ, ନାନାଦି ସୁଖ ସୁବିଧା। ଭୋଗ ବିଳାସ ସାମଗ୍ରୀର ପ୍ରାଚୁର୍ଯ୍ୟ ମଧ୍ୟରେ ତଥାପି ସେ ଅତୃପ୍ତ ରହୁଛି, ଖୋଜୁଛି କେମିତି ଆହୁରି ଆଗକୁ ଯିବ, ନିଜକୁ ଶ୍ରେଷ୍ଠ ସର୍ବମାନ୍ୟ ଓ ସମୃଦ୍ଧ ରୂପେ ପରିଚିତ କରାଇବ। ଅନ୍ତହୀନ ଶୋଷ ଓ ସ୍ୱପ୍ନ ତାକୁ କବଳିତ କରି ରଖିଛି। ପଖାଳ ପରିବର୍ତ୍ତେ ପିଜା, ଭାତ ବଦଳରେ ବିରିଆନି ଓ ପୋଡ଼ା ପତୁଆ ସ୍ଥାନରେ ପକୋଡ଼ା ମଞ୍ଜୁରିଆ ଗୃହୀତ ହୋଇ ଯାଇଛି ସତ, ମାତ୍ର ଅତ୍ମତୃପ୍ତି କାହିଁ? କେଉଁଠି ସେ ଆନନ୍ଦ, କେତେଦୂରରେ ଶାନ୍ତି !

ଆଜି ପଖାଳର ରଙ୍ଗ ଢ଼ଙ୍ଗ ବଦଳିଛି, କେବଳ ଗରିବ ସାଧାରଣ ମଣିଷର ଭୋଜନ ନହୋଇ, ହୋଇ ଯାଇଛି ସମ୍ଭ୍ରାନ୍ତର ବୌଦ୍ଧିକ ବିଳାସ। ପାଞ୍ଚ ତାରକା ହୋଟେଲମାନଙ୍କରେ ସେମିତି ପଖାଳ ସହିତ ଶାଗ ବଡିଚୋରା ଭଜା ପରିବେଷିତ ହୋଇ ସେଦିନକୁ ମନେ ପକାଇ ଦେଉଛନ୍ତି ସତ, ମାତ୍ର ଛାତିରେ ହାତ ରଖି କଣ କହିହେବ ଅପୂର୍ବ ଶାନ୍ତିରେ ମନ ପ୍ରାଣକୁ ଆହ୍ଲାଦିତ କରୁଛି! ତେଣୁ ବାଇ ମହାନ୍ତି କହନ୍ତି, "ସେକାଳ ଓ ଏକାଳ ମଧ୍ୟରେ ଦୂରତାକୁ କମ କରି ଏକାଳ ପଖାଳକୁ ଏମିତି ପ୍ରସ୍ତୁତ କର, ଯାହାର ସ୍ୱାଦ କେବଳ ଅନୁପମ ନ ହୋଇ ସେଥିରେ ମୋ ଗାଁ ମୋ ମଣିଷ ବାସୁଥିବେ, ଚୈତନ୍ୟକୁ ଖୁସ କରି ସେଥିରୁ ମହକି ଉଠୁଥିବ ଓଡ଼ିଆର ବାସ୍ନା।"

ବି 10/154, କେନ୍ଦ୍ରୀୟ ବିହାର,
ପୋ:ଟମାଣ୍ଡୋ, ଭୁବନେଶ୍ୱର-751028
badrimohanty60@gmail.com

ISSN NO.
2582-208X

# ଭାବି ଦେଖ ଥରେ



ଶାନ୍ତିଲତା ମିଶ୍ର

ଏତେ ପରିଶ୍ରମ କରି,
ଏତେ ସୁନ୍ଦର ସଂସାର
ଗଢ଼ିଛ କୁହ କାହା ପାଇଁ ।
ଯେବେ ଲୁହରେ ଲହୁରେ
ଭିଜି ସଂସାରୀ ଡାକେ ତ୍ରାହୀ, ତ୍ରାହୀ ।
ଜାଣେ ଅନେକ ନିୟମ ଅଛି ସଂସାରରେ
ଯାହା ତୁମେ ସୃଷ୍ଟି କରି ନାହଁ ।
ନିଜ ବିଛା ଜାଲେ ଫସି,
ସେଠୁ ବାହାରି ନପାରି
ଏ ମଣିଷ ହୁଏ କଲବଲ ।
କିନ୍ତୁ ଏହି ଅଭିଯୋଗ ଧରି
ମୁଁ ଆସିଛି ଆଜି ତୁମ ପାଖ,
ଅଜ୍ଞାନୀ ମଣିଷକୁ ଭଲ ବାଟ
ଦେଖେଇ ତ ପାରିଥାନ୍ତ ତୁମେ ।
ବୃଦ୍ଧ ପିତା ମାତା କାହିଁକି
କାନ୍ଦନ୍ତି ଏତେ ଅସହାୟ ହୋଇ ।
ଦିନ କାଟି ଦିଅନ୍ତି ପିଲା ମାନଙ୍କ
ଆସିବା ରାସ୍ତାକୁ ଚାହିଁ ଚାହିଁ ।
ସୁଖରେ ସଂସାର ଗଢ଼ିବା ନିଶାରେ

ISSN NO.
2582-208X

ଝିଅ ବୋହୂ ହୁଏ ଯୌତୁକ ପ୍ରଥାର ଶୀକାର ।
କେବେ ଅକାଳ ମୃତ୍ୟୁ, କେବେ ଆତ୍ମାହୂତି
କେବେ ବ୍ୟଭିଚାର କରେ ପଥ ଭ୍ରଷ୍ଟ ।
ଯେତେବେଳେ ଦେଖି ଏ ସୁନ୍ଦର ସଂସାର
ହୋଇଯାଏ ମୁଁ ଆତ୍ମ ବିଭୋର ।
ମନ ଭାଙ୍ଗି ଯାଏ ପରକ୍ଷଣେ ଶୁଣି
ଲଙ୍ଘିଛି କେ ଆଜି ତୁମେ ଟାଣିଥିବା ଲକ୍ଷ୍ମଣର ଗାର ।
ପ୍ରଳୟ ଜାଣି ଶୁଦ୍ଧା ଆମନ୍ତ୍ରଣ କରି ଆଣୁଛି
ଏ ମଣିଷ ନିଜର ବିନାଶ ।
ତଥାପି ଏ ସୁନ୍ଦର ସସାଂର ଗଢି ଦାନ କରିଥିବାରୁ
ଏ ଜଗତ ବାସୀଙ୍କୁ,
ଜଣାଏ ଧନ୍ୟବାଦ ଅନ୍ତରରୁ ନିତି ଅଶେଷ ଅଶେଷ ।
ଏ ଦିଗୁ ସେ ଦିଗ, ଉପରୁ ତଳ
ଯେବେ ବି ଦେଖେ, ଯୋଉଠି ବି ଦେଖେ,
ସଂସାର ତୁମ ଅନିନ୍ଦ୍ୟ ସୌନ୍ଦଯ୍ୟର ରେ ଭରା ।
ଏହି ପରି କାଳଯୟୀ ହୋଇ ରହୁ ଏ ସଂସାର
ଉପମା ଦେବାର ତାକୁ କିଛି ନାହିଁ ଆବଶ୍ୟକ ।

ରଚେଷ୍ଟର, ମିନେସୋଟା, ଆମେରିକା

ISSN NO.
2582-208X

# ବହି ବା କିଏ ପଢୁଛି !



ଅଜିତ କୁମାର ରାଉତ

କି ଦୁନିଆ ହେଲା କି ଯୁଗ ଆସିଲା
ପୁସ୍ତକର ମୂଲ୍ୟ କାହିଁ ?
କିଏ ବା ପଢୁଛି କିଏ ବା ଦେଖୁଛି
ମୋବାଇଲ୍ କରେ ତହିଁ !

ପଞ୍ଚ ଇନ୍ଦ୍ରିୟ ତା ଅର୍ପଣ କରିଛି
ସବୁ କାର୍ଯ୍ୟ ଡିଜିଟାଲ୍
ବହୁବିଧ କରି ରୂପ ଦେଉଅଛି
ବହିର ଗଲା କି ମୂଲ୍ୟ ?

ବଶୀଭୂତ ବ୍ୟକ୍ତି ଯନ୍ତ୍ର ଆଧୁନିକେ
ରୋଦନ କରୁଛି ବହି
ବଢିବା ଟା ଦୂର ନଜରରେ ନାହିଁ
ଅଶ୍ରୁ ଗଡି ଯାଏ ବୋହି !

ଭୁଆସୁଣୀ ଆଜି କାହିଁ ଭୁଆସୁଣୀ
ଭୁଆସୁଣୀ କାର୍ଯ୍ୟ କାହିଁ ?
ଆଧୁନିକ ନାରୀ ପାଠ ପଢି ହେଲା
ନୂଆ ଭାରତରେ ଯହିଁ !

ସାଜି ରଖି ଅଛୁ ଅମିୟ ବହିର
ପଢେ ନାହିଁ କିମ୍ବା ଦିନେ ?
ଜ୍ଞାନର ଭଣ୍ଡାର ରହିଛି ପୃଷ୍ଠାରେ
ସ୍ମୃତି ନାହିଁ ତୀ ମନେ !

ପୌରାଣିକ ଗ୍ରନ୍ଥ ସୁସଜ୍ଜିତ ଗୃହେ
ନାହିଁ ଭାଗବତ ଟୁଙ୍ଗି
ଗାଆଁରୁ ଶହର ନଜର କାହିଁରେ
ଟୁଙ୍ଗି ଗଲା କିବା ଭାଙ୍ଗି ?

କିଛି ବୃଦ୍ଧ ଜନ ଗାଆଁର ଦାଣ୍ଡରେ
ଶୁଣୁଛନ୍ତି ରାମାୟଣ
ବକ୍ତା ହୋଇ ଅଛି ମୋବାଇଲ ଯନ୍ତ୍ର
ହୋଇଛି ଧାରା ଶ୍ରାବଣ !

ଲକ୍ଷ୍ମୀଙ୍କ ଚରିତ୍ର ନ ପଢନ୍ତି ଆଉ
କରେ ଭୁଆସୁଣୀ ବ୍ରତ
ମାଣବସା ହେଉ ସୁଦଶା ବ୍ରତହେ
ଗାଉଛି ଭିଡ଼ିଓ ଗୀତ !

ISSN NO.
2582-208X

ବହି ପଢ଼ିବାର ନାହିଁ ଆବଶ୍ୟକ
କିପରି ଦୁନିଆ ହେଲା ?
ସମଗ୍ର ବିକାଶ କିପରି ହୋଇବ
ବହି ପଢ଼ିବା ଭୁଲିଲା !

ଡିଜିଟାଲ ସଙ୍ଗେ ପୁସ୍ତକ ମହତ୍ତ୍ୱ
ଜାଣ ହେ ମହତ୍ୱପୂର୍ଣ୍ଣ
ସର୍ବଜ୍ଞ ଜ୍ଞାନ ଟି ବହିର ପୃଷ୍ଠାରେ
ପଢିଣ ହୁଅ ବିଦ୍ୱାନ !

ସଭାପତି, ଉତ୍କଳ ସମ୍ମିଳନୀ ଷଢ଼େଇକଳା ଖରସୁଆଁ ଜିଲ୍ଲା
ରାଜନଗର ବ୍ଲକ ଶାଖା, ଝାଡ଼ଖଣ୍ଡ/ମୋ:- ୭୨୦୫୩୪୩୫୭୯

ISSN NO.
2582-208X

# ଦୁଇଟି ଛୋଟ ଗପ



ଆଶୁତୋଷ ମେହେର

## ପ୍ରଥମ.....ପରିପୂରକ

ଆଜି କିଛି ହାତରେ କାମ ନ ଥିଲା, ତେଣୁ ରାସ୍ତାକଡରେ କ୍ୟାବିନ୍ ବେଞ୍ଚରେ ବସି ଚା ର ମଜା ନେଉଥିଲା ସୁକାନ୍ତ। ସେ ଟାଇଲମିସ୍ତ୍ରୀ ର କାମକରେ। ହାତରେ ପ୍ରାୟ ତା'ର କାମଥାଏ, ତେବେ ଏଇ ଶୀତଦିନ ପର୍ବପର୍ବାଣୀ ପାଇଁ ଏବେ ଟିକେ ମାନ୍ଦା ଚାଲିଛି। ହଠାତ୍ ସେ ଦେଖିଲା ମଳିମୁଣ୍ଡିଆ ନୁଖୁରା ବାଳ, ଫଟାଚିରା ପୋଷାକ ପିନ୍ଧା ଭିକାରୀ ଜଣେ କିଛି ମାଗୁଛି ହାତପାତି। ଆଖିରେ ତା' ଅନେକ ଆଶା। ସୁକାନ୍ତ ମନରେ ଟିକିଏ ସମବେଦନା ଜାଗିଲା। ପକେଟ୍ ଭିତରୁ ପର୍ସରୁ କାଢି ବାହାରକଲା ଦଶଟଙ୍କିଆ ନୋଟ ଖଣ୍ଡେ, ଆଉ ଥୋଇଦେଲା ସେ ବଢିଲା ହାତପାପୁଲିରେ। ହଠାତ୍ ସେ ଦେଖିଲା ଏକ ସୁନ୍ଦର ଗହିରିଆ ହସ ଧାରେ, ସେଇ ଲୋକର ପାଣ୍ଡୁର ଓଠ ଫାଙ୍କରେ !! କେତେ ସୁଖଭରା ଆଶାର ଲହଡି ଖେଳୁଥିଲା ସତେ!!

ତାର ମନେ ପଡିଗଲା ଏଇ କିଛି ଦିନ ତଳେ ପଛ କଲୋନୀର ମହାନ୍ତିବାବୁ ସେ କିଛି କାମ ଧରିଥିଲା। କାମ ସରିଲା ପରେ ମଜୁରୀ ବାବଦରେ ସେ ହିସାବକରି କହିଲା, ସାର୍ ମୋଟ ନଅହଜାର ଆଠଶହ ଟଙ୍କା ହେଲା। ମହାନ୍ତିବାବୁ ବ୍ୟାଙ୍କରେ କାମ କରନ୍ତି, ବଢାଇ ଦେଲେ କିଛି ନୂଆଁ ପାଞ୍ଚଶ ନୋଟ୍। ସୁକାନ୍ତ ଗଣିଲା କୋଡିଏଖଣ୍ଡ। କହିଲା, ସାର୍ ଏ ତ ଦଶ ହଜାର ଅଛି, ମୋ ପାଖରେ ଖୁଚୁରା ନାହିଁ ଫେରାଇବାକୁ। ମହାନ୍ତିବାବୁ କହିଥିଲେ, ହଉ ହେଲା ବାକି ଦୁଇଶ ଟଙ୍କା ମୋ ତରଫରୁ ତୋପାଇଁ ଉପହାର, ରଖିଥା। ସେଦିନ ସୁକାନ୍ତ ଅନୁଭବ କରିଥିଲା ଏକ ଗହୀରିଆ ଆତ୍ମସନ୍ତୋଷ ତା ମନ ଭିତରେ, ଓଠରେ ଖେଳିଥିଲା

ISSN NO.
2582-208X

ଆନନ୍ଦର ଏକ ହସ ଧାର !! ସେ ଦିନ ତା ଓଠର ହସକୁ ସେ ନିଜେ ତ ଦେଖପାରିନଥିଲା, ତେବେ ଆଜି ସେ ମାଗୁଥିବା ଲୋକର ଓଠର ଗହୀରିଆ ହସକୁ ଦେଖି ଅନୁଭବ କରୁଥିଲା, ସେ ଦିନ ତା ଓଠର ହସ ବି ସେମିତି ଗହୀରିଆ ଥିଲା ନିଶ୍ଚୟ, ଯାହାକି ମହାନ୍ତିବାବୁ ନିଶ୍ଚେ ଅନୁଭବ କରିଥିବେ !!

## ଦ୍ୱିତୀୟ......ରିହାତି

ମାର୍କେଟରେ, ରଞ୍ଜନ ଓ ଶିଳା, ସ୍ୱାମୀ ସ୍ତ୍ରୀ ଦୁହେଁ ହସିହସି ହାତ ଧରାଧରି ହୋଇ ମସଗୁଲରେ ବୁଲୁଥିଲେ। ହଠାତ୍ ଶିଳା ଗୋଟାଏ ଦୋକାନ ଆଗରେ ଠିଆ ହୋଇଯାଇ କହିଲେ, "ମତେ ଏଇ ସଙ୍ଗେ ସଙ୍ଗେ ପାଞ୍ଚହଜାର ଟଙ୍କା ଦରକାର କିଛି ଜିନିଷ କିଣିବାକୁ" ।

ଚକିତ ହେଲେ ରଞ୍ଜନ। କାହିଁ ଘରେ ମାର୍କେଟ୍ ଯିବା କଥା ପଡିଥିଲା ବେଳେ ତ ଏମିତି କିଛି ଜିନିଷ କିଣିବା ଓ ପଇସା କଥା କହିନଥିଲେ ଶିଳା। କିଛି ନୂଆଁ ଜିନିଷରେ ଆଖି ପଡିଯାଇଛି ବୋଧେ ? ମନରେ ସନ୍ଦିହାନ ନେଇ ପଚଚାରିଲେ, "ହଠାତ୍ କଣ କିଣିବାକୁ ମନ ହେଲା ଯେ, ଏତେ ଗୁଡେ ପଇସା ମାଗୁଛ " ?

...."-ହେଇ ଦେଖୁନ ସେ ଦୋକାନ ସାମ୍ନାରେ ବୋର୍ଡ ଲାଗିଛି, ସିଲ୍କଶାଢୀ ୧୦ ଟଙ୍କା ଗୋଟା, ନାଇଲନ୍ ଶାଢୀ ୭ ଟଙ୍କା ଗୋଟା ଆଉ ସୂତାଶାଢୀ ୫ ଟଙ୍କା ଗୋଟା!!ମୋର ତେଣୁ ଗୁଡାଏ ଶାଢୀ କିଣି ନେବାକୁ ମନ ଉଚ୍ଚାଟ ହେଉଛି। ଏମିତି ଡିସକାଉଣ୍ଟ ରିହାତି କଣ ସବୁଦିନେ ମିଳିବ"??

..... ମନେ ମନେ ହସିଲେ ରଞ୍ଜନ ।

କହିଲେ, "ମହାଶୟା, ସେ ସବୁ ଶାଢୀ ର ଦାମ୍ ନୁହଁ। ସେଇଟା ଶାଢୀ ଖଣ୍ଡକ ଇସ୍ତ୍ରୀ କରିବାର ଦାମ୍। ରିହାତି ପାଇବା ଚକ୍କରେ ଦେଖିବାକୁ ଭୁଲିଗଲ ଯେ ସେଇଟା ଶାଢୀ ଦୋକାନ ନୁହେଁ, ଜଣେ ଧୋବାର ସାଧାରଣ ଇସ୍ତ୍ରୀ କରା ଦୋକାନ ।

54 ଆର୍ଯ୍ୟପଲ୍ଲୀ, କଟଛକ ପଟିଆ
ଭୁବନେଶ୍ୱର 751024 / ଦୂରଭାଷ 9437085396

ISSN NO.
2582-208X

# ପ୍ରକୃତି କୋଳର ବିହଙ୍ଗମ



ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର

ଛପନକୋଟି ଜୀବ ଜଗତ ଯହିଁ ବିହଙ୍ଗମ
ଶ୍ରଷ୍ଟାର ପ୍ରକୃତି କୋଳେ ରଚନା କି ଅନୁପମ
ସଙ୍ଗୀତ ସପତ ସ୍ୱର ପ୍ରକୃତି କି ମନୋରମ
ଚିନ୍ତା ଭାବନା ବିହୀନ ଧନ୍ୟ ତା ପକ୍ଷୀ ଜୀବନ ।।

ଘରତାର ବୃକ୍ଷଡାଳେ ଖଣ୍ଡଖଣ୍ଡ କୁଟାକାଠି
ଆହାକି ରୁଚିରେ ଗଢେ ରଖିକେତେ ଦୂରଦୃଷ୍ଟି
ବରଷା ପବନ ପ୍ରାଦୁର୍ଭାବ ହାରିଯାଏ ସେଠି
ସୁରକ୍ଷା ବିଶ୍ୱାସ ନୀଡ ତାର ସାହା ପରମେଷ୍ଟି ।।

ଟିକି ଚଢ଼େଇ ସେ କି ସୁନ୍ଦର ଆହା ବୃକ୍ଷ ଡାଳେ
ଡେଇଁଡେଇଁ ଡାଳୁ ପତରୁ ପତରେ ଗୀତ ବୋଲେ
ପରିବେଶ ସୁସ୍ଥ କରେ ପୋକ ଜୋକ ତା ଆହାରେ
ପ୍ରକୃତି କୋଳରେ ଟିକି ଡେଣା ଝାଡି ଉଡିବୁଲେ ।।

କୋଇଲିର କୁହୁ କୁମ୍ଭାଟୁଆ ହୁଟ ମିଠା ଗୀତ
ପାରା ଘୁଟୁ ଘୁଁ କପୋତ ଗୀତ ବିରହ ସଙ୍ଗୀତ
ମନୋଜ୍ଞ ଶବଦେ ମନ ପ୍ରାଣ କରେ ଆଲୋଡିତ

ISSN NO.
2582-208X

ମହତ ସୃଜନ ସମାଜକୁ କରେ ପ୍ରଭାବିତ ।।
ବାଇ ଚଢେଇ ର କିଯାଏ ଆସେ ସେ ପବନରେ
ବସାରେ ବସି ଦୋଳିଖେଳୁ ଆଏ ବରଡା ଡାଳେ
ଘର ଚଟିଆର ଓଳିତଳେ ବସା ବାଲି ଦାଣ୍ଡରେ
ବାଲି ବୋଳି ହୁଏ ବରଷା ଆଗମ ସୂଚନା ଦିଏ ।।

ବନାନୀ ଲତା କୁଞ୍ଜୁ କେକା ଶବ୍ଦେ ଆସେ ବାରିଦ
ହଳଦୀ ବସନ୍ତ ପଳାଶ ବନେ ମଦନ ନୃତ୍ୟ
କଜଳ ପାତି ଭଦଭଦଳିଆ ଶୁଭ ସଂକେତ
ଶଙ୍ଖଚିଲ ବକ କାକ ଶୁକ ଶାରୀ ହଂସ ଯୁଥ ।।

ପ୍ରଭାତୀ ବନ୍ଦନା ବିହଙ୍ଗମ ଗୀତେ ଅଂଶୁମାନ
କାକଳି କୂଜନେ ବିକର୍ତ୍ତନ ସଞ୍ଜେ ଅସ୍ତମାନ
ଉଦୟ ଅସ୍ତ ସୁବର୍ଣ୍ଣ ଛାଉଣି ତନ୍ମଧ୍ୟେ ଦିନ
କାଟଇ ଆହାର ସଂଗ୍ରହରେ କୁନି ବିହଙ୍ଗମ ।।

ବିହାୟସେ ବିହଙ୍ଗମ ରମ୍ୟ ତାରୁ ବିହରଣ
ନୀଳ ନଭ ତଳେ ଚିତ୍ରିତ କି ଦୃଶ୍ୟ ମନୋରମ
ଅତୁଳ ଅମୀୟ ସୌନ୍ଦର୍ଯ୍ୟ ଛବି ନିନ୍ଦଇ କାମ
ଓହ୍ଲାଇ ଆସିଛି ସତେ ଧରାକୁ ନନ୍ଦନ ବନ ।।

ମଙ୍ଗଳାଯୋଡି, ଖୋର୍ଦ୍ଧା

ISSN NO.
2582-208X

# ରଙ୍ଗ



ନୀଳମଣି ଗୁନ୍ଦ

ଫଗୁ ନେଇ ଦୋଳ ଆସେ
ମଥାଟିରେ ମଖା ହେବା ପାଇଁ
ତା ପରକୁ ହୋଲି ଥାଏ
ଖେଳିବାକୁ କରନାହିଁ ନାଇଁ।

ଫଗୁରେ ପ୍ରୀତିର ରଙ୍ଗ
ହୋଲି ବୋଳେ ପ୍ରଣୟର ରଙ୍ଗ
ଭାଇଚାରା ବିଞ୍ଚିଦିଏ ଓଡିଶାରୁ
ସେ ପଶ୍ଚିମବଙ୍ଗ।

ମୁରୁଜଟି ଆସେ କାର୍ତ୍ତିକରେ
ଚଉଁରା ଚଟାଣ ଦିଏ ମାଖି
ଋତୁ ଆସେ ଧରାଟି ବଦଳେ
ଜାଣିହୁଏ ରଙ୍ଗ ସବୁ ଦେଖି।

ମେଘର ରଙ୍ଗ ବଦଳେ
ଫୁଲ ପାଶେ ଥାଏ କେତେ ରଙ୍ଗ
ଇନ୍ଦ୍ରଧନୁ ଡାକେ ଆସ
ସାତରଙ୍ଗ ହୁଅ ମୋ'ର ସଙ୍ଗ।

ରଙ୍ଗ ନିଅ ତୁଳୀ ନିଅ
ବସି ଦିଅ ଚିତ୍ରଟିଏ କରି
ଦିଶୁଥାଉ ଜୀବନ୍ତ ସେ
ଦେଖିନେବା ତାକୁ ପ୍ରାଣଭରି ।

୨୭,ମନ୍ତ୍ର ମାନୋର,ଗୋଠପାଟଣା
ଭୁବନେଶ୍ୱର-୨୯,
ମୋ:୯୫୮୩୨୦୨୩୫୭

ISSN NO.
2582-208X

# ଭାରି ଅବୁଝା ଏ ମନ



ସୁନନ୍ଦା ମହାନ୍ତ

ଗାଁରେ ରହି ଗାଁ ସ୍କୁଲରେ ଶିକ୍ଷୟିତ୍ରୀ ଥାଆନ୍ତି ପ୍ରୀତି । ପ୍ରତିଟି ସକାଳ ପାହିଲେ କେମିତି ଛାତ ଉପରକୁ ଯିବେ ଭାବି ଆଖିକୁ ନିଦ ନଥାଏ ପ୍ରୀତିଙ୍କର ।  ଛାତ ଉପରେ ଗୋଟେ ଆକର୍ଷଣ ଥାଏ ତାଙ୍କ ପାଇଁ। ବିଭିନ୍ନ ଚଢ଼େଇଙ୍କ କଲରବ ଭିତରେ ସ୍ୱର ଅନୁକରଣ କରି ଅନେକ ପକ୍ଷୀ ଭିତରେ ପ୍ରୀତିଙ୍କ ଆଖି ଖୋଜୁଥାଏ ଶୁଆଙ୍କୁ, ହଳଦୀ ବସନ୍ତ ପକ୍ଷୀଙ୍କୁ । କେଜାଣି କୋଉଠି ଥାଆନ୍ତି ହଳଦୀ ବସନ୍ତ ଚଢ଼େଇ କେଇଟା ଦେଖିଦେଲେ ସନ୍ତୁଷ୍ଟ ଚିତ୍ତରେ ଛାତରୁ ତଳକୁ ଓହ୍ଲେଇବା ପୂର୍ବରୁ ପ୍ଲାଷ୍ଟିକ, ଷ୍ଟିଲ ଓ ମାଟି ଘଡ଼ା ମାନଙ୍କରେ ପକ୍ଷୀଙ୍କ ପାଇଁ ପାଣି ମୁନ୍ଦେ ମୁନ୍ଦେ ରଖିଦେଇ ଆସିବାକୁ ଭୁଲନ୍ତି ନାହିଁ କେବେ ପ୍ରୀତି । ସତକୁ ସତ କାଉ, ବଣି, ପାରା ଭଳି କିଛି ପକ୍ଷୀ ପାଣି ପିଇ ପ୍ରୀତି ତାଙ୍କ ପାଇଁ ରଖିଥିବା ଠାକୁରଙ୍କ ଭୋଗ ଖାଇ ଉଡିଗଲେ କି ଶାନ୍ତି ଲାଗେ ପ୍ରୀତିଙ୍କୁ! ଦିନଟା ଭଲରେ କଟେ ସତରେ ।

ତଳକୁ ଆସି ମୋବାଇଲରେ ସକାଳର ପ୍ରୀତି ମୈତ୍ରୀ ଭରା ଗୁଡ୍ ମର୍ଣ୍ଣିଙ୍ଗ ଦେଖୁଦେଖୁ ଆହୁରି ବଢିଯାଏ ଜୀବନର ଆହା, ରାହା ଓ ସାହା ସତେ ଯେମିତି । ତ ତା ଭିତରୁ ପ୍ରୀତିଙ୍କ ବାନ୍ଧବୀ ସନ୍ଧ୍ୟାଙ୍କ ସହିତ ଅନ୍ୟମାନଙ୍କୁ ପ୍ରୀତି, ମୈତ୍ରୀ, ସଦ୍ଭାବନା, ଭାଇଚାରା ବଢ଼େଇ ଗୁଡ୍ ମର୍ଣ୍ଣିଙ୍ଗର ପ୍ରତ୍ୟୁତ୍ତର ମଧ୍ୟ ଦେବାକୁ ଭୁଲନ୍ତି ନାହିଁ ପ୍ରୀତି । ସମସ୍ତଙ୍କୁ ଜଗନ୍ନାଥଙ୍କ ପ୍ରତିଛବି ଦେଲାବେଳେ ବାନ୍ଧବୀ ସନ୍ଧ୍ୟାଙ୍କୁ ସ୍ୱତନ୍ତ୍ର ପକ୍ଷୀ ଛବି ସହିତ କିଛି କବିତାର କିୟଦଂଶ ବା ପଂକ୍ତି ଯେମିତିକି ଉଡି ଉଡି ଯିବୁ ପକ୍ଷୀରେ ତୁହି... ବାନ୍ଧବୀଙ୍କୁ ସ୍ନେହ ପ୍ରେମ ଶ୍ରଦ୍ଧା ଜଣେଇ.. ଫେରିବୁ ନମସ୍କାର ତୁ ହୋଇ, ଏହିପରି କିଛି ଲେଖି ଛାଡିଦିଅନ୍ତି । ସନ୍ଧ୍ୟା ତାଙ୍କର ଖାଲି ସହକର୍ମୀ ନୁହଁନ୍ତି ବରଂ ସାଙ୍ଗ । ତାଙ୍କ ଆଗରେ ସବୁ ମନକଥା କହିହୁଏ ।

ISSN NO.
2582-208X

ଦୁହେଁ କମନ ରୁମରେ ବସି କେତେ ଦୁଃଖ ସୁଖ ହୁଅନ୍ତି ତ କାହା ଦେହରେ ଯାଏନି ତ ଯାହା ଦେହରେ ଯାଏ ସେ କହେ ଦୁଇ ପ୍ରେମ ପକ୍ଷୀ ପରି କଣ କେତେ ଗପୁଛ! ହସି ଦିଅନ୍ତି ଦୁହେଁ। ହେଲେ ତାଙ୍କ ଗୁଡ୍ ମର୍ଣ୍ଣିଙ୍ଗ ପ୍ରତ୍ୟୁତ୍ତରରେ ସନ୍ଧ୍ୟା ଗୁରୁମା ଗୋଟେ ନାକର ଇମୋଜୀ ଦେବା ଦେଖି ପ୍ରୀତି ଭାବନ୍ତି କେତେ କଣ! କିଛି ପଚାରନ୍ତି ନାହିଁ କିନ୍ତୁ ବାନ୍ଧବୀ ସନ୍ଧ୍ୟାଙ୍କୁ ।

ଗାଁ ଘର ଆଗରେ ଥିବା ବିରାଟ ବରଗଛର ଶାଖା ପ୍ରଶାଖାରେ ବସୁଥିବା, ରହୁଥିବା ଓ ଉଡିଆସି ପୁଣି ଫେରିଯାଉଥିବା ପକ୍ଷୀ ପାଇଁ ସକାଳ ପ୍ରୀତିଙ୍କର ସ୍ୱର୍ଣ୍ଣିମ ତଥା ଆମୋଦପୂର୍ଣ୍ଣ ହୁଏ । ସନ୍ଧ୍ୟା ଗଡିଗଲା ପରେ ସେଇ ପକ୍ଷୀର ଭାବନା ପ୍ରୀତିଙ୍କୁ ବିଚଳିତ କରେ । କାରଣ ଏବେ ଏଇ କିଛି ଦିନ ହେଲାଣି ରାତି ପ୍ରାୟ ବାରଟା ପରେ ଗୋଟେ ପକ୍ଷୀର ବୋବାଳି ତାଙ୍କୁ ଭୟଭୀତ କରୁଛି। ଠିକ ବାରଟା ପରେ ଗୋଟାଏ ପାଖାପାଖି ସମୟରେ ଚଢେଇଟା ବୋବାଇ ବୋବାଇ ତାଙ୍କ ବେଡ଼ ରୁମ ଉପର ବା କୋଉ ଦିଗରୁ କୋଉ ଦିଗ ଯାଏଁ ଉଡିଯିବାଟା ପ୍ରୀତିଙ୍କୁ ଭୟଭୀତ କରାଏ ତ ଏଣିକି ସେ ଆଉ ଢେର ରାତି ଯାଏଁ ନଚେଇଁ ଶୋଇପଡନ୍ତି । କେବେ କେବେ ଚଞ୍ଚଳ ଶୋଇପଡିଲେ ଯଦି ବାରଟା ବା ଗୋଟାଏ ଭିତରେ ନିଦ ଭାଙ୍ଗେ ତ ଲେଖାଲେଖି କରିବାକୁ ଖାତା କଲମ ଧରି ବସନ୍ତି ପ୍ରୀତି । କାରଣ କବିତାର ଦୁଇଧାଡି ମନକୁ ଆସେ ତ ଲେଖିନନେଲେ ମନ ସିଲଟରୁ ଉଭେଇ ଯାଏ. ସେମିତି ଗପର ପ୍ଲଟଟିଏ ମନକୁ ଆସେ ତ ଲେଖି ନରଖିଲେ ଭୁଲିହୋଇଯାଏ ଆପେ ଆପେ । ତ ସ୍ୱାମୀ ମଧ୍ୟ ଲାଇଟ ଲଗେଇଲେ ବିରକ୍ତ ହୁଅନ୍ତି କହନ୍ତି ପ୍ଲଟ ତ ଅନେକ ପଡିଛି ଲେଖିବ ଆଉ ରାତି ଅଧରେ କଣ ଲେଖା ଆରମ୍ଭ ହେଲା ଯେ!

କଲମରେ କ୍ୟାପ ଦେଉ ଦେଉ କେବେ ସେଇ ପକ୍ଷୀର ରାବ ତ କେବେ ଲାଇଟ ଲିଭାଇ ପୁଣି ଶୋଇବାକୁ ଗଲା ବେଳେ ସେଇ ପକ୍ଷୀର ରାବ । ବିଚଳିତ ହୁଏ ମନ । ସ୍ୱାମୀ କହନ୍ତି ପକ୍ଷୀର ଧର୍ମ ସେ ବୋବେଇବ ଏତେ ଭାବନା କଣ! ପ୍ରୀତି ମନେ ମନେ ମନକୁ ବୁଝାନ୍ତି । ମନ ତ ଅବୁଝା, ବୁଝେନି ଜମା ।

ପ୍ରୀତି ନିଜ ମନକଥା ପ୍ରକାଶ କଲେ ସନ୍ଧ୍ୟାଙ୍କ ଆଗରେ ତ ସେ ପରାମର୍ଶ ଦେଲେ ହୁଏତ ଆପଣଙ୍କ ଜାତକର କୋଉ ଘରେ କୋଉ ଗ୍ରହ ଥିବେ ଯାହା ଫଳରେ ଅଶୁଭ ପକ୍ଷୀ ବୋବେଇବା ଶୁଣୁଛନ୍ତି ତେଣୁ ନବଗ୍ରହକୂଟ ପାଇଁ କିଛି ପ୍ରତିକାର କରନ୍ତୁ । ଆଶ୍ଚର୍ଯ୍ୟ ହେଲେ ପ୍ରୀତି । ତାଙ୍କର ମନେ ପଡୁଥିଲା ସେଇ ଗୀତର ଧାଡି ସବୁ ଯେ, ଆଖି ମୁଜିଦେଇ କିଏ ବା

ISSN NO.
2582-208X

ଦେଖିଛି କେମିତି ଦିଶଇ ଜହ୍ନ... ମନ ନାହିଁ ଯାର ସେ କାହୁଁ ବୁଝିବ ଆଉ ଜଣଙ୍କର ମନ... ନିଜର ମନକୁ ନିଜେ ବୁଝେଇବା ସବୁଠୁ କାମ.. ଭାରି ଅବୁଝା ଏ ମନ.. ଭାରି ଅବୁଝା ଏ ମନ। ଠିକ ସେତିକି ବେଳକୁ ସନ୍ଧ୍ୟା କହୁଥିଲେ ଜାଣିଲ ପ୍ରୀତି ମୋର ପରା ଜାତକର ଦ୍ଵାଦଶ ଘରେ ଶନି ରହିଥିବାରୁ ମୋ ଆଖିକୁ ଜମା ଭଲ ଦିଶୁନଥିଲା। ଆମ ବାବୁ ବୟସର ଦୋଷ କହି ଏଡେଇ ଯାଇ ଥରକୁ ଥର ଚଷମା ବଦଳାଉଥିଲେ ମୋ ପାଇଁ ହେଲେ ମୁଁ ଏବେ ଗ୍ରହ ପୂଜା କରିବା ପରେ ମୋ ଆଖି ଟିକେ ଭଲ ଅଛି। ପ୍ରୀତି ଦେଖିଲେ ଏବେ ସନ୍ଧ୍ୟା ଆଉ ତାଙ୍କ ଗୁଡ୍ ମର୍ଣ୍ଣିଙ୍ଗ ପ୍ରତ୍ୟୁତ୍ତରରେ ଇମୋଜି ନାକ ଚିତ୍ର ବଦଳରେ ଇମୋଜି ନମସ୍କାର ଚିତ୍ର ଦେଉଛନ୍ତି ତ ସେ ବି ନବମହାଗ୍ରହ ପୂଜା ପାଇଁ ସ୍ଵାମୀଙ୍କୁ ତାଲିକା ଧରାଇ ଦେଲାବେଳେ ସେ କହୁଥିଲେ ଭଗବାନଙ୍କ ସୃଷ୍ଟିରେ କେତେ ପ୍ରକାର ଜୀବ ଓ ତାଙ୍କ ପ୍ରକୃତି ତଥା ବିଚରଣ, ଆଚରଣ ଓ ଉଚ୍ଚାରଣ। ମଣିଷ ରଡି କରିବ ପକ୍ଷୀ କରିବନି! ପ୍ରୀତି କହୁଥିଲେ ନିଜର ମନକୁ ବୁଝେଇବା ସହଜ ନୁହେଁ ପରା। କିନ୍ତୁ ସେଦିନ ସେଇ ସୁନେଲି ସକାଳେ ହଳଦୀ ବସନ୍ତ ସଙ୍ଗେ ଯୋଉ ଚଢ଼େଇଟାର ପ୍ରତ୍ୟେକ୍ଷ ଓ ପରୋକ୍ଷ ଯୁଦ୍ଧ ଚାଲିଥିଲା। ସେ ପକ୍ଷୀର ନାମ ନଜାଣିଲେ ମଧ୍ୟ ତା ବୋବାଳି ଅନେକାଂଶରେ ସେହି ରାତ୍ରୀର ପକ୍ଷୀ ବୋବାଳି ପରି ମିଶୁଥିଲା । ତ ସେଦିନୁ ଆଉ ଏତେ ଡର ଆସୁନଥିଲା ପ୍ରୀତିଙ୍କୁ। ସବୁକଥା ଶୁଣି ସନ୍ଧ୍ୟା କହୁଥିଲେ ଦେଖିଲ ପ୍ରୀତି, ଗ୍ରହଶାନ୍ତିର ଫଳ!

ପ୍ରୀତି କହୁଥିଲେ ହଁ ହଳଦୀ ବସନ୍ତ ଅଛି ତ କିଛି ଅସୁବିଧା ନାହିଁ। ସନ୍ଧ୍ୟା ପ୍ରୀତିଙ୍କ ମନକଥା ବୁଝିବାକୁ ଚେଷ୍ଟା କରୁଥିଲେ।

ସାକ୍ଷୀଗୋପାଳ, ପୁରୀ/9040977327

ISSN NO.
2582-208X

# ସନେଟ୍...ବରଦାୟୀ ପ୍ରକୃତି



ମଧୁମିତା ମିଶ୍ର

ସିନ୍ଦୂରା ଫିଟିଲେ ଚତୁର୍ଦ୍ଦିଗେ ଭାନୁ ନିଜ କିରଣ ବିଛାଏ
ସଞ୍ଜ ନଇଁଗଲେ ଶଶୀ ଗଗନରେ ଆପେ ଆସି ଉଭା ହୁଏ
ବାଦଲକୁ ଚିରି ମିଞ୍ଜି ମିଞ୍ଜି କରି ତାରକା ହସନ୍ତି ନଭେ
ଯୁଇ ଜାଇ ହେନା ମଲ୍ଲି କଇଁ ପଦ୍ମ ଫୁଟନ୍ତି ଆପେ ସରବେ

ଶୀତଳ ମଳୟ ପକ୍ଷୀ କଳରବ ପଶୁଙ୍କ ଦଉଡା ଡ଼ିଆଁ
କୁଳୁକୁଳୁ ନାଦେ ବହେ ନଈ ଆଉ ପାହାଡ ହୋଇଛି ଠିଆ
ଖରା ବର୍ଷା ଶୀତ ଶରତ ହେମନ୍ତ ବସନ୍ତ ଭଗିନୀ ଷଡ଼
ଏକ ପରେ ଆନ ଆସନ୍ତି ମହୀରେ କେ' ନୁହେଁ କା'ଠୁ ବଡ

ଦିନ ପରେ ରାତି ଏପରି ରୁହନ୍ତି ଯେପରି ଏକ ଶରୀର
ଆସନ୍ତି ସଭିଏଁ ନିଜ ସମୟରେ ଚାଲିଥାନ୍ତି ନିରନ୍ତର
ସୁଖଦୁଃଖ ଆଉ ଭଲମନ୍ଦ ସବୁ ଦୁଇଟି ମୁଠାରେ ଧରି
ଜନମ ମରଣ ବାର୍ଦ୍ଧକ୍ୟ ଯୌବନ ଆସେ ହୋଇ ଠରାଠରି

ଏଇ ଯେ ପ୍ରକୃତି ବିଭୁ ବରଦାନ ସଭିଙ୍କ ପ୍ରାଣ ଦାୟିନୀ
ସେହିଁ ସତ୍ୟ ଶିବ ସୁନ୍ଦର ଯା' ପାଇଁ ଜୀବନ୍ତ ଏହି ଧରଣୀ

ଭୁବନେଶ୍ୱର / ୯୪୩୮୪୭୦୮୦୭

ISSN NO.
2582-208X

# ଅଭିନୟ



ବନଶ୍ରୀ ଦାଶ (ଆଗ୍ନର୍ଯ୍ୟା)

କି ଅଭିନୟ କରିବି ମଞ୍ଚରେ ମୁଁ ଯେ
ଥିବେ ସମସ୍ତେ ନିଜର ମୋର
କାହିଁକି ପାରିବିନି ଭାବୁଛି
ନିତିଦିନ ତ ଚାଲେ ମୋର ଅଭିନୟ
କେବେ ମାଡ଼ ଖାଇବାର, କାନ୍ଦିବା ହସିବାର
ପ୍ରେମ ପୁଣି ପ୍ରତାରଣାର ଅଭିନୟ
ଭାବେ ଖୁବ ଭାବେ ମୋର ଡାଇଲଗ ଗୁଡିକୁ
କେତେବେଳେ କଣ ଭୁଲରେ ପାଟିରୁ ବାହାରିନଯାଉ
କେହି ମୋ କଥାରେ ନ ହସନ୍ତୁ
ବିରକ୍ତ ନହୁଅନ୍ତୁ
ବ୍ୟସ୍ତଜୀବନର ନାଟକରେ ସମୟ ପାଏନି ଭାବିବାକୁ
ସମୟ ପାଏ ପରିବା କାଟିବା ବେଳେ
ସେପଟୁ ରଡି ଟିଏ ଶୁଭେ
ଦେଖିକି କାଟେ ହାତ କଟିଯିବ
ବେଳେ ବେଳେ ଭାବେ ରୁଟି କରୁଥିବା ବେଳକୁ
ପୁଣି ରଡିଟିଏ ଆସେ ଦେଖିକି କରେ
ରୁଟି ସବୁ ପୋଡି ଯିବ
ଦିନେ ଅଧେ ନୁହଁ ପ୍ରତିଦିନର ଅଭିନୟ
ଲମ୍ବା ସମୟର ଅଭିନୟ

ISSN NO.
2582-208X

ହାଲିଆ ହୋଇସାରିଛି
କପେ ଚା ଓ ପୁଣି ଭାବନା
ପୁଣି ସେପଟୁ ରଡିଟିଏ ଆସିଲା
ମାଆ ବାସନ କାଢିଦିଅ ରୋଷେଇଘରୁ
ଆଜି ମଞ୍ଚରେ ଅଭିନୟ ମୋର
କହି କହି ହସି ହସି ଢଳିପଡିବି
ତାପରେ ସମସ୍ତେ କାନ୍ଦିବେ
ନିରବରେ ଶୋଇପଡ଼ିବି
ଯେବେ ସତରେ ମରିଯିବି ସମସ୍ତେ ରୁଣ୍ଡ ହେବେ
କାନ୍ଦିବେ ଆତ୍ମୀୟ ବାହୁନି ବାହୁନି
ଭଲ ମନ୍ଦ ର ବିଚାର ହେବ ମୋ ମରଣ ଦିନ
ମଶାଣି ପର୍ଯ୍ୟନ୍ତ ଯିବେ ମୋ ସହ
ମୋତେ ଭଲ ପାଉଥିବା ମଣିଷ
ହଁ ରିଟର୍ନ ଟିକଟ ତ ହୋଇସାରିଛି ସମସ୍ତଙ୍କ ପାଇଁ
ଯିବା ଏତେ ଭାବିବାର କଣ ଅଛିଯେ
ଥାଉ ଏତିକି ବାକି ଅଭିନୟ ଗୁଡିକ ଜୀବନ୍ତ ସାରିଦିଏ ॥

–

ବେତାର ଉଦଘୋଷିକା
ଭବାନୀପାଟଣା, କଳାହାଣ୍ଡି
୭୯୭୮୯୪୯୫୮୫

ISSN NO.
2582-208X

# ଶ୍ୱଶୁର ଘର



ଦିଲ୍ଲୀପ ଶତପଥୀ

କା ପାଇଁ ଶ୍ୱଶୁର ଘର,
ଅଟଇ ସରଗ ପୁର,
ଆଉ କେ ଅଭାଗା ଶଶୁର ଯା ଟିଙ୍ଗା
ନିବୁଜ ତା ପାଇଁ ଦ୍ୱାର ।

ପୂଜ୍ୟନୀୟ ମୋର ଶ୍ୱଶୁର,
ମୋ ପାଇଁ ସାକ୍ଷାତ ଇଶ୍ୱର,
ଝିଅ ଦେଇ ତୁମେ ଖିଅ ଛିଡ଼େଇଲ
ଝିଅ ଜୋଇଁ ହେଲେ ପର ।

ବନ୍ଦନିୟା ଶାଶୁ ମାତା,
ତୁମେ ସବୁ ହର୍ତ୍ତା କର୍ତ୍ତା,
ତୁମର କହ୍ନେଇ କଲା ଥେଇ ଥେଇ
ଝିଅ ପାଇଁ ବାଡ଼ ବତା ।

ଆଦରଣିୟା ମୋ ଶାଳୀ,
ତୁ ତ ଦେଖିବାକୁ ଜାମୁକୋଳି,

ISSN NO.
2582-208X

ନାନୀ ଦଶା ତୋର ହେବ ଅଭାଗିନୀ
ଥରେ ନେଉ ଆଉକିଏ ତୋଳି ।

ସମ୍ମାନୀୟ ମୋର ଶଳା,
ଶାଶୁ ନୟନ ପିତୁଳା,
କାହାକୁ ଦେବାନି ସୂଚଗ୍ରେ ମେଦିନୀ
ବନ୍ଧୁ କାଟିଦେଲେ ଗଲା ।

ପ୍ରାଣପ୍ରିୟା ମୋ ଘରଣୀ,
ବାପ ଘର ସେ ଯାଏନି,
ତୋଳା କନିଆଁ ମୁଁ ତୋଳି ଆଣିଥିଲି
ବାପା ଭାଇ ସେ ଲୋଡ଼େନି ।

ଜୟ ଜୟ ଜଗବନ୍ଧୁ,
ଜାଣିଛି ତୁ ଦିନବନ୍ଧୁ,
କିଛି ମୁଁ ମାଗୁନି କିଛି ନାହିଁ ଲୋଡ଼ା
ସିନ୍ଧୁ ରୁ ଲୋଡ଼େ ମୁଁ ବିନ୍ଦୁ ।

ମାତୃ ପିତୃ କୃପା, 508, ନୁଆସାହି
ନୂଆପଲ୍ଲୀ, ଭୁବନେଶ୍ୱର 751012
ଫୋନ 9437175764

ISSN NO.
2582-208X

# ନୀରବତାର ପ୍ରତିଧ୍ୱନି



ସୁନନ୍ଦା ମିଶ୍ର

## ନୀରବ ଯୋଦ୍ଧା

ବିକ୍ରମଙ୍କୁ କମ୍ ବୟସ ରୁ ଶିକ୍ଷା ଦିଆଯାଇଥିଲା ଯେ ପୁରୁଷମାନେ କାନ୍ଦନ୍ତି ନାହିଁ। ଓଡ଼ିଶାର ଏକ ଛୋଟ ଗ୍ରାମରେ ବଢ଼ୁଥିବା ବିକ୍ରମ ତାଙ୍କ ପିତାଙ୍କୁ ନୀରବରେ ସେମାନଙ୍କ ଦୁନିଆର ଭାର ବହନ କରୁଥିବା ଦେଖିଥିଲେ। "ଘରର ମୁରବି ନିଜ ପରିବାର ପାଇଁ ମଝବୁତିର ସହ ଛିଡା ହବ ନିହାତି ଆବଶ୍ୟକ", ତାଙ୍କ ବାପା କହୁଥିଲେ , ଶବ୍ଦଗୁଡ଼ିକ ବିକ୍ରମଙ୍କ ହୃଦୟ ରେ ଏକ ଦୃଢ ଆଦେଶ ପରି ଛପି ଯାଇଥିଲା ।

ପିଲାଦିନେ, ବିକ୍ରମ ସମ୍ବେଦନଶୀଳ ଥିଲେ, ହଜି ଯାଇଥିବା କାଚ ବାଟି କିମ୍ବା ଖଣ୍ଡିଆ ହେଇଯାଇଥିବା ଆଣ୍ଠୁ ଦେଖି ଖୁବ ଶୀଘ୍ର କାନ୍ଦି ପକାଉ ଥିଲେ ସିଏ । କିନ୍ତୁ ପ୍ରତ୍ୟକ ଥର, ତାଙ୍କ ବାପାଙ୍କ କଠିନ ଦୃଷ୍ଟି ତାଙ୍କୁ ତାଙ୍କ ଭାବନାକୁ ଦବେଇ ଦେବାକୁ ବାଧ୍ୟ କରିଥିଲା । ବିକ୍ରମଙ୍କ ମାଆ, ଦବା ଦବା ସ୍ୱର ରେ ତାଙ୍କୁ ବୁଝାଇବାକୁ ଚେଷ୍ଟା କରୁ ଥିଲେ, ମୁଣ୍ଡ କୁ ଆଉଁସି ଦେଇ କହୁଥିଲେ, ବାପରେ ପୁଅ ହେଇ ଛୋଟ ଛୋଟ କଥାରେ କାନ୍ଦିବା ତୋର ଉଚିତ ନୁହେଁ, ଯାହା ତାଙ୍କୁ ଅତୁଟ ଏବଂ ଧର୍ଯ୍ୟ ହରା ନ ହବା ପାଇଁ ବାଧ୍ୟ କରିଥିଲା ।

ବିକ୍ରମ କିଶୋରାବସ୍ଥା ରେ ପହଁଚିଲା ବେଳକୁ ତାଙ୍କ ବଡ଼ ଭଉଣୀ ବିବାହ କରିଥିଲେ। ତାର କିଛି ଦିନ ମଧ୍ୟ ରେ ତାଙ୍କ ପିତାଙ୍କ ସ୍ୱାସ୍ଥ୍ୟ ଖରାପ ହେବାକୁ ଲାଗିଥିଲା। ଦିନେ ରାତିରେ, ସେ ତାଙ୍କ ମାଆଙ୍କୁ ଫିସ ଫିସ କରି କହୁଥିବାର ଶୁଣିଲେ ଯେ ଏବେ ଘରର ଦାଇତ୍ୱ

ISSN NO.
2582-208X

ବିକ୍ରମ ହିଁ ବୁଝିବ , ମୋର ଦେହ ର ତ କିଛି ଠିକଣା ନାହିଁ । ବିକ୍ରମସେଇ ମୁହୂର୍ତ୍ତ ରେ ମନେ ହେଲା ଯେମିତି ତାଙ୍କ ଛାତି ରୁ ଅତଡ଼ା ଟେ ଖସି ପଡିଲା।

ଅନୁଭବ କଲେ ତାଙ୍କ ଛାତି ରେ ଉଲ୍ଲାସ, ଅଭିମାନ ଏବଂ ଲୁହର ମିଶ୍ରିତ ଅନୁଭୂତି। ସେ ତାଙ୍କ ପରିବାର ସମ୍ମୁଖ ରେ ଏକ ବଳିଷ୍ଠ ବ୍ୟକ୍ତିତ୍ୱ ଭାବରେ ନିଜର ପରିଚୟ ଦବାକୁ ଚାହୁଁଥିଲେ , ତାଙ୍କ ପିତା ଙ୍କ ଉପଯୁକ୍ତ ସଂସ୍କାର ଯୋଗୁଁ ଯେ ସେ ଏକ ସଫଳ ବ୍ୟକ୍ତିତ୍ୱ ଭାବେ ବଢିଆସିଛନ୍ତି ଏହା ଜଣାଇବାକୁ ଚାହୁଁଥିଲେ। କିନ୍ତୁ ବେଳେବେଳେ, ସେ ନିଜକୁ ରାତିରମୁକ୍ତ ଆକାଶ ତଳେ ଦେଖନ୍ତି, ତାରା ଆଡ଼କୁ ଚାହିଁ, ଏକଅଜଣା ଦୁଃଖ ଅନୁଭବ କରନ୍ତି ଯାହା ର କାରଣ ସେନିଜେ ବୁଝିପାରନ୍ତି ନାହିଁ ।

ବୟସ ବଢ଼ିବା ସହିତ ବିକ୍ରମ ଦୈନନ୍ଦିନ କାର୍ଯ୍ୟ ଭଳି ସ୍ୱାଭାବିକ ଦାୟିତ୍ୱ ବହନ କରିଥିଲେ। ସେ ସ୍କୁଲ ଶେଷ କରି, ସ୍ଥାନୀୟପ୍ରାଥମିକ ବିଦ୍ୟାଳୟ ରେ ଶିକ୍ଷକତା କରି ଥିଲେ, ଏବଂ ତାଙ୍କ ସାନ ଭାଇଭଉଣୀଙ୍କୁ ବଡ଼ କରିବା ପାଇଁ କାମ କରୁ ଥିଲେ। ସେ ଗ୍ରାମରେ ସମ୍ମାନିତ ଥିଲେ, ଶକ୍ତି ଏବଂ ସ୍ଥିରତାର ଏକ ବଳିଷ୍ଠ ବ୍ୟକ୍ତିତ୍ୱ, ଯାହା ତାଙ୍କୁ ତାଙ୍କ ପିତାଙ୍କ ପ୍ରତିବିମ୍ବ ରୂପେ ପ୍ରତିଫଳିତ କରିଥିଲା ।

କିନ୍ତୁ ବିକ୍ରମଙ୍କର ବ୍ୟକ୍ତିତ୍ୱ ର ଅନ୍ୟ ଏକ ଦିଗ ଥିଲା ଯାହା ଖୁବ୍ କମ୍ ଲୋକ ଜାଣିଥିଲେ- ତାଙ୍କ ଭିତରେ ଏମିତି ଏକ ହୃଦୟ ଥିଲା ଯାହା ନିଜ ବୋଝ ବାଣ୍ଟିବା, କାନ୍ଦିବା, ମୁକ୍ତ ଭାବରେ ହସିବା ପାଇଁ ଛଟପଟ ହେଉଥିଲା। ଏକ ବାର୍ଷିକ ଉତ୍ସବ ସମାବେଶ ରେ, ଜଣେ ବନ୍ଧୁ କାର୍ଯ୍ୟ ସ୍ଥଳରେ ତାଙ୍କର ସଂଘର୍ଷ ବିଷୟରେ ଉଲ୍ଲେଖ କରିଥିଲେ, ତାଙ୍କ ସ୍ୱର ହତାଶାରେ ଭାଙ୍ଗି ପଡ଼ିଥିଲା। ବିକ୍ରମଙ୍କ ପ୍ରବୃତ୍ତି ଥିଲା ବନ୍ଧୁଙ୍କୁ ସାନ୍ତ୍ୱନା ପ୍ରଦାନ କରିବା, ତାଙ୍କ ଦୁଃଖରେରେ ଭାଗ ନେବା। କିନ୍ତୁ ସେ ପଛଘୁଞ୍ଚା ଦେଇଥିଲେ। କିନ୍ତୁ ମନେ ପଡିଗଲା ତାଙ୍କର... ତାଙ୍କ ବ୍ୟକ୍ତିତ୍ୱ ତାଙ୍କୁ ନିଜର ମନଭାବ ପରିପ୍ରକାଶ କରିବାକୁ ଦେଉ ନ ଥିଲା...ଜିଭଟା ଯେମିତି ଅଠା ଅଠା ହେଇ ଯାଉଥିଲା... ସେ ଜଣେ ଶକ୍ତିଶାଳୀ ବ୍ୟକ୍ତିତ୍ୱ ପରି ଦେଖାଉଥିଲେ, ଯାହାଙ୍କ ଉପରେ ଅନ୍ୟମାନେ ଭରସା କରୁଥିଲେ । ସେ କିପରି ସ୍ୱୀକାର କରିପାରିବେ ଯେ ସେ ମଧ୍ୟ ବେଳେବେଳେ ନିଜକୁ ବଡ ଦୁର୍ବଳ ଅନୁଭବ କରୁଥିଲେ ?

କିଛିବର୍ଷ ବିତିଗଲା, ଏବଂ ବିକ୍ରମ ଜଣେ ପିତା ହେଲେ। ଯେତେବେଳେ ତାଙ୍କ ନିଜ ପୁଅ, ଛୋଟ ରଷ୍ଟୁ, କ୍ଷତବୀକ୍ଷତ ଏବଂ ଲୁହ ଲୁହାଣ ହୋଇ ଦୌଡ଼ି ଆସୁଥିଲେ, ବିକ୍ରମ ତାଙ୍କୁ

ISSN NO.
2582-208X

ହାଲୁକା ଭାବରେ ଉଠାଇ ଦେଉଥିଲେ, ମନେପଡିଯାଉଥିଲା ତାଙ୍କ ପିତାଙ୍କ ଶିକ୍ଷା ଏବଂ ରଷ୍ଟୁ କୁ ମୁକ୍ତ ଭାବରେ ତାଙ୍କ ଭାବନା ଅଭିବ୍ୟକ୍ତ କରିବାକୁ ଅନୁମତି ଦେବା ପାଇଁ ତାଙ୍କ ହୃଦୟ ବକଳ ହେଇ ଉଠୁଥିଲା । 'ଠିକ୍ ଅଛି ରଷ୍ଟୁ', ସେ ରଷ୍ଟୁ କାନ ପାଖରେ ଫୁସଫୁସ କରି କହି ଉଠୁଥିଲେ । "ବେଳେ ବେଳେ କାନ୍ଦିବା ବା କାନ୍ଦ ଲାଗିବା କିଛି ଭୁଲ କଥା ନୁହେଁ ।"

ଦିନେ ସନ୍ଧ୍ୟାରେ, ଯେତେବେଳେ ସେ ରଷ୍ଟୁ ଶୋଇପଡିଥିବା ଦେଖିଲେ, ସେତେବେଳେ ବିକ୍ରମ ଅନୁଭବକଲେ ଯେମିତି କେଇ ଧାର ଲୁହ ତାଙ୍କ ଆଖିରୁ ଝରି ପଡିଲା । ବର୍ଷ ବର୍ଷ ଧରି ଅପ୍ରକାଶିତ ସଂଘର୍ଷ, ଲୁକ୍କାୟିତ ଭୟ ଏବଂ ନୀରବତାର ପ୍ରତିଧ୍ୱନି ବହନ କରି ସେମାନେ ଧୀରେ ଧୀରେ, ଚୁପଚାପ ତଳକୁ ବୋହି ଚାଲିଥିଲେ । ସେହି ମୁହୂର୍ତ୍ତରେ, ସେ ବୁଝିପାରିଲେ-ପ୍ରକୃତରେ ନିଜର ଦୃଢ଼ ଚରିତ୍ର ମନ ର ଭାବନାକୁ କବର ଦେବା ରେ ନାହିଁ, ବରଂ ସେମାନଙ୍କୁ ଆଲିଙ୍ଗନ କରିବା ରେ ଅଛି । ସେ ଦିନଠାରୁ ସେ ତାଙ୍କ ପୁଅକୁ ଶିକ୍ଷା ଦେବା ପାଇଁ ଏକ ନୀରବ ଶପଥ କରିଥିଲେ ଯାହା ତାଙ୍କ ପୁଅ କୁ ଉଭୟ ଶକ୍ତିଶାଳୀ ଏବଂ ଦୁର୍ବଳ ମୁହୂର୍ତ ଗୁଡିକ ପ୍ରକାଶ କରିବାକୁ ସାହାଯ୍ୟ କରିପାରିବ ।

ସେହି ରାତିରୁ ବିକ୍ରମ ଏକ ଭିନ୍ନ ପ୍ରକାରର ବ୍ୟକ୍ତି ହୋଇଗଲେ। ସେ ତଥାପି ତାଙ୍କ ପରିବାରକୁ ଅତୁଟ ପ୍ରେମରେ ବାନ୍ଧି ରଖିଥିଲେ, ଏବଂ ସ୍ଥିର ହୃଦୟ ରେନୂତନ ଝଡ଼ ର ସମ୍ମୁଖୀନ ହେବାପାଇଁ ପ୍ରସ୍ତୁତ ହେଉଥିଲେ, ଆଉ ନିଜର ହୃଦୟର ଭାବନା ଗୁଡିକ ଲୁଚାଇବାକୁ ଚେଷ୍ଟା କରୁ ନଥିଲେ। ସେ ଅଧିକ ମୁକ୍ତ ଭାବରେ ହସିବାକୁ ଲାଗିଥିଲେ, ତାଙ୍କ ବନ୍ଧୁମାନଙ୍କ ସହ କିଛି ମୁହୂର୍ତ୍ତ ବିନା ଦ୍ୱିଧାରେ ବିତାଇ ବାକୁ ଲାଗିଥିଲେ ଥିଲେ, ଏବଂ ରଷ୍ଟୁ ଙ୍କୁ ମଧ୍ୟ ଶିଖାଇଥିଲେ ଯେ ଆବେଗ ମଧ୍ୟ ସହନଶୀଳତା ଭଳି ଶକ୍ତିର ଏକ ଅଂଶ।

ଏବେ ବିକ୍ରମ ଏକ ଭିନ୍ନ ପ୍ରକାରର ନୀରବ ଯୋଦ୍ଧା ହୋଇଗଲେ-ଜଣେ ବ୍ୟକ୍ତି ଯିଏ ସ୍ନେହ ଏବଂ କରୁଣା ସହିତ ଶକ୍ତିକୁ ସନ୍ତୁଳିତ କରୁ ଥିଲେ, ଯିଏ ପରମ୍ପରାକୁ ସମ୍ମାନ କରିଥିଲେ ଏବଂ ଜୀବନର ପ୍ରତି କ୍ଷଣ କୁ ଅନୁଭବ କରିବାର ସ୍ୱାଧୀନତାକୁ ମଧ୍ୟଆନନ୍ଦ ରେ ଗ୍ରହଣ କରିଥିଲେ ।

ISSN NO.
2582-208X

ବିକ୍ରମ ଜୀବନର ପ୍ରାରମ୍ଭରେ ଶିଖିଥିଲେ ଯେ 'ପୁରୁଷମାନେ କାନ୍ଦିବା ଉଚିତ ନୁହେଁ'। କିନ୍ତୁ ତାଙ୍କୁ ଶିକ୍ଷା ଦେବା ପାଇଁ ଜୀବନର ନିଜସ୍ୱ ଶୈଳୀ ଥିଲା। ଚଳଚିତ୍ର ର ପ୍ରଚ୍ଛଦପଟ ପରି ତାଙ୍କ ଆଖି ଆଗରେ ଭାସି ଚାଲିଥିଲା ତାଙ୍କ ନିଜ ଜୀବନର ଗୋଟିଏ ଗୋଟିଏ ଅନୁଭୂତି ।

## ଅନ୍ତିମ ସଂସ୍କାର

ଯେତେବେଳେ ବିକ୍ରମଙ୍କ ପିତାଙ୍କ ଦେହାନ୍ତ ହେଲା, ସେ ଅନ୍ତିମ ସଂସ୍କାର କରିବେ ବୋଲି ଆଶା କରାଯାଉଥିଲା। ଧଳା ପୋଷାକ ପିନ୍ଧି ସେ ଚିତା ସମ୍ମୁଖରେ ଠିଆ ହୋଇଥିଲେ, ତାଙ୍କ ମାଆ ଏବଂ ଭାଇଭଉଣୀମାନେ ତାଙ୍କ ପଛରେ ବିକଳ ହୋଇ ଭାବରେ କାନ୍ଦୁଥିଲେ । ପୂଜକ ତାଙ୍କୁ ରୀତିନୀତି ମାଧ୍ୟମ ରେ ମାର୍ଗଦର୍ଶନ କରିଥିଲେ, କିନ୍ତୁ ବିକ୍ରମଙ୍କ ହାତ କମ୍ପିଉଠିଥିଲା । ତାଙ୍କ ପିତା ତାଙ୍କୁ ସାଇକେଲ ଚଳାଇବା ଶିଖାଇବା, ଏକ ଝରକା ଭାଙ୍ଗି ଦେଇଥିବାରୁ ପାଇଁ ତାଙ୍କୁ ଗାଳି ଦେବା, କିମ୍ବା ନୀରବରେ ତାଙ୍କ କାନ୍ଧରେ ଏକ ଆରାମଦାୟକ ହାତ ରଖିବା ସ୍ମୃତି ତାଙ୍କ ମନରେ ଆଲୋଡନ ସୃଷ୍ଟି କରିଥିଲା ।

ନିଆଁର ଶିଖା ଚିତାକୁ ଗ୍ରାସ କରିବା ପରେ ବିକ୍ରମ ଅନୁଭବ କଲେ ଯେ ତାଙ୍କ ଆଖିରୁ ଲୁହ କେଇବୁନ୍ଦା ଝରି ଆସୁଛି । ସେ ଲଜ୍ଜିତ ହୋଇ ତୁରନ୍ତ ଏହାକୁ ପୋଛି ଦେଇଥିଲେ। ଜଣେ ଦୂରର ମାମୁଁ ତାଙ୍କୁ ଦେଖି ତାଙ୍କ ପିଠି ଆଉଁସି ପକାଇଥିଲେ । "ଠିକ୍ ଅଛି, ବିକ୍ରମ", ସେ କହିଲେ, ତାଙ୍କ' ସ୍ୱର ଖୁବ ନରମ ଥିଲା। "ସବୁଠାରୁ ଶକ୍ତିଶାଳୀ ଗଛଗୁଡ଼ିକ ମଧ୍ୟ ପତ୍ର ଝାଡ଼ା ଦିଏ ।"

ସେହି ମୁହୂର୍ତ୍ତଟି ବିକ୍ରମଙ୍କ ହୃଦୟ ରେ ଛାପି ହୋଇ ରହିଗଲା । ସେ ଅନୁଭବ କଲେ ଯେ ଶକ୍ତିଶାଳୀ କେବଳ ସିଏ ନୁହେଁ ଯିଏ ଦୁଃଖ କୁ ଦମନ କରି ଦିଏ - ଦୁଃଖକୁ ବହନ କରିବା ଏବଂ ଆବଶ୍ୟକ ସମୟରେ ଏହାକୁ ପ୍ରବାହିତ ହେବାକୁ ଦେବା ମଧ୍ୟ ଏକ ବଳିଷ୍ଠ ବ୍ୟକ୍ତିତ୍ୱ ର ପରିଚୟ ଦେଇ ପାରେ ।

## ଶ୍ରେଣୀଗୃହ ଘଟଣା

ଜଣେ ଶିକ୍ଷକ ଭାବେ ବିକ୍ରମ ନିଜକୁ ସୁନ୍ଦର ଏବଂ ସଞ୍ଜତ ବୋଲି ଗର୍ବ କରୁଥିଲେ। ଦିନେ, ତାଙ୍କ ଶ୍ରେଣୀରେ ଜଣେ ଯୁବକ ଏକ କୁଇଜ୍ ହାରିବା ପରେ କାନ୍ଦି ପକାଇଥିଲେ। ଅନ୍ୟ

ISSN NO.
2582-208X

ପିଲାମାନେ ହସିଥିଲେ, ଏବଂ ବିକ୍ରମ ସ୍ୱାଭାବିକ ଭାବେ ସେମାନଙ୍କୁ ଶାନ୍ତ କରିଥିଲେ। ପିଲାଟି ପାଖରେ ଆଣ୍ଠୁମାଡି ସେ ଧୀରେ ଧୀରେ ପଚାରିଲା, "ତୁମେ କାହିଁକି କାନ୍ଦୁଛ ?" ପିଲାଟି ଚମକି ପଡ଼ିଲା। "ମୁଁ ମୋ ପିତାମାତାଙ୍କୁ ଗର୍ବିତ କରିବାକୁ ଚାହୁଁଥିଲି, କିନ୍ତୁ ମୁଁ ବିଫଳ ହେଲି।"

ବିକ୍ରମଙ୍କ ଛାତି ଶକ୍ତ ହୋଇଗଲା। ସେ ପିଲାଟିରେ ନିଜର ଯୁବାବସ୍ଥାର ପ୍ରତିଫଳନ ଦେଖିଲା। ତାଙ୍କୁ ଭର୍ତ୍ସନା କରିବା ପରିବର୍ତ୍ତେ, ସେ ଏକ କାହାଣୀ କହି ଉଠି ଥିଲେ କରିଥିଲେ। "ତୁମେ  ଜାଣ, ମୁଁ ଥରେ ବିଦ୍ୟାଳୟ ରେ ଗଣିତ ପରୀକ୍ଷାରେ ବିଫଳ ହୋଇଥିଲି। ମୁଁ ମଧ୍ୟ ବହୁତ ଖରାପ ଅନୁଭବ କରୁଥିଲି । କିନ୍ତୁ ମୋ ବାପା ମୋତେ କହିଲେ, 'ଏହା  ସଫଳ ବା ବିଫଳତାକଥା ନୁହେଁ, ଏହା  ପରେ ତୁମେ  କ'ଣ କରିବ ସେଇଟା ହିଁ ପ୍ରାଥମିକ କଥା। '

ପିଲାଟିର ଲୁହ  ଥମିଗଲା, ଏବଂ ବିକ୍ରମଙ୍କ ଆଡକୁ ଅନାଇ ହସିଦେଲା। ପରେ ସେହି ସନ୍ଧ୍ୟା ରେ ବିକ୍ରମ ଚିନ୍ତା କଲା ଯେ ବାଳକଟି କେତେ ମୁକ୍ତ ଭାବରେ କାନ୍ଦୁଛି ଏବଂ ଏହା କିପରି ତା 'ର ହୃଦୟ କୁ ହାଲୁକା କରିଛି। ପ୍ରଥମ ଥର ପାଇଁ, ବିକ୍ରମ ଇଚ୍ଛା କରିଥିଲେ ଏବଂ ସେ ନିଜ ବିଫଳତା ପରେ ନିଜକୁ କାନ୍ଦିବାକୁ ଦେଇଥିଲେ।

## ଟ୍ରେନ୍ ଯାତ୍ରା

ଭୁବନେଶ୍ୱରକୁ ଯାଉଥିବା ଏକ ଜନଗହଳିପୂର୍ଣ୍ଣ ଟ୍ରେନ ରେ  ବିକ୍ରମ ଜଣେ ବୃଦ୍ଧ ବ୍ୟକ୍ତି ଙ୍କ ପାଖରେ ବସିଥିଲେ, ଯିଏକି  ଗଭୀର ଚିନ୍ତା ରେହଜି ଯାଇଥିବା ଭଳି ଲାଗୁଥିଲେ। ସେମାନେ କଥାବାର୍ତ୍ତା ଆରମ୍ଭ କଲେ, ଏବଂ ବ୍ୟକ୍ତି  ଜଣକ କହିଲେ ଯେ ସେ ନିକଟରେ ତାଙ୍କର 50 ବର୍ଷର ପତ୍ନୀଙ୍କୁ ହରାଇଛନ୍ତି।

"ମୁଁ ଭାବିଲି ମୁଁ ଠିକ ହୋଇଯିବି", ଲୋକଜଣକ କହିଲେ ତାଙ୍କର କମ୍ପିଲା ସ୍ୱର ରେ । "କିନ୍ତୁ ପ୍ରତି ରାମନ ଭିତରେ ଉଙ୍କି ମାରୁଥିବା ଦୁର୍ଭାବନକୁ ମୁଁ ଅନେକାଂଶ ରେ କଂଟ୍ରୋଲ କରିପାରୁଛି ତିରେ, ମୁଁ କାନ୍ଦୁଛି। ଏବଂ ଆପଣ ଜାଣିଛନ୍ତି କି? ଏହା ଦ୍ୱାରା ମୁଁ ବା ନିଜକୁ ବହୁତ ହାଲ୍କା ଅନୁଭବ କରୁଛି"।

ISSN NO.
2582-208X

ଏଇ କଥା ଶୁଣିଲା ପରେ ବିକ୍ରମଙ୍କୁ ଲାଗିଲା ଯେମିତି ତାଙ୍କ ଗଳା  ରେ କିଛି ଅଟକି ଗଲା...ସେ ଧୀରେ ଧୀରେ ମୁଣ୍ଡ ହଲାଇଲେ । "କିଛି ବର୍ଷ ପୂର୍ବେ ମୁଁ ମୋ ବାପାଙ୍କୁ ହରାଇଛି", ସେ ସ୍ୱୀକାର କରିଥିଲେ। "କିନ୍ତୁ ମୁଁ କେବେ ବି କାହା ସାମ୍ନାରେ କାନ୍ଦିବାକୁ ହିମ୍ମତ କରିପାରି ନ ଥିଲି"...ଫୁସ ଫୁସ ହେଇ କହି ପକାଇ ଥିଲେ ବିକ୍ରମ ।

କୋହ ଭରା  ଆଖିରେ ଲୋକଜଣକ ତାଙ୍କ ଆଡକୁ ଚାହିଁଲେଏବଂ କହି ଉଠିଲେ,"କାହିଁକି ନୁହେଁ?  ସେଥିରେ ଭୁଲ କଥା କିଛି ନାହିଁ । ଲୁହ ଦୁର୍ବଳତା ର ଲକ୍ଷଣ ନୁହେଁ। ବରଂ ତମ ମନ କୁ  ଶକ୍ତ କରିବାରେ ସାହାଯ୍ୟ କରିଥଏ ଏବଂ ଆଗକୁ ବଢିବା ପାଇଁ ପ୍ରେରଣା ଦିଏ "। ସେ ଦିନ ଟ୍ରେନ ଯାତ୍ରା ର ବାକି ସମୟ ତକ ବିକ୍ରମ ନିଜ ପିତାଙ୍କ ବିଷୟ ଏବଂ ତାଙ୍କ ସହ ବିତେଇ ଥିବା ସମୟର ଛୋଟ ଛୋଟ ଅନୁଭୂତି ସବୁ କହି ସମୟ କାଟି ଦେଇ ଥିଲେ । ସେ ଦିନ ଯାତ୍ରା ଶେଷ ରେ ସେ ଖୁବ ହାଲୁକା ଅନୁଭବ କରୁଥିଲେ।

## ବିବାହ ଭାଷଣ

ଅନେକ ବର୍ଷ ପରେ, ତାଙ୍କ ଭଉଣୀଙ୍କ ବିବାହରେ ବିକ୍ରମଙ୍କୁ ଭାଷଣ ଦେବାକୁ କୁହାଯାଇଥିଲା। ସେ ଆତ୍ମବିଶ୍ୱାସର ସହ ସେମାନଙ୍କ ପିଲାଦିନ ଏବଂ ବଡ ହେବା ପର୍ଯ୍ୟନ୍ତ ତାଙ୍କ ଯାତ୍ରା ବିଷୟ ରେ ମନେ ପକାଇବାକୁ ଲାଗିଲେ। କିନ୍ତୁ ଯେତେବେଳେ ସେ ସେମାନଙ୍କ ବନ୍ଧନ ବିଷୟ ରେ କହିଥିଲେ ଏବଂ ସେମାନଙ୍କ ସ୍ୱର୍ଗତ ପିତା କେତେ ଗର୍ବିତ ହୋଇଥାନ୍ତେ, ତାଙ୍କ ସ୍ୱର ଥରୁଥିଲା । ଧାର ଧାର ଲୁହ ଝରିପଡିଥିଲା।

କିଛି ସମୟ ପାଇଁ ନୀରବତା ଖେଳିଯାଇଥିଲା। ତା' ପରେ, କୋଠରୀଟି ତାଳି ର ଶବ୍ଦ ରେଭରି ଉଠିଥିଲା। ତାଙ୍କ ଭଉଣୀ ତାଙ୍କୁ ଜୋରରେ ଆଲିଙ୍ଗନ କରି  କହିଉଠିଥିଲେ, "ଆମେ ସମସ୍ତେ ଯାହା ଅନୁଭବ କରୁଛୁ ତାହା କହିବା ପାଇଁ ଧନ୍ୟବାଦ ।"

ସେହି ଦିନ, ବିକ୍ରମ ଅନୁଭବ କଲେ ଯେ ଭାବପ୍ରବଣତା ପ୍ରଦର୍ଶନ କରିବା ତାଙ୍କ ପୌରୁଷ୍ୟତକୁ କମ କରେ ନାହିଁ-ଏହା ଲୋକଙ୍କୁ ନିକଟତର କରେ ।

ISSN NO.
2582-208X

## ତାଙ୍କ ପୁଅକୁ ଶିକ୍ଷା ଦେବା

ସବୁଠାରୁ ବଡ଼ ଶିକ୍ଷା ସେତେବେଳେ ମିଳିଥିଲା ଯେତେବେଳେ ତାଙ୍କ ପୁଅ ଋଷୁ କ୍ରିକେଟ୍ ଖେଳୁଥିବା ସମୟରେ ଆଣ୍ଠୁରେ ଆଘାତ ପାଇଥିଲେ। ନିଲୁ ତାଙ୍କ ଓଠ କାମୁଡ଼ି ଲୁହକୁ ଅଟକାଇବାକୁ ଚେଷ୍ଟା କରୁଥିଲେ। ବିକ୍ରମ ତାକୁ ଉଠାଇ କହିଲା, "ଠିକ୍ ଅଛି ଋଷୁ। ତୁମକୁ ନିଜ ଦୁଃଖ ଲୁଚାଇବାକୁ ପଡ଼ିବ ନାହିଁ। ଯନ୍ତ୍ରଣା ହେଲେ କାନ୍ଦିବା ସ୍ୱାଭାବିକ। ଏହା ତୋତେ ଭଲ ଅନୁଭବ କରାଇବ "।

ଋଷୁ ତାଙ୍କ ପିତାଙ୍କୁ ଆଲିଙ୍ଗନ କଲେ ଏବଂ ଲୁହ ତାଙ୍କ ଆଖିରୁ ଅନାବିଳ ଝରି ଆସୁଥିଲା, ଏବଂ ବିକ୍ରମ ଏକ ଅପ୍ରତିମ ଗର୍ବ ଅନୁଭବ କରୁଥିଲେ । ସେ ତାଙ୍କ ପୁଅକୁ ଶିକ୍ଷା ଦେଉଥିଲେ ଯେ ପ୍ରକୃତ ଶକ୍ତି ଜଣଙ୍କ ମାନବିକତାକୁ ଆଲିଙ୍ଗନ କରିବାରେ ନିହିତ ।

ଏହି ଅଭିଜ୍ଞତାଗୁଡ଼ିକରୁ ବିକ୍ରମ ବୁଝିପାରିଥିଲେ ଯେ ଆବେଗକୁ ଲୁଚାଇବା ପାଇଁ ଉଦ୍ଦିଷ୍ଟ ନୁହେଁ। ତାଙ୍କର ଏହି ଚିନ୍ତା ଧାରା ଜୀବନକୁ ଏହାର ଗଭୀରତା ଏବଂ ଅର୍ଥ ପ୍ରଦାନ କରିଥିଲା। ସେ ଏହି ଅନୁଚିତାକୁ କୁ ନିଜ ଦୈନନ୍ଦିନ ଜୀବନରେ ସାମିଲ କରି ଏପରି ଜଣେ ବ୍ୟକ୍ତିତ୍ୱ ହେଇଯାଇଥିଲେ , ଯିଏ କେବଳ ଶକ୍ତିଶାଳୀ ନଥିଲେ, ବରଂ ନିଜର ହୃଦୟ ନିର୍ଭିକତାର ସହିତଖୋଲି ଦେଖେଇବା ପାଇଁ ପ୍ରସ୍ତୁତ ଥିଲେ।

ଅନେକ ବର୍ଷ ପରେ, ଯେତେବେଳେ ବିକ୍ରମ ବାରଣ୍ଡାରେ ବସି ଋଷୁ ଯିଏ ବର୍ତ୍ତମାନ ଜଣେ ଯୁବକ, ଙ୍କ ସହିତ ସୂର୍ଯ୍ୟାସ୍ତ ଦେଖୁଥିଲେ, ସେ ଏକ ଗଭୀର ପୂର୍ଣ୍ଣତା ଅନୁଭବ କରିଥିଲେ। ଋଷୁ ହଠାତ୍ ତାଙ୍କ ଆଡ଼କୁ ଚାହିଁ କହିଲେ, "ବାବା, ଆପଣ ମୋତେ ବହୁତ କିଛି ଶିଖାଇଛନ୍ତି। କିନ୍ତୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ଯାହା ଆପଣ ମୋତେ କହିଛନ୍ତି ତାହା ହେଉଛି ପୁଅ ମାନେ 'କାନ୍ଦିବା'ରେ କିଛି ଭୁଲ ନାହିଁ ।" ସେତେବେଳେ ବିକ୍ରମ ଙ୍କୁ ଲାଗିଲା ସେ ବହୁତ ଆଗକୁ ଆସି ଯାଇଛନ୍ତି ।

ଯେତେବେଳେ ସେ ଅନୁଭବ କଲେ ଯେ ସେ କେତେ ଦୂର ଆସିଛନ୍ତି, ସେତେବେଳେ ବିକ୍ରମଙ୍କ ଆଖିରୁ ଲୁହ ଝରିବା ଆରମ୍ଭ ହେଇଯାଇଥିଲା । ସେହି ମୁହୂର୍ତ୍ତରେ, ସେ ପୁଅ ର ପିଠି ଥାପୁଡ଼େଇ କହିଲେ, "ଲୁହ ଦୁର୍ବଳତାକୁ ବ୍ୟାଖ୍ୟା କରେ ନାହିଁ; ସେଗୁଡ଼ିକ ଏକ ଭଲ ମଣିଷ ହେବାର ଗଭୀରତାକୁ ପ୍ରତିଫଳିତ କରେ"। ଏକ ଶାନ୍ତ ହସ ସହିତ, ସେ ଲୁହକୁ

ISSN NO.
2582-208X

ପ୍ରବାହିତ ହେବାକୁ ଦେଲେ, ବିନା ଲଜ୍ଜାରେ, ଋଷୁ ଏବଂ ବିକ୍ରମ ଦୁହେଁ ବୁଝିପାରିଥିଲେ, ଶକ୍ତି ଆବେଗକୁ ଲୁଚାଇବାରେ ନୁହେଁ ବରଂ ସେମାନଙ୍କୁ ସମ୍ମାନ ଦେବାରେ ଅଛି। ପଦ-ପଦବୀ ନିର୍ବିଶେଷରେ ।

ଯେଉଁ ସମାଜପୁରୁଷ ଙ୍କ ର ଶକ୍ତିକୁ ନୀରବତା ସହିତ ତୁଳନା କରେ, ସେହି ସମାଜ ପାଇଁ ଏହା ଶିଖିବା ନିତାନ୍ତ ଆବଶ୍ୟକ ଯେ ନିଜର ମନୋଭାବ କୁ ପ୍ରକାଶ କରିବା, ନିଜର ବ୍ୟସ୍ତତା ପ୍ରକାଶ କରିବା କିମ୍ବା କାହା ଆଗରେ ହୃଦୟ ଖୋଲି କାନ୍ଦିବା କିଛି ପାପ ନୁହେଁ । ଆବେଗଗୁଡ଼ିକ ଲିଙ୍ଗ ଦ୍ୱାରା ଆବଦ୍ଧ ନୁହେଁ; ସେଗୁଡ଼ିକ ମାନବ ଅନୁଭୂତିର ଏକ ସାର୍ବଜନୀନ ଭାଷା। କାନ୍ଦିବା ଦୁର୍ବଳତା ନୁହେଁ ବରଂ ଏକ ସାହସିକ କାର୍ଯ୍ୟ । ଆମେ ସମସ୍ତେ ବୁଝିବା କଥା, ଆମର ଆବେଗକୁ ଆଲିଙ୍ଗନ କରି, ଆମେ ଏପରି ଏକ ବିଶ୍ୱକୁ ପ୍ରୋତ୍ସାହିତ କରିବା, ଯେଉଁଠାରେ ଦୁର୍ବଳତାକୁ ବିଚାର କରାଯାଏ ନାହିଁ ବରଂ ପୁରୁଷ ହେଇ ନିଜର ଭାବନା କୁ ଅଭିବ୍ୟକ୍ତ କରିବାର ସାହସିକତା କୁ ସେଲିବ୍ରେଟ କରାଯାଏ...ଯେଉଁଠାରେ ହୃଦୟ ହାଲୁକା ଏବଂ ବନ୍ଧନ ଅଧିକ ଶକ୍ତିଶାଳୀ ମନେହୁଏ । ଆସନ୍ତୁ ଆମେ ଆମ ପିଲାମାନଙ୍କୁ ଶିକ୍ଷା ଦେବା-ଏବଂ ନିଜକୁ ମନେ ପକାଇବା-ଯେ 'କାନ୍ଦିବା'ବା ଭାବୁକତାରେ ବୋହିଯିବା କେବଳ ଠିକ୍ ନୁହେଁ, ବରଂ ପ୍ରକୃତରେ ବଞ୍ଚିବା ଏବଂ ଭଲ ପାଇବା ପାଇଁ ଏହା ବହୁତ ଜରୁରୀ।

ଗ୍ରେଟର ନୋଇଡା
ଉତ୍ତର ପ୍ରଦେଶ

ISSN NO.
2582-208X

# ଆଶା



ଅଲେଖ ମେହେର (ଯାଯାବର)

ଆଶାର ସଉଧ ପ୍ରସୂନ କାନନ,
ପାଇବାକୁ ପ୍ରାଣୀ କରଇ ଯତନ।
ଅର୍ଣ୍ଣବରେ ଉର୍ମି ପିଟେ ଯେହ୍ନେ କୂଳ,
ମନ ଧାଏଁ ଯଥା ପାଇବାକୁ ମୂଳ।
ପ୍ରମଦା ସରାଗ ପ୍ରୀତିର ପରସ,
ସ୍ୱାମୀ ଚାହେଁ ସଦା ତା'ର ମୃଦୁ ହସ।
କାକରକରକୁ ଚକୋରର ଆଶା,
ମେଘ ବୁଝେ ଯେହ୍ନେ ଚାତକର ଭାଷା।
ବିଦ୍ୟାର୍ଥୀର ବାଞ୍ଛା ଜ୍ଞାନ ଆହରଣ,
ରୀତି ନୀତି ଏହି ଶୟନ କାରଣ।
ତନୟ ଜନମ ପିଣ୍ଡଦାନ ଅର୍ଥେ,
ନହେଲେ ଜୀବନ ବିତଇ ବିଅର୍ଥେ।
ନିରାଶା ତିମିର ଆଶା ଜ୍ୟୋତି ଇନ୍ଦୁ,
ଲଙ୍ଘନକୁ ବଳ ପାଏ ସପ୍ତ ସିନ୍ଧୁ ।

କରମ ଭୂଇଁର ପ୍ରତିଚକ୍ଷୁ ସାଜେ,
ମନ ମୁକୁରରେ ବୀର ବାଦ୍ୟ ବାଜେ ।
ଆଶା ହୁଏ ଗ୍ରୀଷ୍ମ ଶୀତଳ ଝରଣା,
ଖେଦ କ୍ଲେଶ ମାଡି ପାରେନା ଅଗଣା ।
ଦୁଇଟି ଅକ୍ଷର ଗଭୀର ସାଗର,
ଯାହା ବିନା ପ୍ରାଣେ ନୈରାଶ୍ୟ ଅଗାର।

ବରପଦର
ଗୋବିନ୍ଦପୁର ବରଗଡ଼
ମୋ-୭୩୭୦୨୨୦୫୫୯

ISSN NO.
2582-208X

# ଆମ ସମ୍ବିଧାନ.....



ରାମଚନ୍ଦ୍ର ବେହେରା

ଚାରି ସ୍ତମ୍ଭେ ଗଢା ଆମ ସମ୍ବିଧାନ
ଶ୍ରେଷ୍ଠର ଦରଜା ପାଏ
ବିଧାୟିକା ପୁଣି କାର୍ଯ୍ୟପାଳିକାର
ଶୃଂଖଳା ନୀତିକୁ କୁହେ
ଆଇନକୁ ବକ୍ଷେ ଧରି
ନ୍ୟାୟପାଳିକା ଓ ସଂଚାର ମାଧ୍ୟମ
ଚାଲେ ନ୍ୟାୟ ଅନୁସରି l
ଗଣତନ୍ତ୍ର ରାଷ୍ଟ୍ର ମାନ ମହତକୁ
ଅକ୍ଷୁର୍ଣ୍ଣ ରଖିବା ପାଇଁ
ନୀତି ନିୟମର ହେଲା ପ୍ରଣୟନ
ସମ୍ବିଧାନ ରୂପ ନେଇ
ସେ ନୀତି ଦେଶେ ଆଦୃତ
ଧର୍ମ ନିରିପେକ୍ଷ ରାଷ୍ଟ୍ର ବୋଲି ସିଏ
ସମଗ୍ର ବିଶ୍ୱେ ବନ୍ଦିତ l
ପୂଜ୍ୟ ଭୀମରାଓ ଆମ୍ବେଦକରଂକ
ବଳିଷ୍ଠ ଆଇନ ଝର
ସମ୍ବିଧାନ ରୂପେ ପାଇଲା ସମ୍ମାନ
ସର୍ବେ କଲେ ଆପଣାର

ISSN NO.
2582-208X

ସେଦିନ ହେଲା ଅମର
ସାର୍ବଭୌମତାର ପତାକା ଉଡାଇ
ସର୍ବେ ହେଲେ ଏକାକାର ।
ଜାତୀୟ ସଂହତି ଦେଶ ଅଖଣ୍ଡତା
ବଜାୟ ରଖିବା ପାଇଁ
ଜାତି ଧର୍ମ ଭୁଲି ନୀତି ନିୟମକୁ
ପାଳନ୍ତି ଭଉଣୀ ଭାଇ
ମନାନ୍ତି ସ୍ୱରାଜ ପର୍ବ
ଦେଶ ହିତ ପାଇଁ ସଂକଳ୍ପ ନିଅନ୍ତି
ମନରେ ନରଖି ଗର୍ବ ।
ସତ୍ୟକୁ ଆଦରି ଆମ ସମ୍ବିଧାନ
ନ୍ୟାୟକୁ ସମ୍ମାନ ଦିଏ
ପ୍ରତିବର୍ଷ ଆସେ ସ୍ୱରାଜ ଦିବସ
ସଭିଂକ ପରାଣ ଛୁଏଁ
ମନେ ପଡେ ତା'ର ଦାନ
ରାଷ୍ଟ୍ର ଗଠନରେ ବ୍ରତୀ ହେବା ପାଇଁ
ଦିଏ ସେ ସଦା ଆହ୍ୱାନ ।

ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୪୩୪୬

ISSN NO.
2582-208X

# ସତ୍ୟର ସନ୍ଧାନ, ଆମ ପାଖରେ..



କାର୍ତ୍ତିକେଶ୍ୱର ନାୟକ

ବେଳେ ବେଳେ ବୁଦ୍ଧି, ବିଲକ୍ଷଣ ସିଦ୍ଧି
ବିଚିତ୍ର ଭାବର ରସ,
ସଂସାର ସଂହିତା, ସଂରଚିତ ହୁଏ
ସନ୍ନିହାନ ହୁଏ ସ୍ୱର୍ଶ ।

ନାହିଁ ସେ ଅତୀତ
ଭସ୍ମାସୁର ସାଜି, ଆତଙ୍କ ସୃଷ୍ଟି ହେବ
ଅସହିଷ୍ଣୁର ଅହମିକା ସ୍ୱର
ତୀବ୍ର ପ୍ରତିକ୍ରିୟା ନେବ ।

ଦୁର୍ବାଶାର ଶାପ, ଶକ୍ତିହୀନ ସାଜି
ସଂସାର ସେବାରେ ସିକ୍ତ,
ମୁନି ଶ୍ରେଷ୍ଠ ବୁଦ୍ଧ,
ଅହିଂସା ବିଭବ ସଂସାରେ ବିରାଜିତ ।

ମହାଜ୍ଞାନୀ ଯୋଗୀ ,ସଂସାର ବୈରାଗୀ
ଅସଲ ଜୀବନ ଶିକ୍ଷା
ହେ ମହାଭିକ୍ଷୁ, ଦେଇଗଲ ତୁମେ
ଅହିଂସାର ମହାଦୀକ୍ଷା ।

ଜୀବେଦୟାଭାବ, ଶିଖେଇ ଯାଇଛ
ଅମ୍ଳାନ ସ୍ମୃତିର ଯଶ
ଏଥିପାଇଁ ଆଜି ସଂସାର ଝୁରୁଛି
ମଣିଷ ସୃଷ୍ଟିର ଶ୍ରେଷ୍ଠ ।

ଆସହେ ବୁଝିବା, ମାନବତା ଧର୍ମ
ସବୁମଣିଷ ସମାନ
ସମଗ୍ର ସଭ୍ୟତା, ଏକଥା ବୁଝିଲେ
ହସିବ ଆମ ଜୀବନ ।

ଦୟା, ପ୍ରେମ, ସ୍ନେହ, ଶ୍ରଦ୍ଧା ଆଲିଙ୍ଗନ
ଭଲଗୁଣର ସନ୍ତକ
ପିତା ମାତା ପତ୍ନୀ ବନ୍ଧୁ ସହୋଦର
ଯେତେ ସମାଜ ସମ୍ପର୍କ ।

ଶ୍ରୀବିହାର, ବୌଦ୍ଧ

ISSN NO.
2582-208X

# ଗଣକବିଙ୍କ ସାରସ୍ୱତ ବଳୟରେ ସମାଜ ଚିତ୍ର



ଡ. ସରୋଜିନୀ ପାଣି

ଗଣକବି ବୈଷ୍ଣବ ପାଣି ଓଡ଼ିଆ ସାହିତ୍ୟ ଜଗତର ଜଣେ ମୁକୁଟ ବିହୀନ ସମ୍ରାଟ । ଗୀତିନାଟ୍ୟରେ ସେ ଆଣିଛନ୍ତି ସଂସ୍କାର । ତାଙ୍କ ଲେଖନୀର କାଉଁରୀ ସ୍ପର୍ଶରେ ଗୀତିନାଟ୍ୟ ହୋଇଛି ଜୀବନ୍ତ ଓ ଲୋକାଦୃତ । ମାନବଜୀବନ ଓ ସମାଜର ଅଭିବ୍ୟକ୍ତି ସାହିତ୍ୟ ସୃଷ୍ଟି ମାଧ୍ୟମରେ ପ୍ରକାଶିତ ହୁଏ । ସେଥିପାଇଁ ସମାଜର କ୍ରିୟା ଓ ପ୍ରକ୍ରିୟା ପରିସ୍ଥିତି ଓ ପରିବେଶ ମଧ୍ୟ ଦେଇ ସ୍ରଷ୍ଟାର ସୃଷ୍ଟି ମଧ୍ୟରେ ବାସ୍ତବାୟିତ ହୁଏ । ସେଥିପାଇଁ W R Goodman ଯଥାର୍ଥରେ କହିଛନ୍ତି – "Literature is a social phenomena, using as its medium language, a social creation." ଗଣକବି ବୈଷ୍ଣବ ପାଣିଙ୍କ ରଚିତ ସାହିତ୍ୟ ହିଁ ଗଣ ଜୀବନର ମହାଭାଷ୍ୟ ଗଣଭାବନାର ମହାକାବ୍ୟ । ବାସ୍ତବ ଜୀବନରେ ମଧ୍ୟ ସେ ଥିଲେ ଦୃଢ଼, ନିର୍ଭିକ, ସ୍ନେହପ୍ରବଣ, ରସିକ କବି । ଜୀବନର ଉତ୍ଥାନପତନ ମଧ୍ୟରେ ନାନା ଘାତ ପ୍ରତିଘାତ, ସତ୍ତ୍ୱେ ନିଜର କଠିନ ଆଦର୍ଶ ପଥରେ ଅଗ୍ରସର ହେଲାବେଳେ ସେ ଅନ୍ତରର ସ୍ୱଭାବ ସୁନ୍ଦର ସରସତା ଓ ପ୍ରେମ ପ୍ରବଣତା ହରାଇ ନାହାଁନ୍ତି ।

ଜଣେ କବି ଓ ନାଟ୍ୟକାର ରୂପରେ ପାଣି ନିଜର ସାମାଜିକ ଦାୟିତ୍ୱ ସଂପର୍କରେ ପୂର୍ଣ୍ଣଅବିହିତ ଥିଲେ । ନବରାଷ୍ଟ୍ର ନିର୍ମାଣର ବାଧକ ସ୍ୱରୂପ ଯେଉଁ ଅଶିକ୍ଷା ସମଗ୍ର ଦେଶରେ ନିଜର ବିଶାଳ ପକ୍ଷବିସ୍ତାର କରି ବସିଥିଲା, ତହିଁରୁ ଆସୁଥିଲା ଅନ୍ଧବିଶ୍ୱାସ, କୁସଂସ୍କାର ପ୍ରତି ମୋହ ତଥା ସ୍ୱାସ୍ଥ୍ୟ ସଂପର୍କିତ ଉଦାସୀନତା । ପରିଷ୍କାର ପରିଚ୍ଛନ୍ନତା ସହିତ ସୁସ୍ୱାସ୍ଥ୍ୟର ଯେଉଁ ଗୁଢ଼ ସଂପର୍କ ରହିଛି, ସୁଲଳିତ ସଂଗୀତ ମାଧ୍ୟମରେ ତାହା ନିଜେ ଦର୍ଶକମାନଙ୍କୁ ବୁଝାଉଥିଲେ । ଦେଶବ୍ୟାପୀ ଏକ ସଚେତନତା ସୃଷ୍ଟି ହିଁ ଥିଲା ତାଙ୍କର ଏକମାତ୍ର ଲକ୍ଷ୍ୟ ।

ISSN NO.
2582-208X

ରକ୍ଷଣଶୀଳତା ଏବଂ ନାରୀଶିକ୍ଷା ପ୍ରତି ମଧ୍ୟ ତାଙ୍କର ଯଥେଷ୍ଟ ଉଦ୍ୟମ ରହୁଥିଲା । ସେ ଜାଣିଥିଲେ, ନାରୀ ହିଁ ଏ ଦେଶର ଭବିଷ୍ୟତ ବଂଶଧରମାନଙ୍କୁ ସୁଶିକ୍ଷା ଦେଇପାରିବେ । ଯେତେବେଳେ ସେ ନିଜ ନାଟକରେ କୌଣସି ଏକ ଜନନୀର ଚରିତ୍ର ସୃଷ୍ଟି କରିଛନ୍ତି, ସେତେବେଳେ ସେ ପ୍ରଥମେ ତାକୁ ଦେଖିଛନ୍ତି, ନିଜ ସନ୍ତାନର ଶିକ୍ଷକରୂପେ, ମା' ଶିଶୁକୁ ସ୍ୱାସ୍ଥ୍ୟବାନ ଜୀବନର ମୂଳନୀତି ଗୁଡ଼ିକ ସଂପର୍କରେ ପ୍ରଥମେ ଶିକ୍ଷା ଦେଇଥାଏ । ସେହିଁ ତାକୁ ଶିଖାଏ ପ୍ରତ୍ୟୁଷରୁ ଶଯ୍ୟା ତ୍ୟାଗକରି ଗୋଦୁଗ୍ଧ ପାନ କରିବାର ଉପାଦେୟତା । ନିଜ ଯୁଗ ଅପେକ୍ଷା ବୈଷ୍ଣବ ପାଣି କେତେ ଆଗକୁ ଚିନ୍ତା କରୁଥିଲେ, ତାହା ଏଇଥିରୁ ଜଣାଯାଏ ।

ଯୁବ - ସମାଜକୁ ନେଇ ମଧ୍ୟ ପାଣି ସ୍ୱପ୍ନ ଦେଖିଛନ୍ତି । କାରଣ ସେ ବୁଝିଥିଲେ, ଯୌବନର କ୍ରିୟାଶୀଳତା ଉପରେ ହିଁ ଦେଶର ଉନ୍ନତି ନିର୍ଭର କରେ । ତେଣୁ ସେ ଯୁବକମାନଙ୍କୁ ଆତ୍ମନିର୍ଭରଶୀଳତାର ମନ୍ତ୍ରରେ ଦୀକ୍ଷିତ କରିବା ନିମନ୍ତେ ଚେଷ୍ଟା କରିଛନ୍ତି । ନିଷ୍କାମ କର୍ମ ଯୋଗ ରେ ଉଦ୍‌ବୁଦ୍ଧ କରିଛନ୍ତି । ଦେଶପାଇଁ ଅନ୍ତତଃ କିଛି କାମ କରିବା ପାଇଁ ସେ ଯୁବଶକ୍ତି କୁ ଅନୁରୋଧ ଜଣାଇଛନ୍ତି ।

ପାଣି ନିଜ ଜୀବନକାଳ ମଧ୍ୟରେ ଦୁଇ ଦୁଇଟା ବିଶ୍ୱଯୁଦ୍ଧ ଦେଖିଛନ୍ତି । ତା'ରି ପ୍ରଭାବରେ ଏ ଦେଶର ସନାତନ ଜୀବନ ଧାରାରେ କେଉଁଭଳି ଦ୍ରୁତ ପରିବର୍ତ୍ତନ ଆସିଥିଲା, ତାହା ମଧ୍ୟ ତାଙ୍କରି ସତର୍କ ଦୃଷ୍ଟି ଏଡ଼ାଇ ପାରିନଥିଲା । ନୈତିକତାର ଅବକ୍ଷୟ ଯେ, ସମାଜ ଜୀବନ କୁ ଧ୍ୱଂସ ମୁଖୀ କରିଦେବ, ଏଥିରେ ଅନ୍ତତଃ ତାଙ୍କର ସନ୍ଦେହ ନଥିଲା । ଯୁଦ୍ଧ ପ୍ରଭାବରେ ସମାଜ ଜୀବନରେ ସ୍ୱାର୍ଥପରତା, ମିଥ୍ୟାଚାରିତା, ଛଳନା, ବଂଚନା, ଶଠତା ତଥା ବ୍ୟକ୍ତି - କୈନ୍ଦ୍ରିକତା ପ୍ରଭୃତିରେ ଯେଉଁ କ୍ଷିପ୍ର ଉଦ୍‌ଭବ ଘଟୁଥିଲା । ତାହା ସମାଜକୁ ଅନ୍ତଃସାର ଶୂନ୍ୟ କରି ଦେଇଥିଲା । ପାରିବାରିକ ଜୀବନ ତଥା ପାରସ୍ପରିକ ସଂପର୍କର ଭିତ୍ତି ମଧ୍ୟ ଏହାଦ୍ୱାରା ଦୋହଲିବାକୁ ଆରମ୍ଭ କରିଥିଲା ।

କବିଙ୍କୁ କେବଳ ସ୍ୱପ୍ନ - ବିଳାସୀ କହିବା, ତାଙ୍କ ପ୍ରତି ଘୋରଅନ୍ୟାୟ ହେବ । ସଂସାରର ରୂଢ଼ ବାସ୍ତବତା ସଂପର୍କରେ ସେ ଅତ୍ୟନ୍ତ ସଚେତନ ଥିଲେ । ଅଶିକ୍ଷାକୁ ସେ ଦେଶର ସାମାଜିକ ଅଧୋଗତି ର ଏକ ମାତ୍ର କାରଣ ବୋଲି ମନେ କରୁଥିଲେ । ସେ ସର୍ବଦା କହୁଥିଲେ, "ପିତା ମାତାଙ୍କୁ ସମ୍ମାନ କର" ଭକ୍ତିରେ ସେମାନଙ୍କର ପାଦ ଧୋଇ ଦିଅ । ଯାହା ହେଉ, ସତ୍ୟପଥ ତ୍ୟାଗକର ନାହିଁ, କାରଣ ସତ୍ୟର ପଥହିଁ ଧର୍ମର ପଥ । ମୁକ୍ତିର ପଥ । ସମସ୍ତଙ୍କୁ ଭଲ ପାଅ । ଦେବତା ମଧ୍ୟ ସଂସାରରେ ଜନ୍ମ ହେଲେ ବହୁ

ISSN NO.
2582-208X

ଦୁଃଖଦୁର୍ଗତିର ଶିକାର ହୁଅନ୍ତି । ଏହାର ନାମ ହିଁ ସଂସାର । ତେଣୁ ସେଥିପାଇଁ ଭାଙ୍ଗିପଡନାହିଁ । ଦୃଢ଼ ମନୋବଳ ହିଁ ହେଉଛି ସାଂସାରିକ ସୁଖର ଏକମାତ୍ର ଚାବିକାଠି ।

ପରଂପରାବାଦୀ ପାଣି ସଂସ୍କାର କୁ ସମ୍ମାନ ଜଣାଇଥିଲେ ଏ ଦେଶରେ ସାମାଜିକ ସୁସ୍ଥତା ନିମନ୍ତେ ବହୁକାଳରୁ ପ୍ରଚଳିତ ଥିବା ନୀତିନିୟମଗୁଡ଼ିକୁ । ପରଚର୍ଚ୍ଚା, କଳହ, ଆତ୍ମବଡ଼ିମା ପ୍ରଭୃତିରୁ ଦୂରରେ ରହି ନୀରବରେ ନିଜର କର୍ମ କରିଯିବା ନିମନ୍ତେ 'ଉତ୍କଳ - ଗୃହଲକ୍ଷ୍ମୀ' ପୁସ୍ତକରେ ସେ ନାରୀ ସମାଜକୁ ଆହ୍ୱାନ ଜଣାଇଛନ୍ତି ।

ଏକ ଶୋଷଣ ମୁକ୍ତ ସମାଜ ଥିଲା ପାଣିଙ୍କର ଏକ ମାତ୍ର ସ୍ୱପ୍ନ; ମାତ୍ର ଗ୍ରାମ୍ୟ ଓଡ଼ିଶାର ରଗ୍‌ଣ ରୂପ ତାଙ୍କୁ ଗଭୀର ପୀଡ଼ା ଦେଉଥିଲା । ନିଜେ ଜଣେ ଗ୍ରାମୀଣ ହୋଇଥିବାରୁ ସଂକୀର୍ଣ୍ଣତା, ନୀଚସ୍ୱାର୍ଥ ପରାୟଣତା ପ୍ରଭୃତିକୁ ତ୍ୟାଗ କରିପାରିଲେ, ଗ୍ରାମବାସୀମାନେ ଯେ ସୁଖସନ୍ତୋଷରେ ରହିପାରିବେ । ଏଥିରେ ତାଙ୍କର ସନ୍ଦେହ ନ ଥିଲା । ଗାଁ ଟାଉଟର ମାନଙ୍କ ସଂପର୍କରେ ସେ ସେମାନଙ୍କୁ ବିଶେଷ ଭାବରେ ସତର୍କ କରାଇ ଦେଇଥିଲେ । କାରଣ ଲୋକମାନଙ୍କୁ ପରସ୍ପର ଭିତରେ ଲଢ଼ାଇ ଦେବାର ହିଁ ଏମାନଙ୍କର ଆନନ୍ଦ । ମିଠା ମିଠା କଥା କହି, ଅଳୀକ ପ୍ରତିଶ୍ରୁତି ଦେଇ ଏମାନେ ଲୋକଙ୍କୁ କିଣି ନିଅନ୍ତି ଏବଂ ଅଚିରେ ସେମାନଙ୍କୁ ଧ୍ୱଂସ କରନ୍ତି । ଚୋରି, ଡକାୟତି, ଧର୍ଷଣ ଏବଂ ହତ୍ୟାଏମାନଙ୍କର ଦେହର ମଳି । ତେଣୁ ଏମାନଙ୍କୁ ବିଷତୁଲ୍ୟ ପରିହାର କରିବାହିଁ ବ୍ୟକ୍ତିର ମଙ୍ଗଳ ।

ମାନବିକତାର ସେ ମୁଗ୍ଧ ଗାୟତ୍ରୀ । ତେଣୁ ବାରମ୍ବାର ତାଙ୍କର ସହାନୁଭୂତି ପ୍ରକାଶ ପାଇଛି ସମାଜର ନିମ୍ନ ବର୍ଗ ଓ ନିମ୍ନଜାତିର ମଣିଷ ମାନଙ୍କ ପ୍ରତି । ମଣିଷକୁ ଦେବତା କରି ସ୍ୱର୍ଗକୁ ପଠାଇବା ପାଇଁ ସେ ଚାହିଁ ନାହାନ୍ତି, ଚାହିଁଛନ୍ତି ମଣିଷ ଭିତରେ ଦେବତ୍ୱର ଅବତରଣ, ତେଣୁ ମନ ଓ ହୃଦୟର ନିର୍ମଳତା, ପ୍ରସାରିତ ଦୃଷ୍ଟିଭଂଗୀ, ସ୍ୱାବଲମ୍ବୀଶୀଳତା; ଈଶ୍ୱରାନୁରକ୍ତି ଓ ମାନବିକ ସମ୍ବେଦନା ହୋଇଯାଇଛି ତାଙ୍କର ଆଦର୍ଶ ।

## ଗଣକବିଙ୍କ ସାହିତ୍ୟରେ ସାମାଜିକତା ଓ ସମୟର ପ୍ରାଣ ସ୍ପନ୍ଦନ

ସାହିତ୍ୟ ସାମାଜିକ ଜୀବନର ପ୍ରତିନିଧି । Literature is the representation of Social life. W.R. Goodman – Quintessence of literary Essays. Dooba House, Delhi page-୭ । ସାମାଜିକ ଭିତ୍ତିଭୂମି ଉପରେ ଜୀବନର ପ୍ରତିବିମ୍ବ କରେ ସାହିତ୍ୟ । ରେନାନ୍ କହନ୍ତି-

ISSN NO.
2582-208X

(One belongs to one's century and race, even when one reacts against one's century and race) ଲେଖକ ଯୁଗରେ ବଂଚେ । ଯୁଗ ଓ ଜାତିର ପ୍ରତିନିଧିତ୍ୱ କରେ । ସମୟର ଶ୍ରେଷ୍ଠ ସଚେତକ ହେଉଛି ଲେଖକ । ଲେଖକ ସମାଜର ଓ ଜାତିର ମୁଖ୍ୟ ସ୍ୱରୂପ । ସମାଜ - ମଣିଷ ମାନଙ୍କ ର ଭାଷାକୁ ଗ୍ରହଣ କରି ଜୀବନ ଓ ପରିବେଶ କୁ ରୂପ ଦିଏ ସାହିତ୍ୟ । ସାହିତ୍ୟ ଜୀବନକୁ ଅନୁକରଣ କରି ହୋଇଯାଏ ସାମାଜିକ ବାସ୍ତବତା (Social reality) । ଯେତେବେଳେ ସମାଜ ଜଡ଼ତାରେ ଥାଏ ସେତେବେଳେ ଲେଖକ ସାହିତ୍ୟ ମାଧ୍ୟମରେ ନୂତନ ଜାଗରଣ ସୃଷ୍ଟି କରେ । ଜଡ଼ତା ଓ ସ୍ଥାଣୁତା ମଧ୍ୟରୁ ସମାଜକୁ ନୂତନ ଜୀବନ ପଥରେ ଆଗେଇନିଏ । ଅତ୍ୟାଚାରୀ ଓ ଶୋଷକ ବ୍ୟକ୍ତିଙ୍କୁ ଚିହ୍ନାଇ ଦିଏ । ଜାତିର ଅନ୍ତର ଭିତରେ ସୃଷ୍ଟିକରେ ଐତିହ୍ୟବୋଧ, ସାହିତ୍ୟର ଧର୍ମ ସମାଜ - ମଣିଷଙ୍କ ଭିତରେ ଯୁଗର ବାର୍ତ୍ତାକୁ ପହଞ୍ଚାଇ ଦେବା, ମଣିଷମାନଙ୍କୁ ଉତ୍ତୋଳନ କରିନେବା ଓ କ୍ରମବିକାଶ ପଥରେ ଆଗେଇ ନେବା, ଧର୍ମ, ନୈତିକତା, ରାଜନୀତି, ଶିକ୍ଷା, ସଂସ୍କୃତି ଇତ୍ୟାଦି ସବୁକିଛି ସମାଜର ଅଂଶ ବିଶେଷ । ଜଣେ ଲେଖକର ସମକାଳୀନ ସମାଜର ଚିତ୍ର ଓ ଜୀବନ - ଜିଜ୍ଞାସା ରହେ ମଧ୍ୟ ମଣିଷ ମନ ଓ ହୃଦୟର ଚିରନ୍ତନ ସତ୍ୟ ଓ ସୌନ୍ଦର୍ଯ୍ୟ, ଆଶା ଓ ଆକାଂକ୍ଷା । ଅନ୍ୟ ଅର୍ଥରେ ଲେଖକ ଯଦିଓ ସମୟର ପ୍ରାଣସ୍ପନ୍ଦନ ଦ୍ୱାରା ପ୍ରଭାବିତ ହୋଇ ସାହିତ୍ୟ ସୃଷ୍ଟି କରେ ତଥାପି ସେ ସମୟକୁ ଅତିକ୍ରମ କରିଯାଏ । ସେ ହୋଇଯାଏ ଯୁଗର ନୂତନ ସ୍ରଷ୍ଟା ।

ଗଣକବି ବୈଷ୍ଣବ ପାଣିଙ୍କର ସାରସ୍ୱତ ପ୍ରତିଭାର ଉନ୍ମେଷ ଘଟେ ବିଂଶ ଶତାବ୍ଦୀର ଆରମ୍ଭରେ । ପ୍ରଥମ ଚାଳିଶ ବର୍ଷଧରି ଗଣକବି ଓଡ଼ିଆ ଗୀତାଭିନୟ ରଚନା ଓ ଅଭିନୟ ଦ୍ୱାରା ଏକ ନୂତନ ସାହିତ୍ୟିକ ଧରା ଓ ଧାରା ସୃଷ୍ଟି କରିଦେଲେ, ଯେତେବେଳେ ଓଡ଼ିଶାରେ ସ୍ୱତନ୍ତ୍ର ପ୍ରଦେଶ ପାଇଁ ଆନ୍ଦୋଳନ ହେଲା । ଜାତୀୟ ସ୍ୱାଭିମାନ ବୋଧ କ୍ରମେ ପ୍ରଭାବ ବିସ୍ତାର କଲା । ସମାଜ ସଂସ୍କାର ପାଇଁ ସଚେତନ ସୃଷ୍ଟି ହେଲା । ନାରୀ ଶିକ୍ଷାର ଓ ନାରୀ ଜାଗରଣ ଉପରେ ଗୁରୁତ୍ୱ ପ୍ରଦାନ କରାଗଲା । ମଦ୍ୟପାନ ବିରୋଧରେ ସୃଷ୍ଟି ହେଲା ପ୍ରତିକ୍ରିୟା ସ୍ୱାବଲମ୍ବନଶୀଳତା ଉପରେ ଗୁରୁତ୍ୱ ପ୍ରଦାନ କରାଗଲା । ଶୋଷଣ, ସ୍ୱେଚ୍ଛାଚାର, ଦରଦାମ ବୃଦ୍ଧି ଓ ଜମିଜମା ବନ୍ଦୋବସ୍ତ ଇତ୍ୟାଦି ବିରୋଧରେ ସାମାଜିକ ପ୍ରତିକ୍ରିୟା ସୃଷ୍ଟି ହେଲା । ଗଣକବି ତାଙ୍କର ଗୀତାଭିନୟ ମାନଙ୍କରେ ଏ ସବୁ ସାମାଜିକ ଚିତ୍ରକୁ ପ୍ରଦାନ

ISSN NO.
2582-208X

କରିବା ସଂଗେ ସଂଗେ ସମୟର ପ୍ରାଣସ୍ପନ୍ଦନ ସୃଷ୍ଟି କରିଛନ୍ତି । ସେ ଯେ ସମୟରେ ଶ୍ରେଷ୍ଠ-ସଚେତନ କଳାକାର ତା ହିଁ ତାଙ୍କର ସାରସ୍ୱତ ସୃଷ୍ଟି ପ୍ରମାଣ ଦେଖାଥାଏ ।

## ଜାତିପ୍ରଥା ଓ ସମାଜ-ସଂସ୍କାର :

ଯେଉଁ ସମୟରେ ବୈଷ୍ଣବ ପାଣି ଗୀତାଭିନୟ ରଚନା କଲେ ସେ ସମୟଥିଲା ସମାଜ-ସଂସ୍କାରର ଯୁଗ । ୧୮୨୮ ମସିହାରେ ରାଜା ରାମମୋହନ ରାୟଙ୍କ ଦ୍ୱାରା ବ୍ରାହ୍ମଧର୍ମ ପ୍ରତିଷ୍ଠା ପରେ ଭାରତବର୍ଷରେ ସମାଜ ସଂସ୍କାର ଆନ୍ଦୋଳନ ହେଲା । ଜାତିପ୍ରଥାର ବିଲୋପ, ବିଧବାବିବାହ, ବାଲ୍ୟବିବାହର ବିରୋଧ । ନରବଳି ଇତ୍ୟାଦି ବିଷୟରେ ସଚେତନତା ସୃଷ୍ଟି କରାଗଲା । ଓଡ଼ିଶାରେ ୧୯୨୦ ମସିହା ପର୍ଯ୍ୟନ୍ତ ଏହି ସଂସ୍କାର-ଆନ୍ଦୋଳନ ଗତି କରି ଆସିଥିଲା । ସମାଜ-ସଂସ୍କାର-ଆନ୍ଦୋଳନ ର ମଧ୍ୟ ଭାଗରେ ଗଣକବିଙ୍କ ହୋଇଥିଲା ଆର୍ବିଭାବ । ସମାଜର ନାନା କୁସଂସ୍କାର ବିଶେଷ କରି ତାଙ୍କ ପ୍ରତି ହୋଇଥିବା ଅବିଚାର ତାଙ୍କୁ ଖୁବ୍ ବ୍ୟଥିତ କରିଥିଲା । ବ୍ରାହ୍ମଣ ହୋଇ ସେ ଅସବର୍ଣ୍ଣ ହରକୁ ବିବାହ କରିବାରୁ ତାଙ୍କୁ ସମାଜରୁ ବାସନ୍ଦ କରାଯାଇଥିଲା ମାଡ଼ ମଧ୍ୟ ଦିଆଯାଇଥିଲା; କିନ୍ତୁ ସେ ତାଙ୍କ ନିଷ୍ପତ୍ତି ଆଦର୍ଶ ରେ ଥିଲେ ଅଟଳ । ଡ଼ ହରେକୃଷ୍ଣ ମହତାବ ମୁଖ୍ୟମନ୍ତ୍ରୀ ଥିବା ସମୟରେ ତାଙ୍କୁ ଅସବର୍ଣ୍ଣ ବିବାହରେ ଅଗ୍ରଣୀ ଭୂମିକା ନେବାକୁ କହିଥିଲେ । ସେ ମହତାବଙ୍କ ଅନୁରୋଧ କ୍ରମେ ରଚନା କରିଥିଲେ 'ହରିଜନ ମନ୍ଦିର ପ୍ରବେଶ' ପୁସ୍ତକ । ତାଙ୍କ ପାଖରେ ଜାତି, ଧର୍ମ, ବର୍ଣ୍ଣ, ଉଚ୍ଚ, ନୀଚ ର ସ୍ଥାନ ନଥିଲା । ସେ ସବୁବର୍ଗର ଲୋକଙ୍କୁ ନିଜର କରୁଥିଲେ ତାଙ୍କ ମଣିଷ ପଣିଆ ବଳରେ ଏମିତିକି ବେଶ୍ୟା ମାନଙ୍କ ଥଇଥାନ ପାଇଁ ଉଦ୍ୟମ କରୁଥିଲେ। ସମାଜରୁ କୁ କାର୍ଯ୍ୟ, ଖରାପ ଚିନ୍ତାଧାରା ଲୋକମାନଙ୍କ ମନରୁ ଦୂରେଇ ଦେବା ପାଇଁ ସେ ସତତ ଚେଷ୍ଟିତଥିଲେ । ଅସତ୍ ଦୂରେଇ ଦେବା ପାଇଁ ସେ ସତତ ଚେଷ୍ଟିତ ଥିଲେ। ଅସତ୍ ଉପାୟରେ ଧନ ଅର୍ଜନକୁ ସେ ଘୃଣା ଓ ନିନ୍ଦା କରୁଥିଲେ । ପରିଶ୍ରମ କରି ଶାନ୍ତି ପାଇବା ପାଇଁ ସେ ଉପଦେଶ ଦେଉଥିଲେ । ବିଶେଷ କରି ସମାଜରେ ନିମ୍ନବର୍ଗ, ଅବହେଳିତ, ନିଷ୍ପେସିତ ଲୋକମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ସେ ଚେଷ୍ଟା କରୁଥିଲେ । ସେମାନଙ୍କ ପ୍ରତି ସ୍ନେହ, ସହାନୁଭୂତି ପ୍ରଦର୍ଶନ କରୁଥିଲେ ।

ମଦ୍ୟପାନ ଓ ମାଦକ ଦ୍ରବ୍ୟ ସେବନ ବିରୋଧରେ ସେ ଗୀତାଭିନୟ ମାଧ୍ୟମରେ ଆହ୍ୱାନ କରିଥିଲେ । ମଦପିଇ ଜୀବନକୁ ବିପର୍ଯ୍ୟସ୍ତ ନ କରିବା ପାଇଁ ଲୋକମାନଙ୍କୁ ବୁଝାଉଥିଲେ ।

ISSN NO.
2582-208X

ସାଧାରଣ ନରନାରୀଙ୍କ ଚରିତ୍ର ମାଧ୍ୟମରେ । ମଦ୍ୟ ଓ ବେଶ୍ୟା ଏ ଦୁଇଟିର ବିଲୋପ ପାଇଁ ସମାଜ ର ସଚେତନ ପ୍ରହରୀ ଭାବେ କାର୍ଯ୍ୟ ତୁଲାଇଛନ୍ତି ।

ଶିକ୍ଷା ସମାଜର ଏକ ଅବିଚ୍ଛେଦ ଅଂଗ । ଶିକ୍ଷା ବିନା ଜୀବନ ନିରର୍ଥକ । ଶିକ୍ଷା, ଶିକ୍ଷକ ଓ ଶିକ୍ଷାର୍ଥୀର କିପରି ଉନ୍ନତି ହେବ ଏବଂ ସମସ୍ୟାକୁ ସମାଧାନ କରାଯିବ ଏସଂପର୍କରେ ସେ ଗୀତାଭିନୟ ମାଧ୍ୟମରେ ସୂଚାଇଥିଲେ । 'ଗଙ୍ଗା ଭଗୀରଥ' ଗୀତାଭିନୟରେ ରହିଛି ଚାଟଶାଳୀ ଶିକ୍ଷାର ସୂଚନା ।

ଦରଦାମ ବୃଦ୍ଧି, ସାମାଜିକ ଜୀବନର ଦୁରବସ୍ଥା ଓ ବିଦେଶରେ ଜୀବନଯନ୍ତ୍ରଣା ଚିତ୍ର 'ଗୀତାଭିନୟରେ କବି ଦୂତର ଗୀତ ମାଧ୍ୟମରେ ପ୍ରକାଶ କରିଛନ୍ତି । ଜମିଦାରମାନଙ୍କ ଜମିଦାରୀ ବିକ୍ରୟ କୃଷକ ମାନଙ୍କ ଦୁର୍ଦ୍ଦଶା । ମଦ୍ୟସେବନ ସହ ବେଶ୍ୟାଶକ୍ତ ଜୀବନକୁ ନିଖୁଣ ଭାବେ ପ୍ରକାଶ କରିଛନ୍ତି ତାଙ୍କ ଗୀତାଭିନୟ ମାଧ୍ୟମରେ । ସମାଜରେ କ୍ରମେ ଟଙ୍କାପ୍ରତି ଗଭୀର ଆସକ୍ତି ପ୍ରକାଶ ପାଉଥିବା ବେଳେ ମଣିଷ ଭିତରୁ ମାନବିକ ମୂଲ୍ୟବୋଧ ହ୍ରାସ ପାଇ ଯାଉଥିଲା । "ବ୍ରଜଲୀଳା" ପରି ପୌରାଣିକ ଗୀତାଭିନୟରେ ଚାରଗୀତ ବୋଲିଛି, "କହ ଟଙ୍କା କେମନ୍ତେ ତୋତେ କେଉଁ କାରିଗର ତିଆରକଲା" ।

କବିଥିଲେ ସ୍ୱାଧିନଚେତା ଓ ସ୍ୱାଭିମାନୀ ବ୍ୟକ୍ତି । ସ୍ୱାଧୀନ ଭାବରେ ନାଟକର ନିର୍ଦ୍ଦେଶନା ଦେଉଥିଲେ ଏବଂ ନାଟକଟିକୁ ନିଜେ ଲେଖୁଥିଲେ । ପରଘରେ ଚାକିରି ନ କରି ବରଂ ଛେଳି ମେଣ୍ଢା ପାଳି ଜୀବିକା ନିର୍ବାହ କରିବା ଭଲ, ଅନ୍ୟର ଧିକ୍କାର ସହିବା ଉଚିତ୍ ନୁହେଁ ଏହା ହିଁ ଥିଲା ତାଙ୍କ ଚାକିରି ପ୍ରତି ମନୋଭାବ ।

ସେ ସମୟରେ ରାଜା, ଜମିଦାର ଓ ବଡ଼ଲୋକଙ୍କ ଘରେ ଚାକିରି କରି ମଣିଷର କିପରି ସ୍ୱାଧିନତା ଲୋପ ହୁଏ ଏବଂ ସେମାନଙ୍କ ଦୁଃଖ ଦୁର୍ଦ୍ଦଶା ଗଣକବିଙ୍କ ଗୀତିନାଟ୍ୟରେ ଜୀବନ୍ତ ଭାବରେ ରୂପ ନେଇଛି । ସ୍ୱାଭିମାନ ଓ ସ୍ୱାବଲମ୍ବନ ଶୀଳତା କୁ ସେ ଗୁରୁତ୍ୱ ଦେଇଛନ୍ତି ।

କ୍ରମଶଃ.......

ଏନ-୧୬, ନେତାଜୀ ସୁଭାଷ ଏନକ୍ଲେଭ,
ଗାଡ଼କଣ, ମଞ୍ଚେଶ୍ୱର, ଭୁବନେଶ୍ୱର-୧୭
ମୋ: ୯୮୬୧୪୫୪୪୭୦

ISSN NO.
2582-208X

# ।। ଧାରେ ଲୁହ ।।



ଡଃ ଉତ୍ପଳା ଦାଶ ଷଡ଼ଙ୍ଗୀ

ଭାରି ଅବୁଝା ଏ ମନ
ଏତେସବୁ ଜାଣିଲା ପରେ ବି
ତଥାପି ମୁଁ ଭଲ ପାଉଛି
ସେନେହ ଶରଧା ଦେଇ ।।
ସେଥିରେ ପୁଣି କାହିଁକି ବ୍ୟତିକ୍ରମ ?
କଥା କଥାକେ ଆସିଯାଏ ଧାରେ ଲୁହ!!
କୋଉଠି ପୋଛିବି ଲୁହକୁ
ତୁମ ଅବିଶ୍ୱାସର ପଣତ କାନିରେ କି!!
ଲୁହ ଆଉ କୋହ
ଚିର ସାଥୀ ମୋର
ଭାବିଛି ତୁମକୁ ହିଁ ସମର୍ପିବି
ଜୀବନର ସବୁ ସୁଖ ।।
ହେଲେ ଲୁହ ଧାରଟିଏ ସମ୍ଭାଳି ପାରୁନି
ଚାହୁଁ ଛି ସେ ବହିଯିବ ନଈପରି
ତୁମେ କିନ୍ତୁ ଅଚଳ, ନିର୍ବାକ
ନାହିଁ ତୁମ ପାଖେ ଆଶ୍ୱାସନା ର ସ୍ୱର ।।
ସବୁଥିରେ ନ ଥାଏ ପୂର୍ଣ୍ଣଚ୍ଛେଦ
କାହା ଲୁହରେ ଭିଜୁଛି ମାଟି
ହେଉ ପଛେ ଜୀବନର ଅୟମାରମ୍ଭ
ଅଥବା ଶେଷ ସୋପାନ!!

ଜାମସେଦପୁର, ଝାରଖଣ୍ଡ

ISSN NO.
2582-208X

# ମରୁଡିର ପ୍ରତିଧ୍ୱନି



ନିରୁପମା ମିଶ୍ର

ହେ ଜଗନ୍ନାଥ, କ'ଣ ହେଉଛି ଏ ଜଗତ।
ରଖ ବାରେ ରଖ ହେ ଜଗନ୍ନାଥ।
ତୁହି ପରା ସଂସାର କର୍ତ୍ତା, ତିନି ଭାଗ ଜଳରେ,
ଗୋଟିଏ ଭାଗ ଭୂମିର ସୃଷ୍ଟି କର୍ତ୍ତା।
ସଂସାରର ଭୌଗୋଳିକ ଚିତ୍ର ରେ
ମାଟି ମାଆର ମାତ୍ର ଏକ ଭାଗ।
କେମିତି ହେବ ମରୁଡି, କୁହ ହେ ମହାଭାଗ ???
ଶ୍ରେଷ୍ଠ ମାନବ ଜନମ ସୃଷ୍ଟି କରି,
ସତେ କି ପ୍ରଭୁ ପ୍ରଭୁ ହେଲା କି ଭୂଲ ତୁମ୍ଭରି ??
ମଣିଷ ମଣିଷର ଶତ୍ରୁ ଏପରି।
କେହି କାହାର ଦେଖି ପାରୁନାହାନ୍ତି ଶିରୀ।
ହଣା, କଟା, ଚୋରି, ଡକାୟତିରେ ଚାଲିଛି ଦିବା ରଜନୀ।
ମରୁଡିର ସତେ କି ଶୁଭୁଛି ପ୍ରତିଧ୍ୱନି।
କର୍ମ କୁଢ଼ ହୋଇ ମଣିଷ ବଞ୍ଚଇ,
ହେଲେ, ପଶୁପକ୍ଷୀ ନିଜେ ନିଜର ନିବିଡ, ଖାଦ୍ୟ ଯୋଗାଡ କରଇ।
କାହିଁକି ମଣିଷ ଜନମ ଦେଲ ହେ ହରି!!!!
ତୁମ୍ଭେ ଥରେ ଭାବିଦେଖ,
ହେ ଗିରି ଧାରୀ, ହେ ମୁକୁନ୍ଦ ବିହାରୀ।

ISSN NO.
2582-208X

ବଡ, ବଡ କୋଠାଘର, ରାଜରାସ୍ତା କରିବା ପାଇଁ ତିଆରି।
ବଡ, ବଡ ଗଛ କଟାଯାଇ ମୂଳରୁ ଦିଅନ୍ତି ମାରି।
କିପରି ନ ହେବ ମରୁଡିର ପ୍ରତିଧ୍ୱନି ???
ପଶୁ, ପକ୍ଷୀ, ବୃକ୍ଷଲତା ସବୁ ଜୀବଜଗତ।
ଏମାନେ ଲୁପ୍ତ ହେଲେ ଧ୍ୱଂସ ହେବ ଜଗତ।
ମଣିଷ ହୁଅଇ ସବୁରୀ ବଇରି।
ରକ୍ଷା କର ଏ ଜଗତକୁ ହେ ହରି।

ଚନ୍ଦ୍ରଶେଖର ନଗର, ବଲାଙ୍ଗିର

ISSN NO.
2582-208X

# ବୁଝାମଣା



ଭାସ୍କର ଚନ୍ଦ୍ର ଖଣ୍ଡା

ଆସିବ ଫେରି ପୁଣି ସେଇ ଦିନ
ଦେଇ ନାହିଁ ଭାଗ୍ୟ ଏମିତି କିଛି ପ୍ରତିଶ୍ରୁତି
ସମସ୍ୟାରେ ଭରା ଜୀବନକୁ ମୁଁ ବି
ସୁଧାରିବାକୁ କରି ନାହିଁ ଟିକିଏ ବି ଇଛା  ।୧।

ମାଗି ନେଲି ସବୁ କିଛି
ଏଇ ଭୁଲ୍ ଥିଲା ମୋର
ମିଳିଗଲା ତ ଦୁଃଖର ଭଣ୍ଡାର
ସୁଖ ସବୁ ଚାଲିଗଲା କୂଳକୁ  ।୨।

ଅଟକିଗଲା ସବୁ ରାସ୍ତା
ଅଚାନକ ଗୋଟିଏ ମୋଡରେ
ଯେମିତି ଜୀବନକୁ ମୁଁ
ଆରମ୍ଭ କଲି ଟିକିଏ ବୁଝିବାକୁ ।୩।

ଜୀବନ ସାରା ସାଇତା ସ୍ୱପ୍ନ
ବିକିଗଲା ସାମାନ୍ୟ କେଇ ପଇସାରେ

ISSN NO.
2582-208X

ସୌଭାଗ୍ୟ ଥିଲା ଯେ ମୁଁ କେବେ
ରହି ନଥିଲି ନିଜ ସ୍ୱପ୍ନରେ ।୪।

ଜୀବନର କଚା ସଡକ ଉପରେ
ଶିଖିଥିଲି ଚାଲିବା ନିଶ୍ଚିତ
କିନ୍ତୁ ତା'ର ପ୍ରତ୍ୟେକ କଥାରେ
କରି ନ ଥିଲି ସବୁ ସମୟରେ ବୁଝାମଣା ।୫।

ଆସିବ ଫେରି ପୁଣି ସେଇ ଦିନ
ଦେଇ ନାହିଁ ଭାଗ୍ୟ ଏମିତି କିଛି ପ୍ରତିଶ୍ରୁତି
ସମସ୍ୟାରେ ଭରା ଜୀବନକୁ ମୁଁ ବି
ସୁଧାରିବାକୁ କରି ନାହିଁ ଟିକିଏ ବି ଇଛା ।୬।

ଫ୍ଲାଟ୍ ନଂ ବି/୩୦୧, ଗୌରିଶଙ୍କର ରେସିଡେନ୍ସ
କେଶୁରା, ଭୁବନେଶ୍ୱର (ମୋ) ୯୪୫୫୭୧୭୫୦୭

ISSN NO.
2582-208X

# ଶ୍ରୀମଦ୍‌ଭଗବତଗୀତା ଓ ଶ୍ରୀକୃଷ୍ଣ ବିଦୁର ଉପାଖ୍ୟାନ



ମନୀଷା ରାୟ

ସ୍ଥୂଳତଃ ଶ୍ରୀମଦ୍‌ଭାଗବତ ହେଉଛି ଭଗବାନ ଶ୍ରୀକୃଷ୍ଣଙ୍କ କଥା ଓ ଗାତା ମୂଳକ ଏକ ଭକ୍ତିଗ୍ରନ୍ଥ । ତତ୍ ସହିତ ପବିତ୍ରତା ଦୃଷ୍ଟିକୋଣରୁ ଶ୍ରୀମଦ୍‌ଭଗବତ । ଭଗବାନ ଶ୍ରୀକୃଷ୍ଣଙ୍କର ଏହା  ଏକ ଅଙ୍ଗୀକାରବଦ୍ଧ ବାଣୀ ଏବଂ ଏହି ବାଣୀକୁ ସେ ସଖା ତଥା ପ୍ରିୟଭକ୍ତ ଅର୍ଜୁନଙ୍କ ମାଧ୍ୟମରେ ଜଗତର କଲ୍ୟାଣାର୍ଥେ ପ୍ରସାର ପ୍ରଚାର କରିଥିଲେ ।  ଏହାଛଡ଼ା ପ୍ରତ୍ୟେକ ସନାତନୀଙ୍କର ଏହା ଏକ ଆରାଧ୍ୟ ତଥା ବନ୍ଦନୀୟ ପବିତ୍ର ଧର୍ମଗ୍ରନ୍ଥ । ଏହି ଧର୍ମଗ୍ରନ୍ଥର ଅନ୍ୟ ଅନ୍ୟ ନାମ ହେଉଛି ଗୀତୋପନିଷଦ । ଅତଏବ ଭଗବତ ଗୀତାର ବୈଶିଷ୍ଟ୍ୟ ହେଲା, ଏଥିରେ ବୈଦିକ ଜ୍ଞାନର ସାରଗର୍ଭକ କଥା ଏବଂ ବୈଦିକ ସାହିତ୍ୟର ଉତ୍କର୍ଷତା ପରିପୁରିତ ହୋଇ ରହିଛି ।

ଆହୁରି ମଧ୍ୟ ଭଗବାନ ଶ୍ରୀକୃଷ୍ଣଙ୍କ ଚେତନା ଓ ଚିନ୍ତନକୁ ମାନବ ସମାଜରେ ପ୍ରସାର ପ୍ରଚାର କରିବାରେ ଶ୍ରୀମଦଭାଗବତଗୀତା ପ୍ରମୁଖ ଭୂମିକା ନିର୍ବାହ କରିଆସୁଛି । ଅଧିକନ୍ତୁ ଶ୍ରୀମଦ୍‌ଭଗବତ ଗୀତା ମାନବ ସମାଜକୁ ଶିକ୍ଷାଦିଏ ଯେ, କର୍ମକରି ଫଳକୁ ଆଶା ରଖନାହିଁ। । ମାନସିକ ଶାନ୍ତି ମିଳିଲେ କର୍ମଫଳ ମଧ୍ୟ ଆଶାନୁରୂପକ ମିଳିବ । ଯଦିଓ ଗୀତାର ମୂଳତତ୍ୱ ହେଲା, ଜୀବନ କର୍ମର ଅଧୀନ । ଆପଣାର କର୍ମ ନିଜେ କର । କର୍ମର ଫଳ ପରମେଶ୍ୱରଙ୍କ ଉପରେ ନ୍ୟସ୍ତକର । ତଥାପି ମାନବ ସମାଜ ଭୌତିକ ମୋହମାୟାରେ ଆସକ୍ତ ଏବଂ ଅନ୍ୟର ଧନସମ୍ପଦ ପ୍ରତି ଲୋଭାସକ୍ତ ଓ ଈର୍ଷାପରାୟଣ ।

ପୁନଶ୍ଚ ଶ୍ରୀମଦଗୀତା ହେଉଛି ଭଗବାନ ଶ୍ରୀକୃଷ୍ଣଙ୍କ ମୁଖନିସୃତ ବାଣୀ ଏବଂ ବୌଦ୍ଧିକ ଜ୍ଞାନର ଅସରନ୍ତି ଭଣ୍ଡାର । କହିବା ବାହୁଲ୍ୟ, ଭକ୍ତ ଅତୁଲ୍ୟ ତଥା ଅନୁଧ୍ୟେୟ ଧର୍ମଗ୍ରନ୍ଥର

ISSN NO.
2582-208X

ସ୍ଫୁରଣ ହେଉଥିବା ଶାଶ୍ୱତ ଜ୍ଞାନର ଫେନିଳ ସାଗରରେ ସମଗ୍ର ମାନବ ଜାତି ବୁଡ଼ବୁଡ଼ି ମାରକି ନିଜକୁ କୃତାର୍ଥ ମଣିଥାଏ । ମୋଟ ଉପରେ କହିଲେ, ଶ୍ରୀମଦ ଭାଗବତ ଗୀତା ପରି ଜନକଲ୍ୟାଣକାରୀ ତଥା ଶୁଭଫଳଦାୟୀ ଧର୍ମଗ୍ରନ୍ଥ ନାହିଁ ।

କାରଣ ଗୀତା ଯେପରି ସଂସାର ଓ ସଂସାରୀମାନଙ୍କ ନିମିତ୍ତ ଉପଯୋଗୀ ଅନ୍ୟ କୌଣସି ଧର୍ମଗ୍ରନ୍ଥରେ ତାହା ଦୃଷ୍ଟିଗୋଚର ହୁଏନାହିଁ । ଅନ୍ୟପକ୍ଷେ ଏହି ଧର୍ମଗ୍ରନ୍ଥର ମୌଳିକ ରୂପକୁ ପର୍ଯ୍ୟାଲୋଚନା କଲେ ଅନୁମିତ ହୁଏ ଯେ, ଏହା ଏକ ପରମ ରହସ୍ୟମୟ ଧର୍ମଗ୍ରନ୍ଥ ଏବଂ ଏହାର ମହିମା ଅବର୍ଣ୍ଣନୀୟ । ଭାଷା ବା ବାଣୀ ଦ୍ୱାରା ବର୍ଣ୍ଣନା କରିବା ଅସମ୍ଭବ । ଅନ୍ୟ ଅର୍ଥରେ ପ୍ରକାଶ କଲେ ଶ୍ରୀମତଗୀତା ଏପରି ଏକ ଅତୁଳନୀୟ  ତଥା ଉପମାରହିତ ଧର୍ମଗ୍ରନ୍ଥ ଯାହାର ପ୍ରତି ଅଧ୍ୟାୟ, ପ୍ରତି ଶ୍ଳୋକ ତଥା ପ୍ରତି ଶବ୍ଦରେ ପ୍ରତିଭାତ ହୁଏ ସଦୁପଦେଶ ।

ଯଦ୍ୟାପୀ  ଏହା ଏକ କଥୋପକଥନ ଧର୍ମଗ୍ରନ୍ଥ ଏବଂ ଏହାକୁ ବ୍ୟାଖ୍ୟା କରି ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ବୁଝାଇଛନ୍ତି, ପରନ୍ତୁ ଭଗବାନ ବେଦବ୍ୟାସ ଯିଏକି ସଂସ୍କୃତ ଭାଷାରେ ଶ୍ରୀମଦ ଭାଗବତ ଗୀତା ରଚନା କରିଥିଲେ, ସେ ସ୍ୱୟଂ ଶ୍ରୀମଦଗୀତାର ମହିମା ବର୍ଣ୍ଣନା କରିବାକୁ ଯାଇ କହିଛନ୍ତି–

"ଗୀତା ସୁଗୀତା କର୍ତ୍ତବ୍ୟା କି ମନୈଥଃ ଶାସ୍ତ୍ର ସଂଗ୍ରହୈଃ,
ଯା ସ୍ୱୟଂ ପଦ୍ମନାଭସ୍ୟ ମୁଖପଦ୍ମାତ୍ ବିନିଃସୃତା ।"

ମୂଳତଃ ଶ୍ରୀମଦଗୀତା ହେଉଛି ସଂସ୍କୃତ ମହାକାବ୍ୟ ମହାଭାରତର ଏକ କଥା ବୃତ୍ତାନ୍ତ ଏବଂ ଏହା କଳିଯୁଗର ପ୍ରାରମ୍ଭିକ ଅବସ୍ଥାରେ ରଚିତ ହୋଇଥିଲା । ଆନୁମାନିକ ଆଜକୁ ପ୍ରାୟ ପାଞ୍ଚ ହଜାର ବର୍ଷ ପୂର୍ବେ ଷୋଳକଳା ପରିପୂର୍ଣ୍ଣ ପରମ ପୁରୁଷ ଭଗବାନ ଶ୍ରୀକୃଷ୍ଣଙ୍କ ମୁଖନିସୃତ ବାଣୀ ଅଟେ ।  କଥିତ ଅଛି ଯେ, ଭଗବାନ ଶ୍ରୀକୃଷ୍ଣ ପ୍ରିୟ ସଖା ଅର୍ଜୁନଙ୍କୁ ହିତୋପଦେଶ ଆଳରେ ଏହି ସଦୁପଦେଶ ବାଣୀ କହିଥିଲେ ।

ଅଧିକନ୍ତୁ ମହାଭାରତ ଯୁଦ୍ଧ ପୂର୍ବରୁ ଯୁଦ୍ଧ କ୍ଷେତ୍ରରେ ଯାହା ଯାହା ଘଟିଥିଲା ତାହାହିଁ ହେଉଛି ଶ୍ରୀମଦ୍‌ଭାଗବତ ଗୀତାରେ ଉଲ୍ଲେଖ ଥିବା ଧର୍ମ ଦର୍ଶନର ବାର୍ତ୍ତା । ଏହି ପରିପ୍ରେକ୍ଷୀରେ ଭଗବାନ ଶ୍ରୀକୃଷ୍ଣଙ୍କର ଏକ ଦିବ୍ୟ କଥା ବହନ କରେ । ଏକ ବିଶେଷ ପ୍ରସଙ୍ଗ ଏହା ହେଉଛି ଭଗବାନ ଶ୍ରୀକୃଷ୍ଣ ଯେତେବେଳେ ପାଣ୍ଡବ ଓ କୌରବ ମଧ୍ୟରେ ଶାନ୍ତି ପ୍ରସ୍ତାବ

ISSN NO.
2582-208X

ନେଇ ସନ୍ଧି ସ୍ଥାପନା କରିବା ଅର୍ଥେ ହସ୍ତିନାପୁର ଗମନ କରିଥିଲେ ସେହି ସମୟର ଏ କାହାଣୀ ।

କଥିତ ଅଛି ଯେ, ଭଗବାନ ଶ୍ରୀକୃଷ୍ଣ ସ୍ୱୟଂ ଦୂତ ଭାବରେ ଧୃତରାଷ୍ଟ୍ରଙ୍କ ରାଜସଭାକୁ ଯାଇ ଯୁଦ୍ଧନକରି ଶାନ୍ତି ସ୍ଥାପନା ପାଇଁ ପ୍ରସ୍ତାବ ଦେଇଥିଲେ, ସେତେବେଳେ ତାଙ୍କ ପ୍ରସ୍ତାବକୁ ଧୃତରାଷ୍ଟ ଓ ଦୁର୍ଯ୍ୟୋଧନ ଅଗ୍ରାହ୍ୟ କରିଦେଇଥିଲେ । ଏଥର ଶ୍ରୀକୃଷ୍ଣ ଜାଣିପାରିଲେ ଯେ ଯୁଦ୍ଧ ଅବଶ୍ୟମ୍ଭାବୀ । ସେତେବେଳେ ସେ ନିରାଶ ମନରେ ଦ୍ୱାରିକା ପ୍ରତ୍ୟାବର୍ତ୍ତନ କଲା ପୂର୍ବରୁ ମହାନ୍ ଭଗବତପ୍ରେମୀ କୃଷ୍ଣଙ୍କର ପରମ ଭକ୍ତ ବିଦୁରଙ୍କ ଗୃହକୁ ଗମନ କରିଥିଲେ। ବିନା ନିମନ୍ତ୍ରଣରେ ଦ୍ୱାରଦେଶରେ ଭଗବାନ ଶ୍ରୀକୃଷ୍ଣ ଦଣ୍ଡାୟମାନ ଜାଣି ଆଶ୍ଚର୍ଯ୍ୟଚକିତ ହୋଇ ପଡ଼ିଥିଲେ ବିଦୁର ଓ ତାଙ୍କ ପତ୍ନୀ ସୁଲଭା ।

କହିବା ବାହୁଲ୍ୟ, ସେତେବେଳେକୁ ସେ ଦୀର୍ଘ ଦୁଇଘଣ୍ଟା ଧରି ଦ୍ୱାରଦେଶରେ ଅପେକ୍ଷାରତ ଥିଲେ । ଯିଏ ଅଖିଳ ବ୍ରହ୍ମାଣ୍ଡର ସ୍ୱାମୀ ଓ ପାଳନକର୍ତ୍ତା ଭୀଷଣ ଭୋକରେ ଆଉଟୁ ପାଉଟୁ ହେଉଥିଲେ । ଶଂସିତ ସମୟରେ ଭଜନ କୀର୍ତ୍ତନରେ ନିମଗ୍ନ ଥିଲେ ଭକ୍ତ ବିଦୁର ଓ ଦେବୀ ସୁଲତା । ସେମାନଙ୍କୁ ଆଦୌ ଅବଗତ ନଥିଲା ଯେ, ଭଗବାନ ଶ୍ରୀକୃଷ୍ଣ ଦ୍ୱାରଦେଶରେ ପ୍ରତୀକ୍ଷାରତ । ଏପଟେ ଶ୍ରୀକୃଷ୍ଣ ମନେ ମନେ ଭାବୁଥିଲେ, କେତେବେଳେ ଭକ୍ତ ପ୍ରବର ବିଦୁରଜୀଙ୍କ ଭଜନ କୀର୍ତ୍ତନ ଅନ୍ତ ହେବ ।

ପରିଶେଷରେ ସେହି ସନ୍ଧିକ୍ଷଣର ପରିସମାପ୍ତି ଘଟିଲା । ଭୋକର ପୀଡ଼ା ଆଉ ସହ୍ୟ କରିପାରିନଥିଲେ ଭଗବାନ ଶ୍ରୀକୃଷ୍ଣ । ଅଧୈର୍ଯ୍ୟ ହୋଇ ବିଦୁରଜୀଙ୍କ କୁଟୀର କବାଟକୁ ଠକ୍‌ଠକ୍ କଲେ । ବିଦୁରଜୀଙ୍କ ଏଭଳି ଏକନିଷ୍ଠ କୀର୍ତ୍ତନ ଓ ଭଜନରେ ବିମୋହିତ ଭଗବାନ ସ୍ୱୟଂ ଆସି ତାଙ୍କ ସମ୍ମୁଖରେ ଉଭା ହୋଇଯାଇଥିଲେ । ଏଥର କୃଷ୍ଣ ଭକ୍ତିରେ ତଲ୍ଲୀନ ବିଦୁରଜୀଙ୍କୁ ଶ୍ରୀକୃଷ୍ଣ ଡାକି କହିଲେ, ତାଉଜୀ, ମୁଁ ଆସିଯାଇଛି । ଏକଥା ଶୁଣି ବିଦୁରଜୀ ପତ୍ନୀ ସୁଲଭାଙ୍କୁ କହିଲେ ଦେଖ, ଦ୍ୱାରିକାନାଥ ଆସିଗଲେଣି । ତତ୍‌କ୍ଷଣାତ୍ ବିଦୁରଜୀ ସମ୍ମୁଖରେ ଚତୁର୍ଭୁଜ ନାରାୟଣଙ୍କ ମୂର୍ତ୍ତି ଠିଆ ହୋଇଥିବାର ଦେଖିଲେ । ଭଗବାନ ଶ୍ରୀକୃଷ୍ଣଙ୍କ ସାକ୍ଷାତ୍ ନାରାୟଣ ସ୍ୱରୂପ ଦେଖି ଅତି ଭାବବିହ୍ୱଳ ହୋଇଗଲେ ବିଦୁରଜୀ ଓ ଦେବୀ ସୁଲଭା । ପ୍ରଭୁଙ୍କୁ ବସିବା ନିମିତ୍ତ ଆସନ ନଥିବାରୁ ଭଗବାନ ଶ୍ରୀକୃଷ୍ଣ ନିଜେ ଆସନ ଆଣି ପକାଇ ବସିଥିଲେ ଏବଂ ନିଜ ନିକଟରେ ସେ ଦୁହିଁଙ୍କୁ ବସାଇଥିଲେ ।

ISSN NO.
2582-208X

ବିଦୁରଜୀ କେବଳ କଲବଲ କରି ଶ୍ରୀକୃଷ୍ଣଙ୍କ ମୁଖମଣ୍ଡଳକୁ ଚାହିଁ ରହିଥିଲେ । ଏତିକିବେଳେ ପ୍ରଭୁ ଶ୍ରୀକୃଷ୍ଣ କହିଲେ ବହୁତ ଭୋକ ଲାଗୁଛି । ମୋତେ କିଛି ଖାଇବାକୁ ଦିଅନ୍ତୁ । ଏହାହିଁ ହେଉଛି ପ୍ରକୃତ ଈଶ୍ୱରଭକ୍ତି । ଯେଉଁ ଭକ୍ତିରେ କେବଳ ସମର୍ପଣ ଓ ଶକ୍ତି ହିଁ ପରିପୁରିତ ହୋଇ ରହିଥାଏ । ଯଦ୍ୱାରା ନିଷ୍କାମ ଭଗବାନଙ୍କୁ ଭକ୍ତର ପ୍ରଗାଢ଼ ଭକ୍ତି ସକାମ କରି ଗଢ଼ି ତୋଳିଥାଏ । ଭଗବାନଙ୍କୁ ସତରେ କ'ଣ ଏମିତି କେବେ ଭୋକ ଲାଗେ ?

କିନ୍ତୁ ପ୍ରକୃତପକ୍ଷେ କଥା ହେଉଛି ଭକ୍ତ ବତ୍ସଳ ଭଗବାନ ଭକ୍ତର ସକାମ ଭକ୍ତି ଦେଖି ଭୋକରେ ଆଉଟୁ ପାଉଟୁ ହୁଅନ୍ତି । ତାଙ୍କର ଭକ୍ତର ହାତରନ୍ଧା ଖାଦ୍ୟ ଖାଇବାକୁ, ଭକ୍ତର ଉଚ୍ଛିଷ୍ଟ ଖାଇବାକୁ ପ୍ରବଳ ଇଚ୍ଛା ପ୍ରକଟ ହୁଏ । ଏଠାରେ ଭଗବାନ ଶ୍ରୀକୃଷ୍ଣଙ୍କ ଭୋକ ବ୍ୟାକୁଳତା ଦେଖି ବିଦୁରଜୀ ପଚାରିଲେ, ପ୍ରଭୁ ଆପଣ କ'ଣ କୁରୁରାଜ ଦୁର୍ଯ୍ୟୋଧନଙ୍କ ବାସ ଭବନରେ ଭୋଜନ କରିନାହାନ୍ତି । ମୃଦୁ ହସି ଶ୍ରୀକୃଷ୍ଣ କହିଲେ, ତାଉଜୀ ଯାହାଙ୍କ ଘରେ ଆପଣ ଭୋଜନ କରୁନାହାନ୍ତି, ସେଘରେ ମୁଁ ବା କେମିତି ଅନ୍ନ ଗ୍ରହଣ କରିବି ?

ଉକ୍ତ ପ୍ରସଙ୍ଗରୁ ଅବଗତ ହୁଏ ଯେ, ଭଗବାନ କେବେବି ଭୋକିଲା ନୁହଁନ୍ତି । ଏହି ସିଦ୍ଧାନ୍ତ ପ୍ରାଚୀନ ଧର୍ମଗ୍ରନ୍ଥ ଉପନିଷଦରେ ବର୍ଣ୍ଣିତ ଅଛି । କେବଳ ଜୀବ ରୂପକ ପ୍ରାଣୀ ହିଁ ବିଷୟଭୋଗୀ, ବସ୍ତୁବାଦୀ । ଫଳ ସ୍ୱରୂପ ଆହାର ଗ୍ରହଣ କରେ । ଯେଉଁଥିପାଇଁ ସେମାନେ ଚିର ଦୁଃଖୀ । ସୁତରାଂ ଈଶ୍ୱର ବା ଭଗବାନ କେବଳ ପ୍ରେମ କ୍ଷୁଧାରେ ହିଁ କ୍ଷୁଧିତ ଏହା ନିଃସନ୍ଦେହ ।

ବିଦୁରଜୀ ସୁଲଭା ଭାବୁଥିଲେ, ପ୍ରଭୁଙ୍କୁ ସେମାନେ କିପରି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବେ, କ'ଣ ତାଙ୍କୁ ନୈବେଦ୍ୟ ରୂପେ ଅର୍ପଣ କରିବେ ? କାରଣ ହସ୍ତିନାପୁର ସେମାନେ ତ୍ୟାଗ କରିଛନ୍ତି । କୁରୁବଂଶ ସହ ସମ୍ପର୍କ ତୁଟାଇ ଏବେ ସେମାନେ ତପସ୍ୱୀ ସୁଲଭ ଜୀବନ ଯାପନ କରୁଛନ୍ତି ଏବଂ ଖାଦ୍ୟ ରୂପେ ଏବେ କେବଳ ଶାଗଭଜା ସେମାନେ ଗ୍ରହଣ କରୁଛନ୍ତି ।

ଭଗବାନ ଅନ୍ତର୍ଯ୍ୟାମୀ । ଭକ୍ତର ମନକଥା ସେ ଅଚିରେ ବୁଝିପାରନ୍ତି । ଏବେ ଭଗବାନ ଶ୍ରୀକୃଷ୍ଣ ବିଦୁରଙ୍କ ମନକଥା ବୁଝି ତାଙ୍କ ସଙ୍କୋଚ ମନୋଭାବକୁ ଦୂରିଭୂତ କରିବାକୁ ଯାଇ ଚୁଲି ଉପରେ ବସିଥିବା ଶାଗଭଜାକୁ ଆଣି ଖାଇବାକୁ ଲାଗିଲେ ।

ISSN NO.
2582-208X

ଏହାହିଁ ହେଉଛି ପ୍ରକୃତ ଈଶ୍ୱର ପ୍ରତି ଭକ୍ତି ଓ ପ୍ରେମ । କାରଣ ଭକ୍ତର ଶାଶ୍ୱତ ପ୍ରେମରେ ଭକ୍ତବତ୍ସଳ ଭଗବାନ ବନ୍ଧା । ତତ୍‌ସହିତ ଭଗବତପ୍ରେମରେ ଥାଏ ଦିବ୍ୟ ସ୍ୱାଦୁତା ଓ ମିଷ୍ଟତା । ଯାହା ଅନ୍ୟ କୌଣସି ବସ୍ତୁରେ ନଥାଏ । ସେଇଥିପାଇଁ କଥିତ ଅଛି, ଶତ୍ରୁହାତ ପ୍ରସ୍ତୁତ ପୁରୀ ହାଲୁଆ ଖାଇଲେ ତାହା ବିଷତୁଲ୍ୟ ମନେହୁଏ । ଏହି କାରଣରୁ ଭଗବାନ ଶ୍ରୀକୃଷ୍ଣଙ୍କୁ ବିଷତୁଲ୍ୟ ମନେ ହୋଇଥିଲା କୁରୁରାଜ ଦୁର୍ଯ୍ୟୋଧନର ମିଷ୍ଟାନ୍ନ ଭଣ୍ଡାର । ଯେଉଁଥିପାଇଁ ସେ ପ୍ରିୟ ଭକ୍ତ ବିଦୁରଙ୍କ ଘରୁ ଶାଗଭଜା ଖାଇ ପରିତୃପ୍ତ ହୋଇଥିଲେ । ଏଣୁ ଭଗବତପ୍ରେମୀମାନେ ଆନନ୍ଦରେ ଆତ୍ମବିଭୋର ହୋଇ ଗାଇଛନ୍ତି–

"ସବ୍‌ସେ ଉଁଚୀ ପ୍ରେମସଖାଇ
ଦୁର୍ଯ୍ୟୋଧନ କୋ ମେଓ୍ୱା ତ୍ୟାଗୋ ସାଗ ବିଦୁର ଘର ପାଇ
ଝୁଠେ ଫଲ ଶବରୀକେ ଖାଏ, ବିଦୁବିଧି ପ୍ରେମ ଲଗାଇ
ପ୍ରେମକେ ବସ ନୃପ ସେବା ଜିହ୍ୱୀ ଆମବନେ ହରି ନାଇ ।"

ସମ୍ଭବତଃ ବିଦୁର ଥିଲେ ଜଣେ ମହାନ୍ ମହାତ୍ମା ତତ୍ତ୍ୱଦର୍ଶୀ ଆଧ୍ୟାତ୍ମିକ ତଥା ନୀତିଜ୍ଞ । ସମୃଦ୍ଧ ଭବନର ମୋହ ହାତପାହାନ୍ତାରେ ଥାଇ ସୁଦ୍ଧା ଏହି ମହାନ ଆତ୍ମା ତ୍ୟାଗ କରିଥିଲେ ହସ୍ତିନାପୁର । ପରବର୍ତ୍ତୀ ସମୟରେ ନିହାତି ଏକ ଛୋଟ କୁଟୀର ନଦୀକୂଳରେ ନିର୍ମାଣ କରି ସେଠାରେ ସେ ଭଗବତ ପ୍ରେମରେ ତଲ୍ଲୀନ ହୋଇ ତପସ୍ୟାରତ ରହିଥିଲେ । ପ୍ରତିଦିନ ପତ୍ନୀ ସୁଲଭାଙ୍କ ସହ ସେ ଦୀର୍ଘ ତିନି ଘଣ୍ଟା ଧରି ପ୍ରଭୁଙ୍କ ନାମ ସଂକୀର୍ତ୍ତନ ଓ ତିନିଘଣ୍ଟା ଧରି ଶ୍ରୀକୃଷ୍ଣଙ୍କ ସେବାପୂଜାରେ ନିମଗ୍ନ ରହୁଥିଲେ । ଏହିପରି ଭାବେ ବିତିଯାଇଥିଲା ଦୀର୍ଘ ବାର ବର୍ଷକାଳ ସେ ଦୁହିଙ୍କର ଭଗବାନ ଶ୍ରୀକୃଷ୍ଣଙ୍କ ଆରାଧନାରେ ।

ବିଦୁରଜୀ ଯେତେବେଳେ ଶୁଣିବାକୁ ପାଇଲେ ଯେ ଦ୍ୱାରିକାନାଥ ଭଗବାନ ଶ୍ରୀକୃଷ୍ଣ ସନ୍ଧି କରିବା ଉଦ୍ଦେଶ୍ୟରେ ହସ୍ତିନାପୁରକୁ ଆସୁଛନ୍ତି ଏବଂ ତାଙ୍କ ନିମିତ୍ତ କୁରୁରାଜ ଦୁର୍ଯ୍ୟୋଧନ ଛପନ ପ୍ରକାର ସ୍ୱାଦିଷ୍ଟ ବ୍ୟଞ୍ଜନ ରାଜପରିଚାରକ ଦ୍ୱାରା ପ୍ରସ୍ତୁତ କରିଥିଲେ ମଧ୍ୟ ଭଗବାନ ଶ୍ରୀକୃଷ୍ଣ ସେସବୁ ଗ୍ରହଣ ନକରି ତାଙ୍କ କୁଟୀରକୁ ଆସି ଶାଗଭଜା ଖାଉଛନ୍ତି । ଏହା ଦେଖି ସେ ଆତ୍ମବିଭୋର ହୋଇ ଉଠିଥିଲେ । କାରଣ ଲୋକଦେଖାଣିଆ ଭକ୍ତିରେ ପ୍ରକୃତ ଶ୍ରଦ୍ଧା ଓ ପ୍ରେମ ନଥାଏ । ଭଗବତ ପ୍ରେମ କେବଳ ସଦ୍‌ଭାବନାଯୁକ୍ତ ସେବାରେ ହିଁ ଉପଲବ୍ଧ ହୋଇଥାଏ । ଅସଦ୍ ଭାବରେ ସେବାଯତ୍ନ କଲେ ଭଗବାନ ପ୍ରସନ୍ନ ହେବା ପରିବର୍ତ୍ତେ

ISSN NO.
2582-208X

ଅପ୍ରସନ୍ନ ହୁଅନ୍ତି । ଯେଉଁ ଶ୍ରଦ୍ଧାଳୁ ସଦ୍‌ଭାବରେ ଭଗବାନଙ୍କ ସେବା କରେ ତାଙ୍କରିହିଁ ସେବାକୁ ପ୍ରତ୍ୟକ୍ଷ ରୂପେ ସେ ଗ୍ରହଣ କରନ୍ତି ।

ସମ୍ଭବତଃ ମହାଭାରତରେ ଉଲ୍ଲେଖ ଥିବା କଥାବସ୍ତୁକୁ ଆଧାର କରି ଶ୍ରୀମଦ୍ଭାଗବତ ଗୀତାରେ ଏହି ପ୍ରସଙ୍ଗକୁ ଉପସ୍ଥାପନ କରାଯାଇଛି । ଯାହା ଭଗବାନ ଶ୍ରୀକୃଷ୍ଣ କହିଥିଲେ । କାରଣ ଏଠାରେ ସବୁଠାରୁ ଉଲ୍ଲେଖନୀୟ କଥା ହେଲା, ବିନା ଆମନ୍ତ୍ରଣରେ ଭଗବାନ ଶ୍ରୀକୃଷ୍ଣ ବିଦୁରଜୀଙ୍କ ଏକାନ୍ତ ଭକ୍ତି ଓ ଉପାସନାରେ ସନ୍ତୁଷ୍ଟ ହୋଇ ତାଙ୍କ ଗୃହକୁ ଗମନ କରିଥିଲେ । ତାଙ୍କ ପତ୍ନୀ ସୁଲଭା ରାନ୍ଧି ରଖିଥିବା ଶାଗଭଜାକୁ ମହା ଆନନ୍ଦରେ ସେବନ କରିଥିଲେ ।

ଏଥିରୁ ସ୍ପଷ୍ଟ ରୂପେ ପ୍ରତିତ ହୁଏ ଯେ, ଯେଉଁ ଭଗବତ ପ୍ରେମୀ ସାତ୍ୱିକ ବା ନିର୍ମଳ ମନରେ ଭୋଜନ ପ୍ରସ୍ତୁତ କରେ, ସେହି ଖାଦ୍ୟ ପରବର୍ତ୍ତୀ ସମୟରେ ଶୁଦ୍ଧ ଆହାରରେ ପରିଣତ ହୋଇଥାଏ । ପୁନଶ୍ଚ ଏହି ଖାଦ୍ୟକୁ ଗ୍ରହଣ କଲେ ଜୀବନ ସରଳ ଓ ମନ ନିର୍ମଳ ହୋଇଯାଏ । ତତ୍‌ସହିତ ଭଗବତପ୍ରେମୀମାନଙ୍କର ସାତ୍ୱିକ ଗୁଣ ବୃଦ୍ଧି ହେବା ସହ ସହିଷ୍ଣୁତା ବଢ଼େ, ଧୈର୍ଯ୍ୟ ସ୍ଥିରତା ଓ ବୃଦ୍ଧିହୋଇଥାଏ । ତେଣୁ ଶାସ୍ତ୍ର କହେ-

“ଆହାର ଶୁଦ୍ଧୌ । ସତ୍ତ୍ୱେ ଶୁଦ୍ଧିଃ, ସତ୍ୱ ଶୁଦ୍ଧୌ ଧ୍ରୁଷ ସ୍ମୃତିଃ ।”

କେବଳ ଈଶ୍ୱର ହିଁ ଭକ୍ତର ପ୍ରେମ ଓ ଭକ୍ତି ନିମିତ୍ତ ଲାଳାୟିତ, କ୍ଷୁଧିତ । ତାଙ୍କ ନିକଟରେ ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ସମାନ ଥିଲେ ହେଁ ଅଧିକନ୍ତୁ ଈଶ୍ୱର ଗରିବ ଭକ୍ତର ଅଧୀନ । ଏମାନଙ୍କ ପ୍ରେମ ଓ ଭକ୍ତି ପାଖରେ ଅଚିରେ ବନ୍ଧା ପଡ଼ିଯାଆନ୍ତି ପ୍ରଭୁ । ଏଇଥିପାଇଁ ଈଶ୍ୱର ଦୀନବନ୍ଧୁ କୃପାସିନ୍ଧୁ ଦୀନଜନଙ୍କୁ ସବୁଠୁ ଅଧିକ ପ୍ରେମ କରନ୍ତି ।

ଶେଖବଜାର (ନ୍ୟୁକଲୋନୀ), କଟକ-୮
ମୋ- ୮୮୯୫୫୯୩୮୭୫

ISSN NO.
2582-208X

# ହସ ଓ କାନ୍ଦ



ଡ. ଜ୍ଞାନେଶ୍ୱର ମିଶ୍ର

ଜନ୍ମ ମୁହୂର୍ତ୍ତରେ ଏନ୍ତୁଡି ଶାଳରେ
କାନ୍ଦ ଥିଲା ସମ୍ବଳ ମୋହର
ହସୁଥିଲେ ଆନନ୍ଦରେ ବାପା, ମା
ଅଜା ଆଈ ଆମ ପରିବାର ।୧।

ମଶାଣି ଯୂଇରେ ମୁଁ ଏକା ହସୁଥିଲି
ନିଷ୍ପ୍ରାଣ ପ୍ରାଣରେ
କାନ୍ଦୁଥିଲେ ଅନ୍ୟ ମାନେ ଯାହା ସହ
ସଂପର୍କ ଥିଲା ଜୀବନ କାଳରେ ।୨।

ବିବାହ ପରେ ଶାଶୁଘର ଯିବାର ପର୍ବରେ
କାନ୍ଦୁଥିଲା ଝିଅ, ବାପା, ମା ଠାରୁ ବିଦାୟ ସେ ନେବ
ଏହାପରେ ସ୍ୱାମୀ ସହ ହସି ହସି ଜୀବନ କାଟିବ
ବର ହସୁଥିଲା ମନଭରି ଏଇଟା ହିଁ ତାର ଶେଷ ହସ
ସଂସାର ମାୟାରେ ଜଡସଡ ହେବ କାନ୍ଦିବ
ବାନ୍ଧୁଥିଲା ମନର ସାହସ ।୩।

ପ୍ରଶ୍ନର ଉତ୍ତର ଭୁଲ୍ ହେଲେ ଗୁରୁଜୀ ବେତରେ ପିଟିଲେ
ମୋ କାନ୍ଦର ଚିତ୍କାରରେ

ISSN NO.
2582-208X

ଉରୁକି ଉରୁକି ହସ ଫୁଟିଉଠେ
ସାଥୀ ପିଲାଙ୍କ ମୁହଁରେ ।୪ ।

ପୁଅଝିଅଙ୍କର ଆଶାତୀତ କୃତିତ୍ୱରେ
ବାପା, ମା ଙ୍କ ଆଖିରୁ ଝରିପଡେ ଅଶ୍ରୁ ଆନନ୍ଦର
କଂସ, ଶକୁନି ହସ ସୂଚାଇ ଦିଏ
ଥଟ୍ଟା ପରିହାସ କୂଟ କପଟର ।୫ ।

ଦେଶଦ୍ରୋହୀ, ଉଗ୍ରପନ୍ଥୀ ଅବା ଶତ୍ରୁର ସୈନିକ
କାନ୍ଦୁଥିଲା ବିକଳରେ ବୁଲେଟ୍ ଛାତିରେ
ମନେ ମନେ ହସୁଥିଲେ ନିରୀହ ଜନତା
ଅଧା ଭୟ, ଅଧା ଆଶଙ୍କାରେ ।୬ ।

ହସରେ ଉତଫୁଲିତ ହେବନାହିଁ
କାନ୍ଦିଲେ ବି ଭାଙ୍ଗି ପଡିବନି
ହସ, କାନ୍ଦ ଗୋଟିଏ ମୁଦ୍ରାର ଦୁଇପାଖ
କିଏ କାହାକୁ ଛାଡିବ ।୭ ।

ଏ ଦୁନିଆ ଯେତେଦିନ ଅଛି
ହସ କାନ୍ଦ ରହିଛି ରହିବ
ହସ ଅବା କାନ୍ଦ ଯାହା ଆସୁ
ସ୍ଥିର ହୋଇ ଆପଣେଇ ନେବ ।୮ ।

୪୯/୫/ଏଚ୍-୫୫, କାର୍ଲମାର୍କ୍ସ ସରଣୀ
କୋଲକାତା ୭୦୦୦୨୩
ମୋ: ୮୪୨୦୨୪୨୭୫୫

ISSN NO.
2582-208X

# ବ୍ରହ୍ମ ସତ୍ୟ ଜଗତ ମିଥ୍ୟା



ବାସନ୍ତୀ ଲତା ଜେନା

ବ୍ରହ୍ମ ସତ୍ୟ ସନାତନ ଜଗତ ମିଥ୍ୟା
କ୍ଷଣ ଭଙ୍ଗୁର ସଂସାରେ ମୋହର ଗାଥା ।୧।

ବ୍ରହ୍ମ ସତ୍ୟ ଗୁଢ ତତ୍ୱ ସୁକ୍ଷ୍ମ ରୂପରେ
ଆତ୍ମା ପରମ୍ତ୍ମା ମିଳନେ ମୋକ୍ଷ ପଥରେ ।୨।

ଅନୁଭବ ହୁଏ ବ୍ରହ୍ମ ଅଦୃଶ୍ୟ ସେତ
ବିଶ୍ୱାସ ଭରସା ଥିଲେ ହୁଏ ଶାଶ୍ୱତ ।୩।

ବ୍ରହ୍ମ ପରମ ପୁରୁଷ ଚିର ସୁନ୍ଦର
ବ୍ରହ୍ମା ବିଷ୍ଣୁ ମହେଶ୍ୱର ସୃଷ୍ଟି ତାଙ୍କର ।୪।

ଜଗତ କ୍ଷଣ ଭଙ୍ଗୁର ମାୟାରେ ଗ୍ରସ୍ତ
ଅହଂକାର ବୁଡି ନର ହୁଏ ଅସୁସ୍ଥ ।୫।

ଅଧର୍ମ ଅନୀତି ତାକୁ କରଇ ଗ୍ରାସ
ଦୁଃଖ ଯାତନା ସହଇ ପ୍ରାଣୀ ଅଶେଷ ।୬।

ଲୋଭ ମୋହ ହିଂସା ଦ୍ୱେଷ ଚଳେ ଜଗତେ
ନିଜ ବଡ଼ିମା କରଇ ଅନ୍ୟ ଅଗ୍ରତେ ।୭।

ISSN NO.
2582-208X

ଷଡ଼ରିପୁ ପଞ୍ଚ ଭୂତେ ଗଢ଼ା ଶରୀର
ପାପ କର୍ମେ ଲିପ୍ତ ରହେ ଧନ ଆୟତ୍ତର ।୮।

ଜନମ ହୋଇଲେ ଦିନେ ହେବ ମରଣ
ସତ୍ କର୍ମ କରି ମାନବ କାଟ ଜୀବନ ।୯।

ବ୍ରହ୍ମ ଅଟେ ଚିର ସତ୍ୟ ଅମ୍ଳାନ ଜ୍ୟୋତି
ସତ୍ୟ ଧର୍ମ ଭକ୍ତି ପଥେ ମିଳେ ମୁକତି ।୧୦।

ପରମ ବ୍ରହ୍ମ ଜଗନ୍ନାଥ ଅଖିଳ ପତି
ତାଙ୍କ ନାମ ଜପ କର ଦିବସ ରାତି ।୧୧।

ଅନାଦି ଅନନ୍ତ ସେତ ବ୍ରହ୍ମ ଅକ୍ଷୟ
ଭକ୍ତି ମାର୍ଗେ ଯେ ଯାଆନ୍ତି ସେ ବ୍ରହ୍ମ ପ୍ରିୟ ।୧୨।

ଶିକ୍ଷୟିତ୍ରୀ, ଗାନ୍ଧୀନଗର, ନବରଙ୍ଗପୁର

ISSN NO.
2582-208X

# କୃଷି ଓ କୃଷକ



ରଘୁନାଥ ତ୍ରିପାଠୀ

କୃଷିର ଉନ୍ନତି କୃଷକ ସମୃଦ୍ଧି
ଆଜି ଆମ ଦେଶ ଡାକରେ
ଚାଷୀ ଦେଇଥାଏ ଆମ ମୁଖେ ଦାନା
ତା ବିନା ରହିବା ଭୋକରେ ॥
କୃଷି ପ୍ରଧାନ ଓ କୃଷକ ପ୍ରଧାନ
ଦେଶଟି ଆମ ଏ ବିଶ୍ୱରେ
ଚାଷ ଆମ ବୃତ୍ତି ଚାଷ ଆମ ଶକ୍ତି
ତା ବିନା ଅଭାବ ଦେଶରେ ॥
କୃଷକ ଫଳାଇ ସୁନାର ଫସଲ
ଆମ ମୁଖେ ଦିଏ ହରଷ
ସେଥିପାଇଁ ପରା କୃଷିର ବଜେଟ
ଆସୁଅଛି ପ୍ରତି ବରଷ ॥
ଚାଷ ବଢିଗଲେ ଗଛ ବି ବଢିବ
ଅମ୍ଳଜାନ ପରା ବଢିବ
ଧରଣୀ ମାତାର ତନୁ ତାପ କମି
ଆକାଶୁ ବରଷା ଝରିବ ॥
କୃଷି ବିଜ୍ଞାନୀ ଓ ଜଙ୍ଗଲ ବିଜ୍ଞାନୀ
ଢାଳି ଗବେଷଣା ଜ୍ଞାନକୁ
ବଢାନ୍ତୁ ଅମଳ ସବୁଜ ମଣ୍ଡଳ
ଶାନ୍ତି ଦେଇ ବିଶ୍ୱଜନଙ୍କୁ ॥
ଅମଳ ବଢିଲେ ଚାଷୀ ଖୁସି ହେବ
ସେଥିରେ ଦୁନିଆ ହସିବ
ଗଗନରୁ ଝରି ଅମୃତର ଝର
ଆମ ହସ ସାଥେ ମିଶିବ ॥

ବାଲିସାହି,ମଧୁପାଟଣା
କଟକ ୯୪୩୭୩୧୭୫୫୮

ISSN NO.
2582-208X

# ପତି ନାମକ ଗଧ



ସୁଧାଂଶୁ ଶେଖର ଦ୍ୱିବେଦୀ

ଶୁଭ ମୁହୂର୍ତ୍ତ ଦେଖି ଜଣେ ପତି ନାମକ ଗଧକୁ ଘୋଡା ହେଉ କି ଚାରିଚକିଆ ଗାଡ଼ିରେ ବସେଇ ଦିଆଯାଏ। ସଖା-ସଖୀ,ବନ୍ଧୁ-ବାନ୍ଧବ, ପ୍ରିୟ-ପରିଜନ ଅର୍ଥାତ୍ ସର୍ବସମ୍ମତି କ୍ରମେ ଗଧକୁ ପତି ରୂପେ ଘୋଷଣା କରିଦିଆଯାଏ। ଭାରତୀୟ ମହିଳା ପତ୍ନୀବ୍ରତ ପାଳନ କରି ପତିମାନଙ୍କୁ କ୍ରୟ କରିବାରେ ନିର୍ଣ୍ଣୟ ନିଅନ୍ତି। ଯାହାଦ୍ୱାରା ପରବର୍ତ୍ତି ଦୃଶ୍ୟପଟରେ ପତ୍ନୀଙ୍କର ସମସ୍ତ ପ୍ରକାର ଭୁଲ୍-ଭଟକାର ଦୋଷ ପତି ନାମକ ଗଧ ପିଠିରେ ଲଦି ଦିଆଯାଏ ।

ଏହା ବି ବିହିତ ଅଛି;-ପୂର୍ବ ଜନ୍ମର ବିଶୁଦ୍ଧ କର୍ମ ହେତୁ ୮୪ ଲକ୍ଷ ଯୋନି ମଧ୍ୟରୁ ସର୍ବଶ୍ରେଷ୍ଠ ଯୋନି ମନୁଷ୍ୟ ଅଟେ। କିନ୍ତୁ ପୁରୁଷ ହୋଇ ପୁରଷତ୍ୱ ଜାହିର କରିବା କୌଣସି କାମରେ ଆସେନାହିଁ। କେବଳ ନିଜ ପତ୍ନୀର ଉପଯୋଗ ବ୍ୟତୀତ ଆଉ କାହାର ହେବା ସମ୍ଭବ ହୋଇନଥାଏ। ତେବେ ପତ୍ନୀମାନଙ୍କର ପତିମାନଙ୍କ ଉପରେ ଅନେକ ପ୍ରକାର ଯୋଗ-ଉପଯୋଗ ଅଛି। ସେଗୁଡିକର ଲିଷ୍ଟ ନିମ୍ନରେ ଦିଆଗଲା।ଆଶା କରୁଛି ମନ ଧ୍ୟାନ ଲଗେଇ ପଢିବେ:-

୧/ପରିବା ଥଳି ଉଠାଉଥିବା ପତି:- ପ୍ରତିଟି ଭାରତୀୟ ପତିମାନଙ୍କ ର ପ୍ରାଥମିକ ତଥା ସର୍ବାଗ୍ରେ ମହତ୍ୱପୂର୍ଣ୍ଣ କାର୍ଯ୍ୟ ହେଉଛି ପରିବା ଥଳି ବୋହିବା। ଯେବେବି ପରିବା ହାଟ କି ବଜାରକୁ ଯାଆନ୍ତୁ ପତ୍ନୀଙ୍କର ଏକ ନିହିତ ଲିଷ୍ଟକୁ ପରିବା ଥଳି ମଧ୍ୟରେ ଭରିବା ଅନିବାର୍ଯ୍ୟ ହୋଇଥାଏ ।

ISSN NO.
2582-208X

୨/ଫ୍ରି ଡ୍ରାଇଭର:- ଭାରତୀୟ ପତ୍ନୀମାନେ ପତିମାନଙ୍କୁ ସବୁଠୁ ଶସ୍ତା ଏବଂ ସ୍ଥାୟୀ ଡ୍ରାଇଭର ରୂପେ ଉପଯୋଗ କରିଥାନ୍ତି। ସପିଙ୍ଗ୍ ମଲ୍ ହେଉ କି କେହି ସାଙ୍ଗ-ସାଥି-ସମ୍ପର୍କୀୟ ଘରକୁ ଯିବାପାଇଁ ହୋଇଥାଉ ପତିର ଗାଡି କିମ୍ବା ବାଇକ୍ ତଥା ସ୍ୱୟଂ ପତିଦେବ ଦୁହେଁ ଅଗତ୍ୟା ଡ୍ରାଇଭର ସିଟ୍ ଅକ୍ତିଆର କରି ପ୍ରସ୍ତୁତ ହୋଇ ଯାଆନ୍ତି ।

୩/ଘରର ବହୁମୁଖୀ କାର୍ଯ୍ୟ:- ଘରର ଯେକୌଣସି ଛୋଟ ବଡ଼ କାମ ପଡୁ ମାନେ ପାଣି ନାଳ ସଫା କରିବା, ଫିୟୁଜ ବଲବ୍ ବଦଳିବା, ୱାସିଂ ମେସିନ୍ ଧୋଇବା, ଫ୍ରିଜ୍ ସଫା କରିବା, ଛୋଟ କାଟିଆ ଏଲକ୍ଟ୍ରିକ୍ ପ୍ରବ୍ଲେମ୍ କୁ ସଲ୍ଭ କରିବା ଆଦି ପତିଙ୍କର ଉପଯୋଗୀ କାର୍ଯ୍ୟାଧିକାରୀ ରୂପେ ଯଥା ସମୟରେ ଉପସ୍ଥିତ ହେବାକୁ ପଡିଥାଏ। ପତ୍ନୀଙ୍କ ଚାଟୁକାରୀତା ଶୁଣିବା ପୂର୍ବରୁ ହାତରେ କରତ, ହାତୁଡି, ସ୍କ୍ରୁ ଡ୍ରାଇଭର, ପ୍ଲାସ୍ ଇତ୍ୟାଦି ଉଠେଇ ନିଜର ଯୋଗ୍ୟତା ଜାହିର କରିବାକୁ ଲାଗିପଡ଼ନ୍ତି। ଘରର ସମସ୍ତ ପ୍ରକାର ମରାମତି କାର୍ଯ୍ୟ ଯଥା:-କାନ୍ଥରେ ରଙ୍ଗ ଲଗେଇବା, ଦ୍ୱାରରେ ପର୍ଦ୍ଦା ଟାଙ୍ଗିବା, ଟେବୁଲ-ଚେୟାର ନିର୍ଦ୍ଦିଷ୍ଟ ସ୍ଥାନରେ ସଜେଇ ରଖିବା ପ୍ରଭୃତି ପତିଦେବଙ୍କର କାର୍ଯ୍ୟ ସୂଚୀରେ ଲିପିବଦ୍ଧ ହୋଇଥାଏ ।

୪/ମୁଭି ପାର୍ଟନର:- ଫିଲ୍ମ ଦେଖିବାକୁ ମନ ହେଲେ ପତି ନାମକ ଗଧଟି ସବୁଠୁ କମ୍ ଅଭିଯୋଗ କରିବା ପାର୍ଟନର ହୋଇଯାଏ। କୋଲ୍ଡ ଡ୍ରିଂକ୍ସ, ସମୋସା, ପପ୍ କର୍ଣ୍ଣ ଏବଂ ଇତ୍ୟାଦି ଇତ୍ୟାଦିର ଖର୍ଚ୍ଚ ସେ ହିଁ ନିଜ ପକେଟରୁ ବହନ କରିଥା'ନ୍ତି ।

୫/ ଶାନ୍ତି ଅଭିଯାନର ଦୂତ:- ପତ୍ନୀ ଯେବେ ରାଗ ମୋଡ଼ରେ ରୁହନ୍ତି ପତି ମହାଶୟ ତାଙ୍କୁ ଶାନ୍ତ କରିବାପାଇଁ ଉଠ୍-ବସ୍ ଦଣ୍ଡବିଧି ସଂହିତା, ନିଜ କାନକୁ ନିଜେ ମୋଡି ଚାପୁଡ଼ା ଖାଇବା ଉଦଘୋଷ ସାଇଲେନ୍ତ ସମ୍ବିଧାନ ଭଳି ଆହୁରି ଅନେକ ପ୍ରକାର ଦଣ୍ଡ ନିଜେ ଭୋଗିବାକୁ ଯଥାସମ୍ଭବ ପ୍ରୟାସ କରିଥା'ନ୍ତି। ପ୍ରାୟଃ ସମସ୍ତ ପ୍ରକାର ଭୁଲକୁ ଜଣେ ଉପଯୋଗୀ ପତି ନାମକ ଗଧ ବୋଝ ଉପରେ ଲଳିତା ବିଡା ବୋହିବା ଭଳି ଦକ୍ଷତା ହାସଲ କରିନିଅନ୍ତି ।

୬/ ରେଗୁଲାର ଚା' ବାଲା:- ଚା' ତିଆରି କରିବାର କାମ ବରଂ ପତିଦେବଙ୍କ ସ୍ପେଶାଲିଟି ହୋଇନଥାଉ ତଥାପି ରେଗୁଲାର ଚା' ତିଆରି କରିବାରେ ତାଙ୍କର ଦକ୍ଷତାକୁ ପତ୍ନୀମାନେ ବଡ଼ ଉତ୍ସାହିତ ସହକାରେ ଆଦର କରିଥା'ନ୍ତି ।

ISSN NO.
2582-208X

୭/ରାତିରେ ମଶା ଘଉଡାଇବା ଯୋଦ୍ଧା:- ପତ୍ନୀଙ୍କୁ ରାତ୍ରି କାଳେ ମଶା, ଝିଟିପିଟି, ଅସରପା, ଆମ୍ବ ଡ଼ହକା ପୋକ କି ଅନ୍ୟ କୌଣସି ପୋକ, ପତଙ୍ଗ ଠାରୁ ସୁରକ୍ଷିତ ରଖିବାପାଇଁ ପତିମାନେ ନାଇଟ ୱାଚ୍ ମେନ୍ ହେବା ସୁନିଶ୍ଚିତ। ପତ୍ନୀ ରାଣୀ ଆରାମ ଓ ନିଘୋଡ଼ ନିଦରେ ଶୋଇବାପାଇଁ ପ୍ରତି ରାତିରେ ପତି ନାମକ ଗଧ ସୁରକ୍ଷା ସେବାରେ ନିୟୋଜିତ ହୋଇଥା'ନ୍ତି ।

୮/ ମାଲିସ୍ ବିଶେଷଜ୍ଞ:- ପତ୍ନୀଙ୍କର ହାତ-ଗୋଡ଼ ଘୋଳେଇ-ଘାଣ୍ଟି ହେଉ କି ମୁଣ୍ଡ ବିନ୍ଧା-ଛିଟିକା ହେଉ ଅବା କମର ଯନ୍ତ୍ରଣା ହେଉ ତୁରନ୍ତ ପତିର ହୃଦୟ ପତ୍ନୀ ପ୍ରତି ଦ୍ରବିତ ହୋଇ ବ୍ୟାକୁଳିତ ମୁଦ୍ରା ଧାରଣ କରିନିଏ। ତା'ପରେ ଆଉ କୁଆଡେ ଯାଏରେ ବେଟା! ହଠାତ୍ ହାତରେ ତେଲ ଗିନା ଧରି ମାଲିସ୍ ବିଶେଷଜ୍ଞ ହୋଇଯା'ନ୍ତି। ପତି ହେବାର ମୂଳ ଲକ୍ଷ୍ୟ ଏହା କି ମସାଜ୍ କଳାରେ ଓସ୍ତାଦ୍ ହୋଇଥିବା ନିହାତି ଜରୁରୀ ଆବଶ୍ୟକ ।

୯/ ପିଲାଙ୍କ ହୋମ୍ ୱାର୍କ ଏସିଷ୍ଟାଣ୍ଟ:- ପିଲାଙ୍କର ହୋମ୍ ୱାର୍କ ପୂର୍ଣ୍ଣ କରିବାପାଇଁ ପତିମାନଙ୍କୁ ମୁଖ୍ୟ ରୂପେ ଉପଯୋଗ କରାଯାଏ। ଗଣିତ, ବିଜ୍ଞାନ,ଇତିହାସ,ସାହିତ୍ୟ ଆଦି ସମସ୍ତ ପ୍ରକାର ପାଠ୍ୟକ୍ରମରେ ପତି ଦେବଙ୍କ ମଗଜରେ ଭରପୁର ଜ୍ଞାନ ରହିଥିବା ଆବଶ୍ୟକ।ତା' ନହେଲେ ପତ୍ନୀଙ୍କର ଗଧ ଆକ୍ଷେପକୁ ଅଚିରେ ଏକସେପ୍ଟ କରି ଗଧ ବୋବାଳି ଛାଡିବା ସାର ହୋଇଥାଏ । ପତ୍ନୀଙ୍କର ଅବଶ୍ୟ ସେସବୁ ସବଜେକ୍ଟ ଉପରେ ସାଧାରଣ ଜ୍ଞାନ ନଥାଉ ହେଲେ ଗଧ ଉପାଧି ପତିଙ୍କୁ ଦେବାରେ ଅବହେଳା କରନ୍ତି ନାହିଁ ।

୧୦/ ପତ୍ନୀଙ୍କ ମୁଡ୍ ଇଣ୍ଡିକେଟର:- ପତ୍ନୀଙ୍କର ମୁଡ୍ ଭଲ ଥାଉ କି ଖରାପ ସବୁ ସମୟରେ ପତିଙ୍କୁ ଡରକୁଳା ବିଲେଇ ଭଳି ପେଟ ତଳେ ଲାଙ୍ଗୁଡ଼ ଜାକିବାକୁ ପଡେ। ନଚେତ୍ ମହାଭାରତର ଅବଶିଷ୍ଟ ପର୍ବ ଆରମ୍ଭ ହେବାକୁ ତିଳେହେଁ ବିଳମ୍ବ ହୋଇନଥାଏ। ।

୧୧/ ଜାଗରଣ ଆଲାର୍ମ:- ସକାଳୁ ସକାଳୁ ପତ୍ନୀମାନଙ୍କୁ ଜାଗ୍ରତ କରିବାର ଆଲାର୍ମ ହୁଏତ ପତିମାନଙ୍କ ଡାକରା ବ୍ୟତୀତ ଏ ଦୁନିଆରେ ଆଉକିଛି ଆଲାର୍ମ ଶୁଭେ ନାହିଁ। ଏହାଛଡା ପତ୍ନୀ ରାଣୀ ନିଦ ଚଟକରେ ପତିର କାନ ପାଖେ ଫୁଲେଇ ହୋଇ କହିବେ-ଚା' ଟିକେ କରି ଦିଅନ୍ତନି! ଆଦେଶ ପାଇବା ମାତ୍ରେ ପତି ହୃଦୟରେ ଆଲାର୍ମ ସକ୍ରିୟ ହୋଇ ରୋଷେଇ ଘରେ ପହଞ୍ଚିଯାଏ ।

ISSN NO.
2582-208X

୧୨/ ଲୁଗା ସଫା କରିବାରେ ଓସ୍ତାଦ୍:- ସମ୍ଭବତଃ ପତିମାନେ ନିର୍ଦ୍ଦିଷ୍ଟ ସମୟରେ ଲୁଗା ସଫା କରିବା କାର୍ଯ୍ୟ ଜଣେ ଦାୟିତ୍ୱବାନ ଧୋବା ଭଳି ତୁଲେଇ ନିଅନ୍ତି। ପୁଣି ଶୁଖିଲା ଲୁଗାକୁ ଆଇରନ୍ ଦେଇ ଚକାଚକ୍ କରି ଆଲମାରିରେ ସଜେଇ ରଖିବାରେ ସିଦ୍ଧହସ୍ତ ହୋଇ ଯାଆନ୍ତି।।

୧୩:- ବୁଦ୍ଧିମାନ୍ ଗଧ:- କୌଣସି ସ୍ଥାନକୁ ଯାତ୍ରା କରିବା ହେଉ, ସପିଙ୍ଗ୍ ମଲ୍ କୁ କିଛି କ୍ରୟ କରିବା ଲାଗି ହେଉ କି ପାର୍ଟି-ଫଙ୍କସନ୍ ରେ ଏଟେଣ୍ଡ କରିବାକୁ ହୋଇଥାଉ ଉକ୍ତ ଶୁଭ ମୁହୂର୍ତ୍ତରେ ପତିମାନେ ପତ୍ନୀମାନଙ୍କର ବ୍ୟାଗ୍, ହ୍ୟାଣ୍ଡ ବ୍ୟାଗ୍ ତଥା ପିଲା ଯଦି ଛୋଟ ହୋଇଥାଏ ତାକୁ ବି କାନ୍ଧରେ ବସେଇ ପୁଣି ନିଜ ବ୍ୟାଗ୍ ବୋହି କୁଲି ଗିରିର କାର୍ଯ୍ୟ ସୁଚାରୁ ରୂପେ ତୁଲେଇ ନିଅନ୍ତି। ଆଉ ପତ୍ନୀ ନିଜକୁ ତଥା ନିଜ ବସ୍ତ୍ର ଆଭୂଷଣକୁ ଢଙ୍ଗଢାଙ୍ଗରେ ସଜେଇ ବତକ ସଦୃଶ ଢଳି ଢଳି ପାଦ ପକାଉଥା'ନ୍ତି। ବାସ୍ତବିକ୍ ପତିମାନଙ୍କ ର କରାମତିକୁ ତାରିଫ୍ କରିବାକୁ ପଡିବ! ନିଜ ଜୀବନକୁ ପତ୍ନୀ ସହିତ ଫୁଲ ଦମ୍ ରେ ଯୋଡି ବିଚରା ଗଧଟିଏ ହୋଇ ଯଦି ଆଗକୁ ବଢି ନ ପାରିବ ସେ କି ପତି ନାମରେ ଗଣା!

(କୌଣସି ବ୍ୟକ୍ତି ବିଶେଷ ପାଇଁ ଉକ୍ତ ଆଲେଖ୍ୟଟି ଲେଖାଯାଇନାହିଁ ବରଂ ଆଜିର ସମାଜରେ ଯାହା ପ୍ରତିଫଳିତ ହେଉଛି ତା'ର ନମୁନା ମାତ୍ର)

ବିସି-୭୪, ସେକ୍ଟର-୧,
ସଲ୍ଟ ଲେକ୍, କୋଲକତା
email-dwibedysudhansu@gmail.com

ISSN NO.
2582-208X

# ଏଡାଇବା ପାଇଁ ରାସ୍ତା ଦୁର୍ଘଟଣା



ରାଜକିଶୋର ସ୍ୱାଇଁ

ମୋ ଭାଇ ଭଉଣୀ ଆସରେ ଆସ
ସରକାର ଦେଇଥିବା ସନ୍ଦେଶ
କରିବା ଆମେ ପାଳନ
ଏଡାଇବା ପାଇଁ ରାସ୍ତା ଦୁର୍ଘଟଣା
ରକ୍ଷା ଲାଗି ଏ ଜୀବନ ।୧ ।
ଆମ ଏ ଦେଶର ଆଗରେ ଏବେ
ସବୁଠାରୁ ବଡ ସଙ୍କଟ ଭାବେ
ଉଭା ରାସ୍ତା ଅଘଟଣ
ହାନି ହୁଏ ନିତି ତା ପାଇଁକି ସିନା
କେତେ ଯେ ଧନଜୀବନ ।୨ ।
ସଡକ ନିୟମ ନ ମାନିବାରୁ
ବ୍ୟବସ୍ଥା କୋହଳ ଢିଲା ହେବାରୁ
ନ ହେବାରୁ ସଚେତନ
ଦ୍ରୁତ ଗତି ଆଉ ବେପରୁଆ ଗାଡି
ଚାଳନା ନିଏ ଜୀବନ ।୩ ।
ନିର୍ମାଣରେ ତ୍ରୁଟି ଖରାପ ରାସ୍ତା
ବୃଦ୍ଧି ହେବା ଯୋଗୁଁ ଯାନର ସଂଖ୍ୟା
ବଢେ ଦୁର୍ଘଟଣା ହାର

ISSN NO.
2582-208X

ଚାଳନ କରିବା ଧିରେ ଗାଡି
ନିରାପଦେ ଫେରିବାକୁ ଘର ।୪।
କରୁଥିବା ବେଳେ ଗାଡି ଚାଳନା
ନିଶା ସେବନକୁ ହୋଇଛି ମନା
ମୋବାଇଲ ବ୍ୟବହାର
କରିବାନି କେବେ ଚଳାଇଲା ବେଳେ
ଆମେରେ ଗାଡି ମୋଟର ।୫।
ଚଳାଇଲା ବେଳେ ଯାନ ବାହନ
ଅଧିକ ମାଲ ଯାତ୍ରୀ ବହନ
ମୋତେ ଆମେ କରିବାନି
ଆଗ ଗାଡିଟିର ସଙ୍କେତ ନ ପାଇ
ଆଗକୁ ମାଡି ଯିବାନି ।୬।
ଚଳାଇଲେ ଦୁଇ ଚକିଆ ଯାନ
ଶିରେ ପିନ୍ଧିବା ଆମେ ଶିରସ୍ତ୍ରାଣ
ହୋଇ ପୂରା ସାବଧାନ
ରାସ୍ତା ବାମପଟେ ଚଳାଇବା ଗାଡି
ଟାଳିବାକୁ ଅଘଟଣ ।୭।
ଆଇନକୁ ଦେବାରେ ସନମାନ
ସଭିଏଁ ହେବା ଯେବେ ସଚେତନ
ନିୟମ ଠିକଣା ଭାବେ
ମାନିବାରେ ଯେବେ ନିଇତି ଜୀବନେ
ସ୍ଥିତି ସୁଧୁରିବ ତେବେ ।୮।

ଅବସରପ୍ରାପ୍ତ ଉପ ଆରକ୍ଷୀ ଅଧିକ୍ଷକ
ନୂଆପଡା, ନୂଆବଜାର, କଟକ

ISSN NO.
2582-208X

# ଶ୍ରମିକଟିଏ ମୁଁ



କାଳପ୍ରସାଦ ମହାପାତ୍ର

ମୁଁ ଏ ମାଟିର ମଣିଷ
ଶ୍ରମିକ ମୁଁ ଶ୍ରମ କରେ
ଖରା ବର୍ଷା ଶୀତରେ
ରହେ ଏକ କୁଡିଆରେ ।।

କାମରେ ଲାଗେ ଯେବେ
ଅଣ୍ଟାପିଠି ନଇଁଯାଏ ମୋ
ଥକିପଡେ ମାଟିକାଦୁଅରେ
ପୁଣି ମୁଣ୍ଡ ଉଠାଇ ଚାହେଁ।।

ଦିନରାତି ଏକ କରିଦିଏ
ସିମେଣ୍ଟ ଓ ବାଲି ଭିତରେ
ପଥର ଓ ଇଟାରେ ଗଢେ
ବଡବଡ କୋଠାଘର ସବୁ ।।

ହାତରେ ମୋ ଯାଦୁ ଥାଏ
ରାସ୍ତାଘାଟ ପୋଲ ସବୁ
ଗଢିଦେଇ ଏ ହାତରେ
ସ୍ୱପ୍ନର ରାଜରାସ୍ତା ସବୁ ।।

ଚିତ୍ରକର ତୂଳି ଆଙ୍କିବା ପରି
ମୋ କରଣି ଚାଳନାର କଳା
ନିମିଶକେ ଠିଆ କରିଦିଏ
ବିଶ୍ୱକର୍ମାଙ୍କ ରାଜମହଲଟିଏ ।।

ମାନେନା ମୁଁ ଜାତି ଧର୍ମ ବର୍ଣ୍ଣ
ଗଢେ ମନ୍ଦିର ମସଜିଦ ଗୀର୍ଜା
ଦେଶ ବିଦେଶ ମାନେନା ମୁଁ
ମାନେନା ମୁଁ ଶତୃ ଆଉ ମିତ୍ର। ।

ମୋ ହାତରେ ଗଢି ଉଠେ
କଳକାରଖାନା ଅଫିସଘର
ଡାକ୍ତରଖାନା ଡାକଘର
ବିଦ୍ୟାପୀଠ କର୍ମପୀଠ ସବୁ ।।

ସାଗରରେ ବାନ୍ଧେ ବନ୍ଧ ଏକ
ଯୋଡିଦିଏ ଦେଶବିଦେଶକୁ
ଆକାଶକୁ ଛୁଇଁବାର ଇଚ୍ଛାକୁ
ଗ୍ରହ ନକ୍ଷତ୍ର ଛୁଇଁବାର ଇଛାକୁ ।।

ISSN NO.
2582-208X

ରହେ ମୁଁ ଛୋଟ ଛୋଟ ଘରେ
ଚିନ୍ତାକରେ ବଡ ବଡ ଘରକୁ
ବାସ୍ତବତାର ଭିତରେ ରହିଥାଏ
କଳ୍ପନାକୁ ରୂପ ଦିଏ ଅନ୍ୟ ପାଇଁ।।

ମୁଁ ଏ ମାଟିର ମଣିଷ
ମାଟିରେ ମୋର ଜନ୍ମ ମୃତ୍ୟୁ
ଶ୍ରମିକ ମୁଁ ଶ୍ରମ ଦାନ କରେ
ସମସ୍ତଙ୍କୁ ସୁଖଶାନ୍ତି ଦେବାକୁ।।


ଆଜିର ଏଇ ଶ୍ରମିକ ଦିବସରେ
ପଣ କରେ ମାଟିର ମା'କୁ ଛୁଇଁ
ଗଢ଼ିବି ଏକ ନୂତନ ପୃଥିବୀକୁ
ନିଜର କଳା ଆଉ ଶ୍ରମ ଦେଇ।।

ଶିକ୍ଷକ,
ବନ୍ଧୁଗାଁ, କୋରାପୁଟ

ISSN NO.
2582-208X

# ସୁସ୍ୱାଦୁ ସାରସ୍ୱତ ସୂପକାର, କବି ବୃନ୍ଦାବନ

ଗୁରୁଗୌରବ ଗୌରଚନ୍ଦ୍ର ପଣ୍ଡା



କବି ବୃନ୍ଦାବନ ସୁଆର
ଆବିର୍ଭାବ : ୧୩-୦୨-୧୯୧୫ ତିରୋଭାବ : ୧୮-୦୪-୧୯୮୬

ସୁଆର ଏକ ସାଙ୍ଗ୍ୟା ନୁହେଁ, ଉପାଧି ମାତ୍ର । ସ୍ଥଳବିଶେଷରେ, ଏମାନେ ପାଚକ, ସୂପକାର। ପ୍ରାକୃତ ଭାଷାରେ ସୁଆର । ଗୋଷ୍ଠିର ସଙ୍ଗ୍ୟା ହେଲା, ପଣ୍ଡା, ମହାପାତ୍ର, ନିଶଙ୍କ ଇତ୍ୟାଦି । ନିଳାଚଳ ନିବାସୀ, ଓଡିଆ ଜାତିର ଆତ୍ମା, ବିଶ୍ୱବନ୍ଦ୍ୟ ଠାକୁର ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦ ଓ ରାଜା, ମହାରାଜା ମାନଙ୍କ ମଣୋହି ନିମନ୍ତେ ନିଯୁକ୍ତ ପାଚକ ହେଲେ, ସୁଆର । ସୁଆର ଉପାଧିଧାରୀ ଜଗନ୍ନାଥଙ୍କ ସେବକ ଭାବେ ମଧ୍ୟ କର୍ମରତ ।

ISSN NO.
2582-208X

ପାରଳା ଗଙ୍ଗବଂଶର ନରପତିମାନେ, ସୁଦୂର କଟକରୁ ବ୍ରାହ୍ମଣମାନଙ୍କୁ ସାଦର ଆମନ୍ତ୍ରଣ କରି, କଟକୀୟ ବ୍ରାହ୍ମଣ ସାହିରେ ଅବସ୍ଥାପନ କଲେ । ଭରଣ ପୋଷଣ ନିମନ୍ତେ, ନିଷ୍କର ଜମି ଖଞ୍ଜି ଦେଲେ । ସେହି କଟକୀୟ ବ୍ରାହ୍ମଣ ଅଥବା କବିଚନ୍ଦ୍ର ସାହିରେ ସଂଶିତ କବି ବୃନ୍ଦାବନ ସୁଆର, ମାତା କୃଷ୍ଣବେଣୀ ଓ ପିତା ଗୋପାଳ ସୁଆରଙ୍କ ଔରସରୁ ଭୂମିଷ୍ଠ ହୁଅନ୍ତି, ତେର, ଫେବୃଆରୀ 1915 ମସିହାରେ । ବାସ୍ତରିଟି ବସନ୍ତ ଉପଭୋଗ ପରେ, ଅପ୍ରତ୍ୟାଶିତ ଯାପ୍ୟ ବ୍ୟାଧିରେ, କବିଙ୍କ ଦେହାନ୍ତ ହୁଏ, 1986 ମସିହା ମଇ 18 ତାରିଖରେ। ଗୁଣସୂତ୍ରରେ ଅନୁବନ୍ଧିତ ହୋଇ, ଶାନ୍ତ-ଶିଷ୍ଟ ମେଳାପି ସାରସ୍ୱତ ବନ୍ଧୁ ହରପ୍ରସାଦ ସୁଆର ମଧ୍ୟ ଅଧୁନା ଜଣେ କବି ଓ ପ୍ରାବନ୍ଧିକ ।

ସଂଶିତ 'ଉତ୍କଳ ଗୌରବ' କାବ୍ୟର ପ୍ରଣେତା କବି ବୃନ୍ଦାବନ ସୁଆରଙ୍କ ସୀମିତ କାବ୍ୟକୃତି ଓ ଗଦ୍ୟଲେଖା ଗୁଡିକ ହେଲା, 'ମହେନ୍ଦ୍ର କାବ୍ୟ', 'ପତିତପାବନ ଜଣାଣ', 'ସଂଗ୍ରହ ମାଳିକା', 'ଗାନ୍ଧୀ କୋଇଲି', 'ଉତ୍କଳ ସଂପଦ', 'ବନତତ୍ତ୍ୱ ସାର', 'ବନ ବିଜ୍ଞାନ' ଏବଂ ସ୍ୱ-ଜ୍ୟେଷ୍ଠପୁତ୍ର "ଚଣ୍ଡିପ୍ରସାଦଙ୍କ ଜୀବନୀ"। କେତେକ କୃତି କୀଟଦଷ୍ଟ ହେତୁ, ଅନୁପଲବ୍ଧ। ଏତଦବ୍ୟତୀତ, ଚଣ୍ଡିପ୍ରସାଦ ପାଠାଗାରର ଅଧୁନା ଅସ୍ତିତ୍ୱ ନାହିଁ । ଦୁର୍ଭାଗ୍ୟ, ସାମଗ୍ରିକ ସୃଷ୍ଟି ସମ୍ଭାରର ସାରସ୍ୱତ ମନ୍ଥନ ଅସମ୍ଭବ ଏବଂ ମୂଲ୍ୟାୟନ ଆକଳନ କେବଳ ସୀମିତ ଓ ପ୍ରକାଶିତ 'ଉତ୍କଳ ଗୌରବ' ଓ 'ଉତ୍କଳ ସଂପଦ' ଓ 'ପତିତପାବନ ଜଣାଣ' ଖଣ୍ଡକାବ୍ୟ ଉପରେ ନିର୍ଭର ।

ଉତ୍କଳ ଗୌରବ, କାବ୍ୟର ଉପଜୀବ୍ୟ ବିଷୟ ସ୍ୱୟଂ ସଂପୂର୍ଣ୍ଣ କିମ୍ବା ଅଭିନବ ନୁହେଁ । ପୂର୍ବବର୍ତ୍ତୀ ରଚନାର ଭାବ ଓ ପ୍ରକାଶଭଂଗୀ; ପରବର୍ତ୍ତୀ ରଚନାରେ ସୁସାମଞ୍ଜସ୍ୟ ଭାବରେ ସଞ୍ଚରିତ ହୋଇ, ମୌଳିକତାର ସମ୍ମାନ ଲାଭକରିଛି । ମାଳି ଫୁଲକୁ କୁସୁମିତ କରେନାହିଁ। ପ୍ରକାରାନ୍ତରେ, ବଗିଚାରୁ ସୁବାସିତ କୁସୁମ ଚୟନ କରି ମାଳାଗୁନ୍ଥି ନିଜେ ଆତ୍ମପ୍ରସାଦ ଲାଭ କରେ ଏବଂ ଜନମାନସରେ ପ୍ରଶଂସିତ ହୋଇଥାଏ । ନିର୍ଯ୍ୟାସରେ, ସାହିତ୍ୟ କ୍ଷେତ୍ରରେ ଅନ୍ୟ ଦ୍ୱାରା ପ୍ରଭାବିତ ହେବା ଦୂଷଣୀୟ ନୁହେଁ ।

କବି ବୃନ୍ଦାବନଙ୍କ, ଉତ୍କଳ ଗୌରବ କାବ୍ୟରେ, ଉତ୍କଳ ପ୍ରଦେଶର ଓ ସଂଲଗ୍ନ ଦକ୍ଷିଣ ବିଚ୍ଛିନ୍ନାଞ୍ଚଳର ମାଲ୍ୟବନ୍ତଗିରି ସନ୍ନିକଟ ରାମଗିରିର 'ଗୁପ୍ତେଶ୍ୱର' ଠାରୁ ଆରମ୍ଭ କରି ପୂର୍ବରେ ରାଉରକେଲା ସନ୍ନିକଟ 'ବେଦବ୍ୟାସ' ଯାଏ, ଓଡିଶା ମାଟିର ସମୁଜ୍ଜ୍ୱଳ, ଅମ୍ଳାନ ଓ

ISSN NO.
2582-208X

ଅକ୍ଷୟ କୀର୍ତ୍ତିରାଜି, ସାଂସ୍କୃତିକ ଐତିହ୍ୟର ବର୍ଣ୍ଣନାରେ ସନ୍ନିବେଶିତ ନାନ୍ଦନିକ ସୌନ୍ଦର୍ଯ୍ୟବୋଧ ଓ ମାଧୁର୍ଯ୍ୟରେ ସମୁଦ୍ଭାସିତ ଉପସ୍ଥାପନା, ସ୍ୱ-ପାଣ୍ଡିତ୍ୟର ପରାକାଷ୍ଠା ପ୍ରଦର୍ଶନ କରିବାରେ ସାଫଲ୍ୟ ଅର୍ଜନ କରିପାରିଛି ।

ଉତ୍କଳଗୌରବ କାବ୍ୟ 1722 ପଂକ୍ତି ଓ ୫61 ପଦରେ ବିଭକ୍ତ । ମୁଖଶାଳା ଚିତ୍ତାକର୍ଷକ ଓ ଦୀପ୍ତ, ଏଥିପାଇଁ ଯେ ଉତ୍କଳର କୀର୍ତ୍ତିକିରୀଟ ପୁରୁଷ ପୁଙ୍ଗବମାନଙ୍କ ଚିତ୍ରପଟର ଲୋଭନୀୟ ଓ ଚୁମ୍ବକୀୟ ଆକର୍ଷଣ ମନ ଓ ଚିତ୍ତକୁ ଅଭିଭୂତ କରେ । ପୃଷ୍ଠ-ପ୍ରଚ୍ଛଦ ପଟରେ କାବ୍ୟର ପ୍ରକାଶକ ସ୍ୱ-ମନ୍ତବ୍ୟରେ ଯାହା ଉଲ୍ଲେଖ କରିଛନ୍ତି, "ଓଡିଶାର ଗତଗୌରବ, ହୃତଗୌରବ ଓ ମୃତଗୌରବ ରାଜି"ବିଶେଷ ପ୍ରଣିଧାନ ଯୋଗ୍ୟ । "ମଞ୍ଜୁଷା, ଜଳନ୍ତର, ଇଚ୍ଛାପୁର ପ୍ରଭୃତିର ବିଭିନ୍ନ ତଥ୍ୟ ମଧ୍ୟ ଏଥିରେ ସ୍ଥାନିତ । ଓଡିଶାର ଇତିହାସ ଓ ଭୂଗୋଳର ସୂଚନାତ୍ମକ ଚିତ୍ର ରହିଛି ।" ପୃଷ୍ଠପଟ ଆଶାତୀତ ଉପାଦେୟ ଓ ନିତାନ୍ତ ଶ୍ଲାଘ୍ୟ। ଉତ୍କଳୀୟ ସାଂସ୍କୃତିକ ପରମ୍ପରାର ଅବକ୍ଷୟ, ଆଚରଣରେ ଧର୍ମସଂକଟ ଓ ଉତ୍କର୍ଷର ଅବଲୁପ୍ତିରେ ଏ' ପ୍ରାବନ୍ଧିକ ମ୍ରିୟମାଣ ।

ଉତ୍କଳର ପ୍ରାକୃତିକ, ସାଂସ୍କୃତିକ ଅଥଚ ଆଧ୍ୟାତ୍ମିକ ମନଲୋଭା ଶୋଭା ବୈଭବର ଚିତ୍ରାଲେଖ୍ୟ କବି ବୃନ୍ଦାବନଙ୍କ ଉତ୍କଳ ଗୌରବ କାବ୍ୟରେ ଅଦ୍ୱିତୀୟ ଓ ଅପଟାନ୍ତର ରୂପ ପରିଗ୍ରହ କରିଛି । ପ୍ରାଚୀନ ସର୍ବଜନାଦୃତ ଶାକ୍ତପୀଠ ସକଳର ସମାରୋହରେ ବଳିଷ୍ଠ 'ଘଟଗାଁ' ତାରିଣୀ, ପୁରୁଷୋତ୍ତମପୁର 'ତାରା ତାରିଣୀ', ବାଣପୁର ଭଗବତୀ, କାଳିଯାଇ, ରାମଚଣ୍ଡୀ, ଶ୍ରୀମନ୍ଦିରର 'ବିମଳା', ଝଙ୍କଡର 'ସାରଳା', ଯାଜପୁର 'ବିରଜା' କୁଲାଡ 'ବ୍ୟାଘ୍ରଦେବୀ', 'ନାରାୟଣୀ' ସମଲେଶ୍ୱରୀ, ପାରଳା ମାଣିକେଶ୍ୱରୀ, ହିଙ୍ଗୁଳା, ଚର୍ଚ୍ଚିକା ପ୍ରଭୃତିର ମହିମ୍ନ ଶୋଭା ବର୍ଣ୍ଣନା ଅତ୍ୟନ୍ତ ଚିତ୍ତାକର୍ଷକ ଓ ମନୋରମ ।

ପଞ୍ଚମା ଗଣେଶ ସମେତ, ଶ୍ରୀକ୍ଷେତ୍ର ପୁରୀ, ଶରଣ କ୍ଷେତ୍ର ମାରଦା, ରେମୁଣା କ୍ଷୀରଚୋରା ଗୋପୀନାଥ, ସାକ୍ଷୀଗୋପାଳ, ଓଡଗାଁ ରଘୁନାଥ, କଣ୍ଟିଲୋ ନୀଳମାଧବ ଏବଂ ଅର୍କକ୍ଷେତ୍ର କୋଣାର୍କର ମହିମା କବିଙ୍କ କାବ୍ୟରେ ସୁପ୍ରକଟିତ ।

ସୁପ୍ରତିଷ୍ଠିତ ଶୈବପୀଠମାନଙ୍କ ମଧ୍ୟରେ ପ୍ରାଧାନ୍ୟ ଲାଭକରିଥିବା, ଏକାମ୍ରର ଶ୍ରୀଲିଙ୍ଗରାଜ, ବିନ୍ଦୁସାଗର, ଗୁପ୍ତେଶ୍ୱର, ବୁଢାଖୋଲ, ଶରଣକୁଳର ଲଡବାବା, ଚକାପାଦର ବିରୁପାକ୍ଷ,

ISSN NO.
2582-208X

ଧବଳେଶ୍ବର ଓ ଆଖଣ୍ଡଳମଣି ପୀଠ ପ୍ରଭୃତିର ମହିମା ପ୍ରଖ୍ୟାପନ କରି, କବି ବୃନ୍ଦାବନ ସ୍ୱୟଂ ଧନ୍ୟ ହୋଇଛନ୍ତି । ବର୍ଣ୍ଣନା ପରିପାଟିରେ କବି ଗୌରବବିମଣ୍ଡିତ ।

କାବ୍ୟରେ ପବିତ୍ର ନଦ ନଦୀ ମଧ୍ୟରୁ ମୁଖ୍ୟତଃ ଋଷିକୂଲ୍ୟା, ମହାନଦୀ, ବ୍ରାହ୍ମଣୀ, ବୈତରଣୀ, ଦୟା, କୁଶଭଦ୍ରା, ରତ୍ନଚିରା, ଭାର୍ଗବୀ ଓ ଚନ୍ଦ୍ରଭାଗାର ମହିମା ପ୍ରକ୍ଷ୍ୟାପିତ ।

ଗିରିମାନଙ୍କ ମଧ୍ୟରୁ ପ୍ରାଧାନ୍ୟ ଲାଭ କରିଥିବା, ରାମଗିରି, ଦେବଗିରି, ନୀଳଗିରି, ମହେନ୍ଦ୍ରଗିରି, ଗିରିକପିଳାଶ, ଦେଓମାଳିର ମହାତ୍ମ୍ୟ ପ୍ରକଟିତ ଓ ଏହା କାବ୍ୟର ଆଙ୍ଗିକ ସୌଷ୍ଠବକୁ ପରିପୁଷ୍ଟ କରିବାରେ ସମର୍ଥ ।

କବି ବୃନ୍ଦାବନ, ପରାକ୍ରମଶାଳୀ ରାଜା କପିଳେନ୍ଦ୍ରଦେବଙ୍କ ରାଜ୍ୟଜୟ, ନରସିଂହଦେବଙ୍କ କୋଣାର୍କ ମନ୍ଦିର ନିର୍ମାଣ, ପୁରୁଷୋତ୍ତମଦେବଙ୍କ କାଞ୍ଚି ଅଭିଯାନ, ପ୍ରାତଃସ୍ମରଣୀୟ, ପୁଣ୍ୟଶ୍ଳୋକ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ଅବଦାନ, ଶ୍ରୀରାମଭଞ୍ଜ, ବାମଣ୍ଡା ରାଜା ବାସୁଦେବ, ସୁଢଳ ଦେବ ପ୍ରଭୃତିଙ୍କ ଉତ୍ସର୍ଗୀକୃତ ଜୀବନର ମହନୀୟତା କାବ୍ୟରେ ପ୍ରତିପାଦନ କରି, କବି ଯଶସ୍ୱୀ ହୋଇପାରିଛନ୍ତି ।

ବିଂଶ ଶତାବ୍ଦୀର ଆରମ୍ଭ ଯାଏ, ଓଡିଆରେ ଗଳ୍ପ, ଉପନ୍ୟାସ, ନାଟକ ଓ ପ୍ରବନ୍ଧ ବିଭାଗର ସର୍ଜନା ଅତ୍ୟନ୍ତ ନଗଣ୍ୟ । ସାରସ୍ୱତ ସାଧକ / ସାଧିକାମାନେ କେବଳ ମହାକାବ୍ୟ ଓ କାବ୍ୟରଚନାରେ ପ୍ରବୃତ୍ତ ଥିଲେ ଏବଂ ଏହାର ପ୍ରାବଲ୍ୟ ସେମାନଙ୍କ କୃତିରେ ପରିଦୃଶ୍ୟ ।

କବିଙ୍କ ଉତ୍କଳଗୌରବ କାବ୍ୟରେ 260 ପଦରେ ଉତ୍କଳୀୟ ପ୍ରାଚୀନ, ମଧ୍ୟଯୁଗ, ପଞ୍ଚସଖା ଯୁଗ, ରୀତିଯୁଗ ପରେ ଆଧୁନିକ ଯୁଗର ସାଧନାରତ ସାରସ୍ୱତ ସୂରିମାନଙ୍କର କୃତି ଏବଂ ତହିଁରେ ସନ୍ନିବେଶିତ ସାରସ୍ୱତ ମୂଲ୍ୟବୋଧର ଅବଧାରଣା ବିଶେଷ ପ୍ରଣିଧାନ ଯୋଗ୍ୟ ।

ମାଧବୀ ଦାସୀଙ୍କ ବ୍ରଜବୋଲି, ବୃନ୍ଦାବତୀ ଦାସୀଙ୍କ 'ପୂର୍ଣ୍ଣଚନ୍ଦ୍ରୋଦୟ', ମାଧବୀଦେବୀଙ୍କ 'ନାମ ସଂକୀର୍ତ୍ତନ' ନିଶଙ୍କ ରାୟ ରାଣୀଙ୍କ 'ପଦ୍ମାବତୀ ବିଳାସ', ବସଦାସଙ୍କ 'କଳସା ଚଉତିସା', ମାର୍କଣ୍ଡ ଦାସଙ୍କ 'କେଶବ କୋଇଲି', ସାରଳା ଦାସଙ୍କ ମହାକାବ୍ୟ, ପ୍ରାକୃତ 'ମହାଭାରତ', ବଳଭଦ୍ର ଭଞ୍ଜଙ୍କ 'ଭଗବତୀ' ରେଢଖୋଲର ଜାତିରେ କନ୍ଧ, ଜନ୍ମରୁ ଅନ୍ଧ ମହିମା ଧର୍ମଗୁରୁ "ସ୍ତୁତି ଚିନ୍ତାମଣି"ର "ଏ ଜୀବନ ପଛେ ନର୍କେ ପଡିଥାଉ, ଜଗତ ଉଦ୍ଧାର ହେଉ"ର କବି ଭୀମ ଭୋଇ; ଅର୍ଜୁନ ଦାସଙ୍କ 'ରାମ ବିଭା' ଉଲ୍ଲେଖଯୋଗ୍ୟ ।

ISSN NO.
2582-208X

ପରବର୍ତ୍ତୀ ସମୟରେ ପଞ୍ଚସଖା ଯୁଗର ପିଣ୍ଡରେ ବ୍ରହ୍ମାଣ୍ଡର ପରିକଳ୍ପନା କରିଥିବା ଚୈତନ୍ୟ ଦାସଙ୍କ 'ନିର୍ଗୁଣ ମହାତ୍ମ୍ୟ',ବଳରାମ ଦାସଙ୍କ 'ଗୀତାସାର', ଜଗନ୍ନାଥ ଦାସଙ୍କ "ଶ୍ରୀ ଭାଗବତ", ଟୀକା ଗୋବିନ୍ଦ ଚନ୍ଦ୍ର, ଯଶୋବନ୍ତ ଦାସଙ୍କ 'ବ୍ରହ୍ମଗୀତା', ଅନନ୍ତ ଦାସଙ୍କ 'ଶୂନ୍ୟନାମ ଭେଦ', ବନମାଳି ଦାସଙ୍କ 'ଇଚ୍ଛାବତୀ', କବି ପଦ୍ମନାଭ ଦାସଙ୍କ 'ପ୍ରଭାବତୀ', ଜନାର୍ଦ୍ଦନ ଦାସଙ୍କ 'ଗୋପୀଭାଷା', ଶ୍ରୀହରି ଦାସଙ୍କ 'ମୟୂର ଚନ୍ଦ୍ରିକା' ପ୍ରଭୃତି ଉତ୍କଳ ଗୌରବ କାବ୍ୟରେ ସ୍ଥାନିତ ।

ପ୍ରିୟ ପାଠକ ପାଠିକା ମହାଶୟ/ମହାଶୟା । ଏ ପ୍ରାବନ୍ଧିକର ମନ ଉତଫୁଲ୍ଲିତ, ଉଲ୍ଲସିତ, ଆତ୍ମା ଆହ୍ଲାଦିତ ଏବଂ ବିବେକ ପ୍ରଚେଦିତ ହୁଏ; ସେତେବେଳେ, ଯେବେ କବି ବୃନ୍ଦାବନ କବି ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟକଳାକୁ ଆକଳନ କରିବାରେ ନିମଜ୍ଜିତ ହୁଅନ୍ତି । ଉପେନ୍ଦ୍ର ଭଞ୍ଜ ରୀତିଯୁଗର କବି ସମ୍ରାଟ । ବୈଦେହୀଶ ବିଳାସ, ଲାବଣ୍ୟବତୀ, କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ, ପ୍ରେମ ସୁଧାନିଧି ରସପଞ୍ଚକର ଭାବସାଗରରେ ପାଠକ ମୁହ୍ୟମାନ ହୁଅନ୍ତି । ତେଣୁ ଲେଖକ ଭାବବିହ୍ୱଳ ହୋଇ, ଅଭିଭୂତ ହେବା ସ୍ୱଭାବିକ । ଉତ୍କଳ ଗୌରବ କାବ୍ୟର 59 ଓ 60 ପୃଷ୍ଠାର 32ଟି ପଂକ୍ତି ଅଧ୍ୟୟନ ବେଳେ ଭଞ୍ଜେ 70ଟି କାବ୍ୟ ସର୍ଜନାର ମହାନାୟକ, ନିପୁଣ ବିନ୍ଧାଣୀ ସହଜେ ବିଶ୍ୱାସ କରିବାରେ ଲେଖକ ଅସମର୍ଥ । ତା'ଙ୍କ ବଂଶଧର ତ୍ରିବିକ୍ରମ, ଧନଞ୍ଜୟ, ରଘୁନାଥ, ଶ୍ରୀକର, ବିଭୂତି, ବଳଭଦ୍ର, ପ୍ରଭୃତି କବିମାନଙ୍କର କୃତି ସମୂହର ନାମୋଲ୍ଲେଖ କରି, ବୃନ୍ଦାବନ ଆଜି ଯଶୋଦେହେ ଆୟୁଷ୍ମାନ ।

ଅଭିମନ୍ୟୁ ସାମନ୍ତ ସିଂହାରଙ୍କ 'ବିଦଗ୍ଧ ଚିନ୍ତାମଣି', ରଘୁନାଥ ପରୀଚ୍ଛାଙ୍କ 'ଲକ୍ଷଣ ଚନ୍ଦ୍ରୋଦୟ' 'ରାଧାମାଧବ ବିଳାସ', ଗୋପୀନାଥ ବଲ୍ଲଭ (ନାଟକ), କବିସୂର୍ଯ୍ୟ ବଳଦେବ ରଥଙ୍କ ଚନ୍ଦ୍ରକଳା ଓ କିଶୋର ଚନ୍ଦ୍ରାନନ୍ଦ, ଚମ୍ପୁ, ଯଦୁମଣି ମହାପାତ୍ରଙ୍କ ରଘୁନାଥ ବିଳାସ, ହରିକୃଷ୍ଣ ମହାପାତ୍ରଙ୍କ ଏକାଦଶୀ ମହାତ୍ମ୍ୟ, ଅନ୍ଧ ଆପନ୍ନାଙ୍କ କଣ୍ଠ ସଂଗୀତ ମୂର୍ଚ୍ଛନାର ଭୂୟସୀ ପ୍ରଶଂସା, କବି ବୃନ୍ଦାବନ ସୁଆରଙ୍କ ଧୀ ଓ ଧିଷଣାରେ ଏ' ଲେଖକ ଆତ୍ମହରା ।

କବି ବୃନ୍ଦାବନ ସୁଆରଙ୍କ ବହୁ ପୂର୍ବରୁ, ଆପନ୍ନା ପଣ୍ଡା ,ଶ୍ୟାମ ସୁନ୍ଦର ରାଜଗୁରୁ, ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ ପ୍ରଭୃତି ପାରଳାର ଖ୍ୟାତନାମା ସାରସ୍ୱତ ସାଧକମାନେ ଓଡିଆ ସାହିତ୍ୟର ଇତିହାସ ଲେଖାର ଅଗ୍ରଦୂତ ଥିଲେ । ତଥାପି, ବିଂଶ ଶତାବ୍ଦୀର ମଧ୍ୟକାଳରେ କବି ବୃନ୍ଦାବନ ସଂକ୍ଷେପରେ ଓଡିଆ ସାହିତ୍ୟର ଇତିହାସ ପୁର୍ନଲିଖନ କରି ଯଶସ୍ୱୀ ।

ISSN NO.
2582-208X

ଜଣେ ସାଧାରଣ ବନକର୍ମଚାରୀ, କିପରି, କେତେବେଳେ ସମୟର ସଦବ୍ୟବହାର ପୂର୍ବକ; ପୂର୍ବସୂରି କବିମାନଙ୍କର ପରିଚୟ ଓ କୃତି ସଂଗ୍ରହକରି କାବ୍ୟରେ ସନ୍ନିବେଶିତ କଲେ ଭାବନାରେ ଚେତନା ଉଦବେଳିତ ହୁଏ । କବିଙ୍କ ଦକ୍ଷତା ଶକ୍ତି, ସମ୍ବଳ ଓ ସାମର୍ଥ୍ୟ କଦାପି ପର୍ଯ୍ୟାପ୍ତ ନୁହେଁ । ତା'ଙ୍କ ଦୃଢ ସଂକଳ୍ପ, ପ୍ରଗାଢ ଉଦ୍ୟମ,ଅଦମ୍ୟ ଇଚ୍ଛା ଶକ୍ତି ତା'ଙ୍କୁ ଏ' ଦିଗରେ ସହାୟକ ହୋଇଥିବା ଅନୁମେୟ ।

ଝଙ୍କଡ ବାସିନୀ ମାତୃଶକ୍ତି,ଶାକ୍ତ ସାରଳାଙ୍କ ପ୍ରସାଦରୁ ସମ୍ଭୂତ ସାରଳା ଦାସଙ୍କ ପ୍ରାକୃତ ଓଡିýଆ ମହାଭାରତ ଓ ବହୁବର୍ଷ ପରେ ଧରାକୋଟ ରାଜା କୃଷ୍ଣସିଂହଙ୍କ; ବ୍ୟାସଦେବକୃତ ସଂସ୍କୃତ ମହାଭାରତ; ନଅଜଣ ପଣ୍ଡିତଙ୍କୁ ନେଇ ସାତବର୍ଷରେ ଓଡିଆ ଭାଷାରେ ଅବିକଳ ଅନୁଦିତ କୃଷ୍ଣ ସିଂହ ମହାଭାରତର ସ୍ମରଣ; କବି ବୃନ୍ଦାବନଙ୍କ ଲେଖନୀକୁ ଅମର ବର ପ୍ରଦାନ କରେ ।

ଆଧୁନିକ ଯୁଗର ଗଣ୍ୟମାନ୍ୟ ବାଣୀପୁତ୍ରମାନଙ୍କ ମଧ୍ୟରୁ କବି ରାଧାରାଥ ରାୟ, ଯୁଗସ୍ରଷ୍ଟା ଫକୀରମୋହନ ସେନାପତି, ଗଙ୍ଗାଧର ମେହେର, କବିଶେଖର ଚିନ୍ତାମଣି ମହାନ୍ତି, ବିକ୍ରମଦେବ ବର୍ମା, ସାମନ୍ତ ଚନ୍ଦ୍ରଶେଖର, ନନ୍ଦକିଶୋର ବଳ, କାମପାଳ ମିଶ୍ର, ପଣ୍ଡିତ ଗୋପୀନାଥ ନନ୍ଦ, ପଣ୍ଡିତ ଗୋପବନ୍ଧୁ ଦାଶ, ଗୋଦାବରୀଶ ମିଶ୍ର, ଗୋଦାବରୀଶ ମହାପାତ୍ର, ଡକ୍ଟର ହରେକୃଷ୍ଣ ମହତାବ ଓ ସତ୍ୟନାରାୟଣ ରାଜଗୁରୁଙ୍କ ସାଧନା ନିସୃତ ଦିଗ ଓ କୃତିର ବର୍ଣ୍ଣନା ଉପଭୋଗ୍ୟ । ପ୍ୟାରୀମୋହନ ଆଚାର୍ଯ୍ୟ, ବିଶ୍ୱନାଥ କର, "ଆଶା"ର ପ୍ରତିଷ୍ଠାତା, ଶଶିଭୂଷଣ ରଥ,କାଳିନ୍ଦି ଚରଣ ପାଣିଗ୍ରାହୀ, ରାଧାମୋହନ ଗଡନାୟକ, ମାୟାଧର ମାନସିଂ, କୃଷ୍ଣଚନ୍ଦ୍ର ତ୍ରିପାଠୀ, ପ୍ରାଣକୃଷ୍ଣ ପରିଜା ଏବଂ କୁଞ୍ଜବିହାରୀ ଦାଶଙ୍କୁ ସ୍ମରଣ କରି, ଓଡିଆ ଜାତି, ଜାତୀୟତା, ଭାଷା ସାହିତ୍ୟର କଲ୍ୟାଣ କଳ୍ପେ ସେମାନଙ୍କ ଅବଦାନ ବିଷୟ ନିଜ କାବ୍ୟରେ ଉଲ୍ଲେଖ କରିଛନ୍ତି ।

କବି ବୃନ୍ଦାବନ, ପୂର୍ବସୂରି କବିବର ରାଧାନାଥ ରାୟଙ୍କ 'ଚିଲିକା' ଖଣ୍ଡ କାବ୍ୟର ଭାବ, ଭାଷା ଓ ପ୍ରକାଶ କୌଶଳ ଦ୍ୱାରା କିପରି ପ୍ରଭାବିତ; ତହିଁର ତୁଳନାତ୍ମକ ନିରପେକ୍ଷ ବିଚାର ନିମ୍ନ ଉଦ୍ଧୃତିରୁ ସହଜେ ଅନୁମେୟ । ସାକ୍ଷୀଗୋପାଳର ଦ୍ୱିଜ କନ୍ୟା ଲକ୍ଷ୍ମୀ ପ୍ରସଙ୍ଗରେ ରାଧାନାଥ ଗାଇଲେ,

ISSN NO.
2582-208X

"ମଞ୍ଜୁ ଛୁରିଅନା କୁଞ୍ଜ ବିହାରିଣୀ
ସାକ୍ଷୀଗୋପୀନାଥ ହୃଦୟ ହାରିଣୀ
ଦ୍ୱିଜ କନ୍ୟା ଲକ୍ଷ୍ମୀ ସ୍ନାନେ ପୁଣ୍ୟ ନିରା
ଗନ୍ଧାମୋଦେ ବହେ ଚାରୁ ରତ୍ନଚିରା"

କବି ବୃନ୍ଦାବନଙ୍କ ଭାଷାରେ,

"ବିପ୍ରଙ୍କର ସାକ୍ଷୀ ଛଳରେ, ଛାଡି ଶ୍ରୀବୃନ୍ଦାବନ
ବକୁଳ ବନରେ ବିଜେ ସାକ୍ଷୀଗୋପାଳ ନାନ
ସତ୍ୱନଗରବାସୀ ଭୂସୁର କନ୍ୟା ଲକ୍ଷ୍ମୀ ଅଟଇ
କୋମଳ କଳିକା ଲାବଣ୍ୟ ଚରୁ ଚନ୍ଦ୍ରମା ମୁହିଁ
ଭୂରୁଭଙ୍ଗୀ ହେମ ଚମ୍ପକ ଗୋରୀ କନକ ଗାତ୍ରୀ
କୁନ୍ଦଜିତ ଶ୍ୱେତ କୁସୁମ ଶୋଭା ଦଶନ ପନ୍ତି
ଲାବଣ୍ୟ ପିତୁଳା ନବୀନ ଯୁବା ଜବା ଅଧରୀ
କାମ କଳ୍ପଲତା ସ୍ନାହାନେ ନିତ୍ୟ ଯାଆନ୍ତି ତରି ।"

ଉତ୍କଳ ଗୌରବ କାବ୍ୟ ପୃଷ୍ଠା (24 /25 )

କବି ବୃନ୍ଦାବନ ସୁଆର ଷୋଡଶାକ୍ଷରୀ ଉତ୍କଳ ଗୌରବ କାବ୍ୟର ଉପଧା ମିଳନରେ ହେଉ, ହେଉ ଉପମା, ରୂପକ, ଉତପ୍ରେକ୍ଷା ଅଳଙ୍କାର ପ୍ରଭୃତିର ପ୍ରୟୋଗରେ ସିଦ୍ଧହସ୍ତ, ଜନୈକ ଅନନ୍ୟ ଦ୍ୱିତୀୟ ପ୍ରଜାପତି । ସାରସ୍ୱତ ଜଗତକୁ ତା'ଙ୍କ ଅବଦାନ ଅନବଦ୍ୟ ଓ ଅତୁଳନୀୟ । କାବ୍ୟ ସର୍ଜନାର ମହନୀୟତାର ମହକ ଉଭା ଯେତେ ପୋତା ସେତେ । ତେଣୁ କାବ୍ୟର ଗଭୀର ଅନୁଶୀଳନ ଅପରିହାର୍ଯ୍ୟ ମନେହୁଏ ।

କବିଙ୍କ ପ୍ରଜ୍ଞା ଓ ପ୍ରକାଶରେ ପ୍ରବୀଣତାରେ ଏ' ଲେଖକ ବିମୁଗ୍ଧ । ଶବ୍ଦ ସଂଯୋଜନାରେ କବି ଦୀପ୍ତିମାନ, ପରିବର୍ତ୍ତେ 'ବିଭ୍ରାଜ', ପୁତ୍ର ବଦଳରେ 'ନାନ', ସୁନା ନ ଲେଖି ହାଟକ ଶବ୍ଦର ପ୍ରୟୋଗ, ବ୍ରାହ୍ମଣ କନ୍ୟା ପରିବର୍ତ୍ତେ 'ଭୂସୁର କନ୍ୟା'ର ବ୍ୟବହାର; ଡାକିବା ଅର୍ଥରେ ହକାରି, କୁବେରର ପ୍ରତିଶବ୍ଦ ରୂପେ 'ହର୍ଯ୍ୟକ୍ଷ', ଲୋଭୀ ପରିବର୍ତ୍ତେ 'କାକରୁକ', ଆଖି

ISSN NO.
2582-208X

ତରାଟି ଚାହିଁବା ପରିବର୍ତ୍ତେ ମୁରାଟ, ଗୋପାଳୁଣି ପରିବର୍ତ୍ତେ ଗୋଇ ପାଠକ ଚେତନାରେ ସଂଘାତ ସୃଷ୍ଟି କରିବା ନିଶ୍ଚିତ ।

କବି ବୃନ୍ଦାବନଙ୍କର ସାରସ୍ୱତ ସାଗରରେ ଅବଗାହନର ପରିଧି ପରିବ୍ୟାପ୍ତ ହେଲେ ସୁଦ୍ଧା; ସୀମିତ ପରିସରର ନିଷ୍କର୍ଷ ନିଷ୍ପନ୍ନ କରିବା ଏ ଲେଖକର ଭାବବେଗରେ ଏକ ଧୃଷ୍ଟତା ମାତ୍ର। ଗୀତି କବିତା ରଚନାରେ, କାନ୍ତ, କମନୀୟ, ସାବଲୀଳ ଭଙ୍ଗିରେ ଶବ୍ଦ ବିନ୍ୟାସ, କାବ୍ୟ ସର୍ଜନାରେ କବିଙ୍କର ପ୍ରବେଶ ଓ ପ୍ରବୀଣତାର ପରିଚୟ ପ୍ରଦାନ କରେ ।

କବି ପ୍ରକୃତି ବର୍ଣ୍ଣନାରେ ଜଣେ ସିଦ୍ଧ ସାଧକ । ତା'ଙ୍କ ରଚନାର କିଛି ପଂକ୍ତି ପାଠକଙ୍କ ଗୋଚରାର୍ଥେ ଉଦ୍ଧାର କରିବା ଲେଖକ ଉଚିତ ମନେକରେ ।

"ଆକାଶ ସାଗର ସୁଧାରୁ ସାର ନିର୍ମଳ ବାରି
ଚନ୍ଦ୍ରଭାଗା ଜଳ ସ୍ୱରଶେ ଯାତ୍ରୀ ଯାଆନ୍ତି ତରି ।"

କବି ଉଭୟ ଶବ୍ଦ ଓ ଅର୍ଥାଳଙ୍କାର ପ୍ରୟୋଗରେ ପ୍ରବୀଣ, ତହିଁର ନିମ୍ନଲିଖିତ ଉଦ୍ଧୃତି ମୂକ ସାକ୍ଷୀ ।

"ନଭେ ସୌଦାମିନୀ ଝଟକେ କିବା ହାଟକ ଜ୍ୟୋତି
କୁନ୍ଦନ କାଞ୍ଚନ ନିନ୍ଦଇ ରୂପ ଲାବଣ୍ୟ କାନ୍ତି ।"

(ସ୍ୱର୍ଣ୍ଣଭଦ୍ରା ନଦୀ ପ୍ରସଙ୍ଗ)

ପୁନଶ୍ଚ,"ନବ କାନ୍ତା ଚିନ୍ତା ଅନ୍ତରେ କରି ନିଜ କାନ୍ତରେ
କଟାକ୍ଷ ନଚାଇ ଗବାକ୍ଷ ଦ୍ୱାରେ କିବା ଆଦରେ"

(ଓଡଗାଁ ମନ୍ଦିରର ସୀତା ପ୍ରସଙ୍ଗ)

ଉତ୍କଳର ଅମର ଅଜେୟ ଗଜପତି ପୁରୁଷୋତ୍ତମ ଦେବଙ୍କ କାଞ୍ଚି ଅଭିଯାନର ଅଭିନବ ପରିକଳ୍ପନା :-

"ପାଟପୁର ଗୋଇ ମାଳତୀ ବିକି ଯାଆନ୍ତେ ଦହି
ମଣୋହି କରିଣ ତାହାକୁ ରତ୍ନ ମୁଦ୍ରିକା ଦେଇ" ।

ISSN NO.
2582-208X

ପୁନଶ୍ଚ :- ଓଡିଶାର ମହାକବି ଜୟଦେବଙ୍କ ସରଳ ସଂସ୍କୃତ କାବ୍ୟ "ଗୀତଗୋବିନ୍ଦ"ରେ ତିନି ଠାକୁରଙ୍କ ବଡସିଂହାର ବେଶ ପରେ ଭିତର ଗମ୍ଭିରାରେ ମାହାରୀ ଗାନ ପ୍ରସଙ୍ଗରେ କବି ଲେଖନ୍ତି,

"ଶ୍ରୀମନ୍ଦିରେ ବଡସିଂହାର ପରେ ନର୍ତ୍ତକୀ ଗଣ
ସଧୀରେ ମଧୁରେ କରନ୍ତି ଅବତାର କୀର୍ତ୍ତନ
ଭକ୍ତିରସପୂର୍ଣ୍ଣ ସାଗରୁ କିବା ଉଠେ ଉଜାଣି
ଜୟଦେବ କବି ସୁଧାର,ଗୀତଗୋବିନ୍ଦ ବାଣୀ " ।

କବିଙ୍କର ଜନ୍ମମାଟି ପୁଣ୍ୟପୀଠ ପାରଳା । ଗାନ୍ଧର୍ବ ବିଦ୍ୟାରେ ନୈପୁଣ୍ୟ ଲାଭକରିଥିବା ପବିତ୍ର ଭୂଇଁ । ସେ ମାଟିର ମଣିଷ, ଭରଣ ପୋଷଣ ନିମନ୍ତେ ଆଦରି ନେଇଥିବା କୁଟୀର ଶିଳ୍ପର ଅଧୁନା ଅବଲୁପ୍ତ ଜନିତ ଖେଦରେ କବି ମ୍ରିୟମ୍ରାଣ ।

"ଶିଙ୍ଗ ଶିଳା ଦ୍ରୁମ କାମରେ ନାହିଁ ନଥିବ କାହିଁ
ଜାଇକାଠି ପେଡି ପାନିଆ କାହିଁ ମିଳଇ ନାହିଁ " ।

କାବ୍ୟର କଳେବରକୁ ପରିପୁଷ୍ଟ ଲକ୍ଷ୍ୟରେ ସ୍ଥଳ ବିଶେଷରେ ଶକ୍ତି ହେଉ; ନତୁବା ଶୈବ ପୀଠ ଗୁଡିକର ଜନଶ୍ରୁତିରେ ଜୀବିତ ବିଷୟର ସୁଦୀର୍ଘ ବର୍ଣ୍ଣନା ଏକବିଂଶ ଶତାବ୍ଦୀରେ କେତେଦୂର ଗ୍ରହଣୀୟ, ସମୀଚନ ଏବଂ ବିଶ୍ବସନୀୟ, ତାହା ପ୍ରିୟ ପାଠକ ବିଚାର କରିବେ।

ଜନସାଧାରଣଙ୍କ ଚକ୍ଷୁ ଆଜି ମୁଦ୍ରିତ ନୁହେଁ ବରଂ ଉନ୍ମୁକ୍ତ । ସମାଲୋଚନାର ମାପଦଣ୍ଡରେ ନିରପେକ୍ଷତା ପରୋକ୍ଷରେ କଟାକ୍ଷ, ପ୍ରତ୍ୟକ୍ଷରେ ପ୍ରଶଂସା ଦଣ୍ଡ , ସ୍ଥିର ହେବାକୁ ଦିଏନାହିଁ।

ଜଣେ ସାଧାରଣ ବନକର୍ମଚାରୀ ବୃନ୍ଦାବନଙ୍କ ଜୀବନଚର୍ଯ୍ୟା ତିନି ଭାଗରେ ବିଭକ୍ତ । ଜୀବିକା କଳ୍ପେ ରାଜକାର୍ଯ୍ୟ ନିର୍ବାହରେ, ଦାୟିତ୍ବ ଓ କର୍ତ୍ତବ୍ୟ ରେ ନିଷ୍ଠା; ସାମାଜିକ ଜୀବନରେ 'ପରୋପକାରାୟ ସ୍ୱର୍ଗାୟ' ନୀତିରେ ସାଥି ଭାଇ ଭଉଣୀ ମାନଙ୍କ ସୁଖ ଦୁଃଖରେ ସମଭାଗୀ ହେବା ଏବଂ ସର୍ବୋପରି ସାରସ୍ୱତ ସେବାରେ ନିଜକୁ ଅହଙ୍କାର ବିବର୍ଜିତ କରି ସ୍ୱାଭିମାନୀ ବା ଦେଶ, ଜାତି, ମାତୃଭାଷାର ଅସ୍ମିତାକୁ ବଞ୍ଚାଇ ରଖି, ତା'ର ବହୁଳ

ISSN NO.
2582-208X

ପ୍ରଚାର, ପ୍ରସାର ସହ ଉତ୍ତରଣକୁ ସମୃଦ୍ଧ କରିବା । ଏ' ପରିପ୍ରେକ୍ଷୀରେ ନିମ୍ନରେ ଉଦ୍ଧୃତ ଅଭିମତ ଗୁଡିକର ଗଭୀର ଅନୁଶୀଳନ ଅନିବାର୍ଯ୍ୟ ।

ଛଅ ଦଶନ୍ଧି ପୂର୍ବେ ଉତ୍କଳ ଗୌରବ କାବ୍ୟର ପ୍ରଥମ ସଂସ୍କରଣର ପ୍ରକାଶ ପରିପ୍ରେକ୍ଷୀରେ ପ୍ରାଜ୍ଞ ଅଧିବକ୍ତା ନାରାୟଣ ଶାସମଲ ଅଭିମତରେ ଲେଖିଲେ, "ଶ୍ୟାମଳ ବନାନୀର ବେଷ୍ଟନୀ ଭିତରେ ରହି ଉତ୍କଳର ନଦନଦୀ, ଗିରିବନ ଓ ବିଶିଷ୍ଟ କବି ମାନଙ୍କର ଗୌରବମୟ ଐତିହ୍ୟ ବର୍ଣ୍ଣନା କରି କବି ଆମକୁ ଗୌରବାନ୍ୱିତ କରିପାରିଛନ୍ତି । ବହିଟିରେ ଭାବ ଓ ଭାଷାର ସମନ୍ୱୟ ଉଚ୍ଚଧରଣର ଅଟେ ।"

ପଞ୍ଚୁଗ୍ରାମ, ଧରାକୋଟର ଶ୍ରୀ ଶ୍ୟାମସୁନ୍ଦର ଗୋସ୍ୱାମୀଙ୍କ ବିମୁଗ୍ଧ ମନ୍ତବ୍ୟ ହେଲା, "ବହିଟି ସରଳ ଓ ସୁବୋଧ୍ୟ ଭାଷାରେ ଲିଖିତ । ଏହା ଉତ୍କଳର ବିଭିନ୍ନ ଗୌରବରେ ମଣ୍ଡିତ ହୋଇଅଛି । ପୁସ୍ତକାଶରେ, 'ଉତ୍କଳର ଗୌରବ' ଚନ୍ଦ୍ର ନିର୍ମଳ ହୋଇ ଉଦିତ ହୋଇଅଛି । ପୁସ୍ତକଟିରେ ଭାବ, ଅଳଙ୍କାର ଫୁଟି ଉଠିଛି" ।

ସୁଦୀର୍ଘ ଷାଠିଏ ବର୍ଷ ପରେ କାବ୍ୟର ଦ୍ୱିତୀୟ ସଂସ୍କରଣ ପ୍ରକାଶ ଅବସରରେ ପାରଳାର ଉପାନ୍ତ ପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ମନ୍ତବ୍ୟର ନିର୍ଯ୍ୟାସ ହେଲା, "ପୁସ୍ତକଟି ଓଡିଆ ଅସ୍ମିତାର ଏକ ପ୍ରାଚୀନ ପଞ୍ଜିକା କହିବା ସମୀଚୀନ । ପୁସ୍ତକଟି ଭାବ, ରଚନା ଶୈଳୀ ଓ ସାମଗ୍ରିକ ରୂପରେ ଭାଷାଗତ ସରଳତା ଦୃଷ୍ଟେ ସତ୍ୟବାଦୀ ଯୁଗର ସାହିତ୍ୟ ପରି ମନେ ହେଉଛି "। କବି ବୃନ୍ଦାବନଙ୍କ ମୁଖବନ୍ଧର ନିବେଦନ ହେଲା, "ପ୍ରତ୍ୟେକ ମନୁଷ୍ୟର ଏହି ପୁଣ୍ୟମୟୀ ଉତ୍କଳ ଜନନୀ ପାଇଁ କିଛି ସୁଚିନ୍ତା କରିବା ଶ୍ରେୟସ୍କର ।"

ଉପସଂହାରରେ ଏତିକି କୁହାଯାଇପାରେ ଯେ, କବି ବୃନ୍ଦାବନ ସୁଆରଙ୍କ ଭାବାବେଗର ଉଦବେଳନ ଜନିତ ବିଶିଷ୍ଟ ଉସ ହେଉଛି, ଗଭୀର ଦେଶପ୍ରେମ । ଏ' ପୃଷ୍ଠ ଭୂମିକାରେ କବି ସ୍ୱଜାତି ଓଡିଆ ଭାଇ ଭଉଣୀମାନଙ୍କୁ ଜାତିପ୍ରେମରେ, ଦେଶପ୍ରେମରେ ଭାବଗତ ଐକ୍ୟ ସ୍ଥାପନାର୍ଥେ, ଉଦବୁଦ୍ଧ କରିବା ମହତ୍ ଲକ୍ଷ୍ୟକୁ ସୁସଂଜୀବିତ କରିବା ଉଦ୍ୟମ ଜାରି ରଖିବା ପାଇଁ ଲେଖନ୍ତି,

"ଚରଣ ବିହୁନେ     ଚଳିତ ନପାରୁ
ହୋଇଛୁ ମସ୍ତକ ହୀନା

ISSN NO.
2582-208X

ଖଣ୍ଡବିଖଣ୍ଡିତ କଳେବର ତୋର
କିଏ ଦେଲା ଏ' ଯାତନା"।

ତେଣୁ

"ଜାଗି ଉଠୁ ଭାଇ ଉତ୍କଳ ଚେତନା
ଓଡିଆର ମର୍ମେ ମର୍ମେ
ସହି ନୁହେଁ ଆଉ ମାତାର ବେଦନା
ଯା' ଅବା ଫଳୁ କରମେ"

ଜାତୀୟ ଜୀବନରେ ଏ ଯାତନାର ଅନ୍ତ ନାହିଁ" ???

ଦୂରଭାଷ - 8763271185

ISSN NO.
2582-208X

# ସ୍ମୃତି



ଅମୃତନାରାୟଣ ଶତପଥୀ

ସ୍ମୃତି କେବେ କୁହୁଳୁଥିବା ପାଉଁଶ ତଳର ନିଆଁ,
କେବେ ପୁଣି ଲିଭି ଯାଇଥିବା ଦୀପ ସଳିତାର ଧୂଆଁ।(୧)
ସ୍ମୃତି କେବେ ଶୀତ ସକାଳର ସୂର୍ଯ୍ୟଙ୍କ ଉଷୁମ ପରଶ,
କେବେ ପୁଣି କାନ୍ଦ କେବେ ଅଟେ ଯେ ବନ୍ଧୁ ହରଷ।(୨)
ଆଉ କେବେ ହୃଦୟ ଭିତର କିଛି ଯେ ଅକୁହା କଥା,
କାଗଜରେ ଲେଖା ଯାଇଥିବା ପ୍ରତ୍ୟେକ ଗଳ୍ପ କବିତା।(୩)
କେତେବେଳେ ସ୍ମୃତି ଥାଏ ସୁଖଦ ଯେ ଆଗମନ,
ଦୁଃଖ ସ୍ମୃତି ଭରିଯାଏ କେବେ ଯେ ପ୍ରତ୍ୟାବର୍ତ୍ତନ।(୪)
ସ୍ମୃତି କେବେ ପିତା ମାତାଙ୍କର କୋମଳ ହାତର ସ୍ପର୍ଶ,
ପୁଣି କେବେ କ୍ଷଣ କ୍ଷଣ ହୋଇ ସରୁଥିବା ମାସ ବର୍ଷ।(୫)
ସ୍ମୃତି କେବେ ରୋମନ୍ଥିତ ହୋଇ ହୁଏ ହୃଦୟ ଅତିଥି,
କେବେ ପୁଣି ଭୁଲି ଯାଇ ହୁଅଇ ପୁଣି ବିସ୍ମୃତି।(୬)
ସ୍ମୃତି ପୁଣି କେବେ ଲାଗେ ମହୁ ଠୁ ଅଧିକ ମିଠା,
ସବୁ ସ୍ୱାଦ ସବୁ ଭାବ ସ୍ମୃତିରେ ଥାଏ ଜାଣିଥା।(୭)
ସ୍ମୃତିକୁ ଯେ ମନ ହୃଦୟରେ ରଖିବାକୁ ହେବ ଜୀବିତ,
ବିଚାରକୁ ରଖିବାକୁ ହେବ ସର୍ବଦା ମାର୍ଜିତ।(୮)

ISSN NO.
2582-208X

ସ୍ମୃତି ଯଦି ହେଲା ବିସ୍ମୃତି ଦୁର୍ବିସହ ଯେ ଜୀବନ,
ବେଳେବେଳେ ତାହା ସୃଷ୍ଟି କରେ ଯେ ହୃଦ କମ୍ପନ।(୯)
ସ୍ମୃତି ସତେ ଅଟେ ଅନେକ ଯେ ଆଶୀର୍ବାଦ ସମାହାର,
ଚେଷ୍ଟା ସର୍ବଦା କରିବା ସଭିଙ୍କୁ ଦେବାକୁ ଉତ୍ତମ ସ୍ମୃତିର ଉପହାର।(୧୦)

ନୟାପଲ୍ଲୀ, ଜୟଦେବ ବିହାର,
ଭୁବନେଶ୍ୱର

ISSN NO.
2582-208X

# ଉଠ୍ ପୁଟୁର୍



ଆରତୀ ସାହୁ (ଆଶା)

( ଭାଗ - ୪୩ )

ନୀଳିମା ସହିତ ସେଇଟା ଯେ ମୋର୍ ପ୍ରଥମ ପ୍ରେମ ଥିଲା ତାହା ତ କହି ହେବ ନାଇଁ, ଆଉ ପ୍ରଥମ ପ୍ରେମରେ ମୋର ଭରସା ମଧ୍ୟ କମ ଥିଲା । ପ୍ରେମ ମାନେ ମୁଁ ବୁଝେ ଶ୍ରଦ୍ଧା, ସ୍ନେହ, ବାତ୍ସଲ୍ୟ, ମୋହ, ମାୟା , ଅନୁରାଗ ସବୁ କିଛି । ତା ଛଡ଼ା "ପ୍ରେମ ଥରେ ହୁଏ", "ପ୍ରଥମ ଦେଖାରେ ପ୍ରେମ" ଏସବୁକୁ ମୁଁ କବିତାର ବିନ୍ୟାସ ରୂପରେ ନିଏ। ଏମିତି ଭାବନାରେ ଚମତ୍କାର କବିତା, ଗପ ଲେଖି ହେବ ।

ଆଉ ମଧ୍ୟ ମୋ ପାଇଁ ପ୍ରେମ ଏକ ସମ୍ପର୍କ । ମାଆ ବାପା ସହିତ, ଭାଇ ଭଉଣୀ, ସାଙ୍ଗ ସାଥି, ଗୁରୁ, ପୋଷା ଇତର ଜୀବ, ଗଛ, ଫୁଲ, ପତ୍ର, ପାହାଡ଼, ଝରଣା, ପ୍ରକୃତି, ମାନେ ବିଶ୍ୱ ବ୍ରହ୍ମାଣ୍ଡର ପ୍ରତିଟି ଅଣୁ ପରମାଣୁ ସହିତ ପ୍ରେମ କରି ହୁଏ । ଆଉ ସେହି ବିଶ୍ୱନିୟନ୍ତା, ବିଭୁ ସହିତ ହେଲେ ତ ତାହା ଜନ୍ମ ଜନ୍ମାନ୍ତର ଯାଏ ଖେପି ଯାଏ ଯାହାକୁ ଆମେ ଭକ୍ତିଯୋଗ କହୁ। ସେମିତି ଅନାବିଳ ,ନିବିଡ଼, ନିସ୍ୱାର୍ଥ ପ୍ରେମ କରି ତ ମୀରାବାଇ ଆଜି ମହାନ୍ । ନୈସର୍ଗିକ ପ୍ରେମ ଜଗତର ଶ୍ରେଷ୍ଠ ପ୍ରେମିକା ମୀରାବାଇ ପ୍ରମାଣ କରି ଦେଇଛନ୍ତି ଯେ ପ୍ରେମ ଅଦୈହିକ । ପ୍ରେମ ଦେହାତୀତ । ପ୍ରେମ ନଶ୍ୱର।

ନୀଳିମା ପୂର୍ବରୁ ମମତା ରାଉଳ ଛୁଇଁଥିଲା ମୋର ଏକ ସୂକ୍ଷ୍ମ ତନ୍ତ୍ରୀକୁ, ଆଉ ଏପର୍ଯ୍ୟନ୍ତ ସେ ତନ୍ତ୍ରୀ ଝଂକୃତ ହୁଏ, ନିର୍ଜନତାରେ ପ୍ରେମର କବିତା ଆଳାପେ। ଗୁର୍ ଗୁର୍ ପୋଡ଼ି ଉଠେ।

ISSN NO.
2582-208X

ନୀଳିମା ଆଉ ଏକ ତନ୍ତ୍ରୀରେ ନିଜର ଆସ୍ଥାନ ଜମେଇଥିଲା । ଆଉ ସେ ବି ଏପର୍ଯ୍ୟନ୍ତ ସେଇଠି ଅଛି । ଅକାଳେ ସକାଳେ କାଳେ ବେଳେ ତାର ସ୍ମୃତି ବେଶ୍ ଝରେ ବକୁଳ ଝରିଲା ପରି, ଖୁବ ଭିଜାଏ। ଏହି ସବୁ ପ୍ରେମ ବ୍ୟାପାରକୁ ମୁଁ ଭାବେ ହର୍ମୋନାଲ୍ ଡିସ ବେଲେନ୍ସ। ଅକ୍ସିଟୋନିନ୍ ର କାରସ୍ତାନି ।

ନୀଳିମାର କାନ୍ଦରେ ସିନା ମୁଁ ତରଳି ନଥିଲି । ହେଲେ ତାର ଅନୁପସ୍ଥିତିର ନିଆଁରେ ଖୁବ୍ ଜଳିଥିଲି । ବିରହ ସହିତ ପରିଚିତ ହେଉଥିଲି । ବିରହ ବେଦନା କେତେ ଦୂର ମନକୁ ପ୍ରଭାବିତ କରିପାରେ ମୁଁ ବୁଝୁଥିଲି । ସେଇ ହର୍ମୋନାଲ୍ ଡିସ ବେଲେନ୍ସ ମୋତେ କେତେଦିନ ଶାନ୍ତିରେ ଶୋଇବାକୁ ଦେଇ ନଥିଲା । ମସ୍ତିଷ୍କକୁ ଏମିତି ଆବୋରି ବସିଥିଲା ଯେ ପାଠ ସବୁ ପରାବର୍ତ୍ତିତ ହେଇ ପୁଣି ଲେଉଟି ଆସୁଥିଲେ ବହିର ପୃଷ୍ଠାକୁ । ନହେଲେ ତୀର୍ଯ୍ୟକ ରେଖା ପରି ଛୁଇଁ ଦେଇ ଚାଲି ଯାଉଥିଲେ।

ଆଉଥରେ ଆସନ୍ତା କି ସେ । କିନ୍ତୁ ଆଉ ସେ ଆସି ନଥିଲା । ବୁଝି ଯାଇଥିଲା ଅଟଳ ମହାମେରୁ ଉପରେ ମୁଣ୍ଡ ବାଡେଇଲେ ମୁଣ୍ଡ ସିନା ଲହୁଲୁହାଣ ହେବ, ମହାମେରୁର କିଛି ବିଗିଡ଼ିବ ନାହିଁ।

ଶୀତଦିନ ଥାଏ । ମୁଁ ଆମର ରେଭେନ୍ସିଆନ୍ ଘାସ ଗାଲିଚାରେ ପେଟେଇ ହେଇ ପଡି ପଡୁଥାଏ। ଚିତ୍ ହେଇ ଶୋଇ ଦେଖୁଥାଏ ହେମନ୍ତ ଋତୁର ନେଳିଆ ଆକାଶଟାକୁ । ଚକଡ଼। ଚକଡ଼। ଧଳା ଫେଣ ପରି ବାଦଲ ମାନଙ୍କର ନିରନ୍ତର ପରିବର୍ତ୍ତିତ ହେଉଥିବା ରୂପ ରେଖକୁ, ଆଉ ମନକୁ ବଳାତ୍ ପଶି ଆସୁଥିବା ନୀଳିମାର ଧ୍ୟାନକୁ ହଟେଇବାର ଭରପୁର୍ ଚେଷ୍ଟା କରୁଥାଏ । ମୋର ସବୁଠାରୁ ପ୍ରିୟ ସେଇ କୋମଳ, ମୁଲାୟମ ଆଉ ସବୁଜ ଘାସ ଗାଲିଚା । ଗାଁ ଦେହାତର ଛୁଆ ମୁଁ । ବନ୍ଧ, ପୋଖରୀ, ବିଲ ବାଡି, ନଈ ନାଳ ଭିତରେ ବଢି ଆସିଛି । ତେଣୁ ମୋର ମାଟିର ମୋହ ବହୁତ ଅଧିକ । ମାଟି ମୋତେ ସବୁବେଳେ ହାତ ଠାରି ଡାକେ । ଆଉ ଏ ତ ସହଜେ ମୋର ବୁନିଆଦିର ମାଟି, ମୋର ପୂର୍ବ ପୁରୁଷର ମାଟି । ବିବେକା ମାଷ୍ଟର କୁହନ୍ତି କୋଉ ଯୁଗରେ ଜଣେ ରାଜା ଆମର ଗାଁର ଲୋକଙ୍କୁ ଓଡ଼ିଶାର ପୁରୁଷୋତ୍ତମ ଅଞ୍ଚଳରୁ ନେଇ ସେଇ ଗଡ଼ଜାତ ଅଞ୍ଚଳରେ ଥଇଥାନ କରେଇଥିଲେ। ମୋ ଶୀରା ପ୍ରଶୀରାରେ ଯେ ଜଗନ୍ନାଥ ସଂସ୍କୃତିର ରକ୍ତ। ଆଉ ଡାକନ୍ତା ନାଇଁ ମାଟି ?

ISSN NO.
2582-208X

ମୁଁ ପେଟେଇ ହେଇ ପଡ଼ି, ଘାସମୂଳ ଟୁଙ୍କି ଟୁଙ୍କି ଆଗ ଚାରି ଦାନ୍ତରେ ଚୋବଉଥାଏ ତାର ମିଠା ମିଠା ଶଷ ଚାଖୁଥାଏ ଆଉ ପକ୍ଷୁଥାଏ। ଘାସ ବାସ୍ନାକୁ ଉପଭୋଗ କରୁଥାଏ।

ଆହୁରି ଅନେକ ପିଲା ମଧ୍ୟ ଥାଆନ୍ତି ସେଠି । ଘାସ ଉପରେ ବାଗଡୁଲୁ (କଙ୍କି) ସବୁ ଉଡ଼ି ଆସି ବସୁଥାନ୍ତି । ନେଳିଆ, ଶାଗୁଆ, ବଡ଼ ବଡ଼ ନାଲିଆ ରଙ୍ଗର ଆଉ ପାଖରେ ଥିବା ବିଲ ମାନଙ୍କରୁ ଉଡ଼ି ଆସୁଥାନ୍ତି ଦୈତ୍ୟକାୟ ପଟାପଟା ଦେହ ଥିବା ବାଗଡୁଲୁ । ଫିଜିକ୍ସର ଅପ୍ଟିକ୍ସରୁ ମୋର ମନ ଓହରି ଯାଏ, ଦର୍ପଣରେ ପ୍ରତିବିମ୍ବିତ ହେଲା ପରି ଠିଆ ହେଇଯାଏ ମୋର ପିଲାବେଳ।

କେତେ ବାଗଡୁଲୁ ଧରୁଥିଲୁ ଆମେ । ବିଲରେ ବଡ଼ ବଡ଼ ବାଗଡୁଲୁ ଧରି ତା ଲାଞ୍ଜରେ ସୂତା ବାନ୍ଧି ଗୁଡ଼ି ପରି ଉଡ଼ଉଥିଲୁ । ଆମର ବାହନ ଥିଲେ ସେମାନେ । କାହାର ବାହନ କେତେ ଉଁଚା ଉଡ଼ିବ। ନିରୀହ ସମୟର ନିରୀହ ପାପ ସବୁ। କଞ୍ଚି ବାଗଡୁଲୁ ଧରି ତାର ଲାଞ୍ଜକୁ ବଡ଼ ବାଗଡୁଲୁ ମୁହଁରେ ଦେଇ ଦେଉଥିଲୁ । ସେ ତାର ଲାଞ୍ଜକୁ ଖାଇ ଯାଉଥିଲା । ବେଳେବେଳେ ବାଗଡୁଲୁର ନିଜ ଲାଞ୍ଜ ବି ପାଟିରେ ଦେଲେ ଚୋବେଇ ପକଉଥିଲା ତାର ଚାରି କେନିଆ ପାଟି ମେଲେଇ ଆବୁର ଜାବୁର ଦାନ୍ତରେ।

କଙ୍କି ଧରଣ
ମାଆ ମରଣ

ଏଇ ମନ୍ତ୍ରଟା ଖୁବ୍ ଅଳ୍ପ ସମୟ କାମ କରୁଥିଲା। କିଛି ସମୟ ପରେ ପୁଣି ହାତ ଖଲ ଖଲ ହେଉଥିଲା। ବର୍ତ୍ତମାନ ଖରାପ ଲାଗୁଛି, କେଡ଼େ ନିରୀହ ଜୀବଗୁଡା !! କି ଖେଚଡ଼ ଥିଲୁ ଆମେମାନେ।

ପୁଣି ବହିକୁ ନଜର୍ ଫେରାଏ। ଅପ୍ଟିକାଲ୍ ସୂତ୍ରର ଗଭୀରତାରେ ଶିଖୁଥାଏ ପ୍ରକାଶକୁ ବାନ୍ଧି ରଖିବାର କଳା । ଆଲୋକର ରଙ୍ଗହୀନତାରୁ ରଙ୍ଗ ନିଝରେଇବାର କଳା, ସିଧା ସାଧା ପ୍ରକାଶ ରେଖାକୁ ବଙ୍କେଇ ଟେଢେଇ ପୋଷା ମନେଇବାର କଳା, ତା ଉପରେ କୁଟିଳତାର ଗୁଣ ଚଢେଇବାର କଳା। ।

ବିଜ୍ଞାନଟା ସତରେ ଅଦ୍ଭୁତ !
ସମ୍ପର୍କ ମାନଙ୍କୁ ମଧ୍ୟ ସିଏ E = mc^2 ଭିତରେ ତଉଲେ ।

ISSN NO.
2582-208X

ଆପେକ୍ଷିକ ସିଦ୍ଧାନ୍ତ ସବୁଠାରେ କାମ କରେ । କଲେଜରେ ଏତେ ପିଲା ଥାଉଁ ଥାଉଁ ଜନାର୍ଦ୍ଦନ, ସୁକୁମାର ଓ ମାନସ୍ କାହିଁକି ମୋତେ ପ୍ରିୟ ହେଲେ ? ସୁନା କାହିଁକି ହଳଦିଆ ? କାରଣ ଓଜନଦାର ସୁନାରେ ଇଲେକ୍ଟ୍ରନ ମାନେ ଛୋଟ ତରଙ୍ଗ ଯୁକ୍ତ ରଙ୍ଗ ମାନଙ୍କୁ ଗିଳି ଦିଅନ୍ତି । କିନ୍ତୁ ନାଲି, ହଳଦିଆ ଓ କମଳା ରଙ୍ଗ ଉପରେ ଦାଉ ସାଧି ପାରନ୍ତି ନାହିଁ । ତେଣୁ ସୁନା ହଳଦିଆ ।

ଠିକ୍ ସେଇ ସିଦ୍ଧାନ୍ତ ଆମ ସମ୍ପର୍କ ମାନଙ୍କ ଭିତରେ । ନିଜ ଅନୁସାରେ ଓଜନଦାର ବ୍ୟକ୍ତିତ୍ୱ ଆମେ ନିଜେ ଖୋଜି ପକାଉ । ତାଙ୍କର ଦୁର୍ଗୁଣ ସବୁକୁ ପିଇଯାଉ ଆଉ ତାଙ୍କର ସୁଗୁଣ ମାନେ ଛାଁକୁ ଚମକି ଉଠନ୍ତି । ଏଇଆ ନୁହେଁ ନା ? ସମ୍ପର୍କ ମାନଙ୍କ ଭିତରେ ସବୁ ଦୁର୍ଗୁଣକୁ ଆମକୁ ଆତ୍ମସାତ କରିବାକୁ ହୁଏ। ନହେଲେ ସମ୍ପର୍କ ହୀନ ଜୀବନ ବଞ୍ଚିବା କାଠିକର ହେଇ ଯିବ ଯେ।

ବିବେକା ମାଷ୍ଟରଙ୍କ ଠାରୁ ମୋର ଏଇ ଗୁଣଟା ସଂକ୍ରମିତ ହେଇ ଆସିଛି । କିଛି ଭି ପାଠକୁ ମୁଁ ଜୀବନ ଦର୍ଶନ ଭିତରକୁ ଟାଣି ଆଣେ । ତାକୁ ନିଜ ପାରିପାର୍ଶ୍ୱିକ ଜଗତ ସହିତ ତୁଳନା କରେ। ତେଣୁ ମୋତେ କେବେ ଝୁଣ୍ଟିବାକୁ ପଡେ ନାହିଁ । ଚଇତୁ ମଉସା ଆସି ଚିଠିଟିଏ ଧରାନ୍ତି । ନେଳିଆ ରଙ୍ଗର ଖାମ ଟିଏ। ଗାଁରୁ ଆସିଥିଲା । ଚଇନୁ ଲେଖିଥିଲା । ଗାନ୍ଧୀଙ୍କ ଡାକଟିକେଟ୍ ଲାଗିଥିବା ଖାମକୁ ଚିରି ଭିତରେ ଦେଖୁ ଦେଖୁ ମୋ ହାତରୁ ସେଇଟା ଖସି ପଡ଼ିଥିଲା। ମୁଣ୍ଡ ବୁଲେଇ ଦେଇଥିଲା।

ଆଃ !!

ବିବେକା ମାଷ୍ଟର ଆଉ ନଥିଲେ । ମୋର ବ୍ୟକ୍ତିତ୍ୱର ପ୍ରାଣ ପ୍ରତିଷ୍ଠାତା, ମୋର ପଥ ପ୍ରଦର୍ଶକ, ମୋର ଆଦର୍ଶ ଚିରଦିନ ପାଇଁ ମାଟି ପିଣ୍ଡ ଛାଡ଼ି ଚିର ଅନନ୍ତ ସାଧନା ପଥର ଯାତ୍ରୀ ହେଇ ସାରିଥିଲେ। ମୁଁ ଅସମ୍ଭାଳ ହେଇ ବସି ପଡ଼ିଲି। ପୁଣି ବ୍ୟତିବ୍ୟସ୍ତ ହେଇ ଠିଆ ହେଇ ପଡ଼ିଲି, ଟଳମଳେଇ ଗଲା ମୋ ଶରୀର। ଗୋଡ଼ ଗୁଡ଼ା ଯେମିତି ଦେହଟାର ବଢ଼ି ଯାଇଥିବା ମହଣ ମହଣ ଓଜନ ସମ୍ଭାଳି ପାରୁ ନାହାନ୍ତି । ଚଇତୁ ମଉସା ଧରି ପକାଇଲେ ମୋତେ ।

- କଣ ହେଇଛି ବାପା ?

ISSN NO.
2582-208X

ସେହି ପଦକ ସାନ୍ତ୍ୱନା ବାଣୀରେ ମୋର ଧୈର୍ଯ୍ୟର, ସହନଶୀଳତାର ବନ୍ଧ ଭରଭରେଇ କରି ଭାଙ୍ଗି ଯାଇଥିଲା। ନୀରବ ଲୁହରେ ମୁଁ ଚଇତୁ ମଉସାଙ୍କର ଫତୁଆ ତିନ୍ତେଇ ଦେଇଥିଲି । ସବୁ ଜାଣି ସେ କେତେ ସମୟ ପର୍ଯ୍ୟନ୍ତ ମୋ ପାଖରେ ବସି ସାନ୍ତ୍ୱନା ଦେଲେ। ମାନସ ଓ ଜନାର୍ଦ୍ଦନକୁ ଖବର ଦେଇ ମୋ ପାଖକୁ ପଠାଇଲେ।

ଏଇ ତ ଜାନୁଆରୀ ମାସରେ ଯାଇଥିଲି। ଖୁବ୍ ସୁସ୍ଥ ସବଳ ଦେଖି ଯାଉଥିଲେ। ଘୋଡ଼ା ପରି ତଗ ତଗ ହେଇ ଚାଲୁଥିଲେ। ବିବେକା ନନ୍ଦ ଲାଇବ୍ରେରୀକୁ ଝଡା ଝଡ଼ି କରୁଥିଲେ। ମିନୁ (ନୀରୁ ନୁଆବୋହୂ ଝିଅ, ମୁଁ ତାଙ୍କ ଝିଅ ମାନଙ୍କୁ ଗଣିଆ ଭାଇ ଝିଅ ବୋଲି କୁହେ ନାଇଁ) ଓ କେତେ ଛୁଆ ପିଲା ଆସି ଚଟ ପକେଇ ବହି ସବୁ ପଢୁଥାନ୍ତି । ବିବେକା ମାଷ୍ଟର ଖୋଜି ଖୋଜି ବହି ସବୁ ଦେଉଥାନ୍ତି । ସୁନ୍ଦର ବଡ଼ ଲାଇବ୍ରେରୀଟିଏ। ସୌମ୍ୟଭାଇ, ଚିତ୍ତ ଓ ଅନିନାନୀଙ୍କ ମିଳିତ ପ୍ରଚେଷ୍ଟାରେ ଠିଆ ହେଇଥିଲା ଏଇ ହଲ୍ ପରି ଆଟୁ ଘରଟିଏ। ତାଙ୍କର ସାତ ପୁରୁଷୀ ଘରର ବାଁ ପାଖରେ ଥିବା ଗୋଚର ଡିହ ଉପରେ । ଗୋଟାଏ ବଡ୍ଡ ବଖରା, ଘେରି ରହିଥାଏ ଅନେକ ଗଛ ବୃକ୍ଷ । ଅନେକ କାଠ ଆଲମାରୀ । ବିଭାଗ ହେଇ ରହିଥାଏ, ଭାଷା ଓ ବିଷୟ ବସ୍ତୁ ଅନୁସାରେ ।

ମୋର୍ ଦିନର ପ୍ରାୟ ଦଶଘଣ୍ଟା ଲାଇବ୍ରେରୀ ଭିତରେ ତାଙ୍କରି ସାନ୍ନିଧ୍ୟରେ ବିତୁଥିଲା। କେତେ କଥା, କେତେ ଉପଦେଶ, କେତେ କଳ୍ପନା ଗାଁର ପିଲା ମାନଙ୍କୁ ନେଇ, ଗାଁର ଭବିଷ୍ୟତକୁ ନେଇ। ଅଚାନକ୍ ସବୁ ନୀରବି ଗଲା ? ଚଇନୁ ଲେଖିଥିଲା ସେ ସରସ୍ୱତୀ ସାଧନା ସମୟରେ ଭୋର୍ ଚାରିଟାରେ ବସିଲେ ଯେ ଆଉ ଉଠି ନଥିଲେ। ଖୁବ୍ ଶାନ୍ତିରେ ସେ ଇହଧାମ ତ୍ୟାଗ କଲେ। ଶରୀର ପୀଡ଼ା, କି ମାନସିକ କଷ୍ଟ କିଛି ନଥିଲା ତାଙ୍କର।

ଚିଠିଟା ଆଠଦିନ ତଳେ ଲେଖା ହେଇଥିଲା। ବର୍ତ୍ତମାନ ସିଏ ଅଣୁ ପରମାଣୁ ହେଇ କୋଉ ଅଜଣା ଅଶୁଣା ପରମ ସତ୍ତାରେ ମିଳେଇ ଯାଇଥିବେ। ନହେଲେ ଆଉ କୋଉ ଯୋନି ଧାରଣ କରି ସାରିଥିବେ। ନହେଲେ ପ୍ରେତକ୍ରିୟାକୁ ଅପେକ୍ଷା କରି ଥିବେ। ଜନାର୍ଦ୍ଦନ ଓ ମାନସ ବହୁତ ବୁଝାଇଲେ।

- କଣ କହୁଛୁ, ଯାଇତେ ଭାବୁଛୁ ଯେ କିସଟା ଦେଖିବୁ ? ବରଂ ପରୀକ୍ଷା ସରୁ। ତାଙ୍କ ପାଇଁ ତୁ ପରୀକ୍ଷା ଖରାପ କଲେ ତାଙ୍କର ଆତ୍ମାକୁ ବାଧିବ ନାଇଁ? ଗୋଟିଏ ଦୁଃଖ, ଏଡ଼େ ମହାନ

ISSN NO.
2582-208X

ଆତ୍ମା ସହିତ ଭେଟ ହେଇ ପାରିଲା ନାହିଁ। ଏଇଥର ପରୀକ୍ଷା ପରେ ତୋର୍ ସହିତ ଯିମି ବୋଲି ଭାବିଥିଲି।

ଅନ୍ତର ବେଦନା ଚାପିଧରି, ଆଖି ଲୁହକୁ କଲମରେ ଭରି ପରୀକ୍ଷା ଦେଇଥିଲି ମୁଁ। ମୋର ଆଶାନୁରୂପ ହେଲାନାହିଁ। ପରୀକ୍ଷା ଖାତାରେ ତାଙ୍କରି ଛବି ଉକୁଟି ଉଠି ବାରମ୍ବାର ମୋତେ ଅନ୍ୟମନସ୍କ କଲା।

"ସୁଖଦୁଃଖେ ସମେକୃତ୍ୱା ଲାଭାଲାଭୌ ଜୟାଜୟୌ
ତତୋ ଯୁଦ୍ଧାୟୌ ୟୋଜସ୍ୟ ନୈବଂ ପାପ ମବାପ୍ସ୍ୟସି"

ଶ୍ଳୋକକୁ ଆଚରି ପାରିଲି ନାହିଁ। ପଦ୍ମପତ୍ରମିବାମ୍ଭସା ପରି ଦୁଃଖକୁ ଉପରେ ଉପରେ ରଖି ପାରିଲିନାହିଁ, କି ସ୍ଥିତପ୍ରଜ୍ଞ ମଧ୍ୟ ହେଇ ପାରିଲି ନାହିଁ।

ପରୀକ୍ଷା କେମିତି ସରିବ ଆଉ ମୁଁ ଯିବି ଆମ ଗାଁକୁ। ମୋ ସାଙ୍ଗରେ ଜନାର୍ଦ୍ଦନ ଗଲା। ଗାଁରେ ପହଞ୍ଚି ମୁଁ ଛୋଟ ପିଲା ପରି ମାଆ କୋଳରେ ମୁହଁ ଗୁଞ୍ଜି କାନ୍ଦିତେ ନାଗିଲି । ବାପା ପାଖରେ ବସି ମୁଣ୍ଡ ଆଉଁସୁ ଥିଲେ।

- ତୋର୍ ପାଇଁ କାମ୍ ଛାଡ଼ିକାରି ଯାଇଛନ୍। ମହତ୍ ଆତ୍ମା ଥିଲେ, ନିଜର୍ ମରଣ ଦେଖି ପାରିଥିଲେ ନାଗୁଛି। ତାର୍ ଆଗର୍ ଦିନ ଅନି ଆସିଥିଲା, ତାକୁ ଡାକି ପଠେଇଥିଲେ। ତୋତେ ଡାକି ଥାଇତେ ଯେ ତୋର୍ ପରୀକ୍ଷା ଥିଲା। ତାଙ୍କର ଅସ୍ଥି ରଖା ହେଇଛି। ତୁଇ ନେଇକରି ସ୍ୱର୍ଗଦ୍ୱାର୍ ମହୋଦଧିରେ ବିସର୍ଜନ କରବୁ। ଯା ବାବୁ, ଏତେ ଦୁଃଖି ହେ ନାଇଁ । ସନ୍ତୁଷ୍ଟ ଜୀବନ ବଞ୍ଚିକିରି ଯାଇଛନ୍।

ମାଆ କହୁଥିଲା ମୋର ପିଠି ଥାପୁଡେଇ। ମୁଁ ଭାବୁଥିଲି ଏମାନେ ଅସ୍ଥି ପାଲଟିବା ପୂର୍ବରୁ ଅନ୍ତତଃ ଥରଟିଏ କାଳିଆ ଦର୍ଶନ କରେଇ ଦେବି । କାହାର କାଳ କେତେବେଳେ ଆସିବ କେହି କହି ପାରିବେ ନାଇଁ। ପାଣି ଥାଉଁ ବନ୍ଧ ବାନ୍ଧ । ତାଙ୍କ ଘରକୁ ଗଲି ଜନାର୍ଦ୍ଦନ ସାଙ୍ଗରେ।

ISSN NO.
2582-208X

ଅନାଥ ହେଇ ଯାଇଥିବା ତାଙ୍କର ବୁନିଆଦିର ଘର ଯେମିତି ଲୁହ ଢାଳୁଥିଲା। ଶ୍ରୀହୀନ ଦେଖା ଯାଉଥିଲା। ଦାଣ୍ଡ ପିଣ୍ଡାରେ ରେଡିଓ ଥୁଆ ହେଇଥିଲା, ବାଜୁଥିଲା ବାଣୀକଣ୍ଠ ନିମାଇଁ ଚରଣଙ୍କ ଓଜସ୍ୱୀ ଅନ୍ତର ଫଟା ସ୍ୱର, "କହଇ ମନ ଆରେ ମୋ ବୋଲ କର.....”

ଶୁଣିବାକୁ କେହି ନଥିଲେ। ଯେଉଁ ଘରେ ସେ ଗୁରୁଣ୍ଡି, ଚାଲି, ଠିଆ ହେଇ ସଂସାର ପାତିଥିଲେ ସେ ଘର ଉଜୁଡ଼ି ଯାଇଥିଲା ପରି ଲାଗୁଥିଲା। ତାଙ୍କର ସେଇ କୋଠରୀ ତାଙ୍କ ବିହୁନେ ଯେମିତି ବାକ୍ ଶୂନ୍ୟ, ବାକ୍ ରୁଦ୍ଧ ଅବସ୍ଥାରେ କାନ୍ଦୁଥିଲା। ସେମିତି ରହିଛି ତାଙ୍କର ଡେସ୍କ, ବ୍ୟାସାସନ ଧଳାଲୁଗା ଘୋଡ଼ିହେଇ। ସେହି ଧଳା ରଙ୍ଗଟା ଯେଉଁଟା ପବିତ୍ରତାର ଦ୍ୱାହି ଦେଉଥିଲା ଆଜି ମୋତେ ବୈଧବ୍ୟର ସୂଚନା ଦେଉଥିଲା। ସବୁ ଅଛି, ମଣିଷଟା ନାହିଁ। ଅନାଥ ହେଇ ଯାଇଥିଲେ ତାଙ୍କର ଛାତ୍ରମାନେ। ଅନାଥ ହେଇ ଯାଇଥିଲା ଲାଇବ୍ରେରୀ, ଅନାଥ ହେଇ ଯାଇଥିଲା ଆମର ଗାଁ । ଯୁଗଜନ୍ମାର ଅନୁପସ୍ଥିତିରେ ଗୋଟିଏ ଯୁଗର ଅବସାନ ହେଇ ଯାଇଥିଲା। ଅତୀତ ଇତିହାସ ପାଲଟି ଯାଇଥିଲା ଗୋଟିଏ ଅସାଧାରଣ ବ୍ୟକ୍ତିତ୍ୱ ।

ହାଃ ଅତୀତ ...

କ୍ରମଶଃ .....

ବସନ୍ତ ବିହାର, ନୂଆଦିଲ୍ଲୀ

ISSN NO.
2582-208X

# ଜୀବ ଜୀବନ



ଡ଼. ପ୍ରିୟମ୍ବଦା ସାମଲ

ସୁରଭି ସୁମନ ଖୋଜି ଉପବନ
ଗୁନ୍ଥିଣ ଗଜରା ହାର
କବରୀକୁ ମୋର ସଜାଇଲ ସାଥୀ
ତା' ବାସେ ହୃଦ ଅଧୀର।
ଇନ୍ଦ୍ରଧନୁ ଠାରୁ କେଉଁ ରଙ୍ଗ ଆଣି
ଚିବୁକେ ଦେଲ ଲଗାଇ
ସେ ରଙ୍ଗରେ ରଂଗାୟିତ ମୋ ହୃଦୟ
ଧୋଇଲେ ଛାଡଇ ନାହିଁ।
କେଉଁ ଗୀତି ମୋତେ ଶୁଣାଇଲ ସାଥୀ
ଭାବେ ନିମଗନ ମୁହିଁ
ହୃଦୟ ତନ୍ତ୍ରୀରେ ପ୍ରୀତିର ଗଜଲ
ବଜାଏ ସେ ସାହାନାଇ ।
ସ୍ୱର୍ଗ ପାରିଜାତ ଶାଶ୍ୱତ ଅମୃତ
ମଧୁ ଠାରୁ ମିଠା ଜାଣ
ତୁମ ବିନା ସାଥୀ ଏ ଜୀବନ ନ୍ୟୁନ
ତୁମେ ମୋ ଜୀବ ଜୀବନ।

ଶାଶ୍ୱତ ସୁରଭି ନିତି ପ୍ରତି ନିତି
ପ୍ରୀତି ମଗ୍ନ ପ୍ରୀତି ରାଗ
ତୁମ ବିନା ସାଥୀ ଏଇ ଦିନ ରାତି
ରାଗ ବିନା ଅନୁରାଗ ।
ତୁମେ ମୋର ପ୍ରାଣ ତୁମେ ମୋ ଜୀବନ
ତୁମେ ମୋ ହୃଦ ସ୍ପନ୍ଦନ
ତୁମ ବିନା ସାଥୀ ଜୀବନ ମରଣ
ସବୁ ଲାଗଇ ସମାନ
ତୁମେ ମୋ ଜୀବ ଜୀବନ।

ଛତିଶଗଡ଼ /ଭୁବନେଶ୍ୱର

ISSN NO.
2582-208X

# ତାରାଫୁଲ ସ୍ୱପ୍ନ



ସୁଶ୍ରୀ ପଲ୍ଲବିତା ସାହୁ

ଗଭୀର ରାତିରେ ଶାନ୍ତ ଆକାଶରେ
ତାରାମାନଙ୍କ ସୁଖଦୁଃଖ ବୁଝିଲାବେଳେ ତାଙ୍କ ପରି
ମୋ ଆଖିରୁ ବି ପାଣି ଟୋପେ ଟୋପେ ଝରିପଡେ
ଅଜାଣତରେ, ଅନ୍ୟମନସ୍କ ରେ
ସେମାନେ ବିସ୍ତାରିଯାଇ କୁହନ୍ତି ଲମ୍ବା ଲମ୍ବା କାହାଣୀ
କେବେ ହେତୁ ପାଇଥିଲେ, ବଡ଼ ହୋଇଥିଲେ
ପ୍ରେମ କରିଥିଲେ, ଗୋଡ ଖସାଇଥିଲେ !!

ତାରାଫୁଲ ଚିକ୍ ମିକ୍ କରୁଥାନ୍ତି
ମୁକ୍ତିର ସ୍ୱପ୍ନ ନେଇ, କୁନି କୁନି ଦୀପାଳି ହୋଇ
ଭଲମନ୍ଦ କଥା ଭାବୁଥାନ୍ତି ମୋ ସହ
କେତେ ସବୁ ଉପକ୍ରମ କରି
ଆଞ୍ଜୁଳାରେ ଚାଲିଆସ ବୋଲି ମୁଁ ଜିଦ୍ କରେ
ସେମାନେ କିନ୍ତୁ କୁହନ୍ତି -
"ମୁକ୍ତିରେ ଆନୁଗତ୍ୟ ସୁନ୍ଦର"

ଆମେ ସବୁଦିନ ତୁମକୁ ଅପେକ୍ଷା କରିବୁ
ଠିକ୍ ସନ୍ଧ୍ୟା ୭ଟା ହେଲେ
ତୁମେ ଆସିଲେ ଗପ କରିବା
କଅଁଳ ପବନର ଛୁଆଁ ରେ, ଆମ ଭିତରେ ଥିବା

ISSN NO.
2582-208X

ସମ୍ବେଦନଶୀଳତାରେ, ଆପଣା ଆଲିଙ୍ଗନରେ
ପରସ୍ପରର ରୂପକ ହେବା, ଉପମା ଗଢ଼ିବା
ନିରୋଳାରେ ଜୀବନର ଦର୍ଶନ ବୁଝିବା ।

ଏକାନ୍ତ ପଣରେ ନିଝୁମ୍ ରାତିଟା
ସରିବା ଯାଏଁ ସେମାନେ କୁଆଡେ ଭିଜନ୍ତି
କାକରରେ ଠିକ୍ ଯେତିକି ନୁହେଁ ଲୁଣିଲୁହରେ
ଗୋପନୀୟତା ରେ ବେଶି ଅଧିକ
ତମାମ୍ ସ୍ମୃତିର ଉପନ୍ୟାସ ପରି
ବ୍ୟାଖ୍ୟା ଚାଲେ, ମୁହୂର୍ତ୍ତ ମୁହୂର୍ତ୍ତ ଧରି
ଛୁଇଁ ନ ପାରିଲେ ବି ଆମେ
କେହି କାହାକୁ, ଉପଲବ୍ଧି କରିପାରୁ
ବିତିଥିବା ଘଟଣାଟା ସତେ କେଡ଼େ ଭାରି !!

ମୋ ସ୍ୱପ୍ନ ଶିକାରେ ଏମିତି ଅନେକ ତାରା ଫୁଲ
ମୁଁ ସେନେହରେ ସାଇତି ଦିଏ
ସେମାନଙ୍କୁ ପ୍ରଗଲ୍ଭପଣର ସ୍ୱାଦ ଚଖାଏ
ମୋ ଅଶ୍ରୁ ଓ ଆଶ୍ୱାସନାର ବାସ୍ତବତାରେ
କେବେ କେମିତି ବୁଲେଇଆଣେ
ସେମାନେ ବି ଦେଖନ୍ତି
ମୋ ହାତ ପାତିଥିବା ସ୍ୱପ୍ନ ଆଞ୍ଜୁଳାରେ
କେମିତି ପୁରୁଣା ସ୍ଥାପତ୍ୟର ଚମକ
ଭଗ୍ନାବଶେଷର ପୁଲକ
ଆଉ ଫଟାକାନ୍ଥମାନେ,
ଧୀରେ ଧୀରେ ନେଉଛନ୍ତି ରୂପ ;
ଜଡରୁ....ସ୍ୱପ୍ନର ତାରାଫୁଲ ହୋଇ.....

ଅଧାପିକା, ରାଜସୁନାଖଳା ମହାବିଦ୍ୟାଳୟ
୭୭୩୫୫୯୧୯୩୩

ISSN NO.
2582-208X

# ଫଗୁଣ ଆସିଛି



ପୁଷ୍ପାଞ୍ଜଳି ମିଶ୍ର

ଫଗୁଣ ଆସିଛି ଆମ ଗାଁ କୁ
ଫୁଲେଇ ଗେହ୍ଲେଇ ହୋଇ
ମଧୁ ମାସେ ମଧୁ ଭରି ସେ ହେଲାଣି
ପ୍ରେମର ବାର୍ତା ଦେଇ
ପ୍ରେମ ଋତୁ ଆସି ଦୁଆର ମୁହଁରେ
ଅର୍ଚ୍ଚନା କରିଲାଣି
ଆମ୍ବ ଡାଳରେ ପେନ୍ଥା ପେନ୍ଥା
ବ ଉଳ ମନକୁ ମୋହିଲାଣି
ଫଗୁଣ ର ଦର ଫୁଟା ହସ
ମନକୁ ନେଉଛି କିଣି
କୋଇଲି ଆସି ଆମ୍ବ ତୋଟାକୁ
ହୁଲୁ କେଇ ଦେଲାଣି
କୁଆଁରି ଓଠରେ ମିଠା ମିଠା ହସ
ମୁରୁକି ହସି ଲାଣି
ଋତୁରାଜ ଆସି କଦମ୍ବ ମୂଳରେ
ସଜାଉଛି ଫୁଲ ଦୋଳି
ଅବିର ଡାଲାରେ ଅବିର ଆଣି
ପ୍ରେମର ପସରା ଖୋଲି
ମଳୟ ପବନ ସୁବାସେ ଚନ୍ଦନ
ବାଣ୍ଟି ସ୍ନେହ ପ୍ରେମ ପ୍ରୀତି
ଦୋଳ ବିମାନ ରେ ରାଇ ଦାମୋଦର
ବସିବାକୁ ସଜ ହେଲେଣି
ବସନ୍ତର ଚିଠି ଗୋପନେ ଆସୁଛି
ଫଗୁଣ ଲାଜେଇ ହସୁଛି
ଚୋରା ଚଇତାଳି ମନଟାକୁ ଆଜି
ଚୋରି କରି ନେଇ ଗଲାଣି
ନୀଳ ନୟନର ସ୍ୱପିଳ ଶୃଙ୍ଗାର
ସମ୍ମୋହନ ସୁଧା ରସ
ଫୁଲେଇ ଫଗୁଣ ଆସିଛି ବୋଲି
ମନ ଖାଲି ଉଚ୍ଚାଟ ॥

ସୁକନ୍ଦା କ୍ରୋମାଇଟ ମାଇନ୍ସ
ଯାଜପୁର
9556643921

ISSN NO.
2582-208X

# ବଡ଼ମ୍ବା ଗଡ଼ଜାତ: ଏକ ବିହଙ୍ଗାବଲୋକନ



ବଟକୃଷ୍ଣ ମହାପାତ୍ର

ଓଡ଼ିଶାର କଟକ ଜିଲ୍ଲା । କଟକ ଜିଲ୍ଲାର ଆଠଗଡ଼ ସବ୍‌ଡିଭିଜନ ଅନ୍ତର୍ଗତ ବଡ଼ମ୍ବା ବ୍ଲକ । କଟକ ଜିଲ୍ଲାର ପଶ୍ଚିମ ଦିଗକୁ ମହାନଦୀ କୂଳେକୂଳେ କଟୁରୀ ବେଷ୍ଟପରି ଯେଉଁ ଅଂଶଟି ଲମ୍ବି ଯାଇଛି, ତା ମଧ୍ୟରେ ରହିଛନ୍ତି ତିନୋଟି ଗଡ଼ଜାତ ଅଞ୍ଚଳ ଯଥା- ତିଗିରିଆ, ବଡ଼ମ୍ବା ଓ ନରସିଂହପୁର । ବଡ଼ମ୍ବା ବ୍ଲକର ପୂର୍ବରେ ଅବସ୍ଥିତ ତିଗିରିଆ ବ୍ଲକ ଓ ନରସିଂହପୁର ବ୍ଲକ୍ । ଉତ୍ତରରେ ପାହାଡ଼ ପର୍ବତ ଘେରା ଢେଙ୍କାନାଳ ଜିଲ୍ଲାର କିଛି ଅଂଶ ଓ ଦକ୍ଷିଣରେ ଚିରସ୍ରୋତା ମହାନଦୀ । ଏବେ ବଡ଼ମ୍ବା ବ୍ଲକରେ ରହିଛି ୩୮ଟି ଗ୍ରାମ ପଞ୍ଚାୟତ। ୩୮ଟି ଗ୍ରାମ ପଞ୍ଚାୟତ ଅଧିନରେ ରହିଛି ୧୩୮ଟି ଗ୍ରାମ । ୩୭୨ ବର୍ଗ କିଲୋମିଟର କ୍ଷେତ୍ରଫଳ ବିଶିଷ୍ଟ ବଡ଼ମ୍ବା ବ୍ଲକଟି ଜିଲ୍ଲାର ମୁଖ୍ୟ କାର୍ଯ୍ୟାଳୟ କଟକ ଠାରୁ ପଶ୍ଚିମ ଦିଗରେ ପ୍ରାୟ ୯୦ କିଲୋମିଟର ଦୂରରେ ଏବଂ ରାଜ୍ୟର ରାଜଧାନୀ ଭୁବନେଶ୍ୱରର ଦକ୍ଷିଣ-ପଶ୍ଚିମକୁ ମଧ୍ୟ ସେହି ଏକା ଦୂରତାରେ ଅବସ୍ଥିତ । ଚାଲନ୍ତୁ ଏହି ପ୍ରବନ୍ଧରେ ସେହି ବଡ଼ମ୍ବା ବ୍ଲକର ଇତିହାସ ଉପରେ କିଛି ଆଲୋକପାତ କରିବା ।

ଓଡ଼ିଶାର ଛବିଶଗୋଟି ଗଡ଼ଜାତ ଅଞ୍ଚଳ ମଧ୍ୟରୁ ବଡ଼ମ୍ବା ଗଡ଼ଜାତ ହେଉଛି ଅନ୍ୟତମ । ମୋଗଲ ରାଜତ୍ୱ ସମୟରେ ମୋଗଲ ରାଜାମାନେ କେବେହେଲେ ସିଧାସଳଖ ବଡ଼ମ୍ବା ଗଡ଼ଜାତର ରାଜାମାନଙ୍କ ଶାସନରେ ହସ୍ତକ୍ଷେପ କରି ନଥିଲେ । କିନ୍ତୁ ମରହଟ୍ଟା ଶାସନ ସମୟରେ ବଡ଼ମ୍ବା ରାଜାଙ୍କୁ ସେମାନଙ୍କର ବଶ୍ୟତା ସ୍ୱୀକାର କରିବାକୁ ହୋଇଥିଲା ଓ ପ୍ରତିବର୍ଷ ସେମାନଙ୍କୁ ବଡ଼ମ୍ବା ଗଡ଼ଜାତର ରାଜାମାନେ ଖଜଣା ଦେଉଥିଲେ ।

ବଡ଼ମ୍ବା ଗଡ଼ଜାତ ସ୍ଥାପିତ ହୋଇଥିଲା ୧୩୦୫ ମସିହାରେ । ଲୋକମାନେ ଅତୀତରେ ଏହାକୁ ବଡ଼ମ୍ବା ରାଜ୍ୟ ବୋଲି କହୁଥିଲେ ଓ ୧୯୪୮ ମସିହା ଜାନୁଆରୀ ମାସ ୧ ତାରିଖରେ

ISSN NO.
2582-208X

ଏହାର ମିଶ୍ରଣ ଓଡ଼ିଶା ରାଜ୍ୟ ସହିତ ହୋଇଥିଲା । ୧୩୦୫ ମସିହା ବେଳକୁ ଓଡ଼ିଶାରେ ରାଜୁତି କରୁଥାଆନ୍ତି ପୂର୍ବଗଙ୍ଗ ବଂଶୀୟ ରାଜା ଦ୍ୱିତୀୟ ନରସିଂହ ଦେବ । (କେହି କେହି ତାଙ୍କୁ କିଶୋର ନରସିଂହ ବା କେଶରୀ ନରସିଂହ ବୋଲି କହିଥାଆନ୍ତି ।) ଓଡ଼ିଶାର ଉତ୍ତର ଦିଗରେ ସିଂହଭୂମି ନାମରେ ଏକ ଜିଲ୍ଲା ଅଛି । ଏହା ଏବେକାର ଝାଡ଼ଖଣ୍ଡ ରାଜ୍ୟ ଅନ୍ତର୍ଭୁକ୍ତ। ସିଂହଭୂମି ଜିଲ୍ଲାର ସେସସରଗଡ଼ା ଗାଆଁରେ ବାସ କରୁଥିଲେ ଦୁଇଭାଇ । ସେମାନଙ୍କ ନାମ ହଟ୍ଟକିଶୋର ରାଉତ ଓ ମଲ୍ଲକିଶୋର ରାଉତ । ଦୁଇଭାଇ ଥିଲେ ଖୁବ୍ ବୀର ଓ କ୍ଷତ୍ରିୟ ବଂଶୀୟ । ତେଣୁ ରାଜା କେଶରୀ ନରସିଂହ ସେମାନଙ୍କୁ ଆଦର କରି ପାଖରେ ରଖିଥିଲେ । ସେ ଦୁଇଭାଇଙ୍କର ସାହାସିକତାରେ ମୁଗ୍ଧ ହୋଇ ରାଜା ସେମାନଙ୍କୁ ଦୁଇଟି ଗ୍ରାମ ଉପହାର ସ୍ୱରୂପ ଦେଇଥିଲେ । ସେ ଗ୍ରାମ ଦୁଇଟିର ନାମ ହେଲା ଶଙ୍ଖ ଓ ମହୁରୀ । ଏବେ ବଡ଼ମ୍ବା ଗଡ଼ର ଅନତି ଦୂରରେ ସେ ଦୁଇଗୋଟି ଗାଆଁ ରହିଛି । ହେଲେ ସେ ଗାଆଁ ଦୁଇଟିର ମିଶ୍ରଣ ଘଟିଥିବାରୁ ଏବେ ତାକୁ ଶଙ୍ଖାମେରୀ ଗ୍ରାମ ବୋଲି କୁହାଯାଉଛି। ସେ ଦୁଇଭାଇ ଆଜକୁ ପ୍ରାୟ ୭୦୦ ବର୍ଷ ପୂର୍ବେ ସେ ଗାଆଁକୁ ଯେତେବେଳେ ଆସିଥିଲେ, ସେତେବେଳେ ସେଠାରେ କନ୍ଧ ଜାତିର ଲୋକମାନେ ବାସ କରୁଥିଲେ ଯେଉଁମାନେ ଥିଲେ ଖୁବ୍ ଅମାନିଆ । ଏହି ଦୁଇ ଭାଇଙ୍କ ସଙ୍ଗରେ ଆସିଥିବା ୧୪ଜଣ କ୍ଷତ୍ରିୟ ଯୋଦ୍ଧା ସେମାନଙ୍କୁ ଗାଆଁରୁ ବାହାର କରି ଦେଇଥିଲେ ଓ ଅନ୍ୟ କେତେଘର ଚଷାଜାତିର ଲୋକମାନଙ୍କ ସହ ମିଶି ଏମାନେ ସେ ଗ୍ରାମରେ ବସବାସ କରିବା ଆରମ୍ଭ କରିଥିଲେ ।

ସେତେବେଳେ ଅର୍ଥାତ୍ ଆଜକୁ ପ୍ରାୟ ୭୦୦ ବର୍ଷ ପୂର୍ବେ ବଡ଼ମ୍ବା ଅଞ୍ଚଳଟି ଥିଲା ଘୋର ବଣ, ଜଙ୍ଗଲ ଓ ହିଂସ୍ରଜନ୍ତୁରେ ପରିପୂର୍ଣ୍ଣ ଏକ ଅଞ୍ଚଳ । କନ୍ଧ, ଶଅର ଇତ୍ୟାଦି ଜାତିର ଲୋକମାନେ ଆଠ, ଦଶ ଘର ଲେଖାଏଁ ଏକାଠି ହୋଇ ଗୋଟିଏ ଗୋଟିଏ ସ୍ଥାନରେ ରହୁଥିଲେ । ସ୍ଥାନେ ସ୍ଥାନେ ଚଷା ଜାତିର ଅଳ୍ପ କେତେକ ପରିବାର ରହୁଥିଲେ । ଏହିପରି କେତେଖଣ୍ଡି ଗାଆଁ ଉପରେ ଜଣେ ଜଣେ ଦଳପତି ଥିଲେ । ସେମାନଙ୍କୁ କୁହାଯାଉଥିଲା ଅମାଇତ ବା ଗଡ଼ତୁଆ । ବଡ଼ମ୍ବା ଅଞ୍ଚଳର ଖାରୋଡ଼, ଶଶାଙ୍ଗ ଇତ୍ୟାଦି ଗ୍ରାମଗୁଡ଼ିକରେ ଜଣେ ଜଣେ ଅମାଇତ ଶାସନ କରୁଥିଲେ । ଧୀରେ ଧୀରେ ବୀର ହଟ୍ଟକିଶୋର ଓ ତାଙ୍କ ଭାଇ ମଲ୍ଲକିଶୋର ଅମାଇତମାନଙ୍କୁ ଯୁଦ୍ଧରେ ପରାସ୍ତ କରି ରାଜ୍ୟ ବିସ୍ତାର କରି ଶାସନ କରିବାକୁ ଲାଗିଲେ ଓ ବଡ଼ମ୍ବାରେ ଗଡ଼ ନିର୍ମାଣ ମଧ୍ୟ କଲେ । ବଡ଼ମ୍ବା ଗଡ଼ର ନିର୍ମାଣ ନେଇ ଯେଉଁ କିମ୍ବଦନ୍ତୀ ରହିଛି ତାହା ହେଉଛି ଏହିପରି –

ISSN NO.
2582-208X

ଏକଦା ହଟକିଶୋର ରାଉତ ଭାଇ ମଲ୍ଲକିଶୋର ରାଉତଙ୍କ ସହିତ ଭ୍ରମଣ କରୁ କରୁ ଶଙ୍ଖ ଓ ମହୁରୀ ଗ୍ରାମର ଅଳ୍ପ କେତେ ମାଇଲ ଦୂରରେ ବଣ, ଜଙ୍ଗଲ ଓ ପାହାଡ଼ରେ ପରିପୂର୍ଣ୍ଣ ଏକ ସ୍ଥାନରେ ଏକ ଛୋଟ କୁଡ଼ିଆଟିଏ ଥିବାର ଦେଖିବାକୁ ପାଇଲେ । ସେହି କୁଡ଼ିଆରେ ଏକ ଶଅର ଓ ଶଉରୁଣୀ ଦଂପତ୍ତି ବାସ କରୁଥିଲେ । ସେମାନେ ଦେଖିବାକୁ ପାଇଲେ ଯେ କୁଡ଼ିଆ ନିକଟରେ ହଠାତ୍ କେଉଁ ଆଡୁ ଏକ ଠେକୁଆ ଦୌଡ଼ିଆସି ଗୋଟିଏ ବଳିଆ କୁକୁରକୁ ମାଡ଼ି ବସିଲା । ଏହି ଅଜବ କଥା ଦେଖି ସେମାନେ ଖୁବ୍ ଆଶ୍ଚର୍ଯ୍ୟ ହୋଇଗଲେ । ବଳିଆ କୁକୁର ଠେକୁଆ ତୁଳନାରେ ଖୁବ୍ ବଳବାନ ଓ ହିଂସ୍ର । ହେଲେ ଏଠାରେ ଠେକୁଆ, ବଳିଆ କୁକୁରକୁ ମାଡ଼ି ବସୁଛି । ଏହା ଆଶ୍ଚର୍ଯ୍ୟର କଥା ନୁହେଁ ତ ଆଉ କ'ଣ? ସେମାନେ ପୁଣି ଦେଖିବାକୁ ପାଇଲେ ଯେ କୁଡ଼ିଆରୁ ଶଉରୁଣୀ ଜଣକ ମାଠିଆଟିଏ ଧରି ପାଣି ଆଣିବାକୁ ନିକଟସ୍ଥ କୂଅକୁ ବାହାରିଗଲା । ଦୁଇଭାଇ କିଛି ସମୟ ପରେ ଫେରିବା ବାଟରେ ସେହି କୁଡ଼ିଆ ପାଖ ଦେଇ ଆସୁଥିବା ବେଳେ ଦେଖିଲେ ଯେ ଯେଉଁ ଗର୍ଭବତୀ ଶଉରୁଣୀ ଜଣକ କିଛି ସମୟ ପୂର୍ବରୁ ପାଣି ଆଣିବାକୁ ମାଠିଆଟିଏ ଧରି କୁଡ଼ିଆରୁ ବାହାରି ଯାଇଥିଲା, ଏବେ ସେ ଛୁଆଟିଏ ଜନ୍ମକରି, ତାକୁ ଚଲାଇ ଚଲାଇ ସାଙ୍ଗରେ ଧରି କୁଡ଼ିଆ ଆଡ଼କୁ ଆସୁଛି । ଏହି ଦୁଇ ଅଲୌକିକ କଥା ଦେଖି ଦୁଇଭାଇ ଚିନ୍ତା କଲେ ଯେ ନିଶ୍ଚୟ ଏହି ସ୍ଥାନରେ କିଛି ଚମତ୍କାରିତା ରହିଛି; କିଛି ବିଶେଷ ମହିମା ରହିଛି । ତେଣୁ ଏହି ସ୍ଥାନରେ ସେମାନେ ନଅର ତୋଳିବାକୁ ମନସ୍ଥ କଲେ । ଶଅର, ଶଉରୁଣୀଙ୍କୁ ସେ ସ୍ଥାନ ଛାଡ଼ି ଅନ୍ୟତ୍ର ଚାଲିଯିବା ପାଇଁ ସେମାନେ ନିର୍ଦ୍ଦେଶ ଦେଲେ ଓ ସେମାନଙ୍କର କଥାରେ ଏ ଦଂପତ୍ତି ରାଜି ହେଲେ ନାହିଁ । ତେଣୁ ଏ ଦୁଇଭାଇ କ୍ରୋଧପ୍ରକାଶ କରି ସେ ଦୁଇଜଣଙ୍କୁ ହତ୍ୟା କଲେ ଓ ଏମାନଙ୍କର କୁଡ଼ିଆ ଭାଙ୍ଗି ସେଠାରେ ରାଜନଅର ନିର୍ମାଣ କରିବା ଆରମ୍ଭ କଲେ । ମୃତ୍ୟୁ ପୂର୍ବରୁ ଶଉରୁଣୀ ଏ ଦୁଇଭାଇଙ୍କୁ କହିଥିଲା ଶଶାଙ୍ଗ ଗ୍ରାମରେ ରହିଥିବା ଭଟାରିକା ଓ ଖାରୋଡ଼ ଗ୍ରାମରେ ରହିଥିବା ମହାକାଳୀ ଠାକୁରାଣୀଙ୍କର ପୂଜାର୍ଚ୍ଚନାର ଦାୟିତ୍ୱ ନେବାପାଇଁ । ଶଉରୁଣୀର କଥା ଅନୁସାରେ ଏ ଦୁଇଭାଇ ତଥା ଏମାନଙ୍କର ବଂଶଧର ଶଶାଙ୍ଗ ଗ୍ରାମର ମାଆ ଭଟାରିକା ଓ ଖାରୋଡ଼ ଗ୍ରାମର ମାଆ ମହାକାଳୀ ଠାକୁରାଣୀଙ୍କର ମନ୍ଦିର ନିର୍ମାଣ କରି, ସେ ଦୁଇ ମନ୍ଦିରରେ ପୂଜାର୍ଚ୍ଚନାର ବ୍ୟବସ୍ଥା କରାଇଥିଲେ । ଏବେ ଓଡ଼ିଶାର ଶକ୍ତିପୀଠମାନଙ୍କ ମଧ୍ୟରେ ବଡ଼ମ୍ବାର ଭଟାରିକା ଓ ମହାକାଳୀ, ଦୁଇ ପ୍ରସିଦ୍ଧ ଶକ୍ତିପୀଠ ଭାବରେ ପରିଗଣିତ । ଏବେ ମଧ୍ୟ  ବଡ଼ମ୍ବା ରାଜନଅର ପଛପାଖରେ ଶଉରୁଣୀର ମୁଣ୍ଡକୁ (ପ୍ରତିମୂର୍ତ୍ତିକୁ) ମୁଣ୍ଡାବାରିକ ଓ ଆଗ ପାଖରେ ଶଉରୁଣୀର ଗଣ୍ଡିକୁ (ପ୍ରତିମୂର୍ତ୍ତିକୁ) ଗଣ୍ଡି ଶଉରୁଣୀ ରୂପରେ ପୂଜା କରାଯାଉଛି । ଶଅରପଲ୍ଲୀ ଯେଉଁଠି ଥିଲା, ସେଠାରେ ଶଉରୁଣୀ

ISSN NO.
2582-208X

ଖୋଲ ନାମକ ସ୍ଥାନରେ ପ୍ରତିବର୍ଷ ଚୈତ୍ରପୂର୍ଣ୍ଣିମା ଦିନ ଶଉରୁଣୀଙ୍କୁ ଠାକୁରାଣୀ ଭାବରେ ପୂଜା ମଧ୍ୟ କରାଯାଏ । ଯେହେତୁ ଠେକୁଆଟି ସିଂହର ବଳନେଇ ସେ ସ୍ଥାନରେ ବଳିଆ କୁକୁରକୁ ମାଡ଼ି ବସିଥିଲା, ତେଣୁ ଠେକୁଆର ଦେହ ଓ ସିଂହର ମୁଣ୍ଡ ଥିବା ଚିହ୍ନ ସେହି ସମୟରୁ ବଡ଼ମ୍ବା ରାଜବଂଶର ଚିହ୍ନ ଭାବରେ ପ୍ରଚଳିତ ହୋଇଆସୁଛି । ଏହି ଚିହ୍ନକୁ ପାଲଟାସିଂହବାନା ବା ସନ୍ତକ ବୋଲି କୁହାଯାଏ । ବଡ଼ମ୍ବା ରାଜବଂଶର ରାଜାମାନେ ରାଜାହେବା ସମୟରେ ଏହି ସ୍ଥାନରେ ହିଁ ସିଂହାସନ ଆରୋହଣ କରିଥାଆନ୍ତି ।

ଶଶାଙ୍ଗ ଗ୍ରାମଟି ମହାନଦୀ କୂଳରେ ଅବସ୍ଥିତ । କ୍ଷତ୍ରିୟମାନଙ୍କୁ ବିନାଶ କରିବା ପାଇଁ ରାଜ୍ୟ ପରେ ରାଜ୍ୟ ଭ୍ରମଣ କରୁଥିଲେ । ସେ ତାଙ୍କର ଭ୍ରମଣ ସମୟରେ ଆସି ପହଞ୍ଚିଥିଲେ ବଡ଼ମ୍ବା ଅଞ୍ଚଳର ମହାନଦୀ କୂଳର ରତ୍ନଗିରି ପର୍ବତରେ । ସ୍ଥାନଟିର ମନୋରମ ସୌନ୍ଦର୍ଯ୍ୟ ଓ ନିର୍ଜନତାରେ ଆକୃଷ୍ଟ ହୋଇ ସେଠାରେ ସେ ଦେବୀ ଦୁର୍ଗାଙ୍କୁ ତପସ୍ୟା କରିବାକୁ ଲାଗିଲେ। ଦେବୀ ଦୁର୍ଗା ପର୍ଶୁରାମଙ୍କ ତପସ୍ୟାରେ ପ୍ରସନ୍ନ ହୋଇ ତାଙ୍କୁ କହିଥିଲେ ଯେ ଶରମୁନରେ ପ୍ରସ୍ତର ଦେହରେ ଏକ ଦେବୀମୂର୍ତ୍ତି ଖୋଦନ କରି ତାହାଙ୍କୁ ଦେବୀ ଭଟ୍ଟାରିକା ନାମରେ ପୂଜା କରିବା ପାଇଁ । ଦେବୀ ଦୁର୍ଗାଙ୍କ କଥାମାନି ପର୍ଶୁରାମ ତାଙ୍କ ଶର ମୁନରେ ପଥର ଦେହରେ ଖୋଦନ କରିଥିବା ମୂର୍ତ୍ତି ଆଜି ଭଟ୍ଟାରିକା ନାମରେ ମନ୍ଦିର ମଧ୍ୟରେ ପୂଜା ପାଉଛନ୍ତି । ତେଣୁ କେହି କେହି ବଡ଼ମ୍ବାର ଶକ୍ତିପୀଠ ଭଟ୍ଟାରିକାକୁ ପର୍ଶୁରାମପୀଠ ମଧ୍ୟ କୁହନ୍ତି ।

ବଡ଼ମ୍ବା ବ୍ଲକର ଶଶାଙ୍ଗ ଗ୍ରାମରେ ଅବସ୍ଥିତ ଏହି ଦେବୀ ଭଟ୍ଟାରିକାଙ୍କ ପୀଠରେ ପ୍ରତ୍ୟେକ ବର୍ଷ ଆଶ୍ୱିନ ମାସ ମହାଷ୍ଟମୀ ଦିନ ଏକ ଯାତ୍ରା ଅନୁଷ୍ଠିତ ହୁଏ । ସେଦିନ ପାଖ ଆଖ ଗ୍ରାମଗୁଡ଼ିକରୁ ହଜାର ହଜାର ସଂଖ୍ୟାରେ ଭକ୍ତମାନେ ଆସି ଠାକୁରାଣୀଙ୍କୁ ଦର୍ଶନ କରିଥାଆନ୍ତି । ଶକ୍ତିପୀଠ ଭଟ୍ଟାରିକାର ଏହି ମହାଷ୍ଟମୀ ଯାତ୍ରାକୁ ବଡ଼ମ୍ବା ରାଜା ଫକୀର ଚନ୍ଦ୍ର ମଙ୍ଗରାଜ ମହାପାତ୍ର (୧୭୧୧-୧୭୪୩) ଆରମ୍ଭ କରିଥିଲେ ।

ଦେବୀ ଭଟ୍ଟାରିକାଙ୍କୁ ନେଇ ବଡ଼ମ୍ବା ଅଞ୍ଚଳରେ ରହିଛି ଅନେକ କିମ୍ବଦନ୍ତୀ । ପ୍ରକୃତରେ ଇତିହାସ ଯେତେବେଳେ ନୀରବ ଥାଏ ସେତେବେଳେ ଲୋକ କିମ୍ବଦନ୍ତୀ ହିଁ କୌଣସି ଦେଶ ବା ରାଜ୍ୟର ଅତୀତ ସମ୍ବନ୍ଧରେ କିଛି ଇତିହାସର ସୂଚନା ଦେଇଥାଏ । ସେହି କିମ୍ବଦନ୍ତୀ କୁ ଆଧାର କରି ଦେଶ ବା ରାଜ୍ୟର ଅତୀତ ସମ୍ବନ୍ଧରେ କିଛି ଜାଣିବାର ପ୍ରୟାସ କରାଯାଇଥାଏ। ଦେବୀ ଭଟ୍ଟାରିକାଙ୍କୁ ନେଇ ଗୋଟିଏ କିମ୍ବଦନ୍ତୀ ହେଉଛି ଏହିପରି -

ISSN NO.
2582-208X

ରାଜା ପଦ୍ମନାଭ ବୀରବର ମଙ୍ଗରାଜ ମହାପାତ୍ର (୧୭୪୮-୧୭୯୩) ଙ୍କ ଶାସନ ସମୟରେ ହଠାତ୍ ଦିନେ ଖଣ୍ଡପଡ଼ା ରାଜା ତାଙ୍କର ସୈନ୍ୟମାନଙ୍କ ସହିତ ଆସି ବଡ଼ମ୍ବା ଗଡ଼କୁ ଘେରାଉ କଲେ ଓ ଦୀର୍ଘ ୧୩ ମାସଧରି ବଡ଼ମ୍ବାରେ ରହି ରାଜାଙ୍କୁ ଗାଦିଚ୍ୟୁତ କରି ବଡ଼ମ୍ବା ଅଧିକାର କରିନେବାକୁ ଚେଷ୍ଟା ଚଳାଇଲେ । ରାଜା ପଦ୍ମନାଭ ଖଣ୍ଡପଡ଼ା ରାଜାଙ୍କର ସୈନ୍ୟବଳ ଦେଖି, ସେମାନଙ୍କ ସହିତ ଲଢ଼ିବାକୁ ସାହସ କରି ପାରିଲେନାହିଁ । ରାଜା ପଦ୍ମନାଭ ତାପରେ ଅନନ୍ୟୋପାୟ ହୋଇ ଖୋର୍ଦ୍ଧା ରାଜା ଓ ମାଆ ଭଟ୍ଟାରିକାଙ୍କର ଶରଣାପର୍ଣ୍ଣ ହେଲେ । ଖୋର୍ଦ୍ଧା ରାଜା ସୈନ୍ୟସାମନ୍ତ ପଠାଇଲେ ଓ ମାଆ ଭଟ୍ଟାରିକା ମଧ୍ୟ ଯୁଦ୍ଧରେ ସହାୟ ହେବାପାଇଁ ରାଜାଙ୍କୁ ପ୍ରତିଶ୍ରୁତି ଦେଲେ ।

ଦିନେ ବୈଶାଖ ମାସରେ ହଠାତ୍ ଭୟଙ୍କର କୁହୁଡ଼ି ଘୋଟିଗଲା, ମୁହଁକୁ ମୁହଁ ଦେଖାଗଲା ନାହିଁ । ଠିକ୍ ଏହି ସମୟରେ ରାଜା ପଦ୍ମନାଭ ତାଙ୍କର ସୈନ୍ୟମାନଙ୍କୁ ନେଇ ଖଣ୍ଡପଡ଼ା ରାଜାଙ୍କ ସୈନ୍ୟମାନଙ୍କ ଉପରେ ଆକ୍ରମଣ କଲେ; ଘନ କୁହୁଡି ହେତୁ ଖଣ୍ଡପଡ଼ା ରାଜାଙ୍କ ସୈନ୍ୟମାନେ ଆପଣା ପର ବୁଝି ନ ପାରି ନିଜ ନିଜ ମଧ୍ୟରେ ହଣାହଣି ହେବାରେ ଲାଗିଗଲେ । ଲୋକମାନେ କୁହନ୍ତି ଯେ, ଜଣେ ସ୍ତ୍ରୀ ଲୋକ ସେହି ଯୁଦ୍ଧ ଭୂଇଁରେ ଘୋଡ଼ାରେ ଚଢ଼ି ଖଣ୍ଡପଡ଼ା ରାଜାଙ୍କ ସୈନ୍ୟମାନଙ୍କୁ ହତ୍ୟା କରୁଥିଲେ । ସେହି ସ୍ତ୍ରୀ ଲୋକଜଣକ ମାଆ ଭଟ୍ଟାରିକା ବୋଲି ଲୋକମାନେ ବିଶ୍ୱାସ କରନ୍ତି । ଖଣ୍ଡପଡ଼ା ରାଜାଙ୍କ ସୈନ୍ୟମାନେ ଜୀବନ ରକ୍ଷା ଉଦ୍ଦେଶ୍ୟରେ ପଳାୟନ କରୁଥିବା ବେଳେ ସେମାନଙ୍କୁ ମାଆ ଭଟ୍ଟାରିକା, ଖୋର୍ଦ୍ଧା ରାଜାଙ୍କ ସୈନ୍ୟ ଓ ବଡ଼ମ୍ବା ରାଜାଙ୍କ ସୈନ୍ୟମାନେ ହାଣି ଚାଲିଥିଲେ । ସେମାନେ ପଳାୟନ କରିବା ରାସ୍ତାରେ ଏତେ ରକ୍ତ ପଡ଼ିଥିଲା ଯେ ସେହି ରାସ୍ତା ବା ଦଣ୍ଡାକୁ ରକ୍ତପଟା ଦଣ୍ଡା କୁହାଯାଏ । ଯେଉଁ ସ୍ଥାନରେ ଏ ରକ୍ତାକ୍ତ ସଂଘର୍ଷ ଘଟିଥିଲା ବା ବାଦ ଲାଗିଥିଲା ସେହି ସ୍ଥାନରେ ରାଜା ପଦ୍ମନାଭ ଏକ ଗାଆଁ ବସାଇ ତାରନାମ "ବାଦଭୂଇଁ" ଦେଇଥିଲେ (ଏହି ପ୍ରବନ୍ଧ ଲେଖକର ଗାଆଁ ହେଉଛି ସେହି ବାଦଭୂଇଁ) । ଏହି ବାଦଭୂଇଁ ଗ୍ରାମର ଦକ୍ଷିଣ ପାର୍ଶ୍ୱରେ ରହିଛି ଏକ ଲଣ୍ଡା ପାହାଡ଼ ଓ ପାହାଡ଼ର ପାଦଦେଶରେ ଥିବା ଗହୀରକୁ ରକ୍ତପଟା ଗହିର କୁହାଯାଏ । ବାଦଭୂଇଁ ଗାଆଁର ଦକ୍ଷିଣ-ପଶ୍ଚିମ ଦିଗରେ ରହିଛି ରକ୍ତପଟା ଦଣ୍ଡା ।

ମାଆ ଭଟ୍ଟାରିକାଙ୍କ ମହିମାରୁ ସର୍ବଦା ବଡ଼ମ୍ବା ରାଜା ଯୁଦ୍ଧରେ ଜୟଲାଭ କରନ୍ତି । ଧୀରେ ଧୀରେ ମାଆ ଭଟ୍ଟାରିକାଙ୍କର ମହିମା ଚର୍ତୁଦିଗରେ ବୃଦ୍ଧି ପାଇବାରେ ଲାଗିଥାଏ । ପୁଣି ସେହି ରାଜା ପଦ୍ମନାଭ ବୀରବର ମଙ୍ଗରାଜ ମହାପାତ୍ରଙ୍କ ଶାସନ କାଳର କଥା । ଏକଦା ଖଣ୍ଡପଡ଼ାରୁ କେତେକ ଚୋର ଆସି ଭଟ୍ଟାରିକା ମନ୍ଦିର ମଧ୍ୟରୁ ଭଟ୍ଟାରିକାଙ୍କର ସୁନାର

ISSN NO.
2582-208X

ପ୍ରତିମା ଚୋରାଇ ନେଲେ । ଲୋକମାନେ କହନ୍ତି ଚୋରମାନେ ଯେତେବେଳେ ମଝି ନଇରେ ପହଞ୍ଚିଲେ ସେମାନଙ୍କୁ ଆଉ ବାଟ ଦେଖାଗଲା ନାହିଁ । ସେମାନେ ଭାବିଲେ ଏହା ଭଟ୍ଟାରିକାଙ୍କ ମାୟା । ସେମାନେ ନଦୀବାଲିରେ ସୁନାର ପ୍ରତିମାକୁ ପୋତି ଦେଇ ପଳାୟନ କଲେ । ରାଜା ପଦ୍ମନାଭଙ୍କୁ ଏକଥା ମାଆ ଭଟ୍ଟାରିକା ସ୍ୱପ୍ନରେ ଜଣାଇବାରୁ ରାଜା ନଦୀବାଲିରୁ ସୁନାର ପ୍ରତିମାକୁ ଉଦ୍ଧାର କଲେ । ସେବେଠାରୁ ଭଟ୍ଟାରିକାଙ୍କ ସୁନାର ପ୍ରତିମା ବଡ଼ମ୍ବା ରାଜ ନଅରରେ ରହିଛି ଓ ଶଶାଙ୍ଗ ଗ୍ରାମରେ ଥିବା ମୁଖ୍ୟ ମନ୍ଦିରରେ ପ୍ରସ୍ତର ମୂର୍ତ୍ତି ପୂଜା କରାଯାଏ ।

ଦେବୀ ଭଟ୍ଟାରିକାଙ୍କୁ ନେଇ ଅନ୍ୟ ଯେଉଁ ଲୋକ କିମ୍ବଦନ୍ତୀଟି ରହିଛି, ତହା ହେଲା- ଦଶହରା ସମୟରେ  ବଡ଼ମ୍ବା ରାଜା ଯେଉଁ ପଗଡ଼ିଟି ପିନ୍ଧନ୍ତି ତାହାକୁ ଖିଡ଼ିକ୍‌ଦାରପାଗ କୁହନ୍ତି । ସେହି ପଗଡ଼ିଟି ଢେଙ୍କାନାଳ ରାଜାଙ୍କ ଉପରେ ଯୁଦ୍ଧର ଜୟ ଚିହ୍ନ ସ୍ୱରୂପ  ବଡ଼ମ୍ବା ରାଜା ତାହା ଦଶହରା ସମୟରେ ପିନ୍ଧିଥାଆନ୍ତି । ବର୍ତ୍ତମାନ ତାହା  ବଡ଼ମ୍ବା ରାଜବାଟୀରେ ରହିଛି । ଢେଙ୍କାନାଳ ରାଜା  ବଡ଼ମ୍ବା ସୀମାନ୍ତର ଦୁଇଟି ଗାଆଁ ଝୁଂପୁଡ଼ିଆ ଓ କାଳିକାପ୍ରସାଦକୁ ଅଧିକାର କରିନେଇଥିଲେ । ଢେଙ୍କାନାଳ ରାଜାଙ୍କ ସୈନ୍ୟମାନେ ବଡ଼ମ୍ବା ଗଡ଼ର ଅଳ୍ପଦୂରରେ ଥିବା ବଡ଼ବାରସିଂହ ଗ୍ରାମଯାଏ ମାଡ଼ି ଆସିଥିଲେ । ରାଜା ପଦ୍ମନାଭ ମଙ୍ଗରାଜ ମହାପାତ୍ର ଦେବୀ ଭଟ୍ଟାରିକାଙ୍କ ଶରଣାପନ୍ନ ହେଲେ ଓ ଦେବୀଙ୍କଠାରୁ ଭରସା ପାଇ ଯୁଦ୍ଧକୁ ବାହାରିଲେ । ବଡ଼ମ୍ବାର ବୁଢ଼ାପଙ୍କ ନାମକ ଗ୍ରାମଠାରେ ଘମାଘୋଟ ଲଢ଼େଇ ହେଲା । କୁହାଯାଏ ମାଆ ଭଟ୍ଟାରିକା ଏଠାରେ ଯୁଦ୍ଧ ସମୟରେ ଏକ ସୁନ୍ଦରୀ ଗଉଡୁଣୀ ବେଶରେ ଦହି ବିକ୍ରି କରୁଥିଲେ ଓ ତାହାଦ୍ୱାରା ସେ ଢେଙ୍କାନାଳ ରାଜାଙ୍କର ସୈନ୍ୟମାନଙ୍କୁ ମୋହଗ୍ରସ୍ତ କରିଦେଇଥିଲେ । ତେଣୁ  ବଡ଼ମ୍ବା ରାଜାଙ୍କ ସୈନ୍ୟମାନେ ଢେଙ୍କାନାଳର ସୈନ୍ୟମାନଙ୍କୁ ହତ୍ୟାକରି ଯୁଦ୍ଧରେ ଜୟଲାଭ କରିଥିଲେ ଓ ଢେଙ୍କାନାଳ ରାଜାଙ୍କୁ ଧରି ଆଣିଥିଲେ । ଢେଙ୍କାନାଳ ରାଜାଙ୍କୁ ହତ୍ୟା ନ କରି ତାଙ୍କର ପଗଡ଼ିଟି ମାତ୍ର ରଖି ଦୟାକରି ତାଙ୍କୁ ବଡ଼ମ୍ବା ରାଜା ଛାଡ଼ି ଦେଇଥିଲେ । ସେହିଦିନ ଠାରୁ ସେହି ପଗଡ଼ିଟିକୁ ବଡ଼ମ୍ବା ରାଜ ନଅରରେ ରଖାଯାଇଛି ।

### ବଡ଼ମ୍ବା ଗଡ଼ଜାତର ରାଜାମାନଙ୍କର ଶାସନ ସମୟ

ବଡ଼ମ୍ବା ଗଡ଼ଜାତର ପ୍ରତିଷ୍ଠାତା ଓ ପ୍ରଥମ ରାଜା :-୧. ହଟ୍ଟକିଶୋର ରାଉତ (୧୩୦୫-୧୩୨୭) : ଶାସନ କାଳ ୨୨ବର୍ଷ । ମହାନଦୀ କୂଳରେ ଥିବା ଶଶାଙ୍ଗ ଗ୍ରାମର ଅମାଇତକୁ

ISSN NO.
2582-208X

ହତ୍ୟାକରି ସେ ବଡ଼ମ୍ବାର ସାମ୍ରାଜ୍ୟ ମହାନଦୀ କୂଳଯାଏ ବିସ୍ତୃତ କରାଇଥିଲେ । ସେ ବଡ଼ମ୍ବାର ରାଜନଅର ତୋଳାଇଥିଲେ ।

୨. ମଲ୍ଲକିଶୋର ରାଉତ (୧୩୨୭-୧୩୪୫) : ଶାସନ କାଳ ୧୮ବର୍ଷ । ହଟ୍ଟକିଶୋରଙ୍କର କୌଣସି ସନ୍ତାନ ସନ୍ତତି ନଥିବାରୁ ତାଙ୍କର ସାନଭାଇ ମଲ୍ଲକିଶୋର ରାଉତ ହଟ୍ଟକିଶୋରଙ୍କ ଅନ୍ତେ ରାଜଗାଦିରେ ବସିଥିଲେ । ବଡ଼ମ୍ବା ଗଡ଼ର ଦକ୍ଷିଣ-ପୂର୍ବ ଦିଗରେ ଗଡ଼ ପୋଖରା ନାମରେ ଏକ ଗଡ଼ ତିଆରି କରିଥିଲେ । ସେ ଗଡ଼ ଏବେ ଆଉ ନାହିଁ । ଏବେ ସେଠାରେ ଯେଉଁ ଗାଆଁଟି ଅଛି, ତାର ନାମ ଗଡ଼ାପୋଖରୀ । ବଡ଼ମ୍ବା ଗଡ଼ର ଅଳ୍ପ ଦୂରରେ ସେ ଦେଉଳି ନାମକ ଗାଆଁ ବସାଇଥିଲେ । ଭଟ୍ଟାରିକାଙ୍କର ସେବାପୂଜା ଖଞ୍ଜାଇଥିଲେ । ସେତେବେଳେ କଉଡ଼ି ଚଳୁଥିଲା । ଖଜଣା ସ୍ୱରୂପ ସେ ପ୍ରଜାମାନଙ୍କ ଠାରୁ କଉଡ଼ି ଆଦାୟ କରୁଥିଲେ ଓ ତାହାର କିଛି ଭାଗ ପୁରୀ ରାଜାଙ୍କ ପାଖକୁ ପଠାଉଥିଲେ । ଭଟ୍ଟାରିକା ହେଉଛନ୍ତି ରାଜ୍ୟର ଶ୍ରେଷ୍ଠମାତା ବା ବୃହଦମ୍ବା । ତେଣୁ ମଲ୍ଲକିଶୋର ରାଜ୍ୟର ନାମ ବୃହଦମ୍ବା ରଖିଥିଲେ ।

୩. ଦୁର୍ଗେଶ୍ୱର ରାଉତ (୧୩୪୫-୧୩୭୫) : ଶାସନ କାଳ ୩୦ବର୍ଷ । ସେ ସମୟରେ କଦନା, ରତାଗଡ଼, ବୁଢ଼ାପଙ୍କ ଇତ୍ୟାଦି ଗ୍ରାମ ଜଣେ ଜଣେ ଅମାଇତଙ୍କ ଅଧୀନରେ ଥିଲା । ରାଜା ଦୁର୍ଗେଶ୍ୱର ପୂର୍ବଦିଗରୁ ତିଗିରିଆ, ବାଙ୍କୀ ଓ ଉତ୍ତର ଦିଗରୁ ଢେଙ୍କାନାଳ ଗଡ଼ଜାତର ଶତ୍ରୁମାନେ ଯେପରି ରାଜ୍ୟରେ ପଶି ନ ପାରିବେ ସେଥିପାଇଁ ସେସବୁ ଗ୍ରାମଗୁଡ଼ିକର ଅମାଇତଙ୍କ ଅଧିନରୁ ସେ ଗ୍ରାମଗୁଡ଼ିକୁ ଆଣି ସେ ତିନୋଟି ଗ୍ରାମରେ ତିନୋଟି ଗଡ଼ ବସାଇଥିଲେ । ସେ ଗଡ଼ର ପୂର୍ବଦିଗରେ ଚମ୍ପେଇଦ୍ୱାର ନାମକ ଗ୍ରାମ ବସାଇ ତହିଁରେ ସୈନ୍ୟ ରଖିଥିଲେ । ନିଜ ନାଆଁରେ ଦୁର୍ଗାପୁର ନାମକ ଏକ ଗ୍ରାମ ବସାଇଥିଲେ । ତାହାକୁ ଏବେ ଗୁରୁଡ଼ିପାଳ କୁହାଯାଉଛି ।

୪. ଯମେଶ୍ୱର ରାଉତ (୧୩୭୫-୧୪୧୬) :ଶାସନ ସମୟ ୪୧ବର୍ଷ । ଯମେଶ୍ୱର ହେଉଛନ୍ତି ରାଜା ଦୁର୍ଗେଶ୍ୱରଙ୍କ ବଡ଼ ପୁଅ । ଯମେଶ୍ୱର ଖାରୋଡ଼ର ରାଜା ସୁମନେଶ୍ୱରଙ୍କୁ ପରାସ୍ତ କରି ଖାରୋଡ଼କୁ ବଡ଼ମ୍ବା ରାଜ୍ୟରେ ମିଶାଇଥିଲେ ଓ ଖାରୋଡ଼ର ପ୍ରସିଦ୍ଧ ଠାକୁରାଣୀ ମା' ମହାକାଳୀଙ୍କ ମନ୍ଦିରରେ ନିତ୍ୟ ପୂଜାର୍ଚ୍ଚନାର ବନ୍ଦୋବସ୍ତ କରାଇଥିଲେ । ସେ ତାଳମୁଣ୍ଡଳୀ ଗାଆଁ ବସାଇଥିଲେ । ତିଗିରିଆ ରାଜାଙ୍କୁ ପରାସ୍ତ କରି ସେଠାରୁ ଜଗନ୍ନାଥ ମୂର୍ତ୍ତିକୁ ନେଇଆସି ତାଳମୁଣ୍ଡଳୀ ଗାଆଁରେ ରଖି, ସେଠାରେ ରଥଯାତ୍ରା ଆରମ୍ଭ କରାଇଥିଲେ ।


ISSN NO.
2582-208X

୫. ଭୋଳେଶ୍ୱର ରାଉତ (୧୪୧୬-୧୪୫୯) : ଶାସନକାଳ ୪୩ବର୍ଷ । କେତୋଟି ଗ୍ରାମର ମୁଖ୍ୟଙ୍କୁ ସେତେବେଳେ ଅମାଇତ କୁହାଯାଉଥିଲା । ଏମିତି କେତେଜଣ ଅମାଇତଙ୍କ ସହଯୋଗ ପାଇ ରାଜା ଭୋଳେଶ୍ୱର ରାଉତ ନରସିଂହପୁର ରାଜାଙ୍କ ସହିତ ଯୁଦ୍ଧ କରି ତାଙ୍କୁ ଯୁଦ୍ଧରେ ହରାଇଥିଲେ ଓ ରତାପାଟ ଗ୍ରାମ ଯାଏ ବଡ଼ମ୍ବାର ସୀମା ପଶ୍ଚିମ ଦିଗରେ ବୃଦ୍ଧି କରାଇଥିଲେ । ଅମାଇତମାନଙ୍କ ସହଯୋଗରେ ଯୁଦ୍ଧ ଜୟ କରିଥିବାରୁ ସେ "ଅମାଇତିଆ" ନାମକ ଗଡ଼ ନିର୍ମାଣ କରି ସେଠାରେ ସୈନ୍ୟ ସାମନ୍ତମାନଙ୍କୁ ରଖିଥିଲେ । ଏବେ ସେଠାରେ "ଅମାଇତିଆ" ନାମକ ଗ୍ରାମଟିଏ ବସିଛି ।

୬. କାହ୍ନୁଚରଣ ରାଉତ (୧୪୫୯-୧୫୧୪) :ଶାସନକାଳ ୫୫ବର୍ଷ । ପୂର୍ବଦିଗରେ ବଡ଼ମ୍ବାର ସୀମା ମହୁଲିଆ ନାମକ ଗ୍ରାମଯାଏ ସେ ବିସ୍ତୃତ କରାଇଥିଲେ । ସେ ବଡ଼ମ୍ବାର ସୁରକ୍ଷା ପାଇଁ ପଶ୍ଚିମ ଦିଗରେ ରତାପାଟ ଗ୍ରାମରେ ଏକ ଗଡ଼ ବସାଇଥିଲେ । ସେଠାରେ ଗଡ଼ନାୟକ, ଦଳବେହେରା ମାନଙ୍କୁ ରଖି ଅନେକ ତୋପ ଓ ହାତ ହତିଆର ସାଇତି ରଖିଲେ । ଏବେ ମଧ୍ୟ ଆଶ୍ୱିନ ମାସରେ ରତାପାଟ ଗଡ଼ରେ ଅସ୍ତ୍ରଶସ୍ତ୍ର ପୂଜା ହେଉଛି । ଗାନ, ବାଜଣା ଜାଣିଥିବା ଜଣେ ଯୋଗ୍ୟ ବ୍ୟକ୍ତିଥିଲେ ରାଜା କାହ୍ନୁଚରଣ ।

୭. ମାଧବ ରାଉତ (୧୫୧୪-୧୫୩୭) : ଶାସନ କାଳ ୨୩ବର୍ଷ । ମାଧବ ରାଉତ ହେଉଛନ୍ତି କାହ୍ନୁଚରଣ ରାଉତଙ୍କ ମଧ୍ୟମ ପୁତ୍ର । ସେ ଥିଲେ ଖୁବ୍ ବଳବାନ୍ ବ୍ୟକ୍ତି । ଲୋକେ କୁହନ୍ତି ବଡ଼ମ୍ବା ନିକଟସ୍ଥ ମହାନଦୀ ମଧ୍ୟରେ ଏକ କୁଦ ଉପରେ ଯେଉଁ ସିଂହନାଥ ମନ୍ଦିରଟି ଅଛି ତାହା ଲଳିତେନ୍ଦ୍ର କେଶରୀଙ୍କ ଜଣେ କର୍ମଚାରୀଙ୍କ ଦ୍ୱାରା ନିର୍ମିତ । ଏବେ (୨୦୨୧ ମସିହାରେ ଲୋକାର୍ପିତ) ବଡ଼ମ୍ବାର ଗୋପିନାଥପୁର ଗ୍ରାମଠାରୁ ବାଙ୍କୀର ବୈଦେଶ୍ୱର ଗ୍ରାମ ଯାଏ ଲମ୍ବିଥିବା ମହାନଦୀ ଉପରେ ନିର୍ମିତ ଟି-ବ୍ରିଜ ବୋଲି କୁହାଯାଉଥିବା ବ୍ରିଜ୍ ବା ପୋଲରୁ ଇଂରାଜୀ ଅକ୍ଷର ଟି-ର ଗୋଟିଏ ଅଂଶ ପରି ପୋଲଟିର ଏକ ଅଂଶ ମହାନଦୀ ଉପରେ ଲମ୍ବିଯାଇ ସିଂହନାଥ ପୀଠସହିତ ସଂଯୁକ୍ତ ହୋଇଛି । ଏହି ଟି- ବ୍ରିଜ୍ ର ଦୈର୍ଘ୍ୟ ୩ କିଲୋମିଟର ୪୦୦ମିଟର ଓ ଏହା ଓଡ଼ିଶାର ସବୁଠାରୁ ଲମ୍ବା ପୋଲ ଅଟେ । ଏହି ସିଂହନାଥ ମନ୍ଦିରଟି ନବମ ଶତାବ୍ଦୀରେ ନିର୍ମିତ । ଏହି ସିଂହନାଥଙ୍କ ପୀଠରେ ପ୍ରତିବର୍ଷ ମକର ସଂକ୍ରାନ୍ତି ଦିନ ଯେଉଁ ମକର ଯାତ୍ରା ହେଉଛି ତାହା ରାଜା ମାଧବ ରାଉତ ଆରମ୍ଭ କରିଥିଲେ ।

ISSN NO.
2582-208X



୮. ନବୀନ ଚନ୍ଦ୍ର ରାଉତ (୧୫୩୭-୧୫୬୦) : ଶାସନ ସମୟ ହେଉଛି ୨୩ବର୍ଷ । ରାଜା ମାଧବ ରାଉତଙ୍କ ବଡ଼ରାଣୀଙ୍କ ପୁଅ ହେଉଛନ୍ତି ନବୀନଚନ୍ଦ୍ର ରାଉତ । ଓଡ଼ିଶାର ଏକ ପ୍ରସିଦ୍ଧ ଗ୍ରାମ ହେଉଛି ମାଣିଆବନ୍ଧ । ସୁନ୍ଦର ବାନ୍ଧପକା କାମ ପାଇ ଏହାର ନାଆଁ ରହିଛି । ମାଣିଆବନ୍ଧୀ ଶାଢ଼ୀ ଓଡ଼ିଶାରେ ବିଖ୍ୟାତ । ଏହି ମାଣିଆବନ୍ଧ ଗ୍ରାମର ପ୍ରତିଷ୍ଠାତା ହେଉଛନ୍ତି ରାଜା ନବୀନ ଚନ୍ଦ୍ର ରାଉତ । ତିଗିରିଆ ରାଜାଙ୍କ ସଙ୍ଗେ ସେ ଯୁଦ୍ଧ କରି ବିଧାରପୁର ଗ୍ରାମଟିକୁ ବଡ଼ମ୍ବା ଅଧିନକୁ ନେଇ ଆସିଥିଲେ । ମୁସଲମାନ ସୈନ୍ୟମାନଙ୍କୁ ରଖି ସେ ଏକ ଗ୍ରାମ ବସାଇଥିଲେ ଯାହାର ନାମ ହେଉଛି "କାଞ୍ଜିଆପାଳ" । ପୁରୀ ରାଜାଙ୍କ ଅଧିନରେ ଥିବା ଓଡ଼ିଶାର ରାଜାମାନଙ୍କୁ ସେତେବେଳେ ସାମନ୍ତରାଜା କୁହାଯାଉଥିଲା । ସାମନ୍ତରାଜାମାନଙ୍କ ମଧ୍ୟରେ ଯେ ଶ୍ରେଷ୍ଠ ତାକୁ "ସାମନ୍ତସିଂହାର" ପଦ ପୁରୀ ରାଜା ଦେଇଥିଲେ । ରାଜା ନବୀନ ଚନ୍ଦ୍ର ନାନା ଶାସ୍ତ୍ରରେ ପଣ୍ଡିତ ଥିଲେ । ତେଣୁ ତାଙ୍କୁ ପୁରୀରାଜା "ସାମନ୍ତସିଂହାର" ପଦରେ ଅଳଙ୍କୃତ କରିଥିଲେ ।

୯. ବଜ୍ରଧର ରାଉତ (୧୫୬୦-୧୫୮୪) : ଶାସନକାଳ ୨୪ବର୍ଷ । ରାଜା ନବୀନ ଚନ୍ଦ୍ର ରାଉତଙ୍କ ପୁଅ ହେଉଛନ୍ତି ବଜ୍ରଧର ରାଉତ । ବଡ଼ମ୍ବା ଗଡ଼ର ଚାରିପାଖରେ ଚାରୋଟି ଦ୍ୱାର ଅଛି । ଏହି ଗଡ଼ଦ୍ୱାର ମଧ୍ୟରୁ ଚମ୍ପେଇଦ୍ୱାର ପୂର୍ବପାଖରେ ଆଗରୁ ନିର୍ମିତ ହୋଇଥିଲା । ରାଜା ବଜ୍ରଧର ପଶ୍ଚିମ ପାଖରେ ଗୁଣ୍ଡଦ୍ୱାର, ଉତ୍ତର ଦିଗରେ ପୋଟଖୋଲ,ଗଡ଼ଖୋଲ ଦ୍ୱାର, ଦକ୍ଷିଣ ପାଖରେ ଦକ୍ଷିଣ ଦ୍ୱାର କରିଥିଲେ । ଏହି ଦକ୍ଷିଣ ଦ୍ୱାରକୁ ଖଣ୍ଡାମାଳ ଯୁଦ୍ଧ ପରେ ଖଣ୍ଡାମାଳ ଦ୍ୱାର କୁହାଗଲା । ବଡ଼ମ୍ବା ଗଡ଼ରେ ପ୍ରଥମେ ରାଜା ବଜ୍ରଧରଙ୍କ ଦ୍ୱାରା ରଥଯାତ୍ରା ଆରମ୍ଭ କରାଯାଇଥିଲା । ବଡ଼ମ୍ବା ଗଡ଼ରେ ସେ ରଘୁନାଥ ମଠ ତିଆରି କରାଇଥିଲେ ।

ISSN NO.
2582-208X

୧୦. ଚନ୍ଦ୍ରଶେଖର ମଙ୍ଗରାଜ (୧୫୮୪-୧୬୧୭) : ଶାସନ କାଳ ୩୩ ବର୍ଷ । ରାଜା ଚନ୍ଦ୍ରଶେଖର ରାଉତ ହେଉଛନ୍ତି ରାଜା ବଜ୍ରଧର ରାଉତଙ୍କ ଜ୍ୟେଷ୍ଠପୁତ୍ର । ମଙ୍ଗରାଜର ଅର୍ଥ ହେଉଛି ନୌସେନାଧ୍ୟକ୍ଷ । ଜଳପଥରେ ଯେଉଁମାନେ ଯୁଦ୍ଧ କରନ୍ତି, ସେହି ସୈନିକମାନଙ୍କର ମୁଖ୍ୟଙ୍କୁ ନୌସେନାଧ୍ୟକ୍ଷ କୁହାଯାଏ ବା ସେ ସମୟରେ ▯ମଙ୍ଗରାଜ▯ କୁହାଯାଉଥିଲା । ବଡ଼ମ୍ବା ରାଜା ଚନ୍ଦ୍ରଶେଖର ରାଉତ ଜଣେ ଅତି ଯୋଗ୍ୟ ନୌସେନାଧ୍ୟକ୍ଷ ଥିବାରୁ ପୁରୀ ରାଜା ଶ୍ରୀ ରାମଚନ୍ଦ୍ର ଦେବ ତାଙ୍କୁ ଏହି ଉପାଧି ପ୍ରଦାନ କରିଥିଲେ ।

ରାଜା ଚନ୍ଦ୍ରଶେଖର ମଙ୍ଗରାଜ ଚାରିପାଳ ବସାଇଥିଲେ ଓ ସେଥିରେ ନାନା ପ୍ରକାର ସୈନ୍ୟମାନଙ୍କୁ ରାଜ୍ୟର ସୁରକ୍ଷା ପାଇଁ ରଖିଥିଲେ । ସେହି ଚାରିପାଳ ହେଲା - ପୋହଳାପାଳ, ମୋତିପାଳ, ରୂପାପାଳ ଓ ସୁନାପାଳ । ପୋହୋଳାପାଳର ବର୍ତ୍ତମାନ ନାମ ସିନ୍ଦୁରିଆ ଗ୍ରାମ, ମୋତିପାଳର ବର୍ତ୍ତମାନର ନାମ ମୂଳିଆବାଙ୍କ ଗ୍ରାମ । ରୂପାପାଳ ମୌଜା ଆଉ ଏବେ ନାହିଁ ଓ ସୁନାପାଳ ଗ୍ରାମଟି ବଡ଼ମ୍ବା ଗଡ଼ରେ ପଶ୍ଚିମକୁ ମାତ୍ର ଦୁଇକିଲୋମିଟର ଦୂରରେ ଯେଉଁଠାରେ କି ଓଡ଼ିଶା ରାଜ୍ୟ ସରକାର ଓ ତାମିଲନାଡୁର ଶକ୍ତିସୁଗାର କମ୍ପାନୀର ମିଳିତ ଉଦ୍ୟମରେ କିଛିବର୍ଷ ତଳେ ଏକ ଚିନିକଳ ବା ସୁଗାରଫ୍ୟାକ୍ଟ୍ରି ଚାଲିଥିଲା । ତାହା ଏବେ ବନ୍ଦ ହୋଇଯାଇଛି । ରାଜା ଚନ୍ଦ୍ରଶେଖର ମଙ୍ଗରାଜ କୃଷ୍ଣଚନ୍ଦ୍ରପୁର ନାମକ ଏକ ବ୍ରାହ୍ମଣଶାସନ ବସାଇଥିଲେ ଓ ତାହା ଏବେ ମଧ୍ୟ ରହିଛି ।

୧୧. ନାରାୟଣ ଚନ୍ଦ୍ର ମଙ୍ଗରାଜ (୧୬୧୭-୧୬୩୫) :ଶାସନ କାଳ ୧୮ ବର୍ଷ । ରାଜା ନାରାୟଣ ଚନ୍ଦ୍ର ମଙ୍ଗରାଜ ଏକ ବଡ଼ ଜଗନ୍ନାଥ ମୂର୍ତ୍ତି ନିର୍ମାଣ କରାଇଥିଲେ ଓ ସିଂହନାଥଙ୍କ ଦେଉଳ ବହୁ ପୁରୁଣା ହୋଇଥିବାରୁ ତାହାର ମରାମତି କରାଇଥିଲେ ।

୧୨. କୃଷ୍ଣଚନ୍ଦ୍ର ମଙ୍ଗରାଜ (୧୬୩୫-୧୬୫୦) : ଶାସନ କାଳ ୧୫ବର୍ଷ । ରାଜା ନାରାୟଣ ଚନ୍ଦ୍ର ମଙ୍ଗରାଜଙ୍କର ପୁଅ ହେଉଛନ୍ତି କୃଷ୍ଣଚନ୍ଦ୍ର ମଙ୍ଗରାଜ । ଏହି ରାଜାଙ୍କ ରାଜୁତି ସମୟରେ ପଠାଣମାନେ ଓଡ଼ିଶାରେ ଶାସନ କରୁଥାଆନ୍ତି । ସେମାନେ ବାରବାର ବଡ଼ମ୍ବା ଆସି ପ୍ରଜାମାନଙ୍କ ଉପରେ ଅତ୍ୟାଚାର କରିବାରୁ ରାଜା କୃଷ୍ଣଚନ୍ଦ୍ର ମଙ୍ଗରାଜ ସେମାନଙ୍କୁ ବର୍ଷକୁ ପ୍ରାୟ ୬୩୩୫ କାହାଣ କଉଡ଼ି ଦେଉଥିଲେ । ଫଳରେ ପଠାଣମାନେ ପ୍ରଜାମାନଙ୍କ ଉପରେ ଅତ୍ୟାଚାର କରିବା ବନ୍ଦ୍ କରିଦେଇଥିଲେ । ଏକ କାହାଣ ହେଉଛି ୧୨୮୦ ସଂଖ୍ୟକ ବସ୍ତୁ । ଏହି ରାଜା ହିନ୍ଦୋଳର ଖଇରା ନାମକ ମାଲକୁ ମାରି ସେଠାରେ ଏକ ଗାଆଁ ବସାଇଥିଲେ । ସେହି ଗାଆଁର ନାମ ଖଇରପଙ୍ଗା । ଏହା କୃଷ୍ଣଚନ୍ଦ୍ରପୁର ଗ୍ରାମର ନିକଟବର୍ତ୍ତୀ ଏକ ଗ୍ରାମ ।

ISSN NO.
2582-208X



୧୩. ଗୋପିନାଥ ମଙ୍ଗରାଜ (୧୬୫୦-୧୬୭୯) : ଶାସନକାଳ ୨୯ ବର୍ଷ । ଗୋପିନାଥ ମଙ୍ଗରାଜ ହେଉଛନ୍ତି ରାଜା କୃଷ୍ଣଚନ୍ଦ୍ର ମଙ୍ଗରାଜଙ୍କ ବଡ଼ରାଣୀଙ୍କ ପୁତ୍ର । ବଡ଼ମ୍ବା ଗଡ଼ରେ ଥିବା ଗୋପିନାଥ ମନ୍ଦିରରେ ରାଜା ଗୋପିନାଥ, ଗୋପିନାଥ ମୂର୍ତ୍ତି ବସାଇଥିଲେ । ମହାନଦୀ କୂଳରେ ଥିବା ଏବେକାର ଗୋପିନାଥପୁର ଗ୍ରାମଟିକୁ ମଧ୍ୟ ରାଜା ଗୋପିନାଥ ମଙ୍ଗରାଜ ବସାଇଥିଲେ ।

୧୪. ବଳଭଦ୍ର ମଙ୍ଗରାଜ (୧୬୭୯-୧୭୧୧) : ଶାସନ କାଳ ୩୨ ବର୍ଷ । ବଳଭଦ୍ର ମଙ୍ଗରାଜ ହେଉଛନ୍ତି ରାଜା ଗୋପିନାଥ ମଙ୍ଗରାଜଙ୍କର ସାନ ରାଣୀଙ୍କର ପୁତ୍ର । ଭଟ୍ଟାରିକାଙ୍କର ମଝି ମନ୍ଦିରଟି ରାଜା ବଳଭଦ୍ର ମଙ୍ଗରାଜ ନିର୍ମାଣ କରିଥିଲେ । ବଡ଼ମ୍ବା ଗଡ଼ର ଉତ୍ତର ପାଖରେ ଥିବା ପାହାଡ଼ ଉପରେ ରାଜା ବଳଭଦ୍ର ସ୍ୱପ୍ନେଶ୍ୱର ମନ୍ଦିର ନିର୍ମାଣ କରିଥିଲେ । ଗଡ଼ର ଦକ୍ଷିଣ ପାଖରେ ଥିବା ସୁନାମୁହିଁ ବନ୍ଧର ନିର୍ମାତା ଥିଲେ ରାଜା ବଳଭଦ୍ର ମଙ୍ଗରାଜଙ୍କର ରାଣୀ ଶୁକଦେବୀ । ଦିନିଆରୀ ଶାସନ ଗ୍ରାମଟିକୁ ବଳଭଦ୍ରପୁର ଶାସନ ମଧ୍ୟ କୁହାଯାଏ । ରାଜା ବଳଭଦ୍ର ମଙ୍ଗରାଜ ଏହି ଗ୍ରାମକୁ ବସାଇଥିଲେ ।

୧୫. ଫକୀରଚନ୍ଦ୍ର ମଙ୍ଗରାଜ ମହାପାତ୍ର (୧୭୧୧-୧୭୪୩) :ଶାସନ କାଳ ୩୨ବର୍ଷ । ଫକୀରଚନ୍ଦ୍ର ମଙ୍ଗରାଜ ହେଉଛନ୍ତି ରାଜା ବଳଭଦ୍ର ମଙ୍ଗରାଜଙ୍କର ପୁତ୍ର । ଓଡ଼ିଶାର ପୁରୀ ରାଜାଙ୍କୁ ଫକୀରଚନ୍ଦ୍ର ସୈନ୍ୟ ସାହାଯ୍ୟ ଯୋଗାଇ ଦେଇଥିଲେ । ଫଳରେ ପୁରୀ ରାଜା ବାଙ୍କୀ ଗଡ଼ଜାତର ରାଣୀ ଶୁକଦେଇଙ୍କୁ ଯୁଦ୍ଧରେ ହରାଇ ଦେଇଥିଲେ । ତେଣୁ ପୁରୀ ରାଜା, ଫକୀରଚନ୍ଦ୍ରଙ୍କୁ ମହାପାତ୍ର ଉପାଧି ଦେଇଥିଲେ । ମହାପାତ୍ର ଅର୍ଥ ଅତିଶୟ ଯୋଗ୍ୟ ବ୍ୟକ୍ତି ।

ISSN NO.
2582-208X

ବଡ଼ମ୍ବାର ଭଟ୍ଟାରିକା ଠାକୁରାଣୀଙ୍କ ପାଖରେ ଆଶ୍ୱିନ ମାସ ମହାଷ୍ଟମୀ ଦିନ ପ୍ରତ୍ୟେକ ବର୍ଷ ଯେଉଁ ଯାତ୍ରାହୁଏ ତାହା ରାଜା ଫକୀରଚନ୍ଦ୍ର ମଙ୍ଗରାଜ ମହାପାତ୍ର ଆରମ୍ଭ କରାଇଥିଲେ । ବଡ଼ମ୍ବାର ଚନ୍ଦନଯାତ୍ରା ଏକ ପ୍ରସିଦ୍ଧ ଯାତ୍ରା । ରାଜା ଫକୀରଚନ୍ଦ୍ର ବଡ଼ମ୍ବା ଗଡ଼ରେ ଚନ୍ଦନଯାତ୍ରା ଆରମ୍ଭ କରିଥିଲେ ।

୧୬. ବେଣୁଧର ମଙ୍ଗରାଜ ମହାପାତ୍ର (୧୭୪୩-୧୭୪୮) : ଶାସନ କାଳ ୫ବର୍ଷ । ବେଣୁଧର ମଙ୍ଗରାଜ  ମହାପାତ୍ର ହେଉଛନ୍ତି ରାଜା ଫକୀରଚନ୍ଦ୍ରଙ୍କର ପୋଷ୍ୟପୁତ୍ର । ବଡ଼ମ୍ବାର ଖଳିମାଟି ଗାଆଁରେ ରହିଛନ୍ତି ବାଙ୍କମୁଣ୍ଡୀ ଠାକୁରାଣୀ । ବାଙ୍କମୁଣ୍ଡୀ ଠାକୁରାଣୀଙ୍କ ପଶ୍ଚିମଦିଗରେ ରହିଛି ମଶାଖାଇ ଗଡ଼ । ଏହି ମଶାଖାଇ ଗଡ଼ର ନିର୍ମାତା ହେଉଛନ୍ତି ରାଜା ବେଣୁଧର ।

୧୭. ପଦ୍ମନାଭ ବୀରବର ମଙ୍ଗରାଜ ମହାପାତ୍ର (୧୭୪୮-୧୭୯୩) : ଶାସନକାଳ ୪୫ବର୍ଷ। ରାଜା ବେଣୁଧର ମଙ୍ଗରାଜ ମହାପାତ୍ର ବିବାହ କରିନଥିଲେ । ତେଣୁ ସେ ପଦ୍ମନାଭଙ୍କୁ ପୋଷ୍ୟପୁତ୍ର ଭାବରେ ଗ୍ରହଣ କରିଥିଲେ । ରାଜା ପଦ୍ମନାଭଙ୍କ ସମୟରେ ଓଡ଼ିଶାରେ ମରହଟ୍ଟା ରାଜାମାନେ ଶାସନ କରୁଥାଆନ୍ତି । ରାଜା କୃଷ୍ଣଚନ୍ଦ୍ର ମଙ୍ଗରାଜଙ୍କ ସମୟରେ ଯେପରି ପଠାଣମାନେ ବଡ଼ମ୍ବା ଗଡ଼ଜାତରେ ପଶି ପ୍ରଜାମାନଙ୍କ ଉପରେ ଅତ୍ୟାଚାର କରୁଥିଲେ, ଠିକ୍ ସେହିପରି ରାଜା ପଦ୍ମନାଭଙ୍କ ସମୟରେ ବଡ଼ମ୍ବା ଗଡ଼ଜାତରେ ପଶି ମରହଟ୍ଟାମାନେ ପ୍ରଜାମାନଙ୍କ ଉପରେ ଅତ୍ୟାଚାର କଲେ । ତେଣୁ ପ୍ରଜାମାନେ ଭୟରେ ମଶାଖାଇ ଗଡ଼ରେ ଆଶ୍ରୟ ନେଉଥିଲେ ।

### ରାଜା ପଦ୍ମନାଭଙ୍କ ରାଜୁତି ସମୟର କେତେକ ମହତ୍ୱପୂର୍ଣ୍ଣ ଘଟଣା ହେଲା-

ଖଣ୍ଡାମାଳ ଯୁଦ୍ଧ :  ଏହା ହେଉଛି ଖଣ୍ଡପଡ଼ା ରାଜା ଓ ବଡ଼ମ୍ବା ରାଜାଙ୍କ ମଧ୍ୟରେ ଯୁଦ୍ଧ । ଏହି ଯୁଦ୍ଧ ଏତେ ଭୟଙ୍କର ଥିଲା ଯେ ଯୁଦ୍ଧ ସ୍ଥାନରେ ମାଳ ମାଳ ଖଣ୍ଡା ପଡ଼ିରହିଥିଲା । ତେଣୁ ଏହି ଯୁଦ୍ଧକୁ "ଖଣ୍ଡାମାଳ" ଯୁଦ୍ଧ କୁହାଯାଏ । ବହୁସଂଖ୍ୟକ ଖଣ୍ଡପଡ଼ା ରାଜାଙ୍କ ସୈନ୍ୟମାନେ ଆହତ ବା ମୃତ ହୋଇଯିବାରୁ ପ୍ରଚୁର ରକ୍ତ ଯୁଦ୍ଧ ଭୂମିରେ ପଡ଼ିଥିଲା । ତେଣୁ ଏହି ଯୁଦ୍ଧଭୂମିକୁ ରକ୍ତପଟା ଗହିରଏବଂ ରକ୍ତର ସୁଅ ପ୍ରବାହିତ ହେଉଥିବା ଦଣ୍ଡା ବା ନାଳଟିକୁ ରକ୍ତପଟା ଦଣ୍ଡା (ଏହା ବାଦଭୂଇଁ ଓ କେଶାବେରେଣୀ ଗ୍ରାମର ସୀମାରେ ଥିବା ଏକ ଦଣ୍ଡା) କୁହାଯାଏ । ଯୁଦ୍ଧ ଲାଗିଥିବା ସ୍ଥାନରେ ରାଜା ପଦ୍ମନାଭ ବସାଇଥିବା ଗାଆଁଟିର ନାମ ବାଦଭୂଇଁ ।

ISSN NO.
2582-208X

- ଭଟ୍ଟାରିକାଙ୍କ ମନ୍ଦିରର ସମ୍ମୁଖ ଦେଉଳ ବା ମୋହନ ନିର୍ମାଣ ।

- ଭଟ୍ଟାରିକା ମନ୍ଦିର ନିକଟସ୍ଥ ମହାଦେବଙ୍କ ଦେଉଳ ନିର୍ମାଣ ।

- ଗଡ଼ ମଧ୍ୟରେ ରାଧିକା ଠାକୁରାଣୀ ଓ ରଘୁନାଥ ମୂର୍ତ୍ତି ନିର୍ମାଣ କରି ପ୍ରତିଷ୍ଠା ।

- ଗଡ଼ ଗୋପିନାଥଙ୍କ ଆଗ ଦେଉଳ ବା ମୋହନର ନିର୍ମାଣ ଶେଷ କରିବା (ବେଣୁଧର ତାହାର ନିର୍ମାଣ ଆରମ୍ଭ କରିଥିଲେ)

- ନରସିଂହପୁର ରାଜା ବଳପୂର୍ବକ ଖାରୋଡ଼ ଓ ରତାପାଟ ଗାଆଁ ଦୁଇଟି ନେଇଯିବାରୁ ରାଜା ପଦ୍ମନାଭ ମରହଟ୍ଟାଙ୍କ ଠାରୁ ସୈନ୍ୟ ସାହାଯ୍ୟ ନେଇଥିଲେ ଓ ଯୁଦ୍ଧ ଜୟକରି ପୁଣି ଗାଆଁ ଦୁଇଟିକୁ ଫେରାଇ ଆଣିଥିଲେ ।

- ଢେଙ୍କାନାଳ ରାଜାଙ୍କ ସହିତ ଯୁଦ୍ଧ ଓ ତାଙ୍କର ପଗଡ଼ି ଆଣି ବଡ଼ମ୍ବା ରାଜ ନଅରରେ ରଖିବା ।

- ସୁନାପାଳ ନିକଟରେ ଥିବା ବାଗତୋଟା ନିର୍ମାଣ ଓ ବୃକ୍ଷରୋପଣ ।

- ପୁରୀ ରାଜାଙ୍କଠାରୁ ବୀରବର ଉପାଧି ପ୍ରାପ୍ତ ।

- ପଦ୍ମନାଭପୁର ଗ୍ରାମ ପ୍ରତିଷ୍ଠା ।

- ବନମାଳିପୁର ଗ୍ରାମ ସ୍ଥାପନ, ତହିଁରେ ଜଗନ୍ନାଥ ମୂର୍ତ୍ତି ସ୍ଥାପନ ।

୧୮. ପିଣ୍ଡିକ ବୀରବର ମଙ୍ଗରାଜ ମହାପାତ୍ର (୧୭୯୩-୧୮୪୨) :ଶାସନକାଳ ୪୯ ବର୍ଷ । ପିଣ୍ଡିକ ହେଉଛନ୍ତି ରାଜା ପଦ୍ମନାଭଙ୍କର ଚାରିଜଣ ପୁତ୍ରମାନଙ୍କ ମଧ୍ୟରୁ ଜଣେ । ଏହି ରାଜାଙ୍କ ଶାସନକାଳରେ ଓଡ଼ିଶାର ଶାସନ ମରହଟ୍ଟାମାନଙ୍କଠାରୁ ଇଂରେଜମାନଙ୍କ ହାତକୁ ଗଲା ।

୧୯. ଗୋପିନାଥ ବୀରବର ମଙ୍ଗରାଜ ମହାପାତ୍ର (୧୮୪୨-୧୮୬୯) : ଶାସନ କାଳ ୨୫ ବର୍ଷ । ପିଣ୍ଡିକଙ୍କର କୌଣସି ପୁତ୍ର ନ ଥିବାରୁ ସେ ତାଙ୍କର ବଡ଼ଭାଇ ବୈରାଗୀଙ୍କର ପୁତ୍ର ଗୋପିନାଥଙ୍କୁ ପୋଷ୍ୟପୁତ୍ର ଭାବରେ ଗ୍ରହଣ କରିଥିଲେ । ରାଜା ଗୋପିନାଥଙ୍କ ଶାସନ

ISSN NO.
2582-208X

କାଳରେ ବଡ଼ମ୍ବା ଗଡ଼ଜାତର ବହୁ କାରିଗର ତାଙ୍କର ପ୍ରୋତ୍ସାହନରେ କାରିଗରୀ ବିଦ୍ୟାରେ ନିପୁଣତା ହାସଲ କରିଥିଲେ ।

୨୦. ଦାଶରଥି ବୀରବର ମଙ୍ଗରାଜ ମହାପାତ୍ର (୧୮୬୯-୧୮୮୧) :ଶାସନ କାଳ ୧୨ ବର୍ଷ। ଏ ହେଉଛନ୍ତି ରାଜା ଗୋପିନାଥ ବୀରବର ମଙ୍ଗରାଜ ମହାପାତ୍ରଙ୍କ ପୁତ୍ର । ବଡ଼ମ୍ବା ଗଡ଼ର ଉତ୍ତର ଦିଗରେ ଡାହାଣୀ ଖଳି ଠାରେ ସେ ମଙ୍ଗଳା ଠାକୁରାଣୀଙ୍କୁ ବସାଇଥିଲେ । ବଡ଼ମ୍ବା ରାଜନଅର ପାଖରେ ରାସବିହାରୀ ଦେବ ଠାକୁରଙ୍କୁ ବସାଇଥିଲେ । ଏହି ରାଜା ଦାଶରଥିପୁର ଶାସନ ଓ ଗୋପମଥୁରା ଗ୍ରାମ ମଧ୍ୟ ବସାଇଥିଲେ ।

୨୧. ବିଶ୍ୱମ୍ଭର ବୀରବର ମଙ୍ଗରାଜ ମହାପାତ୍ର (୧୮୮୧-୧୯୨୨) : ଶାସନ କାଳ ୪୧ ବର୍ଷ । ରାଜା ଦାଶରଥି ବୀରବର ମଙ୍ଗରାଜ ମହାପାତ୍ରଙ୍କର ପୁତ୍ର ହେଉଛନ୍ତି ବିଶ୍ୱମ୍ଭର । ତାଙ୍କର ଜନ୍ମ ହେଉଛି ୧୮୮୦ ମସିହା ଜୁଲାଇ ୧୨ ତାରିଖ । ମାତ୍ର ଏକ ବର୍ଷ ବୟସରେ ୧୮୮୧ ମସିହାରେ ଜୁଲାଇ ୧୫ ତାରିଖରେ ତାଙ୍କୁ ରାଜା ଭାବରେ ସିଂହାସନ ଆରୋହଣ କରିବାକୁ ହୋଇଥିଲା । ସେ ନାବାଳକ ଥିବା ସମୟରେ ତାଙ୍କର ମାତା ଚନ୍ଦ୍ରମାଳୀ ଦେବୀ ବଡ଼ମ୍ବା ଗଡ଼ରେ ଜଗନ୍ନାଥ ମନ୍ଦିର ନିର୍ମାଣ କରାଇଥିଲେ । ଶରଧା ପୁଷ୍କରିଣୀ ଖୋଳାଇଥିଲେ ଓ ତା ପାଖରେ ଏକ ତୋଟା ଲଗାଇଥିଲେ । ସେ ବିଶ୍ୱମ୍ଭରପୁର ଗ୍ରାମ ମଧ୍ୟ ବସାଇଥିଲେ ।

୨୨. ନାରାୟଣଚନ୍ଦ୍ର ବୀରବର ମଙ୍ଗରାଜ ମହାପାତ୍ର (୧୯୨୨-୧୯୪୮) : ଶାସନ କାଳ ୨୬ ବର୍ଷ । ରାଜା ବିଶ୍ୱମ୍ଭରଙ୍କର ସାନରାଣୀ ମୁକ୍ତାମାଳୀ ଦେବୀଙ୍କର ପୁତ୍ର ହେଉଛନ୍ତି ରାଜା ନାରାୟଣଚନ୍ଦ୍ର । ଏ ହେଉଛନ୍ତି ବଡ଼ମ୍ବା ଗଡ଼ଜାତର ଶେଷ ରାଜା । ୧୯୨୨ ମସିହାରୁ ୧୯୪୮ ମସିହା ଜାନୁଆରୀ ମାସ ୧ ତାରିଖ ପର୍ଯ୍ୟନ୍ତ (ବଡ଼ମ୍ବା ଗଡ଼ଜାତ ଓଡ଼ିଶା ରାଜ୍ୟରେ ମିଶିଥିଲା ୧୯୪୮ ଜାନୁଆରୀ ୧ ତାରିଖରେ, ଗଡ଼ଜାତ ମିଶ୍ରଣ ସମୟରେ) ରାଜା ନାରାୟଣଚନ୍ଦ୍ର ବଡ଼ମ୍ବାର ରାଜାଥିଲେ । ତାଙ୍କର ଜନ୍ମ ୧୯୧୪ ମସିହା ଜାନୁଆରୀ ୧୦ ତାରିଖରେ ଓ ତଙ୍କୁ ଯେତେବେଳେ ମାତ୍ର ୮ବର୍ଷ ବୟସ ସେତେବେଳେ ରାଜା ବିଶ୍ୱମ୍ଭର ପ୍ରାଣତ୍ୟାଗ କରିବାରୁ ସେ ରାଜସିଂହାସନ ଆରୋହଣ କରିଥିଲେ ।

ISSN NO.
2582-208X



Right: Batakrushna Mohapatra
Middle: Rajkumar Tribhubana Deb(Grand Son of 22nd king of Baramba Late Shri Narayan Chandra Birabara Mangaraj Mahapatra)
Left: Rani Sangita Singh Deo( wife of Tribhuvan Deb)

(ବିଶେଷ ଦ୍ରଷ୍ଟବ୍ୟ : ଏ ପ୍ରବନ୍ଧର ଲେଖକ ଶ୍ରୀ ବଟକୃଷ୍ଣ ମହାପାତ୍ରଙ୍କର ଜେଜେବାପା ଶ୍ରୀ ଲିଙ୍ଗରାଜ ମହାପାତ୍ର ବଡ଼ମ୍ବା ଗଡ଼ଜାତର ଶେଷ ତଥା ୨୨ତମ ରାଜା ନାରାୟଣ ଚନ୍ଦ୍ର ବୀରବର ମଙ୍ଗରାଜ ମହାପାତ୍ରଙ୍କ ଠାରୁ ଚୌଧୁରୀ ଉପାଧି ପାଇଥିଲେ ଓ ଶ୍ରୀ ଲିଙ୍ଗରାଜ ଚୌଧୁରୀ ନାମରେ ପରିଚିତ ଥିଲେ । ୨୧ତମ ରାଜା ବିଶ୍ୱମ୍ଭର ବୀରବର ମଙ୍ଗରାଜ ମହାପାତ୍ରଙ୍କ ଦରବାରରେ ଲିଙ୍ଗରାଜ ଚୌଧୁରୀଙ୍କ ପିତା ଶ୍ରୀ ଚିନ୍ତାମଣି ମହାପାତ୍ର ଜଣେ ପଦସ୍ଥ କର୍ମଚାରୀ ଥିଲେ । ଚିନ୍ତାମଣି ମହାପାତ୍ରଙ୍କ ପିତା ଶ୍ରୀ ସତ୍ୟବାଦୀ ସୁବୁଦ୍ଧି ବଡ଼ମ୍ବା ଗଡ଼ଜାତର ୨୦ତମ ରାଜା ଦାଶରଥି ବୀରବର ମଙ୍ଗରାଜ ମହାପାତ୍ରଙ୍କ ଦରବାରରୁ ମହାପାତ୍ର ଉପାଧି ପାଇଥିଲେ ଓ ସତ୍ୟବାଦୀ ମହାପାତ୍ର ନାମରେ ପରିଚିତ ଥିଲେ । ବଡ଼ମ୍ବା ଗଡ଼ଜାତର ୧୯ତମ ରାଜା ଗୋପିନାଥ ବୀରବର ମଙ୍ଗରାଜ ମହାପାତ୍ରଙ୍କ ଦରବାରରେ ଶ୍ରୀ ସତ୍ୟବାଦୀ ମହାପାତ୍ରଙ୍କ ପିତା "ସୁବୁଦ୍ଧି" ଉପାଧିପ୍ରାପ୍ତ ହୋଇ ଭରତ ସୁବୁଦ୍ଧି ନାମରେ ପରିଚିତ ହୋଇଥିଲେ)

ଗ୍ରାମ : ବାଦଭୂଇଁ, ପୋ.ଅ : ବନମାଳପୁର
ଜିଲ୍ଲା : କଟକ, ଓଡିଶା : ୭୫୪୦୩୧
ମୋବାଇଲ :୯୮୪୦୬୭୮୪୭

ISSN NO.
2582-208X

# ନୂଆ ବରଷ, ତା'ରୂପ ଭାଷ



ଜୟ କୁମାର ମିଶ୍ର

ରାତି ଅଧରେ, ଶୁଭିଲା ହୁରି
ନୂଆ ବରଷ କହି,
ହାତେ ବତଲ, କେହି ମାତାଲ
ଗଡି ଧରଇ ଭୂଇଁ ॥
ଖୋଲି ଦୁଆର, ଗଲି ବାହାର
ଦେଖିଲି ଝୋଟି କେତେ,
ରଙ୍ଗ ବେରଙ୍ଗ, ବହୁତ ଢ଼ଙ୍ଗ
ଚିତ୍ର ବିଚିତ୍ର ସତେ ॥
ଭଳି ଭଳିକା,ଇଂରାଜୀ ଲେଖା,
ଦେଲା ସୂଚନା ମୋତେ,
ନୂଆ ବରଷ, ଅଙ୍କ ସରସ
ସୂଚଉ ଥିଲା, ପଥେ ॥
ଦେଖିନି ଆଖି, ଚାତକ ପକ୍ଷୀ
ନୂତନ ଛବି ଟିଏ,
ସବୁ ପୁରୁଣା, ମାରୁଛି ଠୁଣା
ବିବେକ ଦହି ଦିଏ ॥

ନବ ପ୍ରଭାତ, ବାଳ ଅରୁଣ
ଟେକିଲା ମଥା ତାର,
କିରଣ ରେଣୁ, ଦେଖାଇ ଦେଲା
ଚିତ୍ର ସମାଜ ଟିର ॥
ସାଥୀଙ୍କ ମେଳି, ଦୂରକୁ ଚଳି
ବଣ ଭୋଜିର ମଜା,
ଗୀତ, ନାଚର, ହୁଏ ଆସର
ବଜିଲା ଡିଜେ ବାଜା ॥
ଟୋକା ଓ ଟୋକି, ବହପ ଯୋଖି
ହୋଇ ସାହସୀ କିଏ,
ସାଙ୍ଗ ସାଥିରେ, ବଣ ଭୋଜିରେ
ଭାରି ମଉଜ ନିଏ ॥
ଶୁଭ ବାରତା, ଶୁଭେଚ୍ଛା କଥା
ଗ୍ରୀଟିଙ୍ଗ ଦିଆ ନିଆଁ,
ହାଲୋ, ହାଇରେ, ସମୟ ସରେ
ଦୂରାଭାଷରେ କୁହା ॥

ISSN NO.
2582-208X

ଛେଳି, କୁକୁଡ଼ା, ହୁଅଇ ମୋଡା
ମାଛରେ କାମ ଚଳା
ଲମ୍ବା ତାଲିକା, ଦିଏ ପାଚିକା
ଭାଳି, କଲମ ଚଳା ॥
ତେଲ, ମସଲା ବାସ ବାସିଲା
ଚହଟି, ଗଲା ଦୂର,
ଭୋକ ପ୍ରବଳ, ମନ ଆକୁଳ
କରଇ ହରବର ॥
ପଂକ୍ତି ଭୋଜନ, ମଉଜ ମାନ
ମନ ଉଚ୍ଚାଟ କଲା,
ନିଶା ପାଣିର, ରୂପ ଜୁଆର
କରିଲା ଠିଆ ପାଲା ॥
ଭାଷା,ଆଭାଷା,ଧରିଲା ଦିଶା
ପାଟିରେ ଛେପ ଲାଳ
ମାନ୍ୟତା ଧର୍ମ, ଲାଜ ସରମ
ହୋଇଲା ଦୁରୁବଳ ॥
କେଉଁଠି ନାଚି, କେଉଁଠି ଗୀତ
ଭଳି, ଭଳିକା କେତେ,
କବିତା ଘର, ଭାଷା ଆସର
ହେଲା ଯୋଜନା ମତେ ॥

ଦିନ ସରିଲା, କାଳ ଗଡ଼ିଲା
ବୁଡ଼ିଲା ବେଳ ଧୀରେ,
ବାହୁଡ଼ା ବେଳ, କଲା ଚଞ୍ଚଳ
ହେଲି ହଜାର ଘରେ ॥
ଖୋଜଇ ମନ, ଖୋଜେ ନୟନ
ନୁଆଁ ଦୁନିଆ ଦେହ,
ହେଲି ହତାଶ, ହୋଇ ନିରାଶ
ଦେଖି କେଲେଣ୍ଡ୍ର ମୁହଁ ॥
ପୂରୁବ ପର, ଏକଇ ତାର
ନାହିଁ,ନୂତନ କୋଠି,
ନୂଆ ହୋଇନି, ମନ ମିହିନୀ
ଭାବ, ଭାବନା ଭେଟି ॥

ବୁଦୁର୍, ଗୋରିବନ୍ଧା
ଗଜପତି, ଓଡିଶା, 761296,
ଯୋଗାଯୋଗ 6372127449

ISSN NO.
2582-208X

# ଅବିର ଖେଳିବା
# ଆସ



ଆକୁଳାନନ୍ଦ ପୃଷ୍ଟି

ଶୀତ ଚାଲିଗଲା ଫଗୁଣ ସକାଳେ
ଧରାରୁ ମେଲାଣି ନେଇ
ଧରା ଚମକିଲା ନରମ ଖରାରେ
କୋକିଳ ଉଠିଲେ ଗାଇ ।

ପଲ୍ଲବୀ ଉଠିଲେ ତରୁ ଲତା ଗଣ
ମଳୟ ପରଶ ପାଇ
ବନ ଉପବନେ ଜାତି ଜାତି ଫୁଲ
ଫୁଟି ମହକିଲା ମହୀ ।

ସହକାର କୁଞ୍ଜେ ଭ୍ରମିଲେ ଭ୍ରମର
ମଧୂପ ପରଜାପତି
ଯୁଇ ଯାଇ ମଲ୍ଲି ଟଗର ମନ୍ଦାର
ଫୁଟିଲେ ମଧୁ ମାଳତି ।

ଦିବସ ରଜନୀ ସମାନ ହୋଇଲା
ନ ଥିଲା ଗ୍ରୀଷମ ଶୀତ

ISSN NO.
2582-208X

ଜାଳିଲେ ଜାଗର ପୂଜିଲେ ଶଙ୍କର
ଗାଇ ପଞ୍ଚାକ୍ଷର ମନ୍ତ୍ର ।

ପଶୁ ଠୁ ପାଦପ କୀଟରୁ ପତଙ୍ଗ
ସମସ୍ତେ ଭାବରେ ଭୋଳ
ଚୋରା ଚଇତାଳି ରଙ୍ଗ ପିଚକାରୀ
ଦୋଳ ମେଳ ହୋଲି ଖେଳ ।

ସବୁଠି ଲାଗିଛି ପ୍ରକୃତିର ରଙ୍ଗ
ପ୍ରକୃତି ଉଠିଛି ଚେଇଁ
ଜୀବନ ଯମୁନା ହେଲା ଆନମନା
ବସନ୍ତ ଦେବାରୁ ଛୁଇଁ ।

ବସନ୍ତ ଛୁଆଁ ରେ ପୁଲକିତ ହେଉ
ସବୁ ମଣିଷର ମନ
ରଙ୍ଗ ଖେଳେ ମାତି ହୋଇ ସାଙ୍ଗସାଥୀ
ଭୁଲି ରାଗ ଅଭିମାନ ।

ଅବିର ଖେଳିବା ଆସ
ସବୁରି ଅନ୍ତରେ ବୁଣିବା ହରସ
ଧରି ରଞ୍ଜନୀୟ ବେଶ ।

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
ମହାଳପଡ଼ା କଖଡି କଟକ
ମୋ – ୯୪୩୭୮୬୪୫୬୨

ISSN NO.
2582-208X

# ଭକ୍ତ ର ଶକ୍ତ



ଦେବଦତ୍ତା ଦେବୀ

ସଞ୍ଜ ନଇଁ ଆସିଲାଣି । ସ୍ୱର୍ଣ୍ଣ ତର ତର ହେଇ ଲୁଗା ବଦଳେଇ ଦିଅଁ ଘରକୁ ଯିବା ପାଇଁ ଛାତ ଉପରକୁ ଆସିଲା। ସତରେ ଆଜି ଆକାଶ ଟା କି ସୁନ୍ଦର ଦିଶୁଛି । ଅସ୍ତଗାମୀ ସୂର୍ଯ୍ୟ ର ରକ୍ତିମ ଆଭା ରେ ଆକାଶ ଘୋଡ଼େଇ ହେଇଯାଇଛି, ଆଉ ତା ଭିତରୁ ରାତ୍ରୀ ମାଡ଼ିଆସୁଚି। ସ୍ୱର୍ଣ୍ଣ ର ଚକ୍ଷୁ ଦୁଇଟି, ରାତି ର ଆଗମନ ସାଥେ ସାଥେ ଲୁହ ରେ ଜକେଇ ଉଠୁଛି। ଆଜି କୁ ଶାଶୁ ମାରିବାର ପନ୍ଦର ଦିନ ହେଲାଣି ଘର ଟା ପୁରା ଖାଁ ଖାଁ ଲାଗୁଛି, ନିର୍ଜନତା ଖାଇ ଗୋଡାଉଚି। ବେଶୀ କଥା କୁହନ୍ତି ନାହିଁ ଶାଶୂ, କିନ୍ତୁ ଇଶରା ଇଶରା ରେ ସବୁ ତାଗିଦ୍ ଲୁଚିଥାଏ। ବିନା ବାକ୍ୟ ବ୍ୟୟ ରେ ସବୁ କାମ ଶାଶୂଙ୍କ ମନ ମୁତାବକ ସ୍ୱର୍ଣ୍ଣ କରିଦିଏ। ଶାଶୁ ଙ୍କ କଥା ଭାବୁ ଭାବୁ କେତେବେଳେ ସଞ୍ଜ ନଇଁଗଲାଣି। ସ୍ୱର୍ଣ୍ଣ କୁ ଲାଗୁଛି ସତେ ଯେପରି ଶାଶୁ ତାଗିଦ୍ କରୁଛନ୍ତି କଣ ଲୋ ଏତେବେଳ ଯାଏଁ ସଞ୍ଜ ଦେଇନାହୁ, ଠିକ୍ ସମୟ ରେ ଠାକୁର ଙ୍କୁ ବଳିତା ଟିଏ ଜାଳି ପରିଲୁନି ଆଉ ଘର କିମିତି ସମ୍ଭାଳିବୁ, ତୋ ଜୀବନ ରେ ଠାକୁର ଆଲୁଅ ଦେବେ ଟି। ଧଡ ପଡ ହେଇ ସଞ୍ଜ ଦେବା କୁ ଲାଗିଲା ସ୍ୱର୍ଣ୍ଣ। ହଠାତ୍ ଦୀପ ଟା ରେ ସଳିତା ଟା ଦିକ ଦିକ୍ ହେଇ ଜଳିବାକୁ ଲାଗିଲା, ଲାଗୁଥିଲା ସତେ ଯେପରି ଏଇଲେ ଲିଭିଯିବ। ପୁଣି ତା କାନ ରେ ଶାଶୁ ଙ୍କ ର ତାଗିଦ୍ ସ୍ୱର ବାଜି ଉଠିଲା। "ତୋ ହାତ ରେ ଦୀପ ଟା ଠିକ୍ ରେ ଜଳି ପାରୁନି ଆଉ ଠାକୁରଙ୍କୁ କେମିତି ଭକ୍ତି କରିବୁ ଠିକ୍ ସମୟ ରେ।" ଶାଶୁ ଗଲା ପରେ ତାର ସବୁ କାମ ଗଡବଡ ହେଇଯାଉଛି। ତା ଉପରେ ଆଖି ରଖିବାକୁ କେହିନାହାନ୍ତି ଆଉ । ସ୍ୱର୍ଣ୍ଣ ଠିକ୍ ବୁଝି ପାରିଲା ସେ ଶାଶୁ ଙ୍କୁ ସତରେ ଝୁରି ହେଉଛି।

ISSN NO.
2582-208X

ବାପ ଘରେ ଦୁଇ ଭାଇ ଦୁଇ ଭଉଣୀ ଙ୍କ ଭିତରେ ସବା ସାନ ଝିଅ ଥିଲା ସ୍ୱର୍ଣ୍ଣ । ଅନ୍ୟ ଭାଇ ଭଉଣୀ ମାନେ ତା ଠାରୁ ରୂପ ଗୁଣ ବିଦ୍ୟା ସବୁଥିରେ ଆଗୁଆ ଥିଲେ । ତାର ମଳିନ ରଙ୍ଗ ସାଧାରଣ ପାଠ ପଢା ବୋଉ କୁ ବଡ ବ୍ୟଥିତ କରୁଥିଲା, ସ୍ୱର୍ଣ୍ଣ ର ଭବିଷ୍ୟତ ଚିନ୍ତା ରେ ସବୁବେଳେ ବୋଉ ଚିନ୍ତାମଗ୍ନ ରହୁଥିଲେ । କିନ୍ତୁ ନାନୀ ବାହାଘର ବେଳେ ବୋଉ, ବାପା ଙ୍କୁ ଯେତେ କଷ୍ଟ କରିବାକୁ ପଡ଼ିଥିଲା, ତା ବାହାଘର ପ୍ରଥମ କନ୍ୟା ଦେଖାରେ ହିଁ ଠିକ୍ ହେଇଗଲା । ତା ଶାଶୁ ତାର ସରଳିଆ ବ୍ୟବହାର ରେ ଏତେ ମାତ୍ରା ରେ ପ୍ରଭାବିତ ହେଲେ ଯେ ପୁଅ ର ଦେଖା ବା ହଁ ନାହିଁ କୁ ଅପେକ୍ଷା କଲେ ନାହିଁ, ସିଧା ମୁଦି ପିନ୍ଧେଇ ନିର୍ବନ୍ଧ ତାରିଖ ଠିକ୍ କରିଦେଇ ଆସିଲେ । ପରେ ରଞ୍ଜନ ଯେତେବେଳେ ବାପା ବୋଉ ଙ୍କ କଥାରେ ଘରକୁ ଆସି ତା ସାଂଗରେ କଥା ହେଲେ ତାଙ୍କର ଗୋରା ତକ ତକ ସୁନ୍ଦରିଆ ଚେହେରା ଦେଖି ତା ମନରେ ଅନେକ ଆଶଙ୍କା, ମା କଥା ରେ ବାହା ହେଇ ପଛରେ ତାକୁ ହତାଦର କରିବେନି ତ, ଏମିତି ଅନେକ ଆବନ୍ତର କଥା ମନରେ ପଶିଯାଏ । କିନ୍ତୁ ସେଇ ଦେଖାରେ ସେ ସ୍ପଷ୍ଟ ଭାବରେ ବୁଝେଇ ଦେଇଥିଲେ ବୋଉ ର ପରଖ ଭୁଲ ହୋଇ ନ ପାରେ ଆଉ ତାଙ୍କ ବୋଉ ଖୁସି ରହିଲେ ସେ ବି ଖୁସି ।

ବାହାହେଇ ଆସିଲା ବେଳେ ଶୁଣିଥିଲା ତାର ବିଧବା ଶାଶୁ ଙ୍କ ର ପ୍ରବଳ ବାରଣ, ଛୁଆଁ ଛୁଇଁ କୁ ବହୁତ ମାନ୍ୟ ଦିଅନ୍ତି । ମନ ଭିତରେ ଅନେକ ଭୟ ପୁଣି ବୋଉ ର ତାଗିଦ୍ ବାପ ଘରର ମାନ ରଖିବାକୁ ଶାଶୁ ଙ୍କ କଥା ଉପରେ ଓଲଟ ଜବାବ ଦେବୁନାହି କେବେ ବି । ପ୍ରଥମ କେତେଦିନ ତ ଭୟ ରେ ପାଟି ନ ଖୋଲି ଚୁପ ରହିବାକୁ ଶ୍ରେୟ ମନେ କରୁଥିଲା ସ୍ୱର୍ଣ୍ଣ । କିନ୍ତୁ ଆସ୍ତେ ଆସ୍ତେ ଅନୁଭବ କଲା ତା ଶାଶୁ କେବେ ବି ଅନ୍ୟ ମାନଙ୍କ ଶାଶୁ ଭଳି ଯୌତୁକ କିଛି ଆଣି ନାହୁ କି ଭୁଲ ଭାଟକା ହେଇଗଲେ ତୋ ମା କିଛି ସଣ୍ଢଣା ଶିଖେଇନାହିଁ ବୋଲି କେବେ ବି ଖୁଣ୍ଟା ଦିଅନ୍ତି ନାହିଁ । ବରଂ ତାଙ୍କରି ତାଗିଦ୍ ରେ ଆସ୍ତେ ଆସ୍ତେ ସବୁ କାମ ଶିଖିଯାଇଥିଲା । ସ୍ୱର୍ଣ୍ଣ ମନ କୁ ବି ବୁଝେଇ ଦେଇଥିଲା ଶାଶୁ ଙ୍କୁ ସମ୍ମାନ ଦେଇ ତାଙ୍କର ସମସ୍ତ ଛୁଆଁ ଛୁଇଁ ଙ୍କୁ ମନିନେଲେ ଘରେ ଅଶାନ୍ତି ର ପ୍ରଶ୍ନ ନାହିଁ କି ସ୍ୱାମୀ ସ୍ତ୍ରୀଙ୍କ ଭିତରେ ମତାନ୍ତର କି ମନାନ୍ତର ବି ନାହିଁ କହିଲେଅତ୍ୟୁକ୍ତି ହେବନାହିଁ ।

ବରଂ ଏ ଛୁଆଁ ଛୁଇଁ କୁ ନେଇ ତା ବାପ ଘର ଲୋକଙ୍କ ସାଙ୍ଗରେ ଦୁରତ୍ୟ ବହୁତ୍ ବେଶୀ । କାରଣ ଯେତେବେଳେ ବି ତା ବାପ ଘରୁ ତା ତହସିଲଦାର ଭାଇ ହେଉ କି ଡାକ୍ତର ଭଉଣୀ

ISSN NO.
2582-208X

ଭିଣେଇ ତା ଘରକୁ ଆସିଲେ, ଘର କୁ ପଶୁ ପଶୁ ଗୋଡ଼ ହାତ ଧୁଅ, ଘର ଭିତରକୁ ଜୋତା ଅଣନାହି, ଖାଇଲା ବେଳେ ବାମ ହାତରେ ଖାଇଲେ ଦେହ ଅଇଁଠା ହେଇଯିବ, କୁ ସବୁ କୁସଂସ୍କାର ଓ ଅନ୍ଧ ବିଶ୍ୱାସ ର ଦ୍ୱାହି ଦେଇ ତା ଘରକୁ ଆସିବାକୁ ପସନ୍ଦ କରନ୍ତି ନାହିଁ। ଭାଇତ ତଳେ ଆସନ ଉପରେ ବସି ଖାଇବାକୁ ପସନ୍ଦ କରେନାହିଁ ବୋଲି ତା ଘରେ କେବେ ବି ଖାଏନାହି । ସ୍ୱର୍ଣ୍ଣ ର ଶାଶୁ ସବୁ ବୁଝିପାରିଲେ ବି ସ୍ୱର୍ଣ୍ଣ କୁ କେବେ ବି ଏ ନେଇ ଖୁଣ୍ଟା ଦିଅନ୍ତି ନାହିଁ ।

ସଞ୍ଜ ପୂର୍ବରୁ ତାଗିଦ୍ କରିବେ ମୁଣ୍ଡ ଟା କୁଣ୍ଡେଇ ଦେ, ସଞ୍ଜ ପରେକୁଣ୍ଡେଇଲେ ଘରୁ ଲକ୍ଷ୍ମୀ ଛାଡ଼ିଯାନ୍ତି ବୋଲି ତାଙ୍କ ମତ । ମା ତ ସେ ପୁଅ ର ମନ କୁ ଠିକ୍ ବୁଝି ପାରନ୍ତି, ପୁଅ ର ଫେରିବା ବେଳ ହେଲେ ସ୍ୱର୍ଣ୍ଣ କୁ ଯେମିତି ହେଲେ ସଜେଇହେବକୁ କୁହନ୍ତି । ଗହଣାଗାଣ୍ଠି ଠିକ୍ ସମୟ ରେ ନ ପିନ୍ଧିଲେ କୁହନ୍ତି କଣ ଘରୁ ଲକ୍ଷ୍ମୀ ଛାଡ଼ି ଗଲେଣି କି? ବେଳେ ବେଳେ ସ୍ୱର୍ଣ୍ଣ ଶାଶୁଙ୍କ ଏପରି କଥା ଶୁଣି କାନ୍ଦି ପକାଏ, ମାତ୍ର ପଛରେ ବୁଝି ପରେ ତାଙ୍କ ର କହିବା ଢଙ୍ଗ ଏପରି ହୋଇପାରେ ମାତ୍ର ପୁଆବୋହୁ ଙ୍କୁ ଖୁସି ଦେଖିବାକୁ ସେ ଅନ୍ତରମନ ରେ ଚାହାନ୍ତି । ବେଳେ ବେଳେ ପରିଷ୍କାର ପରିଚ୍ଛନ୍ନ ଆଉ ଠାକୁର ଙ୍କୁ ଯୋଡି କେଡ଼େ ସୁନ୍ଦର ବୁଝାନ୍ତି ଯଦି ପରିଷ୍କାର ହେଇ ଭୋଗ ନ ଲଗେଇବା ଦିଅଁ ଦେବତା ଙ୍କୁ କଣ ଭଲ ଲାଗିବ । ସେଇ ଏକା ଚୁଲି ଯଦି ନ ପୋଛି ତାଙ୍କ ଭୋଗ ରାନ୍ଧିବା ସେଇଟା ଅଇଁଠା ହେଇଯିବ କେମିତି ଠାକୁର ଙ୍କୁ ତାକୁ ଦେବା । ଠାକୁରଙ୍କ ଉପରେ ଅସୀମ ବିଶ୍ୱାସ ଓ ଭକ୍ତି । ଶୋଇବା ସମୟ ଛାଡ଼ି ଦିନ ର ବାକି ଅଠର ଘଣ୍ଟା ତାଙ୍କର ପ୍ରତ୍ୟେକ କାର୍ଯ୍ୟ, ପ୍ରତ୍ୟେକ ଉକ୍ତି ଠାକୁର ଙ୍କ ଉଦ୍ୟେଶ ରେ ସମର୍ପିତ । ତାଙ୍କର ପ୍ରତ୍ୟେକ ଟି ନିତ୍ୟକର୍ମ ପଛରେ ଉଦ୍ଦେଶ୍ୟ ମଧ୍ୟ ଠାକୁର ଙ୍କ ଖୁସୀ । ସ୍ୱର୍ଣ୍ଣ କୁ ଲାଗେ ଘର ବାହାର ପ୍ରତ୍ୟେକ ଟି ବ୍ୟବହାର ପ୍ରତି ଟି କୋଣ ଅନୁକୋଣ ରେ ତା ଶାଶୁ ଜଗନ୍ନାଥ ଙ୍କୁ ଅନୁଭବ କରୁଥିଲେ । ସକାଳୁ ଉଠି ଗାଧୋଇ ଫୁଲ ତୁଳସୀ ତୋଳି ମାଳ ଟି କରି ଠାକୁର ଙ୍କ ପାଇଁ ସଜାଡ଼ି ନ ରଖିଲେ ତାଙ୍କ ଦିନ ଟି ଅପୂର୍ଣ୍ଣ ରହିଯାଏ । ଅପୂର୍ବ ତାଙ୍କର ଭକ୍ତି । ବୟସ ବଢିବା ସଙ୍ଗେ ସଙ୍ଗେ ଦେହ ରୁ ବଳ ଖସେ ତଥାପି ସୂର୍ଯ୍ୟ ଉଦୟ ପୂର୍ବରୁ ଉଠି ନିତ୍ୟକର୍ମ ସାରିବା ବନ୍ଦ ହୁଏନାହିଁ, ନିୟମ ରେ ହବିଷ ପାଳିବା କାର୍ତ୍ତିକ ମାସ ରେ ବନ୍ଦ ହୁଏନାହିଁ କି ମାଘ ସ୍ନାନ କିଛିରେ ବି ସାମାନ୍ୟ ପରିବର୍ତ୍ତନ ହୁଏନାହିଁ..

ISSN NO.
2582-208X

ଠିକ୍ ଆଜି କୁ ଅଠର ଦିନ ତଳେ ପୁଅ କୁ ଡ଼ାକି ସକାଳୁ ସକାଳୁ ଶାଶୁ ପୁଅକୁ କହିଲେ ଆଜି କାହିଁକି କଳିଆକୁ ରତ୍ନ ସିଂହାସନ ଉପରେ ଦେଖିବାକୁ ଭାରି ମନ ହେଉଛି ରେ, ଟିକିଏ ପୁରୀ ଯାଏନ୍ତିନି । ବୋଉ କହୁଛି, ପୁଅ ସାଙ୍ଗେ ସାଙ୍ଗେ ଡ୍ରାଇଭର କୁ ଖବର ଦେଲେ । ସମସ୍ତେ ମନେ ମନେ ଖୁସି ହେଇଗଲେ କାଳିଆ ଦର୍ଶନ ପାଇଁ । ଶାଶୁ ସାଙ୍ଗେ ସାଙ୍ଗେ ବସିପଡିଲେ ତୁଳସୀ ଆଉ ଟଗର ର ବଡ ବଡ ତିନି ଗୋଟି ମାଳ ତିନି ଠାକୁର ଙ୍କ ଉଦ୍ଦେଶ୍ୟରେ । ସ୍ୱର୍ଣ୍ଣ କୁ ଡାକ ପକେଇଲେ ମା ରେ ଇଆଡ଼େ ଆସିଲୁ, ଦେଖିଲୁ ଏ ମାଳ ଟା ମୋ କାଳିଆ କୁ ଠିକ୍ ମାନିବ ଟି । ସ୍ୱର୍ଣ୍ଣ ସାଙ୍ଗେ ସାଙ୍ଗେ କହିଲା ହଁ ବୋଉ ବହୁତ ସୁନ୍ଦର ହେଇଛି । ଶାଶୁ ତା ମୁହଁ କୁ ଚାହିଁ କହିଲେ ଏଇଟା ବୋଧେ କାଳିଆ ପାଇଁ ମୋର ଶେଷ ମାଳ । ସ୍ୱର୍ଣ୍ଣ ଏ କଥାର ଗୁରୁତ୍ୱ ନ ଦେଇ ସେଠୁ ଚାଲିଗଲା ପୁରୀ ଯିବା ର ପ୍ରସ୍ତୁତି ପାଇଁ ।

ବୁଢ଼ୀ ପୁଅ ବୋହୂ ଙ୍କୁ ଦୁଇ ପଟେ ବସାଇ ଚାଲିଲେ ଜଗା ଦର୍ଶନ ପାଇଁ ।  ଭଲ ରେ ଭଲରେ ଜାଗା ଦର୍ଶନ ସାରି ଚାଲିଲେ ପୁରୀ ଥିବା ଏକ ମାତ୍ର ଭାଇ ଘର କୁ । ଦାଣ୍ଡ ଦୁଆର ରେ ପହଞ୍ଚୁ ପହଞ୍ଚୁ ଡାକ ପକେଇଲେ ରଘୁ ରେ ମୁଁ ଆସିଗଲି ଆଉ ଯିବିନାହିଁ ଏଠୁ । ବୁଢ଼ୀ ଙ୍କ ପାଟି ଶୁଣୁ ଶୁଣୁ ଘର ଭିତରୁ ଭାଇ ଭାଉଜ ଦୌଡ଼ି ଆସି ଖୁସୀ ରେ ବୁଢ଼ୀ ଙ୍କ ଗୋଡ଼ ତଳେ ପଡିଗଲେ । ଭାଇଭଉଣୀ କୁ ଦେଖି ସତରେ ହାତରେ ମାଣିକ ପଡ଼ିଲା ଭଳି ନାଚି ଯାଉଛି । ଅଦ୍ଭୁତ ଆନନ୍ଦମୟ ମୁହୂର୍ତ୍ତ ଟିକୁ ଦେଖି ସ୍ୱର୍ଣ୍ଣ ମନେ ମନେ ଶାଶୁ ଙ୍କୁ ଈର୍ଷା କରିବାକୁ ଲାଗିଲା, ସେ ତ କେବେ ବି ଏମିତି ମୁହୂର୍ତ୍ତ ତା ଭାଇ ଙ୍କ ଠାରୁ ଦେଖିନି କି ଆଶା କରିନାହିଁ । କେବେ ବି ଯଦି ସ୍ୱର୍ଣ୍ଣ ଭାଇ ଘରକୁ ଯାଏ ପ୍ରଥମ ପ୍ରଶ୍ନ ଖବର ନ ଦେଇ ଆସିଲୁ କାହିଁକି, ଦ୍ୱିତୀୟ ପ୍ରଶ୍ନ କେତେବେଳେ ଯିବୁ । ଶାଶୁ ଆଉ ତାଙ୍କ ଭାଇଙ୍କର ଏ ଅନାବିଳ ପ୍ରେମ ଅପୂର୍ବ ଦୁଇଁହି ଙ୍କ ର ମଧୁମୟ ଆଳାପ । ମାଇଁ ଶାଶୁ ବି ହସ ହସ ମୁହଁ ରେ ନଣନ୍ଦ ଙ୍କୁ କି ଆଦର ସମ୍ମାନ । ଆପେ ଆପେ ସ୍ୱର୍ଣ୍ଣ ମୁଣ୍ଡ ତଳକୁ ହେଇଗଲା ।

ତା ପର ଦିନ ସନ୍ଧ୍ୟା ବେଳେ ଠାକୁର ଘରେ ସନ୍ଧ୍ୟା ଦେଲାବେଳେ ମାମୁଁ ଗଲେ ଛାତ ଉପର କୁ । ଭାଇ ଭଉଣୀ ଉଭୟ ଙ୍କ ଘରେ ଠାକୁର ଘର ଛାତ ଉପରେ, ତଳ ଘରେ ନୁହେଁ । ଉଭୟ ଙ୍କର ମତ ଯେ ତଳେ ଠାକୁର ରହିଲେ ଛାତ ଉପରେ ଆଉ କାରବାର ବା ଚଳପ୍ରଚଳନ କରି ହେବନାହିଁ କଲେ ଠାକୁର ଙ୍କ ମୁଣ୍ଡ ଉପରେ ଚଳିବାକୁ ପଡ଼ିବ । ଠାକୁର ସମସ୍ତ ଙ୍କ ଉପରେ ତେଣୁ ସେ ସଭା ଉପରେ ରହିବେ । ସନ୍ଧ୍ୟା ଦେଇ ସାରିଲା ପରେ ଭାଇ

ISSN NO.
2582-208X

କୁ କହିଲେ ରଘୁ ରେ କାଳିଆ ପାଖରୁ ମୁଁ ଫେରିବିନି । ରଘୁମାମୁଁ ଆଶ୍ଚର୍ଯ୍ୟ ହେଇ ପଚାରିଲେ କଣ ନାନୀ ପିଲାମାନେ ଘରେ ତୋର କିଛି ଅସୁବିଧା କଲେ କି । ଉତ୍ତର ରେ ବୁଢ଼ୀ କହିଲେ ମୋ ପିଲା ତ ସୁନା ମୁଣ୍ଡା, ସେମାନେ କଣ ଅସୁବିଧା କରିବେ । କିନ୍ତୁ ମୋତେ ଲାଗୁଛି କାଳିଆ ମୋତେ ଏଥର ନେବ । ମାମୁଁ କହିଲେ ନାନୀ ଏମିତି କଥା ତୁଣ୍ଡ ରେ ଧର ନାହିଁ ତ ନାନୀ ।

ରଘୁ ଠାକୁର ଙ୍କ ଆଡେ ଦୃଷ୍ଟି ପକେଇ ଦେଖିଲେ ସକାଳୁ ଉଠି ଯେଉଁ ତୁଳସୀ ମାଳ ଗୁନ୍ଥି ନାନୀ ଜଗନ୍ନାଥ ଙ୍କ ବେକ ରେ ପକାଇଥିଲେ, ସେ ଏବେ ବି ଠାକୁର ଙ୍କ ଗଳା ରେ ଝୁଲିଛି । ଭାଇ ଭଉଣୀ ମୁଣ୍ଡିଆ ମାରି ତଳକୁ ଗଲେ । ଶାଶୁ ସେଇ ଯାଇ ବିଛଣା ଧରିଲେ ଯେ ସକାଳୁ ଉଠିଲେ ନାହିଁ । ଡାକ୍ତଖାନା ରେ ଦୁଇ ଦିନ କୋମା ରେ ରହିଲେ, ଡାକ୍ତର କି ପିଲାମାନେ ଙ୍କୁ କିଛି କରିବାର ସୁଯୋଗ ଦେଲେ ନାହିଁ । ମୃତବତ ପଡ଼ିରହିଲେ ନୀରବ ରେ ଡାକ୍ତଖାନା ରେ । ପିଲାଙ୍କୁ କିଛି କରିବାର ସୁଯୋଗ ବି ଦେଲେନାହି । ତାଙ୍କ ର ଭକ୍ତି ର ଏତେ ଶକ୍ତି ଯେ ତାଙ୍କର ଶେଷ ଇଚ୍ଛା ତାଙ୍କରି କହିବା ଅନୁସାରେ ପୁରୀ ରେ ହିଁ କାଳିଆ ତାଙ୍କ ହାତଧରି ଆର ପାରି କୁ ନେଇଗଲା । ପୁରୀ ରେ ସ୍ୱର୍ଗଦ୍ୱାର ରେ ଦାହ ସଂସ୍କାର ପରେ ମାମୁଁ ମନ୍ଦିର ଆଡେ ମୁହଁ କରି କାଳିଆ କୁ ଆକ୍ଷେପ କରି କହିଲେ ଦେଖ କାଳିଆ ମୋ ନାନୀ ର ଭକ୍ତି ର କେତେ ଶକ୍ତି ତୋତେ ଠକି ଆଉ ଘର କୁ ନ ଫେରି ତୋରି ଜାଗା ରେ ତୋ ପାଖକୁ ଚାଲିଗଲା ।

ଏସବୁ ଭାବୁ ଭାବୁ ଦେଖିଲା ସନ୍ଧ୍ୟା ନଇଁ ରାତି ମାଡ଼ି ଆସିଲାଣି, ସ୍ୱର୍ଣ୍ଣ ଭାବନା ରାଜ୍ୟ ରୁ ଫେରିଆସିଲା, ମନେ ମନେ ପଣ କଲା ତାର ପ୍ରତ୍ୟେକ କାର୍ଯ୍ୟ ରେ ଜଗନ୍ନାଥ ଙ୍କ ର ଭକ୍ତି କୁ ଖୋଜିବାକୁ, ତାର ଶକ୍ତି ମହିମା ଯେ ଅପାର । ମୁଣ୍ଡିଆ ମାରି ଶାଶୁ ଙ୍କ ଉଦ୍ଦେଶ୍ୟ ହାତ ପାତି ସାହସ ଓ ଧର୍ଯ୍ୟ ଭିକ୍ଷା କରି ତଳକୁ ପାଦ ବଢ଼େଇଲା ।

ପ୍ରାକ୍ତନ ଜିଲ୍ଲା ନ୍ୟାୟାଧୀଶ,
ପ୍ଲଟ ନମ୍ବର – ୩ ଡି, ୧୧୫୨,
ସିଡିଏ ୧୧, ମର୍କତ ନଗର, କଟକ

ISSN NO.
2582-208X

# ମହା ରାସ

(ରାଧା କୃଷ୍ଣଙ୍କର ଦିବ୍ୟ ପ୍ରେମଲୀଳା)

ମନୋଜ କୁମାର ବିଶ୍ୱାଳ

ଛନ୍ଦ : ଶଙ୍କରାଭରଣ

ଶ୍ରାବଣର ମେଘ ଦେଖ ଅମ୍ବରରେ ଶୋହେ
ମୃଦୁ ମୃଦୁ ସମୀର ଯେ ଯମୁନାରୁ ବହେ
ଆହା କି ଦୃଶ୍ୟ ପରମ
ରାଧା ସଙ୍ଗେ ରାସ ଆଜି ରଚେ ଘନଶ୍ୟାମ । ।। 1 ।।

ନାଚେ କେକୀ ପୁଚ୍ଛ ଟେକି ମହା ଆନନ୍ଦରେ
ମୃଗ ମୃଗୁଣୀ ନାଚନ୍ତି ଅବା ବିଭୋରରେ
ଆଗୋ ଦେଖ ମୋର ସଖୀ
କି ଅପୂର୍ବ ଦୃଶ୍ୟ ସେଯେ ନେତ୍ର ଯାଏ ଲାଖି । ।। 2 ।।

କୃଷ୍ଣ ବାହୁ ବନ୍ଧନରେ ରାଧିକାକୁ ଦେଖ
ଦିଶେ ସିନା କାୟା ଦୁଇ ଆତ୍ମା ତାଙ୍କ ଏକ
ସେ ଯେ ଯୁଗଳ ମୂରତି
ଦରଶନେ ତୁଚ୍ଛ ଆତ୍ମ ପାଇଯିବ ମୁକ୍ତି । ।। 3 ।।

ଶ୍ୟାମ ମେଘେ ଯେହ୍ନେ ଦିଶେ ସୁବର୍ଣ୍ଣ ଚଞ୍ଚଳା
କାହ୍ନୁ କଳା ଅଙ୍ଗେ ଶୋଭେ ସେ ରାଧିକା ବାଳା
କେଡ଼େ ଅପୂର୍ବ ସଂଯୋଗ
ଏ ମହା ମିଳନ ପର୍ବ ସତେ ଦିବ୍ୟ ଯୋଗ । ।। 4 ।।

କି ସୁନ୍ଦର ଆଲୋ ସଖୀ କଳା କାହ୍ନୁ ବେଶ
ଶତ କଳା ମେଘୁ ବଳି ତା'ର କୁଞ୍ଚ କେଶ

ISSN NO.
2582-208X

କଣ୍ଠେ ବନଫୁଲ ମାଳ
ମସ୍ତକରେ ବର୍ହୀ ପିଞ୍ଛ ନାଚେ ଢଳ ଢଳ । ।। 5 ।।

ସ୍ୱର୍ଣ୍ଣ ପ୍ରଭା କାନ୍ତି ଜିଣି ରାଧିକା ତରୁଣୀ
ଅମ୍ବୁଜ କୋରକ ଅକ୍ଷି ସତେ କି ହରିଣୀ
ତା'ର ରୂପ ଅନୁପମ
ଦେଖି ତା'ର ରୂପ ହୁଏ ପୂର୍ଣ୍ଣ ଇନ୍ଦୁ ଭ୍ରମ । ।। 6 ।।

ପାଦେ ପାଦ ଛନ୍ଦା ଛନ୍ଦି କରେ କର ବାନ୍ଧି
କେଡ଼େ ମନୋହର ସତେ ସେ ଯୁଗଳ ବନ୍ଦୀ
ରାସ ରଚନ୍ତି ଯେ ବେନି
ଶୋଳ ସହସ୍ର ଗୋପୀଙ୍କୁ ସାଥେ ପୁଣି ଘେନି । ।। 7 ।।

ମଧୁ ମଧୁ ବଂଶୀ ସ୍ୱନ ବାଜଇ କୁଞ୍ଜରେ
ରାଧିକା ବାୟାଣୀ ନାଚେ କଦମ୍ବ ବନରେ
ବାଜେ ତା' ପାଦ ନୁପୂର
କି ସୁନ୍ଦର ରାଗ ତୋଳେ ତା' ପେନ୍ଥି ଘୁଙ୍ଗୁର । ।। ୫ ।।

ସର୍ବେ ପୁଣି ଏକାକାର ମହା ରାସ ଦେଖି
ଦିବ୍ୟ ପ୍ରେମ ଲୀଳା ଦେଖ ଆଲୋ ନିରିମାଖି
ରାଧା କୃଷ୍ଣଙ୍କର ପ୍ରେମ
ଏ ଲୀଳା ଦର୍ଶନେ ଧନ୍ୟ ହୋଇବ ତୋ ଜନ୍ମ । ।। ୨ ।।

ରାଧେ .......ରାଧେ.......

କୁପାରୀ, ବାଲେଶ୍ୱର

ISSN NO.
2582-208X

# ଚାରି ଯୁଗେ ଚାରି
# ଭକ୍ତ



ପ୍ରସନ୍ନ କୁମାର ମେହେର

ଚାରି ଯୁଗେ ପ୍ରଭୁ ଚାରି ଅବତାର
ଧରାଧାମେ ଅବତରି
ଭକତିରେ ବନ୍ଧା ଭକତର ସଖା
ଭକତବତ୍ସଳ ହରି ।

ସତ୍ୟଯୁଗେ ପ୍ରଭୁ ନରସିଂହ ରୂପେ
ହିରଣାକ୍ଷ୍ୟ ବିଦାରିଲ
ଭକ୍ତ ପ୍ରହଲ୍ଲାଦ ଭକତି ଆହ୍ଲାଦ
କୟାଧୁ ମାତା ଦୁଲାଳ ।

ହରି ନାମ ଜପି ଲଭିଥିଲା ମୁକ୍ତି
ଅତ୍ୟାଚାରୀ ପିତା ଛଳେ
ଅସହ୍ୟ ଯନ୍ତ୍ରଣା ହୋଇଗଲା ଊଣା
ପ୍ରଭୁ ଲୀଳାମୟ ବଳେ ।

ଦ୍ୱାପରରେ ପ୍ରଭୁ  କୃଷ୍ଣ ଅବତାରେ
ନନ୍ଦ ଯଶୋଦାଙ୍କ କୋଳେ
ଗୋପେ ଭିଆଇଲେ ରାଧାକୃଷ୍ଣ ଲୀଳା
ଗୋପୀ ଗୋପାଳଙ୍କ ମେଳେ ।

ମାମୁଁ କଂସାସୁର କରିଲ ନିଧନ
ପାପୀ ତାପି ଉଦ୍ଧାରିଣ

ISSN NO.
2582-208X

ଭକତ ସୁଦାମା ଲଭିଥିଲା ଯଶ
ତୁମ୍ଭ କୃପା ବଳେ ଧନ ।

ଭକତିର ବଳେ ଭକତ ଆକୁଳେ
ଭୁଞ୍ଜିଥିଲ ଖୁଦ ଭଜା
ଭକତର ସଖା ଦୀନବନ୍ଧୁ ଏକା
ଭକତର ଦାସ ସଜା ।

ତ୍ରେତୟା ଯୁଗରେ ରାମ ଅବତାରେ
ବଧକଲ ଦଶାନନ
ସୀତାଙ୍କୁ ଉଦ୍ଧାରି ରଖିଗଲ ଯଶ
ଲଙ୍କେ ରାଜା ବିଭୀଷଣ ।

ଭକ୍ତ ହନୁମାନ ତୁମ୍ଭ ନାମ ଜପି
ଠାବ କଲା ମାତା ସୀତା
ଧ୍ୱଂସ କଲା ଲଙ୍କା ଅନଳ ସଂଯୋଗେ
ହୋଇଲା ଜଗତଜିତା ।

କଳିଯୁଗେ ପ୍ରଭୁ ନୀଳାଚଳ ଧାମେ
ଜଗନ୍ନାଥ ଦାରୁବ୍ରହ୍ମ
ଜଗତର ନାଥ ସେଇ ଜଗନ୍ନାଥ
ଲୀଳାମୟ ପରଂବ୍ରହ୍ମ ।

ଭକ୍ତ ସାଲବେଗ ଭକତି ବିଶ୍ୱାସେ
ଅଟକିଲା ନନ୍ଦିଘୋଷ
ଭକତର ଡୋରି ଲାଗିଥାଉ ହରି
ଭକ୍ତର ଭକତି ପାଶ ।

ଦିଗଶିର୍, ଡୁଙ୍ଗୁରିପାଲି, ସୁବର୍ଣ୍ଣପୁର
ମୋ,-୯୭୭୭୯୭୧୩୭୬

ISSN NO.
2582-208X

# ଭୁଲି ହୁଏନା



ସଂଯୁକ୍ତା ସାହୁ

ଭୁଲି ହୁଏନି ସେଇ ପିଲାଦିନର ସ୍ମୃତି ମାନ
ଯେବେ ଯେବେ ମନେ ପଡ଼ିଯାଏ
ଇଛା ହୁଏ ଫେରି ଆସନ୍ତା କି ସେ ଦିନ
ସତେ ମନ ଭାରି ଆନମନା ହୁଏ ।
ଭୁଲିହୁଏନା ବାପା ମାଆଙ୍କ ସ୍ନେହ ବୋଳା
କଥା ତାଙ୍କ ରୁଣ ବି ସୁଝି ହେବ ନାହିଁ
ତାଙ୍କରି ଆଶିଷ ପାଇ ଆଜି ଏ ଦୁନିଆରେ
ଆମେ ସବୁ ବାଟ ଚାଲୁଅଛୁ ତହିଁ ।
ଭୁଲି ହେବନାହିଁ କେବେ ମୋର ଜୀବନରେ
ଯେବେ ମୁଁ ମାଆଟିଏ ହେଲି
ସେଇ ଯେ ମାତୃtwaର ପରିପୂର୍ଣ୍ଣତା ଲଭିଲି
ବାତ୍ସଲ୍ୟ ପ୍ରେମରେ ବୁଡିଯାଇଥିଲି ।
ଭୁଲି ହୁଏନା ଜନ୍ମଦାତା ଗୁରୁ, ଶିକ୍ଷା ଗୁରୁ
ଦୀକ୍ଷା ଗୁରୁ, ସୃଷ୍ଟିର ପରମେଶ୍ୱରଙ୍କୁ
ସମସ୍ତଙ୍କ କଲ୍ୟାଣ ନେଇ ଗଢ଼ା ଏ ଜୀବନ
ଧନ୍ୟ ଧନ୍ୟ ଏ ସୃଷ୍ଟି ମାୟା ବନ୍ଧନକୁ ।
ଭୁଲିହୁଏନା ମଣିଷ ଜୀବନ କେତେ ଦୁର୍ଲ୍ଲଭ
ସମସ୍ତେ ଯେ ଅଟନ୍ତି ଅମୃତ ସନ୍ତାନ
ଭୁଲ ନାହିଁ ଏଇ ମାଟି, ମାଆର ମମତାକୁ
ଧନ୍ୟ ଧନ୍ୟ ସେମାନଙ୍କର ଦାନ ।

ଗ୍ରହାମା, ଜଗତସିଂହପୁର

ISSN NO.
2582-208X

# ଆହୁତି



ଡାଃ. ଅଜନ୍ତା ପଣ୍ଡା

-- ୪ --

ଗୁନିକୁ ହଷ୍ଟେଲରେ ଥଇଥାନ କରି ଆସି ରଙ୍ଗୀକୁ ମଧ୍ୟ ଗାଁ ଘରେ ରଖାଇ ଆସିଲେ ଜୀବନ ବାବୁ । ଅଚାନକ ଭାବେ ସବୁକିଛି ଯେମିତି ପଲଟି ଯାଇଥିଲା । ସାରିକା ଏକ ଆଦର୍ଶ ପତ୍ନୀ, ଅନୁରାଗୀ ମାତା ଏବଂ ପୋଖତ ଗୃହକର୍ତ୍ତ୍ରୀ ପାଲଟି ଯାଉଥିଲେ । ଦୀର୍ଘ ପନ୍ଦର ବର୍ଷ ଧରି ହଜି ଯାଇଥିବା ପରିବାର ସଂସ୍କୃତି ପୁଣିଲେଉଟି ଆସିଥିଲା ଯେମିତି । ଜୀବନ ବାବୁ ବିଶ୍ୱାସ କରି ପାରୁ ନ ଥିଲେ । ଇଏ କଣ ସେଇ ପନ୍ଦର ବର୍ଷରୁ ଦେଖି ଆସୁଥିବା ସାରିକା । ହଠାତ୍ ଏ ସବୁ ପରିବର୍ତ୍ତନର ଅର୍ଥ ବୁଝା ପଡୁ ନଥିଲା ଜୀବନ ବାବୁଙ୍କୁ । ଯେଉଁ ସାରିକା କେବଳ ନିଜକୁ ଆଉ ନିଜର ପୁଅ ଦୁହିଙ୍କ ବିନା ଅନ୍ୟ କାହାକୁ ଦେଖି ପାରୁ ନଥିଲା ସେ ଆଜି ସବୁରି ନିମନ୍ତେ ତତ୍ପର । କାରଣ ଯାହା ହେଉନା କାହିଁକି, ପରିବାରରେ ଏତେ ବର୍ଷ ପରେ ଶୃଙ୍ଖଳା ଆଉଥରେ ମୁଣ୍ଡ ଟେକି ଚାହୁଁଛି, ଏମିତି ଏକ ଆନନ୍ଦର ବିଷୟଟିକୁ ପ୍ରଥମେ ଗୁନିକୁ ଦେବା ଉଚିତ୍ । ହଷ୍ଟେଲ ଯିବା ପୂର୍ବରୁ ଅହରହ ଗୁନି ମୁହଁରେ ସେଇ ପଦଟିଏ କଥା ରହୁଥିଲା, "ମା' ତ ଭାଇଦୁହିଁଙ୍କ କାମ ନେଇ ବ୍ୟସ୍ତ । ମୁଁ ହଷ୍ଟେଲରେ ରହିଲେ, ରଙ୍ଗୀମା ଗାଁ କୁ ଚାଲିଗଲେ ତୁମ କଥା କିଏ ବୁଝିବ ବାପା ।" ପ୍ରାୟ ବର୍ଷ ଟାଏ ଗଡ଼ି ଗଲାଣି । ଶୀତ ଛୁଟିରେ ବି କିଛି ଏକ୍ସଟ୍ରା କ୍ଲାସ ଚାଲିଛି କହି ଗୁନି ଆସି ନ ଥିଲା । ଫାଇନାଲ ପରୀକ୍ଷା ପରେ ଘରେ ଆସି ମାସ ଟାଏ ରହୁ । ନିଜ ଆଖିରେ ସବୁ ଦେଖିଯିବ । ହଷ୍ଟେଲ ଓ୍ୱାର୍ଡନଙ୍କ ନିକଟରେ ପହଞ୍ଚି ଯାଇଥିଲେ ଜୀବନ ବାବୁ । ଖରା ଛୁଟିରେ ଗୁନିକୁ ଘରକୁ ନେବା ପାଇଁ ଜିଗର କରିଥିଲେ ।

ବାପର ମନ ମୁଁ ବୁଝିପାରୁଛି ଜୀବନ ବାବୁ । ହେଲେ ଏଇ ଅଳ୍ପ କେଇ ମାସରେ ମୁଁ ଅରୁନ୍ଧତୀକୁ ଭଲ କରି ପରଖି ନେଲିଣି । ସେ ଏକ ନିରୁତା ସ୍ୱଭାବର ଝିଅ । ତା' ପାଠ,

ISSN NO.
2582-208X

ତା' ଏକ୍ସପେରିମେଣ୍ଟରେ ସେ ନିଜକୁ ମଜ୍ଜି ଦେଇଛି । ଆପଣଙ୍କ ପ୍ରଥମ ଦିନର କଥା ପଦକ ମୋ ହୃଦୟରେ ବେଦର ଗାର ହୋଇଯାଇଥିଲା । "ଜନ୍ମରୁ ମାତୃ ହୀନା ଝିଅଟି ଅରୁନ୍ଧତୀ । ତା' ଉପରେ ଟିକିଏ ବିଶେଷ ନଜର ରଖିବେ ।" ସତରେ ଜୀବନ ବାବୁ, ଅରୁନ୍ଧତୀ ଏକ ଭିନ୍ନ ଉପାଦାନରେ ଗଢା । ଶିଶୁ ଅବସ୍ଥାରୁ ମାତୃହୀନା ଦୁଃଖ, ଜାଣେ ଅବା ଅଜାଣତେ ପିଲାଟିର ଅବଚେତନ ମନରେ ଆସର ପକାଇଥାଏ । ଯାହା ଜୀବନ ବ୍ୟାପୀ ମଣିଷଟିର ମସ୍ତିଷ୍କରେ ବସା ବାନ୍ଧି ଯାଇଥାଏ । ହେଲେ ଅରୁନ୍ଧତୀ । ମୁଁ ଜାଣେ, ଏଥିପାଇଁ ଆପଣଙ୍କର ଦାନ ଅପାର ।

ଆପଣ ଠିକ୍ କହୁଛନ୍ତି ମାମ । ସେ କେବଳ ମୋର ଝିଅ ନୁହେଁ । ମୋ ଜୀବନର ସବୁ କିଛି । ବର୍ଷଟାଏ ଯେ ତା' ଠାରୁ ଦୂରରେ ରହିଲିଣି । ତା'କୁ ଟିକିଏ ଡକାଇବେ । ମନଖୋଲି ତା ସଙ୍ଗେ ଦି ପଦ କଥା ହେବି ।

ଜୀବନ ବାବୁଙ୍କ ପାଟିରୁ କଥା ନ ସରୁଣୁ ୱାର୍ଡ଼ନ ୱାର୍ଡ଼ ବୟକୁ କହି ଅରୁନ୍ଧତୀକୁ ଡକାଇ ଦେଇଥିଲେ । "ତୁମେ ଏଇଠି ବସି ବାପାଙ୍କ ସହ କଥା ହୁଅ ଅରୁନ୍ଧତୀ । ମୋର ଟିକିଏ ବାହାରକୁ ଯିବାର ଅଛି ।" କହି ସରସ୍ୱତୀ ଦେବୀ(ୱାର୍ଡନ) ଉଠି ବାହାରକୁ ଚାଲିଗଲେ ।

ବହୁଦିନ ପରେ ବାପାଙ୍କ ସହ ନିରୋଳାରେ ବସି କଥାବାର୍ତ୍ତା କରୁ ଥିବାରୁ ଆନନ୍ଦରେ ଫାଟି ପଡୁଥାଏ ଗୁନି । ବାପାଙ୍କର କୌଣସି ପ୍ରଶ୍ନର ଉତ୍ତର ନ ଦେଇ ନିଜ ଆଡୁ ବାପାଙ୍କ ବିଷୟରେ ପଚାରି ଚାଲିଥାଏ ।

ମୁଁ ହଷ୍ଟେଲରେ ରହୁନି ଗୁନି । ଘରେ ରହୁଛି । ପରିବାର ସହ ରହିଲେ ଆଉ ନିଜର ଅସୁବିଧା କୋଉଠି ରହିଲା ! ତା ଛଡା ଜାଣିଛୁ ଗୁନି, ତୋ ମା' ର ଏବେ ବିରାଟ ପରିବର୍ତ୍ତନ ହୋଇଯାଇଛି । ଏଇ ଦେଖିଲୁ, ତୋ ବାଳରେ ବାନ୍ଧିବା ପାଇଁ କ'ଣ କ'ଣ ସବୁ ଜିନିଷ ପଠାଇଛି ।ସେ ଏବେ ଜଣେ ପକ୍କା ଗୃହିଣୀ । ତୋ ସରସ୍ୱତୀ ମାମଙ୍କ ସଂଗେ ମୋର ଆଲୋଚନା ହୋଇଯାଇଛି । ତୋର କିଛି ବହି ପତ୍ର ଦି ଖଣ୍ଡ ଧରି ଚାଲ ଗାଡ଼ିରେ ବସ ।

ବାପାଙ୍କ ମୁହଁକୁ ଆକ୍ତା ମାକ୍ତା ହୋଇ ଚାହିଁ ରହିଲା ଗୁନି । ବାପା ଏ ସବୁ କ'ଣ କହୁଛନ୍ତି ! ହଷ୍ଟେଲ ଆସିବା ପରେ ଦୁଇ ତିନି ଥର ଲାଗ ଲାଗ ଘରକୁ ଚାଲି ଯାଉଥିଲା । ହେଲେ

ISSN NO.
2582-208X

ପରିସ୍ଥିତିରେ ତ କୌଣସି ସୁଧାର ନ ଥିଲା । ତିନିଥର ଯାକ ଶନିବାର ରବିବାର ଘରକୁ ଯାଇଥିଲା । ଯଥା ପୂର୍ବମ ତଥା ପରମ । ମନକୁ ଆସି ଯାଉଥିଲା, କେମିତି ହଷ୍ଟେଲ ଝିଅମାନେ ତା ଆସିବାକୁ ଚାହିଁ ବସିଥାନ୍ତି । ଧନୀ ଘର ଝିଅ । ପ୍ରଥମ ଥର ପାଇଁ ଘର ଛାଡ଼ି ହଷ୍ଟେଲରେ ରହୁଛି । ହଷ୍ଟେଲ ଆସିବା ସମୟକୁ ତା'କୁ ତା'ର ମା' ବହୁତ ବଢିଆ ବଢିଆ ଖାଇବା ଜିନିଷ ପ୍ୟାକ କରି ଦେଇଥିବେ । ତେଣୁ ହଷ୍ଟେଲ ଫେରିବା ସମୟକୁ ଡ୍ରାଇଭର ସଂଗେ ଯାଇ ଗୁନି ବହୁତ କିଛି ଖାଇବା ଜିନିଷ ମାନ ପ୍ୟାକ୍ କରି ନେଇ ମା' ପଠାଇଛି କହି ସାଙ୍ଗ ମାନଙ୍କ ସାମ୍ନାରେ ରଖିଦିଏ । ଆଖି ପିଛୁଡ଼ାକେ ସାଙ୍ଗ ମାନେ ସବୁ ଚରି ଯାଆନ୍ତି ।

କ'ଣ ଦେଖୁଛୁ । ଯା, ବାହାରି ପଡ଼ ।

ରଙ୍ଗୀମା ଗାଁରୁ ଫେରି ଆସିଲାଣି ?

ନାଁରେ ଗୁନି, ତା ବର ତାକୁ ଗାଁ ଛାଡ଼ି ଆସିବା ପାଇଁ ଅନୁମତି ଦେଉନି । ଗତ ମକର ସଂକ୍ରାନ୍ତି ଦିନ ଗୋଟାଏ ବଡ଼ ଟ୍ରାଜେଡି ହୋଇଯାଇଛି ।

ଟ୍ରାଜେଡ଼ି ! ! ! ବାପାଙ୍କ ମୁହଁକୁ ଚାହିଁ ଥମ୍ ହୋଇଯାଇଥିଲା ଗୁନି ।

ଗତ ମକର ସଂକ୍ରାନ୍ତି ଦିନ ଗାଁ ରାଧା ଗୋବିନ୍ଦ ମନ୍ଦିରରେ ପୂଜା ଦେବା ପାଇଁ ଯାଇଥିଲି । ପିଲାଙ୍କ ଭଳି ରଙ୍ଗୀ ଅଳି କରି ବସିଲା, "ପୋଡ଼ ପିଠା, ଚୁଡ଼ା ଘଷା ଖାଇବା ପାଇଁ । ଏ ଗାଁ ବାଲାମାନେ ତଡ଼ପୁଛନ୍ତି । ସେ ସବୁର ବ୍ୟବସ୍ଥା ଟିକିଏ ଭଲ କରି ଦିଅନ୍ତୁନି ବାବୁ । ମୋ ମୁଣ୍ଡରେ ଦୋଷ ନଦି ଦେଉଛନ୍ତି । ତତେ ସବୁ ଭଲରେ ଭଲରେ ମିଳି ଯାଉଛି ତ, ତୁ କାଇଁକି ଆଉ କାହା କଥା ମନେ ପକାନ୍ତୁ ।"

ରଙ୍ଗୀମା କଥା ରଖିଲନି ବାପା । ବିଚାରୀକୁ ସେ ବାପ ପୁଅ ଦିଇଟା ମାର ପିଟ୍ କଲେନି ତ! ରଙ୍ଗୀମା ଏବେ ଠିକ୍ ତ ।

ରଙ୍ଗୀ ଠିକ୍ ଅଛି ଗୁନି । ହେଲେ.....

ହେଲେ.. ! ! !

ISSN NO.
2582-208X

ହଁ ତା’ ପୁଅ, ସେଇ ଗୁଣ୍ଡା, ଧୂସୁରା(ରାଜା) ।

“ରାଜା ଭାଇ ! କ’ଣ ହେଲା ବାପା ?” ଆବେଗତାର ସହ ପ୍ରଶ୍ନ କଲା ଗୁନି ।

ଗାଁ ମନ୍ଦିରରେ ସବୁ ବ୍ୟବସ୍ଥା କରିଦେଇ ଆସିଲି । ପୂଜକ ମାନେ ସକାଳ ପୂଜା ପରେ ମକର ଚାଉଳ, ଖସା ଲଡୁ ଗାଁ ବାଲା ମାନଙ୍କୁ ଡାକି ଡାକି ବାଣ୍ଟିଲେ । ଚୁଡ଼ା ଘଷା ପର୍ବ ସନ୍ଧ୍ୟାରେ ବୋଲି ଘୋଷଣା କଲେ । ଗାଁ ବାସୀ ମାନଙ୍କୁ, ବିଶେଷ କରି ଟୋକାମାନଙ୍କୁ, ସନ୍ଧ୍ୟା ପର୍ବ ପାଇଁ ଅପେକ୍ଷା ଥାଏ । ସବୁକିଛିର ବ୍ୟବସ୍ଥା କରିଦେଇ ରଙ୍ଗୀ ହାତରେ କିଛି ଅଧିକା ଟଙ୍କା ଧରାଇ କହିଲି, ଦିନରେ ଗାଁ ବାସୀ ମାନଙ୍କର ଖୁସି ଦେଖିଲୁ ତ ! ସନ୍ଧ୍ୟା ପର୍ବଟା ତୁ ଚଳେଇ ନବୁ । ସାନ୍ଧା, ଧୂସୁରାଙ୍କ ଉପରେ ନଜର ରଖିବୁ । ଧୂସୁରାଟା ହୁଣ୍ଡାଟାଏ । ସାନ୍ଧା ମଦୁଆ । ବାପ ମଦ ପିଆ ଦେଖି ସେ ବି ପିଇବା ଆରମ୍ଭ ନ କରିଦେଉ। ଦେଖି ଚାହିଁ ଦୁହିଙ୍କ ହାତରେ ପଇସା ଦେବୁ । ସନ୍ଧ୍ୟା ପୂର୍ବରୁ ମୁଁ କଟକ ଚାଲି ଆସିଲି ।

ତେବେ ଟ୍ରାଜେଡ଼ି.....

ସନ୍ଧ୍ୟା ପୂର୍ବରୁ ସାନ୍ଧା ଆଉ ଧୂସୁରା ଆସି ଆମ ଗାଁ ଘରେ ରଙ୍ଗୀ ପାଖରେ ବସିଲେ । ତିନିଙ୍କ ଭିତରେ ବହୁ ପ୍ରାସଙ୍ଗିକ ଅପ୍ରାସଙ୍ଗିକ ଆଲୋଚନା ହେଲା । ସାନ୍ଧା କହିଲା ଓଷା, ପର୍ବପର୍ବାଣୀ ଗାଁରେ କେତେ ମହତ୍ୱ ରଖେ, ତୁ ଭୁଲିଗଲୁଣି । କାହିଁକି ନାତୋ ଠାରେ ସହର ଚଳଣି ପଶି ଗଲାଣି । କହିଲୁଦେଖି, ତୋ ସହରରେ କେଇଟା ମଣିଷ ରଜ ପୋଡ଼ପିଠା ତିଆରି କରୁଛନ୍ତି ! ଚିତୋଉ ଅମେଇସିଆ ତ ଦୂରକଥା, ଚିତୋଉ ପିଠାର ସେମାନେ ମାନେ ବୁଝନ୍ତି ! ପଢୁଆଁ ଅଷ୍ଟମୀର ଏଣ୍ଡୁରି ତାଙ୍କ ବାପ ଗୋସାପଙ୍କୁ ଜଣା !! ଆରିସା, କାକରା କହିଲେ ନାକ ଟେକୁଛନ୍ତି । ପଖାଳ, ଶୁଖୁଆ ପୋଡ଼ାର ମହତ୍ ସେମାନଙ୍କୁ ଜଣା !!! ବୁଝିଲୁ ଧୂସୁରା, ସହରରେ ରହି ମା’ ବି ତ ତୋର ବାବୁଆଣୀ ହେଇଗଲାଣି । ଟିକିଏ ଛେପ ଢୋକି ପୁଣି ଆରମ୍ଭ କଲା ସାନ୍ଧା; “ବାବୁ ତ ତୋ ହାତଖର୍ଚ୍ଚ ପାଇଁ କିଛି ଦେଇଯାଇଥିବେ ରଙ୍ଗୀ । ମତେ କିଛି ଦେଇପକା । ଏଇମିତି ଧୀରେ ଧୀରେ କରି ଜମା କଲେ ଆମ ଝୋପଡ଼ିଟାକୁ ଟିକିଏ ବାଗେଇ ଦେଇ ପାରିବା ।

ISSN NO.
2582-208X

ଏଇ ଦେଖିଲୁ ମା', ସେ ଘରୁଟା ଭିତରେ ୩-୪ ଟା ପଙ୍ଖା ଝୁଲୁଛି । ତା ଭିତରକୁ କିଏ ପଶିବା ତ ଦୂରକଥା ଆଖି ଉଠେଇ ଚାହିଁଲେ ତୁ ଭଲ କରି ଝାଡ଼ି ଦଉ । ସେଇଠୁ ଗୋଟେ ପଙ୍ଖା ଆମ ଘରେ ନଗେଇ ଦେଲେ ଭଲ ହୁଅନ୍ତାନି । ବଇଶାଖ, ଜ୍ୟେଷ୍ଠର ଗରମରୁ ତ୍ରାହି ମିଳି ଯାଆନ୍ତା ।

ଗରମରୁ ତ୍ରାହି ପାଇବାକୁ ହେଲେ ମେହନତ କରିବାକୁ ହବ । ମାଗି ଆଣି ନୁହେଁ କି ଚୋରି କରି ନୁହେଁ । ଭେଣ୍ଡିଆ ଟୋକାଟା । ଦିନରାତି ମସ୍ତି କରୁଛୁ । କେତେଦିନ ବାପ ରୋଜଗାରକୁ ଚାହିଁ ବସିବୁ ! ପୁଣି ଯୋଉ ବାପଟା ଗୋଟେ ମଦୁଆ ।

ଏ ସନ ମକର ମେଳା ଦେଖିବାକୁ ଯିବା ନାଗି ଖର୍ଚ୍ଚ ଦେଇ ଦେ, ଆଗକୁ ଦେଖିବା ।

ଏଇମିତି ଛୋଟ ମୋଟ ଝଗଡ଼ା ଭିତରେ ସୂର୍ଯ୍ୟାସ୍ତ ହୋଇ ଯାଇଥିଲା । "ହେଇଟି ସୁରୁଜ ଡୁବି ଗଲାଣି" କହି ଡିଆଁଟାଏ ମାରି ଧୂସୁରା ଗାଁ ମୁଣ୍ଡ ରାଧା ଗୋବିନ୍ଦ ମନ୍ଦିର ଆଡ଼କୁ ଦୌଡ଼ି ପଳାଇଲା ।

ରାଧା ଗୋବିନ୍ଦଙ୍କର ନିତି ସଂପନ୍ନ କରି ପୂଜକ ଚୁଡ଼ା ଘଷା ପର୍ବ ପାଇଁ ଗାଁର ଦୁଇ ତିନି ଜଣ ମୁଖିଆଙ୍କର ସାହାଯ୍ୟ ନେଲେ । ମନ୍ଦିର ଅଗଣାରେ ପତ୍ର ପକାଇ ଦୁଇଧାଡ଼ି ହୋଇ ଗାଁ ବାସୀମାନେ ବସି ରହିଲେ । ଚୁଡ଼ାଘଷା ପରଶା ଗଲା । ମୁଖିଆ ମାନେ କହୁଥାଆନ୍ତି, "ଲୋଭ କରି ବେଶୀ ଗିଳି ଦେବନିରେ । ଚୁଡ଼ା ଘଷା ପେଟରେ ଫୁଲିବ । ଯେତିକି ଖାଇବାର ଖାଅ । ବଳି ପଡ଼ିଲେ କାଲି ସକାଳେ ଆସି ପୂଜକଙ୍କ ପାଖରୁ ମାଗି ନେବ । ବଡ଼ ମାନଙ୍କୁ ସମ୍ମାନ କରିବା ଏଇ ଗାଁ ବାସୀ ମାନେ ଭଲ କରି ଜାଣିଥାନ୍ତି । ଯଥା ଅନୁସାରେ ଖାଇ ପତ୍ର ଗୁଡ଼ା ଗୋଟେଇ ଫୋପାଡ଼ି ଦେଲେ । ଏଇ ଧୂସୁରା...... କଥା ନ ମାନି ଦୁଇ ଜଣଙ୍କର ଖାଇଲା । ବାପା ପାଇଁ ନବାକୁ ଦାବୀ କରିବାରୁ ମୁଖିଆ ପାଟିଟାଏ କଲେ । ଯାହାର ଖାଇବା କଥା ସେ ଏଇଠି ଆସି ଖାଇବ । କାହା ପାଇଁ ନବା ଦବା ନାହିଁ । ସେଠାରୁ ହାର ମାନି ଧୂସୁରା ଏକ ଆଢୁଆଳ ଯାଗାରେ ବସି ଆଉ ଗୋଟାଏ ପତର ପାରିଲା। ରାତି ଦୁଇଟା ସରିକି । ବାରମ୍ବାର ଗଁ ଗଁ ଶବ୍ଦ ଶୁଣି ସାନ୍ଧା ଝୋପଡ଼ି ପାଖରେ ଥିବା ପଡ଼ିଶା ଘର ପରିବାର ସଦସ୍ୟମାନଙ୍କର ନିଦ ଭାଙ୍ଗିଗଲା । ଦଉଡ଼ି ଆସି ଭିତରେ ପଶିଲେ । ସାନ୍ଧା ଗୋଟାଏ କଣରେ ଟୁନ୍ ହୋଇ ପଡ଼ିଛି । ବାନ୍ତିରେ ଲଟପଟ ହୋଇ ଧୂସୁରା ସୁକ୍ ସୁକ ହେଉଛି । ଗନ୍ଧ ଯେ ଗନ୍ଧ । ହେଲେ କାହାର ଭଲ କରିବାକୁ ହେଲେ ଏ

ISSN NO.
2582-208X

ଗାଁ ବାସୀମାନଙ୍କୁ ଗନ୍ଧ, ଅସନା କିଛି କାଟୁ କରେନା । ଜଣେ ଦୁଇଜଣ ତାକୁ ସେ ଲଟପଟ ଅବସ୍ଥାରୁ ଉଠାଇ ଆଣି ଅନ୍ୟ ଏକ ଜାଗାରେ ଶୁଆଇଲେ । କେଇଜଣ ମାଇପେ ନିଜ ନିଜ ପଣତ କାନିରେ ତାର ଶରୀରକୁ ପୋଛା ପୋଛି କରିଦେଲେ । ହେଲେ ସବୁ ନିଷ୍ଫଳ । ସବୁଦିନ ପାଇଁ ଦୀପ ଟିଏ ଲିଭିଗଲା । ତହିଁ ଆରଦିନରୁ ଗାଁରେ ଆଉ କେହି ସାନ୍ଧାକୁ ମଧ୍ୟ ଦେଖିବାକୁ ପାଇ ନାହାନ୍ତି । ଗାଁ ବାଲାଙ୍କ ସାହାଯ୍ୟ ନେଇ ରଙ୍ଗୀ ଧୂସୁରାର ସବୁ କ୍ରିୟା କର୍ମ କଲା । ଧୀରେ ଧୀରେ ଗାଁ ବାସୀମାନେ କଥାଟିକୁ ଭୁଲି ଗଲେ । ହେଲେ ସବୁ ଭିତରେ କେଇଟା କୂଟ କପଟିଆ ଅଛନ୍ତି । ବାରକଥା ଉଠାଉଛନ୍ତି । ବଡ଼ ବାବୁର ରଖିଆଳୀ ହବା ପାଇଁ ବିଷ ଦେଇ ବାପ ପୁଅ ଦିଇଟାଙ୍କୁ ରଙ୍ଗୀ ମାରିଦେଇଛି । ସମସ୍ତେ ତ ସେଇ ଚୁଡ଼ା ଘଷା ଖାଇଥିଲେ । କାହାର କିଛି ହେଲାନି । ଏଇ ଦୁଇଜଣଙ୍କର କାହିଁକି ! ଗୋଟାଏ ଦୀର୍ଘ ଶ୍ୱାସ ଟାଣିଲେ ଜୀବନ ବାବୁ । ଚାଲ ବାପା ରାତି ହୋଇଯିବ ।

ଗୁନିର ଅନୁରୋଧ କ୍ରମେ ଜୀବନ ବାବୁ ଡ୍ରାଇଭରକୁ ଗାଁ ଅଭିମୁଖେ ଗାଡ଼ି ଚଳାଇବାକୁ କହିଲେ । ଗାଁ ରେ ପହଞ୍ଚିବା ବେଳକୁ ରାତି ଆଠଟା । ରଙ୍ଗୀ ଘରର ଲାଇଟ୍‌ମାନ ବନ୍ଦ କରି ଶୋଇ ପଡ଼ିଥିଲା । ତା'ର ମନେ ହେଲା ଗୁନି କହୁଛି ଭୋକ ହେଉଛି ରଙ୍ଗୀମା । କିଛି ଖାଇବା ପାଇଁ ଅଛି । ଧଡ଼୍ କରି ନିଦଟା ଭାଙ୍ଗିଗଲା ରଙ୍ଗୀର । ମୁଣ୍ଡ ପାଖକୁ ହାତ ବଢ଼ାଇ ଆଲୁଅଟା ଜଳାଇ ଦେଲା । କାହିଁ ମୋ ଗୁନି ମା ଟା । ମୁଁ ସପନ ଦେଖିଲି କି ?

ମୁଁ ବାହାରେ ଛିଡ଼ା ହୋଇଛି ରଙ୍ଗୀମା । ଦୁଆର ଖୋଲ ।

ମୋ ମାଆଟା ଲୋ । ବର୍ଷୁଟାଏ ହବ । ତୁମୁକୁ ଟିକିଏ ଦେଖିବା ପାଇଁ ଆଖି ଦି ଟା ତରସୁ ଥେଲା । ବଅସ ହେଲାଣି । କୋଉଦିନ ଆଖି ଦିଇଟା ବୁଜି ହେଇଯିବ । ଭଲ କରି ଥରେ ତୁମୁକୁ ଆଖି ପୁରେଇ ଦେଖି ନିଏ । କେତେ ଝଡ଼ି ଗଲାଣି ମୋ ମା' ଟା । ହୋସଟେଲୁଟାରେ କ'ଣ ବା ଖାଇବାକୁ ଦେଉଥିବେ !

ଚାରି କିଲୋ ଓଜନ ବଢ଼ିଛି ରଙ୍ଗୀମା । ହଉ, ସେ ସବୁ ବର୍ତ୍ତମାନ ପାଇଁ ଛାଡ଼ । ମତେ ବହୁତ ଭୋକ ।

କ୍ରମଶଃ..

ବସନ୍ତ କୁଞ୍ଜ, ନୂଆ ଦିଲ୍ଲୀ

ISSN NO.
2582-208X

# ବାକ୍ୟଦେବୀ ନମସ୍ତୁତେ



ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର

ଚୋରା ବସନ୍ତର ମଳୟ ପବନ
ଆମ୍ର କୁଞ୍ଜ ଡାଳେ କୋକିଳ,
ଗୀତ ଗାଇଲାଣି ପଞ୍ଚମ ସ୍ୱରରେ
ଦଶଦିଶ ଦିଶେ ଉଜ୍ଜ୍ୱଳ,
ବଜାଏ ବୀପଞ୍ଚି ଭ୍ରମର;
ଶ୍ୱେତ ରାଜହଂସ ପତ୍ରା ଭଗବତୀ
(ଆସନ୍ତି) ନାଶିବେ ଅଜ୍ଞାନ ଅନ୍ଧାର ||

ବନ ବୀଥିକା ରେ ଫୁଟିଲାଣି ଚମ୍ପା
କୁନ୍ଦ ନାଗେଶ୍ୱର ଅଶୋକ,
ପ୍ରକୃତି ସୁନ୍ଦରୀ ସୃଙ୍ଗାର ହୋଇଛି
ଖେଳଇ ମଧୁର ମହକ,,
ଅବିଦ୍ୟା ନୀରସ ଜୀବନେ;
ଭାରତୀ ବନ୍ଦନା ଲାଳିତ ରାଗିଣୀ
ଛନ୍ଦିଦିଏ ବିଦ୍ୟା ବନ୍ଧନେ ||

ଶରଦେନ୍ଦୁ ଆଭା ଶ୍ୱେତାଙ୍ଗିନୀ ଶୁଭ୍ରା
ମା ବୀଣା ପୁସ୍ତକ ଧାରିଣୀ,

ISSN NO.
2582-208X

ତୁସାର ଧବଳ ସ୍ଫଟିକ ର ହାର
ଗଜମୋତି ମୁକ୍ତା ଜନନୀ,,
ଗଳାରେ ଆହାକି ସୁନ୍ଦର;
ବ୍ରହ୍ମା ରୁଦ୍ର ବନ୍ଦ୍ୟ ବାଣୀ ବୀଣାପାଣି
ଦିଅ ମା ବିଦ୍ୟାର ଭଣ୍ଡାର ।।

ଶ୍ୱେତ ପଦ୍ମାସନୀ ଉତ୍ପଳ ଲୋଚନୀ
ତୋ ବରଦ ହସ୍ତ ପ୍ରସାରି,
ବିଦ୍ୟା ବୈଭବର ପ୍ରାଚୁର୍ଯ୍ୟ ମନ୍ଦିର
ଜ୍ଞାନ ରବି ରଶ୍ମୀ ବିସ୍ତାରି,,
ଆଲୋକିତ ବଶ୍ୱ ବିସ୍ମୟେ;
ହେଉ ଥାଉ ଦେବୀ ତୋ କରୁଣା ରେଣୁ
ଆହରଣେ ମନ ତନ୍ମୟେ ।।

ମହୁଲ ଫୁଲରେ ମହୁଲିଆ ଶୀତ
ଆମ୍ବ ବଉଳରେ ଭ୍ରମର,
ବନ୍ଦନା କରନ୍ତି ଦେବୀ ସରସ୍ୱତୀ
ପ୍ରକୃତି ର ବୀଣା ଝଙ୍କାର,,
ପୁଣ୍ୟ ଏ ଝଙ୍କାର ମଧୁର;
ବିଶ୍ୱାସରେ ଭରି ଦେଉଛ ଅମୃତ
ବନ୍ଦେ ବାଣୀ ପଦ୍ମ ପୟର ।।

ମଙ୍ଗଳାଯୋଡି, ଖୋର୍ଦ୍ଧା

ISSN NO.
2582-208X

# ମୋ ଅବିହନେ



ପ୍ରତିଭା ଦାସ

ମୋ ଅବିହନେ
କାହାରି କିଛି କ୍ଷତି ହବନି
ଦିନ ରାତିରେ ଫରକ୍ ପଡିବନି
ଚନ୍ଦ୍ର ସୂର୍ଯ୍ୟ ଗ୍ରହ ନକ୍ଷତ୍ର
ଚାଲୁଥିବେ ନିଜ କକ୍ଷରେ
ପ୍ରକୃତିର ନିୟମ ମାନି ।

ମୋ ବିରହରେ
ଆତ୍ମୀୟ ସ୍ୱଜନ, ବନ୍ଧୁ ବାନ୍ଧବ
ଲୁହ ଗଡ଼େଇ ଦୁଇ ଦିନ କାନ୍ଦିବେ
ଦଶା ଭୋଜି ଖାଇ
ସମୟ ସୁଅରେ ସବୁ ଭୁଲି ଯିବେ
ଏହି ତୋ ନିୟମ ପୃଥିବୀରେ
ଦୁଇ ଦିନିଆ ଜୀବନ ମିଳନରେ

ମୁଁ ନଥିଲେ ବି
ଫଗୁଣ ସେଜରେ ବସନ୍ତ ଆସିବ
କୋଇଲି ଡାକରେ

ISSN NO.
2582-208X

ହେନା ମଲ୍ଲି ରଜନୀଗନ୍ଧା ଫୁଟିବ
ଶ୍ରାବଣ ଧାରାରେ ଶ୍ରାବଣୀ ନାଚିବ
ପାଦରେ ଘୁଙ୍ଗୁର ବାନ୍ଧି

ବିହଙ୍ଗର କାକଳିରେ
ସକାଳ ପାହିବ , ବେଳ ନଇଁବ
କଅଁଳ ଖରାରେ ସବୁଜିମା
ଗାଇବ ପ୍ରେମର ଗୀତ
ଋତୁ ପରେ ଋତୁ ଆସିବ
ଚାରିଆଡେ ହୃଦୟ ଦିଆ ନିଆ
ନାନା ରଙ୍ଗର ଫୁଲ ଫୁଟୁଥିବ
ଜୀବନ ଯଉବନର ଗୀତ ଗାଇ

ବିଚିତ୍ର ଏ ଜୀବନ ମୋହ
ତା'ର ଅନେକ ରଙ୍ଗ
କେବେ ସୁଖ କେବେ ଦୁଃଖ
କେବେ ପୁଣି ହସ-ଲୁହ
ଏହାହିଁ ତ ଜୀବନର ବାସ୍ତବ ଛବି
ବିଧିର ବିଧାନ କାଳଜୟୀ ଗୀତି
ମୁଁ ନଥିଲେ ବି
ପ୍ରକୃତି ଧାରାରେ ପୃଥିବୀ ଚାଲୁଥିବ ନିତି।।

ବିଶ୍ୱନାଥ ଗୁରିଆଲି, ଆସାମ

ISSN NO.
2582-208X

# "ସାଧାପଣରେ ଲୁଚଥିବା ଏକ ଅସାଧାରଣ ଜୀବନ ସେ.."

ଲୋପାମୁଦ୍ରା ମହାପାତ୍ର

ସେ ଭଦ୍ର ଘରର ଝିଅ..
ମା ର ହୃଦୟର ସ୍ପନ୍ଦନ ସେ
ବାପାଙ୍କ ସମ୍ମାନ ଦରଜାର ମୁକୁଟ ଅଧିକାରୀ ।

ଠିକ୍ ସେ ଦେଖ ଭଦ୍ର ଘରର ଝିଅ ସେ।
ସୁନ୍ଦର ଶାନ୍ତ ସରଳ ସୁଲଳିତ ମୁଖ
ବିଲକୁଲ ତା ସାଧା ପଣରେ ରହିଥାଏ ସେ।

ଜଣା ନାହିଁ କେତେ ସ୍ୱପ୍ନ ବୁଣେ ମନେ
ନିଜ ଭିତରେ ନିଜକୁ ହଜାଇ ସେ।

ନିଜ ଖୁସି ନିଜ ସ୍ୱପ୍ନ ଗୁନ୍ଥି ରଖେ
ଶେଷରେ ନିଜକୁ ହଜାଇ ଘରକୁ ସଜାଏ ସେ।

ମନ ହୁଏ କେବେ ତା ଢଳ ଢଳ ଆଖି ପଢ଼ି ଜାଣିବି
ଯେ ଗଭୀର ଛାୟାକୁ ହେଲେ
ନୟନ ପିତୁଳା କାହିଁକି ସୁନ୍ଦର ଚାହାଣୀ ସଦା ତାର ତଳକୁ।

ଏତେ ବିଚାର ନିୟମ,
ଏତେ ଦୁଃଖ ସହି ଯାଏ ସେ

ISSN NO.
2582-208X

ତଥାପି କଷ୍ଟର କାହାଣୀ ଅତି ଆପଣାର ବୋଲାଏ ସେ ।

ଦୋଷ ନ ଥାଇ ବି ଦୋଷୀ ଲାଗୁଥିଲା ସେ
ନିର୍ଦ୍ଦୋଷୀ ଥାଇ ବି ସବୁ ସହୁ ଥାଏ ସେ ।

ହସ ଖେଳ ସାଥେ ଜୀବନର ଅପରାହ୍ନ
କିଛି ବି ତା ପାଖେ ନାହିଁ
ମାନି ନେଉଛି ସେ ଭାଗ୍ୟ ଲେଖା ସହ
ଦୁନିଆର ଚଲାପଥ କଣ୍ଟକ ସେ ।

କାନ୍ଦି କାନ୍ଦି ଲୁହ ତାର ସତେ ଶୁଖିଲା ମହାନଦୀ
ସେଥି ପାଇଁ ଆଜି ଦେଖ କାଣିଚାଏ ପାଣି ଦେଖି ଖୁସିରେ ବିଭୋର ସେ ।

ଚୁପଚାପ ରୂପସୀ ସେ ସଭିଙ୍କୁ ସହୁଛି
ସେ ତିଳ ତିଳ ହୋଇ ବଞ୍ଚୁଛି ସେ,

ତଥାପି କାହିଁକି..?
ଗୁଣିବାନ ସାଜି ସଭିଙ୍କୁ ସମ୍ମାନ ଜଣାଇ ଦିଏ ..?

ସେ ଆଖିରେ ଆଖିଏ ସପନ
ଆଉ ଲୁହର ବନ୍ୟା ସଜାଇ
ଆଜିବି ରଖିଛି ସେ ।

ଭଦ୍ରକ

ISSN NO.
2582-208X

# ସନ୍ଥକବି ଭୀମ ଭୋଇଙ୍କ ବ୍ରହ୍ମ ନିରୂପଣ ଗୀତାରେ ରହସ୍ୟବାଦୀ ଚେତନା

ଶ୍ରୀ ବାପିନା ସ୍ୱାଇଁ
ଡ. ଆଲୋକ ବରାଳ

ସଂକ୍ଷିପ୍ତ ସାର :-

ରହସ୍ୟବାଦୀ ଚେତନା ଏକ ପ୍ରାଚୀନ ସାହିତ୍ୟକ ମତବାଦ । ପ୍ରାଚୀନ ଧର୍ମଗ୍ରନ୍ଥଗୁଡିକରେ ବହୁଳ ମାତ୍ରାରେ ପରିଦୃଷ୍ଟ । ଈଶ୍ୱର ଓ ଧର୍ମବିଷୟକ ଗୁହ୍ୟତତ୍ୱ ରହସ୍ୟବାଦୀ ଚେତନାରେ ସଂଗ୍ରଥିତା । ଅନ୍ୟ ସନ୍ଥକବି ମାନଙ୍କ ପରି ଭୀମଭୋଇଙ୍କ ରଚନାରେ ରହସ୍ୟବାଦୀ ଚେତନା ଧର୍ମତତ୍ୱକୁ ରୂପାୟନ କରିଛି । ବ୍ରହ୍ମ ନିରୂପଣଗୀତାରେ ଅଲେଖ ବ୍ରହ୍ମଙ୍କ ପୁର,ବିଭିନ୍ନ ନାମତତ୍ୱ, ସର୍ବବ୍ୟାପୀତ୍ୱ ଆଦି ରହସ୍ୟାତ୍ମକ ଢଙ୍ଗରେ ଉପସ୍ଥାପିତ । ଆଲୋଚ୍ୟ ପ୍ରବନ୍ଧରେ ରହସ୍ୟବାଦୀ ଚେତନା ଭିତିରେ ବ୍ରହ୍ମନିରୂପଣ ଗୀତା ଆଲୋଚିତ ।

ମୁଖ୍ୟଶବ୍ଦ ସମୂହ- ଭୀମଭୋଇ, ରହସ୍ୟବାଦୀ ଚେତନା ଦିବ୍ୟସାନିଧ୍ୟ, ମହାଜାଗତିକ ଚେତନା, ସର୍ବବ୍ୟାପୀତ୍ୱ, ନୈସର୍ଗିକ କଳ୍ପନା ବିଳାସତା ।

ଅନ୍ୟ ନିର୍ଗୁଣପନ୍ଥୀ କବିମାନଙ୍କ ପରି ଭୀମ ଭୋଇ ରହସ୍ୟବାଦୀ ଚେତନାର ଅନ୍ୟତମ ରୂପକାର । ଶୂନ୍ୟବାଦର ଭାବଚେତନା ମାଧ୍ୟମରେ ଅମୂର୍ତ୍ତ ରୂପକୁ ମୂର୍ତ୍ତିମନ୍ତ କରାଇବାରେ ସେ ସିଦ୍ଧହସ୍ତ । ଅବ୍ୟକ୍ତ, ଅଚିନ୍ତ୍ୟ, ଅବର୍ଣ୍ଣ ଅରୂପ ଓ ଆଣକାର ବ୍ରହ୍ମଙ୍କୁ ଶବ୍ଦାୟିତ କରିବା ପାଇଁ ସେ ବିପୁଳ ସାହିତ୍ୟ ସୃଷ୍ଟି କରିଛନ୍ତି । ସେଥି ମଧ୍ୟରୁ ବ୍ରହ୍ମନିରୂପଣ ଗୀତା ଅନ୍ୟତମ। ଅଣାକାର ଓ ନିରାକରଙ୍କ କଥୋପକଥନ ଛଳରେ ଲିଖିତ ଚଉଦ ଅଧ୍ୟାୟ ବିଶିଷ୍ଟ ଏହି ଗ୍ରନ୍ଥ କବି ଭୀମ ଭୋଇଙ୍କ ଅନ୍ୟତମ । ଗୀତା ରକ୍ତନା ମହାନିତ୍ୟପୁର, ଅନାମ ବ୍ରହ୍ମ ନିର୍ଣ୍ଣୟ, ବ୍ରହ୍ମ ଭେଦ, ବ୍ରହ୍ମ ନିରୂପଣ, ଅଲେଖ ବ୍ରହ୍ମ ରୂପ ବର୍ଣ୍ଣନ, ମହିମାଙ୍କ ମହିମା ବର୍ଣ୍ଣନ, ଶସ୍ରଦଳ କୁଞ୍ଜ ଓ ବର୍ଣ୍ଣ ଭେଦ ଆଦି ବିଷୟକୁ କବି ବର୍ଣ୍ଣନା କରିଛନ୍ତି । ସନ୍ଥ

ISSN NO.
2582-208X

କବିଙ୍କ ରହସ୍ୟବାଦୀ ଚେତନାର ଉତ୍ତୁଙ୍ଗ ସ୍ତର ଆଲୋଚ୍ୟ ବ୍ରହ୍ମ ନିରୂପଣ ଗୀତାରେ ପରିଦୃଷ୍ଟ ।

ଅତି ପ୍ରାଚୀନ କାଳରେ ମନୁଷ୍ୟ ଯାଯାବର ଜୀବନଯାପନ କରୁଥିଲା । ମନୁଷ୍ୟ ଶୀତ, ବର୍ଷା, ପ୍ରଚଣ୍ଡ ରୌଦ୍ରତାପ ଓ କାକରପାତରେ ନିଜକୁ ଅତ୍ୟନ୍ତ ଅସହାୟ ମନେ କରୁଥିଲା । ପ୍ରାଚୀନ ମାନବଜାତି ପାଇଁ ପୃଥିବୀରେ ଘଟୁଥିବା ଭୌତିକ ଘଟଣା ଗୁଡିକ ରହସ୍ୟାତ୍ମକ ଚେତନାର ଭିତି ସ୍ଥାପନ କରିଥିଲା । ସର୍ବ ପ୍ରାଚୀନ ଲିଖିତ ସାହିତ୍ୟ ଭାବେ ବିବେଚିତ ଋକ୍ ବେଦରେ ରହସ୍ୟାତ୍ମକ ଭାବ ଅତି ସ୍ପଷ୍ଟ ଭାବେ ପରିଦୃଷ୍ଟ । ଅତ୍ୟନ୍ତ ଗୋପନୀୟ ବ୍ରହ୍ମ ବିଦ୍ୟାକୁ ଭାରତୀୟ ସଂସ୍କୃତିରେ ଗୁରୁଘର ଜ୍ଞାନ ଭାବେ ବିବେଚନା କରାଯାଏ । ପୃଥିବୀରେ ଘଟୁଥିବା ଯାବତୀୟ ମହାଜାଗତିକ ଘଟଣାର ଅନ୍ତରାଳରେ ଜଣେ କିଏ ସୂତ୍ରଧାର ଥିବା ବେଦରେ ବର୍ଣ୍ଣିତ ହୋଇଛି । ସେହି ପରମ ସ୍ରଷ୍ଟାଙ୍କୁ ଜାଣିବା ପାଇଁ ଯେଉଁ ବିଦ୍ୟା ଆବଶ୍ୟକ ତାହା ରହସ୍ୟାତ୍ମକ ବିଦ୍ୟାକୁ ଅଙ୍ଗିରା ଋଷି ପରାବିଦ୍ୟା ଭାବେ ବିଶେଷ ବାଖ୍ୟା କରିଛନ୍ତି । ବେଦାନ୍ତରେ ବ୍ରହ୍ମଙ୍କୁ ନେତି ନେତି ଭାବେ ବର୍ଣ୍ଣନା କରିବା ସ୍ଥଳେ ରହସ୍ୟାତ୍ମକ ଭାବ ପରିଦୃଷ୍ଟ ହୋଇଥାଏ । ପ୍ରଥମେ "mysticism" ଶବ୍ଦ ମୂଳ ଲାଟିନରେ ଦୁର୍ବୋଦ୍ଧ ଧର୍ମତତ୍ୱ ଓ ଧର୍ମ ସଂକ୍ରାନ୍ତିୟ ବ୍ୟାପରକୁ ବୁଝାଉଥିଲା । ସଂସ୍କୃତରେ ରହଃ ଧାତୁର ଅର୍ଥ ଗୋପନୀୟତା ଓ ନିର୍ଜନତା । ଅର୍ଥାତ ଭାରତୀୟ ଧର୍ମଶାସ୍ତ୍ର ଗୁଡିକରେ ବ୍ରହ୍ମଜ୍ଞାନକୁ ଅତ୍ୟନ୍ତ ଗୋପନୀୟତା ଓ ନିର୍ଜନତା । ଅର୍ଥାତ ଭାରତୀୟ ଧର୍ମଶାସ୍ତ୍ର ଗୁଡିକରେ ବ୍ରହ୍ମଜ୍ଞାନକୁ ଅତ୍ୟନ୍ତ ଗୋପନୀୟ ଜ୍ଞାନ ଭାବେ ଅଭିହତ କରାଯାଇଛି । ସେହି ପରି ପାଶ୍ଚାତ୍ୟ ସାହିତ୍ୟରେ ରହସ୍ୟବାଦୀ ଚେତନା ମଧ୍ୟ ଧର୍ମତତ୍ୱର ଦୁର୍ବୋଧ ଅର୍ଥକୁ ସଙ୍କେତ କରେ । ଏହା ଏକ ଲୋକତର ଚେତନା ଯାହା ଅନିବିଷ୍କୃତ ଅଥବା ଅସ୍ପଷ୍ଟ ଭାବଧାରାର ପରିଚାୟକ । It is a phase of thought or rather perhaps of a feeling which appears in connection with the Endeavour of the human mind to grasp the divine essence or te ultimate reality of things and enjoy the blessedness of actual communication with the highest-encyclopedia Britannica Vol-୧୬. ଯାହା ପରମସତ୍ୟ ତାହାର ପ୍ରତ୍ୟାକ୍ଷାନୁଭୂତ ସହ ବ୍ୟକ୍ତି ଚେତନାର ସମ୍ମିଳିତ ଚେତନାତ୍ମକ ଅଭିବ୍ୟକ୍ତି ହିଁ ରହସ୍ୟବାଦୀ ଚେତନା । ମାନବର କର୍ମମୟ ଜୀବନ, ସାମାଜିକ ବ୍ୟବସ୍ଥା, ଭାବତ୍ମକ ସଂପର୍କ, ଭକ୍ତିଗତ ଅନୁଭୂତି ଆଦି ଗୁଡିକରେ ମନୁଷ୍ୟ ବାରମ୍ବାର ରହସ୍ୟାତ୍ମକ ଅନୁଭବକୁ ପ୍ରତ୍ୟକ୍ଷ କରେ । ବେଳେ ବେଳେ ସ୍ୱପ୍ନ ଓ ବାସ୍ତବତାର

ISSN NO.
2582-208X

ଏକ୍ୟତା ଅନୁଭୂତ ହୁଏ । ସେହି ସମୟରେ ମନୁଷ୍ୟ କିଂକର୍ତବ୍ୟବିମୂଢ଼ ହୋଇ ପଡି କେବଳ ଦିବ୍ୟ ଶକ୍ତି ନିକଟରେ ନିଜକୁ ସମର୍ପିତ କରିଦିଏ । ଯେଉଁ ଜିନିଷକୁ ଅନୁଭବ କରିହୁଏ, ମାତ୍ର ତାହାକୁ ବର୍ଣ୍ଣନା କରିହୁଏ ନାହିଁ ତାହାକୁ ରହସ୍ୟ କୁହାଯାଏ । ରହସ୍ୟବାଦ ବା ତତ୍ୱର ଦୃବୃଦ୍ଧତା ଓ ଜଟିଳତା ଜନିତା ଅମୀମାଂସିତା ସ୍ୱରୂପ ସମ୍ପର୍କରେ ବ୍ୟକ୍ତି ଚେତନାରେ ଯଥାର୍ଥ ଦୃଷ୍ଟି ଅପେକ୍ଷା ଭ୍ରାନ୍ତିର ଅବକାଶ ବରଂ ଅଧିକ ଏହି ଆଂଶିକ ରହସ୍ୟବାଦୀ ସ୍ୱର୍ଶକାତରତା ଅନୁଭବ କରେ । ରହସ୍ୟତତ୍ୱ ଯୁକ୍ତିସିଦ୍ଧ ନୁହେଁ ମାତ୍ର ଅନୁଭବ୍ୟ । ତେଣୁ ରହସ୍ୟବାଦୀତତ୍ୱଜ୍ଞ ଏହି ବିଷୟରେ ମୌନ ରହନ୍ତି । ରହସ୍ୟବାଦୀ ଚେତନାକୁ ଦୁଇ ଆଧାରରେ ଆଲୋଚନା କରାଯାଇପାରେ । ଯଥା-ରହସ୍ୟ ଅନୁଭୂତିର ତତ୍ୱାତ୍ମକ ବର୍ଣ୍ଣନା ଏବଂ ସେହି ଅନୁଭୂତିର ତତ୍ୱାତ୍ମକ ସମୀକ୍ଷା ରହସ୍ୟାତ୍ମକ ଅନୁଭବ ବିଭିନ୍ନସ୍ତର ଓ ଉପଲବ୍ଧିର ସ୍ୱରୂପକୁ ବାଖ୍ୟା କରିବାକୁ ଭାବାତ୍ମକ ରହସ୍ୟବାଦ (Emotive Mysticism) ଯାହା ଚେଷ୍ଟା କରିଥାଏ । ବିଭିନ୍ନ ବ୍ୟକ୍ତି ଭିନ୍ନ ଭିନ୍ନ ଧରଣର ରହସ୍ୟାନୁଭୂତି କରିଥାନ୍ତି; ଯେପରି ଯୋଗ ଅଭ୍ୟାସ କରୁଥିବା ସାଧକ ଅଥବା ଏକ ମାଦକ ଦ୍ରବ୍ୟ ସେବନକାରୀ ମନୁଷ୍ୟ । ଉପରୋକ୍ତ ରହସ୍ୟାନୁଭତିର ସମୀକ୍ଷା ଦ୍ୱାରା ସକରାତ୍ମକ ରହସ୍ୟାନୁଭୂତି ଓ ନକାରତ୍ମକ ରହସ୍ୟାନୁଭୂତିକୁ ବି ପରସ୍ପର ଠାରୁ ବିଭକ୍ତ କରାଯାଇପାରେ । ରହସ୍ୟ ଉପଲବ୍ଧିର ଧାରା ବୈଦିକ ସାହିତ୍ୟଠାରୁ ଅଦ୍ୟାବଧି ପ୍ରସାରିତ ହୋଇଛି ।

ପୃଥିବୀର ସମସ୍ତ ରହସ୍ୟବାଦୀଙ୍କ ଅନୁଭୂତିରେ ଏକ ସାମ୍ୟ ପରିଲକ୍ଷିତ ହୁଏ । ଯଦି ଓ ଭିନ୍ନ ଭିନ୍ନ ଧର୍ମ ଧାରା, ମତବାଦ ଓ ଦର୍ଶନ ଦ୍ୱାରା ଏହି ଚେତନାକୁ ବ୍ୟକ୍ତ କରାଯାଇଛି । ଉପନିଷଦର ଅୟମାତ୍ମା ବ୍ରହ୍ମ (ମାଣ୍ଡୁକ୍ୟ ଉପନିଷଦ) ଅଥବା ଅହଂ ବ୍ରହ୍ମାସ୍ମି (ବୃହଦ୍‌ଆରଣ୍ୟକ ଉପନିଷଦ) ଏହି ଜୀବାତ୍ମା ହିଁ ବ୍ରହ୍ମ, ମୁଁ ବ୍ରହ୍ମ ଅଟେ ଆଦି ମହାବାକ୍ୟ ଗୁଡିକ ମଧ୍ୟ ଦିବ୍ୟ ରହସ୍ୟାନୁଭୂତିର ଉପଲବ୍ଧି ଅଟେ । ମନୁଷ୍ୟର ଶରୀରସ୍ଥ ମନ ଯେପରି ରହସ୍ୟାବୃତ ସେହିପରି ବହିଃ ଜଗତ ମଧ୍ୟ ଏକ ରହସ୍ୟାବୃତ ପଦାର୍ଥ ଓ ଅନୁଭୂତି ଦ୍ୱାରା ପରିପୂର୍ଣ୍ଣ । ମନୁଷ୍ୟ ଅଦ୍ୟାବଧି ତାର ଜନ୍ମ ଓ ମୃତ୍ୟୁର କାରଣ ଏବଂ ତତ ପଶ୍ଚାତପଟରେ ଥିବା ଶକ୍ତି ସମ୍ବନ୍ଧରେ ସମ୍ପୂର୍ଣ୍ଣ ଭାବରେ ଜାଣିପାରିନାହିଁ । ରହସ୍ୟାତ୍ମକ ବିଶ୍ୱର ଅନେକ ରହସ୍ୟ ଏବେ ମଧ୍ୟ ଉନ୍ମୋଚିତ ହୋଇନାହିଁ । ମାନବ ସଭ୍ୟତାର ବିକାଶ ସଙ୍ଗେ ସଙ୍ଗେ ଗଣିତ ବିଜ୍ଞାନ, ଭୂଗୋଳଶାସ୍ତ୍ର ଆଦି ଶାସ୍ତ୍ରର ପ୍ରଭୂତ ବିକାଶ ଘଟିଛି । ଏହି ବିଦ୍ୟାଗୁଡିକ ମଧ୍ୟ ରହସ୍ୟର ଉତ୍ସ ସନ୍ଧାନ କରିବାକୁ ଅଦ୍ୟାବଧି ଚେଷ୍ଟିତ ଯଦି ଓ ଅନେକ

ISSN NO.
2582-208X

ରହସ୍ୟ ଏବେ ମଧ୍ୟ ଉନ୍ମୋଚିତ ହୋଇସାରିଛି । ତଥାପି ଅମୀମାଂସିତ ରହସ୍ୟାତ୍ମକ ପ୍ରଶ୍ନ ଗୁଡିକ ମିଥ୍, କିମ୍ବଦନ୍ତୀ, ଗାଥା ଓ ଲୋକକଥା ଭାବେ ସାରା ପୃଥିବୀରେ ପ୍ରଚଳିତ । ଯେପରି ସମୁଦ୍ରର ଜଳ ମଧ୍ୟରେ ପୃଥିବୀ ପ୍ରକାଶମାନ ସେହିପରି ସକାଳର ସୂର୍ଯ୍ୟୋଦୟ ସମୟରେ ଘାସ ଉପରେ ଲାଗିଥିବା କାକରର ବିନ୍ଦୁ ମଧ୍ୟରେ ସମଗ୍ର ପୃଥିବୀକୁ ସଂଦର୍ଶନ କରିହୁଏ । ବିଶ୍ୱ ସୃଷ୍ଟିର ଯାବତୀୟ ବିଭିନ୍ନତା ଓ ଖଣ୍ଡରୂପ ଏକ ଅଖଣ୍ଡ ଅନ୍ତର୍ନିହିତ ପ୍ରାଣସତା ଗ୍ରଥିତ ସ୍ୱରୂପରେ ଉଦ୍‌ଭାସିତ ହୋଇଉଠେ । ଆଲୋଚ୍ୟ ବ୍ରହ୍ମ ନିରୂପଣ ଗୀତାରେ ସନ୍ଥକବି ଭୀମଭୋଇ ରହସ୍ୟବାଦୀ ଚେତନାକୁ ନିମ୍ନୋକ୍ତ ଭାବରେ ଗ୍ରଥିତ କରିଛନ୍ତି । ଆଲୋଚନାର ସୁବିଧା ଦୃଷ୍ଟିରୁ ନିମ୍ନ ଭାବରେ ପ୍ରବନ୍ଧଟି ଆଲୋଚିତ ।

ଦିବ୍ୟ ସାନ୍ନିଧ୍ୟ (Divine Blessings)

ଯେତେବେଳେ ସାଧାରଣ ମଣିଷ ପରମ ଚେତନା ବା ଦିବ୍ୟଶକ୍ତିଙ୍କ ସାନ୍ନିଧ୍ୟ ପ୍ରାପ୍ତକରେ, ସେତେବେଳେ ଶୁଷ୍କ କାଷ୍ଠ ବି ପଲ୍ଲବିତ କରିପାରେ । ଦୁଃଖ, କଷ୍ଟ, ହାନି, ଲାଭ, ପ୍ରାପ୍ତି ଓ ଅପ୍ରାପ୍ତି ସବୁ ତା ପାଇଁ ସମାନ ହୋଇଥାଏ । ଦିବ୍ୟ ଅନୁଭବ ତାର ଚତୁଃପାର୍ଶ୍ୱରେ ଦିବ୍ୟ ଆନନ୍ଦ ଅନୁଭବ ପ୍ରଦାନ କରିପାରେ । ଦିବ୍ୟ ଶକ୍ତି ବା (Divine Energy) କୁ ସାଧକ କେବଳ ଆଚରଣ ଦ୍ୱାରା ପ୍ରକାଶ କରେ, ମାତ୍ର ଦାର୍ଶନିକ ଓ କବି ତାର ଦିବ୍ୟ ଅନୁଭବକୁ ଶବ୍ଦ ଦ୍ୱାରା କବିତା ମାଧ୍ୟମରେ ପ୍ରକାଶ କରେ । ଆଲୋଚ୍ୟ ବ୍ରହ୍ମନିରୂପଣ ଗୀତାରେ ସନ୍ଥକବି ସେହି ଦିବ୍ୟ ସାନ୍ନିଧ୍ୟର ଅନୁଭବକୁ ନିମ୍ନ ଭାବରେ ବର୍ଣ୍ଣନା କରିଛନ୍ତି ।

ନିର୍ଭୟ ଭୁବନ ସେ ଯେ ଭୟ ଭ୍ରାନ୍ତି ନାହିଁ
କାଳ ଭୟ ରୋଗ ଶୋକ ପଶିବ ସେ କାହିଁ । । ୪ । ।
ମହାନିତ୍ୟ ମଣ୍ଡଳେ ଅଛନ୍ତି ଯେତେଲୋକ
ସଦା ସରବଦା ମନ ଆନନ୍ଦ ଉଛଳ । । ୮ । ।
(ବ୍ରହ୍ମ ନିରୂପଣଗୀତା)

ରହସ୍ୟାତ୍ମକ ଚେତନାର ଦିବ୍ୟ ସାନ୍ନିଧ୍ୟକୁ କବି ଅତି ନିଖୁଣ ଭାବେ ଶବ୍ଦାୟିତ କରିଛନ୍ତି । ଦିବ୍ୟ ସାନ୍ନିଧ୍ୟରେ ଆନନ୍ଦ ଏକ ମୁଖ୍ୟ ଉପାଦାନ । ଉପରୋକ୍ତ ପଂକ୍ତିରେ ବର୍ଣ୍ଣିତ ଆନନ୍ଦ

ISSN NO.
2582-208X

ନିଷ୍ଚିତ ଭାବେ ବ୍ରହ୍ମାନନ୍ଦର ଅନୁଭବ । ଭୟ ଭ୍ରାନ୍ତି ଓ ଦ୍ୱନ୍ଦ ଆଦି ବିମୁକ୍ତ ଶୁଦ୍ଧ ମନର ଉଚ୍ଚାରଣ ହିଁ ଏଥିରେ ପ୍ରତିନିଧିତ୍ୱ କରୁଛି ।

"The Sweetest mystery of life
This glorious madness called love
Formed and nurtured by the mind of God"
**(Lora Colon)**

ଆମେରିକୀୟ କବି ଲୋରା କୋଲନଙ୍କ ମତରେ ଅତି ସ୍ୱର୍ଗୀୟ ବୋଧହୀନତା ଇଶ୍ୱରଙ୍କ ଦ୍ୱାରା ସୃଷ୍ଟ ଓ ବିକଶିତ ଏହା ହିଁ ଭଗବାନଙ୍କର ସୁନ୍ଦର ରହସ୍ୟାତ୍ମକ ଜୀବନ । ଉକ୍ତ ମନ୍ତବ୍ୟ ଦ୍ୱାରା ଇଶ୍ୱରାନୁଭୂତି ସହ ଏକ ଦିବ୍ୟ ସାନ୍ନିଧ୍ୟର ଅନୁଭବ ପରିଦୃଷ୍ଟ । କାରଣ ସେତେବେଳେ ମନୁଷ୍ୟ ଜୀବନକୁ ସୁନ୍ଦର ବୋଲି କହେ, ଯେତେବେଳେ ସେ ଦିବ୍ୟାର ଅନୁଭବରେ ତାର ଅନ୍ତଃ ମନ ରସସିକ୍ତ ହୋଇଉଠେ ।

## ମହାଜାଗତିକ ଚେତନା (Cosmic Consciousness)

ଉତରିତ ଅନୁଭବର ସର୍ବୋଚ୍ଚ ସୋପାନକୁ ମହାଜାଗତିକ ଅନୁଭବ୍ୟ ଚେତନା କୁହାଯାଇପାରେ । ସବୁଠାରେ ନିଜ ସ୍ଥିତିକୁ ଆବିଷ୍କାର କରିବା । ଏହି ଚେତନାର ମୂଳ ଉଦ୍ଦେଶ୍ୟ । ସେହି ଚେତନା ଦେଇ ବ୍ରହ୍ମ ବା ଦିବ୍ୟ ଶକ୍ତିଙ୍କର ସତାକୁ ସର୍ବତ୍ର ଅନୁଭବ କରାଯାଏ । ଦିବ୍ୟ ଶକ୍ତାଙ୍କ ସହ ଏକାତ୍ମ ଭାବ ମଧ୍ୟ ଉକ୍ତ ଚେତନାର ଉଲ୍ଲେଖ୍ୟ ଯୋଗ୍ୟ ଭାବ ଅଟେ । ଭୀମଭୋଇଙ୍କ ରଚନାବଳୀରେ ଏହି ଚେତନା ବିକ୍ଷିପ୍ତ ଭାବେ ପରିଦୃଷ୍ଟ ହୁଏ। ନିମ୍ନରେ ଏହାର ସଂଦର୍ଶନ କରାଯାଇପାରେ–

ମହିମା ନାମଟି ଯେହୁ ମିଶେ ସର୍ବ ଠାରେ
ଅନ୍ତର ବାହାରେ ଆବୋରିଛି ଏ ଦେହରେ । । ୨୭ । ।
ମହିମା ନାମଟି ଯେହୁ ମେଘ ବୋଲାଉଛି
ଧର୍ମ ଅନୁସାରେ ମେଘବର୍ଷା କରୁଛି । ।

ISSN NO.
2582-208X

(ବ୍ରହ୍ମ ନିରୂପଣ ଗୀତା)

ଦିବ୍ୟସତାଙ୍କ ମହିମା ଅବର୍ଣ୍ଣନୀୟ, ଅତୁଳନୀୟ ଓ ଅବ୍ୟକ୍ତ ଅଟନ୍ତି । ସେ ମହତର ଚରମତ୍ୱ ତେଣୁ ତାଙ୍କ ନାମ ମଧ୍ୟ ସେହିପରି ଅବ୍ୟକ୍ତ ଅନାମ, ଅଣାକାର ଆଦି । ସେଥି ମଧ୍ୟରୁ ମହିମା ମଧ୍ୟ ଗୋଟିଏ ନାମ ଯେଉଁଟି, ମହାନତାର ସର୍ବୋଚ୍ଚ ସୋପାନ ଭାବେ ବିବେଚିତ । ବିରାଟ ବ୍ରହ୍ମାଣ୍ଡ ସହ ମହିମା ଏକାତ୍ମ ହୋଇ ରହିଛନ୍ତି । ସେ ସ୍ଥୂଳ ଶରୀର ମଧ୍ୟରେ ରହିଛନ୍ତି ବାହାରେ ମଧ୍ୟରେ ରହିଛନ୍ତି । ସମସ୍ତ ମହାଜାଗତିକ କ୍ରିୟାର କାରଣ ବି ସେ ଏବଂ ତାହାର ନିରାକରଣ ମଧ୍ୟ ତାଙ୍କ ଦ୍ୱାରା ସମ୍ପନ୍ନ ହୁଏ । ସେହି କ୍ରିୟାର ସ୍ଥିତି ବି ସ୍ୱୟଂ ଦିବ୍ୟ ଶକ୍ତି ଅଟନ୍ତି । ପ୍ରୋକ୍ତ ମହାଜାଗତିକ ଚେତନାକୁ ପୁନଶ୍ଚ ବ୍ରହ୍ମ ନିରୂପଣ ଗୀତା ଦେଖାଯାଇପାରେ-

ମହିମା ନାମଟି ଯେହୁ ମହାମହେଶ୍ୱର
ଛପନ୍ନ କୋଟି ଜୀବରୁ ସେ ଆତ୍ମାର ଗୋଚର । ।୩୫ । ।
ଉହିମା ନାମଟି ଯେହୁ ମଧ୍ୟମ ହେଉଛି
ସ୍ୱର୍ଗ ମର୍ତ୍ତ୍ୟ ପାତାଳ ଏକାନ୍ତ ଠାରେ ଅଛି । । ୪୨ । ।
(ବ୍ରହ୍ମନିରୂପଣ ଗୀତା)

ଦିବ୍ୟ ସତା ବା ସ୍ୱସତାକୁ ଯେତେବେଳେ ସର୍ବତ ଅନୁଭବ କରାଯାଏ, ତାହା ମହାଜାଗତିକ ଚେତନା ଅନ୍ତର୍ଭୁକ୍ତ ବୋଲି ବିବେଚନା କରାଯାଏ । ମହିମା ନାମଟି ଯେହେତୁ ମହାନ ମହେଶ୍ୱର ତେଣୁ ସେ ସମସ୍ତଜୀବଙ୍କ ଆତ୍ମାରେ ତାଙ୍କର ସ୍ଥିତି ।

## ନୈସର୍ଗିକ କଳ୍ପନା ବିଳାସତା:

ରହସ୍ୟବାଦୀ ଚେତନାର ଅନ୍ୟତମ ବିଭାବ ଭାବେ ନୈସର୍ଗିକ କଳ୍ପନାକୁ ଗ୍ରହଣ କରାଯାଏ। ଅମୂର୍ତ୍ତ ଚେତନାକୁ ମୂର୍ତ୍ତମନ୍ତ କରାଏ କଳ୍ପନା । ପ୍ରକୃତି ମଧ୍ୟରେ କବି ପରମ ସତାଙ୍କୁ ଉପଲବ୍ଧି କରିପାରେ । କଳ୍ପନାର ଉତରିତ ଭାବ ସମ୍ବାଦକୁ ନୈସର୍ଗିକ ଚେତନା ଦ୍ୱାରା କବି ପରିପ୍ରକାଶ କରିପାରନ୍ତି । କଳ୍ପନା ସହ ଆଧ୍ୟାତ୍ମିକତାର ଏକାତ୍ମ ଭାବ ସନ୍ଥକବିଙ୍କ

ISSN NO.
2582-208X

ରଚନାରେ ପ୍ରତୁଳ । ଅପୂର୍ବ କଳ୍ପନା ବଳସିତା ମାଧ୍ୟମରେ ମହିମାଙ୍କ ମହିମା ବର୍ଣ୍ଣନାରେ କବି ଶତମୁଖ ହୋଇଉଠି ଗାଇଛନ୍ତି–

କୋଟିଏ ଅଗ୍ନିରୁ ଜିଣି ବିରାଜଇ ରୂପ
କୋଟି ସୂର୍ଯ୍ୟ ପ୍ରାୟେ ଅଙ୍ଗ ବିରାଜେ ଝଟକ । । ୧୨ । ।

ପୁନଶ୍ଚ କବିଙ୍କ କଳ୍ପନା ଉର୍ଦ୍ଧଗାମୀ ଚେତନାକୁ ନିମ୍ନ ପଂକ୍ତି ଦେଖାଯାଇପାରେ–

ରାମ ନାମ ପଦ ହୋଇଛନ୍ତି ଅଙ୍ଗ ରୋମ
ମାଳ ମାଳ ବ୍ରହ୍ମାଣ୍ଡ ହୋଇଛନ୍ତି ଅଙ୍ଗ ରୋମ । । ୮୫ । ।

ରାମ ନାମ ପଦ ଆଦି ମହିମାଙ୍କ ଅଙ୍ଗ ରୋମ ହୋଇଛନ୍ତି ସେହିପରି ବ୍ରହ୍ମାଣ୍ଡ ମାଳ ମାଳ ତାଙ୍କ ଅଙ୍ଗରେ ରହିଛନ୍ତି । ଏତିକିରେ କବିଙ୍କ ବୋଧ ଶକ୍ତିର ଉଚତମ ସୀମାକୁ ନିମ୍ନ ପଂକ୍ତିରେ ଆକଳନ କରାଯାଇପାରେ–

ସାବିତ୍ରୀ ହୋଇଛନ୍ତି ଶ୍ରୀ ଅଙ୍ଗର ମଳି
ବ୍ରହ୍ମା ହୋଇଛନ୍ତି ତହିଁ ଚରଣର ଧୂଳି । ।
(ବ୍ରହ୍ମ ନିରୂପଣଗୀତା)

ବେଦପତି ବ୍ରହ୍ମା ମହିମାଙ୍କ ଚରଣଧୂଳି ହୋଇଥିବା ବେଳେ ତାଙ୍କ ପତ୍ନୀ ସାବିତ୍ରୀ ମହିମାଙ୍କ ଅଙ୍ଗର ଧୂଳି ହୋଇଛନ୍ତି । ମହିମାଙ୍କ ମହିମାତ୍ୱକୁ ପୌରାଣିକ ଚରିତ୍ର ଦ୍ୱାରା ବିମଣ୍ଡିତ କବି ଭୀମଭୋଇ ।

ଉପନିଷଦୀୟ ନିର୍ବିଶେଷ ବ୍ରହ୍ମଙ୍କ ବାଖ୍ୟା:–

ଯେପରି ଉପନିଷଦ ଗୁଡିକରେ ବ୍ରହ୍ମ ବା ଦିବ୍ୟ ଶକ୍ତିଙ୍କୁ ଏପରି ନୁହନ୍ତି, ଏପରି କରି କୁହାଯାଇ ତାଙ୍କର ସ୍ୱରୂପକୁ ବାଖ୍ୟା କରିବାକୁ ଚେଷ୍ଟା କରାଯାଇଛି । ଏହା ଦ୍ୱାରା

ISSN NO.
2582-208X

ଉପନିଷଦୀୟ ବ୍ରହ୍ମ ରହସ୍ୟାତ୍ମକ ଚେତନାର ସ୍ୱାଭାବିକ ରୂପ ଗ୍ରହଣ କରିଛନ୍ତି । ଏକ ଅନୁଭବ ସିଦ୍ଧ ଚେତନାର ସ୍ଫୁରଣ ଭାବେ ଉପନିଷଦୀୟ ବ୍ରହ୍ମଙ୍କୁ ଗ୍ରହଣ କରାଯାଏ । ଉପରୋକ୍ତ ଭାବକୁ ସନ୍ଥକବି ସ୍ୱକୀୟ ଢଙ୍ଗରେ ଉପସ୍ଥିତ କରିଛନ୍ତି ଯଥା-

ରୂପ ପ୍ରାୟ ଦିଶୁଅଛି ସାକ୍ଷାତେ ଅରୂପ
ଦେହ ପ୍ରାଏ ଦିଶୁଅଛି ଅଦେହ ସ୍ୱରୂପ । ।୬୬ । ।
ଧବଳାଙ୍ଗ ଦିଶେ ନାହିଁ ଧବଳ ମୂରତି
କାଳିଆ ଦିଶଇ ନୋହେ କାଳିଆ ସଂଜୋତି । । ୬୯ । ।
ପିଙ୍ଗଳ ଦିଶଇ ନୋହେ ପିଙ୍ଗଳର କାଏ
ଶାମଳ ଦିଶଇ ନୋହେ ଶାମଳ ପରାଏ । । ୭୩ । ।
ପରଶୁ ପଥର ପ୍ରାଏ ଦିଶଇ ଶୋଭିତ
ପରଶୁ ପଥର ନୋହେ ବ୍ରହ୍ମ ଆଲୋକିତ । । ୮୩ । ।
ଜ୍ୱାଳା ପ୍ରାଏ ଦିଶୁଅଛି ନୋହେ ଜ୍ୱାଳା ତେଜେ
ଆପ ପ୍ରାଏ ଦିଶୁଅଛି ଅଣ ଆପରେ ବିରାଜେ । । ୮୮ । ।

(ବ୍ରହ୍ମ ନିରୂପଣଗୀତା)

ପ୍ରକୃତପକ୍ଷେ ସନ୍ଥକବି ବ୍ରହ୍ମଙ୍କ ଅବଧାରଣ କରିବା ପାଇଁ ଚେଷ୍ଟିତ ମାତ୍ର ତାହା ବିଫଳ ପ୍ରଚେଷ୍ଟା ଭାବେ ପରିଦୃଷ୍ଟ । ରଙ୍ଗ, ରୂପ ଦ୍ୱାରା ସେହି ଅଦୃଶ୍ୟ ବ୍ରହ୍ମଙ୍କୁ ଅବଧାରଣା କରାଯାଇ ପାରିବନାହିଁ ମାତ୍ର ତାଙ୍କୁ ଅନୁଭବ କରାଯାଇ ପାରେ ସେହି ଅନୁଭବକୁ କବି ରହସ୍ୟାତ୍ମକ ଆଲେଖ୍ୟ ମାଧ୍ୟମରେ ରୂପାୟିତ ।

### ବ୍ରହ୍ମ ସର୍ବବ୍ୟାପି:

ସନ୍ଥକବି ରହସ୍ୟବାଦୀ ଚେତନାକୁ ବର୍ଣ୍ଣନା କରିବା ପାଇଁ ଭିନ୍ନ ଭାବର ସାହାର୍ଯ୍ୟ ନେଇଛନ୍ତି। ତନ୍ମଧ୍ୟରୁ ବ୍ରହ୍ମ ସର୍ବତ ବିରାଜିତ ଭାବଟି ଅନ୍ୟତମ । କବି ଦୁନିଆ ରଙ୍ଗ ମଂଚରେ ଅଭିନୟ କରୁଥିବା ସମସ୍ତ ଚାରିତ୍ରମାନଙ୍କର ନିର୍ଦ୍ଦେଶକ ଭାବେ ପରାତ୍ପର ବ୍ରହ୍ମଙ୍କୁ

ISSN NO.
2582-208X

ସ୍ୱୀକାର କରିଛନ୍ତି । ସେ ଉଭୟ ସେବ୍ୟ ପୁଣି ସେବକ ସର୍ବତ୍ର ସେହି ପରମସତାଙ୍କୁ ଅନୁଭବ କରୁଥିବା କବି ରହାସ୍ୟବାଦୀ ଢଙ୍ଗରେ ଗାଇ ଉଠନ୍ତି ।

ଆପେ ରାଜ ପଣେ ବସେ ଆପେ ଧରେ ଛତ୍ର
ଆପେ ଦୂତ ପଣେ ହୋଏ ଆପେ ମନ୍ତ୍ରୀ ପାତ୍ର ।।୩୩।।
ଆପଣେ ଚାଣ୍ଡାଳ ହୋଇ ଆପଣେ ସେ ଶୁଦ୍ର
ଆପେ ଶୋଭା ପାଉଥାଇ ଆପେ ଛିନ୍ନ ଛତ୍ର ।।୪୪।।
ଆପେ କବି ଆପେ ଯୋଗୀ ଆପେ ହୁଏ ଭୋଗୀ
ଆପେ ପଦ ଯୋଡି ଆପେ ଅନୁଭବୀ ।।୪୯।।
(ବ୍ରହ୍ମ ନିରୂପଣଗୀତା)

ସମାଜରେ ଘଟୁଥିବା ସମସ୍ତ ଘଟଣା ତାର କାରଣ ନିରାକରଣକୁ ଦିବ୍ୟସତା ବା ଶକ୍ତି ସମାଜର ଭିନ୍ନ ଭିନ୍ନ ଚରିତ୍ରଙ୍କ ଦ୍ୱାରା ସଂଗଠିତ କରାନ୍ତି, ଯେ ହେତୁ ବ୍ରହ୍ମ ସର୍ବତ ବିରାଜିତ। ଭୀମ ଭୋଇଙ୍କ ବ୍ରହ୍ମନିରୂପଣ ଗୀତାରେ ରହସ୍ୟାତ୍ମକ ଚେତନାର ପରିପୂର୍ଣ୍ଣରୂପେ ପରିଦୃଷ୍ଟ। ରହସ୍ୟାତ୍ମକ ଚେତନାର ବିବିଧ ଦିଗକୁ ଭିନ୍ନ ଭିନ୍ନ ଢଙ୍ଗରେ କବି ଉପସ୍ଥାପନ କରିଛନ୍ତି । ଆଧ୍ୟାତ୍ମିକ ଅନୁଭବକୁ ଶବ୍ଦର ଜାଲ ଦ୍ୱାରା ଧରିଛନ୍ତି । ଆଧ୍ୟାତ୍ମିକ ଅନୁଭବକୁ ଶବ୍ଦର ଦ୍ୱାରା ଉତ୍କୀର୍ଣ୍ଣ କରାଯାଇଛି । କବିଙ୍କ ରହସ୍ୟାତ୍ମକ ଭାବ କେବେ କଳ୍ପନାର ମାୟାପୁର ତୋଳିଛି, ପୁଣି କେବେ ବ୍ରହ୍ମାନନ୍ଦର ଅନୁଭବରେ ରସସିକ୍ତ ହୋଇଉଠିଛି । ରହସ୍ୟବାଦୀ ଚେତନାକୁ ବିବିଧ ପ୍ରେକ୍ଷାରେ କବି ବର୍ଣ୍ଣନା କରିଛନ୍ତି । କେବଳ ଆଲୋଚ୍ୟ ବ୍ରହ୍ମନିରୂପଣ ଗୀତା ନୁହେଁ ଭଜନମାଳାରେ ମଧ୍ୟ ରହାସ୍ୟବାଦୀ ଚେତନାକୁ ବିବିଧ ପଦଧ୍ୱନି ସ୍ପଷ୍ଟ ପରିଦୃଷ୍ଟ ହୁଏ । ଆଧ୍ୟାତ୍ମିକ ଅନୁଭବ ବର୍ଷ ବର୍ଷ ଧରି କବିମାନଙ୍କୁ କଳ୍ପନାର କଳ୍ପ ଜଗତକୁ ନେଇ ଯାଇ ଅମୂର୍ତ ଚେତନାର ସଂଦର୍ଶନ କରାଏ, ଯାହା କବିତା ଓ କାବ୍ୟ ରୂପରେ ରୂପାୟିତ ହୁଏ । ବୋଧ ହୁଏ କବି ଭୀମଭୋଇ ପୂର୍ବସରୂରୀଙ୍କ ଦ୍ୱାରା ଏହି ଚେତନା ଦ୍ୱାରା ପ୍ରଭାବିତ ହୋଇଛନ୍ତି । ଯଦି ଓ ତାଙ୍କ ସାମ୍ନାରେ ସାରଳା, ବଳରାମ ଦାସ, ଅଚ୍ୟୁତାନନ୍ଦଙ୍କ ଆଦର୍ଶ ରହିଥିଲା । ତଥାପି ଭୀମଭୋଇଙ୍କ କାବ୍ୟ କବିତାରେ ରହସ୍ୟବାଦୀ ଚେତନା ଏକ ଭିନ୍ନ କୋଟିକୁ ସ୍ପର୍ଶ କରିଛି ।

ISSN NO.
2582-208X

ସହାୟକ ଗ୍ରନ୍ଥସୂଚୀ

୧. ରହସ୍ୟ ବାଦୀ ଚେତନା ଏକ ପ୍ରାଚୀନ ସାହିତ୍ୟକ ମତବାଦ । ପ୍ରାଚୀନ ଧର୍ମଗ୍ରନ୍ଥଗୁଡିକରେ ବହୁଳ ମାତ୍ରାରେ ପରିଦୃଷ୍ଟ । ଈଶ୍ୱର ଓ ଧର୍ମବିଷୟକ ଗୁହ୍ୟତତ୍ତ୍ୱ ରହସ୍ୟବାଦୀ ଚେତନାରେ ସଂଗ୍ରଥିତା । ଅନ୍ୟ ସନ୍ଥକବି ମାନଙ୍କ ପରି ଭୀମଭୋଇଙ୍କ ରଚନାରେ ରହସ୍ୟବାଦୀ ଚେତନା ଧର୍ମତତ୍ତ୍ୱକୁ ରୂପାୟନ କରିଛି । ବ୍ରହ୍ମ ନିରୂପଣଗୀତାରେ ଅଲେଖ ବ୍ରହ୍ମଙ୍କ ପୁର, ବିଭିନ୍ନ ନାମତତ୍ତ୍ୱ, ସର୍ବବ୍ୟାପୀତ୍ୱ ଆଦି ରହସ୍ୟାତ୍ମକ ଢଙ୍ଗରେ ଉପସ୍ଥାପିତ । ଆଲୋଚ୍ୟ ପ୍ରବନ୍ଧରେ ରହସ୍ୟବାଦୀ ଚେତନା ଭିତିରେ ବ୍ରହ୍ମନିରୂପଣ ଗୀତା ଆଲୋଚିତ ।

୨. ମୁଖ୍ୟଶବ୍ଦ ସମୂହ- ଭୀମଭୋଇ, ରହସ୍ୟବାଦୀ ଚେତନା ଦିବ୍ୟସାନିଧ୍ୟ, ମହାଜାଗତିକ ଚେତନା, ସର୍ବବ୍ୟାପୀତ୍ୱ, ନୈସର୍ଗିକ କଳ୍ପନା ବିଳାସତା ।

୩. ପାଢୀ, ରାଜେନ୍ଦ୍ର, କୋରାପୁଟର ଆଦିବାସୀ ଲୋକ ସଂସ୍କୃତି, ସୁବର୍ଣ୍ଣଶ୍ରୀ ପ୍ରକାଶନୀ, ୨୦୦. ପୃ-୪୯.

୪. ନାୟକ, ପବିତ୍ର ମୋହନ, ଭୀମଭୋଇ ଗ୍ରନ୍ଥାବଳୀ ମୁଖ୍ୟବନ୍ଧ, ଫ୍ରେଣ୍ଡସ୍ ପବ୍ଲିଶର୍ସ, ୨୦୧.ପୃ-୧୪

୫. Wni they, William dwignt, smith, eli –Benjamin, "The century Dictionary" vit 904, p-4804

ଶ୍ରୀ ବାପିନା ସ୍ବାଇଁ, ଗବେଷକ (UGC FELLOW)
ଡ. ଆଲୋକ ବରାଳ, ସହକାରୀ ପ୍ରଫେସର,
ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ

ISSN NO.
2582-208X

# ବୋଉ



କୁଞ୍ଜବିହାରୀ ରାଉତ

ମମତାର ଦରିଆ ଟିଏ
ଆତ୍ମବିଶ୍ୱାସ ର ପ୍ରତିଛବି ଟିଏ
ଆଶା ଭରସାର ମୂର୍ତ୍ତିଟିଏ
ଦୁଃଖରେ ଲୁହ ପିଇ ଖୁସିରେ ହସ
ବାଣ୍ଟୁଥିବା ମଣିଷଟିଏ
ସହନଶୀଳତା ର ମୂର୍ତ୍ତିଟିଏ ......
ବିଶ୍ୱାସ ର ଛାତଟିଏ
ଧୈର୍ଯ୍ୟର ବନ୍ଧଟିଏ
ନୀଳ ଦିଗବଳୟର ଆଶାର କିରଣଟିଏ
ଭଲର ମନ୍ଦର ସାଥିଟିଏ
ନିଜେ କାନ୍ଦି ହସାଉଥିବା ମଣିଷଟିଏ
ଜୀବନ ବଞ୍ଚିବାର ରାହାଟିଏ .......
ବୋଉ,ଆଶା ବିଶ୍ୱାସର ମୂର୍ତ୍ତିଟିଏ
ସୁଖ ଦୁଃଖକୁ ବାଣ୍ଟିପାରୁଥିବା ମଣିଷଟିଏ
ବିପର୍ଯ୍ୟୟ ଓ ଆନନ୍ଦ ମୁହୂର୍ତ୍ତର ସାଥି ଟିଏ
ନିର୍ବାକ ମୁହଁରେ କଥାଟିଏ
ଜୀବନ ଜିଇବାର କଳାଟିଏ
ଅମଡ଼ା ବାଟରୁ ଫେରାଇ ଆଣୁଥିବା ପଥଟିଏ.....

ISSN NO.
2582-208X

ଜୀବନ ଜିଇବାର ଅନ୍ତଃ ସ୍ୱରଟିଏ
ଭଲପାଇବା ର ମୂର୍ତ୍ତିଟିଏ
ଅଭାବ ଅସୁବିଧାର ବନ୍ଧୁ ଟିଏ
ସମୟକୁ ପରଖିଥିବା ବ୍ୟକ୍ତିଟିଏ
ଜୀବନ ସଂଘର୍ଷରୁ ଉତୁରିଥିବା ନଦୀଟିଏ
ସେ ମୋ ବୋଉ,ତା ପରି ପୁଣି ଆଉକିଏ ??

ପ୍ଲଟ ନଂ:୧୪୮/୫, ହମିରପୁର, ରାଉରକେଲା:୩
ମୋ: ୯୮୬୧୦୩୪୪୯୪

ISSN NO.
2582-208X

# ଜୀବନ କରିବା ପାବନ



ଅମରନାଥ ବାରିକ

ଜୀବନ ଜଟିଳ ଗଣିତ ହେଲେ
'ହରି' ଗଣିତର ସରଳ ସୂତ୍ର
ସେ ସୂତ୍ର ଘୋଷିଲେ ଜୀବନଟା
ହୁଏ ହରିରସେ ରସାମୃତ... ।୦।

ଜୀବନ ଯନ୍ତ୍ରଣା ଜଞ୍ଜାଳରେ ଭରା
'ଗୀତା' ପ୍ରଦର୍ଶକ ପ୍ରାଞ୍ଜଳ ପଥ
ସେ ଗ୍ରନ୍ଥ ପଢ଼ିଲେ ବୁଝିହୁଏ ସିନା
ଜଟିଳ ଜୀବନ ବାସ୍ତବ ଅର୍ଥ... ।୧।

ଜୀବନ ଅଡୁଆ ସୂତାଖିଅ ହେଲେ
'କୃଷ୍ଣ' ପାଦେ ହୁଅ ସମର୍ପିତ
ଖୋଲିଯିବ ଗଣ୍ଠି ଯେତେ ଟାଣ ହେଉ
ହେବନି କଦାପି ସନ୍ତାପିତ... ।୨।

ଜୀବନ ପଙ୍କିଳ ଜଳ ହୋଇଥିଲେ
'ପିତାମାତା' ମନ୍ଦାକିନୀର ଧାରା
ସେ ପୁଣ୍ୟଜଳରେ ସ୍ନାନକଲେ ସଦା
ଆଶୀର୍ବାଦେ ମିଳେ ପୁଣ୍ୟପରା... ।୩।

ଜୀବନ ଯାତରା ବୃଥା ନୁହେଁ କେବେ
ଜପୁଥିଲେ ନିତି 'ଶ୍ରୀରାମ' ନାମ
ଜୀବନର ସୂର୍ଯ୍ୟ ଅସ୍ତମିତ ହେଲେ
ସାର ଏକା ସେହି ଅମୃତ ନାମ... ।୪।

କଯାଁ, ମଙ୍ଗଳପୁର, ଦଶରଥପୁର,
ଯାଜପୁର
ଓଡ଼ିଶା, ପିନ୍ - ୭୫୫୦୧୧
ଦୂରଭାଷ - ୯୫୪୦୩୦୮୦୯୫

ISSN NO.
2582-208X

# ଭାବରେ ଭାବରେ ତୁମେ ଭାବଗ୍ରାହୀ



ଜୟନ୍ତୀ ଦେବୀ

ଭାବକୁ ନିକଟ ଅଭାବକୁ ଦୂର
ନୀଳମଣି ସୁରେଶ୍ୱର ।
ବକାରୀ କଂସାରୀ ରାମ ରାବଣାରି
ନୀଳ କନ୍ଦର ସୁନ୍ଦର ।।
ରେ ମନ ପାମର ଚିନ୍ତ ଚକ୍ରଧର
ନଟବର କଂବୁ କର ।
ଭାବେ ଭକତର ତୁହି ଦାମୋଦର
ଉଦ୍ଧରୁ ଭବ ସାଗର ।।
ବଳବାନ ବଳ ମଦନ ଗୋପାଳ
ରାଧାବର ବଂଶୀଧର ।
ରେ ମନ ପାଗଳ ନନ୍ଦର ଦୁଲାଳ
ପାଦ ପଦ୍ମ ନିତି ସ୍ମର ।।
ତୁ ପରା କାଳିଆ ଭକତ ଭୋଳିଆ
ମାନ ରଖୁ ଭକତର ।
ମେଦିନୀ ର ଭାର ଦନ୍ତାଗ୍ରେ ବହିଛ
ବରାହ ରୂପେ ଶ୍ରୀ ଧର ।।

ଭାବରେ ଭାବରେ ରହିଛୁ ସାଥିରେ
ଅନୁଗମି ଭକତର ।
ବନମାଳି ହରି ମାଧବ ମୁରାରୀ
ମୁକୁନ୍ଦ କମଳା ବର ।।
ଗ୍ରାହ ଗ୍ରାସିବାର କାଳେ କରିବର
ଚକ୍ରେ ହାଣିଲ ତା ଶିର ।
ହୀତ କରୁ ଭକତର କାଳେ କାଳେ
ଭକତ ତୋ ଆପଣାର ।।

ମହୁ, ଆଳି,କେନ୍ଦ୍ରାପଡ଼ା
ଭ୍ରାମ୍ୟଭାଷ ୮୮୯୫୪୫୦୧୧୦

ISSN NO.
2582-208X

# ତୁମପ୍ରେମ ତୁମ ପାଖରେ ଥାଉ



ଶିଶିର କୁମାର ପଣ୍ଡା

ମନ ମୋ ରହିଛି ତମରି ପାଖରେ
ଶରୀର ଏଠି ଯା' ରହିଛି ପଡ଼ି
ତମ କଥା ଭାବି ନିରୋଳାରେ ବସି
ଦେହ ମୋ ଗଲାଣି ବାରଣା ଝଡ଼ି ।
ହଁ କହୁନ କି ନା ବି କହୁନା
ମଝିରେ ଝୁଲେଇ ରଖିଛ ମତେ
କେମିତିକା ପ୍ରେମ ଇଏ ଯେ ତୁମର
ଭାବିଲେ ମୁଣ୍ଡଟା ଘୁରାଏ ସତେ ।
ବାପା ମାଆ ରାଜି ତମେ କହୁଥିଲ
ହେଲେ, ହେଉନାହିଁ ବିଶ୍ୱାସ ଆଉ
ଆଗକୁ ଜମାରୁ ବଢ଼ି ପାରିବିନି
ତୁମ ପ୍ରେମ ତୁମ ପାଖରେ ଥାଉ ।
ତୁମଚିଠି ସବୁ ରଖିଛି ଲୁଚେଇ
ସେଇ ମୋ ସନ୍ତକ ସେଇ ମୋ ସୁଖ
ମତେ ଭୁଲି ତୁମେ ରୋଷଣୀ ଜାଳୁଥା
ଲୁଚାରେ ଚୋରାରେ ପକେଇ ହୁକ ।

ମୁଁଉ ମଲାପରେ ସମାଧିରେ ମୋର
ଅନୁରୋଧ ନାଲି ଗୋଲାପ ଥୋଇ
ଚାଲିଗଲେ ପଛେ ଚାଲିଯାଅ ତୁମେ
ମତେ ଛାଡ଼ି କାହା ବଧୂଟେ ହୋଇ ।

କୁଆଁସ, ମେରଦା କାଟିଆ, ଯାଜପୁର
ଆଳାପ:~୮୯୮୧୭୩୭୨୨୮

ISSN NO.
2582-208X

# ସଂଘର୍ଷ



ସୁଜାତା ପାହାନ

ପଦ୍ମ ପତ୍ରରେ ଢ଼ଳ ଢ଼ଳ ଆମର ଜୀବନ ସର୍ବଦା ସଂଘର୍ଷରେ ପରିପୂର୍ଣ୍ଣ। ଈଶ୍ୱରଙ୍କ ସୃଷ୍ଟିରେ କୀଟପତଙ୍ଗଠାରୁ ଆରମ୍ଭ କରି ମନୁଷ୍ୟ ପର୍ଯ୍ୟନ୍ତ ପ୍ରତ୍ୟେକ ପ୍ରାଣୀର ସ୍ୱତନ୍ତ୍ର ମହତ୍ତ୍ୱ ରହିଛି। ପ୍ରତ୍ୟେକ ଜୀବ ନିଜ ନିଜର ସର୍ବନିମ୍ନ ଆବଶ୍ୟକତାକୁ(ଖାଦ୍ୟ, ବସ୍ତ୍ର, ବାସଗୃହ) ପୁରଣ କରିବା ନିମନ୍ତେ ପ୍ରତି ମୁହୂର୍ତ୍ତରେ ସଂଘର୍ଷ କରିଚାଲିଛନ୍ତି। କିଏ ସମାଜରେ ସମ୍ମାନର ସହିତ ବଞ୍ଚିବା ପାଇଁ ସଙ୍ଘର୍ଷ କରୁଛି ତ ଆଉ କେହି ନିଜ ପରିବାରକୁ ଚଳେଇବା ପାଇଁ, ପୁଣି ଆଉ କିଏ ନିଜ ଅଧିକାର, ନିଜ ସ୍ୱାଭିମାନ, ନିଜର ଅସ୍ତିତ୍ୱକୁ ଜାହିର କରିବା ତଥା ନିଜର ସ୍ଥିତିକୁ ସମାଜରେ ସୁଦୃଢ଼ କରିବା ପାଇଁ ସଂଘର୍ଷ କରୁଛି। ଏହି ସଙ୍ଘର୍ଷ ଆମର ଆବହମାନ କାଳରୁ ଚାଲିଆସିଛି ଆଉ ଚାଲୁଥିବା ମଧ୍ୟ । ପିମ୍ପୁଡ଼ିଠାରୁ ଆରମ୍ଭ କରି ମନୁଷ୍ୟ ପର୍ଯ୍ୟନ୍ତ ପ୍ରତ୍ୟେକଙ୍କ ଜୀବନ ସଂଘର୍ଷରେ ପରିପୂର୍ଣ୍ଣ । ପିମ୍ପୁଡି ଏକ କ୍ଷୁଦ୍ର ଜୀବ ହେଲେ ମଧ୍ୟ ସେ ନିଜ ସଂଗୃହିତ ଖାଦ୍ୟକୁ ଭବିଷ୍ୟତ ନିମନ୍ତେ ସଞ୍ଚୟ କରିବା ପାଇଁ ଦିନ ରାତି ଅବିରତ ଭାବରେ ନିଜ ପରିବାର ଲୋକଙ୍କୁ, ନିଜ ବନ୍ଧୁମାନଙ୍କୁ ଏକତ୍ର କରି ମିଳିତ ଭାବରେ ଖାଦ୍ୟ ସଂଗ୍ରହ କରିବାରେ ଲଗିପଡ଼ିଥାଏ । ସେହିପରି ବୁଢିଆଣୀ ମଧ୍ୟ ରାତି ଦିନ ଲାଗି ନିଜ ବସାବାନ୍ଧିବା କାର୍ଯ୍ୟରେ ବ୍ୟସ୍ତ ରହିଥାଏ। ସେ କେବେ ବି ଥକି ପଡେ ନାହିଁ । ଯେତେ ଥର ସେ ତଳକୁ ଖସିପଡୁଥାଏ ପୁଣି ଉଠି ଚଢ଼ିବାକୁ ଉଦ୍ୟମ ଜାରି ରଖେ ଏବଂ ନିଜ ପରିବାର ପାଇଁ ବସା ବାନ୍ଧିବାକୁ ଚେଷ୍ଟା ଜାରିରଖି ଥାଏ। ନିଜ ସ୍ୱାର୍ଥ ଅପେକ୍ଷା ସାମୂହିକ ସ୍ୱାର୍ଥ ଉଦ୍ଦେଶ୍ୟରେ ଆମର ଜୀବନ ସଦା ସମର୍ପିତ। ଯାହାକି ପୁରାତନ କାଳରୁ ଆମ ସଭ୍ୟତା ଏବଂ ସଂସ୍କୃତି ଆମକୁ ଶିକ୍ଷା ପ୍ରଦାନ କରିଥାଏ। ଯେମିତି ସମୁଦ୍ରରେ ଆସେ ଜୁଆର ଏବଂ ଭଟ୍ଟା ସେମିତି ପ୍ରତ୍ୟେକଙ୍କ ଜୀବନରେ ଆସିଥାଏ ବହୁ ଉତ୍ଥାନ ପତନ, ଘାତ ପ୍ରତିଘାତ । ତେଣୁ ଆମେ ସେଥିରେ ଭାଙ୍ଗି ନ ପଡ଼ି, କାତର ନ ହୋଇ ସେ ସବୁକୁ ଯଦି

ISSN NO.
2582-208X

ସାମ୍ନା କରୁ ଏବଂ ଆମ ସଂଘର୍ଷ ଜାରିରଖୁ ତେବେ ଆମେ ଜୀବନରେ କେବେ ବି ହାରି ଯିବା ନାହିଁ କି ନିରାଶ ହେବା ନାହିଁ।

ଆମେ କାଲି ସଙ୍ଘର୍ଷ କରୁଥିଲେ ଆଉ ଆଜି ବି କରୁଛେ, କିନ୍ତୁ ଆଜି ଏହି ସଂଘର୍ଷର ଲକ୍ଷ୍ୟ ବଦଳିଯାଇଛି, ବଦଳିଯାଇଛି ଜୀବନ ବଞ୍ଚିବାର କଳା ଏବଂ କୌଶଳ। ବର୍ତମାନ ମଣିଷ କେବଳ ନିଜ ସ୍ୱାର୍ଥ ପୂରଣ ପାଇଁ ହୋଇଯାଇଛି ସ୍ୱାର୍ଥସର୍ବସ୍ୱ। ସେ ଭୁଲି ଯାଇଛି ତାର ସଂଘର୍ଷ ପଛର ଆଭିମୁଖ୍ୟ ଏବଂ କର୍ତ୍ତବ୍ୟକୁ। ତା ଭିତରେ ନାହି ସତ୍ୟ, ଧର୍ମ, ଶାନ୍ତି, ପ୍ରେମ ଓ ଅହିଂସାର ସାମାନ୍ୟ ଚିହ୍ନବର୍ଣ୍ଣ। ସ୍ୱାର୍ଥସର୍ବସ୍ୱ ମନୋଭାବ ପାଇଁ ସେ ଭୁଲି ଯାଇଛି ତାର ଚର୍ତୁପାଶ୍ୱରେ ତାକୁ ଘେରି ରହିଥିବା ସମାଜ ଯାହାକି ନିଜ ପରିବାର, ଆତ୍ମୀୟସ୍ୱଜନ, ପାଖ ପଡ଼ୋଶୀ, ବନ୍ଧୁବାନ୍ଧବ ଏବଂ ପ୍ରୀୟପରିଜନ। ଏ ସମସ୍ତଙ୍କଠାରୁ ଆଜି ସେ ବହୁତ ଦୂରରେ । ଦିନେ ଯେଉଁ ମାନଙ୍କ ପାଇଁ ସେ ବଞ୍ଚିବା ଶିଖିଥିଲା, ଆଜି ସେ ଭୁଲିଯାଇଛି ସେମାନଙ୍କୁ, ଭୁଲିଯାଇଛି ତା ଅତୀତକୁ ଯେଉଁ ଅତୀତର ଗୌରବମୟ ସୁଦୃଢ଼ ଭିତିପ୍ରସ୍ତର ଉପରେ ତାର ଆଜିର ଜୀବନ ସୌଧ ଦଣ୍ଡାୟମାନ।

ଆଜି ନିଜର କର୍ତ୍ତବ୍ୟ ସଂପାଦନ କରିବା ଯେତିକି ଜରୁରୀ ନୁହେଁ, ନିଜ ବଡିମା, ଆତ୍ମ ପ୍ରଶଂସାକୁ ପ୍ରଚାର କରିବା ତା ପାଇଁ ବେଶୀ ଜରୁରୀ। ପୂର୍ବରୁ ସମସ୍ତଙ୍କୁ ନେଇ ବଞ୍ଚିବା ଆଉ ବଢ଼ିବାର ନିଶା ଥିଲା, ତାହା ଆଜି କେବଳ ସ୍ୱଜୀବନ ବଞ୍ଚିବା ଦିଗରେ ଅଗ୍ରସର । ଆଜି ହଜି ଯାଇଛି ଆମ ସଂପର୍କର ନିବିଡ଼ତା, ଆତ୍ମୀୟତା, ଘନିଷ୍ଠତା, ସହଭାଗିତା ଏବଂ ସହଯୋଗିତାର ପରିଭାଷା।। ବର୍ତ୍ତମାନ "ଆପେ ବଞ୍ଚିଲେ ବାପାର ନାଆଁ " ଏହି ନ୍ୟାୟରେ ଆମେ ସମସ୍ତେ ପରିଚାଳିତ। ଯନ୍ତ୍ର ଚାଳିତ ଯୁଗରେ ମଣିଷ ନିଜେ ମଧ୍ୟ ଗୋଟେ ଯନ୍ତ୍ର ପାଲଟି ଗଲାଣି । ତା ଭିତରେ ନାହିଁ ଆଉ କାହା ପ୍ରତି ସହାନୁଭୂତି, ସମବେଦନା, ସ୍ନେହ, ଶ୍ରଦ୍ଧା ଓ ଭଲ ପାଇବା ।

ବିଜ୍ଞାନ ତଥା ଜ୍ଞାନକୌଶଳର ଅଭିବୃଦ୍ଧି ଆମକୁ ବିସ୍ତାରିତ କରିବା ବଦଳରେ କରିଛି ସଙ୍କୁଚିତ। ଆଜି ସବୁକିଛି ଆମ ହାତ ମୁଠାରେ ତଥାପି ଆମେ ଅସନ୍ତୁଷ୍ଟ । ଆହୁରି ଆଗକୁ ଯିବାର ନିଶା ମଣିଷକୁ କରିଛି ନିଶାସକ୍ତ। ସେ ଜୀବନ ଯୁଦ୍ଧରେ ପ୍ରତି ମୁହୂର୍ତ୍ତରେ ବିଜୟ ହାସଲ କରିବାର ସ୍ୱପ୍ନ ଦେଖି ଆଗକୁ ଆଗକୁ ଗତି କରିବାର ମୋହରେ ମୋହଗ୍ରସ୍ତ । ହାରିବା ମଧ୍ୟ ଜୀବନର ଗୋଟେ ଅଂଶ ଏହାକୁ ସେ ଗ୍ରହଣ କରିବାକୁ ନାରାଜ।

ISSN NO.
2582-208X

ଜିତିବା ଯେ ତାର ଲକ୍ଷ୍ୟ ଆଉ ତାହା ନହେଲେ ଏ ଜୀବନ ତା ପାଇଁ ତୁଚ୍ଛ ତେଣୁ ସେ ସମସ୍ତଙ୍କୁ ପାଦରେ ଆଡେଇଦେଇ  ନିଜ ଲକ୍ଷ୍ୟ ପୂରଣ ଦିଗରେ ଅଗ୍ରସର। କାହା ଜୀବନ ଦେଇ ହେଉ ବା କାହା ଜୀବନ ନେଇ ମଧ୍ୟ ସେ ନିଜ ଉଦ୍ଦେଶ୍ୟ ପୂରଣ କରିବ।  କଳେ, ବଳେ, କୌଶଳେ ସେ ଧନବଳ ହେଉ ଅବା ବାହୁବଳ, ବୁଦ୍ଧି ବଳ ହେଉ ଅବା ଲୋକବଳ ପ୍ରୟୋଗ କରି ନିଜ ସ୍ୱାର୍ଥ ହାସଲ କରିବା ପାଇଁ ଲାଗିପଡିଛନ୍ତି। ବର୍ତ୍ତମାନ ସମୟରେ ଯାହାକି ଏକ ସମ୍ବେଦନଶୀଳ ଘଟଣା ଆମ ସମାଜରେ । ଆଜି କାଲି ନିରୀହ ମୂଲିଆ, ଖଟିଖିଆ ଲୋକମାନେ କିଛିଟା ଟଙ୍କା ଲୋଭରେ ବିଭିନ୍ନ ସମସ୍ୟାର  ସମ୍ମୁଖୀନ ହେଉଛନ୍ତି । ଆଉ କିଛି ଠକ, ଦୁଷ୍କର ଜାତୀୟ ବ୍ୟକ୍ତିବିଶେଷ ନିଜର ଉଦେଶ୍ୟ ପୂରଣ ପାଇଁ ସାଧାରଣ ଲୋକ ମାନଙ୍କ ଜୀବନ ସହିତ ଖେଳ ଖେଳି ସମାଜକୁ କଳୁଷିତ କରିବାରେ ଲାଗିଛନ୍ତି। ତେଣୁ ଏହି ପରିସ୍ଥିତିରେ ସମାଜରେ ସୁସ୍ଥ  ଜୀବନ ଯାପନ କରିବା ଜଣେ ସାଧାରଣ ବ୍ୟକ୍ତି ପାଖରେ କେତେ ଯେ  ସଂଘର୍ଷ ପୂର୍ଣ୍ଣ ଏ କଥା  କେବଳ ସେ ହିଁ ଜଣେ । ଏକ ସୁସ୍ଥ ସମାଜ ଗଠନ କରିବା ଆଜିର ସମୟରେ ଏକ କଷ୍ଟକର ବ୍ୟାପାର।  ସମାଜରେ ପ୍ରତିଦିନ ଘଟି ଚାଲିଛି ଚୋରି, ଡକାୟତି, ଅନ୍ୟାୟ, ଅତ୍ୟାଚାର, ଲୁଟ୍ ପରି ନାନା ଘଟଣା।  ଯିଏ ପ୍ରତିବାଦ କରିବ ତା ଜୀବନ ପ୍ରତି ବିପଦ ମୁଣ୍ଡ ଟେକିବ। ତେଣୁ ସବୁ ଜାଣି ମଧ୍ୟ ସମସ୍ତେ ନୀରବ ହୋଇ ଦେଖଣାହାରି ସାଜିଛନ୍ତି।  କିନ୍ତୁ ସମାଜକୁ  ପରିବର୍ତ୍ତନ କରିବାକୁ ହେଲେ ସେଇ ଠକ ଏବଂ ଦୁଷ୍କର ବ୍ୟକ୍ତି ବିଶେଷ ମାନଙ୍କ ବିରୁଦ୍ଧରେ ସଂଘର୍ଷ କରିବାକୁ ହେବ। ଯେତେ କଷ୍ଟ ହେଲେ ବି ଆମକୁ ଦୃଢ଼ ସଂକଳ୍ପର  ସହିତ ପ୍ରତିବାଦ କରିବାକୁ ହେବ। ବର୍ତ୍ତମାନ ସଂଘର୍ଷର ରୂପ ବଦଳି ଯାଇଛି। ପ୍ରତି ମୁହୂର୍ତ୍ତରେ ଗୋଟିଏ ଗୋଟିଏ ସମସ୍ୟାକୁ ସାମ୍ନା କରିବାକୁ ହେଲେ ହେଉଛି ସଂଘର୍ଷର ସୂତ୍ରପାତ। ଆଗରୁ ମଣିଷ ଜୀବନ ବଞ୍ଚିବା ପାଇଁ ସଂଘର୍ଷ କରୁଥିଲା, କିନ୍ତୁ ବର୍ତ୍ତମାନ ସମସ୍ତେ ସୁରକ୍ଷିତ ଭାବେ ନିଜ ଜୀବନକୁ ବଞ୍ଚାଇ ରଖିବା ପାଇଁ  ସଂଘର୍ଷ କରୁଛନ୍ତି। ସମାଜରେ ପ୍ରତି ମୁହୂର୍ତ୍ତରେ ମଣିଷ ବିଭିନ୍ନ ସଂଘର୍ଷର ସମ୍ମୁଖୀନ ହେଉଛି ସତ କିନ୍ତୁ ଏହି ସଂଘର୍ଷରୁ ହିଁ ସେ ଜୀବନର ପ୍ରକୃତ ଅର୍ଥ ବୁଝିପାରିଛି। ଏହି ସଂଘର୍ଷରୁ ସେ ଯେଉଁ ଶିକ୍ଷା ଲାଭ କରିଛି ତାହା ତାକୁ କରିଛି ଜୀବନବ୍ୟାପୀ ସଶକ୍ତ, ଦୃଢ଼ମନା, କାର୍ଯ୍ୟକ୍ଷମ, ଦକ୍ଷ, ନିପୁଣ, ସାହସୀ ଏବଂ ଆତ୍ମ ନିର୍ଭରଶୀଳ ।

ଅଧ୍ୟାପିକା (ଓଡ଼ିଆ ବିଭାଗ)
ଶ୍ରୀ ସତ୍ୟସାଇ ମହିଳା ମହା ବିଦ୍ୟାଳୟ
ପୋଖରୀପୁଟ, ଭୁବନେଶ୍ୱର

ISSN NO.
2582-208X

# ଋତୁରାଣୀ ତୁମେ



ଖଗେଶ୍ୱର ବାଗ

ପ୍ରଚଣ୍ଡ ରୌଦ୍ରତାପ ଲାଗେମତେ ଦେଖି ତୁମ ଅଭିମାନ
ବହୁତ ଜିଦ୍ଧି କହିଦିଅ ପଦେ ଅବୁଝା ହେଲେ ଏମନ।।
ଏକା ସାଙ୍ଗେ ଏକ ରାସ୍ତାରେ ଚାଲିବା ଅସମ୍ଭବ ଦିଅ କହି
ଆଖିର ଇସାରା ଦେଇଦିଅ କେବେ ନୀରବ ରହିବାପାଇଁ।।
ଟିକିଏ କଥାରେ ମନମାରି ବସ ଭାବ ଗୋ ନିଜକୁ ଦୋଷୀ
କୋହଭରା ଛାତି ଉଠେ ପଡେ ଲୁହ ଗଣ୍ଡକୁ ଯାଏ ପରଶି।।
ବାରବାର ପୁଣି ଚିବୁକ କାମୁଡି ଛାଡିଥାଅ ଦୀର୍ଘଶ୍ୱାସ
ଲାଗେ ମତେ ତୁମେ ବରଷା ରାଣୀ ଗୋ ଶ୍ରାବଣର ଆଦ୍ୟ ସ୍ପର୍ଶ।।
ଭବ୍ୟ ଆକଳନେ କହିଯାଅ ଆମେ ନୁହେଁ ଏକ ଆରେକର
ତୁମେ ଆନ ପାଇଁ ଆସିଅଛ ମୁଁ ବି ପ୍ରିୟପାତ୍ର ଅନ୍ୟ କା'ର।।
ଆମର ଅତୀତ ସ୍ମୃତି ହୋଇବ ଅନାଲୋଚିତ ଫରଦରେ
ଲାଗେ ତୁମେ ପୌଷ ହାଡ଼ଭଙ୍ଗା ଶୀତ ଦିଅ ଶିହରଣ ଧାରେ।।
ତୁମେ ପାଖେଥିଲେ ଚଉଦିଗ ବାସେ ପ୍ରଫୁଲ୍ଲ ରହେ ଏ ମନ
କଣ୍ଠସ୍ୱର ତୁମ ଶୁଣି ଲାଗେ ମତେ ସତେ କି ଗୋ ପଞ୍ଚତାନ।।
ନେତ୍ର ଉନ୍ମିଳନ କରୁ ଆକର୍ଷଣ ହଜିଯାଏ ନିଜେ ମୁହିଁ
ଲାଗେ ତୁମେ ଆସିଅଛ ଋତୁରାଜ ବସନ୍ତର ରୂପ ନେଇ।।
ତୁମେ ଗୋ ବୈଶାଖ ଝାଞ୍ଜି ପବନ ତପତ ଉଚ୍ଛ୍ୱସ ଧାର
ଆଷାଢ଼ର ତୁମେ ମଉସୁମୀ ପୁଣି ମାଘ ମୁକ୍ତା ସମାହାର।।
ଶରତର ତୁମେ ନିର୍ମଳ ପ୍ରତିମା ହେମାଳ ଗୋ ହେମନ୍ତର
ଋତୁରାଣୀ ତୁମେ ବସନ୍ତ ଋତୁ ଗୋ ଏଇ ହୃଦୟର ସ୍ୱର।।

ବୁଦ୍ଧିକୋମନା, ନୂଆପଡା

ISSN NO.
2582-208X

# ଧାରେ ଅଭିମାନ....

ଅନନ୍ତା ପ୍ରଧାନ

କେଇଟା ଦିନରେ ପ୍ରେମ ଦିବସର
ପ୍ରୀତି ଇନ୍ଦୁ ଯିବ ନଇଁ....
ଶୁଖିଲା ହେବ ସେ ଗୋଲାପ ପସରା
ପରିସ୍ଥିତି ଧୂଳି ଛୁଇଁ....
କିଛି ମୋର ଲୋଡ଼ା ନାହିଁ,
ଧାରେ ଅଭିମାନ କୋଳରେ ତୁମର
ଦେବ କି ଦେବାକୁ ଗଢ଼େଇ...??

ଦାମୀ ଉପହାର ଆକର୍ଷକ ବସ୍ତୁ
ସାଜିବ ପୁରୁଣା ଦିନେ....
ନୂଆ କଥା ସବୁ ପୁରୁଣା ସାଜିଲେ
ରହିବି ତ ତୁମ ମନେ..??
ଉପହାର ଜମା ନୁହେଁ ଆକାଂକ୍ଷିତ,
ହାତେ ତୁମ ହାତ ଥିବ....
ତୁମ କାନ୍ଧେ ଥରେ ମଥା ଢ଼ାଳି ଦେଲେ,
ନିତି ପ୍ରେମ ଦିନ ହେବ..!!

ପୁରୁଣା ଦିନଟା ଦଦରା ମନର
କୋଣ ତଳେ ଗଲେ ହଜି,
ସ୍ମୃତି ଫରୁଆର ଫାଙ୍କ ଉହାଡ଼ରୁ
ଆଣିବ କି ସତେ ଖୋଜି..??

ISSN NO.
2582-208X

ଲୋଡ଼ା ନାହିଁ ଜହ୍ନ ରାତି,
ତୁମ ସାନିଧ୍ୟର ସ୍ନିଗ୍ଧ ବେଷ୍ଟନୀରେ
ଉଆଁସ ବି ବାଢେ ପ୍ରୀତି..!!

ନାଲି ଗୋଲାପର ରକ୍ତ ପାଖୁଡ଼ାରେ
ପ୍ରେମ କି ସୀମିତ ସତେ..?
କୃଷ୍ଣଚୂଡ଼ା ଠାରୁ ଅଧିକ ଗାଢ଼ତା
ଅଜାଡ଼ି ଦେବ ଏ ହାତେ..!
କାମ୍ୟ କରେ ନାହିଁ ବସନ୍ତ ଫଗୁଣ
ମନ୍ଦ ମଳୟର ଝର....
ତୁମେ ସାଥେ ଥିଲେ ନିଦାଘର ତେଜ
ମୋ ପାଇଁ ଚନ୍ଦନ ସର...!!

ସମୟକୁ ନିନ୍ଦି ସଭିଏଁ ଲୁଚନ୍ତି,
ଆଖି ଧାରେ ଗାରେ ଦେଇ....
ପରସ୍ତ ପରସ୍ତ ଧୂଳି ତଳେ କେତେ
ପ୍ରୀତି ଚିଠା ବୁଜି ଦେଇ....
ଆଙ୍କି ପାରିବ କି ଭାଗ୍ୟ ଟୀରେ ମୋର
ପ୍ରେମ ସ୍ୱାକ୍ଷରରୁ ଧାରେ...?
ସତେଜ ହେବ ସେ ଶୁଷ୍କ ଗୋଲାପଟି
ନିତି ପ୍ରତି ଦିବସରେ..!!
ନିତି ପ୍ରତି ଦିବସରେ..!!

ବୌଦ୍ଧ, ବନ୍ଧାପଥର
ମୋବାଇଲ - ୭୭୫୦୦୯୨୪୧୬

ISSN NO.
2582-208X

# ସ୍ୱତନ୍ତ୍ରତା ଆନ୍ଦୋଳନର ଆପୋଷହୀନ ଧାରାର ବାହକ ଆସ୍ଫାକଉଲ୍ଲା ଖାଁ



ଅସିତ ମହାନ୍ତ

(ସହୀଦ ଦିବସ ଅବସରରେ)

ଭାରତୀୟ ସ୍ୱାଧୀନତା ଆନ୍ଦୋଳନର ଆପୋଷହୀନ ଧାରାର ବାହକ ଆଶଫକୁଲ୍ଲା ଖାଁ (୨୨ ଅକ୍ଟୋବେର ୧୯୦୦ – ୧୯ ଡ଼ିସେମ୍ବର ୧୯୨୭ ) ଜଣେ ପ୍ରମୁଖ ବ୍ୟକ୍ତିତ୍ୱ ଥିଲେ। ସାହସିକତା ଏବଂ ଦେଶର ସ୍ୱାଧୀନତା ପାଇଁ ତାଙ୍କ ଜୀବନ ଉତ୍ସର୍ଗୀକୃତ ଥିଲା। ସେ ହିନ୍ଦୁସ୍ତାନ ରିପବ୍ଲିକାନ୍ ଆସୋସିଏସନ୍ (HRA) ର ଅନ୍ୟତମ ପ୍ରତିଷ୍ଠାତା ଥିଲେ, ଯାହା ପରେ ହିନ୍ଦୁସ୍ତାନ ସମାଜବାଦୀ ରିପବ୍ଲିକାନ୍ ଆସୋସିଏସନ୍ (HSRA) ରେ ପରିଣତ ହୋଇଥିଲା । ବ୍ରିଟିଶ ଶାସନ ବିରୋଧରେ ବୈପ୍ଳବିକ କାର୍ଯ୍ୟକଳାପକୁ ପାଣ୍ଠି ଯୋଗାଇବା ପାଇଁ ୧୯୨୫ ମସିହାରେ କାକୋରୀ ଟ୍ରେନ୍ ଡକାୟତିରେ ସମ୍ପୃକ୍ତ ଥିବା ଆଶଫାକୁଲ୍ଲା ଖାଁ ବେଶ୍ ଜଣାଶୁଣା।

୨୨ ଅକ୍ଟୋବେର ୧୯୦୦ ରେ ଭାରତର ସ୍ୱତନ୍ତ୍ରତା ଆନ୍ଦୋଳନର ଆପୋଷହୀନ ଧାରାର ବାହକ ମହାନ କ୍ରାନ୍ତିକାରୀ ଆସ୍ଫାକଉଲ୍ଲା ଖାଁ ଙ୍କର ଜନ୍ମ ସାହାଜାହାନପୁର, ଉତ୍ତର ପ୍ରଦେଶ ରେ ହୋଇଥିଲା । ଏହି ଐତିହାସିକ ଦିନଟିକୁ ଲୋକମାନେ ବିସ୍ମିଲ ଏବଂ ଆସ୍ଫାକଙ୍କ ମଧ୍ୟରେ ଥିବା ପ୍ରଗାଢ ଦୋସ୍ତିକୁ ମନେ ପକାଇଥାନ୍ତି । ଏକଥା ସତ୍ୟ ଯେ ଏହି ଦୋସ୍ତି ବେଶିଦିନ ରହିପାରି ନଥିଲା । କିନ୍ତୁ ଏହି ସୀମିତ ସମୟ ମଧ୍ୟରେ ସେମାନେ ଦେଶର ସ୍ୱାଧୀନତା ପାଇଁ ଯେଉଁ ଅଭୁଲା କାର୍ଯ୍ୟ ଗୁଡିକୁ କରିଗଲେ ତାହା ଅବିସ୍ମରଣୀୟ ପିଲାଦିନରୁ ସାୟରି ଲେଖିବାରେ ଆସ୍ଫାକଉଲ୍ଲା ପଟୁତା ହାସଲ କରିଥିଲେ । ତାଙ୍କର ବଡଭାଇଙ୍କ ଠାରୁ ସେ ରମପ୍ରସାଦ ବିସ୍ମିଲଙ୍କ ବିଷୟରେ ସବୁବେଳେ ଶୁଣୁଥିଲେ କାରଣ ସେ ବିସ୍ମିଲଙ୍କ

ISSN NO.
2582-208X

ସାଥିରେ ପାଠ ପଢୁଥିଲେ । ଆସ୍ଫାକଉଲ୍ଲା ବିସ୍ମିଲଙ୍କୁ ଭେଟିବା ପାଇଁ ଅତ୍ୟନ୍ତ ଉତ୍ସୁକ ଥିଲେ କିନ୍ତୁ ସୁଯୋଗ ମିଳୁ ନଥିଲା । ମନ ଭିତରେ ସେ ପ୍ରତିଜ୍ଞା କଲେ କି ଯାହା ହେଉନା କାହିଁକି ସେ ବିସ୍ମିଲଙ୍କୁ ଭେଟିବେ , ଶେଷରେ ଏହା ସତରେ ପରିଣତ ହେଲା I

ସେତେବେଳେ ଗାନ୍ଧିଜୀଙ୍କ ଅସହଯୋଗ ଆନ୍ଦୋଳନ ଜୋର ଧରିଥାଏ । ସାହାଜାହାନପୁରରେ ଏକ ସଭାକୁ ସମ୍ବୋଧନ ଦେବାକୁ ବିସ୍ମିଲ ଆସିଥାନ୍ତି । ସଭା ସମାପ୍ତି ପରେ ଆସ୍ଫାକଉଲ୍ଲା ବିସ୍ମିଲଙ୍କ ସହିତ ସାକ୍ଷାତ କରିବାର ସୁଯୋଗ ପାଇଲେ ,ସେ ନିଜର ପରିଚୟ ତାଙ୍କ ସାଙ୍ଗର ଛୋଟ ଭାଇ ରୂପେ ଦେଲେ ଏବଂ ସେ କହିଲେ ଯେ ସେ ବାରସି ଏବଂ ହସରତ ନାମରେ ସାୟରି କରନ୍ତି । ଏକଥା ଶୁଣି ବିସ୍ମିଲ ଆସ୍ଫାକଉଲ୍ଲାଙ୍କ ପ୍ରତି ଆକୃଷ୍ଟ ହେଲେ ଏବଂ ନିଜ ପାଖକୁ ଡାକିଲେ ଏବଂ ତାଙ୍କର ସାୟରି ଶୁଣିଲେ । ଏହାପରେ ବିସ୍ମିଲ ଏବଂ ଆସ୍ଫାକଉଲ୍ଲାଙ୍କ ଦୋସ୍ତି ଅତି ନିବିଡ ହେଲା ଏମିତିକି ମୁଷାୟରା କାର୍ଯ୍ୟକ୍ରମରେ ସବୁବେଳେ ଦୁଇଜଣ ମିଶି ଯୋଗଦାନ କରୁଥିଲେ । ପ୍ରଥମ ପର୍ଯ୍ୟାୟରେ ଆସ୍ଫାକଉଲ୍ଲାଙ୍କର ଗାନ୍ଧିଜୀଙ୍କ ପ୍ରତି ପୁର୍ଣ ଆସ୍ଥା ଓ ବିଶ୍ୱାସ ଥିଲା ଏବଂ ସେଥିପାଇଁ ସେ କେତେ କବିତା ମଧ୍ୟ ଲେଖିଥିଲେ କିନ୍ତୁ ୧୯୨୨ ରେ ଚୌରୀ ଚୌରୀ କାଣ୍ଡ ପରେ ଗାନ୍ଧିଜୀ ଅସହଯୋଗ ଆନ୍ଦୋଳନକୁ ପ୍ରତ୍ୟାହାର କରିବାକୁ ନିଶ୍ଚିତ କଲେ ସେତେବେଳେ ଅନେକ ଯୁବକ ଗାନ୍ଧିଜୀଙ୍କର ଏହି ଫଇସଲାରେ ନିରାଶ ହୋଇ ଗାନ୍ଧିଜୀଙ୍କ ଠାରୁ ମୋହ ଭଙ୍ଗ କରି ଅଲଗା ହେଲେ ଏବଂ କ୍ରାନ୍ତିକାରୀ ସଂଗଠନରେ HSRA (ହିନ୍ଦୁସ୍ତାନ ଷୋସିଆଲିଷ୍ଟ ରିପୁବ୍ଲିକାନ ଆସୋସିଏସନ ) ସାମିଲ ହେଲେ ଯେଉଁଥିରେ ଆସ୍ଫାକଉଲ୍ଲା ଏବଂ ବିସ୍ମିଲ ମଧ୍ୟ ସାମିଲ ଥିଲେ । ଏମାନେ କହିଥିଲେ ସ୍ୱତନ୍ତ୍ରତା ମାଗିଲେ ମିଳେନା ସେଥିପାଇଁ ଅସ୍ତ୍ର ଉଠାଇବାକୁ ହେବ । ଭାରତରେ କ୍ରାନ୍ତି ର ଆବଶ୍ୟକତା ରହିଛି, ଏଠାରେ ଏକ ଶୋଷଣମୁକ୍ତ ମୁକ୍ତ ସମାଜ ଯେଉଁଠାରେ ଜାତି ଧର୍ମ ନିର୍ବିଶେଷରେ ସମସ୍ତେ ସମାନ ହେବା ଅତ୍ୟନ୍ତ ଆବଶ୍ୟକ । ଏହି ବିଚାରକୁ ପାଥେୟ କରି ଆସ୍ଫାକଉଲ୍ଲା, ବିସ୍ମିଲ ଏବଂ ତାଙ୍କର ସାଥିମାନେ ଅସ୍ତ୍ର ପାଇଁ ଅର୍ଥର ଯୋଗାଡ଼ରେ ଲାଗି ପଡିଲେ । ଆସ୍ଫାକଉଲ୍ଲାଙ୍କ ମତ ଥିଲା ଯେ ଅଙ୍ଗରେଜ ଏତେ କମ ହେଲା ପରେ ମଧ୍ୟ ଏତେ ଭାରତୀୟ ମାନଙ୍କ ଉପରେ ଅତ୍ୟାଚାର ଏଇଥିପାଇଁ କରିପାରୁଛନ୍ତି, କାରଣ ସେମାନଙ୍କ ପାଖରେ ଉନ୍ନତ ଅସ୍ତ୍ରଶସ୍ତ୍ର ରହିଛି । ତେଣୁ ଆମକୁ ସେହି ଉନ୍ନତ ଅସ୍ତ୍ରଶସ୍ତ୍ର ଦରକାର ଏବଂ ଏହାରି ସହାୟତାରେ ଅଙ୍ଗରେଜ ମାନଙ୍କୁ ଭାରତରୁ ବିଦାୟ ଦେବାକୁ ହେବ । ଏହାପରେ ଆସ୍ଫାକଉଲ୍ଲା, ବିସ୍ମିଲ ଏବଂ ୪ ଜଣ ସାଥି କାକୋରି

ISSN NO.
2582-208X

କାଣ୍ଡ କରିବା ପାଇଁ ମନସ୍ତ କଲେ । ଏହି ଚୋରିରୁ ପ୍ରାପ୍ତ ପଇସାରେ ବନ୍ଧୁକ ଏବଂ ଅସ୍ତ୍ରଶସ୍ତ୍ର କିଣି ଇଂରେଜଙ୍କୁ ହଟାଇବାର ସ୍ଥିର ହେଲା ।

ଶେଷରେ ୯ ଅଗଷ୍ଟ ୧୯୨୫ ରେ କାକୋରି କାଣ୍ଡ ହେଲା ଯାହାର ନେତୃତ୍ୱ ରାମପ୍ରସାଦ ବିସ୍ମିଲ କରିଥିଲେ ଏବଂ ଆସ୍ଫାକୁଲା ମୁଖ୍ୟ ଭାବରେ ଏହି ଷଡଯନ୍ତ୍ରରେ ଭାଗ ନେଇଥିଲେ । ଅଙ୍ଗରେଜ ସରକାରର ଏହି ଖଜାନା ଲୁଟ ଏକ ଐତିହାସିକ ଘଟଣା ଥିଲା । ଯେଉଁ ଖଜାନା ଲୁଟ କରାଯାଇଥିଲା ସେଥିରେ ୮୦୦୦ ଟଙ୍କା ଥିଲା। ଏହି ଘଟଣା ପରେ ଅଙ୍ଗରେଜ ରାଗିଯାଇ ଦୋଷୀମାନଙ୍କୁ ଧରିବା ପାଇଁ କାର୍ଯ୍ୟକ୍ରମ ଆରମ୍ଭ କରିଦେଥିଲେ । CID ପ୍ରମାଣ ଏକତ୍ରିତ କରି ଗୋଟିଏ ରାତିରେ ସମସ୍ତଙ୍କୁ ଗିରଫ କରାଗଲା ୨୬ ସେପ୍ଟେମ୍ବର ରେ ବିସ୍ମିଲଙ୍କୁ ଗିରଫ କରାଗଲା । ଆସ୍ଫାକୁଲ୍ଲା ବନାରସ ଚମ୍ପଟ ହୋଇଗଲେ, ସେଠାରୁ ବିହାର ଏବଂ ପରେ ଦିଲ୍ଲୀ ଚାଲିଗଲେ । କାରଣ କ୍ରାନ୍ତିକାରୀ କାର୍ଯ୍ୟକଳାପକୁ ଆଗକୁ ବଢାଇବା ପାଇଁ ସେ ଗଦର ପାର୍ଟି ଲାଲା ହର ଦୟାଲଙ୍କ ସହିତ ଦେଖା କରିବା ପାଇଁ ବିଦେଶ ଯିବାପାଇଁ ଚାହୁଁଥିଲେ । କ୍ରାନ୍ତିକାରୀ ସଂଘର୍ଷକୁ ଆଗେ ବଢାଇବା ପାଇଁ ସେ ତାଙ୍କଠାରୁ ସାହାଯ୍ୟ ଚାହୁଁଥିଲେ । କିନ୍ତୁ ତାଙ୍କର ଜଣେ ଆଫଗାନ ସାଥି ତାଙ୍କୁ ଧୋକା ଦେଇଥିଲେ ଯାହାଫଳରେ ପୋଲିସ ତାଙ୍କୁ ଦିଲ୍ଲୀ ରେ ଗିରଫ କଲା । ଆସ୍ଫାକଙ୍କୁ ସେଠାରୁ ଫୈଜାବାଦ ଜେଲ ପଠାଇ ଦିଆଗଲା । ତାଙ୍କ ଉପରେ କାକୋରି ଡକାୟତି ରେ ମୁଖ୍ୟ ଷଡ଼ଯନ୍ତ୍ରକାରୀ ଥିବାର କେଶ ଚାଲିଥିଲା । ଆସ୍ଫାକଙ୍କ ବଡ ଭାଇ ବଡ ଓକିଲ ଲଗାଇ କେଶ ଲଢ଼ି ଥିଲେ କିନ୍ତୁ ଫଇସଲା ତାଙ୍କ ବିରୁଦ୍ଧରେ ଯାଇଥିଲା । ତାଙ୍କ ଜୀବନ ବଂଚାଯାଇ ପାରିଲା ନାହିଁ । କାକୋରି ଷଡଯନ୍ତ୍ରରେ ଆସ୍ଫାକଉଲା ଖାଁ, ରାଜେନ୍ଦ୍ର ଲାହିଡ଼ି, ରାମପ୍ରସାଦ ବିସ୍ମିଲ ଏବଂ ରୋଶନ ସିଂ କୁ ଫାସୀ ଦିଆଗଲା ଏବଂ ଅନ୍ୟ ୧୬ ଜଣଙ୍କୁ ଆଜୀବନ କାରାବାସ ଦଣ୍ଡ ଦିଆଗଲା । ୧୯ ଡ଼ିସେମ୍ବର ୧୯୨୭ କୁ ଆସ୍ଫାକଉଲାଙ୍କୁ ଫାସୀ ଖୁଣ୍ଟରେ ଝୁଲାଇ ଦିଆଗଲା . ଫାସୀ ଦିଆଯିବା ପୂର୍ବରୁ ଯେତେବେଳେ ଝଞ୍ଜିର ଖୋଲି ଦିଆଗଲା ଆସ୍ଫାକ ଫାସୀଖୁଣ୍ଟକୁ ଆଲିଙ୍ଗନ କରି କହିଥିଲେ ଯେ ମୋ ହାତ କୌଣସି ମନୁଷ୍ୟର ଅନିଷ୍ଟ କରିନାହିଁ । ମୋ ବିରୁଦ୍ଧରେ ଯେଉଁ ଆରୋପ ଲଗାଯାଇଛି ସେସବୁ ମିଥ୍ୟା । ଏହା କହି ଫାଶୀରେ ଦଉଡ଼ି ବେକରେ ପିନ୍ଧି ଦେଇଥିଲେ । ଜୀବନ ରହିବା ପର୍ଯ୍ୟନ୍ତ ସାଥିହୋଇ ରହିବା ଯେଉଁ ପ୍ରତିଜ୍ଞା ଆସ୍ଫାକ ଏବଂ ବିସ୍ମିଲ କରିଥିଲେ । ସେହି ଦୁଇଜଣଙ୍କୁ ଅଲଗା ଅଲଗା ଜାଗାରେ ଫାସୀ ଦିଆ ଯାଇଥିଲା । ଆସ୍ଫାକଙ୍କୁ ଫୈଜାବାଦ ଏବଂ ବିସ୍ମିଲଙ୍କୁ ଗୋରଖପୁର ରେ ଫାସୀ ଦିଆ

ISSN NO.
2582-208X

ଯାଇଥିଲା କିନ୍ତୁ ଦୁଇଜଣ ଦୋସ୍ତିକୁ ସାଙ୍ଗରେ ନେଇ ଚାଲିଗଲେ । ଏହି ଘଟଣା ପରେ ଏକ ଐତିହାସିକ ମିତ୍ରତାର ସମାପ୍ତି ଘଟିଥିଲା । ତାଙ୍କର ମୃତ୍ୟୁ ଭାରତୀୟ ସ୍ୱାଧୀନତା ଆନ୍ଦୋଳନର ଆତ୍ମାକୁ ଅଟକାଇ ନଥିଲା ବରଂ ସ୍ୱାଧୀନତା ସଂଗ୍ରାମୀଙ୍କ ଭବିଷ୍ୟତ ପିଢ଼ିକୁ ପ୍ରେରଣା ଦେଇଥିଲା । ତାଙ୍କର ସାହସ, ନିଷ୍ଠା ଏବଂ ଭାରତର ସ୍ୱାଧୀନତା ପାଇଁ ଅଦମ୍ୟ ପ୍ରତିବଦ୍ଧତା ପାଇଁ ଆଶଫକୁଲ୍ଲା ଖାଁ ଙ୍କ ଉତ୍ତରାଧିକାରୀ ସ୍ମରଣୀୟ ।

ଆବାହକ, ଓଡ଼ିଆ ଭାଷା ସୁରକ୍ଷା ଅଭିଯାନ,
ସୁଜନପୁର, ଯାଜପୁର/୯୩୪୮୭୬୮୮୧୨

ISSN NO.
2582-208X

# ଘେନ ମୋର ନିବେଦନ



ନରେନ୍ଦ୍ର ପ୍ରସାଦ ବେହେରା

ଜୀବନ ଯୌବନ  ନୁହେଁ ଦୀର୍ଘସ୍ଥାୟୀ
  ମତୁଆଲା କାହିଁ ହେବା
କ୍ଷଣିକ କାମନା  କ୍ଷଣିକ ବାସନା
  କାହିଁ ପାଇଁ ମନ ଦେବା ।୧।

ପ୍ରତିଭା ସମ୍ପନ୍ନ  ବ୍ୟକ୍ତି ପରା ଆମେ
  ବିକାଶ ପଥେ ପଥିକ
ଜଗତକୁ ଦେବା  ସୁନ୍ଦର ବାରତା
  ନହୋଇ କାହା ପ୍ରମିକ ।୨।

ଧର୍ମ କର୍ମ ପ୍ରତି  ଦେବା ମନଧ୍ୟାନ
  ପଢିବା ଲକ୍ଷ୍ମୀ ପୁରାଣ
ଦେବାଦେବୀ ସ୍ଥଳ  ଧାର୍ମିକ ପୀଠରେ
  ଲଭିବା ସୁଆଚରଣ ।୩।

ସର୍ବଦା ଜାଗ୍ରତ  ଥିବ ଆମ ମନେ
  ଆଚରଣ ଉଚାରଣ
ସାମାନ୍ୟ ଟିକିଏ  ସ୍ୱାର୍ଥ ପାଇଁ ଆମେ
  ହେବା ନାହିଁ ହଇରାଣ ।୪।

ଭାତୃ ସ୍ନେହ ପ୍ରେମ  ହୃଦୟେ ଭରିବା
  ଭଗ୍ନୀ ପ୍ରେମେ ଦେବା ମନ

ISSN NO.
2582-208X

ମାତୃ ପ୍ରେମ ଆଜି ମହଙ୍ଗା ହେଲାଣି
ମିଳୁ ତ ନାହିଁ ସମ୍ମାନ ।୫।

ମହତ କର୍ମରେ ମିଳଇ ସମ୍ମାନ
କୁକର୍ମ କାହିଁ ଲୋଡିବା
ଲୋଡିଲେ ଜଗତ ଧିକ୍କାର କରିବ
ସମାଜେ ନଷ୍ଟ ହୋଇବା ।୬।

ପ୍ରତିଭା ବିକାଶ ମୂଳ ଲକ୍ଷ୍ୟ ଆମ୍ଭ
ଚରିତ୍ର ନଷ୍ଟକୁ ହେଜ
ସୁନ୍ଦର ରୂପକୁ ଦିଅ ନାହିଁ ଧ୍ୟାନ
ଚାହିଁ ରହିଛି ସମାଜ ।୭।

ଚରିତ୍ର ନଷ୍ଟରେ ନହୋଇ ନିବୃତ୍ତ
ସମାଜ ଗଠନ କର
ମହାଦୃମ ସାଜି ଦୂର ପର୍ବତକୁ
ବକ୍ଷରେ କୋଳେଇ ଧର ।୮।

ଆଦର ସମ୍ମାନ ମିଳୁଛି ଯା'ଠାରୁ
କର ନାହିଁ ବେଇମାନ
ଭଗବାନ କେବେ ଦେବେ ନାହିଁ କ୍ଷମା
ଅକାଳେ ଯିବ ଜୀବନ ।୯।

ସାହିତ୍ୟ ସମ୍ମାନ ସମାଜ କଲ୍ୟାଣ
ଉଚ୍ଚ ହେଉ ତାର ସ୍ଥାନ
ସଭିଙ୍କୁ ବିନତି କରୁଅଛି ମୁହିଁ
ଘେନ ମୋର ନିବେଦନ ।।୧୦।।

ଆଳଦା, ଖଇରା ,ବାଲେଶ୍ୱର

ISSN NO.
2582-208X

# ଡିଆଁ ରୋଗ



ଅକ୍ଷୟ ମହାନ୍ତ (ନର୍ମାଲ୍ୟ)

ଡିଆଁ ରୋଗଟାଏ
ନେତାଙ୍କୁ ଧରିଛି
ଛଟପଟ ହେଉଛନ୍ତି
ଭିତରେ ଭିତରେ
ଜଳି ଯାଉଛନ୍ତି
ମୁହେଁ ଖାଲି ହସୁଛନ୍ତି।

ଖାଦ୍ୟ ପାନୀୟ ତ
ରୁଚୁ ନାହିଁ ଏବେ
ମଦ ପିଇ ଶୋଉଛନ୍ତି
ନିଜ ଦଳ ଛାଡି
କେଉଁଠିକୁ ଯିବେ
ଗଣିତ ସେ କଷୁଛନ୍ତା।

କେଉଁଠିକୁ ଗଲେ
ଲାଭ ସେ ପାଇବେ
ସେହି କଥା ଭାବୁଛନ୍ତି
ଭିତରେ ଭିତରେ
ଅନ୍ୟ ଦଳ ସହ
ଯୋଗାଯୋଗ କରୁଛନ୍ତି।

ନିଜ ଦଳେ ଯଦି
କଣଠେସା ହୋଇ
ପଛପଟେ ରହୁଥିବେ
ଟିକଟ ଖଣ୍ଡିକ
ଜମା ମିଳିବନି
କାହିଁକି ସେଠାରେ ଥିବେ ???

ଗଳା ଫଟାଇ ସେ
ଆପଣା ଦଳର
ଜୟଗାନ କରୁଥିଲେ
କୁତ୍ସିତ ଭାଷାରେ
ଅନ୍ୟ ଦଳକୁ ସେ
ଭର୍ତ୍ସନା ହିଁ କରୁଥିଲେ।

ଏହିଭଳି ସିନା
ବିଭିନ୍ନ ଦଳର
ଗୁମରଟା ଖୋଲୁ ଅଛି
ସାଧାରଣ ଏହି
ଭୋଟର ମାନଙ୍କ
ଚିନ୍ତା ବଢି ଯାଉଅଛି।

ISSN NO.
2582-208X

ଦଳପତିଙ୍କର
କି ଗୁଣ ଖାଇବି
ଯାହାକୁ ପାଇଲେ ନେଲେ
ଯିଏ ଗାଉଥିଲା
ଦୁର୍ନାମ ତାଙ୍କର
ଦଳେ ତାଙ୍କୁ ମିଶାଇଲେ।

ଯାହା କୁହ ବନ୍ଧୁ
ଏରାଜନୀତିରେ
ସବୁ ତ ସମ୍ଭବ ହୁଏ
ପରଟା ନିଜର
ନିଜଟା ପରର
ଏହିପରି ସିନା ହୁଏ।

ଡିଆଁ ଡେଇଁ ପରେ
ରୋଗଟା ତାଙ୍କର
ପୂରା ଭଲ ହୋଇଯାଏ
ପର ଘରେ ରହି
ପରର ପ୍ରଶସ୍ତି
ଗାନ କରା ଯାଇଥାଏ।

ରାଜନୀତିର ଏ
ବଡ଼ କଳା ସତେ
ରାଜନେତାଙ୍କୁ ହିଁ ଜଣା
ଡିଆଁ ଡେଇଁ ଛାଡି
ଘରେ ବସି ବସି
କାହିଁ ଚୋବେଇବେ ଚଣା???

ରାଜନୀତିରେ ତ
କ୍ଷମତା ପ୍ରତିଷ୍ଠା
ଅର୍ଥର ପ୍ରାବଲ୍ୟ ଅଛି
ତାକୁ ଛାଡିବାକୁ
କେଉଁ ରାଜନେତା
କେମିତି ହୋଇବ ରାଜି????

ଯେଉଁ ବାଘ ମୁହେଁ
ମଣିଷ ରକ୍ତର
ସ୍ୱାଦ ଲାଗି ଯାଇଅଛି
କେମିତି ତାହାକୁ
ଅଣଦେଖା କରି
କରିଦେବ ସିଏ ଛିଇ???

ମୋ:9937462507

ISSN NO.
2582-208X

# ପ୍ରେମ



ଚତରଞ୍ଜନ ବେହେରା

ପ୍ରେମ ପବିତ୍ର, ଶାଶ୍ୱତ, ଚିରନ୍ତନ
ଏମିତି ଅନେକ ନାମରେ ରେ ନାମିତ.....
ପ୍ରେମ ନିଃସ୍ୱାର୍ଥପର, ନିସ୍ପାପ, ନିଷ୍କପଟ
ସରଳ, ନିରୀହ ଚଢ଼େଇର ବସା......!!

ଦୁଇଟି ମନ, ଦୁଇଟି ଅଚିହ୍ନା ଆତ୍ମା
ଦୁଇଟି ଅଜଣା ସମ୍ପର୍କ କୁ
ଦୁଇ ଅଚିହ୍ନା ଆଖି ରେ ଗଢ଼ିଉଠିଥିବା
ମିଠା ସମ୍ପର୍କ ବନ୍ଧନର ସେତୁ ଟିଏ ପ୍ରେମ....!!

ବିରହ ଥାଏ, ବିଚ୍ଛେଦ ଥାଏ
ଜଣେ ଜଣକୁ ହରେଇବାର ଭୟ ଥାଏ
ତଥାପି ସାଥୀ ପାଇଁ
ମନ ସବୁବେଳେ ବ୍ୟାକୁଳ....
ମନ ଖୋଜେ ସବୁବେଳେ
ତାର ସେ ମିଠା ମିଠା ଦୁଇପଦ
ପ୍ରେମ କଥା...ଯେଉଁଠି ଲୁଚିରହିଥାଏ
ବିଶ୍ୱାସ ଆଉ ପ୍ରଚୁର ଭଲପାଇବା....!!

ବା ରେ ପ୍ରେମ ବା
ସତରେ ତୁ ଚିରନ୍ତନ, ଶାଶ୍ୱତ ଆଉ ସତ୍ୟ
ତୋ ବିନା ଏ ଜୀବନ ରଙ୍ଗହିନ ଅଟ୍ଟାଳିକା
ପତ୍ର ହିନ ବୃକ୍ଷ, ବାସ୍ନା ହିନ ପୁଷ୍ପ.....
ଶୁଖିଲା ନଈ ପରି ଜୀବନ...
ତଥାପି ତୁ ଚିରନ୍ତନ....!!

ବୌଦ୍ଧ
ମୋ - 9438710387

ISSN NO.
2582-208X

# ବେଶ୍ୟାସିକ୍ତ ବାସ୍ନା



ଡ଼ଃ ସ୍ୱାଗତିକା ସାହୁ

ଯେଉଁ ସମୟରେ ଖେଳିବୁଲି ସାଙ୍ଗସାଥୀମାନଙ୍କ ସହିତ ହସଗପ କରିବା କଥା, ପାଠପଢି କରି ଜ୍ଞାନ ଆହାରଣ କରିବା କଥା, କଳ୍ପନାର ରାଜନଅର, ବୋହୁବୋହୁକା ଖେଳରେ ମସଗୁଲ ହେବା କଥା, ହଜିଯାଇଛି ମାଧବୀର ସେଇ ସବୁ ଖେଳ, ହସ ଏବଂ ସ୍ୱପ୍ନ। ମିଛିମିଛିକା ବାଲିଘର ଖେଳିବା ପରିବର୍ତ୍ତେ ଦାୟିତ୍ୱ କର୍ତ୍ତବ୍ୟର ଦୋଛକିରେ ସେ ହୋଇଯାଇଛି ଅଣନିଶ୍ୱାସୀ। ସମାଜର ଆକ୍ଷେପ ଆଉ ବିଦ୍ରୋପ ତା' ହୃଦୟକୁ କରିଛି କରାଗ୍ରତ ତଥାପି ଅସହିଷ୍ଣୁତାର ପାଦରେ ସିଡ଼ି ପରେ ସିଡି ଚଢିଚାଲିଛି ସେ, ସ୍ୱାଭିମାନର ସହ ବଞ୍ଚିବା ପାଇଁ କରିଚାଲିଛି ସତସଂଗ୍ରାମ ।

ମାଧବୀ, ନିଷ୍କପଟ ସରଳ ହୃଦୟଟିଏ। ମାଣତିର ଗାଆଁର କାହ୍ନୁ ଦାସର ବଡଝିଅ। ତା'ରି ତଳେ ଆଉ ଦୁଇଜଣ ସାନ ଭାଇ ଡମ୍ବୁରୁ ଏବଂ ସାନଭଉଣୀ ଶୋଭା। ଶୋଭାକୁ ଜନ୍ମକରି ମାଆ ଆରପାରିକୁ ଚାଲିଗଲା। ତିନିଟି ପିଲା ଏବେ ମାଆ ଛେଉଣ୍ଡ । ଏବେ ମାଧବୀ ଉପରେ ଡମ୍ବୁରୁ ଏବଂ ଶୋଭାର ଦାୟିତ୍ୱ। କେତେ ବା ବୟସ ତା 'କୁ! ମାତ୍ର ତେର ବର୍ଷ ବୟସ। ଭଲ ବ୍ୟବହାର ସାଙ୍ଗକୁ ପାଠ ଭଲ ପଢେ, ଖେଳରେ ମଧ୍ୟ ଆଗୁଆ। ସେଇଥିପାଇଁ ସମସ୍ତେ ତାକୁ ବହୁତ ଭଲପାଆନ୍ତି । ଖେଳଶିକ୍ଷକ ମାଧବୀକୁ ନେଇ ବହୁତ ଆଶାତୀତ, ସେ ନିଶ୍ଚୟ ଜାତୀୟ ସ୍ତରକୁ ଯିବ । କିନ୍ତୁ ସମସ୍ତଙ୍କ ଆଶା ନିରାଶା ହୋଇଯାଇଛି । ମାଆ ଗଲା ପରେ ମାଧବୀର ପାଠପଢାରେ ଯେମିତି ଡୋର ବନ୍ଧାହୋଇଯାଇଛି। ଯେତେ ଇଚ୍ଛା ଥିଲେ, ଯେତେ ଆଗ୍ରହ ଥିଲେ ମଧ୍ୟ ସାନ ଭାଇ

ISSN NO.
2582-208X

ଭଉଣୀଙ୍କ ଲାଳନପାଳନରେ ସମୟ ଅତିବାହିତ ହୋଇଯାଉଥିଲା, ଧିରେଧିରେ ନିଜ ପାଇଁ ସମୟ କାଢ଼ିବା ଆଉ ନିଜ ପାଇଁ ସ୍ୱପ୍ନଦେଖିବା ତା'ପାଇଁ ଗୋଟେ ପାପ ହୋଇଗଲା ।

ବାପା କାହ୍ନୁଦାସ କଲିକତାର ଚଟକଳରେ କାମ କରି ପଇସା ପଠାନ୍ତି। କିନ୍ତୁ ସ୍ତ୍ରୀ ମଲାପରେ, ତାଙ୍କର ବଦ ଅଭ୍ୟାସ ବଢ଼ିଲା। ମଦ ପିଇବାରେ ଅଭ୍ୟସ୍ତ ହୋଇ ସବୁ ରୋଜଗାରକୁ ଉଡେଇବାକୁ ଲାଗିଲେ । ପିଲାମାନଙ୍କ ପାଖକୁ ଟଙ୍କା ପଠାଇବା ଧୀରେଧୀରେ ବନ୍ଦ ହୋଇଗଲା । ମାଧବୀ ବେଳେ ବେଳେ ଫୋନ ବୁଥକୁ ଯାଇ ଫୋନ କରେ ବାପାଙ୍କୁ, ମାତ୍ର ଏପଟସେପଟ କଥା କହି ଭୁଲାଇ ଦିଅନ୍ତି ଝିଅକୁ କାହ୍ନୁ ବାବୁ । ପରିସ୍ଥିତି ଏଭଳି ହେଲା, ଦିନକୁ ଦି ମୁଠା ଭାତ ଖାଇବା ପାଇଁ ପର ଦୁଆରେ ହାତ ନୁଆଇଁବାକୁ ପଡିଲା। ମାଧବୀ ଭୋକରେ କଷ୍ଟ ପାଉଥିଲେ ମଧ୍ୟ ସାନ ଭାଇ ଭଉଣୀଙ୍କୁ ଆଶ୍ୱାସନା ଦେଉଥାଏ, ବାପା କାଲି ଆସିବେ, ପଇସା ପଠେଇବେ। କାଲି ପେଟଭର୍ତ୍ତିକରି ଖାଇବା, ନୂଆ ଜାମା ପିନ୍ଧିବା, ତୁମେମାନେ ସ୍କୁଲ ଯିବ, ପାଠ ପଢ଼ିବ ଇତ୍ୟାଦି। ମାତ୍ର ସେ ସବୁ ଆଶ୍ୱାସନା ପାଣିଫୋଟକା ପରି ମିଳାଇଯାଉ ଥାଏ। ଏମିତି ପାଞ୍ଚ ଦିନ, ଦଶ ଦିନ, ପରେ ମାସ ମାସ ଗଡି ଚାଲିଲା। ନା ପଇସା ଆସିଲା, ନା ଫୋନ କଲ ? ଏବେ ବାପାଙ୍କର ମିଛ ସ୍ୱପ୍ନ ଦେଖିବା ମାଧବୀ ବନ୍ଦ କରିଦେଲା । କରିବ କଣ ? କେମିତି ସମ୍ଭାଳିବ ତାର ଭାଇ ଭଉଣୀଙ୍କୁ ?

ବାହାରକୁ ଗୋଡ଼ କାଢ଼ି ନିଜେ ରୋଜଗାର କରିବା ପାଇଁ ମନସ୍ତ କରିଲା ମାଧବୀ । ସେ ଦିନ ଶୋଇଛି। ହଠାତ ସ୍ୱପ୍ନ ଦେଖିଲା ତା 'ର ସାନ ଭଉଣୀ ଶୋଭା ମନ୍ଦିର ଆଗରେ ଥାଳି ଧରି ଭିକ ମାଗୁଛି। ହଠାତ ନିଦ ଭାଙ୍ଗିଗଲା ତା' ର । ଚିନ୍ତା କଲା ମୁଁ ସିନା ପଢି ପାରିଲିନି, ସ୍ୱପ୍ନ ଦେଖିଲିନି କି ପୁରା କରିଲିନି, କିନ୍ତୁ ମୋର ସାନ ଭାଇ ଭଉଣୀଙ୍କୁ ମୁଁ ବହୁତ ପାଠପଢ଼ାଇବି, ଉଚ୍ଚଶିକ୍ଷିତ କରିବି, ସମାଜରେ ତାଙ୍କ ନାଁ ରହିବା...ଏହିପରି ସାରା ରାତି ଭାବି ଭାବି ତା 'ର କଟିଗଲା। କା ' କା 'ରାବରେ ଜାଣିଲା ଯେ ସକାଳ ହେଲାଣି, ଉଠିପଡ଼ି ଘର କାମ ସାରି ଚାଲିଲା ଗାଁ ମୁଣ୍ଡ ପାଖ ସିମେଣ୍ଟ ଗୋଦାମକୁ ।

ବାଙ୍କୁ ଗଡ଼ତିଆ, ସିମେଣ୍ଟ ଦୋକାନୀ ମାଲିକ! ତା'ରି ପାଖରେ ବହୁତ ଦିନମଜୁରିଆ ସିମେଣ୍ଟ ବୁହାବୁହି କାମ କରନ୍ତି। ମାଧବୀ ଯାଇ ବାଙ୍କୁ ଆଜ୍ଞାକୁ କହିଲା କାମ ପାଇଁ।

ISSN NO.
2582-208X

ବୋହିପାରିବୁ ସିମେଣ୍ଟ ? ବୋଲି ପଚାରିବାରୁ ହଁ ଭରିଲା ମାଧବୀ। ପ୍ରଥମ କରି କୌଣସି କାର୍ଯ୍ୟ କରିବ, ଆଗ୍ରହର ସହ ଚାଲିଲା ସିମେଣ୍ଟ ଟ୍ରକ ପାଖକୁ। ଟ୍ରକ ଉପରୁ ବସ୍ତା ଅଲୋଡ଼ ଚାଲିଥାଏ। ଗାମୁଛାଟିଏ ମୁଣ୍ଡରେ ଜାକି ସିମେଣ୍ଟ ବସ୍ତାଟିଏ ମୁଣ୍ଡାଇଲା ମାଧବୀ । ମୁଣ୍ଡ ରେ ବେଶୀ ଓଜନ ଲାଗିଲା, ଅଣ୍ଟା ଭାଙ୍ଗିଯିବାପରି ଲାଗିଲା। ତଥାପି ସାନ ଭାଇ ଭଉଣୀଙ୍କ ଶୁଖିଲା ମୁହଁକୁ ଦେଖି କାମରେ ଲାଗିରହିଲା। ସନ୍ଧ୍ୟାରେ ମଜୁରୀ ମିଳିଲା । ହାତରେ ରୋଜଗାର ଟଙ୍କା ଦେଖି ମାଧବୀର ଖୁସି କହିଲେ ନସରେ । ଟଙ୍କା ଧରି ଘରକୁ ଆସିଲାବେଳେ ଘର ପାଇଁ ସଉଦାପତ୍ର, ସାନ ଭାଇ ଭଉଣୀ ପାଇଁ ବହିଖାତା କିଣି ଧରି ଆସିଲା। ସେ ଦିନ ଭାଇ ଭଉଣୀ ତିନି ଜଣ ଖୁସିରେ ଖାଇଲେ। କିନ୍ତୁ ରାତିଯାକ ମାଧବୀ ଶୋଇପାରୁନଥାଏ। କଅଁଳ ଅଣ୍ଟା ଆଉ ମୁଣ୍ଡରେ ଭାରି ବସ୍ତା ବୋହିଥିବା କାରଣରୁ ପ୍ରବଳ ଜ୍ୱର ଆସିଯାଇଥିଲା ମାଧବୀକୁ । ତା 'ପରଦିନ ସକାଳୁ କାମକୁ ଯିବା କଥା, ପ୍ରବଳ ଜ୍ୱରରେ କମ୍ପୁଥିଲା ତା 'ଶରୀର । ତଥାପି କରିବ କ'ଣ ? ମଜୁରୀ ନ ଆଣିଲେ ଘର ଚଳିବ କିପରି ? ଆଖିରୁ ତା'ର ଲୁହ ଗଡିଯାଉଥାଏ । ଏମିତି ସମୟକୁ ସିମେଣ୍ଟ ଗୋଦାମ ମାଲିକ ଗଡତିଆ ବାବୁ ସେଇ ବାଟଦେଇ ଯାଉଥିଲେ । ନଜରରେ ମାଧବୀ ପଡ଼ନ୍ତେ ପରିସ୍ଥିତି ଦେଖି ତାଙ୍କୁ ଭାରି ଦୟା ଲାଗିଲା । ମେଡିକାଲରେ ଦେଖାଇ ଔଷଧ ପତ୍ର ଆଣିଦେଲେ । ଗୋଦାମକୁ ନଆସିବାକୁ କହିଲେ ଏବଂ ତା 'ପାଇଁ କାମଟିଏ ଯୋଗାଡ଼ି ଦେଲେ ପାଖ ବ୍ୟାଙ୍କରେ। ବ୍ୟାଙ୍କରେ ସଫାସଫି, ରୋଷେଇ କାମ ସବୁ କରିବ। ମାସକୁ ୨୫୦୦ ଟଙ୍କା ଦେବେ। ମାଧବୀ ଖୁସିରେ ହଁ ଭରିଲା ଆଉ ଗଡତିଆ ବାବୁଙ୍କ ପାଦ ଧରି ଖୁସିରେ କାନ୍ଦିବାକୁ ଲାଗିଲା। ଏଥର ମନ ଲଗାଇ କାମ କରିବ ମାଧବୀ, ଦରମା ଟଙ୍କାରେ ସାନ ଭାଇ ଭଉଣୀଙ୍କୁ ସ୍କୁଲ ପଠେଇବ । ଖୁସିରେ କାମ କଲା ବ୍ୟାଙ୍କରେ ସଫାସଫି କାମ ସାଙ୍ଗକୁ ବଡ ବଡ ସାହେବ ଲୋକଙ୍କୁ ଚା' କରି ଦେବା ଇତ୍ୟାଦି ସବୁ ବୁଝୁଥାଏ। ଅଳ୍ପ ଦିନରେ ସବୁ କାମ ଶିଖିଗଲା । ସମସ୍ତେ ତାର ଚା' କୁ ପ୍ରଂଶସା କଲେ । ଏମିତି ଦିନ ପରେ ଦିନ ଗଡିଚାଲୁଥାଏ । ମାଧବୀ ଦେଖିବାକୁ ସୁନ୍ଦରୀ ତରୁଣୀ ଟିଏ, ଯାର ହୃଦୟ ଯେପରି ନିର୍ମଳ, ହସ ଆଉ ମୁହଁ ସେପରି ଆକର୍ଷିତ। ମାଧବୀକୁ ଲୋଲୁପ ଦୃଷ୍ଟିରେ ଦେଖିଲେ ବ୍ୟାଙ୍କର ଜଣେ ଉଚ୍ଚପଦସ୍ଥ କର୍ମଚାରୀ। ଦିନେ ସନ୍ଧ୍ୟା ସମୟରେ ଫେରିବା ବେଳକୁ ମାଧବୀକୁ ଡାକି ଚା' କରିବାକୁ କହି ତା' ସହ ଜବରଦସ୍ତି ଦୁଷ୍କର୍ମ କରିବାକୁ ଲାଗିଲେ । ଜୋର ପାଟି ଶୁଣି ପର ମୁହୂର୍ତ୍ତରେ ବ୍ୟାଙ୍କ କର୍ମଚାରୀ ଜାଣିଲେ ମଧ୍ୟ କଥାଟା କୁ ଚାପିଦେଲେ । ଦୟା ପରିବର୍ତ୍ତେ ତାକୁ ମିଳିଲା ଧମକ । କିନ୍ତୁ ମାଧବୀ ! ଅନ୍ୟାୟର

ISSN NO.
2582-208X

ମୂର୍ତ୍ତିମନ୍ତ ଜୀବନ, ଯା'ର ଅଶ୍ରୁରେ ଫାଟି ପଡୁଥିଲା ନିର୍ଜନ ଚାରିକାନ୍ଥ ମଧ୍ୟର କୋଠରୀ । ତାକୁ କିଏ ଦେବ ନ୍ୟାୟ ?

ଗରିବର ପୋଷାକ ପିନ୍ଧି ଅନ୍ୟାୟର ରକ୍ତରେ ଜର୍ଜରିତ ଅବଳାଟିଏ ସେ ବର୍ତ୍ତମାନ। ଧର୍ଯ୍ୟଧରି ସକାଳୁ ସକାଳୁ ନ୍ୟାୟ ପାଇଁ ରିପୋର୍ଟ ଲେଖାଇବା ପାଇଁ ପାଖ ଥାନାକୁ ଗଲା। କିନ୍ତୁ ଯାହା ବିଷୟରେ ସେ କହିଲା ସେ ହେଉଛନ୍ତି ଗାଁର ନାମୀ ଦାମୀ ଲୋକ । ସେହି ଥାନାରେ ହିଁ ତା 'ର କଥାକୁ ଚାପିଦିଆଗଲା। ଏବଂ ତାକୁ ଧମକ ଚମକ ଦିଆଗଲା, ତାର ସାନଭାଇ ଭଉଣୀଙ୍କୁ ମାରିଦେବା ପାଇଁ। ବିକଳରେ ଆଉ ଭୟରେ ଚାଲି ଆସିଲା ମାଧବୀ ।

ସମୟ ଗାଡି ଚାଲିଥାଏ ତା ବାଟରେ.. । ସମାଜର ହିନମାନ୍ୟତା ଦୃଷ୍ଟି , ଆକ୍ଷେପକୁ ବେଶ ଚିହ୍ନିସାରିଥିଲା ମାଧବୀ। କାହା ଗୋଡତଳେ ଆଶ୍ରୟ ନେଇ ସମାଜରେ ବଞ୍ଚିଲେ କୁକୁର ପରି ଅଇଁଠାପତ୍ର ହିଁ ସାର । ନିଜକୁ ଦୁର୍ବଳା, ଅବଳା ଭାବିବାର ଭୁଲ ଆଉ ସେ କରିବନି। ସମାଜରେ ତାଳ ଦେଇ ସେ ଚାଲିବ । ବୁଲୁଥିବା ଭୋକିଲା କୁକୁର ମାନଙ୍କୁ ସେ ଉଚିତ ଶିକ୍ଷା ଦେବ। ସେଥିପାଇଁ କୌଣସି କଥାକୁ ସେ ଭ୍ରୁକ୍ଷେପ କରିବନି। ମନକୁ ପଥର କରି ଆଉ ଅନ୍ୟାୟର ପ୍ରତିଶୋଧ ପାଇଁ ସେ ଆପଣାଇଲା ଭୁଲ ରାସ୍ତା। ଯେଉଁ ଯୌବନକୁ ଲୋଭୀ କୁକୁର ମାନଙ୍କର ଲୋଲୁପଦୃଷ୍ଟି ପଡ଼ିଥିଲା, ତାକୁ ହିଁ ଅସ୍ତ୍ର କରିଲା ମାଧବୀ। ତା 'ର ଭ୍ରୁକ୍ଷେପ ନାହିଁ କାହା କଥାକୁ, କର୍ଣ୍ଣପାତ କରେ ନି ସେ ସମାଜ କୁ। ନିଜ ଶରୀରକୁ ଅନ୍ୟ ଖୁସିରେ ଦେଇ ଗଢ଼ିଛି ସେ ନିଜର ସାମ୍ରାଜ୍ୟ, ନା ଅଛି ଦାରିଦ୍ର୍ୟତା, ନା ଅଛି ଅଭାବର ଛାଇ। ଟଙ୍କା ଫିଙ୍ଗି ସେ ଅର୍ଜିଛି ସମ୍ମାନ। ମୁହୂର୍ତ୍ତରେ କରିପାରେ ସେ ବଶ ସଭିଙ୍କୁ। ତା 'ର ସାନଭାଇ ଭଉଣୀ ଏବେ ଉଚ୍ଚଶିକ୍ଷିତ, ସେମାନଙ୍କର ଉଚ୍ଚମନା ସ୍ୱପ୍ନକୁ ଏବେ ପୂରଣ କରିପାରିବ ମାଧବୀ। ଏ ସବୁ ସତ୍ୱେ ଖୋଜୁଥାଏ ସେ ଶାନ୍ତି ଆଉ ଶାନ୍ତି ।

ସେ ପାଇପାରିଲା ଶାନ୍ତି ସେଦିନ ସେଇ କୁଷ୍ମାଣ୍ଡ ର ରକ୍ତ ରେ ହୋଲି ଖେଳି । ଶୀତୁଆ ସଞ୍ଜରେ ଚାରିଆଡ ଶୂନଶାନ। ମାଧବୀର ଚାକଚକ୍ୟ ବାରଣ୍ଡାରେ ଆସି ପହଞ୍ଚିଛି ସେଇ ସାହେବ, ଯିଏ ତା 'ର ଯୌବନର ଅଙ୍କୁରୋଦଗମ କୁ ନଷ୍ଟ କରି ଦେଇଥିଲା, ତା 'ର ଶରୀରର ନିର୍ମଳତାକୁ ପାପକ୍ତ କରିଦେଇଥିଲା ।

ISSN NO.
2582-208X

ଅସ୍ତରାଗ ରବି ବୁଡି ଯାଉଥିଲେ ପାହାଡ ଉହାଡ଼ରେ। ଖଟଖଟ ଶବ୍ଦରେ ମାଧବୀ କବାଟ ଖୋଲିଲା। ତା'ର ଆଖିକୁ ବିଶ୍ୱାସ କରିପାରିଲାନି ସାହେବ କୁ ଦେଖି। ଛାତିର ଯନ୍ତ୍ରଣା ହୁତହୁତ ହୋଇ ଜାଳିବାକୁ ଲାଗିଲା। ସବୁକୁ ନିୟନ୍ତ୍ରଣ କରି ଘର ଭିତରକୁ ଟାଣିନେଲା ସାହେବଙ୍କୁ । ନିଜର ଅନ୍ତଃବସ୍ତ୍ର ଖୋଲି ଟାଣିଲା ସାହେବର ମାନସ ଚକ୍ଷୁ। ଭାବପ୍ରବଣର ଅନ୍ତିମ ସମୟରେ ଏକ ତୀକ୍ଷ୍ଣ ଛୁରୀରେ କାଟିଲା ସାହେବର ଯୌନାଙ୍ଗକୁ। ଅନ୍ତଃ ଶରୀରକୁ ଟିକ ଟିକ କରିଦେଲା ଜଳୁଥିବା ଅଶାନ୍ତିର ଦାବାଗ୍ନିରେ । ରକ୍ତ ଜୁଡୁବୁଡୁ ଅବସ୍ଥାରେ ସାହେବର ପ୍ରାଣ ଉଡ଼ିଗଲା। ସେଇ ରକ୍ତକୁ ଦେଖି ଭୟ ଆସିବା ପରିବର୍ତ୍ତେ ମାଧବୀର ଚକ୍ଷୁରୁ ଶାନ୍ତିର ଲୋତକ ବୋହି ଚାଲୁଥିଲା। ନା ଥିଲା ଡର ଭୟ ନା ଅନୁଶୋଚନା? ସାହେବର ମୃତ ଶରୀରକୁ ନେଇ ଚାଲିଲା ପୋଲିସ ଷ୍ଟେସନ ।

ଆଜିକାଲି ଦୁନିଆରେ ଧର୍ମର କୌଣସି ସ୍ଥାନ ନାହିଁ ନ୍ୟାୟର ପରିଭାଷା ବଦଳିଯାଇଛି। ମାଧବୀ ଆଇନକୁ ହାତରେ ନେଇଛି। ସେ ଭୁଲ କରିଛି, ମାତ୍ର ତା 'ର ସେ ଭୁଲ ପ୍ରତି ଭ୍ରୁକ୍ଷେପ ନାହିଁ । ସକାଳ ହେବା ଆଗରୁ ଥାନାରେ ପହଞ୍ଚିଛି ସେ, ନିଜକୁ ଦୋଷୀ ନ କହି କହିଛି ସେ କାଟିଛି ସାହେବର ଯୌନାଙ୍ଗକୁ। ପୋଲିସ କର୍ମଚାରୀ ମାନେ ହତବାକ ହୋଇ ଚାହିଁରହିଛନ୍ତି ମାଧବୀକୁ ଆଉ ମୃତ ସାହେବକୁ ଆଉ ଅଲୋଡ଼ା ହୋଇ ପଡ଼ିଥିବା ସେ ରକ୍ତ ଜୁଡୁବୁଡୁ ଯୌନାଙ୍ଗକୁ ।

ଅଧ୍ୟାପିକା, ତୁମୁଡିବନ୍ଧ କନ୍ଧମାଳ

ISSN NO.
2582-208X

# ଏ କେଉଁ ପୁରୁଷ ଦିବସ



ଜୟନ୍ତ ଦାସ ପ୍ରଫୁଲ୍ଲ

ବାପାଙ୍କ ପୋଷାକ ପୁଅକୁ ହୋଇଲେ
ଆସିଯାଏ ଘର ଦାୟିତ୍ୱ,
ନିଜ ପରିବାର ଓଠେ ହସ ପାଇଁ
କର୍ମ ରେ ହୁଏ ସେ ବ୍ୟସ୍ତ।(୧)

ନିଜ ସ୍ୱପ୍ନ ମାରି ଘର ସେ ଛାଡ଼ି
ଚାଲିଯାଏ ବହୁଦୂର,
ଦୁଃଖରେ ଥାଇ ବି ମିଛରେ ସେ ହସି
ଚଳାଏ ତା ପରିବାର।(୨)

କେବେ ସେ ବାପା କେବେ ସେ ଭାଇ
କେବେ ସାଜେ କାହା ସାଥୀ,
ଅନ୍ୟର ସ୍ୱାର୍ଥକୁ ପୂରଣ ନିମନ୍ତେ
ଉଜାଗର ହୁଏ ରାତି।(୩)

ପୁରୁଷ ଜନମ ନୁହେଁ ତ ସହଜ
ବଞ୍ଚିବାକୁ ସହଜରେ,
ନିଜର ଖୁସିର ତଣ୍ଟି ଚିପିଦେଇ
ବିକ୍ରି କରେ ସମାଜରେ।(୪)

ନିଜେ ନିଜ ପାଇଁ ଦେଖେନି ସପନ
ବଞ୍ଚିଛି ଅନ୍ୟର ପାଇଁ,
ନିଜର ଲୁହକୁ ଛାତିରେ ଲୁଚେଇ
କାହାକୁ ବି କୁହେ ନାହିଁ।(୫)

ନାରୀର ପ୍ରାଧାନ୍ୟ, ଏ ସମାଜେ ପୁରୁଷ
ହୁଏ କାଇଁ ନିର୍ଯାତିତ,
ବରଷକେ ଥରେ ଦିବସ ପାଳିକି
କର ନାହିଁ ତାକୁ ଲଜ୍ଜିତ।(୬)

ଥାଲସଡା, ବାଲେଶ୍ୱର
ମୋ - ୮୪୫୫୮୬୭୨୨୬

ISSN NO.
2582-208X

# ଭାବକୁ ନିକଟ



ଡ. ଅର୍ଜୁନ ଚରଣ ବାରିକ୍

ଅସାର ସଂସାର ସାର ବଂଶୀଧର ।
ରୁଦ୍ର ଧାତା ଯାର ବନ୍ଦନ୍ତି ପୟର ।।
ଆନନ୍ଦ କନ୍ଦ ଗୋବିନ୍ଦ ଶ୍ରୀୟା ବର ।
ଚାତକ ଭକତ ହରି ନଭ ନୀର ।।
ଉତ୍କଳ କେଶରୀ କୃଷ୍ଣ ଦାମୋଦର ।
ଲୟ ଲଗା ମନ ତା ଛନ୍ଦାପୟର ।।
ଦ୍ରୁବ କରେ ଦାରୁ ସଖା ଅର୍ଯୁନର ।
ବରୁଣ ଜାମାତା ବିଷ୍ଣୁ ବିଶ୍ୱମ୍ଭର ।।
ସତ୍ୟ ସନାତନ ଦେବ ପୀତାମ୍ବର ।
ବୁହେ ବୋଝ ଭକତର କମ୍ବୁକର ।।
ବଂଶୀବଦନ ସମ୍ରାଟ ନୀଳାଦ୍ରିର ।
ଧୂରିଣ ସର୍ବ କରଣେ ରାଧାବର ।।
ପତିତ ପବନ ଭକ୍ତ ସୁଖ ସାର ।
ଛେଦଇ ଦୁରିତ ଦର୍ଶନ ମାତର ।।
କଳି କଳୁଷ ନାଶନ ରମାବର ।
ଟିକେ ଦେଲେ ଚାହିଁ ହରେ ଦୁଃଖ ଭାର ।।
ଯାମଳା ଭଞ୍ଜନ ହରି ଚକ୍ରଧର ।
ଉଦନ୍ତ ବୁଝଇ ସାରା ଜଗତର ।।

ISSN NO.
2582-208X

ମୋଜୀବନ ସ୍ୱାମୀ ପ୍ରଭୁ ଦେବେଶ୍ୱର
ରସିକ ଶେଖର ସେ ପରମେଶ୍ୱର ।।
ତାର ନବଘନ ବେଶ ମନୋହର ।
ସାରଙ୍ଗ ଧାରଣ ଦେବ ସୁରେଶ୍ୱର ।।
ଥିଲେ ପାଶେ ତାର ଭବ ଭୟ ହର ।
ରେ ମନ ପାଗଳ ସ୍ମର ପଦ୍ମ ବର ।।
ଥାଏ ସଦା ସେହି ହିତେ ଭକତର ।
ଉରେ ଶୋଭାବନ କଉସ୍ତୁଭ ହାର ।।
ଭାବକୁ ନିକଟ ଅଭାବକୁ ଦୂର ।
ବଳ ଦୁର୍ବଳର ଭାର୍ଗବୀର ବର ।।

ଗ୍ରାମ ମହୁ, ଡାକ ମହୁ, କେନ୍ଦ୍ରାପଡ଼ା
ମୋ: ୯୯୩୭୯୯୦୫୯୯

ISSN NO.
2582-208X

# ଧିରେ ଧିରେ ତୁ ଚାଲରେ ସମୟ



ନଳନୀ ଦାଶ

ତୋ ସାଥିରେ ପାଦ ଥାପି ଜନ୍ମରୁ ଚାଲିଲି
ଗାଆଁ ଦାଣ୍ଡେ ଧୂଳି ଖେଳ ଛାଡ଼ି ମୁଁ ଆସିଲି
ବାପା ମାଆ କୋଳେ ଅଳି ଅଝଟ ମୁଁ କଲି
ହେ ସମୟ ସାଥେ ତୋର ପଢ଼ିବାକୁ ଗଲି ।
ପିଲାଦିନ ସ୍ମୃତି ସବୁ ଅଭୁଲା ରହିଛି
ମନରୁ ମୋ ରାଗ ରୋଷ ସବୁ ମୁଁ ଭୁଲିଛି
ପିଲାଦିନ ସାଙ୍ଗ ସାଥି ଛାଡ଼ି ମୁଁ ଆସିଛି
ଧିରେ ଧିରେ ତୁ ଚାଲରେ ସମୟ କହୁଛି ।
ଦୁଃଖେ ସୁଖେ ତୋର ସାଥେ ବାଟ ମୁଁ ଚାଲିଛି
ତୋ ସାଥିରେ ରହି ସବୁ କାମ ମୁଁ କରିଛି
ହାରି ମୁଁ ଯାଇନି କେବେ ତୋହର ପାଖରେ
ଧିରେ ଧିରେ ଚାଲ ଚାଲୁଥିବି ମୁଁ ସାଥିରେ ।
କେତେ ଦୁଃଖ ସୁଖ ଦେଇ ଗତି ମୁଁ କରିଛି
ଲୁହ ଝରିଗଲେ ମୋର ହାତରେ ପୋଛିଚି
ଥକି ଗଲେ ପଥେ ବସି ଉଠି ମୁଁ ଯାଇଛି
କଳାଠାକୁରଙ୍କୁ ଭକ୍ତି ଶ୍ରଦ୍ଧାରେ ଡାକିଛି
ରେ ସମୟ ତୋ ସାଥିରେ ନିତି ମୁଁ ଚାଲୁଛି ।

ଭିକାରିପଡା, ଶରଣକୁଳ,ନୟାଗଡ଼
ମୋ-୯୨୩୮୯୯୬୬୪୯

ISSN NO.
2582-208X

# ଦିଲ୍ଲୀପ ବେହେରାଙ୍କ 'ପାନ୍ଥଶାଳା' ଗଳ୍ପରେ ପ୍ରେମ ଓ ନିଃସଙ୍ଗତାବୋଧ



ଅଭିମନ୍ୟୁ ସାହୁ

ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସାହିତ୍ୟ ଜଗତର ଜଣେ ବେଶ୍ ଲୋକପ୍ରିୟ ଭାବରେ ସାହିତ୍ୟିକ ଦିଲ୍ଲୀପ ବେହେରା ସୁପରିଚିତ । ସେ ଉଭୟ ପଦ୍ୟ ଓ ଗଦ୍ୟ ସାହିତ୍ୟରେ ନିଜର ଲେଖନୀ ଚାଳନା କରିଥାନ୍ତି । ବୃତ୍ତିରେ ସେ ଥିଲେ ଜଣେ ଡାକ୍ତର । ଡାକ୍ତର ହୋଇ ମଧ୍ୟ ସାହିତ୍ୟ ପ୍ରତି ଥିବା ତାଙ୍କର ରୁଚିକୁ ଦେଖିଲେ ଖୁବ୍ ଆଶ୍ଚର୍ଯ୍ୟ ଲାଗେ । ସେ ୧୯୮ ମସିହା ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ ମଡ଼ାମପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ସ୍ୱଳ୍ପ ସମୟରେ ନିଜର ରଚନା ମାଧ୍ୟମରେ ପାଠକ ପାଠିକା ମାନଙ୍କୁ ମୁଗ୍ଧ କରିବାରେ ସେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିପାରିଛନ୍ତି । ତାଙ୍କ ଦ୍ୱାରା ଅନେକ ସୃଷ୍ଟି ସମ୍ଭବ ହୋଇ ପାରିଛି। ତନ୍ମଧ୍ୟରୁ 'ପାନ୍ଥଶାଳା', 'ଲେଭେଲ କ୍ରସିଂ' (କବିତା ସଂକଳନ) 'ଆସଟ୍ରେ', 'ଲଣ୍ଠନ', ଶବସତ୍କାର ଓ ଅନ୍ୟାନ୍ୟ ନାଟକ ଅନ୍ୟତମ । କେବଳ ସେତିକି ନୁହେଁ ତାଙ୍କର ବ୍ୟକ୍ତିତ୍ୱ ଓ ସାଧନା ନିମନ୍ତେ ଅନେକ ପୁରସ୍କାରର ମଧ୍ୟ ବିଜେତା ହୋଇପାରିଛନ୍ତି । ଯଥା - ଲଣ୍ଠନ ପୁସ୍ତକ ପାଇଁ ୨୦୨୨ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ଯୁବ ପୁରସ୍କାର ପାଇଥିଲେ । କଥା ନବ ପ୍ରତିଭା ପୁରସ୍କାର ୨୦୧୧ ମସିହାରେ ପାଇଥିଲେ, ମୟୂରଭଞ୍ଜର ଯୁବ ପୁରସ୍କାର, 'ପାନ୍ଥଶାଳା' ପୁସ୍ତକ ନିମନ୍ତେ ୨୦୨୧ ମସିହାରେ କିଶୋରୀ ଚରଣ ଗଳ୍ପ ପୁରସ୍କାର ଏବଂ ନାଟକ ନିମନ୍ତେ ଜଷ୍ଟିସ ହରିହର ମହାପାତ୍ର ନାଟ୍ୟ ସାହିତ୍ୟ ପୁରସ୍କାର ପ୍ରାପ୍ତ କରିଥିଲେ।

ତରୁଣ କଥାକାର ଡଃ ଦିଲ୍ଲୀପ ବେହେରାଙ୍କର ଏମିତି କିଛି ଗପ ରହିଛି ଯାହା ଭିତର ଦେଇ ଓଡ଼ିଆ କଥା ସାହିତ୍ୟର ଭବିଷ୍ୟତକୁ ଆକଳନ କରାଯାଇ ପାରିବ । 'ପାନ୍ଥଶାଳା' ହେଉଛି ଦିଲ୍ଲୀପଙ୍କ ପ୍ରଥମ ଗଳ୍ପ ସଂକଳନ । ସେ ଏଭଳି ଜଣେ ଗାଳ୍ପିକ ଥିଲେ ଯାହାଙ୍କର ଆଦ୍ୟ ଯୌବନ ଲେଖାର ଫ୍ଲୋ' କୁ ପଢୁ ପଢୁ ଜଣେ ନିଜକୁ ଭୁଲି ଯାଉଥିଲା । ତାଙ୍କର ଗଳ୍ପର

ISSN NO.
2582-208X

ବର୍ଣ୍ଣନା ସାବଲୀଳ ଓ ଅକୃତ୍ରିମ ଥିଲା । ଶୈଳୀଗତ ଦୃଷ୍ଟିରୁ ତାଙ୍କର ପ୍ରତ୍ୟେକଟି ଗଳ୍ପ ପଢ଼ିଲେ ମନୋଜ ଦାସଙ୍କ ଛାୟାକୁ ଦେଖିବାକୁ ମିଳେ। ଗାଳ୍ପିକଙ୍କ ଅଧିକାଂଶ ଗଳ୍ପର ଚରିତ୍ର ନିଃସଙ୍ଗ ଓ ସେମାନେ ନିଜ ନିଜର ବାଲ୍ୟ ଦିନକୁ ଖୋଜୁଥାନ୍ତି ।

ସେହି କୈଶୋର ଓ ଆଦ୍ୟ ଯୌବନର ପ୍ରେମକୁ ଚରିତ୍ର ମାନେ ସାଉଁଟିବାକୁ ଚେଷ୍ଟା କରିଥାନ୍ତି । ଗାଳ୍ପିକଙ୍କ ପ୍ରତ୍ୟେକଟି ଗଳ୍ପରେ ସ୍ଥାନିତ ଚରିତ୍ରରେ ପାଠକ ନିଜକୁ ହିଁ ଦେଖିବାକୁ ପାଇଥାଏ । ଗଳ୍ପ ସେପରି ହେବା ଦରକାର ଯେତେବେଳେ ଗଳ୍ପଟିକୁ ପଢ଼ିବା ସମୟରେ ପାଠକ ଚରିତ୍ର ଭିତରେ ନିଜର ସ୍ଥିତି, ଅବସ୍ଥିତି ଓ ନିଜ ସହ ଘଟିଥିବା ଘଟଣାର ଛାପକୁ ଅନୁଭବ କରିପାରିବ । ଏହି ଯୁବ ଲେଖକଙ୍କ ଗଳ୍ପ ହେଉ ବା କବିତା, ତାଙ୍କ ସ୍ୱର କିନ୍ତୁ ବେଶ୍ ସ୍ପଷ୍ଟ ଓ ହୃଦୟସ୍ପର୍ଶୀ । ଓଡ଼ିଆ ଗଳ୍ପ ସାହିତ୍ୟର ନବପିଢ଼ିଙ୍କ ମଧ୍ୟରେ ଏକ ଉଦୟମାନ ସାହିତ୍ୟ ପ୍ରତିଭା ହେଉଛନ୍ତି ଦିଲ୍ଲୀପ ବେହେରା।

ପାନ୍ଥଶାଳା ଗଳ୍ପ ସଂକଳନ ମୁଖ୍ୟତଃ ୧୪ ଗୋଟି ଗଳ୍ପର ସମାହାର । ଏହାର ପ୍ରଥମ ପ୍ରକାଶନ ୨୦୧୨ ମସିହା ଓ ଦ୍ୱିତୀୟ ପ୍ରକାଶନ ୨୦୧୯ ମସିହା ଅଟେ । ଗଳ୍ପ ଗୁଡ଼ିକ ମୁଖ୍ୟତଃ ୧.ଆହତ ବସନ୍ତ ୨.ପିଜୁଳି ସୁନ୍ଦରୀ ୩.ପ୍ରେମଗଳ୍ପ ଲେଖୁ ନଥିବା ଝିଅ ୪.ଦିଅଁ ୫. ଛାଗଳିକ ଇତିହାସ ୬.ଅତିକ୍ରାନ୍ତ ୭. ନିରୁଦ୍ଦିଷ୍ଟ ୮. ରୁଦ୍ଧ ନିଳୟ ୯. ବିସ୍ମୃତି ୧୦.ନବାଗତର ଡାଇରୀ ୧୧.ସିପୁ ସୁଲତାନ ୧୨.ବାନର କୁମ୍ଭୀର ଉପାଖ୍ୟାନ-୧, ୧୩.ବାନର କୁମ୍ଭୀର ଉପାଖ୍ୟାନ- ୨ ୧୪.ପାନ୍ଥଶାଳା ।

ଗଳ୍ପ ସଂକଳନର ପ୍ରଥମ ଶୀର୍ଷକ ଗଳ୍ପ ଭାବରେ 'ଆହତ ବସନ୍ତ' ସ୍ଥାନିତ । ଏହି ଗଳ୍ପରେ ମନୁଷ୍ୟର ଏକାକୀତ୍ୱ ଓ ନିଃସଙ୍ଗତାବୋଧକୁ ଗାଳ୍ପିକ ଏକ ନୂତନ ଢଙ୍ଗରେ ଉଲ୍ଲେଖ କରିଛନ୍ତି । କର୍ଣ୍ଣେଲ ଉନ୍ମାଦସେନ ଅବସରପ୍ରାପ୍ତ ହେବା ପରେ ତାଙ୍କର ଜୀବନ ଦୁର୍ବିସହ ହୋଇପଡ଼ିଥିଲା । ବ୍ୟକ୍ତି ପ୍ରକୃତିର ସୋନ୍ଦର୍ଯ୍ୟରେ ବିମୋହିତ ହୋଇପଡୁଥିଲେ । ବନ୍ଧୁ ଚୌରାସିଆଙ୍କ କହିବା ମୁତାବକ ଅନୁଯାୟୀ ପ୍ରକୃତି ଭିତରେ ତୁମେ କିଶୋରୀ ଚେହେରାକୁ ଅନୁଭବ କରିପାରିବ। ଚାକିରି ସମୟରେ କର୍ଣ୍ଣେଲ ପରିବାରର ସମସ୍ତ ଦୁଃଖକୁ ପାଶୋରି ଦେଇଥିଲେ କିନ୍ତୁ; ଅବସର ପରେ ଯେମିତି ଏକଲାପଣ ତାଂକୁ କାବୁ କରି ନେଇଛି । ଏଥର ଶୀତ ଋତୁ ପରେ ସିଧା ନିଦାଘ ଆସୁଛି, ସେଥପାଇଁ କୋଇଲିଟି ବସନ୍ତର ଅନୁପସ୍ଥିତିକୁ ନିଜର ଆକୁଳ ସ୍ୱରରେ କୁଃ କୁଃ ମାଧ୍ୟମରେ ଜଣାଉଛି । ସେ କୋକିଳ ର ସ୍ୱରରେ ନିଜ

ISSN NO.
2582-208X

ଭିତର ଉଙ୍କି ମାରୁଥିବା ସ୍ୱରକୁ ମିଶାଇବାକୁ ଚେଷ୍ଟା କଲେ । ଜାଣିବାକୁ ପାଇଲେ ସତେ ଯେମିତି ନିଜ ଭିତରେ ଆହତହୋଇ ଯାଇଥିବାବସନ୍ତଟା ବିଳାପ କରୁଛି । "ନିଜକୁ ବର୍ଣ୍ଣନା କରିବାକୁ ଯାଇ କହିଛନ୍ତି; ସେ ହେଉଛନ୍ତି ଜୀବନ ଯନ୍ତ୍ରଣାର ପେନ୍ଥା ପେନ୍ଥା ଫୁଲ ନେଇ ଏକାକୀ ଠିଆ ହୋଇଥିବା ରୋମାଣ୍ଟିସିଜିମ୍ ର ପଳାଶ ଗଛ, ତିଳ ତିଳ ହୋଇ ଜଳିବାର ଯନ୍ତ୍ରଣା ତାଙ୍କ ଠୁଁ କିଏ ବା ଅଧିକ ବୁଝିବ ?" (ମୁଖବନ୍ଧ - ପାନ୍ଥଶାଳା) ଗାଳ୍ପିକ ନିଜ ଜୀବନର ଅଧିକାଂଶ ସମୟ ନୀରବରେ ଉପଭୋଗ କରିଛନ୍ତି, କାରଣ ତାଙ୍କର ଭାବନା ରଚନା ଶୈଳୀ ସେପରି ହୃଦବୋଧ ହୋଇଥାଏ।

'ପିଜୁଳି ସୁନ୍ଦରୀ' ଗଳ୍ପରେ ଶିକ୍ଷକ ଓ ଛାତ୍ରୀ ମଧ୍ୟରେ ଗଢି ଉଠିଥିବା ଆଦ୍ୟ ଯୌବନର ପ୍ରେମକୁ ଉଲ୍ଲେଖ କରାଯାଇଛି । ଝିଅର ଉତ୍ପାତ ତଥା ପିଜୁଳି ଗଛରେ ଚଢିବା ଏବଂ ଶିକ୍ଷକଙ୍କୁ ପ୍ରେମ ନିବେଦନ କରିବା ଉପରେ ଆଧାରିତ । ପଣ୍ଡିତ ବିଦ୍ୟାଧର ମାଷ୍ଟ୍ରେଙ୍କ ପ୍ରେମକୁ ନାଟକୀୟ ଶୈଳୀରେ ସ୍କୁଲର କିରଣୀ ଦୈତାରି ସମ୍ମୁଖରେ ପ୍ରକାଶ କରିଛନ୍ତି । ଏ ଗଳ୍ପଟି ଜଣେ ଅବସର ନେବା ପାଇଁ ଥିବା ଶିକ୍ଷକଙ୍କ ସମ୍ପର୍କରେ ରଚିତ ।ତାଙ୍କର ଗଳ୍ପର ଅଧିକାଂଶ କାହାଣୀ  ଚରିତ୍ରଧର୍ମୀ । ଗଳ୍ପଗୁଡ଼ିକ ଯୌବନ ରୋମାଣ୍ଟିକ ଧର୍ମୀ। ଯାହା ଅଧୁନା ସମାଜରେ ଏବେ ବି ଘଟୁଛି ।

'ପ୍ରେମଗଳ୍ପ ଲେଖୁ ନ ଥିବା ଝିଅ' ଗଳ୍ପରେ ଶୁଭଙ୍କର ନିଜ ଭଉଣୀ ବିନିପରି ସୌମ୍ୟାକୁ ସବୁବେଳେ ଦେଖେ ଓ ହସେ  ଏକଥା ଦେଖି ସୌମ୍ୟା ଏଣୁ ତେଣୁ କିଛି ଭାବିଛି ଓ ପରବର୍ତ୍ତୀ ସମୟରେ  ବୁଝି ପାରିଛି ତାହା ପ୍ରେମ ବୋଲି କିନ୍ତୁ; ଶୁଭଙ୍କରର ବୃଦ୍ଧା ବାପାଟି ସୌମ୍ୟାକୁ କହିଛି ଶୁଭଙ୍କର  କୁଆଡେ ତୋ ହାତରେ ରାକ୍ଷୀ ବାନ୍ଧିଛି । ସୌମ୍ୟା ଧାଇଁ ଯାଇଛି ସମୁଦ୍ର ବେଳାଭୂମିକୁ ଆଉ ଶୁଭଙ୍କର ବସିଥିବା ସମୁଦ୍ର ବେଳାଭୂମିରେ ସର୍ବଦା ବସିଛି ଓ ଶୁଭଙ୍କର ଭାଇ ବୋଲି ଡାକିବାକୁ ସୌମ୍ୟା  ଇଚ୍ଛା ପ୍ରକାଶ କରିଛି । କିନ୍ତୁ ସମୁଦ୍ର ବେଳାଭୂମିରେ ଶୁଭଙ୍କରର ପ୍ରତ୍ୟୁତ୍ତର କିଛି ଆସିଲା ନାହିଁ, ସେ ସେଠାରେପ୍ରେମ ଓ ବିରହକୁ ଅନୁଭବ କରିଛି ।

'ଛାଗଳିକ ଇତିହାସ' ଗଳ୍ପଟି ପଢ଼ିବାବେଳେ ସାହିତ୍ୟିକ କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ଗଳ୍ପ'ମାଂସର ବିଳାପ' ସ୍ମରଣ ହୋଇଥାଏ । ଗୋଟିଏ ଛେଳିର ଅକୁହା କାହାଣୀ, ଜଣେ ଦୁଃଖିନୀ ମାର ଯନ୍ତ୍ରଣା ଓ ତାର ସନ୍ତାନ ପ୍ରତି ଥିବା ଭଲ ପାଇବା; ଛେଳିଟି ପଠାଣ ହାତରୁ

ISSN NO.
2582-208X

ବଞ୍ଚିବା ପାଇଁ ଶେଷ ପର୍ଯ୍ୟନ୍ତ ବି ପ୍ରୟାସ କରିଛି, ଭଗବାନଙ୍କ ନିକଟରେ ଅନେକ ନିବେଦନ ମଧ୍ୟକରିଛି, ମୃତ୍ୟୁକୁ ଶ୍ରେୟସ୍କର ମଣିଛି କିନ୍ତୁ ପର ଜନ୍ମରେ ଛେଳିଜନ୍ମ ନ ଦେବା ପାଇଁ ଭଗବାନଙ୍କୁ ପ୍ରାର୍ଥନା କରିଛି ।"ଜାତସ୍ୟ ଧ୍ରୁବ ହି ମୃତ୍ୟୁ ।" ଏହା ଜାଣି ମଧ୍ୟ ମନୁଷ୍ୟ ଅନ୍ୟର ମୃତ୍ୟୁରେ ଖୁସି ହୋଇ ନିଜର ମୃତ୍ୟୁକୁ ଭୁଲିଯାଇଛି ।

ବୟସର ଅତିକ୍ରାନ୍ତ ସମୟରେ ମନୁଷ୍ୟ ନିଜର ଅତୀତକୁ ସର୍ବଦା ଖୋଜିବସେ। ଯେମିତି କି 'ଅତିକ୍ରାନ୍ତ' ଗଳ୍ପରେ ଦେଖିବାକୁ ମିଳିଛି ବୟସର ପରିଣତ ପରେ ମଧ୍ୟ ମନରେ ପ୍ରେମଭାବନା ଜାଗ୍ରତ ହୋଇଛି । ଗଳ୍ପର ନାୟକ ଅଣାକାର ବାବୁ ତରୁଣୀ ଇନ୍ଦୁମତୀର ପ୍ରେମରେ ପଡ଼ି ନିଜର ପରିଣତ ବୟସ ଭୁଲି ଯୁବକ ପ୍ରାପ୍ତକୁ ଫେରି ଆସିଛନ୍ତି। ଗାଳ୍ପିକ ପ୍ରେମରେ ନାମ ଦେବା ପାଇଁ ବୟସ କୁ ଏକ ମାଧ୍ୟମ କହିଛନ୍ତି କିନ୍ତୁ; ଇଚ୍ଛାଶକ୍ତି ଆଗରେ ବୟସ ମଧ୍ୟ ହାର୍ ମାନିଯାଏ । ଅଣାକାର ବାବୁ ବିରହି ନାୟକର ଗୋଟିଏ ଉକ୍ତିକୁ କହୁଥିଲେ – 'ଜୀବନରେ ବର୍ତ୍ତମାନକୁ ଯଦି ହେୟ ଜ୍ଞାନ କରି ଦିଆଯାଏ, ତେବେ ସେହି ବର୍ତ୍ତମାନର ଅତୀତ ରୂପ କେବଳ ବିରହ ବେଦନାରେ ଜାଳିମାରେ' । (ଅତିକ୍ରାନ୍ତ, ପୃଷ୍ଠା -୪୯)

'ନିରୁଦ୍ଧିଷ୍ଟ' ଗଳ୍ପରେ ଗାଳ୍ପିକ ସାମାଜିକତା, ନିର୍ବାଚନ ପରର ଦୃଶ୍ୟ ଓ ଆଧୁନିକକରଣ ନାରୀ ମାନଙ୍କର ପ୍ରତିଛବିକୁ ନିଖୁଣ ଭାବରେ ପ୍ରଦର୍ଶିତ କରିଛନ୍ତି । ନିର୍ବାଚନର ବିଜୟ ସ୍ୱାଦ ଚାଖି ସାରିଲା ପରେ ଜନତାଙ୍କୁ ଭୁଲି ବାରଗାର୍ଲ୍ ମାନଙ୍କ ସହ ମଉଜ ମଜଲିସ୍ କରିବା ଏବଂ ଅତ୍ୟଧିକ ନିଶାରେ ବାର ଗାର୍ଲ ମାନଙ୍କ ସହ ଅପବ୍ୟବହାର କରିବା ଏବଂ ଏ ସମସ୍ତ ଦୃଶ୍ୟ ଟିଭିରେ ବାହାରିବା ଇତ୍ୟାଦି ନେତା ମାନଙ୍କର କାମ । ସାଂପ୍ରତିକ ସମାଜରେ ଦେଖିବାକୁ ମିଳୁଛି ଜଣେ ରାଜନେତା ନିଜର ଭୁଲ୍ କୁ ଘୋଡାଇବା ପାଇଁ କିପରି ନୃଶଂସ କାର୍ଯ୍ୟ କରିପାରେ ଓ ନିଜର ଦୋଷକୁ ଟିଭି ପରଦାରେ ଅନ୍ୟ ଏକ ଛବିର ରୂପ ଦେଇପାରେ ଯାହା ଏଠାରେ ଚିତ୍ରିତ । ଗଳ୍ପର ନାୟକ ମିଃ ଚକ୍ରବର୍ତ୍ତୀ। ମିଃ ଚକ୍ରବର୍ତ୍ତୀ ବିବାହିତ। ମାନ୍ୟବର ମନ୍ତ୍ରୀ ଦେଶ ପାଇଁ କିଛି ଭଲ କାମ କରିଛନ୍ତି ବୋଲି ନିଜର ବୋଉ ନିକଟକୁ ଜଣାଇବାକୁ କାର୍ ଧରି ଅସ୍ତବ୍ୟସ୍ତ ହୋଇ ପାଗଳ ପରି ମଶାଣି ଅଭିମୁଖେ ଯାତ୍ରା କରିଛନ୍ତି, ଯେଉଁଠି ତାଙ୍କ ବୋଉ ଅଛି ବୋଲି ଆପାତତଃ ହେଲା। ହେଲେ ସେ ନିଜକୁ ଖସେଇ ନେଉଥିଲେ ସେଠାରୁ, କାଳେ ତାଙ୍କୁ ବୋଉ ଦେଖିନେବ ବୋଲି । ତା ପରେ ଖବର କାଗଜ, ଟିଭିରେ ଚର୍ଚ୍ଚା ହେଲା ମନ୍ତ୍ରୀ ବୀରବର ଚକ୍ରବର୍ତ୍ତୀ ନିରୁଦ୍ଧିଷ୍ଟ ।

ISSN NO.
2582-208X

'ରୁଦ୍ଧ ନିଳୟ' ଗଳ୍ପରେ ସବୁ ଥାଏ ବି ଶୂନ୍ୟ ଆଶ୍ରାରେ ବଞ୍ଚୁଥିବା ବ୍ୟକ୍ତିର ଚିତ୍ର ଦେଖିବାକୁ ମିଳିଅଛି । ଶ୍ୟାମବାବୁ ନିଜର ପ୍ରସ୍ତୁତ ମହଲରେ ରହି ବହୁତ ବିରକ୍ତ ହୋଇଗଲେଣି । ଚତୁଃର୍ପାଶ୍ୱରେ ଗଛ କିନ୍ତୁ ପତ୍ରଟିକେ ବି ହଲୁନି କି ପବନ ଟିକେ ଦେହରେ ବାଜୁନି...ଏ ପରି ଅସ୍ତବ୍ୟସ୍ତରେ ଅନେକ କଥା ଭାବୁଥାନ୍ତି । ବଡ଼ ବଡ଼ ମହଲ ଅପେକ୍ଷା ଅର୍ଥାତ୍ ଏ ରୁଦ୍ଧ ନିଳୟରୁ ମାଟିଛପର  ଘର ଅଧିକ ଉତ୍କୃଷ୍ଟ ମନେ ହୁଏ । ଶ୍ୟାମ ବାବୁ  ଯେତେ ଘର ଛାଡ଼ି ରହିଲେ ବି ଶେଷରେ ମାଟି, ପାଣି ଓ ପବନର ଆନ୍ତରିକତାକୁ ଛାଡ଼ି ରହି ପାରିନାହାନ୍ତି । ଏହି ଗଳ୍ପରେ ଗାଉଁଲି ଓ ସହରୀ ସଭ୍ୟତାର ଏକାକିତ୍ୱବୋଧକୁ ପ୍ରଦର୍ଶିତ କରାଯାଇଛି ।

'ବିସ୍ମୃତି' ଗଳ୍ପଟି ମନେହୁଏ ଲେଖକଙ୍କର ଆନ୍ତରିକ ଭାବନାର ଲେଖା । ଗଳ୍ପର ଚରିତ୍ର ଧରଣୀ ଓ ମିନତି ଦୁହେଁ ଦୁହିଁଙ୍କୁ ବହୁତ ଖୋଜିଥାନ୍ତି। ଏହି ଗଳ୍ପଟି ପତ୍ରଶୈଳୀୟ ଆଧାରିତ। ମିନତି ଧରଣୀକୁ ପ୍ରେମ ନିବେଦନ କରିଛି କିନ୍ତୁ ଧରଣୀ ରାଜି ହୋଇନାହିଁ । ପରବର୍ତ୍ତୀ ସମୟରେ ଗୋଟିଏ ଚିଠି ଆସିଛି ମିନତିର, ସେଥିରେ ଲେଖା ଅଛି ସେ ବିଧବା। ବହୁତ ଖୋଜି ଖୋଜି ମିନତି ଘରର ଠିକଣା ପାଇଛି ଓ ତା ଘରକୁ ଯାଇଛି । ସେଠାକୁ ଯାଇ ଦେଖିଛି, ମିନତିର ଅବିକଳ ମୁହଁ ପରି ଝିଅଟିର ଚେହେରା । ତାଙ୍କୁ ଯାଇ ପଚାରିଛନ୍ତି ମାଆ ମିନତି ଦେବୀ ଘରେ ନାହାନ୍ତି କି ? ଝିଅଟିର ଉତ୍ତରରେ ସେ ସ୍ତବ୍ଧ ପାଲଟିଗଲେ । ମିନତି ଦେବୀ ୧ ମାସ ହେବ ମୃତ୍ୟୁବରଣ କରିଛନ୍ତି ଏବଂ ମୁଁ ଆପଣଙ୍କର ପରିଚୟ ପାଇଲା ପରେ ମା କହିଥିଲା ଆପଣ ଯଦି ଆସିବେ ଏହି  ପେଟିକୁ ଆପଣଙ୍କ ହାତରେ ନ୍ୟସ୍ତ କରିଦେବା ପାଇଁ ।ସେଥିରେ ଥିଲା ବିସ୍ମୃତିର ଚିତ୍ର; ଖାଲି ଚିଠି, ଧରଣୀ ଝିପି ଝିପି ବର୍ଷାରେ ବାହାରି  ଘରୁ ବାହାରି ଆସିଛି ।  ଆସିବା ବାଟରେ କିନ୍ତୁ ଚିଠି ହାତରୁ ଖସିଯାଇ ଡିହି କାଦୁଅରେ ପଡ଼ିଛି ତ କିଏ କାଗଜ ଡଙ୍ଗା ପରି ଭାସି ଯାଉଛି । ସେ ସେଠାରେ ପ୍ରେମ ନିଃସଙ୍ଗତାକୁ ଅନୁଭବ କରିଛନ୍ତି । ବିସ୍ମୃତ ଅତୀତକୁ ମନେ ପକାଇ ବହୁତ ଦୁଃଖ ପାଇଛନ୍ତି ନାୟକ ଧରଣୀ, ଯାହା ଏହି ଗଳ୍ପ ରେ ଦେଖିବାକୁ ମିଳିଅଛି ।

'ନବାଗତ ଡାଇରୀ' ଏକ ଡାଏରୀ ଧର୍ମୀ ଗଳ୍ପ । ଏଇ ଗଳ୍ପରେ ଗାଳ୍ପିକ କଲେଜ ଜୀବନର ସମସ୍ତ ସ୍ମୃତି, ପାଗଳାମି ବଡ଼ମାନେ ସାନ ମାନଙ୍କ ପ୍ରତି ରାଗିଂ କରିବା, ଯୌବନ ସମୟର ପ୍ରେମକୁ ମନେ ପକାଇବା, ଇତ୍ୟାଦି ଏହି ଗଳ୍ପରେ ଦେଖିବାକୁ ମିଳିଅଛି ।

ISSN NO.
2582-208X

'ବାନର-କୁମ୍ଭୀର ଉପାଖ୍ୟାନ' (୧) ଓ (୨) ଗଳ୍ପରେ ମୁଖ୍ୟତଃ ପ୍ରାଚୀନ କାହାଣୀକୁ ସମୁଦାୟ ନୂତନ ଢଙ୍ଗରେ ଗାଳ୍ପିକ ଉପସ୍ଥାପନା କରିଛନ୍ତି ।ଏହା ମାଧ୍ୟମରେ ସମାଜକୁ ଶିକ୍ଷଣୀୟ ବାର୍ତ୍ତା ପ୍ରଦାନ କରିଛନ୍ତି । ଯେମିତିକି ବଳବାନ ବ୍ୟକ୍ତି କିପରି ବୁଦ୍ଧି ନିକଟରେ ପରାଜୟ ସ୍ୱୀକାର କରେ । ଉପସ୍ଥିତି ବୁଦ୍ଧି ଯୋଗୁଁ ମାଙ୍କଡ଼ କିପରି କୁମ୍ଭୀର ନିକଟରୁ ବଞ୍ଚିପାରିଲା ତାହାକୁ ଖୁବ୍ ସୁନ୍ଦର ଭାବରେ ଦର୍ଶାଇଛନ୍ତି । ଏହି ଗଳ୍ପ ଶିଶୁ ମାନଙ୍କ ନିମନ୍ତେ ମନୋରଞ୍ଜନ ଧର୍ମୀ ହେବା ସ୍ଥଳେ ସାଂପ୍ରତିକ ସମାଜ ନିମନ୍ତେ ଏହା ଏକ ପ୍ରେରଣାର ଉତ୍ସ ଭାବେ ଦେଖା ଯାଇଅଛି ।

ଶେଷ ଗଳ୍ପ ହେଉଛି ଗାଳ୍ପିକଙ୍କ ଚର୍ଚ୍ଚିତ ଲେଖା 'ପାନ୍ଥଶାଳା'। ଯେଉଁ ଗଳ୍ପକୁ ପଢ଼ିବା ସମୟରେ ସାଂପ୍ରତିକ ସମାଜର ଆଖପାଖରେ ଘଟୁଥିବା ଘଟଣାକୁ ଅନୁଭବ କରି ହୋଇଥାଏ । ଏହି ଗଳ୍ପରେ ଜଣେ ବେଶ୍ୟାର କରୁଣ କାହାଣୀ ବର୍ଣ୍ଣିତ । ଗଳ୍ପର ଚରିତ୍ର ନିର୍ମଳ ଦାସର ଜୀବନ ଚରିତ ଏବଂ ବାରଙ୍ଗନା ରମାର ଜୀବନକୁ ନେଇ ଗଳ୍ପଟି ଗତିଶୀଳ। ନିଜ ନିଜର ଦୁଃଖ, ଯନ୍ତ୍ରଣା, ଓ ପୀଡ଼ାକୁ ନେଇ ଦୁଇଟି କେନ୍ଦ୍ରୀୟ ଚରିତ୍ର ସମତାଳରେ ଗତିମାନ । (ମୁଖବନ୍ଧ:- ପାନ୍ଥଶାଳା) । ନିର୍ମଳ ଦାସ ବେଶ୍ୟା ଦ୍ୱାରସ୍ଥ ହୋଇଛି କିନ୍ତୁ; ଦେଖିବାକୁ ପାଇଛି ବାରଙ୍ଗନା ରମାର ଦେହ ଅସୁସ୍ଥ ଅଛି, ଏବଂ ସେ ବେଶ୍ୟା ପାଇଁ ଔଷଧ ଆଣିଦେଇଛନ୍ତି । ପରେ ବେଶ୍ୟାଟି ଖୁସି ହୋଇ କେବଳ ଚାହିଁ ରହିଛି ନିର୍ମଳ ଦାସର ବାଟକୁ । ପରବର୍ତ୍ତୀ ସମୟରେ ଯେତେ ଗ୍ରାହକ ଆସିଛନ୍ତି ସେ ସମସ୍ତଙ୍କୁ ଧିକ୍କାର କରିଛି । ବେଶ୍ୟା ନିର୍ମଳ ଦାସର ନିକଟତର ହେବାକୁ ଚେଷ୍ଟା କରିଛି କିନ୍ତୁ; ନିର୍ମଳ ଦାସ ଥିଲା ବିବାହିତ । ହିନ୍ଦୁ ଶାସ୍ତ୍ରରେ ଜଣେ ବିବାହ କରି ଅନ୍ୟ ନାରୀ ସହ ସମ୍ପର୍କ ରଖିଲେ ତାଙ୍କୁ ସମାଜ ଆଗରେ ଦଣ୍ଡିତ ହେବାକୁ ପଡ଼ିଥାଏ । ଗଳ୍ପରେ ଠିକ୍ ତାହା ଘଟିଛି । ନିର୍ମଳ ଦାସର ପତ୍ନୀ ସବୁ କଥା ଜାଣିପାରି ତାକୁ ଘରୁ ତଡ଼ି ଦେଲା । ପରେ ସେ ବାରଙ୍ଗନା ରମା ସାଥିରେ ଅଲଗା ଘରେ ରହିଲା କିନ୍ତୁ; ଅଭ୍ୟାସ କଦାପି ବଦଳି ନ ଥାଏ । ନିର୍ମଳ ଦାସର ସହ ରମା ସଂସାର କରିବା ପାଇଁ ଚାହୁଁଥିବା ସମୟରେ ତାକୁ ପୁନଶ୍ଚ ବେଶ୍ୟା ବୃତ୍ତି କରିବାକୁ ନିର୍ମଳ ଦାସ ବାଧ୍ୟ କରିଛି ଏବଂ ସେଥିରୁ ଯାହା ରୋଜଗାର କରେ ତାହାକୁ ନିର୍ମଳ ଦାସ ମଦ, ଗଞ୍ଜେଇ, ଅଫିମ ଖାଇ ଖର୍ଚ୍ଚ କରିଦେଉଛି । ଏହି କାର୍ଯ୍ୟରୁ ନିବୃତ୍ତ ହେବା ପାଇଁ ରମା ବହୁତ ଅନୁରୋଧ କଲା କିନ୍ତୁ ସେ ଶୁଣିଲା ନାହିଁ । ପାଗଳି ପ୍ରାୟ ପାଟିକଲା ରମା - "ଚାଲିଯା' ନିର୍ମଳ ଦାସ, ଚାଲିଯା' । ତୋ ଭୀରୁତା ତୋ କାପୁରୁଷ ପଣିଆକୁ ଧରି ଚାଲିଯା। ଚାଲିଯା... ତୋ ସ୍ତ୍ରୀ ଛୁଆ ପିଲାଙ୍କ ପାଖକୁ । ପାନ୍ଥଶାଳା ପରି

ISSN NO.
2582-208X

ପଡିରହିଥିବ ଏ ରମା । ଦେହରେ ଚମକ ଥିବା ପର୍ଯ୍ୟନ୍ତ, ଉଷ୍ମତା ବାଣ୍ଟୁ ଥିବା ପର୍ଯ୍ୟନ୍ତ, ତୋ ପରି ଅଣପୁରୁଷଙ୍କ ଦିହରେ ନିଆଁ ଲାଗାଉଥିବା ପର୍ଯ୍ୟନ୍ତ ପଡ଼ି ରହିଥିବା ଏ ରମା ।" (ପାନ୍ଥଶାଳା, ପୃଷ୍ଠା -୧୨୦)

ସାଂପ୍ରତିକ ସମୟରେ ଡଃ ବେହେରା ଜଣେ ବହୁମୁଖି ପ୍ରତିଭାର ଅଧିକାରୀ । ତାଙ୍କର ଶବ୍ଦ ସଂଯୋଜନା, ଭାଷା ଶୈଳୀବୌଦ୍ଧିକ ଚେତନା ଅତି ଉଚ୍ଚକୋଟୀର । ତାଙ୍କର ପ୍ରତ୍ୟେକଟି ଲେଖାରେ ନିଜର ମୌଳିକତାକୁ ଦର୍ଶାଇଛନ୍ତି ।ସମାଜର ପ୍ରତ୍ୟେକଟି କଥା ତଥା ଅତୀତ, ବର୍ତ୍ତମାନ ମଧ୍ୟବର୍ତ୍ତୀକୁ ନେଇ ସେ ଗଳ୍ପ ଗୁଡ଼ିକର ସୃଷ୍ଟି କରିପାରିଛନ୍ତି । ତାଙ୍କ ଗପମାନ କେଉଁଠି ପିଲାଳିଆମି ସ୍ୱପ୍ନିଳ ପୁଣି କେଉଁଠି ତୀବ୍ର ବେଦନାବୋଧରେ ଜର୍ଜରିତ ଆଉ କେତେକ ସ୍ଥାନରେ ଭରି ରହିଥାଏ ଗଭୀର ବିଶ୍ୱାସବୋଧ ଓ ଆତ୍ମପ୍ରତ୍ୟୟର ସ୍ୱର । ଆଶା କରୁଛୁ ଯେ ଡକ୍ଟର ବେହେରାଙ୍କ ସମସ୍ତ ରଚନା ପାଠକ ପାଠିକା ମହଲରେ ଉଚ୍ଚ-ପ୍ରଶଂସନୀୟ ଯୋଗ୍ୟ ହେବ ସହ ସମାଜରେ ବସବାସ କରୁଥିବା ଆଗାମୀ ପିଢି ନିମନ୍ତେ ନୂତନ ଦିଗ୍ ଦର୍ଶକ ପାଇଁ ସହାୟକ ହୋଇପାରିବ ।

ସହାୟକ ଗ୍ରନ୍ଥ ସୂଚୀ

୧- ବେହେରା, ଦିଲ୍ଲୀପ, ପାନ୍ଥଶାଳା,ପଶ୍ଚିମା ପବ୍ଲିକେଶନ, ଭୁବନେଶ୍ୱର, ପ୍ରଥମ ସଂସ୍କରଣ -୨୦୧୨, ଦ୍ୱିତୀୟ ସଂସ୍କରଣ -୨୦୧୯

୨ -https://or.wikipedia.org/wiki

ଗବେଷକ
ଓଡିଆ ଭାଷା, ସାହିତ୍ୟ ଓ ଅନୁବାଦ ବିଭାଗ
ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, ଭବାନୀପାଟଣା

ISSN NO.
2582-208X

# କାଳଆଗ୍ନେର

ବିନୟାନନ୍ଦ ବସୁସ୍ୟ

ଆଞ୍ଜୁଳେ ପ୍ରେମର ଏତେ ମୂଲ୍ୟ ଯଦି
ସାଗର ପରାଏ ଲାଗେ,
ଜୀବନ ସାରା ଯେ ପ୍ରେମ ଦେଉଅଛି
ତାକୁ କିଆଁ ଏତେ ମାଗେ,
ଯୁଆଡେ ଯାଏଁ ସେ ଜଗେ,
ଆସିବା ବେଳକୁ ହାଣ୍ଡିପରି ମୁହଁ
ଦେଖିଲେ ପାଖରୁ ଭାଗେ ॥

ଚିମୁଟେ ପ୍ରେମରେ ସହର ଜଳୁଛି
ହଣା କଟା ଯାଏ କଷ୍ଟ,
ମାଠିଆଏ ପ୍ରେମ ଅଜାଡ଼ି ଦେଇଛି
ସାଇ ପଡ଼ିଶାକୁ ବାଣ୍ଟ,
ହୋଇଲେ ନିଅଣ୍ଟ ଅଣ୍ଟ,
ପରିବାର ଲୋକେ ହୋଇଯାଇଛନ୍ତି
ସତେ କି ପୁରୁଣା ଖଣ୍ଟ ॥

ସମୁଦ୍ରେ ପ୍ରେମରେ ଅନେକ ଜୁଆର
ମଥା ପିଟେ ବେଳା ଛୁଇଁ,
ସ୍ଥିରତା ନ ଥାଏ କେବେ ବଡ ଛୋଟ
କେବେ ଯାଏ ଦୁରେ ଧାଇଁ
ପ୍ରେମ ଅଢ଼େଇ ଅକ୍ଷର,
ଅଢ଼େଇ ଦିନିଆ ଭାବ ଦିଆନିଆ ସତେ କି କାଳିଆ ଚୋର ॥

ISSN NO.
2582-208X

# ଆଶା ଓ ସ୍ୱପ୍ନ



ନମିତା ଦାଶ

ବାପଘରେ ଜନ୍ମ ହୋଇଥିଲି ଅଲିଅଳି କନ୍ୟା ହୋଇ ।
ଆଖିରେ ଆଖିଏ ସ୍ୱପ୍ନ ଓ ଆଶା ନେଇ ବାପା ବଡ଼କରିଥିଲେ-ମୋତେ !
ପିଲାଦିନ ବାଲି ଖେଳରୁ
ମନରେ କେତେ ଯେ ସୁନେଲୀ-ସ୍ୱପ୍ନ
ରାଜକୁମାର ପକ୍ଷୀରାଜ ଘୋଡାରେ ଆସି
ଉଡ଼ାଇନେବ ମୋତେ ତାର ସୁନ୍ଦର-ରାଇଜକୁ !

ସେ ଦିନ ଆସିଲା ଅଲିଅଳି-କନ୍ୟାୟ ରୁ ସାଜିଲି ବଧୂବେଶ!
ବାଲିଘର ଖେଳକୁ ମନରେ ରଖି
ଗଢିଚାଲିଲି ସୁନାର ସଂସାର..
କିଛି ସ୍ୱପ୍ନ ରୂପି ଆଶା ପାଖକୁ ଆସି
ଫେରି.. ମିଶିଗଲା ନୀଳ ଆକାଶେ ॥

ସପ୍ତରଙ୍ଗୀ ଇନ୍ଦ୍ରଧନୁ ପରି ସ୍ୱପ୍ନ କୁ ସଜାଇ
ଆଗେଇ ଚାଲିଲି... କିଛି ରହିଗଲା
ପଛରେ କିଛି ରହିଗଲା ବହୁଦୂରେ(ଆଗରେ) ॥

ଆଜି ପକ୍ଷୀରାଜ ରୂପି ଉଡ଼ାଜାହାଯେ ବସି
ବୁଲିଦେଖିଲି ସ୍ୱପ୍ନ ନଗରୀ,

ISSN NO.
2582-208X

ଆହା କି ମନୋରମ ଦୃଶ୍ୟ !
ଯେତେ ଦେଖୁଥାଏ ସେତେ ଆନନ୍ଦ ଧାରା
ବୋହିଚାଲିଥାଏ ।
ପ୍ରଭୁ ସତେ କି ମୋ ସ୍ୱପ୍ନ ପୂରା କରିଦେଲ
ତୁମକୁ କୋଟି ପ୍ରଣାମ ॥
ଆମ ଜୀବନ ର ଆଶା ଓ ସ୍ୱପ୍ନ ମୋତେ ଶକ୍ତି ଦେଇଛି,
କିଛିଟା ଆଶା -ସ୍ୱପ୍ନ
ମୋର ପୂରା ହୋଇଛି ॥

ନବି ମୁମ୍ବାଇ

ISSN NO.
2582-208X

# ଖର୍ ମାସ



ଡ. ଅଭିମନ୍ୟୁ କାନୁନଗୋ

ସୌର କର ଦିଏ ବଡ଼ କଷଣ ।
କଳା ଭାବ ହୁଏ ପ୍ରତୀୟମାନ ।।
ନିଦାଘେ ଶୁଷ୍କ ହୁଅଇ ଧରଣୀ ।
ଗ୍ରାମେ ଖେଳକରେ ବାଉଁଶ ରାଣୀ ।।
କ୍ରମେ ଆମ୍ବ ଜାମୁ ପାଚଇ ଡାଳ ।
ପଣସ ପାଚିଲା ବୃକ୍ଷ ଗହଳ ।।
ତାଳ ସଜ ମାନ ହୁଏ ବିକ୍ରୟ ।
ସପେଟା ପିଜୁଳି କଦଳୀ ଚୟ ।।
ବ୍ରତ ସାବିତ୍ରୀ କରେ ଆଗମନ ।
କୃଷି କାରଣେ ବ୍ରତୀ ଚାଷୀ ଗଣ
ପଙ୍କୋଦ୍ଧାର ଏକାଦଶୀ ପଡ଼ଇ ।
କୂପ ସରସିମାନ ଶୁଷ୍କ ହୋଇ ।।
ଲତା ପାଦପ ମାନ ହୋନ୍ତି ଶୁଷ୍କ ।
ବର୍ଷାଗମକୁ କରିଥାନ୍ତି ଆଶ ।।

ଆକାଶବାଣୀ ପୁରୀ
ମୋବାଇଲ ୮୮୯୫୪୫୦୧୧୭

ମାର୍ଚ୍ଚ -୨୦୨୫
www.vedantimagazine.com
ISSN NO.
2582-208X

# ଦୟା ନଦୀର କ୍ଷୋଭ



ଦୀନବନ୍ଧୁ ବେଜ

ନଦୀ ସିଏ ଇତିହାସେ ମୂକସାକ୍ଷୀ
ତା ଛାତିରେ ପ୍ରବାହିତ ରୁଧିରର ଧାରା,
କୁଳୁକୁଳୁ ଲୋହିତ ରକତ ଯେ ତାଜା
ବୁକୁରେ ତାର ଉଇଁରୀ ଖେଳିଲା ,,
ଲିପିବଦ୍ଧ ଅଛି ଭୂଲି ନାହିଁ କଳିଙ୍ଗ ସଭ୍ୟତା
ସଂଚ଼ରଣ ହୋଇଅଛି ଅସ୍ଥି ଶିରା ମଜ୍ଜା ।

ଆହା ସେ ମର୍ମଭେଦୀ ଅସହ୍ୟ କୁହାଟ
ଅନ୍ତର୍ଭେଦୀ ଆର୍ତ୍ତନାଦ ଅସ୍ଥିର ସେ ଡ଼ାକ,
ବହିଥିଲା ଧାର ଧାର ଅସଂଖ୍ୟ ରୁଧିର
ଛାତି ଫୁଲିଥିଲା ବହି ଥିଲା ରକ୍ତମିଶା
ସେଦିନ ର ଦୟାନଦୀ ତୀର,,
ଥରାଇକି ହିଆ .....
କେ ବର୍ଣ୍ଣିବ କାହିଁ ସେହି ମଣିଷ ନିର୍ଭିକ,,,
ଇତିହାସ ମୂକ ସାକ୍ଷୀ ଦୟା ସେ ବ୍ୟାପକ
ରଡ଼ିଗଲା ଲାଲ କରି ମାନବର ଦେହେ
ଧରି ମୁଖେ ଅହିଂସା ସମ୍ବାଦ ।

ଧିକ ସେହି ତରବାରୀ ଧିକ ପୌରୁଷତ୍ୱ
ଠାବେ ଠାବେ ପଡ଼ିଲା ସେ କଥା,

ISSN NO.
2582-208X

ଧିକ ତାର ପରାକାଷ୍ଠା ତୁଚ୍ଛ ମନୋବଳ
ହାରିଗଲା ଅହିଂସା ପାଖରେ
ଏହା ସତ୍ୟ ସତ୍ୟ ହିଂସା ହିଁ ଦୁର୍ବଳ
ଅହିଂସାର ମନ୍ତ୍ର ବୁଣି ସ୍ଥାନେ ସ୍ଥାନେ
ରୋପିଗଲା ମନୁବାଦ ଭିନ୍ନ ପରିଭାଷା,,
କାଳେ କାଳେ ରହିଗଲା କଥା
ଉଡ୍ର ସିନା ହାରିଗଲା ଦେଲା ମହାଶିକ୍ଷା ।

ଆଜି ସେହି ଦୟାନଦୀ ପୁଣି ରଙ୍ଗାୟିତ
କେବେ ନେଳି କେବେ ପୁଣି ଶାଗୁଆ ଚିତ୍ରିତ
ରସାୟଶ୍ଳେଷଣେ ଖେଳୁଅଛି ଜହର ପ୍ରବଳ,
ଦୟା ଅବା କେତେ ଦୟା କରିବ ଯେ
ଗୋଟିଏ ଜାତିକୁ ... ଗୋଟିଏ ଗୋଷ୍ଠୀକୁ,
ଇତିହାସ ସାକ୍ଷୀ ଦୟା ପ୍ରତି ଦୟାକର
ରଖ ସ୍ୱଚ୍ଛ ତା ଶରୀର ତା ଅନ୍ତର ଆତ୍ମାକୁ,,
ଏଣୁ ଦୟା ହେବନି ଜଡ଼ ହେବନି ବଧିର
ଏମିତି ଇତିହାସ ରଚୁଥିବ ହୋଇକି ଚଞ୍ଚଳ ।

ପ୍ରତିଷ୍ଠାତା ସଂପାଦକ
ଲକ୍ଷ୍ମଣ ନାୟକ ସାହିତ୍ୟ ସଂସଦ
ମାଲକାନଗିରି, ଓଡ଼ିଶା
ସଂପର୍କ : ୭୬୮୩୯୨୦୨୨୧

ISSN NO.
2582-208X

# କୋଶଲୀ କାବ୍ୟ 'ପ୍ରେମ ତରଙ୍ଗିଣୀ' : ଏକ ଆଲୋଚନା



ଧନେଶ୍ୱର ବାରିକ

" 'ପ୍ରେମ ତରଙ୍ଗିଣୀ' ବଏଲେ ପେରେମ ନଏଦ । ବୁହି ଚାଲିଛେ କଲପନା, ଭାବନା, ସପନାର ଧାରା ।"

'ପ୍ରେମତରଙ୍ଗିଣୀ' କାବ୍ୟର ପ୍ରସ୍ତାବନା ଭାବରେ 'ଆଘୁନ୍ ପଦେ'ରେ କହିଥିବା 'ପ୍ରେମତରଙ୍ଗିଣୀ'ର ଲେଖକର ନିଜସ୍ୱ ଭାଷାରୁ ହିଁ ଏହି କାବ୍ୟର ସ୍ୱରୂପ ଫୁଟି ଉଠିଥାଏ । ପ୍ରକୃତରେ କୋଶଲୀ ଭାଷାରେ ରଚିତ ଏହି କାବ୍ୟର ନାମ 'ପେରେମ୍ ନଏଦ୍' ନ ହୋଇ ସଂସ୍କୃତ ଶବ୍ଦ 'ପ୍ରେମ ତରଙ୍ଗିଣୀ' ହୋଇଥିବାର ଆଭିମୁଖ୍ୟ କ'ଣ ? ଏଥିରେ ଥିବା ଅନେକ କାରଣ ମଧ୍ୟରୁ ପ୍ରଥମ ହେଲା,- ଏଥିରେ ଖେଳି ଉଠିଛି ପ୍ରେମର ତରଙ୍ଗ ବା ଲହରୀ । ଏହି କାବ୍ୟର ବିଭିନ୍ନ ସର୍ଗ ପୁଣି ନାମିତ ହୋଇଛି 'ତରଙ୍ଗ' ନାମରେ; ଏପରିକି କାବ୍ୟର ବିଷୟବସ୍ତୁର ପୂର୍ବାଂଶ 'ମଙ୍ଗଳାଚରଣ' ମଧ୍ୟ 'ଭକ୍ତି ତରଙ୍ଗ' ଭାବରେ ପରିଚିତ । ଏହା ତରଙ୍ଗମାଳାରେ ଭରପୂର 'ତରଙ୍ଗିଣୀ' ନାମକୁ ସାର୍ଥକତା ପ୍ରଦାନ କରେ ।

ପ୍ରେମ, ଜୀବନର ହର୍ଷ-ବିଷାଦ, ଅଭାବ-ସ୍ୱଭାବ, ସୁଖ-ଦୁଃଖ ପ୍ରଭୃତି ଯେ ଏକ ଏକ ତରଙ୍ଗ; ଏବଂ ଏହାକୁ ନେଇ ସେ 'ପ୍ରେମତରଙ୍ଗିଣୀ'ର ପରିଚୟ, ଏହା ହୋଇଥିବ ବୋଲି କ'ଣ କୁହାଯାଇ ନ ପାରେ ? କାବ୍ୟାଂଶରେ ଅଛି -

"ତରଙ୍ଗିଣୀନେ ତ ତରଙ୍ଗ ଭରା
ତରଙ୍ଗର୍ ରଙ୍ଗେନେ ରଙ୍ଗିତ ପରା ।୧।

ISSN NO.
2582-208X

ତରଙ୍ଗର୍ ଲାଗି ତ ସେ ତରଙ୍ଗିଣୀ
ତଲକେ ତାର୍ ଗତି ଝରଝରନୀ ।୨।
(ସପ୍ତମ ତରଙ୍ଗ, ପ୍ରେମ ତରଙ୍ଗିଣୀ, ପୃ-୩୦)

ଏହି କାବ୍ୟର ରଚୟିତା ହେଉଛନ୍ତି ବ୍ରଜମୋହନ ମେହେର। ଖଡ଼ିଆଳ ଅଞ୍ଚଳର ପ୍ରାକୃତିକ ପରିବେଶରେ ବଢ଼ିଥିବା ଏହି କବିଙ୍କ ହୃଦୟରେ ଯେ ଏହି ପ୍ରକୃତି ଗଭୀର ରେଖାପାତ କରିଛି, ଏହା ତାଙ୍କ କୃତି ସମୂହରୁ ଜଣାପଡ଼ିଥାଏ । ପୂର୍ବ ପ୍ରକାଶିତ କାବ୍ୟରେ ଫୁଟିଉଠିଥିଲା :-

"ଯାହାର୍ ତୀରେ ବୃନ୍ଦାବନ ଯହିଁ ଗିରି ଗୋବର୍ଦ୍ଧନ
ସୁନ୍ଦର ତୀରର୍ ତୁକ୍‌ଲା ଗ୍ରାମଥି ରିଷିପିଟି
ଜଟା କି ମୁକୁଟ ଯେନ୍ତା ସେ ଗିରି ସେଥିନେ ସେନ୍ତା
ବ୍ରଜଦେଶ ! କା'ଣା କହ୍‌ମୁ ଇଠାନେ ଉଠି ?
(ବ୍ରଜବିଳାସ, ଚତୁର୍ଥ ସର୍ଗ, ପଦସଂଖ୍ୟା-୧୦, ପୃଷ୍ଠା-୩୩)

ଏଠାରେ ଶ୍ଳେଷ ଗର୍ଭିତ ଶବ୍ଦ 'ବ୍ରଜଦେଶ'କୁ ମଧ୍ୟ ଅନୁମାନ କରାଯାଇପାରେ । ବ୍ରଜମୋହନ-ଶ୍ରୀକୃଷ୍ଣଙ୍କ ଦେଶ ହେଉଛି ଯମୁନା ତୀରସ୍ଥ ଗୋପ-ବୃନ୍ଦାବନ, ଯେଉଁ ପବିତ୍ର ସ୍ଥାନରେ କି 'ଗୋବର୍ଦ୍ଧନ ଗିରି' ବିରାଜମାନ– ଯେଭଳି କି ସୁନ୍ଦର ନଦୀ ତୀରସ୍ଥ ତୁକୁଲା ଗ୍ରାମର ଜଟା ମୁକୁଟ ଭାବରେ 'ଋଷିପୀଠ ପର୍ବତ' ଶୋଭା ପାଇଥାଏ । ସେହି ଅଞ୍ଚଳ ହେଉଛି ବ୍ରଜଦେଶ– ଗୋପଦେଶ । ବ୍ରଜମୋହନ ଶ୍ରୀକୃଷ୍ଣଙ୍କ ଦେଶ । କିନ୍ତୁ ବ୍ରଜଦେଶ - ବ୍ରଜମୋହନ (କବି)ର ଦେଶ ହେଉଛି ଏହି ସୁନ୍ଦର୍-ତୀରର୍-ତୁକ୍‌ଲା ଗ୍ରାମ । ଏହି ଅଞ୍ଚଳରେ ଜନ୍ମିଥିବା କବି ସେହି ବ୍ରଜଦେଶ!(ଗୋପଦେଶ)କୁ କିଭଳି ଅବା ବର୍ଣ୍ଣନା କରିପାରେ ! (କା'ଣା କହ୍‌ମୁ ଇଠାନେ ଉଠି ?)

'ବ୍ରଜବିଳାସ 'ର ନାମକରଣ ମଧ୍ୟ ଶ୍ଳେଷ ଗର୍ଭିତ । ବ୍ରଜପୁର-ଗୋପରେ ବ୍ରଜମୋହନ କୃଷ୍ଣଙ୍କ ବିଳାସ 'ବ୍ରଜବିଳାସ'; ପୁଣି 'ବ୍ରଜବିଳାସ ରଚନା' ହେଉଛି କବି ବ୍ରଜ– ବ୍ରଜମୋହନ ମେହେରର ବିଳାସ ।

ISSN NO.
2582-208X

'ପ୍ରେମ ତରଙ୍ଗିଣୀ'ରେ ମଧ୍ୟ ଏହି ଭାବ ପ୍ରକାଶ ପାଏ :-

"ଅଛେ ଋଷିପୀଠ ଗିରି ଖଡ଼ିଆଲ୍ ରାଏଜେ
ଅତି ସୁନ୍ଦର୍ ମୁକୁଟ୍ ପରା ତୁକ୍‌ଲା ଗାଁ'କେ ସାଜେ ।୨୬।"
(ପ୍ରଥମ ତରଙ୍ଗ, ପୃ-୪)

ଏହି ଅଞ୍ଚଳର ପ୍ରକୃତି ହିଁ କବି ମନରେ ଭରିଛି ମୂଳ କଳ୍ପନା । ତୁକଲା ଗ୍ରାମର ଦୁଇପାର୍ଶ୍ୱରେ ପ୍ରବାହିତ ହୁଏ ଦୁଇ ନଦୀ 'ସୁନ୍ଦର' ଓ 'ଐର' (କାବ୍ୟ ବର୍ଣ୍ଣିତ 'ଅର୍ଜୁନ'), ସତେ ଯେଭଳି ପ୍ରେମିକ-ପ୍ରେମିକା । ପ୍ରେମର ଦୁଇପାର୍ଶ୍ୱ ହିଁ ପ୍ରେମିକ ପ୍ରେମିକା । ଦୁହିଙ୍କ ଜୀବନ ନଦୀ ସେଭଳି ମିଳିତ ହୋଇ ଗୋଟିଏ ଧାରାରେ ପରିଣତ ହୋଇଛି । 'ଆଘୁନ୍ ପଦେ' (ପ୍ରସ୍ତାବନା)ରେ କହାଯାଇଛି ;-

"ନଏଦ୍ ଦୁଇଟା ଯୁଡ଼ଲା ଭଲିଆ ମେସି ଯେଇଛେ ପେରେମର ଦୁଇଧାରା । ନାଁ ପେଇଛେ ପେରେମର ତରଂଗିଣୀ – "ପ୍ରେମ ତରଙ୍ଗିଣୀ'। ଏହି କାବ୍ୟର ନାୟକ ଭାବେ :-

"ମନେ ମୋର ହେନ୍ତା ଭାବ ଜାଗି ଉଠୁଥିସି
ପ୍ରିୟା ଗୁଟେ ଧାର ଆରୁ ମୁଇଁ ଗୁଟେ ଧାର
ସେ ହେଲେ ସୁନ୍‌ଦ୍‌ରୀ ସୁନ୍ଦର ଶୋଭା ଚାରୁହାସୀ
ମୁଇଁ ତ ଅର୍ଜୁନ ନଏଦ୍ ଅଛେ ଗତି ମୋର ।୬।
(ଷଷ୍ଠଦଶ ତରଙ୍ଗ ;ପୃ-୭୩)

କେବଳ ପ୍ରେମିକ ପ୍ରେମିକା ଭାବରେ ନଦୀଦ୍ୱୟ ନୁହନ୍ତି, ସେମାନଂକ ସହଚରୀ ଭାବରେ ଠେଲ୍‌କୋ 'ପତେଙ୍ଗା' 'କବାଟ' ପ୍ରଭୃତି ସର(ସରୋବର)ଗୁଡ଼ିକର ବର୍ଣ୍ଣନା ମଧ୍ୟ ରହିଅଛି ।

ଏହି ପରିବେଶ ହିଁ ଏହି କାବ୍ୟର ପୃଷ୍ଠଭୂମି । ଏହି ଅଞ୍ଚଳରେ ବର୍ତ୍ତମାନ ବସବାସ କରୁଥିବା ଜନଜୀବନ ହିଁ ଏହି କୃତିରେ ଚରିତ୍ରାୟିତ । ସଂସ୍କୃତ ଓ ଓଡ଼ିଆ ସାହିତ୍ୟରେ 'ପ୍ରେମତରଙ୍ଗିଣୀ' ନାମରେ ଅନେକ କାବ୍ୟକୃତି ରହିଥିବାର ଜଣାଗଲେ ମଧ୍ୟ ବ୍ରଜମୋହନ

ISSN NO.
2582-208X

କୃତ କୋଶଲୀ କାବ୍ୟ 'ପ୍ରେମ ତରଙ୍ଗିଣୀ' କୌଣସି ଗ୍ରନ୍ଥର ଅନୁବାଦ ବା ଛାୟାରେ ରଚିତ ନୁହେଁ । ଏହା ନିଜେ ପ୍ରଣେତା ସ୍ୱୀକାର କରନ୍ତି :-

"ନେଇଁସେ କେନସି ଗ୍ରଂଥ ଅନୁବାଦ, ନେଇଁ ଲେଖାଯେଇ କେନସି କାବ୍ୟ କଥାନିର ଛାୟାନେ" (ଆଘୁନ୍ ପଦେ, ପ୍ରେମ ତରଙ୍ଗିଣୀ)

ଏହି କାବ୍ୟରେ ମଙ୍ଗଳାଚରଣ, ଛନ୍ଦ, ଅଳଙ୍କାର ପ୍ରଭୃତି ରହିଥିଲେ ମଧ୍ୟ କବି ପ୍ରାଚୀନ ପରମ୍ପରାକୁ ଅସ୍ୱୀକାର କରି ରାଜାରାଣୀଙ୍କ ଚରିତ୍ର ନ ଆଣି ଆଧୁନିକ ସମାଜର ସାଧାରଣ ଚରିତ୍ରକୁ କାବ୍ୟାୟିତ କରିବାକୁ ଚାହିଁଛନ୍ତି । ଯାହା କି ଅଳଙ୍କାର ଶାସ୍ତ୍ର କିମ୍ବା କାବ୍ୟତତ୍ତ୍ୱର ଅନୁଶାସନରେ ଅନୁବନ୍ଧିତ ନୁହେଁ । ଏଣୁ ଏହା ହୁଏତ କାବ୍ୟ ବା ସାହିତ୍ୟ ପଦବାଚ୍ୟ ହୋଇ ନ ପାରେ ବୋଲି ପଦ୍ୟାକାର ବିନମ୍ରତାର ସହିତ ତାଙ୍କ ଗଦ୍ୟାଂଶ ବା ଭୂମିକାରେ ପ୍ରକାଶ କରନ୍ତି :-

"ନେଇଁ ଆସିପାରି ଅଳଂକାର ଶାସ୍ତ୍ର କି କାବ୍ୟତତ୍ତ୍ୱର ପାସକେ I କେଜାନି 'ପ୍ରେମତରଙ୍ଗିଣୀ' ପୁହୁଁଚି ପାରୁଛେ କିନି ସାହିତ୍ୟ ସମାଜର ଛୁମକେ ।" (ଆଘୁନ୍ପଦେ, ପ୍ରେମ ତରଙ୍ଗିଣୀ)

'ପ୍ରେମ ତରଙ୍ଗିଣୀ'ରେ ରହିଛି କୋଶଳାଞ୍ଚଳର ସଂସ୍କୃତି, ପଶ୍ଚିମ ଓଡ଼ିଶାର ଜୀବର ଚିତ୍ର । ଏହି ଅଞ୍ଚଳର ମୁଖ୍ୟ ଆରାଧ୍ୟା ଇଷ୍ଟଦେବୀ 'ସମଲେଶ୍ୱରୀ'ଙ୍କ ନିକଟରେ 'ଭକ୍ତିତରଙ୍ଗ' ଖେଳିଗଲା ପରେ 'ପ୍ରଥମତରଙ୍ଗ' ନାଚିଉଠେ 'ନୂଆଁଖାଇ'ର ଆନନ୍ଦ ଉତ୍ସବ ସ୍ୱରୂପରେ । ଏହି ଉତ୍ସବ କ୍ରମେ 'ଦ୍ୱିତୀୟ ତରଙ୍ଗ'ରେ ରୂପାନ୍ତରିତ ହୋଇ ପ୍ରେମପୁଲକ ଗତିଧାରାର ବାହକ ଭାବେ ପ୍ରତିଭାତ ହୋଇ ପରବର୍ତ୍ତୀ ତରଙ୍ଗ ସମୂହରେ ନାୟକ ନାୟିକା ତଥା ସେହି ଚରିତ୍ରକୁ କେନ୍ଦ୍ରକରି ଗଢ଼ି ଉଠିଥିବା ଚରିତ୍ର ଓ ଚରିତକୁ ନେଇ ଏକତ୍ରିଂଶ ତରଙ୍ଗରେ 'ପ୍ରେମ ତରଙ୍ଗିଣୀ' କାବ୍ୟକୁ ପରିପୂର୍ଣ୍ଣ କରେ ।

ସୁନ୍ଦରୀ ସୁଗୁଣବତୀ 'ଶୋଭାବତୀ'ର ରୂପଗୁଣରେ ମୁଗ୍ଧହୁଏ ସୁଶୀଳ ଶାନ୍ତ ଯୁବକ 'ସୋମପ୍ରଭ' । ଇଚ୍ଛାକରେ ଶୋଭାବତୀକୁ ନିଜ ଜୀବନର ସାଥୀ, ପ୍ରଣୟିନୀ, ସହଧର୍ମିଣୀ ଭାବରେ ପାଇବାକୁ । କିନ୍ତୁ ନିଜ ପାରିବାରିକ ସ୍ଥିତିରେ ନ୍ୟୂନ୍ୟତା ଉପଲବ୍ଧି କରି ତାର

ISSN NO.
2582-208X

ପ୍ରାଣର ପ୍ରେୟସୀକୁ ପାଇପାରୁ ନ ଥିବାର ଯନ୍ତ୍ରଣାକୁ ମର୍ମେ ମର୍ମେ ଅନୁଭବ କରେ । ସ୍ୱପ୍ନ ଦେଖେ । ସ୍ୱପ୍ନାଦେଶ ପାଏ । ଏହି ସ୍ୱପ୍ନକୁ ହିଁ ଆଧାର କରି 'ପ୍ରେମ ତରଙ୍ଗିଣୀ' ତରଙ୍ଗାୟିତ ହୁଏ । ଭ୍ରମଣ କରେ ସୋମପ୍ରଭ । ବାଟ ଦେଖେ ଶୋଭାବତୀ'ର । ଶୋଭାବତୀ ପ୍ରତି ପବିତ୍ର ପ୍ରେମର ଅନୁରକ୍ତ ସୋମପ୍ରଭ ପ୍ରତ୍ୟାଖ୍ୟାନ କରିଦିଏ ତା'ପାଇଁ ଆସୁଥିବା ଅନ୍ୟାନ୍ୟ ବିବାହ ପ୍ରସ୍ତାବକୁ । ସ୍ୱପ୍ନଶୀଳ, ଭାବପ୍ରବଣ ସୋମପ୍ରଭ ରୁକ୍ଷ ବାସ୍ତବତାର ଦାରୁଣ ଆଘାତରେ ରକ୍ତାକ୍ତ ହୁଏ ।

ପରିଶେଷରେ ତାର ପ୍ରେମର ପରିପୂରଣ ଘଟେ । ତାର ସ୍ୱଚ୍ଛ ହୃଦୟ, ନିର୍ମଳ ପ୍ରେମ ଏବଂ ସଚ୍ଚରିତ୍ରତା ଦେଖି ଶୋଭାବତୀର ପିତାମାତା ସମ୍ମତି ଜଣାନ୍ତି । ସଂସ୍କୃତି ଓ ପରଂପରାକୁ ସମ୍ମାନ ଜଣାଇ ଶୋଭାବତୀ ଓ ସୋମପ୍ରଭର ବିବାହ ଘଟେ । ଏହାହେଲା ଏହି କାବ୍ୟର ସାଧାରଣ ବିଷୟବସ୍ତୁ ।

ପ୍ରେମତରଙ୍ଗିଣୀର ଭାଷା ଶୈଳୀ ମଧ୍ୟ କୋଶଲୀ ସାହିତ୍ୟରେ ସ୍ୱତନ୍ତ୍ରଭାବରେ ପରିବେଷିତ ହୁଏ । ସଂସ୍କୃତ ତତ୍‌ସମ, ଅର୍ଧତମ ଶବ୍ଦର ବହୁଳତା କୋଶଳୀ ଭାଷାକୁ ଏକ ଭିନ୍ନରୂପରେ ପରିଚିତ କରାଏ । ସ୍ପଷ୍ଟରୂପେ ଲକ୍ଷ୍ୟକରି ହୁଏ ସ୍ୱତନ୍ତ୍ର ବ୍ରଜମୋହନୀୟ ଶୈଳୀ, ଯାହାକି ବ୍ରଜବିଳାସ, ବ୍ରଜବିଲାପ, କବିତାକାରୁଣ୍ୟ, ଶ୍ରୀଜଗନ୍ନାଥ, ଚଉତିଶା ସୁମନ, 'ବିରହୀ ଚଉତିଶା' ପ୍ରଭୃତି ପ୍ରକାଶିତ ତଥା ଅପ୍ରକାଶିତ ରଚନା ସମୂହରେ ଉଦ୍ଭାସିତ ହୁଏ । (କିନ୍ତୁ 'ସ୍ରବନ କୁମାର', 'ଫୁଲମତି', 'ତୋର୍ ଲାଗି' ପ୍ରଭୃତି ଅନେକ ରଚନାର ଭାଷା ଶୈଳୀ ଭିନ୍ନ ।) କବିଙ୍କର ଏହି ଭାଷାଶୈଳୀକୁ ଅନେକ ପାଠକ, ସମାଲୋଚକ 'ମିଶ୍ରଭାଷା', 'ମିଶ୍ରିତ କୋଶଳୀ' ବା 'ମିଶ୍ରିତ ଓଡ଼ିଆ' ବୋଲି ସମାଲୋଚନା କରିଥାଆନ୍ତି । କବି ଏହିଭଳି ଭାଷା ଶୈଳୀ ସଂପର୍କରେ ସପକ୍ଷ ଯୁକ୍ତି ଉପସ୍ଥାନ ପୂର୍ବକ ପୁନଃ ନମ୍ରତାର ସହିତ 'କବିତା କାରୁଣ୍ୟ'ର ପ୍ରସ୍ତାବନା 'କଥାନି କାଲମ୍ୟ'ରେ ନିଜ ବକ୍ତବ୍ୟ ରଖନ୍ତି :-

"ଅଲଗା ଅଲଗା ସାହିତ୍ୟନେ ତସ୍ମମ ଶବଦ ଲାଗିକରି ଅଧିକ ସାହିତିକ କରିପକାସି । ଆମର କୋସଲିର ବି ହଁକ ଅଛେ ସଂସ୍କୃତ ଶବଦର ବେଭାର କରବାର । ଆମର ଭାଷାନେ ଯେତକିରି ତସ୍ମମ ଶବଦ ରହେବା, ହେତକି ଅଲଗା ଭାରତୀୟ ଭାଷାଭାଷିମନେ ବୁଝି ପାରବେ । ହଁ, ସତ କଥା ଯେ, ଭାଷାନେ ଚଲତି ଶବଦ ବେଭାର କଲେ ଅଧିକ ବଢ଼ିଆଁ

ISSN NO.
2582-208X

ହେସି ।   ମାତର ଇ ଲେଖକ କୋସଲିର ପଟିଆ ଥାଏ, ଅପଟ ହେଇ ରହେବାକେ ନେଇଁ ଚାହେଁ । କୋସଲି ଭାଷାକେ ତିଷ୍ଟାବାକେ ଏକା କଲମ ଧରସି, ବିଗଡ଼ାବାକେ ନେଇଁସେ । ଇତାର ଉଦ୍ୟମ ଯଦି ଭାଷାକେ ତିଷ୍ଟାବାରଥି ସହଯୋଗ କରି ନେଇଁ ପାରଲା, ଅନ୍ୟ ଲେଖକମନେ ତୋ ଅଛନ ସାହିତ୍ୟର ସବୁ ଦିଗକେ ଧରିକରି । ସେମନଙ୍କର ଉଦ୍ୟମଥି ଭାଷା ଉପକବା ।

(କଥାନି-କାଲମ୍ୟ, 'କବିତା କାରୁଣ୍ୟ')

ଏହି ସମୟରେ ଓଡ଼ିଆସାହିତ୍ୟର ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତ ସିଂହାରଙ୍କର ପ୍ରସିଦ୍ଧ ଉକ୍ତି ମନେ ପଡ଼ିଯାଏ –

" ଦିବ୍ୟ ଅଦିବ୍ୟ ଭାଷାରେ ପଦ ହେବ ସିଦ୍ଧି
ଦେଖ ମହାଜନ ମାର୍ଗ ପରମ୍ପରା ବିଧି ଯେ ।"
(ବିଦଗ୍ଧ ଚିନ୍ତାମଣି)

ପ୍ରକୃତରେ କୋଶଳୀ କାବ୍ୟ 'ପ୍ରେମତରଙ୍ଗିଣୀ' 'ଦିବ୍ୟ-ଅଦିବ୍ୟ ଭାଷା' ଲକ୍ଷଣରେ ଲକ୍ଷିତ ହୋଇଥାଏ ।

'ପ୍ରେମତରଙ୍ଗିଣୀ'ର ଅନ୍ୟ ଏକ ପ୍ରମୁଖ ବିଭାବ ହେଲା ଏହାର ଆଳଙ୍କାରିକ ଶୈଳୀ । ବ୍ରଜମୋହନର ଅନେକ କାବ୍ୟରେ ଏହି ଆନୁପ୍ରାସିକତା ଲକ୍ଷଣୀୟ । କୋଶଳୀ ସାହିତ୍ୟରେ ତେଣୁ ଏହି ଆଳଙ୍କାରିକ ଶୈଳୀ ଉଲ୍ଲେଖଯୋଗ୍ୟ। ଆଦ୍ୟାକ୍ଷର ନିୟମ ବା ଚଉତିଶା ରୀତିରେ ଏହି ପଦ୍ୟକୃତିର ବିଭିନ୍ନ ତରଂଗ ପର୍ଯ୍ୟବସିତ ।

'ପ୍ରଥମ ତରଙ୍ଗ' ଆରମ୍ଭ ହୁଏ 'ସ୍ୱରବର୍ଣ୍ଣ'ର କ୍ରମିକତାରେ ଏବଂ କୋଶଳୀ ଭାଷାରେ ଯେ ଦୁଇଟି 'ଏ', ଭିନ୍ନଭିନ୍ନ ସ୍ୱର, 'ଏ' ଏବଂ ରେଖାଙ୍କିତ '_ଏ' ମାଧ୍ୟମରେ ସୂଚିତ କରେ । ସ୍ୱରବର୍ଣ୍ଣାନୁକ୍ରମିକତାକୁ ରକ୍ଷାକରି ପରବର୍ତ୍ତୀ ପଦ ଗୁଡ଼ିକରେ କେବଳ ସ୍ୱରବର୍ଣ୍ଣୀ ଆଦ୍ୟାକ୍ଷର ଭାବରେ ଏହି ସର୍ଗ ସଂପୂର୍ଣ୍ଣ ହୁଏ। ଯେଭଳି କି :-

ISSN NO.
2582-208X

ଅ – "ଅଷାରର୍ଥସାରଗଲାଛୁଟିଝରଝର
ଆ– ଆସ୍‌ଲା ଶରାବନ ଆନି କୁଶଲ ଖବର । ।୧।।
ଇ– ଇତାର୍ ପରେ ଆସ୍‌ଲା ପରେ ଭୋଦୋ ମାସ ସେନ୍ତା
ଈ– ଈଶର୍ ନିରିମଲ କୃପା ବିକଶିଲା ହେନ୍ତା ।।୨।।
× × × ×
ଏ– ଏଭେ ତ ବିଭୁର ବହୁ କୃପା ସଂସାରକେ
_ଏ – _ଏ'ଲା ଉଛବ ପ୍ରଧାନ ପୂର୍ବେ ବଛରକେ ।।୫।।
(ପୃ-୨)

'ଦ୍ୱିତୀୟ ତରଙ୍ଗ' ଆରମ୍ଭ ହୁଏ ଚଉତିଶା ନିୟମରେ । '୭୫' ପଦ ବିଶିଷ୍ଟ ଏହି ତରଙ୍ଗ (ସର୍ଗ)ରେ ଏହି ଚଉତିଶା କ୍ରମ ୧୭ତମ ପଦରେ ପରିପୂର୍ଣ୍ଣ ଘଟେ । ଯଥା :-

କ– କରୁଛନ୍ ଗଡି ମିଲି ଯୁବତୀ ଖୁସିନେ ସଭେ ମାତି
ଖ– ଖୁଚିଛନ୍ ଫୁଲ ମାଲି ବନେଇ ବେଶ ସାଜିଛନ୍ କେନ୍‌ତି ।୧।
× × × ×
ହ– ହରଷ ଫରସ୍ କଥାଥି ସୁରସ୍ ଝର୍‌ଝର୍ ଝରି ଯାଏସି
କ୍ଷ– କ୍ଷିତି ମଣ୍ଡନା ରୂପା ଦଶନା ସୁନାବରନା ଶଶୀ ।୧୭।
(ପୃ-୫/୬)

'ତୃତୀୟ ତରଙ୍ଗ' ମଧ୍ୟ ଚଉତିଶା ନିୟମରେ ପରିଭୂଷିତ । କିନ୍ତୁ ଓଲଟିଆ କ୍ରମରେ । ଓଲଟା ଚଉତିଶା ଭାବରେ । ଏହା ମଧ୍ୟ ୧୭ତମ ପଦରେ ପରିପୂର୍ଣ୍ଣତା ଲାଭ କରିଛି । ଯେଭଳି :-

କ୍ଷ– କ୍ଷିତିର ଶୋଭା ସାର ନଗ କାନନ
ହ– ହରଣ କର୍‌ସି ମନ ସେ ଶୋଭାବନ ।୧।
× × × ×
ଖ– ଖୁସିଦାୟିନୀ ତୁଇ ସୁଖଦାୟିନୀ

ISSN NO.
2582-208X

କ- କର କରୁଣା ମୋର ଘେନ ଦୟିନି ।୧୭।
(ପୃ-୧୧/୧୨)

'ଚତୁର୍ଥ ତରଙ୍ଗ'ରୁ 'ଅଷ୍ଟମ ତରଙ୍ଗ' ପର୍ଯ୍ୟନ୍ତ ଯଥାକ୍ରମେ 'କ-ଚ-ଟ-ତ-ପ' ନିୟମ ନ୍ୟାୟରେ ରଚିତ । ଯଥା :-

'କ' ନିୟମ -

କଲୁଷ ବିନାଶ- କାରୀ ଅପହାରୀ
ପାପତାପ ସୁଖ୍‌କାରକ
କଲେ ବିଜେ କିବା ନିଜେ ତାର୍‌ ଘରକେ
ସରବ ଦୁଖର୍‌ ନାଶକ ।୧।
(ଚତୁର୍ଥ ତରଙ୍ଗ, ପୃ-୧୮)

'ଚ' ନିୟମ -

ଚଂପକ ବରନୀ କଅଁଲା
କେନ୍ତା କହେବା କଥା
ଚାହୁଁଥିମି ନିତି ତାହାକେ
ଦିଶୁଥିବା ସେ କେନ୍ତା ।୧।
(ପଞ୍ଚମ ତରଙ୍ଗ- ପୃ-୨୨)

'ଟ' ନିୟମ -

ଟଲି _ଯେ'ସି ଦଣ୍ଡ ମୁହୂର୍ତ୍ତ ଘଟିକା
ଟଲି_ଯେ'ସି ଦିନ ପକ୍ଷ ଏପରିକା ।୧।
(ଷଷ୍ଠ ତରଙ୍ଗ - ପୃ- ୨୬)

'ତ' ନିୟମ-

ତରଙ୍ଗିଣୀନେ ତ ତରଙ୍ଗଭରା
ତରଙ୍ଗର୍‌ ରଙ୍ଗେନେ ରଙ୍ଗିତ ପରା ।୧।
(ସପ୍ତମ ତରଙ୍ଗ – ପୃ- ୩୦)

ISSN NO.
2582-208X

'ପ' ନିୟମ-

ପଲ୍ଲବେ ପ୍ରଫୁଲ୍ଲ ଫୁଲ । ପଲ୍ଲବିତ ସେ କଅଁଳ ।୧।
(ଅଷ୍ଟମ ତରଙ୍ଗ – ପୃ ୩୪)

ଏହାପରେ 'ନବମ ତରଙ୍ଗ'ରେ ପୁଣି ଆସିଛି ଚଉତିଶା ନିୟମ । ୧୧୯ ପଦ ବିଶିଷ୍ଟ ଏହି ଛାନ୍ଦରେ ୩୪ତମ ପଦରେ ଚଉତିଶା ନିୟମ ସମାପ୍ତ ହୋଇଛି ।

'ଦଶମ ତରଙ୍ଗ'ରେ କୌଣସି ଅକ୍ଷର ନିୟମ ନ ଥିଲାବେଳେ 'ଏକାଦଶ ତରଙ୍ଗ'ରେ 'ଓଲଟା ଚଉତିଶା' ରୀତି ଅନୁସୃତ ହୋଇ ୩୪ତମ ପଦ ପରେ 'ସ' ଆଦ୍ୟବର୍ଣ୍ଣ ନିୟମକୁ ଆଧାର କରି ରଚିତ ହୋଇଛି । ଏହି ସ-ବର୍ଣ୍ଣ ଆଦ୍ୟାନୁପ୍ରାସ 'ତ୍ରୟୋଦଶ ତରଂଗ' ପର୍ଯ୍ୟନ୍ତ ଲମ୍ବି ଯାଇଛି ।

'ପଞ୍ଚବିଂଶ ତରଙ୍ଗ' ରଚିତ ହୋଇଛି 'ହ' ଅନୁପ୍ରାସରେ । ଯେପରିକି :-

"ହାତ୍‌କେ ଧରି ପକାଲା ଚପ୍‌କିନା ହାତ ତୋର ରେ,
ହୁରୁଦ୍ ତୋର କାନ୍ଦିଗଲା ବୁଝି ମୋର୍ ଖବର ରେ ।୧।

× × × ×

ହେନ୍ତା ସପ୍ନାମନ୍‌କର୍ କଥା ଆନିକରି ମନେନେ
ହେଉଅଛେ ଡଙ୍ଗାବାଲା ଶୋଭାନଦୀର୍ ପେରେମେ ।୩୧।
(ପୃ-୭୦/୭୨)

'ବିଂଶତରଙ୍ଗ' ପୁଣି ଭୂଷିତ ହୁଏ ଚଉତିଶା ରୂପକ ଅଳଙ୍କାରକୁ ୩୪ତମ ପଦ ପର୍ଯ୍ୟନ୍ତ । ପରବର୍ତ୍ତୀ ପଦ ସମୂହ 'ଖ' ବର୍ଣ୍ଣାନୁପ୍ରାସରେ ହୁଏ ସଜ୍ଜିତ । ଏହାପରେ କୌଣସି ଛାନ୍ଦରେ ଏକ ବିଶେଷ ଅକ୍ଷର ନିୟମ ଅନୁସୃତ ହୋଇ ନାହିଁ । ଶେଷ ଛାନ୍ଦ- ଏକତ୍ରିଂଶ ତରଙ୍ଗ କିନ୍ତୁ 'ପ୍ରେମ ତରଙ୍ଗିଣୀ' ଆଦ୍ୟାକ୍ଷରରେ ସଜ୍ଜିତ ହୋଇ କାବ୍ୟର ନାମକୁ ସାର୍ଥକ କରୁଛି । ଯେଭଳି :-

ପ୍ରେ – ପ୍ରେମିକା ମୋର ତମେ ଆମେ ପେରେମୀ
ମ- ମରତ ଭୂମେ ଆମେ ପରମ ପ୍ରେମୀ ।୭।
ତ- ତରଂଗେ ନଦନଦୀ ଆମେ ତ ସଖୀ

ISSN NO.
2582-208X

ର- ରଂଗୁଛେ ପ୍ରେମଧାରା ହୃଦୟ ଦେଖି ।୮।
ଗି - ଗିରିନୁ ଝରି ଝରନ୍ ବଢ଼ିଛୁଁ ଆମେ
ଣୀ- ନୀର ଜୀବନ ମିଳନ୍ ଦୁଇ ମୁହାଁନେ ।୯।
(ପୃ-୧୨୫)

ଏହିପରି ଅକ୍ଷର ନିୟମ କବିଙ୍କ 'ବ୍ରଜବିଳାସ', 'ବ୍ରଜବିଲାପ' ତଥା 'କ' ବର୍ଣ୍ଣାନୁପ୍ରାସରେ ଲେଖାଯାଇଥିବା 'କବିତା କାରୁଣ୍ୟ'ର ନାମ ସ୍ମୃତିକୁ ଚାଲିଆସେ । ଏହି କାବ୍ୟ ଅନ୍ତର୍ଭୁକ୍ତ ଅନେକ 'ଚଉତିଶା' ଓ 'ଚଉତିଶା ସୁମନ' ପ୍ରଭୃତି ଚଉତିଶା ରଚନାର ସଂଖ୍ୟାକୁ ଆହୁରି ପରିବର୍ଦ୍ଧିତ କରେ ।

ବ୍ରଜମୋହନ ପ୍ରଣିତ କାବ୍ୟ କୃତିର ଅନ୍ୟତମ ବିଭାବ ହେଲା ଛନ୍ଦ ପ୍ରୟୋଗ । ଉପର ବର୍ଣ୍ଣିତ କାବ୍ୟ ଗୁଡ଼ିକରେ ଯେଭଳି ବିଭିନ୍ନ ଛନ୍ଦ ପ୍ରୟୋଗ କରାଯାଇଛି, 'ପ୍ରେମତରଙ୍ଗିଣୀ' ମଧ୍ୟ ସେହିପରି ଛାନ୍ଦସିକତାରୁ ବାଦ୍ ଯାଇ ନାହିଁ ।

ତାଙ୍କ ଛନ୍ଦ ସଂପର୍କରେ 'ଆଘୁନ୍ ପଦେ' (ପ୍ରସ୍ତାବନା)ରେ କହାଯାଇଛି :-

"କେତେଟା ପୁରନା ଛନ୍ଦ, ପଛେ ବାହାରିଥିବାର କେତେଟା ଶୈଳୀ ଆରୁ କେତେଟା ନୁଆଁ ଢଂଗଥି ରଚିତ ହେଇଛେ ଇ ପଦ୍ୟକୃତି ।"

ପ୍ରକୃତରେ ବହୁ ପ୍ରାଚୀନ, କିନ୍ତୁ ଜଟିଳ ନ ହୋଇ ସରଳ ବୃତ୍ତ, କେତୋଟି ପରବର୍ତ୍ତୀ କାଳୀନ ଶୈଳୀ ଏବଂ କବିଙ୍କ ନିଜସ୍ୱ ଛନ୍ଦରେ ରଚିତ ହୋଇଛି 'ପ୍ରେମରଙ୍ଗିଣୀ'ର ବିଭିନ୍ନ ତରଙ୍ଗ । ଏପରିକି 'ଅମିତ୍ରାକ୍ଷର ଛନ୍ଦ'ରେ 'ଚତୁର୍ଦ୍ଦଶ ତରଙ୍ଗ' ରଚିତ ହେବା ସହିତ 'ଅଷ୍ଟାଦଶ ତରଙ୍ଗ'ରେ 'ରୁବାୟତ ଛନ୍ଦ'ର ମାଦକ ସ୍ୱର ଅନୁସୃତ ହୋଇଥିବାର ଅନୁଭବ କରାଯାଇପାରେ । ଯେପରିକି:-

"ନିକଟନେ ଆମ୍ରବନ କେତେ ଶୋଭାବନ
ଖଁଡ଼େକ୍ ଦୂର ଗଲେ ଜଳାଶୟ ସୁଶୋଭନ

ISSN NO.
2582-208X

ଶାଗୁଆ ଝାରେନେ ଧରା କେତେ ଶୋଭାବତୀ
ଖେତେ ଖେତେ ଚାଷବାସ ପ୍ରକୃତି ମଣ୍ଡନ ।।୧।।
(ଅଷ୍ଟାଦଶ ତରଙ୍ଗ, ପୃ-୭୯)

"ତ୍ରିଂଶ ତରଙ୍ଗ'ରେ ପାଠକମାନେ ସମ୍ମୁଖୀନ ହେବେ କବି-କପୋଳ-କଳ୍ପିତ ତ୍ର୍ୟକ୍ଷରୀ ଛନ୍ଦ ସହିତ :-

"ଚାହିଁଛେ । ଚାହୁଁଛେ ।୧।
କହିଛେ । କହୁଛେ ।୨।
ରହିଛେ । ରହୁଛେ ।୩।
ନୟନ । ଶୋଭନ ।୪।
ଦର୍ଶନ । କଥନ ।୫।
(ପ୍ରେମତରଙ୍ଗିଣୀ, ପୃ-୧୨୩)

'ପ୍ରେମ ତରଙ୍ଗିଣୀ'ରେ ନାହିଁ କିନ୍ତୁ 'ବ୍ରଜବିଳାସ'ର ଆଳଙ୍କାରିକ ଜଟିଳତା । କିନ୍ତୁ ଅଛି 'କବିତା କାରୁଣ୍ୟ'ର ସାରଲ୍ୟ । ଏହାସତ୍ତ୍ୱେ ବ୍ରଜବିଳାସର ଜଟିଳତା ଏବଂ କବିତା କାରୁଣ୍ୟର ମଧ୍ୟବର୍ତ୍ତୀ ସ୍ଥଳରେ ଯେମିତି 'ପ୍ରେମତରଙ୍ଗିଣୀ'ର ଅବସ୍ଥାନ । ଏହି କାବ୍ୟର ପ୍ରାକୃତିକ ବର୍ଣ୍ଣନା ଏକାନ୍ତ ମନୋରମ । ଅମିତ୍ରାକ୍ଷର ଛନ୍ଦରେ ଉଚିତ ଏକ ବର୍ଣ୍ଣନାକୁ ଅବଲୋକନ କରାଯାଇପାରେ:-

'ବସନ୍ତର ବାସନ୍ତୀ ରଙ୍ଗର ବତାସ ବାସନ୍ତୀ
ରଖଲା ଚୂତ ଡାଳେ ଡାଳେ ପୁଷ୍ପ ପ୍ରଫୁଲ୍ଲିତ
ଜନମ ନେଲା ନବନବ ମଞ୍ଜରୀନୁ ସବୁ
ମୋହିନେଲା ଜନମନ ତାର ସୁନ୍ଦର ଦୃଶ୍ୟଥି
ହସିକରି ଆମ୍ରତରୁ ମେଲିଦେଲା ବାସନା
ନବବେଶ ଧରିକରି ସେ ଶୋଭା ସଂସାରେ ।'
(ଚତୁର୍ଦ୍ଦଶ ତରଙ୍ଗ, ପୃ-୬୪)

ISSN NO.
2582-208X

କେବଳ ପ୍ରାକୃତିକ ନୁହେଁ, ଭାକ୍ତିକ ପରିବେଶରେ ମଧ୍ୟ 'ପ୍ରେମ ତରଙ୍ଗିଣୀ' ପରିପୁଷ୍ଟ । ଶିବାଳୟ ହେଉ ବା ଋଷିପୀଠ ପାହାଡ଼ ହେଉ, ସାଜିଛନ୍ତି ଆଧ୍ୟାତ୍ମିକତାର ପରିଚୟରେ ପରିଚିତ ହୋଇଥିବା ଆଶିଷ ଓ କରୁଣାର ପ୍ରତିମୂର୍ତ୍ତି । ସେଥିପାଇଁ ତ ହୃଦୟରୁ ନିଃସୃତ ହୁଏ:-

"ଟେକି ରଖ୍‌ସ ପ୍ରଭୁ ଭକତର୍ ମହତ
ଟାନ୍ ପନ ଗର୍ବିତା କରିଦେସ ହତ ।୨୫।
ଟିକେ ଭଜ୍‌ଲାବେଲେ ବହୁତ୍ ବୁଝିପାର୍‌ସ
ଟିକେ ଚାହିଁଦେଲେ ବହୁତ୍ ଉଦ୍ଧାର୍ କର୍‌ସ ।୨୬।
ଟିକେ ଲୁହୁ ପରା ବହୁତ କଷଣ
ଟିକେକ ଭକତି ଅପାର ପୂଜନ ।୨୭।
ଟିକେ ଲୁକା ନେଇଁ ସବୁ ଜାନିପାର୍‌ସ
ଟିକେ ଦୁଖେ ପଡ଼୍‌ଲେ ସୁଖେ ଟାନିନେସ ।୨୮।
× × × ×
ଟଙ୍କଧର ତମେ ଧନ୍ୟ ଆଶୁତୋଷ
ଟାକିଅଛେଁ ସଦା ତମର ଆଶିଷ ।୪୬।
(ଷଷ୍ଠ ତରଙ୍ଗ, ପୃ-୨୮-୨୯)

ଭାବିଛେ ଆଗର୍‌ନୁ ସୋମ ମନ୍ଦିର୍ ଯିଆ କଥା
ଦୁହେଁ ମିଶି ଆରାଧନା କର୍‌ବାର୍ ଭଗ୍‌ବାନକେ
ଆସିଛେ ପବିତ୍ର ଭାବ ତାହା ପୂତଚିନ୍ତା
ଭକତି ହୃଦେ ପୂଜିବାର୍ ବିଭୁ ଚରନକେ ।।୨୩।
(ଷଷ୍ଠଦଶ ତରଙ୍ଗ, ପୃ-୭୬)

'ପ୍ରେମତରଙ୍ଗିଣୀ'ରେ ଫୁଟିଉଠେ ସାମାଜିକ ଚିତ୍ର, ଶୋଭାବତୀ ଓ ସୋମପ୍ରଭ ତଥା 'ସୁକନ୍ୟା'ର ମାତାପିତାଙ୍କ ପାରିବାରିକ ବର୍ଣ୍ଣନା ମାଧ୍ୟମରେ । ପ୍ରକାଶ ପାଏ ସୁବଂଧୁର ମହତ୍ତ୍ୱ :-

ISSN NO.
2582-208X

"ସଦ୍‌ବଂଧୁ ସସ୍ୱଖା ଭାଗ୍ୟଥି ଥିଲେ ମିଲ୍‌ସି
ସଦାଚାରୀ ବନ୍ଧୁ ଶିରେ ଗୁରସ୍ ରୁକାସି ।୪୯।
(ଦ୍ୱାଦଶ ତରଙ୍ଗ,ପୃ-୫୮)

ସୌଭାଗ୍ୟ ବଲି 'କହେସନ୍ ସୁବଂଧୁ ଭେଟି
ସେ ସଉଭାଗ୍ୟ ସବୁଦିନ୍ ରହେବା ହେନ୍ତି ।୩୫।
(ତ୍ରୟୋଦଶ ତରଙ୍ଗ, ପୃ-୬୧)

ରୂପ ପାଏ ସମାଜର ଥିଲା-ନଥିଲା ଭେଦ ଭାବର ଦୃଶ୍ୟ । ସୋମପ୍ରଭ ମନରେ ଏହି ସାମାଜିକ ପାତର ଅନ୍ତର ଦୁଃଖ ଦେଇ ଥାଏ । ଯେପରି କି :-

"ସଂସାରେ ତୁଲନା ଏକା ଥିଲା ନୈ ଥିଲା
ସୁଖୀ ଥିଲାବାଲା, ମାତର୍ ଅଭାବୀ ମଲା ।୮୦।
ସଦା ଉପହାସ୍ୟ ହେସି ଅଭାବୀ ନର
ସୁଖ _ପେ'ବାକେ ତାର୍ ଠାନେ ବହୁତ ଦୂର ।୮୧।
× × × ×
ସବେ ଥିସନ୍ ଅଭାବୀର ହିନସ୍ତା ଲାଗି
ସବେ ଥିସନ୍ ଗରିବକେ କହେବାର୍ ଲାଗି ।୮୪।
(ଏକାଦଶ ତରଙ୍ଗ, ପୃ-୫୧)

କ୍ରମଶଃ.....

ତୁକଲ୍, ଜି-ନୂଆପଡ଼ା
7381220230

ISSN NO.
2582-208X

# ତୁ ମୋର ମିଠା ସପନ



ବେଣୁଧର ସୂତାର

ମନ ପୂର୍ଣ୍ଣଇନ୍ଦୁ ଜୋଛନା ବିନ୍ଦୁରେ
ଝରିପଡେ ପ୍ରୀତି ମହୁ
ଆଖି ଉପକୂଳେ ଲହଡ଼ି ମାରୁଛି
ସୁନା ସପନର ଢେଉ
ତନୁ ତୀରେ ସମ୍ମୋହନ
ଏ ଫଗୁଣ ସଞ୍ଜ ମୋହନ କୁଞ୍ଜରେ
ଗାଏ ପ୍ରୀତି ଆବାହନ
ତୁ, ମୋର ମିଠା ସପନ ।।

ଗୋପନେ ଗୋପନେ
ପ୍ରୀତିର ସପନେ
ମୋ ହୃଦ ଇଲାକା ଛୁଇଁ
ପ୍ରୀତି ନଗରୀର ଅବଗୁଣ୍ଠନରୁ
ମନ ଯାଏ ସୀମା ଡେଇଁ
ମୁକୁଳା ଏ କୁଞ୍ଜ ବନ
ପ୍ରୀତି ଆକାଶରେ
ଚନ୍ଦ୍ରମା ତୋଳିଗୋ
ଆସ ମୋର ନୀଳ ଜହ୍ନ
ତୁ, ମୋର ମିଠା ସପନ ।।

ସ୍ୱପ୍ନଭିଜା ରାତି ଦେହେଭରା ତାତି
ପ୍ରୀତିର ଅମୃତ ରସେ

ISSN NO.
2582-208X

ଭାବ ମାଦକରେ ଚହଲାଏ ମନ
ପୂର୍ଣ୍ଣିମାର ଝରା ହସେ
ମିଳନ ମଗ୍ନା ଏ ମନ
ପ୍ରୀତିପ୍ରତୀକ୍ଷାରେ
ରାତିମୋ ନସରେ
ଏ ନୟନ ତନ୍ଦ୍ରା ହୀନ
ତୁ, ମୋର ମିଠା ସପନ ।।

କାହା ଆଗମନେ ମନ ଉପବନେ
ଛୁଟେ ମଲ୍ଲୀକାର ବାସ
ବୟସ ବାସରେ ତୃଷିତ ତନୁରେ
ଭରେ ପ୍ରୀତି ଅଭିଳାଷ
ମତୁଆଲା ଯଉବନ
ସପନେ ସପନେ ପ୍ରୀତିମଧୁ ପାନେ
ଚୋରାଇ ନିଅ ମୋ ମନ
ତୁ ମୋର ମିଠା ସପନ ।।

ଫୁଲ ଫଗୁଣର ପ୍ରଣୟ କୁଞ୍ଜରେ
ଝରା ବଉଳର ବାସେ
ଚୋରା ବସନ୍ତର ଚଇତି ଚୁମାରେ
କନକ ଚଂପାର ରାସେ
ଭାବ ସ୍ପନ୍ଦିତ ଏ ମନ
କବିରହରେ ଗୀତି ଗାଉଛି ମୁଁ ନିତି
ଘେନ ପ୍ରୀତି ନିବେଦନ
ତୁ, ମୋର ମିଠା ସପନ ।।

କେଶବ ଦୁରାପାଳ କେନ୍ଦୁଝର
ଦୂରଭାଷ -୯୧୭୮୫୬୮୨୪୬

ISSN NO.
2582-208X

# ମୃତ୍ୟୁ



ଭାରତୀ ମୁଦୁଲି

ମୃତ୍ୟୁର ପାଖ ମାଡ଼ି ଫେରି ଆସେ
ପୁଣି ମୋହମାୟା ଜୀବନରେ
ଶାନ୍ତି ଖୋଜି ଖୋଜି
ଭୟ ଲାଗୁ ତ ଥିଲା ମୃତ୍ୟୁକୁ
କିନ୍ତୁ ଅବଶୋଷ ବି ଥିଲା
ଆଉ ଟିକେ ଜିଇଁବି
ମଣିଷ ଜନ୍ମ ଚାହେଁ
ହେଲେ ମୃତ୍ୟୁ ନୁହେଁ
ଦୁଃଖ ଚାହେଁନି
ହେଲେ ସୁଖ ବି ମିଳେନି
ହେଲେ ସମୟକୁ କିଏ
ଅକ୍ତିଆର କରିପାରିନାହିଁ ଆଜିଯାଏଁ
ଅଚାନକ ସେ ଧରାରେ ଅବତରଣ କରେ
ପୁଣି କେଉଁ ଆଡେ ନିଃଶ୍ୱାସ ତ୍ୟାଗ କରି
ହଜିଯାଏ ବିଚ୍ଛେଦ ହୋଇ
ସେ ଭୁଲେନି ସୁଖ କ୍ଷଣିକ
ଦୁଃଖ ଚିରନ୍ତନ ମଣ୍ଡିତକାର....

ଗବେଷିକା
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ

ISSN NO.
2582-208X

# ଆମ ଅସ୍ମିତା



ଶମ୍ଭୁନାଥ ଦାସ

ଆହାଃ କି ସୁନ୍ଦରୀ ଉତ୍କଳ ଜନନୀ
ଧରଣୀ ବକ୍ଷେ ଭୂଖଣ୍ଡ,
ମାଟି ଚନ୍ଦନରେ ସୃଜିଛି ଅସ୍ମିତା
ପ୍ରକୃତି ଦାନେ ସୁନନ୍ଦ !

ଯାହା ପାଇଁ ଆମ ଗର୍ବ-ଗୌରବ ଓ
ଦମ୍ଭ ସାହସର ଉତ୍ସ,
ତାହା ହିଁ ଆମ୍ଭର ଆତ୍ମମର୍ଯ୍ୟାଦା ଯେ'
ଅସ୍ମିତା'ର ପଦବାଚ୍ୟ ।

ଉତ୍କଳ ଭୂଖଣ୍ଡ ସୁରମ୍ୟ ସୌନ୍ଦର୍ଯ୍ୟ
କଳିଙ୍ଗ ସାଗରେ ଧୌତ,
ଦେବ ମାନବ ଓ ପ୍ରକୃତି ସୃଜନେ
ଅସ୍ମିତା ପ୍ରତିବିମ୍ବିତ ।

ଅସ୍ମିତା'ର ଅର୍ଥ ଅସ୍ତିତ୍ୱ ସମ୍ପଦ
ମାଟିର ସଂସ୍କୃତି ସୃଷ୍ଟ,
ଭାଷା ଓ ସାହିତ୍ୟ ପରମ୍ପରାଗତ
ଅନ୍ୟତ୍ର ନ ପରିଦୃଷ୍ଟ ।

ପ୍ରକାର ଭେଦରେ ଅସ୍ମିତା ତ୍ରିଧାର
ଭୂଖଣ୍ଡର ପରିଚୟ,
ଅର୍ଦ୍ଧ କି ଆଂଶିକ ଅସ୍ମିତା ଦୃଶ୍ୟାନ୍ତେ
ସଂପୂର୍ଣ୍ଣେ ଗରିମାମୟ ।

ଯେ' ସଂସ୍କୃତି ଦୃଶ୍ୟ ଭିନ୍ନ ରାଇଜରେ
ଥିଲେ ଥାଉ ଓଡ଼ିଶାର,
ଆଂଶିକ ଅସ୍ମିତା ଭାବରେ ଗଣନ
ଯାହା ସଂକ୍ରାନ୍ତି ମକର ।

ଦୁର୍ଗାପୂଜା ଆମ ଜାତୀୟ ଅସ୍ମିତା
ତଅପୋଇ ଉତ୍କଳର,
ସାଧବ ବୋଇତ ବନ୍ଦାଣ ଉତ୍ସବ
ଉତ୍କଳୀୟ ସଂସ୍କୃତିର ।

ଓଡ଼ିଆ ମାଟିରୁ ଓଡ଼ିଆ ଜାତିରୁ
ଯେଉଁ ସଂସ୍କୃତି ଉତ୍ପନ୍ନ,
ତାହା ହିଁ ସଂପୂର୍ଣ୍ଣ ଉତ୍କଳ ଅସ୍ମିତା
ରଜ-ପରବ ପ୍ରମାଣ ।

ISSN NO.
2582-208X

ନୂଆଁଖାଇ ପର୍ବ ଉତ୍କଳେ ସୃଜନ
ଦେବୀଙ୍କୁ ଅର୍ଘ୍ୟ ସୁମନଃ,
ପ୍ରଥମାଷ୍ଟମୀ'ରେ ଜ୍ୟେଷ୍ଠପୁତ୍ର-କନ୍ୟା
ନବ-ବସ୍ତ୍ର ପରିଧାନ ।

ଧୋତି-କୁର୍ତ୍ତା ଆମ ଜାତୀୟ ପୋଷାକ
ଉତ୍କଳାସ୍ମିତା ବିନ୍ୟାସ,
ବିଦେଶୀ ସଂସ୍କୃତି ପୋଷାକେ ବିନଷ୍ଟ
ହେଲେ ହେଁ କର୍ପୂର ବାସ ।

ରସଗୋଲା ରସା- ବଳି ଛେନାପୋଡ଼
ଅଥବା ପଖାଳ ଭାତ,
ମଣ୍ଡା ଚକୁଳି କି ଏଣ୍ଡୁରି କାକରା
ଦୃତୀୟା ତର୍କାରି ଘାଣ୍ଟ ।

ଓଡ଼ିଆ ଭାଷା ଓ ସାହିତ୍ୟ ସଂସ୍କୃତି
କଳା-ଭାସ୍କର୍ଯ୍ୟ ଅନନ୍ୟ,
ଅସ୍ମିତା ଝଲକ ଉତ୍କୃଷ୍ଟ ମହାନ
ବିଶ୍ୱରେ ଜାଜ୍ୱଲ୍ୟମାନ ।

ସାହିତ୍ୟ ଅସ୍ମିତା ଭଞ୍ଜ କାବ୍ୟ-କୃତି
ସାରଳା ମହାଭାରତ,
ଜଗନ୍ନାଥ ଦାସ ଭାଗବତ ବାଣୀ
ସଂସାରେ ସାହିତ୍ୟାମୃତ ।

ମନ୍ଦିରମାଳିନୀ ସର୍ବଜନୀନ ଯେ'
ଅସ୍ମିତା ଶ୍ରୀ ଜଗନ୍ନାଥ,
କୋଣାର୍କର କଳା- ଭାସ୍କର୍ଯ୍ୟ ଗୌରବ
ଅସ୍ମିତା ଓଡ଼ିଶୀନୃତ୍ୟ ।

ଜୀବନଧର୍ମୀୟ ବାର୍ତ୍ତା ପ୍ରଦାୟକ
ରଥଯାତ୍ରା'ର ସୌରଭ,
ଲକ୍ଷ୍ମୀପୁରାଣରେ ସମାଜ-ସଂସ୍କାର
ଉତ୍କଳାସ୍ମିତା ବିଭବ ।

ଉତ୍କଳୀୟ ପୂର୍ବ - ସୂରୀମାନଙ୍କର
ମାଟି-ଜାତିପ୍ରେମ କର୍ମ,
ଉତ୍କଳ ଅସ୍ମିତା କୀର୍ତ୍ତି-ଭିତ୍ତିଭୂମି
ପରିଭାଷିତ ସୁରମ ।

ଭୂଖଣ୍ଡ ସୁଦୂରେ ସୁରକ୍ଷା କବଚ
ଅସ୍ମିତା ହିଁ ବରାଭୟ,
ମାଟି-ଜାତି ସାଥୀ ନ ଥିଲେ କେଉଁଠି
ଅସ୍ମି ଜନ ପରିଚୟ ।

ଉଚ୍ଚ-ମଥା ସିନା ସ୍ୱାଭିମାନ ପ୍ରଥା
ଅସ୍ମିତା ମାଟି ସୁଗନ୍ଧ,
ଦୁର୍ବଳ ମାନସେ ମଥା ନଇଁପାରେ
ମାଟି ସଦା ମକରନ୍ଦ ।

ISSN NO.
2582-208X

ପିତା-ମାତା ନାମ    ଠିକଣା ବିହୀନ
  ସନ୍ତାନ ଯେମନ୍ତ ତୁଚ୍ଛ,
ଅସ୍ମିତା ବିହୁନେ    ଜାତିସତ୍ତା ଶୂନ୍ୟ
  ମୂଳ ବିହୁନେ କି ଗଛ  ?

ବୃକ୍ଷରେ ସୁନ୍ଦର    ଡାଳ ପତ୍ର ଫୁଲ
  ଫଇମା ଫଳ ସ୍ୱାଦିଷ୍ଟ,
ମାଟିର ଜାତିର    ସଂସ୍କୃତି ବୈଭବ
  ଅସ୍ମିତା ଯେ' ପରିପୁଷ୍ଟ ।

ବିଭିନ୍ନ ରାଜ୍ୟରେ    ସ୍ୱକୀୟ ଅସ୍ମିତା
  ନିଷ୍ପ୍ରଭ ତାରକାସମ,
ଆମ ଅସ୍ମିତା ଯେ'    ସପ୍ତର୍ଷିମଣ୍ଡଳ
  ସର୍ବାଗ୍ରେ ଉଜ୍ଜ୍ୱଳତମ ।

ଅସ୍ମିତା ସୌରଭ    କସ୍ତୁରୀ ମହକ
  ସ୍ୱତନ୍ତ୍ର ଉତ୍କଳ ପର୍ବ,
ହୋମ-ଯଜ୍ଞାଦିର    ସୁଗନ୍ଧେ ସ୍ପନ୍ଦନ
  ଉତଫୁଲ୍ଲିତ ହୁଏ ଗର୍ବ ।

ଉତ୍କଳ ଅସ୍ମିତା    ଶୀତଳ ଜୋଛନା
  ସଂହତିର ଶିହରଣ,
ସତ୍ୟ ଶାନ୍ତି ଦୟା    କ୍ଷମା ଅହିଂସା ଓ
  ଭାଇଚାରାର ସ୍ଫୁରଣ ।

ଅସ୍ମିତା ଐଶ୍ୱର୍ଯ୍ୟ    ମାଟିର ଜାତିର
  ନୁହେଁ ଏହା ବ୍ୟକ୍ତିଗତ,
ସ୍ଥୂଳ ବସ୍ତୁ ନୁହେଁ    ସୂକ୍ଷ୍ମାନୁଭବରେ
  ଉଲ୍ଲାସମୟ ଅସ୍ତିତ୍ୱ ।

ଅସ୍ମିତା'ର ଭାବ    ନିଜସ୍ୱ ମୌଳିକ
  ମାଟି-ଜାତିର ପୀୟୂଷ,
ଗର୍ବ ଗଉରବ    ସ୍ୱାଭିମାନ ଉର୍ଜଃ
  ଭାଳେ ଶମ୍ଭୁନାଥ ଦାସ ।

xxxx

ମୁଖ୍ୟ ସମ୍ପାଦକ : ଅଭିଯାନ
ସମ୍ଭ୍ରାନ୍ତ ଓଡ଼ିଆ ସାହିତ୍ୟ ପତ୍ରିକା, କୋଲକାତା
ସା/ କଣ୍ଟିବାଙ୍କ (ପାଲଟପୁର), ମଙ୍ଗଳପୁର,
ଯାଜପୁର-୭୫୫୦୧୧
ମୋବାଇଲ ନଂ: ୯୦୩୮୩୯୭୧୩୫

ISSN NO.
2582-208X

# ବିପ୍ଲବ ଓ ପ୍ରେମର ଯୁଗଳବନ୍ଦୀ ପାଣ୍ଡୁଲିପି ଓ କବି ସଚ୍ଚିଦାନନ୍ଦ ରାଉତରାୟ



ଚୂଡାମଣି ଦିଶ୍ରୀ

ପ୍ରଗତିବାଦୀ କାବ୍ୟଚେତନା ସମସାମୟିକ ପୃଥିବୀ ମହାଯୁଦ୍ଧର ପରିବେଶରେ ଏକ ସାମ୍ୟବାଦୀ ସାମାଜିକ ଆଭିମୁଖ୍ୟକୁ ଊର୍ଦ୍ଧାୟିତ କରିବାରେ ଯେତିକି ଚିନ୍ତାଶୀଳ ହୋଇଛି, ପୃଥିବୀ ମହାଯୁଦ୍ଧରେ କୃଷି ସଭ୍ୟତା କ୍ଷୟକାରୀ ପ୍ରଳୟଙ୍କର ପରିଣତିରେ ମଧ୍ୟ ସେତିକି ବ୍ୟଥିତ ଓ ଆହତ ହୋଇପଡିଛି । ତେଣୁ ଏହି ବୈପ୍ଲବିକ କାବ୍ୟମାନସ ପୃଥିବୀ ମହାଯୁଦ୍ଧକାଳୀନ ଫାସିଷ୍ଟ ଶକ୍ତିମାନଙ୍କ ବିରୁଦ୍ଧରେ ତାର ଆତ୍ମିକ ସନନ୍ଦର ବଜ୍ରତାନ ଉତ୍ତୋଳନ କରିଛି । ଏହାରି ପ୍ରଭାବରେ ସାରା ବିଶ୍ୱବାସୀଙ୍କ ଅନ୍ତରରେ ଗଭୀର ବେଦନବୋଧ ଓ ନୈରାଶ୍ୟ ଖେଳାଇ ଦେଇଥିଲା । ଚିନ୍ତାଶୀଳ ବହୁ ପାଶ୍ଚାତ୍ୟ ଦାର୍ଶନିକ ଓ କବିଙ୍କ ଲେଖନୀରେ ଏହି ବିଶ୍ୱଯୁଦ୍ଧର ବିଭୀଷିକା ଓ ରକ୍ତପାତର ଚିତ୍ର ରୂପପାଇଲା । ପ୍ରଖ୍ୟାତ କବି ଟି. ଏସ. ଇଲିଅଟ ନିଜର ପ୍ରଖ୍ୟାତ କାବ୍ୟ The Westland ରେ ନିଜର ପ୍ରତିକ୍ରିୟା ପ୍ରକାଶ କରି ଲେଖିଲେ “London bridge is falling down falling down” ଅର୍ଥାତ ସଭ୍ୟତାର ଚରମ ନିଦର୍ଶନ ଲଣ୍ଡନ ସେତୁ ଭୂତଳଶାୟୀ ହେଉଛି । ଏହା ଯୁଦ୍ଧଖୋର ସମ୍ରାଜ୍ୟବାଦୀମାନଙ୍କ ପ୍ରତି ଥିଲା ବ୍ୟଙ୍ଗ ଓ ବିଦ୍ରୁପର ଏକ ଶାଣିତବାଣ । ଭାବ ନିର୍ଯ୍ୟାସ ଦୃଷ୍ଟିରୁ ଯେ କୌଣସି ଯୁଗର ରାଜକୀୟ ସାହିତ୍ୟ ବିରୁଦ୍ଧରେ ଜାତୀୟତା ସାହିତ୍ୟ ଯଥାର୍ଥରେ ପ୍ରଗତିବାଦୀର ସ୍ୱରବହନ କରିବ । ଏହି ଦୃଷ୍ଟିକୋଣରୁ ସାହିତ୍ୟ କ୍ଷେତ୍ରରେ ପୁରୁଣା ଓ ନୂଆ ଭାବଧାରା ମଧ୍ୟରେ ସଂଘର୍ଷ ଏକ ଚିରନ୍ତନ ବ୍ୟାପାର । ୧୯୩୫-୩୬ ମସିହାରେ ବେଳକୁ ଓଡ଼ିଆ କାବ୍ୟକବିତା କ୍ଷେତ୍ରରେ ଯେଉଁ ପ୍ରଗତିବାଦୀ କାବ୍ୟଚେତନା ଆସିଛି ତାହାର ମୁଖ୍ୟ ଲକ୍ଷ୍ୟ ହେଉଛି ସମାଜର ଶୋଷିତ ଓ ଦରିଦ୍ର ଶ୍ରେଣୀର

ISSN NO.
2582-208X

ଜନସାଧାରଣଙ୍କୁ ଜାଗ୍ରତ କରିବା I ତେଣୁ ସେମାନଙ୍କ ସୃଷ୍ଟ ପ୍ରଗତିଶୀଳ ସାହିତ୍ୟର ମୁଖ୍ୟ ସ୍ୱର ଥିଲା ଗଣଚେତନା, ଅନ୍ୟ ଭାଷାରେ ଏହା ବାସ୍ତବରେ ଥିଲା ଗଣସାହିତ୍ୟ I

ଆଧୁନିକ ଓଡ଼ିଆ ସାହିତ୍ୟର ଏକ ପ୍ରତିଭାବାନ ତଥା କ୍ରାନ୍ତିକାରୀ ସ୍ରଷ୍ଟା ହେଉଛନ୍ତି ପଦ୍ମଶ୍ରୀ ସଚ୍ଚିଦାନନ୍ଦ ରାଉତରାୟ I ସେ ଥିଲେ ଏକାଧାରରେ ଜଣେ କବି, ଗାଳ୍ପିକ, ଉପନ୍ୟାସିକ, ପ୍ରାବନ୍ଧିକ ତଥା ସୁସମାଲୋଚକ I ଓଡ଼ିଶାର ସାମ୍ୟବାଦୀ ଆନ୍ଦୋଳନର ମୁଖ୍ୟ ପୁରୋଧା I କବି ହେଉଛନ୍ତି ଆଧୁନିକ ଓଡ଼ିଆ ପ୍ରଗତିବାଦୀ କାବ୍ୟ ଧାରାର ଆଦ୍ୟପ୍ରବର୍ତ୍ତକ I ତାଙ୍କ କବିତାରେ ବିପ୍ଳବାତ୍ମକ ପ୍ରଗତିବାଦୀ ଚିନ୍ତାଧାରାର ସ୍ୱଷ୍ଟ ପ୍ରତିଫଳନ ଲକ୍ଷ୍ୟ କରାଯାଇଥାଏ I କବି ରାଉତରାୟଙ୍କ କବିତାରେ ନୂତନ ଛନ୍ଦର ପ୍ରୟୋଗ ଓ ପରୀକ୍ଷା ନୂତନ ଉପମା ଓ ଚିତ୍ରକଳ୍ପ, ସୃଷ୍ଟି ଦୃଷ୍ଟିକୋଣରେ ସ୍ୱକୀୟତା ଅନ୍ତର୍ଜାତୀକ ସାହିତ୍ୟ ର ଭାବ ଓ ଶିଳ୍ପବିଧିର ଆହରଣ ଯୋଗୁଁ ଓଡ଼ିଆ ସାହିତ୍ୟର ଏକ ସ୍ୱତନ୍ତ୍ର ବ୍ୟକ୍ତିତ୍ୱ ତାଙ୍କର ଅଜସ୍ରାବୀ ଲେଖନୀ ଚାଳନା ଯୋଗୁଁ ଓଡ଼ିଆ ସାହିତ୍ୟରେ ଜଣେ ଶ୍ରେଷ୍ଠ କବି ତଥା ଏକ ସଫଳ ସ୍ରଷ୍ଟାର ସମ୍ମାନ ଦେଇଛି I

କବି ସଚ୍ଚିଦାନନ୍ଦ ରାଉତରାୟଙ୍କ ରଚିତ କବିତା ସଂକଳନଗୁଡିକ ହେଉଛି:- ପାଥେୟ, ପୂର୍ଣ୍ଣିମା, ବାଜିରାଉତ, ଅଭିଯାନ, ପାଣ୍ଡୁଲିପି, ହସନ୍ତ, ସ୍ୱଗତ, ଏସିଆର ସ୍ୱପ୍ନ, କବିତା -୧୯୬୨, କବିତା -୧୯୬୯,, କବିତା -୧୯୭୧,କବିତା -୧୯୭୪ କବିତା -୧୯୮୩, କବିତା -୧୯୮୭, କବିତା -୧୯୯୦ ଆଦି I ତାଙ୍କ କବିତାର ମୁଖ୍ୟ ସ୍ୱର ହେଉଛି ଭାବର ସଂହତି, ଐତିହାସିକ ପୃଷ୍ଠଭୂମି ପ୍ରଚଳିତ ବ୍ୟବସ୍ଥା ବିରୋଧରେ ସ୍ୱର ଉତ୍ତୋଳନ I ଶୋଣିତ ଓ ସର୍ବହରା ମଣିଷ ପ୍ରତି ସମବେଦନା ପ୍ରଦର୍ଶନ ତାଙ୍କ ଗଳ୍ପ ସଂକଳନ ମଧ୍ୟରେ ମଶାଣିର ଫୁଲ, ମାଟିର ତାଜ, ଛାଇ, ମାଙ୍କଡ଼ ଓ ଅନ୍ୟାନ୍ୟ ଗଳ୍ପ I ପ୍ରଗତିବାଦୀ ଚିନ୍ତାଧାରର ସମ୍ମିଶ୍ରଣରେ ଚିତ୍ରଗ୍ରୀବ ନାମକ ଏକ ବହୁ ଚର୍ଚ୍ଚିତ ଉପନ୍ୟାସ ମଧ୍ୟ ରଚନା କରିଛନ୍ତି I ଆହୁରି ସେ ଜଣେ ସଫଳ ପ୍ରବନ୍ଧିକ ତଥା ସୁସମାଲୋଚକ ଥିଲେ I ତାଙ୍କ ଲେଖନୀରୁ ଅନେକ ପ୍ରବନ୍ଧ ଓ ସମାଲୋଚନାଧର୍ମୀ ପୁସ୍ତକ ସୃଷ୍ଟି ହୋଇଛି I ତାଙ୍କ ଦ୍ୱାରା ଲିଖିତ ଉତ୍ତର କକ୍ଷ ନାମରେ ଏକ ଆତ୍ମଜୀବନୀ ମଧ୍ୟ ରହିଛି I ଶ୍ରୀ ରାଉତରାୟ ତାଙ୍କର ସାହିତ୍ୟ ସର୍ଜନା ପାଇଁ ବହୁ ପୁରସ୍କାର ଓ ସମ୍ମାନର ଅଧିକାରୀ ମଧ୍ୟ ହୋଇଛନ୍ତି I କବିତା ୧୯୬୨ ପାଇଁ ୧୯୬୩ କେନ୍ଦ୍ର ସାହିତ୍ୟ ଏକାଡେମୀ, ୧୯୬୨ ମସିହାରେ ଭାରତ ସରକାରଙ୍କ ଦ୍ୱାରା

ISSN NO.
2582-208X

ପଦ୍ମଶ୍ରୀ ସମ୍ମାନ, ୧୯୭୭ ମସିହାରେ ଆନ୍ଧ୍ର ବିଶ୍ୱଦ୍ୟାଳୟ ଓ ୧୯୭୮ ମସିହାରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ରୁ ସମ୍ମାନସୂଚକ ଡ଼ି. ଲିଟ., ୧୯୮୬ ମସିହାରେ ଭାରତର ସର୍ବୋଚ୍ଚ ସାହିତ୍ୟ ପୁରସ୍କାର ସାମଗ୍ରିକ କୃତି ପାଇଁ ଜ୍ଞାନପୀଠ ପୁରସ୍କାର, ୧୯୬୪ ମସିହାରେ ସୋଭିଏତ ଲ୍ୟାଣ୍ଡ ପୁରସ୍କାର, ୧୯୯୬ ରେ ସାହିତ୍ୟ ଭାରତୀ ସମ୍ମାନ ର ଅଧିକାରୀ ହୋଇଥିଲେ ।

ପାଣ୍ଡୁଲିପି କବିତାଗ୍ରନ୍ଥ ୧୯୩୪ ମସିହାରୁ ୧୯୪୭ ସମୟଖଣ୍ଡ ମଧ୍ୟରେ ରଚିତ ହୋଇଛି । ଏହି ସଂକଳନଟି ଦୁଇ ଭାଗରେ ବିଭକ୍ତ ହୋଇଛି ଯଥା ଧୂସର ଓ ଲୋହିତ ଏଥିରେ ସର୍ବମୋଟ ୭୧ ଟି କବିତା ସନ୍ନିହିତ ହୋଇଛି ଏହି କବିତା ଗୁଡିକ କେବଳ ଓଡ଼ିଆ ଭାଷାରେ କେବେଳ ସୀମିତ ହୋଇଛି ତାହା ନୁହଁ ଏ କବିତା ଗୁଡିକ ବଙ୍ଗଳା ତଥା ଅନ୍ୟାନ୍ୟ ଭାଷାରେ ମଧ୍ୟ ଅନୁଦିତ ହୋଇଛି । ଏ କବିତାଗୁଡିକର ରୀତି ହେଉଛି ମୌଖିକ ଓ ବାକରୀତି ତଥା କାବ୍ୟିକ ଛନ୍ଦର ର ମିଳନ ଘଟିଛି । କବି ରାଉତରାୟ ତାଙ୍କର କାବ୍ୟଶୈଳୀ ସମ୍ପର୍କରେ ନିଜର ଆତ୍ମଜୀବନୀ ଉତ୍ତର କକ୍ଷ କହିଛନ୍ତି –"ଭଲ କବିତା ଲେଖିବା ଆମର ଉଦ୍ଦେଶ୍ୟ, ଭଲ ମେଳ ଦେବା ଓ ପଦ ପକାଇବା ନୁହେଁ ।" କବି ସଚ୍ଚିରାଉତରାୟ ଜଣେ ମାର୍କ୍ସବାଦୀ କବିଭାବରେ କେବଳ ଓଡ଼ିଆ ସାହିତ୍ୟରେ ନୁହେଁ ବରଂ ସେ ବଙ୍ଗଳା ସାହିତ୍ୟରେ ମଧ୍ୟ ପରିଚିତ ଥିଲେ । ବିଶ୍ୱ ସାହିତ୍ୟ ସହିତ ସେ ଯେତିକି ପରିଚିତ ଥିଲେ ବିଶ୍ୱ କବିମାନଙ୍କ ସହିତ ମଧ୍ୟ ସେତିକି ପରିଚିତ ଥିଲେ । ତେଣୁ ତାଙ୍କ କବିତାଗୁଡିକ ଆନ୍ତର୍ଜାତିକ ସ୍ତରର ହୋଇପାରିଛି ।

ମାର୍କ୍ସବାଦୀଚେତନାର ଏକ କବିତା ହେଉଛି "ଝଡ଼" । ଝଡ଼, ବିପ୍ଳବ, ବିଦ୍ରୋହ ଆଦି ହେଉଛି ମାର୍କ୍ସବାଦ ର ଗୋଟିଏ ଗୋଟିଏ ଭାଷା । ବିଶ୍ୱରେ ଦେଖାଯାଉଥିବା ମାର୍କ୍ସଚେତନାକୁ କେବଳ ସମର୍ଥନ କରିବାକୁ କହିନାହାନ୍ତି ଆହୁରି ରେ ସମ୍ମାନ ଜଣାଇବାକୁ କହିଛନ୍ତି । ତାଙ୍କ କବିତାର ଭାଷା ମଧ୍ୟ ସେତିକି ଆହ୍ୱାନଧର୍ମୀ ହୋଇଛି । ଯେପରି –

"ଏଇ ଯେ ଆସୁଛି ଝଡ଼
କର ସଖି ତା'ର ନମସ୍କାର
ତା' ପାଦେ ପ୍ରଣତି ବାଢେ

ISSN NO.
2582-208X

ଗିରି, ବନ, ନଦୀ, ପାରାବାର ।
ନିଖିଳର ଲୋମ କୂପେ
ରୋମାଞ୍ଚ ନ ଜଗାଇ ପୁଲକେ
ଆଜି ତା'ର ଅଭିଷେକ
ମନେ, ପ୍ରାଣେ, ତିମିର, ଆଲୋକେ ।"

ଅର୍ଥାତ ବିପ୍ଳବ ଆସୁଛି ତାହା ଅନିର୍ବାଯ୍ୟ ମନର ବାତାୟନକୁ ମୁକ୍ତକରି ତାକୁ ଆହ୍ୱାନ କରିବା ଉଚିତ । ତାହା ଶୋଷଣର ଶିକୁଳିକୁ ଭାଙ୍ଗି ସମାଜବାଦ ଗଢିବାର ଅକ୍ଷୟ ଭୂମିକା ଗ୍ରହଣ କରିବ । ଏ ପ୍ରଭଞ୍ଜନ କୁ ବାରିନିଅ । ଯେ କି ମନରୁ ସମସ୍ତ ଭୟ ଦୂର କରିବ । ଏ ପରାଜୟକୁ ଲଘି ଚରମ ବାର୍ତ୍ତା ନେଇ ଆସିଛି । ପ୍ରଭଞ୍ଜନ ସାଧାରଣ ବାୟୁ ନୁହେଁ । ଝଡ଼ର ଅନ୍ୟନାମ ପ୍ରଭଞ୍ଜନ । କବିଙ୍କ ଭାଷାରେ –

"ଏଇ କ୍ଷିପ୍ର ପ୍ରଭଞ୍ଜନ
ଦେବ ମୋତେ ତୁମକୁ ଚିହ୍ନଇ
ତେଣୁ ତା'ରେ ନିଅ ବରି
ଭୟ ମନୁଦିଅ ଗୋ ହଜାଇ ।
ମୋହରି ଚରମ ବାର୍ତ୍ତା
ଆଣିଛି ସେ ଲଘି ପରାଜୟ
ଝଡ଼ ତୁମକୁ ଦେବ
ଉପହାର ମୋର ପରିଚୟ ।"

ଏହାର ଗତି ହେଉଛି ରୁଦ୍ର ଏହାର ରହିଛି ଚରମ ପିପାସା ଜୀବନର କୋଟି କୋଟି ଆଶା ଏଥିରେ ପୂରଣ ହେବାକୁ ଯାଉଛି । ଯାହା କୁହାଯାଇପାରି ନାହିଁ ଯେଉଁ ପରାଗ କ୍ରନ୍ଦନ ଚିର ନିରବି ହୋଇରହିଥିଲା । କେବେ କେବେ ପଦେ ପଦେ ବାଧାର ବନ୍ଧନ ସାମ୍ନା କରୁଥିଲା । ତାହା ଆଜି ଦୂର ହେବ ,ନିରାଶା ମଉଳି ଯିବ ଶତାବ୍ଦୀର କୋଟି କୋଟି ମୃତ ଭାଷାରେ ଆଜି ପ୍ରାଣ ସଞ୍ଚାରିତ ହେବ । କବିଙ୍କ ଭାଷାରେ –

ISSN NO.
2582-208X

"ଜୀବନର କୋଟି ଆଶା
ପରାଣର ନିରବ କ୍ରନ୍ଦନ
ଯାହା ମୋ ହୋଇନି କୁହା
ପଦେ ବହି ବାଧାରେ ବନ୍ଧନ ।
ତାହାରେ ପ୍ରକାଶ ଆଜି
ଝଡ଼ କଣ୍ଠେ, ମଉଳେ ନିରାଶା
କହେ ପ୍ରାଣ ମୂଳେ
ଶତାବ୍ଦୀର କୋଟି ମାତୃଭାଷା ।"

କବି ସଚ୍ଚିରାଉତରାୟଙ୍କ ଅନ୍ୟ ଏକ କବିତା "କୋଣାର୍କ" କବିତାରେ ତାଙ୍କର ସ୍ୱରକୁ ଆହୁରି ତୀବ୍ର କରିଛନ୍ତି । ସାହସର ସହିତ ଓଡିଶା ତଥା ଭାରତର କୋଣାର୍କକୁ ଭିନ୍ନ ଦୃଷ୍ଟିରେ ଦେଖିଛନ୍ତି । ସେ ଶିଳାର ରମ୍ୟକଳାର ରୂପକୁ କଳାର କାଉଁରୀ ସ୍ୱର୍ଗକୁ ସ୍ୱର୍ଣ୍ଣ ଉଷାର ଛବିକୁ ସ୍ୱୀକାର କରିଛନ୍ତି :-

"ତୁମେ ଦେଖିଅଛ ଶିଳାରେ ତା'ର ତ
ରମ୍ୟକଳାର ରୂପ
ମୁଁ ଦେଖିଛି ତହିଁ କୋଟି କଙ୍କାଳ
ଭଗ୍ନ ବୁକୁର ସ୍ତୁପ
ତୁମେ ଦେଖିଅଛ ଫୁଟିଛି କିପରି
କଳାର କାଉଁରୀ ରୂପ
ରାତ୍ରିର କଳା ଯବନିକା ପରେ
ସ୍ୱର୍ଣ୍ଣ ଉଷାର ଛବି ।"

କବି ଏଠାରେ କୋଣାର୍କ ଚାରୁକଳାର ରସର ଝରଣା ଦେଖିନାହାନ୍ତି । ସେ ଅତ୍ୟନ୍ତ ବେରସିକ ମନ ନେଇ ସିଂହଦ୍ୱାରରୁ ଫେରିଆସିଛନ୍ତି । ସେତେବେଳେ ତାଙ୍କର ନୟନ ଥିଲା ମୁଲିଆର ନୟନ । ସେ ଦେଖିଛନ୍ତି ସେ ଶିଳାରେ କେତେ ମୁଲିଆ କବର ହୋଇଯାଇଛନ୍ତି । ତା ଭିତରେ ସମାଧି ରହିଛି । ମଜଦୁରମାନେ ଗଦର୍ଭ ପରି ଶିଳାରେ ଭାର ବହନ କରୁଛନ୍ତି ।

ISSN NO.
2582-208X

ମେରୁଦଣ୍ଡ ବଙ୍କା ହୋଇଯାଇଛି I ରାଜା ର ହୁକୁମରେ ମୁଗୁନି ପଥରରେ ରକ୍ତକୁ ପାଣି କରି ବଟାଳି ହିଦୁପ ଚଢ଼ାଇଛନ୍ତି I ବଢ଼େଇ ମିସ୍ତ୍ରୀ, କମାରଙ୍କ ଲୁହ ସାଗରର ଜଳରେ ମିଶି ଲବଣାକ୍ତ ହୋଇଯାଇଛି I ତାହା କେବଳ ରାଜାର ଜୟଗାନ କରିଛି I ରସିକମାନେ କୋଣାର୍କ କୁ ଯାଇ ସେଠାରେ ସୁନ୍ଦରୀ ନଟିମାନଙ୍କର ଲୀଳାୟିତ ନିବିବନ୍ଧ, ଶ୍ଲଥ, କଂଚୁଳି ତଳର ତଳର ପଦ୍ମକୋରକ, ରତିଚ୍ୟୁତ ବନମାଳା ଯକ୍ଷବଧୂର କବରରେ ଶତ ରକ୍ତର ଜ୍ୱାଳା ଦେଖିଛନ୍ତି କିନ୍ତୁ କେହି କେବେ ସତ୍ୟର ଅନୁସନ୍ଧାନ କରିନାହାନ୍ତି I ସେଠାରେ କେଉଁଠି ଶିଳ୍ପୀ ନାମର ଲିଖିତ ଶିଳାଲେଖ ନାହିଁ ରହିଛି କେବେଳ ରାଜାର କୀର୍ତ୍ତୀ ତାକୁ ଶ୍ମଶାନ ସହିତ ତୁଳନା କରି କହିଛନ୍ତି –

"ଅମର ହୋଇବ କାଳର କବଳେ
ଯେଣୁ ଜଣକର ନାମ
ଲକ୍ଷ ବେନାମୀ ଜୀବନରେ ତେଣୁ
ଗଢ଼ା ହେଲା ଶମଶାନ ।"

କବି କହୁଛନ୍ତି କି କୋଣାର୍କ ମନ୍ଦିରର ନିର୍ମାଣ କାର୍ଯ୍ୟରେ ଯେଉଁ ଶିଳ୍ପୀଗଣ ନିୟୋଜିତ ଥିଲେ। ସେ କେତେ କଷ୍ଟ, ଯନ୍ତ୍ରଣା ସହ୍ୟ କରି ଏହା ତିଆରି କରିଛନ୍ତି I ଯାହା ବିଷୟରେ କୁହାଯିବା କଥା ତାଙ୍କର ବିଷୟରେ କିଛି ବି କୁହାଯାଇନାହିଁ ବୋଲି ଯୁକ୍ତି ବାଢିଛନ୍ତି I କବିଙ୍କ ଭାଷାରେ :-

"ଜୀବନର ଯେତେ କ୍ଷତ, ଅପମାନ
ଗାଇ ନାଇ କିଏ ଗାନେ
କିଛି ତ କହିନି ମଣିଷର କଥା
କହିବାର ଯାହା ଥିଲା ।"

ସେଠାରେ କୋଟି କୋଟି ବିଶୁ ମହାରଣା ହଟି ଯାଇଛନ୍ତି କୃଷକ କନକ ଚାଷର ଶସ୍ୟକୁ ରାଜକୋଷରେ ଭରିଦେଇଛନ୍ତି I ସେଥିରେ କେବଳ ଆଭିଜାତ୍ୟର ଚିତ୍ର ରହିଛି କିନ୍ତୁ କେଉଁଠି ହେଲେ ବି ମଣିଷର କଥା କୁହାଯାଇନାହିଁ I

ISSN NO.
2582-208X

ମାର୍କ୍ସବାଦୀ ଚିନ୍ତା ଓ ଚେତନାକୁ ନେଇ ରଚିତ ହୋଇଥିବା ଅନ୍ୟ ଏକ କବିତା ହେଉଛି "ରାକ୍ଷସ"। ଏହି କବିତାରେ ମଣିଷ ମାନବିକତା ଲୋପ ପାଇଯାଉଛି, ସମାଜ ଶୃଙ୍ଖଳ ନୀତି ନିୟମରେ । ତେଣୁ ଆଜି ସେହି ମାନବିକତା ରୁପକ ରାକ୍ଷସ ଜାଗ୍ରତ ହୋଇଛି । କବିଙ୍କ ଭାଷାରେ –

"କଳା ଯାମିନୀରେ ପାତ୍ରେ ଆଜିରେ ଝଡ଼ର ମଦ୍ୟ ପିଇ
ବହୁଦିନ ପରେ ଅନ୍ତରେ ମୋର ଦୈତ୍ୟ ଉଠିଛି ଜୀଇ
ସନ୍ଧ୍ୟାର ହ୍ରଦେ ଗୁଣୁଗୁଣୁ ନାଦେ ମେଘ ଡମ୍ବରୁ ହାଣି
ଅନ୍ତରେ ମୋର ରାକ୍ଷସ ଆଜି ଘୋଷେ ତା'ର ଜୟବାଣୀ ।"

ଆହୁରି ମଧ୍ୟ କବି କହୁଛନ୍ତି ନୀତି ନିୟମ ଓ ଧର୍ମ ବିଧାନ ମଣିଷ ସବୁ ମାନବିକତାର ସୁପ୍ତପ୍ରାୟ ହୋଇ ମଣିଷର ଶରୀର ରହିଥିଲା, ଯାହାକି ସମାଜର ହୁକୁମରେ ଶୋଇ ରହିଥିଲା ଏବଂ ଏହି ରାକ୍ଷସ ରୂପୀ ମାନବିକତା ଜାଗ୍ରତ ହୋଇଛି ବୋଲି କବି କହିଛନ୍ତି ସେ ଆଉ ସମାଜର ନୀତି ଓ ନିୟମକୁ ମାନିବନାହିଁ ।

ମଣିଷ ପାଖରେ ଯେଉଁ ଶକ୍ତି, ସାମର୍ଥ୍ୟ ରହିଛି ତାହା ଆଜି ମଣିଷ ଦ୍ୱାରା ତିଆରି ନିୟମରେ ତାହା ପଙ୍ଗୁ ହୋଇଯାଇଛି । ମଣିଷ ହିଁ ମଣିଷର ଶତ୍ରୁ ହୋଇଛି । ଏହା ମଣିଷର ବଳିଷ୍ଠ ମନର ସ୍ୱାସ୍ଥ୍ୟକୁ ନକାରାତ୍ମକ କରିଦେଉଛି ଯଥା :-

"ହରାଇ ବସିଛି ମଣିଷ ତା'ର ସେ ସହଜ ବନ୍ୟ ଗତି
ବାମନ ହୋଇଛି ବିରାଟ ମନ ତା' ଶାସନର କରାମତି
ମଣିଷର ଗଢ଼ା ନିୟମ ବେଦିରେ ମଣିଷ ପଡିଛି ବଳି ।"

ମଣିଷ ଏଠାରେ ମଣିଷର ଶତ୍ରୁ ହୋଇଛି ଏବଂ ତାର ସେହି ନୀତି ନିୟମ ଦ୍ୱାରା ସେ ସବୁ ଶକ୍ତି, ସାମର୍ଥ୍ୟ ଥାଇ ସୁଦ୍ଧା କିଛି ବି କରିପାରିନାହିଁ ଏବଂ ସେ ଧୀରେ ଧୀରେ ମରଣର ନିକଟତର ହୋଇ ବସିଛି । ଏହି କବିତାରେ ଅତିବାସ୍ତବବାଦୀ ମନସ୍ତାତ୍ତ୍ୱିକ ବେଦନାବୋଧକୁ ପ୍ରକଟିତ କରିଛି । ବାସ୍ତବ ଜଗତର ଅତ୍ୟାଚାର ଓ ପରିସ୍ଥିତିର ଅସମାନତାରେ ବିବ୍ରତ

ISSN NO.
2582-208X

ହୋଇ କବି ଏହି ଜ୍ୱଳନରୁ ରକ୍ଷା ପାଇବା ନିମନ୍ତେ ଅବଚେତନର ଅବଳରୁ ସମାଧାନର ପନ୍ଥା ଲୋଡିଛନ୍ତି ।

ସମାଜଗଢ଼ା ତଥାକଥିତ ମୂଲ୍ୟବୋଧ, ବୁର୍ଜୁଆର ଆନନ୍ଦ – ପ୍ରମତ୍ତ ଉପଭୋଗର ସାମଗ୍ରୀ ସମସ୍ତ ସୌଖିନ ସୃଷ୍ଟି ପ୍ରତି ତା' ମନରେ ଆସିଛି ଘୋର ପ୍ରତିକ୍ରିୟା ଓ ତତଜନିତ ଧ୍ୱଂସାତ୍ମକ ମନୋଭାବ କବିଙ୍କ ଭାଷାରେ :-

"ନିଜ ସତ୍ତାର ଅମୃତ ପିଇ ଅମର ପରା ଚିର
ଜୀବନ ଯୁଦ୍ଧେ ଆଜି ତା'ର ଡାକେ ଭୈରବରଣବୀର
ଆହତ, ପୀଡିତ ମାନବିକତା ମୋ ତେଣୁ ଆଜି ବର ମାଗେ
ଦୈତ୍ୟ ହବାର ଚିର ଅଧିକାର ମୁକ୍ତିର ଅନୁରାଗେ ।"

ମାନବିକତା ଆହତ ହୋଇଛି । ସମାଜ ର ମନଗଢା ଶୃଙ୍ଖଳାକୁ ତ୍ୟାଗ କରି ମଣିଷ ଯାହା ଚାହିଁଛି ତାହାକୁ ହାସଲ କରିବାକୁ ଚେଷ୍ଟା କରିଛି । କଇଁଫୁଲ କୁ ମଣିଷ ଦେଖିଲେ ହାତରେ ଦଳିଦେବାକୁ ତାର ମନ ବ୍ୟାକୁଳ ହୁଏ । ଆକାଶରେ ଉଠି ଆସୁଥିବା ରୂପେଲି ଜହ୍ନର ଦେହରେ ଛୁରୀ କା ବିଦ୍ଧ କରିବାକୁ ମନ ହୁଏ ଏବଂ ଗଛ ଡାଳରେ ରାବୁଥିବା କୋଇଲିର ତଣ୍ଟି ଚିପିବାକୁ ହାତ ବ୍ୟଗ୍ର ହୋଇଉଠେ । ସେ ରୁଗଣ ଦେବତା ଚେହେନା ବରଂ ସକଳ ପଶୁତ୍ୱ ଓ ରାକ୍ଷସତ୍ୱ ତାର ଲୋଡ଼ା ଏ ପ୍ରତିକ୍ରିୟାରେ ଯେଉଁ କାବ୍ୟ ଚେତନା ଅନବିହିତ ତାହା କବିତା କ୍ଷେତ୍ରରେ ଏକ ଚରମ ମନସ୍ତାତ୍ତ୍ୱିକ ପରୀକ୍ଷା ରୂପେ ସାବ୍ୟସ୍ତ ହୋଇଛି ।

କବି ସଚ୍ଚିରାଉତରାୟଙ୍କ ଅନ୍ୟ ଏକ ମାର୍କ୍ସଧର୍ମୀ କବିତା "ଅସମାପିକାରେ" ରେ ସାମ୍ପ୍ରତିକ ନାରୀର ପ୍ରତୀକ ଭାବରେ ଗ୍ରହଣ କରିଛନ୍ତି ସୁବର୍ଣ୍ଣକେଶରୀଙ୍କ ତନୟା ନନ୍ଦିକାକୁ । ଏହି କବିତା ନନ୍ଦିକାକେଶରୀ ପଠାରେ ଓଡ଼ିଶାର ଶେଷ କେଶରୀ ରାଜା ସୁବର୍ଣ୍ଣକେଶରୀ କନ୍ୟା ଏବଂ ଚୋଡ଼ଗଙ୍ଗ ଦେବଙ୍କ ଉପେକ୍ଷିତା ନନ୍ଦିକାଙ୍କୁ ଭଗ୍ନ ସମାଧିକୁ ଦେଖି ରଚିତ ହୋଇଛି ଏଥିରେ କବି ନାରୀର ମନର ଅନ୍ତଃସତ୍ତାକୁ ଚିତ୍ରଣ କରିଛନ୍ତି । ଏହି କବିତାରେ ନାରୀ ଅସହାୟତାକୁ କବି ରାଉତରାୟ ନନ୍ଦିକା ଚରିତ୍ର ମାଧ୍ୟମରେ ଦର୍ଶାଇଛନ୍ତି ଆହୁରି ସେ ଚିତ୍ରକଳ୍ପର ବ୍ୟବହାର କରିଛନ୍ତି ଯଥା;

ISSN NO.
2582-208X

"ରାଜନୀର ଗୁପ୍ତପଥେ
ହୃଦୟର ସୁଡ଼ଙ୍ଗ ପ୍ରଦେଶେ
ଦସ୍ୟୁ ସମ ତାର ବ୍ୟଥା
କୋଟି ପ୍ରାଣେ ଜଗାଇ ନିମିଷେ
ନାରୀର ଉଲଗ୍ନ ପ୍ରାଣ
ଭୟାନକ ତାର ଅଶ୍ରୁନୀର
ଆଜି ଯେ ଗଢ଼ିଛି ଏଥି
ରକ୍ତ ମାଂସେ ଏ ଭଙ୍ଗା ମନ୍ଦିର ।"

ଆହୁରି ତନୟା ନନ୍ଦିକା ପ୍ରେମ ଆଗରେ ହରି ଯାଇଛି । ଏବଂ ସେ ପ୍ରେମ ଠାରୁ ବଡ଼ ଆଉ କିଛି ନାହିଁ ଏହି ପ୍ରେମ ଯେ ଧବମାନ ଝଡ଼ ଭାବେ ଗ୍ରହଣ କରିଛନ୍ତି ।

"ମନେହୁଏ ପ୍ରେମ ବଡ଼
ପୁଣି ଭାବେ ପ୍ରେମଠାରୁ ବଡ଼
ଜୀବନର ଏଇ ଗତି
ଧାବମାନ ଅବିଶ୍ରାନ୍ତ ଝଡ଼ ।"

ଏହି କବିତାରେ କବି ସବୁନାରୀ ସମାଜକୁ ନନ୍ଦିକା ଭାବରେ ଗ୍ରହଣ କରିଛନ୍ତି । ସମସ୍ତଙ୍କର ସେ ଆଶା ପୂରଣ ହେଉ ଏବଂ ସେ ନିଜକୁ ପ୍ରେମ ପାଇଁ ବଳି ଦେଇଛନ୍ତି ଏ ନନ୍ଦିକା ହେଉଛି ପ୍ରେମର ପୂଜାରିଣୀ । ଏ ନନ୍ଦିକା ମରିକି ମଧ୍ୟ ମରିନାହାନ୍ତି । ସହସ୍ର ଲୋକଙ୍କ ଆଖିକୋଣରେ କୋଟି ଲୁହବିନ୍ଦୁ ହୋଇ ଝରିପଡିଛନ୍ତି ଏ ସମାଜ ତାଙ୍କୁ ଚିରକାଳ ମନେ ରଖିବ ବୋଲି କବି କହିଛନ୍ତି ।

"ତୁମ ଜୟ ଉତ୍ସବରେ ଚିରଦିନ
ତା' ଅସମାପିକା
ରାଜଜେମା ହେ ନାରୀ ନନ୍ଦିକା"

ISSN NO.
2582-208X

କବି ସଚ୍ଚିରାଉତରାୟ ତାଙ୍କର କାବ୍ୟ ଚେତନାରେ ଏକ ପ୍ରମୁଖ ଉପାଦାନ ଭାବରେ ସେ ବାସ୍ତବବାଦୀ ଚିନ୍ତାଧାରାକୁ ଗ୍ରହଣ କରିଛନ୍ତି ତାଙ୍କର କବିତାରେ ଏହା ଚମତ୍କାର ଭାବରେ ପରିପ୍ରକାଶ ଘଟିଛି I ତାଙ୍କର ଏହି ଚେତନଧର୍ମୀ କବିତା ହେଉଛି "ପ୍ରତିମା ନାୟକ" କବିତାରେ କବି ଯେକୌଣସି ଆଧୁନିକ ବିରହ ବିଦଗ୍ଧା ନାରୀର ପ୍ରତୀକ ଭାବରେ ଗ୍ରହଣ କରିଛନ୍ତି I ଜୀବନରେ ଦୀର୍ଘ ରାସ୍ତାରେ ତାକୁ ବଞ୍ଚିବା ପାଇଁ ତୀବ୍ର ସଂଘର୍ଷ କରିବାକୁ ପଡିଛି I ଜୀବନର ସମସ୍ତ ଦୁଃଖ, ସମସ୍ତ ଜ୍ୱଳନକୁ ହୃଦୟ ମଧ୍ୟରେ ଚାପି ଦେଇ ସେ କେବଳ ବଞ୍ଚି ଚାଲିଛି କାହାକୁ କିଛି କହିପାରିନାହିଁ I ଜୀବନର ତାର ଯନ୍ତ୍ରଣା ଦଗ୍ଧ ଓ ନିଃସଙ୍ଗ ପ୍ରତିମା ନାୟକଙ୍କ ସମ୍ପର୍କରେ କବି କହିଛନ୍ତି –

"ଭାଜିଗଲା ବାହାଘର ଦର୍ଶନରେ ପଢୁଥିଲା ଏମ. ଏ
କେଜାଣି ବା ପଡ଼ିଥିବ ଜୀବନରେ ଥରେ ଅଧେ ପ୍ରେମେ
ତାହାପରେ ପିତୃହାନି, ଋଣଭାର, ପୁଣି ଗୃହଭେଦ
ଦର୍ଶନରେ ଗ୍ରନ୍ଥେ ତାର ପକାଇଲା ଚିର ପୂର୍ଣ୍ଣଛେଦ"

ପ୍ରତିମା ନାୟକର ଏହି ପରିଚୟ ପଢ଼ିଲେ ମନେହୁଏ, ସତେ ଯେପରି ଆମର ପ୍ରତ୍ୟହିକ ସଂସାର ଭିତରେ ଘଟି ଯାଉଥିବା ଅସଖ୍ୟ ଘଟଣା ମଧ୍ୟରୁ ଏ ହେଉଛି ଗୋଟିଏ ଆମର ବାସ୍ତବ ଜୀବନରେ ଏହିପରି ଅସଂଖ୍ୟ ପ୍ରତିମା ନାୟକ ନୀତି ବଞ୍ଚିବା ପାଇଁ ସଂଘର୍ଷ କରୁଛନ୍ତି I ନିଜ ଜୀବନର ସମସ୍ତ ସ୍ୱପ୍ନ ସମସ୍ତ ପ୍ରତ୍ୟୟକୁ ପରିସ୍ଥିତି ସ୍ରୋତରେ ସେମାନେ ଭସେଇ ଦେଇଛନ୍ତି I

କବିଙ୍କ ଅନ୍ୟତମ କବିତା "ପଦ୍ମଭୁକ" କବିତାରେ ମଧ୍ୟ ଏହି ବାସ୍ତବବାଦୀ ଚିନ୍ତାଧାରା ପ୍ରତିଫଳିତ ହୋଇଛି I ତାଙ୍କର ବକ୍ତବ୍ୟ ହେଉଛି ଯେ ଆଜି ସଂସାରରେ ତୀବ୍ର ପ୍ରତିଯୋଗିତା ଭିତରେ ସ୍ୱପ୍ନଜୀବୀ କବିର ସ୍ୱପ୍ନ ର ମିନାର ଭାଙ୍ଗି ଛାରଖାର ହୋଇଯାଇଛି I କାରଣ ସମୟର ବିଚିତ୍ର ହାଟରେ ସତେ ଯେପରି ପୃଥିବୀ ଏକ ବିରାଟ ରଣାଙ୍ଗାରେ ପରିଣତ ହୋଇ ଯାଇଛି କାରଣ ସମୟର ବିଚିତ୍ର ମଣିଷ ତନ୍ମଧ୍ୟରେ ପ୍ରଣାନ୍ତକ ସଂଘର୍ଷ କରୁଛି I ବଞ୍ଚିବା ପାଇଁ ସେଠି ସ୍ୱପ୍ନଜୀବୀର ସ୍ୱପ୍ନ ସଂପୂର୍ଣ୍ଣ ନିରର୍ଥକ କବିଙ୍କ ଭାଷାରେ –

ISSN NO.
2582-208X

"ନିଭେ ଦିନ ଅନ୍ଧକାର ନିଦ୍ରାହୀନ ଟାକ୍ସିବାଲା ମାନେ
ଏ ବସ୍ତିର ଗଣିକାର ଅନୁର୍ବର ନିଷ୍ଫଳ ସ୍ୱପନେ
ରାତ୍ରିର ନିର୍ଜନ ଆତ୍ମା ଅବତରେ ଏକାନ୍ତ ନିର୍ଜନେ
ପଥ କାହିଁ, ପଥ ଆଜି କାହିଁ ?
ବହୁଦୂରେ ଇସ୍ପାତର ଯନ୍ତ୍ରଶାଳା ଖାଲି ମାରେ ହାର"

ଯେଉଁ କବି ସଚ୍ଚିରାଉତରାୟ ବିପ୍ଳବର ବାର୍ତ୍ତା ଦେଇପାରନ୍ତି ସେହି କବି ପୁଣି ପ୍ରେମ ଓ ପ୍ରଣୟ ଗୀତ ମଧ୍ୟ ଗାନ କରିପାରନ୍ତି । ପ୍ରେମରେ ଜର୍ଜରିତ ହୋଇଛନ୍ତି । କାବ୍ୟ ପୁରୁଷ ହୋଇଛନ୍ତି ପ୍ରିୟସୀକୁ କହିଛନ୍ତି ତାଙ୍କ ଭାଷାରେ –

"ବାତାୟନେ ତୋର ପ୍ରଦୀପ ଜାଳିଲୁ କିଆଁ ?
ପତଙ୍ଗ ସମ ଧାଏଁ ମୋ ଆତୁର ହିଆ
ସେ ହୋମ ଶିଖାରେ
ମରଣ ଥିଲି ମୁଁ ବରି
ମହୁମାଛି ମୁଁ ତ
ଆସିଥିଲି ଅନୁସରି ।"

ଜୀବନର ମରୁଭୂମିରେ ଉଷାରେ ପ୍ରିୟସୀର ପାଦ ଉଠିଛି ବୋଲି ସେ ଦୋଷାରୋପ କରିଛନ୍ତି। ବିଜନରେ ବଂଶୀ, ଉଦାସରେ ଅନ୍ତରରେ ବଂଶୀ ବଜାଉଥିଲେ । କଳ୍ପନାର ଛବି ଆଙ୍କୁଥିଲେ ମାନସୀର ମୂର୍ତ୍ତି ଗଢୁଥିଲେ କିନ୍ତୁ ପ୍ରିୟାକୁ ପାଇଁ ସେ ଭାବିଲେ ସହସା ତାହା ପ୍ରାଣବନ୍ତ ହୋଇଗଲା କି ଯାହାକି ବିରହର ଅଗ୍ନିରେ ତାଙ୍କୁ ଦଗ୍ଧଭୁତ କରିଦେଇଛି । କବିଙ୍କ ଭାଷାରେ:

"ସେହି ଦିନୁତୋର ପରଶ ସୁରଭି ପାଇଁ
ଅଭିସାରୀ ହେଲି ପଥେ ପଥେ ଗୀତପାଇଁ
ସେଦିନୁ ପରାଣେ ଜଳିଲା ବିରହ ନିଆଁ
ବାତାୟନେ ତୋର ପ୍ରଦୀପ ଜାଳିଲୁ କିଆଁ "

ISSN NO.
2582-208X

ପ୍ରେମ ମଣିଷକୁ ରୂପରୁ ଅରୂପକୁ, ଇନ୍ଦ୍ରିୟରୁ ଅତୀନ୍ଦ୍ରିୟକୁ, ଦେହରୁ ଅଦେହୀର ସିମା କୁ ଘେନି ନିଏ । ପୂର୍ଣ୍ଣତା ହିଁ ପ୍ରେମର ଚିରନ୍ତନ ଲକ୍ଷ୍ୟ । ମାତ୍ର ସାମ୍ପ୍ରତିକ ଯୁଗରେ ସଂଘର୍ଷପୂର୍ଣ୍ଣ ସ୍ଥିତିରେ ପ୍ରେମର ସେହି ମୂଲ୍ୟବୋଧ କ୍ରମଶଃ ସଂକୁଚିତ ହୋଇଯାଇଛି । କବି ତାଙ୍କର କାବ୍ୟ ଚେତନାରେ ଏହି ପ୍ରେମଭାବନାକୁ ନେଇ ଅନେକ କବିତା ରଚନା କରିଛନ୍ତି । କବିଙ୍କ ଅନ୍ୟତମ କବିତା ହେଉଛି "ପ୍ରେମ ଓ ଜୀବନ" କବିତାରେ କବି ପ୍ରେମ ପ୍ରତି ସେହି ଅଙ୍ଗୀକାରବୋଧ ଦେଖାଯାଏ ନାହିଁ । ପ୍ରେମ ଅପେକ୍ଷା ନିଜର ଅସ୍ତିତ୍ୱ ବଡ଼ ବୋଲି କବି କହିଛନ୍ତି ତାଙ୍କ ଭାଷାରେ-

"ମୋହରି ଏ ପ୍ରେମଠାରୁ
ମୁହିଁ ବଡ଼ ଅଛି ଏହା ଜାଣି
ତେଣୁ ତ ବିଦାୟ ବେଳେ
ନାଇଁ କଣ୍ଠେ ବିରହର ବାଣୀ"

କାବ୍ୟପୁରୁଷ ଏଠାରେ ପ୍ରେମର ଅନ୍ତର୍ଦାହ ଅପେକ୍ଷା ନିଜର ଅସ୍ତିତ୍ୱକୁ ପ୍ରାଧାନ୍ୟ ଦେଇଛନ୍ତି । କେତେକ ସମୟରେ କବି ବିରହାନୁଭୂତି ଦ୍ୱାରା ଜର୍ଜରିତ ହୋଇଛନ୍ତି ତ କେତେବେଳେ ସମୟର ଏକ ତୀବ୍ର ବିଷଣ୍ଣତା ସୃଷ୍ଟି କରିଛି । ସୁତରାଂ ପାଣ୍ଡୁଲିପିର କାବ୍ୟ ସ୍ୱରରେ ବିଦ୍ରୋହ ବା ବିପ୍ଳବର ସ୍ୱର ସହ ରହିଛି ଭବିଷ୍ୟତ ପ୍ରତି ଏକ ନିଷ୍ଠୟାତ୍ମକ ଦୃଷ୍ଟିଭଙ୍ଗୀ ସହ ପ୍ରେମ ଓ ପ୍ରଣୟର ଗାନ ମଧ୍ୟ କରିଛନ୍ତି । ପ୍ରେମରେ ଜର୍ଜରିତ ହୋଇଛନ୍ତି । କବି ରାଉତରାୟଙ୍କ କବିତାରେ ଏହି ଦୁଇ ଗୋଟି ଧାରାର ଅପୂର୍ବ ସମନ୍ୱୟ ବେଶ ଅନନ୍ୟ ଏବଂ ଯେ କୌଣସି ପାଠକକୁ ମୁଗ୍ଧ କରିବ, ତେଣୁ ଏହି ଦୃଷ୍ଟିକୋଣରୁ ଓଡ଼ିଆ ସାହିତ୍ୟରେ କବି ରାଉତରାୟ ଜଣେ ଯଶସ୍ୱୀ ତଥା ପ୍ରତିଭାବାନ ସ୍ରଷ୍ଟା ଭାବେ ସୁପରିଚିତ ।

ସହାୟକ ଗ୍ରନ୍ଥସୂଚୀ :-

୧- ଶତପଥୀ,ବିଜୟ କୁମାର, ଓଡ଼ିଆ ସାହିତ୍ୟରେ ପ୍ରଗତିବାଦୀ ଧାରା, ପ୍ରଥମ ପ୍ରକାଶ, ଓଡିଶା ବୁକ୍ ଷ୍ଟୋର, କଟକ, ୧୯୯୫

ISSN NO.
2582-208X

୨-ରାଉତରାୟ, ସଚ୍ଚିଦାନନ୍ଦ, ଗ୍ରନ୍ଥାବଳୀ ପ୍ରଥମ ଖଣ୍ଡ, ପ୍ରଥମ ସଂସ୍କରଣ ଗ୍ରନ୍ଥମନ୍ଦିର ବାଲୁବଜାର, କଟକ, ୧୯୯୮
୩- ରାଉତରାୟ, ସଚ୍ଚିଦାନନ୍ଦ, ଉତ୍ତର କକ୍ଷ (ପ୍ରଥମ ଭାଗ), ପ୍ରଥମ ସଂସ୍କରଣ, ଗ୍ରନ୍ଥମନ୍ଦିର ବାଲୁବଜାର, କଟକ, ୧୯୯୮
୪-ରାଉତରାୟ, ସଚ୍ଚିଦାନନ୍ଦ, ଉତ୍ତର କକ୍ଷ (ଦ୍ୱିତୀୟ ଭାଗ), ପ୍ରଥମ ସଂସ୍କରଣ, ଗ୍ରନ୍ଥମନ୍ଦିର ବାଲୁବଜାର, କଟକ, ୧୯୯୮
୫- ଶତପଥୀ, ନିତ୍ୟାନନ୍ଦ, ସବୁଜରୁ ସାମ୍ପ୍ରତିକ, ତୃତୀୟ ସଂସ୍କରଣ, ଗ୍ରନ୍ଥ ମନ୍ଦିର, ବାଲୁବଜାର କଟକ, ୧୯୮୨
୬- ବେହେରା, ଅଧ୍ୟାପକ ଚିନ୍ତାମଣି, କବି ସଚ୍ଚିଦାନନ୍ଦ ରାଉତରାୟ, ଡଗର, ଫେବୃଆରୀ -୧୯୫୬

ଗବେଷକ, ଓଡ଼ିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

ISSN NO.
2582-208X

# ହରିବାସର



ଅରୁଣ କୁମାର ଦାସ

ହେତୁ ପାଇବା ଦିନୁ ଦିବ୍ୟ ଦର୍ଶନ ମିଳଇ
ଯାହା ଧାମରେ ବି ପାଇଥାଏ
ନିର୍ଦ୍ଦିଷ୍ଟ ସଂଖ୍ୟକ ପ୍ରହର
ଦିବସ ବି ଘଣ୍ଟ ହୋଇଥାଏ ।
ଏକ ମାତ୍ର ଅନୁଷ୍ଠାନ
ଯେଉଁଠି ନ ଥାଏ ବାଦ, ବିବାଦ, ମାନ, ଅପମାନ
ସଦା ହରି ନାମେ ଥାଆନ୍ତି ମଗନ
ସଭିଏଁ କରନ୍ତି ହରି କିର୍ତନ ।
ପୀଠ ସ୍ଥଳୀ ଦିଶେ କି ମନୋହର
ଯେତେ ଦେଖିଲେ ବି ନ ମେଣ୍ଟଇ ଶୋଷ
ରହି ଯାଉଛି ଅନେକ ଅବଶୋଷ
ସତେ କି ପୂରିବ ମୋ ଅଭିଳାଷ ।
ମହକୁ ଥାଏ ଚଉଦିଗ ଏକ ଅପୂର୍ବ ମହକେ
ସାଜ ସଜା ଥାଉ ଅବା ନ ଥାଉ
ତା ପଦ ବ୍ରଜେ ମିଳେ ଧାମ ଦର୍ଶନ
କୃତ୍ୟ କୃତ୍ୟ ଲାଗେ ତନୁ ମନ ।
ପଦ୍ମ ପତ୍ରେ ମହା ପ୍ରସାଦ ସେବନ
ପୀଠ ସ୍ଥଳୀ ପାଶେ ପଡ଼େ ଆସନ
ପଙ୍କ୍ତୀରେ ହୁଅଇ ଭୋଜନ
ଭେଦଭାବର ନ ଥାଏ ଚିହ୍ନ ।

ISSN NO.
2582-208X

ନିମନ୍ତ୍ରଣେ ଆସନ୍ତି ଅନେକ
ବିନା ଡାକରାରେ ବି ମିଳନ୍ତି ଭକତ
ଏ ତ ଆପଣଙ୍କ ଲୀଳା ନୁହେଁ ତ
ମନ ଓ ଆତ୍ମା ଏକ ହୁଅଇ ସତତ ।
କେବେ ହୁଏନା ଅର୍ଥର ଅଭାବ
ମିଳିଥାଏ ସବୁ ସଦ୍ଭାବ
ଭଜନ, କୀର୍ତ୍ତନ, ଭୋଜନ, ମନନ, ଚିନ୍ତନ
ଚାଲି ଥାଏ ଚିରନ୍ତନ ।
ଭାବ ବିହ୍ୱଳିତ ନୃତ୍ୟ ସଙ୍ଗୀତ
ନାଚୁଥାନ୍ତି ଦ୍ୱି ବାହୁ ଟେକି ଭକତ
ଲୀଳା ଦର୍ଶନ ମିଳଇ ସର୍ବତ୍ର
ପବିତ୍ର ହୁଅଇ ପାପ ନେତ୍ର ।
ସରି ଯାଇଥାଏ ନାମ ଯଜ୍ଞ
ବେଦୀ ରହିଥାଏ ଅକ୍ଷତ
ଚାହିଁ ଦେଲେ ଥରେ ତାକୁ
କୃତାର୍ଥ ମଣଇ ଜୀବ ତ ।
ଅଳିକ ଜୀବନ ଗୁହ ଇ କ୍ଷଣିକ
ଏଇତ ଜୀବନ ଧାରା
ମାନ, ଅଭିମାନ, ଗର୍ବ, ଅହଂକାର
କି ଲାଭ ହୁଅଇ ପରା ।
କର୍ମ କରି ସାଥେ ଜପ ହରି ମୁଖେ
ବାହି ନେଇ ସଂସାର ତରୀ
ପର ଉପକାର ହୋଇଯାଉ ବ୍ରତ
ହୁଅଇ ବୈରାଗୀ ଅବା ସଂସାରୀ ।

ଠାକୁର୍, ପୁରୁଣା ବଉଳମାଳ,
ଧର୍ମଶାଳା, ଯାଜପୁର
୯୯୩୮୭୩୩୦୭୫

ISSN NO.
2582-208X

# କେମିତି ଦୁନିଆ କହୁଛି ?



ନରଞ୍ଜନ ସାହୁ

ତୁମେ ତ ଜାଣିନ ମୁଁ ବି ଜାଣିନି
କେମିତି ଦୁନିଆ କହୁଛି
ନିନ୍ଦା ଅପବାଦ କଳଙ୍କ ଲଗାଇ
ପରାଣ କାହିଁକି ଦହୁଛି ?

ଆମରି ଭିତରେ ସେମିତି ତ କିଛି
ଭିତିରି ସମ୍ପର୍କ ରହିନି
କିଏ କାହାରିକୁ ହୃଦୟକୁ ଖୋଲି
କଥା ପଦେ କେବେ କହିନି
କାହିଁକି ତାହେଲେ ସମାଲୋଚନାର
ଯମୁନା ନଦୀଟା ବହୁଛି ?

ସଜ ମାଉଁସରେ ପୋକ ପକାଇକି
କିଏ କେଉଁ ଲାଭ ପାଇଲା
ଯେଉଁ ଆଘାତଟା ହୃଦୟକୁ ବାଧି
ଆମକୁ କରିଲା ଘାଇଲା
କିଏ ବୁଝେ ଏହି ମିଛ ସମ୍ପର୍କଟା
କେମିତି ଏ ହୃଦ ସହୁଛି ?

ନିଆଁ ନ ଥାଇକି ଧୂଆଁ ଉଠୁଉଠୁ
ଯଦି ସତ ନିଆଁ ଲାଗିବ
ମିଛୁଆ ରାଧୁଆ ଗପ ସତ ହେବ
ହୃଦେ ପ୍ରେମ ଯଦି ଜାଗିବ
ନିନ୍ଦୁକମାନେ ଯେ ଇର୍ଷାରେ ଜଳିବେ
ଏତିକି ଜଣାଇ ରହୁଛି ।

ନିହାଲପ୍ରସାଦ, ଗନ୍ଧିଆପାଟଣା,
ଢେଙ୍କାନାଳ
ମୋ :-- ୯୯୩୮୭୪୧୫୮୩

ISSN NO.
2582-208X

# ବୋଉ



ସୁଶାନ୍ତ କୁମାର ପଟ୍ଟନାୟକ

ମାଛି ଅନ୍ଧାରେ ଚଳଚଞ୍ଚଳ
ହାତ ପାଦ ।
ଗୋବର ଛଡ଼ା ପାଣିରେ
ମହକେଇ ଦେଉଥାଏ ଘରଦାଣ୍ଡ
ଛେରା ପହଁରାରେ ଅଭିମନ୍ତ୍ରୀତ କରେ
ଲକ୍ଷ୍ମୀ ସରସ୍ୱତୀ ଅତିଥି ।
ତା' ନିର୍ମଳ ଭାବର ବନ୍ଦନା ଗୀତ ।
ଜ୍ୟାମିତିର 'ଜ' ଅକ୍ଷର ନ ଜାଣିବି
ଯା' ନରମ ହାତ
ଗୋବର ଆଉ ରଂଗମାଟି
ଆଙ୍କି ଦେଉଥାଏ ବୃତ୍ତ
ନାନା ରକମ ମୁରୁଜ ଝୋଟିରେ
କେତେ ମନଲୋଭା ଘର ମୁଖଶାଳ
ସତେକି! ସେ ଏ ମାଟିର ଶ୍ରେଷ୍ଠ ଚିତ୍ରକର ।
ସବୁଠି ମୋ ବୋଉର
ନିଶବଦ ହଳକ ପାଦ କାଉଁରୀ ପରଶ
ଠାକୁର ଘରଠୁ ନାବକେଳୀ ବନ୍ଧ
ଗାଁ ମନ୍ଦିରଠୁ ବୃନ୍ଦାବତୀ ମୂଳ
ସବୁଠି ସେ' ପ୍ରାର୍ଥନା ମନସ୍କ ।

ISSN NO.
2582-208X

ଝାଡ଼ଫୁଙ୍କ ଓଷା ବାରବ୍ରତ
ନିମପାଣି ତା' ହଳଦୀବଟା
ଲେଖିଦିଏ ମୋ ସୁସ୍ଥ ଜୀବନ ।
ଇଶ୍ୱରଙ୍କୁ ମାଗିନି ଖାଲି
ମୋ ଲଂବା ଆୟୁଷ
ବରଂ ଉଡ଼ିବାକୁ ଖଞ୍ଜି ଦେଇଛି ଡେଣା
ଲଂବେଇ ଦେଇଛି ପଣତ
ସବୁ ବିପଦ ଆପଦର କାତ
ମୋ ଚଳନ୍ତି ଦେବୀ ପ୍ରତିମା
ଯେ ଛାଇ ହୋଇ ଚାଲୁଥାଏ
ମୋ ସହ ବାଟ
ଯା' ଆଶୀର୍ବାଦ ଅଭୟବାଣୀରେ
ଲଂଘିଯାଏ ପାହାଡ଼ ପର୍ବତ
ଯେତେ ସୀମା ସରହଦ
ସେଇ ଏକା ମୋ ବୋଉ ଏକାନ୍ତ ଆପଣାର
ଯା କ୍ଷଣିକ ନଥିବା ପଣରେ
ମୁଁ ବିଷାଦର ଯୋଗଃ ଦଗ୍ଧ କାନନ ।

ସୁରଂଗୀ·ଗଞ୍ଜାମ·୭୬୨ ୧୦୩୭
ଦୂରାଭାଷ:୯୭୫୮୭୨୩୩୫୨

ISSN NO.
2582-208X

# ରଙ୍ଗୀବୋଉ



ଅପରାଜିତା ମହାରଣା

ଝିଅଟିଏ, ନାଁ ତାର ରଙ୍ଗୀ, କିଶୋରୀ । ଝିଅଟିର ଲାଳନ ପାଳନ ତ ମା ର ଦାୟିତ୍ୱ । ଏମିତି ତ ସବୁ ପିଲାମାନେ ମା ର ହେଲେ ଅଧିକ ଭାବନାତ୍ମକ ଭାବେ ଜଡିତ ପିଲାଟିର ନାଁ, ମା ନାଁ ସହ ଯୋଡି ହେଇଯାଏ । ଏଇ କାବ୍ୟରେ ବୋଧହୁଏ ରଙ୍ଗୀ ଗୋଟିଏ ସନ୍ତାନ, ଜଣାନାହିଁ, ହେଲେ ମା ର ପ୍ରିୟତମ ନିଶ୍ଚିତ । ମା ତାର ପରିଚିତ ରଙ୍ଗୀର ନାଁ ରେ । ରଙ୍ଗୀ, ମା କୁ ବୋଉ ବୋଲି ଡାକୁଥିବ, ସେଥିପାଇଁ ସେ ପରିଚିତ "ରଙ୍ଗୀବୋଉ" ନାଁ ରେ ।

ଏଇ ରଙ୍ଗୀବୋଉ ଆମ ଆଲୋଚ୍ୟ କାବ୍ୟଟିର ମୁଖ୍ୟ ଚରିତ୍ର, କନ୍ୟା ସନ୍ତାନଟିକୁ ପାଳୁଥିବା କର୍ମଜୀବୀ ମହିଳା। ସେ ଦେଖିଛି ସମାଜକୁ, ସମାଜର ଅସନା, ଅସଭ୍ୟ, ଅଭଦ୍ର ଭାବନାକୁ, କର୍ମକୁ ଅଙ୍ଗେ ନିଭେଇଛି କିଛି, ତା ମନ ତ୍ରସ୍ତ । ତାର ଭାବନା, ତାର ଅସୁରକ୍ଷା ଭାବ, ବିବଶତା, ରା ରଙ୍ଗୀ ସୁରକ୍ଷିତ ତ? ସେ ନିଜେ କେତେ ବିଯୁକ୍ତ ପରିସ୍ଥିତି କୁ ସାମ୍ନା କରୁଛି, କେବେ ହସି ହସି ପିଇ ଯାଉଛି ସେ ଦୁଃଖ, ବାହାରକୁ ଦେଖାଉନି, ହେଲେ ଗୁମୁରି କାନ୍ଦୁଛି, କେବେ କେବେ ପ୍ରତିବାଦ କରୁଛି, ହେଲେ ସ୍ୱର ତାର ଚାପିଦେବା ପାଇଁ ଚରିତ୍ରର ଅଭାବ ନାହିଁ, କ୍ଷୀଣ ସ୍ୱର ତାର କ୍ଷୀଣତର ହେଇ ସମାଜର କୋଳାହଳରେ ମିଶିଯାଉଛି, ସେଇ ନାରୀଟିର ଭାବନା ସବୁ ଏଇ କାବ୍ୟ "ରଙ୍ଗୀବୋଉ" ରେ ଆଲୋଚିତ ।

ରଙ୍ଗୀବୋଉ ଗୋଟିଏ ଚରିତ୍ର ନୁହେଁ, ସେ ଏକ ଉଦାହରଣ । ରକ୍ତମାଂସଧାରୀ ଶୋଷିତ ଲାଞ୍ଛିତ ନାରୀ ମାନଙ୍କ ପ୍ରତିନିଧି । ରଙ୍ଗୀବୋଉ ବହୁବଚନ, ସେ ପ୍ରତୀକ, କେହି ବି ହେଇପାରେ, ଯୌତୁକ ନିର୍ଯ୍ୟାତନାର ଶିକାର ନାରୀ, ପରିବାର ଚାପ ଯୋଗୁ ଜବରଦସ୍ତ ଗର୍ଭପାତର ଶିକାର, ସନ୍ତାନ ହରେଇ ମାନସିକ ଭାବେ ଭାଙ୍ଗିପଡିଥିବା ନାରୀ, ଗଣ ଧର୍ଷଣ ର ଲଜ୍ୟାରେ ଅଶ୍ରୁସିକ୍ତ ନାରୀ, ନିଜ ସନ୍ତାନ ପେଟ ଭରିବା ପାଇଁ ଦିନରାତି ପରିଶ୍ରମ

ISSN NO.
2582-208X

କରୁଥିବା ନାରୀ, ଭୋକ ମେଣ୍ଟାଇବା ପାଇଁ ଶିଶୁକୁ ସ୍ତନ ଅମୃତ ପାନ କରାଉଥିବା, କି ପୁରୁଷ ଆଗରେ ନିଜକୁ ମାଂସ ପିଣ୍ଡୁଳା ପରି ପରଷୁଥିବା ନାରୀ, ସେ ସମସ୍ତେ ରଙ୍ଗୀବୋଉ । ପ୍ରତି ସହର, ଗାଁ ରେ ଥିବା ଜନନୀ, ଭଗିନୀ, ଜାୟା, କନ୍ୟାର ଚରିତ୍ର ନିଭାଉଥିବା, ହେଇପାରେ କିଶୋରୀ, ଯୁବତୀ ବା ବୁଢ଼ୀ, ରାଜକନ୍ୟା କି ଦାସୀ, ସେ ସମସ୍ତେ ରଙ୍ଗୀବୋଉ ।

ତା ଦୁଃଖ ଆଜିର ନୁହେଁ, ପ୍ରାଚୀନ କାଳରୁ, ଆଜିଯାଏ ବଦଳିଛି ତ କେବଳ ପ୍ରତାରଣା ଆଉ ଅତ୍ୟାଚାରର ମାଧ୍ୟମ । ସମାଜ ଚାଲିଛି ଆବାହମାନ କାଳରୁ, ହେଲେ କେବେ ପୁରୁଷ ପ୍ରଧାନ ସମାଜରେ ନାରୀକୁ ନିଜ ସ୍ଥାନ ମିଳିନାହିଁ । ହେଇପାରେ କାବ୍ୟ କବିତା କେତେ ନାରୀକୁ ମହାନ ବୋଲି ବର୍ଣ୍ଣନା କରିଛନ୍ତି, ତ୍ୟାଗର ଦେବୀ, ଅନ୍ନଦାତ୍ରୀ, ସର୍ବସଂହା, ରକ୍ଷାକର୍ତ୍ତୀ, ସେବାର ମୂର୍ତ୍ତିମନ୍ତ ରୂପ, ଜ୍ଞାନନେତ୍ରୀ, ବିଦ୍ୟାଦାୟିନୀ, ମମତାମୟୀ, ବିଜୟିନୀ କରୁଣାମୟୀ, ଶେଷରେ ବନ୍ଦନୀୟା, ସତରେ କିନ୍ତୁ ସମାଜ ଗ୍ରହଣ କରିନି ସେସବୁ, କାଇଁ ଚରିତ୍ରରେ ଫୁଟି ଉଠୁନି ତ ? ସେଇ କାବ୍ୟମାନେ, ପଟ୍ଟଚିତ୍ର ମାନେ ପୁଣି ଖେଳିଛନ୍ତି ଶବ୍ଦର, ତୂଳୀର ନୃଶଂସ ଖେଳ, ନାରୀର ବକ୍ଷୋଜ, କଟୀ, ନିତମ୍ବକୁ ଲକ୍ଷ୍ୟକରି, ସୌନ୍ଦର୍ଯ୍ୟ ର ଉପାସନା ନାଁ ରେ । ନାରୀ ପୁରୁଷ ର ଦୈହିକ ଯୌନମିଳନକୁ ସର୍ବଶ୍ରେଷ୍ଠ ରସ, ମୋକ୍ଷ ଭାବରେ ବର୍ଣ୍ଣନା ନାରୀକୁ ଯୌନଦାସୀ ରୂପରେ ଉପସ୍ଥାପିତ କରିଦେଇଛି । ଖରାପ ଜିନିଷଟିକୁ ଗ୍ରହଣ କରିବାରେ କଷ୍ଟ ନୁହେଁ, କ୍ଷଣିକ ଆନନ୍ଦ ମିଳେ, ମଣିଷ ଖରାପ ଜିନିଷଟିକୁ ଆଗେ ଗ୍ରହଣ କରେ, ସେଇଟା ତା ପ୍ରକୃତି, ଗ୍ରହଣ କରିନେଇଛି । ତାହା ରୂପାନ୍ତରିତ ହେଇ ପ୍ରଚଣ୍ଡ ଅପସଂସ୍କୃତିର ସୁନାମୀ ନେଇଆସିଛି, ଆଉ ଧୋଇଦେଇଛି ନାରୀର ମର୍ଯ୍ୟାଦା, ସେ ଏବେ ପୁରୁଷ ତୁଳନାରେ କମ ପୁରୁଷର ଭୋଗ୍ୟା, ଚରଣରେ ସ୍ଥାନ ତାର । ତା ଦୁଃଖ ଦେଖିଲେ କାହାର ବି ହୃଦୟ କୋରି ହେଇଯିବ ପାଷାଣ ଛାତିରୁ ଅଶ୍ରୁ ଝରିବ, ବନ୍ୟା ପରି, ହେଲେ ସତରେ ସେମିତି ଘଟେନି । "ତୋ ଦୁଃଖ ପସରା, ଦେଖିଲେ ଯେ କେହି, ହୃଦୟ ହୋଇବ ଘାରି, କୂଳ ଲଂଘି ଯାଏ, ଦରଦର ବନ୍ୟା, ଝରିବ ଅଶ୍ରୁବାରି ।"

ରାଷ୍ଟ୍ର କୌଣସି ବ୍ୟକ୍ତି ନୁହେଁ, ରାଷ୍ଟ୍ରମାନେ ସାମୂହିକତା । ବିଭିନ୍ନ ବର୍ଗର ନାରୀ, ପୁରୁଷ ସାମୂହିକ ଭାବେ ରାଷ୍ଟ୍ରକୁ ଉପସ୍ଥାପନା କରନ୍ତି, ରାଷ୍ଟ୍ର ସ୍ୱୟଂ ସମ୍ପୂର୍ଣ୍ଣ, ନିଜସ୍ୱ ଆଇନ କାନୁନ, ରକ୍ଷା ପ୍ରତିରକ୍ଷା ପାଇଁ ପ୍ରବଳ ଭାବେ ସମର୍ଥ । ରାଷ୍ଟ୍ରର ରାଜନୈତିକ ଚଷମାରେ

ISSN NO.
2582-208X

ସ୍ତ୍ରୀ, ପୁରୁଷ ସମାନ ଅଧିକାରଅ ପ୍ରାପ୍ତ । କବିଙ୍କ ଅନୁଭବରେ ସ୍ତ୍ରୀତ୍ୱକୁ, ନାରୀତ୍ୱକୁ ରକ୍ଷା କରିବା ରାଷ୍ଟ୍ରର କର୍ତ୍ତବ୍ୟ, ହେଲେ ରାଷ୍ଟ୍ର ଏତେ ସବୁ ମଞ୍ଚରେ ବିଫଳ ଯେ, କବି ହୃଦୟରେ ତିଳେ ମାତ୍ର ଆଶା ନାହିଁ, ରାଷ୍ଟ୍ରଠାରୁ କିଛି । ସିଂହାସନ ରେ ଶାସନ କରୁଥିବା ବ୍ୟକ୍ତି, ନିଜ ବିଫଳତା ଲୁଚେଇବାକୁ ଦମନ ଆରମ୍ଭ କରିଦିଏ, ସେଇ ଦମନରେ ସମଗ୍ର ରାଷ୍ଟ୍ର ବିବଶ ହେଇପଡେ, ଆଉ ରଙ୍ଗୀବୋଉ ଯେ ନାରୀ ହେବା ଆଗରୁ କିଶୋରୀ, ହୋଇପାରେ ଜନ୍ମରୁ ଶିକୁଳିରେ ବନ୍ଧା, ତା ଜୀବନ କାନ୍ତାର ରୁ ନର୍କ ହେଇପଡେ । ଭୋକିଲା ରାଷ୍ଟ୍ର ଶିଶୁମୁଖେ ଖାଦ୍ୟ ଊଣା, ବୁଦ୍ଧିଜୀବୀ ମାନେ ଢୋଲ ପିଟା, ଆଉ ଅପରାଧୀ ମାନଙ୍କ ପାଇଁ ଆଇନ ର ଗଳାବାଟା ଧର୍ମାନ୍ଧତା ର ବିଷରେ ଉବୁଟୁବୁ ସମାଜ, ଆଶା ନାହିଁ ରଙ୍ଗୀବୋଉର ଯେ କିଛି ଚମତ୍କାର ଘଟିବ । ସେ ଭାବେ ଜୀବନ ଏମିତି, ସେମିତି ଚାଲୁଥିବ, ମଣିଷ ସମାଜ ଥିବାଯାଏ । ରାଷ୍ଟ୍ରଠାରୁ ଆଶା ନାହିଁ । ଯେତେହେଲେ ବି ନିର୍ଭୟାକୁ ନ୍ୟାୟ ମିଳିବାକୁ ସାତ ବର୍ଷ ଲାଗିଗଲା ।

ଅନ୍ଧ ଦେଶରେ ଦର୍ପଣର ଆଦର କାହିଁ ? ରଙ୍ଗୀବୋଉ ଭଳି ଚରିତ୍ରର ମୂଲ୍ୟବୋଧ ସେହିପରି ଲମ୍ପଟ ପୁରୁଷ ପ୍ରଧାନ ସମାଜ ବୁଝିପାରେନାହିଁ, ବୁଝେନାହିଁ । ତ୍ୟାଗ, ମମତାର ଉଜ୍ଜୟିନୀ ଗୁଣ ଗୁଡିକ, ଦୁର୍ଯ୍ୟୋଧନ ଭଳି ମହାମାନୀ ଚରିତ୍ରମାନଙ୍କୁ ଝାପ୍ସା ଦିଶେ, ଉତ୍ତୁଙ୍ଗ ମୁଁ ତ୍ୱ ଭିତରେ ସେମାନେ ଏଡାଇଯାନ୍ତି ତାକୁ । କେହି କେହି ଉପକ୍ଷିତ ନାରୀ ପ୍ରତି, ତା ଅଧିକାର ପ୍ରତି ସହାନୁଭୂତି ଦେଖାନ୍ତି, କୋଶ କୋଶ ଦୂରରେ ରହି ନିରାପଦ ଦୂରତ୍ୱ ରକ୍ଷାକରି । କାଦୁଅ ସଫା କରିବାକୁ ଯେ କାଦୁଅକୁ ଓହ୍ଲାଇବାକୁ ପଡିବ, ତେଣୁ ସେ ଛିଟା ଦୂରରେ ଥାଉ । ହେଇଯାଉ, କେହି କରିଦେଉ, ରଙ୍ଗୀବୋଉ ମାନଙ୍କ ଦୁଃଖ ଦୂର ହେଉ ଏଇସବୁ ଉକ୍ତି, ଉକ୍ତିରେ ରହିଯାଏ । ପ୍ରକୃତ ଯୁଦ୍ଧ କ୍ଷେତ୍ରରେ ସେ ଏକୁଟିଆ କେବଳ ପୁଳା ପୁଳା ମିଛ ସହାନୁଭୂତି ଛଡା ତା ପାଖରେ ଆଉ କିଛି ନାହିଁ, ଅସ୍ତ୍ର ବି ନୁହେଁ, ଏକଦମ ନିରସ୍ତ୍ର । ସାହାଯ୍ୟ କରୁଥିବା ହାତ, ପ୍ରାର୍ଥନା କରୁଥିବା ଓଠ ଠାରୁ କାହିଁ କେତେ ଗୁଣରେ ମହାନ, ହେଲେ ରଙ୍ଗୀ ବୋଉ ର ସେ ଭାଗ୍ୟ କାଇଁ? ମହାଦେବ ବିଷ ପିଇ ନୀଳକଣ୍ଠ ହେଲେ, ରଙ୍ଗୀବୋଉ ବି ନୀଳକଣ୍ଠି ସମାଜର କେତେ ବିଷ ସେ ପିଇନି ହସି ହସି, ବଦଳରେ ସମାଜକୁ ଧ୍ୱଂସ ରୁ ରକ୍ଷା କରିଛି, କରି ଆସୁଅଛି ।

ISSN NO.
2582-208X

"ଜିଇଁବା ର ଅମୋଘ ଲୋଭରେ, କେତେ ବିଷ ଆଉ ଛାଣିହେବ ପାଣି ପବନ ଓ ସମୟ ବିଷପାନେ ନୀଳକଣ୍ଠି ସାଜ, ସବୁଠୁ ବିଷାକ୍ତ ଭୟର ସାମ୍ରାଜ୍ୟ, ବିଷମୟ ସାଜିଛି ନିଜର ଚାତୁର୍ଯ୍ୟ ।"

ହେଲେ ସେ ପୁରା ଏକୁଟିଆ ନୁହେଁ, ସେ ଜନ୍ମ କରିଛି ବୀର ସନ୍ତାନ, ତାର କିଛି ପୁତ୍ର ଚରିତ୍ରବାନ, ପରୋପକାରୀ । ସେମାନେ ବୁଝନ୍ତି ତାର କଷ୍ଟ, ଦୁଃଖ ଦୁର୍ଦ୍ଦଶା । ମା ର କଠିନ ଶ୍ରମକୁ ସ୍ୱୀକାର କରନ୍ତି, ମା, ଭଉଣୀ ଜାୟାର ଭଲପାଇବା ପ୍ରତି ମଥାନତ କରନ୍ତି । ଆମ କବି ମହାଶୟ ସେଇଭଳି ଜଣେ ବ୍ୟକ୍ତି, ସେ କଥା ଦେଉଛନ୍ତି ସେ ଥିବାଯାଏ ସଂସାରକୁ ଜଣେଇ ଦେଉଥିବେ ଯେ ଅସଲ ନାୟକ କିଏ ଖଳନାୟକ କିଏ ଆଉ ଆତତାୟୀର ଅସିରେ ହଜିଯିବାକୁ ଦେବେନି, ତାକୁ । ଏଠି କବିଙ୍କ ସମର୍ପଣ, ଶ୍ରମ ସମ୍ମାନ, ରଙ୍ଗୀବୋଉ ର ମମତା ପ୍ରତି ଦଣ୍ଡବତ, ତାର ସ୍ୱର କୁ ସଂସାର ସମ୍ମୁଖକୁ ଆଣିବାର ପ୍ରତିବଦ୍ଧତା ଓ ଆତତାୟୀ, ଖଳନାୟକ ଠାରୁ ସୁରକ୍ଷା ର ପ୍ରତିଶୃତି ଚମତ୍କାର । "ମୁଁ ଥିବାଯାଏ ଏ ମାଟିରେ ଚିଲାମାନେ ଖୁମ୍ପିବେନି ତୋତେ ପ୍ରତାରଣା ଛାଇରେ ତୁଟିବନି କ୍ଳାନ୍ତି, ଉଁଜେଇ ଦେଉଥିବୁ ମୋତେ" ।

ତଥାପି ସେ ଜଡ ପାଲଟି ସ୍ଥିର ହୋଇନାହିଁ । ପ୍ରବଳ ମାତ୍ରାରେ ସେ ସହିଷ୍ଣୁ । ମମତାର ମୁର୍ତ୍ତିମନ୍ତ ରୂପ । ଅଶ୍ରୁର ବର୍ଷା ଭିତରେ ବି ସେ ମମତାର ବର୍ଷା ଢାଳିବାକୁ ଭୁଲିନାହିଁ ।

ମା, ଭଗିନୀ, କନ୍ୟା, ସ୍ତ୍ରୀ ର କର୍ତ୍ତବ୍ୟ ପରେ ସେ ସମାଜରେ ଅନ୍ୟ ସ୍ଥାନମାନ ପୂରଣ କରିଛି । ପ୍ରେମିକା ସାଜିଛି, ପ୍ରେମିକ ପାଇଁ, ଭୋକିଲାଙ୍କ ପାଇଁ ଅନ୍ନଦାତ୍ରୀ, ବ୍ୟାଧିଗ୍ରସ୍ତଙ୍କ ପାଇଁ ସେବିକା ଓ ବୈଦ୍ୟ, ରାଷ୍ଟ୍ର ରକ୍ଷା ପାଇଁ ଲକ୍ଷ୍ମୀବାଇ, ଚିକିତ୍ସା ପାଇଁ ମେରୀ କ୍ୟୁରୀ, କମ୍ପ୍ୟୁଟର କ୍ଷେତ୍ରରେ ଗ୍ରେସ ହୋପର, ଜିନ୍ ବିଶ୍ଳେଷଣ ରେ ରୋସେଲିଣ୍ଡ ଫ୍ରାନକଲିନ, ଯୁଦ୍ଧ କ୍ଷେତ୍ରରେ ଜୀବନ ରକ୍ଷାକାରୀ କେଭଲାର ର ସ୍ରଷ୍ଟା ଜୋସେଫାଇନ କୋଅରେନ ଯୋଗାଯୋଗ କ୍ଷେତ୍ରରେ ସ୍ତାଇଲି ଯାକ୍ସନ, ଉଦ୍ଭିଦ ବିଜ୍ଞାନ ରେ ଜାନକୀ ଅମାଲ, ରସାୟନ ବିଜ୍ଞାନ ରେ ଅସୀମା ଚାଟାର୍ଜୀ, ଭ୍ରୁଣ ବିଜ୍ଞାନ କ୍ଷେତ୍ରରେ ଇନ୍ଦିର ହିନ୍ଦୁଜା, ସମୁଦ୍ର ବିଜ୍ଞାନୀ ଅଦିତି ପନ୍ତ, ଆମ ପ୍ରିୟ କଳ୍ପନା ଚାଓ୍ୱଲା, ଆଧ୍ୟାତ୍ମିକତାରେ ଭୈରବୀ, ଶାରଦା ଦେବୀ, ହେମଲେଖା ମୈତ୍ରିଇ ଓ ଗାର୍ଗୀ ଭଚକନଭି ।

ISSN NO.
2582-208X

ସେଥିପାଇଁ ବୋଧେ ଋଷିମୁନୀ ମାନେ ଭରତ ରାଜାଙ୍କ ନାମରେ ଦେଶର ନାଁ ଭରତ ରଖିଲେନି, ଟିକେ ସଂଶୋଧନ କରି ଭାରତ ରଖିଲେ, ଭାରତ ମା, ମା ଭାରତୀ । ରାଷ୍ଟ୍ର, ଦେଶ ସେଇ ରଙ୍ଗୀବୋଉ ଭଳି ନାରୀ ସ୍ୱଭାବର ହେଉ, ଯେ ଦେଇଜାଣେ, ଅବିଶ୍ରାମ ଆଉ ଅବିରତ ଭାବରେ ଆଶିଷ ବର୍ଷା କରିଚାଲେ, କର୍ତ୍ତବ୍ୟ କରିଚାଲେ, ଭଲ ପାଇବା ବାଣ୍ଟିଚାଲେ । ସତର୍କ ହେଇ ଚଳେ ହେଲେ ଆଶୀର୍ବାଦ କରିଚାଲେ, ମୁହୂର୍ତ୍ତକ ପାଇଁ କର୍ତ୍ତବ୍ୟରୁ ବିରତ ହୁଏନାହିଁ । କୁନି ଝିଅଟିର ମା ସେ, ନିଜ ଉପରେ ହେଉଥିବା ସବୁ ମାନ, ଅପମାନ, ଦୁଃଖ କଷ୍ଟ ପ୍ରତି ତାର ନିଘା ନାହିଁ ଆଉ, ସେଗୁଡା ଦେହସୁହା ହେଇଗଲାଣି । ତାର ସବୁଠୁ ବଡ ଭୟ ତା ଝିଅ ପାଇଁ, ତା ଭଳି, ତା ଝିଅର ଅବସ୍ଥା ନହେଉ । ତାର ଅନୁଭବିତ ଅତ୍ୟାଚାର ତା ସ୍ୱାମୀ, ପରିବାର ଠାରୁ ସମାଜରୁ, ତା ବିବଶତା, ଦିନେ ସବୁ ତା ଝିଅ ପ୍ରତି ଘଟିବ, ତା ଝିଅକୁ ବି ସେଇ ବିଷ ଶ୍ୱାସରୁଦ୍ଧ ହେଇ ପିଇବାକୁ ପଡିବ, ଏଇ କଥା ଭାବି ସେ ଥରିଉଠେ । ଈଶ୍ୱରଙ୍କୁ ଡାକିଚାଲେ, ପଣତ ପ୍ରସାରି ରଙ୍ଗୀକୁ ଲୁଚେଇଦିଏ, ସବୁ ନିଷ୍ଠୁର, ଲମ୍ପଟ ଆଖି କବଳରୁ ରକ୍ଷା କରିବାକୁ ଚେଷ୍ଟା କରେ । ତାର ଉଦ୍ଦେଶ୍ୟ ସଫଳ ହେଉ, ଭଗବାନ ତାକୁ ସହାୟ ହୁଅନ୍ତୁ, ରାଷ୍ଟ୍ର ନିଜ କର୍ତ୍ତବ୍ୟ ପ୍ରତି ସଚେତନ ହେଉ, ନିଷ୍ଠାର ସହ ନ୍ୟାୟର ପାଳନ କରୁ । ସମାଜର ଦୃଷ୍ଟିଭଙ୍ଗୀ ବଦଳୁ, ଉଚ୍ଚରେ ନହେଲେ, ନିଜ ସମକକ୍ଷାର ମର୍ଯ୍ୟାଦା ଦେଉ ତାକୁ ପୁରୁଷ ସମାଜ । ଭ୍ରୁଣହତ୍ୟା ନହେଉ, ଆଉ କୋଉ ନିର୍ଭୟା ଅତ୍ୟାଚାରିତ ନହେଉ, ନିଠାରି ହତ୍ୟା ଭଳି ଅପରାଧ ନଘଟୁ । ସମ୍ପୂର୍ଣ୍ଣ ନିଶାର୍ଦ୍ଧରେ ବି ଝିଅଟିଏ ଯିବା ଆସିବା କରିବାକୁ ଭୟ ନକରୁ, ରାସ୍ତାରେ ଚାଲିଲାବେଳେ କୌଣସି ଝିଅ, ନାରୀ କୁ ଆଉ କାହା ନଜର ପ୍ରତି ସାବଧାନ ହେବାକୁ ନପଡୁ, ପତିତ ସମାଜ ଉଦ୍ଧାର ହେଉ । ରଙ୍ଗୀ ସୁରକ୍ଷିତ ରହୁ, ଖୁସି ରହୁ, ନିରାପଦ ମଣୁ, ତାକୁ ସେସବୁ ଅବସର ମିଳୁ, ଯାହା ତା ଭାଇକୁ ମିଳୁପାରୁଛି । ଏଥିପାଇଁ ରଙ୍ଗୀବୋଉର କର୍ତ୍ତବ୍ୟ ଅନେକ, ପ୍ରତି ଘରେ ଘ୍ରେ ଚରିତ୍ରବାନ ପୁଅ ଗଢିବା ଦାୟିତ୍ୱ, ରଙ୍ଗୀବୋଉର । ସ୍ୱାମୀକୁ ବଦଳି ନପାରେ ହେଲେ ପୁଅକୁ ନୂଆ ଭାବରେ ଗଢିପାରିବ ନିଶ୍ଚୟ । ଶିବାଜୀ ଙ୍କୁ ତିଆରି ଅରିବାରେ ଜିଜାବାଇ ଙ୍କ ଭୂମିକା କିଏ ଅସ୍ୱୀକାର କରିପାରିବ, ସମାଜର ସବୁ ରଙ୍ଗୀବୋଉ, ଜିଜାବାଇଙ୍କ ଭଳି ହୁଅନ୍ତୁ । ସମାଜର ପ୍ରତି ରଙ୍ଗୀବୋଉ ନିଜ ନିଜ ପରିବାରକୁ ସୁଧାରନ୍ତୁ, ପୁରା ସମାଜ ସୁଧୁରି ଯିବ, ବହୁତ ଶୀଘ୍ର । ଘର, ପରିବାର କେବଳ ରକ୍ତ ସମ୍ପର୍କ ଥିବା ଲୋକଙ୍କ ମେଳା ନହେଇ, ସୁମଣିଷ ତିଆରି କାର୍ଖାନା ହେଉ ସେଥିରେ ମଙ୍ଗଳ ଅଛି, ସେଇ ହିଁ ସମାଜକୁ ପଙ୍କରୁ ଉଦ୍ଧାର କରିବାର ଏକ ମାତ୍ର ଚାବି ।  ଆହ୍ୱାନ, ଆହ୍ୱାନ, ଚାରିଆଡେ ଆହ୍ୱାନ ର

ISSN NO.
2582-208X

ଡାକ, ରଙ୍ଗୀ ବୋଉ  ସେ ଆହ୍ୱାନର ଡାକ ଦେଉ, ସେ କର୍ମକୁ ନିଷ୍ଠାର ସହ ପାଳୁ, ପ୍ରଚଣ୍ଡ କର୍ମ ଓ ସ୍ନେହର ତୁଫାନ ରେ ସମାଜ ବଦଳେଇଦେଉ । ଭଗବାନ ସେ ଶକ୍ତି ଦିଅନ୍ତୁ ସବୁ ରଙ୍ଗୀବୋଉ ମାନଙ୍କୁ । ରଗୀ ବୋଉର ସ୍ୱପ୍ନ ସାର୍ଥକ ହେବ, ପତିତ ଭୂଇଁ ପୁଣି ପୁଣ୍ୟସ୍ଥଳ ହେବ । ପବିତ୍ର ଭୂମିରେ ପୁଣି ଭଗବାନ ଅବତାର ନେବେ, ବେଦ ବର୍ଣ୍ଣିତ ନାରୀତ୍ୱ ପୁଣି ସସମ୍ମାନେ ମୁଣ୍ଡ ଟେକି ଉଠୁ, ଗର୍ବର ସହ ରଙ୍ଗୀବୋଉର ପ୍ରଚେଷ୍ଟାରୁ । ଏତିକି କାମନା, ଏତିକି ପ୍ରାର୍ଥନା ।

ମୋ: ୮୨୬୦୯୮୮୫୦୦

ମାର୍ଚ୍ଚ -୨୦୨୫
www.vedantimagazine.com
ISSN NO.
2582-208X

# ଗଜଲ୍-
# ଅଲଗା ବାସୁଛ ଭାରି



ତାରାପ୍ରସାଦ ଜେନା

ଫୁଲର ସହରୁ ବାହାରି ଆସିଛ
ଅଲଗା ବାସୁଛ ଭାରି
ଲାଜୁଆ ଓଠରେ ପାଖେଇ ହସୁଛ
ଅଲଗା ଦିଶୁଛ ଭାରି ! ୦ !

କଥାର ଲହସେ ସଜେଇ ହେଉଛ
ଅଲଗା ରସୁଛ ଭାରି
ବାଆଁରା ଆଖିକୁ ନଚାଇ ଜାଣିଛ
ଅଲଗା ଖସୁଛ ଭାରି ! ୧ !

ବିରହ ଦାଉରେ ବଢ଼ିଆ ଛଳୁଛ
ଅଲଗା ରୁଷୁଛ ଭାରି
କେବେତ କେମିତି ମିଛରେ ରାଗୁଛ
ଅଲଗା ଦୋଷୁଛ ଭାରି ! ୨ !

ମେଘର ଦୋଳିରେ କିମିଆ ଖେଳୁଛ
ଅଲଗା ଭାସୁଛ ଭାରି
ଅଳସ ସପନେ ଗେଲେଇ ବସିଛ
ଅଲଗା ତୋଷୁଛ ଭାରି ! ୩ !

'ତାରା'ର ଘରକୁ ମନରେ ରଖିଛ
ଅଲଗା ପଶୁଛ ଭାରି
ଜୀବନ ରଙ୍ଗକୁ ରଙ୍ଗେଇ ଦେଉଛ
ଅଲଗା ମିଶୁଛ ଭାରି ! ୪ !

ରଣପୁର (ଗୋଡ଼ିପାଟଣା ସାହି),
ନୟାଗଡ଼- ୭୫୨୦୨୬,
ଦୂରଭାଷ- ୯୩୪୮୦୫୪୩୦୦

ISSN NO.
2582-208X

# ଅଭିମାନନୀ



ଡକ୍ଟର ସତ୍ୟବ୍ରତ ଦାସ

ଅନା ଥରେ ଅନା ମୋତେ
ଆଉ କିଛି ଜମା କୁହନା
ଅନେଇ ଚାହିଁଲେ ଥରେ
ମୋ ହୃଦୟ ହେବ ସୁନା
ଆକାଶ କି ସୁନ୍ଦର ଆଜି
ଦେଖ ଗୋ ପ୍ରିୟା
ଆଜି ଭାବିଲା ବେଳକୁ
ସବୁ ପଛ କଥା
ଥରି ଉଠେ ମୋ ହିଆ
ଇତି ବୋଲି ଭାବିଥିଲି
ପଛ କଥା ସବୁ ଭୁଲି
ଇତ୍ୟାଦି ଯେତେ କଷ୍ଟ ସବୁ
ପାରିଲିନି ହୃଦୟରୁ ଖୋଲି
ଇଶ୍ୱରଙ୍କୁ ଥିଲା ଭରଷା
ମୋ ସଖୀ ବନଲତା ଉପରେ
ଇଶ୍ୱର କୃପାରୁ ମୁଁ ପାଇଥିଲି
ତୁମକୁ କେତେ ଯୁଗ ପରେ
ଉଣା ହେଲା ତୁମ କଥା
ଉଣାରୁ ଅଧିକ
ଉଷୁନା ଚାଉଳ ଗଜା ହେବା ପରି
ମୋ କଥା ବାଧିଲା ଅଧିକ
ଋଷି ଭଳି ତପ କରି ବିଭା ହେଲି
ମାଡ ଖାଇ କଥା ମାନି ବଡ ଭାଇଙ୍କ
ରୁଷି କରି ଚାଲି ଗଲ
କଥା କଥାରେ ବାପାଙ୍କ
ଏ କ'ଣ କଲ ମୋ ଜୀବନେ ଆସି ?
ଏମିତି କେବେ ହେବ କେହି
ପାରୁ ନାହାନ୍ତି ବିଶ୍ୱାସୀ
ଐରାବତ ଗଜ ପରି ଚାଲିଲ ଚାଲିଲ
ଐଶାନ କୋଣ ବାଟ
ଦେଇ ଘରୁ ଗଲ
ଓଁ କାର ଶବଦରେ
କମ୍ପିଲା ଗାଁରୁ ସହର
ଓଃ କି କଷ୍ଟ ଦାୟକ
ଶୁଣି ଫାଟିଲା ମୋ ଶରୀର
ଔଷଧ ଯେତେ ଖାଇଲି
ହେଲା ନାହିଁ ଉପଶମ
ଔଷଧର କାମ ନୁହେଁ

ISSN NO.
2582-208X

ଇଏ ଖାଲି ରାଗ ଆଉ ମନର ଗରମ
କୁହ କାହିଁ ପାଇଁ ଏତେ ତୁମର ରାଗ
କହିବାକୁ ଲାଜ ଲାଗେ
ପୁଣି ଗଲ ଛିଣ୍ଡାଇ ସୁହାଗ
ଏତେ ରାଗି ହୋଇ ଯିବ ବୋଲି
ଆଗରୁ କେବେ ଭାବି ନଥିଲି
ଖବର ଆସି ପହଞ୍ଚିଲା
ସୀମା ଘରୁ ଗଲା ଚାଲି
କଟି ମା କେବେ ଆସିବେ ବୋଲି
ପଚାରନ୍ତି ଝିଆରୀ ପୁତୁରା
କି ଉତ୍ତର ତାଙ୍କୁ ଦେବି
କହିଲ ମୋତେ ବନ ତାରା ?
ଗଲ ଯେ ଗଲ ଆଉ ହେଉନାହିଁ
ଫେରିବାର ତୁମ ସମୟ
ଗଲା ଦିନୁ ଗଲିଣି ମୁଁ ବିଗିଡି
ଭାଙ୍ଗିଛି ମୋ ହୃଦୟ
ଘର ଦ୍ୱାର ଭାଇ ଭାଉଜ
ଝିଆରୀ ପୁତୁରା
ଘନ ଅନ୍ଧକାର କଲ
ଆସି ମୋ ଜୀବନେ
ହୋଇ ଲୋଟଣୀ ପାରା
କାହା ବାହୁ ବନ୍ଧନେ
କରିବି ଶ୍ରୀଅଙ୍ଗ ରୋଦନ
କହିବାକୁ ଲାଜ ପୁଣି ଦିବାରାତ୍ର
ଅହନିଶି ଦେଖେ ସପନ
କାହା ହୃଦେ ହାତ ମାରି
ଖେଳାଇବି ନବ ଯୌବନ
ଖେଦ ସବୁ ଲାଗେ ଅନ୍ଧକାରମୟ
ଧୃତରାଷ୍ଟ୍ରଙ୍କ ପରି ଜୀବନ
ଶତପୁତ୍ରର ଦୁଃଖ ଏକା ତୁମେ ଭାରୀ
ଫେରିଆସ ପ୍ରିୟା ତୁମେ
ଏତିକି ତୁମ ପ୍ରିୟ ସତ୍ୟର ଗୁହାରି ।

ସୋମନାଥପୁର
ବର୍ଦ୍ଧନା-ବାଲେଶ୍ୱର
୭୭୫୧୯୨୬୭୦୫

ISSN NO.
2582-208X

# ଜୀବନ



ଦୀପକ ନାୟକ

କେବେ ସେ କୋଉଠୁ ଆରମ୍ଭ
କିଛି ଜାଣି ହୁଏ ନାହିଁ ।
ବେଳେ ବେଳେ ଏମିତି ଲାଗେ
ତା ପାଖେ ହାର୍ ମାନିଯିବି ।
କୋଉ ଗୋଟିଏ ଅଦୃଶ୍ୟ ସ୍ୱପ୍ନ
ତା ପାଖେ ହାର ମାନିବାକୁ ଦିଏନି ।
କଣ୍ଟାକିଟ ଭରା ଏ ଜୀବନ
ତଥାପି ଯିବାକୁ ହୁଏ ଏଠି ।
ଇଛାହୁଏ ସବୁ ଛାଡ଼ି
ଶେଷପଥରେ ଯିବାକୁ ।
କିଏ ଗୋଟିଏ ଭିଡି ଧରେ ମତେ
ଅନେକ କାର୍ଯ୍ୟ ଅଛି ବାକି ତୋର ।
ଏଇ ତ ଜୀବନ
କେମିତି ବୁଝିବି ତା ର ଆଭିମୁଖ୍ୟ ।
କେବେ ସେ ଫୁଲ ପଥ
କେବେ ସେ କଣ୍ଟା ।
ଜାଣିନି କଣ କରିବି
ତଥାପି ଚାଲିଛି ବାଟ ।

ଧର୍ମଶାଳା, ଯାଜପୁର

ISSN NO.
2582-208X

# ଲୋକ ଉପାଦାନ ଓ ଆଧୁନିକ ଓଡ଼ିଆ କବିତା

ଅଶୋକ କୁମାର ମହାନ୍ତ

ସଂକ୍ଷିପ୍ତ ସାର :

ଲିଖିତ ପ୍ରକ୍ରିୟା ପୂର୍ବରୁ ବ୍ୟକ୍ତି ବିଭିନ୍ନ ଠାର ସଂକେତ ଏବଂ ପରେ ନିଜ ବାକ୍ ଭଙ୍ଗୀ ଦ୍ଵାରା ଯୋଗାଯୋଗ ରକ୍ଷା କରିବାରେ ସହାୟକ ହୋଇଛି । ମୌଖିକ ସାହିତ୍ୟ ଯାହା ମୁଖରୁ ମୁଖକୁ ପ୍ରସାରିତ ତାହାହିଁ ଲୋକ ସାହିତ୍ୟର ପଦବାଚ୍ୟ । ଏହାକୁ ସାହିତ୍ୟର ମୂଳପିଣ୍ଡ କହିଲେ ଅତ୍ୟୁକ୍ତି ହେବନାହିଁ। ବିଦଗ୍ଧ ସାହିତ୍ୟର ପଶ୍ଚାତ୍ପଦରେ ଲୋକ ସାହିତ୍ୟ ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ। ଯୁଗେ ଯୁଗେ ଲୋକ ସାହିତ୍ୟର ଭୂମିକା ବିଦଗ୍ଧ ସାହିତ୍ୟରେ ଦୃଷ୍ଟିଗୋଚର ହେଲେହେଁ ଚାଳିଶ ଦଶକ ପର କାଳର ସାହିତ୍ୟରେ ଏହାର ପ୍ରୟୋଗର ପ୍ରାବଲ୍ୟତା ଦେଖାଦେଇଥାଏ। ସାଂପ୍ରତିକ ସମାଜରେ ବିଭିନ୍ନ ଘଟଣାବଳୀକୁ ସ୍ରଷ୍ଟା ସିଧାସଳଖ ପ୍ରକାଶ ନକରି ଲୋକଉପାଦାନ ମାଧ୍ୟମରେ ପାଠକ ମହଲରେ ଚହଳ ସୃଷ୍ଟି କରିଛି । ଯେପରି ସ୍ରଷ୍ଟା ନିଜ ବକ୍ତବ୍ୟକୁ ପ୍ରତ୍ୟକ୍ଷ ଭାବେ ପ୍ରକାଶିତ ନକରି ବିଭିନ୍ନ ପୌରାଣିକ ଚରିତ୍ରକୁ ମିଥ୍ ଭାବେ, ବସ୍ତୁତଥା ପ୍ରକୃତିର ବିଭିନ୍ନ ସ୍ଥିତିକୁ ଚିତ୍ରକଳ୍ପ ଓ ପ୍ରତୀକଭାବେ ଗ୍ରହଣ କରୁଛି ଠିକ୍ ସେହିପରି ଲୋକଉପାଦାନ କୁ ନେଇ ଅନେକ କୃତି ସାହିତ୍ୟ ଗର୍ଭକୁ ମଣ୍ଡିତ କରିଛି ।

ଝରଣାର କୁଳୁକୁଳୁ ନାଦ, ଚଢ଼େଇର କିଚିରି ମିଚିରି ଶବ୍ଦ ଏବଂ ବିଲୁଆର ହୁକେ ହୋ ଶବ୍ଦ ସତରେ କେତେ ମଧୁର । ଆଜି ନାହିଁ ସେହି ମଧୁର ସ୍ଵନ, ନାହିଁ ମଧ୍ୟ ସେ ମାନବ ଯେ କି ପ୍ରକୃତିକୁ ନିଜର ପରିବାର ମଣୁଥିଲା। କହନ୍ତି ରକ୍ଷକ ହିଁ ଭକ୍ଷକ ସାଜେ। ଯାହା ଗହଣରେ ସେ ଦିନେ ସମୟ ଅତିବାହିତ କରୁଥିଲା ତାର ବିନାଶ କରି ନିଜର ପ୍ରଭୁତ୍ୱ ବିସ୍ତାର କରିବାରେ ସେ ତିଳେ ମାତ୍ର ପଛଘୁଂଚା ଦେଉନାହିଁ । ଏହାହିଁ ମାନବ ଆଧୁନିକ ମାନବ । ଜଙ୍ଗଲ କାଟି କୋଠା ତିଆରି ହେଲା, ଗଢି ଉଠିଲା ମଧ୍ୟ ଶିଳ୍ପ । ଝରଣାର ନାଦ କ୍ରମେ କେଉଁ ଅତଳ ଗହରରେ ଲୀନ ହୋଇଗଲା । ବନ୍ୟ ଜନ୍ତୁ ମାନେ ପ୍ରାଣ ସଂଚିବାକୁ

ISSN NO.
2582-208X

କ୍ରମେ ଜଙ୍ଗଲ ଭିତରୁ ଗାଁ ଗଣ୍ଡାରେ ପ୍ରବେଶକଲେ । ଯାହାଦ୍ୱାରା ବ୍ୟକ୍ତି ନିଜର ସୁରକ୍ଷାର ବଳୟ ତିଆରିକଲା ଏବଂ ବନ୍ୟଜନ୍ତୁ ପାଇଁ ପ୍ରାଚୀର । ଯେଉଁ ମାନେ ଦିନେ ସମଗ୍ର ଅରଣ୍ୟକୁ ନିଜର ବିଚରଣ ଭୂମି ବୋଲି ବାଛିନେଇଥିଲେ ତାଙ୍କ ପରିଧି ଧୀରେ ଧୀରେ କମିବାକୁ ଲାଗିଲା । ତାରି ମଧ୍ୟରେ ସେମାନେ ଦହଗଞ୍ଜ ହୋଇ ନିଜ ଜୀବନ ଜିଇଁବାକୁ ଲାଗିଲେ ।

ସେଦିନର ଲୋକଗୀତ ଆଜି କେତୋଟି ଧାଡି ମଧ୍ୟରେ ସୀମିତହୋଇ ରହିଗଲା । ଆଜି କୃଷକଟିଏ ହଳ ଲଙ୍ଗଳ ଧରି କ୍ଷେତକୁ ଯାଉନାହିଁ; ଯାଉଛି ବିଭିନ୍ନ ଯନ୍ତ୍ରପାତି ଧରି । ତା ମୁଖରୁ ଆଉ କଳ୍ପନାର ସ୍ରତ ଝରୁନାହିଁ, ଝରୁଛି ଆଧୁନିକ ମୂଲ୍ୟହୀନ ଗୀତ । ଯାହାକୁ ସେ ନିଜ ମନୋରଞ୍ଜନର ଖୋରାକ୍ ବୋଲି ବାଛିନେଇଛି। ସନ୍ଧ୍ୟା ହେଲେ ଆଜି ଆଉ କଥକ ନାହାନ୍ତି, ଯେଉଁଠାରେ କଥକ ଅଛନ୍ତି ସେଠାରେ ଶ୍ରୋତାର ଅଭାବ ପରିଲକ୍ଷିତ ହେଲାଣି । ନିଜ କର୍ମଜୀବନରେ ସମସ୍ତେ ବ୍ୟସ୍ତ ଓ ବିବ୍ରତ ପ୍ରାୟ । ମୁକ୍ତ ଆକାଶରେ ବିଚରଣ କରୁଥିବା ପଶୁପକ୍ଷୀ ଙ୍କୁ ଯେପରି ବନ୍ଦୀ ସଜାଇଲା ଠିକ୍ ସେହିପରି ନିଜକୁ ମଧ୍ୟ ଚାରିକାନ୍ଥ ବନ୍ଦୀକରି, ତାକୁ ସୁରକ୍ଷାର ବଳୟ ବୋଲି ମଣିନେଲା । ଆଧୁନିକ କାଳରେ ଦ୍ରୁତ ସହରୀକରଣରେ ନିଜକୁ ସାମିଲ କରି ସେ ଏତେ ଆଗକୁ ଚାଲିଆସିଲା ଯେ ନିଜ ଜନ୍ମଭୂମିରେ ମଧ୍ୟ ପାଦ ଦେବାକୁ ସମୟ ମିଳିଲା ନାହିଁ । ପଛକୁ ଚାହିଁ ଖୋଜିଲା ଭିଟା ମାଟିକୁ, ଖୋଜିଲା ସେ ବଣ ଜଙ୍ଗଲକୁ, ଖୋଜିଲା ପ୍ରକୃତିକୁ; ମାତ୍ର ମିଳିଲାନି ମାଟି ତା ପ୍ରତିବଦଳରେ ମିଳିଲା ମୁଠାଏ ପାଉଁଶ, ମାଙ୍କଡ କୁମ୍ଭୀର କାହାଣୀ ପ୍ରତିବଦଳରେ ଦେଖିଲା ବ୍ୟକ୍ତିର ସଠତା। ତେଣୁ କବିଟିଏ ତାର କବିତାରେ ଏହି ଲୋକ ଉପାଦାନକୁ ନେଇ ତତ୍ କାଳୀନ ସମାଜ ମଧ୍ୟରେ ଏକ ସଂପର୍କର ଡୋରି ଟାଣିବାକୁ ଲାଗିଲା । ପ୍ରାଚୀନ କାଳରୁ ଆମ ସାହିତ୍ୟରେ ଏହି ଲୋକ ଉପାଦାନ ମାନ ଦେଖିବାକୁ ମିଳୁଥିଲେ ହେଁ ୧୯୪୦ ପରବର୍ତ୍ତୀ ଓଡ଼ିଆ ସାହିତ୍ୟରେ ଏହାର ପ୍ରୟୋଗ ବହୁ ପରିମାଣରେ ଦେଖିବାକୁ ମିଳେ ।

ଆଧୁନିକ ଜୀବନ ବୋଧର ଉପସ୍ଥାପନ ସହିତ ପାଶ୍ଚାତ୍ୟ କରଣ, ବିଭିନ୍ନ ଶୈଳୀ ଓ ଜୀବନ ଦୃଷ୍ଟିକୁ ଆମ କବିତା ଯେତେବେଳେ ଆପଣାର କରିନେଲା; ସେତେବେଳେ ତାର ଗଢ଼ଣଗତ ପରୀକ୍ଷା ନିରୀକ୍ଷାରେ ଲୋକଉପାଦାନକୁ ତାହା ଗ୍ରହଣ କଲା। ଏହାଦ୍ୱାରା ଆପଣାର ପରମ୍ପରା – ଐତିହ୍ୟ ବା ମୂଳକୁ ଫେରିବା ଓ ଜୀବନ ସଂପ୍ରୀତିର ପରିଚୟ ଦେବାକୁ ଶ୍ରେୟ ମନେକଲା । ଲୋକ ଉପାଦାନ ପ୍ରୟୋଗର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ନିଜ

ISSN NO.
2582-208X

ସଂସ୍କୃତି, ପରମ୍ପରା ଓ ଐତିହ୍ୟ ପ୍ରତି ଦୃଷ୍ଟି ଫେରାଇବା ଏବଂ କାବ୍ୟ କବିତାକୁ ବିଭିନ୍ନ ରୀତିରେ ପ୍ରୟୋଗ କରିବା । ଆମର ଯେଉଁ ଶିଳ୍ପୀମାନେ ବିଦେଶୀ ପ୍ରବଣତାରୁ ମୁକ୍ତଥିଲେ ସେମାନେ ମାଟି ପ୍ରତି ଖୁବ ଆସକ୍ତ ଥିଲେ । ଶହେ ବର୍ଷ ତଳର ରାଧାନାଥ, ଗଙ୍ଗାଧର, ମଧୁସୂଦନଙ୍କ କବିତାରେ ପ୍ରତିଫଳିତ ଉତ୍କଳୀୟ ବୋଧ, ପଲ୍ଲୀ ପ୍ରୀତି କିମ୍ବା ଆମର ଗାଥା କବିତା ମାନ ମୃତ୍ତିକା ସଂସ୍ରବୀ ନୁହେଁ କି? ୧୯୪୦ ପରବର୍ତ୍ତୀ କବିତାରେ ଆଧୁନିକତାର ନୂତନ ପ୍ରସ୍ତ ଉନ୍ମୋଚନ ହୋଇଛି ଏହି ସମୟରେ କବିତା ତାର ଭାବ ଓ ପ୍ରକରଣରେ ଯେଉଁ ନୂତନତା ଦେଖାଗଲା ସେଥିରେ ମିଥ୍, ଚିତ୍ରକଳ୍ପ, ପ୍ରତୀକ ପରି ଲୋକ ଉପାଦାନ ଏକ ବିଭବ ଭାବେ ସ୍ୱୀକୃତ ହେଲା । ଲୋକ କାହାଣୀର ବିଷୟବସ୍ତୁ ପୂର୍ଣ୍ଣ ଉପଯୋଗ ବିଭିନ୍ନ ଚରିତ୍ର ମାନଙ୍କର ନୂତନ ବିନ୍ୟାସ, ଅଭିବ୍ୟକ୍ତିର ନୂତନତା ପ୍ରଦର୍ଶନ ଗଳ୍ପ କ୍ଷେତ୍ରରେ କମ ହେଲେମଧ୍ୟ ୧୯୪୦ରୁ ଏକବିଂଶ ଶତକର ଆଦ୍ୟ ଦଶନ୍ଧି ମଧ୍ୟରେ କବିତା ଜଗତରେ ବହୁ କାବ୍ୟ ଶିଳ୍ପୀ ପ୍ରତ୍ୟକ୍ଷରେ ଓ ସୁଚନାତ୍ମକ ଭାବେ ଲୋକ ଉପାଦାନର ଉପଯୋଗ କରିଛନ୍ତି। ଏହାର ପ୍ରୟୋଗ କରିବାର ସୂତ୍ର କଣ ପାଶ୍ଚାତ୍ୟ ସାହିତ୍ୟରୁ ଆସିଛି ? ଏହା ପ୍ରଶ୍ନ ଉଠିପାରେ। ଏଥିପାଇଁ ଆମେ ସାରଳା ଦାସ ଓ ବଳରାମ ଦାସଙ୍କୁ ନେଇପାରିବା। ସରଳା ମହାଭାରତରେ ବିଭିନ୍ନ ଲୋକକଥା ସଂଯୋଜନା ସହିତ ବହୁତ ମୌଳିକ କାହାଣୀ ଦେଖାଯାଏ। ଢଗ ଢମାଳି ଓ ପ୍ରବାଦ ପ୍ରବଚନର ଏହା ହେଉଛି ଗନ୍ତାଘର। ଏଠାରେ ସତ୍ୟ-ଆମ୍ବ- କଥା କୁ ନେଇପାରିବା। ଯେଉଁଠାରେ କି ରହିଛି ଅରତୁ ରେ ଆମ୍ବ ଫଳିବା, ପଞ୍ଚୁ ପାଣ୍ଡବ ସମେତ ଦୌପଦୀର ମନର ଗୁପ୍ତକଥା କୁ ପ୍ରକାଶ କରାଯାଇଛି। ଏହା ଆମ ସମ୍ମୁଖରେ ପ୍ରଶ୍ନ ଉଠେ ଯେ ସେତେବେଳକୁ କଣ ଆମ ସାହିତ୍ୟରେ ମନସ୍ତତ୍ୱର ପ୍ରବେଶ ଘଟିଥିଲା ?

ଠିକ୍ ସେହିପରି ବଳରାମ ଦାସଙ୍କ "ଲକ୍ଷ୍ମୀ ପୁରାଣ" ଏକ ଉଲ୍ଲେଖନୀୟ ଲୋକ ଉପାଦାନ। ଏଥିରେ ଲକ୍ଷ୍ମୀ ଜଗନ୍ନାଥଙ୍କ ଧର୍ମ ପତ୍ନୀ, ପୁଣି କୃଷକର ମାଆ, ଐଶ୍ୱର୍ଯ୍ୟ ଓ ବିଶ୍ୱାସର ଦେବୀ।କବିଙ୍କ ପରିଯୋଜନାରେ ସେ ଚଣ୍ଡାଳୁଣୀ ଶ୍ରୀୟାଘର ପରିକ୍ରମା ଏବଂ ପରେ ଜଗନ୍ନାଥ - ବଳରାମ ଙ୍କୁ ଭୋକରେ ହନ୍ତସନ୍ତ କରି ନିଜ ଶକ୍ତି ଓ ପରାକାଷ୍ଠା ପ୍ରଦର୍ଶନ ମଧ୍ୟରେ ନାରୀ ସ୍ୱାଧୀନତା, ସଶକ୍ତି କରଣ, ଅସ୍ପୃଶ୍ୟତା ନିବାରଣର ସ୍ୱର ଦେଖାଯାଇଥାଏ।

ISSN NO.
2582-208X

ସାମ୍ପ୍ରତିକ କାଳରେ ଲୋକ କାହାଣୀ, କିମ୍ବଦନ୍ତୀ, ମହାଭାରତ, ରାମାୟଣ, ଭାଗବତ ଆଦିରେ ରହିଥିବା ବିଭିନ୍ନ ଚରିତ୍ରର ସ୍ୱତନ୍ତ୍ର ଦିଗକୁ ନେଇ ସାମ୍ପ୍ରତିକ ସ୍ଥିତି କୁ ଯୋଡି ପାଠକଙ୍କୁ ନୂତନ ଭଙ୍ଗୀରେ ଲେଖକ ରାଶି ରାଶି ଲୋକ ଉପାଦାନ ସମ୍ବଳିତ କୃତି ପରଷି ଦେଉଛନ୍ତି। ଲୋକ ଉପାଦାନର ପ୍ରୟୋଗ ଐତିହ୍ୟ ଓ ସଂସ୍କୃତି ସହିତ ଆଧୁନିକ ଜୀବନକୁ ଯୋଡୁଛନ୍ତି। ଏଠାରେ କେତୋଟି ଉଦାହରଣ ନିଆଯାଇ ପାରେ:- "ମିଛୁଆ ଗାଇଆଳ ଟୋକା (ରାଧୁଆ ) ମଲା ପୂର୍ବରୁ ଗାଇଥିବା ଗୀତ (ଶୈଳଜ ରବି), "ବତ୍ରିଶ ସିଂହାସନ" ଶରତ ଚନ୍ଦ୍ର ପ୍ରଧାନ), "ଉଜ୍ଜୟିନୀ"(ସୌଭାଗ୍ୟ ମିଶ୍ର), "ଚଣ୍ଡାଳ" (ଆଶୁତୋଷ ପରିଡ଼ା), "ଖୁଣଣୀ ଅପସରୀ" (ହରପ୍ରସାଦ ଦାସ) କବି ବେଣୁଧର ରାଉତଙ୍କ 'ପିଙ୍ଗଳାର ସୂର୍ଯ୍ୟ'(୧୯୬୭)ରେ ସ୍ଥିତ କବିତାର ଶୀର୍ଷକ 'କାଠଘୋଡ଼ା ପାଣି ପି'ରେ ଲୋକକଥା ଓ ଢଗଢମାଳି ର ପ୍ରୟୋଗର ଛଟା ଦୃଷ୍ଟି ଗୋଚର ହୋଇଥାଏ । 'କାଠଘୋଡ଼ା ପାଣି ପିରେ ପାଣି ପି/ରାଜାଘର ପୋଖରୀ ଏ ଜାଣି ପାଣି ପି/ଚନ୍ଦ୍ରରେ ବିଳସିତ ଏହି ସର ନିଶାରେ/ଚନ୍ଦ୍ରର ମୃଗ ଆସି ଯିଏ ଏଠି ତୃଷ୍ଣାରେ ।' (କାଠଘୋଡ଼ା ପାଣି ପି – ପିଙ୍ଗଳାର ସୂର୍ଯ୍ୟ)

ମିଛୁଆ ଗାଇଆଳ ଟୋକା (ରାଧୁଆ ) ମଲା ପୂର୍ବରୁ ଗାଇଥିବା ଗୀତ ବକ୍ତବ୍ୟ ଭିତରେ ଜୀବନ ଓ ଜଗତ ସମ୍ପର୍କିତ ଉପଲବ୍ଧି ଓ ଦର୍ଶନ ଫୁଟି ଉଠିଛି। କାହାଣୀଟିକୁ କେନ୍ଦ୍ରକରି କବିତାର ବକ୍ତବ୍ୟ ଓ ଦର୍ଶନ ପ୍ରଦର୍ଶିତ। କବିଙ୍କ ଭାଷାରେ :-

"ସଂସାରଟା ଛଟା ଗଲା/ ମିଛ ବାଘ, ମିଛଗାଇ, ମିଛରେ ଚିତ୍କାର
ସଂସାରଟା କୁତୁରୁ କାଳିଆ / ବୁଜ୍ ବୁଜ୍ ଠୋ ଠୋ ସୁଖ କ୍ଷଣକର
ମୋତେ ପଛେ ବାଘ ଖାଉ / ସତ୍ୟ ରକ୍ଷା ହେଉ ।"

(ଶୈଳଜ ରବି)

ଶରତ ଚନ୍ଦ୍ର ପ୍ରଧାନ ଙ୍କ "ବତ୍ରିଶ ସିଂହାସନ"ର ବକ୍ତବ୍ୟ ଯୁଗ ଓ ଜୀବନର ବ୍ୟକ୍ତିର ପ୍ରବୃତ୍ତି ଓ ଚଲଣିର ବହୁଧା ଦିଗକୁ ପ୍ରକାଶ କରେ । ବତ୍ରିଶ ସିଂହାସନ କାହାଣୀରେ ବର୍ଣ୍ଣିତ "ସସେମିରା ଉପାଖ୍ୟାନ" ଟିକୁ ଉପଜୀବ୍ୟ କରି ନିତ୍ୟାନନ୍ଦ ନାୟକଙ୍କ "ଚାରୋଟି ପ୍ରହର" କବିତା ରଚିତ । ବ୍ୟକ୍ତିର ଚିନ୍ତନ, ଅନ୍ୱେଷା ବୋଧ ଏଥିରେ ରୂପାୟିତ। :

ISSN NO.
2582-208X

"ବର୍ତ୍ତମାନ ରାଜା ପୁଅର କୃତଘ୍ନ ଭିତରେ/ସସେମିରା ଲେଖିଦେଇ ଭାଲୁ ଓହ୍ଲାଇ ଆସେ/ଗଛ ଉପରୁ ଏବଂ କ୍ଷୁଧାତୁର ବାଘ ଫେରିଯାଏ ଆରଣ୍ୟକ / ଶୁଖିଗଲା ଶାଳପତ୍ରରେ ଖୋଜି ଖୋଜି/ଖିନ୍ ଭିନ୍ ପଦ୍ମ କେଶରକୁ ।

( ସସେମିରା-ନିତ୍ୟାନନ୍ଦ ନାୟକ )

ଏହା ବ୍ୟତୀତ ଦୀପକ ମିଶ୍ରଙ୍କ "ଅରଣା ମଇଁଷି" "ମଧ୍ୟାହ୍ନର ଛାଇ" ଶରତ ଚନ୍ଦ୍ରଙ୍କ "ଖରା", ପ୍ରତିଭା ଶତପଥୀଙ୍କ "ସାହାଡ଼ା ସୁନ୍ଦରୀ" "କିଆ ଫୁଟିଛି" "ପରୀସଂଗେ ଦିନେ", ଗୁରୁପ୍ରସାଦ ମହାନ୍ତିଙ୍କ "ଚମ୍ପାଫୁଲ", ରମାକାନ୍ତ ରଥଙ୍କ "ବିମାନ ଦୁର୍ଘଟଣାରେ ମୃତ୍ୟୁ", ଶତ୍ରୁଘ୍ନ ପାଣ୍ଡବଙ୍କ "କେନ୍ଦରା", ବେଣୁଧର ରାଉତଙ୍କ "ଯୋଗୀ", ସଚି ରାଉତରାୟଙ୍କ "ପଲ୍ଲୀଶ୍ରୀ" ର "ମାଲୁଣି" କୁ ସାଧବ ଝିଅର ମାଲୁଣି ସହ ତୁଳନା କରାଯାଏ ।

ଲୋକ କଥାର ଓ କବିତାର ଚରିତ୍ର ଭାବେ ଅସୁରୁଣୀ, ଡାଆଣୀ, ଚିରଗୁଣି, ମାୟାମୃଗ ଆଦି ର ପ୍ରୟୋଗ ଦେଖାଯାଏ । ଯେପରି ରାଜେନ୍ଦ୍ର କିଶୋର ପଣ୍ଡାଙ୍କ ଝିଅପାଇଁ ଗୋଟିଏ କବିତା, ସୈରିନ୍ଦ୍ର ବାରିକଙ୍କ କେବେତ କିଛି ଦେଇ ପାରିଲିନି, ସୀତାକାନ୍ତ ମହାପାତ୍ରଙ୍କ ଯାତ୍ରା ତୋର ଦୀର୍ଘ ହେଉ, ମନୁପାଇଁ ଗୋଟିଏ କବିତା, ଘାସ ଫୁଲ, ଦିନ ଲିପି, ଆଜିପୁଣି ଦିଆଲି, କୁକୁଡ଼ା ଲଢ଼େଇ ଆଦି କବିତାରେ ଦେଖିବାକୁ ମିଳେ ।

ଲୋକକଥା ଓ ଗୀତର ଅନ୍ୟ ଏକ ବିଭାଗ "ବାୟା ଚଢ଼େଇ" ରମାକାନ୍ତ ରଥଙ୍କ "ନବଗୁଞ୍ଜ", ସୀତାକାନ୍ତ ମହାପାତ୍ରଙ୍କ ପେଭେଣ୍ଟ ପିତା ମହ, ବ୍ରଜନାଥ ରଥଙ୍କ ଅନ୍ଧଦେଶକୁ ଗଲି, ଆଦିରେ ଦେଖାଯାଏ । ଏଠାରେ ରମାକାନ୍ତ ରଥଙ୍କ ନବଗୁଞ୍ଜର ର ଏକ ଉଦାହରଣ ନିଆଯାଇ ପାରେ ଯେଉଁଠାରେ କି ମାତୃତ୍ୱର ଦୁଃଖ ଦହନ, କାରୁଣ୍ୟ ରୂପ ପାଇଛି । ପଦ୍ୟ ଛନ୍ଦ ଭିତରେ ଶିଶୁ ପ୍ରବୋଧନା ଦେବା ଏହି ଗୀତର ଉଦ୍ଦେଶ୍ୟ:-

"ବାୟା ଚଢ଼େଇରେ ବାୟା ଚଢ଼େଇ ତୁ/ଆଗଡାଳେ ତୋର ବସା/ମୋ କୁନି କାନ୍ଦୁଛି ଧାଇଁଆ ଧାଇଁଆ/ତୋ ସଙ୍ଗେ ଖେଳିବ ପେଶା ।"

(ନବଗୁଂଜର - ରମାକାନ୍ତ ରଥ )

ISSN NO.
2582-208X

ଅଶୀ ପରବର୍ତ୍ତୀ ଓଡ଼ିଆ କବିତାକୁ ନେଇ ଅନେକ କବିତା ରଚନା ହୋଇଥିବାର ଦେଖିବାକୁ ମିଳେ । କେବଳ କବିତାରେ ନୁହଁ ସାହିତ୍ୟର ବିଭିନ୍ନ ବିଭାଗ ରେ ଏହାର ଆଗମ ଦେଖାଯାଏ । ନଗର ସଭ୍ୟତାର କଳୁଷିତ ପରିବେଶରେ ମଣିଷ ପୁଣି ଖୋଜିଛି ନିଜ ପ୍ରାଥମିକ ସତ୍ତାକୁ। ସେ ଫେରିଯିବାକୁ ଚାହେଁ ତାର ସେଇ ଭୀଟାମାଟି କୁ ସେ ମାଟିର ସହ ନିଜକୁ ସମାହିତ କରିଦେବାକୁ ଚାହେଁ । ଗୃହ ପ୍ରକୋଷ୍ଠ ଭିତରେ ଥାଇ ବାହ୍ୟ ପ୍ରକୃତିକୁ ଅବକ୍ଷୟର ଦୃଶ୍ୟ ଦେଖି ପୁଣି ତାର ଗ୍ରାମୀଣ ଜୀବନକୁ ଫେରିଯିବାକୁ ଚାହେଁ । ସେ ପୁଣି ଲୋକ ଉପାଦାନ କୁ ନେଇ ଆଧୁନିକରଣ କରିବାକୁ ଚେଷ୍ଟା କରେ। ଏହାର ସଫଳ ପ୍ରୟୋଗ ଆମେ କବି ସଚ୍ଚି ରାଉତରାୟଙ୍କ କବିତାରେ ଦେଖିବାକୁ ପାଇବା । "କବିତା ୧୯୮୩" ରେ ସ୍ଥାନିତ "ବାଘ ମଙ୍ଗଳା" କବିତାଟି ଲୋକ ଉପାଦାନ କୁ କେନ୍ଦ୍ରକରି ରଚିତ ହୋଇଅଛି । ଉକ୍ତ କବିତାଟିରେ ସପନୀ ବାଘକୁ ନେଇଯିବା ପ୍ରସଙ୍ଗ ଯାହା ପରବର୍ତ୍ତୀ ପର୍ଯ୍ୟାୟରେ "ବାଘ ମଙ୍ଗଳା" ରୂପେ ଆଦର ଲାଭ କରିଛି। ତା ପାଇଁ ଛୋଟ ମନ୍ଦିର ଗଢାଯାଇଛି ଏବଂ ପୂଜା ଅର୍ଚ୍ଚନା ଓ ବଳୀ ମଧ୍ୟ ଦିଆଯାଇଛି । ସତେ ଯେପରି ଅସହାୟ ଓ ଅନ୍ଧ ବିଶ୍ୱାସୀ ମଣିଷଙ୍କ ଶୋକ ସେଠାରେ ଦେବତାରେ ପରିଣତ ହୋଇଛି। କ୍ରମେ ସେଠାରେ ପଥର ମନ୍ଦିର ନିର୍ମାଣ ଓ ଘଣ୍ଟ ମର୍ଦ୍ଦଳର ଧ୍ୱନିରେ ଜଙ୍ଗଲର ନିରବତା ଭଙ୍ଗ ହୋଇଛି ଏବଂ ଛେଳି କୁକୁଡ଼ା ରକ୍ତରେ ପଦ ଓ ପଦା ଲାଲ୍ ହୋଇଉଠେ କିନ୍ତୁ ସପନୀ ଓ ସ୍ୱାମୀର ଖବର କେହି କହନ୍ତିନି। ନିଛାଟିଆ ଦ୍ୱିପ୍ରହରରେ କିମ୍ବା ରାତି ଅଧରେ କିଏ କଇଁ କଇଁ କାନ୍ଦୁଥିବାର ସ୍ୱର ବାଟଇ ମାନେ ଶୁଣନ୍ତି । କବିଙ୍କ ଭାଷାରେ :-

"ପରେ ଶୁଣିଲେ ଲୋକେ ରାତି ଅଧେ ଗାଁ ମଶାଣିରେ
କିଏ ସେ କାନ୍ଦଇ ବସି , ଶଗଡ଼ିଆ ଦି ଜଣ ଡରିଲେ ।
କିଏ କହେ ପିତାଶୁଣୀ କେ କହେ ବାଘୁଣୀ ।
ଶେଷେସ୍ଥିର ହେଲା ସପନୀ ଆସିଚି ଧରି ବାଘୁଣୀର ରୂପ,
ନାଁ ଦେଲେ ଲୋକେତା କାନ୍ଦୁରୀ

x x x x x

କିଛିଦିନ ପରେ ଦିନେ ମୁଁଡ ଟେକି ଉଠିଲା ସେଠାରେ
ବାଘ ମଂଗଳାଂକ ପୀଠ ଅଧେ ନାରୀ ଅଧେ ଯେ ବାଘୁଣୀ ।"

ISSN NO.
2582-208X

( କବିତା -୧୯୮୩,ବାଘ ମଙ୍ଗଳା - ସଚ୍ଚିଦାନନ୍ଦ ରାଉତରାୟ )(୬)

୧୯୬୮ ମସିହାରେ ରଚିତ "ଚିତ୍ର ବାଘ" କବିତାଟି ମଧ୍ୟ ଲୋକ ଉପାଦାନ କୁ କେନ୍ଦ୍ର କରି ଗଢ଼ି ଉଠିଛି । ମିଳନର ପ୍ରଥମ ରାତ୍ରିରେ ପୁରୁଷ ହାତରେ ଖଡ଼ି ଗୋଟାଳି ଧରେଇଦେଇ ନବବଧୂ ବାଘର ଚିତ୍ର କିପରି ବୋଲି ଦେଖିବାକୁ ଜିଦ୍ କରିଛି। ଚିତ୍ର ବାଘଟିଏ ଆଙ୍କୁ ଆଙ୍କୁ ତାହା ସତ ବାଘରେ ପରିଣତ ହୋଇ ପୁରୁଷକୁ ମାରିଦିଏ । ନିଜ ସୃଷ୍ଟି ହିଁ ନିଜ ମୃତ୍ୟୁର କାରଣ ସାଜେ। ଜ୍ୟୋତିଷଙ୍କ କଥା ସତହୁଏ। ଲୋକ କଥାର ଏଇ ଗଳ୍ପ ଯେଉଁ କାରୁଣ୍ୟ ପରିବେଶ ସୃଷ୍ଟି କରିଥାଏ ତାହା ପାଠକ ମନରେ ଉକ୍ତ କବିତାକୁ ପଢିବାକୁ ଆଗ୍ରହ ସୃଷ୍ଟି କରିଥାଏ ।

ଅଶୀ ଦଶକର ଅନ୍ୟ ଜଣେ ପ୍ରତିଭା ସମ୍ପନ୍ନ ବ୍ୟକ୍ତି ସୀତାକାନ୍ତ ମହାପାତ୍ର। ତାଙ୍କ ଆଦିବାସୀ ଜୀବନ କୈନ୍ଦ୍ରିକ କବିତା ସଙ୍କଳନର ଶୀର୍ଷକ "ଶାଳଗଛ ଫୁଲରେ ନଇଁଛି" ରେ ଲୋକ ଉପାଦାନର ପ୍ରୟୋଗ ଦେଖିବାକୁ ମିଳେ । ଉକ୍ତ କବିତା ସଂକଳନଟିରେ ସର୍ବମୋଟ ୮ଗୋଟି କବିତା ସ୍ଥାନିତ ହୋଇଅଛି । ଯାହା ବିଭିନ୍ନ ଆଦିବାସୀ ସମ୍ପ୍ରଦାୟର ଯଥା :- ପରଜା, କନ୍ଧ, ମୁଣ୍ଡା, ଓରାଂ, ସାନ୍ତାଳୀ ଙ୍କର ବିଭିନ୍ନ ପୂଜା ବିଧି, ସମାଜ ସଂସ୍କାର, ଲୋକକଥା କୁ କେନ୍ଦ୍ର କରି ରଚିତ ହୋଇଅଛି ।

ଉପସଂହାର:

ସାହିତ୍ୟ ସର୍ବଦା ପରିବର୍ତ୍ତନଶୀଳ ଏହି ପରିବର୍ତ୍ତନ ହିଁ ତାକୁ ଏକ ନୂତନ ରୂପ ପ୍ରଦାନ କରିବାରେ ସହାୟକ ହୋଇଥାଏ । ଏହି ପରିବର୍ତ୍ତନ ର ପ୍ରାରମ୍ଭିକ ପର୍ଯ୍ୟାୟ ହିଁ ଲୋକ ସାହିତ୍ୟ ଯାହା ଚିର ପରିବର୍ତ୍ତନଶିଳ । ଏହା କୌଣସି ବିଦଗ୍ଧ ସ୍ରଷ୍ଟା ଦ୍ଵାରା ରଚିତ ହୋଇନଥିଲା । ଏହାର ସ୍ରଷ୍ଟା ଏ ମାଟିର ମଣିଷ ଯେ ନିଜ ଜୀବନକୁ ସେ ମାଟିରେ ସମାହିତ କରିଥାଏ । ବଣ ଜଙ୍ଗଲ ଘେରା ପର୍ବତଶିଖର ରେ ରହି ସେ ଚାହିଁଥାଏ ପ୍ରକୃତିର ଅପରୂପ ଶୋଭାରାଜି କୁ ଏବଂ ଯାହା ହୃଦୟଙ୍ଗମ କରେ ତାକୁ ବିଭିନ୍ନ ଲୋକ ଗୀତ ,ଲୋକ ନାଟକ ଲୋକ ଗଳ୍ପ ମାଧ୍ୟମରେ ସମାଜକୁ ପରସି ଦେଇଥାନ୍ତି । ତାହା କ୍ରମେ ସୀମିତ ପରିସରରୁ ବ୍ୟାପକ ରୂପ ନେଇଥାଏ ।ଏହି ଲୋକ ସାହିତ୍ୟ ଯଦିଓ ଆମ ଗହଣରେ ପର୍ଯ୍ୟାପ୍ତ ନାହିଁ ମାତ୍ର ଏହାହିଁ ବିଦଗ୍ଧ ସାହିତ୍ୟର ମୂଳ ଭିତ୍ତି ।ଏହି ଲୋକସହିତ୍ୟ ହିଁ ବିଦଗ୍ଧ ସାହିତ୍ୟର ଆଦ୍ୟ ଅନ୍ୱେଷା। ବର୍ତ୍ତମାନ୍ ପରିପ୍ରେକ୍ଷୀରେ ରେ ପୃଥିବୀର କୋଣ ଅନୁକୋଣରେ

ISSN NO.
2582-208X

ଲୋକ ସାହିତ୍ୟ ବିଭିନ୍ନ ଉପାଦାନ ମାନଙ୍କୁ ଗ୍ରହଣ କରି କାବ୍ୟ କବିତା ଗର୍ଭକୁ ବ୍ୟକ୍ତି ପରିପୁଷ୍ଟ କରୁଛି । ସେଦିନର ମିଛୁଆ ରଧୁଆ ଆଜି ମୁଛୁଆ ଗାଇଆଳ ଟୋକା ମଲା ପୂର୍ବରୁ ଗାଇଥିବା ଗୀତରେ ଛପିବାକୁ ଅଗ୍ରଗାମୀ ହେଉଛି ଆଉ କେଉଁଠି ବାଘ ମାମୁଁ ପିଲାଙ୍କ ବୁଦ୍ଧିରେ ପରାସ୍ତ ହୋଇ ନିଶାଗ୍ରସ୍ତ ହୋଇଛି । ସାହିତ୍ୟର ବିଭିନ୍ନ ବଳୟରେ ଏହି ଲୋକ ଉପାଦାନ ଆମ ଦୃଷ୍ଟି ଗୋଚର ହୋଇଥାଏ ।

ସହାୟକ ଗ୍ରନ୍ଥସୂଚୀ:-

୧- ମହାନ୍ତି ,ଗିରିବାଳା,' କବିତାର କଥା', ପ୍ରଥମ ସଂସ୍କରଣ ,ବିଦ୍ୟାପୁରୀ,କଟକ ୧୯୮୨- ପୃ -୩୦
୨- ଶତପଥୀ, ପ୍ରଫେସର ନିତ୍ୟାନନ୍ଦ,' ସବୁଜରୁ ସାଂପ୍ରତିକ, ଗ୍ରନ୍ଥ ମନ୍ଦିର, ବିନୋଦ ବିହାରୀ, କଟକ, ୨୦୧୬
୩- ଶତପଥୀ, ପ୍ରଫେସର ନିତ୍ୟାନନ୍ଦ,' ସତୁରୀରୁ ସହସ୍ରାବ୍ଦୀ, ପ୍ରାଚୀ ପ୍ରତିଷ୍ଠାନ, ବିନୋଦ ବିହାରୀ, କଟକ, ୨୦୧୦
୪- ଶତପଥୀ, ପ୍ରଫେସର ନିତ୍ୟାନନ୍ଦ,' ପ୍ରମୁଖକବି କତିପୟ','ପ୍ର, ନାଳନ୍ଦା, ବିନୋଦ ବିହାରୀ, କଟକ
୫- ପଣ୍ଡା, ନାରାୟଣ,' ଆଧୁନିକ ଓଡ଼ିଆ କବିତାର ପରିଚୟ ', ଟେକ୍ନୋ ଆର୍ଟସ୍ ଅଫ୍ ସେଟ୍, କଲ୍ୟାଣୀ ନଗର, କଟକ -୨୦୦୨
୬- ରାଉତରାୟ, ସଚ୍ଚିଦାନନ୍ଦ କବିତା,'ସଚ୍ଚି ରାଉତରାୟ ଗ୍ରନ୍ଥାବଳୀ – ଦ୍ୱିତୀୟ ଖଣ୍ଡ', କବିତା -୧୯୮୩, ବାଘ ମଙ୍ଗଳା – ପୃ -୬୯୦
୭-ତତ୍ରୈବ,ପୃଷ୍ଠା-୬୧୧
୮-କର, ପ୍ରଫେସର ବାଉରୀ ବନ୍ଧୁ,' ସମକାଳୀନ ଓଡ଼ିଆ କବିତା', ମହାବୀର ପ୍ରକାଶନ, ଭୁବନେଶ୍ୱର,୨୦୧୪

ଗବେଷକ
ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱ ବିଦ୍ୟାଳୟ
ମେଲ୍ – kumar12ashok1@gmail.com
ମୋ -୯୫୫୬୧୮୫୧୯୩

ISSN NO.
2582-208X

# ନିତି ତୁମ ପାଇଁ



ପବିତ୍ର ନାରାୟଣ ବେହେରା

ନିତି ତୁମ ପାଇଁ କବିତାଟେ ଲେଖେ
ମନର କାଗଜ ପରେ
ସ୍ମୃତିର କଲମ ଧାରେ
ସେହି କବିତାଟା ନଷ୍ଟ ହୋଇଯାଏ
ମୋ ଆଖି ଭିଜା ଲୁହରେ
ଲେଖି ମୁଁ ସାରିବା ପରେ ।
ନିତି ତୁମ ପାଇଁ ସପନଟେ ଦେଖେ
ରାତିର ଘନ ଅନ୍ଧାରେ
ନିଦେ ଶୋଇଗଲା ପରେ
ସେହି ସପନଟା ପୁଣି ସରିଯାଏ
ନିଦ ଭାଙ୍ଗିଗଲା ପରେ
ଅଜସ୍ର କୋହ ଭିତରେ ।
ନିତି ତୁମ ପାଇଁ ପ୍ରେମିକଟେ ସାଜେ
ତୁମକୁ ଦେଖିବା ପରେ
ପ୍ରଣୟର ଅଭିସାରେ
ସେହି ପ୍ରେମ ପୁଣି କାହିଁ ହଜିଯାଏ
ମରୁ ତତଲା ବାଲିରେ
ଚାହେଁ ଖାଲି ପ୍ରତୀକ୍ଷାରେ ।

ଅଧ୍ୟାପକ ଓଡ଼ିଆ
ଉଦୟ ପ୍ରତାପ ବିଜ୍ଞାନ ଉଚ୍ଚ ମାଧ୍ୟମିକ
ବିଦ୍ୟାଳୟ,ଶେରଗଡ଼

ISSN NO.
2582-208X

# ନୂଆ ବର୍ଷ ଅଭିନନ୍ଦନ



ଅନାଦି ଚରଣ ବେହେରା

ସୂର୍ଯ୍ୟ ତୁମେ ଟିକେ ଆସିବ ସକାଳୁ
ତୁମକୁ ଏ କଥା ଲାଗିଲା,
ଭଲ ଲାଗୁନି ମନଟା ଶୀତରେ
ଜୀବନ ହେଲାଣି ଘାଇଲା ।
ଚାରି ଆଡ଼େ ଖାଲି ଶୀତ ଯେ ଶୀତ,
କୁହୁଡି ଶାସନ କରେ ରାଜତ୍ୱ
ସୁରୁଜ ତୁମେ କି ରାଗିଛ ପ୍ରଭୁ!
ଦେଖ ଶୀତରେ ହେଲୁଣି ଖତ ।
ସକାଳୁ ଜମାରୁ ପାରୁନୁ ଉଠି
ଆଉ କମ୍ବଳ ପାରୁନୁ ଛାଡି
ଏମିତି ଅବସ୍ଥା ହେଲେ ନିଶ୍ଚେ
ଶ୍ମଶାନେ ଲାଗିବ ଧାଡ଼ି ।
ବେଶୀ ଥଣ୍ଡା ହେଲେ
କେଉଁଠୁ ପାଇବୁ ଗରମ ପାଣି ,
ଗାଧୁଆ ପାଧୁଆ ବନ୍ଦ ହେଇଯିବ
ସୁରୂଜ କି ତୁମେ ପାରୁନ ଜାଣି ?
ଗରୀବ ବିଚରା ଆଉ ବୁଢ଼ା ବୁଢ଼ୀ,
କେମିତି କାଟିବେ ଥଣ୍ଡାରେ ଦିନ

ISSN NO.
2582-208X

ସୂର୍ଯ୍ୟ ହେ ତୁମକୁ ଲାଗିଲା
ନିଦ ସଭୀଙ୍କର ହଜିଲା ।
ବେଶି ହଉଛି ଥଣ୍ଡାଟା ଯେମିତି
ଆଗକୁ କରିବ ଘାଇଲା ।
ପିଲା ଛୁଆ ପାରୁ ନାହାଁନ୍ତି ଖେଳି,

ଥଣ୍ଡା ଦୁଃଖ ଦେଲା ଭାଗରୁ ବଳି
କେ କରି ପାରିବ ତୁମଠେ କଳି ।
ସେଥି ପାଇଁ ଟିକେ ନେହୁରା ହେଲି,
ବାହାନା ନ କରି ଜଲଦି ଆସିବ
ନାହୁରା ହେଇକି କରେ ଅର୍ଦ୍ଦଳି ।
କୁହୁଡ଼ି କୁଆଡେ ଛାଡ଼ି ପଳେଇବ
ଶୀଘ୍ର ଆସିବ, କରୁଛି ଅଳୀ
ତୁମକୁହିଁ ପ୍ରଭୁ ଭରସା କଲି,
ସକାଳୁ ଜଲଦି ଆସିବ ବୋଲି ।

ପ୍ରଧାନ ଶିକ୍ଷକ
ସରକାରୀ ପ୍ରାଥମିକ ବିଦ୍ୟାଳୟ, ଜୁରମୁଣ୍ଡା

ISSN NO.
2582-208X

# ମନରାଜା



ବିନୟ କୁମାର ମିଶ୍ର

ମନେ ମନେ ପାଳ ପକାଇ ଯିଏ ଉଚ୍ଚା ହୁଅଇ,
କିଂଶୁକ ପରାଏ ଜନମି ପଦ୍ମ ବୋଲି ଭାବଇ ॥
ନିଜେ ଶ୍ରେଷ୍ଠ ବୋଲି ଭାବିକି ଯିଏ କର୍ମ କର,
ଗର୍ବ ବହି ମନେ ଅନ୍ୟକୁ ବେଖାତିର କରଇ ॥
ତୁଚ୍ଛ ବୋଲି ଭାବେ ଅନ୍ୟକୁ ଅଳ୍ପ ସ୍ୱଳ୍ପ ମନରେ,
ତୋର ମୋର ଭାବ ରଖିକି ଯିଏ ଚଳେ ସଂସାରେ ॥
ସେ ବ୍ୟକ୍ତିର ବନ୍ଧୁ ନ ଥାନ୍ତି କେହି ଏ ସମାଜରେ,
ବିପଦେ ପଡ଼ିଲେ କେହିବି ନ ଆସନ୍ତି ଦୂରରେ ॥
କାରେ ଦେଖି ଯଦି ସେଭଳି ହେବା ପାଇଁ କେ ଭାବେ,
ଗୁଣ ତା ଭିତରେ ନ ଥିଲେ ଉପହସିତ ଭବେ ॥
ନିଜ ତ୍ରୁଟି ପାଇଁ ଓକିଲ ହେବା ପାଇଁ ନ ଭାବ,
ପର ଦୋଷ ଦେଖି ନିଜକୁ ବିଚାରକ ନ ଭାବ ॥
ମାୟା ମୋହ ଭରା ଜୀବନେ କର୍ମ ଯୋଗଟି ବଡ,
ସୁକର୍ମରେ ଇଷ୍ଟ ମିଳନ୍ତି ଭକ୍ତି କଲେ ଯୋଗାଡ ॥
ଭକ୍ତି ବଳେ ଇଷ୍ଟ ମିଳନ୍ତି ଜୀବେ ଥିଲେ ଆବେଗ,
ଭକ୍ତିମାର୍ଗ ଅଟେ ସହଜ ଶୀଘ୍ର ସିଦ୍ଧିଦାୟକ ॥
ଜ୍ଞାନମାର୍ଗେ ଗଲେ ଜଗତେ ବ୍ରହ୍ମ ଯେ ଇଷ୍ଟଦେବ,
ସକଳ ଘଟେ ସେ ବସନ୍ତି ସେହିଟି ବାସୁଦେବ ॥

ISSN NO.
2582-208X

ସିଦ୍ଧିରେ ବାଧକ କାହାକୁ ଯଦି ଭାବ ଖରାପ,
ଆନ ଦୋଷ ମାନ ଧନକୁ ଈର୍ଷା କରିବା ପାପ ॥
ଯଦି କାହାଠାରେ ଦୁର୍ଗୁଣ ଅଛି ତାକୁ ବାହାର କରି,
କହିବା, ଦେଖିବା, ଶୁଣିବା, ଆନେ ଆକ୍ଷେପ କରି ॥
ଭକ୍ତି ପାଇଁ ଏହା ବାଧକ ଯାର ବୃତ୍ତି ଏପରି,
ନର୍କ ତାହାଠାରୁ ଅଦୂର ହେଉଥାଏ ସେ ଘାରି ॥
ପରମାତ୍ମା ପ୍ରାପ୍ତି ନିମନ୍ତେ ଦେଖ ନାହିଁ ଦୂର୍ଗୁଣ,
ହୋଇଯାଏ ସେହି କ୍ଷଣକେ ନିଜ ପାଇଁ ଦର୍ପଣ ॥
ସମଗ୍ର ଜଗତ ଇଶ୍ୱର ରୂପ ଧ୍ରୁବ ଅଟଇ ଏହା,
ଦୋଷ ଗୁଣ ତୁମ ଭାବନା ଶୁଦ୍ଧ କରଟି ତାହା ॥
ନିଜର କଲ୍ୟାଣ ଚାହିଁଲେ କାରେ ଦିଅନା ଦୋଷ,
ସସ୍ୱଙ୍ଗୀର ଦେହ ଭାବନା ନାହିଁ ସେ ବ୍ରହ୍ମ ଅଂଶ ॥
ଭାବଦେହ ସୂକ୍ଷ୍ମ ମୂଳ ଯେ ସ୍ଥୁଳ ଦେହଟି ଗୌଣ,
ସ୍ଥୂଳ ଦେହ ହେବ ବିଲୀନ ଭାବ ସ୍ଥିରଟି ଜାଣ ॥
ସୃଷ୍ଟି ନୀରବରେ ହୁଅଇ ଶବ୍ଦ କରେ ବିନଷ୍ଟି,
ସୃଷ୍ଟି ଶାନ୍ତ ମୌନ ଲକ୍ଷଣ ଲୟ ଶବ୍ଦ ସମଷ୍ଟି ॥
ହରି ଯେ ସର୍ବତ୍ର ସମାନ ବ୍ୟାପିଛନ୍ତି ଜଗତେ,
ପ୍ରତି ଧୂଳି କଣା ମଧ୍ୟରେ ହରି ପ୍ରେମେ ପ୍ରକଟେ ॥
କୁସଙ୍ଗର ତ୍ୟାଗ ଭକତ ସଙ୍ଗ ମମତା ଥିଲେ,
ଭଗବତ ପ୍ରାପ୍ତି ହୋଇବ ଏହି ଗୁଣ ରଖିଲେ ॥
ବୁଦ୍ଧି, ଚତୁରତା, ତତ୍ପର ଶ୍ରମଶୀଳତା ରଖ,
ଜୀବନ ସଫଳ ହୋଇବ କେବେ ନୋହି ବିମୁଖ ॥

ମଲ୍ଲୀପୁର, ନଆଳ, ଖୋର୍ଦ୍ଧା

ISSN NO.
2582-208X

# ଘାଣ୍ଟ ତରକାରୀ



ଜନ୍ମଜୟ ନାୟକ

(୧)

ଆମ କଲୋନୀର ସବୁଠାରୁ ପ୍ରିୟ ନାମ ଶାନ୍ତି ମାଉସୀ। ପିଲା ଠୁଁ ବୁଢା ସବୁରି ମୁହଁରେ ତାରି ପ୍ରଶଂସା। ପାକୁଆ ପାଟିରେ ଲହଡିଭାଙ୍ଗୁଥାଏ ଖିଲିଖିଲି ହସ। ସେନେହ ସିକୁଳିରେ ସମସ୍ତଙ୍କ ମନକୁ ବାନ୍ଧି ରଖିଥାଏ ସେ। ମହମହ ବାସନା ଛୁଟିଆସୁଥିଲା ଶାନ୍ତି ମାଉସୀ ଘରୁ। ସେ ବାସନାରୁ କେଉଁ ଗୋଟିଏ ଆପଣାପଣର ଅନୁଭବ ଭାସିଆସୁଥିଲା। ସହରୀ ସଭ୍ୟତାର ଚାକଚକ୍ୟ ଭିତରେ ସେ ବାସନା ପୂର୍ଣ୍ଣଚ୍ଛେଦ ଟାଣି ଗାଁ କଥା ମନେପକାଇ ଦେଉଥିଲା। ଖବରକାଗଜ ପଢିବାରେ ନିଜକୁ ବ୍ୟସ୍ତ ରଖିବାକୁ ଯେତେ ଚେଷ୍ଟାକଲେ ବି କେଉଁ ଅଜଣାକୋହରେ ଅଣନିଃଶ୍ୱାସୀ ହୋଇଉଠୁଥିଲି ମୁଁ। ମୋ ଭାବନାର ପରିଧିକୁ ବଳପୂର୍ବକ ଅକ୍ତିଆର କରିଚାଲିଥାନ୍ତି ଅତୀତର ସ୍ମୃତିସବୁ। ସହରରେ ରହିବା ଇତିମଧ୍ୟରେ ୨୦ବର୍ଷ ହେଇଗଲାଣି। ମାଆ ଚାଲିଯିବାପରେ ଆଉକେବେ ଗାଁ କୁ ଫେରିନି ମୁଁ। ହଠାତ୍ ଉଠିପଡି କପବୋର୍ଡ ଖୋଲି ପୁରୁଣା ଡାଏରୀଟାକୁ ଖୋଲି ମାଆର ସେ କଳାଧଳା ଫଟୋଟିକୁ ଜାବୁଡି ଧରିଲି। ଆଖିଆଗରେ ନାଚିଉଠୁଥିଲା ସବୁକଥା। ମାଆର ହାତତିଆରି ଘାଣ୍ଟ ତରକାରୀର ବାସନା ସତେ ଯେମିତି ମୋର ଚତୁଃପାର୍ଶ୍ୱରେ ଭାସି ବୁଲୁଥିଲା। କ୍ଷଣଭଙ୍ଗୁର ମୁହୂର୍ତ୍ତସବୁ ମାୟାମରୀଚିକା ସମ ଦୃଶ୍ୟପଟ୍ଟରୁ ଉଭେଇ ଯାଉଥିଲେ। ସେସବୁକୁ ଜାବୁଡି ଧରିବାର ବୃଥା ପ୍ରୟାସ କରି ହାରି ଚାଲିଥିଲି ବାରମ୍ବାର। ମନର ଅବ୍ୟକ୍ତବେଦନା ସବୁ ବିଗଳିତ ବରଫାଶୁର ରୂପ ନେଇସାରିଥାନ୍ତି। ଉଷ୍ମ ବରଫାଶୁ ମାଆର କଳାଧଳା ଫଟୋଟିକୁ

ISSN NO.
2582-208X

ଧୌତ କରିଚାଲିଥାନ୍ତି। ମୁଁ ଭାବନା ରାଇଜରୁ ବାହାରି ପ୍ରକୃତିସ୍ଥ ହେଲି ଶାନ୍ତି ମାଉସୀର ସ୍ନେହାସିକ୍ତ ପରଶରେ। ମୋ ମୁଣ୍ଡକୁ ଆଉଁସି ଦେଇ ଘାଣ୍ଟ ତରକାରୀ ବେଲାଟାକୁ ବଢେଇଦେଲେ। ନିଜ ରେଶମୀ ରୁମାଲରେ ଲୁହ ପୋଛୁପୋଛୁ ଶାନ୍ତିମାଉସୀ ନିଜ ହାତରେ ଘାଣ୍ଟତରକାରୀ ଖୁଆଇ ଦେଉଥାନ୍ତି। କାହିଁକି କେଜାଣି ସେ ତରକାରୀରୁ ମାଆର ଆତ୍ମୀୟତା ସ୍ୱଷ୍ଟ ବାରି ହୋଇପଡୁଥାଏ।

(୨)

ଦୁଃଖ ଲହଡିରେ ସୁଖଦିନର ସ୍ମୃତିର ଦୀପାଳି ନିର୍ବାପିତ ହୋଇଚାଲିଥାଏ । ନୀରବତା ଭିତରେ ମନର ଅକୁହା ବେଦନାକୁ ନିଷ୍ଚିହ୍ନ କରିବାର ବୃଥାପ୍ରୟାସ କରିଚାଲିଥାଏ ଜାଡିଦେଇ। ପୁରୁଣା ଗିମ୍ବିରି ଘର କାନ୍ଥରେ ମିଞ୍ଜି ମିଞ୍ଜି ଆଲୁଅଦେଇ ଜଳୁଥିବା କଳଙ୍କିଲଗା ଲଣ୍ଠନକୁ ଏକଲୟରେ ଚାହିଁରହିଥାଏ ସେ। ତା ଜୀବନର ସବୁ ସୁଖଦୁଃଖର ମୂକସାକ୍ଷୀ ତ ସେହି ଲଣ୍ଠନ। ଏତେ କମ୍ ବୟସରୁ ବାଲ୍ୟବିଧବା ହେବାର ଦାରୁଣ ଦୁଃଖକୁ ପାଶୋରି ଦେଇଥିଲା ଏକୋଇରବଳା ବିଶିକେଶନ ରାମୁ ର ମୁହଁକୁ ଚାହିଁ। ଦୂତୀବାହନଙ୍କ ପାଖେ ଦ୍ୱିତୀୟା ତିଥିରେ ପୁଅର ଆୟୁଷ ମାଗୁଣି କରି ଶୁଭମନାସି ପୁଅ ଜୀଉନ୍ତିଆ କରୁଥିଲା। ପୁଅର ଅତିପ୍ରିୟ ଘାଣ୍ଟ ତରକାରୀ ଥିଲାବୋଲି ଓଷା ପରଦିନ କେତେ ସରାଗରେ ବାଡିବଗିଚାରୁ ପନିପରିବା ତୋଳି ଆଣୁଥିଲା। ନିଜ ହାତରେ ପେଟପୁରା ଖୁଆଇ ନଦେଲେ ତାକୁ ଶାନ୍ତି ମିଳୁ ନଥିଲା। ତାପରେ ତା ହାତତିଆରି ଘାଣ୍ଟ ତରକାରୀ ସାଇପଡିଶାରେ ବାଣ୍ଟୁଥିଲା। ହେଲେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ରାମୁ ଚାଲିଯିବାପର ଠୁଁ ଜାଡିଦେଇ ପୂରା ଏକା ହୋଇଯାଇଛି, ଏତେବଡ ଦୁନିଆରେ। ଲୋଚାକୋଚା ଚମ ର ଆବରଣରେ କଙ୍କାଳସାର ଦେହଟିକୁ ଘୋଡେଇ ସାତସିଆଁ ଲୁଗାଟି ପିନ୍ଧି ଲେଞ୍ଜରାଭର୍ତ୍ତି କୋଟରାଗତ ଆଖିଯୋଡିକରେ ମୃତ୍ୟୁର ବାଟକୁ ଚାହିଁରହିଛି।

ଆଜି ଦ୍ୱିତୀୟା ତିଥି। କାଲି ଘାଣ୍ଟ ତରକାରୀ। ଗାଁ ମାଇପେ ପୋଖରୀ ତୁଠରେ କୁହାକୁହି ହେଉଥାନ୍ତି,,,, ଆମେ ଏତେ ମାଲିମସଲା ଦେଲେ ବି ଜାଡିଦେଇର ଘାଣ୍ଟ ତରକାରୀର ସୁଆଦ ଆଉ କେଉଁଠି ନାହିଁ। ଏତିକି ବେଳେ ଦୂରରୁ କାନ୍ଦଣା ଶୁଭିଲା। ରାମ ନାମ ସତ୍ୟ ହେ, ହରିନାମ ସତ୍ୟ ହେ,,, ଜାଡିଦେଇ ଚାଲିଗଲା ବୋଧେ....

ISSN NO.
2582-208X

(୩)

ରାଜୁବୋଉ ଗରଗର ହୋଇ ହାତରେ ପରିବା ଓ ସଉଦାର ଲମ୍ବା ତାଲିକା ଧରି ରୋଷେଇଘରୁ ବାହାରି ଆସିଲେ ।

"ହେଇଟି ଶୁଣୁଛ! ଆଜି ମୋର ଦୂତୀବାହନ ଓଷା। ରାତିପାହିଲେ ଘାଣ୍ଟ ତରକାରୀ ହେବ। ଏତେଦିନ ପରେ ଛୁଆ ଦୁଇଟା ହଷ୍ଟେଲ୍ ରୁ ଆସିଛନ୍ତି। ଘାଣ୍ଟ ତରକାରୀ ଖାଇବାରେ ତାଙ୍କର ଭାରି ମନ। ଯାହା ସଉଦା, ପରିବା ଲେଖିଛି ସବୁ ଆଣିବ ।"

ପର୍ଶୁରାମଙ୍କ ହଲକ ଶୁଖିଗଲା ଏତେ ଲମ୍ବା ତାଲିକା ଦେଖି। ମାସ ଶେଷ । ପାଖରେ ତ କାଣିକଉଡି ଟେ ନାହିଁ। କଣ କରିବେ ଭାବୁଥାନ୍ତି। ଏତିକିବେଳେ ରାଜୁବୋଉ ଲୁଗାକାନି ର ଗଣ୍ଠି ଫିଟେଇ ୨୦୦ ଟଙ୍କା ହାତକୁ ବଢେଇଦେଲେ। ଏଥର ସ୍ମିତହାସ୍ୟବଦନରେ ପର୍ଶୁରାମ ବଜାରକୁ ଯାଇ ଚିଠା ମୁତାବକ ସବୁ ଜିନିଷ ଆଣିଲେ।

ଘାଣ୍ଟତରକାରୀ ବାସନାରେ ଆଜି ଘର ମହକୁଛି। ଛୁଆ ଦୁଇଟାଙ୍କ ସହ ଖାଇ ବସିଥାନ୍ତି। ପର୍ଶୁରାମ ନରମଗଳାରେ ପଚାରୁଥାନ୍ତି, "କିହୋ ରାଜୁବୋଉ! ମୁଁ ତ ତୁମକୁ ଦେଇନଥିଲି। ୨୦୦ ଟଙ୍କା କେଉଁଠୁ ଆଣିଲ ?"

ରାଜୁବୋଉ ହସିହସି କହୁଥାନ୍ତି, "ଗଲାମାସ ଯେଉଁ କାଶପାଇଁ ଔଷଧ କିଣିବାକୁ ଦେଇଥିଲ, ମୁଁ ଲୁଚେଇ ରଖିଥିଲି। ନାଲି କାହ୍ଵା ଚାହା ରେ ତ କାଶ ହଜିଗଲା। ଯାହା ହଉ ଟଙ୍କାଟା କାମରେ ଲାଗିଲା।"

ନିରୁତ୍ତର ରହି ଆଖିକୋଣରେ ଜକେଇ ଆସୁଥିବା ଲୁହକୁ ଲୁଚେଇ ପର୍ଶୁରାମ ଖାଲି ଘାଣ୍ଟତରକାରୀର ସୁଆଦ ବଖାଣୁଥାନ୍ତି।

ଗୋପୀନାଥଜୀଉ ସରକାରୀ ଉଚ୍ଚବିଦ୍ୟାଳୟ
ଜଗତସିଂହପୁର
ଫୋନ-୯୩୩୭୮୦୦୫୬୫

ISSN NO.
2582-208X

# ଏ ଆମ ଭାରତ ବର୍ଷ



ପ୍ରଶାନ୍ତ କୁମାର ନାଥ

ଜନ୍ମଭୂମି ଆମ ବୋଲାଏ ଏଇ ଭାରତ ଦେଶ
ଆହାଃ କି ସୁନ୍ଦର ରୂପଟି ତା'ର ସବୁଜ ବେଶ।

ବଙ୍ଗୋପସାଗର ଧୋଉଛି ସଦା ଚରଣ ଯାର
ହିମାଳୟ ଗିରି ମୁକୁଟ ଶିରେ ଶୋଭା ତାହାର।

ଗଳାରେ ଲମ୍ବାଇ ରଖିଛି ଗଙ୍ଗା ଗୋଦାବରୀ କୁ
କାନର ଝୁମୁକା କରିଛି ପାହାଡି ଝରଣାକୁ।

ପଣତର କାନି ଯାହାର ସାଜେ ତ୍ରିରଙ୍ଗା ନେତ
ତା ଛାଇ ଛୁଇଁବା ପାଇଁ କି ଶତ୍ରୁ କରଇ ଭୀତ।

ଏ ମାଟି ଅମୃତ ମଣୋହି ତା'ର ସନ୍ତାନ ପାଇଁ
ନିଷ୍କପଟ ପ୍ରାଣ ହୁଅଇ ପାଣି ପବନ ଛୁଇଁ।

ଜାତୀୟ ସଂଗୀତ ଯାହାର ଭୟ କରଇ ନାଶ
ଜନଗଣମନ ଗାଇଲେ ପ୍ରାଣ ହୁଏ ଉଲ୍ଲାସ।

ISSN NO.
2582-208X

ଭିନ୍ନତା ମଧ୍ୟରେ ଏକତା ଏକ ସୂତ୍ରରେ ଧରେ
ଯା କୋଳରେ ଥିଲେ ସନ୍ତାନ ମନୁ ଦୁଃଖ ତା ହରେ।

ବହୁ ଭାଷା ମଧ୍ୟେ ଏକଇ ହିନ୍ଦୀ ଭାଷା ଆମର
ପଲ୍ଲୀ ଠାରୁ ଦିଲ୍ଲୀ ଶୁଭୁଛି ଯାର ସ୍ୱର ଝଙ୍କାର ।

ସଂସ୍କାର ସଂସ୍କୃତି ଯାହାର ଅତି ପ୍ରାଚୀନ ତମ
ତା ଚରଣ ପରା ଅଟଇ ଆମ ପବିତ୍ର ଧାମ।

ସନ୍ତାନ ବତ୍ସଳା ଜନନୀ ଚାରୁ ଚିତ୍ର ନୟନ
ଚିର ବନ୍ଦନୀୟା ମାଆଙ୍କୁ ମୋର କୋଟି ନମନ।।

ଜୁଣଗଡି, ରାଜନଗର, କେନ୍ଦ୍ରାପଡ଼ା,
ଦୂରଭାଷ -୮୭୫୮୨୫୨୪୨୬

ISSN NO.
2582-208X

# ତୁହି ମୋର ଆଶା.....



ରଶ୍ମିତା କୁମାରୀ ବେହେରା

ସବୁ ଭରସା ର
ତୁହି ମୋର ସୁଖ ଶାନ୍ତି ର ଭଣ୍ଡାର।
ଜୀବନ ଆରମ୍ଭ,
ହେବ ମୋର ଶେଷ
ତୁହି ମୋ କାହାଣୀ, ତୁହିମୋ ବିଶ୍ୱାସ ।

ଯେଉଁ ଇଚ୍ଛା ନେଇ, ଆଗକୁ ଦେଖଇ
ସୀମାରେଖା ମୋର, ସୀମିତ ନ ରହି
ତୁମେ ମୋର ଶାନ୍ତ କମନୀୟ ରୂପ
ନିଶି ଦିବସର ଅଭୁଲା ସଙ୍ଗୀତ ।

ଦୟା କ୍ଷମା ପ୍ରେମ, ଆନନ୍ଦ ଉଲ୍ଲାସ
ତୁମେ ଶିଖେଇଛ, କହିବାକୁ ସତ୍ୟ
ଫୁଲରେ ମହକ, ମନରେ ହରଷ
ହସେ ଏ ଦୁନିଆଁ, ତୁମ ପାଇଁ ନିତ୍ ।

ହେ ପରମ ପିତା, ଦିଅହେ ଆଶିଷ
ତୁମ ଦରଶନ, ଲଭୀ ମୋ ଜୀବନ
ସୁଖୀ ହେବି ସଦା, ପାଇତୁମ ସ୍ନେହ ।

ଶିକ୍ଷୟିତ୍ରୀ, ବୌଦ୍ଧ

ISSN NO.
2582-208X

# ମନ



ସୁନତା ଦାଶ

ବନ ପୋଡିଗଲା ସମସ୍ତେ ଜାଣନ୍ତି
ମନ ପୋଡିଗଲା ଜାଣୁଛି କିଏ
ସେଇ ଏକା ଜାଣେ ମନର ବେଦନା
ପୋଡା ମନ ନେଇ ବଞ୍ଚିଛି ଯିଏ ।

ବନ ର ନିଆଁ ତ ଲିଭି ଯାଏ ଦିନେ
ଯେଉଁ ଆକାଶରୁ ଝରେ ବରଷା ଧାରା
ମନର ନିଆଁ କୁ କିଏ ଲିଭେଇବ ନାହିଁ
କେହି ତାର ସାହାର ।
ବନ ରେ ପୁଣି ପତ୍ର କଅଁଳିବ
ହୋଇ ସବୁଜ ସୁନ୍ଦର
ବଢଇ ଗଛର କାୟା ।

ପୋଡା ମନରେ କି ଆଉ ସରାଗ ଆସିବ
ଆସିବ କି ଆଉ ଭଲପାଇବା
ପୋଡା ମନ କେବେ ଦେଇପାରିବନି
କାହା ହୃଦୟ କୁ ପ୍ରେମର ଛାୟା ।

ଭୁବନେଶ୍ୱର

ISSN NO.
2582-208X

# କେବେ କେରଳ ତ କେବେ ଅରୁଣାଚଳ



ପ୍ରିୟବ୍ରତ ପାତ୍ର

## କୋଟ୍ଟାୟମ୍

ସମୟଟି ଥିଲା ବଡଦିନ ପୂର୍ବର ଅପରାହ୍ନ, ଅର୍ଥାତ ଚବିଶି ତାରିଖ ଅପରାହ୍ନ । କୋଟ୍ଟାୟମ୍ ସହର ସାରା ବାଣ ଫୁଟୁଥାଏ, ବର୍ଷୋଲ୍ଲାସ ଚାଲିଥାଏ । ମଦ ଦୋଆନ ଆଗରେ ଲୋକଙ୍କ ଲମ୍ବା ଧାଡି । ତା ଭିତରେ ସ୍ତ୍ରୀ ଲୋକ ଓ କଲେଜ ଝିଅ ବି ବିନା ସଂକୋଚରେ ସାମିଲ । ସର୍ବତ୍ର ଭଜାମାଂସର ବାସ୍ନା । ସନ୍ଧ୍ୟାବେଳକୁ ରାସ୍ତାଘାଟ ଧୀରେ ଧୀରେ ଶୂନଶାନ୍ ହୋଇଆସିଲା । ଗାଡିମାନେ ଭୟଙ୍କର ବେଗରେ ଦୌଡୁଥାନ୍ତି । ସତେକି କିଛି ଗୋଟିଏ ବିଶେଷ ଘଟଣା ଘଟିବାକୁ ଯାଉଛି, ତେଣୁ ଶୀଘ୍ର ଶୀଘ୍ର ଘରେ ପହଞ୍ଚିବାକୁ ପଡିବ । ଆକାଶରେ ଉଡୁଥାନ୍ତି ଶହ ଶହ ସଂଖ୍ୟାରେ ଉଲକା ବାଣ । ସବୁଠୁ ସୁନ୍ଦର, ଦୀର୍ଘସ୍ଥାୟୀ, ନିରାପଦ ଓ ବହୁ ଲୋକଙ୍କ ଆଖିରେ ପଡିଲା ଭଳି ଏକ ଆତସବାଜୀ । ସନ୍ଧ୍ୟା ଉପରାନ୍ତ ପୂରା ସହରଟା ଏଭଳି ନିସ୍ତବ୍ଧ ହୋଇଗଲା, ସତେକି ୧୪୪ ଧାରା ଲାଗୁ ହେଇଛି ।

କୋଟ୍ଟାୟମ୍ ସହର ହେଉଛି କେରଳର ପର୍ବତ ଢାଲୁରେ ଠିଆ ହୋଇଥିବା ସହର । ତେଣୁକରି ସହର ସାରା ଉଢାଣି ଗଡାଣି ରାସ୍ତା । ଏମିତି ରାସ୍ତା ସବୁ ଶୈଳ ନିବାସ ଗୁଡିକରେ ଦେଖିବାକୁ ମିଳିଥାଏ । ପ୍ରାୟତଃ ରାସ୍ତା ସବୁରେ ପାଦଚଲା ରାସ୍ତା ଅଲଗା । ଯୋଉଠି ସେ ସୁବିଧା ନାହିଁ ସେଇଠି ରାସ୍ତାର ଦୁଇକଡେ ଧଳା ରଙ୍ଗର ଗାରକାଟି ପଥଚାରୀଙ୍କ ପାଇଁ ଜାଗା ଛଡା ଯାଇଥାଏ । ଏମିତିରେ ତ ପଦଚାରୀ ଦିନକୁ ଦିନ ବିଲୁପ୍ତ । ଲୋକେ ଟ୍ରାଫିକ୍ ନିୟମ ଏଭଳି ମାନନ୍ତି ଯେ ପୋଲିସ୍ ଜଗିବା ଆବଶ୍ୟକ ହୁଏନି । ନିୟମ ଭାଙ୍ଗି ଜଣେ ମଧ୍ୟ ଓଲଟା ଦିଗରେ ଆସିବା ଦେଖାଯାଏନି । ସେଇ ଏକା ଜାଗାକୁ ଆସିବାପାଇଁ ତିନି କି.ମି. ଘୂରି ଡାଇଭର୍ସନ୍ ଦେଇ ପୁଣି ଫେରିବାକୁ ପଡେ । ଫୁଟପାଥରେ

ISSN NO.
2582-208X

ଚାଲିଲେ ରକ୍ଷା, ନତୁବା ଦ୍ରୁତଗାମୀ ଗାଡିମାନଙ୍କ ସହିତ ଧକ୍କା ଖାଇବା ସୁନିଶ୍ଚିତ ।

କୌଣସି ଏକ ଜାଗାରେ ଟ୍ରାଫିକ୍ ଜାମ୍ ହୋଇଗଲା । ଲୋକେ ବିନା ବର୍ଣ୍ଣରେ ବିନା ପାଟିତୁଣ୍ଡରେ ଧୈର୍ଯ୍ୟର ସହିତ ଅପେକ୍ଷା କରିଥାନ୍ତି । ଅଯଥାରେ ହର୍ଣ୍ଣ ମାରି ଶବ୍ଦ ପ୍ରଦୂଷଣକୁ ବୃଦ୍ଧି କରିବା ଏକ ଅଭ୍ୟାସ ବହିର୍ଭୁତ କାମ । ଶୁଣିଥିଲି, ଲଣ୍ଡନରେ ଲୋକେ ବିଲକୁଲ୍ ହର୍ଣ୍ଣ ନବଜାଇ ଘଣ୍ଟା ଘଣ୍ଟା ଜଗି ରହନ୍ତି । କିଛି ରାସ୍ତାରେ ତ ହର୍ଣ୍ଣ ବଜେଇବା ନିଷିଦ୍ଧ । ବୋଧେ କେରଳରେ ସେ ପ୍ରକାର ବ୍ୟବସ୍ଥାର ଏକ କ୍ଷୀଣ ପ୍ରତିଧ୍ୱନି ।

ପୂରା କେରଳରେ ବଜାର ନିୟନ୍ତ୍ରଣ ବ୍ୟବସ୍ଥା କଡାକଡି । ବଜାରରେ ମୂଲଚାଲ, ଦର କଷାକଷି ଚାଲେନା । ନିର୍ଦ୍ଧାରିତ ପ୍ରିଣ୍ଟ ମୂଲ୍ୟ ସମସ୍ତଙ୍କ ପାଇଁ ଲାଗୁ । ଟିକସ ବାବଦରେ ସରକାର ପାଆନ୍ତି ପ୍ରଚୁର ମୁନାଫା । ଯଦିଓ ବଜାର ସବୁ ଡେରିରେ ଖୋଲେ, ବନ୍ଦ ହେବା ସମୟ ଏକଦମ୍ ପକ୍କା । ନିୟମ ନମାନିଲେ ପ୍ରଚୁର ଜୋରିମାନା ଦେବାକୁ ପଡେ ।

ରାତ୍ରି ଭୋଜନନିମନ୍ତେ କୌଣସି ଏକ ଗହଳିଆ ହୋଟେଲ୍ ରେ ପଶିଲୁ । ମଇଦାରେ ତିଆରି ଚପାତି ଓ ମାଲାୟଲୀ ପରଟା ସହଜରେ ଉପଲବ୍ଧ । ସେକା ରୁଟି ମିଳିବା କଷ୍ଟ । ଖାଦ୍ୟରେ ଖଟା ଭାଗଟା ଅଧିକା । ଆମ ଉତ୍ତର ଓଡିଶାର ଲୋକେ, ଯେଉଁମାନଙ୍କର ଚାରୁ, ଚହ୍ଲା, ସମ୍ବାର୍, ବରା, ଚଟଣି ଆଦି ସହ ବିଶେଷ କାରବାର ନାହିଁ, ସେମାନେ ଅଡୁଆରେ ପଡିଯିବେ । ଦକ୍ଷିଣ ଓଡିଶାର ଲୋକେ ଚଳେଇନେବେ । ସର୍ବତ୍ର ନଡିଆ ତେଲର ବ୍ୟବହାର ଆଉ ଏକ ଅସୁବିଧା । ହୋଟେଲ୍ ଭିତରେ ଶ୍ରୀକୃଷ୍ଣଙ୍କ ବିରାଟ ବିରାଟ ଫଟୋ , ଧୂପ, ଦୀପ ଲାଗିଛି, ତୁଳସୀ ମାଳ୍ ଟଙ୍ଗା ଯାଇଛି । କିନ୍ତୁ ତା ବୋଲି ଯେ ସେଠାରେ ଗୋ-ମାଂସ ମିଳୁନଥିବ ତାହା ନୁହଁ । କୁକୁଡା, ଛେଳି, ମାଛ, କଙ୍କଡା ପରି ଗୋ-ମାଂସ ବି ଏକ ପ୍ରଚଳିତ ଆମିଷ ଖାଦ୍ୟ । ସଂଖ୍ୟାଗରିଷ୍ଠ ଅଣହିନ୍ଦୁମାନେ ତାହା ହିଁ ଗ୍ରହଣ କରିଥାନ୍ତି । ଏସବୁକୁ ନେଇ ମନରେ ବିକାର ଆସିଲେ କେରଳରେ ହୋଟେଲ୍ ଖିଆ କଷ୍ଟକର । ଲୋକେ ଖାଇଲାବେଳେ କଫି ପିଅନ୍ତି, ଶୋଇବା ପୂର୍ବରୁ କଫି ପିଅନ୍ତି । ତେଣୁ ସବୁ ସମୟ କଫି ସମୟ । ଏଠାରେ ପ୍ରଚୁର ପନିପରିବା ଓ ଫଳଚାଷ ହୁଏ । କିନ୍ତୁ ଫଳକୁ ନେଇ ଲୋକଙ୍କ ରୁଚି ନାହିଁ । ଆମ୍ବ ତ କେହି ପସନ୍ଦ କରନ୍ତି ନାହିଁ । ଖୋଦ୍ କୋଚ୍ଚାୟମ୍ ସହରରେ ପାଚିଲା କଦଳି ଖୋଜି ଖୋଜି ଥକିଗଲୁ । ଯାହା ମିଳିଲା ଚଢା ଦରରେ, ତାହା ପୁଣି କିଲୋ ଦରରେ । ଦାମ୍ ପାଖାପାଖି ଓଡିଶା ଦାମ୍ ର ତିନିଗୁଣ ।

ISSN NO.
2582-208X

କେରଳରେ ହିନ୍ଦୁମାନଙ୍କ ସଂଖ୍ୟା କମିବାରେ ଲାଗିଛି । ପ୍ରାଚୀନ ମନ୍ଦିରଗୁଡିକ ନିଜର ବହୁ ପ୍ରାଚୀନ ପରମ୍ପରାକୁ ଯେନତେନ ବଞ୍ଚେଇ ରଖିଛନ୍ତି । ମନ୍ଦିର ଚୂଡାରେ ଫନେଲ୍-ମାଇକ୍ ଲଗେ ମନ୍ତ୍ର ସ୍ତୋତ୍ର ଉଚ୍ଚାରଣ ଚାଲେ । କୋଉଠି କୋଉଠି ଘଣ୍ଟ, କାହାଳୀ ବା ସ୍ୱତନ୍ତ୍ର ଧରଣର ଲମ୍ବା ଲମ୍ବା ମୃଦଙ୍ଗ ସବୁ ବାଜୁଥାଏ । ସାବରୀମାଳା ପର୍ବତ ଦିଗେ ବାହାରିଥିବା ଆୟାପ୍ପା ତୀର୍ଥଯାତ୍ରୀମାନେ କଳାରଙ୍ଗର ଲୁଙ୍ଗି ଓ ସାର୍ଟ ପିନ୍ଧି, ମୁଣ୍ଡରେ ବୁଜୁଳାଟିଏ ଧରି ସାରା ସହର ବୁଲୁଥାନ୍ତି । ବିଭିନ୍ନ ଧର୍ମାନୁଷ୍ଠାନ ତରଫରୁ ସେମାନଙ୍କ ଲାଗି ରହିବା ଓ ଖାଇବା ବ୍ୟବସ୍ଥା । ପଙ୍ଗତ ଭୋଜିର ମହମହ ବାସ୍ନାରେ ଆମେ ପୁଣିଥରେ ଭୋକିଲା ଅନୁଭବ କରୁଥିଲୁ ।

କୋଟ୍ଟାୟମ୍ ର ଅସଂଖ୍ୟ ନୂଆ ଓ ପୁରୁଣା ଗୀର୍ଜାଘର ସବୁ ଖୁବ୍ ସଫାସୁତରା ଓ ସୁନ୍ଦର । ପାଟିଗୋଳ, ଅପରିଷ୍କାର କରିବା ପାଇଁ ସୁଯୋଗ ନାହିଁ । ନିର୍ଦ୍ଦିଷ୍ଟ ସମୟରେ ଗୀର୍ଜାଘର ଖୋଲାହୁଏ । ପ୍ରାୟତଃ ସନ୍ଧ୍ୟାବେଳେ । ବାକି ସମୟ ବନ୍ଦ ରହେ; କିନ୍ତୁ ବାଗବଗିଚା କାମ, ସଫେଇ କାମ ଚାଲିଥାଏ । ସହରରେ ଖ୍ରୀଷ୍ଟିଆନ୍ ଜନସଂଖ୍ୟାର ଅନୁପାତରେ ଗୀର୍ଜାଘରେ ଉପସ୍ଥିତି ନଗଣ୍ୟ । ତରୁଣ ପିଢିଙ୍କ ଦେଖାଦର୍ଶନ ନାହିଁ । ବିଶେଷକରି କମ୍ୟୁନିଷ୍ଟ ଚିନ୍ତାଧାରାରେ ଉଦବୁଦ୍ଧମାନେ ଭାବନ୍ତି – ଏହି ଧର୍ମ ସବୁ ମଲା ସାପପରି ପିଢି ପରେ ପିଢି ଲୋକଙ୍କ କାନ୍ଧରେ ଲଟକି ରହିଛନ୍ତି । ଯୀଶୁଖ୍ରୀଷ୍ଟଙ୍କ ମୃତ୍ୟୁ ପରେ ପରେ ତାଙ୍କର ଶିଷ୍ୟମାନେ ମିସନାରୀକାମରେ କେରଳ ଆସିବା କଥାର ନଜିର ଅଛି । କାଠ, ହାତୀଦାନ୍ତ, ସୁନା, ମସଲା ଏସବୁ ତ କ୍ରମାଗତ ଭାବେ ବିଦେଶୀଙ୍କୁ ବାଉଳା କରି ରଖିଛି । ବ୍ୟବସାୟୀଙ୍କ ପଛେ ପଛେ ଆଧୁନିକ ଅସ୍ତ୍ରଶସ୍ତ୍ର ଧରି ବ୍ୟବସାୟ ସୁରକ୍ଷା ତଥା ଉପନିବେଶ ସୃଷ୍ଟି ପାଇଁ ସେନା ଆସିଗଲେ । ତାଙ୍କ ପଚେ ପଛେ ବାଇବଲ୍ ଓ ମହମବତୀ ଧରି ମିସନାରୀମାନେ ଆସିଗଲେ । ଏ ତିନିହେଁ ମିଶି ଦେଶକୁ ଦୁଇଶହ ବର୍ଷ ଧରି ଶାସନ କରିଥିଲେ । କେରଳ୍ରେ ଚତୁର୍ଥ ବା ପଞ୍ଚମ ପିଢି ବା ତା ଠୁ ଅଧିକ ପୁରୁଣା ଖ୍ରୀଷ୍ଟିଆନ୍ ମାନେ ଧର୍ମକୁ ନେଇ ଏତେ ଭାବପ୍ରବଣ ବା ଉତ୍ତେଜିତ ନୁହଁନ୍ତି । କିଛି ପାଇଁ ଧର୍ମ ନ୍ତକୁ ମାତ୍ର ଏକ ଅନାବଶ୍ୟକ ଆଭୂଷଣ ପରି ପଡି ରହିଛି । ହିନ୍ଦୁମାନେ କୋଳାହଳ କରନ୍ତି, ପ୍ରଚାର ଗାଡି ବୁଲାନ୍ତି, ଲାଗେ ଯେମିତି ହିନ୍ଦୁମାନେ ମାତିଛନ୍ତି । ଅସଲ କଥା ହେଲା ସେମାନେ ଏବେ ସଂଖ୍ୟାଲଘୁ ।

ISSN NO.
2582-208X

ରାତିରେ ବିଶ୍ୱ ହିନ୍ଦୁ ପରିଷଦ ତରଫରୁ ପଟୁଆର ଚାଲିଥିଲା । ଟ୍ରକ୍ ଡାଲାରେ ଦୁର୍ଗାମେଢ଼ । ଭାରତମାତା ଦୁର୍ଗା ରୂପରେ ମହିଷାସୁରକୁ ମାରୁଛନ୍ତି । ଏଣେ ଖ୍ରୀଷ୍ଟିଆନ୍ ଫାଦର୍ ଓ ପାଦ୍ରୀମାନେ ତାଙ୍କ ସଂପ୍ରଦାୟର ଲୋକଙ୍କ କାନରେ ଫୁସଫୁସ୍ କରି କହନ୍ତି – ଦେଖୁଛ ତ ମହିଷାସୁରର ଚେହେରାଟି ଠିକ୍ ଦ୍ରାବିଡଙ୍କ ପରି । ନିଶା, ଲାଲ୍ ଆଖି, କୁଞ୍ଚୁଉଞ୍ଚିଆ ଚୁଟି, ସାମାନ୍ୟ ବର୍ତ୍ତୁଳ ନାକ – ସବୁ ତ ଆମମାନଙ୍କ ପରି । ଉତ୍ତର ଭାରତୀୟମାନଙ୍କ ଆମ ଉପରେ ଆକ୍ରମଣକୁ ଏହା ସୂଚାଉ ନାହିଁ କି? ଭାରତୀୟମାନଙ୍କୁ ଆର୍ଯ୍ୟ, ଦ୍ରାବିଡ, ବନବାସୀ ନାମରେ ବିଭେଦ ସୃଷ୍ଟି କରି, ପାଶ୍ଚାତ୍ୟ ସମାଜ-ବିତ୍ ମାନେ ଯେଉଁ ବିଭାଜନକାରୀ ନୀତିର ପ୍ରୟୋଗ କରିଛନ୍ତି ତାହା ହିଁ ଆଜି ହିନ୍ଦୁମାନଙ୍କ ଲାଗି ଘାତକ ସାଜିଛି । ଆର୍ଯ୍ୟମାନେ କୋଉଠୁ ଆସିନଥିଲେ କି ଦ୍ରାବିଡମାନେ ପରାଜିତ ହୋଇ ଅନ୍ୟତ୍ର କୁକାଡେ ଯାଇନଥିଲେ । ଏମିତି ହିଁ ଦ୍ୱନ୍ଦ୍ୱ ଓ ସହାବସ୍ଥାନରେ ଆମ ଜୀବନ ଚାଲିଆସିଛି । ଏହା ହିଁ ଭାରତର ମୂଲ୍ୟବୋଧ ।

କୋଟ୍ଟାୟମ୍ ଠାରୁ ପନ୍ଦର କିମି ଦୂରରେ ରହିଛି କୁମାରକୋମ୍ ଫେରି ଜେଟି । ଏହି ଜାଗାରୁ ବାହାରେ ସାଧା ଡଙ୍ଗା, ବୋଟ୍, ମଟର ଲଞ୍ଚ୍ ଓ ବୋଟ୍ ହାଉସ୍ । ଏକ ଘଣ୍ଟା କାଳ ସଂକୀର୍ଣ୍ଣ ଜଳପଥ ଦେଇ ଗତି କଲା ପରେ ଏହାଯାଇ ଛୁଏଁ ଭେମ୍ବନାଦ ହ୍ରଦ । ଏହି ହ୍ରଦରୁ ଛୋଟ ଛୋଟ ନାଳ ଓ କେନାଲ ବାହାରି କେରଳର ବହୁ ଅଂଶକୁ ସଂଯୋଗ କରିଥାଏ । ଏହା ହିଁ କେରଳର ପ୍ରସିଦ୍ଧ ବ୍ୟାକ୍-ୱାଟର । ଏହା ହିଁ ସୁଗମ ଗମନାଗମନର ପଥ । ଆମେ ଓଡିଶାରେ ଥାଇ ଏହି ଜଳପଥ ସବୁକୁ ଠିକ୍ ରୂପେ କଳ୍ପନା କରିପାରିବା ନାହିଁ । ତେଣୁ ବ୍ୟାକ୍ ୱାଟରର ଓଡିଆ ଅନୁବାଦର ଆବଶ୍ୟକତା ନାହିଁ । ଏହି ହ୍ରଦରେ ହଜାର ହଜାର ସଂଖ୍ୟାରଏ ଜାଗା ପାଇଥିବା ହାଉସ୍ ବୋଟ୍ ଅବୁ ଆଜି କେରଳର ମୁଖ୍ୟ ଆକର୍ଷଣ । କେରଳ ଅର୍ଥନୀତିରେ ଏହି ବୋଟ୍ ମାନଙ୍କର ଅବଦାନ ଉଲ୍ଲେଖନୀୟ ।

କ୍ରମଶଃ.....

ଭାରତୀୟ ଜୀବନ ବୀମା ନିଗମ,
କୋରାପୁଟ, ଓଡିଶା

ISSN NO.
2582-208X

# ବଣରେ ପ୍ରଭାତ ଫେରି



ରାମ ଚନ୍ଦ୍ର ପ୍ରଧାନ

ଜାନୁଆରୀ ଛବିଶି ଆସିଛି ବୋଲି
ବଣରେ ପଡ଼ିଛି ହୁରି
ବିଲୁଆ ନନାଟା ଡିଲେଇ କହୁଛି
କରିବା ପ୍ରଭାତ ଫେରି ।
ବଡି ସକାଳରୁ ସଭିଏଁ ଉଠିବା
ଅସରନ୍ତି ଖୁସି ନେଇ
ଗରବେ ପାଳିବା ଏ ଜାତୀୟ ପର୍ବ
ଏକ ସ୍ଥାନେ ରୁଣ୍ଡ ହୋଇ ।
ତ୍ରିରଙ୍ଗା ପତାକା ଉଡ଼ାଇବା ଆମେ
ଦେଶପ୍ରେମ ରଙ୍ଗ ବୋଳି
ନେବାରେ ଶପଥ ଏ ବଣ ମୂଲକେ
କ୍ରାନ୍ତିର ମଶାଲ ଜାଳି ।
ଗଧିଆ ଭାଇନା ବଜାଇବ ବାଜା
ଚଉଦିଗ ଚମକାଇ
ମାଙ୍କଡ଼ ମଉସା ଫୁଙ୍କିବ ପେଁ କାଳି
ଦଳବଳ ସାଥେ ନେଇ ।
ହଳଦୀ ବସନ୍ତ ଠେକୁଆ ହରିଣ
କୋଇଲି କଜଳ ପାତି

ISSN NO.
2582-208X

ସରାଗେ ଗାଇବେ ଜନ ଗଣ ମନ
ହୃଦେ ଭରି ଦେଶପ୍ରୀତି ।
ସଭାପତି ରୂପେ ସିଂହକୁ ବାଛିବା
ଗରବେ ଫୁଲାଇ ଛାତି
ବାଘ, ଭାଲୁ, ହାତୀ ଦେବେଟି ଭାଷଣ
ଶୁଣିବା ପୁରାଇ ମତି ।
ରାଗ ହିଂସା ଭୁଲି ମିଶି କି' ଚଳିବା
ରଖି ଠିକ୍ ବୁଝାବଣା
ହିଂସାକୁ ଆଡ଼େଇ ସୁପଥେ ଚାଲିବା
ହେବାନାହିଁ ବାଟବଣା ।
ବିଲୁଆର କଥା ମନକୁ ପାଇଲା
ସବୁ ଦେଲେ ଏକମତ
ବଣର ରାଜାଙ୍କୁ ବୁଝାଇ କହିଲେ
ସନମାନେ ଯୋଡ଼ି ହାତ ।

ସାନ୍ତର୍ପଲ୍ଲୀ, କନଆରୀ,
ଜିଲ୍ଲା - ଗଞ୍ଜାମ
ପିନ ନଂ - 761111
ମୋ - 9861638736

ISSN NO.
2582-208X

# ପୁରୁଷର ଆତ୍ମଲିପି



ବିପଦ କୁମାର ବାରିକ

ବେଳେ ବେଳେ ବହୁତ କିଛି ଲେଖିବାକୁ କହିବାକୁ ଇଚ୍ଛା ହୁଏ ।
ଜୀବନକୁ ଖୋଲି ବଞ୍ଚିବାକୁ ଇଚ୍ଛା ହୁଏ, କିନ୍ତୁ ହୁଏନି ।
କେଉଁ ଏକ ଅଦୃଶ୍ୟ ଶକ୍ତି
ଲୁଚି ଲୁଚି ହସୁଥାଏ,
ଆଉ କହୁଥାଏ ??
ତୁ ଅଯୋଗ୍ୟଟିଏ
ତୁ ଅପାରଗତାଟିଏ
ବିଫଳତା ଭୋଗୁଥିବା ପୁରୁଷଟିଏ
ସଙ୍ଘର୍ଷ କରୁଥିବା ଆଶାୟୀଟିଏ ।
ତୁ କାହାର ନୁହେଁ, ତୁ ଅଲାଜୁକଟିଏ ।
ତୋର ପରିଚୟ କିଛି ନାହିଁ ??
ତୋତେ କେହି ବି ବୁଝିବେ ନାହିଁ !
ଭଲ ପାଇବେ ନାହିଁ
ଅପଣାର ଭାବି କଥା ପଦେ ହେବେ ନାହିଁ ।
ନା ପରିବାର, ନା ବନ୍ଧୁବର୍ଗ ।
ନା ବନ୍ଧୁ ? ନା ବାନ୍ଧବୀ ?
ନା ନିଜର ଆତ୍ମୀୟ ସ୍ୱଜନ !
ମୁଁ କ' ଣ କହିଥିଲି ??
ଜନ୍ମ ହେବା ସମୟରେ,

ISSN NO.
2582-208X

ମୁଁ ପୁରୁଷ ବୋଲି ।
ମୋ ହେତୁ ହେବାର ଖୁସିରେ କରତାଳି,
ନାମ କୀର୍ତ୍ତନ ସଙ୍କୀର୍ତ୍ତନ କରିବା ପାଇଁ?
ମୋ ଆଗମନରେ ଆଧ୍ୟାତ୍ମିକତା ନା' ରେ
ସୁରା ଶାକୀରେ ମତୁଆଲା ହେବା ପାଇଁ ??
କ' ଣ ପାଇଁ ପାଞ୍ଚ ଭଉଣୀଙ୍କ ପରେ
ମୋତେ ଜନ୍ମ କରିବାର ଥିଲା ???
କେଉଁ ଖୁସିରେ ??
କେଉଁ ଅଧିକାରରେ ?
କାହିଁକି ନା' ମୁଁ ପୁରୁଷ...
କାରଣ ସେହି ଅଦୃଶ୍ୟ ସତ୍ତାଟି,
ସ୍ମିତ ହସି ହସି କହୁଥାଏ ???
ତୁ ପୁରୁଷଟିଏ, ତୁ ପୁରୁଷଟିଏ ।

ଗବେଷକ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ଫକୀରମୋହନ ବିଶ୍ୱବିଦ୍ୟାଳୟ,
ବ୍ୟାସବିହାର, ବାଲେଶ୍ୱର, ଓଡ଼ିଶା

ISSN NO.
2582-208X

# ଫଗୁଣ ଆସିବ



ପ୍ରକାଶ କୁମାର ଗୁନ୍ଧ

ବଣ ପାହାଡ ଝରଣା ନଈ
ଏବେ ସୁନ୍ଦର ଦିଶିବ ମହୀ
ଲାଗିବ ଭାରି ମଜା
ବିମାନରେ ବସି ଆସିବ ଫଗୁଣ
ବଜାରେ ବାଇଦ ବଜା ।।

ସରି ଗଲାରେ ଶୀତ ସମୟ
ଯାହା କରିଛି ସିଏ ଅଥୟ
ଏଥର ବିଦାୟ ନେବ
କୁହୁଡି କାକର କାଲୁଆ ପବନ
ସାଥେ ଧରି ଫେରିଯିବ ।।

ଫୁଲ ଫୁଟିବରେ ଗଛଡାଳରେ
ଏଇ ମଧୁରିଆ ଖରା ବେଳରେ
କୋଇଲି ଗାଇବ ଗୀତ
ମନମତାଣିଆ ସୁରଟି ତାର
ଛୁଇଁ ଛୁଇଁ ଯିବ ଚିତ୍ତ ।।

ମଳୟ ପରଶ ଭାରି ମଧୁର
ହସେ ବିଲବାଡି ଗାଆଁ ସୁଦୂର
ଚଉଦିଗ ମନଲୋଭା
ଧରଣୀରାଣୀର ରୂପ ସମ୍ଭାର
ବଢାଏ ତାହାର ଶୋଭା ।।

ଦୋଳଯାତ ଆଉ ହୋଲି ଜାଗର
ଆମ ପରବରେ ସବୁ ବାଗର
ଘରେ ଘରେ ପିଠାପଣା
ଗହଳ ଚହଳ ସହର ବଜାର
ସମୟ ପଡେନା ଜଣା ।।

ଋତୁ ପରେ ଋତୁ ପରା ଆସଇ
ମହ ମହ ସିଏ ଖାଲି ବାସଇ
ତା'ପାଇଁ ସୁନ୍ଦର ଧରା
କିଏ ସେ ବିନ୍ଧାଣି ସଜାଡୁ ଥାଏ ରେ
ଆଖିକୁ ଦିଶେନା ପରା ।।

ଜୟପୁରଶାସନ ପିପିଲି ପୁରୀ
ମୋ-୭୦୦୮୯୨୫୯୫୪

ISSN NO.
2582-208X

# ଔପନ୍ୟାସିକ କାହ୍ନୁଚରଣ ମହାନ୍ତ : ସ୍ରଷ୍ଟା ଓ ସୃଷ୍ଟି



ଡକ୍ଟର ଲିଙ୍ଗରାଜ ମେହେର

ଓଡ଼ିଆ ସାହିତ୍ୟ ଜଗତର ଜଣେ ପ୍ରତିଭାଧର ଔପନ୍ୟାସିକ ହେଉଛନ୍ତି ସ୍ୱର୍ଗତ କାହ୍ନୁଚରଣ ମହାନ୍ତି । ସେ ୧୯୦୬ ମସିହା ଅଗଷ୍ଟ ମାସ ୧୧ ତାରିଖ ଦିନ ପବିତ୍ର ଜନ୍ମାଷ୍ଟମୀ ତିଥୀରେ ଅବିଭକ୍ତ ବଲାଙ୍ଗିର ଜିଲ୍ଲା ତଥା ବର୍ତ୍ତମାନ ସୁବର୍ଣ୍ଣପୁର ଜିଲ୍ଲାର ସୌନ୍ଦର୍ଯ୍ୟମୟୀ ସୋନପୁର ସହରରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଥିଲା ଶ୍ରୀଯୁକ୍ତ ସୂର୍ଯ୍ୟମଣି ମହାନ୍ତି ଓ ତାଙ୍କ ମାତାଙ୍କ ନାମ ଥିଲା ଦୁର୍ଗାବତୀ ଦେବୀ । କାହ୍ନୁଚରଣଙ୍କ ପୈତ୍ରିକ ଘର କଟକ ଜିଲ୍ଲାର ନାଗବାଲି ହୋଇଥିବା ବେଳେ ତାଙ୍କ ବାପା ସୋନପୁରରେ ପି.ଡବ୍ଲୁ.ଡି.ର ଓଭରସିଅର୍ ଭାବରେ ଚାକିରୀ କରୁଥିବାରୁ କାହ୍ନୁଚରଣ ସେଇଠାରେହିଁ ଜନ୍ମଗ୍ରହଣ କରିଥିଲେ । ପରେ କାହ୍ନୁଚରଣ ନିଜ ପୈତ୍ରିକ ଗ୍ରାମ ନାଗବାଲିରୁ ଚାଟଶାଳୀ ପାଠ ସମାପ୍ତ କରି ନଅ ବର୍ଷ ବୟସରେ ନିଜ ଜନ୍ମଭୂମି ସୋନପୁରରୁ ଉଚ୍ଚଶିକ୍ଷା ଲାଭ କରିଥିଲେ । ସେଠାରେ ନିଜ ବାଲ୍ୟଶିକ୍ଷା ସମାପ୍ତ କରି କଟକର ପ୍ୟାରିମୋହନ ଏକାଡ଼େମୀରେ ପାଠ ପଢ଼ିଥିଲେ । ୧୯୨୪ ମସିହାରେ ପ୍ରବେଶିକା ପରୀକ୍ଷାରେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇ ଉଚ୍ଚଶିକ୍ଷା ଲାଭ ପାଇଁ ସେ ପାଟଣା ଯାଇଥିଲେ । ସେଠାରୁ ୧୯୨୬ ମସିହାରେ ଆଇ.ଏସ୍.ସି. ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ତାଙ୍କ ଭାଇଙ୍କ ପ୍ରେରଣାରେ ବିହାର ନ୍ୟାସନାଲ କଲେଜରେ ଇଞ୍ଜିନିୟରିଂରେ ନାମ ଲେଖାଇଥିଲେ । କିନ୍ତୁ ଅର୍ଥାଭାବରୁ ରସପ୍ରାଣ କାହ୍ନୁଚରଣ ନିରସ ଇଞ୍ଜିନିୟରିଂ ପାଠକୁ ପରିହାର କରି ରେଭେନ୍ସା ମହାବିଦ୍ୟାଳୟରେ ବି.ଏ. ଶ୍ରେଣୀରେ ନାମ ଲେଖାଇଥିଲେ । ୧୯୨୯ ମସିହାରେ ସେଠାରୁ ଉତ୍ତୀର୍ଣ୍ଣ ହୋଇ ଆଇନ ପାଠ ପଢ଼ିବାପାଇଁ ନାମ ଲେଖାଇଥିଲେ ମଧ୍ୟ ଆର୍ଥିକ ଅସୁବିଧା

ISSN NO.
2582-208X

ଦୃଷ୍ଟିରୁ ଆଇନ ପାଠ ପଢ଼ିବାର ଆଶା ପରିହାର କରି ୧୯୩୦ ମସିହାରେ ସେ ଏକ ସରକାରୀ କାର୍ଯ୍ୟାଳୟରେ କିରାଣୀ ଭାବେ ନିଜ କର୍ମମୟ ଜୀବନ ଆରମ୍ଭ କରିଥିଲେ ।

ଜଣେ କିରାଣୀ ଭାବରେ ନିଜର କର୍ମମୟ ଜୀବନ ଆରମ୍ଭ କରିଥିଲେ ହେଁ ନିଜର ଉଚ୍ଚଆଶା ଓ ଅଧ୍ୟବସାୟ ବଳରେ ୧୯୪୧ ମସିହାରେ କଟକର କଲେକ୍ଟରିଏଟ୍‌ରେ ସବ୍-ଡେପୁଟି ମାଜିଷ୍ଟ୍ରେଟ ଓ ୧୯୪୭ ମସିହାରେ ଡେପୁଟି ମାଜଷ୍ଟ୍ରେଟ ହେବାର ଗୌରବ ଅର୍ଜନ କରିଥିଲେ। ଦୀର୍ଘ ୩୪ ବର୍ଷର ଚାକିରୀ କାଳ ଭିତରେ ଦକ୍ଷତାର ସହିତ କାର୍ଯ୍ୟକରି ୧୯୬୪ ମସିହାରେ ସେ ଅବସର ଗ୍ରହଣ କରିଥିଲେ । ଅବସର ଗ୍ରହଣ ପରେ ୧୯୬୬-୬୭ ମସିହାରେ ଓଡ଼ିଶା ସାହିତ୍ୟ ଏକାଡ଼େମୀର ସମ୍ପାଦକ ଭାବରେ ମଧ୍ୟ କିଛି ବର୍ଷ କାର୍ଯ୍ୟ କରିଥିଲେ । ୧୯୯୪ ମସିହା ଅପ୍ରେଲ ମାସ ୬ ତାରିଖ ଦିନ ୮୭ ବର୍ଷ ବୟସରେ ଇହଲୀଳା ସମ୍ବରଣ କରିଥିଲେ ।

ମୁଦ୍ରାର ଦୁଇଟି ପାର୍ଶ୍ୱ ଥିଲାପରି ପ୍ରତ୍ୟେକ ମଣିଷଙ୍କ ଜୀବନ ଦ୍ୱିପାକ୍ଷିକ । କାହ୍ନୁଚରଣଙ୍କ ଶିକ୍ଷା ଓ କର୍ମମୟ ଜୀବନ ତାଙ୍କ ବ୍ୟକ୍ତିତ୍ୱର ପରିଚାୟକ ମାତ୍ର । ଅନ୍ୟ ପାର୍ଶ୍ୱରେ ତାଙ୍କର ବୃହତ୍ତର ଜୀବନ ବା ସାହିତ୍ୟିକ ଜୀବନ । ଏହା ଦ୍ୱିଧାହୀନ ଭାବରେ କୁହାଯାଇପାରେ ଯେ ତାହା ବ୍ୟତୀତ କାହ୍ନୁଚରଣଙ୍କ ଜୀବନ ବା ବ୍ୟକ୍ତିତ୍ୱ ବିଶେଷ କିଛି ନୁହେଁ । କାହ୍ନୁଚରଣଙ୍କ ସାହିତ୍ୟିକ ଜୀବନ ବେଶ୍ ବୈଚିତ୍ର୍ୟପୂର୍ଣ୍ଣ । ସେ ଯେତେବେଳେ ସ୍କୁଲରେ ଅଧ୍ୟୟନ କରୁଥିଲେ ସେତେବେଳେ 'ଜୟଦ୍ରଥ ବଧ' ନାମକ ଏକ କବିତା ରଚନାକରି ତାଙ୍କ ବାପାଙ୍କ ଠାରୁ ପ୍ରଶଂସିତ ହୋଇଥିଲେ । ଏହାପରେ କଟକର ପ୍ୟାରୀମୋହନ ଏକାଡ଼େମୀ ସ୍କୁଲରେ ପଢୁଥିବା ବେଳେ ସ୍କୁଲରୁ ବାହାରୁଥିବା ସାହିତ୍ୟ ସୋପାନ ନାମକ ସାହିତ୍ୟ ପତ୍ରରେ 'ସ୍ୱର୍ଣ୍ଣପୁର' (ନିଜ ଜନ୍ମଭୂମି ସୋନପୁର) ସଂପର୍କରେ ଏକ କବିତା ଲେଖି ଉଚ୍ଚ ପ୍ରଶଂସିତ ହୋଇ ପାରିଥିଲେ । ଏହାପରେ ବାଳକ କାହ୍ନୁଚରଣଙ୍କ ମନରେ ସାହିତ୍ୟ ସୃଷ୍ଟି ପାଇଁ ଏକ ନୂତନ ପ୍ରେରଣା ଯୋଗାଇଥିଲା । ଏକଦା ତାଙ୍କର ଜଣେ ବନ୍ଧୁ ତାଙ୍କୁ ପ୍ରଶ୍ନ କରିଥିଲେ ଯେ, ଓଡ଼ିଆ ଭାଷାରେ ଉପନ୍ୟାସ ଅଛି କି? ସେତେବେଳେ ଓଡ଼ିଆ ଉପନ୍ୟାସର ନୈରାଶ୍ୟ ବିକାଶକୁ ଲକ୍ଷ୍ୟକରି କାହ୍ନୁଚରଣ ଜର୍ଜରିତ ହୋଇଉଠିଥିଲେ ଓ ବନ୍ଧୁଙ୍କ ପ୍ରଶ୍ନର ଜବାବ ସ୍ୱରୂପ ଲେଖିଚାଲିଲେ ଗୋଟିଏ ପରେ ଗୋଟିଏ ଉପନ୍ୟାସ । ଏହି କାରଣରୁ କାହ୍ନୁଚରଣ ଯେ ଜଣେ ବିଶିଷ୍ଟ ଔପନ୍ୟାସିକ ଭାବରେ ପରିଚିତ ହୋଇପାରିଲେ ଏହା ନିଃସନ୍ଦେହ

ISSN NO.
2582-208X

ଭାବରେ ମଧ୍ୟ କୁହାଯାଇପାରେ । ୧୯୨୩ ମସିହାରୁ ସେ ଅନବରତ ସାହିତ୍ୟ ରଚନା କରି ଓଡ଼ିଆ କଥା ସାହିତ୍ୟ ଜଗତକୁ ଦେଇଛନ୍ତି ଅର୍ଦ୍ଧଶତାଧିକ ଉପନ୍ୟାସ ଓ ଅନେକ ଗଳ୍ପ। ତାଙ୍କ ଦ୍ୱାରା ସୃଷ୍ଟ ଉପନ୍ୟାସଗୁଡ଼ିକ ଓଡ଼ିଆ ଉପନ୍ୟାସ ସାହିତ୍ୟ ଜଗତରେ ଏକ ନୂତନ ଯୁଗର ସୂତ୍ରପାତ କରିଛି ।

ବିଂଶ ଶତାବ୍ଦୀର ଓଡ଼ିଆ ଉପନ୍ୟାସ ସାହିତ୍ୟ ଜଗତରେ କାହ୍ନୁଚରଣ ମହାନ୍ତି ଜଣେ ସଫଳ ସ୍ରଷ୍ଟା । ନିରଳସ ଉପନ୍ୟାସ ସାଧନା ଓ ଦୀର୍ଘ ଦିନର ବିରତହୀନ ସୃଷ୍ଟି ହିଁ ତାଙ୍କୁ ଏହି ସଫଳତା ପ୍ରଦାନ କରିଛି । ସଫଳତା ଓ ବିଫଳତାକୁ ନମାନି ତାଙ୍କର ଏହି ସାଧନା ଆଗେଇ ଚାଲିଥିଲା । ଦୀର୍ଘ ୬୦ ବର୍ଷରୁ ଉର୍ଦ୍ଧକାଳ ଧରି ଏପରି ଐକାନ୍ତିକ ନିଷ୍ଠା ଓ ସାଧନା ଓଡ଼ିଆ ସାହିତ୍ୟ ଜଗତରେ କୌଣସି ଔପନ୍ୟାସିକଙ୍କଠାରେ ପରିଲକ୍ଷିତ ହୁଏନାହିଁ। ଏପରିକି ସେ ତାଙ୍କ ସାହିତ୍ୟ ସାଧନାରେ ବିପୁଳାୟତନ ସୃଷ୍ଟି କରିଥିବାରୁ ଜଣେ ଯୁଗ ପ୍ରବର୍ତ୍ତକ ଭାବରେ ପରିଗଣିତ ହେବା ଆଦୌ ଆଯୌକ୍ତିକ ନୁହେଁ ।

କାହ୍ନୁଚରଣଙ୍କ ପ୍ରତିଭା ଆଜି ସର୍ବଜନ ସ୍ୱୀକୃତ । ତାଙ୍କ ପରିବାର ମଧ୍ୟ ଏକ ସାରସ୍ୱତ ପରିବାରର ଗୌରବରେ ଗୋରବାନ୍ୱିତ । ତାଙ୍କ ଅନୁଜ ଗୋପୀନାଥ ମହାନ୍ତି ଓଡ଼ିଆ ଉପନ୍ୟାସ ସାହିତ୍ୟର ମର୍ଯ୍ୟାଦାକୁ ଆପଣାର ଜ୍ଞାନପିଠ ପୁରସ୍କାର ଅର୍ଜନରେ ବହୁଗୁଣିତ କରିପାରିଛନ୍ତି । ତାଙ୍କ ପୁତୁରା ଗୁରୁପ୍ରସାଦ ମହାନ୍ତି ଆଧୁନିକ ଓଡ଼ିଆ କବିତା ଜଗତରେ ଏକ ସ୍ୱତନ୍ତ୍ର ସ୍ଥାନର ଅଧିକାରୀ । କାହ୍ନୁଚରଣଙ୍କ ସାହିତ୍ୟ ସାଧନା ଓ ତାଙ୍କ ପାରିବାରିକ ସାହିତ୍ୟ ଅବଦାନ ଓଡ଼ିଆ ସାହିତ୍ୟ ଜଗତକୁ ବହୁ ଭାବରେ ସମୃଦ୍ଧ କରିଛି ଏହା ଅନସ୍ୱୀକାର୍ଯ୍ୟ ।

ଔପନ୍ୟାସିକ କାହ୍ନୁଚରଣ ମହାନ୍ତି ପିଲାଟି ଦିନରୁ ଉପନ୍ୟାସ ରଚନାରେ ମନୋନିବେଶ କରିଥିଲେ । ଏ ସଂପର୍କରେ ସେ କହନ୍ତି- କଟକରେ ମାଟ୍ରିକ ସେକେଣ୍ଡ କ୍ଲାସ (ବର୍ତ୍ତମାନର ନବମ ଶ୍ରେଣୀ)ରେ ପଢୁଥିବା ବେଳେ ଦିନେ ଗାଁରୁ କଟକ ଆସିବା ରାସ୍ତାରେ ଗୋଟିଏ ଘଟଣା ମୋ ଜୀବନରେ ରେଖାପାତ କରିଥିଲା । ସେହି ଘଟଣାଟିକୁ ଉପନ୍ୟାସ ରୂପ ଦେଇ ଲେଖିଲି 'ଉତ୍ସବେ ବ୍ୟସନ' । ଏହାର ରଚନା କାଳ ୧୯୨୩-୨୪ ମସିହା । କିନ୍ତୁ ଦୁଃଖର କଥା ଏହି ଉପନ୍ୟାସଟି ପ୍ରକାଶ ପାଇ ପାରିଲା ନାହିଁ । ପାଣ୍ଡୁଲିପିଟି ହଜିଗଲା ।

ISSN NO.
2582-208X

(କାହ୍ନୁଚରଣ ପରିକ୍ରମା-୧୯୮୩, ପୃଷ୍ଠା-୧୬) କେତେକ ଆଲୋଚକ 'ବାଲିରାଜା'କୁ ତାଙ୍କର ପ୍ରଥମ ଉପନ୍ୟାସ ଭାବରେ ଗ୍ରହଣ କରନ୍ତି । ପ୍ରକାଶନ ଦୃଷ୍ଟିରୁ ବିଚାର କଲେ ଏହା ତାଙ୍କର ଦ୍ୱିତୀୟ ରଚନା । ୧୯୨୬-୨୯ ମସିହା ମଧ୍ୟରେ ଏହି ଉପନ୍ୟାସ ରଚିତ ହୋଇଥିଲେ ହେଁ ୧୯୩୧ ମସିହାରେ ଏହା ପୁସ୍ତକାକାରରେ ପ୍ରକାଶିତ ହୋଇଛି । ୧୯୨୪-୨୬ ମସିହା ମଧ୍ୟରେ 'ତଥାସ୍ତୁ' ଉପନ୍ୟାସଟି ରଚିତ ହୋଇଥିଲେ ହେଁ ଏହା ୧୯୩୩ ମସିହାରେ ପ୍ରକାଶ ଲାଭ କରିଛି । ମାତ୍ର ୧୯୨୯-୩୦ ମସିହାରେ ରଚିତ ହୋଇଥିବା 'ପଳାତକ' ଉପନ୍ୟାସଟି ୧୯୩୦ ମସିହାରେ ପୁସ୍ତକ ଆକାରରେ ପ୍ରକାଶ ପାଇଛି । ଏହି ଦୃଷ୍ଟିରୁ ବିଚାର କଲେ 'ପଳାତକ' ହିଁ ତାଙ୍କ ଦ୍ୱାରା ରଚିତ ହୋଇଥିବା ପ୍ରଥମ ପ୍ରକାଶିତ ଉପନ୍ୟାସ । 'ବାଲିରାଜା' ଉଭୟ ରଚନା ଓ ପ୍ରକାଶନ ଦୃଷ୍ଟିରୁ ଦ୍ୱିତୀୟ ସ୍ଥାନ ହାସଲ କରେ ।

ଐତିହାସିକ ବିଷୟବସ୍ତୁକୁ ଆଧାରକରି ରଚିତ ହୋଇଥିବା 'ବାଲିରାଜା' ଉପନ୍ୟାସଟି ହେଉଛି ଏକ ସାର୍ଥକ ତଥା ଲୋକପ୍ରିୟ ଉପନ୍ୟାସ । ପ୍ରାଚୀନ କଳିଙ୍ଗର ନୌବାଣିଜ୍ୟ ଏବଂ ଐତିହାସିକ ଗୌରବ ପ୍ରଦର୍ଶନ ଏହାର ମୂଳ ଲକ୍ଷ୍ୟ ହୋଇଥିଲେ ହେଁ ସ୍ୱଭାବତଃ ଏହା ସ୍ୱପ୍ନଧର୍ମୀ ଓ ରୋମାଞ୍ଚକର ହୋଇଛି । ୧୯୩୦-୩୧ ରେ ରଚିତ 'ନିଷ୍ପତ୍ତି' ଉପନ୍ୟାସଟି ୧୯୩୨ ମସିହାରେ ପ୍ରକାଶ ପାଇଲା । ଏହାପରେ ୧୯୩୨ ମସିହାରେ ରଚିତ 'ସ୍ୱପ୍ନ ନା ସତ୍ୟ' ଉପନ୍ୟାସଟି ୧୯୩୩ ମସିହାରେ ପ୍ରକାଶିତ ହୋଇଥିଲା । ଏହି ଉପନ୍ୟାସରେ ଇଂରେଜମାନଙ୍କର ବାହୁଚ୍ଛାୟା ତଳେ ରହି ଗଡ଼ଜାତ ସର୍ଦ୍ଦାରମାନଙ୍କର ଅତ୍ୟାଚାରଜନିତ କରୁଣ ତଥା ବିଭିଷିକାମୟ ଘଟଣାର ବର୍ଣ୍ଣନା କରାଯାଇଛି । ଏହି ଉପନ୍ୟାସ ପରେ ୧୯୩୨-୩୩ ମସିହାରେ ରଚିତ ହୋଇଥିବା 'ଦୁନିଆର ଦାଉ' ଉପନ୍ୟାସଟି ୧୯୩୪ ମସିହାରେ ପ୍ରକାଶିତ ହୋଇଥିଲା । ଏହି ସମୟ ସୀମା ମଧ୍ୟରେ ପ୍ରକାଶିତ ହୋଇଥିବା ଉପନ୍ୟାସଗୁଡିକ କାହ୍ନୁଚରଣଙ୍କ ଆଦ୍ୟଚିନ୍ତାଜନିତ ଭାବପ୍ରବଣତା, ଜାତୀୟତାବୋଧ ଓ ରୋମାଣ୍ଟିକ ମନୋବୃତ୍ତିର ପରିଚୟ ପ୍ରଦାନ କରିଥାଏ ।

୧୮୬୬ ମସିହାରେ ହୋଇଥିବା ନ'ଅଙ୍କ ଦୁର୍ଭିକ୍ଷଜନିତ କରୁଣ କାହାଣୀର ଭୟାବହ ପରିସ୍ଥିତିକୁ ଆଧାର କରି ୧୯୩୩-୩୪ ମସିହାରେ ରଚନା କରିଥିଲେ 'ହା ଅନ୍ନ' । ଯାହାକି ୧୯୩୫ ମସିହାରେ ପ୍ରକାଶ ଲାଭ କରିଥିଲା । ଏହି ଉପନ୍ୟାସରେ ତାଙ୍କ ପୂର୍ବବର୍ତ୍ତୀ କେତେକ ଉପନ୍ୟାସଠାରୁ ଅଧିକମାତ୍ରାରେ ବାସ୍ତବବାଦୀ ହୋଇ ଉଠିଛନ୍ତି । 'ଓଲଟ

ISSN NO.
2582-208X

ପାଲଟ' ଉପନ୍ୟାସଟି ୧୯୩୪ ମସିହାରେ ରଚିତ ହୋଇ ୧୯୩୭ ମସିହାରେ ପ୍ରକାଶଲାଭ କରିଥିଲା । ଏହାପରେ ୧୯୩୫ ମସିହାରେ ରଚିତ ହୋଇଥିବା 'ପରକୀୟା' ଉପନ୍ୟାସଟି ୧୯୩୮ ମସିହାରେ ପ୍ରକାଶଲାଭ କରିଥିଲା । ତାଙ୍କର 'ଉଦଣ୍ଡି' ଉପନ୍ୟାସଟି ୧୯୩୮ ମସିହାରେ ରଚିତ ହୋଇ ୧୯୩୯ ମସିହାରେ ପ୍ରକାଶଲାଭ କରିଥିଲା । 'ଅଦେଖାହାତ ହେଉଛି ତାଙ୍କଦ୍ୱାରା ରଚିତ ଅନ୍ୟତମ ଜନପ୍ରିୟ ଉପନ୍ୟାସ । ଏହା ୧୯୩୯-୪୦ ମସିହାରେ ରଚିତ ହୋଇଥିବା ବେଳେ ୧୯୪୩ ମସିହାରେ ପ୍ରକାଶଲାଭ କରିଛି । ଏହି ଉପନ୍ୟାସରେ କାହ୍ନୁଚରଣ ଅଧିକ ମାତ୍ରାରେ ଭାଗ୍ୟବାଦୀ ହୋଇ ପଡ଼ିଛନ୍ତି । ସମସ୍ୟାର ସମାଧାନ କରିବାକୁ ଯାଇ ବହୁ ସ୍ଥଳରେ ଆକସ୍ମିକତାର ସାହାଯ୍ୟ ନେଇଛନ୍ତି । ଏହାର ପରବର୍ତ୍ତୀ ଉପନ୍ୟାସ ହେଉଛି 'ପ୍ରତୀକ୍ଷା' । ଯାହାକି ୧୯୪୧ ମସିହାରେ ରଚିତ ହୋଇ ୧୯୪୩ ମସିହାରେ ପ୍ରକାଶିତ ହୋଇଛି । ଏହାପରେ ୧୯୪୨ ମସିହାରେ 'ଭଲ ପାଇବାର ଶେଷ କଥା' ଉପନ୍ୟାସଟି ରଚିତ ହୋଇ ୧୯୪୪ ମସିହାରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇଛି ।

୧୯୪୨-୪୩ ମସିହାରେ ରଚିତ ହୋଇ ୧୯୪୫ ମସିହାରେ ପ୍ରକାଶିତ ହୋଇଥିଲା ତାଙ୍କର ଅନ୍ୟତମ ସଫଳ ତଥା ଜନପ୍ରିୟ ଉପନ୍ୟାସ ହେଉଛି 'ତୁଣ୍ଡବାଇଦ' । ଏହି ଉପନ୍ୟାସଟି ତାଙ୍କ ପରିପକ୍ୱତାର ପରିଚୟ ବହନ କରେ । 'ଅଦେଖାହାତ' ପରି ଏହି ଉପନ୍ୟାସରେ ମଧ୍ୟ ସେ ଭାଗ୍ୟବାଦୀ ହୋଇପଡ଼ିଛନ୍ତି । ଏହାପରେ ୧୯୪୪ ମସିହାରେ ରଚିତ ହୋଇ ୧୯୪୬ ମସିହାରେ ପ୍ରକାଶିତ ହୋଇଛି 'ଏପାରି ସେପାରି' ଉପନ୍ୟାସ । ସେହିପରି ୧୯୪୫ ମସିହାରେ ରଚିତ ହୋଇ ୧୯୪୬ ମସିହାରେ ପ୍ରକାଶିତ ହୋଇଥିଲା ତାଙ୍କର ବହୁ ଜନାଦୃତ ଉପନ୍ୟାସ 'ଶାସ୍ତି' । ସ୍ୱାଧୀନତା ପୂର୍ବବର୍ତ୍ତୀ କାଳରେ ରଚିତ ହୋଇ ପ୍ରକାଶିତ ହୋଇଥିବା ଏହି ଉପନ୍ୟାସରେ ନୂତନ ସମାଜ ଓ ସଂସ୍କାର ଭାବ ପ୍ରକାଶ କରିଥିଲେହେଁ ଉପନ୍ୟାସର ପରିଣତିରେ ତାଙ୍କର ମୂଳ କଳ୍ପନା ବିଡ଼ମ୍ବିତ ହୋଇଛି ବୋଲି ମନେହୁଏ । ଏଥିରେ ଜୀବନର ରିକ୍ତତା ଓ ବ୍ୟର୍ଥତାକୁ ପ୍ରତିପାଦନ କରି କାଥାକାର ବିୟୋଗାନ୍ତକ ପରିଣତି ସୃଷ୍ଟି କରିଛନ୍ତି । ସ୍ୱାଧୀନତା ପୂର୍ବବର୍ତ୍ତୀ କାଳରେ ରଚିତ ହୋଇ ପ୍ରକାଶିତ ହୋଇଥିବା ଆଉ ଏକ ଉପନ୍ୟାସ ହେଲା 'ବନଗହନର ତଳେ' । ଯାହାକି ୧୯୪୫ ମସିହାରେ ରଚିତ ହୋଇ ୧୯୪୬ ମସିହାରେ ପ୍ରକାଶଲାଭ କରିଥିଲା । ପ୍ରାକ୍ ସ୍ୱାଧୀନତା କାଳରେ ରଚିତ ହୋଇ ସ୍ୱାଧୀନୋତ୍ତର କାଳରେ ପ୍ରକାଶିତ ହୋଇଥିବା ତାଙ୍କର କେତୋଟି ଉପନ୍ୟାସ ହେଲା-

ISSN NO.
2582-208X

ଅନ୍ତରାୟ, ଅଭିନେତ୍ରୀ ଓ ଭୁଲି ହୁଏନା । ସ୍ୱାଧୀନତା ପୂର୍ବବର୍ତ୍ତୀ ସମୟସୀମାରୁ ପ୍ରାକ୍ ସ୍ୱାଧୀନତା କାଳର ସମସ୍ତ ସୃଷ୍ଟିକୁ ମୂଲ୍ୟାୟନ କଲେ ଏଥିରେ 'ହାଅନ୍ନ', 'ତୁଣ୍ଡବାଇଦ', 'ଅଦେଖାହାତ', 'ଶାସ୍ତି' ପ୍ରଭୃତି କେତେକ ଉପନ୍ୟାସ ତାଙ୍କ ସଫଳ ସୃଷ୍ଟିର ପରିଚୟ ପ୍ରଦାନ କରେ ।

ସ୍ୱାଧୀନୋତ୍ତର କାଳରେ ଅର୍ଥାତ ୧୯୪୮-୪୯ ମସିହାରେ ରଚିତ ହୋଇ ୧୯୫୦ ମସିହାରେ ପ୍ରକାଶିତ ହୋଇଥିଲା ତାଙ୍କ ବହୁ ଆଲୋଚିତ ଉପନ୍ୟାସ 'ଝଞ୍ଜା' ସ୍ୱା ପରିବାର ଓ ସମାଜ ଏହାର ପରିସର ହୋଇଥିଲେ ହେଁ ଅତ୍ୟାଧୁନିକ ଜୀବନର ଧ୍ରୁପଦ ହେଉଛି ଏହାର କେନ୍ଦ୍ରବିନ୍ଦୁ । ଏହାପରେ ପ୍ରେମ ପ୍ରସଙ୍ଗକୁ ଉପଜୀବ୍ୟ କରି ୧୯୪୯ ମସିହାରେ ରଚନା କରିଥିଲେ 'ମିଳନର ଛନ୍ଦ' ସ୍ୱା ଯାହାକି ୧୯୫୧ ମସିହାରେ ପ୍ରକାଶିତ ହୋଇଥିଲା । ଯୌନପ୍ରବୃତ୍ତି ନିକଟରେ ଆଦର୍ଶ କିପରି ପରାସ୍ତ ହୁଏ ତାହା ଏହି ଉପନ୍ୟାସରେ ଖୁବ୍ ସୁନ୍ଦର ଭାବରେ ଉପସ୍ଥାପନା କରାଯାଇଛି । ଏହାପରେ ତାଙ୍କ ସୃଷ୍ଟିରେ ଅନେକ ବୌଦ୍ଧିକ ସଫଳତା ଆସିଥିବାର ଲକ୍ଷ୍ୟ କରାଯାଇଥାଏ । 'ଶର୍ବରୀ' ଓ 'କା' ଉପନ୍ୟାସ ହେଉଛି ଏହି ସତ୍ୟର ପରିପ୍ରକାଶ । ୧୯୫୦-୫୧ ମସିହାରେ ରଚିତ ହୋଇ ୧୯୫୨ ମସିହାରେ ପ୍ରକାଶିତ ହୋଇଥିଲା 'ଶର୍ବରୀ' ଉପନ୍ୟାସ । ଏହାପରେ ୧୯୫୨-୫୩ ମସିହାରେ ରଚିତ 'ପରୀ' ଉପନ୍ୟାସ ପ୍ରକାଶିତ ହୋଇଥିଲା ୧୯୫୪ ମସିହାରେ । ୧୯୫୩-୫୪ ମସିହାରେ ରଚିତ ହୋଇ ୧୯୫୬ ମସିହାରେ ପ୍ରକାଶିତ ହୋଇଥିଲା 'କା' ଉପନ୍ୟାସ । ଏହି 'କା' ଉପନ୍ୟାସ ତାଙ୍କୁ ଜଣେ ଔପନ୍ୟାସିକ ଭାବରେ ସ୍ୱୀକୃତି ଆଣିଦେଇଥିଲା । ଏହି ଉପନ୍ୟାସ ପାଇଁ ୧୯୫୯ ମସିହାରେ ସେ ପାଇଥିଲେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ।

୧୯୫୫-୫୬ ମସିହାରେ ରଚିତ ହୋଇ ୧୯୫୯ ମସିହାରେ ପ୍ରକାଶିତ ହୋଇଥିଲା ତାଙ୍କର ଏକ ସଫଳ କଳାକୃତି 'ବଜ୍ରବାହୁ' । 'ଶାସ୍ତି' ଓ 'ଝଞ୍ଜା' ଉପନ୍ୟାସରେ ସେ ଯେଉଁ ନୂତନ ସମାଜ ଓ ନୂତନ ଜୀବନର ପରିକଳ୍ପନା କରିଥିଲେ ତାହାର ଏକ ବାସ୍ତବ ରୂପ ଏହି ଉପନ୍ୟାସରେ ସେ ଚିତ୍ରଣ କରିଗଲେ । ଏହି ଉପନ୍ୟାସଟି ମିଳନାତ୍ମକ ଓ ତାଙ୍କ ସୃଷ୍ଟି ସଫଳତା ପାଇଁ ଏକ ବ୍ୟତିକ୍ରମ । ଏହି ଉପନ୍ୟାସ ପରେ ୧୯୬୦-୬୧ ମସିହାରେ ସେ ରଚନା କରନ୍ତି 'ଢେଉଢେଉକା' । ଯାହାକି ୧୯୬୨ ମସିହାରେ ପ୍ରକାଶ ଲାଭ କରିଥିଲା । 'ବଗବଗୁଲି' ଉପନ୍ୟାସ ୧୯୬୨-୬୩ ମସିହାରେ ରଚିତ ହୋଇ ୧୯୬୪ ମସିହାରେ

ISSN NO.
2582-208X

ପ୍ରକାଶିତ ହୋଇଥିଲା ଏବଂ ୧୯୬୩-୬୪ ମସିହାରେ ରଚିତ ହୋଇ ୧୯୬୭ ମସିହାରେ ପ୍ରକାଶିତ ହୋଇଥିଲା 'ଇତିହ' ଉପନ୍ୟାସ । ଏହାପରେ ୧୯୬୪-୬୬ ମସିହା ମଧ୍ୟରେ ରଚିତ ହୋଇ ୧୯୬୭ ମସିହାରେ ପ୍ରକାଶିତ ହୋଇଥିଲା ତାଙ୍କର ଅନ୍ୟତମ ସଫଳ ଉପନ୍ୟାସ 'ତମସାତୀରେ' । ଏହି ଉପନ୍ୟାସରେ ପୂର୍ବବଙ୍ଗର ମୁସଲମାନମାନଙ୍କ ଅତ୍ୟାଚାର, ଲୁଣ୍ଠନ ଓ ହତ୍ୟାର ସମ୍ମୁଖୀନ ହୋଇ ପଳାଇ ଆସିଥିବା ଅସହାୟ ହିନ୍ଦୁ ନରନାରୀମାନଙ୍କର କରୁଣ ଓ ବିପର୍ଯ୍ୟୟ ଜୀବନର ଚିତ୍ର ବର୍ଣ୍ଣିତ ହୋଇଛି । ଏଥିରେ ସାଂପ୍ରଦାୟିକ ସଂଘର୍ଷ ଓ ମାନବିକତା ଧର୍ମୀ ଚେତନା ପ୍ରତିଫଳିତ ହୋଇଛି । ରଚନାକାଳ ଓ ପ୍ରଥମପ୍ରକାଶକାଳ ସହ ତାଙ୍କ ରଚିତ ଉପନ୍ୟାସଗୁଡ଼ିକର ଏକ ତାଲିକା ନିମ୍ନରେ ପ୍ରଦାନ କରାଗଲା ।

| କ୍ର.ସଂ. | ଉପନ୍ୟାସର ନାମ | ରଚନାକାଳ | ପ୍ରଥମପ୍ରକାଶ କାଳ |
|---|---|---|---|
| ୧- | ଉତ୍ସବେ ବ୍ୟସନ | ୧୯୨୩-୨୪ | ପାଣ୍ଡୁଲିପି ଦୃଷ୍ପାପ୍ୟ |
| ୨- | ତଥାସ୍ତୁ | ୧୯୨୪-୨୭ | ୧୯୩୩ |
| ୩- | ବାଲିରାଜା | ୧୯୨୭-୨୯ | ୧୯୩୨ |
| ୪- | ଅରୁଣା | ୧୯୨୮-୨୯ | ପାଣ୍ଡୁଲିପି ଦୃଷ୍ପାପ୍ୟ |
| ୫- | ପଳାତକ | ୧୯୨୯-୩୦ | ୧୯୩୦ |
| ୬- | ନିଷ୍ପତ୍ତି | ୧୯୩୦-୩୧ | ୧୯୩୨ |
| ୭- | ସ୍ୱପ୍ନ ନା ସତ୍ୟ | ୧୯୩୨ | ୧୯୩୩ |
| ୮- | ଦୁନିଆର ଦାଉ | ୧୯୩୨-୩୩ | ୧୯୩୪ |
| ୯- | ହା ଅନ୍ନ | ୧୯୩୩-୩୪ | ୧୯୩୫ |
| ୧୦- | ଓଲଟ ପାଲଟ | ୧୯୩୪ | ୧୯୩୬ |
| ୧୧- | ପରକୀୟା | ୧୯୩୫ | ୧୯୩୮ |
| ୧୨- | ପରିଚୟ | ୧୯୩୬ | ପାଣ୍ଡୁଲିପି ଦୃଷ୍ପାପ୍ୟ |
| ୧୩- | ଉଦଣ୍ଡୀ | ୧୯୩୮ | ୧୯୩୯ |
| ୧୪- | ଅଦେଖାହାତ | ୧୯୩୯-୪୦ | ୧୯୪୩ |
| ୧୫- | ପ୍ରତୀକ୍ଷା | ୧୯୪୧ | ୧୯୪୩ |
| ୧୬- | ଭଲପାଇବାର ଶେଷ କଥା | ୧୯୪୨ | ୧୯୪୪ |
| ୧୭- | ତୁଣ୍ଡବାଇଦ | ୧୯୪୨-୪୩ | ୧୯୪୪ |
| ୧୮- | ଏପାରି ସେପାରି | ୧୯୪୪ | ୧୯୪୬ |
| ୧୯- | ଶାସ୍ତି | ୧୯୪୫ | ୧୯୪୬ |
| ୨୦- | ବନଗହନର ତଳେ | ୧୯୪୫ | ୧୯୪୬ |

ISSN NO.
2582-208X

| | | | |
|---|---|---|---|
| ୨୧- | ଅନ୍ତରାୟ | ୧୯୪୬ | ୧୯୪୭ |
| ୨୨- | ଅଭିନେତ୍ରୀ | ୧୯୪୬ | ୧୯୪୭ |
| ୨୩- | ଭୁଲି ହୁଏନା | ୧୯୪୬ | ୧୯୪୮ |
| ୨୪- | ଝଞ୍ଜା | ୧୯୪୮-୪୯ | ୧୯୫୦ |
| ୨୫- | ମିଳନର ଛନ୍ଦ | ୧୯୪୯ | ୧୯୫୧ |
| ୨୬- | ଶର୍ବରୀ | ୧୯୫୦-୫୧ | ୧୯୫୨ |
| ୨୭- | ପରୀ | ୧୯୫୨-୫୩ | ୧୯୫୪ |
| ୨୮- | କା | ୧୯୫୩-୫୪ | ୧୯୫୬ |
| ୨୯- | ବଜ୍ରବାହୁ | ୧୯୫୫-୫୬ | ୧୯୫୯ |
| ୩୦- | ଢେଉଢେଉକା | ୧୯୬୦-୬୧ | ୧୯୬୨ |
| ୩୧- | ବଗବଗୁଲି | ୧୯୬୨-୬୩ | ୧୯୬୪ |
| ୩୨- | ଇତିହ | ୧୯୬୩-୬୪ | ୧୯୬୬ |
| ୩୩- | ତମସାତୀରେ | ୧୯୬୪-୬୬ | ୧୯୬୬ |
| ୩୪- | ମୁଁ ମନ୍ତ୍ର ଜାଣେ | ୧୯୬୭ | ୧୯୬୮ |
| ୩୫- | ମନଜାଣେ ପାପ | ୧୯୬୮-୬୯ | ୧୯୬୯ |
| ୩୬- | ମନମନ୍ଥନ | ୧୯୬୯ | ୧୯୭୦ |
| ୩୭- | ଅତି ଗୋପନୀୟ | ୧୯୬୯-୭୦ | ୧୯୭୦ |
| ୩୮- | ଅଙ୍ଗନା | ୧୯୭୦ | ୧୯୭୧ |
| ୩୯- | ମମତାର ମାୟା | ୧୯୭୧ | ୧୯୭୧ |
| ୪୦- | କହିବାକୁ ଲାଜ | ୧୦୭୦-୭୧ | ୧୯୭୩ |
| ୪୧- | ନିର୍ବିଶଙ୍କୀ | ୧୯୭୧-୭୨ | ୧୯୭୩ |
| ୪୨- | ଆଜି ନୁହେଁ ଆଉ ଦିନେ | ୧୯୭୨-୭୩ | ୧୯୭୩ |
| ୪୩- | କ୍ଷଣ କ୍ଷଣକେ ଆନ | ୧୯୭୪ -୭୫ | ୧୯୭୫ |
| ୪୪- | ମାୟାବର୍ତ୍ତ | ୧୯୭୬-୭୭ | ୧୯୭୮ |
| ୪୫- | ସତ୍ୟବତୀ | ୧୯୭୮-୭୯ | ୧୯୮୦ |
| ୪୬- | କ୍ଷଣିକା | ୧୯୪୬ | ୧୯୮୦ |
| ୪୭- | ଅପା | ୧୯୪୬ | ୧୯୮୦ |
| ୪୮- | ନାମଟି ତାର ଚମ୍ପା | ୧୯୫୦ | ୧୯୮୦ |
| ୪୯- | ତାରକା | ୧୯୮୦ | ୧୯୮୧ |
| ୫୦- | ତାପସୀ | ୧୯୮୧ | ୧୯୮୨ |
| ୫୧- | ଲଲାଟ ଲିଖନ | ୧୯୮୨ | ୧୯୮୩ |

ISSN NO.
2582-208X

| | | | |
|---|---|---|---|
| ୫୨- | ମେଲାଣୀ ମାଗୁଣୀ | ୧୯୮୩ | ୧୯୮୩ |
| ୫୩- | ପାବନୀ | ୧୯୮୪ | ୧୯୮୪ |
| ୫୬- | ଯକ୍ଷ | ୧୯୮୫ | ୧୯୮୫ |

ସ୍ୱାଧୀନତା ପୂର୍ବବର୍ତ୍ତୀ କାଳରୁ ଆରମ୍ଭ କରି ସ୍ୱାଧୀନତାପ୍ରାପ୍ତିର ଅନେକ ବର୍ଷ ପର୍ଯ୍ୟନ୍ତ ତାଙ୍କର ଲେଖନୀ ଚଳଚଞ୍ଚଳ ଥିଲା । ବିଭନ୍ନ ପ୍ରକାରର ବିଷୟବସ୍ତୁ ଓ ବିଭିନ୍ନ ପ୍ରକାର ଚରିତ୍ରାଦିର ସମାବେଶରେ ତାଙ୍କ ଉପନ୍ୟାସଗୁଡ଼ିକର କଳେବର ଗଢ଼ି ଉଠିଥିଲା । ତାଙ୍କ ଉପନ୍ୟାସଗୁଡ଼ିକର କଥାବସ୍ତୁ ସାଧାରଣତଃ ଆମ ସାମାଜିକ ପରିବେଶରୁ ସଂଗୃହିତ ହୋଇଥିଲେ ହେଁ, ଅନେକତ୍ର ତାହା ପାଶ୍ଚାତ୍ୟ ଉପନ୍ୟାସ ଲେଖକମାନଙ୍କ ପ୍ରଭାବରୁ ମୁକ୍ତ ନୁହଁ ବୋଲି ଆଲୋଚକମାନେ ମତଦିଅନ୍ତି । ଏକଥା ସତ୍ୟ ହେଲେ ମଧ୍ୟ ସେ ଚମତ୍କାର ଭାବରେ ବିଷୟଗୁଡ଼ିକର ଆହରଣ କରି ତାକୁ ଓଡ଼ିଶାର ପାଣିପବନ ଓ ଆପଣାର ମଣିଷ ପରି ଚରିତ୍ରର ସଂଯୋଜନା କରି ନିଜସ୍ୱ ଶୈଳୀରେ ତାକୁ ଗଢ଼ି ତୋଳିଛନ୍ତି । ଶେଷରେ ଏତିକି କୁହାଯାଇପାରେ ଯେ; ଓଡ଼ିଆ ଉପନ୍ୟାସ ସାହିତ୍ୟ ଜଗତରେ ଜଣେ ଜନପ୍ରିୟ ଔପନ୍ୟାସିକ ଭାବରେ ତାଙ୍କର କିର୍ତ୍ତି କେବେହେଲେ ନିଷ୍ପ୍ରଭ ହେବନାହିଁ । ତାଙ୍କ ନାମ ଚିରଦିନପାଇଁ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ ।

ସହାୟକ ଗ୍ରନ୍ଥସୂଚୀ-

୧- କାହ୍ନୁଚରଣ ଗ୍ରନ୍ଥାବଳୀ, ପ୍ରଥମ, ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ଖଣ୍ଡ, ଗ୍ରନ୍ଥମନ୍ଦିର, କଟକ-୨: ବ୍ରହ୍ମପୁର, ପ୍ରଥମ ମୁଦ୍ରଣ-ମାର୍ଚ୍ଚ-୧୯୬୬ ।

୨- କାହ୍ନୁଚରଣ ପରିକ୍ରମା, ପ୍ରକାଶକ- ଏକାମ୍ର ଥିଏଟର୍ସ, ରାମେଶ୍ୱର ପାଟଣା, ଭୁବନେଶ୍ୱର : ପ୍ରକାଶ କାଳ- ଡିସେମ୍ବର-୧୯୮୩ ।

୩- ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଉପନ୍ୟାସ, ଡକ୍ଟର ବାଉରୀବନ୍ଧୁ କର, ଆଶା ପୁସ୍ତକାଳୟ, ବାରାକ୍ସ, ବ୍ରହ୍ମପୁର-୧, ନୂତନ ସଂସ୍କରଣ-୧୯୯୭ ।

୪- ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଉପନ୍ୟାସ, ପ୍ରଫେସର ବାଉରୀବନ୍ଧୁ କର, ପ୍ରକାଶକ-ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦ ବିହାରୀ, କଟକ, ଦ୍ୱିତୀୟ ସଂସ୍କରଣ-୨୦୧୮ ।

ଅଧ୍ୟାପକ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ,
ଆଗଲପୁର ପଞ୍ଚାୟତ ସମିତି ମହାବିଦ୍ୟାଳୟ,
ବାଣୀନିକେତନ, ରୋଡ୍, ଜିଲ୍ଲା-ବଲାଙ୍ଗିର

ମାର୍ଚ୍ଚ -୨୦୨୫
www.vedantimagazine.com
ISSN NO.
2582-208X

# ଆକାଶରେ ବସା କଲାଣି ମେଘ

ଧ୍ରୁବ ଚରଣ ଘିବେଲା

ଗୀରିଷମ ଗଲା ବରଷା ଆସିଲା
ଆଦ୍ୟ ଆଷାଢ଼କୁ ଆଣି
ଗୀରିଷମ ଅନ୍ତେ ବରଷା ଆସନ୍ତେ
ଆକାଶ ଢାଳିଲା ପାଣି ।
ଜୀବନ ପାଇଲେ ଶୁଷ୍କ ତରୁଲତା
ପିଣ୍ଡରେ ରହିଲା ପ୍ରାଣ
କେତେ ଦହଗଞ୍ଜ କରିଲା ଗ୍ରୀଷମ
ନଚାଇ ନାଚିଲା ଜାଣ ।
ଟାଣ ଖରା ଯୋଗୁଁ ହେଲା ବାଷ୍ପୀଭୂତ
ଶୁଖିଗଲା ଜଳଉତ୍ସ
ଖରାଦିନ ସାରା ହୋଇ ଜଳାଭାବ
ଜଳ କଷ୍ଟ ଅନୁଭବ ।
ବାଷ୍ପୀଭୂତ ଜଳ ଆକାଶରେ ଠୁଳ
ନେଇ ଘନ କଳା ବେଶ
ଠାଏ ଠାଏ ରହି ମେଘ ନାଆଁ ବହି
ଆକାଶ ସାରା ପ୍ରକାଶ ।
ଆକାଶରେ ବସା କରିଲାଣି ମେଘ
ଆଦ୍ୟ ଆଷାଢ଼ କାଳରୁ
ପବନ ଦୋଳିରେ ବସି ମଉଜରେ
ଖସି ଆସେ ଆକାଶରୁ ।

ହୋଇ ଘନୀଭୂତ ଖସେ ସେ ତୁରିତ
ବୁନ୍ଦା ବୁନ୍ଦା ଜଳରାଶି
କେବେ ଘଡ଼ଘଡ଼ି ବିଜୁଳି ଚମକ
ଚମକାଏ କା'ର ଛାତି ।
ଶୁଭିଲାଣି ବେଙ୍ଗ କେଁ କଟର ଡାକ
ସାରୁଗଛ ଉହାଡ଼ରୁ
ବେଙ୍ଗର ଡାକରେ ବରଷା ବି ଝରେ
ଆକାଶ ଛାତ ଦେଶରୁ ।
ଯେଉଁଠୁ ବି ଦେଖ ଆକାଶରେ ଭାସେ
ଘନ କଳା ମେଘମାଳା
ସେଇମିତି ଖେଳେ ସାଗର ତଟରେ
କେତେ କେତେ ଉର୍ମିମାଳା ।

ବଉଦଗ୍ରାମ, ଜି. ବୌଦ୍ଧ
ମୋ.9437478466

ISSN NO.
2582-208X

# କୈବର୍ତ୍ତ ସଂପ୍ରଦାୟର ଘୋଡ଼ାନାଚ : ଏକ ଅନୁଶୀଳନ

ଗୀତାଞ୍ଜଳି ବେହେରା

ଓଡ଼ିଶାର ଲୋକନାଟକ ପରମ୍ପରାରେ କୈବର୍ତ୍ତ ସଂପ୍ରଦାୟର ଘୋଡ଼ାନାଚର ଏକ ସ୍ୱତନ୍ତ୍ର ଆସନ ରହିଛି । ପ୍ରତ୍ୟେକ ଜାତି ତାହାର ସଂସ୍କୃତି ମାଧ୍ୟମରେ ହିଁ ପରିଚିତ ହୋଇଥାଏ । ସଂସ୍କୃତି ହିଁ ଗୋଟିଏ ଜାତିର ସ୍ଥିତିକୁ ବ୍ୟକ୍ତ କରିଥାଏ । ଗୋଟିଏ ଜାତିର ଜୀବନଧାରା, ଐତିହ୍ୟ ଓ ତାହାର ପରମ୍ପରା ସଂପର୍କରେ ଅବଗତ ହେବା ପାଇ ସଂସ୍କୃତି ହିଁ ମୁଖ୍ୟ ଉପଜୀବ୍ୟ ଭାବରେ ଦଣ୍ଡାୟମାନ ହୋଇ ରୁହେ । ଲୋକନାଟକ ହେଉଛି ଉତ୍କଳୀୟ ସଂସ୍କୃତିର ଏକ ବିଶିଷ୍ଟ ଅଙ୍ଗ । ଲୋକନାଟକ ହିଁ ସାଧାରଣ ଜନତାଙ୍କ ମନକୁ ଛୁଇଁବା ଭଳି ମାଦକତା ଭରିଥାଏ, ତେଣୁ ଏହି ଲୋକନାଟକ ଲୋକ ହୃଦୟକୁ ଗଭୀର ଭାବେ ରେଖାପାତ କରିଥାଏ । ଲୋକନାଟକ କେବେ ସୃଷ୍ଟି ହୋଇଥିଲା ବା ଏହାର ମଞ୍ଚ ନିର୍ମାଣ ସଂପର୍କରେ ନିର୍ଦ୍ଦିଷ୍ଟ ଭାବେ କହି ହେବନାହିଁ, କାରଣ ଏହାର ରଚୟିତା ଅଜ୍ଞାତ । ମନୋରଞ୍ଜନକୁ ଏହାର ମୁଖ୍ୟ ମାଧ୍ୟମ ରୂପେ ଗ୍ରହଣ କରାଯାଇଥିଲା । ଓଡ଼ିଶାର ଲୋକନାଟକ ଯଥା : ଦେଶୀଆନାଟ, ଦଣ୍ଡନାଚ, ଗୋଟିପୁଅ ନାଚ, ଦାସକାଠିଆ, ପାଲା ଆଦି ମନୋରଞ୍ଜନର ବାହକ ଭାବରେ ଜନଜୀବନକୁ ପ୍ରଭାବିକ କରିଛି । ଅନ୍ୟାନ୍ୟ ଲୋକନୃତ୍ୟ ପରି ଉପକୂଳବର୍ତ୍ତୀ ଅଞ୍ଚଳର କୈବର୍ତ୍ତ ସଂପ୍ରଦାୟର 'ଘୋଡ଼ାନାଚ' ମଧ୍ୟ ଅନ୍ୟ ଲୋକନୃତ୍ୟ ଠାରୁ କୌଣସି ଗୁଣରେ ଊଣା ନୁହେଁ ।

## ଚୈତିଘୋଡ଼ାର ଉତ୍ପତ୍ତି :

ଗୋପାଳ ସଂପ୍ରଦାୟରେ ଯେପରି ଦୋଳପୂର୍ଣ୍ଣିମା ମୁଖ୍ୟ ପର୍ବ ଭାବରେ ପାଳିତ ହୋଇଥାଏ, ସେହିପରି କୈବର୍ତ୍ତ ସଂପ୍ରଦାୟରେ 'ଘୋଡ଼ାନାଚ' ବହୁ ଲୋକପ୍ରିୟ । ଏହି ଘୋଡ଼ାନାଚ ଲୋକନାଟ୍ୟ ପରମ୍ପରାରେ ବହୁ ପ୍ରାଚୀନ । ଏହା

ISSN NO.
2582-208X

ଚୈତ୍ର ପୂର୍ଣ୍ଣିମା ଠାରୁ ବୈଶାଖ ଅଷ୍ଟମୀ ପର୍ଯ୍ୟନ୍ତ ପାଳନ କରାଯାଇଥାଏ। ତେଣୁ ଏହି ନାଚକୁ 'ଚୈତିଘୋଡ଼ାନାଚ' ମଧ୍ୟ କୁହାଯାଇଥାଏ । ଚୈତିଘୋଡ଼ା ନାଚ ଉପକୂଳବର୍ତ୍ତୀ ଅଞ୍ଚଳରେ ବିଶେଷ ଭାବରେ ପାଳନ କରାଯାଇଥାଏ । ଚୈତିଘୋଡ଼ାର ଉତ୍ପତ୍ତି ସଂପର୍କରେ ବିଭିନ୍ନ ପ୍ରକାର କିମ୍ବଦନ୍ତୀ ଓ ଜନଶ୍ରୁତି ରହିଛି । ପଞ୍ଚସଖା ଯୁଗର ଅନ୍ୟତମ ବିଦ୍ଧାଣି ଅଚ୍ୟୁତାନନ୍ଦ ଦାସଙ୍କ 'କୈବର୍ତ୍ତ ଗୀତା' ରେ ଏହି ସଂପର୍କରେ ସବିଶେଷ ଆଲୋଚନା ରହିଛି । କିମ୍ବଦନ୍ତୀ ଅନୁଯାୟୀ ପ୍ରଳୟ କାଳରେ ଭଗବାନ ବିଷ୍ଣୁ ବଟପତ୍ରରେ ଭାସମାନ ଅବସ୍ଥାରେ ଅବସ୍ଥାନ କରିଥିଲେ । ପ୍ରଳୟର ପ୍ରଭାବରେ ବଟପତ୍ରଟି ସ୍ଥିର ରହିନପାରିବାରୁ ଭାଗବାନ ବିଷ୍ଣୁ ପତ୍ରକୁ ସ୍ଥିର ରଖିବା ପାଇଁ କର୍ଣ୍ଣ ମୂଳ ମଳିରୁ ଏକ ମାନବମୂର୍ତ୍ତି ସର୍ଜନା କଲେ, ଏବଂ ସେହି ମାନବ ହିଁ କୈବର୍ତ୍ତ ଭାବେ ପରିଚିତ ହେଲେ । ବଟପତ୍ରର ସ୍ଥିରତା ଦେଖି ଭଗବାନ ବିଷ୍ଣୁ କୈବର୍ତ୍ତକୁ 'ଦାସରାଜା' ଭାବରେ ପ୍ରତିଷ୍ଠିତ କରାଇଲେ । ଭଗବାନ ବିଶ୍ୱକର୍ମାଙ୍କୁ ଡାକି ଏକ ଡଙ୍ଗା ନିର୍ମାଣ କରାଇଥିଲେ। ଘୋଡ଼ା ରୂପ ପ୍ରଦାନ କରି ନୌକା ଏବଂ ଘୋଡ଼ା ସହିତ ଦାସରାଜା ସିଂହଳ ଦ୍ୱୀପରେ ଅବସ୍ଥାନ କଲେ । ସେହି ଘୋଡ଼ାଟିର ନାମ 'ବାସୁଳୀ' । ଭଗବାନ ରାଜାଙ୍କ ପ୍ରତି ଆଶିଷ ପ୍ରଦାନ କରିଥିଲେ :

ବଟପୁଟେ ବସି ପ୍ରଭୁ ଆଜ୍ଞା ଯେ ବିହିଲେ
ଆଜ୍ଞା ପରମାଣେ ବଟ ତୁରଙ୍ଗ ହୋଇଲେ ।
ପଞ୍ଚାଶ ଯୋଜନ ଯାଏ, ଡେଣା ସେ ବିସ୍ତାରେ
ଦାସ ରାଜାକୁ ଘେନିଣ ଅଶ୍ୱର ପୃଷ୍ଠରେ ।
ଅଶ୍ୱ ଚାଳିଦେଲେ ସେ ଯେ ମନ ସନ୍ତୋଷରେ
ବିକ୍ରମି ଅଇଲା ଅଶ୍ୱ ଦରିଆ କିନାରେ ।
ଚଇତ୍ର ମାସ, ପୂର୍ଣ୍ଣମୀ ହୋଇଛି ସେ ଦିନ
ବାଶେଳୀ ବୋଲି ନାମ ଦେଲେ ତତକ୍ଷଣ ।

କିଛିଦିନ ପରେ ବାସୁଳୀ ଅଷ୍ଟମୀ ଗୁରୁବାରରେ ପ୍ରାଣ ତ୍ୟାଗ କରି ଏକ ନାରୀ ରୂପ ଧାରଣ କଲା । ଏହି ନାରୀ ରୂପୀ ବାସୁଳୀକୁ ଦେଖି କୈବର୍ତ୍ତ ମନରେ ଭୟ ସୃଷ୍ଟି ହେବାରୁ ଭଗବାନ ଦାସରାଜାଙ୍କୁ କହିଲେ 'ବାସୁଳୀ' ଆଜିଠାରୁ ତୋହର କୁଳଦେବତା ଭାବରେ ପୂଜା

ISSN NO.
2582-208X

ପାଇବେ । ସେହିଦିନଠାରୁ କୈବର୍ତ୍ତ ସଂପ୍ରଦାୟର କୁଳଦେବତା ବାସୁଳୀ ହିଁ ପୂଜା ପାଇ ଆସୁଛନ୍ତି ।

## କୈବର୍ତ୍ତମାନଙ୍କର ପୂଜାବିଧି :

କୈବର୍ତ୍ତ ସଂପ୍ରଦାୟର ଜୀବନ ତଥା ଜୀବିକାର କାହାଣୀ ହିଁ 'ଘୋଡ଼ାନାଚ' I ଚୈତ୍ର ପୂର୍ଣ୍ଣିମା ଦିନ ପ୍ରତ୍ୟେକ କୈବର୍ତ୍ତମାନଙ୍କ ଘରେ ସଜ ବସେ । କୈବର୍ତ୍ତ ସଂପ୍ରଦାୟର ଲୋକମାନେ ଏକତ୍ରିତ ହୋଇ ବାଉଁଶ ବୁଦାକୁ ପୂଜା କରି ଏକ ବାଉଁଶ ଖଣ୍ଡକୁ କାଟି ଆଣିଥାନ୍ତି । ପାର୍ବତୀଙ୍କ ନାମ ସ୍ମରଣ କରି ବାରଖଣ୍ଡ ବତା ପ୍ରସ୍ତୁତ ହୁଏ ଏବଂ ସେଥିରେ ଘୋଡ଼ାର ପଞ୍ଜର ପ୍ରସ୍ତୁତ କରାଯାଇଥାଏ । ଘୋଡ଼ାର ମୁଣ୍ଡ କୁସୁମ କାଠରେ ଏବଂ ସର୍ବାଙ୍ଗ ଶରୀରରେ ମାଟିର ଲେପ ଦିଆଯାଇଥାଏ । ଘୋଡ଼ାର ଚତୁଃପାର୍ଶ୍ୱରେ ପାଟଶାଢ଼ି ଆବୃତ କରି ଅଶ୍ୱର ପଞ୍ଜରା ଭିତରେ ଦେହୁରୀ ପ୍ରବେଶ କରେ ଏବଂ ସେ ନୃତ୍ୟ ପ୍ରଦର୍ଶନ କରାଇଥାଏ । ଢୋଲ, ମହୁରୀ ତାଳରେ ଚତୁଃଦିଗ ଉଛୁଳି ପଡୁଥାଏ । କୈବର୍ତ୍ତ ସଂପ୍ରଦାୟର ଲୋକମାନେ ଏହି ଦିନ ଜାଲ, ଡଙ୍ଗାକୁ ପୂଜା କରି ଆରିଶା ପିଠା ଭୋଗ ଲଗାଇଥାନ୍ତି । 'ଘୋଡ଼ାନାଚ' ହିଁ କୈବର୍ତ୍ତମାନଙ୍କର ବିଶ୍ୱାସର ପ୍ରତୀକ । ଅଚ୍ୟୁତାନନ୍ଦ 'କୈବର୍ତ୍ତଗୀତ' ରେ କହିଛନ୍ତି ଘୋଡ଼ାକୁ ପୂଜା କରିବା ଦ୍ୱାରା ଐଶ୍ୱର୍ଯ୍ୟ ପ୍ରାପ୍ତ ହୁଏ ।

"ମାନସିକ କରି ଯେହୁ ବାଶେଳୀ ପୂଜିବ,
ଅପୁତ୍ରିକ ହୋଇଥିଲେ ପୁତ୍ରସେ ଲଭିବ ।"

## ଘୋଡ଼ାନାଚକୁ ନେଇ କିମ୍ବଦନ୍ତୀ :

କୈବର୍ତ୍ତମାନେ ଗ୍ରାମେ ଗ୍ରାମେ 'ଘୋଡ଼ାନାଚ' ଦେଖାଇ ଲୋକମାନଙ୍କର ମନୋରଞ୍ଜନ କରିଥାନ୍ତି । ଘୋଡ଼ାନାଚରେ ରାଉତ- ରାଉତାଣୀ ଗୀତ ଓ ନୃତ୍ୟ ପ୍ରଦର୍ଶନ କରିଥାନ୍ତି । ଘୋଡ଼ାନାଚକୁ ନେଇ ବହୁ ଜନଶ୍ରୁତି ରହିଛି । ପୌରାଣିକ କିମ୍ବଦନ୍ତୀ ଅନୁସାରେ ଶ୍ରୀରାମଚନ୍ଦ୍ର ବନବାସ ଯିବା ବାଟରେ ସର୍ଯ୍ୟୁ ନଦୀକୁ ପାର ହେବା ପାଇଁ ଜଣେ ଧୀବର ସାହାଯ୍ୟ କରିଥିଲେ । ସେହି ଧୀବରର ସାହାଯ୍ୟରେ ମୁଗ୍ଧ ହୋଇ ପ୍ରଭୁ ଶ୍ରୀରାମଚନ୍ଦ୍ର

ISSN NO.
2582-208X

ଧୀବରଙ୍କୁ ଗୋଟିଏ ଘୋଡ଼ା ଉପହାର ଦେଇଥିଲେ। ସେହିଦିନ ଠାରୁ କୈବର୍ତ୍ତ ସମ୍ପ୍ରଦାୟ ଲୋକମାନେ ଘୋଡ଼ାନୃତ୍ୟ ପାଳନ କରିଆସୁଛନ୍ତି ।

ଆଉ ମଧ୍ୟ କିମ୍ବଦନ୍ତୀ ରହିଛି, ମହର୍ଷି ପରାଶର ଓ କୈବର୍ତ୍ତକନ୍ୟା ମତ୍ସ୍ୟଗନ୍ଧା (ପରେ ଯୋଜନଗନ୍ଧା) ଙ୍କ ପୁତ୍ର ବ୍ୟାସଦେବଙ୍କ ମନକୁ ଖୁସି କରିବା ପାଇଁ ବିନ୍ଧ୍ୟପର୍ବତରୁ ଏକ ଘୋଡ଼ା ଆଣିଥିଲେ । ସେହି ଘୋଡ଼ାକୁ ନେଇ ବ୍ୟାସଦେବଙ୍କ ମନୋରଞ୍ଜନ ନିମନ୍ତେ ନୃତ୍ୟ ପ୍ରଦର୍ଶନ କରୁଥିଲେ କୈବର୍ତ୍ତ ସଂପ୍ରଦାୟ ମାନେ ଏବଂ ସେହି ଘୋଡ଼ାକୁ ଦାସରାଜା ସିଂହଳକୁ ନେଇଯାଇଥିଲେ । ସେହିଠାରେ ଅଶ୍ୱଟି ମୃତ୍ୟୁବରଣ କରି ଏକ ନାରୀ (ଲକ୍ଷ୍ମୀ) ରୂପ ଧାରଣ କରିଥିଲା । ଲକ୍ଷ୍ମୀଙ୍କ ସ୍ୱରୂପ ଦେଖି ଦାସରାଜା ମନରେ ଭୟ ଜାତ ହେଲାବେଳେ ଭଗବାନରାଜାଙ୍କୁ ସାନ୍ତ୍ୱନା ଦେଇଥିଲେ ।

### ବିଭିନ୍ନ ଅଞ୍ଚଳରେ ଘୋଡ଼ାନାଚ:

କେବଳ ଓଡ଼ିଶାରେ ନୁହେଁ ଭାରତର ବିଭିନ୍ନ ଅଞ୍ଚଳ ଭେଦରେ ଘୋଡ଼ାନାଚ ଅନୁଷ୍ଠିତ ହୋଇଥାଏ । ଓଡ଼ିଶାର ପୁରୀ, ବାଲେଶ୍ୱର, ଭଦ୍ରକ ପ୍ରଭୃତି ଅଞ୍ଚଳ ସହିତ ଗୋଆ, ତାମିଲନାଡୁ, ଜାମ୍ମୁକାଶ୍ମୀର, ପଶ୍ଚିମବଙ୍ଗ ପ୍ରଭୃତି ଅଞ୍ଚଳରେ ମଧ୍ୟ ଏହି ଘୋଡ଼ାନାଚ ପରିଲକ୍ଷିତ ହୁଏ । କିଛି ଜାଗାରେ ଅଞ୍ଚଳ ଭେଦରେ ଘୋଡ଼ାନାଚର ନାମକରଣରେ ମଧ୍ୟ ପାର୍ଥକ୍ୟ ଦେଖାଯାଇଥାଏ । ତାମିଲନାଡୁରେ ଘୋଡ଼ାନାଚକୁ 'ପୁରବୀ ଅଟ୍ଟାମ୍' ବା 'ପୋଇକ୍କାଲ କୁଥିରାଇ' କୁହାଯାଇଥାଏ । ପଶ୍ଚିମବଙ୍ଗ, ଜାମ୍ମୁକାଶ୍ମୀର, ଗୋଆ ଘୋଡ଼ାନାଟର ପଦ୍ଧତି ସହ ଓଡ଼ିଶାର ଘୋଡ଼ାନାଟର ପଦ୍ଧତି ପ୍ରାୟ ଏକା ପ୍ରକାରର । ପୁରୀ ଅଞ୍ଚଳରେ ହେଉଥିବା ଘୋଡ଼ାନାଟ ସହିତ ମହାପ୍ରଭୁଙ୍କ ଅତୁଟ ସଂପର୍କ ରହିଛି । ଜଗତରନାଥ ଜଗନ୍ନାଥଙ୍କ ଆସ୍ଥାନ ପାଖ ବାରଣ୍ଡାରେ ବାସେଳୀ ଠାକୁରାଣୀ ବିଦ୍ୟମାନ । ସେହିପରି ଭଦ୍ରକ ଜିଲ୍ଲାରେ କୈବର୍ତ୍ତ ସଂପ୍ରଦାୟମାନଙ୍କ ଦ୍ୱାରା ହେଉଥିବା ଘୋଡ଼ାନାଚରେ ଘୋଡ଼ାମୁଣ୍ଡ କାଠ ବଦଳ ମାଟିରେ ନିର୍ମିତ ହୋଇ ନାଚ ପ୍ରଦର୍ଶନ କରାଯାଇଥାଏ ।

### ଘୋଡ଼ାନାଟର ଗୀତ :

ଜନସାଧାରଣଙ୍କ ମନୋରଞ୍ଜନ ନିମନ୍ତେ ଅନ୍ୟାନ୍ୟ ଲୋକଗୀତ ପରି ଘୋଡ଼ାନାଟ ମଧ୍ୟ ଦାଣ୍ଡେ ଦାଣ୍ଡେ ଗାନ କରାଯାଇଥାଏ । ଅନେକ ଘୋଡ଼ାନାଟର ଗୀତ ଗୁଡ଼ିକ ଅର୍ଥଶୂନ୍ୟ

ISSN NO.
2582-208X

ହୋଇଥାଏ, କିନ୍ତୁ ସାଧାରଣ ଜନତା ତାହାକୁ ଶୁଣି ଆନନ୍ଦିତ ହୋଇଥାନ୍ତି । ଏହି ନାଚରେ ଚଢ଼େୟା – ଚଢ଼େୟାଣୀ, ରାଉତ- ରାଉତାଣୀ, ମହୁରୀଆ, ପାଳିଆ, ଗାୟକ ପ୍ରଭୃତି ଥାଆନ୍ତି । ଚଢ଼େୟା- ଚଢ଼େୟାଣୀ ବିଭିନ୍ନ ବେଶ ହୋଇ ନାଚ ସହିତ ଗୀତ ପ୍ରଦର୍ଶନ କରିଥାନ୍ତି । ଘୋଡ଼ାନାଚରେ ଦେବ-ଦେବୀ, ଅଶ୍ୱ, ଗୁରୁ, ବେଢ଼ା, ବ୍ରାହ୍ମଣ ପ୍ରଭୃତି ସମସ୍ତଙ୍କୁ ବନ୍ଦନା କରାଯାଇଥାଏ । ଗାୟକଙ୍କ ଦ୍ୱାରା ଗାନ ହେଉଥିବା ଗୋପୀନାଥଙ୍କୁ ବନ୍ଦନାର କିଛି ଅଂଶ ଉଦ୍ଧାର କରାଯାଉଛି :

"ହସ୍ତ ଯୋଡ଼ି ମୁହିଁ ପ୍ରଥମେ ବନ୍ଦଇ
ପ୍ରଭୁ ଗୋପୀନାଥ ଜଉ
କଣ୍ଠେ ବସ ମାତ ଭାନୁର ଦୁହିତ
ମନୋବାଞ୍ଛା ପୂର୍ଣ୍ଣ ହେଉ" ।

ସେହିପରି ମା ଶାରଳାଙ୍କୁ ବନ୍ଦନା କରି କୁହାଯାଇଛି :

"ଜୟ ଜୟ ମାତ ଝଙ୍କଡ଼ ନିବାସୀ
ଜଗତମାତ ଶାରୋଳା
ମୋ କଣ୍ଠରେ ବସି ପଦ କହିଦେ
କଣ୍ଠ ମୋ ହେବ ମୁକୁଳା
ତୁହି ପରା ମାତ ମୋହର ଜନନୀ
ମୁହିଁ ପରା ତୋର ପୁଅ
ଏ ସଭା ମଧ୍ୟରେ ସଙ୍କଟ ପଡ଼ିଛି
ଉଦ୍ଧାର କରିଣ ନିଅ ।"

ବିଭିନ୍ନ ଦେବଦେବୀ ଓ ବାଶୁଳୀଙ୍କ ବନ୍ଦନା ପରେ ସଭାବନ୍ଦନା ଅଶ୍ୱ ବନ୍ଦନା କରାଯାଇ ଗୀତ ମାଧ୍ୟମରେ ଏହି ନାଚର ମଙ୍ଗଳାଚରଣ ଅନୁଷ୍ଠିତ ହୋଇଥାଏ । ଏହା ପରେ ଗାୟକ, ରାଉତ- ରାଉତାଣୀଙ୍କ ପ୍ରଶ୍ନ ଉତ୍ତର ଛଳରେ ଗୀତ ଗାନ କରି ଲୋକମାନଙ୍କ ହୃଦୟରେ ଆଗ୍ରହ ଓ ଉତ୍କଣ୍ଠା ଭରି ଦେଇଥାନ୍ତି । ଗୋଟିଏ ଦୃଷ୍ଟାନ୍ତ ନିମ୍ନରେ ବର୍ଣ୍ଣନା କରାଗଲା :

ISSN NO.
2582-208X

ପ୍ରଶ୍ନ : ଶୁଣ ଶୁଣ ରାଉତରେ ପଚାରଇ ତୋତେ
କିଏ ଦେଲା ଘୋଡ଼ା ତୋତେ ପାଇଲୁ କେମନ୍ତେ
କେମନ୍ତ ପ୍ରକାର ଘୋଡ଼ା ହୋଇଲାକି ଜାତ
ଆଦ୍ୟ ପ୍ରାପ୍ତ କରି ତୁହି ବୁଝାଇବୁ ତତ୍ତ୍ୱ ।

ଉତ୍ତର : ଶୁଣ ଶୁଣ ଭାଇରେ ତୁ ବଡ଼ଇ ସିଂହାଣ
ମୋତେ ପଚାରିଲୁ ତୁହି ଘୋଡ଼ା ଆଦି ଜନ୍ମ
ମନସ୍ଥିର କରି ଶୁଣ କହଇ ବୃତାନ୍ତ
କେମନ୍ତ ପ୍ରକାର ଘୋଡ଼ା ହୋଇଲାକ ଜାତ ।

ଚଢ଼େୟା – ଚଢ଼େୟାଣୀମାନେ ଲୋକମାନଙ୍କ ମନକୁ ଜିତିବା ପାଇଁ ପରସ୍ପରକୁ ଆକ୍ଷେପ କରି ଗୀତ ପରିବେଷଣ କରିଥାନ୍ତି ଯଥା :

ଚଢ଼େୟା : ବାରିପଛଆଡ଼େ କଦଳୀ ଗଛ ଲୋ
ବାଛୁରୀ ଖାଇଲେ ଖୁଣ୍ଟି ।
ବାପ ଭାଇ ଦେଲେ କନିଆ ଦାନ ଲୋ
ଆସିନାହାନ୍ତି ଚତୁର୍ଥୀ କି ।

ଚଢ଼େୟାଣୀ : କପାଝାଟି ଦେଲି ବାର ନାଗରାରେ କପା ଝାଟି ଦେଲି ବାର,
ଚାନ୍ଦ ଚତୁର୍ଥୀକି ଆସି ନ ପାରିଲେ
ବଳ ନ ପାଇଲା ତାର ।

ଏହିପରି ଭାବରେ ଘୋଡ଼ାନାଚର ସମସ୍ତ ଚରିତ୍ର ପ୍ରଶ୍ନ- ଉତ୍ତର ଛଳରେ ଜନସାଧାରଣଙ୍କ ମନରେ ମାଦକତା ଭରି ଦେଇଥାନ୍ତି । ପ୍ରାଚୀନ କାଳରେ ଘୋଡ଼ାନାଚ ଦଳ ଗ୍ରାମରୁ ଗ୍ରାମକୁ ଯାଇ ନୃତ୍ୟ ପରିବେଷଣ କରୁଥିଲେ ଯାହାକୁ ଦେଖି ସାଧାରଣ ଜନତା ନିଜର ଶ୍ରମକୁ ଲାଘବ କରୁଥିଲେ, କିନ୍ତୁ ବର୍ତ୍ତମାନ କର୍ମ ବହୁଳ ଜୀବନରେ ସମୟର ଅଭାବ ହେତୁ ଲୋକମାନେ ଆଉ ଘୋଡ଼ାନାଚ ଦେଖୁନାହାଁନ୍ତି । ଯାହା ଦ୍ୱାରା ଏହି ନାଚ ବର୍ତ୍ତମାନ ସୀମା

ISSN NO.
2582-208X

ଭିତରେ ହିଁ ଆବଦ୍ଧ ହୋଇ ରହିଯାଉଛି, ସମଗ୍ର ଓଡ଼ିଶାକୁ ପରିବ୍ୟାପ୍ତ ହୋଇପାରୁନାହିଁ, । ଦୁଃଖର ବିଷୟ ଏହି କି ଯେ ଏହି ନାଚ ଉପକୂଳବର୍ତ୍ତୀ ଅଞ୍ଚଳର କୈବର୍ତ୍ତଙ୍କୁ ନେଇ ଅନୁଷ୍ଠିତ ହେଉଥିବାରୁ ସମଗ୍ର ଉତ୍କଳୀୟ ଚେତନାକୁ ସ୍ପର୍ଶ କରିପାରି ନାହିଁ । କିନ୍ତୁ ଓଡ଼ିଶା ଉପକୂଳବର୍ତ୍ତୀ ଅଞ୍ଚଳର ଲୋକମାନଙ୍କ ପାଇଁ ଏହି ନାଚ ହିଁ ଗର୍ବ ଓ ଗୌରବ । ଏବେ ବି ଓଡ଼ିଶାର ପୁରପଲ୍ଲୀରେ ଘୋଡ଼ାନାଚ ଜୀବନ୍ତ ।

ସହାୟକ ଗ୍ରନ୍ଥସୂଚୀ:

(୧) ତ୍ରିପାଠୀ, ଡ଼ ଲକ୍ଷ୍ମୀକାନ୍ତ – ଘୋଡ଼ାନାଚ, ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଭୁବନେଶ୍ୱର, ୭୫୧୦୧୪

(୨) ଦାଶ, ଡ଼ କୁଞ୍ଜବିହାରୀ -ଓଡ଼ିଆ ଲୋକ ଗୀତ ଓ କାହାଣୀ ନବଭାରତ ପ୍ରେସ୍ , କଟକ – ୨

ଗବେଷିକା
ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

ISSN NO.
2582-208X

# ସମୟ

ସ୍ୱାଗତିକା ନାଏକ

ତୁମ ସବୁ ସମୟକୁ

ମୋ ସମୟ ସହ ମିଶାଇ

ଭୁଲି ଯାଏ ସ୍ଥିତି ମୋର।

ତୁମେ ଏବେ କୁହ

ମୁଁ ଏକ ଖରାପ ସମୟ

ତୁମ ଜୀବନର ।

ପଚାରୁଛି ତୁମକୁ ସମୟ

ତୁମେ ଅଟ ମୂକସାକ୍ଷୀ

ମୁଁ ଭଲ କି ଖରାପ ସମୟ କୁହ

ମୋ ପ୍ରିୟା ଜୀବନର ।

ଟୁଟୁସିଙ୍ଗା, ବୌଦ୍ଧ

ISSN NO.
2582-208X

# ମାଆ



ସୁନନ୍ଦା ଗିରି

ମାଆଟି ମୋର ଭାରି ନିଜର
ତା ପରି କେହି ନାହିଁ
ତା କୋଳ ମୋ ସରଗପୁର
କାହାକୁ ଡର ନାହିଁ
ଗାଧୋଇ ଦିଏ ଖୁଆଇ ଦିଏ
ଶୁଆଇ ଦିଏ ମୋତେ
ପଢାଇ ଦିଏ ମୋ ହାତ ଧରି
ଗୁରୁ ଟେ ହୋଇ ସତେ
ମାଆ ଟି ମୋର ପ୍ରଥମ ଗୁରୁ
ତା ପରେ ଆଉ ଯେତେ
ଯେତିକି ଭଲ କଥା ଓ କାମ
ଆଗ ଶିଖାଏ ମୋତେ
ଦେହ ଟି ମୋର ନ ନ ଥିଲେ ଭଲ
ପାଖେ ପାଖେ ଥାଏ ମୋ ରହି
କରେ ମୋ ସେବା ଦିନ ଓ ରାତି
ଭୋକ ଶୋଷ ଭୁଲି ଯାଇ
ଭଲ ଦରବ ପାଇଲେ ଆଗ
ମୋ ପାଟି ରେ ଦିଏ ଆଣି
ଭଲ ମଣିଷ ହୋଇଲେ ମୁହିଁ
ତା ମନ ନେବି ମୁଁ କିଣି..
ତା ପାଦ ଧୂଳି ମଥା ରେ ବୋଳି
ଆଶିଷ ମୁଁ ମାଗିନେବି
ବଡ ମୁଁ ହେବି ନା ରଖିବି
ତା କଥା ମାନୁଥିବି..

ପ୍ରଥମ ବର୍ଷ ଗୁରୁ ଛାତ୍ରୀ,
ମୟୂରଭଞ୍ଜ

ISSN NO.
2582-208X

# ଅଧିକା ମୋହର ଚରଚା



ପ୍ରଦୀପ୍ତ କୁମାର ଦାସ

ଦୁଇ କୂଳ ହିତ ସାଧିବା ପାଇଁ ମୁଁ
ଦୁହିତା ଜନମ ପାଇଛି -
ସେବେକା ବାଘୁଣୀ ସ୍ୱଭାବଟା ମୋର
ନାଗୁଣୀ ପାଲଟି ଯାଇଛି,
ଛେଳି ପାଳୁଥିଲି ବାପଘରେ ମୁହିଁ
ଶାଶୁଘରେ ପାଳେ କୁକୁଡ଼ା-
ସେଠି ଖାଉଥିଲି ଗନ୍ଧ ଶୁଖୁଆ ମୁଁ
ଏଠି ଖାଏ ଖଇ ଉଖୁଡ଼ା,
ସେବେ ଚଢୁଥିଲି ଚାଳ ଉପରେ ମୁଁ
ଏବେ ଚଢ଼େ ସ୍ୱାମୀ ଉପରେ-
ସେଠି ରହିଥିଲି ଦୁରୁଗା ରୂପରେ
ଏଠି ରହେ କାଳୀ ରୂପରେ,
ସେବେ ଚଳାଚଳ ଥିଲା ମୋ ମୁକୁଳା
ଏବେ ପୁରାପୁରି ଫରଚା-
ସେଠିକା ଠାରୁ ତ ଏଠି ହୋଇଥାଏ
ଅଧିକା ମୋହର ଚରଚା।

କଣ୍ଟାବଣିଆ, ଛନ୍ଦପଡ଼ା,ପ୍ରୀତିପୁର, ଯାଜପୁର, ଓଡ଼ିଶା
ମୋ - ୮୫୯୪୮୮୫୮୯୮/୯୪୩୭୮୫୪୧୭

ISSN NO.
2582-208X

# ଗଞ୍ଜାମଜିଲ୍ଲାର ଦଣ୍ଡନାଟ: ଏକ ଅନୁଶୀଳନ



କୁନା ଜେନା

ଓଡ଼ିଶାର ଲୋକକଳା, ଲୋକ ସଂସ୍କୃତି ଓ ଲୋକ ନାଟକ ବିଶ୍ୱଜନ ବିଦିତ । ଏହି ଲୋକକଳା ମଧ୍ୟରେ ଦାସକାଠିଆ, ଘୁଡୁକି, ଦଣ୍ଡନାଟ, ଢଣ କୋଇଲା ଢୁମ୍ପା, ବାଘନାଚ, ଯୋଡିଶଙ୍ଖ ନୃତ୍ୟ, ଭାରତ ଲୀଳା ଆଦି ଓଡ଼ିଶାର କୋଣ ଅନୁକୋଣରେ ଦେଖା ଦେଉଥିଲେ ମଧ୍ୟ ଦଣ୍ଡନାଟ ଦକ୍ଷିଣ ଓଡ଼ିଶାରେ ଗଣନାଟ ହିସାବରେ ଲୋକମାନଙ୍କ ଧର୍ମୀୟ ପରମ୍ପରା ସହିତ ବିଗତ ବହୁ ବର୍ଷରୁ ଜୋଡିତ ହୋଇଆସିଛି । ଏହାକୁ ଦକ୍ଷିଣ ଓଡ଼ିଶାର ଲୋକମାନେ ଭକ୍ତି ସହକାରେ ପାଳନ କରି ଆସୁଥିବାର ଦେଖୁଇବାକୁ ମିଳେ । ଓଡ଼ିଶାର ଲୋକକଳା ମାନଙ୍କ ମଧ୍ୟରେ ଦଣ୍ଡନାଟ ବହୁ ପୁରାତନ ଓ ସ୍ୱତନ୍ତ୍ର ସୃଷ୍ଟି ବୋଲି କହିଲେ ଅପାଳପ ହେବନାହିଁ ।

ପ୍ରାଚୀନ ଓ ପାରମ୍ପରିକ ନାଟ ଭାବରେ ଓଡ଼ିଶାରେ ଦଣ୍ଡନାଟକୁ ଗ୍ରହଣ କରାଯାଏ । କିନ୍ତୁ ଗଞ୍ଜାମ ଅଞ୍ଚଳରେ ଏହାକୁ ଲୋକ ପର୍ବ ହିସାବରେ ଗ୍ରହଣ କରାଯାଉଥିଲେ ମଧ୍ୟ ବହୁ ଗ୍ରାମାଞ୍ଚଳରେ ଏହା କାମନାଦଣ୍ଡ ଭାବରେ ପରିଚିତ । ଏହା ନୃତ୍ୟ, ଧର୍ମୀୟ ଧାରଣ ଏବଂ ଈଶ୍ୱର ବିଶ୍ୱାସ ଉପରେ ପ୍ରତିଷ୍ଠିତ । ଆଲୋଚକ ଧୀରେନ ଦାସ ତାଙ୍କର 'Dandanata of Orissa' ପୁସ୍ତକରେ କହିଛନ୍ତି– "Danda Nata of Orissa, also known as the Danda Jatra, happen to be one amongst the most ancient form of histrionic arts of the State"(୧)।

ISSN NO.
2582-208X

## ନାମକରଣ:

'ଦଣ୍ଡ'- ଶବ୍ଦର ଅର୍ଥ ବାଡ଼ି ଓ 'ନାଟ' ଶବ୍ଦର ଅର୍ଥ 'ନୃତ୍ୟ' । ଅର୍ଥାତ ଦଣ୍ଡନାଟ କହିଲେ ବାଡ଼ି ଦ୍ୱାରା ଯେଉଁ ନାଟ କରାଯାଏ, ତାହାକୁ ଦଣ୍ଡନାଟ କୁହାଯାଏ । କିନ୍ତୁ ବାଡ଼ି କହିଲେ ଯେ କୌଣସି ବାଡ଼ିକୁ ବୁଝାଏ ନାହିଁ, ଏହା ଶିବ ଓ ଗୌରୀର ପ୍ରତୀକ ବା ଗୌରିବେତକୁ ବୁଝାଏ । ଭାଷା କୋଷରେ କୁହାଯାଛି ଯେ ଦଣ୍ଡ କହିଲେ- ଶାସ୍ତି, ଲାଠି ବା ବାଡ଼ି । ଅର୍ଥାତ ଶରୀରକୁ କଷ୍ଟ ଦେଇ ଏହି ନାଟ କରାଯାଉଥିବାରୁ ଏହାକୁ ଦଣ୍ଡନାଟ ବୋଲି କୁହାଯାଇ ଥାଇପାରେ । କିନ୍ତୁ ଲକ୍ଷ୍ମୀନାରାୟଣ ସାହୁଙ୍କ ମତରେ-"ମହାଦେବ ଅତି ଭୟଙ୍କର ଦେବତା,କାରଣ ସମସ୍ତେ ଲୟ(ବିଲୟ)କୁ ଡ଼ରନ୍ତି । ସେଥିପାଇଁ ତାଙ୍କୁ ପୂଜା କରି ସନ୍ତୁଷ୍ଟ କରିବା ନିମନ୍ତେ ଅତି କଠୋର ତପସ୍ୟା କରିବାକୁ ପଡେ । ଏହି ତପସ୍ୟାହିଁ ଦଣ୍ଡନାଟ" ।

## ଉତ୍ପତ୍ତି:

ସ୍ୱପ୍ନାଦେଶ- ପ୍ରଥମେ ଏହାର ଉତ୍ପତ୍ତି ସ୍ୱପ୍ନାଦେଶ ମାଧ୍ୟମରେ ହୋଇଥାଏ । ଅନ୍ୟ ଜାଗାରେ ଏହାକୁ ଦଣ୍ଡବୋତା (ଗୌରିବେତ), କଳସ (ଛୋଟ ପିତଳ ପାତ୍ର) ପୋତା ହୋଇଥାଏ । ଉଦ୍ଧାର ପରେ କାମନା ଗୃହ ସ୍ଥାପନ ହୁଏ । କାମନା ଗୃହ ଚାରି ପାଖରେ ଧାନ, ଗହମ, ମସୁରି, ମୁଗ ଇତ୍ୟାଦି ବିହନ ବୁଣାଯାଏ । ଏହାକୁ ପଞ୍ଚଧାନ୍ୟ ବୋଲି କୁହାଯାଏ । ଏହି ବିହନ ଯେତେବେଳେ ଗଜାହୁଏ ତାକୁ ବାଲିଫୁଲ ବୋଲି କୁହାଯାଏ । ସ୍ୱପ୍ନାଦେଶ ପରେ ଯେଉଁ କଳସ ଉଦ୍ଧାର କରାଯାଏ, ତାରି ଉପରେ ଗୌରିବେତ ସହ ଫୁଲମାଳ ରଖି ପୂଜା କରନ୍ତି, ଅନେକ ଜାଗାରେ ଫୁଲମାଳ ବ୍ୟତିତ ନାଗର ମୂର୍ତ୍ତି ରଖା ଯାଇଥାଏ । ପଣା ସଙ୍କ୍ରାନ୍ତିର ୨୧ ଦୀନ ପୂର୍ବରୁ ଏହି କାମନା ଗୃହରେ ଏକ ଦୀପ ଅହରହ ଜଳିଥାଏ, ଜଣେ ଲୋକ ସେହି ଦୀପକୁ ପଣାସଂକ୍ରାନ୍ତି ପର୍ଯ୍ୟନ୍ତ ଜଗିବସିଥାଏ । ଶେଷ ଦିନରେ ଯଜ୍ଞ ପରେ ଦଣ୍ଡ ସମାପ୍ତ ହୁଏ ।

ଦଣ୍ଡର ଉତ୍ପତ୍ତି ସମ୍ପର୍କରେ ଭିନ୍ନ ଭିନ୍ନ ପୌରଣିକ ଉପାଖ୍ୟାନ, ଜନଶ୍ରୁତି ଓ କିମ୍ବଦନ୍ତୀ ମାନ ଆଲୋଚନାର ପରିସର ଭୁକ୍ତ କରାଯାଇ ପାରେ ।

ISSN NO.
2582-208X

୧· ଥରେ ଦକ୍ଷ ପ୍ରଜାପତି ଯଜ୍ଞର ଆୟୋଜନ କରି ନିଜ କନ୍ୟା ସତୀ ଓ ଜାମାତା ଶିବଙ୍କ ବ୍ୟତୀତ ସବୁ ଦେବତାମାନଙ୍କୁ ଆମନ୍ତ୍ରିତ କରିଥିଲେ । ଅନିମନ୍ତ୍ରିତ ଭାବରେ ସତୀ ଯଜ୍ଞସ୍ଥଳକୁ ଯିବାରୁ ଦକ୍ଷ ତାଙ୍କୁ ଭର୍ତ୍ସନା କରିବା ସହିତ ଶିବଙ୍କୁ ଅପମାନ ଦେଇ ଅନେକ କଥା କହିଲେ । ଏହା ସହି ନ ପାରି ସତୀ ଯଜ୍ଞକୁଣ୍ଡରେ ଝାସଦେଇ ପ୍ରାଣତ୍ୟାଗ କଲେ । ଏହି ସମ୍ବାଦ ପାଇ ଶିବ କ୍ରୋଧାନ୍ୱିତ ହୋଇ ଦକ୍ଷଙ୍କର ଶିରଚ୍ଛେଦର କରିଥିଲେ । ତାଙ୍କର ଉଗ୍ରରୂପକୁ ଶାନ୍ତ କରିବା ପାଇଁ ଦକ୍ଷପତ୍ନୀ ପ୍ରସୂତୀ ଅର୍ଘ୍ୟ ଦେଇ ବନ୍ଦା କରିବାକୁ ଆସନ୍ତେ ଶିବଙ୍କର ଦିଗମ୍ବର ରୂପକୁ ଦେଖି ତାଙ୍କୁ ଲିଙ୍ଗରୂପରେ ପୂଜା ପାଇବାକୁ ଅଭିଶାପ ପ୍ରଦାନ କଲେ । ଅଭିଶାପ ହେତୁ ଶିବଲିଙ୍ଗ ଭୂ-ପତିତ ହେଲା ଏବଂ ଆଦିଶକ୍ତି ଉଭା ହୋଇ ଏହି ଲିଙ୍ଗକୁ ଧାରଣ କଲେ । ସେହିଦିନଠାରୁ ଶିବଶକ୍ତି ଦଣ୍ଡ ଓ ଘଡ଼ି ରୂପରେ ପୂଜା ପାଇଥାନ୍ତି। ବ୍ରହ୍ମା ଏହି ଦଣ୍ଡ-ଘଡ଼ି ପୂଜା କରିବାକୁ ଚଢ଼େଇଆକୁ ଦେଲେ । ସେହି ଦିନଠାରୁ ଦଣ୍ଡଯାତ୍ରାର ଆରମ୍ଭ ହେଲା ବୋଲି ବିଭିନ୍ନ ଉପାଖ୍ୟାନ ଦେଖିବାକୁ ମିଳେ ।

୨· ବ୍ରହ୍ମାଙ୍କ ପାଞ୍ଚ କୁମାର ମରୀଚି, ପୁଲହ, ପୁଲସ୍ତ୍ୟ, କ୍ରତୁ ଓ ଅଙ୍ଗିରା, ଇନ୍ଦ୍ରଙ୍କ ପାଞ୍ଚ ପୁଅ ଜୟନ୍ତ, ପାକଶାସ୍ତ୍ରୀ, ସୁବସ୍ତ୍ର, ସୁରସେନ, ଗନ୍ଧର୍ବସେନ ଓ କୁବେରଙ୍କ ତିନିପୁତ୍ର ନଳ, ମଣିଭଦ୍ର, ସୁକୁବେର ସତ୍ୟ ଯୁଗରେ ଦେବଗୁରୁ ବୃହସ୍ପତିଙ୍କଠାରୁ ବିଦ୍ୟାଶିକ୍ଷା କରି ଫେରୁଥିବା ସମୟରେ ପିତୃଲୋକଙ୍କୁ ଜଳଦାନ କରୁଥିବା ଋଷି କର୍ଦ୍ଦମଙ୍କୁ ଦେଖି ହସିବାରୁ ଶାପିତ ହୋଇ କୁଷ୍ଠରୋଗାକ୍ରାନ୍ତ ହେଲେ । ଏଥକୁ ମୁକ୍ତି ପାଇବାକୁ ସେମାନେ ମହାଦେବ ଶିବଙ୍କ କୃପାପ୍ରାର୍ଥୀ ହେଲେ । ତେବେ ମହାଦେବ ସ୍ୱୟଂ ଆଦିଶକ୍ତିଙ୍କୁ ସ୍ମରଣ କରୁଥିଲେ ।ଏ ସମୟରେ ମା କାଳୀ ଆବିର୍ଭୁତା ହୋଇ ୧୩ ଦିନ ରୁଦ୍ରକାଳୀ ଦଣ୍ଡବ୍ରତ ପାଳନ କରିବାକୁ କହିବାରୁ ଦଣ୍ଡଯାତ୍ରାର ଆରମ୍ଭ ହୋଇଥିଲା ।

୩· ତରଣୀ ଋଷିଙ୍କର ୧୪ ଜଣ ଉଦ୍ଧତ ପୁଅ ଅନେକ ଅନ୍ୟାୟ ଅତ୍ୟାଚାର କରୁଥିଲେ । ସେମାନଙ୍କ ଭିତରୁ ଜଣେ ଅଭକ୍ଷ୍ୟ ଭକ୍ଷଣ କରି ମୃତ୍ୟୁବରଣ କଲା ଓ ଅନ୍ୟମାନଙ୍କୁ ବ୍ରହ୍ମା ଉଇହୁଙ୍କା ପାଲଟି ଯିବାକୁ ଅଭିଶାପ ଦେଲେ । ସେହି ତେରଜଣଙ୍କ ଭିତରୁ ଜଣେ ଶିବଙ୍କ ଶରଣାପନ୍ନ ହୋଇ ଦଣ୍ଡ ପାଳନ କରି ବ୍ରହ୍ମାଙ୍କୁ ତୁଷ୍ଟ କଲା ଓ ତେରଭାଇ ଶାପମୁକ୍ତ ହେଲେ। ଏହି ତେର ଋଷିପୁତ୍ରଙ୍କୁ ନେଇ ତେର ଦଣ୍ଡନାଟର ଆରମ୍ଭ ବୋଲି କଥିତ ଅଛି ।

ISSN NO.
2582-208X

୪. ଅଷ୍ଟାବକ୍ର ଋଷିଙ୍କର କୁ-ରୂପ ଶରୀରକୁ ଦେଖି ବୃହସ୍ପତି, ଇନ୍ଦ୍ର ଓ କୁବେରଙ୍କର ୧୩ ପୁତ୍ର ପରିହାସ କରିବାରୁ ଋଷିଙ୍କ ଅଭିଶାପରେ ସେମାନେ ଚଢ଼େୟା ଶବର ଭାବେ ପୃଥିବୀ ପୃଷ୍ଠରେ ଜନ୍ମ ଗ୍ରହଣ କଲେ । ଥରେ ନିଷିଦ୍ଧ ଅଞ୍ଚଳରେ ପକ୍ଷୀ ଶିକାର କରିବାରୁ ପକ୍ଷୀମାନେ ଗରୁଡ଼ଙ୍କୁ ନିଜର ଦୁଃଖ ଜଣାଇଲେ । ଫଳତଃ ଗରୁଡ଼ଙ୍କ ଆଦେଶରେ ଶିବଙ୍କର ସର୍ପ ଦଂଶନ କରି ମାରିଦେଲେ । ସେମାନଙ୍କ ପତ୍ନୀ ମା କାଳୀଙ୍କୁ ପ୍ରାର୍ଥନା କରିବାରୁ ସେ ୧୩ ଜଣ ଚଢ଼େୟାଙ୍କୁ ଜୀବଦାନ ଦେଲେ । ଏହି ମହିମାକୁ ପ୍ରଚାର କରିବାପାଇଁ ୧୩ ଜଣ ଦଣ୍ଡୁଆ ଦଣ୍ଡକାଳୀ ବ୍ରତ ଧାରଣ କରିବାର କିମ୍ବଦନ୍ତୀ ରହିଅଛି ।

## ଅଞ୍ଚଳ ଭେଦରେ ଦଣ୍ଡର ବୈଷମ୍ୟ:

ଏହା ପୂର୍ବରୁ କୁହାଯାଇଅଛି ଯେ; ଦଣ୍ଡନାଟ କୁ ଗଞ୍ଜାମ ରେ ଲୋକ ପର୍ବ ଓ ଗଣନାଟ ବୋଲି ଗ୍ରହଣ କରାଯାଏ । ଦେଖିବାକୁ ଗଲେ ଏହା ଗଞ୍ଜାମର ପ୍ରତ୍ୟକ ଅଞ୍ଚଳରେ ବିଧି ପୂର୍ବକ ପାଳନ କରାଯାଇଥାଏ । କିନ୍ତୁ ଏହି ଅଞ୍ଚଳ ଭେଦରେ ଦଣ୍ଡନାଟ ପରିବର୍ତ୍ତନ ମଧ୍ୟ ଦେଖାଦିଏ; ଭଞ୍ଜନଗର, ଗାଲେରୀ, କୁଲାଡ, ବୁରଝୁରି, ନୂଆଁଗା, ବେଲପଡା, ମିରିଗିନେଣ୍ଡି, ଚଣ୍ଡିପିଠ, ଲଙ୍ଗଳେଶ୍ୱର, ଆଦି ଅଞ୍ଚଳ ଭେଦରେ ପରିବର୍ତ୍ତନ ଦେଖିବାକୁ ମିଳେ ।

ଦଣ୍ଡ ପାଳନ ର ଯେଉଁ ନିୟମ ଅଛି, ତାହା ଏହି ଅଞ୍ଚଳ ମାନଙ୍କରେ କିଛି ପରିବର୍ତ୍ତନ ଦେଖିବାକୁ ମିଳେ । ଗାଲେରୀ ଅଞ୍ଚରେ ନିଷ୍ଠା ସହକାରେ ପାଳନ କରାଯାଏ । ଜନଶ୍ରୁତିରୁ ଶୁଣିବାକୁ ମିଳେ ଚକାପାଦ କଲମ୍ବରୁ ମା କାଳୀଙ୍କ ଆଜ୍ଞାମାଳ ଆଣି ଏଠାରେ ମନ୍ଦିର ସ୍ଥାପନ; ମା ଙ୍କ ଅଶୀର୍ବାଦରୁ ମନ୍ଦିର ଭିତରେ ପାଟ କଳସ ଓ ଦୁଇଟା ରୁପା ଦଣ୍ଡ କୁ ନେଇ ଦଣ୍ଡ ପ୍ରଚଳିତ । ମନ୍ଦିର ଉପରେ ଥିବା ଉଷୁନା ଧାନକୁ ଅଗ୍ନି ଆସିଲା ପରେ କ୍ଷୀରରେ ସିଜା ହୋଇ ଗଜା ପଡିବ ଦଣ୍ଡ ଉଠିଲା ପରେ ସେ ଧାନ ଗଜା ହୋଇଯାଇଥାଏ । ଏନେକ ଅଞ୍ଚଳରେ ୧୩, ୧୮, ୨୧ ଦୀନ ଦଣ୍ଡ ପାଳନ କରା ଯିବାର ଦେଖାଯାଏ । କିନ୍ତୁ ଗାଲେରୀର ଦଣ୍ଡନାଟ ଶନିବାର, ଗୁରୁବାର ଓ ମଙ୍ଗଳବାର ଏହି ତିନୋଟି ବାର ଯଦି ୧ ତାରିଖରେ ପଡେ ତାହେଲେ ଆଉ ଗୋଟେ ଦିନ ଦଣ୍ଡନାଟ, ୧୩ ବଦଳରେ ୧୪ ଦିନ ହୁଏ । ଗଞ୍ଜାମର ଲଙ୍ଗଳେଶ୍ୱର ଅଞ୍ଚଳର ଦଣ୍ଡନାଟ ରେ ୧୦ ବର୍ଷରୁ ଆରମ୍ଭ କରି ୧୭, ୧୮

ISSN NO.
2582-208X

ବର୍ଷର ଭୋକ୍ତା ମାନଙ୍କୁ ଦେଖାଯାଏ । ଏଣୁ ଏଠାରେ ଏହି ଭୋକ୍ତା ମାନଙ୍କ ପାଇଁ କଠୋର ନିୟମ ଦେଖିବାକୁ ମିଳିନଥାଏ ।

ପ୍ରକାର ଭେଦ :

ଦଣ୍ଡନାଟର ପ୍ରକାର ଭେଦ କୁ ନେଇ ବିଭିନ୍ନ ସମାଲୋଚକ ମଧ୍ୟରେ ଭିନ୍ନ ଭିନ୍ନ ମତ ଦେଖିବାକୁ ମିଳେ । ପୂର୍ବରୁ କୁହାଇଯାଇଛି ଯେ, ସ୍ୱପ୍ନାଦେଶ ହେଲାପରେ ଦୁଇଟି ଦଣ୍ଡ ମିଳିଥାଏ । ସେହି ଦୁଇଟି ଦଣ୍ଡକୁ ପାଟଦଣ୍ଡୁଆ ଏବଂ ପାଣିଦଣ୍ଡୁଆ ହାତରେ ଦୁଇଟି ଦୀପଦଣ୍ଡ ଥାଏ । ଜଣେଲୋକ ସ୍ୱତନ୍ତ୍ର ଗୋଟିଏ ଝୁଲିରେ ଝୁଣାଗୁଣ୍ଡ ଧରି "କାଳରୁଦ୍ରମଣିକି ଭଜ ହେ" କହି ସେହି ଦଣ୍ଡକୁ ଝୁଣା ନିକ୍ଷେପ କରାଯାଇ । ଆଲୋଚକ ଧୀରେନ ଦାସ 'Dandanata of Orissa' ପୁସ୍ତକରେ ଦଣ୍ଡକୁ ତିନୋଟି ଭାଗରେ ବିଭକ୍ତ କରିଛନ୍ତି କ. The Bhumi or Dhulidanda, ଖ. The Panidanda, ଗ. The Danda Suanga । 'ଓଡିଆ ନାଟ୍ୟ ସାହିତ୍ୟର ବିକାଶଧାର' ପୁସ୍ତକରେ ହେମନ୍ତ କୁମାର ଦାସ କହିଛନ୍ତି "କଳାକାରମାନେ ଦାଣ୍ଡରେ ତତଲା ବାଲିରେ ଗଡିବା । ଦଣ୍ଡ ଭାଙ୍ଗିବା, ଝୁଣା ଖେଳ ଖେଳାଇବା ପ୍ରଭୃତି ଅନେକ କଷ୍ଟକର କାର୍ଯ୍ୟ କରିଥାଆନ୍ତି । ଏହାର ପାଣିଦଣ୍ଡ ଏବଂ ଧୂଳିଦାଣ୍ଡ, ନାମକ ଦୁଇଟି ବିଭାଗ ରହିଛି" (୨) । କିନ୍ତୁ 'ସାହିତ୍ୟ କୋଷ'ରେ ଏହାକୁ ପାଞ୍ଚଗୋଟି ବିଭାଗରେ ପରିବେଷଣ କରିବା କଥା କୁହାଯାଇଛି, "ଏହି ଧର୍ମାନୁଷ୍ଠାନିକ ନାଟକଟି ପାଞ୍ଚଗୋଟି ପର୍ଯ୍ୟାୟ(ଅଙ୍କ ବିଭାଜନ ପରି) ପରିବେଷଣ କରାଯାଏ: ଧୂଳିଦଣ୍ଡ, ପାଣିଦଣ୍ଡ,ଅଗ୍ନିଦଣ୍ଡ, ବନଦଣ୍ଡ ଓ ନାଟ । "(୩) । କିନ୍ତୁ ସ୍ଥଳ ବିଶେଷରେ ଏହାକୁ ପଞ୍ଚଗୋଟି ଶ୍ରେଣୀରେ ବିଭାଗୀ କରଣ କରାଯାଇ ପାରେ: କ. ଧୂଳିଦଣ୍ଡ ଖ.ପାଣିଦଣ୍ଡ ଗ. ସନ୍ଧ୍ୟାଦଣ୍ଡ/ ଅଗ୍ନିଦଣ୍ଡ/ ବନଦଣ୍ଡ ଘ. ଦଣ୍ଡ ସୁଆଙ୍ଗ ଙ.ମେରୁଦଣ୍ଡ /ଦଣ୍ଡ ଉଦ୍‌ଯାପନ ।

କ. ଧୂଳିଦଣ୍ଡ: ଦିନ ଦିପହରରେ ଧୂଳିଦଣ୍ଡ ପରିବେଷଣରେ ତେଲପେଡା, କୂଅ ଖୋଳା, ହଳଦୀ ବାଟିବା, କ୍ଷେତ୍ର ପ୍ରସ୍ତୁତି, ହଳ ଚାଳନା, ଧାନ ରୋପଣ, ବଛାବଛି, ଅମଳ, ଭୂମି ପୂଜା, ମନ୍ଦିର ନିର୍ମାଣ, ଲୁଗା ବୁଣା, ଆଦି ୧୬ ପ୍ରକାର ଅଭିନୟ ପ୍ରଦର୍ଶିତ ହୁଏ । ଜଣେ କୃଷକ ପରିବାରର ନିଛକ କାହାଣୀକୁ ହସମଜାରେ ପ୍ରଚଣ୍ଡ ଖରାତାତିରେ ପ୍ରଦର୍ଶନ କରାଯାଏ । ଏହା ପାଇଁ ମାନସିକ ଧାରି ବ୍ୟକ୍ତି ବିଶେଷ ପ୍ରଥମେ ଏହି ଦଣ୍ଡକୁ ନିମନ୍ତ୍ରଣ କରିବା ପରେ ନିର୍ଦ୍ଧିଷ୍ଟ ସମୟ ଧାର୍ଯ୍ୟ ହୁଏ । ଧାର୍ଯ୍ୟ ସମୟରେ ଭୋକ୍ତାମାନେ ମାନସିକ

ISSN NO.
2582-208X

ଧାରିଙ୍କ ଗୃହ ସମ୍ମୁଖରେ ଦଣ୍ଡ ପରିବେଷଣ କରନ୍ତି । ଚୈତ୍ର ମାସର ପ୍ରଚଣ୍ଡ ତାତିରେ ନିଆଁ ଲଗାଇ ଉପରେ ଏମାନେ ଦଣ୍ଡ ପରିବେଷଣ କରିଥାନ୍ତି ।

ଖ.ପାଣିଦଣ୍ଡ: ଧୂଳି ଦଣ୍ଡ ପରେ ଆରମ୍ଭ ହୁଏ ପୋଖରୀ କିମ୍ବା ନଦୀରେ ପାଣି ଦଣ୍ଡ । ଛଅ ଆଙ୍ଗୁଳି ଲମ୍ବର ଆମ୍ବ ଡାଳରେ ଦାନ୍ତ ଘସି ସ୍ନାନ କରିବା ପରେ ତେରଥର ବୁଡ଼ି ତେର ଆଞ୍ଜୁଳା ପାଣି ଆଣି ଦଣ୍ଡୁଆମାନେ ଶିବଲିଙ୍ଗ ସ୍ଥାପନା କରନ୍ତି । ତା ପରେ ବିଭିନ୍ନ ଉପଚାରରେ ପୂଜାର୍ଚ୍ଚନା ହୁଏ । ପଣା ଏବଂ ଲିଆଖଇର ପ୍ରସାଦ ପାଇ ଦଣ୍ଡୁଆମାନେ କିଛି ସମୟ ବିଶ୍ରାମ ନିଅନ୍ତି । ଦିନସାରା ଗୃହ ସମ୍ମୁଖରେ ନାଟ କରି ଗୃହସ୍ଥଙ୍କ ମଙ୍ଗଳ କାମନା କରିବା ପରେ ସ୍ନାନ କରି ଶାନ୍ତ ହୁଅନ୍ତି ଏହାକୁ ପାଣିଦଣ୍ଡ କୁହାଯାଏ ।

ଗ. ସନ୍ଧ୍ୟାଦଣ୍ଡ/ଅଗ୍ନିଦଣ୍ଡ: ସନ୍ଧ୍ୟାରେ ଆଳତୀ ହୁଏ । ସନ୍ଧ୍ୟା ଆଳତୀରେ ଯୋଗଦେଇ ଲୋକେ ନିଜର ଅପରାଧ କ୍ଷମାପାଇଁ ପ୍ରାର୍ଥନା କରିଥାନ୍ତି । ଦଣ୍ଡୁଆଙ୍କ ଦେହରେ ମା କାଳୀ ବିରାଜନ୍ତି ବୋଲି ଲୋକେ ବିଶ୍ୱାସ କରନ୍ତି । ଦଣ୍ଡ ହେବା ଜାଗାର ଅନତି ଦୂରରେ ସ୍ଥାନଟିକୁ ପରିଷ୍କାର କରାଯାଇ ଅହ୍ୟା(ଚୁଲି) ପ୍ରସ୍ତୁତ କରି ସନ୍ଧ୍ୟା ଆଳତି ପରେ ଚମ୍ପା ବରରୁ ଜାତ ଅଗ୍ନିରେ ଝୁଣା ପକାଇ ସେହି ଅହ୍ୟାକୁ ପୋଡି ଶୁଦ୍ଧି କରାଯାଇ ଅଗ୍ନି ସଂଯୋଗ କରାଯାଏ, ଅରୁଆ ଚାଉଳ, ମୁଗ ଡାଲି ଓ ପରିବାକୁ ମିଶାଇ ଅକଟା ଅଫୁଟା ହବିଷ୍ୟାନ୍ନ ପ୍ରସ୍ତୁତ କରାଯାଏ ଯାହା କାଳୀଙ୍କ ପାଖରେ ଭୋଗ ଲଗାଯିବା ପରେ ମଧ୍ୟରାତ୍ରରେ ଦଣ୍ଡୁଆମାନେ ଢୋଲ, ଝାଞ୍ଜରର ତାଳେ ତାଳେ ଭୋଜନ କରନ୍ତି । ଏହା ପରେ ଝୁଣା ଖେଳି ଖେଳି ଦଣ୍ଡଦଳ ମାନସିକଧାରୀଙ୍କ ଘରକୁ ଆସନ୍ତି । ସ୍ୱପ୍ନାଦେଶ ପାଇଥିବା ଦଣ୍ଡୁଆମାନେ କଳା ପୋଷାକ ପିନ୍ଧିଥାନ୍ତି, ମୁଣ୍ଡରେ କଳା କନା ବାନ୍ଧିଥାନ୍ତି ଓ ରକ୍ତ ସିନ୍ଦୁର ଚିତା ଲଗାଇ କାଳୀପ୍ରଭା ଧାରଣ କରିଥାନ୍ତି । ଢୋଲ ତାଳେ ତାଳେ ଝୁଣା ନିଆଁର ପ୍ରୟୋଗରେ ଦଣ୍ଡୁଆଙ୍କ ଦେହରେ କାଳିକା ପ୍ରସନ୍ନ ହୁଅନ୍ତି । ଏହି ଅଗ୍ନିଦଣ୍ଡ ଫଳରେ ସେ ଚେତାଶୂନ୍ୟ ହୋଇ ସାଷ୍ଟାଙ୍ଗ ପ୍ରଣିପାତ କଲାପରେ ଚେତା ଫେରିଲା ପରେ ଆରମ୍ଭ ହୁଏ ଦଣ୍ଡସୁଆଙ୍ଗ ।

ଘ. ଦଣ୍ଡ ସୁଆଙ୍ଗ: ବନଦଣ୍ଡ ବା ଅଗ୍ନିଦଣ୍ଡ ଶେଷ ପରେ, ଦଣ୍ଡ ସୁଆଙ୍ଗ ଆରମ୍ଭ ହୁଏ । ଏଥିରେ ଚଢେୟା ଚଢେୟାଣୀ, କେଳା କେଳୁଣୀ, ଶବର ସବୁରୁଣୀ । ବିଭିନ୍ନ କାହାଣୀକୁ ଆଧାର କରି ସୁଆଙ୍ଗ ପରିବେଷଣ କରନ୍ତି । କିନ୍ତୁ ଗଞ୍ଜାମ ଅଞ୍ଚଳର ଦଣ୍ଡ ସୁଆଙ୍ଗରେ ଚଢେୟା ଚଢେୟାଣୀ ହେଉଛନ୍ତି ମୁଖ୍ୟ । ଏଥିରେ ଚଢେୟା ଚଢେୟାଣୀ କଳି, ଚଢେୟା

ISSN NO.
2582-208X

ସ୍ତ୍ରୀ ଉପାଢ଼େ ରାଗି ପକ୍ଷୀ ଶିକାର କରିବାକୁ ବନକୁ ଗମନ, ଚଢେୟାଣୀ କୋଳି ଧରି ବିକିବାକୁ ଜିବା, ଉଭୟେ ଉଭୟକୁ ଅନେଶ୍ବଣ କରିବା, କେଳା କେଳୁଣୀଙ୍କ କଳି, ଚଢେୟାର ସର୍ପାଘାତ ଦ୍ୱାରା ଦଂଶନ ଓ ପରିଶେଷରେ ଶିବଙ୍କ ଆର୍ଶୀବାଦରୁ ଜୀବନ ଲାଭ ଆଦି ବିଷୟ ସ୍ଥାନିତ ହୋଇଥାଏ ।

ଙ.ମେରୁଦଣ୍ଡ /ଦଣ୍ଡ ଉଦ୍ଯାପନ: ଏହିପରି ୧୩, ୧୮, ୨୧ ଦିନ ବୁଲିବାପରେ ଦଣ୍ଡଦଳ ବିଷୁବ ସଂକ୍ରାନ୍ତି ଦିନ କାମନା ମନ୍ଦିର ପାଖରେ ରୁଣ୍ଡ ହୁଅନ୍ତି । ସେଠାରେ ମେରୁଯାତ୍ରା ଅନୁଷ୍ଠିତ ହୁଏ । ମେରୁକୁଣ୍ଡର ଦୁଇପାଖରେ ବେଲ କାଠଦ୍ୱାରା ଦୁଇଟି ଖୁଣ୍ଟ ପୋତାଯାଏ । ସେ ଦୁଇଟିକୁ ଗୋଟିଏ କାଠଦ୍ୱାରା ସଂଯୁକ୍ତ କରାଯାଏ । ମୁଖ୍ୟ ଦଣ୍ଡୁଆ ସ୍ନାନସାରି ଓଦାବସ୍ତ୍ରରେ ପ୍ରଭୁଙ୍କୁ ଦର୍ଶନ କରନ୍ତି, ତାଙ୍କ ଦେହରେ କାଳୀକା ଲାଗିଲା ପରେ କେତକ ଲୋକ ମିଶି ତାଙ୍କୁ ନିୟନ୍ତ୍ରଣ କରନ୍ତି ଏହା ପରେ ତାଙ୍କୁ ସେହି କାଠରେ ଓଲଟା ଲଟକାଇ ଦିଆଯାଏ । ତଳେ ଝୁଣା ଧୂଆଁର ଝାସରେ ତାଙ୍କ ନାକରୁ ତିନିଟୋପା ରକ୍ତ ପଡ଼ିବାପରେ ସେ ଅଚେତ ଅବସ୍ଥାରେ ସେଥିରେ ଝୁଲି ରୁହନ୍ତି । ତାଙ୍କୁ ନିକଟସ୍ଥ ଜଳାଶୟକୁ ନେଇ ତାଙ୍କ ଚେତା ଫେରାଇ ଆଣିବାପରେ ସମାପନ ହୁଏ ଦଣ୍ଡନାଚ ।

## ପୂର୍ବ ପ୍ରସ୍ତୁତି:

ସାଧାରଣତଃ ଦଣ୍ଡରେ ମାନସିକ ଧରିମାନେ ଯେପରିକି; ପୁତ୍ରଲାଭ, କଠିନ ବ୍ୟାଧିରୁ ମୁକ୍ତି ଲାଭ ପାଇବା ପାଇଁ ଦଣ୍ଡରେ ଯୋଗ ଦେଇଥାନ୍ତି । ଯେଉଁମାନେ ଏଥିରେ ଯୋଗ ଦିଅନ୍ତି ସେମାନଙ୍କୁ 'ଭୋକ୍ତା' କୁହାଯାଏ । ଏଥିରେ ୧୩ ଜଣ ଭୋକ୍ତା ରହିବା କଥା କିନ୍ତୁ ସ୍ଥଳ ବିଶେଷରେ ଅସଂଖ୍ୟ ଭୋକ୍ତା ଯୋଗ ଦିଅନ୍ତି । ଏହି ୧୩ ଜଣଙ୍କ ମଧ୍ୟରୁ ଜଣେ 'ପାଟଭୋକ୍ତା' ଅର୍ଥାତ ପ୍ରଧାନ ଜଣେ ଥାନ୍ତି । ସେ ୨୧ ଦୀନ ପର୍ଯ୍ୟନ୍ତ ଭାତ ବା ଅନ୍ନ ଗ୍ରହଣ କରନ୍ତି ନାହିଁ । ଲିଆପଣା ଓ ମୁଗ ସିଜା ଖାଇ ରୁହନ୍ତି । ଏହି ୧୩ ଜଣଙ୍କୁ ରୁଦ୍ରଙ୍କ ପ୍ରତୀକ ହିସାବରେ ଗ୍ରହଣ କରାଯାଏ । ଲକ୍ଷ୍ମୀନାରାୟଣ ସାହୁ ତାଙ୍କର 'ଦଣ୍ଡନାଟ' ପୁସ୍ତକରେ ଏହି ରୁଦ୍ର ଗଣଙ୍କୁ ଆଠ ମଲ୍ଲିକର ଅଞ୍ଚଳରେ "ଟଣାୟତ, ବିନାୟକ, ନନ୍ଦୀ, ଭୃକୁଟି, କାର୍ତ୍ତିକ, ମହାକାଳ, କାଳରୁଦ୍ର ଇତ୍ୟାଦି"(୪) ବୋଲି କହିଛନ୍ତି । ରୁଦ୍ରଙ୍କର ଦଶଟି ଗଣ -ଶୃଙ୍ଗ, ଭୃଙ୍ଗୀ ଭିଟିସ୍ତୁଣ୍ଡୀ ନନ୍ଦିକୋ ନନ୍ଦିକେଶ୍ୱରଃ, ସଦାନଂଦୋ ରଜୋମୂର୍ତ୍ତି ତତକୋ ହଂସବାହକଃ।

ISSN NO.
2582-208X

କିନ୍ତୁ ଲୋକମୁଖରେ ଯେଉଁ ମାନେ ବାହାରନ୍ତି ସେମାନେ ଫକିର ଫକୀରାଣୀ, ବାବାଜୀ ବବାଜିଆଣୀ, ଯୋଗ୍ୟ ଯୋଗିଆଣୀ, ଚଢେୟା ଚଢେୟାଣୀ, ଶବର ଶବରୁଣୀ ଏହିପରି କୁହାଯାଏ । କାମନା ଗୃହରେ ରୁଦ୍ର, ଭବାନୀ, ଓ କାଳସୀ ଥାଏ । ସାତଟି ଜଳପୂର୍ଣ୍ଣ କଳସୀ ବସେ । ଏହା ପୂର୍ବରୁ ଦଣ୍ଡ 'ଜିଆଁଇବା'କୁ ହୁଏ, ଆଗିବଥୁ କାଠରୁ ନିଆଁ ସଂଯୋଗ କରାଯାଏ, କେତେକ ସ୍ଥଳରେ ଗୌରିବେତ ସହିତ ଶୁଖିଲା ବେତ, କାନ୍ଦୁଲ, ଗନ୍ଧଣା, ବାଉଁଶ କୁ ସଂଘର୍ଷ କରି, ସେଥିରୁ ଅଗ୍ନି ନେଇ ଦଣ୍ଡ ଆରମ୍ଭ ହୁଏ । ପାଣିଦଣ୍ଡୁଆ ଓ ପାଟଦଣ୍ଡୁଆ ହାତରେ ଦୁଇଟି ବେତ ତୈଳ ଓ ଘୃତରେ ଶୋଭା ପାଇଥାଏ । ସନ୍ଧ୍ୟାବେଳେ କାମନା ଗୃହରୁ ଦଣ୍ଡ ଜିଆଇ ଆଣିଲାବେଳେ ପାଣିଦଣ୍ଡୁଆ ଓ ପାଟଦଣ୍ଡୁଆମାନେ ଋଷିପୁତ୍ର ବୋଲି ଉଚାରଣ କରନ୍ତି । ସନ୍ଧ୍ୟା ସମୟରେ ଗୌରିବେତ ପୋତାହୁଏ ବା ସ୍ଥାପନ କରାଯାଏ । ଏହି ଗୌରିବେତ ରୁଦ୍ର ଓ ଭବାନୀଙ୍କ ପ୍ରତୀକ ଅଟେ । ଦଣ୍ଡରେ ଏହି ବେତ ପାଟଦଣ୍ଡୁଆ ହାତରେ ରହିଥାଏ । ଏହା ସହିତ ଦୁଇଟି ଦୀପଦଣ୍ଡ ପାଣିଦଣ୍ଡୁଆ ଓ ପାଟଦଣ୍ଡୁଆ ହାତରେ ଥାଏ, ଅଗ୍ନି ଖେଳବେଳେ ଏଥିରେ ଝୁଣା ପକାଯାଇ 'କଳାରୁଦ୍ରମଣିକି ଭଜ ହେ' ଉଚାରଣ କରାଯାଏ । ଝୁଣା ଖେଳପରେ 'ପ୍ରଭା' ଅର୍ଥାତ ଜ୍ୟୋତି ଉତ୍ପନ୍ନ ହୁଏ । ଜଣେ ଭୋକ୍ତା କାଳୀଙ୍କର ପ୍ରବହ ବା ମେଢ ତା ପଛରେ 'ବାନ୍ଧନୃତ୍ୟ' କରି ଆସେ । ଶେଷରେ ୨୧ ଦିନ ପରେ ଯେବେ ସମାପ୍ତ ହୁଏ । ଶେଷବାରର ପୂର୍ବରାତ୍ରରେ ଗୋଟିଏ ଗାତଖୋଳି ଦଣ୍ଡକୁ ପୋତି ଦିଅ ଯାଇଥାଏ ଏବଂ ଯେତେବେଳେ ଦଣ୍ଡ ଆରମ୍ଭ ହୁଏ ସେହି ପୋଥିତ ଦଣ୍ଡ ବାହାର କରି ସେଥିରୁ ଜ୍ୟୋତି ଉତ୍ପନ କରାଯାଏ । ଏହା ମନୁଷ୍ୟ ଜୀବନ ସହିତ କିଛି ମାତ୍ରରେ ସମାଜସ୍ୟ ରକ୍ଷାକରେ; ଜନ୍ମ ମରଣ ଓ ପୂର୍ବ ଜନ୍ମ ଦୃଷ୍ଟାନ୍ତ ହିସାବରେ ଗ୍ରହଣ କରାଯାଇ ପାରେ ।

## ଚରିତ୍ର:

ଦଣ୍ଡରେ ଚରିତ୍ର କହିରେ କେବଳ ପାଟଭୋକ୍ତାଙ୍କୁ ହିଁ ବୁଝାଏ, ଏହା ସହ ପାଣିଦଣ୍ଡୁଆ ଏହାର ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ଏହି ଦଣ୍ଡରେ ଯେଉଁମାନେ ବାହାରନ୍ତି ସଭିଏଁ ଯୁଗଳ, କେବଳ ବାଇଧନ ଚାରିତ୍ରଟି ଏକାକୀ । ପାଟଦଣ୍ଡୁଆଙ୍କୁ ଜ୍ୟୋତିମାର୍ଗର ଅଧିକାରୀ ହିସାବରେ ଗ୍ରହଣ କରାଯିବାବେଳେ, ପାଣିଦଣ୍ଡୁଆ ସାଧାରଣ ଜୀବନର କଥାକୁ ଉପସ୍ଥାପନ କରନ୍ତି । ଯେତେବେଳେ ପାଣିଦଣ୍ଡ ଭଙ୍ଗଯାଏ, ସେତେବେଳେ ସାଧାରଣ ଚାଷର ସମସ୍ତ

ISSN NO.
2582-208X

କ୍ରିୟା କରା ଯାଇଥାଏ । ୧୩ ଜଣ ଭୋକ୍ତା ମାନଙ୍କ ମଧ୍ୟରେ:୧. ପାଟଭୋକ୍ତା ୨. ଦେଉଳପଡିଶା ୩. ଦଣ୍ଡସ୍ୱାମୀ ୪. ଆଲାମସ୍ୱାମୀ ୫. ଚନ୍ଦନିଆ ପାତ୍ର ୬. ଫୁଲମାଳୀ ୭. ଧୂପିଆପତ୍ର ୮. ବେତୁଆପତ୍ର ୯. ଦନ୍ତ କାଠିଆପାତ୍ର ୧୦. ଗୋବରିଆପାତ୍ର ୧୧. ପତାସ୍ୱାମୀ ୧୨. ଭଣ୍ଡାରିଘରିଆ ଓ ୧୩. କଟୁଆଳ ।

ପାଟ ଭୋକ୍ତା:

ଦଣ୍ଡନାଟରେ ମୁଖ୍ୟ ଚରିତ୍ର ହେଲେ ପାଟଭୋକ୍ତା । ଯାହାଙ୍କ ନିର୍ଦ୍ଦେଶରେ ଅନ୍ୟ ଭୋକ୍ତା ମାନେ ପରିଚାଳିତ ହୁଅନ୍ତି । ସେ ଭୋକ୍ତାଙ୍କ ମଧ୍ୟରେ ଶ୍ରେଷ୍ଠ ଭୋକ୍ତା । ସମସ୍ତ ପ୍ରକାର ଦହିକ କ୍ଷୁଧା , ବାସନା ରୁ ସଂଯମତା ରକ୍ଷା କରିବାର ଦାୟିତ୍ୱ ମଧ୍ୟ ତାହାର ଥାଏ । ବିଶେଷତଃ ଗଞ୍ଜାମ ଓ କଳାହାଣ୍ଡି ଜିଲ୍ଲାରେ ପାଟଭୋକ୍ତା ପ୍ରଥମେ ଗନ୍ଧର୍ବସେନ, ଦ୍ୱିତୀୟରେ ଦୁର୍ବାସା ଏବଂ ତୃତୀୟରେ ଚଢେୟା ରୂପରେ ପରିଚିତ । କାମନାଗୃହର ଅଗ୍ନି କୁଣ୍ଡରୁ ଦଣ୍ଡ ଓ ଚମ୍ପାବରରେ ସେ ପ୍ରଥମେ ଅଗ୍ନି ସଂଯୋଗ କରେ । ଧୂଳିଦଣ୍ଡରେ କୌଣସି ଭୁଲ ଦେଖିଲେ ଭୋକ୍ତାମାନଙ୍କ ଉପରେ ବେତ୍ରାଘାତ କରି ଅଭିନୟକୁ ମାର୍ଜିତ କରେ । ପାଣିଦଣ୍ଡରେ ପାଟଭୋକ୍ତାଙ୍କ ଭୂମିକା ଅତ୍ୟବ ଗୁରୁତ୍ୱପୂର୍ଣ୍ଣ । କିନ୍ତୁ ସୁଆଙ୍ଗରେ ଅନୁପସ୍ଥିତ ରୁହନ୍ତି ।

ପ୍ରଭା(କାଳୀ):

କାଳୀ ହେଲେ ଦଣ୍ଡର ଅଧିଷ୍ଠାତ୍ରି ଦେବୀ । ସନ୍ଧ୍ୟା ବେଳେ ଯେଉଁ ଦଣ୍ଡ ଖେଳ ହୁଏ, ସେଥିରେ ଏହି କାଳୀଙ୍କ ଭୂମିକା ଅତ୍ୟାବ ଗୁରୁତ୍ୱପୂର୍ଣ୍ଣ । ମଧ୍ୟ ରାତ୍ରରେ କାମନା ଧାରିଙ୍କ ଗୃହ ସମ୍ମୁଖରେ ପଟାଭୋକ୍ତା ପ୍ରଭାକୁ ଧାରଣ କରିଥାନ୍ତି ଏବଂ ଅନ୍ୟଜଣେ ଭୋକ୍ତା ଢୋଲ ବାଦ୍ୟର ତାଳେତାଳେ ନାଚିଥାନ୍ତି । ଦାଣ୍ଡରେ ଦୁଇଗୋଟି ନୃତ୍ୟ ଦେଖିବାକୁ ମିଳେ ଯଥା; ତାଣ୍ଡବ ନୃତ୍ୟ ଓ ଲାସ୍ୟ ନୃତ୍ୟ । ଦଣ୍ଡନାଟରେ ଉଗ୍ରପ୍ରଭା ନୃତ୍ୟକୁ ପରିବର୍ତ୍ତନ କରାଯାଇ ତାଣ୍ଡବ ଧର୍ମୀ କରାଯାଇଥିବା ଦେଖିବାକୁ ମିଳେ । ପ୍ରଭା ନିର୍ମାଣରେ ବିଭିନ୍ନ ପ୍ରକାର ନୀତି ନିୟମ କରାଯାଇଅଛି । ଏହାର ନିର୍ମାଣ ପୂର୍ବରୁ ପଟାଭୋକ୍ତଙ୍କୁ ଶୁଦ୍ଧ ପୂତ ଭାବରେ ଦୂର୍ଗା, କାଳୀ ବା ଶିବ ମନ୍ଦିରରେ ଗୁହାରିଆ ପଡନ୍ତି । ଦେବୀଙ୍କ କୃପା ହେଲେ ବାଉଁଶ ଆଣି ପ୍ରଭା

ISSN NO.
2582-208X

ନିର୍ମାଣ କରାଯାଏ । ଏହାରି ମଧ୍ୟରେ ଥାଏ କାଳୀଙ୍କର ମୂର୍ତ୍ତି କାମନା ଗୃହର ହୋମ କୁଣ୍ଡଠାରୁ ନୂତନ ପ୍ରଭା ଦଣ୍ଡ ଯାତ୍ରାରେ ନିଆଯାଇ ପୁରାତନକୁ ବିସର୍ଜନ ସ୍ୱରୂପ ଦଣ୍ଡ ଗୃହରେ ରଖିଦିଆ ଯାଇଥାଏ । ଯେତେବେଳେ ଦଣ୍ଡ ଆରମ୍ଭ ହୁଏ ଏହି ପ୍ରଭାକୁ ଜଣେ ଭୋକ୍ତା ଧାରଣ କରିଥାଏ । ୧୩ ଦୀନ ପର୍ଯ୍ୟନ୍ତ ସେ ଏହାକୁ ଧାରଣ କରି ଗ୍ରାମଗ୍ରାମ ବୁଲିଥାଏ । ଶେଷଦିନରେ ଏହାକୁ ସେହି କାମନା ଗୃହରେ ସଞ୍ଚିତ କରି ରଖାଯାଇଥାଏ ।

### ଇଶ୍ୱର-ପାର୍ବତୀ :

ଦଣ୍ଡରେ ଇଶ୍ୱର-ପାର୍ବତୀ ସାଧାରଣ ଚରିତ୍ର ହୋଇଯାଇଥାନ୍ତି । ଦର୍ଶକ ମଣ୍ଡଳୀରୁ ଆଶି ନୃତ୍ୟ ପରିବେଷଣ କରନ୍ତି । ଚଢେୟା ଶିକାର କରିବାକୁ ଯିବାବେଳେ ନନ୍ଦି ଅଟକାଇବା ଓ ପକ୍ଷୀବଧ ନ କରିବା କଥା କହିବା ।

### ଚଢେୟା ଓ ଚଢେୟାଣୀ :

ଚଢେୟା ଓ ଚଢେୟାଣୀ ହେଲେ ଦଣ୍ଡର ମୁଖ୍ୟ ଚରିତ୍ର । ଏହି ଦୁଇ ଚାରିତ୍ରଙ୍କ ନୃତ୍ୟ ତାଣ୍ଡବ ନୃତ୍ୟର ଅନୁକୃତି । ଉଭୟଙ୍କ ମଧ୍ୟରେ କଳି, ଚଢେୟା ଶିକାରକୁ ଯିବା । ପଂଚପକ୍ଷୀ (କୋଇଲି, ସାରୀ,ମାୟୁର, ଶୁଆ ଓ କପୋତ) ଆଦିଙ୍କୁ ନ ମାରିବା ପାଇଁ ଶିବ ଆଦେଶ ଦେଇଥିବା କଥା ଚଢେୟା ଜଣାଏ । ଏହାର ବ୍ୟତିକ୍ରମ ହେଲେ ଅଘଟଣା ଘଟିବା କଥା କୁହନ୍ତି । ଏହାପରେ ଚଢେୟା ଯାଉଛି ଜଙ୍ଗଲକୁ ଚଢେଇ ଶିକାର ପାଇଁ । ଏହି ସମୟରେ ଗୋଟାଏ ମାୟୁର ଶିକାର କରିବା ବେଳେ ତାକୁ ସର୍ପ ଦଂଶନ କରେ ଏବଂ ସେ ମୃତ୍ୟୁ ମୁଖରେ ପଡ଼େ । ଚଢେୟା ଏଭଳି ଅବସ୍ଥା ଦେଖି ଚଢେୟାଣୀ ବାହୁନି ବାହୁନି କାନ୍ଦିବା ଓ ଶିବ/ବନଦୁର୍ଗା ଆବିର୍ଭୂତ ହୋଇ ଚଢେୟାଙ୍କୁ ଜୀବଦାନ ଦେବା । ଜୀବନ ଲାଭ-ପରେ ଉଭୟ ଶିବ/ବନଦୁର୍ଗାଙ୍କୁ ସ୍ତୁତି କରିଛନ୍ତି । ଦଣ୍ଡର ଅନେକ ଚରିତ୍ର କେଳା କେଳୁଣୀ, ବୀଣାକର, ଶବର ଶବରୁଣୀ, ପତ୍ର ସଉରା, ସାପୁଆକେଳା, ବାବାଜୀ ଆଦି ଚରିତ୍ର ଥିଲେ ମଧ୍ୟ ଗଞ୍ଜାମ ଅଞ୍ଚଳର ଦଣ୍ଡନାଟରେ ଏହି ଚାରିତ୍ର ମାନଙ୍କୁ ଦେଖିବାକୁ ମିଳେନାହିଁ ।

ISSN NO.
2582-208X

ପଞ୍ଚଦେବ ବର୍ଣ୍ଣନା:

ଦାଣ୍ଡରେ ଆରାଧ୍ୟ କହିଲେ ଶିବ ଓ କାଳୀଙ୍କୁ ବୁଝାଏ । ଦଣ୍ଡରେ ପ୍ରଥମେ ଶିବ ଓ ଶେଷରେ ଶକ୍ତିଙ୍କୁ ଆରାଧନା କରାଯାଏ । ଏଥିରେ ଯେଉଁ ମାନେ ଭାଗନିଅନ୍ତି ସେମାନାଙ୍କୁ ସାଧାରଣତଃ ଯୋଗୀ ବୋଲି କୁହାଯାଏ । ଏହି ଯୋଗୀମାନଙ୍କ ପିତା ହେଲେ ଶିବ ଓ ମାତା ପାର୍ବତୀ । ଏମାନେ ହେଲେ ଦଣ୍ଡର ଉପାସ୍ୟ ଦେବଦେବୀ, କିନ୍ତୁ ପଞ୍ଚଦେବ ବର୍ଣ୍ଣନା ମଧ୍ୟ ଦଣ୍ଡରେ ଦେଖିବାକୁ ମିଳେ । 'ଦଣ୍ଡନାଟ ଗୀତ' ପୁସ୍ତକରେ ପଞ୍ଚଦେବ ବର୍ଣ୍ଣନା ଏହିପରି-

"ଜୟ ପଞ୍ଚଦେବ ପାଦତଳେ ତବ
ଢାଳଇ ଭକ୍ତି ପ୍ରଣତି
ଗଣେଶ ଶ୍ରୀପତି ଗିରିଶ ପାର୍ବତୀ
ପ୍ରଭାକର ପଞ୍ଚମୂର୍ତ୍ତି ।
ଆଦ୍ୟେ ଗଜାନନ ଗଉରି ନନ୍ଦନ
ଲମ୍ବୋଦର ବିନାୟକ
ମୂଷିକ ବାହନ ମୁକୁଟ ଧାରଣ
କୃପା ଲୋଚନରେ ଦେଖ ।
ଦ୍ୱିତୀୟେ ଦୈତାରୀ ବୈକୁଣ୍ଠ ବିହାରୀ
ନାରାୟଣ ପିତବାସ
ରାଧା ମନୋହର କେଶବ ଶ୍ରୀହରି
ଖଣ୍ଡନ କର କଳୁଷ ।
ତୃତୀୟେ ବିନ୍ଧିଲି ତ୍ରିଲୋଚନ ପାଶେ
ଦେବଦେବ ମହାଦେବ
ପାର୍ବତୀ ରମଣ ତ୍ରିଶୂଳ ଧାରଣ
ତ୍ରିପୁରରୀ ସଦାଶିବ ।
ଚତୁର୍ଥେ ଚଣ୍ଡିକା ଅପର୍ଣ୍ଣା ଅମ୍ବିକା
ସର୍ବାଣି ସର୍ବମଙ୍ଗଳା
ଦୁଷ୍ଟ ବିନାଶିନୀ ବିକଟ ବାହିନୀ

ISSN NO.
2582-208X

ଉଦ୍ଧାର କରମୋ ଭେଳା ।
ପଞ୍ଚମେ ପୁଷଣ ଆଦିତ୍ୟ ଅରୁଣ
ତରଣି ମିତ୍ର ତପନ
ତବ ବିନାଶକ ଆଲୋକ ଦାୟକୁ
ଜଗତ ଜଣ ବନ୍ଦନ" । (୫)

ପ୍ରଥମେ ଗଜାନନ (ଗଣେଶ), ଦ୍ୱିତୀୟେ ନାରାୟଣ ପୀତବାସ (କୃଷ୍ଣ ), ତୃତୀୟେ ତ୍ରିଲୋଚନ ପାଶେ (ଶିବ), ଚତୁର୍ଥେ ଚଣ୍ଡିକା ଅପର୍ଣ୍ଣା ଅମ୍ବିକା (କାଳୀ), ପଞ୍ଚମେ ଆଦିତ୍ୟ ଅରୁଣ (ସୂର୍ଯ୍ୟ) ଏହିପରି ଭାବରେ ପଞ୍ଚଦେବ ବର୍ଣ୍ଣନା ଦେଖିବାକୁ ମିଳେ ।

ରସ:

ଧୂଳିଦଣ୍ଡ ସମୟରେ ପଲ୍ଲୀ ଜୀବନର ଅନେକ ହାସ୍ୟରସାତ୍ମକ ନିଖୁଣ ଚରିତ୍ର ଦେଖିବାକୁ ମିଳେ । ସେଥିମଧ୍ୟରେ ସ୍ୱାମୀ ସ୍ତ୍ରୀ କଳହ, ଦୁଇ ସଉତୁଣୀ କଳି ଏବଂ ନିମ୍ନ ଜାତିର ବିବାହ ଆଦିରେ ହାସ୍ୟ ରସାତ୍ମକ ପରିବେଶ ସୃଷ୍ଟି ହୋଇଥାଏ ।

ଚଢେୟା ଓ ଚଢେୟାଣୀ କଳିରେ ହାସ୍ୟ ରସ –

ପୁ :"କେତେ କରୁଛୁ ବଢାଇ, ଛଇଛଟକ ମୁଁ ଦେବିଛଡାଇ
କି ଯୋଗେ, ତୋ ହାତ ଧରିଥିଲି ପୋଡାମୁହିଁ ।
ସ୍ତ୍ରି: ଖୋଚିଆତୁ ଦରହସା, ଯମ ଦେଖୁନାହିଁ ଅଣ ପୁରୁଷା
ଖିଆଲ କଥାକୁ, କରିଛୁ ଭଗାରି ହସା ।
ପୁ: ଗେରସ୍ତ ବୋଲିଣ ମୋତେ, ଉପ୍ରୋଧନ ନ କଲୁ ତୋହର ଚିତ୍ତେ
ଗାଳି ଦେଉଆଛୁ ସରମ ନ ଲାଗେ ତୋତେ ।
x x x
ପୁ: ଅପାଠୋଇ କଳିହୁଡି, ପକାଇବି ଦୂରେ ହାତକୁ ମୋଡି
ଅଣ୍ଡିରାଚଣ୍ଡୀ ଲୋ, ପ୍ରାଣ ଯିବ ପିଣ୍ଡୁ ଛାଡି ।

ISSN NO.
2582-208X

ଝିଃ ଚାଣ୍ଡାଳଠାରୁ ତୁ ହୀନ, ପରନାରୀଠାରେ ରଖିଲୁ ମନ
ଚଣ୍ଡୀଖିଆ, ତୋତେ ଦଇବ ହେଲାଣି ବାମ” । (୬)

କୋଳିବିକା ଗୀତାରେ ଶୃଙ୍ଗାର ରସର ଉଦାହରଣ –

“ଶବରୀ : କିଳି କେ ନେବ ଆଶା ସହ୍ୟ ସଂଗାତ
ସଜ ତୋଳା କୋଳିରୁ ଆଣିଛି ମୁଁ ତ ଗୋ ଅତି ସୁଆଦ
ଥରେ ଚାଖିଲେ ଚିତ ହୋଇବ ବୋଧ ଗୋ ।
ଟୋକେଇ ପୂରିଅଛି କୋଳିରେ ମୋର
ବରକୋଳି ବଇଁଚ ବଉଳ ଖିର ଗୋ ନାରଙ୍ଗ ବେତ ।
ତୋଳିଲା ବେଳୁ ମୋର ବାସୁଛି ହାତ ।
x x x x
ଶବରଃ ଏ ସମୟରେ ଶବର ହେଲା ପ୍ରବେଶ
ଶବରିକୁ ଦେଖି ହୋଇଲା ତୋଷ ହେ କହଇ ହସି ।
କୋଳି ଦେବୁକି ମତେ ଷୋଳବୟସୀ
ରୂପଟି ଦିଶେ ତୋର ଅତି ସୁନ୍ଦର ।
କୋଳି ହୋଇ ନଥିବ କେଡେ ମଧୁର ଲୋ ଆସିଛି ଧାଇଁ
ତୋ ହାତରୁ ଭୁଞ୍ଜିବୀ ଚନ୍ଦ୍ରମା ମୁହିଁ ଲୋ” । (୭)

ସର୍ପାଘାତରେ ଚଢେୟାର ମୃତ୍ୟୁ ଘଟିବ ପରେ ଚଢେୟାଣୀଙ୍କ ରୋଦନରେ

କରୁଣ ରସର ଉଦାହରଣ –
“ଗଲ କେଣେ ଛାଡିଣ ହେ ପ୍ରାଣନାଥ
ଗହଣା ବନସ୍ତରେ କରି ଅନାଥ ହେ ଗଲାର ହାର
ଗଲା ଜୀବନ ତୁମ୍ଭ ବିନେ ଆମ୍ଭର ହେ ।
ଗଣକୁ ଏଥା ଏ ଯେହ୍ନେ ଚାତକ ଚାହିଁ
ଘରେ ଜନନୀ ତୁମ୍ଭ ଥିବେ ଅନାଇଁ ହେ ଘେନ ବିନତି
ଘୋର ଅରଣ୍ୟେ ସାହା ହୁଅ ଝଟତି ହେ” ।(୮)

ISSN NO.
2582-208X

ନିଷ୍କର୍ଷ :

ଓଡ଼ିଶାର ବହୁ ଅଞ୍ଚଳରେ ଦଣ୍ଡନାଟ ଦେଖାଯାଉଥିଲେ ମଧ୍ୟ ଗଞ୍ଜାମ ଅଞ୍ଚଳର ଦଣ୍ଡରେ କିଛି ପରିବର୍ତ୍ତନ ଲକ୍ଷ କରାଯାଏ । ପୂର୍ବରୁ କୁହାଯାଇଛି; ପୁତ୍ରଲାଭ, କଠିନ ବ୍ୟାଧ୍ୟରୁ ମୁକ୍ତି ଚାହୁଁଥିବା ବ୍ୟକ୍ତି ବିଶେଷ ଦଣ୍ଡ ପାଳନ କରିଥାନ୍ତି । ସନ୍ତାନ ପ୍ରାପ୍ତି ଆଶାରଖିଥିବା ସ୍ତ୍ରୀ ଲୋକମାନେ ପାଣିଦଣ୍ଡରେ ଦଣ୍ଡୁଆଙ୍କ ସହିତ ବୁଡ ପକାଇ ଗୋଟା ଗୁଆ ଖାଇଥାନ୍ତି । ଏହା ଦ୍ୱାରା ସନ୍ତାନ ପ୍ରାପ୍ତି ହୁଏବୋଲି ଏମାନଙ୍କ ବିଶ୍ୱାସ ବହୁ ପୁରାତନ କାଳରୁ ଚଳି ଆସୁଛି । ଦଣ୍ଡରେ କୁହାଯାଉଥିବା "କଳାରୁଦ୍ରମଣି କି ଭଜ ହେ" ଅଞ୍ଚଳ ଭେଦରେ ମଧ୍ୟ ଭିନ୍ନତା ପରିଲକ୍ଷିତ ହୁଏ । ବାଲେଶ୍ୱର ଅଞ୍ଚଳରେ ଏହାକୁ "କାଳରୁଦ୍ର ମଣିହୋ ଜୟ" ଓ ଢେଙ୍କାନାଳରେ ଏହା "ହେ ମହାକାଳ ରୁଦ୍ର ବିଜେ" ବୋଲି କହିଥାନ୍ତି । କାଳରୁଦ୍ର କହିଲେ କଳା ବର୍ଣ୍ଣର ଦେବ 'ଶିବ' ଓ 'କାଳୀ'ଙ୍କୁ ବୁଝାଏ । ବିଷ୍ଣୁ ଓ କାଳୀଙ୍କ ବର୍ଣ୍ଣ ମଧ୍ୟ ଏକ । ବିଷ୍ଣୁଙ୍କ ଅନ୍ୟନାମ ଶ୍ୟାମ, କାଳୀଙ୍କୁ ମଧ୍ୟ ଶ୍ୟାମକାଳୀ କୁହାଯାଏ । ଏଠାରେ କଳାରୁଦ୍ରମଣି କି ଭଜ ହେ କହିଲେ ଶିବ ଓ କାଳୀଙ୍କୁ ବୁଝାଏ । କିନ୍ତୁ ଢେଙ୍କାନାଳରେ କେବଳ ଶିବଙ୍କୁ ବୁଝାଏ। ଏହାର ଚରିତ୍ର ବିଷୟରେ କୁହାଯାଇଅଛି ଯେ ସବୁ ଚରିତ୍ର ହେଉଛନ୍ତି ଯୁଗଳ । କେତେକ ଚରିତ୍ର ଯେପରି ବାଇଧନ ଚରିତ୍ର ହେଉଛି ଏକକୀ । ଦଣ୍ଡରେ ଯେଉଁ ଭୋକ୍ତା ମାନେ ଭାଗ ନିଅନ୍ତି ସେମାନଙ୍କ ମାଧରେ ଥାନ୍ତି, କେବଳ ପୁରୁଷ ଚରିତ୍ର । ନାରୀମାନେ ଏଥିରେ ଭାଗ ନେବା ପାଇଁ ବାରଣ ଥାଏ ।

ଉପସଂହାର:

ଲୋକନାଟକ ହେଉ ବା ଲୋକକଳା ଜନଜୀବନର ଏକ ଆକର୍ଷଣୀୟ ବିଭାବ । ଏହା ଆଞ୍ଚଳିକ ଜୀବନଧାରା ଅନୁଶୀଳନର ଅନ୍ୟତମ ମାଧ୍ୟମ । ଏହି ଲୋକକଳାର ଏକ ବିଭାଗ ହେଉଛି ଦଣ୍ଡନାଟ; ଓଡ଼ିଶାର ପୌରାଣିକ, କୃଷିଭିତ୍ତିକ ଏବଂ ସାଧାରଣ ଜୀବନ ଦର୍ଶନର ପ୍ରଭାବ ଦଣ୍ଡନାଟରେ ବହୁଳ ମାତ୍ରରେ ଦେଖିବାକୁ ମିଳେ । ଲୋକ ଜୀବନର ଧର୍ମୀୟ ବିଶ୍ୱାସ, ପରମ୍ପରା ଓ ସଂସ୍କୃତି ସହ ଅଙ୍ଗାଙ୍ଗିଭାବେ ଜଡ଼ିତ ହୋଇ ଆସିଛି । ଏଣୁ ଦଣ୍ଡନାଟକୁ ଅନୁଶୀଳନ କଲାବେଳେ ଲୋକ ବିଶ୍ୱାସର ବିଭିନ୍ନ ବିଭାଗ ଏହାର ପରିସର ଭୁକ୍ତହୋଇଅଛି ।

ISSN NO.
2582-208X

ସହାୟକ ଗ୍ରନ୍ଥସୂଚୀ :

୧. Das, Dhiren, Danda Nata of Orissa, Orissa Sangita Natak Academi ପୃ- ୦୧ ।
୨. ଦାସ, ହେମନ୍ତ କୁମାର, ଓଡିଆ ନାଟ୍ୟ ସାହିତ୍ୟର ବିକାଶ ଧାରା, ଓଡ଼ିଶା ରାଜ୍ୟ ପାଠ୍ୟ ପୁସ୍ତକ ପ୍ରଣୟନ ସଂସ୍ଥା, ତୃତୀୟ ସଂକରଣ ୨୦୧୫ ପୃ-୬୯ ।
୩. ଆଚାର୍ଯ୍ୟ, ସୁଦର୍ଶନ, ସାହିତ୍ୟକୋଷ, ସମ୍ବାଦ ଆମ ଓଡ଼ିଶା, ପ୍ରଥମ ସଂସ୍କରଣ ୨୦୧୮, ପୃ- ୬୩୬ ।
୪. ସାହୁ, ଲକ୍ଷ୍ମୀନାରାୟଣ, ଦଣ୍ଡନାଟ, ପ୍ରଥମ ସଂସ୍କରଣ ୧୯୪୭,ପୃ-୦୪ ।
୫. ସିଂହ, ରମେଶ ବଳିଆର, ଦଣ୍ଡନାଟ ଗୀତ, ପ୍ରଥମ ଭାଗ, ଧର୍ମଗ୍ରନ୍ଥ ଷ୍ଟୋର, ପ୍ରଥମ ସଂସ୍କରଣ, ୨୦୦୧ , ପୃ-୧୦-୧୧ ।
୬. ସିଂହ, ରମେଶ ବଳିଆର, ଦଣ୍ଡନାଟ ଗୀତ, ପ୍ରଥମ ଭାଗ, ଧର୍ମଗ୍ରନ୍ଥ ଷ୍ଟୋର, ପ୍ରଥମ ସଂସ୍କରଣ, ୨୦୦୧ , ପୃ- ୧୫-୧୬ ।
୭. ସିଂହ, ରମେଶ ବଳିଆର, ଦଣ୍ଡନାଟ ଗୀତ, ପ୍ରଥମ ଭାଗ, ଧର୍ମଗ୍ରନ୍ଥ ଷ୍ଟୋର, ପ୍ରଥମ ସଂସ୍କରଣ, ୨୦୦୧ , ପୃ- ୧୮ ।
୮. ସିଂହ, ରମେଶ ବଳିଆର, ଦଣ୍ଡନାଟ ଗୀତ, ପ୍ରଥମ ଭାଗ, ଧର୍ମଗ୍ରନ୍ଥ ଷ୍ଟୋର, ପ୍ରଥମ ସଂସ୍କରଣ, ୨୦୦୧ , ପୃ- ୩୫ ।
୯. ପଶାୟତ, ଚିତରସେନ, ନୃତାତ୍ତ୍ୱିକ ଓ ସମାଜତାତ୍ୱିକ ପ୍ରବନ୍ଧବଳୀ, ଓଡିଆ ଗବେଷଣା ପରିଷଦ, ପ୍ରଥମ ସଂସ୍କରଣ ୧୯୯୯ ।

ଅଧ୍ୟାପକ, ରାମଚନ୍ଦ୍ର ମର୍ଦ୍ଦରାଜ ବିଜ୍ଞାନ ମହାବିଦ୍ୟାଳୟ,
ଖଲ୍ଲିକୋଟ, ଗଞ୍ଜାମ, ଓଡ଼ିଶା
E-mail: kunajena799@gmail.com
ମୋ: ୮୦୯୩୪୩୦୩୬୨

ISSN NO.
2582-208X

# ପ୍ରଣୟର ପରିଣତି



ବାସନ୍ତୀ ଗିରି

ପିରତିଟା ସିନା ମିଠା ମିଠା ଲାଗେ ନୂଆ ନୂଆ ହୋଇଥିଲେ
ପୁରୁଣା ହୋଇଲେ ଜହର ସମାନ
ଆଖିରୁ ବରଷା ଝରେ...
ଭଲ ଲାଗିଥାଏ ସପନରେ ହଜି ମିନାର ତୋଳିବା ପାଇଁ
ସପନ ଭାଙ୍ଗିଲେ କେତେ ଯେ ଯାତନା
ହିସାବ ତାହାର ନାହିଁ...
ଫୁଲ, ଢେଉ, ବଣ ସବୁ ହୁଏ ମିଛ
ମିଛ ବି ଚନ୍ଦ୍ରମା ରାତି
ମନ ଦେଇ କେବେ ମନ ମିଳେ ନାହିଁ
ସ୍ୱାର୍ଥର ସମାଜେ ଆଜି....
ମିଠା ମିଠା କଥା ସବୁ ତ ଛଳନା
ମିଠା ଜହର ଏ ପ୍ରୀତି
ବେଳ ଥାଉଁ ଥାଉଁ ବୁଝି ନେବ ଥରେ
ପ୍ରଣୟର ପରିଣତି.....

କେନ୍ଦୁଝର

ISSN NO.
2582-208X

# ତୁମ ବନ୍ଧୁତା



ଅନଷା ପଣ୍ଡା

ଇଚ୍ଛାହୁଏ ତୁମକୁ ଟିକେ ଦେଖିବାକୁ
ଇଚ୍ଛାହୁଏ ବସି କେଇପଦ କଥା ଗପି ଯିବାକୁ
ଇଚ୍ଛାହୁଏ ତୁମଠୁ କେଇପଦ ଶୁଣିବାକୁ
ଇଚ୍ଛାହୁଏ ମୋର ପ୍ରଥମ କବିତା ପରି ତୁମକୁ
ସବୁ କବିତାର ପଂକ୍ତି ସୁଣେଇବାକୁ
ନିରୋଳାରେ ବସିଲେ ଖୁବ୍ ମନେପଡ
ତମ କଥା.. କବିତା.. ଅନୁପମା ସମ୍ବୋଧନ
ବେଳେବେଳେ ବେସି ଝୁରି ହୁଏ
କିଛି କରିବାକୁ ଇଚ୍ଛା ହୁଏନି
ପଢିପାରେନି ଲେଖି ପାରେନି
ମନର କୋହକୁ ଚାପି ପାରେନି
ଛାତି ଭିତରଟା କ'ଣ ହେଇଯାଏ
କେଜାଣି କାହିଁକି ବହୁତ୍ କଷ୍ଟ ହୁଏ
ହୁଏତ ନୁତନ ବନ୍ଧୁଟି ପାଇ ଯାଇଥିବ
ତାକୁବି କ'ଣ ସେଇ ନାଁରେ ଡାକୁଥିବ
ତାକୁବି କ'ଣ ସେମତି କବିତା ଶୁଣଉଥିବ
ତାପାଇଁ କବିତା ଲେଖୁଥିବ
ଗୀତ ଗାଉଥିବ ଥଟ୍ଟାକରି ହସଉ ଥିବ
ରାଗରେ କହିଛି ବହୁତ କଥା

ISSN NO.
2582-208X

ହୁଏତ ତମେ ମତେ ଘୃଣା କରୁଥିବ
ଅଧିକାର ପାଇଛ ପରା
କରିବନି ବା କାହିଁକି
କଥାଟି ଭାବିଲେ ଆହୁରି କଷ୍ଟହୁଏ
ହୁଏତ ଭାବୁଥିବ ମୁଁ ଘୃଣା କରେ ବୋଲି
ନା ମୁଁ କରେନି କାରଣ ଜଣାନାହିଁ
ଖୋଜିଲେ କାଳେ ମିଳିଯିବ
ଖୋଜିବାକୁ ମଧ୍ୟ ଚେଷ୍ଟା କରିନି କରିବିନି
ବେଳେ ବେଳେ ଭାବେ ବହୁତ ଭାବେ
ତମେବି କ'ଣ ମତେ ଖୋଜୁଥିବ
ମୋପରି କେବେ କେବେ ରାତିସାରା
ନଶୋଇ ମୋକଥା ଭାବୁଥିବ
ହୁଏତ ଅନୁପମା ଶବ୍ଦରେ
ମୋ କଥା ମନେ ପଡୁଥିବ ॥

ବଘାମୁଣ୍ଡା, କୋମନା,ନୁଆପଡା

ISSN NO.
2582-208X

# ସଫଳତାର ସୂତ୍ର

ସୀତାକାନ୍ତ ସରସ୍ୱତୀ

(୩)

ଇଶାନ କହିଲା ବାପା ମୁଁ ତ ଶୁଣିଥିଲି ସଫଳତା ପାଇବା ପାଇଁ ହେଲେ ପ୍ରବଳ ପରିଶ୍ରମ କରିବାକୁ ପଡେ । ବିନା ପରିଶ୍ରମରେ କିଛି ବି ହୁଏ ନାହିଁ । ତୁମେ ତ ନିଜେ ବହୁତ ଥର ମୋତେ କହିଛ କଠିନ ପରିଶ୍ରମ ନ କଲେ ଜୀବନରେ କିଛି ବି ମିଳେନାହିଁ । ସିଂହ ବଣର ରାଜା ହୋଇଥିଲେ ମଧ୍ୟ ଯେତେବେଳ ପର୍ଯ୍ୟନ୍ତ ସେ ନିଜେ ଶିକାର କରିବା ପାଇଁ ନ ବାହାରିଛି ତା ପାଟିକୁ ଆସି ବଣର ପଶୁମାନେ ପଶି ଯାଆନ୍ତି ନାହିଁ । ତେଣୁ ପୁରୁଷାର୍ଥ ହିଁ ସବୁକିଛି । ବାପା ଟିକେ ହସିଦେଇ କହିଲେ- ବାଃ ମୋ ପୁଅ ତ ସାର କଥାଟି ଧରି ସାରିଲାଣି । ଏହି କଥା ଶୁଣି ଇଶାନର ମାଆ କହିଲେ – ବହୁତ ସୁନ୍ଦର କଥା ପୁରୁଷାର୍ଥ ହିଁ ମୂଳ । ସଫଳତା ପାଇବା ପାଇଁ ହେଲେ ଜୀବନରେ କଠୋର ପରିଶ୍ରମ କରିବା ଉଚିତ୍ । ତିବ୍ର ପୁରୁଷାର୍ଥ ହିଁ ସଫଳତାର ଚାବିକାଠି । ବାପା ଇଶାନର ମାଆ କୁ କହିଲେ ଆସ ତୁମେ ବି ଆମ ସହିତ ବସ, ଆଉ ୫-୧୦ ମିନିଟ ଏହି ବିଷୟରେ ଆଲୋଚନା କରିବା ।

ବାପା କହିଲେ- ତୁମେ ଦୁହେଁ ଜାଣିଥିବ ଆମ ପୁରାଣ ଶାସ୍ତ୍ରରେ ଅନେକ ଅସୁର ମାନଙ୍କ କଥା ଆସେ । ସେମାନେ ବହୁତ ଶକ୍ତିଶାଳୀ ଥିଲେ । ତିବ୍ର ପୁରୁଷାର୍ଥ ବଳରେ ବ୍ରହ୍ମା ଶିବ ଆଦି ଦେବଙ୍କୁ ପ୍ରସନ୍ନ କରି ଅନେକ ଶକ୍ତି ସାମର୍ଥ୍ୟ ପ୍ରାପ୍ତ କରିଥିଲେ କିନ୍ତୁ ଶେଷରେ ସେହି ସଫଳତା ହିଁ ତାଙ୍କ ବିନାଶର କାରଣ ହୋଇଥିଲା । ତେବେ କୁହ ସେହି ସଫଳତାର ର କଣ ମୂଲ୍ୟ, ଯେଉଁ ସଫଳତା ବିନାଶ ଆଡକୁ ଟାଣିନିଏ । ଆମେ ଅନେକ ସଫଳ ପୁରୁଷ ମାନଙ୍କୁ ଇତିହାସରେ ଦେଖିଛେ ସେମାନେ ବିଶ୍ୱ ବିଜୟୀ ବୋଲି ନିଜକୁ କୁହାଇ ହେଉଥିଲେ, ଲୋକମାନେ ଭୟରେ ହେଉ ପଛେ ତାଙ୍କ ଗୁଣଗାନ କରୁଥିଲେ, ଏପରି ଅନେକ ବୀର ପୁରୁଷ ଅଛନ୍ତି ସେମାନେ ନିଜ ତିବ୍ର ପୁରୁଷାର୍ଥ ବଳରେ ଅନେକ କାମ କରି ଯାଇଛନ୍ତି, ଯେଉଁ ମାନଙ୍କର ଶକ୍ତି ସାମର୍ଥ୍ୟ ଏହି ସମାଜରେ ହିତରେ ଲାଗିଛି ସେମାନେ ନିଶ୍ଚୟ ପୂଜ୍ୟ କିନ୍ତୁ ଯେଉଁ ମାନଙ୍କର ବଳ ଶକ୍ତିରେ ଲୋକମାନେ ପିଡିତ ହୋଇଛନ୍ତି, ଜନତାଙ୍କ ଅହିତ ହୋଇଛି, ସେମାନେ ଯେତେ ବଡ ପଦ ପଦବୀର ଅଧିକାରୀ ହୋଇଥିଲେ

ISSN NO.
2582-208X

ମଧ୍ୟ ସେମାନଙ୍କୁ ସଫଳ ବ୍ୟକ୍ତି କୁହାଯାଇ ପାରିବ ନାହିଁ, କଥାଟି ବହୁତ ସୂକ୍ଷ୍ମ, ଟିକେ ଗଭୀର ବିଚାର କରିବା ଆବଶ୍ୟକ ।

ଇଶାନର ମାଆ ପଚାରିଲେ- ତେବେ କୁହତ, ଆମେ କାହାକୁ ସଫଳ ବ୍ୟକ୍ତିତ୍ୱ କହିବା ? ଇଶାନ ଭାରି କୌତୁହଳତାର ସହ ବାପାଙ୍କ ମୁହଁକୁ ଚାହିଁ ରହିଥାଏ, ତା ମନରେ ଅନେକ ପ୍ରଶ୍ନ ଉଙ୍କି ମାରୁଥାଏ ସେ କହିଲା- ମୁଁ ତ ଦେଖିଚି ଯେଉଁ ମାନଙ୍କ ପାଖରେ ବହୁତ ଧନ ସଂପତି ଥାଏ ସେମାନେ ହିଁ ସଫଳ ବ୍ୟକ୍ତି, ଲୋକମାନେ ସେମାନଙ୍କୁ ସମ୍ମାନ ଦିଅନ୍ତି,ପ୍ରଣାମ କରନ୍ତି । ସଭା ସମିତିରେ ସେମାନଙ୍କୁ ଅତୀଥି ଭାବରେ ଡକାଯାଏ, ଗାମୁଛା ଫୁଲତୋଡା ଦେଇ ସମ୍ମାନ କରାଯାଏ, ଲୋକମାନେ ତାଙ୍କ ଭାଷଣ ଇଚ୍ଛାରେ ହେଉ ବା ଅନିଚ୍ଛାରେ ହେଉ ଶୁଣନ୍ତି, ବାଃ ବାଃ କରନ୍ତି, ତାଳି ମାରନ୍ତି । ଆଚ୍ଛା ମାଆ! ତୁ କହ ତ ଦେଖି, କଣ ଏମାନେ ସମାଜରେ ସଫଳ ବ୍ୟକ୍ତି ନୁହନ୍ତି? କଣ ଏମାନଙ୍କୁ ସଫଳତା ମିଳି ନାହିଁ ? ବାପା ଅଳ୍ପ ଟିକେ ହସିଦେଇ କହିଲେ- ତୁ ଜାଣିଛୁ? ମୁଁ ମୋ ବାପାଙ୍କ ଠାରୁ ତୋ ପରି ଛୋଟ ଦିନରୁ ଶୁଣି ଆସିଥିବା ଗୋଟିଏ କଥା ମନେ ପଡୁଛି- ଧନେନ ବଳବାନ୍ ଲୋକ ଧନାତ୍ ଭବତି ପଣ୍ଡିତଃ ।

ଅର୍ଥାତ୍ ଧନବାନ୍ ଲୋକ ହିଁ ବଳଶାଳୀ ହୋଇଥାଏ ଏବଂ ଧନ ବଳରେ ହିଁ ଲୋକ ତାକୁ ବିଦ୍ୱାନ କହିଥାନ୍ତି, ସେ ଧନବାନ ହୋଇ ଥିବାରୁ ତାଙ୍କ ସବୁକଥା ଠିକ୍ ବୋଲି ଲୋକମାନେ କହିଥାନ୍ତି । ତୁ ଏକଥା ବି ଦେଖିଥିବୁ ଜଣେ ଯେତେ ଶିକ୍ଷିତ ହୋଇଥାଉ, ଯଦି ସେ କୌଣସି ପଦ ପଦବୀରେ ନାହିଁ। ତା ପାଖରେ ଧନ ନାହିଁ ତେବେ ଲୋକ ମାନେ ତାକୁ ସମ୍ମାନ ଦିଅନ୍ତି ନାହିଁ । ଆଉ ତୁ ଯଦି କହିବୁ ଯେ ସମ୍ମାନ କେବଳ ଧନବାନ୍‌କୁ ମିଳିଥାଏ ଏବଂ ଧନବାନ୍ ହିଁ ସଫଳ ବ୍ୟକ୍ତି ତେବେ ତାହା ଭୁଲ କଥା । ଅନେକ ଲୋକ ଅମାପ ଧନ ସଂପତିର ଅଧିକାରୀ ଅଟନ୍ତି, ସେମାନଙ୍କ ପାଖରେ କେତେ ସଂପତି ଥାଏ ତାର ବି ହିସାବ ନଥାଏ ସେମାନଙ୍କର । ନିଜେ ପୁଅ, ନାତି ଏମାନେ ସବୁ ସମାଜରେ କିପରି ପ୍ରତିଷ୍ଠିତ ହେବେ ଏହି ଆଶାରେ କେତେ ଯେ ସଂପତି ଠୁଳ କରିବାରେ ସେମାନେ ଲାଗିପଡିଥାନ୍ତି ତାହା ସେମାନେ ବି ଜାଣି ପାରନ୍ତି ନାହିଁ ଆଉ ଶେଷରେ ସବୁ ଛାଡି ସବୁଦିନ ପାଇଁ ଏହି ଦୁନିଆଁ କୁ ଛାଡି ଚାଲି ଯାଆନ୍ତି ।

ନର ଜୀବନେ କି ଫଳ କହ ବିଶ୍ୱ ସେବା ଯେବେଟି ନାହିଁ
ବଂଚିବାର ସାର୍ଥକ କି ମାଟିରେ ଖାଲି ମିଶିବା ପାଇଁ ।।

ISSN NO.
2582-208X

ଧନ ସଂପତି ର ସଦୁପଯୋଗ ହେବା ଦ୍ୱାରା ଧନ ଉପାର୍ଜନ ସଫଳ ହୋଇଥାଏ । ଧନାତ୍ ଧର୍ମଃ ତତଃ ସୁଖମ୍ । ଧନ ଉପାର୍ଜନ କରି ତାକୁ ସଦୁଯୋଗ କରି ମନୁଷ୍ୟ ଧର୍ମ ଅର୍ଜନ କରି, ଧର୍ମର ଫଳ ସ୍ୱରୂପ ଜୀବନର ଲକ୍ଷ୍ୟ ସୁଖ ପ୍ରାପ୍ତି ହୋଇଥାଏ । ପ୍ରାୟ ଦେଖାଯାଏ ଧନୀକଶ୍ରେଣୀର ଲୋକମାନେ ଅଭିମାନୀ ହୋଇଥାନ୍ତି । ଆଉ ଏମିତି ବହୁତ ଅଳ୍ପ ଲୋକ ଅଛନ୍ତି ଯେଉଁ ମାନେ ଧନବାନ୍ ହୋଇ ମଧ୍ୟ ଅଭିମାନ୍ ବା ଧନର ଗର୍ବ ନଥାଏ, ତାଙ୍କ ଧନକୁ ସମାଜର କଲ୍ୟାଣରେ ଯଥା ସମ୍ଭବ ବିନିଯୋଗ କରିଥାନ୍ତି । ଆଉ ବାସ୍ତବରେ ଏମାନେ ହିଁ ସଫଳ ବ୍ୟକ୍ତିତ୍ୱ ଅଟନ୍ତି । ଜୀବନରେ ସମ୍ପନ୍ନତା ସହିତ ପ୍ରପନ୍ନତା ରହିବା ଆବଶ୍ୟକ । ନିରଭିମାନତା ଏକ ଏପରି ଦିବ୍ୟ ଗୁଣ ଯାହା ମନୁଷ୍ୟକୁ ଏକ ପୂର୍ଣ୍ଣ ସଫଳ ବ୍ୟକ୍ତି ଭାବେ ଗଢିତୋଳେ । ଚାଲ ଗୋଟେ ଦୁଇଟା ଛୋଟ ଦୃଷ୍ଟାନ୍ତ ଜରିଆରେ ଏହି କଥାକୁ ନିଜ ଭିତରେ ଦୃଢ କରିନେବା ।

ଯେଉଁ ଶିବ ଧନୁକୁ ୧୦ହଜାର ରାଜା ଏକ ସଙ୍ଗରେ ଧରି ମଧ୍ୟ ଭାଙ୍ଗି ପାରିଲେ ନାହିଁ, ରାବଣ, ବାଣାସୁର, ସହସ୍ରାର୍ଜୁନ ପରି ବୀର ଯେଉଁ ଧନୁକୁ ହଲାଇ ପାରି ନଥିଲେ ସେହି ଶିବ ଧନୁକୁ ଶ୍ରୀରାମ ଅନାୟାସରେ ଭାଙ୍ଗି ଦେଲେ ତଥାପି ତାଙ୍କ ମନରେ କୌଣସି ଅଭିମାନ ନଥିଲା । ପର୍ଶୁରାମଙ୍କୁ ଶ୍ରୀରାମ କହିଲେ - ଛୁଉଁ ଛୁଉଁ ଭାଙ୍ଗି ଗଲା ଚାପ ପୁରାତନ ।

"ଏଥିପାଇଁ କାହିଁକି କରିବି ଅଭିମାନ ।।" କୌଣସି କଥାକୁ ନେଇ ଅଭିମାନ କରିବା, ନିଜଠାରେ ଶ୍ରେଷ୍ଠତା ଦେଖିବା, ଅନ୍ୟ ସମ୍ମୁଖରେ ବାହାଦୁରି ମାରିବା ଅନୁଚିତ୍ । ଯେତେବେଳେ ଶ୍ରୀରାମ, ରାବଣକୁ ମାରି ସାରି ସୀତାଙ୍କ ସହିତ ଲଙ୍କା ପୁରିରେ ବସିଥାନ୍ତି ସେହି ସମୟରେ ଦେବତା ଇନ୍ଦ୍ର, ଭଗବାନ ଶଙ୍କର. ବ୍ରହ୍ମା ଆଦି ସ୍ତୁତି କଲେ । ଦଶରଥ ମଧ୍ୟ ସେଠାରେ ଉପସ୍ଥିତ ହେଲେ । ପ୍ରଭୁ ଶ୍ରୀରାମ ଲକ୍ଷ୍ମଣଙ୍କ ସହିତ ପ୍ରଣାମ କରି ପିତାଙ୍କୁ କହିଲେ -

ହେ ପିତା ତୁମ୍ଭର ଘେନି ପୁର୍ବ ପୁଣ୍ୟ ବଳ ।
ଜିଣିଲି ଦୁର୍ଜୟ ରଣେ ରାକ୍ଷସ ପ୍ରବଳ ।।

ଶ୍ରୀରାମ ତିନିଲୋକର ଅଧିପତି ରାବଣ ପରି ଭୟଙ୍କର ଅସୁରକୁ ମାରିବା ପରେ ମଧ୍ୟ ତାଙ୍କ ମନରେ କୌଣସି ଅଭିମାନ ନଥିଲା ବରଂ ଏପରି ମହାନ କାର୍ଯ୍ୟରେ ସଫଳତା ମିଳିବାର କାରଣ ପିତାଙ୍କର ପୂର୍ବ ପୂଣ୍ୟର ଫଳ ବୋଲି କହିଲେ ।

ISSN NO.
2582-208X

ବାସ୍ତବରେ ଆମେ ମିଥ୍ୟାରେ ଅଭିମାନ କରିଥାଉ, ଆମ ସଫଳତା ପଛରେ ଅନ୍ୟ ଏକ ଦିବ୍ୟ ଶକ୍ତିର ହାତ ରହିଥାଏ । ଯେପରି ଶ୍ରୀରାମ ଶିବଧନୁ ଭାଙ୍ଗି ସାରିବା ପରେ ଜନକ ବିଶ୍ୱାମିତ୍ରଙ୍କୁ ପ୍ରଣାମ କରି କହିଲେ –

ଜନକ ପ୍ରଣମିଲେ କଉଷିକ ପାଦେ ।
ରାମ ଭାଙ୍ଗିଲେ ଧନୁ ତୁମ୍ଭ ପରସାଦେ ।।

ହେ ମୁନିବର ! ଆପଣଙ୍କ ଆଶିର୍ବାଦରୁ ହିଁ ଶ୍ରୀରାମ ଶିବଧନୁ ଭାଙ୍ଗି ପାରିଲେ । ଲୋକ ମାନେ ମଧ୍ୟ ଜାଣନ୍ତି ଯାହା କିଛି ହେଉଛି ଭଗବାନଙ୍କ ଆଶିର୍ବାଦରୁ ହେଉଛି ଆମେ କେବଳ ନିମିତମାତ୍ର ଅଟୁ । ତାଙ୍କ ଶକ୍ତି ହିଁ ଆମ ଦ୍ୱାରା କାମ କରେ ।

ଗୀତାରେ ମଧ୍ୟ ଶ୍ରୀକୃଷ୍ଣ କହିଲେ- ନିମିତମାତ୍ରଂ ଭବ ସବ୍ୟସାଚିନ୍ । ଏଠାରେ ସବ୍ୟସାଚିନ୍ ଶବ୍ଦ ବହୁତ ମହତ୍ୱପୁର୍ଣ୍ଣ ଅଟେ, ସବ୍ୟସାଚି ଅର୍ଥାତ୍ ଯିଏ ଉଭୟ ହାତରେ ଶର ସନ୍ଧାନ କରିପାରେ, ହେ ଅର୍ଜୁନ ତୁମେ ଉଭୟ ହାତରେ ଶର ସନ୍ଧାନ କର, ପୁରୁଷାର୍ଥରେ ସାମାନ୍ୟତମ ବି ନ୍ୟୁନତା ରଖ ନାହିଁ କିନ୍ତୁ ନିମିତ ହୁଅ ଅର୍ଥାତ ମନରେ ନିଜ ପୁରୁଷାର୍ଥକୁ ନେଇ କୌଣସି ପ୍ରକାର ଗର୍ବ ଅଭିମାନ ନ ଆସୁ ।

ବାହଡା ଗଛର ଛାଇରେ କଳି ନିବାସ କରେ ବୋଲି କୁହାଯାଏ । ବାହାଡା ଅର୍ଥ ନିଜକୁ ବଡ ଭାବିବାର ଯେଉଁ ଭାବନା, ଅଭିମାନ ବା ଅହଂକାର ହିଁ ସେହି ବାହାଡା ଗଛ । ଏହି ଅଭିମାନ ର ଛାୟାରେ ହିଁ ସମସ୍ତ ଦୁର୍ଗୁଣ ଦୋଷ ବାସ କରନ୍ତି । କଳିଯୁଗ କହିଲେ କଳି ଝଗଡା କରିବାର ଯେଉଁ ଭାବନା ତାହା କେବଳ ଅଭିମାନ ବା ଅହଂକାର ଯୋଗୁଁ ହି ସୃଷ୍ଟି ହୋଇଥାଏ । ତେଣୁ ଯଦି ଅଭିମାନ ନରହେ ତେବେ ଆସୁରୀ ପ୍ରବୃତି ଗୁଡିକୁ ରହିବା ପାଇଁ ସ୍ଥାନ ମିଳିବ ନାହିଁ ଫଳରେ ଆମେ ସୁଖ ଶାନ୍ତିରେ ରହି ପାରିବା ।

ସଫଳତାର ସୁତ୍ର ଭାବରେ ଆଜି ଆମେ ଦୁଇଟି କଥା ନେବା ପ୍ରଥମଟି ହେଉଛି ପୁରୁଷାର୍ଥ ଏବଂ ଦ୍ୱିତୀୟଟି ହେଲା ନିରଭିମାନ । ଭବ୍ୟ ତଥା ଦିବ୍ୟ ଜୀବନ ପାଇଁ କ୍ରମାନ୍ୱୟରେ ଏହି ଦୁଇଟି ବହୁତ ମହତ୍ୱପୂର୍ଣ୍ଣ । ଆଜି ଏତିକି ।

ରାମେଶ୍ୱର ବିହାର, ବୌଦ୍ଧ

ISSN NO.
2582-208X

# ସଙ୍ଘର୍ଷମୟ ନାରୀ ଜୀବନ....

ସ୍ମୃତି ପ୍ରିୟଦର୍ଶିନୀ ପ୍ରଧାନ

ସଂଘର୍ଷମୟ ଏ ନାରୀ ଜୀବନ
ଜନ୍ମଠାରୁ ମୃତ୍ୟୁଯାଏ ସବୁଠି କଷ୍ଟଜାଣ।
ଜନ୍ମବେଳେ ବାପାମାଆ ହୁଅନ୍ତି ଖୁସି
ଆଦରରେ ପାଳନ୍ତି ତାକୁ ପୁଣି।
ଇଜତର ଡରଥାଏ ତାଠାରେ
ଥରେ ଚାଲିଗଲେ ତାହା ଆଉ ନମିଳେ।
ବଜାରରେ ହଜାରେ ଟୋକା ବସିଥାନ୍ତି ଏଠି
ବୟସର ସୀମା ନଦେଖି ଦୁଷ୍କର୍ମ କରନ୍ତି ତାକୁହିଁ।
ଯେଉଁ ମା ଆଦଶମାସ ଧରି ପାଳେ ପୁଅକୁ
ସେହି ପୁଅକୁ ଦଶମିନିଟ ଲାଗେନାହିଁ ଗୋଟେ ଝିଅର ଇଜତ ନବାକୁ।
ଭଉଣୀ ଶ୍ରଦ୍ଧାରେ ବାନ୍ଧେ ଯେଉଁ ହାତେ ରାକ୍ଷୀ
ସେହାତ ନିଏ ଦଶ ଭଉଣୀଙ୍କ ଜୀବନ ପୁଣି।
ଏ କଳୁଷିତ ଦୁନିଆରେ କେତେଯେ ନାରୀ
ପିଞ୍ଜରାରେ ଥିବା ଠିକ୍ ଶୁଆ ପରି
ଏ ସମାଜରେ ଝିଅ ଯେବେ ବିବାହ କରେ ନିଜ ପସନ୍ଦରେ
ବାପାମାଆ ରାଜି ନଥାଆନ୍ତି ତା ବିବାହରେ।
ବିବାହ ପରେ ପୁଅ ଯେବେ ହୁଏ ଖରାପ
ସେବେ ଦୋଷ ହୁଏ ପୁଣି ସ୍ତ୍ରୀର।

ISSN NO.
2582-208X

କିଛି ଭୁଲ୍ କଲେ ସ୍ୱାମୀ ଯେବେ ଦିଏ ଦଣ୍ଡ
ସ୍ତ୍ରୀ ଚୁପଚାପ୍ ସବୁ ସହି ଭାବେ ଏଇଟା ବୋଧେ ତାର ପ୍ରେମ।
ଯେବେ ସ୍ୱାମୀ ନିର୍ଦ୍ଦୟ ହୋଇ କରେ ଅତ୍ୟାଚାର
ସ୍ତ୍ରୀ ନିଜଘର ଲୋକଙ୍କୁ କହିଲେ ମଧ୍ୟ ଦୋଷହୁଏ ତାର।
ଆଉ ଯେବେ ଆମେ ବିବାହ କରୁ ଘରଲୋକଙ୍କ ପସନ୍ଦରେ
ସ୍ୱାମୀ ଅତ୍ୟାଚାର କଲେ ଦୋଷହୁଏ ଆମ ଭାଗ୍ୟର।
ସତରେ ନାରୀ ଜୀବନରେ ଏତେଯେ କଷ୍ଟ
ଜଣେ ନାରୀ କେବଳ ବୁଝିପାରେ ଏହାତ।
ଯେତେ ଲେଖିଲେବି ତାହା ହେବନାହିଁ ସମାପ୍ତ
ନାରୀଜାତିକୁ ସମ୍ମାନ ଦବା ଏତିକି ମୋର ଅନୁରୋଧ।

ଗ୍ରାମ - ପୂରଣ,
ଜିଲ୍ଲା - ଜଗତସିଂହପୁର, ପିନ୍ -୭୫୪୧୦୨

ISSN NO.
2582-208X

# ଆହ୍ୱାନ ଏହି ବିକାଶର



ସ୍ମୃତି ରେଖା ନାୟକ

ଖଟାଇ ବିଜ୍ଞାନ କାରିଗରୀ କୌଶଳ
ଆମ ସଭ୍ୟତାକୁ କରିବା ସଫଳ।
କୃଷି ଶିଳ୍ପ କ୍ଷେତ୍ରେ ଆଣି ପ୍ରଗତି
ଦୂରେଇବା ଆସ ଦେଶ ଦୁର୍ଗତି।
ଏହା ଆମ ଲକ୍ଷ୍ୟ, ଏହା ହେଉ ନୀତି.....
ଦେଶ ବିକାଶରେ ରହୁ ଆମ ମତି।।

ଗମନାଗମନ ହେଉ ଅତି ସୁଗମ
ପରିବହନ ହେଉ ସବୁଠୁଁ ଉତ୍ତମ।
ଶିକ୍ଷା କ୍ଷେତ୍ରେ ଆଣି ବିପ୍ଳବର ବଳ
ଗବେଷଣା କାର୍ଯ୍ୟେ ହେବା ସଫଳ।
ଏହା ଆମ ଲକ୍ଷ୍ୟ, ଏହା ହେଉ ନୀତି .......
ଆମ ଦେଶେ ଫୁଟୁ ସଫଳତା-ଫୁଲ ।।

ଖାଦ୍ୟ ଉତପନ୍ନେ ଦୁଇଗୁଣ ଅଧିକ
ମେଣ୍ଟାଇବ ସଭିଙ୍କର ପେଟ ଭୋକ।
ଭୋକିଲା ଆଉ କେହି ରହିବେ ନାହିଁ
ହସୁଥିବେ ସର୍ବେ ଅନ୍ୟମୁଖ ଚାହିଁ।
ଏହା ଆମ ଲକ୍ଷ୍ୟ, ଏହା ହେଉ ନୀତି......
ଉନ୍ନତି ହୋଇବ ପ୍ରତି ପ୍ରାଣ ପାଇଁ ।।

ISSN NO.
2582-208X

ବଞ୍ଚାଇବା ଆମ ସଂସ୍କୃତି ଯେ ପରମ୍ପରା
ଦେଶେ ଖେଳାଇବା ଆଲୋକର ଧାରା ।
ଭେଦଭାବ ଭୁଲି ଦୃଢେ ନେବାଟି ଶପଥ
ଜାତି ପାଇଁ ଦମ୍ଭେ ବଳିଦେବା ଆମ ମାଥ ।
ଏହା ଆମ ଲକ୍ଷ୍ୟ,ଏହା ହେଉ ନୀତି......
ଗାଉଥିବା ମୁକ୍ତ କଣ୍ଠେ....
ଏ ମାଟିର ଚିର ଐତିହ୍ୟ ଓ ଗରିମା ମହିମାକୁ......
ବନ୍ଦେ ମାତରଂ , ବନ୍ଦେ ହେ ଭାରତ ।
ବନ୍ଦେ ମାତରଂ ବନ୍ଦେ ହେ ଭାରତ ।।

ତୋରା, ଆଦର୍ଶ ପଡା, ବରଗଡ଼
୯୧୭୮୭୬୩୮୮୯

ISSN NO.
2582-208X

# ଗଣତନ୍ତ୍ରର ଭବିଷ୍ୟତ



ଆର୍ଯ୍ୟ ଦାସ

ଆଧୁନିକ ଶାସନ ବ୍ୟବସ୍ଥାରେ ଗଣତନ୍ତ୍ର ଏକ ଜନପ୍ରିୟ ସରକାର ଭାବେ ପ୍ରତିଷ୍ଠାଲାଭ କରିଅଛି । ଗଣତନ୍ତ୍ରର ପତାକାତଳେ ଆଧୁନିକ ବିଶ୍ୱର ଅଗଣିତ ଜନତାର ସମାବେଶ । ପୃଥିବୀର ଅଧିକାଂଶ ଦେଶରେ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ପ୍ରଚଳିତ । ଗଣତନ୍ତ୍ର ଏକ ସାର୍ବଜନୀନ ଓ ସୁପରିଚିତ ଶବ୍ଦ ହୋଇଥିଲେ ହେଁ, ଏହାର ଅର୍ଥ ଅତି ବ୍ୟାପକ । ଏହା ଏକ ବହୁରୂପୀ ଧାରଣା ସହ ଜୀବନର ମାର୍ଗ ବୋଲି ବିବେଚନା କରାଯାଏ ।

ଗଣତନ୍ତ୍ର ଶବ୍ଦଟି ଦୁଇଟି ଗ୍ରୀକ୍ ଶବ୍ଦ ଡିମୋସ୍ ଓ କ୍ରାଟୋସ୍ ରୁ ଆନୀତ । 'ଡିମୋସ୍' ର ଅର୍ଥ ଗଣ ବା ଲୋକ, 'କ୍ରାଟୋସ' ର ଅର୍ଥ ହେଲା କ୍ଷମତା । ତେଣୁ ଗଣତନ୍ତ୍ରର ଅର୍ଥ ହେଉଛି ଲୋକଶକ୍ତି ଅଥବା ଲୋକ କ୍ଷମତା ।ଆକ୍ଷରିକ ଅର୍ଥରେ ଗଣତନ୍ତ୍ର ହେଉଛି ଲୋକଶକ୍ତି ଉପରେ ପର୍ଯ୍ୟବେସିତ ଏକ ଶାସନ ବ୍ୟବସ୍ଥା । ଗଣତନ୍ତ୍ର ଶାସନ ବ୍ୟବସ୍ଥାରେ ଲୋକମାନେ ହେଉଛନ୍ତି ସର୍ବୋଚ୍ଚ କ୍ଷମତାର ଅଧିକାରୀ । ଗଣତନ୍ତ୍ର ଶାସନ ବ୍ୟବସ୍ଥା ଜନମତ ଉପରେ ପ୍ରତିଷ୍ଠିତ ହୋଇଥାଏ ।

ଖ୍ରୀଷ୍ଟପୂର୍ବ ପଞ୍ଚମ ଶତାବ୍ଦୀରେ ଗ୍ରୀସ୍ ଦେଶରେ ଆରମ୍ଭ ହୋଇଥିବା ଗଣତନ୍ତ୍ର ଶାସନ ବ୍ୟବସ୍ଥା ଆଜି ପୃଥିବୀର ଅଧିକାଂଶ ଦେଶରେ ପ୍ରଚଳିତ । ଏହି ଗଣତନ୍ତ୍ରର ଭବିଷ୍ୟତ ସୁଦୂର ପ୍ରସାରୀ ଯହିଁ ଗଣତନ୍ତ୍ରଶାସନ ବ୍ୟବସ୍ଥାର ଭାଗ୍ୟକୁ ଆଜିର ଜନତାମାନେ ଧରିବସିଛନ୍ତି । ତେଣୁ ଯୁକ୍ତରାଷ୍ଟ୍ର ଆମେରିକାର ପୂର୍ବତନ ରାଷ୍ଟ୍ରପତି ଆବ୍ରାହମ୍ ଲିଙ୍କନ କହିଥିଲେ "ଗଣତନ୍ତ୍ର ହେଉଛି ଲୋକମାନଙ୍କର, ଲୋକମାନଙ୍କ ଦ୍ୱାରା ଓ ଲୋକମାନଙ୍କ ପାଇଁ ଉଦ୍ଦିଷ୍ଟ ଶାସନ ବ୍ୟବସ୍ଥା "। ଏମିତିକି ସାଂପ୍ରତିକ ସମୟରେ ଗଣତନ୍ତ୍ରର ମୂଲ୍ୟବୋଧକୁ ବିଚାରକୁ ନେଇ ଦୁଇପ୍ରକାର ତତ୍ତ୍ୱ ଦୃଷ୍ଟିଗୋଚର ହୁଏ । ଯଥା – ଉଦାରବାଦୀ ଗଣତାନ୍ତ୍ରିକ

ISSN NO.
2582-208X

ଚିନ୍ତାଧାରା ବା ତତ୍ତ୍ୱ ଏବଂ ମାର୍କ୍ସବାଦୀ ଗଣତାନ୍ତ୍ରିକ ଚିନ୍ତାଧାରା ।ଗଣତନ୍ତ୍ର ଏକ ବ୍ୟକ୍ତିଗତ ଚିନ୍ତା ଓ ଚେତନା ନୁହେଁ ବରଂ ଏହା ଏକ ସାମୂହିକ ଧାରଣା ।

ଗଣତନ୍ତ୍ରର ବୈଶିଷ୍ଟ୍ୟ:-

ଗଣତନ୍ତ୍ରର ସଂଜ୍ଞାଗୁଡ଼ିକୁ ବ୍ୟାଖ୍ୟା କରିଲେ ଏହାର ମୌଳିକ ନୀତି ବା ବୈଶିଷ୍ଟ୍ୟ ପରିଲକ୍ଷିତ ହୁଏ । ସେଗୁଡିକ ହେଲା –

୧-ଜନ ସାର୍ବଭୌମତ୍ୱ
୨-ରାଜନୈତିକ ସମାନତା
୩-ରାଜନୈତିକ ସ୍ୱତନ୍ତ୍ରତା ଓ ଅଧିକାର
୪-ସଂଖ୍ୟାଗରିଷ୍ଠ ମତ
୫-ସହନଶୀଳତା
୬-ଖୋଲା ବିତର୍କ ଓ ଆଲୋଚନା
୭-ମୁକ୍ତ ସମାଜ
୮-ରାଜନୈତିକ ଦଳର ଉପସ୍ଥିତି
୯-ନିର୍ବାଚନ ମାଧ୍ୟମରେ ସରକାର ଗଠନ
୧୦- ଶାନ୍ତିପୂର୍ଣ୍ଣ ଓ ସାମ୍ବିଧାନିକ ଉପାୟରେ ସରକାର ପରିବର୍ତ୍ତନ

ଶାସନ ବ୍ୟବସ୍ଥାରେ ଜନସାଧାରଣଙ୍କର ପ୍ରତ୍ୟକ୍ଷ ବା ପରୋକ୍ଷ ସଂପୃକ୍ତିକୁ ଆଧାର କରି ଗଣତନ୍ତ୍ରକୁ ସାଧାରଣତଃ ଦୁଇ ଭାଗରେ ବିଭକ୍ତ କରାଯାଏ । ଯଥା- ପ୍ରତ୍ୟକ୍ଷ ଗଣତନ୍ତ୍ର ଏବଂ ପରୋକ୍ଷ ଗଣତନ୍ତ୍ର । ଆମ ଦେଶ ଭାରତ ବିଶ୍ୱର ଏକ ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ର। ଏଠି ପରୋକ୍ଷ ଗଣତନ୍ତ୍ର ପ୍ରଚଳିତ ।

ପ୍ରତ୍ୟେକର ସୁଗୁଣ ଦୁର୍ଗୁଣ ଥିବା ପରି ଗଣତନ୍ତ୍ରର ମଧ୍ୟ କିଛିଟା ସୁଗୁଣ ଏବଂ ଦୁର୍ଗୁଣ ରହିଥାଏ । ସର୍ବପ୍ରଥମେ ଗଣତନ୍ତ୍ରର ସୁଗୁଣ ଗୁଡ଼ିକ ହେଲା - ଲୋକମାନଙ୍କର ଶାସନ, ରାଜନୈତିକ ସମାନତା, ବ୍ୟକ୍ତି ସ୍ୱାଧୀନତା ଓ ଅଧିକାରର ସୁରକ୍ଷା, ଦକ୍ଷ, ପ୍ରଗତିଶୀଳ ଓ ଦୃଢ଼ ସରକାର, ଆଇନ୍ ର ଶାସନ ଏବଂ ସର୍ବୋପରି ଶାନ୍ତିପୂର୍ଣ୍ଣ ଓ ସାମ୍ବିଧାନିକ ଉପାୟରେ ସରକାର ପରିବର୍ତ୍ତନ । ସେହିପରି ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାର ଦୁର୍ଗୁଣ ଗୁଡିକ ହେଲା -

ISSN NO.
2582-208X

ସଂଖ୍ୟାର ପ୍ରାଧାନ୍ୟ, ଅନଭିଜ୍ଞ ଶାସନ, ଅପାରଗତାର ନିଦର୍ଶନ ଏବଂ ନିଷ୍ପତ୍ତି ନେବାରେ ବିଳମ୍ବ ସହ ଦାୟିତ୍ୱହୀନ ଶାସନ ।

ଗଣତନ୍ତ୍ରର ସଫଳ ରୂପାୟନ ନିମନ୍ତେ ଗଣତାନ୍ତ୍ରିକ ମନୋବୃତ୍ତି, ଚିରନ୍ତନ ସତର୍କତା, ଶିକ୍ଷାର ପ୍ରସାର ଏବଂ ଦାୟିତ୍ୱବାନ ବିରୋଧିଦଳ, କ୍ଷମତାର ବିକେନ୍ଦ୍ରୀକରଣ ଓ ପୃଥକୀକରଣ ସହ ଦକ୍ଷ ଓ ଦାୟିତ୍ୱବାନ ନେତୃତ୍ୱ ଏକାନ୍ତ ଆବଶ୍ୟକ ।

ସର୍ବଶେଷରେ ଭାରତ ପରି ଏକ ବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ରରେ ଗଣତନ୍ତ୍ରକୁ ଆଶାବାଦୀ ସଫଳତା ଦେବା ନିମନ୍ତେ ଥିବା ଆହ୍ୱାନ ଯଥା - ଅସମତା, ନିରକ୍ଷରତା, ଆଞ୍ଚଳିକତା, ନକ୍ସଲ ସମସ୍ୟା, ଲିଙ୍ଗଗତ ଅସମତା, ଦାରିଦ୍ର୍ୟତା, ବେକାରୀ ସମସ୍ୟା ଦୂରୀଭୂତ ହେଲେ ଗଣତନ୍ତ୍ରର ସଫଳତା ପ୍ରାପ୍ତି ହେବ ଏଥିରେ ସନ୍ଦେହ ନାହିଁ ଆଉ ବାକି ରହିଲା ଗଣତନ୍ତ୍ରର ଭବିଷ୍ୟତ ତାହା ତ ପ୍ରତ୍ୟେକ ନାଗରିକମାନଙ୍କ ହାତରେ ଏବଂ ଚିନ୍ତା ଓ ଚେତନାରେ । ଗଣତନ୍ତ୍ରର ମୂଲ୍ୟାୟନ ସେତେବେଳେ ହେବ ଯେତେବେଳେ ଏସବୁ ସମସ୍ୟାର ସମାଧାନ ହୋଇପାରିବ ।

ସପ୍ତଶଯ୍ୟା, ଢେଙ୍କାନାଳ
ମୋ -୮୧୪୪୫୬୨୮୯୧

ISSN NO.
2582-208X

# ମୁଁ କବିତା ଟିଏ



ଦେବେନ୍ଦ୍ର ମିଶ୍ର

ମୁଁ କବିତା ଟିଏ
ନିର୍ଜନ ପଥର ପଥିକ ଟିଏ
କୋଇଲିର କୁହୁ ଟିଏ
ଆମ୍ବ ବଉଳ ର ବାସ୍ନା ଟିଏ
ହଳଦୀ ବସନ୍ତ ର ରଙ୍ଗ ଟିଏ
ମୁଁ କବିତା ଟିଏ
ମୁଁ ସୂକ୍ଷ୍ମ ଭାବନାର ଛାପ ଟିଏ
ପାହାଡ଼ ଦେହରେ ଫୁଟାଇ ଥିବା
ପଦ୍ମ ଟିଏ
ନିଝୁମ ରାତିର ସାଥୀ ଟିଏ
କଦମ୍ବ ର କାଦମ୍ବରୀ ଟିଏ
ମୁଁ କବିତା ଟିଏ
ମୁଁ ବଂଶୀ ର ସ୍ୱନ ଟିଏ
ବୀଣା ର ତନ୍ତ୍ରୀ ଟିଏ
ରାଧାର ବିରହ ଟିଏ
କାମନା ର ବିନାଶ ଟିଏ
ମୁଁ କବିତା ଟିଏ
ମୁଁ ସପ୍ତ ରଙ୍ଗର ଇନ୍ଦ୍ର ଧନୁ ଟିଏ
ରଥର ସାରଥୀ ଟିଏ

ISSN NO.
2582-208X

ସେତୁର ସମ୍ପର୍କ ଟିଏ
ଭୀଷ୍ମ ଙ୍କ ପ୍ରତିଜ୍ଞା ଟିଏ
ନିର୍ଜନ ଦ୍ୱୀପର ରାଜା ଟିଏ
ଉଛୁଳା ନଈ ର ଢେଉ ଟିଏ
ମୁଁ କବିତା ଟିଏ
ଉନ୍ମୁକ୍ତ ବେଣିର ଗଜରା ଟିଏ
ସୁକେଶିନିର ଗଭା ଟିଏ
ସମୁଦ୍ର ର ଉତ୍ତୁଙ୍ଗ ଲହରୀ ଟିଏ
ଦୁଃଖ ସୁଖ ର ସାଥୀ ଟିଏ
ମୁଁ କବିତା ଟିଏ
ମୁଁ କବିର ଭାବନା ଟିଏ
ଚୈତ୍ର ର ଚୈତାଳି ଟିଏ
ବସନ୍ତ ର ବାସନ୍ତୀ ଟିଏ
ଫଗୁଣର ଫଲଗୁ ଟିଏ
ମୁଁ କବିତା ଟିଏ
କବିର କଲମ ମୁନର ଦେହ ଟିଏ ॥

ବୁଟୁପାଲି (ବୌଦ୍ଧ)

ISSN NO.
2582-208X

# ରାଜନୀତି ଗୁଳଶା



ଅଧ୍ୟାପକ ଦୀପକ ରଂଜନ ଜେନା

ରାଜନେତା ହୋ ରାଜନେତା
କରୁଛ କାହିଁକି ହଲାପଟା
ରାଜନୀତି ଶାସ୍ତ୍ର ନ ପଢି ନ ପଢି
ହୋଇଅଛ ଜଣେ ଜଣେ ନେତା
ବୋଲାଉଛ ଜଣେ ସଚ୍ଚା ନେତା
କରୁଅଛ ଖାଲି ହଣାକଟା ।

ଦୁର୍ନୀତିରେ ତୁମେ ବୁଡିରହି
କରୁଛ ଦେଶକୁ ହଇଚଇ
ରାଜନୀତି ଶାସ୍ତ୍ର ଟିକିଏ ପଢ଼ତ
ନ ପଢିଲେ ଗତି ମୁକ୍ତି ନାହିଁ
ଯାଉଛ ଦେଶକୁ ଖାଇ ଖାଇ
ଦିନ ଯାଉଅଛି ଶୋଇ ଶୋଇ ।

ISSN NO.
2582-208X

କୃପା କର ହେ କରୁଣାକର
ଏ ଦେଶକୁ ତୁମେ ରକ୍ଷାକର
କଳିଯୁଗର ଏ କୁମ୍ଭକର୍ଣ୍ଣ ପାଇଁ
କିଛିଟା ଉପାୟ ଚିନ୍ତାକର
ଧର ତୁମେ କଳ୍କୀ ଅବତାର
ଏମାନଙ୍କୁ ତୁମେ ନାଶକର ।

କରିବାକୁ ଏମାନଙ୍କୁ ପ୍ରତିହତ
ଶିଖାଉଛି ମୁହିଁ ଏହିମନ୍ତ୍ର
ସେଥିପାଇଁ ପରା ପାରିମାଳରେ ମୁଁ
ପଢାଉଛି ରାଜନୀତି ଶାସ୍ତ୍ର
ତ୍ରୁଟିଥିଲେ ମୋର କ୍ଷମାକର
ମୁଁ ରାଜନୀତି ବିଜ୍ଞାନ ଲେକ୍ଚରର ।

ରାଜନୀତି ବିଜ୍ଞାନ ଅଧ୍ୟାପକ,
ପାରିମାଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ,
ପଣ୍ଡୁଆ, ଢେଙ୍କାନାଳ
ମୋ:୯୯୩୮୩୩୫୫୯୬

ISSN NO.
2582-208X

# ପଶ୍ଚିମ ଓଡ଼ିଶାର ଲୋକନୃତ୍ୟ 'ରସରକେଲୀ' : ଏକ ଦୃଷ୍ଟିପାତ

ସ୍ୱାଧିନ ଚନ୍ଦ୍ର ପ୍ରଧାନ

ପଶ୍ଚିମ ଓଡ଼ିଶାର ଲୋକନୃତ୍ୟ କ୍ରମରେ ଡାଲଖାଇ ଓ ରସରକେଲୀ ବହୁ ପ୍ରସିଦ୍ଧ ଲୋକନୃତ୍ୟ। ଲୋକ କଳାକାରର ଅନନ୍ୟତା ଓ ପ୍ରାଚୀନକାଳର ରୀତିନୀତି ସହ ଲୋକକଳାର ସମ୍ମିଶ୍ରିତ ରୂପ ଏଥିରେ ପରିଲକ୍ଷିତ । ପ୍ରାଚୀନକାଳରେ ଡାଲଖାଇ ଓ ରସରକେଲିର ବହୁ ଆଦର ପରିଲକ୍ଷିତ ହେଉଥିଲା । ରସରକେଲୀକୁ ଡାଲଖାଇର ପରିବର୍ତ୍ତିତ ରୂପ ବୋଲି ଗ୍ରହଣ କରାଯାଇଥାଏ । ଡାଲଖାଇ ନୃତ୍ୟରେ ଯେପରି ଶ୍ରୋତା ମଣ୍ଡଳୀ ବିମୁଗ୍ଧ ହୋଇଥାନ୍ତି ଠିକ୍ ସେହି ରସରକେଲୀ ନୃତ୍ୟରେ ମଧ୍ୟ ଅନୁରୂପ ବିମୁଗ୍ଧ ଓ ତଲ୍ଲୀନ ହୋଇପଡ଼ିଥାନ୍ତି । ଯୁବତୀମାନଙ୍କ ପରିବେଷଣରେ ରସରକେଲୀ ହୋଇଉଠେ ଅନନ୍ୟ ସୁଷମା ମଣ୍ଡିତ । ଗୀତର ତାଳେ ତାଳେ ବିଭିନ୍ନ ଅଭିନୟ ଓ ନୃତ୍ୟ ମାଧ୍ୟମରେ ତରୁଣୀମାନେ ନିଜର ମନୋଭାବକୁ ବ୍ୟକ୍ତି କରିଥାନ୍ତି । 'ରସରକେଲୀ' ହେଉଛି ରସମାନଙ୍କର ସମାଗମର ଏକ ଭଣ୍ଡାର । ଏଥିରେ ତରୁଣ ଯୁବତୀମାନଙ୍କ ଭାବମତ୍ତା, ବିଦ୍‌ବତ୍ତା ଓ ଆବେଗତା ପରିପ୍ରକାଶିତ ହୋଇଥାଏ ।

ପଶ୍ଚିମାଞ୍ଚଳର କୋଣଅନୁକୋଣରେ ରସରକେଲୀର ମହନୀୟତା ପ୍ରତିପାଦିତ । ଯେକୌଣସି ବ୍ୟକ୍ତି ବିଶେଷ ଏ ସମ୍ପର୍କରେ ଊଣା ଅଧିକେ ଅବଗତ । ରସରକେଲି ଏକ ପ୍ରକାର ଲୋକଗୀତ । ଯାହାକୁ (folk song) ର ଆଖ୍ୟା ମଧ୍ୟ ଦିଆଯାଇଥାଏ । ଏଠାରେ ଲୋକ କହିଲେ ସାଧାରଣତଃ ପ୍ରାଚୀନ ସମୟରେ ଗାଁ ଗହଳିରେ ବସବାସ କରୁଥିବା ସରଳ, ନିଷ୍କପଟ, ବିଜ୍ଞ ଭାବନା ଓ ସୃଜନଶୀଳତାରେ ଯିଏ ନିପୁଣ ତାହାକୁ ହିଁ ବୁଝାଯିବ । ଯିଏ ପ୍ରକୃତିର ସମ୍ମାନ କରୁଥିବ, ଯିଏ ପ୍ରକୃତି ସଙ୍ଗେ ବଞ୍ଚୁଥିବ । ତା'ର ଲକ୍ଷ୍ୟ ସ୍ଥିର ଜୀବନଯାପନ । ରସରକେଲି ନୃତ୍ୟ ଓ ଗୀତ ପରିବେଷଣ ଯେକୌଣସି ବର୍ଗର ଲୋକ

ISSN NO.
2582-208X

କରିପାରିବ । ଆଦିବାସୀ ଜନତାଠାରୁ ସାଧାରଣ ଲୋକ ସମସ୍ତେ ଏଥିରେ ଅଂଶଗ୍ରହଣ କରିପାରିବେ । ରସରକେଲିର ସମ୍ପର୍କରେ ବିଶିଷ୍ଟ ଲୋକ ସାହିତ୍ୟ ଗବେଷକ ସୁରେନ୍ଦ୍ର ସାହୁ ମତବ୍ୟକ୍ତ କରନ୍ତି "ରସରକେଲି ଶୃଙ୍ଗାର ରସରେ ପରିପୂର୍ଣ୍ଣ । ଏଥିରେ ଭାବର ଆବେଗକୁ ପାରିପାର୍ଶ୍ୱିକ ଅନୁଭବକୁ ଅତି ପ୍ରାଞ୍ଜଳ ଭାବରେ ପରିପ୍ରକାଶ କରାଯାଇଥାଏ । ପୁନଶ୍ଚ ଏଥିରେ ପ୍ରକୃତି ଦର୍ଶନ ସମାଜ ଦର୍ଶନ, ଗାଁ ଦର୍ଶନ ଇତ୍ୟାଦି ନିଦର୍ଶନ ପରିଲକ୍ଷିତ । ଏହା ଆନନ୍ଦ ପ୍ରଦାନ କଳା ନୁହେଁ; ବରଂ ମନୁଷ୍ୟର ଭାବାବେଗର ସ୍ୱତଃସ୍ଫୂର୍ତ୍ତ ପରିପ୍ରକାଶ ।"(୧) ବାସ୍ତବରେ ଶୃଙ୍ଗାରିକ ଆବେଗତା ସାଙ୍ଗକୁ ଉତ୍ସାହ ଉଦ୍ଦୀପନାର ଭରପୁର ସମାଗମ ରସରକେଲିରେ ଲକ୍ଷ୍ୟଣୀୟ ହୁଏ । ରସରକେଲି ଗୀତ ସଂପର୍କରେ ଅଭିମତ ପ୍ରଦାନ କରି ବିଶିଷ୍ଟ ସମାଲୋଚକ ଡକ୍ଟର କୃଷ୍ଣଚନ୍ଦ୍ର ପ୍ରଧାନ କହନ୍ତି "ଏହି ଗୀତ ମଧ୍ୟ ଆଦିରସାତ୍ମକ । ତରୁଣ-ତରୁଣୀ ପ୍ରାଣର ଉଚ୍ଛଳ ଭାବାବେଗ ଏହି ଗୀତରେ ପ୍ରକାଶ ଲାଭ କରିବା ସଙ୍ଗେ ସଙ୍ଗେ ନୃତ୍ୟରେ ମଧ୍ୟ ସେହି ଆଦିମ ଭାବ ପ୍ରକାଶିତ ହୋଇଥାଏ । ତେବେ ଦୈନନ୍ଦିନ କର୍ମକ୍ଳାନ୍ତ ଜୀବନକୁ ରସମୟ ଓ ସରସ କରିବା ଦିଗରେ ଏହି ନୃତ୍ୟଟିର ଭୂମିକା ଯେ ଗୁରୁତ୍ୱପୂର୍ଣ୍ଣ, ଏହା କହିବା ଅନାବଶ୍ୟକ ମାତ୍ର ।"(୨)

ରସରକେଲୀ ଗୀତର ସୁମଧୁରତା ଓ ସାବଲୀଳତା ପ୍ରତ୍ୟେକ ବର୍ଗର ମଣିଷକୁ ଆକର୍ଷିତ କରିଥାଏ । ଏହାର ଆବେଦନ ସର୍ବମୁଖୀନତା ଗୁରୁତ୍ୱ ଦେଇଥାଏ । ଏଥିରେ କୌଣସି କଠିନ ଶବ୍ଦ ଗାମ୍ଭିର୍ଯ୍ୟ ଓ କ୍ଲିଷ୍ଟତା ପରିଲକ୍ଷିତ ହୋଇନଥାଏ । ବରଂ ସରଳ, ବୋଧଗମ୍ୟ, ସୁଲଳିତ ଭାଷା ପ୍ରୟୋଗ ହୋଇଥାଏ । ଏଠାରେ ତା'ର ଏକ ଉଦାହରଣ ଉଲ୍ଲେଖ କରାଯାଇପାରେ । ଯଥା –

"ରସରକେଲୀ ବୋ
ରସକୁ ରସିଆ କିରେ ଧାନଫୁଲ କଷିଆ
ମନ୍ କଲେ ଘେନି ଦେମି ସୁନାର ଫାସିଆ
ସୁନାର ଫାସିଆ ନଜି ହଜି ନସିଯିବା
ଅଣ୍ଟାକୁ ଗୁନ୍‌ଚି ଦେଲେ ଛଇଲୀ, ଯୁଗେ ଯୁଗେ ଯିବା
ରସଦେ ନରଦେଇ ବୋ ।"(୩)

ISSN NO.
2582-208X

ରସରକେଲୀ ଗୀତରେ ଭାବ ସଂଯୋଜନା ଓ ଭାଷା ଗୁମନ ରୀତି ଅତ୍ୟନ୍ତ ଚମତ୍କାର ହୋଇଥାଏ । ଏଥିରେ କୌଣସି ପ୍ରକାର ଆଟୋପ, ଗମ୍ଭୀରତା ଓ ଭାବର ଅସଜଡ଼ତା ଲକ୍ଷ୍ୟ କରାଯାଇ ନଥାଏ । ବରଂ ଲୋକମୁଖରେ ପ୍ରଚଳିତ ଆବେଗର କରୁଣ ରସାତ୍ମକ ଓ ଶୃଙ୍ଗାର ଭାବ ମର୍ଯ୍ୟାଦା ପୂର୍ଣ୍ଣ ପରିପ୍ରକାଶ ହେଉଛି ରସରକେଲୀ ଗୀତ । ଇଂରାଜୀରେ ସେଥିପାଇଁ କୁହାଯାଏ – **"Rasarkali, the timeless beauty of western Odisha's folk dance"**(୪) ରସରକେଲୀ ଗୀତ ଶୁଣିବାକୁ ଯେତେ ମନୋମୁଗ୍ଧକର ଏହାର ନୃତ୍ୟ ମଧ୍ୟ ସେତେ ପରିମାଣରେ ଉପଭୋଗ୍ୟ । ଏହା ଅନ୍ତଃସତ୍ତା ଓ ବାହ୍ୟ ପରିପ୍ରକାଶ ଅତ୍ୟନ୍ତ ମନୋଲୋଭା । **"In Western Orissa, especially in the district of Sambalpur, Form of dance is prevalent by the name of Rasarkali, which literally means a bud of aesthetic pleasur. It is very much similar to the autumnal dance named Dalkhai. The only difference is that the accompanying songs use the refrain of "rasarkali re". Orissa has a high concentration of tribal communities. There are 62 different tribal communities. Constituting about 25% of the total population. Each of the tribes has a form of recreational dance. For instance, te koya tribal community living in the malkangiri region of Koraput district of southern Orissa, perform a festive dance that is named after the tribe.."**(୫)

ରସରକେଲୀର ସାମାଜିକ ଆବେଦନ ବହୁମୁଖୀ । ଏଥିରେ ନୃତ୍ୟାଙ୍ଗନାମାନଙ୍କ ନୃତ୍ୟ ସାମୂହିକ ଜନତାଙ୍କୁ ବିଭୋର କରିଥାଏ । ଗ୍ରାମାଞ୍ଚଳ ପରିବେଶରେ ଗୀତ ନୃତ୍ୟର ତାଳ ଦେଇ ଏହା ପରିବେଷଣ ଅତ୍ୟନ୍ତ ଭାବଗର୍ଭକ ହୋଇଥାଏ । ଏହି ଲୋକଗୀତଟି ସୁଲଳିତ କଣ୍ଠରେ ଅତ୍ୟନ୍ତ ଚିତ୍ତାକର୍ଷକ ମନେହୋଇଥାଏ । ଯଥା –

"ରସରକେଲି ବୋ...
ଦେଇ ଗଲି ଝୁନ୍‌ଗା କେରି
ଗଦାଇଲି ଖରି (ରେ)....(୨)
ତଲି ବନ୍ଧ୍‌କେ ଗାଧି ଯିବୁ
ବାଲ୍ ଝୁପ୍ ଝୁପ୍ କରି
ବେଲାଯାନି କୁରି ହେବୁ
ବଙ୍କ ସିଁଡ଼ିଆ ପାରି
ଆର୍ ସମିୟା ଜାନି ବୁଲିଯିବୁ ବାବୁ ଗା

ISSN NO.
2582-208X

ଲାଇଟ ମାରି ମାରି ରସ ଲାଲ ବିଲାଚି ରେ...
ତୁମର ମନେ କାଣା ଅଛେ ବାବୁଗା
ନ କହିଲ କିଛି ରସ ଲାଲ ବିଲାଚିରେ.... ।"(୬)

ସମ୍ବଲପୁରୀ ଓ କୋଶଲୀ ଭାଷାରେ ରଚିତ ଏ ଗୀତ ଏତେ ମନୋମୁଗ୍ଧକର ଓ ରସମୟ ଯେ ଏହାର ସ୍ୱତନ୍ତ୍ରତା ଅତିତର ବାରି ହୋଇପଡ଼ିଥାଏ । ପଶ୍ଚିମାଞ୍ଚଳର ନିତିଦିନିଆ ଜୀବନର ବ୍ୟଥା ଓ ବେଦନାର ଚିତ୍ର ଏଥିରେ ବାସ୍ତବ ଢଙ୍ଗରେ ପ୍ରସ୍ଫୁଟିତ ହୋଇଛି । ଲୋକ ଜୀବନର ଗତିବିଧିକୁ ସୁନ୍ଦର ଗୀତ ମାଧ୍ୟମରେ ଅଭିବ୍ୟକ୍ତ କରାଯାଇଛି। ଅନ୍ୟ ଏକ ଗୀତରେ କୁହାଯାଇଛି –

"ରସରକେଲି ବୋ...
ମଧୁମାସେ ମାଧୋଇମା
ମଧୁପୁର ଗଲେ ହୋ...
ସୁଲ ସଶ୍ର ଗୁପରିବାଲି ଝୁରି ଝୁରି ମଲେ...
କାନ୍ଦିଲେ କଦମ୍ବମୁଲ ଜମୁନାର କୁଲ
କାନ୍ଦିଲେ ଗାଇ ବାଛୁରୀ ଗୁପର ଗୁଆଲ
କାନ୍ଦିଲେ ଜମୁନା ରାନୀ ସତେ କେଁ
ଆଖିର ପାନି ଢାଲି
ଚଁପା ଦେ ଚାହାଲିରେ
ମଧୁପୁର ମଧୁ ଚାଖି ପିଲାକେଁ ସବୁଗଲା ଭୁଲି
ଚଁପା ଦେ ଚାହାଲିରେ ।" (୭)

ରସରକେଲୀ ନୃତ୍ୟ ହେଉଛି 'ଡାଲଖାଇ' ନୃତ୍ୟର ଏକ ବିବର୍ତ୍ତିତ ଓ ପ୍ରସାରିତ ରୂପ। ଏହି ନୃତ୍ୟଟି ପଶ୍ଚିମ ଓଡ଼ିଶାର ଏକ ପାରମ୍ପରିକ ଲୋକନୃତ୍ୟ । ଡାଲଖାଇ ଓ ରସରକେଲୀ ନୃତ୍ୟର ଉପସ୍ଥାପନ ଓ ପରିବେଷଣ ରୀତି ପ୍ରାୟତଃ ଏକ ପ୍ରକାରର । ଉଭୟ ନୃତ୍ୟରେ ଗୀତ ଓ ବାଦ୍ୟ ତାଳେ ତାଳେ ବିଭିନ୍ନ ଅଭିନୟ ଓ ନୃତ୍ୟ ମାଧ୍ୟମରେ ନିଜର ମନୋଭାବକୁ ବ୍ୟକ୍ତ କରାଯାଇଥାଏ । ଡାଲଖାଇ ନୃତ୍ୟରେ ଯେମିତି 'ଡାଲଖାଇ ବୋ' ପଦଟିକୁ କୁହାଯାଇଥାଏ, ରସରକେଲୀ ନୃତ୍ୟରେ ସେହିପରି 'ରସରକେଲୀ ବୋ' ବୋଲି

ISSN NO.
2582-208X

କୁହାଯାଇଥାଏ । ଏହି ଗୀତ ସବୁ ଆଦି ରସାତ୍ମକ । ତରୁଣ-ତରୁଣୀଙ୍କ ଟାହିଟାପରି, ବ୍ୟଙ୍ଗୋକ୍ତି, ପରସ୍ପର ପ୍ରତି ଆକର୍ଷିତ ଭାବନାଗୁଡ଼ିକ ଏଥିରେ ପରିପ୍ରକାଶିତ ହୋଇଥାଏ । ଯଥା -

"ରସରକେଲି ବୋ...
ରସର ରସିଆ ଧନ୍ ଧାନ୍ ଫୁଲ କସିଆରେ
ମୁଲା ଆଙ୍ଗୁଠି ଗଲିଗଲା କାନର ଫସିଆ
ବସିଟୁରୁ ଅଛେ ଶାରୀ ଉଡ଼ିଗଲେ ଶୁଆ...
ଉହୁଲି ଗଲାନ ବାହାସୁତା ବନ୍ଦରିଆ...
ଛିନା ଲାଗେ କୁଞ୍ଜବନ ସତେ କେଁ ନାଇଫୁଟେ ମଲି
ଚଁପା ଦେ ଚାହାଲିରେ
ଲାଲି ଘିଚା ଚଁପା ଗୁପର୍ ଗୁଆଲି ମଲେ ଭାଲି ଭାଲି
ଚଁପା ଦେ... ।" (୮)

ରସରକେଲୀର ଛନ୍ଦ ମାଧୁର୍ଯ୍ୟ ଅତ୍ୟନ୍ତ ଉଚ୍ଚକୋଟୀର । ସରଳପଦ ଓ ସୁନ୍ଦର ଶବ୍ଦ ସଂଯୋଜନା ବଳରେ ଏ ଗୀତ ଅତି ଆକର୍ଷଣୀୟ । ଏହି ଲୋକଗୀତ କେଉଁ ଆଦିମକାଳରୁ ଲୋକଙ୍କ ମୁହଁରେ ମୁହଁରେ ପ୍ରଚଳିତ ହୋଇଆସୁଛି । ଲୋକଙ୍କ ମୁଖରୁ ମୁଖକୁ ପୁରୁଷାନୁକ୍ରମେ ଏହା ଗତି କଲାବେଳେ ସ୍ୱତଃ ସେଥିରେ କିଛି ପରିବର୍ତ୍ତନ ଆସେ, ମାତ୍ର ଗାଉଁଲି ନିରକ୍ଷର ଜନତାର ହୃଦୟକନ୍ଦରରୁ ଭାସି ଆସୁଥିବା ଏ ଗୀତ ଶ୍ରୁତି ମାଧୁର୍ଯ୍ୟ ଓ ସାର୍ବଜନୀନତାକୁ ଗୁରୁତ୍ୱ ଦିଏ ।

ପଶ୍ଚିମାଞ୍ଚଳର ପାରିବାରିକ ଜନଜୀବନରେ ଭିଣୋଇ-ଶାଳୀ, ଦିଅର-ଭାଉଜଙ୍କ ସଂପର୍କ ଅତ୍ୟନ୍ତ ରସାଳ ଓ ସ୍ନେହାସିକ୍ତ ମନେହୁଏ । ବେଳେବେଳେ ଏମାନଙ୍କ ମଧ୍ୟରେ ପରସ୍ପର ପ୍ରତି ଇଷତ୍ ବ୍ୟଙ୍ଗୋକ୍ତି ସହ ପ୍ରଶ୍ନ ପଚାରା, ଥଟ୍ଟା ମଜା ହୁଏ । ପୁନଶ୍ଚ ପତ୍ନୀର ମୃତ୍ୟୁ ଘଟିଲେ ଭିଣୋଇ ଶାଳୀ ସହିତ ବିବାହ ସମ୍ବନ୍ଧ ଯୋଡ଼ିଥାଏ । ସେହିପରି ଜ୍ୟେଷ୍ଠ ଭ୍ରାତାର ମୃତ୍ୟୁ ହେଲେ ଭାଉଜ ସହ ଦିଅର ବୈବାହିକ ବନ୍ଧନରେ ଆବଦ୍ଧ ହୋଇପଡ଼େ । ଏହି ପରମ୍ପରାଟି ଆମ ସମାଜରେ ପରିଲକ୍ଷିତ ହୁଏ । ସେଥିପାଇଁ ଏମାନଙ୍କ ସଂପର୍କ ଅତ୍ୟନ୍ତ ମଧୁର ଓ ରସସିକ୍ତ । ଏହାକୁ ରସରକେଲୀ ଗୀତରେ ସୂଚିତ କରାଯାଇଛି -

ISSN NO.
2582-208X

"ରସରକେଲିରେ...
ଯାଇଥିଲି ବରଗଡ଼ ମୋର ଭେନେଇ ଘର
ଭେନେଇ ଦେଖିଲାରେ ସଲକିଲା ହଁସିଲା
ଆନଲାରେ ରେକ୍ସା ଗାଡ଼ି, ବସେଇ କରି ନେଲା
ଭେନେଇର ସଙ୍ଗେ ଗୁଟେ ଖଟେ ବସିଲି
ମୋର ନନୀ ରୁଷିଲା.. ରସ ଯା ଚାଲିଯାରେ ।"(୯)

ଏ ଗୀତରେ ପ୍ରେମ ଭାବବେଗ ଓ ସ୍ପନ୍ଦନକୁ ସ୍ପଷ୍ଟ ରୂପରେ ଲକ୍ଷ୍ୟ କରାଯାଏ । ଲୋକଗୀତରେ ଯେତିକି ପରିମାଣରେ ସାମାଜିକତା ପରିପୂର୍ଣ୍ଣ ହୋଇରହିଥାଏ । ଅନୁରୂପ ଭାବେ ଏଥିରେ ଚଳଣୀ, ପରମ୍ପରା, ପ୍ରଥା, ସାମାଜିକ ରୀତିନୀତି ଓ ସାଂସ୍କୃତିକ ପ୍ରତିଫଳନର ଚିତ୍ର ପ୍ରସ୍ଫୁଟିତ ହୋଇଥାଏ । ଏ ସଂପର୍କରେ ବିଶିଷ୍ଟ ସମାଲୋଚକ ପ୍ରଫେସର ବବ୍ରୁ ବାହନ ମହାପାତ୍ର କହନ୍ତି – "ରସରକେଲି ପଶ୍ଚିମ ଓଡ଼ିଶାର ରସାଳ ଲୋକଗୀତ । ଶୃଙ୍ଗାର ରସପ୍ରଧାନ ସଙ୍ଗୀତର ତାଳେ ତାଳେ ଢୋଲ, ମହୁରୀ, ତାସା ଆଦି ପଞ୍ଚ ବାଦ୍ୟର ସମନ୍ୱୟରେ ଯୁଗ୍ମ ନୃତ୍ୟର ଯେଉଁ ମାଦକତା ରଙ୍ଗ ରସ ଭରା ଉଚ୍ଚାଟିତ, ଆମୋଦ ଦାୟକ ପଶ୍ଚିମ ଓଡ଼ିଶାର ମନୋଜ୍ଞ ଲୋକ ସଂଗୀତ । ନାୟକ ନାୟିକାର ସାଙ୍ଗୀତିକ ଉକ୍ତି-ପ୍ରତ୍ୟୁକ୍ତି ଓ ମଧୁର ପରିହାସ ମଧ୍ୟରେ ପ୍ରେମର ଉଦ୍ବେଳିତ ପ୍ରବାହ ଶ୍ରୋତାର ହୃଦୟକୁ ଯେପରି ମୁଗ୍ଧ କରେ, ସେହି ନୃତ୍ୟ ବାଦ୍ୟର ଭଙ୍ଗୀମା ପରିବେଶକୁ ରସାର୍ଦ୍ର କରିବାର କ୍ଷମତା ରଖେ । ଏହାହିଁ ପଶ୍ଚିମାଞ୍ଚଳୀୟ ଲୋକକଳା ଓ ଲୋକ ସଂସ୍କୃତିର ବଡ଼ ବିଶେଷତ୍ୱ ।"(୧୦)

ରସରକେଲୀ ନୃତ୍ୟ ପରିବେଷଣକାରୀଙ୍କ ବେଶ ପୋଷାକ ସମ୍ବଲପୁରୀ ଶାଢ଼ୀ, ପାଦରେ ଅଳତା, ଘୁଙ୍ଗୁର, ମୁଣ୍ଡରେ ଖୋସା ପରିଧାନ କରି ହାତରେ ଏକ ରୁମାଲ ଧରିଥାନ୍ତି । ଚାରି ପାଞ୍ଚ ଜଣ ଯୁବତୀ ଏକା ସୁର ଲୟରେ ପାଦ ସହ ପାଦ ଅଣ୍ଟା ସହ ଅଣ୍ଟା ହଲାଇ ନୃତ୍ୟ ପରିବେଷଣ କରିଥାନ୍ତି । ଏ ସଂପର୍କରେ ବିଶିଷ୍ଟ ସମାଲୋଚକ ଓ ଅଧ୍ୟାପକ ଡକ୍ଟର ପ୍ରମୋଦ ମୁକାର ପାଢ଼ୀ ମତବ୍ୟକ୍ତି କରନ୍ତି – "ରସରକେଲୀ ହେଉଛି ଏକ ସମ୍ବୋଧିନାତ୍ମ ଲୋକଗୀତଏହି ଲୋକଗୀତରେ ଜଣେ ସଙ୍ଗାତ ତା'ର ପ୍ରିୟ ସଖୀ ନିକଟରେ ଆପଣାର ମନୋଭବକୁ ଅତି ସୁନ୍ଦର ଓ ଆବେଗାତ୍ମକ ରୀତିରେ ପ୍ରକାଶ କରିଥାଏ । ଏଥିରେ ସଙ୍ଗୀତ ଓ ଭାବର ଅପୂର୍ବ ମିଳନ ଘଟିଥାଏ ।"

ISSN NO.
2582-208X

ରସରକେଲୀ ଗୀତ ସମ୍ବଲପୁରୀ ଭାଷାର ଏକ ଅମୂଲ୍ୟ ସଂପଦ । ଏଥିରେ କୌଣସି ପ୍ରକାର ଛନ୍ଦ ଲାଳିତ୍ୟ ନଥାଏ, ବରଂ ପଶ୍ଚିମାଞ୍ଚଳର ଜୀବନ ଜୀବିକା ଓ ସଂସ୍କୃତିର ପ୍ରତିଫଳନ ଲକ୍ଷ୍ୟ କରାଯାଇଥାଏ । ଲୋକ କଳାକାରର ସୁଖନିସୃତ ଗୀତ ପରବର୍ତ୍ତୀ କାଳରେ ସଂଗୃହୀତ ଓ ଲିଖିତ ହୋଇ ରସରକେଲୀ ଗୀତ ଏକ ମହତ୍ତର ସତ୍ତାକୁ ଗତି କରିପାରିଛି । ମୁକ୍ତାକାଶ ରଙ୍ଗ ମଞ୍ଚରେ ଓ ନୃତ୍ୟାଙ୍ଗନାମାନଙ୍କ ଆଭିଜାତ୍ୟପୂର୍ଣ୍ଣ କଳାପ୍ରଦର୍ଶନ ଏହି ଲୋକ ପରମ୍ପରା ଗୀତକୁ ଏକ ଉଚ୍ଚ ମାନ୍ୟତା ପ୍ରଦାନ କରେ ।

ଅତଏବ ଏହି ଆଲୋଳା ସ୍ପଷ୍ଟ ଜଣାପଡ଼େ ଯେ, ରସରକେଲୀ ପଶ୍ଚିମାଞ୍ଚଳର ଜୀବନ ଓ ଜୀବିକା ସହ ବିଭିନ୍ନ ସାମାଜିକ କର୍ମରେ ଜଡ଼ିତ ଥିବା ଏକ ପାରମ୍ପରିକ ଗୀତ, ନୃତ୍ୟ । ସମ୍ବଲପୁରୀ ଭାଷାରେ ଏହାର ଆସ୍ୱାଦନ ପ୍ରତ୍ୟେକ ବର୍ଗର ଲୋକଙ୍କୁ ଆକର୍ଷିତ କରିଥାଏ । ଭାଷାର ସାରଲ୍ୟତା, ଉପସ୍ଥାପନର ମୌଳିକତା, ପାରମ୍ପରିକ ମର୍ଯ୍ୟାଦା ଏହାକୁ ଅତ୍ୟନ୍ତ ଭାବଗର୍ଭ କ ଓ ରୁଚିମନ୍ତ କରି ଗଢ଼ି ତୋଳିଛି । ରସରକେଲୀରେ ଛନ୍ଦ ମାଧୁର୍ଯ୍ୟ ସହ ନୃତ୍ୟାଙ୍ଗନା ମାନଙ୍କ ପରିବେଷଣ ରୀତି ଏହାକୁ ମନୋମୁଗ୍ଧକର କରିଥାଏ । ତେଣୁ କୁହାଯାଇପାରେ ରସରକଲୋ ପଶ୍ଚିମାଞ୍ଚଳର ଏକ ପ୍ରସିଦ୍ଧ ଲୋକନୃତ୍ୟ ଓ ଗୀତ, ଏଥିରେ ଦ୍ୱିମତ ନାହିଁ ।

## ସହାୟକ ଗ୍ରନ୍ଥସୂଚୀ


୧. ଦ୍ରଷ୍ଟବ୍ୟ - ସାହୁ, ସୁରେନ୍ଦ୍ର, (ପଦ୍ମପୁର, ବରଗଡ଼) ଗବେଷକ ଲୋକସାହିତ୍ୟ, ସାକ୍ଷାତକାର ମନ୍ତବ୍ୟ ।

୨. ପ୍ରଧାନ, ଡକ୍ଟର କୃଷ୍ଣଚନ୍ଦ୍ର, ଓଡ଼ିଆ ଲୋକ ସାହିତ୍ୟ ଓ ଲୋକ ସଂସ୍କୃତି, ପୃଷ୍ଠା-୨୧୧

୩. ତତ୍ରୈବ, ପୃଷ୍ଠା – ୨୧୧

୪. www.Rasarkeli meaning of weikipedia

୫. www.Rasarkeli meaning of weikipedia

ISSN NO.
2582-208X

୬.	ଦ୍ରଷ୍ଟବ୍ୟ - ସାହୁ, ସୁରେନ୍ଦ୍ର, (ପଦ୍ମପୁର, ବରଗଡ଼) ଗବେଷକ ଲୋକସାହିତ୍ୟ, ସାକ୍ଷାତକାର ମନ୍ତବ୍ୟ ।

୭.	ତତ୍ରୈବ

୮.	ତତ୍ରୈବ

୯.	ନାୟକ, ଦ୍ୱାରିକା ନାଥ - ୧୯୯୮ ସମ୍ବଲପୁରୀ ଲୋକଗୀତରେ ପ୍ରେମ, ଓଡ଼ିଆ ଲୋକନୃତ୍ୟ ଓ ସଙ୍ଗୀତ ମହୋତ୍ସବ ସ୍ମରଣିକା, ସମ୍ବଲପୁର, ପୃଷ୍ଠା – ୦୬

୧୦.	ଦ୍ରଷ୍ଟବ୍ୟ - ପାଢ଼ୀ, ପ୍ରମୋଦ (ଗବେଷକ, ଅଧ୍ୟାପକ ଲୋକତତ୍ତ୍ୱବିତ୍, ଅଞ୍ଚଳ କଲେଜ, ପଦ୍ମପୁର)

ISSN NO.
2582-208X

# ଧୂଆଁ ଧୂଆଁ ......



ସୁଚରିତା ପଡ଼ିହାରୀ

ଧୂଆଁ ଧୂଆଁ ଏହି ବିସ୍ତିର୍ଣ୍ଣ ପର୍ବତ
ଯୁଗ ଯୁଗାନ୍ତରୁ ଦଣ୍ଡାୟମାନ
ସବୁଜ ବନାନୀ ସୌନ୍ଦର୍ଯ୍ୟ ର ଖଣି
ଲତା ଗୁଳ୍ମ ସୌମ୍ୟ ଆସ୍ୱରଣ,,
ପ୍ରଭାତାଗମନେ ରକ୍ତିମ ପ୍ରକାଶ
ଦେଖ ଅରୁଣ ଶୁଭଗମନ
ଭରିଦିଏ ହୃଦେ କଳରବ ତାର
କିଚିରି ମିଚିରି ଶବ୍ଦ ମାନ,,
କୁଳୁ କୁଳୁ ବହିଯାଏ ନିର୍ଝରିଣୀ
ନଦୀ ଗର୍ଭେ ତା କ୍ଷିପ୍ର ଗମନ
ବନ୍ୟ ଜନ୍ତୁ ଭରା ଗହନ କାନନେ
ସୁଖ ଶାନ୍ତି ଭରା ସହାବସ୍ଥାନ,,

ରୌଦ୍ର ପରକାଶେ ପତ୍ର ଶୂନ୍ୟ ବୃକ୍ଷ
କରେ ପ୍ରିୟ ବର୍ଷା ନିମନ୍ତ୍ରଣ
ଝୁମି ଯାଏ ବର୍ଷା ପ୍ରଥମ ପରଶେ
ହୃଦେ ଭରି ନବ ଶିହରଣ,,

ISSN NO.
2582-208X

ରିମିଝିମି ବର୍ଷା ଭରଇ ପୁଲକ
ପାଦପ ଶ୍ୟାମ ଶୋଭାୟମାନ
ବର୍ଷା ପ୍ରେମ ଆସେ ଶରତ ହେମନ୍ତ
ଶୀତ ଋତୁ ପ୍ରିୟ ଶୁଭାଗମନ,,

ଜାତି ଜାତି ପୁଷ୍ପେ ଶୋଭଇ ପର୍ବତ
ସୌରଭେ ସୌନ୍ଦର୍ଯ୍ୟ ଅନନ୍ୟ
ନିହାର କଣିକା ଝରିପଡ଼େ ଧିରେ
ଭୂମିଲଗ୍ନା ହୁଏ ବିନ୍ଦୁ ମାନ,,

ବସନ୍ତ ରେ ସୌମ୍ୟ ସୁନ୍ଦର କାନନ
କୋଇଲି ର ମଧୁର କୁହୁ ତାନ
ସେହି କୁହୁତାନେ ମନ୍ତ୍ରମୁଗ୍ଧ ଧରା
ପାଇଥାଏ ନିତି ନବ ଯୌବନ,,

ଧୂଆଁ ଧୂଆଁ ଦିଶେ ପର୍ବତ ପ୍ରାନ୍ତର
ସ୍ୱପ୍ନ ରାଜ୍ୟେ କି ବା ' ପଦାର୍ପଣ
ଦର୍ଶକ ର ପ୍ରାଣ ଅଧିର ବିଭୋର
ଅନୁପମ ଛଟା କରି ଦର୍ଶନ !!

...... ସେହି ଦୂର ପର୍ବତ

ଭୁବନେଶ୍ୱର
୯୧୨୪୯୫୯୮୯୯

ISSN NO.
2582-208X

# । ଛି ।।



ସୁଧୀର ମେହେର

ଆଜିକାଲି
ତୋ'ନାଁ ନେବାକୁ ବି ଘୃଣା ଲାଗେ ।।

ତୁ କ'ଣ ଜାଣିବୁ
ପ୍ରେମ କ'ଣ,
କେତେ ବିଶ୍ୱାସରେ ଝିଅଟିଏ
ଜଣକୁ ହୃଦୟ ଦେଇ ବସେ,
କେତେ ଯତନରେ/କେତେ ରଙ୍ଗରେ
ତା'ସ୍ୱପ୍ନକୁ ଆଖିର କଜ୍ୱଳ ପରି ସଜାଏ
ଆଉ ଯିଏ ସାମାନ୍ୟ ଯୌ।ତୁକ ଲୋଭରେ
ନୀରିହ ଆଖିର ସ୍ୱପ୍ନସବୁକୁ ଚୁଟକିରେ
ଭାଙ୍ଗି ଦେଇପାରେ,
ତୁ କ'--ତା'କୁ କ'ଣ କୁହା ଯାଇ ପାରେ !!
ଲମ୍ପଟ....ପ୍ରତାରକ....ନା। ଆଉ କିଛି ?

ବିଚରା ବାପ,
କେତେ ଯତନରେ ଆଖିର ତାରା ସଜେଇ
ଲାଲନ ପାଳନ କରେ ଝିଅଟିକୁ,
ନିଜ ଛାତିର ସବୁ କୋହକୁ ଚାପି ରଖି
ନିଜର ସାମର୍ଥ ଠୁ ବେଶି ଦେଇ
ଅଚିହ୍ନା ଲୋକ ହାତରେ ଟେକି ଦିଏ

ISSN NO.
2582-208X

ଏଇ ବିଶ୍ୱାସରେ ଯେ ଝିଅ ମୋର ସୁଖରେ ରହିବ,
ରାଣି ପରି ଦୋଳିରେ ଝୁଲିବ ।।

ତୁ କ'ଣ ଭାବୁଚୁ-ଧନ ହିଁ ଜୀବନର ସବୁକିଛି?
ସ୍ନେହ,ମମତାର କିଛି ବି ମୁଲ୍ୟ ନାହିଁ?

ଜାଣିଚୁ,
ଝିଅଟିଏ ସବୁ କରିପାରେ
ସ୍ୱାମୀର ହାତ ଧରି ରାଜ ରାସ୍ତାରେ ଭିକ ମାଗି ପାରେ
ଦି'ଓଳିରେ, ଓଳିଏ ଖାଇବି ହସି ପାରେ
ଆବଶ୍ୟକ ପଡିଲେ ଗଛତଳେ ବି ଗାଢ ନିଦରେ
ଶୋଇ ପାରେ...
ହେଲେ ବାପା ଆଖିରେ ଲୁହ ଦେଖି ପାରେନି ।।

ଖୁବ୍ ଘୃଣା ଲାଗୁଚି
ନିଜ ଉପରେ,
ଭାବିଲା ବେଳକୁ ଲାଜ ବି ଲାଗୁଚି,
କେମିତି ତୋ'ଭଳି ଲୋକକୁ ଭଲ ପାଇ ବସିଥିଲି !
ତତେ ନେଇ ଏତେ ଏତେ ସ୍ୱପ୍ନ ଦେଖିଥିଲି !!

ଛି.....
ଥୁ......
ଆଜି ତ ତୋ"ନାଁ ନେବାକୁ ବି
ଘୃଣା ଲାଗୁଚି,
ତୋ'ପରି ପିଲାମାନେ ସଂସାରରେ
କାହିଁକି ଜନ୍ମ ନିଅନ୍ତି ଯେ ।।

ଚିଚୈଘୁଡା,ଜୁନାଗଡ,
କଳାହାଣ୍ଡି,ପିନ୍-୭୬୬୦୧୪
ସଂପର୍କ-୯୫୮୩୫୮୮୮୬

ISSN NO.
2582-208X

# କବିର କବିତା



ଅର୍ପିତା ମହାପାତ୍ର

ଏକା ବସିଥିଲେ ମନ ଗହନରୁ
ଭବନା ଆସଇ ଭାସି ।
ସେହି ଭାବନାକୁ ରୂପ ଦିଏ କବି
ଲେଖଇ କବିତା ବସି ॥
କବିତା ବିନା ତା ଜୀବନ ଅଧୁରା
କଲମଟି ତାର ସାଥି ।
ସମାଜର କଥା କବିତା ରୂପରେ
ଲେଖୁଥାଏ ସିଏ ନୀତି ॥
କେବେ ଝରିପଡେ ଲେଖନୀ ମୁନରୁ
ପ୍ରେମୀ ହୃଦୟର ବ୍ୟଥା ।
କେବେ ତା କଲମ ଫୁଲଟିଏ ସାଜି
କହେ ପ୍ରକୃତିର କଥା ॥
କେବେ ବୋଲିଦିଏ ପ୍ରୀତିର ମାଧୁରୀ
ଓଠେ ହସେ ଯାଏ ଛାଇ ।
କେବେ ପୁଣି ଝରେ ଅକାଳରେ ବର୍ଷା
ଶ୍ରାବଣର ତିଥି ନେଇ ॥

ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ
ସ୍ନାତକୋତ୍ତର ପ୍ରଥମ ବର୍ଷ ଛାତ୍ରୀ
ଓଡିଆ ବିଭାଗ

ISSN NO.
2582-208X

# ସମସ୍ୟା



ମୋନାଲିସା ପାଣିଗ୍ରାହୀ

ସମସ୍ୟା କାହାର ନାହିଁ ଧନୀ,ଗରିବ ସମସ୍ତଙ୍କ ର ସମସ୍ୟା ଥାଏ । ହଁ ଧନୀ ସମସ୍ୟାକୁ ସାମ୍ନା କରିବାର କ୍ଷମତା ରଖିଥାଏ । ଟଙ୍କା ବଳରେ ଧନୀର ଗର୍ବ କିନ୍ତୁ ଗରିବ ପାଖରେ ନ ଥାଏ ଟଙ୍କା ନ ଥାଏ ଗର୍ବ ଥାଏ ତ କେବଳ ସ୍ୱାଭିମାନ। ପୁରାଣରେ ବର୍ଣ୍ଣନା ରହିଛି ଯେ ଗର୍ବ ବେଶୀ ଦିନ ରହେ ନାହିଁ ସେ ମହାମାନୀ ଦୁର୍ଯୋଧନର ହେଉ କି ତ୍ରି ଲୋକାଧିପତି କଂସର ହେଉ । କାହାରି ଗର୍ବ ରହେ ନାହିଁ ଦୁର୍ଯୋଧନ ପାଇଁ କୌରବ ବଂଶର ପତନ ହେଲା ସେହିଭଳି ଗର୍ବ ପାଇଁ କଂସର ନିଧନ ହେଲା । ତାହା କିଏ ବା ନ ଜାଣେ ତାହେଲେ ଗର୍ବ କରିବା କାହିଁକି ? ଆମର ଏଠାରେ କଣ ଅଛି । ଯାହା ବି ଅଛି ସବୁ ସେ ବିଶ୍ୱବିହାରୀ ନାରାୟଣଙ୍କର । ତାଙ୍କରି ପାଇଁ ଆମେ ଏ ସଂସାରକୁ ଆସିଛେ ସେ ତ ଆମକୁ ଗର୍ବ ଦେଇ ନାହାଁନ୍ତି ତାହେଲେ ଏ ଗର୍ବ କାହିଁକି ? ଏ ସଂସାରରେ ସମସ୍ତେ ସମାନ ସମସ୍ତଙ୍କର ସମାନ ଅଧିକାର ଅଛି । ତାହେଲେ ସବୁ କ୍ଷେତ୍ରରେ ଧନୀ କାହିଁକି ଆଗକୁ ଯାଉଛି । ଗରିବ ଟିଏ ର ସ୍ୱପ୍ନକୁ ନିଜ ଗୋଡ଼ ତଳେ ଚାପି ଦେଇ ଚାଲିଛି ସେ ଉପରକୁ । ଅନ୍ୟର ସ୍ୱପ୍ନକୁ ମାରି ଦେଇ ସେ କେତେ ବା ଉପରକୁ ଯାଇ ପାରିବ । ଦିନେ ନା ଦିନେ ଖସି ପଡ଼ିବ ତଳେ ନିଶ୍ଚୟ। ଉପରକୁ ଯିବା ପାହାଚ ବି ମାଟିରେ ଯୋଡ଼ି ହୋଇ ଥାଏ । ତାହେଲେ ମଣିଷ ଉପରକୁ ଗଲା ପରେ ଯଦି ସେଇ ପାହାଚ ଭାଙ୍ଗି ଦିଏ ତାହେଲେ ସେ ତଳେ ନିଶ୍ଚୟ ପଡ଼ିବ । ଧନୀର ଧନର ଗର୍ବ ଅଧିକ। ଦିନକର କଥା ସୁଆଁରି ଗାଁରେ ଗୋଟିଏ ଗରିବ ପରିବାର ରହୁ ଥିଲେ । ପାଞ୍ଚ ପ୍ରାଣୀକୁ ନେଇ ତାଙ୍କ ପରିବାର।ବାପା ,ମା, ଭାଇ, ଭଉଣୀ ସହିତ ଆନନ୍ଦରେ ଦିନ ଯାଉଥିଲା । ପିଲାମାନଙ୍କୁ ପାଠ ପଢ଼ାଇବାକୁ ତାଙ୍କର ପିତାମାତା ଅକ୍ଳାନ୍ତ ପରିଶ୍ରମ କରୁଥିଲେ। ତାଙ୍କର ସାନ ଝିଅ ମଧୁ କଲେଜ ଗଲା ସରକାରୀ କଲେଜରେ ପାଠ ପଢିଲା । ଯୁକ୍ତ ଦୁଇ କଳା ବିଭାଗରେ ପାଠ ପଢି ପରୀକ୍ଷା

ISSN NO.
2582-208X

ଦେଇ ପରୀକ୍ଷାରେ ଭଲ ନମ୍ବର ରଖି ଉତ୍ତୀର୍ଣ୍ଣ ହେଲା । ତା ପରେ ଫର୍ମ ଦାଖଲ କରାଗଲା ତାର ପ୍ରଥମେ ଗୋଟିଏ ବେସରକାରୀ କଲେଜ ରୁ ଆଡମିସନ କରିବା ପାଇଁ ଫୋନ ଆସିଲା। ଫୋନ ଆସିଥିଲା ସତ କିନ୍ତୁ ଫୋନ କରିଥିବା ବ୍ୟକ୍ତି ଜଣକଙ୍କ କଥା ଶୁଣି ତାର ପାଦ ତଳୁ ମାଟି ଖସିଗଲା । ମା ପଚାରିଲେ କଣ ହେଲା ଝିଅ ? ମଧୁ କହିଲା ଆଡମିସନ୍ ପାଇଁ ଟଙ୍କା ଦରକାର ତାହା ପୁଣି ୧୦୦୦୦ ଟଙ୍କା। ମା ଚିନ୍ତିତ ନ ହୋଇ କହିଲେ କରିବା ଆଡମିସନ୍ ଟଙ୍କା ନ ହେଲେ ଆଡମିସନ୍ ହେବ କେମିତି । ମା ବାପା ଲାଗି ପଡନ୍ତି ପଇସା ଯୋଗାଡରେ । ନିଜର ବନ୍ଧୁ ବାନ୍ଧବ ସମସ୍ତଙ୍କୁ ପଇସା ପାଇଁ କହନ୍ତି କିନ୍ତୁ କେହି ହେଲେ ଦେଲେ ନାହିଁ । ପଇସା ଯୋଗାଡ଼ ହୋଇ ପାରିଲା ନାହିଁ । ସେତେବେଳେ ମଧୁ ଭାବିଲା ଆଉ ସେ କଲେଜ ଯାଇ ପାରିବ ନାହିଁ ଠିକ୍ ସେହି ସମୟରେ ମଧୁର ଜଣେ ବାନ୍ଧବୀ ତାକୁ ଫୋନ କରି କି କହେ ସେ ଦବ ଟଙ୍କା । ମଧୁର ପରିବାର ଲୋକେ ବହୁତ ଖୁସି ହୁଅନ୍ତି ମଧୁ ସଙ୍ଗେ ସଙ୍ଗେ ତା ବାପାଙ୍କ ସହିତ ବାହାରି ପଡେ କଲେଜ ଅଭିମୁଖେ । ଆଡମିସନ୍ ହୋଇଗଲା କଲେଜ ଗଲା ପାଠ ପଢିଲା ପରୀକ୍ଷା ଦେଇ କଲେଜରେ ସର୍ବୋଚ୍ଚ ସ୍ଥାନ ଅଧିକାର କରିଛି। ତା ପରେ ପୁଣି ତାର ପରିବାର ଲୋକେ ତାକୁ ପାଠ ପଢ଼ାଇବା ପାଇଁ ଲାଗି ପଡନ୍ତି । ମଧୁର ପାଠ ପଢା ସରିଲା ସବୁ ପରିଶ୍ରମର ଅନ୍ତ ଘଟିଲା ତାର ପରିବାର ଲୋକଙ୍କର ଦୁଃଖ ଗଲା ମଧୁକୁ ମିଳିଲା ଗୋଟିଏ ସରକାରୀ କଲେଜରେ ଅଧ୍ୟାପିକା ଚାକିରି । ଏତିକି ନୁହେଁ ଚାକିରି କରିବା ପରେ ମଧ୍ୟ ତାର ବନ୍ଧୁ ବାନ୍ଧବ ସମସ୍ତେ ତାଙ୍କୁ ଇର୍ଷରେ ଜଳିବାକୁ ଲାଗିଲେ । ଏମିତି ବି ଦୁନିଆରେ ଲୋକ ଅଛନ୍ତି ଯିଏକି ମାଗିଲେ ଦେବେ ନାହିଁ ଓ ନିଜେ ପରିଶ୍ରମ କରି ଟଙ୍କା ରୋଜଗାର କଲେ ସହି ପାରିବେ ନାହିଁ।ଆମେ ଯଦି ଏ ସଂସାରକୁ ଆସିବା ସମୟରେ କିଛି ଆଣିକି ଆସୁ ନାହିଁ, ଗଲା ବେଳେ କିଛି ନେବା ନାହିଁ ତାହେଲେ ଏତେ ଗର୍ବ, ଇର୍ଷା କାହିଁକି ।ଗର୍ବ ଦିନେ ନା ଦିନେ ନିଶ୍ଚୟ ଖର୍ବ ହେବ । ଆମର ସମାଜ ପାଇଁ ଗର୍ବ, ଈର୍ଷା ବହୁତ ବଡ଼ ସମସ୍ୟା । ଏହି ସମସ୍ୟାକୁ ଗୁରୁତ୍ୱ ଦେବା ଆବଶ୍ୟକ ଓ ଏହାକୁ ଆମ ସମାଜରୁ ଦୂରେଇ ଦେବା ଆବଶ୍ୟକ । ସମସ୍ୟା ଠାରୁ କେହି କୌଣସି ଆଡେ ଯାଇ ପାରିବେ ନାହିଁ । ଦିନେ ନା ଦିନେ ତାକୁ ସାମ୍ନା କରିବାକୁ ପଡ଼ିବ । ବାସ୍ତବରେ ସମସ୍ତଙ୍କ ଜୀବନରେ ଚାଲିଛି ସମସ୍ୟା ସମସ୍ୟା ସମସ୍ୟା ସମସ୍ୟା କେବଳ ସମସ୍ୟା ।

ନନ୍ଦପଡ଼ା, ସମ୍ବଲପୁର

ISSN NO.
2582-208X

# ଜନସେବକ ଓ ସାହିତ୍ୟ ସାଧକ କବି ଗୋପବନ୍ଧୁ ଦାସ

ଡକ୍ଟର ବସନ୍ତ କୁମାର ସେଠୀ

ଜଣେ ପ୍ରଜ୍ଞାଦୀପ୍ତ ସାହିତ୍ୟିକ ତଥା ଦକ୍ଷ ଜନସେବକ ରୂପେ ଗୋପବନ୍ଧୁ ଦାସ ସମଗ୍ର ଓଡ଼ିଶାରେ ସୁପରିଚିତ । ଓଡ଼ିଶା ତଥା ସମଗ୍ର ଭାରତବର୍ଷରେ ସେ ଜଣେ ପ୍ରଖ୍ୟାତ ସ୍ୱାଧୀନତାପ୍ରେମୀ, ଜନସଂସ୍କାରକ ଓ କମାନବବାଦୀ କହିଥିଲେ । ଓଡ଼ିଆ ଜାତି ତଥା ଓଡ଼ିଶାର ଉନ୍ନତି ପାଇଁ ଆଜୀବନ ଉଦ୍ୟମ କରିଥିଲେ । ସ୍ୱରାଜ୍ୟ ସାଧନ ଓ ଜନସେବା ଗୋପବନ୍ଧୁଙ୍କ ଜୀବନର ସ୍ୱପ୍ନ ଥିଲା । ନିଜର ବ୍ୟକ୍ତିଗତ ଜୀବନର ଦୁଃଖ ଦୁର୍ଦ୍ଦଶାକୁ ପଛରେ ପକାଇ ସେ ନିଜ ଦେଶ ଓ ଜାତିକୁ ଆପଣାର କରିଥିଲେ । ଉତ୍କଳମଣି ଗୋପବନ୍ଧୁ ତାଙ୍କର କର୍ମମୟ ଜୀବନ ମଧ୍ୟରେ କେବେ ପରାଜୟକୁ ସ୍ୱୀକାର କରିନାହାନ୍ତି । ଏହି ମହାନ ସାଧକଙ୍କର ଜୀବନ ଓ ଜିଜ୍ଞାସାର ଆଦର୍ଶ କର୍ମଭୂମି ହେଉଛି ୧୯୦୧ରେ ଗଢ଼ିଥିବା ତାଙ୍କ ହାତତିଆରି ସତ୍ୟବାଦୀ ବନବିଦ୍ୟାଳୟ, ଯାହାକି ସେ ସମୟର ଥିଲା ଏକ ମଣିଷତିଆରି କାରଖାନା । ଗୋପବନ୍ଧୁ ଏମିତି ଜଣେ ବ୍ୟକ୍ତିତ୍ୱ ଥିଲେ, ଯିଏ କି ନିଜ ପାରିବାରିକ ତଥା ସାଂସାରିକ ଜୀବନର ଦୁଃଖ ଦୁର୍ଦ୍ଦଶା ଭିତରେ ଅନୁଭବ କରିପାରୁଥିଲେ, ସମଗ୍ର ବିଶ୍ୱମାନବର ଦୁଃଖ ଦୁର୍ଦ୍ଦଶାକୁ । ପାରିବାରିକ ଜୀବନର ଅନେକ ସମସ୍ୟା ଆସିଥିଲେ ମଧ୍ୟ ସେ ସବୁବେଳେ ଅନ୍ୟାୟ, ଅତ୍ୟାଚାର, ଶୋଷଣ ବିରୋଧରେ ପ୍ରତିବାଦର ସ୍ୱର ଉତ୍ତୋଳନ କରିଆସିଛନ୍ତି । ମାନବସେବା ଓ ଜାତୀୟଚେତନା ତାଙ୍କ ଅନ୍ତରାତ୍ମାରେ ଗଭୀର ଆଲୋଡ଼ନ ସୃଷ୍ଟି କରିଥିଲା ।

ଓଡ଼ିଶାରେ ବନ୍ୟା ଓ ମରୁଡ଼ିରେ ଆକ୍ରାନ୍ତ ହୋଇ ଓଡ଼ିଶାବାସୀଙ୍କ କଣ୍ଠରୁ ହାହାକାର ଆର୍ତ୍ତନାଦ ଶୁଣିବାକୁ ମିଳୁଥିବା ସମୟରେ ଗୋପବନ୍ଧୁ ଦାସ ପ୍ରଥମେ ସେମାନଙ୍କ ପାଖରେ ପହଞ୍ଚି ସେମାନଙ୍କର ଅଭାବକୁ ଦୂର କରିବାକୁ ଚେଷ୍ଟା କରିଥିଲେ । ଅଭାବ ଅନଟନରେ ପଡିଥିବା ଲୋକମାନଙ୍କୁ ସାହାଯ୍ୟ ସହଯୋଗ କରିବା ସହିତ ସେମାନଙ୍କ ମୁଖରେ ଆହାର

ISSN NO.
2582-208X

ଯୋଗାଇଦେବାରେ ସେ ନିଜକୁ ଉତ୍ସର୍ଗ କରିଦେଉଥିଲେ । ଦୁଃଖିର ଦୁଃଖ ଦେଖିଲେ ଏହି ମହାନ ଆତ୍ମାଙ୍କ ଆଖିରୁ ସ୍ୱତଃସ୍ଫୂର୍ତ୍ତ ଭାବରେ ଲୋତକ ଝରିପଡୁଥିଲା । ସମଗ୍ର ବିଶ୍ୱକୁ ନିଜ ଭିତରେ କଳନା କରିବା, ପରକୁ ଆପଣାର କରିବାର ଦକ୍ଷତା ଯେଉଁ ବ୍ୟକ୍ତିଙ୍କ ପାଖରେ ଦେଖାଯାଇଥିଲା ସେ ହେଉଛନ୍ତି ସେହି ଦରଦୀ ପ୍ରାଣର ସାଥୀ ଉତ୍କଳମଣି ଗୋପବନ୍ଧୁ ଦାସ, ସେ ଥିଲେ ମୂଳତଃ ଜଣେ ଦରଦୀ ମଣିଷ । ବନ୍ୟା ପ୍ରପୀଡ଼ିତ ଉତ୍କଳର ଦୁର୍ଦ୍ଦଶା, ଭୋକିଲା ଲୋକମାନଙ୍କର କଷ୍ଟକୁ ଲକ୍ଷ୍ୟ କରି ସେ ଲେଖିଛନ୍ତି:

କେତେ ନରନାରୀ, କେତେ ଗୋରୁଗାଇ
ମରୁଥିଲେ କଷ୍ଟେ ଆହାର ନପାଇ
x x x
ବନ୍ୟା ବିତିପାତେ ଉତ୍କଳ ଦୁର୍ଦ୍ଦଶା
ବିଚାରିଲେ ମତି ହୁଅଇ ଜିବଶା
ଚିଲିକା କୂଳରୁ ସ୍ୱର୍ଣ୍ଣରେଖା ଯାଏ
ମୁହୂର୍ତ୍ତକେ ମୋର ଆଖି ବୁଲିଯାଏ ।

ଉତ୍କଳମଣି ଗୋପବନ୍ଧୁଙ୍କ ଜୀବନର ବନ୍ଧୁପ୍ରତି ମଧ୍ୟ ଭିନ୍ନ ଧରଣର ଥିଲା । ଜେଲରେ ବନ୍ଦୀଥିବା ବେଳେ ବନ୍ଧୁମାନଙ୍କ ଠାରୁ ଦୂରେଇ ରହିବାର କଷ୍ଟକୁ ସେ 'ବନ୍ଦୀର ବିରହ ବ୍ୟଥା' କବିତା ମାଧ୍ୟମରେ ପ୍ରକାଶ କରିଛନ୍ତି । ବନ୍ଦୀ ଜୀବନର ଅତିବାହିତ ବିରହାନୁଚିନ୍ତା ଭିତରେ ସେ ସାରା ବିଶ୍ୱବାସୀଙ୍କର ବିରହ ବେଦନାକୁ ଅନୁଭବ କରିପାରୁଥିଲେ । କନିଜର ପ୍ରିୟଜନଙ୍କଠାରୁ ଦୂରେଇ ରହିବାର ଦୁଃଖ, ଯନ୍ତ୍ରଣା ତାଙ୍କୁ ଅଧିକ ମର୍ମାହତ କରିଥିଲା । ପ୍ରିୟଜନ ତଥା ଆତ୍ମୀୟଜନଙ୍କଠାରୁ ଦୂରେଇ ରହିଲେ କେତେ ଯେ କଷ୍ଟ ଲାଗେ, କେତେ ଯେ ଦୁଃଖ ଯନ୍ତ୍ରଣା ମିଳେ, ସେହି ବିରହଭରା ଭାବାବେଗକୁ ନେଇ ସେ ରଚନା କରିଛନ୍ତି, ଅନେକ କାବ୍ୟ କବିତା । ତାଙ୍କ ରଚିତ କାବ୍ୟକବିତା ସଙ୍କଳନ ଗୁଡ଼ିକ ମଧ୍ୟରେ 'ଅବକାଶ ଚିନ୍ତା'(୧୮୯୯), 'କାରାକବିତା'(୧୯୨୩-୨୪), 'ବନ୍ଦୀର ଆତ୍ମକଥା'(୧୯୨୩), ଧର୍ମପଦ (୧୯୨୩-୨୪)କ ଆଦି ଉଲ୍ଲେଖଯୋଗ୍ୟ ।

ପରାଧିନ ଉତ୍କଳ ମାଟିର ସେ ଥିଲେ ଜଣେ ମାନବବାଦୀ କବି । ସମାଜ ସଂସ୍କାର ମୂଳକ ଚିନ୍ତାଧାରା, ସ୍ୱଓ୍ୱରାଜ୍ୟସାଧନ, ସ୍ୱଓ୍ୱାଧୀନତା ପ୍ରାପ୍ତି ମୂଳକ ଆହ୍ୱାନର ମୂଳମନ୍ତ୍ର ଥିଲା ତାଙ୍କ

ISSN NO.
2582-208X

ରଚିତ କବିତା ସମଗ୍ର । ବିଦେଶୀ ଶାସନମାନଙ୍କର ଅତ୍ୟାଚାର ଓ ଶୋଷଣରୁ ମୁକ୍ତି ପାଇବା ପାଇଁ, ଅନ୍ୟାୟ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ପାଇଁ ସେମାନଙ୍କ ମନରେ ଅଜସ୍ର ପ୍ରେରଣା ଭରିଦେଇଛନ୍ତି ଗୋପବନ୍ଧୁ ଦାସ । ଦେଶ ଓ ଜାତିର ଉନ୍ନତି ଲାଗି ସେ ନିଜ ଶରୀରର ହାଡ଼, ମାଂସ ଆଦି ପ୍ରତି ରକ୍ତବିନ୍ଦୁକୁ ଏକାକାର କରିଦେଇଥିଲେ । ସତ୍ୟବାଦୀ ବନବିଦ୍ୟାଳୟର ସହକର୍ମୀ ତଥା ବନ୍ଧୁ ପଣ୍ଡିତ ନୀଳକଣ୍ଠ ଦାସ, ଆଚାର୍ଯ୍ୟ ହରିହର, ପଣ୍ଡିତ ଗୋଦାବରୀଶ ମିଶ୍ର, କୃପାସିନ୍ଧୁ ମିଶ୍ର ଆଦିଙ୍କୁ ସେ ମଧ୍ୟ ନିଜ ଜାତିପାଇଁ, ଦେଶପାଇଁ ଆତ୍ମଉତ୍ସର୍ଗ କରିବା ପାଇଁ ବାରମ୍ବାର ଆହ୍ୱାନ ଦେଉଥିଲେ । ୧୯୦୭ ମସିହାରେ କେନ୍ଦ୍ରାପଡ଼ା ଓ ଯାଜପୁର ଅଞ୍ଚଳର ବନ୍ୟାପ୍ରପୀଡ଼ିତ ଅଞ୍ଚଳମାନଙ୍କରେ ଅସହାୟ ଓ ଅଭାବଗ୍ରସ୍ତ ଜନମାନସ ପ୍ରତି ତାଙ୍କ ମନରେ ଗଭୀର ଆଲୋଡ଼ନ ସୃଷ୍ଟି ହୋଇଥିଲା ।

ଗୋପବନ୍ଧୁଙ୍କ ସତ୍ୟବାଦୀ ବନବିଦ୍ୟାଳୟ, ସତ୍ୟବାଦୀ ଓ ସମାଜ ଆଦି ପତ୍ରିକା ତାଙ୍କର ସ୍ୱପ୍ନ ଓ ସମ୍ଭାବନାକୁ ସଫଳ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ । ତାଙ୍କ ରଚିତ କବିତା ସମଗ୍ରର ମୂଳ ଉଦ୍ଦେଶ୍ୟଥିଲା ସ୍ୱରାଜ ସାଧନ । ଭୀରୁନ ହୋଇ ବୀର ଭାବରେ କିପରି ନିଜର ଜନ୍ମଗତ ଅଧିକାର ରୂପକ ସ୍ୱାଧୀନତାକୁ ହାସଲ କରିହେବ ଏହାହିଁ ତାଙ୍କ ରଚିତ କବିତାର ସ୍ୱର । ସ୍ୱାଧୀନତା ପ୍ରାପ୍ତି ହେଲେ ନିଜ ଦେଶ ଓ ଜାତିର ଅଭାବ ଅନଟନ ରହିବ ନାହିଁ, ଶାସକ ଓ ଶୋଷିତ ମଧ୍ୟରେ କୌଣସି ଭେଦଭାବ ରହିବ ନାହିଁ । ଏହି ଅଭିବ୍ୟକ୍ତି ହିଁ ଗୋପବନ୍ଧୁଙ୍କ ହୃଦୟ ପ୍ରାଣର ସ୍ପନ୍ଦନ ସୃଷ୍ଟି କରିଥିଲା । ୧୯୨୩ ମସିହାରେ ହଜାରିବାଗ ଜେଲରେ ବନ୍ଦୀଜୀବନ ବିତାଇବା ସମୟରେ ସାରା ଭାରତର ଅସଂଖ୍ୟ ଜନଜୀବନର ପରାଧୀନତାର ଶୋକାକୁଳ ବାତାବରଣ ଗୋପବନ୍ଧୁଙ୍କ ଜୀବନକୁ ଅଶାନ୍ତ କରିଦେଇଥିଲା । ସ୍ୱରାଜ୍ୟ ଆନ୍ଦୋଳନରେ ଆତ୍ମ ଉତ୍ସର୍ଗ କରିବା ସହିତ ବିଶ୍ୱ ଜନଜୀବନର ଦୁଃଖ ଦୁର୍ଦ୍ଦଶାକୁ ଦୂର କରିବା ତାଙ୍କ ଜୀବନର ମୂଳଲକ୍ଷ୍ୟ ଥିଲା । ଏହି ଭାବନାକୁ ସେ କବିତାରେ ପ୍ରକାଶ କରିକହିଛନ୍ତି:

ମିଶୁ ମୋର ଦେହ ଏ ଦେଶ ମାଟିରେ
ଦେଶବାସୀ ଚାଲିଯାଆନ୍ତୁ ପିଠିରେ ।
ଦେଶର ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

ISSN NO.
2582-208X

ବିଶ୍ୱ ଜନଜୀବନର କଲ୍ୟାଣ ସାଧନ ହିଁ ଗୋପବନ୍ଧୁଙ୍କ ଜୀବନ ଦର୍ଶନର ଭାବଭୂମି ଥିଲା । 'ବନ୍ଦୀର ଆତ୍ମକଥା' କବିତାରୁ ଗୋପବନ୍ଧୁଙ୍କ ଜୀବନ ଦର୍ଶନର ସଫଳତାର ନିଦର୍ଶନ ମିଳେ। ଭୀରୁ ନହୋଇ ବୀର ଭାବରେ ଯୁଦ୍ଧକ୍ଷେତ୍ରକୁ ଓହ୍ଲାଇବା, ସ୍ୱାଧୀନତା ପାଇଁ ଲଢ଼େଇ କରିବା, ଅନ୍ୟାୟ ବିରୁଦ୍ଧରେ ତୀବ୍ର ପ୍ରତିବାଦ କରିବାର ଆହ୍ୱାନ ଦେଇଛନ୍ତି ।

ଗୋପବନ୍ଧୁ ସ୍ୱରାଜ୍ୟ ପରିକଳ୍ପନାରେ ଶୋଷକ ଓ ଶୋଷିତ ସମାଜ, ଧନୀକ- ଗରିବ, ରାଜା-ପ୍ରଜା ଏ ସମସ୍ତ ସମାନ ଥିଲେ । ସମାଜର ଦୁର୍ନୀତି, ଅନ୍ୟାୟ, ଅବିଚାରକୁ ଦୂର କରିବା ପାଇଁ ଉତ୍କଳମଣି ଅପ୍ରାଣ ଚେଷ୍ଟା ଚଳାଇଥିଲେ । କେବଳ ଉତ୍କଳବାସୀ ନୁହନ୍ତି, ସମଗ୍ର ବିଶ୍ୱଜନଜୀବନ ମନାଇ ଜାତୀୟ ଚେତନା, ଜାତି ପ୍ରତି ମମତା ଜାଗ୍ରତ କରାଇବା ଉଦ୍ଦେଶ୍ୟରେ ସେ ଗାଇ ଉଠିଛନ୍ତି:

ଜାତୀୟ ମମତା ବିଶ୍ୱଜନ-ପ୍ରୀତି,
ଉତ୍କଳବାସୀର ହେଉ ଏହା ନୀତି ।

ସେହି ଆଦର୍ଶ ପୁରୁଷଙ୍କ ଚିନ୍ତା ଚେତନାରେ ଯେଉଁ ସମାଜ ଗଢ଼ିଉଠିଥିଲା ତାହା ଥିଲା ଏକ ଶୋଷଣ ମୁକ୍ତ ସମାଜ । ଅସହଯୋଗ ଆନ୍ଦୋଳନରେ ଯୋଗଦେବା ସହିତ ସ୍ୱରାଜ୍ୟ ସାଧନା ଲାଗି ଉତ୍କଳବାସୀ କୁଣ୍ଠା ପ୍ରକାଶ ନ କରନ୍ତୁ । ନିରାଶ ନ ହୁଅନ୍ତୁ, ନିଜ ଜାତି ପାଇଁ, ଦେଶ ପାଇଁ ଜୀବନକୁ ଦଗ୍ଧ କରିଦିଅନ୍ତୁ, ଭସ୍ମ କରିଦିଅନ୍ତୁ, ଏହା ଥିଲା ତାଙ୍କ କବିତାର ଗଭୀର ବେଦନାଭରା ମର୍ମବାଣୀ । ଜାତୀୟ ଜୀବନର ଉନ୍ନତି କାମନା କରି ସେ ସମଗ୍ର ଉତ୍କଳର ନରନାରୀଙ୍କୁ କରପତ୍ର ଯୋଡ଼ି ବିନତି ମଧ୍ୟ କରିଛନ୍ତି ତାଙ୍କ କବିତା ମାଧ୍ୟମରେ । ସ୍ୱରାଜ୍ୟ ସାଧନା ଲାଗି ଗୋପବନ୍ଧୁଙ୍କ କଣ୍ଠରେ ଫୁଟିଉଠିଥିବା ତୀବ୍ର ଆହ୍ୱାନ ଏହିପରି -

ଦଗ୍‌ଧ ହେଉ ଦେହ, ଭସ୍ମ ହେଉ ଘର
ସ୍ୱରାଜ୍ୟ ସାଧନେ କେବେ ହେଁ ନଡର ।
ନଛାଡ଼ ସାହସ, ନ ହୁଅ ନିରାଶ
ହେଲେ ହେଉ ପଛେ କାରାଗାର-ବାସ ।

ISSN NO.
2582-208X

'କାରାକବିତା' ସଙ୍କଳନରେ କବିଙ୍କର ବନ୍ଧୁପ୍ରୀତି, ମାନବପ୍ରୀତି, ଜାତୀୟଚେତନା, ସ୍ୱାଧୀନପ୍ରାପ୍ତି ଓ ସ୍ୱଦେଶ ପ୍ରତି ଆତ୍ମବଳିଦାନର ସ୍ୱର ଶୁଣିବାକୁ ମିଳେ । ସାରା ବିଶ୍ୱ ଜନଜୀବନର ଅଭାବ-ଅନଟନ, ଦୁଃଖ-ଦୁର୍ଦ୍ଦଶା ତାଙ୍କ ମାନସପଟରେ ଆଙ୍କି ହୋଇଯାଇଛି। ସ୍ୱାଧୀନ ଜୀବନ ଜୀଇଁବା ଆଉ ସ୍ୱାଧୀନ ଭାବରେ ନିଜର ଅଧିକାରକୁ ଜାହିର କରିବା ଭଳି ମହତ୍‌ବାଣୀ ତାଙ୍କ କବିତାର ପ୍ରତି ପଦେ ପଦେ ପ୍ରକାଶିତ । ସ୍ୱାଧୀନତା ଯେ ମାନବର ଜନ୍ମଗତ ଅଧିକାର ଏକଥାକୁ ପ୍ରକାଶ କରିବାକୁ ଯାଇ ସେ ସତ୍ୟ, ନ୍ୟାୟ ଓ ଅହିଂସା ଆଚରଣ କରି ବିଦେଶୀ ଦ୍ରବ୍ୟ ବର୍ଜନ, ଦେଶୀୟ ଦ୍ରବ୍ୟର ବ୍ୟବହାର ଉପରେ ସେ ଅଧିକ ଗୁରୁତ୍ୱ ଦେଉଥିଲେ । ଦେଶ ଦେଶ ମଧ୍ୟରେ, ଭାଇ ଭାଇ ମଧ୍ୟରେ, ବନ୍ଧୁ ବନ୍ଧୁ ମଧ୍ୟରେ ଏକତା ରକ୍ଷାକରିବା, ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖିବା ଉଚ୍ଚନୀଚ ଭେଦଭାବ ଭୁଲି ଭାତୃପ୍ରେମରେ ବାନ୍ଧି ହୋଇ ସ୍ୱାଧୀନତା ପାଇଁ ସଂଗ୍ରାମୀ ସାଜିବା, ପ୍ରତିବାଦ କରିବା ଏହା ଥିଲା ତାଙ୍କ ଚିନ୍ତାଚେତନାର ଅନ୍ତଃସ୍ୱର । ଏହି ସ୍ୱାଧୀନତାକୁ ହାସଲ କରିବା ପାଇଁ ସେ ଦୃଢ଼ କଣ୍ଠରେ କହୁଥିଲେ-

ପଛ ଘୁଞ୍ଚା ନାହିଁ ବୀରର ଜାତକେ
'ନ' ମରେ ସେ କେବେ ପରାଣ ଆତଙ୍କେ ।

ଗୋପବନ୍ଧୁ ରଚିତ କାବ୍ୟ ସଙ୍କଳନ 'ଅବକାଶ ଚିନ୍ତା'ରେ ତାଙ୍କ ହୃଦୟର ଆବେଗ ଓ ଅନୁଭୂତିରୁ ନିସୃତ ହେଉଥିବା ସ୍ୱଦେଶ ପ୍ରେମ, ଜାତୀୟ ଚେତନା, ପ୍ରକୃତି ପ୍ରୀତି, ମାନବପ୍ରୀତି, ବିଶ୍ୱବୋଧର ସ୍ୱର ସ୍ପଷ୍ଟ ବାରିହୁଏ । ଏହି ସମସ୍ତ କବିତା ଗୁଡ଼ିକରେ କବି ହୃଦୟର ବିଶ୍ୱପ୍ରତିଥିବା ପ୍ରେମଭାବ ଖୁବ୍ ସୁନ୍ଦର ଭାବରେ ସେ ଉପସ୍ଥାପନ କରିଛନ୍ତି । ଯେପରି-

ପ୍ରେମ-ଭାବେ ଯାଇ ଅନ୍ତର ପୂରିତ,
ସର୍ବ ପ୍ରାଣୀହୃଦ -ତା'ହୃଦେ ଅଙ୍କିତ ।
ସର୍ବ-ଅନୁଭୂତି ସର୍ବଭୂତେ ତା'ର,
ତା'ଦୃଷ୍ଟିରେ ବିଶ୍ୱ ଏକ ପରିବାର ।
ସେହି ନିଜେ ବିଶ୍ୱ, ବିଶ୍ୱ ମଧ୍ୟେ ସେହି,
ଅନ୍ୟ ହୋଇ ତା'ର ନାହିଁ ଆଉ କେହି ।

ISSN NO.
2582-208X

ଓଡ଼ିଆ ଜାତିର ପ୍ରାଣପ୍ରତିଷ୍ଠାତା ଗୋପବନ୍ଧୁ ଦାସ ସତ୍ୟବାଦୀ ବନବିଦ୍ୟାଳୟ ପ୍ରତିଷ୍ଠା କରି ଜାତିଗଠନ ପ୍ରକ୍ରିୟାକୁ ଅଧିକ କ୍ରିୟାଶୀଳ କରିଥିଲେ । ଅବକାଶ ଚିନ୍ତାରେ ବ୍ରାହ୍ମଣ ସମିତି ଛାତ୍ରାବାସର ବ୍ରାହ୍ମଣମାନଙ୍କ ଆର୍ଯ୍ୟ ଐତିହ୍ୟ ପ୍ରତି ସଚେତନତା ପ୍ରକଟିତ ହୋଇଥିଲେ ହେଁ ଏଥିରେ କବିଙ୍କର ବିଶ୍ୱବୋଧ ଓ ବିଭୂବୋଧର ଆବେଗଭରା ସ୍ୱର ଶୁଣିବାକୁ ମିଳେ ।

ସ୍ୱାଧୀନତା ମାନବର ଜନ୍ମ ଅଧିକାର
ସ୍ୱାଧୀନ ଭାଷଣ ଆଉ ସ୍ୱାଧୀନ ବିହାର,
ସ୍ୱାଧୀନ ଜୀବନ ପୁଣି ସ୍ୱାଧୀନ ସମିତି,
ଚାରି ସ୍ତମ୍ଭେ ମାନବର ସମାଜ ସଂସ୍ଥିତି ।

ସାହିତ୍ୟ ସାଧକ କବି ଗୋପବନ୍ଧୁଙ୍କ କବିତାର ଅନ୍ତଃସ୍ୱର ଥିଲା ଦେଶପ୍ରେମ, ଜାତୀୟଚେତନା, ମାନବବୋଧ, ଐତିହ୍ୟବୋଧ, ବିଷାଦବୋଧ ଓ ଅତୀତର ଗୌରବ ପ୍ରତି ସମ୍ମାନବୋଧ । କବି ହୃଦୟର ଆବେଗ ଓ ଅନୁଭୂତି ତାଙ୍କ ସାହିତ୍ୟ ସୃଜନୀକୁ କରିଥିଲା ଋଦ୍ଧିମନ୍ତ । ଉତ୍କଳମଣିଙ୍କ ଜାତିପ୍ରୀତି କେବଳ ଉତ୍କଳମାଟିର ପରିସୀମା ମଧ୍ୟରେ ସୀମିତ ନଥିଲା, ତାହା ସମଗ୍ର ବିଶ୍ୱର ହିତ ସାଧନ ଉଦ୍ଦେଶ୍ୟରେ ନିହିତ ଥିଲା । ବିଶ୍ୱପ୍ରୀତି, ତାଙ୍କ ଅନ୍ତରାତ୍ମାରେ ଯେଉଁ ସ୍ୱର ଉତ୍ତୋଳନ କରିଥିଲା ତାହା ଏହିପରି-

ନିଜ ସୁଖ ଲାଗି ଜାତି ନୁହେଁ ହିନ୍ଦୁ
ବିଶ୍ୱ ହିତେ ହିନ୍ଦୁ ପ୍ରତି ରକ୍ତ ବିନ୍ଦୁ ।

ଉତ୍କଳ ମାଟିର ଜନସେବକ ଥିଲେ ଉତ୍କଳମଣି ଗୋପବନ୍ଧୁ । ମାନବ ସେବା ଓ ଦେଶଜାତିର ସେବା କାର୍ଯ୍ୟରେ ଏକୀଭୂତ ହୋଇଯାଇଛନ୍ତି ସେ । ନିଜସୁଖକୁ ହେୟ ମନେକରି ସକଳ ମନୁଷ୍ୟ ଜାତିର ସୁଖକୁ ସାଉଁଟି ଆଣିବାର ଦକ୍ଷତା ଅର୍ଜନ କରିଥିଲେ ସେ। ଆତ୍ମସୁଖ ନୁହେଁ, ବରଂ ଦୟା, ପ୍ରେମ, ତ୍ୟାଗ ମାଧ୍ୟମରେ ସେ କେବଳ ମନୁଷ୍ୟ ଜାତିର ମଙ୍ଗଳ କାମନା କରିବାରେ ନିଜକୁ ଉତ୍ସର୍ଗ କରିଦେଇଛନ୍ତି । ନିଜ ଦେଶ ଓ ସେବାରେତାଙ୍କ ସମଗ୍ର ଜୀବନ ଅତିବାହିତ ହୋଇଯାଇଛି ।

ଆଧ୍ୟାତ୍ମିକତା ଓ ମାନବିକତାର ଏକ ସମନ୍ୱୟ ରୂପ ହେଉଛି ତାଙ୍କ ରଚିତ ଧର୍ମପଦ, ନଚିକେତା ଉପାଖ୍ୟାନ ଓ ଗୋମାହାତ୍ମ୍ୟ ଆଦି ସଙ୍କଳନ । ଗୋପବନ୍ଧୁଙ୍କ କାବ୍ୟକବିତାରେ

ISSN NO.
2582-208X

ଅନ୍ତର୍ନିହିତ ସ୍ୱଦେଶ ପ୍ରେମ ଭିତରେ ବିଶ୍ୱପ୍ରେମର ଚିତ୍ର ସ୍ପଷ୍ଟ ହୁଏ । ତାଙ୍କ ମତରେ ଉତ୍କଳର ଉନ୍ନତି ହେଲେ ଭାରତର ଉନ୍ନତି ହେବ । ଭାରତର ଉନ୍ନତି ହେଲେ ସାରା ବିଶ୍ୱର ଉନ୍ନତି ହେବ । ତାଙ୍କ କର୍ମମୟ ଜୀବନର ମୁଖ୍ୟ ଆଦର୍ଶ ହେଉଛି ମାନବର ସେବା ଶୁଶ୍ରୂଷା, ମାନବ ସେବା ହିଁ ମାଧବ ସେବା ବୋଲି ସେ ଅନୁଭବ କରନ୍ତି । ହିନ୍ଦୁ ଜାତିର ପ୍ରତିଟି ରକ୍ତବିନ୍ଦୁ ବିଶ୍ୱର ହିତ ସାଧନ ଉଦ୍ଦେଶ୍ୟରେ ନିୟୋଜିତ ହେବା ଉଚିତ । ସମଗ୍ର ବିଶ୍ୱଠାରୁ ଆରମ୍ଭ କର ନିଜ ଉତ୍କଳମାଟିର ସମଗ୍ର ମନୁଷ୍ୟଜାତିକୁ ଆପଣାର କରିବାରର ଆତ୍ମୀୟତାବୋଧ ଗୋପବନ୍ଧୁଙ୍କୁ କରିଛି ଚିରନମସ୍ୟ ।

-୦-

ଅଧ୍ୟାପକ (ଓଡ଼ିଆ ବିଭାଗ)
ଓଳାଭର ମହାବିଦ୍ୟାଳୟ
ଓଳାଭର, କେନ୍ଦ୍ରାପଡ଼ା, ଓଡ଼ିଶା

ISSN NO.
2582-208X

# ସତରେ କଣ ତୁମେ ଗୂଲିଗଲ ଅଜା



ପ୍ରିୟଦର୍ଶିନୀ ପାତ୍ର

କେତେ ଶରଧାରେ ସ୍ନେହ ପ୍ରେମ ଦେଇ
ଆଦରୁଥିଲ ତ ଅଜା
ତୁମେ ଚାଇଗଲା ପରେ ତ ବାଜିଲା
ମରଣ ଡିଣ୍ଡିମ ବାଜା ।
କେତେ ପୁଣ୍ୟ ବଳେ ଜନମିଥିଲ ଯେ
ଚାଲିଗଲ ହସି ହସି
ପୁଣ୍ୟ ମାଟି ଆଉ ପୁଣ୍ୟବଟ ସତେ
ଝୁରୁଛି ମଉଁନେ ବସି ।
ଆମେ ଥିଲୁ ସିନା ତୁମ ଚାରିକାନ୍ଥ
ତୁମେ ଥିଲ ଆମ ଛାତ
କାହା ଆଗେ ଅଳି ଅରଦଳି ଆମ
ଜଣାଇବୁ ପାତି ହାତ ।
ନିଜେ ଜୀପ ପରି ଜଳିଛ ପଛକେ
ସଭିଙ୍କୁ ଦେଇ ଆଲୋକ
ଆଉ କେ ଶୁଣିବ ଆମ ଶରଧାର
ଅଜା ଅଜା ପ୍ରିୟ ଡାକ ।

ଭାବିଲନି ଟିକେ ଆଉ କଥା କିବା
ମାମୁଁ ମାଇଁ ମାଉସୀର
କେମିତି କାଟିବେ ବାକି ଦିନ ତାଙ୍କ
ମାୟା ତେଜି କଲ ପର ।
ଯହିଁ ଥାଉ ତୁମ ଅମର-ଆତ୍ମା
ଶାନ୍ତି ସଦଗତି ପାଉ
ଆଶିଷ ବରଷ ଭଲେ ଭଲେ ଆମ
ବାକି ଦିନ କାଳ ଯାଉ ।

ସ୍ନାତକ ଦ୍ୱିତୀୟ ବର୍ଷ ଛାତ୍ରୀ
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

ISSN NO.
2582-208X

# ମୋର ପରିବାର



ଖୁକୁନ ସାହୁ

ଗୋଟେ ପୁଅ ମୋର ଗୋଟେ ଝିଅ ଥିଲା
ଚଳୁଥିଲି ଭାରି ଖୁସିରେ
ଅଚାନକ ଦିନେ ଖବର ପାଇଲି
ଝିଅ ପଳେଇଛି ଟୋକା ସାଥିରେ...

ଅନ୍ୟ ଜାତି ବୋଲି ପଚାରିଲିନି ଜମା
କାଟେଇଲି କେତେ ଦିନ
ଜ୍ୱାଇଁ କିନ୍ତୁ ମୋର ଚେଷ୍ଟା କରୁଥିଲା
କିଣିବ ଦିନେ ମୋ ମନ ।

ସବୁଆଡୁ ଯେବେ ବିଫଳ ହୋଇଲା
ଉପାୟ ଗୋଟିଏ ଚିନ୍ତିଲା
ଝିଅକୁ ମୋର କ୍ୟାନସର ବୋଲି
ଫୋନ୍ କରି ଦିନେ କହିଲା।

ବିକଳ ପାଇ ମୁଁ ଝିଅ ପାଇଁ ମୋର
ମଝିରେ ମଝିରେ ଲୁଚେଇ
କେତେ ଟଙ୍କା ଭଲ ମନ୍ଦ ଦଉଥାଏ
କାହାରିକୁ କିଛି ନ କହି...

ଏଣେ ଜ୍ୱାଇଁ ମୋର ଝିଅ ନେଲା ଦିନୁ
କିଛି କରେ ନାହି କାମ
ଧାର କରଜ ବନ୍ଧା ଛନ୍ଦା କରି
ନାମ କଲା ବଦନାମ ।।

ଶେଷକୁ ଉପାୟ ନ ପାଇ କିଛିବି
ଝିଅ ଓ ଜ୍ୱାଇଁକୁ ମୋର
ଡକେଇ ପଠେଇ ଘରକୁ ଆଣିଲି
ରୁହନ୍ତୁ ସେ ମୋର ଘର ।।

ରହୁ ରହୁ ପୁଣି କିଛି ଦିନ ବିତି
ହେଲାଣି ମାସ ବରଷ
ଯିବାର ଧରୁନି ନା ଜ୍ୱାଇଁ ମୋର
ଖାଇ କରେ ସର୍ବନାଶ ।।

ମୋରି ପଇସା ଖାଉଛି ପିଉଛି
କରଜ ସୁଝୁଚି ପୁଣି
ବୁଢ଼ା ଶଶୁରକୁ ହୀନିମାନ ହୁଏ
ପାରୁନି ଜ୍ୱାଇଁ ମୋ ଜାଣି ।।

ISSN NO.
2582-208X

ଜ୍ୱାଇଁ କଥା ମୋର ଶୁଣିଲ ପାଠକେ
ପୁଅ କଥା ଏବେ ଶୁଣ,
ତା'ର ମଧ୍ୟ କିଛି କାମ ଧନ୍ଦା ନାହିଁ
କୁଳାଙ୍ଗାର ଟିଏ ଜାଣ।।

ଖାଉଛି ରହୁଛି ମଦ ବି ପିଉଛି
ରୋଜଗାର କରେ ନାହିଁ,
କହିଲେ ମୁ କିଛି ରାଗରେ ସେ ପୁଣି
ଆସେ ମୋ ଆଡ଼େ ଧାଇଁ।।

ଶିବଙ୍କର ପଛେ ବେଲ ପତ୍ର ବନ୍ଦ
ଝଗଡ଼ାଟା କିନ୍ତୁ ତା'ର
ଓଳିଏ ଘଡ଼ିଏ ବନ୍ଦ ହୁଏ ନାହିଁ
ମୁଣ୍ଡ ବ୍ୟଥା ହୁଏ ମୋର।।

ଝିଅ ଜ୍ୱାଇଁ ନାତି ପୋଷିବା ସହିତ
ପୁଣି ପୁଅ ବୋହୂ ନାତି
ମୋରି ପଇସା ଖାଇ କି ଖଟରେ
ଶୁଅନ୍ତି, ହେଜେନି ମତି।।

ସ୍ତ୍ରୀ ବି ମୋର ଭାରି ରୋଗଣିଟେ
ମାସ ମାସକରେ ତା'ର
ଔଷଧ ଲୋଡା ଭାରି ଦାମିକିଆ
ସେଇଥିରେ ଖର୍ଚ୍ଚ ମୋର।।

ପାଲା କଲେ ମୋର ପରିବାର ଚଳେ
ଏକାକୀ ମଣିଷଟିଏ
କେତେ ଆଉ ରୋଜଗାର କରିବି ଯେ
ଖାଇବେ ବସିକି ସଭିଏଁ।।

କି ଉପାୟ ଚିନ୍ତି କ'ଣ କରିଲେ
ପରିବାର ଗାଡ଼ି ମୋର
ଆଗକୁ ଭିଡ଼ିବି ଜାଣି ଯେ ପାରୁନି
ସାହା ସେଇ ଇଶ୍ୱର।।

ନୂଆ ବନ୍ଧ, ଆଠଗଡ଼, କଟକ

ମାର୍ଚ୍ଚ -୨୦୨୫
www.vedantimagazine.com
ISSN NO.
2582-208X

# ନୂଆକରି କଲେଜ ଯାଉଥିବା ପୁଅ

ଲିକୁ ବେହେରା

ନୂଆ କରି କଲେଜ ଯିବାବେଳେ
ମନରେଅସୁମାରୀ ଆଶା ଉଙ୍କିମାରେ
ନୂଆ କରି କଲେଜ ଯିବାବେଳେ ଝିଅପଲଙ୍କୁ ଦେଖି
ଭାରି ଲାଜମାଡେ,
ତଳକୁ ମୁଁହ ପୋତି ବାଟ ଚାଲିବାକୁ ହୁଏ,
ପୁଣି ଏକମୁଖହୋଇ କ୍ଲାସରେ ପଶିବାକୁ ହୁଏ,
ଲାଜ ଭୟରେ
ଅଳ୍ପଭିଡ଼ ଥିବା ଦହିବରା ଠେଲା ପାଖେ ଖାଇବାକୁ ହୁଏ,
କ୍ଲାସରେବସିସୁନ୍ଦରୀ ଝିଅମାନଙ୍କୁ
କଣେଇ କଣେଇ ଚାହିଁବାକୁ ହୁଏ, ଏବଂ
ମନକୁ ପାଇଲେ ତା ଉପରେ ଫାଙ୍କା ଅଧିକାର
ଜାହିର୍ କରିବାକୁ ହୁଏ,
ଯଦି ସେ ଝିଅ ସହ  କେହି କଥାବାର୍ତ୍ତା କରେ,
ହୃଦୟକୁ ଭାରି ବାଧେ,
ସାଇକେଲ ବଦଳରେ ବାଇକ୍ ଚଢ଼ିବାକୁ ମନ କହେ,
ରଙ୍ଗ କଳା ଥିଲେ ପେଷ୍ଟ ମାରି ଗୋରା ହେବାକୁ ଇଚ୍ଛା ହୁଏ ।
ମାତ୍ର ଏ ସବୁ ଇଚ୍ଛାଖାଲି ପକେଟ୍ ଆଗରେ
ସ୍ୱପ୍ନ ସ୍ୱପ୍ନରେହିଁ ରହିଯାଏ,
ଶେଷରେ ନୂଆ କରି କଲେଜ୍ ଯାଉଥିବା ପୁଅଟି
ମନ ଦୁଃଖରେଘରକୁ ଫେରେ ।।

ପଧାନସାହି, ଭୁବନେଶ୍ୱର

ISSN NO.
2582-208X

# "ମରାଳର ମୃତ୍ୟୁ" ଗଳ୍ପ ସଂକଳନ : ରାଜନୈତିକ ଚେତନାର ଏକ ସଫଳ ରୂପାୟନ

ମମତା ରାଣୀ ବାରିକ୍

ସାହିତ୍ୟିକ କୌଣସି ନିର୍ଦ୍ଦିଷ୍ଟ ଧାରାରେ ଆବଦ୍ଧ ନରହିଲେ ସାହିତ୍ୟ ଆକାଶ ପରି ହୁଏ ବ୍ୟାପ୍ତ ଏବଂ ନିଜ ମଧ୍ୟରେ ସମାହିତ କରେ ବହୁ ଗ୍ରହ, ନକ୍ଷତ୍ର ଓ ଗ୍ରହାଣୁ ଠିକ ସମାଜର ବହୁ ଧାରା ପରି। ସେହି ଧାରା ସମ୍ମିଳିତ ହୋଇ ଏକତ୍ୱର ପରିଚୟ ଦିଅନ୍ତି ପୁଣି ନିଜର ସ୍ୱାତନ୍ତ୍ର୍ୟ ଯୋଗୁଁ ସ୍ୱତଃ ବାରିହୋଇ ପଡନ୍ତି।ଜୀବନର ଅନୁଭୂତି ଓ ସମାଜର ବାସ୍ତବତା ସେହି ଧାରାକୁ ଯୋଡିବାରେ ହୁଏ ସହାୟ। ଏହିପରି ସମସ୍ତ ଆବଦ୍ଧତା ଓ ନିର୍ଦ୍ଦିଷ୍ଟ ରୀତି ଏବଂ ଶୈଳୀରୁ ଉର୍ଦ୍ଧତର ଜଣେ ପରିବ୍ୟାପ୍ତ ସାହିତ୍ୟିକ ହେଉଛନ୍ତି ସୁରେନ୍ଦ୍ର ମହାନ୍ତି। ସାହିତ୍ୟରେ ଗଳ୍ପର ଧାରାକୁ ଏକ ନୂତନତାର ସ୍ୱାଦ ଏବଂ ଜୀବନ ପରି ଗତିଶୀଳ କରିବାରେ ଏହି ଅନନ୍ୟ ସ୍ରଷ୍ଟାଙ୍କ ଅବଦାନ ଅସାମାନ୍ୟ।

ପ୍ରାକ୍ ସ୍ୱାଧୀନତା ଏବଂ ସ୍ୱାଧୀନୋତ୍ତର କାଳରେ ଜଣେ ବଳିଷ୍ଠ ଗାଳ୍ପିକ, ଶବ୍ଦକୁଶଳି ତଥା ନୂତନ ଧାରାର ଆବାହକ ହେଉଛନ୍ତି ସୁରେନ୍ଦ୍ର ମହାନ୍ତି। ଗଳ୍ପରେ ତାଙ୍କର ରୂପପାଏ ସାମ୍ପ୍ରତିକ ସମାଜରୁ ପ୍ରାଚୀନ ଇତିହାସ, ପୁରାଣର ଘଟଣାରୁ ଆଧୁନିକତାର ସଂଘର୍ଷ, ମାର୍କ୍ସବାଦର ଧାରାରୁ ଅବଚେତନ ମନର ସଂଳାପ, ସ୍ଥିତିବାଦର ଚେତନାରୁ ସ୍ୱପ୍ନମୟ ରୋମାଣ୍ଟିକ ଧାରା ଏବଂ ପଲ୍ଲୀର ଜଟ୍ଟିଳଟାଠାରୁ ସହରର ଦ୍ୱିତଳ ପ୍ରାସାଦର ଆଲ୍ ସେସିଆନ କୁକୁର ଯାଏଁ। 'ନୀଳଶୈଳ' ଓ 'ନୀଳାଦ୍ରି ବିଜୟ ' ପରି କ୍ଲାସିକଧର୍ମୀ ଉପନ୍ୟାସ ରଚନା କରିଥିବା ଲେଖନୀରୁ ତେଣୁ ଫୁଟିଉଠିଛି କୃଷ୍ଣଚୂଡ଼ା, ମହାନଗରୀର ରାତ୍ରିର ଅନ୍ଧାରରେ ପୁଣି ରୁଟି ପାଇଁ ସଂଘର୍ଷ, ହୃଦୟରେ ପୁଣି ଚନ୍ଦ୍ରପ୍ରତି ଲୋଲୁପତା, ସବୁଜ ପତ୍ର ଥାଇ ମଧ୍ୟ ଗୋଲାପ ହୋଇଉଠିଛି ଧୂସର, ନିର୍ବାଣର ସ୍ୱାଦ ଖୋଜୁଥିବା ଭିକ୍ଷୁ ପୁଣି ହୋଇପଡିଛି ଜୀବନପିପାସୁ, ମରାଳ ଶୂନ୍ୟଆକାଶରୁ ପୁଣି ହୋଇଯାଇଛି

ISSN NO.
2582-208X

ମୃତ୍ୟୁ ପଥର ଯାତ୍ରୀ। ତେଣୁ ଗିରୀଶ ଚନ୍ଦ୍ର ସାହୁଙ୍କ ମତରେ "ହାସ୍ୟରସକୁ ବାଦ ଦେଲେ, ଗଳ୍ପ ସାହିତ୍ୟରେ ସବୁ ପ୍ରସଙ୍ଗ, ସବୁ ଦର୍ଶନ, ସବୁ ବିଷୟ ତାଙ୍କ ଗଳ୍ପ ପରିମଣ୍ଡଳରେ ପରିବ୍ୟାପ୍ତ ହୋଇ ରହିଛି।"(୧)ଗାଳ୍ପିକଙ୍କର "ମରାଳର ମୃତ୍ୟୁ" ସଂକଳନ ଗଳ୍ପ ସର୍ଜନାର ଏକ ଅନନ୍ୟ ଉଜ୍ଜ୍ୱଳ ସ୍ତମ୍ଭ। ସମୁଦାୟ ପନ୍ଦରଗୋଟି ଗଳ୍ପ ସଂଯୋଜିତ ଏହି ସଂକଳନରେ ରୂପପାଇଛି ରୋମାଣ୍ଟିକ ଧାରା, ପୁରଣାଶ୍ରିତ କଥାବସ୍ତୁ, ରାଜନୀତିର ଦହନ, ଅବଚେତନ ମନର ରୂପ, ପାରମ୍ପରିକ ସାମନ୍ତବାଦର ଚିତ୍ର, ମାକ୍ସବାଦୀ ଦର୍ଶନ, ପ୍ରାକୃତିକ ବିପର୍ଯ୍ୟୟ ଭିତ୍ତିକ କାହାଣୀ ତଥା ମନୋବିଶ୍ଳେଷଣଧର୍ମୀ କଥାବସ୍ତୁ। ୧୮୫୮ ରୁ ୧୯୬୨ ମଧ୍ୟରେ ଗାଳ୍ପିକଙ୍କ ଦ୍ୱାରା ରଚିତ ଗଳ୍ପଗୁଡିକ ସ୍ଥାନିତ ଉକ୍ତ ସଂକଳନରେ। ଏହି ସଂକଳନର କଥାବସ୍ତୁ ମଧ୍ୟରେ ସଂଗୁପ୍ତ ରାଜନୈତିକ ଧାରାର ସ୍ପର୍ଶକୁ ଆକଳନ କରିବା ଉକ୍ତ ଆଲେଖ୍ୟଟିର ମୁଖ୍ୟ ଉଦ୍ଦେଶ୍ୟ।

## "ମରାଳର ମୃତ୍ୟୁ " ଗଳ୍ପ ସଂକଳନ : ରାଜନୈତିକ ଚେତନାର ଏକ ସଫଳ ରୂପାୟନ

ଉଦ୍ଦେଶ୍ୟହୀନ ଭାବେ ଲେଖନୀମୁନରୁ ବେଳେବେଳେ ରୂପ ପାଇଯାଏ ଅନୁଭୂତି ଓ ଅଭିଜ୍ଞତା ଲବ୍ଧ ଜ୍ଞାନର କିଞ୍ଚିତ ଆଲୋକ। ପ୍ରତ୍ୟକ୍ଷ ରାଜନୀତି ସହ ଜଡିତ ଏବଂ ରାଜନୈତିକ ଆଦବକାଇଦା ଅଜ୍ଞ ଥିବା ଜଣେ ପ୍ରଖ୍ୟାତ ବ୍ୟକ୍ତିତ୍ୱ ହୋଇଥିବାରୁ ସୁରେନ୍ଦ୍ରଙ୍କ ଆଲେଖ୍ୟ ମଧ୍ୟରେ ବେଳେବେଳେ ସେହି ରାଜନୀତିର ସ୍ୱାଦକୁ ଆସ୍ୱାଦନ କରାଯାଇପାରେ। 'ପଥ ଓ ପୃଥିବୀ 'ଆତ୍ମଜୀବନୀରେ ସୁରେନ୍ଦ୍ର ସ୍ୱୟଂ ଏହାକୁ ସ୍ୱୀକାର କରି କହିଛନ୍ତି ଯେ, "ରାଜନୀତି ମୋର ସାହିତ୍ୟର ଦିଗନ୍ତକୁ ସୁଦୂରପ୍ରସାରୀ କରିପାରିଛି। ପ୍ରତ୍ୟକ୍ଷ ରାଜନୀତି କ୍ଷେତ୍ରରେ କାର୍ଯ୍ୟ କରିବା ଫଳରେ ବହୁ ଚରିତ୍ର, ବହୁ ଘଟଣା ଓ ବହୁ ପରିବେଶ ସହିତ ମୁଁ ପ୍ରତ୍ୟକ୍ଷ ସଂପର୍କରେ ଆସିପାରିଛି। ଏହା ମୋର ସାହିତ୍ୟକୃତିର ଦିଗବଳୟକୁ ସ୍ୱାଭାବିକ ଭାବରେ ପ୍ରସାରିତ କରିପାରିଛି। ଆଉ ରାଜନୀତିରେ ନଥିଲେ ମୋର ସାହିତ୍ୟ କୂପମଣ୍ଡୁକତା ହୋଇଥାନ୍ତା।। "(ପଥ ଓ ପୃଥିବୀ, ଉପୋଦ ଘାତ -ଖ ) ଆଲୋଚ୍ୟ 'ମରାଳର ମୃତ୍ୟୁ 'ସଂକଳନରେ ସୂକ୍ଷ୍ମଭାବେ ରୂପାୟିତ ରାଜନୈତିକ ଚିତ୍ର ଏଠାରେ ଆଲୋଚିତ ହେଲା।

ସଂକଳନର ପ୍ରଥମ ଗଳ୍ପ 'ମରାଳର ମୃତ୍ୟୁରେ ସଂଯମ, ଯୋଗସାଧନା, ପିଣ୍ଡ ବ୍ରହ୍ମାଣ୍ଡ ଆଦିକୁ ପ୍ରାଧାନ୍ୟ ଦେଇ ସାଧନା କରୁଥିବା ଜ୍ଞାନମିଶ୍ରା ଭକ୍ତିମାର୍ଗର ସାଧକମାନଙ୍କ ପ୍ରତି ଶାସକମାନଙ୍କ ଅବହେଳା ଏବଂ ବାଧ୍ୟବାଧକତା ହେତୁ ସେମାନଙ୍କ ଅବହେଳିତ ସ୍ଥିତି

ISSN NO.
2582-208X

ରୂପାୟିତ ହୋଇଛି। ମହାମନ୍ତ୍ରୀ ରାୟରାମାନନ୍ଦ ଓ ଗଜପତି ମହାରାଜା ପୁରୁଷୋତ୍ତମଦେବଙ୍କ ପରି ରାଷ୍ଟ୍ରମୁଖ୍ୟ ମାନଙ୍କଦ୍ୱାରା ଶୁଦ୍ଧାଭକ୍ତି ମାର୍ଗକୁ ପୃଷ୍ଠପୋଷକତା ମିଳିବା ଏବଂ ରାଜଧର୍ମ ଭାବେ ଗ୍ରହଣ କରିବାପରେ ଜ୍ଞାନମାର୍ଗର ସାଧକମାନେ ପାଇଥିବା ନିର୍ଯ୍ୟାତନା ତଥା ଆତ୍ମରକ୍ଷାପାଇଁ ଅକୁଣ୍ଠିତ ଚିତ୍ତରେ ନୂତନଧର୍ମକୁ ଗ୍ରହଣ କରିବା ଏବଂ ଏହାକୁ ସ୍ୱୀକାର କରୁନଥିବା ସାଧକମାନଙ୍କୁ ଶ୍ରୀକ୍ଷେତ୍ରରୁ ବିତାଡିତ କରିବା ତଥା ରାଜଦଣ୍ଡ ଓ ଆତ୍ମଗୋପନ ଆଦି ଘଟଣାବସ୍ତୁ ଏଥିରେ ସ୍ଥାନିତ। ସିଦ୍ଧନିରଞ୍ଜନ ଏହିପରି ଜ୍ଞାନମାର୍ଗର ଜଣେ ସାଧକ ଯାହାଙ୍କୁ ରାଜଦଣ୍ଡର ଭୟରେ ଆତ୍ମଗୋପନ କରିବାକୁ ପଡିଥିଲା କୋଇଲି ନଦୀକୂଳର ଏକ ଅପନ୍ତରା ବଟତଳେ। ତେଣୁ ରାଜନୈତିକ କ୍ଷମତାର ପ୍ରଭାବରେ ଯେ ନିଜର ସ୍ୱାଧୀନତାକୁ ବିସର୍ଜନ କରିବାକୁ ପଡେ ତାହାକୁ ଦର୍ଶାଯାଇ କୁହାଯାଇଛି – "ରାଜଧାନୀର ନିରାପତ୍ତା ଆଉ ନୁହେଁ...... ପ୍ରତି ମୁହୂର୍ତ୍ତରେ ସେଠାରେ ସ୍ୱାଚ୍ଛନ୍ଦ୍ୟ ପାଇଁ ସ୍ୱାଧୀନତା ବିସର୍ଜନ ଦେବା ପାଇଁ ପଡେ। ରାଜଶକ୍ତି ପ୍ରତି ଦୈନ୍ୟ ଓ ଆନୁଗତ୍ୟ ମଧ୍ୟରେ ମୁହୂର୍ତ୍ତରେ ଜଳାଞ୍ଜଳି ଦେବାପାଇଁ ପଡେ ବ୍ୟକ୍ତିତ୍ୱ ଓ ପୌରୁଷର ମହିମା। "(୨) ରାଜଶକ୍ତିର ଭୟରେ ଶ୍ରୀକ୍ଷେତ୍ରରୁ ଆସିବାପରେ ନିରଞ୍ଜନଙ୍କ ଅଲୌକିକତା ହେତୁ ଜନାକୀର୍ଣ୍ଣ ବଟବୃକ୍ଷତଳେ ଲାଗିଥିଲା ଏକ ତୀର୍ଥ। ପୁଣି ରାଜଶକ୍ତି ପ୍ରଭାବରେ ତାହା ଶାନ୍ତ ପଡିଗଲା। ତେଣୁ ରାଜଦଣ୍ଡର ପ୍ରଭାବକୁ ଦର୍ଶାଇ କୁହାଯାଇଛି – "ଯେଉଁ କଳ୍ପବଟ ତଳ ଏକ ତୀର୍ଥ ପରି ଜନାକୀର୍ଣ୍ଣ ଥିଲା, ରାଜଦଣ୍ଡ ଭୟରେ ତାହା ପୁଣି ପୂର୍ବର ଅପନ୍ତରା ଅବସ୍ଥାକୁ ଫେରି ଆସିଲା। "(୩) ଏହି ରାଜଦଣ୍ଡ ବୋଧହୁଏ ଅତୀତରୁ ସାମ୍ପ୍ରତିକ କାଳ ପର୍ଯ୍ୟନ୍ତ ସର୍ବଦା ସ୍ୱାଧୀନତାର ବିସର୍ଜନ ଆକାଂକ୍ଷା କରେ ଏବଂ ଏକ ଗୌରବମୟ ବୀରଜାତିକୁ କରିପାରେ ଲମ୍ପଟ ଏବଂ ଶୌର୍ଯ୍ୟହୀନ।

'ଗୃହଦାହ' ଗଳ୍ପଟି ସମ୍ପୂର୍ଣ୍ଣ ରାଜନୈତିକ ଘଟଣାବଳୀ ତଥା ସଂକୀର୍ଣ୍ଣ କ୍ଷମତାଲିପ୍ସା ଓ ନ୍ୟସ୍ତସ୍ୱାର୍ଥ ଆଦିକୁ ନେଇ ଗତିଶୀଳ। ନୀଚ ଅହମିକାର ପରିତୃପ୍ତିପାଇଁ ରାଜନୀତିକୁ ଆସୁଥିବା ବ୍ୟକ୍ତି ରାଜନୀତିରେ କ୍ଷମତା ନପାଇବାରୁ ଏକ 'ଅସନ୍ତୁଷ୍ଟ ଗୋଷ୍ଠୀ ' ଗଠନ କରିବାର ଘଟଣା ଏଠାରେ ଦେଖିବାକୁ ମିଳେ।ଏପରି ଏକ ପ୍ରତିନିଧି ହେଉଛନ୍ତି ନାରାୟଣ ମହାପାତ୍ର। ନିର୍ବାଚନରେ ତାଙ୍କୁ ଟିକେଟ ନମିଳିବାରୁ ସେ ଶେଷରେ ହେଲେ ବିରୋଧୀ ଦଳର ପ୍ରଧାନ ବନ୍ଧୁ ଓ ପରାମର୍ଶଦାତା । ନିର୍ବାଚନ ଟିକେଟ ପ୍ରାପ୍ତ ହରି ଶତପଥୀ ନିର୍ବାଚନରେ ପରାସ୍ତ ହେବାପରେ ଆଖିରୁ ସେ କୁମ୍ଭୀର ଲୁହ ଗଡ଼ାଇ ଦଳର ସମୀକ୍ଷା କରିବାକୁ ଲାଗିଲେ। ମାତ୍ର ହରି ଶତପଥୀ ପରାଜୟ ପରେ ଲୁପ୍ତ ହୋଇଥିବା ରଥୀପୁର

ISSN NO.
2582-208X

ଆଶ୍ରମକୁ ପୁନଃ ଗଠନ କରି ଆନନ୍ଦାଶ୍ରମ ନାମରେ ଗଢି ତୋଳିଲେ ଏବଂ ନ୍ୟସ୍ତସ୍ୱାର୍ଥ ରାଜନୀତି ବିରୁଦ୍ଧରେ ବକ୍ତବ୍ୟ ଉପସ୍ଥାପନ କଲେ। ସମୟକ୍ରମେ ହରିହରଙ୍କର ରାଜନୈତିକ ପ୍ରତିଷ୍ଠା ବଢିବା ସହ ନାରାୟଣଙ୍କର ପ୍ରତିଷ୍ଠା କମିବାକୁ ଲାଗିଲା। ତେଣୁ ନାରାୟଣ ମହାପାତ୍ର ନିଜର ସଂକୀର୍ଣ୍ଣ ଦୃଷ୍ଟିଯୋଗୁଁ ଆଶ୍ରମରେ ଅନେକ ବିପତ୍ତି ଆଣିବାକୁ ପ୍ରୟାସ କରିଛନ୍ତି। ମାତ୍ର ସେଥିରେ ସଫଳ ନହୋଇ ସର୍ବଶେଷରେ ଅବିବେକୀ ଭାବରେ ଆଶ୍ରମରେ ନିଆଁ ଲଗାଇ ସବୁକିଛି ପାଉଁଶ କରିଛନ୍ତି। ଏପରି କାର୍ଯ୍ୟରେ ତାଙ୍କୁ ସାହାଯ୍ୟ କରିଛନ୍ତି ଅଗାଧୁ ପରି ସ୍ୱାର୍ଥାନ୍ୱେଷୀ ରାଜନୈତିକ ସିରାସ୍ତାମାନେ। ନାରାୟଣପରି ନାମକୁ ମାତ୍ର କ୍ଷମତାପ୍ରତି ନିସ୍ପୃହ ଓ ଗାନ୍ଧିଜୀଙ୍କ ପ୍ରଦର୍ଶିତ ପନ୍ଥାର ଅନୁଗାମୀ ବୋଲାଉଥିବା ରାଜନୈତିକ କର୍ମୀ ନିଜର ସ୍ୱାର୍ଥପାଇଁ ସାଧାରଣତନ୍ତ୍ର ଦିବସ ପରି ମଙ୍ଗଳ ପ୍ରଭାତରେ କିପରି ଅଗ୍ନିକାଣ୍ଡ କରି ଆନନ୍ଦାଶ୍ରମକୁ ଏକ ଭସ୍ମସ୍ତୁପରେ ପରିଣତ କରିଛନ୍ତି ତାହା ରାଜନୈତିକ କ୍ଷେତ୍ରରେ ନିହିତ ସଂକୀର୍ଣ୍ଣ ସ୍ୱାର୍ଥର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ କହିଲେ ଅତ୍ୟୁକ୍ତି ହେବନାହିଁ। ଜନତାଙ୍କର ସେବା ପରିବର୍ତ୍ତେ କ୍ଷମତାର ଲୋଲୁପତା ହିଁ ସତେ ଯେପରି ହୋଇପଡିଛି ରାଜନୀତିର ଏକମାତ୍ର ଲକ୍ଷ।

'ବରଜୁ ଷେଣ୍ଢ ଘାଇ' ଗଳ୍ପରେ ପ୍ରାକୃତିକ ବିପର୍ଯ୍ୟୟର ଆଳ ଦେଖାଇ ନିଜର ରାଜନୈତିକ ଜୀବନକୁ ଅଗ୍ରସର କରାଇବାର ଉଦ୍ଦେଶ୍ୟ ରଖିଥିବା ପ୍ରପଞ୍ଚ ରାଜନେତାଙ୍କର ବାସ୍ତବିକତାର ରୂପାୟନ ହୋଇଛି। ଯେଉଁ କରାଳ ବନ୍ୟାର ପ୍ରକୋପରୁ ଗ୍ରାମକୁ ବଞ୍ଚାଇବା ନିମିତ୍ତ ତଥା ସମୂହ କଲ୍ୟାଣପାଇଁ ଅକୁଣ୍ଠିତ ଚିତ୍ତରେ ବରଜୁ ଷେଣ୍ଢ ପରି ବ୍ୟକ୍ତିମାନେ ଆତ୍ମଦାନ କରିବାରେ ପଶ୍ଚାତପଦ ନହୋଇ ବନ୍ଧ ସହିତ ନିଜେ ମଧ୍ୟ ସମାହିତ ହୋଇଯାଇଛନ୍ତି ଏବଂ ବରଜୁ ଷେଣ୍ଢ ଘରର ଭୁଆଶୁଣୀମାନେ ଭାତଖିଆ ବରଗଛ ତଳେ ହଣ୍ଡାହଣ୍ଡା ଭାତରାନ୍ଧି ବନ୍ଧ ତିଆରି ମଣିଷମାନଙ୍କୁ ଖାଇବାକୁ ଯୋଗାଇଛନ୍ତି ଏବଂ ଗ୍ରାମକୁ ବନ୍ୟା ପ୍ରକୋପରୁ ରକ୍ଷାକରିବାରେ ସଫଳ ହୋଇଛନ୍ତି, ସେପରି କ୍ଷେତ୍ରରେ ରାଜନୀତିର ସଂକୀର୍ଣ୍ଣତା କେବଳ ପ୍ରତାରଣାପୂର୍ଣ୍ଣ ଆଶ୍ୱାସନା, ରିଲିଫର ମୁଷ୍ଟିଭିକ୍ଷା ମଧ୍ୟରେ ସୀମିତ ହୋଇ ରହିଛି। ସତେ ଯେପରି ଏହି ପ୍ରାକୃତିକ ବିପର୍ଯ୍ୟୟ ଜନସେବାର ପ୍ରଚାର ନିମିତ୍ତ ଏକ ସୁବର୍ଣ୍ଣସୁଯୋଗ। ନିଜକୁ ଦେଶସେବୀ ରୂପେ ପ୍ରମାଣ କରିବା ପାଇଁ କରୁଣ ଲୋତକ ଧାରାକୁ ଜନସାଧାରଣଙ୍କ ସମ୍ମୁଖରେ ଗଡ଼ାଇ ସେମାନେ ଆରମ୍ଭକରନ୍ତି ରାଜନୀତିର ଭିତ୍ତିସ୍ତମ୍ଭ। ଏହି ଲୋତକ ଧାରାର ଅଭିନୟ ଯାହାର ଯେତେ ସତ୍ୟ ପ୍ରତୀତ ହୁଏ ସେ ହୁଏ ସେତେ ସଫଳ। ତେଣୁ କୁହାଯାଇଛି "ସେହି ଆର୍ତ୍ତନାଦ ଯାହାର କଣ୍ଠରେ ଯେତେ କରୁଣ ଭାବରେ ରୂପାୟିତ

ISSN NO.
2582-208X

ହୋଇପାରିଅଛି, ସେ ଏ ଦେଶର ସେତେ ସଫଳ ରାଜନେତା। "(୪) ଜନହିତପାଇଁ ଏବଂ ବନ୍ୟାର କୋପରୁ ରକ୍ଷାପାଇଁ ଯେଉଁ ଆନିକଟ ଆଦି ତିଆରି ହୁଏ ତାହା ପୁଣି ବିପନ୍ନର ରୂପକୁ ଅତି ଭୟଙ୍କର କରିଦିଏ। ଜନସାଧାରଣଙ୍କର କ୍ଷୟକ୍ଷତିର ଆକଳନ ନହୋଇ ରାଜନୈତିକ ଦଳ ମଧ୍ୟରେ ଦୋଷ ଲଦାଲଦି ଏବଂ ନିଜ ଦଳର ସହାୟତା ପ୍ରଚାର ଜନସେବାର ମୁଖ୍ୟକାର୍ଯ୍ୟ ହୁଏ। ସତେ ଯେପରି ବନ୍ୟା ସେମାନଙ୍କ ପକ୍ଷରେ ଏକ ରିପୋର୍ଟ। ଗାଲ୍ପିକଙ୍କ ଭାଷାରେ "କରାଳୀର ବନ୍ୟା ସେମାନଙ୍କ ପକ୍ଷରେ କେବଳ ଏକ ରିପୋର୍ଟ ବର୍ଣ୍ଣିତ ବିବରଣୀ, କ୍ୟୁସେକ ବା ପ୍ରତି ସେକେଣ୍ଡରେ କେତେ ଘନଫୁଟ ଜଳର ହିସାବ ମାତ୍ର.... ସର୍ବନାଶୀ ପ୍ରକୃତିର ଲେଲିହାନ ଜିହ୍ୱାନୁହେଁ। "(୫) ଏହି ବନ୍ୟାକାଳରେ କର୍ଦ୍ଦମାକ୍ତ ଅଞ୍ଚଳକୁ ନଆସିଲେ ମଧ୍ୟ ତାହା ରାଜନେତାଙ୍କ ଜୀବନରେ ଏକ ନୂତନ ଉତ୍ତେଜନାର ସୂତ୍ରପାତ କରିଥାଏ। ଗାଲ୍ପିକଙ୍କ ମତରେ - " ସମ୍ବାଦପତ୍ରମାନଙ୍କରେ ବନ୍ୟା ଅପେକ୍ଷା ବନ୍ୟା ସମ୍ପର୍କିତ, ନାନା ବାଦ ବିସମ୍ବାଦ ମୂଳକ ବିବୃତ୍ତିରେ, ବିଭିନ୍ନ ରାଜନୈତିକ ଦଳର ଆନୁକୂଲ୍ୟରେ ଅନୁଷ୍ଠିତ ସାଧାରଣ ସଭା ମାନଙ୍କରେ ଗର୍ଜନଧର୍ମୀ ଭାଷଣରେ - ରେରେକାରରେ, ପ୍ରତ୍ୟେକେ ଏ ଦୁର୍ବିପାକପାଇଁ ଅନ୍ୟକୁ ଦାୟୀ କରିବାର ଯୁକ୍ତି ଓ ବିତଣ୍ଡାରେ, ବନ୍ୟାର୍ତ୍ତଙ୍କ ସାହାଯ୍ୟପାଇଁ ବିଭିନ୍ନ ନୃତ୍ୟ ଓ ସଂଗୀତ ଅନୁଷ୍ଠାନର ବହୁ ରଙ୍ଗୀନ ରେଳରଞ୍ଜିତ ଚୈତାଳୀରେ, ବନ୍ୟା ସାହାଯ୍ୟ ପାଣ୍ଠି ଆଦାୟପାଇଁ ପାଣ୍ଠି -ଆଦାୟ-ବୃତ୍ତିଧାରୀ ମାନଙ୍କର ଗଳଦଘର୍ମତାରେ, ବହୁକାଳ ଧରି ନିର୍ବେଦଗ୍ରସ୍ତ ହୋଇ ପଡ଼ିଥିବା ଉତ୍ତେଜନାହୀନ ସହର -ଜୀବନ ଏକ ଅଭୂତପୂର୍ବ କର୍ମମୁଖରତାରେ ଚଞ୍ଚଳ ହୋଇଉଠିଲା। "(୬) ହରି ମାଷ୍ଟର ପରି ବ୍ୟକ୍ତିତ୍ୱମାନେ ନିସ୍ୱାର୍ଥପର ଭାବରେ ସମସ୍ତଙ୍କର ସେବାରେ ନିଜକୁ ନିୟୋଜିତ କରି ଆସିଥିଲେ ମଧ୍ୟ ମାଇକ୍ରୋଫୋନରେ ରାଜନେତାମାନଙ୍କର ଗର୍ଜନ ନିକଟରେ ନିଷ୍ପ୍ରଭ ହୋଇଛି ଏମାନଙ୍କ ସ୍ୱର। ରାଜନୀତିର ଅବହାୱା ନିକଟରେ ସାମୂହିକ ସ୍ୱାର୍ଥପାଇଁ ନିଜତ୍ୱ ଅର୍ପଣ କରିଥିବା ବ୍ୟକ୍ତି ବିଲୀନ ହୋଇଯାଆନ୍ତି ଠିକ ବରଜୁ ଷେଣ୍ଠ ଓ ହରିମାଷ୍ଟରଙ୍କ ପରି। ଗାଲ୍ପିକ ତେଣୁ କହିଛନ୍ତି - " ଯେଉଁ ମଣିଷଟି ଘୋର ବନ୍ୟାର ପ୍ରଚଣ୍ଡ ଆକ୍ରମଣ ମଧ୍ୟରେ ଆଶା ଓ ସାହସର ବାଣୀ ଶୁଣାଇ ଆସୁଥିଲା, ସମସ୍ତେ ତାକୁ ଏବେ ସମ୍ଭବତଃ ଭୁଲି ଯାଇଥିଲେ। "(୭) ସତେ ଯେପରି ରାଜନୈତିକ ପଶାପାଲିରେ ସମୟାନୁକୂଳରେ ଗୋଟି ଚଲାଇବା ରାଜନେତାଙ୍କର ମୁଖ୍ୟ ଉଦ୍ଦେଶ୍ୟ।

'ଅପରିଚିତର ପରିଚୟ' ଗଳ୍ପ ଏପରି ଏକ ଅନାମଧେୟ ବ୍ୟକ୍ତିର ପରିଚୟ ପ୍ରଦାନ କରିଛି, ଯାହାର ପରିଚୟ ଜନନେତା, ସମାଜସେବୀ, ଅଥବା କୌଣସି ସଂସ୍କୃତିବନ୍ତ ବ୍ୟକ୍ତିତ୍ୱ

ISSN NO.
2582-208X

ନୁହେଁ, ମାତ୍ର ଅସହାୟ ବିପନ୍ନ ଆତ୍ମାପାଇଁ ସ୍ୱାର୍ଥନ୍ୱେଷୀ ଲୋଭୀ ମାନଙ୍କଠାରୁ ନିର୍ଲ୍ଲଜ ପରି ମାଡ, ଗାଳିକୁ ସହି ହୋଇଛି ଆଶ୍ୱାସନାର ଖମ୍ବ। ପ୍ରକୃତି ନିକଟରେ ନିଜକୁ ସମ୍ପୂର୍ଣ ସମର୍ପଣ କରି ନୈତିକ ସାହସର ସହ ଆଗେଇ ଚାଲିଛି ସେ ସହାୟତା କରିବାକୁ ଲକ୍ଷହୀନ ଭାବରେ ଯାହାକୁ ସାମ୍ନାକରିବାପାଇଁ ପଶ୍ଚାତପଦ ହୋଇ ପଡିଛନ୍ତି ତଥାକଥିତ ସମାଜସେବୀ, ଜନନେତାମାନେ। ଏହି ତଥାକଥିତ ବ୍ୟକ୍ତିଙ୍କର ସଂଜ୍ଞା ଦେବା ଅତି ସହଜ ମାତ୍ର ଏପରି ଏକ ଅପରିଚିତର ପରିଚୟ ଜାଣିବା ବାସ୍ତବରେ କେତେ ଯେ ଦୁରୂହ ବ୍ୟାପାର ତାହା କେବଳ ଜଣେ ଅନୁଭବି ହିଁ ଅନୁଭବ କରିପାରେ। ଖବରକାଗଜର ସ୍ତମ୍ଭରେ ଛବି, ବେତାରରେ ଭାଷଣ, ପତ୍ରପତ୍ରିକାରେ ବିବୃତ୍ତି, ଚାନ୍ଦାପାଇଁ ଆଗମନ, ସାଂସ୍କୃତିକ ଉତ୍ସବରେ ଆଗଭର ପଣ୍ଡାପରି ହୋଇ ପରିଚୟ ତିଆରି କରିବା ସତେ ଯେପରି ସାମ୍ପ୍ରତିକ ସମାଜର ଏକ ମୁଖ୍ୟ ଆୟୁଧ। ଗାଳ୍ପିକଙ୍କ ଭାଷାରେ -" ଏମାନେ ଜନନେତା ନୁହଁନ୍ତି। ତା ହୋଇଥିଲେ ଏମାନଙ୍କ ଛବି ଆମେ ଖବରକାଗଜ ସ୍ତମ୍ଭରେ ଦେଖୁଥାନ୍ତୁ। ବେତାରରେ ଏମାନଙ୍କ ଭାଷଣ ଶୁଣୁଥାନ୍ତୁ, ପତ୍ରପତ୍ରିକାର ସ୍ତମ୍ଭରେ ଏମାନଙ୍କ ବିବୃତ୍ତି ପଢୁଥାନ୍ତୁ। ଏମାନେ ସମାଜସେବୀ ନୁହନ୍ତି। ତା ହୋଇଥିଲେ ଚାନ୍ଦାପାଇଁ ଏମାନେ ଆମଠାକୁ ବାରମ୍ବାର ଆସୁଥାନ୍ତେ। ଏମାନେ ସଂସ୍କୃତିବନ୍ତ ମାର୍ଜିତ ବ୍ୟକ୍ତି ନୁହନ୍ତି। ତା ହୋଇଥିଲେ ବହୁ ସାଂସ୍କୃତିକ ଉତ୍ସବ ବା ମେଳାର ଦ୍ୱାରଦେଶରେ ଏମାନଙ୍କ ପଣ୍ଡାଗିରି ଦେଖିବାକୁ ମିଳୁଥାନ୍ତା। "(୮) ଏପରି ନାମକୁହା ବ୍ୟକ୍ତିତ୍ୱଙ୍କ ପରିଚୟର ପରାକାଷ୍ଠା ଦେଖାଇବାକୁ ବନ୍ୟା, ମଡକ, ମହାମାରୀ ପରି ଭୌତିକ ତଥା ଆଧିଭୌତିକ ବ୍ୟୁତ୍ପତିମାନେ ସତେଯେପରି ଆଶୀର୍ବାଦ ସଦୃଶ ଆସନ୍ତି। ନଚେତ ଏପରି ଦୁର୍ଯୋଗ ନଥିଲେ ସେବକଗୋଷ୍ଠୀର ପରିଚୟ ମିଳନ୍ତା କିପରି? ଏହି ସେବକମାନଙ୍କର ନାମକୁ ମାତ୍ର ସହାୟତା ମଧ୍ୟ ନାମମାତ୍ର ଅସହାୟ ବ୍ୟକ୍ତି ହିଁ ଲାଭ କରିପାରନ୍ତି। କଥାକାର ତେଣୁ କୁହନ୍ତି -" ଯେଉଁମାନେ ରିଲିଫ ପାଇବା କଥା, ବଢ଼ିରେ ଯେଉଁମାନଙ୍କର ସବୁଯାଇଛି, ସେମାନେ ଏମାନଙ୍କ ଭିତରେ ନାହାନ୍ତି। ଏ ଯେଉଁ କଳା ପିମ୍ପୁଡି ଧାର ପରି ଲୋକ, ଜଣେ ଜଣେ ଧୋବଧାଉଳିଆ ମାମଲତକାରଙ୍କ ପଛରେ ଚାଲିଛନ୍ତି, ସେମାନେ ନିଜନିଜ ନାଁ ଦରଜ କରାଇ, ରିଲିଫ କ୍ୟାମ୍ପରୁ ଚାଉଳ ଆଣିବେ ସତ, ମାତ୍ର ସେ ଚାଉଳ ଏମାନଙ୍କ ହାଣ୍ଡିରେ ଫୁଟିବ ନାହିଁ, ଧୋବଧାଉଳିଆ ମାମଲତକାରମାନେ ସେଥିରେ ଗାଁ ଜନ୍ତାଳ କରିବେ। "(୯) ସତେଯେପରି ଏପରି ରିଲିଫ ପ୍ରଦାନର ଛଳନା ଦ୍ୱାରା ତଥାକଥିତ ସେବକମାନେ ସାଧାରଣ ଜନତାଙ୍କୁ ଭିକାରି କରି ନିଜର ଦାତାପଣର ବଡେଇ କରନ୍ତି। ଅସୁବିଧାର ମୂଳୋତପାଟନ କରିବାର ପ୍ରୟାସ କଲେ

ISSN NO.
2582-208X

ହୁଏତ ସମାଜରେ ଏକ ବିପ୍ଳବର ଆହ୍ୱାନ ହୁଅନ୍ତା। ତେଣୁ କୁହାଯାଇଛି -" ରାତାରାତି ଘାଇ ମୁହଁରେ ବନ୍ଧ ପଡୁ। ରିଲିଫ ନାଁରେ ଯେଉଁ ଚାଉଳ କୁଆ, କୋଇଲିଙ୍କୁ ବାଣ୍ଟିଲାପରି ବଣ୍ଟାଯାଉଛି, ସେଇ ଚାଉଳ ନଇ ବନ୍ଧରେ ଖନ୍ଦା ଖୋଳାଯାଇ ରନ୍ଧାହେଉ। ଆମେ ହଜାର ହଜାର ଲୋକ, ରାତାରାତି ଘାଇ ବାନ୍ଧିଦେବୁ। ଆମକୁ ଭିକମୁଠି ଦେବା କାହାର ଦରକାର ପଡିବ ନାହିଁ। "(୧୦) ମନେହୁଏ ସମସ୍ୟାର ସମୂଳ ସମାଧାନପାଇଁ ପରିଚୟହୀନ ସାଧାରଣ ବ୍ୟକ୍ତିଙ୍କ ନିକଟରେ ଅଛି ପନ୍ଥା, ମାତ୍ର ଜନସେବକ, ରାଜନେତାମାନେ କେବଳ ଖବରକାଗଜର ସ୍ତମ୍ଭ ତଥା ରିଲିଫ ମୁଠାର ଦାନ ମଧ୍ୟରେ ହୋଇଯାଇଛନ୍ତି ସୀମିତ।

ବାସ୍ତବିକ ଓଡ଼ିଆ ଗଳ୍ପଧାରାକୁ ନୂତନ ଦିଶା ଦେଖାଇଥିବା ଜଣେ ଅନନ୍ୟ ଗାଳ୍ପିକ ସୁରେନ୍ଦ୍ର ମହାନ୍ତିଙ୍କର ଏକ ଉଚ୍ଚକୋଟୀର ଗଳ୍ପ ସଂକଳନ ହେଉଛି 'ମରାଳର ମୃତ୍ୟୁ'। ସମାଜର ବହୁ ଦିଗବିଦିଗର ରୂପାୟନ ଉକ୍ତ ସଂକଳନରେ ସଫଳ ରୂପେ ରୂପାୟିତ ହୋଇଥିଲେ ମଧ୍ୟ ସାମ୍ପ୍ରତିକ ଯୁଗରେ ପ୍ରଚଳିତ ରାଜନୈତିକ ଲକ୍ଷଣ ଖୁବ ବାସ୍ତବିକ ଢଙ୍ଗରେ ସଫଳ ରୂପେ ଏଠାରେ ପ୍ରକାଶିତ ହୋଇଥିବା ସ୍ୱୀକାର କରାଯାଇପାରେ। ଜୀବନର ସ୍ୱଅନୁଭୂତି ଦ୍ୱାରା ସମାଜରେ ପ୍ରଚଳିତ ଭ୍ରାନ୍ତ ରାଜନୈତିକ ପଥକୁ କିଞ୍ଚିତ ସଂଶୋଧନ କରିବା କ୍ଷେତ୍ରରେ ଉକ୍ତ ସଂକଳନର ଭୂମିକା ହେଉଛି ଅନନ୍ୟ।

. . . . . .

ସଂକେତ ସୂଚୀ :-

୧. ପ୍ରଧାନ କୃଷ୍ଣଚନ୍ଦ୍ର, ନିର୍ଝରିଣୀ ଶ୍ରୀଦତ୍ତା। ଓଡ଼ିଆ କ୍ଷୁଦ୍ରଗଳ୍ପ -ଧରା ଓ ଧାରା (୧ମ ଭାଗ) (ସଂପାଦନା ), ସତ୍ୟନାରାୟଣ ବୁକଷ୍ଟୋର,ବିନୋଦ ବିହାରୀ, କଟକ -୨, ୧ମ ସଂ - ୨୦୨୧, ପୃ -୪୪୨।

୨. ମହାନ୍ତି ସୁରେନ୍ଦ୍ର। ମରାଳର ମୃତ୍ୟୁ, କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର, ବାଲୁବଜାର, କଟକ - ୭୫୩୦୦୨, ୬ଷ୍ଠ ସଂ -୨୦୧୯, ପୃ -୬।

ISSN NO.
2582-208X

୩. ତତ୍ରଇବ, ପୃ -୮ ।

୪. ତତ୍ରଇବ, ପୃ -୪୭ ।

୫. ତତ୍ରଇବ, ପୃ -୪୮ ।

୬. ତତ୍ରଇବ, ପୃ -୫୨ ।

୭. ତତ୍ରଇବ, ପୃ -୫୯ ।

୮. ତତ୍ରଇବ, ପୃ -୭୭ ।

୯. ତତ୍ରଇବ, ପୃ -୮୮ ।

୧୦. ତତ୍ରଇବ, ପୃ -୮୯ ।

ସ୍ନାତ୍ତକୋତ୍ତର ଭାଷା ଓ ସାହିତ୍ୟ ବିଭାଗ,
ଫକୀରମୋହନ ବିଶ୍ୱବିଦ୍ୟାଳୟ, ବ୍ୟାସବିହାର, ବାଲେଶ୍ୱର

ISSN NO.
2582-208X

# ତୁମ ସୌନ୍ଦର୍ଯ୍ୟ



ମୟଙ୍କ

ତୁମ ସୌନ୍ଦର୍ଯ୍ୟ ଆଗେ
ଦେଖ ଲାଜେଇ ଯାଉଛି
ନୀଳ ଆକାଶରେ ଜହ୍ନ
କୁମୁଦିନୀ ପୁଣି ଆଶଙ୍କା ମଣୁଛି
ଏହା ପୁଣି କାହା ତୋଫାପଣ।

ଉତ୍ସାହିତ ଜୀବନ
ପ୍ରଫୁଲ୍ଲିତ ମନ
ତୁମ ପରସରେ ପ୍ରିୟା
ଅଦେଖା ହୃଦୟ ରେ
ତୁମ ପ୍ରତିଛବି
ନୁହେଁ ମରୀଚିକା
ନୁହେଁ ଅବା ମୃଗତୃଷ୍ଣା।

ତୁମେ ମୋ ଜୀବନ
ତୁମେ ମୋ ସପନ
ତୁମେ ମୋ ନାୟିକା ପ୍ରିୟା
ଯେଉଁଠି ଥିଲେ ବି
ରହିଛ ହୃଦୟେ
ରହିଥିବ ଆଜୀବନ।

ବୌଦ୍ଧ
ମୋବାଇଲ୍ -9337467379

ISSN NO.
2582-208X

# ଦାରିଦ୍ର୍ୟତା
# ଆଉ ଶୀତ



ମୌସୁମୀ ମଣ୍ଡଳ

ହେମନ୍ତେ କାକର
ପୁଣି ଶୀତରେ ମକର
କେବେ କରି ପାରେ ନାହିଁ
ସଭିଙ୍କୁ ନିଜର ।           ।।୧।।

ମାରେ ଖାଲି କଷ୍ଟ
ଆଉ ଯାତନାର ତୀର
ଝଡ଼େ ଗଙ୍ଗଶିଉଳି
ଆଉ ଦୋହଲେ କେତେ ଘର ।    ।।୨।।

କାହା ମନେ ଶୀତ ଆଣେ
ବୁଲିବାର ଝଙ୍କାର
ପୁଣି କାହା ପିଠି ଫାଟେ
ବୋହି ବୋହି କଞ୍ଚା କାଠର ଭାର   ।।୩।।

କାହା ପାଇଁ ଥାଇ ପାରେ
ସ୍ୱେଟର, ମାଫଲର୍ ସହ ଉଲ୍ ର ଚାଦର
ଆଉ କାହା ଦେହେ ଦିଶେ
ଫାଟି ଯାଇଥିବା ଶୁଖିଲା ରକ୍ତର ଧାର ।୪।

ISSN NO.
2582-208X

ଥାଇ ପାରେ କାହା ପାଖେ
ପାଦ ମଜା ଆଉ ଦାମି ଜୋତାର ଘର
ପୁଣି କାହା ପାଦ ହୁଏ
ଥଣ୍ଡା ବରଫ ପରି ପଥର ।  ।।୫।।

କେହି କେବେ ଦେଖେ ନାହିଁ
ତାଙ୍କ ଲୁହ ଧାର
ସଭିଁଏ ଏଠି ନିଜ ସୁଖେ
ହୁଅନ୍ତି ଅଧିର ।  ।।୬।।

ଜଗତର ନାଥ ଆହେ
ସର୍ବ ନିଅନ୍ତା ଠାକୁର
ଘଣ୍ଟ ଘୋଡ଼ାଇ ରଖ ସଭିଁଙ୍କୁ
ତୁ ଯେ ଦୟା ଆଉ କ୍ଷମାର ସାଗର ।।୭।।

ବେଲ୍ (ଭେଗଶ୍ୱଇ)
ବାଲେଶ୍ୱର, ଓଡ଼ିଶା
ଫୋନ୍ - ୭୩୨୭୯୩୬୩୭୫

ISSN NO.
2582-208X

# ଜଗନ୍ନାଥାଷ୍ଟକଂ
# (ଓଡ଼ିଆ)

ମୃତ୍ୟୁଞ୍ଜୟ ମିଶ୍ର

କଦାଚିତ୍ କାଳିନ୍ଦୀ ତୀରେ, ଯେ ପ୍ରଭୁ ମୂରଲୀ ସଙ୍ଗୀତ କରି ଯେ,
ଜଗନ୍ନାଥ ହେ ଗୋପାଙ୍ଗନାମୁଖପଦ୍ମସ୍ୱାଦମଧୁପ ହେ
ରମା, ଶିବ, ବ୍ରହ୍ମା ଆଦି ଇନ୍ଦ୍ରାଦି ଗଣେଶାର୍ଚ୍ଚିତପଦ ଯାର, ଜଗନ୍ନାଥ ହେ
ଦେଖାଦେଇ ମୋତେ ବାରେ, କୃତାର୍ଥ କର ପ୍ରାଣସ୍ୱାମୀ ମୋର ହେ, ଜଗନ୍ନାଥ ହେ।୧।

ବେନି ଭୁଜେ ବେଣୁ ଧରି, ମୟୁରପୁଚ୍ଛକୁ ଶିରେ ଆବୋରି ଯେ ଜଗନ୍ନାଥ ହେ
ନେତ୍ର ଶ୍ୱେତପଦ୍ମ ନୋହେ ସରି, ଜଗନ୍ନାଥ ହେ
ଶ୍ରୀମଦ୍ ବୃନ୍ଦାବନ ତୀର୍ଥେ, ନିତ୍ୟଲୀଳା ପରିଚିତ ଯାହାର ଯେ, ଜଗନ୍ନାଥ ହେ
ଦେଖାଦେଇ ମୋତେ ବାରେ କୃତାର୍ଥ କର ପ୍ରାଣସ୍ୱାମୀ ମୋର ହେ ଜଗନ୍ନାଥ ହେ।୨।

ଯେହୁ ମହୋଦଧି ତୀରେ ଲୀଳା କରୁଥାନ୍ତି ନୀଳକନ୍ଦରେ ଯେ ଜଗନ୍ନାଥ ହେ
ରହିଣ ପ୍ରାସାଦାନ୍ତରେ ଯେ ଜଗନ୍ନାଥ ହେ
ବଳଭଦ୍ର ଭଦ୍ରା ଘେନି, ଯେ ପ୍ରଭୁ ନିତ୍ୟେ ଦେବସେବା ପାଆନ୍ତି, ଜଗନ୍ନାଥ ହେ
ଦେଖାଦେଇ ମୋତେ ବାରେ, କୃତାର୍ଥ କର ପ୍ରାଣସ୍ୱାମୀ ମୋର ହେ ଜଗନ୍ନାଥ ହେ।୩।

ଯେହୁ କୃପାପାରାବାର ସକଳ ଜଳଦ ଶ୍ରେଣୀ ରୁଚିର ଯେ ଜଗନ୍ନାଥ ହେ
ରମାବାଣୀ ବିନୋଦନ କମଳାନନ ହେ
ସୁରେନ୍ଦ୍ରାଦି ଦେବଗଣ ଚିନ୍ତନ୍ତି ସଦା କୃପାବିନ୍ଦୁ ଯାର ଯେ, ଜଗନ୍ନାଥ ହେ
ଦେଖାଦେଇ ମୋତେ ବାରେ କୃତାର୍ଥ କର ପ୍ରାଣସ୍ୱାମୀ ମୋର ହେ ଜଗନ୍ନାଥ ହେ।୪।

ISSN NO.
2582-208X

ରଥାରୂଢ଼ ଯିବାବେଳେ, ପଥେ ମିଳିତ ସୁ-ବ୍ରାହ୍ମଣବୃନ୍ଦ ଯେ, ଜଗନ୍ନାଥ ହେ
ଘେନା କର ତାଙ୍କ ସ୍ତୁତି ହୋଇ ସୁଦୟାଚିତ୍ତ ହେ
ଆହେ ଦୟାସିନ୍ଧୁର୍ବନ୍ଧୁ, ଭୋ ନାଥ ପରମ କରୁଣା ସିନ୍ଧୁ ଜଗନ୍ନାଥ ହେ
ଦେଖାଦେଇ ମୋତେ ବାରେ, କୃତାର୍ଥ କର ପ୍ରାଣସ୍ୱାମୀ ମୋର ହେ ଜଗନ୍ନାଥ ହେ ।୫।

ପରଂବ୍ରହ୍ମ ପଦ୍ମନେତ୍ର, ନିବାସ ନୀଳାଦ୍ରି ଶିଖରେ ଯାର ଯେ, ଜଗନ୍ନାଥ ହେ
ଅନନ୍ତ ଶିରେସ୍ଥାପିତ ଚରଣ ଯେ ଜଗନ୍ନାଥ ହେ।
ଶ୍ରୀରାଧାଙ୍କୁ ଆଲିଙ୍ଗନ କରି ମହାଭାବ ଲଭନ୍ତି ଯେହୁ ଯେ ଜଗନ୍ନାଥ ହେ,
ଦେଖାଦେଇ ମୋତେ ବାରେ, କୃତାର୍ଥ କର ପ୍ରାଣସ୍ୱାମୀ ମୋର ହେ ଜଗନ୍ନାଥ ହେ ।୬।

ନ ମାଗଇ ରାଜ୍ୟସୁଖ, ମାଗୁନାହିଁ ପୁଣି ମୋତି ମାଣିକ୍ୟ ଯେ ଜଗନ୍ନାଥ ହେ
ନ ମାଗେ ନୟନନିଧି ବରକାମିନୀ ଯେ
ଯାହାଙ୍କ ଚରିତାବଳୀ, ଗାଆନ୍ତି ସଦା ଶ୍ରୀଚନ୍ଦ୍ରମଉଳି ଯେ ଜଗନ୍ନାଥ ହେ
ଦେଖାଦେଇ ମୋତେ ବାରେ କୃତାର୍ଥ କର ପ୍ରାଣସ୍ୱାମୀ ମୋର ହେ ଜଗନ୍ନାଥ ହେ।୭।

ସଂସାରୁ ବିଚ୍ୟୁତ କରି,ରଖ ତୁମ ପ୍ରେମ ସମ୍ପର୍କରେ ମୋତେ, ସୁରପତି ହେ
ସକଳ ପାପ ମୋ ହରି ଯାଦବପତି ହେ,
ଆହେ ଦୀନନାଥ ତୁମ୍ଭ ଶ୍ରୀପୟରେ ଦିଅ ନିଶ୍ଚିତ ପଦ ଯେ ଜଗନ୍ନାଥ ହେ।
ଦେଖାଦେଇ ମୋତେ ବାରେ, କୃତାର୍ଥ କର ପ୍ରାଣସ୍ୱାମୀ ମୋର ହେ ଜଗନ୍ନାଥ ହେ ।୮।

ଚକ୍ରଧରପୁର, ଝାଡ଼ଖଣ୍ଡ

ISSN NO.
2582-208X

# ଧାର୍ମିକ



ସିଦ୍ଧେଶ୍ୱର ତ୍ରିପାଠୀ

ଏବେ ଜୀବନ ତୀର୍ଥ ଯାତ୍ରାରେ ଯାଇଥିଲା। ବିଭିନ୍ନ ମଠ ମନ୍ଦିର ବୁଲି ନଦୀ ସାଗରରେ ସ୍ନାନ ସାରି ଦେବତା ଦର୍ଶନ ସାରି ଘରକୁ ଫେରିଲା । ଏଇ ତାର ସ୍ନେହ ସମ୍ପର୍କୀୟ ମାନଙ୍କ ପାଇଁ କିଛି ଉପହାର ଆଉ ଭଗବାନଙ୍କ ପ୍ରସାଦ ଆଣିଥିଲା ।

ଏତେସବୁ ଅନୁଭୂତି ଭିତରେ ତାର ଗୋଟିଏ ଅନୁଭୂତି ଭାରି ଆଶ୍ଚର୍ଯ୍ୟକର । ଜଣେ ଧୋବ ଧାଉଳିଆ ବ୍ୟକ୍ତି ସେମାନଙ୍କୁ ତୀର୍ଥ ସ୍ଥାନ ଭ୍ରମଣ କରାଉଥିଲେ । ଯେ କି ସେହି ଅଞ୍ଚଳର ହୋଇଥାନ୍ତି । ଏଇ ଲୋକମାନେ ତାଙ୍କୁ ଇଂରାଜୀରେ ଗାଇଡ଼ ବୋଲି କୁହାକୋହି ହେଉଥିଲେ। ସେ ସମସ୍ତଙ୍କୁ ସେହି ଅଂଚଳର ଧର୍ମସ୍ଥାନ ଦେଖାଉଥିଲେ ପ୍ରତି ବଦଳରେ କିଛି ଦକ୍ଷିଣା ନେଉଥିଲେ ।

ଏମିତି କିଛି ସ୍ଥାନ ବୁଲିଲା ପରେ ସେ ଗୋଟିଏ ସ୍ଥାନକୁ ନେଇଗଲେ। ସେ ସ୍ଥାନରେ ଥିଲା କିଛି ବିଶ୍ୱାସ ମୂର୍ତ୍ତି ଇତ୍ୟାଦି । ସେଠାରେ ଈଶ୍ୱରଙ୍କ ବିଷୟରେ ବହୁ ସୁନ୍ଦର ଭାବରେ ବୁଝାଇ କହୁଥିଲେ ଏ ସଂସାର କ୍ଷଣ ଭଙ୍ଗୁର ସବୁ ମାୟା । କେବଳ ଦାନ ପୁଣ୍ୟ ସତକର୍ମ ତୀର୍ଥ ଭ୍ରମଣ ପ୍ରଭୁଙ୍କ ନାମ ସ୍ମରଣ ହିଁ ଶ୍ରେୟସ୍କର । ଏମିତି କଥା ଭିତରେ ସେ ସମସ୍ତଙ୍କୁ ଦାନ କରିବାକୁ ପ୍ରବର୍ତ୍ତାଇଲେ । କିଏ ପାଞ୍ଚଶହ କିଏ ହଜାର ଦେଉଥାନ୍ତି । ସେ ଦୁଇ ହଜାର ଦେଲେ ଅଧିକ ପୁଣ୍ୟ ମିଳିବ ବୋଲି କହୁଥାନ୍ତି । ଯିଏ ସବୁ ଦାନ କଲେ ସେମାନଙ୍କୁ କିଛି ପ୍ରସାଦ ଏବଂ ଚୁନେରୀ ଦେଉଥାନ୍ତି । ସେ ଅର୍ଥରାଶି ସବୁ ଏକ ପାତ୍ରରେ ରଖାଯାଉ ଥାଏ । ସମସ୍ତେ ସବୁ କାର୍ଯ୍ୟ ସାରି ଫେରିଲା ବେଳକୁ ଜୀବନ ଦଶ ଟଙ୍କା ପାଖ ଦାନ ବାକ୍ସରେ

ISSN NO.
2582-208X

ପକାଉ ପକାଉ ସେ ବ୍ୟକ୍ତି ଜଣକ ଉଠି ଆସିଲେ ଅଧା ଭିତରକୁ ଅଧା ବାହାରକୁ ଥିବା ଦଶ ଟଙ୍କିଆ ନୋଟ ଟିକୁ ଭିଡି ଆଣି ବାହାରେଥିବା ପାତ୍ରରେ ରଖିଲେ । ସେଥିରେ ନୁହଁ ଏଥିରେ ରଖ। ତାପରଠୁ ଏ ଷାଠିଏ ଲୋକଙ୍କ ଚିନ୍ତାଧାରା ପୁରା ବଦଳିଗଲା । ସେତବେଳକୁ ତିରିଶ କି ଚାଳିଶି ଲୋକ କେତେ ଟଙ୍କା ଥାଳିରେ ପକେଇ ପ୍ରସାଦ ନେଇ ପୁଣ୍ୟ କରି କାଗଜ ଲେଖା ପ୍ରମାଣପତ୍ର ଖଣ୍ଡେ ଖଣ୍ଡେ ପାଇ ସାରିଥିଲେ । କିଛି ଲୋକବି ସେମିତି ନୀରବରେ ବସିଥିଲେ ପକେଟରୁ ଅଧଲାଏବି ବାହାର କରୁନଥିଲେ । କିଏ କେତେଯେ ଧାର୍ମିକ ଆଉ ବୁଝିବାକୁ ବାକି ନଥିଲା କାହାର ।

କବିର ଘର
କୁଣ୍ଡିଲୋ କେରଙ୍ଗ ଖୋର୍ଦ୍ଧା
7008315040

ISSN NO.
2582-208X

# ଜୟ ମାତା ସରସ୍ୱତୀ



ଅନାମ ଚରଣ ସାହୁ

ଜୟ ମାତା ସରସ୍ୱତୀ ବୀଣା ପୁସ୍ତକ ଧାରିଣୀ
ବେଦପତି ଅର୍ଦ୍ଧାଙ୍ଗିନୀ କଲ୍ୟାଣମୟୀ
ବିଦ୍ୟାଦାତ୍ରୀ ଜଗଧାତ୍ରୀ ମହାମାୟୀ ଦୟାମୟୀ
ବାଣୀମାତା ସର୍ବଜ୍ଞାତା ଅଭୟଦାୟୀ
ସର୍ବପୁରେ ତୋର ବିଜୟ
ଆଶିଷେ ତୋହର ମାତା ସକଳ ଜୟ ।
କାଳିଦାସ ମହାମୂର୍ଖ ଜଣାଇଲା ତୋତେ ଦୁଃଖ
ପୁଷ୍କରିଣୀ ଜଳେ ବୁଡ଼ ତୋ ନାମ ସ୍ମରି
ସାତଥର ସାତଜନ୍ମ ହରିନେଲୁ ମୂର୍ଖ ପଣ
ବୋଲାଇଲେ ବାଣୀପୁତ୍ର ତପ ଆଚରି
ଜ୍ଞାନୀ ମଧ୍ୟେ ହୋଇଲେ ବର
ଭାରତ ଭୂଖଣ୍ଡେ ନାମ ବଡ଼ ଜବର ।
ଶାରଳା ରୂପରେ ମାତ କରି ତୋତେ ପ୍ରଣିପାତ
ଚଷା ପୁଅ ସିଦ୍ଧେଶ୍ୱର ସିଦ୍ଧି ପ୍ରାପତ
ସାରଳା ଦାସ ନାମରେ ପରିଚିତ ଘରେ ଘରେ
ମହାଭାରତର ସ୍ରଷ୍ଟା ଜାଣେ ଜଗତ
କୃପାମୟୀ କୃପା ତୋହର
ରହିଥାଉ ଏହିପରି ମୋହ ଉପର ।

ବିଭୁତିପୁର, କାକଟପୁର, ପୁରୀ

ISSN NO.
2582-208X

# ସଂସ୍କୃତ ଓ ଓଡ଼ିଆ ଭାଗବତରେ ପିଙ୍ଗଳାର ଦିବ୍ୟଜ୍ଞାନ - ଏକ ତୁଳନାତ୍ମକ ଅଧ୍ୟୟନ



ମହାଦେବ ସେନ୍ଦ୍ରିଆ

'କୃଷ୍ଣ ଚରିତ ଭାଗବତ । କହଇ ଦାସ ଜଗନ୍ନାଥ ।।'

ଭାଗବତକାର ବିପ୍ରକବି ଜଗନ୍ନାଥ ଦାସ ଓଡ଼ିଶାର ପୁରପଲ୍ଲୀ ଠାରୁ ଆରମ୍ଭ କରି ନଗର ସଭ୍ୟତା ପର୍ଯ୍ୟନ୍ତ ପ୍ରତ୍ୟେକ ଓଡ଼ିଆ ପରିବାରର ପ୍ରିୟ କବି । କେବଳ ପବିତ୍ର 'ଭାଗବତ' ଗ୍ରନ୍ଥ ପାଇଁ ସନ୍ଥକବି ଜଗନ୍ନାଥ ଓଡ଼ିଆ ଜାତିର ଏତେ ଶ୍ରଦ୍ଧାଭାଜନ ହୋଇପାରିଛନ୍ତି । ସେ ଥିଲେ ଯୋଗଜନ୍ମା ପୁରୁଷ । ଏପରି ବିରଳ ଆତ୍ମା ଧରାପୃଷ୍ଠକୁ କ୍ୱଚିତ୍ ଆସିଥାନ୍ତି । ଜଗନ୍ନାଥଧାମ ପୁରୀ ଜିଲ୍ଲାର କପିଳେଶ୍ୱରପୁର ଶାସନରେ ପୁରାଣ ପଣ୍ଡା ଭଗବାନ ଦାସ ଓ ମାତା ପଦ୍ମାବତୀଙ୍କ ପୁତ୍ର ରୂପେ ସେ ଧରାବତରଣ କରିଥିଲେ । ଅଚ୍ୟୁତାନନ୍ଦଙ୍କ 'ଉଦୟ କାହାଣୀ' ଅନୁସାରେ ୧୪୮୬-୮୭ ଖ୍ରୀଷ୍ଟାବ୍ଦ ଏବଂ ମହାମହୋପାଧ୍ୟାୟ ସଦାଶିବ ମିଶ୍ର କାବ୍ୟକଣ୍ଠଙ୍କ 'ଅତିବଡ଼ୀ ଜଗନ୍ନାଥ ଦାସ ଗୋସ୍ୱାମୀ" ଗ୍ରନ୍ଥ ଅନୁସାରେ ତାଙ୍କର ଜନ୍ମକାଳ ୧୪୯୦ ଖ୍ରୀଷ୍ଟାବ୍ଦରେ ।

ଜଗନ୍ନାଥ ଦାସ ଅସାଧାରଣ ପଣ୍ଡିତ ଥିଲେ । ସଂସ୍କୃତ ସାହିତ୍ୟରେ ଖୁବ୍ ବିଦ୍ୱାନ ଥିଲେ । ତେଣୁ ଉଭୟ ସଂସ୍କୃତ ଓ ଓଡ଼ିଆ ଭାଷାର ଗ୍ରନ୍ଥ ରଚନାରେ ବେଶ ସଫଳତା ଲାଭ କରିଛନ୍ତି । ତାଙ୍କର ସଂସ୍କୃତ ରଚନାବଳୀ: - 'ଶ୍ରୀକୃଷ୍ଣ ଭକ୍ତି କଳ୍ପଲତା", 'ଶ୍ରୀକୃଷ୍ଣ କଳ୍ପଲତା ଫଳମ୍", 'ନିତ୍ୟ ଗୁପ୍ତମାଳା ବା ନିତ୍ୟ ଚିନ୍ତାମଣି", 'ଉପାସନା ଶତକମ୍", 'ପ୍ରେମ ସୁଧାମ୍ବୁଧିଃ' ଇତ୍ୟାଦି ।

ISSN NO.
2582-208X

ଓଡ଼ିଆ ରଚନାବଳୀ:- 'ଶ୍ରୀମଦ୍ ଭାଗବତ ଗୀତା", 'ତୁଳାଭିଣା", 'ଦାରୁବ୍ରହ୍ମ ଗୀତା", 'ଅର୍ଥକୋଇଲି", 'ମୃଗୁଣୀ ସ୍ତୁତି", 'ଗଜସ୍ତୁତି', 'ଗୁପ୍ତଭାଗବତ', 'ବ୍ରହ୍ମଗୀତା', 'ଗୁପ୍ତଗୀତା', 'ଭବିଷ୍ୟ ମାଳିକା', 'ଗୁଣ୍ଡିଚା ବିଜେ' ଇତ୍ୟାଦି ।

ବ୍ୟାସଦେବ ହେଉଛନ୍ତି ଋଷି ପରାଶର ଓ ସତ୍ୟବତୀଙ୍କ ସନ୍ତାନ । ବ୍ୟାସଦେବଙ୍କୁ କେହି କେହି କୃଷ୍ଣଦ୍ୱୈପାୟନ ବୋଲି କହନ୍ତି । କୃଷ୍ଣମାନେ- ନୀଳ ରଙ୍ଗ, ଦ୍ୱୈପାୟନ- କାରଣ ସେ ଜନ୍ମ ହୋଇଥିଲେ ଯମୁନାର ଗୋଟିଏ ଛୋଟ ଦ୍ୱୀପରେ । ସେ ବେଦକୁ ଚାରୋଟି ଭାଗରେ ବିଭାଗ କରିଥିବାରୁ ତାଙ୍କୁ ବେଦବ୍ୟାସ ମଧ୍ୟ କୁହାଯାଏ। ତାଙ୍କର ଆଶ୍ରମ ବଦରୀରେ ତେଣୁ ନାମ ବାଦରାୟଣ ଥିଲପୁ ଯୌବନରେ ସେ ବେଦ, ଶାସ୍ତ୍ର, ପୁରାଣ, କବିତା, ଇତିହାସ ଇତ୍ୟାଦି ଅଧ୍ୟୟନ କରିଥିଲେ । ତାଙ୍କର ବୁଦ୍ଧିର ପ୍ରଖରତା, ଜ୍ଞାନର ବିଚକ୍ଷଣତା ସମସ୍ତଙ୍କୁ ମୁଗ୍ଧ କରିଛି ।

ବୈଶମ୍ପାୟନ ବ୍ୟାସଦେବଙ୍କର ଶିଷ୍ୟ ଥିଲେ । ସେ 'ସଂସ୍କୃତର ଶ୍ରୀମଦ୍ ଭାଗବତ ମହାପୁରାଣ' କୁ ରଚନା କରି ଯଶସ୍ୱୀ ହୋଇପାରିଛନ୍ତି । ତାଙ୍କର ରଚନା ମଧ୍ୟରେ 'ଅଷ୍ଟାଦଶ ପୁରାଣ'- ବ୍ରହ୍ମ ପୁରାଣ, ପଦ୍ମ ପୁରାଣ, ବିଷ୍ଣୁ ପୁରାଣ, ବାୟୁ ପୁରାଣ, ଭାଗବତ ପୁରାଣ, ନାରଦୀୟ ପୁରାଣ, ମାର୍କଣ୍ଡେୟ ପୁରାଣ, ଅଗ୍ନି ପୁରାଣ, ଭବିଷ୍ୟ ପୁରାଣ, ବ୍ରହ୍ମବୈବର୍ତ୍ତ ପୁରାଣ, ଲିଙ୍ଗ ପୁରାଣ, ବରାହ ପୁରାଣ, ସ୍କନ୍ଦ ପୁରାଣ, ବାମନ ପୁରାଣ, କୂର୍ମ ପୁରାଣ, ମତ୍ସ୍ୟ ପୁରାଣ, ଗରୁଡ଼ ପୁରାଣ, ବ୍ରହ୍ମାଣ୍ଡ ପୁରାଣ ଆଦି ଅଷ୍ଟାଦଶ ପୁରାଣ ଏବଂ 'ମହାଭାରତ' ଇତ୍ୟାଦି । ଶ୍ରେଷ୍ଠ ରଚନା ହେଉଛି 'ଶ୍ରୀମଦ୍ ଭାଗବତ ମହାପୁରାଣ' ।

ସନ୍ଥ କବି ଜଗନ୍ନାଥ ଦାସଙ୍କ 'ଭାଗବତ' ଜ୍ଞାନ ଓ ତତ୍ୱ ଦୃଷ୍ଟିରୁ ସର୍ବୋତ୍କୃଷ୍ଟ ସାରସ୍ୱତ ରଚନା। ସଂସ୍କୃତ ଭାଗବତ ଭଳି ଏହା ଦ୍ୱାଦଶସ୍କନ୍ଧ ଓ ୩୬୪ ଅଧ୍ୟାୟ ବିଶିଷ୍ଟ । ଜଗନ୍ନାଥ ଦାସ ଏକାଦଶ ସ୍କନ୍ଧ ପର୍ଯ୍ୟନ୍ତ ରଚନା କରିଥିଲେ । ଏହାର ଦ୍ୱାଦଶ ସ୍କନ୍ଧକୁ ମହାଦେବ ଦାସ ଓଡ଼ିଆରେ ନବାକ୍ଷରୀ ଛନ୍ଦରେ ରଚନା କଲେ ଜଗନ୍ନାଥ ଦାସଙ୍କ ନାମରେ । ଦୁଇ ଗ୍ରନ୍ଥର ଆଙ୍ଗିକରେ କେତେକ ବୈଷମ୍ୟ ମଧ୍ୟ ପରିଲକ୍ଷିତ ହୁଏ । ଓଡ଼ିଆ ଗ୍ରନ୍ଥର ପ୍ରଥମ ଓ ଦ୍ୱିତୀୟ ସ୍କନ୍ଧ ଦ୍ୱୟରେ ଏ ବୈଷମ୍ୟ ଜଣାପଡ଼େ ନାହିଁ । ତୃତୀୟ ସ୍କନ୍ଧର ବିଷୟବସ୍ତୁ ସମାନ ହେଲେ ହେଁ ଅଧ୍ୟାୟ ସଂଖ୍ୟାରେ ତାରତମ୍ୟ ରହିଛି । ପଞ୍ଚମ, ଷଷ୍ଠ, ସପ୍ତମ, ଅଷ୍ଟମ ଓ ନବମ ସ୍କନ୍ଧରେ ଲକ୍ଷଣୀୟ ବୈଷମ୍ୟ ରହିଛି । ମୂଳ ଦଶମ ସ୍କନ୍ଧରେ ୯୦ ଟି ଅଧ୍ୟାୟ

ISSN NO.
2582-208X

ଥିବାସ୍ଥଳେ ଓଡ଼ିଆ ଗ୍ରନ୍ଥରେ ୯୬ ଟି ଅଧ୍ୟାୟ ରହିଥିବା ଲକ୍ଷ୍ୟ କରାଯାଏ । ବ୍ୟାସଦେବଙ୍କ ଶ୍ରୀମଦ୍ ଭାଗବତ ମହାପୁରାଣ ରେ ୧୮୦୦୦ ଶ୍ଳୋକ ଅଛି ଏବଂ ଏହା ରାଜା ପରୀକ୍ଷିତ ଓ ଶୁକଙ୍କ ମଧ୍ୟରେ କଥୋପକଥନ ଛଳରେ କୁହାଯାଇଛି ।

ପ୍ରାଚ୍ୟତତ୍ତ୍ୱ ବିତ୍ ମାନଙ୍କ ମତରେ ସଂସ୍କୃତର ଶ୍ରୀମଦ୍ ଭାଗବତ ମହାପୁରାଣ ନବମ/ଦଶମ ଶତାବ୍ଦୀରେ ରଚିତ ହୋଇଥିଲା । ବିପ୍ର ଜଗନ୍ନାଥ ଦାସ ମଧ୍ୟ ଷୋଡ଼ଶ ଶତାବ୍ଦୀର ଆଦ୍ୟ ଭାଗରେ ସଂସ୍କୃତ ଭାଗବତର ଅନୁସରଣରେ ଓଡ଼ିଆ ଭାଗବତକୁ ରଚନା କରିଥିଲେ । ମୂଳ ସଂସ୍କୃତ ଭାଗବତ ଠାରୁ ଓଡ଼ିଆ ଭାଗବତରେ ଅନେକ ନୂତନତା ଦେଖାଯାଇଥାଏ । ଯଥା- ଦ୍ୱିତୀୟ ସ୍କନ୍ଧର ସପ୍ତମ ଅଧ୍ୟାୟରେ ବରାହ ଅବତାର ଠାରୁ କଳ୍କୀ ଅବତାର ପର୍ଯ୍ୟନ୍ତ ବର୍ଣ୍ଣିତ ହୋଇଥିବା ବେଳେ ସଂସ୍କୃତରେ କଳ୍କୀ ଅବତାରର ବର୍ଣ୍ଣନା ନାହିଁ । ନିମ୍ନରେ ନିବନ୍ଧର ନାମକରଣକୁ ସାର୍ଥକ କରିବା ପାଇଁ ଏକାଦଶ ସ୍କନ୍ଧର ନବମ ଅଧ୍ୟାୟରେ ଥିବା ଯଦୁରାଜା ଓ ଅବଧୂତ ସମ୍ବାଦର ପିଙ୍ଗଳା ଉପାଖ୍ୟାନ ସମ୍ପର୍କରେ ଆଲୋଚନା କରାଗଲା ।

ମୂଳ ସଂସ୍କୃତ ଭାଗବତର ଏକାଦଶ ସ୍କନ୍ଧର ସପ୍ତମ, ଅଷ୍ଟମ ଓ ନବମ ଅଧ୍ୟାୟରେ ଅବଧୂତ-ଯଦୁରାଜା ସମ୍ବାଦଟି ବର୍ଣ୍ଣିତ ହୋଇଛି । ଅବଧୂତ ଚବିଶ ଗୁରୁଙ୍କ ଠାରୁ ଶିକ୍ଷା ଗ୍ରହଣ କରିଥିଲେ, ସେଥିରୁ ପିଙ୍ଗଳା ଗୁରୁ ହେଉଛନ୍ତି ଅନ୍ୟତମ । ଏହି ନିବନ୍ଧରେ ଓଡ଼ିଆ ଓ ସଂସ୍କୃତ ଭାଗବତରେ ଥିବା ପିଙ୍ଗଳା ଉପାଖ୍ୟାନର ଏକ ତୁଳନାତ୍ମକ ତଥା ସାରଗର୍ଭକ ବିଷୟ କୁ ଦର୍ଶାଯାଇଛି ।

ସଂସ୍କୃତ ଶ୍ରୀମଦ୍ ଭାଗବତ ମହାପୁରାଣ' ର ଏକାଦଶ ସ୍କନ୍ଧର ଅଷ୍ଟମ ଅଧ୍ୟାୟ ରେ ଏବଂ ଓଡ଼ିଆ ଭାଗବତର ଏକାଦଶ ସ୍କନ୍ଧର ନବମ ଅଧ୍ୟାୟରେ ପିଙ୍ଗଳାର ଦିବ୍ୟଜ୍ଞାନ ସମ୍ପର୍କରେ ବର୍ଣ୍ଣନା କରାଯାଇଅଛି । ସଂସ୍କୃତ ଭାଗବତରେ ପିଙ୍ଗଳାର ଉପାଖ୍ୟାନ ସମୁଦାୟ ୨୩ ଟି ଶ୍ଳୋକରେ ବର୍ଣ୍ଣନା କରାଯାଇଛି । ସେଥିରେ ପିଙ୍ଗଳାର ଉବାଚ ମାତ୍ର ୧୩ ଟି ଶ୍ଳୋକ ରେ ଅଛି । ଏହି ୧୩ ଗୋଟି ଶ୍ଳୋକକୁ "ପିଙ୍ଗଳା ଗୀତ" ବା "ପିଙ୍ଗଳା ଗୀତା" ବୋଲି କୁହାଯାଏ । ଏହି ୧୩ ଗୋଟି ଶ୍ଳୋକ ମାଧ୍ୟମରେ ହିଁ ପିଙ୍ଗଳା ନିଜର ଐଶ୍ୱରିକ ଦୟାପୋଲବ୍ଧ ଦିବ୍ୟ ଚେତନାକୁ ପ୍ରକାଶ କରିଛି । ଏହି ଦିବ୍ୟ ଚେତନାକୁ ଅବଧୂତ ଦିବ୍ୟଜ୍ଞାନ ବୋଲି ଗ୍ରହଣ କରି ପିଙ୍ଗଳାକୁ ନିଜ ଗୁରୁ କରିଛନ୍ତି ।

ISSN NO.
2582-208X

ସଂସ୍କୃତର ଶ୍ରୀମଦ୍ ଭାଗବତ ମହାପୁରାଣର ପିଙ୍ଗଳା ଉପାଖ୍ୟାନର ପ୍ରଥମ ଶ୍ଳୋକରେ ବ୍ୟାସଦେବ କହିଛନ୍ତି -

"ପିଙ୍ଗଳା ନାମ ବେଶ୍ୟା ସ୍ଥିତ ବିଦେହନଗରେ ପୁରା ।
ତସ୍ୟା ମେଂ ଶିକ୍ଷିତଂ କିଞ୍ଚିନ୍ ବୋଧ ନୃପନନ୍ଦନ ।।" (୨୨)

ଓଡ଼ିଆ ବ୍ୟାଖ୍ୟା – ଅବଧୂତ ଉବାଚ– ନୃପନନ୍ଦନ ! ଏହା ପ୍ରାଚୀନ କାଳର କାହାଣୀ, ବିଦେହନଗରର ମିଥିଲା ନଗରରେ ଏକ ବେଶ୍ୟା ବାସ କରୁଥିଲା । ତାଙ୍କର ନାମ ପିଙ୍ଗଳା ଥିଲା । ମୁଁ ତାଙ୍କ ଠାରୁ ଯାହା ଶିକ୍ଷା ପାଇଛି ମୁଁ ଆପଣଙ୍କୁ କହିବି; ଭଲ ଭାବରେ ଶୁଣନ୍ତୁ ।

ପିଙ୍ଗଳା ଦେଖିବାକୁ ସୁନ୍ଦର ଅଟେ । ସେ ନିଜକୁ ସୁସଜ୍ଜିତ କରି ପ୍ରତିଦିନ ନୂତନ ନୂତନ ଗ୍ରାହକ କୁ ଆକର୍ଷିତ କରିବା ପାଇଁ ନିଜ ଗୃହ ସାମ୍ନାରେ ବସିଥାଏ । କେବଳ ଦୈହିକ ସୁଖ ପ୍ରଦାନ କରି ଭୌତିକ ଧନ ସମ୍ପତ୍ତିକୁ ଠୁଳ କରିବା ଥିଲା ନିତ୍ୟ ନୈମିତ୍ତିକ କାର୍ଯ୍ୟ । ଚରିତ୍ର ହୀନା ପିଙ୍ଗଳା ବିଦେହନଗରରେ ସମସ୍ତ ପୁରୁଷଙ୍କ ପ୍ରିୟ ବସ୍ତୁ । କିନ୍ତୁ ପିଙ୍ଗଳାର ମନରେ ତା'ର କଳୁଷତା ପୂର୍ଣ୍ଣ କାର୍ଯ୍ୟ ପାଇଁ କୌଣସି ଅବଶୋଷ ନଥିଲା । ସେ ସବୁବେଳେ ବ୍ୟବସାୟୀ, ବଣିକ, ସୌଦାଗର ଓ ରାଜପୁତ୍ର ମାନଙ୍କୁ ନିଜ ଅତିଥି କରି ସେମାନଙ୍କ ଠାରୁ ବହୁ ମାତ୍ରାରେ ଅର୍ଥ ପ୍ରାପ୍ତି କରୁଥିଲା । ଏକଦା ଜୈନେକ ରାଜକୁମାର ପିଙ୍ଗଳାକୁ କଥା ଦେଇଛି ଆଜି ରାତି ପାଇଁ ତା ଗୃହକୁ ଆସିବ ଓ ତା'କୁ ପ୍ରଚୁର ମାତ୍ରାରେ ଧନ ସମ୍ପତ୍ତି ଦେବ । ସେହି ଆଶାରେ ପିଙ୍ଗଳା ନିଜକୁ ସଜ୍ଜିତ କରି ରାଜକୁମାରଙ୍କ ଅପେକ୍ଷାରେ ରହିଛି ।

ଦେଖୁ ଦେଖୁ ରାତ୍ରର ପ୍ରଥମ ପ୍ରହର ସରିଯାଇଛି କିନ୍ତୁ ରାଜକୁମାର ଆସିନାହାନ୍ତି । କ୍ରମେ କ୍ରମେ ରାତ୍ରିର ଦ୍ଵିତୀୟ ଓ ତୃତୀୟ ପ୍ରହର ମଧ୍ୟ ସରିଆସିଲାଣି । ତଥାପି ରାଜକୁମାର ଆସିନାହାନ୍ତି । ପ୍ରଥମ ଥର ପାଇଁ କୌଣସି ଜଣେ ଯୁବକ ପିଙ୍ଗଳାକୁ ଉପାଖ୍ୟାନ କରିଛି, ଯାହାକି ପିଙ୍ଗଳାର ମନକୁ ଗଭୀର ଭାବରେ ଆଘାତ ଦେଇଛି । ଏହି ଆଘାତ ଓ ବିରହ ଭାବନା ପିଙ୍ଗଳା ର ଉଦ୍ ବେଳିତ ଯୌବନକୁ ନିଷ୍ଠୁର ପ୍ରହାର କରିଛି । କ୍ରମେ ପିଙ୍ଗଳାର ଏହି ଯନ୍ତ୍ରଣା ଭକ୍ତି ଭାବରେ ପରିଣତ ହୋଇଛି । ତାର ଉଦ୍ ବେଳିତ ଚେତନା ଦିବ୍ୟ ବିଭୂ ଚେତନାରେ ତଲ୍ଲୀନ ହୋଇଛି । ଏହି ଦିବ୍ୟ ଚେତନା ହିଁ ପିଙ୍ଗଳାର ଅଜ୍ଞାନ ରୁପକ ଅନ୍ଧକାରକୁ ଦୂର କରି ଜ୍ଞାନର ମାର୍ଗ ଉନ୍ମୁକ୍ତ କରିଛି । ପିଙ୍ଗଳା ଗାଇ ଉଠିଛି ଭକ୍ତି ରସ ପୂର୍ଣ୍ଣ ପଦାବଳୀ । ସେ ମୁକ୍ତ ଚାରିଣୀ ନଦୀପରି ବହିଯିବାକୁ ଚାହିଁଛି, ତାର ସର୍ବସ୍ୱ ସାଗର

ISSN NO.
2582-208X

ରୂପୀ ଈଶ୍ୱରଙ୍କ ପାଖକୁ । ସେ ଅନୁଭବ କରିଛି ଯେ, ଜଗତରେ ଈଶ୍ୱରଙ୍କ ଛଡା ଆଉ କେହି ତା'ର ନିଜର ନାହାନ୍ତି । ତେଣୁ ସେ ସନ୍ନ୍ୟାସିନୀ ପ୍ରାୟ ହୋଇ ନିଜ କଳୁଷିତ ଶରୀରକୁ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ସମର୍ପିତ କରି ଈଶ୍ୱରଙ୍କ ଧ୍ୟାନରେ ଅବଶେଷ ଜୀବନ ଅତିବାହିତ କରିବ ।

ଏହାପରେ ଅବଧୂତ-ଯଦୁରାଜା କୁ କହୁଛନ୍ତି -

"ତସ୍ୟା ନିର୍ବିର୍ଣ୍ଣା ଚିତ୍ତାୟା ଗୀତଂ ଶୃଣୁ ୟଥା ମମ୍ ।
ନିର୍ବେଦ ଆଶା ପାଶାନାମ୍ ପୁରୁଷସ୍ୟ ଯଥା ହ୍ୱାସିଃ ।।" (୨୮)

ଯେତେବେଳେ ତ୍ୟାଗ କରିବାର ଅନୁଭବ ପିଙ୍ଗଳାଙ୍କ ମନରେ ଜାଗ୍ରତ ହେଲା, ସେତେବେଳେ ସେ ଏକ ଗୀତ ଗାଇଲେ । ମୁଁ ତୁମକୁ ତାହା କହିଲି ରାଜନ ! ମଣିଷ ଆଶାରେ ଫାଶୀରେ ଝୁଲୁଛି । ଯଦି ଏପରି କିଛି ଅଛି ଯାହା ଏହାକୁ ଖଣ୍ଡା ପରି କାଟିପାରେ, ଏହା ହେଉଛି ତ୍ୟାଗ । ପ୍ରିୟ ରାଜନ ଯିଏ ତ୍ୟାଗ ହାସଲ କରିନାହାନ୍ତି, ଯିଏ ଏହି କଳହରୁ ବିରକ୍ତ ନୁହଁନ୍ତି;ଶ ରୀର ଏବଂ ଏହାର ବନ୍ଧନରୁ ମୁକ୍ତ ହେବାକୁ ଚାହାଁନ୍ତି ନାହିଁ, ଯେପରି ଜଣେ ଅଜ୍ଞ ବ୍ୟକ୍ତି ସଂଲଗ୍ନ ଛାଡ଼ିବାକୁ ଇଚ୍ଛା କରନ୍ତି ନାହିଁ ।

"ଅହୋ ମ ମୋହବିତନ୍ତି ପଶ୍ୟାତା ବିଜିତାତ୍ମନଃ ।
ଯା କାନ୍ତାଦସତଃ କାମମ୍ କାମୟେ ୟେନ ବାଲିଶା ।।" (୩୦)

ଅର୍ଥାତ୍ ପିଙ୍ଗଳା ମୋହ ମାୟାରେ ଲୀନ ହୋଇ ମନ୍ଦ ଲୋକ ମାନଙ୍କ ଠାରୁ ଯୌନ ଆନନ୍ଦ ପାଇବାକୁ ଇଚ୍ଛା କରେ, ଯେଉଁ ମାନେ ନାହିଁ । କେତେ ଦୁଃଖ ! ମୁଁ ପ୍ରକୃତରେ ପିଙ୍ଗଳା ନିଜକୁ ମୂର୍ଖ କହିଛି ।

"ସନ୍ତ ସମୀପେ ରମଣ ରତିପ୍ରଦ ।
ବିତ୍ତପ୍ରଦ ନିତ୍ୟାମିମ ବିହାୟ ।
ଅକାମଦମ୍ ଦୁଃଖ ଭୟାଧିଶୋକ
ମୋହ ପ୍ରଦମ୍ ତୁଚ୍ଛମୋହମ୍ ଭଜେଜ୍ଞା ।।" (୩୧)

ISSN NO.
2582-208X

ପିଙ୍ଗଳା କହୁଛି ତାର ପ୍ରକୃତ ଇଷ୍ଟ ହେଉଛନ୍ତି ଭଗବାନ । ଓ ସେହି ଭଗବାନ ପିଙ୍ଗଳା ର ହୃଦୟ ଭିତରେ ରହନ୍ତି । ସେ ଭଗବାନ ପ୍ରକୃତ ପ୍ରେମ, ସୁଖ ଏବଂ ପରୋପକାରର ପ୍ରକୃତ ଧନ ମଧ୍ୟ ଦିଅନ୍ତି । ଦୁନିଆର ପୁରୁଷମାନେ ସ୍ଥାୟୀ ଏବଂ ସେ ଅନନ୍ତ ଅଟନ୍ତି । ପିଙ୍ଗଳା ଭଗବାନ କୁ ଛାଡି ସେହି ଘୃଣ୍ୟ ମନୁଷ୍ୟମାନଙ୍କୁ ଗ୍ରାସ କରିଛି, ଯେଉଁମାନେ କି ପିଙ୍ଗଳାର ଗୋଟିଏ ଇଚ୍ଛା ମଧ୍ୟ ପୂରଣ କରିପାରନ୍ତି ନାହିଁ । ସେମାନେ କେବଳ ଦୁଃଖ, ଭୟ,ଅସୁସ୍ଥତା ଏବଂ ସଂଲଗ୍ନତା ଦେଇଥାନ୍ତି । ଏହା ମୋର ମୁର୍ଖତାର ପରିଣାମ ବୋଲି ପିଙ୍ଗଳା କହିଛି । ପରବର୍ତ୍ତୀ ସମୟରେ ପିଙ୍ଗଳା ଭଗବାନକୁ ବୁଝିପାରିଛି । ସେ କହିଛି ପ୍ରଭୁ ମୋ ହୃଦୟରେ ରୁହନ୍ତି, ସେ ସମସ୍ତ ଜ୍ଞାନୀ, ଦୟାଳୁ ପ୍ରିୟ, ଗୁରୁ ଏବଂ ପ୍ରାଣ ଅଟନ୍ତି । ଯଦ୍ଵାରା ପିଙ୍ଗଳା ଭଗବାନ କୁ ଭକ୍ତି ଦ୍ଵାରା ପ୍ରସନ୍ନ କରିଛି । ଲକ୍ଷ୍ମୀଙ୍କ ପରି ସେ ନିଜକୁ ଭଗବାନଙ୍କ ପତ୍ନୀ ବୋଲି ଭାବିଛି ଓ ଭଗବାନ କୁ ସ୍ଵାମୀ ରୂପେ ଗ୍ରହଣ କରିଛି ।ଶେଷ ପର୍ଯ୍ୟାୟରେ ପିଙ୍ଗଳା କୌଣସି ବ୍ୟକ୍ତି ମାନଙ୍କୁ ଦେଖି ନାହିଁ । ତା ହୃଦୟରେ ଓପ୍ରାଣ ରେ ପ୍ରଭୁ ସଦା ସର୍ବଦା ବିରାଜମାନ କରିଛନ୍ତି ।

ଜଗନ୍ନାଥ ଦାସଙ୍କ "ଓଡ଼ିଆ ଭାଗବତ" ରେ ଏକାଦଶ ସ୍କନ୍ଧ ର ନବମ ଅଧ୍ୟାୟରେ ପିଙ୍ଗଳା ଉପାଖ୍ୟାନ ବିଷୟରେ ବର୍ଣ୍ଣିତ ହୋଇଛନ୍ତି । ଏଥିରେ ୪୩ ଟି ପଦରେ ପିଙ୍ଗଳାର ଦିବ୍ୟଜ୍ଞାନ ସମ୍ପର୍କରେ କୁହାଯାଇଛି । ପିଙ୍ଗଳା ବେଶ୍ୟା ଗୁରୁ ସମ୍ପର୍କରେ କହିଛନ୍ତି–

ବିଦେହ ନଗରରେ ପିଙ୍ଗଳା ନାମକ ଏକ ବେଶ୍ୟା ନିଜର ଦେହକୁ ବିକ୍ରୟ କରି ଅନେକ ଧନ ଉପାର୍ଜନ କରୁଥିଲା । ଏକଦା ଅଧିକ ଧନ ଆଶାରେ ରାତ୍ରିସାରା ଉଜାଗର ରହି ଏକ ଧନୀ ପୁରୁଷକୁ ଅପେକ୍ଷା କରେ । ଅଥଚ ଅର୍ଦ୍ଧରାତ୍ର ପର୍ଯ୍ୟନ୍ତ ସେହି ଧନୀ ପୁରୁଷ ନ ଆସିବାରୁ ପ୍ରତାରିତ ପିଙ୍ଗଳା ନିଜ କର୍ମ ପାଇଁ ଅନୁତାପ କରିଛି ଓ ତାର ମନରେ ଚୈତନ୍ୟ ଉଦୟ ହୋଇଛି ଓ ବୈରାଗୀ ଭାବର ଜାଗ୍ରତ ହୋଇଛି । ଭାଗବତର ଭାଷାରେ –

"ଦେଖ ମୋହର ମହାଜାଲ । ଅଜ୍ଞାନେ ଗଲା ଏତେ କାଳ ।।
ସର୍ବ ନାଶିଲି ଧନ ଲୋଭେ । ନାରୀ ସ୍ଵଭାବେ କାମ ଭାବେ ।।
ଅସାଧୁ ପୁରୁଷଙ୍କ ମେଳେ । କାନ୍ତର ଭାବେ କାମଭୋଳେ ।।
ରମିଲି ଧନେ ଦେଇ ମନ । ଧିକ ଏ ମୋହର ଜୀବନ ।।"

ISSN NO.
2582-208X

ପିଙ୍ଗଳା ଚିନ୍ତା କରିଛି ଏତେ ସୁନ୍ଦର ମଣିଷ ଜନ୍ମ ଲାଭ କରି ସେ କଣ କରିଛି । ନିଜର ଅଜ୍ଞାନତା ଧନ ଲୋଭରେ ତାର ସବୁ କିଛି କୁ ହରାଇଛି । ନିଜ କର୍ମ ପାଇଁ ସେ ନିଜକୁ ଧିକ୍କାର କରିଛି । ସେତେବେଳେ ତା ମନରେ ଭଗବତ ଚିନ୍ତା ଉଦ୍ରେକ ହୋଇଛି । ସେ ଚିନ୍ତା କରିଛି ତାର ଭର୍ତ୍ତା ତା ପାଖରେ ଅଛନ୍ତି । ଯିଏ କି ତାକୁ ସମସ୍ତ ପ୍ରକାର ସମ୍ପଦ ଓ ସୁଖ ଦେଇଛନ୍ତି । ସେ ହିଁ ଅନାଥର ନାଥ ଓ ମୁକତି ଗତିର ବିଧାତା । ସେ ନିତ୍ୟ ପୁରୁଷ ଖୁବ୍ ନିକଟରେ ଥାଇ ମଧ୍ୟ ତାଙ୍କ ପାଖରେ ମନ ନ ଦେଇ ଅଜ୍ଞାନତା କୁପୁରୁଷ ମାନଙ୍କ ସଙ୍ଗରେ ରତିରଙ୍ଗ କଲି ବୋଲି ସେ ମନସ୍ତାପ କରିଛି । ତାର ଭାଷାରେ –

"ଏମନ୍ତ ଘରେ ମୋତେ ଥୋଇ । ଯେ ଗୁରୁ ଗଲା ଶିକ୍ଷା ଦେଇ ।।
ସେ ଗୁରୁ ବାକ୍ୟ ନ ପ୍ରମାଣି । ଏ ଘରେ ମୁହିଁ ଦୋଚାରୁଣୀ ।।
ବେଦେହ ନଗରେ ମୁଁ ଥାଇ । ମୋ ପରି ମୂଢ଼ କେହି ନାହିଁ ।।
ଆତ୍ମାକୁ ଦିଅନ୍ତି ଯେ ହରି । ତା ତହୁଁ ଆନ ଇଚ୍ଛା କରି ।।
ମୋ ପ୍ରାଣନାଥ ଅଛି ପାଶେ । ମୁହିଁ ନ ଦେଖେ ମୋହ ବଶେ ।।
ସେ ନାଥ ସର୍ବ ଜୀବ ଆତ୍ମା । ନିର୍ଲେପ ନିର୍ଗୁଣ ମହାତ୍ମା ।।"

ଯିଏ ଆତ୍ମାକୁ ସଂଚାର କରିଛି ସେ ପରମାତ୍ମା ନିଜ ପାଖରେ ଥିଲେ ମଧ୍ୟ ତାଙ୍କୁ ଇଚ୍ଛା ନ କରି ମୋହ ବଶରେ ସେ ପର ପୁରୁଷକୁ ଦେଖିଛି । ମନରେ ଭାଗବତ ଚିନ୍ତା ସ୍ମରଣ କରି ତାର ବୈରାଗ୍ୟ ଜ୍ଞାନ ଯତ ହୋଇଛି । ଆନନ୍ଦରେ ହାତଦେଇ ନିଜକୁ ଓ ନିଜ ପିତା ମାତାଙ୍କୁ ଧନ୍ୟ କହିଛି । ସେହି ଦିନଠାରୁ ସମସ୍ତ ଆଶାକୁ ପରିହାର କରି କେବଳ ଭଗବାନ ଶ୍ରୀକୃଷ୍ଣଙ୍କ ଅଭୟ ଚରଣରେ ଶରଣ ପଶିବା ସହ ତାର ସେବା ପୂଜା କରିବାକୁ ସଂକଳ୍ପ କରିଛି । ତାର ଭାଷାରେ –

"ଶ୍ରୀକୃଷ୍ଣ ଅଭୟ ଚରଣ । ଆଜ ମୁଁ ପଶିବି ଶରଣ ।।
ସକଳ ଆଶା ଦୂର କରି । ଭାବେ ସେବିବି ନରହରି ।।"

ଘର ଦ୍ୱାର ସବୁକୁ ତ୍ୟାଗ କରି ବନରେ ବିଚରଣ ଅବସ୍ଥାରେ ଭଗବାନଙ୍କ ଚରଣରେ ମନଧ୍ୟାନ ସମର୍ପଣ କରିଛି । ପାଣି ପବନ କୁ ଅହାର କରି ଶରୀରକୁ କଷ୍ଟରେ ରଖି ଭଗବାନକୁ ସ୍ମରଣ କରିଛି । କାରଣ ନିଷ୍କାମ ବ୍ୟକ୍ତିମାନେ ନିଜର ଆତ୍ମାକୁ ନିଜେ ହିଁ ଉଦ୍ଧାର କରିଥାନ୍ତି ।

ISSN NO.
2582-208X

"ଏ ମାୟା କାଳ ସର୍ପ ରୂପେ । ଜନ୍ତୁକୁ ଗ୍ରାସେ ଭବ କୂପେ ।।
ଅହାଙ୍କ ପରିତ୍ରାଣ ଦାନ । ଗୋବିନ୍ଦ ବିନୁ ନାହିଁ ଆନ ।।
ନିଷ୍କାମ ଜନ ଏ ସଂସାରେ । ଆତ୍ମାକୁ ଆପଣେ ଉଦ୍ଧରେ ।।"

ତେଣୁ ସମସ୍ତଙ୍କ ହୃଦୟରେ ଭଗବାନ ପ୍ରତି ଭକ୍ତି, ପ୍ରେମ, ଶ୍ରଦ୍ଧା, ମମତା ରହିବା ନିତାନ୍ତ ଜରୁରୀ ଅଟେ । ଭଗବାନଙ୍କ କୃପାରେ ମନୁଷ୍ୟ ଜୀବନର ସମସ୍ତ କାର୍ଯ୍ୟ ସାଧିତ ହୋଇଥାଏ । ପ୍ରାଣୀ ଜଗତକୁ ଭଗବାନ ନିଜର ଦିବ୍ୟ ଚକ୍ଷୁରେ ନିତ୍ୟ ଦର୍ଶନ କରିଥାନ୍ତି । ତେଣୁ ପ୍ରାଣୀ ଜଗତର ସମସ୍ତଙ୍କୁ ଭଗବାନଙ୍କ ଚରଣରେ ସଦା ସର୍ବଦା ଭକ୍ତି ଓ ଧ୍ୟାନ ବଳରେ ନିମଜ୍ଜିତ ରହିବା ଉଚିତ୍ ।

ମନୁଷ୍ୟ ଜାତିର ଆବାଳବୃଦ୍ଧବନିତା ସମସ୍ତଙ୍କ ହୃଦୟରେ ଭାଗବତର ଭକ୍ତି ଭାବନା ରହିବା ନିତାନ୍ତ ଆବଶ୍ୟକ । ମନୁଷ୍ୟର ବିଶ୍ୱାସ କୁ ବଜାୟ ରଖିବା ପାଇଁ ପ୍ରତିଦିନ ଭାଗବତ ପଢିବା ଦ୍ୱାରା ମନୁଷ୍ୟର ଆତ୍ମା ପବିତ୍ର ହୋଇଥାଏ ଏବଂ ମନୁଷ୍ୟ ମୃତ୍ୟୁ ହେବା ପୂର୍ବରୁ ଭାଗବତ ବାଣୀ କର୍ଣ୍ଣରେ ଶୁଣିଲେ ତା ହୃଦୟ ରୂପକ ଆତ୍ମା ଟି ପରମାତ୍ମାରେ ବିଲୀନ ହୋଇଯାଏ । ଯଦ୍ୱାରା ମନୁଷ୍ୟ ହୃଦୟରେ ଭଗବାନ ସଦା ସର୍ବଦା ବିରାଜମାନ କରିଥାନ୍ତି ।

ପୌରାଣିକ ଚରିତ୍ର ହେଲେ ମଧ୍ୟ ବର୍ତ୍ତମାନର ଉତ୍ତର ଆଧୁନିକ ଜୀବନରେ ପିଙ୍ଗଳା ଚରିତ୍ରଟି ନିଜର ସ୍ୱତନ୍ତ୍ରତା ଦ୍ୱାରା ନୂତନ ଚେତନାର ଚାବିକାଠି ଟିଏ ବୋଲି ଅତ୍ୟୁକ୍ତି ହେବ ନାହିଁ । ଯାହାକି ବର୍ତ୍ତମାନର ଏକବିଂଶ ସାହିତ୍ୟ ରେ ମଧ୍ୟ ପିଙ୍ଗଳା ଚରିତ୍ରଟି ଦେଖିବାକୁ ମିଳୁଛି । ନିଷ୍ପେଷିତ ମାନବ ଚେତନାକୁ ପିଙ୍ଗଳା ଲଭିଥିବା ଏହି ଦିବ୍ୟ ଚେତନାଟି ଯୁଗ ଯୁଗ ଧରି ନିମ୍ନଗାମୀ ହେଉଥିବା ଆଧୁନିକ ମନୁଷ୍ୟର ଚେତନାକୁ ପ୍ରସ୍ଫୁଟିତ କରିଚାଲିଛି । ତେଣୁ ସାହିତ୍ୟର କାବ୍ୟ, କବିତା, ଗଳ୍ପ ,ଉପନ୍ୟାସ ଓ ନାଟକ ରେ ଦେଖାଯାଉଛି । ଉଦାହରଣ -ବେଣୁଧର ରାଉତଙ୍କ "ପିଙ୍ଗଳା ଓ ସୂର୍ଯ୍ୟ" (କବିତା ସଂକଳନ), ରାଧାମୋହନ ଗଡ଼ନାୟକଙ୍କ "ପିଙ୍ଗଳା ର ଅଭିସାର" (କବିତା), ମହାପାତ୍ର ନୀଳମଣି ସାହୁଙ୍କ "ପିଙ୍ଗଳା ସେ ଅନ୍ୟ ଜଣେ" (ଗଳ୍ପ), ପୂର୍ଣ୍ଣଚନ୍ଦ୍ର ମଲ୍ଲିକଙ୍କ "ପିଙ୍ଗଳା ସହିତ ଗୋଟିଏ ରାତି"(ନାଟକ), ରାମ ଦାସ ଙ୍କ "ଦାଢ୍ୟତା ଭକ୍ତି", ଚନ୍ଦ୍ରଶେଖର ନନ୍ଦନ ଙ୍କ "ନବଜାତକ" (ଉପନ୍ୟାସ ) ଆଦି ପ୍ରମୁଖ ରଚନା ଗୁଡିକରେ ଆମେ ପିଙ୍ଗଳା ଚରିତ୍ର

ISSN NO.
2582-208X

ଗୁଡିକୁ ଦେଖିବାକୁ ପାଉଁ । ପୌରାଣିକ ଯୁଗ ବିତିଯାଇ ଉତ୍ତର ଆଧୁନିକ ଯୁଗ ସରିଗଲା ପରେ ମଧ୍ୟ ବାର ବିଳାସିନୀ ପିଙ୍ଗଳାର ଦିବ୍ୟଚେତନା ଯୁଗ ଯୁଗ ଧରି ମଣିଷ ସମାଜକୁ ନୂତନ ଚିନ୍ତା ଓ ଚେତନାର ଧାରା ଟିଏ ପ୍ରଦାନ କରିଥିବ ।

ସହାୟକ ଗ୍ରନ୍ଥସୂଚୀ:-

୧) ଓଡ଼ିଆ ସାହିତ୍ୟର ଇତିହାସ- ସୁରେନ୍ଦ୍ର କୁମାର ମହାରଣା

୨) ଓଡ଼ିଆ ସାହିତ୍ୟର ଇତିହାସ- ପ୍ରେମାନନ୍ଦ ମହାପାତ୍ର

୩) ଓଡ଼ିଆ ସାହିତ୍ୟର ସଂକ୍ଷିପ୍ତ ପରିଚୟ- ବୃନ୍ଦାବନ ଚନ୍ଦ୍ର ଆଚାର୍ଯ୍ୟ

୪) ଶ୍ରୀମଦ୍ ଭାଗବତ- ମହର୍ଷି ବ୍ୟାସଦେବ(ଗୀତା ପ୍ରେସ୍)

୫) ଶ୍ରୀମଦ୍ ଭାଗବତ- ଜଗନ୍ନାଥ ଦାସ

୬) ସଖା ହୀନ ପଞ୍ଚସଖା- ନଟବର ସାମନ୍ତରାୟ

ସମ୍ବଲପୁର

ISSN NO.
2582-208X

# ନିଦୁଆ ମଣିଷ



ଆକାଶ ରଣା

ବାଃ ! ରେ, ନିଦୁଆ ମଣିଷ
ଶୋଇବ ଆଉ କେତେ ଦିନ
ଶୋଇ ଶୋଇ ମନ ବୁଝିଲାନିକି
ଚେଇଁବୁ ଆଉ କେଉଁ ଦିନ ॥

ମନେ ପଡୁନି କି ତୋର
ପୂରୁବ ପୁରୁଷ କଥା
ରାତି ନ ପାଉନୁ
ବିଲକୁ ଯାଉଥିଲେ ସଦା ॥

କୁକୁଡା ଡାକିଦେଲେ
ହଳ ଲଙ୍ଗଳ ଧରି କରେ
ଚାଷଜମିକୁ ଚିରି
ଦେଉଥିଲେ ଦୁଇବାହୁ ବଳେ ॥

ସୁରଜ ଉଦୟ ହେଇନି ବୋଲି
ଶୋ ଦଉଛୁ ନିଦ ବଳେ
ଉଠିବାକୁ ମନ ହେଉନି
କି ସପନ ରାଇଜ କାଳେ

ଉଠିବାକୁ ମନ ମାନୁ ନାହିଁ
ବୋଲି ଉଠୁଛୁ ଜେଉଁ କାଳେ
ଚିଲ ଶାଗୁଣା ପଶୁ ପକ୍ଷୀ
ସବୁ ଲୁଚନ୍ତି ସେହି ରବି ବିକଳେ ॥

ଦେଖି ଶୁଣି ଜାଣି
ଅଜଣା ରହିବୁ ଆଉ କେତେ ଦିନ
ପୂରୁବ ଗୌରବେ ପୂରୁବ ମାନେ
ପଡୁ ନାହିଁ କିରେ ତୋର ଧ୍ୟାନ ॥

ISSN NO.
2582-208X

# କୁଇଲି ଘୁଗର



ଡ଼ଃ ପ୍ରଦୀପ କୁମାର ପଣ୍ଡା

*ସୌନ୍ଦର୍ଯ୍ୟ ପିପାସୁ ମଣିଷ ମନରେ ପ୍ରାକୃତିକ ଶୋଭା ସମ୍ପଦପୂର୍ଣ୍ଣ ଦର୍ଶନୀୟ ସ୍ଥାନ ଦର୍ଶନ ପାଇଁ କାହିଁ କେଉଁ ଆବହମାନ କାଳରୁ ବ୍ୟାକୁଳତା ପ୍ରକାଶ ପାଉଛି । ପ୍ରକୃତରେ ବିଳାସକୁ ଉପଭୋଗ କରିବା ପାଇଁ ମଣିଷର ପ୍ରବୃତ୍ତି ଅଦମନୀୟ । ମଣିଷର ସୌନ୍ଦର୍ଯ୍ୟଲିପ୍ସୁ ପ୍ରାଣରେ ଉନ୍ମାଦନା ସୃଷ୍ଟି ପାଇଁ ପ୍ରକୃତି ରାଣୀର ସବୁଜ ବନପ୍ରାନ୍ତର କୁଳୁକୁଳୁ ନାଦିନୀ ଝରଣା ଯଥେଷ୍ଟ ଉପାଦାନ ଯୋଗାଇଛି, କବି ଭାବୁକକୁ ସମୟେ ସମୟେ ପଥହରା କରିଛି। ଏ ବ୍ୟାକୁଳତା ତା'ର ଚିରନ୍ତନ। କାରଣ ସୁନ୍ଦର ବସ୍ତୁରେ ସମସ୍ତଙ୍କର ଆଦର । କବିବର ରାଧାନାଥଙ୍କ ଭାଷାରେ –

ସୁନ୍ଦର ତୃପ୍ତି ର ଅବସାଦ ନାହିଁ,
ଯେତେ ଦେଖୁଥିଲେ ନୂଆ ଦିଶୁଥାଏ ।

ପ୍ରତ୍ୟେକ ଦର୍ଶନୀୟ ସ୍ଥାନ ଏହିପରି ସୌନ୍ଦର୍ଯ୍ୟକଳାରେ ବିମଣ୍ଡିତ । କାହିଁ କେଉଁ ଅଜଣା ରାଜ୍ୟରୁ ପ୍ରକୃତି ପ୍ରେମୀ ଧାଇଁ ଆସେ ମୁଗ୍ଧ ଚକିତ ଦୃଷ୍ଟିରେ ସନ୍ଦର୍ଶନ କରିବା ପାଇଁ ସୌନ୍ଦର୍ଯ୍ୟରେ ଭରପୂର ପ୍ରକୃତିର ଗନ୍ତାଘରକୁ ।

ଏହିପରି ଏକ ଦର୍ଶନୀୟ ସ୍ଥାନ ହେଉଛି କୁଇଲି ଘୁଗର । ଏହା ଝାରସୁଗୁଡ଼ା ଜିଲ୍ଲାର ଲଖନପୁର ବ୍ଲକର କୁସମେଲବାହାଲ ଗ୍ରାମ ନିକଟରେ ଅବସ୍ଥିତ । ଝାରସୁଗୁଡ଼ା ସହରଠାରୁ ଜାତୀୟ ରାଜପଥ ୪୯ରେ ଏହାର ଦୂରତା ୫୫ କି.ମି ଏବଂ ବେଲପାହାଡ଼ରୁ ୩୦ କି.ମି । ଯାତାୟତ ପାଇଁ ବସ୍‌ର ବ୍ୟବସ୍ଥା ଅଛି । ନିକଟସ୍ଥ ରେଳଷ୍ଟେସନ ଓ ବିମାନ ବନ୍ଦର

ISSN NO.
2582-208X

ଝାରସୁଗୁଡ଼ା ସହରରେ ରହିଛି । ଆବଶ୍ୟକ ସ୍ଥଳେ ନିଜେ ମଧ୍ୟ ଗାଡ଼ି ନେଇ ବୁଲିବାକୁ ଯାଇପାରିବେ । ପିକନିକ ପାଇଁ ସୁନ୍ଦର ମନୋରମ ସ୍ଥାନ ଅଟେ । ଛୁଇଖଣ୍ଡ ଜଙ୍ଗଲରେ ପ୍ରବାହିତ ହେଉଥିବା ଅହିରାଜ ନାମରେ ପରିଚିତ ଝରଣା ପାର୍ବତ୍ୟ ଉପତ୍ୟକା ଦେଇ ପ୍ରବାହିତ ହେବା ସମୟରେ ୨୦୦ ଫୁଟ ଉଚ୍ଚତାରୁ ତଳକୁ ପଡ଼ି କୁଇଲି ଘୁଗର ଜଳପ୍ରପାତର ସୃଷ୍ଟି । ଏହା ପଶ୍ଚିମ କୁ ପ୍ରବାହିତ ହୋଇ ମହାନଦୀ ରେ ମିଶିଛି ।କୁଇଲି ଘୁଗର ଜଳପ୍ରପାତର ଉପରେ ମହେଶ୍ୱରନାଥ ମନ୍ଦିର ଶୋଭା ପାଉଛି । ପ୍ରତିବର୍ଷ ଶିବରାତ୍ରି ମେଳା ବଡ଼ ଜାକଜମକରେ ପାଳିତ ହୋଇଥାଏ । ପରିବାର ଏବଂ ବନ୍ଧୁ ବାନ୍ଧବଙ୍କ ସହିତ ଶୀତଋତୁରେ ପିକନିକ ପାଇଁ ଭିଡ଼ ଲାଗି ରହିଥାଏ । ଶିବରାତ୍ରି ଏବଂ ଅନ୍ୟାନ୍ୟ ଧାର୍ମିକ କାର୍ଯ୍ୟକ୍ରମ ସମୟରେ ଏଠାରେ ପ୍ରବଳ ଜନସମାଗମ ହୋଇଥାଏ । ଏହି ପ୍ରାକୃତିକ ପରିବେଶରେ ଶୋଭା ପାଉଥିବା କୁଇଲି ଘୁଗର ଯିବା ପାଇଁ ପ୍ରକୃଷ୍ଟ ସମୟ ହେଉଛି ଅକ୍ଟୋବର ରୁ ମାର୍ଚ୍ଚ । ଅନ୍ୟ ସମୟରେ ମଧ୍ୟ ଯିବାଆସିବାରେ କୌଣସି ଅସୁବିଧା ନାହିଁ । ପ୍ରାକୃତିକ ପରିବେଶରେ ଜଳପ୍ରପାତର ଧ୍ୱନି ଦର୍ଶକଙ୍କୁ ଆକର୍ଷିତ କରିଥାଏ ।

ଏସବୁ ମଧ୍ୟରେ ଦୁଃଖର କଥା ଆସୁଥିବା ପର୍ଯ୍ୟଟକମାନଙ୍କ ସ୍ୱେଚ୍ଛାଚାରିତା । ପିକନିକ ପାର୍ଟି ନାଆରେ ଉଚ୍ଚସ୍ୱର ସମ୍ପନ୍ନ ଡିଜେର ବ୍ୟବହାର ଯାହା ପରିବେଶର ଶାନ୍ତି ବ୍ୟାହତ କରିବା ସହିତ ଶବ୍ଦ ପ୍ରଦୂଷଣ କରିଥାଏ । ଏହା ସହିତ ସେମାନଙ୍କର ଦ୍ୱାରା ବ୍ୟବହାର ପରେ ଇତସ୍ତତଃ ଫୋପାଡି ଦିଆଯାଉଥିଲା ପଲିଥିନ ଓ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ଆଉ ଏକ ପ୍ରମୁଖ ସମସ୍ୟା ରୂପେ ଠିଆ ହୋଇଛି । ଏହି ଉଭୟ ସମସ୍ୟା ଉପରେ ସମୟ ଥାଉ ଥାଉ ପ୍ରତିରୋଧ କରା ନ ଗଲେ ଭବିଷ୍ୟତ ପାଇଁ ଖୁବ୍ ବିପଦଜନକ ହେବ । ତେଣୁ ଏହି ଦୁଇଟି ସମସ୍ୟାର ସମାଧାନ ଦିଗରେ ସ୍ଥାନୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ବିହିତ ପଦକ୍ଷେପ ନେବା ଆବଶ୍ୟକ ।

ନୂଆ ବରଙ୍ଗାମାଲ, ସମ୍ବଲପୁର ୭୬୮୧୧୨
drpradeepkumarpanda713@gmail.com

ISSN NO.
2582-208X

# ମୋ ମନର ମଣିଷ



ଚୁମୁକ ମହାରଣା

ନା ଥିଲି ନା ଅଛି ମୁଁ ଧନଶୀଳା ତଥାପି
ଆଜି ହୋଇପାରିଛି ତୁମ ପାଇଁ ମୁଁ ସୌନ୍ଦର୍ଯ୍ୟଶୀଳା
ତୁମର ଆଗମନରେ ଏ ମନ ଆଜି ମୋର ଚଳଚଞ୍ଚଳା
ତୁମକୁ ପାଇ ଏଇ ଜୀବନ ମୋର ଲାଗେ ଭରାଭରା

ତୁମେ ରଖି ନଥିଲ ସର୍ତ୍ତ ଚାହିଁଥିଲ ଟିକେ ଭଲପାଇବା
ତଥାପି ଏ ମନ ବୁଝିବାରେ ତୁମକୁ ବହୁତ ବିଳମ୍ବ କରିଦେଇଥିଲା
ବିଳମ୍ବ ହେଉ ପଛକେ ବୁଝିପାରିଲି ତୁମକୁ
ଅବୁଝା ପଣିଆ ମୋର ଦୂରେଇ ଗଲା ଆପଣାଇ ତୁମ ହୃଦୟକୁ

ଭାବିନଥିଲି ହବ କେବେ ମୋ ଦ୍ଵାରା ଭଲ ପାଇବା
ତୁମର ପାଗଳ ପଣ ମତେ ତାହା ମଧ୍ୟ ଶିଖେଇ ଦେଇଥିଲା
କୁହୁକ ଓ ଯାଦୁଗରି ଜାଣିଥିଲ ବୋଧେ ତୁମେ
ସେଇଥିପାଇଁ ଏ ହୃଦୟ ଖାଲି ତୁମକୁ ଖୋଜିବୁଲେ

ସାକ୍ଷାତକାର କରାଇବା ଉପର ଓ୍ଵାଲାର ଇଚ୍ଛା
ସେଇଥିପାଇଁ ବୋଧେ ସେ ତୁମ ସହ ମୋର ଦେଖା କରାଇଥିଲା
ବିଦ୍ୟାଳୟରୁ ହିଁ ତୁମେ ଭଲ ପାଇଥିଲ
କିନ୍ତୁ ସେସବୁ ଜାଣି ମଧ୍ୟ ମୋର ଭଲ ପାଇବା ମହାବିଦ୍ୟାଳୟରୁ ଆରମ୍ଭ ହୋଇଥିଲା

ତୁମେ ଯେ କାହିଁକି ମତେ ଚୟନ କରିଥିଲ ଜାଣେନା
କିନ୍ତୁ ତୁମର ସ୍ଵାର୍ଥହୀନ ଭଲପାଇବା ମତେ ତୁମର କରିନେଇଥିଲା

ISSN NO.
2582-208X

ବିରକ୍ତିକର ହୋଇ ଉଠୁଥିଲି ମୁଁ ତୁମରି ଉପରେ
କିନ୍ତୁ ଏ ମନ ସର୍ବଦା ଚାହୁଁଥିଲା ରଖିବାକୁ ତୁମକୁ ପାଖରେ

ବିଦ୍ୟାର୍ଥୀ ସମୟରେ ନଥିଲି ମୁଁ ନିଜ ଆୟତ୍ତରେ
ଅନେକ କ୍ଲିଷ୍ଟ ଶବ୍ଦରେ ତୁମକୁ କଷ୍ଟ ଦେଇଛି ମୁଁ ମୋ ଜାଣତରେ
ତଥାପି କରି ନଥିଲ ପ୍ରତିବାଦ କେବେ ନିଜ ଇଚ୍ଛାରେ
ଆଘାତ ପ୍ରତିଘାତ ମଧ୍ୟରେ ଆମେ ଆଜି ଏକାଠି ହୋଇପାରିଛେ ସତରେ

ଭଲପାଇବାର ଏଇ ଜୀବନ ଚକ୍ରରେ
ତୁମକୁ ପାଇ ଆଜି ମୁଁ ଧନ୍ୟ ମନେ କରେ
ପରିପୂର୍ଣ୍ଣ ହୋଇପାରିଲା ଦୁହିଁଙ୍କ ଆଶା
କୌଣସି ବାଧା ବିଘ୍ନ କରିନପାରିଲା ଆମକୁ ଦୁହିଁଙ୍କୁ ଅଲଗା

ଶେଷ ହୋଇ ଆସିଲାଣି ତୁମକୁ ଅପେକ୍ଷା କରି ରହିବାର
ରହିଛି ଏବେ ଆଉ ଆମ ଜୀବନରେ ଦୁଇଟି ସ୍ତର
ସମସ୍ତ ବାଧାକୁ ଡେଇଁ ଯଦି ରହିଛେ ସାଥିରେ
ତାକୁ ଆମେ ପାର କରିପାରିବା ନିଶ୍ଚିନ୍ତରେ

ଜାଣିବେ ଜନତା ନଥିଲା ଏସବୁ ମିଛ ପ୍ରତିଶ୍ରୁତି
ଦୁଇ ଜଣ ଆମେ ମିଶି କରିବା ତାର ଇତିବୃତ୍ତି
ପାଇବାର ଇଚ୍ଛା ଥିଲା ଓ ଭଗବାନଙ୍କ ଆର୍ଶୀବାଦରେ
ଏବେ ଅଛେ ଆମେ ଖୁସିର ମହ୍ଲାରରେ

ପ୍ରସ୍ଫୁଟିତ ତୁମ ଓଠର ହସର ଧାରରେ
ରହିବାକୁ ଚାହେଁ ସଦା ତୁମରି ପାଖରେ
ଅପେକ୍ଷାର ଅନ୍ତ ଘଟି ହୋଇଛି ସମୟର ଅବଶେଷ
କେବଳ ତୁମକୁ ଏ ମନ ଚାହେଁ
ତୁମେ ହିଁ କେବଳ ମୋ ମନର ମଣିଷ ....

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର, ସ୍ନାତକୋତ୍ତର/ଫୋନ ନଂ - ୨୮୨୭୦୩୨୩୨୪

ISSN NO.
2582-208X

# ଯେପରି ଭାବନା ସେପରି ସମ୍ପର୍କ



ବିରଞ୍ଚି ନାରାୟଣ ମିଶ୍ର

ଦଶ ବାର ବର୍ଷର ଝିଅଟିଏ। ପାହାଡ଼ ଜଙ୍ଗଲ ଘେରା ଗାଁ ରେ ରୁହେ। ପରିବାର ବୋଇଲେ ମାଆ ଓ ତାର ଛୋଟ ଭାଇଟିଏ। ବାପା ବର୍ଷେ ହେଲା ଏମାନଙ୍କୁ ଛାଡି ଆରପାରିକୁ ଚାଲି ଗଲାଣି। ମାଆ ଦୁଃଖ କଷ୍ଟରେ ପିଲାଦୁଇଟିକୁ ଚଳାଏ। କୁନିଝିଅଟି ଗାଁ ଛେଳି ଗୋଠକୁ ପ୍ରତିଦିନ ପାଖ ପାହାଡକୁ ଚରାଇବାକୁ ନିଏ।

କୁନିଭାଇକୁ ସଙ୍ଗରେ କାଖକରି ନିଏ ଓ ମାଆ ଦେଇଥିବା ପଖାଳ ବାଇଗଣ ପୋଡା ପିଆଜ ଦିପହରରେ ଖାଆନ୍ତି । ଝିଅଟିର ଏହା ନିତିଦିନିଆ କାମ।ଦିନ ମାସ ବର୍ଷ ଏମିତି ଗଡିଚାଲେ, ଧୀରେ ଧୀରେ ଝିଅ ଓ ତା କୁନିଭାଇ ବୟସରେ ବଢ଼ି ଚାଲନ୍ତି। ଝିଅଟି କିନ୍ତୁ ସବୁଦିନ ସାନଭାଇକୁ କାଖକରି ସଙ୍ଗରେ ନିଏ। ଦିନେ ସାନଭାଇକୁ କାଖକରି ପାହାଡ଼ ଉଠୁଥିବା ବେଳେ ଗାଁର ଜଣଙ୍କ ସହ ଦେଖା ହୋଇଗଲା। ଗାଁ ଲୋକଟି ଝିଅକୁ କହିଲା ଆଲୋ ଝିଅ ତୋ ଭାଇତ ଏବେ ବଡ଼ ହୋଇଗଲଣି ସେ ବି ତୋ ସହ ଚାଲି ଚାଲି ପାହାଡ଼ ଚଢି ପାରିବ, ତୁ ତାକୁ କାଖେଇ ଆଉ କାହିଁକି ଏତେ କଷ୍ଟକରି ସବୁଦିନ ପାହାଡ଼ ଚଢୁଚୁ। ଝିଅଟି ସେ ଲୋକକଥା ଶୁଣି ଭାଇକୁ କାଖେଇ ଆଗକୁ ପାହାଡ଼ ଚଢିବାକୁ ଲାଗିଲା। କିନ୍ତୁ ତାପର ଦିନ ଯେତେବେଳେ ଭାଇକୁ କାଖେଇ ପାହାଡ଼ ଚଢିବାକୁ ଆରମ୍ଭ କଲା ଆଉ ଭାଇକୁ କାଖେଇ ଚାଲି ପାରିଲାନି। ସେଦିନ ତା ଭାଇ ତାକୁ ଓଜନ ଲାଗିଲା। ଯେତେଚେଷ୍ଟା କଲେ ବି ସେ ଭାଇକୁ କାଖେଇ ପାହାଡ଼ ଉପରକୁ ଉଠି ପାରିଲା ନାହିଁ।

କଥାଟିର ମର୍ମ : ଝିଅଟି ଯେ ପର୍ଯ୍ୟନ୍ତ ତା ଭାଇକୁ ସାନଭାଇ ବୋଲି ଭାବି ପାହାଡ଼ ଚଢୁଥିଲା ସେପର୍ଯ୍ୟନ୍ତ ତା ଭିତରେ ଥିବା ସ୍ନେହ ଓ କରୁଣା ତାକୁ ଶକ୍ତିଶାଳୀ କରୁଥିଲା। ଯୋଉଦିନ ଝିଅଟି ସେ ଲୋକକଥାକୁ ଶୁଣିଲା ଓ ଭାବିଲା ଠିକ ସେତିକି ବେଳେ ତା ଭିତରେ ଥିବା ସ୍ନେହ ଓ କରୁଣା ଶକ୍ତିଟି ଭାଇର ଓଜନରେ ରୂପାନ୍ତରିତ ହୋଇଗଲା।

ଭୁବନେଶ୍ୱର / 9439011063

ISSN NO.
2582-208X

# ଦୁଃଖ ଗାରିମା



ଦୁଷ୍ମନ୍ତ ବେହେରା

ଉପରେ ମୁଁ ହସୁଛି ଭିତରେ
ମୋ ଜଳନ ଗାରିମା କହୁଛି
ସପନ ମେଳନରେ ଅକ୍ଷର ଛବି
ଗୁଡାକ ମନରେ ନରମି ଯାଉଛି !!

ବେଦନା ଲୋହରେ ମନ ବି ହସୁଛି
ଆକାଶ କୁସୁମ ବୁଝେଇ କହୁଛି
ଏଇ ଦେଖ ଦେଖ ତ ସୁଖ କାଳ
ଉଇଁ ଉଇଁ ଗଡି ଯାଉଛି !!

ପଲକ ସପନ କୁ କପାଳ ହସି
କହେ ଆହାଃ ତୋ'ର ଭାଗ୍ୟ
ଏଠି ଗଡି ଯାଇ ପୁଣି ଉଠି
କହୁଛି ଆହାଃ ରେ ଜୀବନ !!

ଜୀବନ ଆଣ୍ଠେଇ କହୁଛି
ମୁଁ ପରା ପାରିଜାତ ବାସ୍ନା ରେ
ମହକି ଉଠିବି ଚିନ୍ତା କରନା
କ୍ଷଣିକ ଦୁଃଖରେ ମୁଁ ହସେଇ ଦେବି !!

ISSN NO.
2582-208X

ଏଠି ଗଢୁଛି ମୋ ଜଞ୍ଜାଳ ସେଠି
ଗଢୁଛି ମୋ ଅନ୍ତର ବୁଝାଇ
କହୁଛି ସୁଖ ଆଣି ଦେବି ଯେ
ଦୁଃଖ ଗାରିମା ତୋ'ର ରହିବ ନାହିଁ !!

ମୂଖ ସୁନ୍ଦରୀ ହସି ଦେଇ କହୁଛି
ଆସେ ଆସେ ଦେଖିବୁ
ପାଟ ପିନ୍ଧିଛି ମୋ ଦୁଃଖ ର ରାଣୀ
ଓଢଣା ପାଖରେ ଗୁମୁରି କାନ୍ଦୁଛି !!

ଉପରେ ହସୁଛି ବୋଲି କ'ଣ
ଦୁଃଖ ନାହିଁ ବିଧାତା ଲେଖିଛି
ଅଢେଇ ଆଶାରେ ସଢେଇ
କାଇଁଚ ଦୁଃଖ ର ରାଣୀ !!

ଶବ୍ଦ କହେ ସିନା ଦୁଃଖ ର ଗାରିମା
ମନ ତଳ କହେ ବେଦନା କଥା
ଚିତ୍ରିତ ଚେହେରା ଆଲୁଅ ମୁଆଁ
ନକଲି ହସରେ ଏତେ ଶରଧା !!

ଆସ ଗୋ ଆସ ଦୁଃଖ ଗାରିମା
ଭୁଲେଇ ପାରୁନି ମନ ଭାଷା
ଆଉ କ'ଣ ଗାରେଇ ବ ତୁମ ଦୁଃଖ
ଗାରିମା ରେ ଜୀବନ ଏମିତି......

ଦୁଃଖ ର ଗାରିମା ରେ
ଝୁରି ହେଉଛି...................

ଗ୍ରସୋଳ (ମୁଣ୍ଡିଆପଷି) ଢେଙ୍କାନାଳ

ISSN NO.
2582-208X

# ପୁରସ୍କାର



ବାଙ୍କାବିହାରୀ ମହାକୁର

ଗୋଟିଏ ରାଜ୍ୟରେ ଜଣେ ରାଜା ଥିଲେ । ସେ ସୁବୁବେଳେ  ନୂଆଁ ନୂଆଁ ଉପାୟ ଅବଲମ୍ବନ କରୁଥିଲେ । ରାଜ୍ୟର ପ୍ରଜାମାନଙ୍କ ସମ୍ବନ୍ଧରେ ଅବଗତ ହେବାକୁ ସେ ବିଭିନ୍ନ ସମୟରେ ଅନେକ ପରୀକ୍ଷା କରୁଥିଲେ । ଥରେ ସେ ମନ୍ତ୍ରୀଙ୍କୁ କହିଲେ, "ରାଜ୍ୟର ସମସ୍ତ କୃଷକମାନଂକୁ ସୂଚିତ କରିଦିଅଂତୁ କି ସମସ୍ତେ ପରୀକ୍ଷାରେ ଅଂଶଗ୍ରହଣ କରିବେ ।" ମନ୍ତ୍ରୀ ଖବରଟିକୁ ସାରା ରାଜ୍ୟରେ ପ୍ରଚାର କରାଇଲେ ।

ପ୍ରଚାର ଖବର ଶୁଣି ରାଜ୍ୟର ସମସ୍ତ ଅଂଚଳର ପ୍ରଜାମାନେ ସଜବାଜ ହୋଇ ପରୀକ୍ଷା ଦିନଧାର୍ଯ୍ୟ କରା ଯାଇଥିବା ଦିବସରେ ରାଜଦାରବାରରେ ଉପସ୍ଥିତ ହେଲେ । ରାଜା ସମସ୍ତଂକୁ ଅଭିନଂଦନ ଜଣାଇ ଆସନ ଗ୍ରହଣ କରିବାକୁ କହିଲେ । ମନ୍ତ୍ରୀଙ୍କ ମାଧ୍ୟମରେ ସମସ୍ତ କୃଷକଙ୍କୁ କିଛି କିଛି ଶସ୍ୟ ମଂଜି ପ୍ରଦାନ କରାଇ କହିଲେ, ଆପଣମାନଂକୁ ଦିଆଯାଇଥିବା ଶସ୍ୟ ମଂଜିକୁ ନେଇ ଯତ୍ନ ସହକାରେ ଚାଷ କରି ଉତ୍ପାଦିତ ଶସ୍ୟକୁ ରାଜଦାରବାରରେ ପୈଠ କରିବାକୁ ହେବ । ଯାହାର ଶସ୍ୟ ସଠିକ ପରିମାଣରେ ଓ ଉନ୍ନତ ଧରଣର ହେବ ତାକୁ ପୁରସ୍କୃତ କରାଯିବ ।

ଶସ୍ୟ ମଂଜି ଧରି ସମସ୍ତ କୃଷକ ମହାଆନଂଦରେ ନିଜ ନିଜ ଘରକୁ ଫେରିଗଲେ । ନିଜ ଚାଷଜମିରେ ସେ ଶସ୍ୟକୁ ନେଇ ଚାଷ କଲେ କିନ୍ତୁ କାହାରି ଶସ୍ୟ ମଂଜିରୁ  ଗୋଟିଏ ହେଲେ ବି ଗଜା ବାହାରିଲା ନାହିଁ । ଶସ୍ୟ ମଂଜି ଗଜା ନ ହେବ କଥା କେହି କାହାରିକୁ କହିଲେ ନାହିଁ ବରଂ ନିଜ ନିଜର ଚାଷ ଜମିରେ ଅନ୍ୟ ବିହନ ବୁଣି ଚାଷ କରିବାକୁ ଲାଗିଲେ । ଦିନରାତି ପରିଶ୍ରମ କରି ଉନ୍ନତ ଧରଣର ଫସଲ ଉତ୍ପାଦନ କରିବାକୁ ଚେଷ୍ଟା

ISSN NO.
2582-208X

କଲେ, କାରଣ ଉତ୍ପାଦନ କରି ନ ପାରିଲେ ରାଜା ଅଳସୁଆ ଓ ଅକର୍ମା ବିବେଚନା କରିବେ ବୋଲି ସେମାନଂକର ଭୟ ସୃଷ୍ଟି ହେଲା ।

କିଛି ମାସ ଗଲା ପରେ ସମସ୍ତ କୃଷକ ନିଜ ନିଜର ଉତ୍ପାଦିତ ଜିନିଷ ଧରି ରାଜଦାରବାରରେ ଉପସ୍ଥିତ ହେଲେ । ବିଭିନ୍ନ ଶସ୍ୟରେ ରାଜଦାରବାର ଭର୍ତ୍ତି ହୋଇଗଲା କିନ୍ତୁ ଜଣେ କୃଷକ ଶସ୍ୟ ବଦଳରେ ମୁଠାଏ ମାଟିକୁ ଗଂଠିଲିରେ ଧରି ଉପସ୍ଥିତ ହୋଇଥିଲା । ତାକୁ ଦେଖି ଅନ୍ୟ ସମସ୍ତ କୃଷକ ହସିବାକୁ ଲାଗିଲେ ଓ ତାଚ୍ଛଲ୍ୟ ଭରା କଥା କହିଲେ । କୃଷକ କାହାକୁ କିଛି ନ କହି ଚୁପଚାପ ରହିଲା । କିଛି ସମୟ ପରେ ରାଜା ଓ ମନ୍ତ୍ରୀ ଆସି ରାଜଦାରବାରରେ ଉପସ୍ଥିତ ରହି ସମସ୍ତଂକୁ ଚାଷ ବିଷୟରେ ପଚାରିଲେ । ଜଣ ଜଣ କରି ସମସ୍ତ କୃଷକ ନିଜ ନିଜର ମତାମତକୁ କହିଲେ କିନ୍ତୁ ମାଟି ଧରି ଆସିଥିବା କୃଷକର କଥା ଶୁଣି ସମସ୍ତେ ଅବାକ ହୋଇଗଲେ । ସେ କହିଲେ, "ମହାରାଜ, ମୋତେ ଅଳସୁଆ, ଅକର୍ମା ଯାହା କହିଲେ କହଂତୁ କି ଯାହା ଦଂଡ ଦେଲେ ବି ସବୁ ସହିବି କିନ୍ତୁ ଆପଣଂକ ଦରବାରରୁ ନେଇଥିବା ଶସ୍ୟର ଗୋଟିଏ ମଂଜିରୁ ବି ଗଜା ବାହାରିଲା ନାହିଁ । ଦିନରାତି ଯେତେ ପରିଶ୍ରମ କଲେ ବି ଫଳ କିଛି ମିଳିଲା ନାହିଁ । ମୁଁ ସମ୍ପୂର୍ଣ୍ଣ ନିରୁପାୟ ଏବଂ ଏହା ମୋର ପରିଶ୍ରମ କହି ମାଟି ଗଂଥିଳି ଖୋଲିଦେଲା। "

ଶେଷରେ ମନ୍ତ୍ରୀ ପୁରସ୍କାର ଘୋଷଣା କଲେ, ବିନା ଶସ୍ୟରେ ମାଟି ଧରି ଆସିଥିବା କୃଷକକୁ ବିଜୟୀ କରାଇଲେ । ଏହା ଶୁଣି ସମସ୍ତେ ଆଶ୍ଚର୍ଯ୍ୟ ହୋଇ କୁହାକୁହି ହେଲେ ବିନା ପରିଶ୍ରମରେ ସେ ବିଜୟୀ ହେଲା କିପରି ? ଆମେ ଦିନରାତି ପରିଶ୍ରମ କରି ଫସଲ ଉତ୍ପାଦନ କଲୁ ଅଥଚ ସେ ବସି ବସି ସଫଳ ହୋଇଗଲା । ମନ୍ତ୍ରୀ କହିଲେ, ଖାଲି ଆସିଥିବା କୃଷକ ହିଁ ସତ କହୁଛି ବାକି ସମସ୍ତେ ମିଛ କହୁଛ କାରଣ ତୁମମାନଂକୁ ଦିଆଯାଇଥିବା ଶସ୍ୟ ମଂଜି ଅଦରକାରୀ ଥିଲା । ସେ ଅଦରକାରୀ ଶସ୍ୟ ମଂଜି ଗଜା କେମିତି ହେଲା ? ସମସ୍ତେ ନିଜର ଭୁଲ ପାଇଁ ଅନୁତାପ କଲେ ଓ ଲଜ୍ଜିତ ହୋଇ ମୁଂଡକୁ ନୁଆଁଇ ବସିଲେ ଓ ପରେ ରାଜଦରବରରୁ ନିଜ ନିଜର ଘରକୁ ଫେରିଗଲେ ।

ବୁରୁବୁଡା
ବୀରମହାରାଜପୁର, ସୁବର୍ଣ୍ଣପୁର

ISSN NO.
2582-208X

# ଫୁରସତ୍



ରଶ୍ମିତା ସାହୁ

ଶୁଣ, ଯେବେ ବି ମୁଁ ଫୁରସତ୍ ରେ ବସେ,
ପାଦ ଚିପି ଚିପି ଆସ ତୁମେ
ହାଲକା ପବନରେ ଆଖିକି ମୋ ବୁଜି
ମାନସ ପଟରେ ବିଚରଣ କର ତୁମେ
ଫୁସ୍ ଫୁସ୍ କରି ମୋ କାନରେ
ବିଗତ ସ୍ମୃତି ସବୁକୁ ଗଣାଅ ତୁମେ
ଯେବେ ମୁଁ ଆଗକୁ ବଢ଼ିବାକୁ ଚାହେଁ
ପଛପଟୁ ହାତକୁ ଭିଡ଼ିଧର ତୁମେ
ଅନ୍ୟକେହି ଯଦି ଭାବନାରେ ଆସେ ମୋର
ତୁରନ୍ତ ଜାହିର କର ଅସ୍ତିତ୍ୱ ତୁମର
କେତେ ଦିନ ଅବା ସମ୍ପର୍କ ଆମର
ଆରମ୍ଭ ହେବା ଆଗରୁ ହିଁ
ଲାଗିଯାଇଥିଲା ବିରାମ....
ତୁମେ ଗଲା ପରେ ଶୂନ୍ୟତା ମୋ ଭିତରେ
ଏହି ଶୂନ୍ୟତା ଅନୁମତି ଦିଏ ନାହିଁ,
ପୂର୍ଣ୍ଣ ହେବାକୁ ଅନ୍ୟ କାହା ସାଥିରେ ।

ତୁମେ ମୋ ସହ ନାହ ସତ କିନ୍ତୁ,
ରହିଯାଇଛ ମୋ ଭିତରେ ।
ମୋ ଅଜାଣତେ ଏକ ଜାଗା
ରଖିଦେଇ ଗଲ ତୁମ ନା ରେ....
ଯେବେ ତୁମ ସହ କଥା ହେବାକୁ
ଇଚ୍ଛା ହୁଏ,
କଥା ତ ହୋଇପାରେନା,
ଏମିତି ଖଣ୍ଡେ କାଗଜରେ
ଲେଖିନିଏ ମୋ ମନର ଭାବନା....
ଆରେ ! ହେଇତ ଗଲା ଏବେ
ଏକ କବିତା ତୁମ ନା' ରେ,
ପଢ଼ିନେବ ତୁମେ ତୁମ ଫୁରସତ୍ ରେ.......

ଛତ୍ରପୁର(ଗଞ୍ଜାମ )
Email- rasmi.k.sahu777@gmail.com

ISSN NO.
2582-208X


# ନନ୍ଦର ଆନନ୍ଦ



ଅଧ୍ୟାପିକା ରେ଼ଜାଲିନ ବାରିକ୍

ସତ୍ୟ ସନାତନ ଗୋବିନ୍ଦ ।
ରମା ବଲ୍ଲଭ ଆଦିକନ୍ଦ ।।
ବରଦ ଶ୍ରୀକୃଷ୍ଣ ମୁକୁନ୍ଦ ।
ସକଳ ଜନଙ୍କର ବନ୍ଦ୍ୟ ।।
ନମ ଶ୍ରୀ ହରି ପଦ ବୃନ୍ଦ ।
ମନମୋହନ ନିତ୍ୟାନନ୍ଦ ।।
ତତ୍କାଳ ବନ୍ଦ ବିଷ୍ଣୁ ପଦ ।
ପୁରାତନ ନୂତନ ମଧ୍ୟ ।।
ତ୍ରଇଲୋକ ଆନନ୍ଦ ପ୍ରଦ ।
ଦାତା ସେ ସକଳ ସମ୍ପଦ ।।
ଏମନ୍ତ ନନ୍ଦର ଆନନ୍ଦ ।
କାଳ ରୂପୀ ପରମାନନ୍ଦ ।।
ଦୟଣା ମାଳ ଶୋହେ ହୃଦ ।
ଶ୍ରୀପତି ହାସ୍ୟ ମନ୍ଦ ମନ୍ଦ ।।

ଗ୍ରାମ ମହୁ, ପୋଷ୍ଟ ମହୁ,
ଆଳ୍, କେନ୍ଦ୍ରାପଡ଼ା
ମୋ 9938501102

ISSN NO.
2582-208X

# ସଂରକ୍ଷଣ କାନୁନ ଦ୍ୱାରା ମହିଳାଙ୍କ ଶୋଷଣ



ମମତା ନାୟକ

ସାରା ପୃଥିବୀରେ ପୁରୁଷ ପ୍ରାଧାନ୍ୟ ସମାଜ ଗଠନ ହୋଇଥିଲା । ସେଥିପାଇଁ ସବୁ ଦେଶରେ, ସବୁ ଧର୍ମ ସଂପ୍ରଦାୟରେ ନାରୀମାନଙ୍କ ସ୍ଥାନ ଉଚ୍ଚରେ ନଥିଲା କିମ୍ବା ସମାନ ବି ନଥିଲା । ନିମ୍ନ ସ୍ଥାନରେ ହିଁ ରହିଥିଲା । ପରିବର୍ତ୍ତିତ ସମୟ ଅନୁସାରେ ମହିଳାଙ୍କୁ ଶିକ୍ଷା ପ୍ରାପ୍ତ କରିବା ଅଧିକାର ମିଳିଲା । ଶିକ୍ଷା ପରେ ସେମାନେ ନିଜର ମୌଳିକ ମାନବିକ ଅଧିକାର ସମ୍ପର୍କରେ ଅବଗତ ହେଲେ । ପ୍ରତ୍ୟେକ ଦେଶରେ ମହିଳାଙ୍କ ସୁରକ୍ଷା ଓ ଅଧିକାର ପାଇଁ ଆଇନ କାନୁନ ପ୍ରଣୟନ ହେଲା । ଆମଦେଶରେ ମଧ୍ୟ ଆଇନଜୀବୀ ମାନେ ପ୍ରତ୍ୟେକ ବର୍ଗର ମହିଳାଙ୍କ ଜୀବନ ସ୍ତର ଓ ସମସ୍ୟା ଉପରେ ଗଭୀର ଅନ୍ୱେଷଣ କରି ସେମାନଙ୍କ ସୁରକ୍ଷା ପାଇଁ ବିଭିନ୍ନ ଧାରାରେ କାନୁନ ପ୍ରଣୟନ କଲେ । ଆଜି ପର୍ଯ୍ୟନ୍ତ ନାରୀ ମାନଙ୍କ ପାଇଁ ୧୫ ଗୋଟି କାନୁନ ପ୍ରଣୟନ ହୋଇଛି । ଦୁଃଖର କଥା ଯେ ତଥାପି ଆମ ଦେଶର ନାରୀମାନେ ସମ୍ପୂର୍ଣ୍ଣ ଭାବେ ସୁରକ୍ଷିତ ନୁହନ୍ତି । ସମସ୍ତ ପୀଡିତା ନାରୀ ଠିକ ସମୟରେ ଠିକ ଭାବେ ନ୍ୟାୟ ପାଉ ନାହାନ୍ତି । ଏହାର କାରଣ ସଂପର୍କରେ ଆଇନ ବିଶେଷଜ୍ଞ କୁହନ୍ତି - ପ୍ରଥମତଃ ଆଇନ ଗୁଡିକ ଠିକ ଭାବେ ଲାଗୁ ହୋଇ ପାରୁନାହିଁ । ଦ୍ୱିତୀୟତଃ ଆଇନ ଗୁଡିକର ଦୁରୁପଯୋଗ ହେଉଛି ।

ବର୍ତ୍ତମାନ ସମୟରେ ସବୁଠାରୁ ବେଶୀ ଦୁରୁପଯୋଗ ହେଉଥିବା କାନୁନ ହେଉଛି ଧାରା ୪୯୮ (କ ) ଯୌତୁକ ନିର୍ଯ୍ୟାତନା କାନୁନ । ବେଶୀ ଯୌତୁକ ଆଣି ନଥିବା ବିବାହିତା କନ୍ୟା ଉପରେ ଶ୍ୱଶୁର ଘର ଲୋକମାନେ ଶାରୀରିକ ଓ ମାନସିକ ଭାବେ ନିର୍ଯ୍ୟାତନା ଦେଉଥିବା ଖବର ବେଶୀ ଦେଖା ଯିବାରୁ ଗତ ୧୯ ୮୩ ମସିହାରେ ଏହି କାନୁନ ପ୍ରଣୟନ ହୋଇଥିଲା । କିନ୍ତୁ ଏହି କାନୁନ ସମ୍ପର୍କରେ ଅଧିକାଂଶ ଲୋକ ଅବଗତ ନଥିଲେ । ବିଶେଷ

ISSN NO.
2582-208X

କରି ମହିଳାମାନେ ହିଁ ଜାଣି ନଥିଲେ । ଜାଣିଲେ ବି ଥାନାକୁ ଯାଇ ସ୍ୱାମୀ ଓ ଶ୍ୱଶୁର ଘର ଲୋକମାନଙ୍କ ବିରୁଦ୍ଧରେ ଅଭିଯୋଗ କରିବାକୁ ସାହାସ କରୁ ନଥିଲେ । ଯୌତୁକ ଦାବି କରି ଧୀରେ ଧୀରେ ବଧୂ ହତ୍ୟା ବା ଆତ୍ମହତ୍ୟା ସଂଖ୍ୟା ବୃଦ୍ଧି ପାଇଲା । ଏହା ଦେଖି ଗତ ଜାନୁୟାରୀ ୧୯୯୨ ମସିହାରେ "ରାଷ୍ଟ୍ରୀୟ ମହିଳା କମିଶନ" ଗଠନ ହେଲା । ପ୍ରତ୍ୟେକ ରାଜ୍ୟର ମହିଳା ରାଷ୍ଟ୍ରୀୟ ମହିଳା କମିଶନରେ କିଛି ମହିଳା ନେତ୍ରୀ ରହିଲେ । ସେମାନେ ରାଜ୍ୟର ସ୍କୁଲ, କଲେଜ, ଗ୍ରାମ, ସହରର ସାହିରେ ବୁଲି ବୁଲି, ସଭା ସମିତି କରି ନାରୀମାନଙ୍କ ସୁରକ୍ଷା ପାଇଁ ତିଆରି ହୋଇଥିବା ଏହି ଅମୋଘ କାନୂନୀ ଅସ୍ତ୍ର ସମ୍ପର୍କରେ ବୁଝାଇଦେଲେ । ଦରକାର ପଡିଲେ ନାରୀ ନେତ୍ରୀମାନେ ପିଡୀତାଙ୍କ ସହିତ ମିଶି ପୋଲିସ ଥାନାକୁ ଅଭିଯୋଗ ପତ୍ର ଦେବା ପାଇଁ ଯିବେ ବୋଲି ପ୍ରତିଶୃତି ଦେଲେ । ତାପରେ ପରେ ଆମଦେଶରେ ଧାରା ୪୯୮ (କ) କାନୁନକୁ ନେଇ ଯେଉଁ ଷଡଯନ୍ତ୍ର ଖେଳ ଆରମ୍ଭ ହେଇଗଲା, ସେଥିରେ ଦେଶର ଆବାଳ ବୃଦ୍ଧ ବନିତା ପ୍ରଭାବିତ ହୋଇଗଲେ । ଲକ୍ଷ ଲକ୍ଷ ନିରୀହ ଲୋକମାନେ ଜେଲରେ ପଶି ଗଲେ । ସତେ ଯେପରି ପବିତ୍ର ଯୌତୁକ ନିବାରଣ କାନୁନ ଧାରାରେ ସ୍ନାନ କରି ଦଲାଲ, ମହିଳା ନେତ୍ରୀ, ପୋଲିସ, ଓକିଲ ଓ ନ୍ୟାୟାଧୀଶମାନେ ମୋକ୍ଷ ପ୍ରାପ୍ତ କଲେ । କୋଟି କୋଟି ଟଙ୍କାର ବ୍ୟବସାୟ ଚାଲିଲା । ନିଜର ଇଜ୍ଜତ ବଞ୍ଚାଇବା ପାଇଁ ଶ୍ୱଶୁରଘର ଲୋକମାନେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କଲେ । ସମସ୍ତଙ୍କ ମନରେ କୋକୁଆ ଭୟ ଭର୍ତ୍ତି ହୋଇଗଲା । ପରିସ୍ଥିତି ଏତେ ବିଗିଡି ଗଲା ଯେ ଏନ.ସି.ଆର.ବି. ରିପୋର୍ଟ ଅନୁସାରେ ପ୍ରତିବର୍ଷ ବିବାହିତା ମହିଳାଙ୍କ ତୁଳନାରେ ବିବାହିତ ପୁରୁଷଙ୍କ ଆତ୍ମହତ୍ୟା ସଂଖ୍ୟା ଦୁଇ ଗୁଣ ହୋଇଗଲା ।

ପରିତାପର ବିଷୟ ହେଉଛି ଯେ ଆଜି ପୋଲିସ ଓ ମହିଳା ସଂରକ୍ଷଣ ବିଭାଗ ଉଭୟ ମହିଳାଙ୍କ ପକ୍ଷରେ ପକ୍ଷପାତପୂର୍ଣ୍ଣ କାନୁନ ଗୁଡିକର ମଜା ଲୁଟି ନେଉଛନ୍ତି । ଦୁହିଁଙ୍କୁ ଯଥେଷ୍ଟ ଟଙ୍କା ମିଳୁଛି । ତାସହିତ ପୁରୁଷଙ୍କ ପରିବାରଜନଙ୍କୁ ପ୍ରତାଡ଼ିତ କରି ଅଲଗା ମଜା ନେଉଛନ୍ତି । ଦାମ୍ପତ୍ୟ ଜୀବନରେ ସ୍ୱାମୀ ସ୍ତ୍ରୀଙ୍କ ଭିତରେ ହେଉଥିବା ସାମାନ୍ୟ ଝଗଡାର ଫାଇଦା ମହିଳାଙ୍କ ମାତା ଓ ପିତାଙ୍କୁ ମିଳୁଛି । କନ୍ୟାକୁ ଫୋନ କରି ନିର୍ଦ୍ଦେଶ ଦେଉଛନ୍ତି, ତୁରନ୍ତ ବଡ ପାଟିରେ ଚିତ୍କାର କରି ପାଖ ପଡିଶାଙ୍କୁ ଏକାଠି କର । ତାପରେ ପୋଲିସକୁ ଖବର ଦେଇ ଆସିବାକୁ କହ । ଏହା ଦ୍ୱାରା ପରିସ୍ଥିତି ଆହୁରି ଗମ୍ଭୀର ହୋଇ ଯାଉଛି । ପୁରୁଷଙ୍କ ପକ୍ଷରୁ କୌଣସି ଅଭିଯୋଗ ଶୁଣା ଯାଏ ନାହିଁ । ପୁରୁଷଙ୍କ ବିରୁଦ୍ଧରେ ଯେଉଁ

ISSN NO.
2582-208X

ଅଭିଯୋଗ ପତ୍ର ଲେଖା ଯାଉଛି ସେଥିରେ ଅନେକ ପ୍ରକାର ପୂର୍ବ ନିୟୋଜିତ ଅସତ୍ୟ ବା ଅର୍ଦ୍ଧ ସତ୍ୟ ହିଁ ରେକର୍ଡ କରାଯାଉଛି ।

ବିଭିନ୍ନ ଗାଁଗହଳରୁ ସାଧାରଣ ପରିବାରର ଉଚ୍ଚ ଶିକ୍ଷା ପ୍ରାପ୍ତ କରି ଦୂର ସହରକୁ ଯାଇ ଭଲ ଦରମା ପାଇ ଚାକିରି କରୁଥିବା ଯୁବତୀମାନେ ଅତି ମହତ୍ୱାକାଂକ୍ଷୀ ହୋଇଯା'ନ୍ତି । ସେମାନଙ୍କ ପାଇଁ ବେଶୀ ଟଙ୍କାର ଚାକିରି, ବ୍ୟାଙ୍କ ବ୍ୟାଲେନ୍ସ, ମହଙ୍ଗା କାର, ମହଙ୍ଗା କୋଠା ଘର, ଆଧୁନିକ ବୈଦ୍ୟୁତିକ ଉପକରଣ ଆଦି ପ୍ରାପ୍ତ କରିବା ପାଇଁ ସେମାନେ ଯେକୌଣସି ଅନୈତିକ କାମ କରିବାପାଇଁ ପଛ ଘୁଞ୍ଚା ଦେଉ ନାହାନ୍ତି । ସେମାନଙ୍କ ପାଇଁ ନିଜର ପାରିବାରିକ ସଂସ୍କାର, ଇଜ୍ଜତ ମହତ କିଛି ମାନେ ରଖେ ନାହିଁ । ନିଜର ଖୁସି ପାଇଁ ପୁରୁଷ ବନ୍ଧୁଙ୍କ ସହିତ ଲିଭ ଇନ ରିଲେସନରେ ରହିବାକୁ ଅନୁଚିତ ବୋଲି ଭାବୁ ନାହାନ୍ତି । ଏପରିକି ତାଙ୍କର ବିବାହିତ ପୁରୁଷ ଜୀବନ ସାଥୀ ସ୍ୱାମୀ ମଧ୍ୟ ତାଙ୍କର ଇଚ୍ଛା ମୁତାବକ ଚାଲିବା ଉଚିତ ବୋଲି ଭାବୁଛନ୍ତି । ସେମାନଙ୍କ ଯୁକ୍ତି ହେଉଛି, ଅତୀତରେ ମୋର ମାଆ, ଜେଜେ ମାଆ, ଆଇ ମା' ଯେଉଁ ଭଳି ପୁରୁଷମାନଙ୍କ ଦ୍ୱାରା ନିର୍ଯ୍ୟାତିତ ହେଉଥିଲେ ଆଜି ମୁଁ ସେପରି ହେବି ନାହିଁ । ସେମାନଙ୍କ ଯୁକ୍ତି ଶୁଣିବାକୁ ଠିକ ଲାଗିପାରେ କିନ୍ତୁ ସେମାନଙ୍କ ବାସ୍ତବିକ ଜୀବନରେ ପ୍ରକଟ କରୁଥିବା ପ୍ରତିକ୍ରିୟା ଠିକ ହେଉନାହିଁ । ଯୁବତୀଙ୍କ ଉଶୃଙ୍ଖଳ ବ୍ୟବହାର ଦ୍ୱାରା ପୁରୁଷମାନେ ନିର୍ଯ୍ୟାତିତ ହେବା କ'ଣ ଠିକ ହେବ ? ବୈବାହିକ ଜୀବନରେ ସ୍ୱାମୀ ଓ ସ୍ତ୍ରୀଙ୍କ ଭିତରେ ସନ୍ତୁଳନ ରହିବା ନିହାତି ଆବଶ୍ୟକ । ଛୋଟ ଛୋଟ ମତାନ୍ତରକୁ ବଡ କରି ଦୁହିଁଙ୍କ ଭିତରେ ମନାନ୍ତର ସୃଷ୍ଟି କରିଦେବା ଉଚିତ ନୁହେଁ । ଆଜିର ସମୟରେ ଯଦି ଯୌତୁକ ନିବାରଣ କାନୁନରେ ସନ୍ତୁଳନ ରଖି ସଂଶୋଧନ କରାଯିବ ନାହିଁ ତେବେ ଭବିଷ୍ୟତରେ ଭାରତର ବୈବାହିକ ଅନୁଷ୍ଠାନ ଧୀରେ ଧୀରେ ବନ୍ଦ ହୋଇଯିବ । ଏହି କାନୁନ ଭୟରେ ଆଜି ଯୁବକ ଯୁବତୀଙ୍କ ବିବାହ ବୟସ ଗଡି ଯାଉଥିଲେ ମଧ୍ୟ ବିବାହ କରିବାକୁ ସାହସ କରୁ ନାହାନ୍ତି ।

ମୋ : ୮୧୪୭୨୦୮୭୪୬

ISSN NO.
2582-208X

# ବାପା

ରେ୍ସନୀ ସାହୁ

ଥିଲା କିଛି ପଚାରିବାର
କାଇଁ ତମେ ମୋତେ ହିଁ ବେଶୀ ପ୍ରେମ କର ।

ଛାଇଁ ଦେବା ପାଇଁ ନିଜ ପାଦ ଜାଳଇ
ଛୋଟ ଛୋଟ ରାଗରୁଷାକୁ ମନାଅ ଖେଲଣା ଖେଳାଇ,
ଥିଲା ନାହିଁ ପାଖେ ଯେତେ ଦେଲ ତୁମ୍ଭେ
ହେଲେ ଖୁସିରେ ସବୁ ଦେଲ ପରିସ୍ଥିତି ନ ଦେଖାଇ ।

ଏତେ ସବୁ କେମିତି କର
ଏତେ ଦୁଃଖ ନ ଦେଖାଇ କେମିତି ରହ,
ପାଣି ତ ଆଖିରୁ ଝରୁଥିବ ନିଶ୍ଚେ
ହେଲେ ବାପା ଏତେ ସଦାବେଳେ କେମିତି ହସ ।

କେତେ କଷ୍ଟ ଗୋଟେ ଝିଅ ବାପର
ଅଜାଡ଼ି ଦିଏ ନିଜ ଘର ଛପର,
ଯେତେ ରାଗିଲେ, ଯେତେ ଗାଳି କଲେ ମଧ୍ୟ
କେବେ ବାପ ନ ହୁଏ ପର ।

ହାୟେ ଅଭାଗା ଏ ଝିଅ ବାପ ଜୀବନ
ଛାଡ଼ିବାକୁ ପଡ଼େ ସବୁ ଖୁସି, ସୁଖ ବନ୍ଧନ
ଥରେ ଭାବିଲେ ମାଁ ହେବା ସହଜ

ISSN NO.
2582-208X

କିନ୍ତୁ ବାପା ସମର୍ପେ ନିଜ ସବୁ,
ଝିଅ ପାଇଁ ଆଜୀବନ ।

ମାଁ ଜନ୍ମ ଦେଇ ଥରେ ଜିତେ
ବାପା ସେ ଛୁଆ ଖୁସି ପାଇଁ ନିତି ହାରେ,
ଦେଖାଏ ମା ସଂସାରର ସୁନ୍ଦରତା
ବାପା ଦେଖାଏ ସମାଜର ନିରାଟ ସତ୍ୟତା ।

ମାଁ ପାଳେ ଗର୍ଭେ କେବଳ ମାସ ନଅ
ତୁମେ ତ ଦେଲ ମୋତେ ଜୀବନ,
ଆଙ୍ଗୁଳି ଯେବେ ଧରୁଥିଲା ଏ କୁନି ହାତ
ସେ ସବୁ ସ୍ମୃତି ମୁଁ ଭୁଲି ପାରୁନି ।

ଆଜି ହାତ ଚାହୁଁଛି ସେ ଆଙ୍ଗୁଳି
ତୁମ ହାତ ପାଇଁ କରୁଛି ମୁଁ ଅଳି
ଯାହା ତୁମେ କହିଥିଲ କରୁଛି ପାଳନ
ତମ କଥାନୁସାରେ କାହା ସାଥେ କରୁନି କଳି ।

ତୁମ ସେ ପ୍ରେମମୟ ହାତ
ଧରି ଚାଲିଛି କେଜାଣି କେତେ ବାଟ,
ବଞ୍ଚାଇଲ କେତେ ଘାତ ପ୍ରତିଘାତ
ଚାଲିଥାଉ ଆଜୀବନ ଏହି ନାଟ ।

ବାପା .. ହାତ ଧାମି ନିଅ ଗୋଡ଼ ଥରୁଛି
ବାପା .. ସାହାରା ଦିଅ ତମ ଝିଅ ଡରୁଛି,
ଦେଇ ଆଶୀର୍ବାଦ ଥାଅ ସାଥେ
ବାପା ..ଛାତିରେ ଲଗାଇ ଦିଅ ମୁଁ ନିତି ମରୁଛି ।

ISSN NO.
2582-208X

କରିଦେବ ମୋ ଭୁଲ ପାଇଁ ମୋତେ କ୍ଷମା
ନିଜଠୁ କେବେ ଦୂର କରିବନି ଜମା,
ରଖିଥିବ ସଦାବେଳେ ଶିରେ ହାତ
ତୁମ କାର୍ଯ୍ୟ ପାଇଁ ମୂଲ୍ୟହୀନ ଦରମା ।

ବାପା ତମ କର୍ମକୁ ସଲାମ
ଝିଅ ପାଇଁ କଲ ସବୁ ନିଲାମ ।
ଛୋଟ ଭୁଲବି ଦୁନିଆଁ ଲାଗି ପାପ
ଆଉ ଯିଏ ପାପକୁବି ଛୋଟ କରିଦିଏ ସେ ଜଣେ ବାପ ।।

+୨ ଦ୍ୱିତୀୟ ବର୍ଷ
ଏମସ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସମ୍ବଲପୁର

ISSN NO.
2582-208X



# ଚତ୍କାର



ବିଷ୍ଣୁପ୍ରିୟା ସାହୁ

ଶରତ ଆକାଶରେ ପୂର୍ଣ୍ଣିମା ଜହ୍ନର ଆଲୋକ ଚତୁର୍ଦ୍ଦିଗରେ ବିଚ୍ଛୁରିତ ହୋଇ ପଡୁଛି । ପବନର ମୃଦୁମଳୟରେ ଗଛପତ୍ର ଦୋହଲି ଦୋହଲି ଦୋଳି ଖେଳୁଛନ୍ତି । ରାସ୍ତାଟା ଏକାନ୍ତ ନିର୍ଜନ ମନେହେଉଛି । ଗାଡିର ପେଁ ପାଁ ଶବ୍ଦ ନାହିଁ କି ବାଟୋଇର ପାଦଚଲାର ଶବ୍ଦ ଶୁଭୁନାହିଁ । ଏଇ ନିରୋଳା ପରିବେଶରେ ଦିନର ସମସ୍ତ କ୍ଳାନ୍ତି ଓ ପରିଶ୍ରମକୁ ବୁଜୁଳା କରି ମୁଣ୍ଡରେ ମୁଣ୍ଡାଇ ଦିନେଇ ଘରକୁ ଫେରୁଛି । ଫେରୁ ଫେରୁ ଗ୍ରାଣ୍ଡସେୟାର ମୋଡ ନିକଟରେ ହଠାତ୍ ଏକ ପିଲାଟିର ବିକଳ କ୍ରନ୍ଦନ ଶୁଣି ଆଶ୍ଚର୍ଯ୍ୟ ହୋଇ ସେ ଚତୁର୍ଦ୍ଦିଗକୁ ଅନାଇଛି, କିନ୍ତୁ କାହାକୁ ପାଇନି। ପରିଶ୍ରମର ବାଧା ତାକୁ ଏତେ ଯନ୍ତ୍ରଣା ଦେଇଛିଯେ ଅଟକି ଦେଖିବାକୁ ମଧ୍ୟ ଆଉ ଇଛା ନାହିଁ, ଘରକୁ ଚାଲିଯାଇଛି । ପୁଣି କାଲି ସେଇ ନିର୍ଜନ ପଥ ଦେଇ ଅତିକ୍ରମ କଲାବେଳେ ମୋଡ ନିକଟରେ ଠିକ୍ ପୂର୍ବଦିନ ପରି ପିଲାଟିର କାନ୍ଦିବାର ସ୍ୱର ଶୁଣିଛି କିନ୍ତୁ ଦେଖିଛି କେହିନାହିଁ ।

ପ୍ରତିଦିନ ଏପରି କାନ୍ଦିବାର ସ୍ୱର ଶୁଣେ କିନ୍ତୁ କାହାକୁ ପାଏନି । ମାତ୍ର ଆଜିର ସ୍ୱର ଖୁବ୍ ଗମ୍ଭୀର ! ସତେକି ଲାଗୁଛି ପିଲାଟି ପ୍ରାଣବିକଳରେ କହିପକାଉଛି ରକ୍ଷାକର ରକ୍ଷାକାର! ଏପରି ସ୍ୱରଶୁଣି ଭୟରେ ଥରିଉଠୁଛି ହୃଦୟ । ଆଉ ଯେତେ ଚେଷ୍ଟାକଲେ ପାଦଟି ଅଗକୁ ଯାଉନି ସତେକି ଶିକୁଳିରେ କିଏ ବାନ୍ଧିପକାଇ ଝିଙ୍କି ଝିଙ୍କି ବଣଭିତରକୁ ଟାଣିନେଉଛି । ଯାଇଁ ଦେଖିଛି ଛୋଟ କୁଡ଼ିଆଟିରେ ଦୀପଟିଏ ମିଞ୍ଜିମିଞ୍ଜି ହୋଇ ଜଳୁଛି ଓ ପିଲାଟିର କାନ୍ଦିବାର ସ୍ୱର ସେହି କୁଡ଼ିଆଟିରୁ ଚାଲିଆସୁଛି ।

ISSN NO.
2582-208X

ମନଭିତରେ ଅଜସ୍ର ଭୟକୁ ଚାପିଧରି ଦିନେଇ ପାଦ ଚିପିଚିପି ଯାଇଁ ଯାହାଦେଖିଛି ଖୁବ୍ ଭୟଙ୍କର ! ଏଠି ଦୁର୍ବଳ ଉପରେ ସବଳର ଅତ୍ୟାଚାର ଚାଲିଛି । ନାରୀ ଉପରେ ପୁରୁଷର ନିର୍ଯ୍ୟାତନା ଚାଲିଛି । ଛୋଟପିଲାଟି ମାଆ ପାଖରେ ବସି କାନ୍ଦିକାନ୍ଦି ତଳେ ଲୋଟି ପଡୁଛି କିନ୍ତୁ ମାଆର ଶରୀର ରକ୍ତରେ ଜୁଡୁବୁଡୁ ଭିଜିଯାଇଛି । ଶରୀରରେ ଆଉ ପ୍ରାଣ ନାହିଁ କିନ୍ତୁ ପିଲାଟିର ବାପା ମଦପିଇ ତଳେ ଗଡୁଛି ।

ଚହଟା, ତୁଳସୀପୁର, ପୁରୀ

ISSN NO.
2582-208X

# ବୋଉ



ନମିତା ପ୍ରଧାନ

ବୋଉ ,,
ସତରେ ତୁ କେତେ ସୁନ୍ଦର
କେତେ କୋମଳ ହୃଦୟ ତୋର
ସମସ୍ତଙ୍କୁ ଏତେ ସ୍ନେହ କରି କେମିତି ଆଦରି ନଉ
ବୋଉ ,,
ଦଶ ମାସ ଦଶ ଦିନ ଉଦରେ ରଖିଲୁ
ଜନ୍ମ କରି ଦୁନିଆର ନୂଆ ସୂର୍ଯ୍ୟ ଦେଖେଇଲୁ
ଭଲ ମନ୍ଦ ବାଟ ଘାଟ ସବୁ ଦେଖାଉଥାଉ
ବୋଉ ,,
ତୋର  ବାଖ୍ୟା କଲା ବେଳେ ଲୁହ ଝରି ଆସେ
ଏଇ କାଗଜ କଲମ ପୁଣି ମୋ ଉପରେ ହସେ
କିଏ କୁହେ ଭାଗ୍ୟ ବିଧାତା ତୁମୋର, କିଏ କହେ ଭବିଷ୍ୟତ
କିନ୍ତୁ ମୁଁ କୁହେ ତୁମୋ ଗୀତା ଭାଗବତ
ତୋ ବିଷୟରେ କିଛି ଲେଖୁଛି ଆଜି,
ଭୁଲ ଥିଲେ ଦଣ୍ଡ ଦବୁ ସେଥିରେ ବି  ରାଜି
.......
ସମସ୍ତଙ୍କ ମା' ଠୁ ତୁ ଟିକେ ଅଲଗା
କାହିଁକି ଜାଣିନୀ
କିନ୍ତୁ ହଁ ତୁ ସବୁଠୁ ନିଆରା ,,
କିଏ ଶାସନ କରି ବଡ କରନ୍ତି, କିଏ ମାଡ ମାରି
ତୁ ଆମକୁ ଶିକ୍ଷା, ସଂସ୍କାର ଦେଇ କଲୁ ଆଦର ଭାରି

ISSN NO.
2582-208X

ସଭିଏଁ କୁହନ୍ତି ତୋ ବୋଉ ଭଳି ଆମ ବୋଉ ହୁଆନ୍ତା ନି,!
ମୁଁ ରାଗିକି କୁହେ ମୋ ବୋଉ ମୁଁ କାହାକୁ ଦେବନି ,,
ଆମ ପାଇଁ ଆମ ବାପା ତୁ ମା ତୁ
ବାପା ଙ୍କ ଭଳି ପାଳିଛୁ
ମା ଙ୍କ ଭଳି ତୋଳିଛୁ
ଥରେ ଜନ୍ମ କଲୁ, ଆଉ ଠାରେ ନୂଆ ଜୀବନ ଦେଲୁ
ଯେତେବେଳେ ହସ୍ପିଟାଲ ରେ ମୃତୁ ମୁଖରେ ପଡିଥିଲି
ମୋ ଜୀବନ ପାଇଁ
ତତେ କାନ୍ଦିବା ଦେଖିଥିଲି
ଡକ୍ଟର ଙ୍କୁ କହିଲୁ ମୋ ହାତ କୁ ମୋ ଝିଅ କୁ  ଦିଅ ,,
ସେଦିନ ଜାଣିଲି ତୁ ମୋ ମା ରୂପରେ ମୋ କଳାଦିଅଁ
ସତରେ ଯଦି ମା କୁ ଭାଗ୍ୟ ଲେଖିବାର ଶକ୍ତି ମିଳନ୍ତା
ଦୁନିଆରେ କୋଉ ସନ୍ତାନ ଦୁଃଖୀ ନଥାନ୍ତା ,,
ମରଣ ମୁହଁ  ବଞ୍ଚେଇ ନୂଆ ଜୀବନ ଦେଲୁ
ପୁଣି ମତେ ବିଭା ଦେଇ ପର କରିଦେଲୁ ,,
ସତରେ ଲୋ ବୋଉ ,,
ତୋଠୁ ଅଲଗା ହେଇ ବଞ୍ଚିବା କଷ୍ଟ
ତୋ କୋଳରେ ମୁଁ ଶୋଇବାକୁ ଭାରି ଛଟପଟ
ତୋ ହସହସ ମୁହଁ ଦେଖିବା ପାଇଁ
ମନ ସବୁବେଳେ କୁହେ,
ତୋ ଝିଅ ହୋଇ ଜନ୍ମ ହେବ ପାଇଁ
କାଳିଆ କୁ ଡାକୁ ଥାଏ ,,
ତୋ ବିଷୟରେ ଲେଖିଲେତ
ପୋଥି ହୋଇ ! ରାତି ପାହିଯିବ,
ଆଜିର ବୋଉ ବିଷୟ ଏତିକି ଥାଉ
କଲି ପଣତ କାନିରେ ଲୁହ ପୋଛା  ହେବ ,...

ରମାଦେବୀ ମହିଳା ମହାବିଦ୍ୟାଳୟର ଦ୍ୱିତୀୟ ବର୍ଷ ର ଛାତ୍ରୀ

ISSN NO.
2582-208X

# 'ନୀଳଶୈଳ' ଉପନ୍ୟାସର ସାଂସ୍କୃତିକ ମହନୀୟତା



ରଶ୍ମିରଂଜନ ନାୟକ

ଯେକୌଣସି ଜାତିର ପ୍ରାଣସ୍ପନ୍ଦନକୁ ତା'ର ସଂସ୍କୃତି ଭିତରୁ ଉପଲବ୍ଧି କରିହୁଏ। ସଂସ୍କୃତିର ସ୍ୱରୂପ ଲୋକଚଳଣି ର ବିବିଧ ଉପାଦାନରୁ ଅନୁଧ୍ୟାନ କରାଯାଇପାରେ। ବୈଦିକ ଯୁଗରୁ ଭାରତରେ ଆଜି ପର୍ଯ୍ୟନ୍ତ ବୈଦିକ ସଂସ୍କୃତି, ବୈଦିକ ଚଳଣି, ବାଣିଜ୍ୟ ବ୍ୟବସାୟ, ବୈଦିକ ଧର୍ମ ଓ ଉପାସନା ଓ ଆଚାର ବ୍ୟବହାର ଆଦି ନାନା ସ୍ୱାତନ୍ତ୍ର୍ୟ ପରିଲକ୍ଷିତ ହୁଏ । ସଂସ୍କୃତିର ଅର୍ଥ ବୁଝିବାକୁ ଅଭିଧାନର ପ୍ରୟୋଜନ ନାହିଁ, ପ୍ରୟୋଜନ ରହିଛି ହୃଦୟ ଓ ଦୃଷ୍ଟିର । ସଂସ୍କୃତିର ରୂପାନ୍ତର ନିୟମିତ ରଲିଛି । ଆବଶ୍ୟକତା ଅନୁଯାୟୀ ସେତା'ର ବେଶ ବଦଳାଉଛି। "କେହିକେହି ଏହାର ବାହ୍ୟିକ ରୂପକୁ ଆଲୋଚନାର ପରିସର ଭୁକ୍ତ କରିଥିବା ସମୟରେ ଅନ୍ୟ କେହିକେହି ଏହାର ଅନ୍ତଃରୂପକୁ ନିର୍ଦ୍ଦେଶ କରିଥାନ୍ତି । କେତେକ ଆଚାର, ଅନୁଷ୍ଠାନ, ବ୍ୟବହାର ଆଦିକୁ ଗୁରୁତ୍ୱ ଦେଉଥିବା ସମୟରେ ଅନ୍ୟ କେତେକ କାବ୍ୟ, ଶିଳ୍ପ, ସଂଗୀତ ଆଦିକୁ ବୁଝିଥାନ୍ତି। ବହିଃରଙ୍ଗ ଚାଲିଚଳଣି ଏବଂ ଅନ୍ତଃରଙ୍ଗ ଚିନ୍ତାଧାରାକୁ ଆଚାର-ବିଚାର ମଧ୍ୟରେ ଗୋଟିଏ ନିର୍ଦ୍ଦିଷ୍ଟ ସମାଜର ସାଂସ୍କୃତିକ ବୈଶିଷ୍ଟ୍ୟ ନିରୂପିତ ହୋଇଥାଏ।" (୧)

ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଔପନ୍ୟାସିକ ସୁରେନ୍ଦ୍ର ମହାନ୍ତି ଏକ ସ୍ୱର୍ଦ୍ଧିତ ଉଚ୍ଚାରଣ । ତାଙ୍କର 'ନୀଳଶୈଳ' ଉପନ୍ୟାସ (୧୯୬୮) ଭାରତୀୟ ସଂସ୍କୃତି ତଥା ଶ୍ରୀଜଗନ୍ନାଥ ସଂସ୍କୃତି ଉପରେ ଆଧାରିତ ଏକ ବହୁଚର୍ଚ୍ଚିତ ଉପନ୍ୟାସ । 'ନୀଳଶୈଳ' ଉପନ୍ୟାସ ପାଇଁ ସୁରେନ୍ଦ୍ର ମହାନ୍ତି କେନ୍ଦ୍ରସାହିତ୍ୟ ଏକାଡ଼େମୀ ପୁରସ୍କାର ଲାଭ କରିଛନ୍ତି । ତାଙ୍କର ପ୍ରତ୍ୟେକଟି ଉପନ୍ୟାସ ନିଜସ୍ୱ ଦୀପ୍ତିରେ ତେଜୋଦୀପ୍ତ ଓ ବୈଶିଷ୍ଟ୍ୟରେ ମହିମା ମଣ୍ଡିତ । "ପୃଷ୍ଠଭୂମିର ବିସ୍ତୀର୍ଣ୍ଣ କାନ୍ ଭାସ୍, ସଂସ୍କୃତିର ମାର୍ମିକ ଚିତ୍ର, ମୂଲ୍ୟବୋଧର

ISSN NO.
2582-208X

ପ୍ରତିଷ୍ଠା, ଅଭିଜାତ କାବ୍ୟଧର୍ମୀ (Poetic) ବର୍ଣ୍ଣନାର ବ୍ୟାପ୍ତି, କଥାବସ୍ତୁ(Plot)ର ନାଟକୀୟ ଚିତ୍ରଧର୍ମୀ ଉପସ୍ଥାପନା, ଏହାକୁ ଏକ ମହାକାବିଂକ ଉପନ୍ୟାସ ତଥା କ୍ରାନ୍ତକାରୀ କ୍ଲାସିକ ସୃଷ୍ଟିରେ ପରିଣତ କରିପାରିଛି। "(୨)

ଅଷ୍ଟାଦଶ ଶତାବ୍ଦୀର ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟର (୧୭୨୭-୩୬) ଓଡ଼ିଶାର ରାଜନୈତିକ ଇତିହାସ ହେଉଛି 'ନୀଳଶୈଳ' ଉପନ୍ୟାସର ଭିତ୍ତିଭୂମି । ଓଡ଼ିଆ ଜାତିର ସାଂସ୍କୃତିକ ପ୍ରାଣକେନ୍ଦ୍ର ନୀଳଶୈଳ ହିଁ ଉକ୍ତ ଉପନ୍ୟାସର କେନ୍ଦ୍ରବିନ୍ଦୁ । ଓଡ଼ିଆ ସାହିତ୍ୟରେ ଐତିହାସିକ ଉପନ୍ୟାସର ପରମ୍ପରାରେ ନୀଳଶୈଳର ଭୂମିକା ସୁଦୂର ପ୍ରସାରୀ । ଅଷ୍ଟାଦଶ ଶତାବ୍ଦୀରେ ଓଡ଼ିଶାର ଗଜପତି ଦ୍ୱିତୀୟ ରାମଚନ୍ଦ୍ର ଦେବଙ୍କ ଜୀବନର ସଂଘର୍ଷମୟ ପର୍ଯ୍ୟାୟକୁ ଆଧାରକରି ସୃଷ୍ଟି ହୋଇଥିବା ଅପରାଜୟ ପ୍ରାଣଶକ୍ତିର ଆଲକ୍ଷ୍ୟ ଜଗନ୍ନାଥ ହିଁ କେନ୍ଦ୍ରବିନ୍ଦୁ । ଜଗନ୍ନାଥହିଁ ଓଡ଼ିଶାର ରାଷ୍ଟ୍ରଦେବତା, ଧର୍ମ ଓ ସଂସ୍କୃତିର ପ୍ରାଣକେନ୍ଦ୍ର। ଭାରତରେ ପ୍ରଚଳିତ ସର୍ବଧର୍ମର ସମନ୍ୱୟ ଜଗନ୍ନାଥଙ୍କଠାରେ ହିଁ ସାଧିତ ଓ ଆରୋପିତ ହୋଇଛି । ଚୈତନ୍ୟ, ଶଙ୍କରାଚାର୍ଯ୍ୟ, ରାମାନୁଜ, ନିମ୍ବାର୍କ, ବଲ୍ଲଭାଚାର୍ଯ୍ୟ ଓ ମାଧବାଚାର୍ଯ୍ୟ ଆଦି ଧର୍ମ ପ୍ରବର୍ତ୍ତକ ଏବଂ ଧର୍ମ ଯାଜକମାନେ ଓଡ଼ିଶାର ଶ୍ରୀକ୍ଷେତ୍ରକୁ ଛୁଟି ଆସିଛନ୍ତି ଧର୍ମ ଓ ମୁକ୍ତିର ପୀପାସା ଧରି। ଏମାନେ ଜଗନ୍ନାଥଙ୍କଠାରେ ସ୍ୱଧର୍ମ ସମନ୍ୱିତ କରି ଚରମ ଆଧ୍ୟାତ୍ମିକ ତୃପ୍ତି ପାଇଛନ୍ତି। ଏହି ପ୍ରସଙ୍ଗରେ ଲେଖକ ନୀଳଶୈଳ ଉପନ୍ୟାସର ଭୂମିକାରେ କହିଛନ୍ତି- "ଓଡ଼ିଶାର ଆଧ୍ୟାତ୍ମିକ ଓ ସାଂସ୍କୃତିକ ଇତିହାସରେ ଶ୍ରୀଜଗନ୍ନାଥଙ୍କ ସ୍ଥାନ ସର୍ବ ବିଦିତ। କୌଣସି ନିର୍ଦ୍ଦିଷ୍ଟ ଧର୍ମ, ମତବାଦ ବା ସଂପ୍ରଦାୟର ସଂକୀର୍ଣ୍ଣ ପରିସର ମଧ୍ୟରେ ଜଗନ୍ନାଥ ଆବଦ୍ଧ ନୁହଁନ୍ତି । ଶବର ବିଶ୍ୱାବସୁଠାରୁ ଆର୍ଯ୍ୟ ଇନ୍ଦ୍ରଦ୍ୟୁମ୍ନ, ବୌଦ୍ଧ ଇନ୍ଦ୍ରଭୂତି, ଶୈବ ଶଙ୍କରାଚାର୍ଯ୍ୟ, ପଞ୍ଚତାନ୍ତ୍ରିକ ରାମାନୁଜ, ଭକ୍ତିବାଦୀ ଶ୍ରୀଚୈତନ୍ୟ, ଶୂନ୍ୟବାଦୀ ବଳରାମ, ଜଗନ୍ନାଥ ଓ ଶିଖ୍ ଧର୍ମ ଗୁରୁ ନାନକଙ୍କ ପର୍ଯ୍ୟନ୍ତ ବିଭିନ୍ନ ମତବାଦ ଓ ସଂପ୍ରଦାୟ ଶ୍ରୀଜଗନ୍ନାଥଙ୍କ ମୈତ୍ରୀ ସାଧନା ମଧ୍ୟରେ ସମନ୍ୱିତ ହୋଇ ଅଛନ୍ତି। xxx ବସ୍ତୁତଃ ସାର୍ବଜନୀନ ମାନବର ମୈତ୍ରୀ ସାଧନାର ଇଷ୍ଟ ଦେବରୂପେ ଶ୍ରୀଜଗନ୍ନାଥଙ୍କ ପରିକଳ୍ପନା ଯେପରି ଅଦ୍ୱିତୀୟ, ସେହିପରି ବିରାଟ ଓ ଉଦାର "(୩)

ଅଷ୍ଟାଦଶ ଶତାବ୍ଦୀ ହେଉଛି ଓଡ଼ିଶାର ରାଜନୈତିକ ଇତିହାସର ଦୃଶ୍ୟପଟ୍ଟରେ ଓଡ଼ିଶାରେ ମୋଗଲ ଗୋଳର ସମୟରେ ଓଡ଼ିଆଙ୍କ ମଉଡ଼ମଣି ଶ୍ରୀଜଗନ୍ନାଥଙ୍କୁ ଅତ୍ୟାଚାରରୁ ସୁରକ୍ଷିତ ରଖିବା ପାଇଁ ଗଜପତି ଦ୍ୱିତୀୟ ରାମଚନ୍ଦ୍ର ଦେବଙ୍କ ସଂଘର୍ଷମୟ ଜୀବନର କାହାଣୀ

ISSN NO.
2582-208X

ନୀଳଶୈଳ ଉପନ୍ୟାସର କଥାବସ୍ତୁ । ତତ୍କାଳୀନ ଓଡ଼ିଶାରେ ମୁକୁନ୍ଦଦେବଙ୍କ ମୃତ୍ୟୁପରେ ଟୋଟୋମିଗଡ଼ରେ ଦନେଇ ବିଦ୍ୟାଧରଙ୍କ ପୁତ୍ର ରମେଇ ରାଉତ ଦ୍ୱିତୀୟ ରାମଚନ୍ଦ୍ର ଦେବ ନାମ ଧାରଣ କରି ଖୋର୍ଦ୍ଧା ସିଂହାସନରେ ଅଧିଷ୍ଠିତ ହୋଇଥିଲେ । ସେହି ସମୟରେ ଦିଲ୍ଲୀରେ ଶାସକଥିଲେ ହିନ୍ଦୁ ବିଦ୍ୱେଷୀ ସୁଜା ଖାଁ । ହିନ୍ଦୁ ମନ୍ଦିର ଭାଙ୍ଗି ସେହି ସ୍ଥାନରେ ମସଜିଦ୍ ନିର୍ମାଣ କରିବା ଉଦ୍ଦେଶ୍ୟରେ ସେ ସମଗ୍ର ଭାରତବର୍ଷରେ ଏକ ହିନ୍ଦୁ ବିରୋଧୀ ଅଭିଯାନ ଚଳାଇଥିଲେ । ତାଙ୍କର ଜାରଜ ପୁତ୍ର ତକି ଖାଁ ସମସ୍ତ ହିନ୍ଦୁ ମନ୍ଦିରକୁ ଭାଙ୍ଗି ମୋଗଲ ସାମ୍ରାଜ୍ୟ ଏବଂ ଇସ୍ଲାମ ଧର୍ମ ଓ ସଂସ୍କୃତି ବିସ୍ତାରର ସ୍ୱପ୍ନ ଦେଖୁଥିଲେ । ଓଡ଼ିଶାରେ ଶାସନ କରିବାକୁ ହେଲେ କୋଟି ଓଡ଼ିଆଙ୍କ ଇଷ୍ଟଦେବ ଜଗନ୍ନାଥ ଏବଂ ଗଜପତି ରାଜାଙ୍କୁ ଆକ୍ରମଣ କରି ପରାଜିତ କରିବା, ଏହି ଉଦ୍ଦେଶ୍ୟରେ ତକିଖାଁ ଉତ୍ତର ଦକ୍ଷିଣ ପଟୁ ଖୋର୍ଦ୍ଧା ରାଜ୍ୟ ଆକ୍ରମଣ କରି ଦ୍ୱିତୀୟ ରାମଚନ୍ଦ୍ର ଦେବଙ୍କ ବିରୁଦ୍ଧରେ ଯୁଦ୍ଧ ଡ଼ାକରା ଦେଇଥିଲେ । ରାମଚନ୍ଦ୍ର ଦେବଙ୍କ ଜୀବନ ଇତିହାସକୁ ଭିତ୍ତି କରି ଉକ୍ତ ଉପନ୍ୟାସଟି ଗଢ଼ିଉଠିଛି । “ଇତିହାସର ରାମଚନ୍ଦ୍ରଦେବ ଏଠି ଏକ ଭିନ୍ନ ଭୂମିକାରେ ବିଦ୍ୟମାନ । ଏହି ଉପନ୍ୟାସରେ ସେ ଏକ ନିଃସଂଗ ନିରବଚ୍ଛିନ୍ନ ସଂଗ୍ରାମୀ ଚରିତ୍ର । ତାଙ୍କର କ୍ଷତ୍ରୀୟ ସୁଲଭ ସଂଗ୍ରାମଶୀଳ ନିଷ୍ଠାପର କର୍ମକୃତିତ୍ୱର ଆଭାସ ଏହି ଉପନ୍ୟାସରେ ନାଟକୀୟ ଭାବେ ସଚରାଚର ପରିଲକ୍ଷିତ । ସେ ତାଙ୍କୁ ଉତ୍କଳର ଭାଗ୍ୟବିଧାତା, ଜଗନ୍ନାଥ ସେବକ, ଅଭୂତ ପୂର୍ବ ବୀର ରୂପେ ଉପନ୍ୟାସରେ ଚିତ୍ରଣ କରିଛନ୍ତି ।” (୪)

ଔପନ୍ୟାସିକ ସୁରେନ୍ଦ୍ର ‘ନୀଳଶୈଳ’ ଉପନ୍ୟାସରେ ଭାରତୀୟ ସଂସ୍କୃତିର ପ୍ରାଣକେନ୍ଦ୍ର ଜଗନ୍ନାଥଙ୍କୁ ମୋଗଲ ଗୋଳ ସମୟରେ ସୁରକ୍ଷିତ ରଖିବା ପାଇଁ ଚିଲିକା ଗର୍ଭର ଅଜ୍ଞାତ ଦ୍ୱୀପକୁ ନେଇଯାଇଛନ୍ତି । ଏଥେ ନିମନ୍ତେ ସେ କିଛିମାତ୍ରାରେ ଇତିହାସ ଉପରେ ନିର୍ଭର କରିଛନ୍ତି । ଏହି ଉପନ୍ୟାସ ଲେଖୁବା ପାଇଁ ଔପନ୍ୟାସିକ ସୁରେନ୍ଦ୍ର ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ରୁ ପ୍ରେରଣା ପାଇଛନ୍ତି ବୋଲି ନିଜେ ସ୍ୱୀକାର କରିଛନ୍ତି । “ଏପରି ଏକ ଉପନ୍ୟାସ ଲେଖିବା ମୋର କଳ୍ପନାରେ ଆଦୌ ନଥିଲା, ମାତ୍ର ୧୯୬୪ସାଲରେ ରଥଯାତ୍ରା ବେଳେ ଅତିନିକଟରୁ ବିଗ୍ରହମାନଙ୍କ ପହଣ୍ଡି ବିଜୟ ଦେଖିବାର ସୌଭାଗ୍ୟ ମୋର ଘଟିଥିଲା। ଜଗନ୍ନାଥ ଓଡ଼ିଆ ଜାତିର କିପରି ଅନ୍ତରଙ୍ଗ, ସେଦିନ ସେହିଜନ ସମୁଦ୍ର ମଧ୍ୟରେ ଠିଆହୋଇ ମୁଁ ଲକ୍ଷ୍ୟ କରିଥିଲି । ବସ୍ତୁତଃ ମୋ ମତରେ, ସମଗ୍ର ପୃଥବୀରେ ଏହା ଏକ ଶ୍ରେଷ୍ଠ, ବର୍ଣ୍ଣାଢ୍ୟ ଓ ପ୍ରେରଣାମୟ ଦୃଶ୍ୟର ଗୌରବ ଦାବି କରେ । କାଦମ୍ବରୀ ପ୍ରମତ୍ତ ବଳଦେବଙ୍କ ଦର୍ପିତ ପହଣ୍ଡି, କେତକୀ ଟାହିଆର ଠାଣି ଓ ବିଜେ କାହାଳୀ,

ISSN NO.
2582-208X

ଘଣ୍ଟାନାଦ ମଧ୍ୟରେ ମୋର ଦୃଷ୍ଟିପଥରେ ଉଦ୍ ଭାସିତ ହୋଇ ଉଠିଥିଲା ଇତିହାସରେ ବହୁ କ୍ଷତ ବିକ୍ଷତ ସେହି ଅପରାଜେୟ ଓଡ଼ିଆ ଆତ୍ମାର ଅଭ୍ୟୁଦୟ । ସେଦିନର ସେହି ଅବିସ୍ମରଣୀୟ ଅନୁଭୂତି ମୋତେ ଯେଉଁ ପ୍ରେରଣା ଦେଇଥିଲା -'ନୀଳଶୈଳ' ତାହାର ପରିଣତି ।" (୫) ଜଗନ୍ନାଥ ହେଉଛନ୍ତି ଓଡ଼ିଶାର ରାଷ୍ଟ୍ରଦେବତା, ଧର୍ମ ଓ ସଂସ୍କୃତିର ପ୍ରାଣକେନ୍ଦ୍ର । ଭାରତରେ ପ୍ରଚଳିତ ବିଭିନ୍ନ ଧର୍ମ ଜଗନ୍ନାଥଙ୍କ ଠାରେ ଆରୋପିତ ହୋଇଛି । କୌଣସି ନିର୍ଦ୍ଦିଷ୍ଟ ଧର୍ମ ବା ସଂପ୍ରଦାୟର ପରିସର ଭିତରେ ଜଗନ୍ନାଥ ଆବଦ୍ଧ ନୁହଁନ୍ତି । ଓଡ଼ିଶାରେ ରାଜନୈତିକ ଅସ୍ଥିରତା ପାଇଁ ପ୍ରଭୁ ଶ୍ରୀଜଗନ୍ନାଥ ଅସହାୟ ଓ ବିପନ୍ନ ହୋଇଛନ୍ତି। ଏକ ପକ୍ଷରେ ଓଡ଼ିଶାର ଗଜପତି ରାମଚନ୍ଦ୍ରଦେବ ଅନ୍ୟପକ୍ଷରେ ହିନ୍ଦୁ ବିରୋଧୀ ମୋଗଲଶାସକ ଏବଂ ସନାତନଧର୍ମ ଓ ସଂସ୍କୃତିର ପ୍ରତୀକ ଜଗନ୍ନାଥଙ୍କ ମଧ୍ୟରେ ସଂଘର୍ଷର ସୂତ୍ରପାତ ହୋଇଛି । ଉତ୍କଳ ଭୂମିରେ ରାଜତନ୍ତ୍ରର ଏକ ବିଶିଷ୍ଟ ଆଦର୍ଶ, ଯାହାକି ଭାରତୀୟ ସଂସ୍କୃତିରେ ରାଜଧର୍ମ ନାମରେ ପରିଚିତ, ତାହା ଦେଖିବାକୁ ମିଳେ । ଜଗନ୍ନାଥଙ୍କୁ କେନ୍ଦ୍ରକରି ଓଡ଼ିଶାରେ ଯେଉଁ ସମାଜ ଓ ଶାସନ ବ୍ୟବସ୍ଥାରେ ବିକାଶ ସାଧିତ ହୋଇଛି ସମଗ୍ର ପୃଥିବୀରେ ତାହା ବିରଳ । ଓଡ଼ିଶାର ଗଜପତି ରାଜା ରଥଯାତ୍ରା ସମୟରେ ରଥଦାଣ୍ଡରେ ଛେରାପହଁରା କାର୍ଯ୍ୟ କରି ନିଜର ସେବକପଣକୁ ପ୍ରତିପାଦିତ କରିଥାନ୍ତି । ଛେରାପହଁରା ହେଉଛି ରଥଯାତ୍ରା ବେଳେ ଦାଣ୍ଡ ସଫାକରିବା । ଉତ୍କଳ ଭୂମିରେ ଏହା ହେଉଛି ରାଜତନ୍ତ୍ରର ଏକ ବିଶିଷ୍ଟ ଆଦର୍ଶ । ହାତରେ ସମାର୍ଜନୀ ଧରି ରଥଦାଣ୍ଡ ପରିଷ୍କାର କରିବା ଏବଂ ନିଜକୁ ଜନତାରୂପୀ ଜନାର୍ଦ୍ଦନଙ୍କ ସେବକ ରୂପେ ପ୍ରତିପାଦିତ କରିବା, ଏହାହିଁ ଭାରତୀୟ ସଂସ୍କୃତିର ମହାନ୍ ଆଦର୍ଶ । ନୀଳଶୈଳର ବିଷୟବସ୍ତୁ ଓଡ଼ିଆର ଇତିହାସ, ଧର୍ମ, ସଂସ୍କୃତି ଓ ସର୍ବୋପରି ଜାତୀୟ ଦେବତା ଜଗନ୍ନାଥଙ୍କ ଉପରେ ଅବଲମ୍ବିତ ହୋଇଥିବାରୁ ପ୍ରତ୍ୟେକଟି ଘଟଣା ଅକ୍ଷୁଣ୍ଣ ଆବେଗ, ଅଶେଷ ଉତ୍କଣ୍ଠା ଓ ଅପୂର୍ବ ଜୀବନ ରସରେ ଋଦ୍ଧିମନ୍ତ । କଳା, ସଂସ୍କୃତି, ସାହିତ୍ୟ କ୍ଷେତ୍ରରେ ଓଡ଼ିଆ କେବଳ ଏକ ଐତିହ୍ୟ ସଂପନ୍ନ ଜାତି ନୁହେଁ, ଏକ ବୀର ଜାତି ମଧ୍ୟ । ଓଡ଼ିଆ ଜାତିର ଏହି ଗୌରବକୁ ନୀଳଶୈଳ ଉପନ୍ୟାସ କ୍ଷେତ୍ରରେ ପ୍ରତିଷ୍ଠିତ କରାଇଛନ୍ତି ସୁରେନ୍ଦ୍ର । ଏକଥା ସତ୍ୟ ଯେ ବୀରତ୍ୱ, ବିପ୍ଳବ ଓ ମୁକ୍ତିର ସ୍ପର୍ଦ୍ଧିତ ସ୍ୱର ଉପରେ ପର୍ଯ୍ୟବସିତ ଆଲୋଚ୍ୟ ଉପନ୍ୟାସର ଭାବ ସଂପଦ । ଜଗନ୍ନାଥ ହିଁ ପ୍ରକୃତରେ ଉତ୍କଳର ସାଂସ୍କୃତିକ, ସାମାଜିକ ଓ ରାଜନୀତିକ ଜୀବନର କେନ୍ଦ୍ରବିନ୍ଦୁ । ତେଣୁ ଜଗନ୍ନାଥଙ୍କୁ ଏହି ମୁକ୍ତି ସଂଗ୍ରାମର ଦର୍ପିତ ନାୟକ ହିସାବରେ ଔପନ୍ୟାସିକ ଚିତ୍ରଣ କରିଛନ୍ତି । ପୁନଶ୍ଚ ଏକ ଭାଗ୍ୟ ବିଡ଼ମ୍ବିତ ଓଡ଼ିଶାର ଅବକ୍ଷୟ ଗ୍ରସ୍ତ

ISSN NO.
2582-208X

ମୁହୂର୍ତ୍ତରେ ତାଙ୍କର ମାନ ରକ୍ଷା ହିଁ ବିଧର୍ମୀ ହାଫିଜ୍ କାଦର୍ ବେଜ ର ପୋଷ୍ୟପୁତ୍ର ଭାବରେ ଉପନ୍ୟାସରେ ବିବେଚିତ ହୋଇଛନ୍ତି । ଭାରତୀୟ ସଂସ୍କୃତି ଓ ତା'ର ମୂଲ୍ୟବୋଧର କଳନା ନାହିଁ ଏହାହିଁ ଏହି ଉପନ୍ୟାସର ବକ୍ତବ୍ୟ ଭାବରେ ନିର୍ଦ୍ଧାରିତ ହୋଇଥାଏ । 'ନୀଳଶୈଳ' ଶୀର୍ଷକରେ ଏହି ଚେତନା ବାରମ୍ବାର ପ୍ରତିଧ୍ୱନିତ ହୋଇଛି । ଉପନ୍ୟାସର ଆରମ୍ଭ ହୋଇଛି Flash Back ଶୈଳୀରେ । ନାଟକୀୟ ତଥା ଚିତ୍ରଧର୍ମୀ ଉପସ୍ଥାପନରେ ଆରମ୍ଭରୁ ଶେଷଯାଏ ଉପନ୍ୟାସର କଥାବସ୍ତୁ ଆଚ୍ଛନ୍ନ । "'ନୀଳଶୈଳ' ଚରିତ୍ର ପ୍ରଧାନ ନୁହେଁ, ଏକ ଘଟଣାପ୍ରଧାନ ଉପନ୍ୟାସ । ଐତିହାସିକ ଉପନ୍ୟାସ ପକ୍ଷରେ ତାହାହିଁ ହେବା ହୁଏତ ସମ୍ଭବ । ତେଣୁ ଜଗନ୍ନାଥଙ୍କୁ କେନ୍ଦ୍ରକରି ବହୁ ଘଟଣା ଏଥିରେ ସ୍ଥାନ ପାଇଛି । କିନ୍ତୁ ଐତିହାସିକ ଉପନ୍ୟାସ ନିଛକ ଇତିହାସଠାରୁ ପୃଥକ ହୋଇଥିବାରୁ ସେହି ଘଟଣା ଗୁଡ଼ିକୁ ଜୀବନଧର୍ମୀ କରିବାକୁ ହୋଇଥାଏ । 'ନୀଳଶୈଳ' ର ବିଷୟବସ୍ତୁ ଓଡ଼ିଆର ଇତିହାସ, ଧର୍ମ, ସଂସ୍କୃତି ଓ ସର୍ବୋପରି ଜାତୀୟ ଦେବତା ଜଗନ୍ନାଥଙ୍କ ଉପରେ ଅବଲମ୍ବିତ ହୋଇଥିବାରୁ ପ୍ରତ୍ୟେକଟି ଘଟଣା ଅକ୍ଷୁଣ୍ଣ ଆବେଗ, ଅଶେଷ ଉତ୍କଣ୍ଠା ଓ ଅପୂର୍ବ ଜୀବନ ରସରେ ରଞ୍ଜିମନ୍ତ।"(୬)

ରାମଚନ୍ଦ୍ର ଦେବ ଯବନ ହେବାପରେ ଛଦ୍ମବେଶରେ ଜଗନ୍ନାଥଙ୍କ ବେଢ଼ାରେ ଦଣ୍ଡାୟମାନ ହୋଇ ଜଗନ୍ନାଥଙ୍କ ଦର୍ଶନ ଓ ରାଜ ସେବାର ସୁଯୋଗ ପୁନର୍ବାର ପାଇବାପାଇଁ ଯେଉଁ ପ୍ରୟାସ କରିଛନ୍ତି ତାହା ପାଠକୀୟ ପ୍ରାଣକୁ ଅଭିଭୂତ କରେ । ମୁକ୍ତି ମଣ୍ଡପରେ ପଣ୍ଡିତମାନେ ରାମଚନ୍ଦ୍ର ଦେବଙ୍କୁ ମନ୍ଦିରରୁ ବାଚ୍ଛନ୍ଦ କରିଲା ପରେ କଳାପାହାଡ଼ ପରି ସେ ପ୍ରତିକ୍ରିୟାଶୀଳ ହୋଇନାହାନ୍ତି ବରଂ ସର୍ବତୋଭାବରେ ଜଗନ୍ନାଥଙ୍କଠାରେ ନିଜକୁ ଅର୍ପଣ କରିଛନ୍ତି । ଘାଜି ମିଆଁର ହତ୍ୟାକଲା ପରେ ରାମଚନ୍ଦ୍ର ଦେବ ତକି ଖାଁର ସନ୍ଦେହଭାଜନ ହୋଇ ପଡ଼ିଛନ୍ତି । ପୁନଶ୍ଚ ଇଦ୍ ପର୍ବରେ ରାମଚନ୍ଦ୍ର ତକିଖାଁ କୁ ଭେଟି ନଥିବାରୁ ସେ ସନ୍ଦେହ ଅଧିକ ମାତ୍ରାରେ ଦୃଢୀଭୂତ ହୋଇଅଛି । ଗୋଟେ ପଟେ ରାମଚନ୍ଦ୍ର ଦେବଙ୍କୁ ବନ୍ଦୀ କରିବା ପାଇଁ ତକିଖାଁ ଦୃଢ଼ ପରିକର ହେଲାବେଳେ ଅନ୍ୟପଟେ ଔପନ୍ୟାସିକ ଉପନ୍ୟାସରେ ଏ ପରି ଘଟଣା କ୍ରମ ଖଞ୍ଜି ଦେଇଛନ୍ତି ଯେ ଯାହାଦ୍ୱାରା ସେ ବନ୍ଦୀହେବା ପରିବର୍ତ୍ତେ ତାଙ୍କର ଆତ୍ମୀୟ ହୋଇ ଉଠିଛନ୍ତି । ରଥଯାତ୍ରା ସମୟରେ ରାଜା ରଥ ଉପରେ ଛେରା ପହଁରା କରିବା ଘଟଣାରେ ତକୀଖାଁ ର ପୁଣି ବିଦ୍ୱେଷ ଭାବ ଜାଗ୍ରତ ହୋଇଛି ଏବଂ ଜଗନ୍ନାଥଙ୍କ ଉପରେ ଅତ୍ୟାଚାର ଓ ଲୁଣ୍ଠନ କରିବାର ସ୍ୱପ୍ନ ସେ ଦେଖିଛି। ଅଥଚ ଜଗନ୍ନାଥ ଆକସ୍ମିକ ଓ ଗୁପ୍ତଭାବରେ ଯେପରି ସ୍ଥାନାନ୍ତରିତ ହୋଇଛନ୍ତି, ତାହା ନିହାତି ରୋମାଞ୍ଚକର

ISSN NO.
2582-208X

ପର୍ଯ୍ୟାୟବାଚୀ । ଏସବୁ ଘଟଣାବଳୀରେ ଲେଖକୀୟ ଅନୁଭୂତି ତୁଳନାରେ ଇତିହାସ ଗୌଣ। ବାହୁଡ଼ା ଦଶମୀରେ ଅମିନ ଚାନ୍ଦ ଛେରାପହଁରା କରିସାରିଲା ପରେ ଯେତେବେଳେ ମନ୍ଦିରର ସମସ୍ତ ଦାୟିତ୍ୱ ନିଜ ହାତମୁଠାକୁ ନେବାକୁ ରହିଁଛନ୍ତି ସେତେବେଳେ ଆଶା ବୈତରଣୀ ବନ୍ଧଭାଙ୍ଗିଛି । ମନ୍ଦିର ରେ ଯଦି ଜଗନ୍ନାଥ ନାହାନ୍ତି ତେବେ ସେବା ସେବକ ହେବେ କାହାରି ? ରାମଚନ୍ଦ୍ରଦେବ ଧର୍ମାନ୍ତରିତ ହେବା ପରେ ମଧ୍ୟ ଜଗନ୍ନାଥଙ୍କ ପ୍ରତି ତାଙ୍କର ଭକ୍ତି ଓ ଶ୍ରଦ୍ଧା ଅଟଳ ରହିଛି ସତ ମାତ୍ର ସେ ନିଜ ରାଜ୍ୟର ଶାନ୍ତି ପାଇଁ ଓ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଇଁ ନିଜକୁ ପତିତ ଓ ଅପାଂକ୍ତେୟ ହେବା ନିହାତି ସନ୍ଦେହଜନକ । ଇତିହାସର ପୃଷ୍ଠା ଲେଉଟାଇଲେ ଜାଣିବାକୁ ମିଳେ ଯେ ରାମଚନ୍ଦ୍ରଦେବ ଇନ୍ଦ୍ରିୟାଶକ୍ତ ଥିଲେ। ନାରୀମାନଙ୍କ ପ୍ରତି ଦୁର୍ବଳତା କାରଣରୁ ସେ ବହୁନାରୀ ସମ୍ଭୋଗ ରେ ଲିପ୍ତ ରହୁଥିଲେ । ଏହା ଔପନ୍ୟାସିକ ନିଜେ ମଧ୍ୟ ବ୍ୟକ୍ତ କରିଛନ୍ତି । ଗୋଲାପ ଉଦ୍ୟାନରେ ବୁର୍ଖାଧାରିଣୀ ନାରୀଟିକୁ ପ୍ରତ୍ୟେକ ଦିନ ଦେଖିବା ଓ ସେହି ସମୟଟିକୁ ଅପେକ୍ଷା କରିବା ଓ ଶେଷରେ ରିଜିଆ ସହିତ ପ୍ରତ୍ୟେକ୍ଷ ସାକ୍ଷାତ, ବିବାହ ଆଦି ପ୍ରସଙ୍ଗ ଉପନ୍ୟାସରେ ବର୍ଣ୍ଣିତ ହୋଇଛି । ରିଜିଆକୁ ବିବାହପରେ ଧର୍ମାନ୍ତରିତ ହୋଇ ରାମଚନ୍ଦ୍ରଦେବଙ୍କ ଯେପରି ମାନସିକ ପ୍ରତିକ୍ରିୟା ସୃଷ୍ଟିହୋଇଛି ତାହା ପାଠକ ହୃଦୟକୁ ଦ୍ରବୀଭୂତ କରେ। ରିଜିଆ ସହିତ ସମ୍ଭୋଗରତ ଅବସ୍ଥାରେ ତାଙ୍କ ଚେତନାରେ ସୃଷ୍ଟି ହୋଇଥିବା ଅନ୍ତର୍ଦାହ ଅତ୍ୟନ୍ତ ଯନ୍ତ୍ରଣା ଦାୟକ ହୋଇଛି। ସେ ଯାହା ହରାଇଲେ ତାହା ଗୋଟିଏ ଜନ୍ମର ଶେଷ ନିଷ୍ପତ୍ତି, ପରିବର୍ତ୍ତନର ଆଶା ସେଥିରେ ତିଳେ ମାତ୍ର ନାହିଁ। ରାମଚନ୍ଦ୍ରଦେବଙ୍କ ଶତ ଚେଷ୍ଟାପରେ ମଧ୍ୟ ଜଗନ୍ନାଥଙ୍କ ସେବାରୁ ସେ ବଞ୍ଚିତ ହୋଇଛନ୍ତି। ରାମଚନ୍ଦ୍ରଦେବଙ୍କ ବୃଥା ଆତ୍ମାଭିମାନ ପାଇଁ ରତ୍ନ ବେଦୀ ଉପରୁ ଜଗନ୍ନାଥଙ୍କୁ ମାଛଡ଼ଙ୍ଗାରେ ବୋହିଆଣି ଚିଲିକାର ଅପନ୍ତରା ବଣରେ ଅଜ୍ଞାତ ଦ୍ୱୀପରେ ଥୋଇଲା ପରେ ତାଙ୍କ ମାନସ ପଟରେ ଚିନ୍ତାର ଦୋଳନ ସୃଷ୍ଟି ହୋଇଛି । ଏହି ଚିନ୍ତା ଯୋଗୁ ତାଙ୍କର ହୃଦୟ ଗଭୀର ଭାବରେ ଆଲୋଡ଼ିତ ହୋଇଛି। ଗଭୀର ଅନୁଶୋଚନାରେ ସେ ଦଗ୍ଧୀଭୂତ ହୋଇଛନ୍ତି। ତାଙ୍କର ଅତୀତର ଯାବତୀୟ ଦୁଷ୍କର୍ମର ରହସ୍ୟ ସେ ନିଜେ ଉଦ୍ଘାଟିତ କରିଛନ୍ତି ।

ଉପନ୍ୟାସରେ ଜଗୁନି ସରଦେଇ ଦୁହେଁ କାଳ୍ପନିକ ଓ ଗୌଣଚରିତ୍ର ହେଲେ ମଧ୍ୟ ସୃଷ୍ଟିରେ ଅନବଦ୍ୟ ହୋଇରହିଛନ୍ତି। ଫକୀରମୋହନ ସେନାପତିଙ୍କ 'ଲଛମା' ଭଳି ଇତିହାସ ଭିତରୁ ବାହାରି ଆସି ଏମାନେ ପାଠକ ପାଇଁ ଏକ ବିରାଟ ସମ୍ଭାବନା ଓ ପ୍ରତ୍ୟୟ ସୃଷ୍ଟି କରିଛନ୍ତି । ନୀଳଶୈଳ ନିବାସୀ ପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରିବାର ଅଭିଳାଷ ଏମାନଙ୍କ ପ୍ରାଣରେ

ISSN NO.
2582-208X

ଯେଉଁ ଆବେଗ ସୃଷ୍ଟି କରିଛି ତାହାର ପଟାନ୍ତର ନାହିଁ । ସରଦେଇ ତା'ର ପରିବାରକୁ ବିପନ୍ନ କରି ନିଜ ଜୀବନର ଶେଷ ପ୍ରଦୀପ ଲିଭିବା ପର୍ଯ୍ୟନ୍ତ ରାମଚନ୍ଦ୍ର ଦେବଙ୍କୁ ଅକୁଣ୍ଠ ସହଯୋଗ କରିଛି । ଜଗୁନି ମଧ୍ୟ ଚିଲିକାରେ ଡଙ୍ଗା ବାହି ରାମଚନ୍ଦ୍ର ଦେବଙ୍କ ସହ ବୁଲିଛି ମୋଗଲ ଅତ୍ୟାଚାରରୁ ଜଗନ୍ନାଥଙ୍କୁ କେଉଁ ଅଜଣାଦ୍ୱୀପରେ ଲୁଚେଇ ରଖିବା ପାଇଁ । ଚିଲିକାର ଗୁରୁବାଇ ଦ୍ୱୀପରେ ଜଗନ୍ନାଥଙ୍କୁ ରଖି ସାନପରିଚ୍ଛା, ବିଷ୍ଣୁ, ଜଗୁନି, ରାମଚନ୍ଦ୍ରଦେବ ଓ କେତେଜଣ ଦଇତାପତିଙ୍କୁ ଛାଡ଼ି ଅନ୍ୟମାନେ ଚାଲିଯାଇଛନ୍ତି । ରାମଚନ୍ଦ୍ରଦେବ ତଥାପି ଚିନ୍ତାମୁକ୍ତ ନୁହଁନ୍ତି । ବର୍ତ୍ତମାନ ଓ ଭବିଷ୍ୟତକୁ ନେଇ ତାଙ୍କ ମନରେ ଅନେକ ଆଶଙ୍କା ଓ ପ୍ରଶ୍ନବାଚୀ । ସେ ଜାଣିଛନ୍ତି ଜଗନ୍ନାଥ ତଥାପି ବିପଦମୁକ୍ତ ନୁହଁନ୍ତି । କିନ୍ତୁ ସେ'ତ ଅନ୍ତର୍ଯ୍ୟାମୀ, ପରଂବ୍ରହ୍ମ ପୁଣି ଚେତନାରୁ ଚେତନା ଓ ଯୁଗରୁ ଯୁଗକୁ ବ୍ୟାପ୍ତ । ସେ ନିଜେହିଁ ନିଜର ରକ୍ଷାକର୍ତ୍ତା। "ଜଗନ୍ନାଥ ଏଠାରେ ଅନନ୍ତ, ଅନ୍ତର୍ଯ୍ୟାମୀ, ଯାହାର ସ୍ଥିତି କଳନା କରିବା ମଣିଷ ପକ୍ଷରେ ଅସମ୍ଭବ । ଯୁଗେ ଯୁଗେ ସେହିଁତ ଯେପରି ମଣିଷ ଦ୍ୱାରା ଆଶ୍ରିତ ଓ ସୁରକ୍ଷିତ ହୋଇ ଆସିଛନ୍ତି, ସେହିପରି ଦୁର୍ଗତିକାଳରେ ମଣିଷକୁ ବରାଭୟ ପ୍ରଦାନ କରି ପଥ ନିର୍ଦ୍ଦେଶ କରିଛନ୍ତି । 'ହେ ମହାବାହୁ', ତୁମେ ତ ସେଇ ବଣାବାଟୋଇର ବିଶାରୀ, ଅକୂଳ ପାରାବାରର କାଣ୍ଡାରୀ, ଜୀବନ ରଥର ସାରଥୀ।"(୭ )

'ନୀଳଶୈଳ' ଉପନ୍ୟାସର ପରିବେଶ ସୃଷ୍ଟି ବସ୍ତୁତଃ ଅତିମାତ୍ରାରେ ସାର୍ଥକ ଓ ସୁନ୍ଦର । ସପ୍ତଦଶ ଅଷ୍ଟାଦଶ ଶତାବ୍ଦୀର ଓଡ଼ିଶାର ସାମାଜିକ ଓ ଐତିହାସିକ ପରିବେଶକୁ ଏଥିରେ ଔପନ୍ୟାସିକ ବାସ୍ତବିକ କରି ଗଢ଼ି ତୋଳିଛନ୍ତି । ଉକ୍ତ ଉପନ୍ୟାସରେ ନଦ-ନଦୀ, ପର୍ବତ, ଆକାଶ, ସମୁଦ୍ର, ବର୍ଷା, ଶୀତ ତଥା ଗ୍ରୀଷ୍ମକୁ ନେଇ ଯେଉଁ ପ୍ରାକୃତିକ ପରିବେଶ ସୃଷ୍ଟି କରାଯାଇଛି ତାହା ମହନୀୟ । ଅତୀତର ରୋମନ୍ଥନ ଏବଂ ବର୍ତ୍ତମାନ ଘଟଣାର ଗତିଶୀଳତା ମାଧ୍ୟମରେ ଯୁଦ୍ଧର ବର୍ଣ୍ଣନା, ମୋଗଲ ଦରବାରର ପୁଙ୍ଖାନୁପୁଙ୍ଖ ଚିତ୍ର, ଇଦ୍ ପର୍ବ ଠାରୁ ଆରମ୍ଭ କରି ଗୁଣ୍ଡିଚା ଓ ବାହୁଡ଼ା ପରି ଐତିହାସିକ ତଥା ସାଂସ୍କୃତିକ ପର୍ବର ଚିତ୍ର ମଧ୍ୟରେ 'ନୀଳଶୈଳ' ଉପନ୍ୟାସର କଥାବସ୍ତୁ ବଳିଷ୍ଠ ଓ ସାରଗର୍ଭକ ହୋଇପାରିଛି। ବହୁ ପ୍ରତିଷ୍ଠିତ ସଂସ୍କୃତ ଶ୍ଲୋକ, ଓଡ଼ିଆ ଭଜନ, ଜଣାଣ ଓ ପଦାବଳୀ 'ନୀଳଶୈଳ' ଉପନ୍ୟାସରେ ସାଙ୍ଗୀତିକତା ସୃଷ୍ଟି କରିଛି । ଏତଦ୍‌ବ୍ୟତୀତ ବହୁ ପ୍ରବଚନ, ଲୋକୋକ୍ତି, ଢ଼ଗଢ଼ମାଳିର ସମାବେଶ ମଧ୍ୟ ଏହି ଉପନ୍ୟାସରେ ଲକ୍ଷ୍ୟ କରାଯାଏ । ଅଷ୍ଟାଦଶ ଶତାବ୍ଦୀର ଓଡ଼ିଶାର ଚିତ୍ର ପ୍ରଦାନ କରିବାକୁ ଯାଇ ଉପନ୍ୟାସରେ ଉତ୍କଳର ପ୍ରାକୃତିକ ଚିତ୍ର, ଯାତ୍ରା ଦରବାର ଆଦିର ବର୍ଣ୍ଣନା ଉପନ୍ୟାସକୁ ଜୀବନ୍ତ କରି ଗଢ଼ି ତୋଳିଛି ।

ISSN NO.
2582-208X

ପ୍ରାଚୀନ ଯୁଗରୁ ଆଜିର ଆଧୁନିକ ଯୁଗ ପର୍ଯ୍ୟନ୍ତ ଶ୍ରୀଜଗନ୍ନାଥ ସଂସ୍କୃତିର ମହିମା ସାରା ବିଶ୍ୱରେ ପ୍ରକଟିତ ହୋଇ ଆସିଛି। ଆଜି ପ୍ରତ୍ୟେକ ହିନ୍ଦୁ 'ସର୍ବ ମଙ୍ଗଳ ଜଗନ୍ନାଥ' କହି ତା'ର ଶୁଭକାର୍ଯ୍ୟ ଆରମ୍ଭ କରିଥାଏ । ସେଥି ଲାଗି ତା' ପାଇଁ କୌଣସି ଦିନ, ବାର, ତିଥି ଆଦିର ପ୍ରୟୋଜନ ନାହିଁ । ଏହାହିଁ ହେଉଛି ଭାରତ ତଥା ଭାରତ ବାହାରେ ବସବାସ କରୁଥିବା ପ୍ରତ୍ୟେକ ହିନ୍ଦୁଙ୍କ ଜଗନ୍ନାଥ ପ୍ରାଣ, ଆମ ସଂସ୍କୃତିର ମହନୀୟତା । ଐତିହାସିକ ପଟ୍ଟଭୂମି ଉପରେ ଆଧାରିତ ହୋଇଥିଲେ ମଧ୍ୟ 'ନୀଳଶୈଳ' ଉପନ୍ୟାସ ହେଉଛି ଭାରତୀୟ ସଂସ୍କୃତି ତଥା ଜଗନ୍ନାଥ ସଂସ୍କୃତିର ମହିମା ମଣ୍ଡିତ ଚିତ୍ର ପ୍ରଦାନ କରିବାରେ ଔପନ୍ୟାସିକ ସୁରେନ୍ଦ୍ରଙ୍କ ଏକ ସଫଳ ପ୍ରୟାସ ।

ସହାୟକ ଗ୍ରନ୍ଥସୂଚୀ :

୧. ପ୍ରଧାନ, କୃଷ୍ଣଚନ୍ଦ୍ର : ଓଡ଼ିଆ ସାହିତ୍ୟର ସାମାଜିକ ଓ ସାଂସ୍କୃତିକ ବିକାଶଧାରା (ଆଦି ଓ ମଧ୍ୟପର୍ବ), ପ୍ରଥମ ସଂସ୍କରଣ, ବିଦ୍ୟାପୁରୀ ପ୍ରକାଶନ, ବାଲୁବଜାର, କଟକ-୨, ପୃ.୩୫

୨ . ଖୁଣ୍ଟିଆ, ବ୍ରହ୍ମାନନ୍ଦ : ନୀଳଶୈଳ ଉପନ୍ୟାସର କଥା କଳ୍ପରେ ଭାରତୀୟ ସଂସ୍କୃତିର ଚିତ୍ର, ଇସ୍ତାହାର, ସମ୍ପାଦନା-ପ୍ରଫେସର ନିତ୍ୟାନନ୍ଦ ଶତପଥୀ, ୩୫ବର୍ଷ, ତୃତୀୟ/ଚତୁର୍ଥସଂଖ୍ୟା, ଅକ୍ଟୋବର-୨୦୧୩

୩. 'ଭୂମିକା', ନୀଳଶୈଳ, କଟକଷ୍ଟୁଡ଼େଣ୍ଟସ ଷ୍ଟୋର୍, କଟକ, ପ୍ରଥମସଂସ୍କରଣ, ୧୯୬୮

୪. କର, ବାଉରୀବନ୍ଧୁ : ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଉପନ୍ୟାସ, ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦବିହାରୀ, କଟକ-୨, ପ୍ରଥମ ସଂସ୍କରଣ, ୨୦୧୫, ପୃ.୧୦୫

୫ . ମହାନ୍ତି, ସୁରେନ୍ଦ୍ର : ଭୂମିକା, ନୀଳଶୈଳ, କଟକଷ୍ଟୁଡ଼େଣ୍ଟସ ଷ୍ଟୋର୍, ବାଲୁବଜାର, କଟକ-୨, ଏକାଦଶ ସଂସ୍କରଣ, ୨୦୧୪

୬ . ନାୟକ, ଲାବଣ୍ୟ : ଉପନ୍ୟାସ ସାହିତ୍ୟ ସମ୍ପର୍କରେ, ପ୍ରଥମ ସଂସ୍କରଣ, ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ପୁସ୍ତକଭବନ, ଭୁବନେଶ୍ୱର

୭ . ମହାନ୍ତି, ସୁରେନ୍ଦ୍ର : ନୀଳଶୈଳ, ଦଶମସଂସ୍କରଣ, କଟକଷ୍ଟୁଡ଼େଣ୍ଟସ ଷ୍ଟୋର୍ , କଟକ, ପୃ.୩୪୨

ସହକାରୀ ପ୍ରଫେସର
ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ
ଢେଙ୍କାନାଳ

ISSN NO.
2582-208X

# ଜୀବନ



ନିରଞ୍ଜନ ମହାରଣା

ଜୀବନ ମରୁରେ ଜିଇଁଛେ ଜିଇଁବା
ତୃଷ୍ଣାର କଷ୍ଟକୁ ସହି,
ସାତଟି ସୁରରେ ବନ୍ଧା ଏ ଜୀବନ
ଗାଇଯିବା ତାଳ ଦେଇ ।।

ଜୀବନ ତପସ୍ୟା ସରେ ନାହିଁ କେବେ
ଏକୁଡ଼ିରୁ ଜୁଇ ଯାଏ,
ଉଜାଣି ସୁଅରେ ପହଁରି ଜାଣିଲେ
ଲାଗିଯିବା ଆସି କୂଳେ ।।

ଜୀବନର ଶାନ୍ତି ଜୀବନର ମୁକ୍ତି
ଖୋଜିଖୋଜି ସରେ ଦିନ,
ଯୌବନ ଢେଉ ଉଚ୍ଛୁଳ ହୋଇଲେ
କାଲିକି ହୋଇବ ସ୍ଥିର ।।

ଜୀବନଟା ଏକ ପାହାଡ଼ୀ ଝରଣା
ଗତି ତାର ଅଙ୍କାବଙ୍କା,
ଚାଲୁଚାଲୁ ସେତ ପାହାଡ଼ୀ ରାସ୍ତାରେ
ଖାଉଥାଏ କେତେ ଧକ୍କା ।।

ଖସିଯାଏ ବଳ ବୟସ ହେଲେ
ସରେନାହିଁ ଭାଗମାପ,
ବସିଯାଏ କଟି କମର, ହେଲେ
ସରେ ନାହିଁ ମାପଚୁପ ।।

ଜୀବନଟା କେବେ ଲିଭିଲା ଦୀପର
ଉଠୁଥିବା ଝାପ୍ସା ଧୂଆଁ,
କେବେପୁଣି ସିଏ ଜଳନ୍ତା ସୂର୍ଯ୍ୟର
ଜଳୁଥିବା ରଢ଼ନିଆଁ ।।

ଜନମ ମରଣ ଚକ୍ର ବନ୍ଧନୀରେ
ବନ୍ଧା ପଡ଼ିଛି ଜୀବନ,
ଦେଖୁଦେଖୁ ଆୟୁ ସରିସରି ଆସେ
ଘୋରିଲା ପରି ଚନ୍ଦନ ।।

ଅଧ୍ୟାପକ, ମାହାଙ୍ଗା, କଟକ

ISSN NO.
2582-208X

# ପ୍ରକୃତିର ନିବେଦନ



ଫାଲଗୁନ ସାହୁ

ହେ ! ମଣିଷ
ପାରିବୁକି ଫେରାଇ ମୋ ଶ୍ୟାମଳିମା
ମୋର କମନୀୟତା ଭରା ସୁଷମା
ମୋ କୋଳର ନମନୀୟ ଲାଳିମା
ହଜିଥିବା ମୋର ଅପୂର୍ବ ଭଙ୍ଗିମା ।।

ପାରିବୁକି ଫେରାଇ ମୋ କୋମଳତା
ସବୁଜିମା ପୂରିତ ମୋର ଚପଳତା
ଅବିନଶ୍ୱର ଚିର ଶାଶ୍ୱତ ସୁନ୍ଦରତା
ସ୍ନିଗ୍ଧ ସୁଶୀତଳ ଛାୟା ର ନୀରବତା ।।

ପାରିବୁକି ଫେରାଇ ବିହଙ୍ଗମ ସଙ୍ଗୀତ
ମୋ କୋଳେ ଥିଲେ ଯେତେ ଆଶ୍ରିତ
ରଙ୍ଗ ବେରଙ୍ଗ ଫଳପୁଷ୍ପେ ସଜ୍ଜିତ
ମନଲୋଭା ଦୃଶ୍ୟରାଜିରେ ଶୋଭିତ ।।

ପାରିବୁକି ଫେରାଇ ହୃତ ଗୌରବ
ଅପୂର୍ବ ରୂପକାନ୍ତି ଭରା ସୌରଭ
ମନଛୁଆଁ ସ୍ୱର ପକ୍ଷୀ କଳରବ
ସୌନ୍ଦର୍ଯ୍ୟ ପୂରିତ ସବୁଜ ସ୍ୱଭାବ।

ନୂଆପଡ଼ା/9556579617

ISSN NO.
2582-208X

# ନିର୍ଯ୍ୟାତିତ ପୁରୁଷର ବେଦନା



ଅଜୟ କୁମାର ରାଉତ

ଆଜିର ଦିନରେ ନାରୀ ମାନଙ୍କୁ ଯେତିକି ସୁବିଧା ମିଳୁଚି ତାହା ଆମ ସମାଜରେ ପୁରୁଷଙ୍କୁ ମିଳୁଛି ତ । ଏହା ଏବେବି ଅନ୍ଧକାରମୟ । ନାରୀ ଓ ପୁରୁଷ ସମାନ କେବଳ କଥାରେ ଚାଲିଛି ବାସ୍ତବିକରେ ତାହା ସମ୍ଭବପର ନୁହେଁ। ଜଦି ନିକିତିରେ ଓଜନ କରାଯାଇ ମପାଯାଏ ତାହାହେଲେ ନାରୀମାନଙ୍କ ପଲ୍ଲାଭାରୀ ରୁହେ । ନାରୀ ମାନଙ୍କର ମାୟା, ଯନ୍ତ୍ରଣା ଭାରି କଷ୍ଟଦାୟକ । ଜଣେ ପୁତ୍ର ଜନ୍ମ ହେବା ଆଜିର ସମାଜରେ ଏକ ପାପ ସଦୃଶ । ପୁତ୍ର ବଡ ହେଲେ ତାର ଭଉଣୀର ବିବାହ ସମୟରେ ହୋଇଥିବା ଖର୍ଚ୍ଚ ତାର ଭାଇ କରଜ ଶୁଝିଥାଏ ଏବଂ ନିଜର ବିବାହ ସମୟରେ ଖର୍ଚ୍ଚ ଟଙ୍କ ନିଜେ ଶୁଝିଥାଏ । ବାସ୍ତବରେ ତାର ଜୀବନ ଅନ୍ୟମାନଙ୍କ ପାଇଁ। ନିଜ ଜୀବନକୁ ଜଳାଞ୍ଜଳି ଦେଇଥାଏ । ଖୁସି କିଛି ନଥାଏ । ବିବାହ ପରେ ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ ଭଲ ସଂପର୍କ ନପଡିଲେ ଚାରି ପାଞ୍ଚିରୁ ଗଲା । କୋର୍ଟ କଚେରୀ ଧାଇଁ ଧାଇଁ ତାର ଜୀବନ ଚାଲିଯାଏ । ଯେଉଁ କିଛି ସମ୍ପତ୍ତି ଥାଏ ସେଥିରୁ ତାର ଭଉଣୀ ଭାଗ ନେଇଥାଏ ।

କିଏ କେବେ ଚିନ୍ତା କରିଛନ୍ତି ଭଉଣୀର ବିବାହ ସମୟରେ ଝିଅ ପିଛା କେତେ ଖର୍ଚ୍ଚ ହୋଇଥାଏ ସୁନା ଅଳଙ୍କାର ଭାବରେ । ଏସବୁ ବୋଝ କଣ ଜଣେ ପୁରୁଷ ଉପରେ ନ୍ୟସ୍ତ ଥାଏ ଏହା କଣ ଆଇନ୍ ଅନୁସାରେ ସମସ୍ତେ ସମାନ। ଆଜିର ଦିନରେ ଲିଭ୍ ଇନ୍ ରେଲେସନସିପ୍ ଉଭୟ ରହୁଛନ୍ତି । କଥାଟି ହେଲା ବିନା ଇଛାରେ ଜଣେ ପୁରୁଷ କଣ ଜଣେ ଝିଅକୁ ହୋଟେଲକୁ ନେଇ ପାରିବ କି? ଦୁହେଁ ଦୁହିଁଙ୍କୁ ପ୍ରେମ କରୁଥିଲେ। ଝିଅର ବିନା ଇଚ୍ଛାରେ କଣ ଜଣେ ପୁରୁଷ ଶାରିରୀକ ସଂପର୍କ ସ୍ଥାପନ କରିପାରିବକି? ଯଦି ଜଣେ ଝିଅର

ISSN NO.
2582-208X

ଇଚ୍ଛା ନଥିଲା ସେ ପର ପୁରୁଷ ସହ ହୋଟେଲରେ ରହୁଥିଲା କଣ ପାଇଁ । ସଂପର୍କ ସ୍ଥାପନ କରି ମିଥ୍ୟା କେଶ୍ କରି ପୁରୁଷକୁ ହାଜତ୍ ପଠାଇ ପରେ ଭଲ ଟଙ୍କାରେ ମୂଲଚାଲ କରି କେଶ୍ କୁ ଉଠାଇ ଦିଆଯାଉଛି । ସତରେ ଏହା କଣ ଆଇନ୍ ର ଅପବ୍ୟବହାର ନୁହେଁ କି? ଜଣେ ଝିଅ ସଂପର୍କ ରଖି ସହଜରେ ବିବାହ କ୍ରିପାରିବ କିନ୍ତୁ ପୁରୁଷଟି ଅତିବାହିତ କରିଥିବା ବନ୍ଦୀ ଜୀବନ ଓ ତାକୁ ବିବାହ କରିବାକୁ କେତେ ଯେ କଷ୍ଟ ତାହା ଭୋଗିଥିବା ବ୍ୟକ୍ତି କହିପାରିବେ । ଜଜ୍, ସମ୍ବିଧାନ ଓ ପ୍ରତିନିଧି କେହି ଜାଣିପାରିବେ ନାହିଁ । ବାସ୍ତବରେ ହୁଏ ଗୋଟିଏ । ପୂର୍ବରୁ ଯଦି ପରକ୍ରୀୟା ପ୍ରିତିରେ ପୁଅ ଓ ଝିଅ ଧରା ପଡନ୍ତି ତେବେ ପୁରୁଷଟି ଜେଲ୍ ଯିବାକୁ ପଡୁଥିଲା ଓ ନାରୀଟିକୁ ଖସାଇ ଦିଆଯାଉଥିଲା । ବଡ ବିଚିତ୍ର ଏଠି ଆମର ଦେଶର ଆଇନ୍ । ଯେଉଁ ଦେଶରେ ଆଇନ୍ ସମସ୍ତଙ୍କ ପାଇଁ ସମାନ ତାହେଲେ ଏହା କି ପ୍ରକାର ଆଇନ୍ । ଜଣେ ପୁରୁଷ ଦଣ୍ଡ ପାଉଥିବା ସମୟରେ ଆଉଜଣେ ନାରୀ ଖସି ଯାଉଥିଲେ ।

ଯାହା ହେଉ ଆନ୍ୟବର ସୁପ୍ରିମ୍ କୋର୍ଟ ପରିବର୍ତ୍ତନ ଆଇନ୍ ଆଣିଲେ ସତ କିନ୍ତୁ ତାହା କେତେଦୂର କାର୍ଯ୍ୟକାରୀ ଏବେବି ଜଣାନାହିଁ । ପୋଲିସ୍ କିଛି ନବୁଝି ନସୁଝି ସିଧାସାଧା ପୁରୁଷକୁ ବାନ୍ଧି ପକାଏ । ବର୍ତ୍ତମାନର କୋର୍ଟ କିଛି ବୁଝିବା ପାଇଁ ନାରାଜ । କେବଳ ଭାବନ୍ତି ନାରୀଟିକୁ ନ୍ୟାୟଦେବୁ । ଥରେ ଥରେ କୋର୍ଟର କଥା ବହୁତ ବାଧିଥାଏ । ଝିଅଟିଏ ଯଦି ନ ଆସେ ୱାରେଣ୍ଟ୍ ଯାଏନାହିଁ କିନ୍ତୁ ପୁରୁଷଟି ନ ଆସିଲେ ୱାରେଣ୍ଟ ବୁଲେ । ଏହା କଣ ଆମ ସମ୍ବିଧାନର ସମାନତା । ବାସ୍ତବରେ କେଉଁଠି ନା କେଉଁଠି ଏହା ପୁରୁଷ ପ୍ରତି ଅନ୍ୟାୟ କହିଲେ ଭୁଲ ହେବନି । ଝିଅ ପକ୍ଷକୁ ଜୋରିମନା ହୁଏନି କିନ୍ତୁ ପୁଅକୁ ଜୋରିମାନା ଦେବାକୁ ପଡେ । ପୁଅ ଓ ଝିଅଙ୍କ ଲିଭ୍ ଇନ୍ ରେଲସନସିପ୍ ରେ ରହିଲେ ଜଣେ ଝିଅର ଇଚ୍ଛା ନଥିଲେ ଜଣେ ପର ପୁରୁଷ ଏସବୁ କାର୍ଯ୍ୟ କରିପାରିବ କି? ଯଦିବା ଝିଅଟି ଗର୍ଭବତୀ ହୋଇଗଲା ଆମ ଭାରତର ସମାଜସେବୀ ପୁଅଘର ଦାଣ୍ଡରେ ବସି ବିଶୃଙ୍ଖଳା ଆରଚଣ ସୃଷ୍ଟି କରିବା ଏହା କେଉଁ ଆଇନ୍ ରେ ଲିପିବଦ୍ଧ ଅଛି । ଆପଣଙ୍କୁ ବିନମ୍ର ପ୍ରାର୍ଥନା ମୋତେ ଜଣାଇବେ । ସମାଜିକ କର୍ମୀ ମାନଙ୍କ ତୃତୀୟ ପକ୍ଷଙ୍କ ହସ୍ତକ୍ଷେପ ଶକ୍ତି ଯୋଗୁଁ ନାରୀମାନଙ୍କର ମିଥ୍ୟା କେଶ୍ ବଢି ଚାଲିଛି । ଯେଉଁ ପୁରୁଷ ଘରେ ଧାରଣା ଦେଉଛନ୍ତି ସେଠି ଆଉ କେତେ ଜଣ ନାରୀ ଓ ପୁରୁଷ ଥିବେ । ସେମାନଙ୍କ ଅଧିକାରକୁ କ୍ଷୁର୍ଣ୍ଣ କରିବାକୁ ତୁମକୁ କିଏ ଅଧିକାର ଦେଲା ଏହା କଣ ଏକ ପ୍ରକାର ନିର୍ଯ୍ୟାତନା ନୁହେଁ କି? ବର୍ତ୍ତମାନ

ISSN NO.
2582-208X

ପରିସ୍ଥିତିରେ ଯୌତୁକ ନିର୍ଯ୍ୟାତନା କେଶ୍ ରେ ଝିଅମାନେ ପ୍ରଥମେ ଦେଖୁଛନ୍ତି ଘରର ମୁଖ୍ୟ ଅସ୍ତ୍ର କିଏ ଯଥା ଚାକିରିଆ, ପୋଲିସ୍ ଓକିଲ୍ ଇତ୍ୟାଦିକୁ ମୁଖ୍ୟ ଆସାମୀ କରି ମାମଲା ରୁଜୁ କରୁଛନ୍ତି । ଯାହା ଫଳରେ ମେରୁଦଣ୍ଡ ଭାଙ୍ଗିଦେବା ପାଇଁ ଚେଷ୍ଟିତ । କିନ୍ତୁ ପୋଲିସ୍ ର ତଦନ୍ତ ମଧ୍ୟ ଆଶ୍ଚର୍ଯ୍ୟ ଲାଗେ । କିଛି ନବୁଝି ନଶୁଝି ସପରିବାରକୁ ଟାଣି ନେଇଥାଏ । ପୁରୁଷଟି ଯଦି ସ୍ତ୍ରୀ ନାମରେ ଏଫ ଆଇ ଆର୍ ଦିଏ ପୋଲିସ୍ ରେଜଷ୍ଟ୍ରି କରେନାହିଁ । କାରଣ ପୁରୁଷଟି ଥାନାରୁ ନିର୍ଯ୍ୟାତିତ ହୋଇଯାଇଥାଏ । ଝିଅଟି ବିଭିନ୍ନ ମାମଲା କରିଥାଏ ଗୋଟିଏ କାଳ୍ପନିକ ଗଳ୍ପ ଗଠନ କରି । ପୁଅଟି ବିଭିନ୍ନ ସମସ୍ୟାରେ ଗତି କରିଥାଏ । ବର୍ତ୍ତମାନ ଗୋଟିଏ ଉଚ୍ଚ ନ୍ୟାୟାଳୟ ସୁନ୍ଦର ପଦକ୍ଷେପ ତାଙ୍କ ଜଜମେଣ୍ଟରେ ଦର୍ଶାଇଛନ୍ତି ଯେ ଯେଉଁ ନାରୀମାନେ ରୋଷେଇ କରିବା ବ୍ୟତୀତ ଅନ୍ୟ ବିକଳ୍ପ ନାହିଁ, ସେ ଭରଣ ପୋଷ୍ୟ ଯୋଗ୍ୟ ଅଟନ୍ତି ।

ନାରୀଟି ଇଞ୍ଜିନିୟର ପାଠ ପଢିଥିଲେ । କେତେଜଣଜଜ ଏସବୁ ପରିଲକ୍ଷିତ କରନ୍ତି । ଆମ ଭାରତ ବର୍ଷରେ ତାହା ବହୁତ କମ । ସମସ୍ତ ଜଜ୍ ନାରୀ ମାନଙ୍କୁ ଭରଣପୋଷଣ ଦେବାକୁ ଅର୍ଡର ଦିଅନ୍ତି । କେହି ଜଜ ବୁଝିବାକୁ ନାରାଜ ନାରୀଟି କାର୍ଯ୍ୟକରିବା ପାଇଁ ସକ୍ଷମ କି ନାହିଁ । ନାରୀଟି ବିଭିନ୍ନ ମାମଲା କରି ନିଜେ କୋର୍ଟକୁ ଆସିନଥାଏ ଏବଂ ସ୍ୱାମୀ ଓ ସ୍ୱାମୀର ସପରିବାର ବାରମ୍ବାର କୋର୍ଟକୁ ଆସିଥାନ୍ତି ଏବଂ ଘରକୁ ଫେରିଥାନ୍ତି । ଏହା ଏକ ଅର୍ଥନୀତିକ ଓ ମାନସିକ ନିର୍ଯ୍ୟାତନା ନୁହେଁ କି ?

ଜଣେ ବ୍ୟକ୍ତି ଜଦି କୋର୍ଟକୁ ଆସିବ ତାଙ୍କର ଚାକିରି ରହିବ କି ଏହା କଣ କୋର୍ଟର ନଜରରେ କେବେ ପଡିନି । ଜଣେ ବ୍ୟକ୍ତି ରୋଜଗାର କରିଲେ ଓ ଭରଣପୋଷଣ ଦେବତ । ଆତ୍ମହତ୍ୟା ପୂର୍ବରୁ ଅତୁଲ ସୁବାସ କରିଥିବା ଭିଡିଓଟିରେ ଥିବା ସମସ୍ତ ବାର୍ତ୍ତା ଯେ କେହିବି ଶୁଣିବ ପ୍ରକୃତରେ ତାହା ହୃଦୟ ବିଦାରକ ଅଟେ । ବର୍ତ୍ତମାନ ବିବାହ ଏକ ଭଲ ବ୍ୟବସାୟରେ ପରିଣତ ହେଲାଣି, ବିବାହ କର, ୧୦ ଦିନ ରୁହ, କେଶ୍ କରି ଆଲିମୋନି ନେଇ ଅନ୍ୟ କାହାକୁ ବିବାହ କର । ଝିଅଟି ଯଦି ପ୍ରାଇଭେଟ୍ ରେ ଚାକିରି ଅରିଛି ତାହା ସୂଚନା ଅଧିକାର ଆଇନ୍ ଅନୁସାରେ ଆସିବନାହିଁ । ପୁଅଟି କେମିତି ପ୍ରମାଣିତ କରିବ କିନ୍ତୁ କୋର୍ଟ ଏଭଳି କ୍ଷେତ୍ରରେ ଚୁପ୍ କାହିଁକି ରୁହନ୍ତି । ଯଦି ପୁଅର ସାଲାରି କୁ ସଂଲଗ୍ନ କରି ଦିଆଯାଉଛି, ଯଦି ଝିଅଟିର ତଦାରଖ କଣ ପାଇଁ କରିପାରେନାହିଁ ଯେଉଁଠି ସେହି ଝିଅଟି ଚାକିରି କରିଥାଏ । ଆଜିର ସମାଜରେ ଗତିବିଧି ଯାହା ହେଲାଣି ସୁରକ୍ଷା କଥା ପଡିଲେ

ISSN NO.
2582-208X

ଯାହା ଦେଖାଯାଏ କେବଳ ମହିଳାମାନଙ୍କର ସୁରକ୍ଷାକୁ ବୁଝାଯାଏ । ମହିଳାମାନଙ୍କ ପାଇଁ ବିଭିନ୍ନ ଫୋରମ୍ ଥିବାବେଳେ ପୁରୁଷଙ୍କ ପାଇଁ ସରକାର କୋର୍ଟ କେତୋଟି ଗଠନ କରିଛନ୍ତି । କେହି ଯଦି ସହୃଦୟବାନ ଜାଣିଥିବେ କହିବାକୁ ଭୁଲିବେ ନାହିଁ । ପ୍ରତିଦିନ ସକାଳ ଠାରୁ ରାତିରେ ପୁରୁଷମାନଙ୍କୁ ହଇରାଣ ହେବାର ଯଥେଷ୍ଟ ପ୍ରମାଣ ମଧ୍ୟ ପରିଲିକ୍ଷିତ ହେଉଛି ।

କ୍ରମଶଃ.....

ଆଇନଜୀବୀ, କଟକ
ମୋ ୮୨୪୯୪୪୩୦୩୩

ISSN NO.
2582-208X

# ସେହି ମୋର ପ୍ରିୟ ଭାରତ ଭୂଇଁ

ନରେଶ କୁମାର ତ୍ରିପାଠୀ

ସାଗର ଧୁଏ ଯା ପାଦ ମହାନନ୍ଦ ହୋଇ
ମଳୟ ଯା ଗୀତ ଗାଇ ଯାଏ ବହି ବହି
ହିମାଳୟ ସୂଚୀ କହେ ଆକାଶକୁ ଛୁଇଁ
ସେହି ମୋର ପ୍ରିୟ ଭାରତ ଭୂଇଁ।।
ମାଟିରେ ଫଳେ ଯା ସୁନା ସେ ରତନଖଣି,
ସରଗଠୁ ସୁନ୍ଦର ସେ ଅମୃତ ତା ପାଣି
ପବନେ ଯା ଜୀବନର ରଚଇ କାହାଣୀ
ନଭଦେଶ ନିନାଦିତ ଯା ଗୁଣ ବରଣି
ନୂଆଭାବ ଦିଏ ବୁଣି, ସୂରୁଜ ବି ଉଇଁ
ସେହି ମୋର ପ୍ରିୟ ଭାରତ ଭୂଇଁ।।
ଯାକୋଳେ ଜନମି ହେଲେବୁଧକବିଗ୍ୟାନୀ
ବିଶ୍ୱ ଦରବାରେ ନାମ ରଖିଲେ ବିଗ୍ୟାନୀ
କଳା ସାହିତ୍ୟ ଦର୍ଶନ ବେଦ ଗ୍ୟାନ ବାଣୀ
ଯେ ଦେଶ ସମୃଦ୍ଧଶୋଭା ସତେ ରତ୍ନମଣି
କୋଟି କଣ୍ଠେ ବିଭାସିତ ମୋହୃଦ ନମଇଁ
ସେହି ମୋର ପ୍ରିୟ ଭାରତ ଭୂଇଁ।।

ଇଛାପୁର, ଡୁଙ୍ଗୁରିପା, ସୁବର୍ଣ୍ଣପୁର

ISSN NO.
2582-208X

# ଜଲିଲ ହେବାର ନଶା

ପୁରିତ ରଣା

ତୁମ ପାଖରେ ଜଲିଲ ହେବାର ନିଶାକୁ
ମୋର କେବେ ଭୟ ନାହିଁ।
ତୁମ ବଂଧନରୁ ମୁକୁଳିବାର ପଛରେବି
ଏ ମନରେ କିଛି ଅଭିମାନ ନାହିଁ ।
ଅଭିମାନକୁ ଧରି ରାସ୍ତା ଚାଲୁଥିବା
ସମ୍ପର୍କକୁ ମୁଁ କେବେ ମାନିନି ।
ହୃଦୟର ଗଭୀର ବଣକୁ ବୁଝି ପାରୁଥିବା
ସଂପର୍କକୁ ହିଁ ମୁଁ ସଂପର୍କ ମାନି ନେଇଛି।
ସ୍ୱାର୍ଥ ପରତାକୁ ହୁଏ ତୋ ମୁଁ ବିଶ୍ୱାସ କରି ପାରେ
କିନ୍ତୁ ସ୍ୱାର୍ଥର ସୀମାକୁ ଲଘି ଯାଉଥିବା ମନକୁ ନୁହେଁ।
ଭିଡ଼ ଭିତରେ ଆପଣାକୁ ଖୋଜିବାର
ପ୍ରୟାସ ମୁଁ କେବେ କରିନି
ଆପଣାର ହିଁ ଏହି ଭିଡ଼ ଭିତରେ
କେଉଁ କୋଣ ଅନୁକୋଣରେ ରହି ଯାଇଛନ୍ତି ।
ମୁହଁ ଫେରେଇ ଚାଲି ଯାଉଥିବା
କେତେଯେ ମଣିଷ ଅଚିହ୍ନା ହେଇ ରହିଗଲେ
ତୁମେ ଅଚିହ୍ନା ହେଇ ଚାଲି ଯିବାପରେ
ଏହି ଦୂରତାର ବ୍ୟବଧାନ କିଛି ନୁଆଁ କଥା ନୁହେଁ।

ଜାମପଡ଼ା, ବଲାଙ୍ଗୀର
ମୋ – ୭୩୭୧୯୧୬୨୦୩

ISSN NO.
2582-208X

# ଓଡିଆ ଭାଷାର ମହତ ଓ ମହତ୍ତ୍ୱ



ନଶ୍ଚଳାନନ୍ଦ ତାଣ୍ଡି

ଓଡିଆ ଭାଷା, ଭାରତର ପ୍ରାଚୀନ ଏବଂ ସମୃଦ୍ଧ ଭାଷାଗୁଡିକ ମଧ୍ୟରୁ ଗୋଟିଏ, ଯାହା ଇତିହାସ, ସାହିତ୍ୟ ଏବଂ ସଂସ୍କୃତିର ଗଭୀର ଅର୍ଥ ବହନ କରିଛି । ଏହି ଭାଷା ଓଡିଶାର ସରକାରୀ ଭାଷା ଏବଂ ଭାରତର ଛଅଟି ଶ୍ରେଷ୍ଠ ଶାସ୍ତ୍ରୀୟ ଭାଷା ମଧ୍ୟରୁ ଗୋଟିଏ, ଯାହା ଏହାର ପ୍ରାଚୀନତା, ସାହିତ୍ୟିକ ଐତିହ୍ୟ ଏବଂ ସ୍ୱତନ୍ତ୍ର ଭାଷା ଭିତ୍ତିର ଦ୍ୟୋତକ। ଓଡିଆ ଭାଷାର ମାନ୍ୟତା ଏବଂ ଗୁରୁତ୍ୱ କେବଳ ଏହାର ଇତିହାସରେ ନୁହେଁ, ବରଂ ଏହା ଓଡିଶାବାସୀଙ୍କ ସାଂସ୍କୃତିକ ପରିଚୟ, ଐକ୍ୟ ଏବଂ ଗୌରବର ପ୍ରତୀକ ।

ଓଡିଆ ଭାଷାର ଇତିହାସ ୨୫୦୦ ବର୍ଷ ପ୍ରାଚୀନ ଏହାର ପ୍ରଥମ ଶିଳାଲିପି ଉଦୟଗିରି ଏବଂ ଖଣ୍ଡଗିରି ଗୁମ୍ଫାରେ ମିଳିଥିଲା, ଯାହା ଖ୍ରୀ.ପୂ ଦ୍ୱିତୀୟ ଶତାବ୍ଦୀର ସମ୍ରାଟ ମହାମେଘବାହନ ଖାରବେଳ ଙ୍କ ରାଜତ୍ୱ ସମୟର। ଏହି ଭାଷା ପ୍ରାକୃତ ଏବଂ ସଂସ୍କୃତରୁ ଉତ୍ପନ୍ନ ହୋଇ ଉଚ୍ଚକୋଟୀର ବ୍ୟାକରଣ ଏବଂ ଲିପି ଗଠନ କରିଛି । ଗୋଟିଏ ଶ୍ରେଷ୍ଠ ଭାଷା ଭାବରେ ୨୦୧୪ ମସିହାରେ ଶାସ୍ତ୍ରୀୟ ମାନ୍ୟତା ଲାଭ କରିଛି । ଆଦିକବି ସାରଳା ଦାଶଙ୍କ "ସାରଳା ମହାଭାରତ" ଏବଂ କବିବର ରାଧାନାଥ ରାୟଙ୍କ ପ୍ରକୃତିର ଜୀବନ୍ତ ଚିତ୍ର ଚିତ୍ରିତ ହୋଇଥିବା "ଚିଲିକା" କାବ୍ୟ ଏହି ଅମୂଲ୍ୟ ସାହିତ୍ୟର ପରିଚାୟକ ।

ଓଡିଆ ସାହିତ୍ୟ ପଦ୍ୟ, ଗଦ୍ୟ, ନାଟକ, ଐତିହାସିକ ଗ୍ରନ୍ଥ ଇତ୍ୟାଦି ମଧ୍ୟରେ ସମୃଦ୍ଧ । "ଗୀତଗୋବିନ୍ଦ" ରଚୟିତା ଜୟଦେବ ଏବଂ ଆଧୁନିକ ସାହିତ୍ୟର ପିତା ଫକୀରମୋହନ ସେନାପତି ଏହାର ମହାନ ସ୍ରଷ୍ଟା। ଫକୀର ମୋହନ ସେନାପତି ଓଡିଆ ଭାଷାକୁ ସାମାଜିକ

ISSN NO.
2582-208X

ସୁଧାର ଏବଂ ଜାଗୃତିର ଉପକରଣ ଭାବରେ ବ୍ୟବହାର କରିଥିଲେ । ଏହି ସାହିତ୍ୟ ଓଡିଶାର ଧାର୍ମିକ ଚିନ୍ତା, ରସ ଏବଂ ଗଭୀର ଦାର୍ଶନିକ ଚିନ୍ତନର ପ୍ରକାଶ କରିଥାଏ ।

ଭାଷା ଜନଜାତିକ ଐକ୍ୟ ଏବଂ ସାଂସ୍କୃତିକ ଐତିହ୍ୟକୁ ସଂରକ୍ଷିତ କରିଥାଏ । ଓଡିଆ, ଓଡିଶାବାସୀଙ୍କ ମନ୍ଦିର, ଆରାଧନା, ନୃତ୍ୟ, ଗୀତ ଏବଂ ଉତ୍ସବମାନ ଭିତରେ ଅନ୍ୟତମ ଭାବେ ଉପସ୍ଥାପିତ । ରଥଯାତ୍ରା, ନୂଆଁଖାଇ, ରଜପର୍ବ, ଓଡିଶାର ବିଭିନ୍ନ ପର୍ବପର୍ବାଣୀ, ଓଡିଆ ଭାଷାରେ ଗାଇଥିବା ଗୀତ ଗୁଡିକ ଓଡିଆମାନଙ୍କ ଗୌରବ ବହନ କରେ ।

ଓଡିଆ ଭାଷା ଓଡିଶାର ରାଜ୍ୟ ଶିକ୍ଷା ଏବଂ ପ୍ରଶାସନର ମୁଖ୍ୟ ଭାଷା । ୧୯୫୪ ମସିହାରେ ଓଡିଶା ଭାଷା ଆଇନ ଅନୁଯାୟୀ ଓଡିଆକୁ ସରକାରୀ ଭାଷା ଭାବେ ଘୋଷଣା କରାଯାଇଥିଲା । ଏହି ଆଇନ ଅନୁଯାୟୀ ସରକାରୀ ଚିଠିପତ୍ର ଦଲିଲ ଏବଂ ଶିକ୍ଷାରେ ଓଡିଆକୁ ବ୍ୟବହାର ଅରିବା ଅନିବାର୍ଯ୍ୟ କରାଯାଇଛି ।

ଜଗତୀକରଣ ଏବଂ ଅନ୍ୟ ଭାଷାମାନଙ୍କ ଦାବି ଯୋଗୁଁ ଓଡିଆ ଗୋଟିଏ ପ୍ରତିବନ୍ଧକ ସ୍ୱରୂପ ଦେଖାଯାଉଛି । ଭାଷା ରକ୍ଷା ପାଇଁ ଓଡିଶା ସରକାର ତଥା ତାର ନାଗରିକ ମାନଙ୍କ ଦ୍ୱାରା ଏକ ମାନସିକ ସ୍ତରରେ ପ୍ରଭାବିତ କରୁଥିବା ଭଳି ଦୃଢ ଉଦ୍ୟମ ଜରୁରୀ ।

ଯୁବପିଢି ଓଡିଆ ଭାଷାକୁ ଗୌରବ ଅର୍ପଣ କରିବା ଏବଂ ଏହାକୁ ଆଗକୁ ବଢାଇବାର ମୂଳ ଅଂଶୀଦାର । ସାମାଯିକ ଗଣମାଧ୍ୟମ, ଗୀତ, ଫିଲ୍ମ ମାଧ୍ୟମରେ ଯୁବପିଢି ଏହାକୁ ପ୍ରଚୁର ପରିମାଣରେ ପ୍ରଚାର ପ୍ରସାର କରିବା ଆବଶ୍ୟକ । ଯାହା ଏକ ଉତ୍ତମ ପଦକ୍ଷେପ ରୂପେ ପ୍ରମାଣିତ ହେବ ।

ଓଡିଆ ଭାଷା କେବଳ ଗୋଟିଏ ଭାଷା ନୁହେଁ; ଏହା ଓଡିଶାର ଆତ୍ମା, ଐକ୍ୟ ଏବଂ ଐତିହ୍ୟର ଦ୍ୟୋତକ । ଏହି ଭାଷାକୁ ସମ୍ମାନ ଦେବା ଓ ରକ୍ଷା କରିବା, ଓଡିଶାର ସାଂସ୍କୃତିକ ଐତିହ୍ୟକୁ ସଂରକ୍ଷିତ କରିବା ଭଳି । ଏକ ଓଡିଆ ଭାବେ ଆମ୍ଭେ ଏହି ଭାଷା ପ୍ରତି ଗର୍ବ ଏବଂ ଗୌରବ ବୋଧ କରିବା ଉଚିତ ।

ବଲାଙ୍ଗିର, ଓଡିଶା

ISSN NO.
2582-208X

# ପ୍ରଥମ ଦେଖା



ଅଙ୍କିତା ପ୍ରିୟଦର୍ଶିନୀ ସାହୁ

କବିମାନେ କୁହନ୍ତି କାଳେ ପ୍ରଥମ ଦେଖାରେ ମନରେ ସୃଷ୍ଟି ହୁଏ ଆନ୍ଦୋଳନ । କାଇଁ ତମକୁ ସେଦିନ ଦେଖି ସେମିତି କିଛି ଲାଗୁ ନଥିଲା ତ ମତେ ? ତେବେ ୟାକୁ ମୁଁ ପ୍ରେମର ପଦବାଚ୍ୟ କରୁନି। ଏ କଥା ଶୁଣି କଣ ତମେ ଖୁସି ହେବ କି ମୁଁ ୟାକୁ ପ୍ରେମ କହୁନି ? କେଜାଣି କାହିଁକି ତମର ସେ ହସର ପ୍ରଂଶସା ମୁଁ ସମସ୍ତଙ୍କ ଠାରୁ ଶୁଣିଛି ମାତ୍ର ମୁଁ ଯେଉଁ ହସ ଦେଖିଛି ସେଥିରେ ତମେ ଓଠର ବ୍ୟବହାର ହିଁ କରିନ। ତେବେ କଣ ସେ ହସ ମୋ ପାଇଁ ନଥିଲା ? କଣ ତମେ ଖୁସି ହବ କି ସେ ହସ ମୋ ପାଇଁ ନଥିଲା ବୋଲି। ପ୍ରଥମ ଦେଖା ଅନନ୍ୟ ହୋଇନଥାଏ। ଅନନ୍ୟ ହୋଇଥାଏ ସେ ଦେଖା, ଯେଁଉ ଦେଖାରେ ଓଠର କଥା କାନକୁ ତ ଶୁଭେ ହେଲେ ହୃଦୟ ବୁଝିବା ପୂର୍ବରୁ ଆଖିର ଇଶାରା ମନକୁ ଅଶାନ୍ତ କରେ...ମାତ୍ର ତମ ଆଖିର ପ୍ରଶ୍ନ ମତେ କଣ କହିବାକୁ ଚାହୁଁଛି ମୁଁ ତା ଉପକ୍ରମରେ ହିଁ ଅଟକିଛି। କଣ ତମେ ଜାଣି ଖୁସି ହବ କି ମୁଁ ଏବେବି ଶେଷ କଥାରେ ପହଞ୍ଚିନି। ମୁଁ ଏବେବି ନିରକ୍ଷର ତମର ସେ ଆଖିର କଥାରେ ଆଉ ଅପେକ୍ଷାରେ ରହିଲି କେବେ ତମେ ଆସି ସେଇ ଅକୁହା କଥାରେ ମତେ ସାକ୍ଷର କରି ଚାଲିଯିବ....

ମୋର ପ୍ରଥମ ଦେଖା

ସ୍ନାତକୋତ୍ତର ଦ୍ୱିତୀୟ ବର୍ଷର ଛାତ୍ରୀ
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ

ISSN NO.
2582-208X

# ଆତ୍ମହତ୍ୟା



ରଂଜିତ ନାଏକ

ଏମିତି ଏ ଶବ୍ଦ ଯାଆରେ ଭରି ରହିଛି ଅନେକ ଅଛିଣ୍ଡା କାହାଣୀ
ଶ୍ରବଣ ପଠନେ ଯା"ର ମରମ ହୋଇଯାଏ ହାଣି
କେହି ଦୁଃଖ କରେ କେହି ଆହା ଚୁ ଚୁ କରେ
ସମବେଦନା ତ୍ୟାଗୀ କେହି ଘୃଣ୍ୟ ମନେ ସୋଧେ
କେହି ନ ଜାଣନ୍ତି ଜୀବନରେ କ'ଣ ବିତୁଥିଲା
ଜୀବନକୁ ଭୁଲି କାହିଁକି ମରଣକୁ ଆଦରି କେ ନେଲା
ସର୍ବେ ସିଦ୍ଧାନ୍ତ ରଖନ୍ତି ଠିକ ହେଲା ନାହିଁ
ମଣିଷ ହୋଇ ଜୀବନରେ ହାରିଗଲା କାହିଁ
ଜଣେ କାହିଁକି ହାରିଯାଏ ବୁଝିଛି କି କେହି
ଜୀବନ ମୃତ୍ୟୁ ସମାନ ସମସ୍ତଙ୍କ ପାଇଁ
ଶିକ୍ଷିତ ହେଉ ଅବା ଅଶିକ୍ଷିତ ହେଉ
ମୃତ୍ୟୁ ଶେଷ ସମାଧାନ ଭାବନ୍ତି କେ କାହୁଁ
ଆମ ଶିକ୍ଷା ବ୍ୟବସ୍ଥାରେ ଜୀବନର ମୂଲ୍ୟବୋଧ କାହିଁ
ବୁଦ୍ଧିଜୀବୀ ଶିକ୍ଷାବିତ୍ ଶିକ୍ଷର୍ଥୀ କାହିଁ ଚିନ୍ତା କରନ୍ତି ନାହିଁ
ବସ୍ତୁବାଦୀ ମଣିଷ ସମାଜରେ ଯାହା ମୂଲ୍ୟବାନ
ତାକୁ କେହି ଜାଣିବାକୁ ଦେଉନାହାନ୍ତି ଧ୍ୟାନ
ବିଚାର ଚିନ୍ତାଧାରା ବୁଝାମଣା ନକାରାତ୍ମକ ହେବା ହେତୁ
ଧନ ଜନ ମନକୁ ବଳି ଦେବାରେ ରହେ ନାହିଁ କିନ୍ତୁ
ଜୀବନରେ ସକାରାତ୍ମକ ମନୋବୃତ୍ତି କୁ ରଖିଲେ
ଜୀବନର ଅମୂଲ୍ୟ ମୂଲ୍ୟବୋଧକୁ ଜାଣିପାରିବା ଭଲେ
ଜୀବନ ହିଁ ସଂଘର୍ଷ ଜୀବନ ହିଁ ପରୀକ୍ଷା
ହାରିଯିବା ନାହିଁ ଧୈର୍ଯ୍ୟଧରି ନିଶ୍ଚିତ କରିବା ଅପେକ୍ଷା ।

ଉଦୟପୁର, ବୌଦ୍ଧ/8114852494

ISSN NO.
2582-208X

# କଳ୍ପନା

ସମ୍ବିତ ଦାଶ

ତୁମେ ହୁଅନ୍ତ କି
ନିର୍ମଳ ଆକାଶ ଚାନ୍ଦ
ଏ ଦୁନିଆ ଉଜ୍ଜ୍ୱଳ ହୋଇଉଥାନ୍ତା ।।

ତୁମେ ହୁଅନ୍ତ କି
ଜଙ୍ଗଲର ରାଣୀ ମୟୁର
ତୁମ ନାଚରେ ମେଘ ଆସନ୍ତା ।।

ତୁମେ ହୁଅନ୍ତ କି
ବଗିଚାର ଟିକି ଫୁଲ
ହସରେ ଫୁଲ ବର୍ଷା ହୁଅନ୍ତା ।।

ତୁମେ ହୁଅନ୍ତ କି
ମୁକ୍ତ ଆକାଶର ବିହଙ୍ଗ
ଆକାଶ ଅତି ସୁନ୍ଦର ଦିଶନ୍ତା ।।

ତୁମେ ହୁଅନ୍ତ କି
ଗୋଟେ ସ୍ୱର୍ଗର ଅପ୍ସରୀ
ତୁମ ଚାଲିରେ ମୁକ୍ତା ଝରନ୍ତା ।।

ତୁମେ ହୁଅନ୍ତ କି
ଟିକି ପ୍ରଜାପତି ଟିଏ
ଫୁଲ ସୁନ୍ଦର ହୋଇଯାଆନ୍ତା ।।

ତୁମେ ହୁଅନ୍ତ କି
ସାତ ରଙ୍ଗେ ଇନ୍ଦ୍ରଧନୁ
ଆକାଶ ରଙ୍ଗେଇ ହୁଅନ୍ତା ।।

ତୁମେ ହୁଅନ୍ତ କି
ଲାଜକୁଳୀ ଲତା
ଛୁଇଁଲେ ଲାଜେଇ ଯାଆନ୍ତ ।।

ଏରସମା, ଜଗତସିଂହପୁର
ମୋ-9178804645

ISSN NO.
2582-208X

# ମହୀମଣ୍ଡଳ ଗୀତା'ର ପ୍ରଣେତା ସନ୍ଥ ଅରକ୍ଷିତ ଦାସ: ଏକ ଅନୁଶୀଳନ

ସରୋଜ କୁମାର ବିଷୋୟୀ

## ଉପକ୍ରମ:- (ବାଲ୍ୟ ଓ କର୍ମମୟ ଜୀବନ)

'ମହୀମଣ୍ଡଳ ଗୀତା'ର ପ୍ରଣେତା ସନ୍ଥ ଅରକ୍ଷିତ ଦାସଙ୍କ ରାଜକୀୟ ନାମ ଥିଲା ବଳଭଦ୍ର ଦେବ। ବଡ଼ଖେମୁଣ୍ଡି ରାଜପରିବାର ର ରାଜା ପଦ୍ମନାଭ ଦେବ (ମଣିଦେବ) ଙ୍କ ପୁତ୍ର ଥିଲେ। ସେ ଆନୁମାନିକ ୧୭୮୨ ଖ୍ରୀ:ଅ ରେ ରାଜା ପଦ୍ମନାଭ ଦେବ ଓ ରାଣୀ ମୁକୁତା ଦେବୀଙ୍କ ଔରସରୁ ଜନ୍ମ ଗ୍ରହଣ କରିଥିଲେ। ବାଲ୍ୟାବସ୍ଥାରୁ ବଳଭଦ୍ର ଥିଲେ ଗମ୍ଭୀର ଓ ଚିନ୍ତାଶୀଳ। ରାଜକୀୟ ଆଡ଼ମ୍ବର, ସୁଖ ସ୍ୱାଚ୍ଛନ୍ଦ ଓ ଭୋଗବିଳାସ ପ୍ରତି ତାଙ୍କର ତିଳେମାତ୍ର ଆସକ୍ତି ନଥିଲା। କ୍ଷତ୍ରିୟ କୁଳରେ ଜନ୍ମ ହୋଇମଧ୍ୟ ସାମରିକ ଓ ପ୍ରଶାସନିକ ତାଲିମ ନେବାରେ ତାଙ୍କର ଆଗ୍ରହ ନଥିଲା। ବୟସ ବଢ଼ିବା ସଙ୍ଗେ ସଙ୍ଗେ ସଂସାର ପ୍ରତି ତାଙ୍କର ବୈରାଗ୍ୟ ବୃଦ୍ଧି ପାଇଲା। ପୁତ୍ର ସଂସାର ତ୍ୟାଗୀ ହେବା ଆଶଙ୍କାରେ ପିତା ପଦ୍ମନାଭ ରାଜା ନୃପସେନଙ୍କ କନ୍ୟା ସହ ବିବାହ ପ୍ରସ୍ତାବ ପକାଇଲେ। ବଳଭଦ୍ର ଦେବ ବିବାହ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରି ନିଜର ଚରମ ବାଣୀ ଶୁଣାଇଥିଲେ। ଯାହାକି 'ମହୀମଣ୍ଡଳ ଗୀତା'ରେ ସ୍ଥାନିତ ହୋଇଛି:-

"ଯେ ମାତା ରୂପେ ଜନ୍ମକରି
ପୁତ୍ର ବୋଇଲି ମୁଁ ତାଙ୍କରି।
ପୁତ୍ର ମାତାଙ୍କୁ ବିଭା ହେଲେ
ଧର୍ମ ସହିବଟି ଭଲେ ।।"

ବଳଭଦ୍ର ଦେବ ରାଜ ଉଆସ ଓ ଐଶ୍ୱର୍ଯ୍ୟ ଛାଡ଼ି ଅଦୂରରେ ଅବସ୍ଥିତ ଦିଗପହଣ୍ଡି କଚେରୀ ଘରେ ଦୂରଦୂରାନ୍ତରରୁ ଆଗତ ସାଧୁସନ୍ଥଙ୍କ ସହିତ ଆଧ୍ୟାତ୍ମିକ ଓ ବୌଦ୍ଧିକ ଆଲୋଚନା ଓ

ISSN NO.
2582-208X

ଅତିଥି ସେବାରେ ପ୍ରାୟ ଦୁଇ ବର୍ଷ ବିତାଇଥିଲେ। ତାଙ୍କ ରଚିତ 'ଶକାବ୍ଦ ସହିଂତା 'ରେ ଅରକ୍ଷିତ ନାମକୁ କିଭଳି ଗ୍ରହଣ କଲେ ତାହା ବର୍ଣ୍ଣିତ ଅଛି।

## ବିଷୟ ପ୍ରବେଶ:-

ବାଲ୍ୟକାଳରେ ବିଶେଷ ଶିକ୍ଷାଲାଭ କରିନଥିଲେ ମଧ୍ୟ ଜଣେ ମହାନ ସାରସ୍ୱତ ସାଧକ ଓ ସ୍ରଷ୍ଟା ଭାବରେ ଅରକ୍ଷିତ ଦାସ ବେଶ୍ ପରିଚିତ। ନିଜ ସାଧନାର ଉପଯୁକ୍ତ କ୍ଷେତ୍ର ଅନ୍ୱେଷଣରେ ସେ ବହୁପାହାଡ଼, ଜଙ୍ଗଲ ଏବଂ ବିଭିନ୍ନ ପୁଣ୍ୟକ୍ଷେତ୍ର ପରିଭ୍ରମଣ କରି କଟକ ଓ ଯାଜପୁର ସୀମାସ୍ଥ ଓଳାଶୁଣୀ ପାହାଡ଼ରେ ନିଜର ସାଧନା ପୀଠ ସ୍ଥାପିତ କରିଥିଲେ। ତାଙ୍କ ରଚିତ ସାହିତ୍ୟକୃତି ଗୁଡ଼ିକ ଓଡ଼ିଆ ଆଧ୍ୟାତ୍ମିକ ଓ ଧର୍ମୀୟ ସାହିତ୍ୟକୁ ବିକଶିତ କରିଛି। ତାଙ୍କ ରଚିତ ସାହିତ୍ୟ କୃତି ମଧ୍ୟରେ ରହିଛି -'ମହୀମଣ୍ଡଳ ଗୀତା', 'ଭକ୍ତିଟୀକା', 'ଅବଧୂତ ସହିଂତା', 'ଶକାବ୍ଦ ସହିଂତା ', 'ମୋକ୍ଷ ଉପାଧି' ଓ 'ବାଲ୍ୟବୋଧ'। ଏହି ଆଧ୍ୟାତ୍ମିକ ଗ୍ରନ୍ଥର ବାସ୍ତବ ଅନୁଶୀଳନ ର ପ୍ରାସଙ୍ଗିକତା ରହିଥିବା ସ୍ଥଳେ ତାଙ୍କ ପ୍ରଚାରିତ ଧର୍ମ ଓ ଦର୍ଶନରେ ଗଭୀର ଦିବ୍ୟ ଅନୁଭୂତିର ଭାବାବେଗ ହିଁ ରୂପାୟିତ ହୋଇଛି। ସନ୍ଥ ଅରକ୍ଷିତ ଦାସ ଓଡ଼ିଶା ଜନଗଣଙ୍କ ନିକଟରେ ଜଣେ ଯୋଗଜନ୍ମା ତତ୍ତ୍ୱଦର୍ଶୀ ମହାପୁରୁଷରୂପେ ସୁବିଦିତ। ସେ ଥିଲେ ନିରାକାର ବ୍ରହ୍ମ ଉପାସକ। ବ୍ରହ୍ମମୟ ଜଗତକୁ ସେ ଉପଲବ୍ଧ କରିଛନ୍ତି। ଶରୀର ଭିତରେ ବ୍ରହ୍ମର ଅନୁଭବ କରିବା ହେଉଛି ତାଙ୍କ ଦିବ୍ୟ ଦର୍ଶନର ମୂଳଉତ୍ସ। ସେ ଅବତାର ମାନଙ୍କୁ ଈଶ୍ୱର ରୂପେ ଗ୍ରହଣ କରି ନାହାନ୍ତି। କିନ୍ତୁ ସାକାର ଉପାସନାର ବର୍ଣ୍ଣନା 'ମହୀମଣ୍ଡଳ ଗୀତା'ରେ ସୁସ୍ପଷ୍ଟ। ଅବତାର ଓ ଅବତାରୀମାନଙ୍କୁ ସେ ବ୍ରହ୍ମାଂଶ ରୂପେ ବର୍ଣ୍ଣନା କରିଛନ୍ତି। ତାଙ୍କର ନିର୍ଗୁଣ ବ୍ରହ୍ମ ଉପାସନାର ପ୍ରମାଣ 'ମହୀମଣ୍ଡଳ ଗୀତା'ରେ ମଧ୍ୟ ବର୍ଣ୍ଣିତ। ସେ ଶବ୍ଦ ବ୍ରହ୍ମରୁ ଜଗତ ସୃଷ୍ଟିର ସୂଚନା ଦେଇ ଅକ୍ଷରକୁ ବ୍ରହ୍ମ ବା ନାମ ବ୍ରହ୍ମ ରୂପେ ବର୍ଣ୍ଣନା କରିଛନ୍ତି। ତାଙ୍କ ମତରେ ବ୍ରହ୍ମ ଅରୂପ, ଅବର୍ଣ୍ଣ ଓ ମହାଶୂନ୍ୟ ଏହାହିଁ ବ୍ରହ୍ମର ସ୍ୱରୂପ। ତାଙ୍କର ଶରୀର ଓ ଗର୍ଭରୁ ଆଜ୍ଞାର ଉତ୍ପତ୍ତି। 'ମହୀମଣ୍ଡଳ ଗୀତା'ର ଏକ ସପ୍ତତିତମ ଅଧ୍ୟାୟରେ ସେ ଲେଖିଛନ୍ତି -

"ଆଜ୍ଞାଟି ତାରି ମେଘ ପାଇ
ପୃଥିବୀ ପାଳୁଛନ୍ତି ସେହି।

ISSN NO.
2582-208X

ତେତିଶ କୋଟି ଦେବ ଯେତେ
ଆଜ୍ଞାରେ ଅଛନ୍ତି ସମସ୍ତେ।
ଅନନ୍ତ କୋଟି ସାଧୁଗଣ
ଆଜ୍ଞାକୁ ଧରି ସେ ଭ୍ରମିଣ। ।"

ସମସ୍ତ ଜୀବ ଜଗତକୁ ସମାନ ଦୃଷ୍ଟିରେ ଦେଖିବା, ଛୁଆଁ ଅଛୁଆଁ ଭେଦଭାବ ନ ରଖିବା ହିଁ ଅରକ୍ଷିତଙ୍କ ଧର୍ମଦର୍ଶନର ମୂଳମନ୍ତ୍ର। ହୋମ, ଯଜ୍ଞ, ଧର୍ମକର୍ମ ଦର୍ଶନରେ ମିଥ୍ୟା। ମହାମୁନୀ ଗୌତମ ବୁଦ୍ଧଙ୍କ ପରି ଅହିଂସା, ଜୀବେଦୟା, ବିଶ୍ୱମାନବବାଦ, ସାମ୍ୟ, ଭାତୃଭାବ ରେ ବିଶ୍ୱାସରଖି ନିଜର ବାଣୀ ପ୍ରଚାର କରିଥିଲେ। ହାଡ଼ି, ଚଣ୍ଡାଳଙ୍କ ଠାରୁ ବ୍ରାହ୍ମଣ ପର୍ଯ୍ୟନ୍ତ ସମସ୍ତ ଛତିଶ ପାଟକ ଗଣଙ୍କୁ ସେ ଏକ ଅଭିନ୍ନ, ତଥା ପରମବ୍ରହ୍ମଙ୍କର ଅମୃତ ସନ୍ତାନ ରୂପେ ବିବେଚନା କରିଛନ୍ତି। ସେହି ପରଂବ୍ରହ୍ମଙ୍କ ସେବାରେ ଜୀବନକୁ ନିୟୋଜିତ କରିବା ହେଉଛି ମାନବଧର୍ମ। ଏହି ପ୍ରସଙ୍ଗରେ 'ମହୀମଣ୍ଡଳ ଗୀତା'ରେ ସ୍ଥାନିତ ଉଦ୍ଧୃତି କୁ ଆଧାର କରାଯାଇପାରେ:-

"ହାଡ଼ି ବ୍ରାହ୍ମଣ ମୁହିଁ ହେଲି । ନାନା ଜାତିଟି ବୋଲାଇଲି ।
ସିଂହ ଦଶି ପୋକାଯାଏ । ନାନା ନାମଟି ମୁଁ ବୋଲାଏ।
ରୂପରେ ଜୀବମୁଁ ଅଟଇ। ଅରୂପ ବ୍ରହ୍ମ ମୁଁ ବୋଲାଇ ।"

ଅରକ୍ଷିତଙ୍କ ଆମିଷ ତତ୍ୱ ଗୁରୁତ୍ୱପୂର୍ଣ୍ଣ ଅଟେ। ଓଳାଶୁଣୀ ସମାଧି ପୀଠରେ ନିରାମିଷ ଭୋଗ ସମେତ ମାଛ, ମାଂସ, ଶୁଖୁଆ ଆଦି ଆମିଷ ଭୋଗ ନିମନ୍ତେ ଅରକ୍ଷିତ ଦାସଙ୍କ ଠାରେ ନୈବେଦ୍ୟ କରିବାର ବିଧି ରହିଛି। ଜୀବ - ଉଦ୍ଭିଦ ଜଗତ ଆମିଷରୁ ସୃଷ୍ଟି। ଆମିଷ ବ୍ୟତିରେକ ଅନ୍ୟକିଛି ନାହିଁ। ଛପନକୋଟି ଜୀବଗଣ ଅହରହ ଆମିଷ ଭକ୍ଷଣ ପୂର୍ବକ ଜୀବନଧାରଣ କରିଛନ୍ତି। ଆମିଷର ସଂଜ୍ଞା ନିର୍ଣ୍ଣୟ ସମ୍ବନ୍ଧୀୟ ତାଙ୍କର ଭାବାର୍ଥକ ଉକ୍ତି ହେଉଛି:-

"ହେ ମନ କହୁଅଛି ମୁହିଁ
ଶରୀର ଆମିଷ ଅଟଇ

ISSN NO.
2582-208X

×××× ×××× ××××
ଛପନକୋଟି ଜୀବ ଯେତେ
ଆମିଷରୁ ଜାତ ସମସ୍ତେ ।”

ଧର୍ମତାତ୍ତ୍ୱିକ ଦୃଷ୍ଟିକୋଣରୁ ସନ୍ଥ ଅରକ୍ଷିତ ଦାସ ନିର୍ଗୁଣ ଉପାସକ ଅବଧୂତପନ୍ଥୀ ଥିଲେ। ତାଙ୍କ ଶିଷ୍ୟମାନେ ନିଜକୁ ଅବଧୂତ ସନ୍ୟାସୀ ଭାବେ ପରିଚିତ କରନ୍ତି। ଏମାନଙ୍କର ଆମିଷ, ନିରାମିଷ ଓ ଜାତିଭେଦ ବାରଣ ନାହିଁ। ଏମାନେ ଶୂନ୍ୟବାଦୀ। ପ୍ରତ୍ୟେକ ଶିଷ୍ୟ ‘ନାମ’ ଦୁଇଅକ୍ଷର ଖୋଦିତ ଏକ ତାମ୍ରଫଳକ ଗଳାରେ ଝୁଲାନ୍ତି। ଏହା ସନ୍ଥ ଅରକ୍ଷିତଙ୍କ ଅନୁଗାମୀ ମାନଙ୍କ ସଂକେତ। ଅବଧୂତ ଗୋଷ୍ଠୀରେ ନାରୀର ପ୍ରବେଶାଧିକାର ନଥିବାରୁ ଶିଷ୍ୟମାନେ ଚିର କୁମାର ବ୍ରତୀ। ଅରକ୍ଷିତଙ୍କ ଜୀବଦ୍ଦଶାରେ ଏବଂ ପରେ ଅବଧୂତ ସନ୍ୟାସୀ ସଂଘ ଓଳାଶୁଣୀ ପାହାଡ଼ ଅଞ୍ଚଳରେ ତାଙ୍କ ଶୂନ୍ୟବାଦର ପ୍ରଚାର କରି ଆସୁଛନ୍ତି। ଅରକ୍ଷିତଙ୍କର ରଚନା ଗୁଡ଼ିକରେ ମନ ପଚାରୁଛି ଓ ଚୈତନ୍ୟ ଉତ୍ତର ଦେଉଛି। ମନ ଅର୍ଥାତ୍ ଆମର ବ୍ୟକ୍ତିଗତ ମନ ପଚାରୁଛି ଏବଂ ସେ ପାଖରେ ଏକ ବୃହତ୍ତର ମନ ହିଁ ଯାବତୀୟ ଉତ୍ତର ଦେଉଛି। ମନ-ବ୍ୟକ୍ତି ସତ୍ୟ, ଚୈତନ୍ୟ-ପରମ ସତ୍ୟ ଏବଂ ଅରକ୍ଷିତ ଦାସଙ୍କର ସ୍ୱକୀୟ ପରିଭାଷା ଅନୁସାରେ, ତାହା ହେଉଛି ବିଶ୍ୱସତ୍ୟ। ସନ୍ଥ ଅରକ୍ଷିତଙ୍କ ଆଧ୍ୟାତ୍ମ୍ୟ-ବିବେକ ଅନୁସାରେ ନିଜଭିତରେ ଅପେକ୍ଷା କରି ରହିଥିବା ଚୈତନ୍ୟ ହେଉଛନ୍ତି ଏକମାତ୍ର ଗୁରୁ। ମନକୁ ଚୈତନ୍ୟ ଯାଏ ବାଟ କଢ଼ାଇ ନେବାକୁ ହିଁ ତ ସଂସାରରେ ଗୁରୁମାନଙ୍କର ଗୋଟିଏ ମଧ୍ୟବର୍ତ୍ତୀ କାଳୀନ ଭୂମିକା ରହିଛି। ନେମାଳ ମଠର ମହାପୁରୁଷ ଅଚ୍ୟୁତାନନ୍ଦ ଦାସ ଓଳାଶୁଣୀ ପାହାଡ଼ରେ ଅରକ୍ଷିତ ଦାସଙ୍କ ଆବିର୍ଭାବ ସଂପର୍କରେ
ମାଳିକାରେ ସୂଚନା ଦେଇଥିଲେ:-

ଓଳାଶୁଣୀ ପର୍ବତରେ ସାଧୁ ସେବାହେବ
ଏକାକ୍ଷର ପରୀକ୍ଷା ଯେ ଅରକ୍ଷିତ କରିବ
ଅରକ୍ଷିତ ଦାସ ଅଟେ ମୋର ଗେହ୍ଲାପୁଅ
ମୋ ଆଗରେ ଚାଲିବ ସେ ‘ମାଳିକା ନିର୍ଣ୍ଣୟ’ ।
(ମାଳିକା)

ISSN NO.
2582-208X

ଶେଷକଥା: -

ସନ୍ଥ ଅରକ୍ଷିତ ଦାସଙ୍କର ଜୀବନ ଚରିତ ଅନ୍ୟ ସମସ୍ତଙ୍କର ତୁଳନାରେ ଅନନ୍ୟ। ତାଙ୍କର କୌଣସି ଗୁରୁ ନାହାଁନ୍ତି। ପାରମ୍ପରିକ କୌଣସି ରୀତିକୁ ଅନୁସରଣ କରିନାହାନ୍ତି। ସବୁଠାରୁ ଅଧିକ ଉଲ୍ଲେଖଯୋଗ୍ୟ କଥା ହେଉଛି ଯେ, ଦୁଇଶହ ବର୍ଷରୁ ଅଧିକ ପୁରୁଣା ହେଲେ ସୁଦ୍ଧା ଏବେ ମଧ୍ୟ ତାଙ୍କ ବାର୍ତ୍ତା ତଥା ଦୃଷ୍ଟି ଗୁଡ଼ିକର ସର୍ବାଧିକ ପ୍ରାସଙ୍ଗିକତା ରହିଛି। ଆଗକୁ ଯେଉଁ ପୃଥିବୀ ଆସୁଛି, ସେ ପ୍ରାସଙ୍ଗିକତା ଅଧିକ ବୃଦ୍ଧି ପାଇବ। ସନ୍ଥ ଅରକ୍ଷିତ ଦାସ ଛଅବର୍ଷକାଳ ଓଳାଶୁଣୀ ପର୍ବତରେ ବିନାଗୁରୁରେ ନିର୍ଗୁଣ ସାଧନାରେ ବ୍ରତୀ ହୋଇ ଗଭୀର ଧ୍ୟାନମଗ୍ନ ହେଲେ ଏବଂ ଶେଷରେ ଦିବ୍ୟଜ୍ଞାନ ଲାଭକଲେ। ଓଳାଶୁଣୀ ଗୁମ୍ଫାରେ ୧୮୩୭ ମସିହା ମାଘମାସ କୃଷ୍ଣ ଏକାଦଶୀ ତିଥିରେ ସିଦ୍ଧ ପୁରୁଷ ଅରକ୍ଷିତଙ୍କ ମହାପ୍ରୟାଣ ଘଟିଥିଲା। ଜଣେ ସଦାଚାରୀ, ସମଦ୍ରଷ୍ଟା, ନିର୍ବିକାର ବ୍ରହ୍ମର୍ଷୀ ଭାବରେ କାଳଜୟୀ ମହାନ ସାଧକ ଅରକ୍ଷିତ ଦାସଙ୍କ ଜୀବନ ଦର୍ଶନ, ଆଧ୍ୟାତ୍ମିକ ଆବେଗ ଓ ଧର୍ମବାଣୀର ଫଲଗୁଧାରା ଯୁଗେ ଯୁଗେ ମାନବ ସମାଜକୁ ଉଦବୁଦ୍ଧ କରି ରଖିବ। ତାଙ୍କୁ ଜନ୍ମଦେଇ ବଡ଼ଖେମୁଣ୍ଡି ଗର୍ବିତ ଓ ଗୌରବିତ ।

ସହାୟକ ଗ୍ରନ୍ଥସୂଚୀ:-

୧. ରଥ, ଅଶୋକ କୁମାର, ଗୌରବମୟ ବଡ଼ଖେମୁଣ୍ଡି, ତାରାତାରିଣୀ ପୁସ୍ତକାଳୟ, ବ୍ରହ୍ମପୁର, ୧ମ ସଂସ୍କରଣ ,୨୦୧୪

୨. ଦାସ, ଚିତ୍ତରଞ୍ଜନ, ମହୀମଣ୍ଡଳର ଗୀତା, ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଭୁବନେଶ୍ୱର, ୨୦୦୪

୩. ଦାସ, ଦାଶରଥି,ମହୀମଣ୍ଡଳ ଗୀତା, ଦାଶରଥି ପୁସ୍ତକାଳୟ, ବାଲୁବଜାର, କଟକ

ଗବେଷକ

ISSN NO.
2582-208X

# ଅଠର



ସତ୍ୟନାରାୟଣ ମିଶ୍ର

ଅଠର ସଂଖ୍ୟା ର ଅଛି କି ମହତ୍ୱ
କବିତା ହେଉ କି କଥା
ଅଠର ଅଧ୍ୟାୟ ରଚିତ ହେଇଛି
ଶ୍ରୀମଦ ଭାଗବତ ଗୀତା ।
ଅଠର ଦିନର ଭାରତ ଯୁଦ୍ଧ ଯେ
ସୈନ୍ୟ ଅଠର ଅକ୍ଷଉଣୀ
ଅଠର ଖଣ୍ଡ ର ମହାଭାରତ ରେ
କୁରୁ ପାଣ୍ଡବ କାହାଣୀ ।
ଅଷ୍ଟାଦଶ ମହାପୁରାଣ ଲେଖିଲେ
ବ୍ୟାସ  କୃଷ୍ଣ ଦଇପାୟନ
ଅଠର ସଂଖ୍ୟା ଟି  ଦ୍ୱାପର ଯୁଗରେ
ନେଇଛି ପ୍ରମୁଖ ସ୍ଥାନ ।
ଭାରତ ଦେଶରେ  ଅଠର କୁ ନେଇ
ରହିଛି ଆଇନ ଦେଖ
ସତର ପର୍ଯ୍ୟନ୍ତ ନାବାଳକ ଜନ
ଅଠର ରେ ସାବାଳକ ।
ଭାବୁଛି ମୁ ମନେ  ଅଠର ହେଉଛି
ପରି ପୂର୍ଣ୍ଣତା ପ୍ରତୀକ
ତାକୁ ଲକ୍ଷ୍ୟ କରି  ଗତ ସମୟରେ
ଘଟଣା ସବୁ ଘଟିତ ।

ସିଂଧେକେଲ୍ ବଲ୍ଙ୍ଗିର

ISSN NO.
2582-208X

# ଧାଇ ମା



ଅଭୟ କୁଣ୍ଡ

ସମସ୍ତ ପ୍ରାଣୀମାନଙ୍କର ପ୍ରଥମ ପରିଚିତ ବ୍ୟକ୍ତି କିଏ ? ସରଳ ଉତ୍ତର 'ମା' । ମା' ର ସ୍ଥାନ ସବୁଠାରୁ ଉଚ୍ଚରେ । ମଣିଷ ସମାଜରେ ମା'ର ନିକଟତ୍ତମ ସ୍ଥାନ ନିଅନ୍ତି ମାଉସୀ ମା, ସାନ ମା, ବଡ ମାଆ , ପିଉସୀ ମା, ଗୁରୁ ମାଆ , ଧାଇ ମା ଓ ଅନ୍ୟ ଚତୁର୍ଷ୍ପଦ ପ୍ରାଣୀ ଗୋ ମାତା। ନିଜ ସନ୍ତାନର ସୁଖ ସମୃଦ୍ଧି ତଥା ଆପଦ ବିପଦ ବେଳେ ମାଆ ନିଜ ଜୀବନକୁ ବାଜି ଲଗାଇବାର ଅନେକ ଦୃଷ୍ଟାନ୍ତ ଆମ ପୁରାଣ ଶାସ୍ତ୍ର, ଇତିହାସ ଓ ସାହିତ୍ୟ ପୃଷ୍ଠା ମଣ୍ଡନ କରିଅଛି । ମଦର୍ ଟେରେସା ଫ୍ଲୋରେନ୍ସ ନାଇଟଙ୍ଗେଲ ଙ୍କ କଥା କିଏ ବା ନ ଜାଣେ ? କିନ୍ତୁ ଏପରି ଜଣେ ମାଆ ଆମ ଭାରତରେ ଜନ୍ମିଥିଲେ ଯାହାଙ୍କ ବଳିଦାନ ସ୍ୱାର୍ଥ ତ୍ୟାଗ ନିକଟରେ ଏଯାବତ୍ କେହି ବି ପହଞ୍ଚି ପାରିବେ ନାହିଁ । ବିଶ୍ୱର ବିରଳ ଠୁ ବିରଳତମ ମାଆ ଆଉ କେହି ନୁହନ୍ତି ସେ ଥିଲେ ଧାଇ ପାନ୍ନା । ଷୋଡ଼ଶ ଶତାବ୍ଦୀର ଶେଷାର୍ଦ୍ଧର କଥା। ଭାରତରେ ଅସଂଖ୍ୟ ଦେଶୀୟ ରାଜ୍ୟ ଗଠନ ହୋଇ ସାନ ବଡ ରାଜା ଜମିଦାରମାନେ ଶାସନ କରୁଥିଲେ । ପ୍ରଜାମାନଙ୍କ ସୁଖ ଦୁଃଖ ବୁଝିବା ପରିବର୍ତ୍ତେ ସର୍ବଦା କଳହ ଯୁଦ୍ଧ ରକ୍ତପାତ ହିଂସା ଅହଙ୍କାରରେ ମତ୍ତ ରହୁଥିଲେ । ସୁରା ସାକି ସୁନା ତାଙ୍କର ପ୍ରିୟରୁ ପ୍ରୀୟତ୍ତର ଥିଲା । ସେଥିପାଇଁ ହତ୍ୟା ଲୁଣ୍ଠନ କରିବା ତାଙ୍କର ଏକମାତ୍ର ଲକ୍ଷ୍ୟ ଥିଲା। ସେଥିରୁ ପିତା ମାତା ଭାଇ କେହି ବି ଅକାଳରେ ବଳି ପଡୁଥିଲେ । ବିଶ୍ୱସ୍ତ ଅମାତ୍ୟ ସେନାପତି ନିଜ ରାଜାଙ୍କୁ ଏପରିକି ସମ୍ପୂର୍ଣ୍ଣ ରାଜବଂଶକୁ ଲୋପ କରୁଥିଲେ ରାଜ୍ୟ ତଥା ଧନ ଲୋଭରେ ।

ସେ ସମୟରେ ଉଦୟପୁର ଚିତୋରରେ ରାଣା ଉପାଧିଧାରୀ ରାଜାମାନେ ଶାସନ କରୁଥିଲେ। ସେମାନଙ୍କ ମଧ୍ୟରେ ରାଣା ବିକ୍ରମାଦିତ୍ୟ ଥିଲେ ଜଣେ । ସେ ଜଣେ ଦୁର୍ବଳ

ISSN NO.
2582-208X

ଶ୍ରେଣୀର ରାଜା ଥିଲେ । ନାମ କୁ ମାତ୍ର ଶାସନ କରୁଥିଲେ । ତାଙ୍କରି ବଂଶର ଜଣେ ଅବୈଧ ଯୁବକ ବନବୀର ରାଜ୍ୟ ସିଂହାସନ ପାଇଁ ହିଂସା କାଣ୍ଡ ଘଟାଇଥିଲା । ରାଜ୍ୟରେ ଅରାଜକତା ସୃଷ୍ଟି କରୁଥିଲା ବନବୀର । ରାଜା ସବୁ ଜାଣି ମଧ୍ୟ ତାକୁ ଆୟତ୍ତ କରି ପାରୁ ନ ଥିଲେ ।

ରାଣା ବିକ୍ରମାଦିତ୍ୟଙ୍କ ପାଟରାଣୀ ରାଣା ବଂଶର ଏକମାତ୍ର ଉତ୍ତରାଧିକାରୀ ଶିଶୁ ଉଦୟସିଂହଙ୍କୁ ଛାଡ଼ି ସ୍ୱର୍ଗାରୋହଣ କଲେ । ମୃତ୍ୟୁ ପୂର୍ବରୁ ନିଜ ଶିଶୁ ପୁତ୍ରଙ୍କୁ ବିଶ୍ୱସ୍ତା ଧାଇ ପାନ୍ନା ହାତରେ ସମର୍ପଣ କରିଥିଲେ । ଧାଇ ପାନ୍ନା ମଧ୍ୟ ଶପଥ କରିଥିଲେ ଯେ ରାଜକୁମାରଙ୍କ ପାଇଁ ନିଜର ସର୍ବସ୍ୱ ତ୍ୟାଗ କରିଦେବେ । ସେତେବେଳକୁ ପାନ୍ନାଙ୍କର ମଧ୍ୟ ରାଜପୁତ୍ର ଉଦୟସିଂହଙ୍କ ବୟସର ଏକ ପୁତ୍ର ଥିଲା । ଦୁଇ ଶିଶୁଙ୍କର ଲାଳନ ପାଳନ ଦାୟିତ୍ୱ ସହ ରାଣା ବିକ୍ରମାଦିତ୍ୟଙ୍କର ସେବା କାର୍ଯ୍ୟରେ ପାନ୍ନା ନିୟୋଜିତ ଥିଲେ । ରାତିରେ ଶିଶୁ ଉଦୟସିଂହ ଓ ନିଜ ଶିଶୁ ପୁତ୍ର ଦୁଇ ଜଣଙ୍କୁ ନିଜ କୋଠରୀରେ ଶୁଆଇ ଦେଉଥିଲେ ଧାଇ ମା ପାନ୍ନା । ସେଦିନ ଥିଲା ସେହି କାଳରାତ୍ରି । ନିଶୀଥର ଦ୍ୱିତୀୟ ପ୍ରହାର । ଦୁଇ ପୁଅଙ୍କୁ ଖୁଆଇ ପିଆଇ ଶୁଆଇ ଦେଇଥିଲେ ଧାଇ ପାନ୍ନା । ହଠାତ୍ ଅଦୂରର ଅନ୍ତପୁର ଭିତରୁ ନାରୀ କେତେଜଣ ଚିତ୍କାର କରି ଉଠିଲେ । ଜଣେ ଦାସୀ ଧାଇଁ ଆସି ଜଣାଇଲା ବନବୀର ହାତରେ ନିହତ ହୋଇଛନ୍ତି ମହାରାଣା ବିକ୍ରମାଦିତ୍ୟ ।

ପାନ୍ନା ଭଲ ଭାବରେ ବୁଝିଗଲେ ଘାତକ ପରବର୍ତ୍ତୀ ପଦକ୍ଷେପ କଣ ନେବ । ସିଂହାସନ ପାଇଁ ରାଣାଙ୍କୁ ହତ୍ୟା କଲା ତେଣୁ ରାଜପୁତ୍ରଙ୍କୁ ମାରି ନିଷ୍କଣ୍ଟକ ରାଜ୍ୟ ଭୋଗ କରିବ ବନବୀର । ଆଜି ରାତି ହେବ ଉଦୟସିଂହଙ୍କର ଶେଷ ରାତି । କାଳ ବିଳମ୍ବ ନ କରି ରାଜପୋଷାକ ଖୋଲି ଦେଲେ ଓ ନିଜ ପୁଅ ପୋଷାକ ପିନ୍ଧାଇ ଏକ ପଛିଆରେ ତାଙ୍କୁ ଶୁଆଇ ଦେଇ କିଛି ଆବର୍ଜନା ତା ଉପରେ ବିଛାଇ ଦେଲେ । ନିଜ ପୁଅକୁ ରାଜପୋଷାକ ପିନ୍ଧାଇ ପଲଙ୍କରେ ଶୁଆଇ ଦେଇ ପଥର ପ୍ରତିମା ପରି ଛିଡ଼ା ହୋଇ ଅପେକ୍ଷା କଲେ ମାଆ ପାନ୍ନା । କାଳେ ରାଜପୁତ୍ର ଉଠି ପଡିବେ ଭାବି ଜଣେ ବିଶ୍ୱସ୍ତ ଦାସୀ ହାତରେ ପାଛିଆରେ ଶୋଇଥିବା ରାଜପୁତ୍ରକୁ ଏକ ଗୋପନ ପଥରେ ବାହାରକୁ ପଠାଇ ଦେଲେ ଓ ସେହି ଅନ୍ଧକାରରେ ଅପେକ୍ଷା କରିବାକୁ କହିଲେ । ରାଜପୁତ୍ରଙ୍କୁ ନେଇ ଦାସୀ ପଳାୟନ କଲା । କିଛି ସମୟ ପରେ ହଠାତ୍ ବନବୀର କୋଷ ମୁକ୍ତ ଅସି ଧରି ସେଠାରେ ପହଞ୍ଚି ଦୃପ୍ତ କଣ୍ଠରେ ପଚାରିଲା, "ପାନ୍ନା, କେଉଁଠି ଅଛି ରାଜପୁତ୍ର ଉଦୟସିଂହ ?" ଭୟଙ୍କର ନର ରାକ୍ଷସଙ୍କୁ

ISSN NO.
2582-208X

ପାନ୍ନା କିଛି କହି ପାରିଲେ ନାହିଁ । ଆଙ୍ଗୁଳି ଦେଖାଇ ପଲଙ୍କ ଉପରେ ଶୋଇଛନ୍ତି ବୋଲି ଇଙ୍ଗିତ କଲେ । କାଳ ବିଳମ୍ବ ନକରି ବନବୀର ନିଦ୍ରିତ ଶିଶୁ ପୁତ୍ରଙ୍କୁ ଜନ୍ମଦାତ୍ରୀ ମାଆ ଆଗରେ ହତ୍ୟା କଲା ଓ ବିଦ୍ରୁପ ହସ ହସି ପ୍ରତ୍ୟାବର୍ତ୍ତନ କଲା । ନିଜ ପୁତ୍ରକୁ ହରାଇ ମାଆ ପାନ୍ନା ଅଚେତ୍ ହୋଇଗଲେ କିଛି ସମୟ ପାଇଁ । ଜଣେ ସହଚରୀ ପାଣି ସିଞ୍ଚି ତାଙ୍କୁ ସଚେତ କଲାରୁ ତତକ୍ଷଣାତ୍ ନିଜ ପୁତ୍ରର ରକ୍ତରଞ୍ଜିତ ଶବକୁ ଶେଷଥର ଚୁମ୍ବନ ଦେଇ ଶବଦାହ କରିଦେଲେ । ସକାଳ ହେବା ଆଗରୁ ଝଡ଼ ବେଗରେ ପ୍ରାସାଦରୁ ବାହାରିଗଲେ ମାଆ ପାନ୍ନା । ପୂର୍ବରୁ ଯେଉଁ ଦାସୀ ହାତରେ ଉଦୟସିଂହଙ୍କୁ ପଠାଇ ଦେଇଥିଲେ ତା ପାଖରେ ପହଞ୍ଚିଲେ । ଦୁହେଁ ଛଦ୍ମ ବେଶରେ ଅନେକ ବଣଜଙ୍ଗଲ ଅତିକ୍ରମ କରି ଆରାବଳି ପର୍ବତ ଉପତ୍ୟାକାର ଜଙ୍ଗଲ ରାଜା ଆଶା ଶାହଙ୍କ ଶରଣାପନ୍ନ ହେଲେ । ରାଜା ଆଶା ଶାହ ରାଜପୁତ୍ର ଉଦୟସିଂଙ୍କୁ ଗ୍ରହଣ କଲେ । ଅକଥନୀୟ ବେଦନାକୁ ଚାପି ରଖି ଧାଇ ପାନ୍ନା ବିଦାୟ ନେଲେ । ଯେଉଁ ଚିତୋର ଦୁର୍ଗର ସେ ରାଜପୁତ୍ରର ଜୀବନ ରକ୍ଷା ପାଇଁ ନିଜ ପୁଅକୁ ମୃତ୍ୟୁର କୋଳରେ ଶୁଆଇ ଦେଇଥିଲେ ଆଉ ସେଠାକୁ ଫେରି ଯିବାର ଧୈର୍ଯ୍ୟ ତାଙ୍କର ନଥିଲା । ନିଜର ପ୍ରତିଜ୍ଞା ପୂରଣ କରି ଧାଇ ପାନ୍ନା ମାନବିରୁ ଦେବୀ ପାଲଟି ଗଲେ ସବୁ ଦିନ ପାଇଁ ।

ସହକାରୀ ଶିକ୍ଷକ
ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ
ତାଳଚେର ଅନୁଗୋଳ/ମୋ: ୯୫୫୬୨୯୮୯୭୨୩

ISSN NO.
2582-208X

# ନୂଆ ଦିଶା



ଶୀବାଜି ବାହିନୀପତି

ଥିଲୁ ତୁ ଅଚିହ୍ନା ଅଜଣା ଠିକଣା
ତଥାପି ଆସିଲୁ ତୁ
ନଥିଲୁ ବାନ୍ଧବୀ କେଜାଣି କେମିତି
ତୋତେ ଭଲପାଏ ମୁଁ ।

ଯେବେଠୁ ଆସିଲୁ ଜୀବନରେ ମୋର
ବଦଳିଲା ସବୁ ଦିଶା
ସେବେଠୁ ତୁ ମୋର ବଞ୍ଚିବାର ହେଲୁ
ନୂଆ ଆଶା ଓ ଭରଷା ।

ପ୍ରଥମ ଦେଖାଟା ଜଗାର ଧାମରେ
ହୋଇଥିଲା ଯୋଉ ଦିନ
ବେଳାଭୂମିର ସେସାଗର ଆଗରେ
ଲେଖିଥିଲି ତୋର ନାମ ।

ପ୍ରଥମ ଛୁଆଁତ ଦ୍ଵିତୀୟ ଦେଖାରେ
ଜାଗରରେ ହୋଇଥିଲା
ପ୍ରେକ୍ଷାଳୟରସେ ଅନ୍ଧାର ଭିତରେ
ମୋ ହାତେ ତୋ ହାତ ଥିଲା ।

ଯେଦିନୁ ତୁ ମୋତେ ଲାଗିଲୁ ନିଜର
ଡିଆରିଲି ନୂଆ ଦିଶା
ସେବେଠୁ ତୁ ମୋର ବଞ୍ଚିବାର ହେଲୁ
ନୂଆ ଆଶା ଓ ଭରଷା ।

ନଦୀକୂଳରସେ ସରୁଆ ରାସ୍ତାଟି
ମନେ ପଡେ ସବୁ ଦିନ
ଯୋଉଠି ତୋଆଖି ଲାଜେଇଯାଏରେ
ସବୁ ଦେଖେ ସେଇ ଜହ୍ନ ।

ମରୀଚିକା ଠାରୁ ଦୂରେଇଲି ବୋଲି
ତୋତେ ମୁଁ ଖୋଜି ପାଇଛି
କେହି ନ ଜାଣିଲେ ତୁ ତ ଜାଣିଚୁ
ଧଉଳିବି ସାକ୍ଷୀ ଅଛି ।

ଜଗତର ନାଥ ଜଗନ୍ନାଥ ପୁଣି
ଦେଖାଇଲେ ନୂଆ ଦିଶା
ସେବେଠୁ ତୁ ମୋର ବଞ୍ଚିବାର ହେଲୁ
ନୂଆ ଆଶା ଓ ଭରଷା ।

କୁଣ୍ଡିଲୋ କେରଙ୍ଗ ଖୋର୍ଦ୍ଧା
8249580374

ISSN NO.
2582-208X

# ଏ ଯୁଗରେ ବି ପାଷାଣ ଯୁଗର ମାନସିକତା



ବାଲ୍ମୀକି ନାୟକ

ଆମର ପୂର୍ବ ପୁରୁଷମାନଙ୍କ ପାଖରେ କୌଣସି ସଂସାଧନ ନଥିଲା । ଜଙ୍ଗଲରେ ରହୁଥିଲେ, ବାସସ୍ଥାନ ଠିକ ନଥିଲା, ମାଟି ଉପରେ ଶୋଉ ଥିଲେ, ଗଛର ପତ୍ର ପିନ୍ଧୁଥିଲେ, କଞ୍ଚା ଫଳ ମୂଳ ଖାଉଥିଲେ । ଶୀତ, ଗ୍ରୀଷ୍ମ ଓ ବର୍ଷା ଋତୁରେ ଅସହନୀୟ ଶାରୀରିକ କଷ୍ଟ ଭୋଗ କରୁଥିଲେ । ସମୟ ବଦଳିଲା, ମନୁଷ୍ୟର ମସ୍ତିଷ୍କ ବିକଶିତ ହେଲା । ନିଜର ଆବଶ୍ୟକତା ଅନୁସାରେ ବାସସ୍ଥାନ, ଖାଦ୍ୟ, ବସ୍ତ୍ର ଆଦି ଯୋଗାଡ଼ କରି ପାରିଲା । ବିକଶିତ ମଣିଷ ଆଜିର ସମୟରେ ଅନେକ ପ୍ରକାର ଭୌତିକ ସୁଖ ସାଧନ ଉଦ୍ଭାବନ ଓ ଆବିଷ୍କାର କରିପାରିଛି । ପୃଥିବୀର ପ୍ରତ୍ୟେକ ଦେଶର ମଣିଷନୂଆ ନୂଆ ଅତ୍ୟାଧୁନିକ ସଂସାଧନ ଉତ୍ପାଦନ କରିବା ପାଇଁ ପ୍ରତିଯୋଗିତା କରୁଛି ।

ଆଶ୍ଚର୍ଯ୍ୟ ଲାଗୁଛି ଯେ ଏହି ଯୁଗର କିଛି ଭାରତୀୟ ମଣିଷ ସମସ୍ତ ଆଧୁନିକ ସୁଖ ସାଧନ ତ୍ୟାଗ କରି ପାଷାଣ ଯୁଗର ଜୀବନ ଶୈଳୀରେ ବଞ୍ଚି ରହିବାକୁ ପସନ୍ଦ କରୁଛନ୍ତି କାହିଁକି ? ବର୍ତ୍ତମାନ ପ୍ରୟାଗରାଜ ଠାରେ ଚାଲିଥିବା ମହାକୁମ୍ଭ ମେଳାରେ ଯୋଗ ଦେଇଥିବା ସାଧୁ, ସନ୍ନ୍ୟାସୀ, ଯୋଗୀ, ବାବା ଆଦି ଅଦ୍ଭୁତ ମଣିଷ ମାନଙ୍କୁ ଦେଖିଲେ ବିଶ୍ୱାସ ହେଉନି ଯେ ସେମାନେ ଏହି ଯୁଗରେ ମାତ୍ର କିଛି ବର୍ଷ ତଳେ ଜନ୍ମ ହୋଇଛନ୍ତି । ସେମାନଙ୍କ ଭିତରୁ କିଛି ଲୋକ ଜୀବନସାରା ସ୍ନାନ କରିନାହାନ୍ତି, ମୁଣ୍ଡର ବାଳ କାଟି ନାହାନ୍ତି, ହାତର ନଖ କାଟି ନାହାନ୍ତି, କେବେ ଦାନ୍ତ ଘଷନ୍ତି ନାହିଁ, ଦେହରେ କେବଳ ପାଉଁଶ ବୋଳି ହୋଇ ରହନ୍ତି । କିଛି ମଣିଷ ସମ୍ପୂର୍ଣ୍ଣ ନଙ୍ଗଳା ହୋଇ ରହନ୍ତି । ଖାଇବାରେ ବି ସେମିତି କିଛି ବାଛ ବିଚାର ନାହିଁ । ଯାହା ଯେତେବେଳେ ମିଳିଲା ଖାଇ ଦିଅନ୍ତି ।

ISSN NO.
2582-208X

ଏଇଠି ଗୋଟିଏ କଥାର ରହସ୍ୟ ପରଦା ଉହାଡରେ ରହିଯାଉଛି । ସେମାନେ ଦାବି କରୁଛନ୍ତି ଯେ ମୁଁ ଯେକୌଣସି ଦୂଷିତ ଓ ଅଖାଦ୍ୟ ଯଥା: କଞ୍ଚା ମାଛ, ମାଂସ, ଏପରିକି ମଳ ମୂତ୍ର ସେବନ କରି ମଧ୍ୟ ସୁସ୍ଥ ରହୁଛି । ବିଜ୍ଞାନ ମତରେ ତ ଏହା ସମ୍ଭବ ନୁହେଁ । ମଣିଷର ଶରୀରକୁ ଦୂଷିତ ଖାଦ୍ୟ ପ୍ରବେଶ କଲେ ହଜମ ପ୍ରକ୍ରିୟାରେ ଗଡ଼ବଡ଼ ହେବ । ସେମାନେ କେତେ ସତ ବା କେତେ ମିଛ କହୁଛନ୍ତି ତାଙ୍କୁ ପରୀକ୍ଷା କରି କୌଣସି ଡାକ୍ତର ପ୍ରମାଣ ପତ୍ର ଦେଇ ନାହାନ୍ତି । ସେମାନେ ନିଜେ ହିଁ କରୁଥିବା ଦାବିକୁ ଲୋକ ସତ ବୋଲି ବିଶ୍ୱାସ କରୁଛନ୍ତି ଯେ 'ମୁଁ ଅମୁକ ଦେବୀ ବା ସମୁକ ଦେବତାଙ୍କ ଶକ୍ତି ପ୍ରାପ୍ତ କରିଥିବାରୁ ସବୁ ହଜମ କରି ପାରୁଛି । ସାଧାରଣ ଲୋକମାନେ ଏହାକୁ ବିଶ୍ୱାସ କରି ସେମାନଙ୍କୁ ପୂଜା ଅର୍ଚ୍ଚନା କରୁଛନ୍ତି ।

ଏଇଠି ପ୍ରଶ୍ନ ଉଠୁଛି ଯେ ସେମାନେ ବିଭିନ୍ନ ରାଜ୍ୟର ବିଭିନ୍ନ ପରିବାରରେ ଜନ୍ମ ଗ୍ରହଣ କରିଥିବା ସତ୍ତ୍ୱେ ଏକା ଭଳି ଭୋଗ ବିଳାସର ସଂସାର ତ୍ୟାଗୀ ଜୀବନ ଶୈଳୀକୁ ପସନ୍ଦ କରୁଛନ୍ତି କାହିଁକି ? ଏହି ପ୍ରଶ୍ନର ଉତ୍ତର ତ ଅଛି କିନ୍ତୁ ସିଧା ବା ସରଳ ନୁହେଁ । ଅନେକ କାରଣ ଭିତରୁ ମୁଖ୍ୟ କାରଣ ହେଉଛି ତଥାକଥିତ ଈଶ୍ୱର ବିଶ୍ୱାସ ଏବଂ ଆଧ୍ୟାତ୍ମିକ ଧର୍ମର କୁପ୍ରଭାବ । ସେମାନଙ୍କର ଭବିଷ୍ୟତର କଠିନ ଜୀବନଶୈଳୀ ପାଇଁ ପିଲାଟି ଦିନରୁ ହିଁ ପୃଷ୍ଠ ଭୂମି ତିଆରି ହୋଇଯାଏ । "ବ୍ରହ୍ମ ସତ୍ୟ, ଜଗତ ମାୟା" ଭଳି ଆପ୍ତ ବାକ୍ୟ ସେମାନଙ୍କ କୋମଳ ମନକୁ ଗଭୀର ଭାବେ ପ୍ରଭାବିତ କରିଦିଏ । ନିଜର ମଣିଷ ଜନ୍ମକୁ ହିଁ ସେମାନେହେୟ ମନେ କରନ୍ତି । ଏହା ଏକ ଦୁର୍ଯୋଗ ବା ଧିକାର ଜୀବନ ବୋଲି ଭାବନ୍ତି । ନିଜର ପରିବାରର ଲୋକମାନଙ୍କ ପ୍ରତି ସମ୍ବେଦନଶୀଳତା ରହେ ନାହିଁ । ସେଥିପାଇଁ ପରିବାରଜନଙ୍କ ପାଇଁ ଉତ୍ତରଦାୟିତ୍ୱ ଭାବନା ରହେ ନାହିଁ । ସେମାନେ ଦିନ ରାତି କେବଳ ଆଧ୍ୟାତ୍ମିକ ଜଗତରେ ବିଚରଣ କରନ୍ତି ।

ଏହା ଦେଖି ପରିବାର ଲୋକ ବିରକ୍ତି ପ୍ରକଟ କରନ୍ତି । କିଛି ରୋଜଗାର ନକରି ଖାଲି ବସି ଖାଇଲେ କିଏ ବା ସହ୍ୟ କରିବ ? ସେମାନେ ନିଜର ବିଚାର ଓ କର୍ମରେ ସୁଧାର ଆଣିବା ବଦଳରେ ଗୃହ ତ୍ୟାଗ କରି ଚାଲିଯା'ନ୍ତି । କୌଣସି ମଠ, ମନ୍ଦିର କିମ୍ବା ଆଶ୍ରମରେ ଯାଇ ଶରଣ ପଶନ୍ତି । ଖାଇବାକୁ ଦୁଇବେଳା ମିଳିଯାଏ । ରହିବାକୁ ବି ସ୍ଥାନ ମିଳିଯାଏ । ଏଭଳି ଚରିତ୍ରର ଲୋକମାନଙ୍କୁ କହିପାରିବା କାମ ଚୋର, ଅଳସୁଆ, ପଳାୟନବାଦୀ ଓ ସୁବିଧାବାଦୀ ମଣିଷ । ଧର୍ମସ୍ଥଳରେ ଆଗରୁ ରହୁଥିବା କିଛି ଭଣ୍ଡ, ସୁବିଧାବାଦୀ ବାବା ଓ

ISSN NO.
2582-208X

ସନ୍ନ୍ୟାସୀ ନୂଆ ଆସିଥିବା ଯୁବ ସନ୍ନ୍ୟାସୀଙ୍କୁ ବିଭିନ୍ନ ପ୍ରକାର ଯୋଗ, ପ୍ରାଣାୟାମ ଆଦି ଶିକ୍ଷା ଦିଅନ୍ତି । ସେମାନେ ଅଭ୍ୟାସ କରିବା ଦ୍ୱାରା କିଛି କିଛି କଠିନ ହଠ ଯୋଗରେ ଦକ୍ଷତା ହାସଲ କରି ପାରନ୍ତି । ସେମାନେ ନିଆଁ ଉପରେ ଚାଲିବା, ଶରୀରକୁ ବିଭିନ୍ନ ମୁଦ୍ରାରେ ମୋଡିବା, ଦୀର୍ଘ ସମୟ ପର୍ଯ୍ୟନ୍ତ ଗୋଟିଏ ମୁଦ୍ରାରେ ଠିଆ ହେବା କିମ୍ବା ବସି ରହିବା ଇତ୍ୟାଦି ପ୍ରଦର୍ଶନ କରି ନିଜକୁ ସିଦ୍ଧ ଯୋଗୀ ବୋଲି ପ୍ରସିଦ୍ଧି ପ୍ରାପ୍ତ କରନ୍ତି । ଏହା ଦ୍ୱାରା ସେମାନେ ସମାଜର କୌଣସି ଉପକାର କରନ୍ତି ନାହିଁ । ପାରିବାରିକ ଜୀବନରେ ଅଶାନ୍ତି ଭୋଗ କରୁଥିବା ଲୋକମାନଙ୍କ ଭିତରେ ସେମାନେ ଆଧ୍ୟାତ୍ମିକ ପ୍ରବଚନ ଶୁଣାଇ ଆହୁରି ନକାରାତ୍ମକ ବିଚାର ଭର୍ତ୍ତି କରିଦିଅନ୍ତି । ସେମାନଙ୍କ ଦ୍ୱାରା ପ୍ରଭାବିତ ହୋଇ କିଛି ଦୁର୍ବଳମନା ବ୍ୟକ୍ତି ପରିବାରରୁ ଅଲଗା ହୋଇଯା'ନ୍ତି । ସମାଜର କିଛି ଆଧ୍ୟାତ୍ମିକ ମହିଳା ମଧ୍ୟ ଏହି ସନ୍ନ୍ୟାସିନୀ ମାର୍ଗରେ ଚାଲିବାକୁ ପସନ୍ଦ କରୁଛନ୍ତି । ବହୁତ କମ ମହିଳା ଗୃହ ତ୍ୟାଗ କରିଥାନ୍ତି କିନ୍ତୁ ଅଧିକାଂଶ ମହିଳା ନିଜର ସୁରକ୍ଷା ଦୃଷ୍ଟିରୁ ଘର ଛାଡିବାକୁ ସାହସ କରନ୍ତି ନାହିଁ । ସେମାନେ ମଧ୍ୟ ଦାୟିତ୍ୱହୀନା ଓ ପରାଙ୍ଗପୁଷ୍ଟ ମହିଳା । ଘର ସଂସାର, ସ୍ୱାମୀ, ସନ୍ତାନ ଆଦି ସମ୍ଭାଳିବାକୁ ଚାହାଁନ୍ତି ନାହିଁ । ପରିଶ୍ରମ ନକରି ସବୁ ସୁବିଧା ପାଇବାକୁ ଚାହାଁନ୍ତି ।

ଯେକୌଣସି ଧାର୍ମିକ ମେଳାରେ ବହୁ ସଂଖ୍ୟକ ଭକ୍ତଙ୍କ ଭିଡ଼ ଯୋଗୁଁ ଦୁର୍ଘଟଣା ଘଟିବା ଏକ ସାଧାରଣ କଥା । ବର୍ତ୍ତମାନ ଚାଲିଥିବା କୁମ୍ଭମେଳାରେ ବି କୌଣସି ରୋଷେଇ ହେଉଥିବା ଟେଣ୍ଟ ଭିତରେ ଗ୍ୟାସ ସିଲିଣ୍ଡର ଫାଟି ଭୟଙ୍କର ନିଆଁ ଲାଗି ଯାଇଥିଲା । ଆଖ ପାଖର ଆହୁରି ଅନେକ ଅସ୍ଥାୟୀ ଟେଣ୍ଟ ଜଳି ପାଉଁଶ ହୋଇଗଲା । କେତେ ଜନ-ଜୀବନ କ୍ଷୟ-କ୍ଷତି ହୋଇଛି ତା'ର ହିସାବ ପ୍ରକାଶ ପାଇନାହିଁ । ହତାହତ ଲୋକଙ୍କ ପ୍ରକୃତ ସଂଖ୍ୟା ପ୍ରକାଶ ପାଇଲେ ଜନ ଅସନ୍ତୋଷ ବୃଦ୍ଧି ପାଇବ, ତୀର୍ଥଯାତ୍ରୀଙ୍କ ସଂଖ୍ୟା କମ ହୋଇଯିବ, ସରକାରଙ୍କୁ ସେତିକି ଲୋକଙ୍କ କ୍ଷତି ପୂରଣ ଦେବାକୁ ହେବ ।ଏହି ସବୁ କାରଣରୁ ପ୍ରଶାସନ ପକ୍ଷରୁ ସତର୍କତା ଅବଲମ୍ବନ କରାଯାଏ । ବୃଦ୍ଧ ଓ ବୃଦ୍ଧାଙ୍କ ଅତ୍ୟନ୍ତ ଥଣ୍ଡା ଗଙ୍ଗା ନଦୀଜଳରେ ବୁଡ଼ ପକାଇ ମୃତ୍ୟୁ ଘଟିଲେ ପରିବାର ଜନ ସେଇଠି ଗଙ୍ଗା ନଦୀରେ ଶବକୁ ଫିଙ୍ଗି ଦେଉଛନ୍ତି । ଏକା ସାଙ୍ଗରେ ଦୁଇଟି କାମ ହୋଇଯାଉଛି । ପ୍ରଥମ- ଶବକୁ ସେଠାରୁ ନିଜ ଘରକୁ ବୋହି ନେଇ ଦାହ ସଂସ୍କାର କରିବା ସମସ୍ୟା ତୁଟି ଯାଉଛି । ଦ୍ୱିତୀୟ-ପବିତ୍ର ଗଙ୍ଗା ଜଳରେ ଶବ ସତ୍କାର କଲେ ମୃତକର ଆତ୍ମା ମୋକ୍ଷ ପ୍ରାପ୍ତ ହୋଇଯାଉଛି। ଏହି ଖବର

ISSN NO.
2582-208X

କୌଣସି ଗଣମାଧ୍ୟମକୁ ଜଣା ପଡେନାହିଁ । ସେଥିପାଇଁ କୁମ୍ଭ ମେଳାରେ କୋଟି କୋଟି ଲୋକ ଜମା ହେଉଥିଲେ ମଧ୍ୟ ମୃତ୍ୟୁ ଦର ଶୂନ ବା ନଗଣ୍ୟ ବୋଲି ଖବର ପ୍ରକାଶ ପାଏ ।

କାହାରି ମନରେ ପ୍ରଶ୍ନ ଉଠିଲା ନାହିଁ ଯେ ହଜାର ହଜାର ପବିତ୍ର ସାଧୁ, ସନ୍ନ୍ୟାସୀ, ବେଦ ବିଶାରଦ ଜ୍ଞାନୀ, ମହାପୁରୁଷ ଏବଂ ଲକ୍ଷଲକ୍ଷ ପୂଣ୍ୟବନ୍ତ ଭକ୍ତଙ୍କ ମେଳାରେ ନିଆଁ ଲାଗିଲା କାହିଁକି ? ଯଦି ଲାଗିଲା ତେବେ କୌଣସି ସର୍ବଶକ୍ତିମାନ, ସର୍ବବିଦ୍ୟମାନ ଦେବୀ-ଦେବତା ନିଆଁକୁ ନିୟନ୍ତ୍ରଣ କଲେ ନାହିଁ କାହିଁକି ? ମନୁଷ୍ୟମାନଙ୍କ ଦ୍ୱାରା ନିୟୋଜିତ ହୋଇଥିବା ଦମକଳ ବିଭାଗ ଯାଇ ନିଆଁକୁ ଲିଭାଇଲେ । ଭକ୍ତଙ୍କ ପାଇଁ ବହୁତ କିଛି ସୁବିଧାର ଆୟୋଜନ କରା ଯାଇଥିବା ଖବର ୟୁପି ସରକାରଙ୍କ ଦ୍ୱାରା ପ୍ରଚାର କରା ଯାଇଥିଲେ ମଧ୍ୟ ବାସ୍ତବରେ ସବୁ ବ୍ୟବସ୍ଥା ସମୁଦ୍ରକୁ ଶଙ୍ଖେ ଭଳି ପ୍ରତୀତି ହୋଇଛି । ଶୀତ ରାତିରେ ହଜାର ହଜାର ତୀର୍ଥଯାତ୍ରୀ ଖୋଲା ଆକାଶ ତଳେ ନଦୀ ବାଲିରେ ଶୋଇ ରହିଥିବା ଦୃଶ୍ୟ ଦେଖିବାକୁ ମିଳୁଛି । ଯାତାୟାତ ପାଇଁ ଯଥେଷ୍ଟ ଯାନବାହନ ନାହିଁ, ଖାଦ୍ୟ ପଦାର୍ଥ ଯଥେଷ୍ଟ ପରିମାଣରେ ମିଳୁନାହିଁ, ପାଇଖାନା, ସ୍ନାନ ଘର ଇତ୍ୟାଦି ବହୁତ କମ ତିଆରି ହୋଇଛି । ଚିକିତ୍ସା ବ୍ୟବସ୍ଥା ମଧ୍ୟ ସନ୍ତୋଷ ଜନକ ନୁହେଁ । ଅଧିକାଂଶ ଯାତ୍ରୀ ଶୀଘ୍ର ଘରକୁ ଫେରିଯିବା ପାଇଁ ବ୍ୟାକୁଳ ହେଉଥିବା କଥା ଗଣମାଧ୍ୟମରୁ ଜଣା ପଡୁଛି ।

ତଥାପି ଧନ୍ୟ କହିବା ଆମ ଦେଶର ଧର୍ମଭୀରୁ ଭକ୍ତମାନଙ୍କୁ । ସମସ୍ତ ପ୍ରକାର ଦୁଃଖ କଷ୍ଟ ଭୋଗ କରି ଗଙ୍ଗାରେ ବୁଡ଼ ପକାଇ ଫେରି ଥିବା ଲୋକମାନେ ନିଜକୁ ବହୁତ ଭାଗ୍ୟବାନ ବୋଲି ଗର୍ବ କରିବେ । କଷ୍ଟ ନକଲେ କୃଷ୍ଣ ମିଳିବେ ନାହିଁ ବୋଲି ମନକୁ ସାନ୍ତ୍ୱନା ଦେବେ । ଧନହାନୀ ପ୍ରାଣ ପୀଡା ଭୋଗ କରିଥିଲେ ମଧ୍ୟ ଆସନ୍ତା ବାର ବର୍ଷ ପରେ ଆୟୋଜିତ କୁମ୍ଭ ମେଳାକୁ ଯିବେ ବୋଲି ମାନସିକ କରିବେ ।

ମୋ : ୯୪୮୨୦୧୬୨୬୦

ISSN NO.
2582-208X

# କେତେ ସହଜ ଥିଲା

ସ୍ୱାକ୍ଷୀ ପ୍ରଧାନ

ସତ ରେ କେତେ ସହଜ ଥିଲା ,
ନା ତମ ପାଇଁ କହିବା ,
କି ଥରୁଟିଏ ଭଲ ପାଅ ମତେ ବୋଲି
କେବେ ଭାବିଚ ?
ତୁମର ଏ ପ୍ରସ୍ତାବ ମତେ କେତେ ଥର
ବାଟ ବଣା କରି ଦେଇ ଯାଇଛି ।
ମୋର ଏ ଅଙ୍କା ବଙ୍କା ଜୀବନ ରାସ୍ତାରେ,
କେବେ ଦେଖିଚ ?
କେତେ ଥର ଓଦା ହେଇଚି,
ତକିଆ ମୋ ଆଖି ର ଲୁହ ରେ ।
ତମେ ଜାଣି ଶୁଣି ପ୍ରଶ୍ନ କର,
ଆଉ ମୁଁ ଉତ୍ତର ଜାଣି ବି ଚୁପ୍ ରୁହେ
କାହିଁକି ଜାଣ ?
ସେ ପ୍ରଶ୍ନ ଗୁଡ଼ିକ ର ଉତ୍ତର ତମେ ପାଇ ଥିଲେ
ତମେ ଖୋଜି ଥାନ୍ତ ନିଜକୁ ମୋ ଭିତରେ
ଯାହା ମୁଁ କେବେ ଚାହେଁ ନା ।
କାହିଁକି ଜାଣ ?

ତୁମର ସେ ଭଲ ପାଇବା ରେ
ଏତେ ସ୍ୱଚ୍ଛତା ଥିଲା ଯେ,
ମୁଁ ତାର ଯୋଗ୍ୟ ନଥିଲି
ବୁଝିପାରୁନ ନା ?
ମୁଁ ଜାଣେ ଏତେ ଗହିର କୁ
ତମର ଚାଷ ନାହିଁ
ଶେଷ ଥର ପାଇଁ କୁହେ
ଦୂରେଇ ଯାଅ ପଛେ ଦୁଃଖ ନାହିଁ
ହେଲେ ମିଛ ପ୍ରତିଶ୍ରୁତି ଦେଇ ତୁମକୁ
ମୁଁ ମୋ ଛଳନା ର ରାଇଜ ରେ
ତୁମକୁ ରାଜା କରି ପାରିବିନି ।

ଗ୍ରାମ - ସୋରିଷପଙ୍କ
ଅନୁଗୋଳ

ISSN NO.
2582-208X

# ଉପହାର



ଶିବର୍‌ାମ ଦଳେଇ

ଯେବେଠାରୁ ଦୁଇ ଭାଇଙ୍କ ବାହାଘର ସରିଲା ସେବେଠୁ କାଳିଆ ର ଖୁସିରେ ସତେ ଯେମିତି ପୂର୍ଣ୍ଣଚ୍ଛେଦ ପଡିଗଲା । ଦୁଇ ବଡ଼ ଭାଇ ସିନା ମାଆ ପେଟର, ହେଲେ ଭାଉଜ ମାନେ ପରା ଅନ୍ୟ ରକ୍ତ ର । ସେମାନେ କେମିତି ଅବା ଏ ଅପଙ୍ଗ କାଳିଆକୁ ଆଦର କରିବେ । କଥା କଥାରେ କାଳିଆ ଟାକୁ ପରିହାସ କରିବା ସେମାନଙ୍କର ନୀତି ଦିନିଆ ଅଭ୍ୟାସ । ପରିହାସ ଟା ଦିନକୁ ଦିନ ଭାଉଜ ମାନଙ୍କ ଠୁ ଗତି କରି ଭାଇ ମାନଙ୍କ ପାଖରେ ପହଂଚିଲାଣି ।

କାଳିଆ ଆଉ ପରିହାସ କୁ କେତେ ବା ସହି ପାରନ୍ତା । କାକୁତି ମିନତି ହୁଏ କାଳିଆ ଠାକୁର ପାଖରେ । ହେ ପ୍ରଭୁ ଯଦି ପଙ୍ଗୁ କରିବାର ଥିଲା ତେବେ ଏ ମୂଲ୍ୟହୀନ ଜୀବନ ଦେଲ କାହିଁକି ? ତିଳ ତିଳ କରି ମାରିବା ଅପେକ୍ଷା ଏକାଥରେ ମାରିଦେଲେ ଭଲ ହୁଅନ୍ତା। ତୁମର ସିନା ହାତ ଗୋଡ଼ ନଥାଇ ଚକାଆଖି ମେଲି ସାରା ସଂସାରକୁ ଆୟତ କରୁଛ । ମୁଁ କିନ୍ତୁ ଅପଙ୍ଗ ହେଇ ପ୍ରତି ମୁହୂର୍ତ୍ତରେ ସାରା ସଂସାରଠୁ କେବଳ ନିନ୍ଦା, ଅପବାଦ ଆଉ ଘୃଣା ପାଉଛି ।

କାଲି ଥିଲା ରକ୍ଷାବନ୍ଧନ।ସବୁ ଭଉଣୀ ମାନେ ନିଜ ନିଜର ଭାଇ ହାତରେ ସମ୍ପର୍କର ଅତୁଟ ବନ୍ଧନ ର ସୁତାଖିଅ ଟିକୁ ବାନ୍ଧିଥାନ୍ତି । ତୃଷ୍ଣା ନିଜ ଭାଇ ହାତରେ ସେହି ଅତୁଟ ବନ୍ଧନ ର ସୂତା ଖିଅ ବାନ୍ଧିବାକୁ ବାପ ଘରକୁ ଧାଇଁ ଆସିଥିଲା । ଦୁଇ ବଡଭାଇ ହାତରେ ରାକ୍ଷୀ ବାନ୍ଧି ନିଜ ରାକ୍ଷୀ ପାଉଣା ମାଗିନେଲା । ଯେବେ ସାନ ଭାଇ କାଳିଆ ହାତରେ ରାକ୍ଷୀ ବାନ୍ଧିବାକୁ ଯାଏ ତେବେ ବଡ ଭାଉଜ କହିଲେ ହଁ ଯାଅ ସେ ତ କର୍ମଠ ସାଙ୍ଗେ ସାଙ୍ଗେ ଗାଡିଏ ପାଉଣା ଅଜାଡ଼ି ଦବ । ସାନ ଭାଉଜ କହିଲେ ଖାଲି ଭାଇ ମାନଙ୍କ ଅନ୍ନ ଧ୍ୱଂସ କରିବା ଛଡ଼ା ସେ ଆଉ ଜାଣିଛି କଣ ? ଯିଏ ଜୀବନ ଯାକ ଭାଇ ମାନଙ୍କ ଉପରେ ବୋଝ

ISSN NO.
2582-208X

ସିଏ କଣ ବା ଅଜାଡ଼ି ଦବ ତା ପାଖକୁ ଯାଉଛ ?ବରଂ ତୁମ ରାକ୍ଷୀ ପଇସା ବି ବୁଡିଯିବ। କିନ୍ତୁ ତୃଷ୍ଣା ଭାଇ ଭାଉଜ ଙ୍କ କଥାକୁ ଭ୍ରୁକ୍ଷେପ ନକରି ନିଜ ସାନ ଭାଇ ହାତରେ ରାକ୍ଷୀ ବାନ୍ଧିବା କୁ ଚାଲିଗଲା ।

ରାକ୍ଷୀ ବାନ୍ଧି ନିଜ ସ୍ୱାମୀ ସାଥିରେ ଶାଶୂଘର ଫେରୁଥାଏ । ତୃଷ୍ଣା ଭାବୁଥାଏ ନିଜ ପିଲାଦିନ କଥା । ବାପା ବୋଉ ଥିବା ବେଳେ କେତେ ଗେହ୍ଲା ହେଇଥିଲା ମୋ ସାନ ଭାଇ ।ତାକୁ କେବେ ସେ ଅପଙ୍ଗ ତଥା ପଙ୍ଗୁ ବୋଲି ଭାବିବାକୁ ଦିଆଯାଇନଥିଲା । ହଠାତ ଦ୍ରୁତ ଗତିରେ ମାଡି ଆସୁଥିବା ଯାନଟାଏ ତୃଷ୍ଣା ର ଗାଡ଼ିରେ ଧକ୍କା ଦେଇ ଚାଲିଗଲା । ଖଣ୍ଡେ ଦୁରକୁ ଦୁହେଁ ଛିଟିକି ପଡିଲେ । ସ୍ଥାନୀୟ ଲୋକେ ତୃଷ୍ଣା ଓ ତା ସ୍ୱାମୀ କୁ ନେଇ ଡାକ୍ତରଖାନାରେ ଭର୍ତ୍ତି କଲେ । ତୃଷ୍ଣା ସ୍ୱାମୀ ର ବିଶେଷ କିଛି କ୍ଷତି ଘଟି ନଥିଲା । ତଥାପି ତା ବାମ ଗୋଡ଼ ବୁଢ଼ାଆଙ୍ଗୁଳିର ହାଡ ଫାଟି ଯାଇଥିଲା । କିନ୍ତୁ ତୃଷ୍ଣା ର ସମ୍ପୂର୍ଣ୍ଣ ଶରୀର ଖଣ୍ଡିଆ ଖାବରା ସହ ମୁଣ୍ଡରେ ଶକ୍ତ ଆଘାତ ଯୋଗୁଁ ୨୪ ଘଣ୍ଟା ପର୍ଯ୍ୟନ୍ତ ଚେତାଶୂନ୍ୟ ଥିଲା । ଦୁଇ ପରିବାର ଡାକ୍ତରଖାନାରେ ପହଞ୍ଚି ସାରିଥିଲେ । ଡାକ୍ତର ବାବୁ କହିଗଲେ ଆମେ ଯାହା କରିବାର ଥିଲା କରିସାରିଛୁ ବାକି ଭଗବାନଙ୍କ ଭରଷା । ତୃଷ୍ଣା ଡାକ୍ତରଖାନା ବେଡ଼ ଉପରେ ଅଚେତ ଅବସ୍ଥାରେ ସେମିତି ପଡି ରହିଥିଲା । ଉଭୟଙ୍କ ଘରର କିଛି ସଦସ୍ୟ ନିରାଶ ହେଇ ଘରକୁ ଫେରିଲେ । ଆଉ କିଛି ତା କୋଠରୀ ସମ୍ମୁଖରେ ବସି ରହିଲେ । ସାନଭାଇ କାଳିଆ ଭି କେଜାଣି କେମିତି ଡାକ୍ତରଖାନାରେ ପହଞ୍ଚି ସାରିଥିଲା ।

କିଛି କ୍ଷଣ ଭିତରେ ତୃଷ୍ଣା ର ଚେତା ଫେରିଲା । ବାଡେଇ ପିଟି ଚିତ୍କାର କରୁଥାଏ ମୋତେ କିଛି ଦେଖାଯାଉନାହିଁ । ଡାକ୍ତର ବାବୁ ଦୌଡ଼ି ଆସି ପରୀକ୍ଷା କରି ଜାଣିବାକୁ ପାଇଲେ ତୃଷ୍ଣା ର ମୁଣ୍ଡ ରେ ଆଘାତ ପାଇଁ ତା ଆଖି ଦୁଇଟା ନଷ୍ଟ ହେଇ ସାରିଛି । ଏବେ ଆଉ କିଛି କରିହେବ ନାହିଁ । ସାନ ଭାଇ ଭାବିଲା ଏ ଜୀବନ ଟା ମୋର ତ ମୂଲ୍ୟହୀନ। ଏ ଆଖି ଦୁଇଟା ଥାଇ କଣ ବା ଲାଭ । ସେମିତି ରେ ଭଉଣୀ ର ରାକ୍ଷୀ ଋଣରେ ମୁଁ ସର୍ବଦା ଋଣୀ । ଏ ଆଖି ଦୁଇଟା କୁଉପହାର ସ୍ୱରୂପ ମୋ ତୃଷ୍ଣା କୁ ଦେଲେ ସେ ଏ ଦୁନିଆଁ କୁ ପୁଣି ଦେଖିପାରିବ । କାଳ ବିଳମ୍ବ ନକରି କାଳିଆ ଡାକ୍ତର ବାବୁଙ୍କ ସହ ପରାମର୍ଶ କଲା ।

ଲେଖନପୁର ସାଲେପୁର
ଦୁରାଭାଷ :- ୯୪୩୯୯୩୭୦୭୧

ISSN NO.
2582-208X

# ସାଧାରଣତନ୍ତ୍ର ଦିବସ



ବିକ୍ରମାଦିତ୍ୟ ଶବର

ଗଣ ଶବ୍ଦର ଅର୍ଥ ଲୋକମାନେ ଓ ତନ୍ତ୍ର ଅର୍ଥ ଶାସନ । ଆମେ ସମସ୍ତେ ଜାଣିଛେ ଆମ ଦେଶ ୧୯୪୭ ମସିହା ଅଗଷ୍ଟ ପନ୍ଦର ତାରିଖ ଦିନ ସ୍ୱାଧିନ ହେଲା । କିନ୍ତୁ ୧୯୫୦ ଜାନୁୟାରୀ ୨୬ ତାରିଖ ପର୍ଯ୍ୟନ୍ତ ଆମ ଦେଶରେ ଇଂ ଇଂରେଜ ପ୍ରଦତ୍ତ ଆଇନ କାର୍ଯ୍ୟକାରୀ ହୋଇଥିଲା । ଭାରତର ସ୍ୱତନ୍ତ୍ର ଆଇନ ଖସଡ଼ା ବା ସମ୍ବିଧାନ ସେତେଦିନ ଯାଏଁ ପ୍ରଣିତ ହୋଇନଥିଲା ।

ସମସ୍ତେ ଅନୁଭବ କଲେ ଯେହେତୁ ଆମ ଦେଶ ସ୍ୱାଧୀନତା ହାସଲ କରିଛି ଆମ ନିଜର ସମ୍ବିଧାନ ଅନୁସାରେ ଦେଶ ଶାସନ ହେବା ଉଚିତ । ସେଥିପାଇଁ ସମ୍ବିଧାନ ପ୍ରଣୟନ ସଂସ୍ଥା ପ୍ରତିଷ୍ଠିତ ହେଲା । ଏହାର ମୁଖ୍ୟ ଥିଲେ ଡକ୍ଟର ଭୀମରାଓ ଆମ୍ବେଦକର । ସେ ଥିଲେ ଭାରତୀୟ ସମ୍ବିଧାନର ଜନକ । ଭାରତକୁ ଓ ଭାରତୀୟଙ୍କ ଖାପ ପଖୁଆଇଲା ଭଳି ଗୋଟିଏ ସମ୍ବିଧାନ ଖସଡ଼ା ତିଆରି କରି ଡକ୍ଟର ଆମ୍ବେଦକର ଆଧୁନିକ ଯୁଗର ମନୁ ପାଲଟି ଗଲେ ।

ଦୀର୍ଘ ୨ ବର୍ଷ ୧୧ ମାସ ୧୮ ଦିନ ପରେ ଆମ ଦେଶ ଆମ ଆଇନ ଅନୁସାରେ ପରିଚାଳିତ ହେଲା । ସେଦିନ ଆମେ ସଂପୂର୍ଣ୍ଣ ରୂପେ ସ୍ୱାଧୀନତାର ମହୁ ଚାଖିଲୁ । ସେଥିପାଇଁ ଜାନୁୟାରୀ ଛବିଶ ଆମ ଏକ ରାଷ୍ଟ୍ରୀୟ ପର୍ବ । ହିମାଳୟରୁ କନ୍ୟାକୁମାରୀ, କାଶ୍ମୀର ଠାରୁ କର୍ଣ୍ଣାଟକ, ଇରମ ଠାରୁ ମାତିଲି, ହିନ୍ଦୁ ଠାରୁ ମୁସଲମାନ, ଜୈନ ଠାରୁ ଖ୍ରୀଷ୍ଟିୟାନ, ଅମିର ଠାରୁ ଫକିର, ରାଜା ଠାରୁ ରଙ୍କସମ ସମସ୍ତେ ଏହି ପର୍ବକୁ ଆନନ୍ଦରେ ପାଳନ କରିଥାନ୍ତି ।

ISSN NO.
2582-208X

ସାରା ଦେଶର ବିଦ୍ୱାନ, ବୀର ସୈନିକ, ଦକ୍ଷ ପୋଲିସ୍ ମାନଙ୍କୁ ଏହି ପବିତ୍ର ଦିବସରେ ପୁରସ୍କୃତ କରାଯାଏ । ଭାରତର ଶ୍ରେଷ୍ଠ ବେସାମରିକ ସମ୍ମାନ ଭାରତରତ୍ନ ଠାରୁ ଆରମ୍ଭକରି ପଦ୍ମଶ୍ରୀ ପର୍ଯ୍ୟନ୍ତ ରାଷ୍ଟ୍ରପତିଙ୍କ ଦ୍ୱାରା ପ୍ରଦତ୍ତ ହୁଏ । ଜନତା ଜନାର୍ଦ୍ଦନଙ୍କ ଉଦ୍ଦେଶ୍ୟରେ ଏହି ଉତ୍ସବ ହୋଇଥାଏ । ତ୍ରିରଙ୍ଗା ଝଣ୍ଡା ତଳେ ସମସ୍ତେ ଏକଜୁଟ୍ ହୋଇ ଭାରତର କୋଣ ଅନୁକୋଣରେ ସମ୍ମାନ ଜଣାଇଥାନ୍ତି । ସେଦିନ ତ୍ରିରଙ୍ଗା ପତାକା ଘରେ ଘରେ ପୁରପଲ୍ଲୀରେ କୁଟୀରେ କୁଟୀରେ ଉଡ୍ଡୟନ କରାଯାଏ । ଗଣତନ୍ତ୍ର ଦିବସ କେବଳ ସାମୟିକ ଆନନ୍ଦଦାୟକ ଉତ୍ସବ ନୁହେଁ । ଏହା ଆମପାଇଁ ଆତ୍ମ ସମୀକ୍ଷାର ଦିନ । ଏହି ଏହି ଦିନ ଆମେ ଶପଥ ନେବା ଆମ ଦେଶକୁ, ଆମ ଭାଷାକୁ ସୁରକ୍ଷିତ ରଖିବା । ସମ୍ମାନ ଦେବା ଶ୍ରଦ୍ଧା କରିବା । ଆସନ୍ତୁ ବନ୍ଧୁଗଣ ଆଜି ଆମେ ହାତକୁ ହାତ ମିଳାଇବା ଏକ ସ୍ୱରରେ କହିବା- ଦୁର୍ନୀତିର ମୂଳୋତ୍ପାଟନ କରିବା, ବେକାରୀ ହଟାଇବା, ସନ୍ତ୍ରାସବାଦକୁ କବର ଦେବା ତାହା ହେଲେ ଜନରାଜ୍ୟ ଦିବସ ପାଳନର ପ୍ରକୃତ ଉଦ୍ଦେଶ୍ୟ ସାଧିତ ହୋଇପାରିବ ।

ଶହେ ଚାଳିଶ କୋଟି ଭାରତୀୟ ଯେଉଁଦିନ ଏକ ମନ, ଏକ ପ୍ରାଣ ନେଇ ଭାରତର ଉନ୍ନତି ପାଇଁ ପ୍ରାଣପାତ କରିବାକୁ ଆଗେଇ ଆସିବେ ସେହିଦିନ ହିଁ ଗଣତନ୍ତ୍ର ଦିବସ ପାଳନର ପ୍ରକୃତ ମୂଲ୍ୟାୟନ ହୋଇପାରିବ । ଆଜିର ଛାତ୍ର ଆସନ୍ତାକାଲିର ନାଗରିକ । ଭାରତର ଶାସନ ଡୋରି ରହିବ ସେମାନଙ୍କ ହାତରେ । ଆଜି ଆମେ ଶପଥ ନେବା ଭାରତକୁ ମହାନ୍ କରି ଗଢ଼ିବା ।       । ଜୟ ହିନ୍ଦ ।

ବନ୍ଦେ ଉତ୍କଳ ଜନନୀ

ମହୁଲଭଟା

ISSN NO.
2582-208X

# ଉଗ୍ରସେନଙ୍କୁ ରାଜ୍ୟଦାନ



ନରେନ୍ଦ୍ର ପ୍ରସାଦ ବେହେରା

## ଭାଗବତ କଥା........ ୨୦

କଂସ ବଧପରେ କୃଷ୍ଣ-ବଳରାମ ଯେତେବେଳେ ପିତା ବସୁଦେବ ଓ ମାତା ଦେବକୀଙ୍କୁ ବନ୍ଧନମୁକ୍ତ କଲେ ସେତେବେଳେ ସେମାନଙ୍କ ପିତାମାତା ଅତ୍ୟନ୍ତ ଭାବବିହ୍ୱଳ ହୋଇ ପଡିଥିଲେ । ସେମାନେ ଜାଣିଥିଲେ ଯେ ସେମାନଙ୍କର ପୁତ୍ର ସ୍ୱୟଂ ଭଗବାନ । ପିତାମାତା ସେମାନଙ୍କୁ ଭଗବାନ ବୋଲି ଭାବିଲେ କାଳେ ପୁତ୍ରଜ୍ଞାନର ଅଭାବ ହେବ ବୋଲି ଜାଣି କୃଷ୍ଣ ମାୟା ବିସ୍ତାର କରି କହିଲେ- ଆମକୁ ଜନ୍ମଦେଇ ଆପଣ କେତେ ଦୁଃଖ ଭୋଗ ନ କରିଛନ୍ତି। ଆମର କପାଳ ଖରାପ । ଏତେକାଳ ଆପଣମାନଙ୍କ କୋଳରୁ ବଞ୍ଚିତ ହୋଇ ଦୂରେଇ ରହିଥିଲୁ । ପିତାମାତାଙ୍କର ସେବା କରି ପାରି ନ ଥିଲୁ । ସେଥିଲାଗି ଆମକୁ କ୍ଷମା କରନ୍ତୁ । ପୁତ୍ରରୂପେ ଆପଣମାନଙ୍କ ସେବା କରିବା ଆମର କର୍ତ୍ତବ୍ୟ ।

ଏକଥା ଶୁଣି ବସୁଦେବ ଓ ଦେବକୀଙ୍କର ଆଖି ଲୁହରେ ଛଳ ଛଳ ହୋଇ ଯାଇଥିଲା । ସେମାନଙ୍କର ଆନନ୍ଦର ସୀମା ନଥିଲା । କୃଷ୍ଣ-ବଳରାମଙ୍କୁ କୋଳକୁ ଟାଣିନେଇ ଆଦରରେ ଆଉଁସି ପକାଇଲେ । ଗୋପପୁରରେ ବଢିଥିଲେ ବି ସେମାନେ ତାଙ୍କରି ପୁତ୍ର । ଶ୍ରୀକୃଷ୍ଣ କଂସକୁ ବଧକରିବା ପରେ ମଥୁରା ରାଜସିଂହାସନ ଶୂନ୍ୟ ହୋଇପଡିଥିଲା । ନିଜର ପିତା ଉଗ୍ରେସନଙ୍କୁ ବନ୍ଦୀଶାଳାରେ ରଖି କଂସ ରାଜା ହୋଇ ସିଂହାସନରେ ବସି ରାଜ୍ୟ ଶାସନ କରୁଥିଲା । ତେଣୁ ତାର ମୃତ୍ୟୁ ପରେ କିଏ ରାଜା ହେବ ? ରାଜ୍ୟବାସୀ ଭାବୁଥିଲେ, ବୋଧହୁଏ ଶ୍ରୀକୃଷ୍ଣ ସିଂହାସନ ଆରୋହଣ କରିବେ । କିନ୍ତୁ ତାଙ୍କର ରାଜା ହେବାପାଇଁ

ISSN NO.
2582-208X

କୌଣସି ଆସକ୍ତ ନ ଥିଲା । ଶ୍ରୀକୃଷ୍ଣ ତାଙ୍କର ମାତାମହ ଉଗ୍ରେସନଙ୍କୁ ହିଁ ରାଜସିଂହାସନରେ ଅଭିଷିକ୍ତ କଲେ । କଂସ ରାଜାର ଅତ୍ୟାଚାର ଯୋଗୁଁ ସର୍ବତ୍ର ଯେଉଁ ଭୟ ଓ ଆତଙ୍କ ଭରି ରହିଥିଲା ତାର ଅବସାନ ଘଟିଲା । ସମସ୍ତେ ଶାନ୍ତିରେ ନିଃଶ୍ୱାସ  ମାରିଲେ । ଉଗ୍ରେସନ ପୁଣି ମଥୁରାର ରାଜା ହେଲେ ।।

ଆଳଦା, ଖଇରା ,ବାଲେଶ୍ୱର

ISSN NO.
2582-208X

# ଆଞ୍ଚଳିକ

ISSN NO.
2582-208X

# ବରଗଛ୍ ର ପେଡେନ୍



ମହାଶ୍ୱେତା ଦାଶ

ଭୁଗା ଭୁଗା ଅତର୍ ମୁଡେ ତାର୍,
ଲମ୍ବା ଲମ୍ବା ଚେର୍ ଲଟକିଛେ ।
ଉସାର୍ ବିସାର୍ ସୁନ୍ଦର୍ ବରଗଛ୍ ଟେ,
ଗାଁ ମୁଡେ ଟିକି ରହିଛେ ।

କିଏ ବାନ୍ଧିଛେ ଚକାଟେ ଚେରେ,
ତ କିଏ ବାନ୍ଧିଛେ ସୁତା ।
କିଏ ବସିଛେ ଗଛ୍ ତଲେ ତ,
ଡାଳେ ବସିଛେ ତାର୍ ପୁତା ।

ଘର୍ ଲେଖେନ୍ ଜାଗା ଦେଇଛେ ସମେକ୍
କେତେ ହେସି ପୂଜା ଧଜା ।
ଖରା ଦିନ୍ ଦୁପହର୍ କେ,
ତାସ୍ ଖେଳର୍ ଫେର୍ ମଜା ।

ଫେର୍ କାଁଏ ଯେ ବୁଢୀ ମାଇଝି ଟ,
ସବୁ ବେଲେ କହୁଥିସି ।
ଯିବୁ ନାଇଁ ରାତି ହେ ବାଟେରେ ଟୁକେଲ୍,
ବାରନାକ୍, ତେରକାନ୍ ଧରି
ପେଡେନ୍ ଟେ ହେନ୍ ରହିଛି ।

ଘିଚି ନେବା ଛୁଆ ମାନେକ,
ଚାକର୍ ବାକର୍ କରି ରଖି ନେସି ।
ଯିବୁ ନାଁଇ ହେ ବାଟେରେ ଟୁକେଲ୍
ପେଡେନ୍ ଟେ ହେନ ରହିଛି ॥

ଗବେଷକ, ଏମ୍ .ଫିଲ୍ ପ୍ରଥମ ବର୍ଷ
ବିଶ୍ୱଭାରତୀ, ଶାନ୍ତିନିକେତନ

ISSN NO.
2582-208X

# ମୋର୍ ଦୁଖ୍ ଟାତ, କେତେ ନି କେତେ କମ୍



ସନ୍ତୋଷ କୁମାର ବେହେରା

ଆଏଜ୍ ଜାନନି ଦୁନିଆଁ ଭିତିରେ
କେତେ ଦୁଖି ରକିଁ ଅଛନ୍
ସମକର୍ ଭିତିରେ ମୋର୍ ଦୁଖ୍ ଟାତ
କେତେ ନି କେତେ କମ୍ (୧)

ଦୁଖ୍ ଜନାବାକେ କେତେ ଦୁରୁ ମୁଇଁ
ଜଗାର୍ ନିକେ ଆଇଥିନି
ମୋର୍ ଦୁଖ୍ ତଲେ କେତେ ଦୁଖି ଦେଖି
ସବୁ ଦୁଖ୍ ଭୁଲି ଗନି (୨)

କାର୍ ହାତ୍ ନାଇଁ,କାର୍ ନାଇଁ ଗୋଡ୍
ଆଏଁଖ୍ ଗୁଟେ ନାଇଁ କାର୍
ଫିର୍ ଭି ଖୁସିରେ ଦିନ୍ କାଟୁଅଛନ୍
ନାଇଁ ମାନବାର ତ ହାର୍ (୩)

ସେ ଠାନୁ ମୁଇଁ ତ କେତେ ସୁଖେ ଅଛେଁ
ଦୁଖ୍ ଦେଲି ନ ପାସିରି
ଦୁଖ୍ ସୁଖ୍ ଏଇ ଦୁନିଆଁ ଭିତରେ
ଦୁଖ୍ ଜହଁ ଅଛେ ଭରି (୪)

ISSN NO.
2582-208X

ସୁଖି ବଲିକରି କିଏ ତ ନାଇଁନ
ହଜାରେରେ ଭି ତ ଗୁଟେ
ଧନ୍ କମେଇଁ ମନ୍ ପରଛା ନାଇଁନ
ଯଉଛନ୍ ସଭେ ଉବାଟେ (୫)

ଦୁଖ୍ କେ ତ ମୋର୍,ନାଇଁନ ହୋ ଡର୍
ଦୁଖେ ନାଇଁ ହୁଏଁ ଘାରି
ଦୁଖ୍ କେ ଭି ସୁଖ୍ ମନେ ଭାବିଦେଲେ
ହେଇ ଯିବି ଡଂଗା ପାରି (୬)

କପସିଲ୍, ତୁଷୁର୍, ବଲ୍ଙ୍ଗିର
ମୋବା:--୭୭୩୫୬୧୫୧୦୭

ISSN NO.
2582-208X



# ସର୍କା



ଗଜାନନ ମିଶ୍ର

ମାରି ସାର୍ଲିନ ସର୍କା,
ଲିତା ନେଇଁ ନ ଆରୁ ।
ବଜା ଆରୁ ନେଇଁ ବାଜୁ,
କିହେ କାହାକେ ଆରୁ
ମଜା ନେଇଁ ଚଖଉ ।

ଲାଜେ ମୁହୁଁ ଦେଲା ନ
ଲୁକେଇ କଥାତୁ ।
ବେଲଖଁଡିକେ ଗଲାନ
ଆରୁ ଦେଲାନ ଗୁଏଁଇ
ହାତୁ ପନତୁ ଚାଏରଆଡୁ ।

ହଏରେ ବୁଆ, ହଉଛେ ।
ଖସରି ଖସରି ଜଉଛେ ।
ଇନୁ ନେଇଁ କି ହେନୁ
ଜାନିଛ ବଏଲେ କହ
କାଣା କେନ୍ ନଉଛେ !

ତପୋବନ, ଟିଟିଲାଗଡ,
ବଲାଙ୍ଗୀର ଜିଲ୍ଲା

ISSN NO.
2582-208X

# ସଂବୋଧନ

ରାଜଶ୍ରେୟ

"ସକଳେ ଡାକନ୍ତି 'ତମେ' 'ତମେ' ବୋଲି
ସେ 'ତମେ'ର ମୂଲ ନାହିଁ,
ତମେ ଯେବେ ମତେ 'ତମେ' ବୋଲି କହ
ଏତେ ମିଠା କାହିଁ ପାଇଁ ?"
- ମାୟାଧର ମାନସିଂହ ।

ଜୀବନନେ ପହେଲାକରି ଲାଗଲା ଏତକିରି ବନେ । ପହେଲାକରି ଲାଗଲା ଏତକି ସୁଂଦର। ଆଏଜ ନୁଆଁକରି ନେଇଁସେ । ଥିଲା ତୋ ଥିଲା ନା । ମାତର… ମାତର… ଆଏଜ ଉଚ୍ଚାରିତ ହେଲା ଯାହାର ଟୁଁଟୁନ୍……

ଆରୁ ଦରକାର ନେଇଁ ସ୍ୱପ୍ନସାଗର ବଲି ନାଁ ବଦଲାବାକେ । ଆରୁ ଆବଶ୍ୟକ ନେଇଁ ନିଜକେ ନିଜେ ପ୍ରଭାତ ବଲି କହେବାକେ ।

ସତେ କହେଲ ? ହାକ ଦେଲ ?
ମକେ କହେଲ ? ଚିନି ପାରଲ ?
ଚିନବାକେ ଚେଷ୍ଟା କଲ ?

ଆହ୍ ! ପହେଲା କରି ପହେଲ ଭଏସ୍, ପହେଲା ସ୍ୱର ତମର……. ମୋର ନାଁ'ର ପହେଲା ଦୁଇ ଅକ୍ଷର ।

ମୁଇଁ କେତେ ବାଖନିଛେଁ ମୋର ନାଁ'କେ । ହେ ଦୁଇଟା ଅକ୍ଷରକେ କେଭେ ବି ବେଭାର ନେଇଁ କରି ପୁରାପୁରି ଫୁଲ୍ ନାଁ'ନେ ଦେସିଁ ମୋର ପରିଚଏ । ଅଧା ଡାକଲେ ଲାଗସି ଅଧା

ISSN NO.
2582-208X

ଅଧା । ଲାଗୁଥିସି ଅର୍ଥ ନେଇଁଥିଲା ବାଗି । ଆରୁ ହେନତି ତୋ ମନେମନ ପାଁଚିକରି ଦଉଥିସିଁ ଅଲଗା ଅଲଗା ଗୁଟେ ନାଁ ।

ମାତର ମାଛି ଅଂଧରିଆ ବେଲର ତମର ସେ ଅଲପ ଅଲପ ସ୍ୱର ଥରେକର ଲାଗି ସେ ଦୁଇ ଅକ୍ଷରକେ ରସ ଭରି ଦେଲା । ଜୀବନ ଦେଇଗଲା । କେତେ ଚିକନ କରିଗଲା । ତମର ମୁହୁଁନୁ ବାହାରିକରି ନୁଆଁ ପହେଚାନ ବନିଗଲା । କେତେ ବୋର ନେଇଁ ଲାଗୁଥିଲା ସତେ !

ଆଏଜ କେନେ ଉଭେଇ ଗଲା । ଖାଲି ଥିଲା କଲମ, ତମେ ସାହି ଭରିଦେଲ । ଖାଲିଥିଲା କାଗଜ, ତମେ କବିତା ଲେଖେଇ ନେଲ । ସୁଖିଥିଲା ଡଂଗର, ତମେ ଝରନା ଝରେଇ ଦେଲ । ଆହ୍ ! ତମର ସେ ସୁଂଦର ସ୍ୱରର ଜବାବ ନେଇଁଦେଇ । ତମେ ଆରୁ ରିପିଟ ନେଇଁକରି ।

କଥା ନେଇଁ ହେଇପାରି ।
ସମିଆଁ ବିତିଗଲା ।
ମାଛି ଅଂଧରିଆ ସମିଆଁ ଆରୁ ଅଂଧାର ହେ'ତେ ଗଲା ।

ଆରୁ ତମର ନାଁ ?

ମୋର ତ ମଂତର ହେଇଛେ, ଅଂତର ଘୁଷୁଛେ, ସଦାବେଲେ ଅଂଜଲି ଅଂଜଲି ଅଂଜଲି...... । ଟୁଁଡ଼େ ଉଚ୍ଚାରଣ କଲେ କେତେ ବନେ ନେଇଁ ଲାଗସି ସତେ !

କେତେ ସୁଂଦର ନାଁ' ତମର !

ସକାଲୁନ୍ ସକାଲୁନ୍ ଧରମ ଦେବତାକେ ପାଏନ ଅଂଦଲା ଦଉଥିସନ ଲୋକମନେ ବଂଧେ, ସରେ, ନଦୀନେ । ପୂଜା କଲାବେଲେ ଚଘା ହେସି ଭଗବାନର ଠାନେ । ଆରୁ ବିହାବେଲେ ?

ISSN NO.
2582-208X

ଆରୁ ବିହାବେଲେ କନ୍ହିଆଁ ଟୁକିଲ ଆରୁ ବରପିଲାର ଅଂଦଲା ଜୁଡ଼ିକରି କରାହେସି ହସ୍ତ ଲଗନ । ପଡ଼ସି ହସ୍ତଗ୍ରଂଥି- ପବିତ୍ର ବଂଧନ । ଇ' ଅଂଦଲା ହୋମ କଲାବେଲେ ରୁକଉଥିସି କେତେ ଜୁଏନେ । ହେସି ଲାଜାହୋମ । ଲିଆ ରୁକା ହେସି । କେତେ ସୁଂଦର ଅଂଦଲା ସତେ ଦୁଇଟା ହାତର ମିଲନନେ ।

ତମେ ତ ହେ' ଅଂଜଲି । ଅଂଜଲିକେ ନେଇକରି ତୋ ପୁଷ୍ପାଂଜଲି, ହେମାଂଜଲି, ରୂପାଂଜଲି, ଗୀତାଂଜଲି, ଲାଜାହୋମର ଲାଜାଂଜଲି ।

ଧରମ ଦେପତାକେ ଯେନ୍ ପାଏନ ଅଂଦଲା ଦେସନ ସତେ କେଁ ତମେ ସେ ନିରମଲ ପାନି, ଝଲମଲ ଗଂଗାଜଲ ! ପୂଜାପାଠର ତମେ କେଁ ଫୁଲ ଅଂଦଲା, ଫୁଲ ବାଗି କହଁଲ, ଫୁଲ ମେତାନ କହଁର ଆରୁ ମନକେ ମୁହେଇ ଦେବାର ହଁସି ଖୁସିର ଚେହେରା ।

ସତେ କେତେ ସୁଂଦର ତମେ !
କେତେ ସୁଂଦର ତମେ !

ତମେ ହେତକି ସୁଂଦର ତୋ ଖାଲି ବାହାରେ ସୁଂଦର ନେଇଁସେ, ତମର କଥା ସୁଂଦର, ତମର ବେଭାର ସୁଂଦର, ତମର ଆଚାର ସୁଂଦର । ହେତିର ଲାଗି ତୋ ତମର ସେ ସୁଂଦର ଭଏସ୍ ନୁ ମୋର ନାଁ ଲାଗଲା ଏତେ ସୁଂଦର ।

କେତେ କହଁଲ, କେତେ ସରଲ !
ତମର ମୁହୁଁନୁ ଝରିଗଲା ........ ।

ଯେନ୍ ଯେତେ ସୁଂଦର ଥଉ ନି କେଁ, ତମେ ତ ଲାଗିଛ ଜହ ସୁଂଦର ମକେ । ଯେନ୍ ଯେତେ ଗୁନମତୀ ହଉ ନି କେଁ, ତମେ ତ ଲାଗିଛ ଦୁନିଆଁନେ ଭାରି ଭଲ ମୋର ଆଁଖିନେ ଏକା । ଆରୁ......

ISSN NO.
2582-208X

ତମର ଆଁଏକ ଦୁନିଆଁର ସବକର ଆଁଖିନୁ ଫରକ । ଯେନ୍ ଆଁଖିର ଭିତରେ ପଶି ଯାଏସି ମନ ପରାନ ମୋର, ହେ ତମର ସୁଂଦର ଆଁଖିର ସରେ ଢବଲି ଢବଲି ପାଏନ ଗାଧସି ମୋର ଅଂତରାତ୍ମା ।

ହେତିରଲାଗି ତୋ ଦେଖବାର ଲାଗି ଯାଏସିଁ ବୁଲି । ଭାବୁଥିସିଁ କେତେ କଥା । ତମର ଆଏଁକ୍‌କେ ଦେଖଲେ ସବକେ ଭୁଲି ଯେଇକରି ଦେଖବାରଥି ଏକା ମାତି ଯାଏସିଁ । ତମର ଆଏଁକ୍ ମୋର ଆଏଁକ୍‌କେ ଦେଖି ପାରଲେ ଏକା ହେ'ଦିନ ସାର୍ଥକ ହେଲା ଭଲିଆ ଲାଗସି । ନେହେଲେ ପଲେଇ ଯାଏସି ମାହାଲିଆ ମାହାଲିଆ ।

କେଜାନେ ତମେ କେତକିରି ଜାନିଛ ଯେ ନେଇଁଜାନେଁ, କେଜାନେ ତମେ କେତକିରି ବୁଝିଛ ଯେ ନେଇଁଜାନେଁ, କେତକିରି ସମଝିଛ ଯେ ନେଇଁଜାନେଁ । ଖାଲି ହେସିଁ ଛୁମାଛୁମି ତମର ।

ବୁଲି ଯାଏସିଁ ତମର ଘର ଆଡ଼େ ତମକେ ଦେଖମି ବଲି । ଦେଖୁଥିସିଁ, ଉହାଟୁଥିସିଁ, ଅନୁମାନ କରୁଥିସିଁ, ମଉକା ଦେଖୁଥିସିଁ, ବାହାନା କରୁଥିସିଁ, ଟାକୁଥିସିଁ ମନେ ମନେ ତମକେ– ତମକେ ଏକା ।

ଇଥିର ଲାଗି ତୋ ଦେଖି ପକାସିଁ ଅଲଗା ଲୋକମନକେ... ଯାହାକେ ଦେଖବାର ଲାଗି ବି ଇଛା ନେଇଁଥାଏ କି ଦେଖମି ବଲି ଭାବି ନେଇଁଥାଏଁ । ତମକେ ଡଗରାବାରଥି ଏକା ଯେତେସବୁ...... ।

"ତମକେ ଡାକ ଦେଲା ହୋ" — କହେଲେ ମାଧ । "କେଁଥିର ଲାଗି ତୁମ ପଡ଼ିଦେଲ ଆରୁ ଇ' ଫାଲକେ ଅଜେଇ ହେଲ ?"

"ସତେ କେଁ ମକେ ଡାକ ଦେଲା ?" ଭାବଲି ମନେମନ । ଆହ୍......

ଭାବୁଥିଲି ତମେ ମୁବାଇଲନେ କଥା ହଉଥିବ ଭାଏଲ୍, ଆରୁ ହେ' ନାଁ' ପଡ଼ିଥିବା !

ISSN NO.
2582-208X

କି, ମୁଇଁ ତମକେ ଅଧିକି ଭାବସିଁ ବଲି ବଲ୍‌ଲଟି କେନସି ଆବାଜ ଗୁଟେ ଶୁଭଲାକେ ମୋର ହୃଦୟ କହିଥିବା ହେ' ଡାକ ଦଉଥିବା ।

ମାତର ମାଧର କଥା ସୁନିକରି ପୂରା ସତ ଲାଗଲା, ତମେ ଡାକ ଦଉଛ ମକେ । ଧରଲ ମୋର ନାଁ । ପହେଲା କରି କହେଲ 'ବ୍ରଜ' ।

ପସ୍‌ତେଇ ମଲି, କେତେବଡ଼ ସୁଯୋଗ ହରେଇ ଦେଲି , ତମର କଥାକେ ନଜର ନେଇଁଦେଲି । ତମେ କା'ଣା ଭାବିଥିବ ? ହେ' ଭାବନା କା'ଣା କେଭେ ସରି ପାରସି ?

ତମେ କେଭେ ଦିଶସ, କେଭେ ନେଇଁ । ଦିଶଲେ କେତେ ବନେ ଲାଗସ, ଭାଷା ନେଇଁ କହେବାକେ । କେତେ ନେଇଁ ଝୁରିହେସିଁ ତମକେ ନେଇଁ ଦେଖିପାରି !

ତମେ ବି ବୁଲସ, ତମେ ବି ଘୁମସ, ମୋର ମନେ ସରଦା ଭରିଦେସ ।
ଦେଖୁଥିସିଁ, ଭାବୁଥିସିଁ ।
ଡୁକ୍ ଡୁକ୍ ଦେଖୁଥିସିଁ, ଭାବନାନେ ଉଡୁଥିସିଁ ।
କଥା ହେଇ ନେଇଁପାରେଁ, ଛୁମକେ ଯେଇ ନେଇଁପାରେଁ ।

କଥା ହେମି ବଲୁଥିସିଁ; ମନର କଥା କହେମି ବଲି ଭାବୁଥିସିଁ ଏକା । ଦିନ ଛିଂଗଲି ଯଉଥିସି, ରାଏତ ସରିଯଉଥିସି । ମନେ ମୋର ଉଧଲା ମାରୁଥିସି । ମୋର ସପନେ ଦିଶୁଥିସ ତମେ । ହଁସଉଥିସ ତମେ ଆରୁ ପୀରତିର ମଜା ଚଖଉଥିସ ତମେ ।

ହେନତି, ଦିନେ ଡାକିଥିଲି ଧରିକରି ତମର ସାଂଗର ନାଁ । ତମେ କହୁଥିଲ, କାହାକେ ଡାକୁଛ ? ସେତକିବେଲେ ମୁଇଁ ନେଇଁ ଜାନିଥେଇ ଯେ ତମର ସାଂଗର ନାଁ ଯାହା, ତମର ନାଁ ତାହା । ତମର କଥାନୁ ଜାନଲି ଯେ ତମର ବି ଆରୁଗୁଟେ ନାଁ' ଅଛେ— ଆରୁ ହେ' ନାଁନେ ଡାକସନ ତମର ଘରର ଲୋକ ।

ISSN NO.
2582-208X

ଅଂଜଳି ! ତମକେ ଅଂଜଳି ବଲି କେତେଥର ଡାକିଛେଁ । ହେଲେ ହେ'ଦିନେ ଜାନିଥିବାର ତମର ଆରୁଗୁଟେ ନାଁ' ଧରିକରି ଡାକମି ବଲି କେତେ ଭାବଲି, ଟାକଲି, ମାତର.... କେଭେ ଡାକି ନେଇଁ ପାରଲି । ତମର ମୁହୁଁନୁ ବାହାରିଥିବାର ମୋର ନାଁ ସୁନବାର ଲାଗି ବାରୁନବାର ଇଛା ହଉଥିଲା । ତମେ ଡାକୁଥିବ, ମୁଇଁ ଓ' କରମି । ପାସେ ହେମି, କଥା ହେମି ।

ମାତର ହେ' ଡାକ ଜୀବନନେ ଆରୁଥରେ ସୁନବାକେ ନେଇଁ ମିଲଲା । ହେନତି ବି ତୋ ଥରେ ହଁସିଥିଲ, ମୋର ହୁରୁଦକେ ଚହଲେଇ ଦେଇଥିଲ ଜୀବନଥି । ଆରୁ କେଭେ ନେଇଁ ଦିଶଲା ଯେନତା ମୋର ଲାଗି - ଖାଲି ମୋର ଲାଗି ତମର ମୁଲକି ହଁସି ।

ମୋର ଜୀବନନେ ଥରେ ଥରେ ଏକା – ତମର ସଂବୋଧନ ହଉ କି ମୁଲକି ହଁସି ।

ତମକେ କହେବାରଟା — ଅଟକି ଗଲା ।
ତମକେ ପାଏବାରଟା — ସଟକି ଗଲା ।
ତମକେ ଦେଖବାର — ଦିନ ସରିଗଲା ।
ଯେତେ ଆଶାଫୁଲ — ଝରିଗଲା ।
ଯେତେ ସଂଭାବନା — ମରିଗଲା ।

ଆରୁ....
ନା ତମକେ ତମର ଆରୁଗୁଟେ ନାଁ'ନେ ଡାକି ପାରଲି ।
ନା ତମେ କରି ପାରଲ ସଂବୋଧନ ।

srirajasreya@gmail.com

ମାର୍ଚ୍ଚ -୨୦୨୫

www.vedantimagazine.com

ISSN NO.
2582-208X

# ଲୋକର୍ ଦରବାରେ ଦୁକାଲ୍



ସୁନୀଲ କୁମାର ଅଗସ୍ତି

ଗାଗରର୍ କିସମେନ୍ ଢୁଲିଆ କେ
କେନ୍ ଗମି ପାରଲେ ନ' ଭାଏଲ୍,
ତେନେ ଗାଗର୍ ଢାପେନ୍ କେ
ଗମି ନେବାର୍ ଲୋକ୍ ଇହାଛିନ୍
ହର୍ ଘାଟର୍ ପାଏନ୍ ଟେଁଡୁଛନ୍,
ସଭେଁ ଜାନିଛନ୍ ଜନାକଥା
ଫିରଭି ଗୁଟେ କଥା,
'ଗାଗର୍ ଢାପେନ୍ ରେଶମୀ ହେଉ କି ଛିଡା
ଉତରି ଗଲେ ଗାଗରୁ ସଭେଁ ଏକାଟା',,
ଲୋକର୍ ଦରବାରେ
କେନ୍ ଟା ଚୋର୍ ଆର୍ କେନ୍ ଟା ସାଁକାର୍
କିସମେନ୍ ଢୁଲିଆର୍ ନିଦାନ୍
ପେହେଚାନର୍ ଖେଟନା କାଏଁ,
ଲୋକର୍ ଦରବାରେ ଚୋର୍ ସାଁକାର୍
ମିତା ମାରସାଦ୍ ଗମେନ୍ ଠାବେନ୍ ଅଡୁଆ,
କୁନ୍ଦା ବେଡା ଭଁଏରା ଅନ୍ଧା ଲାଗତି
ହର୍ ଯୁଗେ ଚୋର୍ ସାଁକାର୍ ପେହେଚାନେନ୍
ଲୋକର୍ ଦରବାରେ ଦୁକାଲ୍,,

ISSN NO.
2582-208X

# ମୋର ଲାଗି



ବ୍ରଜମୋହନ ମେହେର

(୧)

କଲମ ଧରିଅଛେଁ          ଲେଖମି ବଲିକରି
ମଲମ ହେଇକରି ସିନା
ହୁରୁଦର ଘାଆଥି          ଯେନ୍ ଜଲନ ହଉଛେ
ଶୀତଲ କରବା ମୋର ଭାବନା
ପୁଡ଼ଲା ଘାଆ ନେ          ଉମଲା ସେକା ଦେଇ
କେଁଯେ ହଁସେ ଉଡ଼ଉଛ
କବି ନୁହେଁ ମୁଇଁ          ତିନି କାଲର କଥା
ଟିକେ ନାଇଁ ମତେ ଜନା ।

(୨)

କବି ହେବାର ଲାଗି          କବି-ଶିକ୍ଷା-ଗ୍ରଂଥ
ନାଇଁ ପଢ଼େଁ ନାଇଁ ପଢ଼େଁ
ଜୀବନର ଅକ୍ଷର          ପଢ଼ିଯଉଅଛେଁ
ପାରବାର ପତେ ରଚେ ଖଁଡ଼େ
ମୋର ଲେଖାକେ ଆରୁ          ନେଇଁ କହ କାବ୍ୟ
କବିତା ବି କହ ନେଇଁ
ଜୁହାର କରୁଛେଁ          ହେତିର ଲାଗି କବିର
ପାଗ ନେଇଁ ଦିଅ ମୁଡ଼େ ।

ISSN NO.
2582-208X

(୩)

ତମେ ତ କହେସ ଆଝିର ସାହିତିଅ
କେତେତେକେତେ ଧୁର ଗଲା
ତମେ କାହିଁ କେତେ ତଲେ ପଡ଼ିଅଛ
ଏନତି ଲେଖୁଥିଲେ ଗଲା
ମୁଇଁ କହୁଅଛେଁ ନରଦା ନରଦି
ନୁହେଁ ମୋର ସାହିତିଅ
ସେଥିରଲାଗି ଅଛନ କବି କାବ୍ୟକାର
ମୁଇଁ ଜଗିଥିମି ଖଲା ।

(୪)

ତମେ ତ କହୁଛ ଆଜିର ସାହିତ୍ୟନେ
ପେରେମର ନେଇଁ ଠାନ
ପେରେମ ପେରେମ ଆରୁ ନାଇଁ କହ କବି
ଛାଡ଼ ତାର ଗୁନଗାନ
ମୁଇଁ ଦେଖୁଅଛେଁ ପେରେମ ପେରେମ ଏକା
ପେରେମ ମୋର ହେଇଛେ ସାହି
କବି ହେବାକାଯେ ପେରେମର ପୂଜାକେ
କେଁଯେ କରମି ଅପମାନ ।

(୫)

ତିରୀ ଆରୁ ପୁରୁଷ ଦୁଇ ଝନକେ ନେଇ
ପେରେମ ଏକା ଅଛେ ବଁଚି
ତିରୀ ପୁରୁଷ ଦୁଇ କାଠ ଘଁସି ବିହି
ପେରେମ ଜୁଏ ଅଛେ ରଚି
ସେ ଜୁଏ ହେଲା ସାରା ସଁସାରର
ଜୀବନ ଦୀପ ବଲିକରି
ସେ ଦୀପୁନ୍ ଏକା ଦୀପାବଲୀ ପରବ
ଦୁନିଆଁନେ ଗଲା ନାଚି ।

ISSN NO.
2582-208X

(୬)

ଆଝିର କବିତା ଦୁଖ ଦରଦକେ
ନେଇ ପାରେ ହେସି ଲେଖା
ପେରେମ ଭିତରେ କେତେ ଦୁଖ ରହିଅଛେ
କିଏ ପାଏ ସେଥିର ଦେଖା
ଯେନ୍ ଦୁଖର କଥା କହୁଅଛ ତମେ
ବାହାରନିଆ ଦିଶୁଥିସି
ପେରେମର ଦରଦ ଛାତିତଲେ ଯେତେ
କେନ୍ କରେ ତାହା ଲେଖା ।

(୭)

ତମେ ତ କହେସ ଆଝିର ମୁନୁସ ଆରୁ
ପେରେମ କଥା ଜାନେ ନେଇଁ
ଗାଁରାଁ ଖାଁଖାଁ ହେଇ ଭୁକେ ଦୁଖେ ସଦା
ହଉଥିସି ହାଇଁ ହାଇଁ
ମୁଇଁ ଦେଖୁଅଛେଁ ମାଂଗିଖିଆ ଭୁକା
ଯେତେ ରୁଗୀ ଦୁଖୀ ହଉ
ଯେତକିରି କାଂଗାଲ ମାନେ ହେଇଥଉ
ଥିସି ପେରେମ ଗୀତ ଗାଇ ।

(୮)

ସବୁବେଲେ କାଣା ପେରେମର ଲାଗି
ଗୁଲାପ ଫୁଲ ହେଇଛେ ସଜା
ସପନର ସରଗେ ଘୁମି ଘୁମି ପେରମୀ
ସଦା ପଉଥିସି ମଜା
ଇ ପେରେମନେ ଅଛେ ସଂକଟ ନଏରାଶ୍ୟ
ଦୁଖ ବିଷାଦ ଭରପୁର
ସେ ଏକା ଜାନେ ପେରେମ କରିକରି
ମଜା ପଉଛେ କି ସଜା ।

ISSN NO.
2582-208X

(୯)

ତମେ ତ କହେସ ଏଭର କବି ଆରୁ
ହେ’ କଥାକେ ନେଇଁ ଲେଖେ
ଗରିବର କଥା ଲେଖି ବସୁଥିସି
ସେ’ କଥା ଜନା ତାକେ
କାଣା ଧନୀମନକର ଲାଗି ପେରେମ ଆରୁ
ଗରିବମନକର ଲାଗି ନେଇଁ
ଗରିବ ପେରେମ କଲେ କାଣା ଜାନି ପାରସ
ରହିଥିସି କେତେ ଦୁଖେ ।

(୧୦)

ଗରିବର ଛୁଆ ପେରେମ କରିବସଲେ
ଯେତେ ଦୁଖା ଅଛେ ରହି
ଦୁନିଆଁନେ କେନ୍‌ଲ ତାର ସମାନ ଦୁଖା
ଅଛେ, ପାରବ ଆରୁ କହି
ଉଠି ବସୁଥିସି ଉଠି ନାଇଁ ପାରେ
ଗୋଡ଼ ଘିଚିହେସି କେତେ
ଉପକମି ବଏଲେ କାଏଁ ଦଲଦଲିଥି
ଭାଁସିଯଉଥିସି ସେହି ।

(୧୧)

ଗରିବ ଛୁଆ ପେରମୀ ଯେନ୍ ଖେନାକେ ଧରମି
ବଲିକରି ଭାବୁଥିସି
ଇ ଫାଲେ ସେଫାଲେ ଧରି ବସଲାବେଲେ
ଟଡ଼ପୋ ଟଡ଼ପୋ ଛିଡୁଥିସି
ଯେତେ ଯେତେ ସପନ ଆଶା ଆରୁ ଭରସା
ଲୁହୁ ହେଇ ହେସି ଧୁଇ
ଭଗବାନର କୁରପା ନେଇଁ ମିଲେ; ହେନୁ
ବଡ଼ ଦୁଖ କାଣା ଥିସି ।

ISSN NO.
2582-208X

# ଶିଶୁ ବିଭାଗ



ISSN NO.
2582-208X

# ଶିମ୍ବର ଭାଇ, କନ୍ଦ
# ମଞ୍ଜି ଖାଇ ହୁଏ ନାହିଁ



ଡ଼ଃ ରଞ୍ଜିତ କୁମାର ସାହୁ

ଶୀତଦିନରେ ଗ୍ରାମ୍ୟ ପରିବେଶ ଅତି ସୁଖ ଦାୟକ । ବିଶେଷ କରି ପନି ପରିବା କିଆରୀ ସବୁ ବହୁତ ବଢିଆ ଦିଶେ । ପାପୁନର ସେଥି ପାଇଁ ଶୀତ ଛୁଟିରେ ଗାଁଆକୁ ବୁଲିଯିବା ଲାଗି ଭାରି ଇଛା । ଗାଆଁରେ ଖୁଡୀ ଆଉ କକା ରୁହନ୍ତି, ତାଙ୍କ ଝିଅ ମିଲି ସହିତ । ବିଲରେ ଯାହା ଚାଷ ହୁଏ ସେ କଥା ଛାଡ, କେତେ ରକମର ଫୁଲ ଫଳ ସବୁ ଖୁଡୀ ବାଡ଼ିରେ ମଧ୍ୟ ଲଗେଇଛନ୍ତି । ଗେଣ୍ଡୁ ଫୁଲ ଆଉ ସେବତୀ ଫୁଲର ସାଥିରେ କୁନ୍ଦ ଫୁଲର ସମ୍ଭାର ଅତି ମନୋରମ କରୁଛି ପରିବେଶକୁ । ସାଥିରେ ବାଡ଼ରେ ଶିମ୍ବ, କାକୁଡି, ଜହ୍ନି ପ୍ରଭୃତି ଲତା ମଧ୍ୟ ମଡ଼େଇ ଦେଇଛନ୍ତି ଖୁଡୀ । ଖୁଡ଼ୀ କୁହନ୍ତି, "ଗାଁଆରେ ରହି ଯଦି ସଜ ପରିବା ନ ଖାଇବ, ଗାଁଆରେ ରହିବ କାହିଁକି ?" ତେଣୁ ପ୍ରତିଦିନ ବାଡିରୁ ଶାଗ ଆଉ ବିଭିନ୍ନ ପରିବା ଆଣି ରୋଷେଇ କରି କକାଙ୍କୁ ଆଉ ପାପୁନକୁ ଦିଅନ୍ତି । ପାପୁନ କୁହେ, "ଖୁଡ଼ୀ ଏହାକୁ ସହରରେ ଓର୍ଗାନିକ କୁହନ୍ତି ଆଉ ଏହାର ଚାହିଦା ଆଉ ମୂଲ୍ୟ ବହୁତ ଅଧିକ। ।" ଖୁଡ଼ୀ ଥଟ୍ଟାରେ କୁହନ୍ତି, "ଠିକ ଅଛି ଆମେ ଆଉ ହାଟରେ ବିକିବୁ ନାହିଁ । ସହରକୁ ନେଇ ବିକ । ଯାହା ଟଙ୍କା ଆସିବ, ମୋ ପାଇଁ ଆର ଥରକୁ କଟକରୁ ରୂପାର ଗହଣା ଆଣିଦେବ ।" ପାପୁନ ତାଙ୍କ କଥା ଶୁଣି କୁହେ, "ତୁମ ପାଇଁ ନୁହେଁ, ମିଲି ପାଇଁ ଆଣିଦେବି ।" ତାହାର କଥା ଶୁଣି ମିଲି ଖିଲି ଖିଲି ହୋଇ ହସେ ।

ISSN NO.
2582-208X

ଆଜି ବିଲରେ ବହୁତ କାମ ତେଣୁ କକା ସକାଳୁ ବାହାରି ଗଲେଣି I କିନ୍ତୁ ଦିପହରରେ ଆସିବା ମାତ୍ରକେ ଖାଇବାକୁ ମାଗିବେ I ମିଲି ତାହାର ପାଠ ପଢିବା ଲାଗି ସାଙ୍ଗ ଘରକୁ ଯାଇଛି, ତେଣୁ ଖୁଡ଼ୀ ପାପୁନକୁ କହିଲେ, "କକା କହିଛନ୍ତି ଆଜି ଶିମ୍ବ ବେସର ଖାଇବେ, ତୁମେ ଯଦି କଛି ଶିମ୍ବ ତୋଳି ଆଣି ଦେଇଥାଆନ୍ତ ଭଲ ହୁଅନ୍ତା I ଟିକିଏ ମଞ୍ଜି ହେଇଥିବା ତୋଳିକି ଆଣିବ I ତାହା ତୁମ କାକାଙ୍କର ପସନ୍ଦ I ବେଶୀ ଆଣିବନି I ମୋର ଡେରି ହେଲାଣି ଆହୁରି କାମ ସରିନି," ଆଉ ତାକୁ ଚାଙ୍ଗୁଡ଼ିଟିଏ ଧରେଇ ଦେଲେ I

ପାପୁନ ବାଡ଼ିକୁ ଯାଇ ଦେଖିଲା, ଅନେକ ଶିମ୍ବ ଲତା ଗୁଡିକ ବାଡ଼ରେ ମାଡିଛି ଆଉ କିଛି ଚାଳରେ ମଧ୍ୟ ମାଡ଼ିଛି I କିନ୍ତୁ ଗୋଟିଏ କୋଣରେ ଧାଡି ଧାଡି ହେଇ କିଛି ଶିମ୍ବ ଭଳି ଦିଶୁଥିବା ତୃଣ ରେ ଶିମ୍ବ ଭଳି ଫୁଲ ଭରି ହେଇଛିI ସେଥିରୁ କିଛିରେ ପେନ୍ଥା ପେନ୍ଥା ଫଳ ମଧ୍ୟ ହେଇଛି I ଚାଙ୍ଗୁଡିରେ ସେଥିରୁ କିଛି ତୋଳି ପାପୁନ ରୋଷେଇ ଘର ଆଡକୁ ଯିବାକୁ ଲାଗିଲା I ଏତିକି ବେଳେ ମିଲି ସାଙ୍ଗ ଘରୁ ଫେରି ଆସୁଥିଲା I ତା ହାତରେ ଫଳ ଗୁଡିକୁ ଦେଖି ପଚାରିଲା, "କିରେ ଏଗୁଡିକ କାହିଁକି ତୋଳିଲୁ ?"

"ଖୁଡ଼ୀ କହିଲେ ପରା," ପାପୁନ ଉତ୍ତର ଦେଲା I ତାହାର ଉତ୍ତର ଶୁଣି ମିଳି ଖୁଡ଼ୀଙ୍କୁ ଡାକ ଦେଇ ପଚାରିଲା," ବୋଉ ତୁ ପାପୁନକୁ ଶାକର କନ୍ଦାର ଫଳ ତୋଳିବାକୁ କହିଲୁ କି ?"

"ଶାକର କନ୍ଦା ?" ପାପୁନର ପାଟିରୁ ବାହାରିଗଲା, "ଏ ଗୁଡାକ ଶିମ୍ବ ନୁହେଁ କି? ଖୁଡ଼ୀ ମୋତେ ଶିମ୍ବ ତୋଳିବାକୁ କହିଥିଲେ I ବହିରେ ତ ଚିତ୍ରରେ ଶିମ୍ବ ଗଛର ଫୁଲ ଏମିତି ହିଁ ଥାଏ !"




ISSN NO.
2582-208X

"ହାହାହା," ଜୋରରେ ହସିଲା ମିଲି," ଯେମିତି ପୋଥି ବାଇଗଣ ଆଉ ବାଡ଼ି ବାଇଗଣ ଅଲଗା, ସେମିତି ଏଇଟା ମଧ୍ୟ ଶିମ୍ବ ନୁହେଁ, ଏଇଟା ଶାକର କନ୍ଦା I ବୋଉ କଣ ଜାଣିଛି ତୁ ଶିମ୍ବ ଆଉ ଶାକର କନ୍ଦା ର ପାର୍ଥକ୍ୟ ଜାଣିନୁ I ଚାଲେ ସାଥିରେ ଶିମ୍ବ ତୋଳିବା," କହି ମିଲି ସବୁ ଗୁଡାକ ଫଳ ତଳେ ପକେଇ ଦେଲା ଯେଉଁଠାରେ ଖତ ତିଆରି ପାଇଁ ଫଳ ପରିବା ଚୋପା ଇତ୍ୟାଦି ଗଦା ହୁଏ I"

କିଛି ସମୟରେ ପୁଣି ଦୁହେଁ ରୋଷେଇ ଘରକୁ ଫେରିକି ଖୁଡ଼ୀଙ୍କୁ ଶିମ୍ବ ତକ ଧରେଇ ଦେଲେ I ତା ପରେ ମିଲି ତାକୁ ବାଡ଼ିରେ ଥିବା ଗୋଟିଏ ଛୋଟ ବଖରାକୁ ନେଲା I ପାପୁନ ଦେଖିଲା ସେଠାରେ ବହୁତ ଗୁଡ଼ାଏ ଝୁଡିରେ ଭରି ହୋଇଥିଲା ଆଳୁ ଚୋପା ଭଳି ଚୋପା ଥିବା, ବୀଟ ଆକାରର କିଛି କନ୍ଦା I ମନେ ପଡିଗଲା ଶୀତ ଦିନରେ ଏହା ଠେଲାରେ ବିକା ହୁଏ ଏବଂ ବଜାରରେ ମଧ୍ୟ I କଞ୍ଚାରେ ଖିଆ ଯାଏ I "ମୁଁ ଜାଣିଛି ଏଇଟା ଶାକର କନ୍ଦା I ଏଇଟା କଣ ବାଡ଼ିରେ ହେଇଥିଲା କି ?" ପାପୁନ ପଚାରିଲା I

"ନା ଏଇଟା ବିଲରୁ ଆସିଛି ହାଟକୁ ଯିବ I ବାଡ଼ିରେ ଯେଉଁ ଶିମ୍ବ ଭଳି ତୃଣ ଦିଶୁଛି ସେ ଗୁଡ଼ାକ ମଧ୍ୟ ଶାକର କନ୍ଦା ଗଛ I ମୁଁ କିଛି ମଞ୍ଜି ବୁଣି ଥିଲି I ପରେ ଯେତେବେଳ ବିଲର ସବୁ ସରିଯିବ ମୁଁ ତାହାର କନ୍ଦା ବାହାର କରିକି ଖାଇବି," ମିଲି କହିଲା I



ISSN NO.
2582-208X

"ଏଇଟା ତା ବଡ ଅଜବ କଥା ! ମୁଁ ଭାବୁଥିଲି ଶାକର କନ୍ଦା ଗଛଟି ମଧ୍ୟ କନ୍ଦମୂଳ ଭଳି ଲତା ହେଇଥିବା ନଚେତ ଆଳୁ ଭଳି ତୃଣ," ପାପୁନ କହିଲା I

"ନା ଏଇଟା ହେଲା ଶିମ୍ବର ଭାଇ I ଏହା ଶିମ୍ବ, ବୁଟ, ମୁଗ, ବିନିସ, ଝୁଡୁଙ୍ଗ ଇତ୍ୟାଦିର ପରିବାର ସଦସ୍ୟ I କିନ୍ତୁ ଏହାର ମଞ୍ଜି ଆଉ ପତ୍ର ବହୁତ ବିଷାକ୍ତ I କେବଳ କନ୍ଦା ହିଁ ଖିଆ ଯାଏ," ମିଲି କହିଲା I ଯେଉଁ ଫଳ ଗୁଡିକ ତୋଳିଥିଲୁ ସେଇଟା ସବୁ ଅଖାଦ୍ୟ I ମୁଁ କିଛି ଫଳ କୁ ବିହନ କରିବା ଲାଗି ଛାଡି ଦିଏ," ମିଲି କହିଲା I

"ଆଉ କଣ ଜାଣିଛୁ କହିଲୁ," ପାପୁନ କହିଲା I

"ଏହା ମଧ୍ୟ ମାଟିରେ ଯବକ୍ଷାରଜାନ ବୃଦ୍ଧି କରାଏ I ଏହା ଯଦିଓ ଆଜି ଭାରତରେ ଏବଂ ପୃଥିବୀର ଅନେକ ଦେଶରେ ଚାଷ କରାଯାଏ, ଏହାର ପ୍ରଥମ ଚାଷ ମଧ୍ୟ ଆମେରିକାରେ ହୋଇଥିଲା I ଏଥିରେ ପୃଷ୍ଟିସାରର ମାତ୍ର ଅଧିକ ଏବଂ ଏହାର ଉତ୍ପାଦନ ମଧ୍ୟ ଅଧିକ I କଞ୍ଚାରେ ଖିଆ ହେଇଥିବାରୁ ଅଧିକାଂଶ ଭିଟାମିନ ସି ମଧ୍ୟ ନଷ୍ଟ ହୁଏ ନାହିଁ I ଏଥିରେ ଜଳୀୟ ଅଂଶ ଏବଂ ତନ୍ତୁ ଥିବାରୁ ଦେହକୁ ସୁସ୍ଥ ରଖେ I ଅଧିକ ପରିମାଣରେ ଶର୍କରା ଥିବାରୁ ମିଠା ଲାଗେ I କିଛି ଦେଶରେ ଏହାକୁ ସୁପ୍ ରେ ମଧ୍ୟ ବ୍ୟବହାର କରା ଯାଏ I କନ୍ଦାକୁ ଶୁଖେଇ ସେଥିରୁ ଅଟା ପ୍ରସ୍ତୁତ କର ମଧ୍ୟ ତାହାକୁ ବିଭିନ୍ନ ବ୍ୟଞ୍ଜନରେ ବ୍ୟବହାର କରା ଯାଇ ପାରେ I କିଛି ଲୋକ ଏହାର ଫଳର ଚୋପାକୁ ମଧ୍ୟ ରୋଷେଇ କରି ଖାଇ ଥାଆନ୍ତି," ମିଲି କହିଲା I

ଯୁକ୍ତରାଷ୍ଟ୍ର ଆମେରିକା

ISSN NO.
2582-208X

# ବୋର୍ଡ ପରୀକ୍ଷା ମୁହିଁ



ଦୀନବନ୍ଧୁ ପୋଇ

ବୋର୍ଡ ପରୀକ୍ଷା ମୁହିଁ କହୁଅଛି ଶୁଣ
ସବୁ ପରୀକ୍ଷାଠାରୁ ଅସଲ ମୁଁ ଜାଣ ।
ମୋ ପାଇଁ ବଢଇ ପିଲାଙ୍କର ଯେ ଗୌରବ
କେ କେଉଁ ବିଭାଗେ ଯିବ ମୋଠାରୁ ଜାଣିବ ।
ଯିଏ ଯେଉଁ ବାଟେ ଯାଉ କର ନାହିଁ ଦୁଃଖ
ସବୁ ବାଟେ ରହିଅଛି ଜୀବନର ସୁଖ ।
ହେଉ ଯନ୍ତ୍ରୀ କିଏ ଅବା ସିଏ ଡାକତର
ଚାଷୀମୂଲିଆଙ୍କଠାରେ କରେ ବି ନିର୍ଭର ।
ସବୁ ବିଭାଗ ଅଟଇ ଗୋଟିଏ ଶୃଙ୍ଖଳ
ଗୋଟିଏ ଦୂରେଇ ଗଲେ ସବୁଯେ ଅଚଳ ।
ଦଶ ବରଷରେ ଥରେ ମୋ ପରୀକ୍ଷା ପଡ଼େ
ପରୀକ୍ଷାର୍ଥୀଙ୍କର ଦେହ ଭାବି ଭାବି ଝଡ଼େ ।
ନଅଗୋଟି ବାର୍ଷିକ ପରୀକ୍ଷା ଦେଇ ପିଲେ
ଶ୍ରେଣୀ ପରେ ଶ୍ରେଣୀ ତୁମେ ଆସିଥିଲ
ଭଲେ ।

ଅନୁଭୂତି ଥିବ ସେଇ ପରୀକ୍ଷା ସାରଣୀ
ଭିନ୍ନ ନୁହେଁ ଏବେ କିନ୍ତୁ କାହିଁ ଡର ଶୁଣି ।
ଏତିକି ଭିନ୍ନତା ଛାଡି ନିଜ ବିଦ୍ୟାଳୟ
ଆସିଛ ଅନ୍ୟତ୍ର କେନ୍ଦ୍ର ତେଣୁ ମନେ ଭୟ ।
ନକରିକି ଭୟ ତୁମେ ମନ କରି ସ୍ଥିର
ଯାହା ଉତ୍ତର ଆସୁଛି ଧିରେ ତାହା କର ।
ତୁମେ କର୍ମ କରି ଚାଲ ମୁହିଁ ଫଳ ଦେବି
ନଇ ନଦେଖି ନଙ୍ଗଳା କାହିଁ ହୁଅ ଭାବି ।

ଗୋରଡା ପାଳ
କରମୂଳ, ଢେଙ୍କାନାଳ,
ଦୂରଭାଷ - ୯୯୩୮୮୦୨୪୧୨

ISSN NO.
2582-208X

# କହିଲ ଦେଖି



ଅମରନାଥ ବାରିକ୍

ପୁରୁଣା ମସିହା ଯିବଟି ଚାଲି
ନୂତନ ମସିହା ଆସିବ କାଲି ।
ଦୁଇ ଶୂନ୍ୟ ଦୁଇ ଚାରି ହଜିବ
ଦୁଇ ଶୂନ୍ୟ ଦୁଇ ପାଞ୍ଚ ଆସିବ ।
ଡିସେମ୍ବର ଥାର୍ଟିଫାଷ୍ଟ ପରେ
ଜାନୁଆରୀ ଏକ ଆସଇ ଧିରେ ।
ଆସ ପିଲେ ଆଜି ଜାଣିବା ଆସ
ଇଂରାଜୀରେ ତାକୁ କୁହନ୍ତି କିସ ?
( ଉ -: New year )

ଥିଲା ଦିନେ କେତେ ଚିଠି ପତର
ଲେଖାରେ ଦରଦି ପ୍ରେମ ଆମର ।
ଏବେ ମୋବାଇଲ୍ କରୁଛି ଖେଳ
ଜଣା ପଡୁନାହିଁ ସରୁଛି ବେଳ ।
ନବବର୍ଷ ଆଗ ପନ୍ଦର ଦିନୁ
ଲେଖୁଥିଲୁ ବାର୍ତ୍ତା ଭାବି ମନରୁ ।
ସେହି ଶୁଭେଚ୍ଛାର ପତ୍ର ଖଣ୍ଡିକୁ
ଇଂରାଜୀରେ କ'ଣ କହନ୍ତି ତା'କୁ ?
( ଉ -: greetings )

ISSN NO.
2582-208X

ଇଂରାଜୀ ପ୍ରଥାକୁ ଆଗେଇ ନେଲେ
ଆମ ପରମ୍ପରା ସବୁ ଭୁଲିଲେ ।
ନୁହେଁ ସିନା ହିନ୍ଦୁ ନବ ବରଷ
ତଥାପି ସଭିଏଁ ହର୍ଷ ଉଲ୍ଲାସ ।
ନୂଆ ଜାଗା ବୁଲି ଦେଖିଣ ଥାଉ
ବଣ ଭୋଜି କରି ଏକାଠି ଖାଉ ।
ସାଙ୍ଗ ସାଥି ମେଳେ ଯୁଆଡ଼େ ଯାଉ
ଇଂରାଜୀରେ ତାକୁ କଅଣ କହୁ ?
( ଉ -: picnic )

ପିଠା ପଣା ଘରେ ଖୁସିରେ କରୁ
ନବ ବରଷକୁ ସ୍ୱାଗତ କରୁ ।
ତୁଳସୀ ଚଉଁରା କରୁ ପୂଜନ
ଇଷ୍ଟ ଦେବତାଙ୍କ ପାଖେ ଭଜନ ।
ବୈଶାଖ ମାସରେ ପାଳିତ ଏହା
ଆମ ସଂସ୍କୃତିରେ ମହାନ ତାହା ।
ଅଛି ଆମ ନବ ବରଷ ଯେଉଁ
ଓଡ଼ିଆରେ ଆମେ କାହାକୁ କହୁ ?
( ଉ -: ପଣା ସଂକ୍ରାନ୍ତି )

ଗ୍ରା/ପୋ-କୟାଁ, ଥା-ମଙ୍ଗଳପୁର, ଜି-ଯାଜପୁର
ଓଡ଼ିଶା, ପିନ୍ ନମ୍ବର - ୭୫୫୦୧୧
ଦୂରଭାଷା - ୯୫୪୦୩୦୮୦୯୫ (ନୂଆଦିଲ୍ଲୀ)

ISSN NO.
2582-208X

# ଆମ ବିଦ୍ୟାଳୟ ଟିକି ବଗିଚା



ପଞ୍ଚାନନ ମେହେର

ସକାଳ ସୂରୁଯ
 ପୂରୁବ ଆକାଶେ ଉଇଁଲାଣି,
ସୁନେଲି ମୁରୁଜ
 ଧୀରେ ଧୀରେ ଦେଖ ବୁଣିଲାଣି ।୧

ଦେଖରେ ବିହଗେ
 କଳକାକଳିରେ ମାତିଲେଣି,
ଗଛରୁ ପତର
 ଗୋଟି ଗୋଟି ହୋଇ ଝଡିଲାଣି ।୨

ଆମ ବିଦ୍ୟାଳୟ
 ଟିକି ବଗିଚାଟି ମନୋହର,
ସବୁଜିମାମୟ
 ରୂପଟି ତାହାର କି ସୁନ୍ଦର । ୩

ଟିକି ଟିକି ଫୁଲେ
 ସୁଶୋଭିତ ତା'ର ତନୁକାନ୍ତି,
ଟିକି ଟିକି ପିଲା
 ହାତ ପରଶ ସେ ପାଏ ନିତି ।୪
ଟିକି ଟିକି କେତେ
 ପକ୍ଷୀ, ପ୍ରଜାପତି ଆସିଥାନ୍ତି,

ISSN NO.
2582-208X

ଟିକି ଟିକି ଫୁଲେ
ଭାବଟିଏ ସିଏ ବାନ୍ଧିଥାନ୍ତି ।୫

କଳା ଭଅଁରଟି
ଗୁଣୁ ଗୁଣୁ ଗୀତ ଯାଏ ଗାଇ,
ଉଡି ଉଡି ଯାଇ
ଫୁଲ କାନେ କିଛି ଯାଏ କହି ।୬

ଅତି ଆଦରରେ
ପିଲାଏ ସେଇଠି ବିଚରନ୍ତି,
ବନ୍ଧୁ ଭାବଟିଏ
ଗଛ ସହ ସିଏ ରଖିଥାନ୍ତି ।୭

ଶ୍ରେଣୀ କୋଠରୀରେ
ଯାହା ସବୁ ସିଏ ଆହରନ୍ତି,
ବଗିଚାକୁ ଆସି
ବୃକ୍ଷର ମହାତ୍ମ୍ୟ ପରଖନ୍ତି ।୮

ବିଜ୍ଞାନ ଯୁଗର
ପିଲାମାନେ ପରା ସିଏ ସବୁ,
ବିନା ପରୀକ୍ଷାରେ
କେମିତି ମାନିବେ କଥାସବୁ ।୯

ଟିକି ବଗିଚାଟି
ପ୍ରିୟ ଅଟେ ସବୁ ପିଲାଙ୍କର,
ରୂପ ଯେଣୁ ତା'ର
ମନଲୋଭା ମନମୁଗ୍ଧକର ।୧୦

ସ୍ନାତକ ଶିକ୍ଷକ, ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ,
ଲିଙ୍ଗମାର୍ଣ୍ଡି, ସୁବର୍ଣ୍ଣପୁର ୭୬୭୦୪୫
ଓଡିଶା, ଭ୍ରାମ୍ୟଭାଷ-୮୨୪୯୧୧୮୨୫୧

ISSN NO.
2582-208X

# ନାଆଁଟି ମୋର ଖଣି



ଜୟନ୍ତ କୁମାର ମଲ୍ଲିକ୍

ଗରଭେ ଅଛି ଅମୂଲ୍ୟ ଡିଜ
ପାରିବ ନାହିଁ ଗଣି
ଯେତେ ଖୋଳିବ ସେତେ ପାଇବ
ନାଆଁଟି ମୋର ଖଣି ।
ମୋହରି ସାଥେ ରଖିଲେ ଭାବ
ମିଳିବ କୋଟି କୋଟି
ପାନରୁ ଚୂନ ଖସିଲେ ଜାଣ
କଟିଯିବ ତ ତୋଟି ।
ମୋ ପାଶେ ଅଛି ସୁନା,ରତନ
ହୀରା, ନିକେଲ, ଲୁହା
ଆଘାତ ସହେ ସବୁ ସମୟେ
ତା'ହା ମୋ ଦେହ ସୁହା ।
ବକ୍ସସାଇଟ, କ୍ରୋମାଇଟ୍ ଯେ
ଟିନ୍, ନିକେଲ୍, ଚୂନ
ବାହାର ବେଳେ ବଙ୍କା ଯେ ହୁଏ
କେତେ ଶାବଳ ମୁନ ।

ମୋଅରି ପାଇଁ ଖଣି ବିଭାଗ
ଦେଶରେ କାର୍ଯ୍ୟ କରେ
ସେଇଥିପାଇଁ ସାରା ଭାରତ
ସମ୍ପଦରେ ତ ଭରେ ।

ଶୂରଡିହ, ନନ୍ଦିପୁର, ଦଶରଥପୁର,
ଯାଜପୁର
ମୋ;~୯୪୩୭୮୬୫୭୨୭

ISSN NO.
2582-208X

# ଆମ ବିଦ୍ୟାଳୟ

ଗ୍ରେଜାଲିନ ରାଉତରାୟ

ଆମ ବିଦ୍ୟାଳୟ ଏକ ମନ୍ଦିର
ମୋପାଇଁ ସେତ ସବୁଠୁ ସୁନ୍ଦର।।

ତା ଫାଟକ ଆମ ସିଂହ ଦୁଆର
ଯିବ ଦେଖିବାକୁ ବିଦ୍ୟା ଠାକୁର।।

ବିଦ୍ୟାଳୟରେ ହୁଏ ବିଦ୍ୟା ପୂଜନ
ଭୋଗଲାଗେ ମୋର  ମନ ଓ ଧ୍ୟାନ।।

ପୂଜକଗୁରୁଜୀଗୁରମାପଢ଼ାନ୍ତିମନ୍ତ୍ର
ସାହିତ୍ୟବିଜ୍ଞାନଗଣିତଶାସ୍ତ୍ର।।

ତହିଁରୁ ବଢ଼ଇ ଆମର ଜ୍ଞାନ
ମିଳଇ ଆମକୁ ମାନ ସମ୍ମାନ ।।

ଆସ ସବୁ ଭାଇ ଭଉଣୀ ଯିବା
ବିଦ୍ୟାଳୟେ ଅଧ୍ୟୟନ କରିବା।।

+3 2nd year, ଓଡ଼ିଆ ବିଭାଗ
ନେତାଜୀ ସୁବାଷ ମେମୋରିଆଲ ସିଟି
କଲେଜ, ଗୋପାଳପୁର, ଡିହସାହି,
କଟକ

ISSN NO.
2582-208X

# ସମୀକ୍ଷା

## ବେଦାନ୍ତୀ – ଫେବୃୟାରୀ ସମୀକ୍ଷା



ଦେବଯାନୀ ସ୍ୱାଇଁ

"ବେଦାନ୍ତୀ"ର ପ୍ରଚ୍ଛଦ ପୃଷ୍ଠାରେ ସୁନ୍ଦର ଗୋଲାପି ରଙ୍ଗର, ଗୋଲାକାର ଆକାରର ମାଠିଆ ସଦୃଶ୍ୟ ଦୋଳାୟମାନ ଗୁଚ୍ଛ ଗୁଡିକୁ ଦେଖି ମୁଁ ପୁଣି ଭ୍ରମରେ ପଡିଗଲି। ଏଇଟା ଗୋଟେ ଫୁଲ ନା ଫଳ !! ଗୁଗଲ ବାବାଙ୍କୁ ପଚାରିବାରୁ ଏହାର ଇଂରାଜୀ ନାମ, ଆରବୁଟସ୍ ଅନଡୋ ବୋଲି ଉତ୍ତର ଆସିଲା। ଏହା ବିଷୟରେ ଅଧିକ ଜାଣିବାକୁ ଚାହୁଁଥିଲେ ଆପଣ ମାନେ ଭି ସେଇ ଗୁଗଲ ବାବା ପାଖକୁ ଯାଆନ୍ତୁ ।

ସଂପାଦକୀୟ ପୃଷ୍ଠାରେ ପ୍ରତିଷ୍ଠାତା "ଶ୍ରୀଯୁକ୍ତ ଅରବିନ୍ଦ ମିଶ୍ର", ଅସନ୍ତୁଳନ ପରିବେଶ ସମ୍ବନ୍ଧରେ ନିଜର ମତ ବ୍ୟକ୍ତ କରି କହିଛନ୍ତି- ପ୍ରଦୂଷିତ ପର୍ଯ୍ୟାବରଣ ଯୋଗୁଁ ମନୁଷ୍ୟର ସ୍ୱାସ୍ଥ୍ୟ ସହିତ ପ୍ରବୃତିରେ ମଧ୍ୟ ବିକାର ଭାବ ସୃଷ୍ଟି ହେଲାଣି । ତେଣୁ ପ୍ରକୃତିର ସୁରକ୍ଷା ତଥା ପରିବେଶର ସଂରକ୍ଷଣ ଦିଗରେ ଆମ ସମସ୍ତଙ୍କୁ ନିହାତି ଭାବେ ସଚେତନ ହେବାକୁ ପଡିବ ।

ଭିତର ପୃଷ୍ଠାରେ ଲେଖା ଓ କବିତା ମାନଙ୍କର ମେଳାରେ ପ୍ରଥମ ଲେଖା ସ୍ତମ୍ଭ "ଭାରତର ଅଦ୍ୱିତୀୟ ସଂଗ୍ରାମୀ ନେତାଜୀ"। ଧାରାବାହିକ ଗଳ୍ପ "ଡି.ଏଫ୍.ଓ. କ୍ୟାମ୍ପବେଲ୍ ବେ" ରେ, ଖୋଲା ଆକାଶ ତଳେ ସମୁଦ୍ରର ଲହଡିରେ ଧୋଇ ହେଇ ପୁଣି ଚମକୁଥିବା ସାମୁଦ୍ରିକ କୋରାଲ୍ ମାନଙ୍କର ଅପୂର୍ବ ଦୁନିଆକୁ ଉପଭୋଗ କରୁଛନ୍ତି ଅସୀମ ଆଉ ଶୋଭନା। ଲେଖିକାଙ୍କୁ ଅନେକ ଅନେକ ଅଭିନନ୍ଦନ ତାଙ୍କର "ଖବର କାଗଜରେ ଫଟୋ"ବାହାରି ଥିବାରୁ। ମୋର ପ୍ରିୟ ଧାରାବାହିକ ଗଳ୍ପ "ଉଠ୍ ପୁଟୁର୍"ରେ ଅଭି ତାର ନୀଳପରି ସହିତ

ISSN NO.
2582-208X


କାହାଣୀ ଲେଖିବା ଆରମ୍ଭ କରୁ କରୁ ବି ଏସ୍ ସି ଫାଇନାଲ୍ ପରୀକ୍ଷା ଆସି ଯାଇଛି। "କୁହୁଡି ଘେରା ଶୀତ ସକାଳ" ଭରି ଦେଇଥିଲା ଉଷା ମୁହଁରେ ହସ ଖୁସିର ଲହର। ସ୍ୱାମୀ ସ୍ତ୍ରୀ ଭିତରେ ଟିକିଏ ପ୍ରେମ, ଟିକିଏ ବିଶ୍ୱାସ, ଟିକିଏ ବୁଝାମଣା ଆଉ ଟିକିଏ ସମର୍ପଣ ଭାବ ନେଇ ଘର ସଂସାର କଲେ ସବୁ ଘର ସ୍ୱର୍ଗର ମହଲ ପରି ଆଉ ସେ ଘରେ ଜଣେ ରାଜା ଆଉ ଜଣେ "ରାଜାର ରାଣୀ"। "ପ୍ରଣାମର ମହତ୍ୱ" ରହିଛି। ଭ୍ରମଣ କାହାଣୀ "କେବେ କେରଳ ତ କେବେ ଅରୁଣାଚଳ"। ଏମିତି ଏମିତି ରହିଛି ବହୁ ବିଶିଷ୍ଟ କବି ଓ ଲେଖକଙ୍କ ପ୍ରକାଶିତ ପୁସ୍ତକର ଆକଳନ ଏବଂ ସାଂପ୍ରତିକ କିଛି ଗୁରୁତ୍ୱପୂର୍ଣ୍ଣ ବିଷୟବସ୍ତୁ ଉପରେ ଆଲୋଚନା।

କବିତାର ଆରମ୍ଭରେ "ବାହାପିଆଙ୍କର ବାରବାଟୀ ଚାଷ", ଆଜିକାଲି ପ୍ରବଳ ହେଲେଣି "ଦୁର୍ବୃତ" ଆଉ "ସଇତାନ", ବ୍ୟଙ୍ଗାତ୍ମକ "ଇତି କାମବାଲୀ ଉପାଖ୍ୟାନ"।

"କବିତା ତୁମେ" ନିର୍ଲିପ୍ତ ନିରାଶା ମନରେ ଭରିଦିଅ କିରଣର ଆଶା। ପ୍ରେମ କେତେବେଳେ କୁଳୁକୁଳୁ ହେଇ ବହି ଯାଉଥିବା ନଇର ଧାରା ତ ପୁଣି କେତେବେଳେ ଏକ "ପ୍ରବଞ୍ଚନା"। "ପୂଣ୍ୟର ନଇ ତୀରେ" ପ୍ରିୟା ମୋର ଘର କରେ, "ପ୍ରିୟା ଗୋ ତୁମେ" "ଆସ ଟିକେ ମିଶିବା" ସୁଖ ଦୁଃଖ ବାଣ୍ଟିବା।

"ଶୀତୁଆ ସାୟାହ୍ନ", ଅତି ମନୋରମ। "ବଦଳିଲା ଗାଁ ମୋର", "କେଡେ ସୁନ୍ଦର ରାଇଜ ମୋର", "ମନ ଚାହେଁ" ଉଡିଯିବି କାହିଁ କେତେ ଦୂର। "ଥୁଣ୍ଟା ବରଗଛ" ସମ ବାର୍ଦ୍ଧକ୍ୟ ଅଟଇ, "ନୀରବ ସାଜିଛି"ଆଜି ମୁଁ ମୋ ପାଇଁ । "ଜହ୍ନ" ତୁମେ, ଦେଇ କି ପାରିବ ତୁମ ଜୋଛନାରୁ ଚିରୁଡାଏ ! ପିତାମାତା, ବଂଶ ପରମ୍ପରା, ଆମ ସଂସ୍କୃତିକୁ ନେଇ "ପଦୁଟିଏ"। ସବୁଠୁ ବଡ ହେଉଛି ସମ୍ପର୍କର "ଡୋରି", "ସର୍ବଂସହା" ସେ ନାରୀ।

ଏଠି "କ୍ୟାଲେଣ୍ଡର ଲେଉଟିଲେ ଆମର କି ଯା ଆସ ଅଛି" ଯେଉଁଠି ଶିଶୁଟିଏ ନିତି ଶ୍ରମିକ ଖଟୁଚି।

"ବେଳହୁଁ ଗୋବିନ୍ଦ ସୁମର", "ଲୀଳାମୟ ଲୀଳା" ତୁମ୍ଭ ଅପାର। "ପ୍ରଥମ ପ୍ରଣାମ ଘେନ ନୀଳାଚଳ ନାଥ", "ଜଗତର ନାଥ" ଆହେ ଜଗନ୍ନାଥ। "କରି କରାଉ ଥାଉ ତୁହି", ଭଲ

ISSN NO.
2582-208X

କରୁ ତୁହି ମନ୍ଦ କରୁ ତୁହି ପୁଣି କାହିଁ କରୁ ଏତେ ହିନିମାନି! ଶେଷରେ ଆସିଛି "ପବିତ୍ର ଜାଗର" - ଦରଶନ କରିବା ଚାଲ ବାବା ଭୋଳା ଶଙ୍କର।

"ଆଞ୍ଚଳିକ ବିଭାଗ" ର ମିଠା ପରଶ ଆଉ "ଶିଶୁ ବିଭାଗ"ର ଶିକ୍ଷା ପରିବେଶ।

ଚାରୋଟି ଧର୍ମ ମାସରୁ, ମାଘ ମାସ ଗୋଟିଏ ଧର୍ମ ମାସ, ତେଣୁ ଏଇ ମାସ ପର୍ବ ପର୍ବାଣୀର ତାଲିକାରେ ବ୍ରତ, ପୂଜା, ଉପାସନାର ଲମ୍ବା ଧାଡି। ଜ୍ଞାନ, ବୁଦ୍ଧି, ବିଦ୍ୟା ଦାୟିନୀ ମା' ସରସ୍ୱତୀ ଦେବୀଙ୍କ ପୂଜା ପର୍ବ ଶ୍ରୀ ପଞ୍ଚମୀ ଠୁ ଆରମ୍ଭ କରି ମାଘ ସପ୍ତମୀ, ଅଗିରା ପୂର୍ଣ୍ଣମୀ, ଭୋଳାନାଥ ବାବାଙ୍କର ମହାଶିବରାତ୍ରୀ, ଇତ୍ୟାଦି ଅନେକ ପର୍ବ। ହଁ, ସବୁଠୁ ବଡ ପର୍ବ ଏବେ ଦିବ୍ୟ ଭବ୍ୟ ମହା କୁମ୍ଭ ମେଳାର ମହା ପାର୍ବଣ ଚାଲିଛି। ପାଠକ ସଦସ୍ୟ ଯେଉଁ ମାନେ ସବୁ କୁମ୍ଭ ମେଳାକୁ ଯିବାର ସୌଭାଗ୍ୟ ପାଇଛନ୍ତି ଏବଂ ପ୍ରୟାଗରାଜରେ ପବିତ୍ର ସ୍ନାନ କରି ପୂଣ୍ୟ ଅର୍ଜନ କରିଛନ୍ତି, ସେମାନଙ୍କର ଅନୁଭବ, ଅଭିଜ୍ଞତା, ଆମ ସମସ୍ତଙ୍କ ସହିତ ସେୟାର କରିବାକୁ ଅନୁରୋଧ।

ଜୟ 'ବେଦାନ୍ତୀ', ଜୟ ପାଠକ ବୃନ୍ଦ।

ଗୋରେଗାଓଁ, ମୁମ୍ବାଇ

ISSN NO.
2582-208X

# ମାର୍ଚ୍ଚ ମାସରେ ପଡୁଥିବା ପର୍ବପର୍ବାଣୀ

| | |
|---|---|
| ୦୨/୦୩/୨୦୨୫ | ରମଜାନ ମାସ ଆରମ୍ଭ |
| ୦୯/୦୩/୨୦୨୫ | ଫଗୁ ଦଶମୀ |
| ୧୦/୦୩/୨୦୨୫ | ପାପ ନାଶିନୀ ଏକାଦଶୀ |
| ୧୩/୦୩/୨୦୨୫ | ବରାହ ଦୋଳ, ରାଜାଗ୍ନି ଓ ଓଅଳକଣା ମେଲଣ |
| ୧୪/୦୩/୨୦୨୫ | ମୀନ ସଂକ୍ରାନ୍ତି, ଦୋଳ ପୂର୍ଣ୍ଣିମା, ଶ୍ରୀ ଚୈତନ୍ୟ ଦେବଙ୍କ ଜନ୍ମୋତ୍ସବ |
| ୧୫/୦୩/୨୦୨୫ | ହୋଲି ଉତ୍ସବ |
| ୧୯/୦୩/୨୦୨୫ | ପଞ୍ଚୁଦୋଳ |
| ୨୫/୦୩/୨୦୨୫ | ପାପମୋଚନୀ ଏକାଦଶୀ, ତାରାତାରିଣୀ ଯାତ୍ରା |
| ୨୭/୦୩/୨୦୨୫ | ବାରୁଣୀ ସ୍ନାନ |
| ୨୮/୦୩/୨୦୨୫ | ଶିବ ଚତୁର୍ଦ୍ଦଶୀ, ଶରଣଶେଷ, ସବେ-କଦର(ପୂର୍ବରାତ୍ରି) |
| ୨୯/୦୩/୨୦୨୫ | ମଧୁ ଅମାବାସ୍ୟା |
| ୩୦/୦୩/୨୦୨୫ | ଦ୍ୱିତୀୟାର ଚନ୍ଦ୍ର ଦର୍ଶନ, ତେଲୁଗୁ ନୂତନବର୍ଷ |
| ୩୧/୦୩/୨୦୨୫ | ଇଦୁଲ ଫିତର |

ISSN NO.
2582-208X

# ଚିତ୍ର କଥା କହେ



ଦୃଶ୍ୟ ଭିତରୁ ଭାବକୁ ବାହାର କରିବାର ପରଖ ଦୃଷ୍ଟିକୁ ୨୦-୨୫ ଶବ୍ଦ ମଧ୍ୟରେ ଆମ ପାଖକୁ ଇମେଲ୍ ମାଧ୍ୟମରେ ପଠାନ୍ତୁ । ଶ୍ରେଷ୍ଠ ବିବେଚିତ ଉତ୍ତର, ଉତ୍ତରଦାତାଙ୍କ ନାମ ସହିତ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ପାଇବ । ଆମ ଠିକଣା -vedantimagazine@gmail.com/ editor.vedantimagazine@gmail.com

## ଫେବୃୟାରୀ ମାସର ବିଜେତାଙ୍କ ନାମ



ISSN NO.
2582-208X

ଅର୍କକ୍ଷେତ୍ର ରୂପେ ପରିଚିତ ତୁମେ
ସୂର୍ଯ୍ୟଙ୍କ ପୂଜାର ସ୍ଥାନ
ଧର୍ମପଦ ଠାରୁ ବିଶୁ ମହାରଣା
ରଖିଛନ୍ତି ତୁମ ମାନ

ବିଜେତା: ଚନ୍ଦନ ରଥ, ନବରଙ୍ଗପୁର

ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ୍ଟ ଏବଂ "ଚିତ୍ର କଥା କହେ"ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନିଜସ୍ୱ । ପ୍ରଚ୍ଛଦପଟ୍ଟ ଚିତ୍ର ସମୟେ ସମୟେ ପାଠକପ୍ରେମୀଙ୍କ ଦ୍ୱାରା ପଠାଯାଇଥିବା ଚିତ୍ରକୁ ମଧ୍ୟ ବ୍ୟବହାର କରାଯାଇଥାଏ । ଯଦି କୌଣସି ପାଠକ/ପାଠିକା ନିଜସ୍ୱ ଉତ୍ତୋଳନ କରିଥିବା ଛବିକୁ ବେଦାନ୍ତୀ ପତ୍ରିକାର ପ୍ରଚ୍ଛଦପଟ୍ଟରେ ପ୍ରକାଶ କରିବାକୁ ଚାହାଁନ୍ତି, ତେବେ ସେମାନେ ଆମକୁ ଯୋଗାଯୋଗ କରନ୍ତୁ । ଆମକୁ ସମ୍ପର୍କ କରିବାର ଠିକଣା ହେଲା -vedantimagazine@gmail.com

## ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733/8828213733

**Website: www.vedantimagazine.com**

**Email ids:**

vedantimagazine@gmail.com
/editor.vedantimagazine@gmail.com

ISSN NO.

2582-208X

# ବେଦାନ୍ତୀ ଇ-ପତ୍ରିକାକୁ ଲେଖା ପଠାଇବାକୁ ଚାହୁଁଥିବା ଓଡିଆପ୍ରେମୀଙ୍କ ପଇଁ କିଛି ସନ୍ଦେଶ:

- ଲେଖାକୁ ଟାଇପ୍ କରି MS WORD ଫାଇଲରେ ଏବଂ ପି.ଡି.ଏଫ୍ ଫାଇଲରେ ପଠାନ୍ତୁ ।
- ଲେଖାକୁ ପ୍ରତି ମାସ ୫ ତାରିଖ ଭିତରେ ପଠାନ୍ତୁ ।
- ଏହି ପ୍ରତ୍ରିକାରେ ଗଳ୍ପ ଏବଂ କବିତା ସମାନ ସଂଖ୍ୟାରେ ପ୍ରକାଶିତ କରାଯାଉଛି । ଯେହେତୁ ଅନେକ କବିତା ଆମପାଖକୁ ଆସୁଛି, ତେଣୁ ଏହାକୁ ପ୍ରକାଶ କରିବା ପାଇଁ କିଛି ସମୟ ଲାଗୁଛି । ଯଦି ଆପଣ ଲେଖା ପଠାଇଥିବା ମାସରେ ଏହା ନବାହାରିଲା, ତେବେ ଏହି ଲେଖା ଆସନ୍ତା ମାସରେ ପ୍ରକାଶ ପାଇବ ।
- ଚେଷ୍ଟା କରନ୍ତୁ ଲେଖାକୁ ଇ-ମେଲ୍ ଜରିଆରେ ପଠାନ୍ତୁ । ଆମ ଇ-ମେଲ୍ ହେଲା - Editor.vedantimagazine@gmail.com ଏବଂ vedantimagazine@gmail.com
- ମାସକୁ ଥରଟିଏ ହିଁ ଲେଖା ପଠାନ୍ତୁ । ବାରମ୍ବାର ଅନେକ ଲେଖା ଇ-ମେଲ୍ ଜରିଆରେ ପଠାନ୍ତୁ ନାହିଁ ।
- ଲେଖା ସହିତ ଆପଣଙ୍କର ଠିକଣା ଏବଂ ଫଟୋ ମଧ୍ୟ ପଠାନ୍ତୁ ।
- ପ୍ରକାଶ କରିବା ପାଇଁ ଯେଉଁ ଲେଖା ପଠାଉଛନ୍ତ ତାହା ଆଉ କୌଣସି ଗ୍ରୁପରେ ପଠାନ୍ତୁନାହିଁ । ପ୍ରକାଶିତ ହେବା ପରେ ଏହାକୁ ପଠାଇପାରିବେ ।
- ବେଦାନ୍ତୀ ଇ-ପତ୍ରିକା ଏକ ସଂପୂର୍ଣ୍ଣ ମୁକ୍ତ ଏବଂ ପାରିବାରିକ ପତ୍ରିକା । ଏଥିପାଇଁ ଉପଯୁକ୍ତ ଲେଖା ହିଁ ପଠାନ୍ତୁ ।
- ପୁରୁଣା ସଂଖ୍ୟା ପଢିବା ପାଇଁwww.vedantimagazine.comକୁ ପଦାର୍ପଣ କରନ୍ତୁ ।

ISSN NO.
2582-208X

"ବେଦାନ୍ତୀ" ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା । ବେଦାନ୍ତୀରେ ପ୍ରକାଶିତ ସମସ୍ତ ଲେଖାରେ ଦିଆଯାଇଥିବା ବିଗ୍ଭର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ । ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢିବା ଏବଂ ବୁଝିବା ପରେହିଁ ପ୍ରକାଶିତ କରିଥାନ୍ତି, ତଥାପି ଲେଖାର ଶତ ପ୍ରତିଶତ ସତ୍ୟତାର ଦାବି କେବଳ ଲେଖକଙ୍କର । ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ ।

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ ହେଉଛିଏବଂ ଏହା ସମ୍ପୂର୍ଣ୍ଣ ମାଗଣାରେ ସାର୍ା ବିଶ୍ୱର ଓଡିଆ ପ୍ରେମୀଙ୍କୁ ପଢିବା ପାଇଁ ୱେବସାଇଟ୍, ଇ-ମେଲ୍ ଏବଂ ସୋସିଆଲ୍ ମିଡିଆ ଦ୍ୱାର୍ା ଯୋଗାଇ ଦିଆଯାଏ । ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ ପଠାନ୍ତୁ:vedantimagazine@gmail.com ।ପ୍ରତ୍ୟେକ ମାସ ୫ ତାରିଖ ଭିତରେ ପ୍ରାପ୍ତ କର୍ାଯାଇଥିବା ଲେଖାଗୁଡିକୁ ସେହି ମାସରେ ହିଁ ପ୍ରକାଶ କର୍ାଯାଇଥାଏ ।ଯଦି କୌଣସି କାରଣରୁ କୌଣସି ଲେଖକ/ଲେଖିକାଙ୍କ ଲେଖା ଚଳତ ମାସରେ ପ୍ରକାଶ ପାଇନାହିଁ, ତେବେ ତାହା ଆଗାମୀ ମାସରେ ପ୍ରକାଶିତ ହେବ ।

ବେଦାନ୍ତୀ ପତ୍ରିକାକୁ ପଢିବା ପାଇଁ ଏବଂ ଡାଉନଲୋଡ କରିବା ପାଇଁ (ସମସ୍ତ ସଂଖ୍ୟା) ନିମ୍ନଲିଖିତ ସାଇଟକୁ ପଦାର୍ପଣ କରନ୍ତୁ:-

**www.vedantimagazine.com**